# ଉତ୍କଳ-ସାହିତ୍ୟ

ମାସିକପତ୍ର ଓ ସମାଲୋଚନ

ପ୍ରଥମ ଭାଗ

୧୩୦୪ । [illegible] ।

ଶ୍ରୀ ବିଶ୍ୱନାଥ କର କର୍ତ୍ତୃକ ସମ୍ପାଦିତ

CUTTACK
PRINTED By B. P. DAN.
AT THE ARUNODAYA PRESS.
1897

Digitized by srujanika@gmail.com

ପୁନର୍ମୁଦ୍ରିତ

# ଉତ୍କଳ ସାହିତ୍ୟ

ପ୍ରଥମବର୍ଷ

୧୮୯୭ ମସିହା

(୧୩୦୪ ମାଘ-୧୩୦୫ ପୌଷ)

---

'ଉତ୍କଳ ସାହିତ୍ୟ' ୰ବିଶ୍ୱନାଥ କରଙ୍କ ସମ୍ପାଦନାରେ ୧୮୯୭ ମସିହାରୁ ୧୯୩୪ ପର୍ଯ୍ୟନ୍ତ ପ୍ରକାଶ ପାଇଥିଲା ।

ବର୍ତ୍ତମାନ ଏହାର ପୁନର୍ମୁଦ୍ରଣ କରାଯାଉଛି । ୧୮୯୭ରୁ ୧୯୩୪ ପର୍ଯ୍ୟନ୍ତ ସମୁଦାୟ ୩୮ ଖଣ୍ଡରେ ତାହା ପ୍ରକାଶ ପାଇବ ।

ଏଇଟି ପ୍ରଥମ ଖଣ୍ଡ

---

ପ୍ରକାଶକ

ସାହିତ୍ୟିକା

ବଢ଼େଇ ସାହି, କଟକ-୧

ପରିଚାଳକ ଏବଂ ପରିବେଷକ

ଲାର୍କ ବୁକ୍‌ସ

ଷ୍ଟୋନରୋଡ଼, କଟକ-୨

Digitized by srujanika@gmail.com

ଉତ୍କଳ ସାହିତ୍ୟ
ପ୍ରଥମବର୍ଷ (୧୮୯୭ ମସିହା)
ସଂପାଦକ:
৺ ବିଶ୍ୱନାଥ କର

ପୁର୍ନମୁଦ୍ରଣର ପ୍ରଥମ ପ୍ରକାଶ
୧୯୭୨

ପ୍ରକାଶକ:
ସାହିତ୍ୟିକା
ବଡ଼େଇ ସାହି
କଟକ-୧

ପରିବେଷକ:

ଲାର୍କବୁକ୍ସ
ଷ୍ଟେସନରୋଡ଼, କଟକ-୨

ମୁଦ୍ରଣ:
ଶତାବ୍ଦୀ
ଷ୍ଟେସନରୋଡ଼, କଟକ-୨

ପନ୍ଦର ଟଙ୍କା
ରେକ୍ସିନ୍ ବନ୍ଧେଇ ଦୁଇ ଟଙ୍କା ସ୍ୱତନ୍ତ୍ର ।

Digitized by srujanika@gmail.com

# ଉତ୍କଳ-ସାହିତ୍ୟ

ମାସିକପତ୍ର ଓ ସମାଲୋଚନ

---

ପ୍ରଥମ ଭାଗ

୧୩୦୪ । ଷ ।

---

ଶ୍ରୀ ବିଶ୍ୱନାଥ କର କର୍ତ୍ତୃକ ସମ୍ପାଦିତ

---

CUTTACK

PRINTED By B. P. DAN.

AT THE ARUNODAYA PRESS.

1897

Digitized by srujanika@gmail.com

# ସୂଚୀପତ୍ର


| ବିଷୟ | ଲେଖକ | ପୃଷ୍ଠା |
|---|---|---|
| ୧ । ଅଧ୍ୟାତ୍ମତତ୍ତ୍ୱଚିନ୍ତା | ଶ୍ରୀଯୁକ୍ତ ମଧୁସୂଦନ ରାଓ | ୫, ୪୪, ୯୭ |
| ୨ । ଅଧ୍ୟାସତତ୍ତ୍ୱ | ,, ପୁରୁଷୋତ୍ତମ ତର୍କାଳଙ୍କାର- | ୩୧ |
| ୩ । ଅନନ୍ତ ଅଶାନ୍ତି | ,, ସାଧୁଚରଣ ରାୟ | ୫୮, ୮୦ |
| ୪ । ଅପଚୟ | ,, ଭୋଳାନାଥ ସାମନ୍ତରାୟ | ୧୭, ୫୧, ୭୭, ୧୯୪ |
| ୫ । ଅଭିବାଦନ | ,, (ସମ୍ପାଦକ) | ୧୨୯ |
| ୬ । ଆତ୍ମପରୀକ୍ଷା | ,, କୃଷ୍ଣପ୍ରସାଦ ଚୌଧୁରୀ | ୮୪ |
| ୭ । ଆତ୍ମରକ୍ଷା | ,, ରାଜନାରାୟଣ ଦାସ | ୨୧୪ |
| ୮ । ଆମୋଦ (ପଦ୍ୟ) | ,, ଲାଲ ନୃପରାଜ ସିଂହ | ୧୦୭ |
| ୯ । ଆର୍ଯ୍ୟ ପ୍ରତିଭା | ,, କୃଷ୍ଣପ୍ରସାଦ ଚୌଧୁରୀ | ୧୧୫ |
| ୧୦ । ଆଶା ( ପଦ୍ୟ ) | ,, ବଳଭଦ୍ର କର | ୨୫୬ |
| ୧୧ । ଅଶା | ,, ରାଧାକୃଷ୍ଣ ଦାସ | ୨୬୮ |
| ୧୨ । ଇଂରାଜୀ ଶିକ୍ଷା | ,, ଶଶିଭୂଷଣ ରାୟ | ୮୮ |
| ୧୩ । ଉତ୍କଳର ସାହିତ୍ୟ ସେବକ | ,, (ସମ୍ପାଦକ) | ୨୪୨ |
| ୧୪ । ଉତ୍କଳ ସାହିତ୍ୟ ସନ୍ଦର୍ଭ | ,, ଜଗନ୍ମୋହନ ସିଂହ | ୨୬୪ |
| ୧୫ । ଉର୍ବଶୀ (ପଦ୍ୟ) | ,, ରାୟ ରାଧାନାଥ ରାୟବାହାଦୁର | ୧୩୫ |
| ୧୬ । ଉତ୍କଳ ସାହିତ୍ୟର ଉନ୍ନତି | ,, ଶ୍ରୀ — | ୯୩ |
| ୧୭ । ଓଡ଼ିଆ ଭାଷା | ,, ମଧୁସୂଦନ ରାଓ | ୨୫ |
| ୧୮ । କଲୁବଟ-ହିନ୍ଦୁଧର୍ମ | ,, କୃଷ୍ଣପ୍ରସାଦ ଚୌଧୁରୀ | ୨୫୨ |
| ୧୯ । କବି ଓ କବିତା | ,, ,, | ୩୮ |
| ୨୦ । କାଳିଦାସ (ପଦ୍ୟ) | ,, ମଧୁସୂଦନ ରାଓ | ୨୮୫ |
| ୨୧ । କୈଫିୟତ୍ | ,, (ସମ୍ପାଦକ) | ୨୮୨ |
| ୨୨ । ଖାଦ୍ୟଦ୍ରବ୍ୟ ସହିତ ମାନବ ଜୀବନର ସମ୍ବନ୍ଧ | ,, ମଧୁସୂଦନ ଦାସ, ବି. ଏ. | ୨୮୬ |


Digitized by srujanika@gmail.com

| ବିଷୟ | | ଲେଖକ | ପୃଷ୍ଠା |
|---|---|---|---|
| ୨୩ । ଗୀତ ଅପୂର୍ଣ୍ଣ ରହିଲା | ଶ୍ରୀଯୁକ୍ତ | ସାଧୁଚରଣ ରାୟ | ୪୦ |
| ୨୪ । ଗୁରୁ ନାନକ ଓ ଦୁଇଜଣ ବ୍ରାହ୍ମଣ | ,, | ,, | ୧୪୫ |
| ୨୫ । ଛନ୍ଦୋବୃତ୍ତ ଓ ସମାଲୋଚନା | ,, | ଦାମୋଦର ପଟ୍ଟନାୟକ | ୫୫ |
| ୨୬ । ଛଳନା (ପଦ୍ୟ) | ,, | ରମାନାଥ ଦାସ | ୨୯୫ |
| ୨୭ । ଛମାଣ ଆଠଗୁଣ୍ଠ | ,, | ଧୂର୍ଜ୍ଜଟି | ୨୩୬, ୨୫୮, ୨୯୬ |
| ୨୮ । ଜନ୍ମୋତ୍ସବ ଉପହାର (ପଦ୍ୟ) | | ଶ୍ରୀମତୀ ରେବାରାୟ | ୨୩୫ |
| ୨୯ । ଜାତୀୟ ସାହିତ୍ୟ | ,, | ସଦାଶିବ ବିଦ୍ୟାଭୂଷଣ | ୧୬୧ |
| ୩୦ । "ଜନ୍ମ ମୃତ୍ୟୁ ଓ ଜୀବନ"ର ସମାଲୋଚନା | ,, | ଭୋଳାନାଥ ସାମନ୍ତରାୟ | ୯୧ |
| ୩୧ । ଜୀବନ-ସମସ୍ୟା | | (ସମ୍ପାଦକ) | ୧୧୮, ୧୪୬ |
| ୩୨ । ଦରବାର ( ପଦ୍ୟ) | ,, | ଶ୍ରୀ | ୧୩, ୩୪, ୬୩, ୬୯ |
| ୩୩ । ନରନାରୀ (ପଦ୍ୟ) | ,, | ମଧୁସୂଦନ ରାଓ | ୨୮୫ |
| ୩୪ । ନୀରବେ (ପଦ୍ୟ) | | ଶ୍ରୀମତୀ ରେବାରାୟ | ୫୪ |
| ୩୫ । ପରମ ପ୍ରମାଣ | ,, | ମଧୁସୂଦନ ରାଓ | ୨୫୮ |
| ୩୬ । ପରମାତ୍ମାଙ୍କ ପ୍ରକାଶ | ,, | (ସମ୍ପାଦକ) | ୧୬୭ |
| ୩୭ । ପର୍ଯ୍ୟଟନ | ,, | କୃଷ୍ଣପ୍ରସାଦ ଚୌଧୁରୀ | ୧୬୩ |
| ୩୮ । ପାପର ପ୍ରାୟଶ୍ଚିତ୍ତ | ,, | ନୀଳମଣି ବିଦ୍ୟାରତ୍ନ | ୧୦୦ |
| ୩୯ । ପାରିବାରିକ ଧର୍ମସାଧନ | ,, | କୃଷ୍ଣପ୍ରସାଦ ଚୌଧୁରୀ | ୧୮୭ |
| ୪୦ । ପୁଷ୍କରିଣୀ (ପଦ୍ୟ) | ,, | ଲଲନ୍ଦୁବିରଜ ସିଂହଦେଓ | ୨୫୧ |
| ୪୧ । ପୁଷ୍ପ (ପଦ୍ୟ) | ,, | ନନ୍ଦକିଶୋର ବଳ | ୧୧୪ |
| ୪୨ । ବନ୍ଧୁ | ,, | ଶ୍ୟାମସୁନ୍ଦର ନନ୍ଦ | ୬୬ |
| ୪୩ । ବନେ ବନମଲ୍ଲୀ (ପଦ୍ୟ) | ,, | କାମପାଳମିଶ୍ର | ୬୮ |
| ୪୪ । ବାକ୍ୟବାଣ | ,, | ରାଜନାରାୟଣ ଦାସ | ୬୯ |
| ୪୫ । ବାବୁଚରିତ୍ର | ,, | ,, | ୪୨ |
| ୪୬ । ବାସନ୍ତୀ ଉଷା (ପଦ୍ୟ) | ,, | ନୀଳମଣି ମିଶ୍ର | ୧୯୨ |
| ୪୭ । ବାସନା ଇଚ୍ଛା ନୁହେଁ | ,, | ସାଧୁଚରଣ ରାୟ | ୧୧ |
| ୪୮ । ବିବିଧ ପ୍ରସଙ୍ଗ | ,, | (ସମ୍ପାଦକ) | ୧୨୩;୧୭୬,୨୦୬ |
| ୪୯ । ବେଞ୍ଜାମିନ୍ ଫ୍ରାଙ୍କଲିନ | ,, | ଶ୍ୟାମ ସୁନ୍ଦର ନନ୍ଦ | ୨୩ |
| ୫୦ । ଭଗ୍ନ ଶିବମନ୍ଦିର(ପଦ୍ୟ) | ,, | ଫକୀର ମୋହନ ସେନାପତି | ୪ |
| ୫୧ । ଭୂଗୋଳ-ବିଦ୍ୟା | ,, | ଚନ୍ଦ୍ର ମୋହନ ମହାରଣା, ବି, ଏ | ୧୮୪ |
| ୫୨ । ଭ୍ରମଭଞ୍ଜନ(ପଦ୍ୟ) | ,, | ନୀଳମଣି ମିଶ୍ର | ୧୯୧ |
| ୫୩ । ମନକଥା (ପଦ୍ୟ) | ,, | ସାଧୁ ଚରଣ ରାୟ | ୯୬ |


Digitized by srujanika@gmail.com

| ବିଷୟ | | ଲେଖକ | ପୃଷ୍ଠା |
|---|---|---|---|
| ୫୪ । ମହାତ୍ମା କେଶବଚନ୍ଦ୍ର ସେନ | ଶ୍ରୀଯୁକ୍ତ | (ସମ୍ପାଦକ) | ୪୬ |
| ୫୫ । ମହାପୂଜା ଓ ସ୍ତ୍ରୀ ଶିକ୍ଷା | ,, | କୃଷ୍ଣ ପ୍ରସାଦ ଚୌଧୁରୀ | ୨୨୨ |
| ୫୬ । ମହାଯାତ୍ରା ଓ ରାଘୁକବି | ,, | ଭୋଳାନାଥ ସାମନ୍ତରାୟ | ୨୩୦,୩୦୫ |
| ୫୭ । ମହିମା (ପଦ୍ୟ) | ,, | ଗଙ୍ଗାଧର ମେହେର | ୯ |
| ୫୮ । ମାଧୁରୀ (ପଦ୍ୟ) | ,, | ଚନ୍ଦ୍ରମୋହନ ମହାରଣା, ବି, ଏ | ୧୯ |
| ୫୯ । ମେଘ ବରଷିଲା ଟପର ଟପର(ପଦ୍ୟ) | ,, | ନନ୍ଦ କିଶୋର ବଳ | ୨୬୫ |
| ୬୦ । ଯୋଗଶାସ୍ତ୍ର | ,, | ଫକୀରମୋହନ ସେନାପତି | ୧୫୬,୨୦୩,୨୧୮ |
| ୬୧ । ରଙ୍ଗରସ | ,, | ପଞ୍ଚାନନ | ୧୨୨,୧୫୧,୨୨୬ |
| ୬୨ । ରାଜକର | ,, | ରାଜନାରାୟଣ ଦାସ | ୧୧୦ |
| ୬୩ । ରାଜମାତା | ,, | ସାଧୁ ଚରଣ ରାୟ | ୨୧୧ |
| ୬୪ । ରାଜଶକ୍ତି ଓ ପ୍ରଜାଶକ୍ତି | ,, | ,, | ୨୪୬,୨୬୮ |
| ୬୫ । ସମାଲୋଚନା | ,, | କୃଷ୍ଣପ୍ରସାଦ ଚୌଧୁରୀ | ୧୪୧ |
| ୬୬ । ସଂକ୍ଷିପ୍ତ-ସମାଲୋଚନା | ,, | (ସମ୍ପାଦକ) | ୧୫୨, ୧୮୦, ୨୨୭, ୩୦୯ |
| ୬୭ । ସଙ୍ଗୀତ | ,, | ମଧୁସୂଦନ ରାଓ | ୧୭୫ |
| ୬୮ । ସାମୟିକ ପ୍ରସଙ୍ଗ | ,, | (ସମ୍ପାଦକ) | ୭୨ |
| ୬୯ । ସାହିତ୍ୟ ପତ୍ରିକାର ଉପଯୋଗିତା | ,, | ଚନ୍ଦ୍ରମୋହନ ମହାରଣା, ବି,ଏ, | ୩ |
| ୭୦ । ସୁଖ | ,, | ସଦାଶିବ ବିଦ୍ୟାଭୂଷଣ | ୨୯୨ |
| ୭୧ । ସୁଖ-ସ୍ୱପ୍ନ (ପଦ୍ୟ) | ,, | ଗଙ୍ଗାଧର ମେହେର | ୨୧୭ |
| ୭୨ । ସୂଚନା | ,, | (ସମ୍ପାଦକ) | ୧ |
| ୭୩ । ସ୍ନେହୋପହାର (ପଦ୍ୟ) | ଶ୍ରୀମତୀ | ରେବା ରାୟ | ୮୭ |
| ୭୪ । ସ୍ୱକର୍ମ | ଶ୍ରୀଯୁକ୍ତ | ରାଜନାରାୟଣ ଦାସ | ୧୯୭ |
| ୭୫ । ହିନ୍ଦୁଧର୍ମର ପୁନରୁତ୍ଥାନ | ,, | କୃଷ୍ଣପ୍ରସାଦ ଚୌଧୁରୀ | ୨୦ |
| ୭୬ । ହେମମାଳା | ,, | ଶ୍ରୀ ମ | ୧୩୦ |


Digitized by srujanika@gmail.com

# ଉତ୍କଳସାହିତ୍ୟ

## ସୂଚନା

ବହୁ ଚିନ୍ତା ଓ ଆଲୋଚନା ଉତ୍ତାରେ 'ଉତ୍କଳ-ସାହିତ୍ୟ' ପ୍ରକାଶିତ ହେଲା । ଅପାର ମଙ୍ଗଳଦାତା ପରମେଶ୍ୱରଙ୍କ ସର୍ବସିଦ୍ଧିପ୍ରଦ ଚରଣତଳେ ପ୍ରଣତ ହୋଇ ତାଙ୍କରି କୃପା ଓ ଆଶୀର୍ବାଦ ଉପରେ ଏକାନ୍ତ ନିର୍ଭର ସ୍ଥାପନ କରି ଆମ୍ଭେମାନେ ଆଜି କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହେଲୁଁ । ଦୀର୍ଘ ଭୂମିକା ଲେଖି ମାସିକ ପତ୍ରିକାର ଉପଯୋଗିତା ପାଠକ ସାଧାରଣଙ୍କୁ ବୁଝାଇବାର ପ୍ରୟୋଜନ ନାହିଁ । ଆମ୍ଭମାନଙ୍କର ଅନୁଷ୍ଠାନ ପତ୍ରରେ ସଂକ୍ଷେପରେ ତାହା ବ୍ୟକ୍ତ ହୋଇଅଛି ଏବଂ ବର୍ତ୍ତମାନ ସଂଖ୍ୟାରେ ଆମ୍ଭମାନଙ୍କର ଜଣେ ଶ୍ରଦ୍ଧେୟ ଲେଖକଙ୍କର ଉକ୍ତବିଷୟକ ଗୋଟିଏ ପ୍ରବନ୍ଧରେ ତାହା ସ୍ପଷ୍ଟତର ହୋଇଅଛି । ମାସିକପତ୍ରିକା ପ୍ରତି ଏବଂ ସାଧାରଣତଃ ଉତ୍କଳସାହିତ୍ୟ ପ୍ରତି ଯଥେଷ୍ଟ ଅଯତ୍ନ ଓ ଅନାଦର ସତ୍ତ୍ୱେ ଉତ୍କଳ-ଭୂମିରେ ଯେ ଏହାର ପ୍ରୟୋଜନୀୟତା ଅନୁଭୂତ ହୋଇନାହିଁ, ଏ କଥା କହିବାକୁ ଆମ୍ଭେମାନେ ପ୍ରସ୍ତୁତ ନୋହୁଁ । ତଦ୍ଦ୍ୱାରା ଶିକ୍ଷିତ ଉତ୍କଳ-ତନୟମାନଙ୍କର ବୁଦ୍ଧି ଓ ଶିକ୍ଷାପ୍ରତି ନିତାନ୍ତ ଅସମ୍ମାନ ପ୍ରଦର୍ଶନ କରିବାର ହେବ । ମାତ୍ର ପ୍ରୟୋଜନ ଅନୁଭବ କରିବା ଏବଂ ପ୍ରୟୋଜନାନୁ-ରୂପ କାର୍ଯ୍ୟ କରିବା ଏକା କଥା ନୁହେଁ । ଉତ୍କଳଭୂମିରେ ପ୍ରଥମଟିର ଲକ୍ଷଣ କଥଞ୍ଚିତ୍ ପ୍ରକାଶ ପାଇଥିଲେହେଁ ଦ୍ୱିତୀୟଟିର ଲକ୍ଷଣ ବିଶେଷଭାବରେ କଉଠି ଦେଖା ଯାଇ ନାହିଁ । ଆମ୍ଭମାନଙ୍କ କ୍ଷୁଦ୍ରବୁଦ୍ଧିରେ ଏହାର କାରଣ ଉତ୍କଳପୁତ୍ରମାନଙ୍କର ଔଦାସୀନ୍ୟ ବା ମାନସିକ ଜଡ଼ତା । ଏହି ଔଦାସୀନ୍ୟ ବା ଜଡ଼ତା ସର୍ବ-ପ୍ରକାର ଉନ୍ନତିର ପ୍ରତିରୋଧକ ଏବଂ ସକଳ ଦୁର୍ଗତିର ନିଦାନ । ଏହାହିଁ ଉତ୍କଳ-ସନ୍ତାନମାନଙ୍କର ହସ୍ତପଦବନ୍ଧନ କରି ରଖିଅଛି । ଏହାରି ପ୍ରଭାବରୁ ଏମାନେ ଦୁଃଖ ଦାରିଦ୍ର୍ୟର ହସ୍ତ ଏଡ଼ାଇବାକୁ ଅସମର୍ଥ ହୋଇ ଦୀନହୀନଭାବରେ କାଳ ଅତିବାହନ କରୁଛନ୍ତି । ସୌଭାଗ୍ୟଲକ୍ଷ୍ମୀ କେବଳ ଉଦ୍‌ଯୋଗୀ ପୁରୁଷର ସହଚରୀ । ଜଡ଼ତା-ରୂପ ପରମଶତ୍ରୁର ହସ୍ତରୁ ଉଦ୍ଧାର ନ ପାଇଲେ ଆମ୍ଭେମାନେ ଚିରଦିନ ମନୁଷ୍ୟର ଆକାଂକ୍ଷଣୀୟ ବହୁ ଉପାଦେୟ ବିଷୟରୁ ବଞ୍ଚିତ ରହିଥିବୁଁ । ଜାଣୁ, ଆମ୍ଭେମାନେ କ୍ଷୁଦ୍ର, ନିତାନ୍ତ ଶକ୍ତିହୀନ; ଉତ୍କଳବ୍ୟାପୀ ଏକ ଘୋର ମୋହନିଦ୍ରା ଭଙ୍ଗ-କରିବା ଆମ୍ଭମାନଙ୍କ ତୁଲ୍ୟ ବ୍ୟକ୍ତିର କାର୍ଯ୍ୟ ନୁହେ । ଆମ୍ଭମାନଙ୍କ ଅପେକ୍ଷା ଯୋଗ୍ୟତର ଏବଂ ନିପୁଣତର ବହୁବ୍ୟକ୍ତି ଏ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ବ୍ୟର୍ଥମନୋରଥ ହୋଇଛନ୍ତି । ଜାଣୁ, ଆମ୍ଭମାନଙ୍କ ପୂର୍ବେ ଅନେକଗୁଡ଼ିଏ ପତ୍ରିକା ଉତ୍କଳଭୂମିରେ ଆବିର୍ଭୂତ ହୋଇ ନିତାନ୍ତ ଶୋଚନୀୟ ଦଶା ଲଭିଅଛନ୍ତି—ଟିକିଏ ଆଦର-ଯତ୍ନର ଅଭାବରେ ଅକାଳରେ ମୃତ୍ୟୁଗ୍ରାସରେ ପତିତ ହୋଇଅଛନ୍ତି ! ହାୟ ! ସେମାନଙ୍କର ସେହି ସ୍ୱଳ୍ପକାଳୀନ ବିଷୟ ଛବି ଏହି ମୁହୂର୍ତ୍ତରେ ଆମ୍ଭ

Digitized by srujanika@gmail.com

ସମକ୍ଷରେପ୍ରତିଭାତ ହୋଇ ପ୍ରାଣକୁ ଆକୁଳକରୁଅଛି । ସେମାନଙ୍କର ସେହି ଅନ୍ତିମ କାତରଧ୍ୱନି କର୍ଣ୍ଣକୁହ-ରରେ ପ୍ରବିଷ୍ଟ ହୋଇ ହୃଦୟକୁ ଆଲୋଡ଼ିତ କରୁଅଛି ! ତଥାପି କାହିଁକି ଓ କି ସାହସରେ ଆମ୍ଭେମାନେ ଆଜ ଏ କ୍ଷେତ୍ରରେ ପଦାର୍ପଣ କରୁଅଛୁଁ ? କିଏ ଜାଣେ ଯେ ଆମ୍ଭମାନଙ୍କୁ ମଧ୍ୟ ଅଚିରେ ସେହିପରି ବିଡ଼ମ୍ବନା ଭୋଗ କରିବାକୁ ନ ହେବ ? ଆମ୍ଭମାନଙ୍କର ଅନେକ ହିତାକାଂକ୍ଷୀ ବନ୍ଧୁ ତ ଏହି ସଂକଳ୍ପର କଥା ଶୁଣିଲା ଦିନରୁ ବାରମ୍ବାର ଆମ୍ଭମାନଙ୍କୁ ସତର୍କ କରି ଦେଇ ଅଛନ୍ତି । କାହିଁକି ଆମ୍ଭେମାନେ ସେମାନଙ୍କ କଥାରେ କର୍ଣ୍ଣପାତ କରିନାହୁଁ ? ଏ ସମସ୍ତ ନୈରାଶ୍ୟଜନକ ପ୍ରଶ୍ନର ବିନୀତ ଉତ୍ତର ଏହି ଯେ ଆମ୍ଭେମାନେ ହୃଦୟର ଆବେଗ ସମ୍ବରଣ କରି ନ ପାରି ଏ କାର୍ଯ୍ୟରେ ପ୍ରବୃତ୍ତ ହୋଇଅଛୁ । ଯାହାର ଶୋଣିତରେ ଏ ଦେହ ପରିପୁଷ୍ଟ, ତାହାର କାତରଧ୍ୱନି ପ୍ରାଣରେ ପ୍ରବେଶ କରି ଅନ୍ତସ୍ଥଳକୁ ଆଲୋଡ଼ିତ କରୁଅଛି । ଯାହାର ରକ୍ତ, ତାହାର ସେବାରେ ଏହା ବ୍ୟୟ କରି ପାରିଲେ ଜୀବନ ସାର୍ଥକ ହେବ । ତାହା କରି ନ ପାରିଲେ ବଞ୍ଚିବାର ପ୍ରୟୋଜନ କ'ଣ ? ସ୍ୱାର୍ଥର ସେବା ତ ଯଥେଷ୍ଟ ହେଉଅଛି — କିନ୍ତୁ ପ୍ରାଣର ତୃପ୍ତି ସାଧନ ତ ହେଉ ନାହିଁ ? ତେବେ ଦିବାନିଶି ମାତୃଶୋଣିତ ଶୋଷଣ କରି ରାକ୍ଷସ-ଜୀବନ ଧାରଣ କରିବାର ଫଳ କଣ ? କିଞ୍ଚିତ୍ ପରିମାଣରେ ପରମପବିତ୍ର ସେବାଧର୍ମ ପାଳନ କରି ପ୍ରାଣମନ କୃତାର୍ଥ କରିବା କି ଉଚିତ୍ ନୁହେଁ ? ଆମ୍ଭମାନଙ୍କର ଚେଷ୍ଟା ବ୍ୟର୍ଥ ହେବ ହେଉ, ସେଥିପାଇଁ ଶୋଚନା ନାହିଁ । ଅକାଳରେ ମରିବାକୁ ହେବ କ୍ଷତି ନାହିଁ, ତାଦୃଶ ମୃତ୍ୟୁ ଭିତରେ ନବଜୀବନର ଆଶା ଜାଗ୍ରତ ରହିଅଛି । ଚେଷ୍ଟା ବ୍ୟର୍ଥ ହେବ ବୋଲି କି ଅନ୍ଧକାରରେ ମୁହଁ ଲୁଚାଇ ବସିବାକୁ ହେବ ? କେବଳ ନୀରବ କ୍ରନ୍ଦନରେ କି କାଳ କଟାଇବାକୁ ହେବ ? ଏହା କି ମନୁଷ୍ୟତ୍ୱର ଚିହ୍ନ ? ଫଳ ଚିନ୍ତା କର ନାହିଁ, କ୍ଷୁଦ୍ରଶକ୍ତି ଟିକି ବ୍ୟୟ କରି ତୁମ୍ଭର କର୍ତ୍ତବ୍ୟ ସାଧନ କରି ଚାଲ-ଯାଅ । ଏହାହିଁ କି ସାଧୁ ମହାଜନଙ୍କର ଉପଦେଶ ନୁହେଁ ? ବିଧାତା କି ନିଦ୍ରିତ ମନୁଷ୍ୟ ସନ୍ତାନକୁ ଏହି ଆଦେଶ ଦେଇ ନାହାନ୍ତି ? ତେଣୁ ବୃଥା ଭବିଷ୍ୟତ୍ର ଭାବନାରେ ମସ୍ତକ ଘୂରାଇବାର ପ୍ରୟୋଜନ କ'ଣ ?

ପାଶ୍ଚାତ୍ୟଶିକ୍ଷା ପ୍ରଭାବରେ ଏ ଦେଶର ସକଳ ବିଭାଗରେ ଯେପରି ପରିବର୍ତ୍ତନ ଉପସ୍ଥିତ ହୋଇଅଛି, ସାହିତ୍ୟ ସମ୍ବନ୍ଧରେ ମଧ୍ୟ ସେହିପରି ଘଟିଅଛି । ଏ ପରିବର୍ତ୍ତନ ଏକାନ୍ତ ବାଞ୍ଛନୀୟ — ମନୁଷ୍ୟସମାଜ ଏକ ଭାବ, ଏକ ଅବସ୍ଥାରେ ଚିରଦିନ ରହି ନ ପାରେ । ଜୀବନ୍ତ ସମାଜ ପକ୍ଷରେ ଏହା ଅସହନୀୟ । ପ୍ରାଚୀନତାର ଅନୁରୋଧରେ ଉନ୍ନତିର ପଥରୋଧ କରିବା ସୁବୁଦ୍ଧିର କାର୍ଯ୍ୟ ନୁହେ । ପକ୍ଷାନ୍ତରେ ନୂତନର ଅନୁରୋଧରେ ପ୍ରାଚୀନପ୍ରତି ଅବଜ୍ଞା ବା ଅନାସ୍ଥା ନିତାନ୍ତ ନିନ୍ଦନୀୟ । ଯେଉଁମାନେ ଉଭୟକୂଳ ରକ୍ଷାକରି ଚଳି ପାରନ୍ତି ସେହିମାନେ ବୁଦ୍ଧିମାନ୍ । ସମସ୍ତ ଉନ୍ନତଯୁଗର ଏବଂ ଉନ୍ନତଦେଶର ସାଧୁ-ମହାଜନଗଣ ଏହି ଆଦର୍ଶ ଦେଖାଇ ଯାଇ-ଅଛନ୍ତି । ଆମ୍ଭେମାନେ ଯେତେଦିନ ଜୀବିତ ଥିବୁଁ ନିଜର କ୍ଷୁଦ୍ର ସୀମା ମଧ୍ୟରେ ଏହି ମତ ଅନୁସରଣ କରି କାର୍ଯ୍ୟ କରିବୁଁ । ଉତ୍କଳର ପ୍ରାଚୀନ ସାହିତ୍ୟ ଭଣ୍ଡାରର ଗୌରବର ବିଷୟ ଯଥେଷ୍ଟ ନ ଥିଲେ ହେଁ ତାହାର ଏକାନ୍ତ ଅଭାବ ନାହିଁ । ଅନ୍ୟ ଆଡ଼େ ନବଯୁଗର ସାହିତ୍ୟ ଗଠନର ଚେଷ୍ଟା ମଧ୍ୟ କିଞ୍ଚିତ ପରିମାଣରେ ଫଳଲକ୍ଷିତ ହେଉଅଛି । 'ଉତ୍କଳ ସାହିତ୍ୟ' ଏହି ଉଭୟର ପ୍ରତିନିଧି ସ୍ୱରୂପ କାର୍ଯ୍ୟ କରିବାର ଆଶାରେ ଉପସ୍ଥିତ ହୋଇଅଛି । ଏକ ଆଡ଼େ ପ୍ରାଚୀନ ମଧ୍ୟରୁ ଗ୍ରହଣୀୟ ବସ୍ତୁ ଆହରଣ କରିବା ଅନ୍ୟ ଆଡ଼େ ଉନ୍ନତ ଯୁଗର ଭାବ ଓ ଚିନ୍ତା ପାଠକ ସାଧାରଣଙ୍କ ନିକଟରେ ଉପସ୍ଥାପିତ କରିବା ଏକାନ୍ତ କର୍ତ୍ତବ୍ୟ । ଆମ୍ଭେମାନେ ବିଜ୍ଞ ଲେଖକମାନଙ୍କ ସାହାଯ୍ୟରେ ଏହି ପବିତ୍ର କର୍ତ୍ତବ୍ୟ ସାଧନ କରିବାର ଆଶା ରଖିଅଛୁଁ ।

Digitized by srujanika@gmail.com

ବିସ୍ତୃତ ଅର୍ଥରେ ମାନବଜୀବନର ଓ ସମାଜର ସମସ୍ତ ବିଷୟ ସାହିତ୍ୟର ଅନ୍ତର୍ଗତ । କାବ୍ୟ, ନାଟକ, ବିଜ୍ଞାନ, ଦର୍ଶନ, ଶିକ୍ଷା, ଶିଳ୍ପ, କୃଷି, ବାଣିଜ୍ୟ, ଧର୍ମ, ନୀତି ସମସ୍ତ ସାହିତ୍ୟର ବହୁଦୂର ବିସ୍ତୃତ ସୀମା ମଧ୍ୟରେ ଅବସ୍ଥାନ କରନ୍ତି । ଏହି ଭାବରେ ଆମ୍ଭେମାନେ କୌଣସିଟିକୁ ଉପେକ୍ଷା କରି ନ ପାରୁଁ । ଉନ୍ନତି ଯେତେବେଳେ ମାନବଜୀବନର ଲକ୍ଷ୍ୟ, ସେତେବେଳେ ଯଦ୍ଦ୍ୱାରା ସର୍ବାଙ୍ଗୀନ ଉନ୍ନତି ସାଧିତ ହେବ ତତ୍ପ୍ରତି ସମୁଚିତ ଦୃଷ୍ଟି ରଖିବା ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ । ଦେଶ ପ୍ରଚଳିତ ଦୁର୍ନୀତି, ଦୁରାଚାର ଓ ଉପଧର୍ମ ବିରୁଦ୍ଧରେ ସଂଗ୍ରାମ ଏବଂ ସୁନୀତି, ସଦାଚାର ଓ ସଦ୍ଧର୍ମର ପ୍ରତିଷ୍ଠା 'ଉତ୍କଳ ସାହିତ୍ୟ'ର ଅନ୍ୟତମ ଉଦ୍ଦେଶ୍ୟ । ଫଳାଫଳ-ଗଣନା ନିରପେକ୍ଷ ହୋଇ ଆମ୍ଭେମାନେ ଏହି ସମସ୍ତ ପବିତ୍ର ଓ ଗୁରୁତର କର୍ତ୍ତବ୍ୟସାଧନରେ ଯତ୍ନବାନ୍ ହେବୁ । ଆମ୍ଭେମାନେ ବିନୀତଚିତ୍ତରେ ସମଗ୍ର ଉତ୍କଳବାସୀଙ୍କର ସାହାଯ୍ୟ ଓ ଆଶୀର୍ବାଦ ଭିକ୍ଷା କରୁଅଛୁଁ । ସିଦ୍ଧିଦାତା ପରମେଶ୍ୱର ଆମ୍ଭମାନଙ୍କର ସହାୟ ହେଉନ୍ତୁ ।

## ସାହିତ୍ୟପତ୍ରିକାର ଉପଯୋଗୀତା

ଜ୍ଞାନ ମନୁଷ୍ୟଜାତିର ବିଶେଷତ୍ୱ ଏବଂ ସର୍ବାପେକ୍ଷା ଅଧିକ ସ୍ପୃହଣୀୟ । ଏହି ଜ୍ଞାନ ଲାଭ କରିବାର ନାନା ଉପାୟ ଅଛି । ଉକ୍ତ ଉପାୟମାନଙ୍କୁ ଦୁଇଟି ପ୍ରଧାନ ଭାଗରେ ବିଭକ୍ତ କରାଯାଇ ପାରେ,—ଅନୁଭବ ଓ ଅଧ୍ୟୟନ । ଅଭିନିବେଶ ଓ ବିଚାର ସହକାରେ ଉକ୍ତ ଉଭୟ ଉପାୟରେ ଲବ୍ଧ ଜ୍ଞାନ ମାର୍ଜିତ ଓ ପୁଷ୍ଟ ହୋଇଥାଏ । ପ୍ରତ୍ୟେକ ଉପାୟ ଅପରର ସାହାଯ୍ୟ ସମ୍ପାଦନ କରେ । ଅଧ୍ୟୟନ ଦ୍ୱାରା ଅନ୍ୟୋପାର୍ଜିତ ଜ୍ଞାନ ଯେପରି ଲବ୍ଧ କରାଯାଏ, ସେହିପରି ଅନୁଭବ ଓ ପରିଦର୍ଶନର ପ୍ରଣାଳୀ ମଧ୍ୟ ଶିକ୍ଷା କରାଯାଏ ।

ସଂସାରରେ ମନୁଷ୍ୟ ନିଜେ ସବୁ କରିପାରେ ନାହିଁ, ଅନେକ ବିଷୟରେ ଜାଣି ଅବା ନ ଜାଣି ଅନ୍ୟ ସାହାଯ୍ୟ ଗ୍ରହଣ କରେ । ଜ୍ଞାନ ଲାଭ ବିଷୟରେ ମଧ୍ୟ ସେହିପରି । ଲୋକ ଅପର ମୁଖରୁ ଶୁଣି ନୂତନ ବିଷୟ ଶିକ୍ଷା କରେ ଅଥବା ପୂର୍ବବର୍ତ୍ତୀ ସମସାମୟିକ ଜ୍ଞାନୀମାନେ ସ୍ୱରଚିତ ଗ୍ରନ୍ଥାଦିରେ ଯେଉଁ ଜ୍ଞାନ ସଞ୍ଚୟ କରି ରଖିଥାନ୍ତି ତାହା ଗ୍ରହଣ କରେ । ଦିଓଟି ଉପାୟରେ ଲିପିବଦ୍ଧ ଜ୍ଞାନ ଅର୍ଜନ କରାଯାଇପାରେ,—ପୁସ୍ତକ ଓ ପତ୍ରିକା ଉଭୟରୁହିଁ ଜ୍ଞାନ ଲାଭ କରାଯାଇପାରେ । ତଥାପି ଦୁହିଙ୍କ ମଧ୍ୟରେ କିଞ୍ଚିତ୍ ପ୍ରଭେଦ ଅଛି । ଖଣ୍ଡିଏ ପୁସ୍ତକରେ ସାଧାରଣତଃ ଗୋଟିଏ ବିଷୟର ଆଲୋଚନା କରାଯାଇଥାଏ । କିନ୍ତୁ ଖଣ୍ଡିଏ ପତ୍ରିକାରେ ନାନା ବିଷୟର ଆଲୋଚନା ଥାଏ; ସୁତରାଂ ଖଣ୍ଡିଏ ପତ୍ରିକା ପାଠରୁ ନାନା ପୁସ୍ତକ ପାଠର ଫଳ ନ୍ୟୁନାଧିକ ପରିମାଣରେ ମିଳେ । ପୁଣି ପାଞ୍ଚଖଣ୍ଡ ପୁସ୍ତକ କିଣିବା ଅସମ୍ପନ୍ନ ଲୋକ ପକ୍ଷରେ କଠିନ ହୋଇପାରେ । ଅଥଚ ପତ୍ରିକା ଖଣ୍ଡିଏ କିଣିବା ସେତେଦୂର କଠିନ ନ ହୋଇ ପାରେ । ପତ୍ରିକା ଖଣ୍ଡିକରେ ନାନା ବିଷୟକ ପ୍ରବନ୍ଧର ସମାବେଶ ଥିବାରୁ ବିଷୟ ପରିବର୍ତ୍ତନ କିୟତ୍ ପରିମାଣରେ ମାନସିକ କ୍ଳାନ୍ତି ନିବାରଣ ଓ ଆଗ୍ରହ ସଞ୍ଚାର କରେ । ଭୋଜନ ଦର୍ଶନ ଶ୍ରବଣ ପ୍ରଭୃତି ବିଷୟରେ ନବୀନତା ବା ପରିବର୍ତ୍ତନର ଫଳ କିପରି ରୁଚିକର ଅନେକେ ଅନୁଭବ କରିଥିବେ, ପ୍ରବନ୍ଧ ସମ୍ବନ୍ଧରେ ମଧ୍ୟ ତଦ୍ରୂପ । ଏକାଧିକ ବ୍ୟକ୍ତିଙ୍କର ମିଳିତ ହୋଇ ଖଣ୍ଡିଏ ପତ୍ରିକାର ଗ୍ରାହକ ହେବା ଅନେକ ସ୍ଥଳରେ ଦେଖାଯାଏ, କିନ୍ତୁ ଏକାଧିକ ବ୍ୟକ୍ତିଙ୍କ ମିଳିତ ହୋଇ ଖଣ୍ଡିଏ ପୁସ୍ତକ କ୍ରୟ କରି ପଢ଼ିବା ଉଦାହରଣ ଅତି ବିରଳ । ପୁସ୍ତକପାଠରେ କୌଣସି ପାଠକ ଯେଉଁ ଆୟାସ ଅନୁଭବ କରନ୍ତି, ପତ୍ରିକା ପାଠରେ ତାହା ସେ ପରିମାଣରେ ଅନୁଭୂତ ହୁଏ ନାହିଁ । ଏହା ବୋଲି ପୁସ୍ତକ ପାଠ ହେୟ; ପତ୍ରିକାପାଠହିଁ ଉପାଦେୟ, ଏହା ବୋଲିବା ଆମ୍ଭମାନଙ୍କର ଅଭିପ୍ରାୟ ନୁହେଁ । ପୁସ୍ତକ ପାଠର ମଧ୍ୟ ଉପଯୋଗିତା ଅଛି, କିନ୍ତୁ ତାହା ଅଦ୍ୟ ଆଲୋଚ୍ୟ ବିଷୟ ନୁହେ । ପତ୍ରିକା ପାଠର ଆଉ କେତେକ ସୁଫଳ ଏଠାରେ ଉଲ୍ଲେଖ କରାଯାଉ ଅଛି । ପାଠକମାନଙ୍କ ମଧ୍ୟରୁ କାହାର ମନରେ ରଚନାତ୍ମକ ପ୍ରବନ୍ଧର ପ୍ରଭାବ

Digitized by srujanika@gmail.com

ସହଜରେ ଅଙ୍କୁରିତ ହୁଏ, ପୁସ୍ତକପାଠରେ ସେପରି ହେଉନବାର ଦେଖାଯାଏ ନାହିଁ । ଏପରି ପାଠକ, ତନ୍ମଧ୍ୟରେ ବିଶେଷତଃ ତରୁଣ-ବୟସ୍କପାଠକ, ପ୍ରବନ୍ଧ ସହିତ ଲେଖକର ନାମ ଲିପିବଦ୍ଧ ଦେଖି ଆପଣାର ନାମ ସେହିପରି ଲିପିବଦ୍ଧ ଦେଖିବାକୁ ଅଭିଳାଷୀ ହୋଇ ରଚନାର "ସିଦ୍ଧିରସ୍ତୁ" ଆରମ୍ଭ କରିଥାନ୍ତି । ଏପରି ଅଭିଳାଷ ସାହିତ୍ୟବିକାଶର ଅନୁକୂଳ, ଏଣୁ ସମ୍ବୋଧମୟ । ସଭ୍ୟତର ଦେଶମାନଙ୍କରେ ନବୀନ ବକ୍ତା ଓ ଲେଖକମାନେ ଏହିପରି ବକ୍ତୃତା ଓ ରଚନାର ମୂଳପତ୍ତନ ଶିକ୍ଷା କରି ପରିଣାମରେ ପ୍ରବୀଣ ସ୍ଥପତିତ୍ୱର ଲକ୍ଷଣ ପ୍ରଦର୍ଶନ କରିଅଛନ୍ତି । ଏହି ପତ୍ରିକାମାନ ପ୍ରଧାନ ଦୁଇ-ଶ୍ରେଣୀରେ ବିଭକ୍ତ । ଏକ ଶ୍ରେଣୀରେ ଦୈନିକ ଓ ସାପ୍ତାହିକ ପତ୍ରିକାମାନ, ଅପରଶ୍ରେଣୀରେ ମାସିକ ପ୍ରଭୃତି । ଉଭୟେ ଗୁରୁ କନ୍ତୁ ଭିନ୍ନ ଭିନ୍ନ ଭାବରେ । ଦୈନିକ ଓ ସାପ୍ତାହିକ ପତ୍ରିକା ସାମୟିକ ସମ୍ବାଦରେ ଓ ସାମୟିକ ଘଟନା ମାନଙ୍କର ଆଲୋଚନାରେ ପୂର୍ଣ୍ଣ । ଅପରବିଧ ପତ୍ରିକାରେ ଉଚ୍ଚତର ବିଷୟର ଆଲୋଚନା ଲିପିବଦ୍ଧ ହୋଇଥାଏ । ଏହି ଅପରଶ୍ରେଣୀ ପତ୍ରିକା ମଧ୍ୟରେ ମାସିକ ପତ୍ରିକାର ସଂଖ୍ୟା ଓ ପ୍ରଚୁର ଅଧିକ । ମାସିକ ପତ୍ରିକା ବିଜ୍ଞାନ ଇତିହାସ ଓ ସାହିତ୍ୟର ଅନ୍ତର୍ଗତ ଅନ୍ୟାନ୍ୟ ବିଷୟରେ ଲୋକମାନଙ୍କୁ ଅଳ୍ପଶଃ ଶିକ୍ଷା ଦିଏ, ଏବଂ ଶିକ୍ଷିତ ମଣ୍ଡଳୀର ସାହିତ୍ୟଲାଳସା କିୟତ୍ପରିମାଣରେ ତୃପ୍ତ କରେ । ମାସିକ ପତ୍ର ସାହିତ୍ୟ ବିକାଶର ନାୟକ, ଏବଂ ତାହାର ସମାଦର ସାହିତ୍ୟ ସମୃଦ୍ଧିର ପରିଚାୟକ ।

ଶ୍ରୀ ଚନ୍ଦ୍ରମୋହନ ମହାରଣା ।

## ଭଗ୍ନ ଶିବମନ୍ଦିର । *

ଭଗିନୀ ରସକୁଲ୍ୟା

ବୋଲ ଶିବାଳୟ ବୋଲ ସ୍ୱରୂପ,
କେ କଲା ଏ ରୂପ କୁତ୍ସିତ ରୂପ ।
ନିର୍ଜନ ପ୍ରାନ୍ତରେ ରହିଛ ଉଭା,
ନାହିଁତ ଗୌରବ ପୂର୍ବର ଶୋଭା ।
ପୂଜା ପାଇଁ ଶଙ୍କରଙ୍କୁ,
କେବେ କେହି ଭକ୍ତ ସେବା ଅନୁରକ୍ତ
ଆସୁଥିଲେ ଏ ସ୍ଥାନକୁ ?

୨

ତୋ ଦେହିରୁ ଚୂନ ଗଲାଣି ଛାଡ଼ି,
ବଟବୃକ୍ଷ ଚେର ଯାଉଛି ମାଡ଼ି ।
ବାଜୁଥିଲା ଏଠି ଘଣ୍ଟା କଂସାଳ,
ଏବେ ରଡ଼ୁଛନ୍ତି ପେଚ୍ଚ ଶୃଗାଳ ।
ଥିଲେ ଯାହିଁ ଭକ୍ତମାନେ,
ଭୀଷଣ ଭୁଜଙ୍ଗେ ଫେଣ ଟେକି ରଙ୍ଗେ
ଖେଳୁଛନ୍ତି ସେହି ସ୍ଥାନେ ।

୩

ଶିବଚତୁର୍ଦ୍ଦଶୀ ନିଶିରେ ବସି,
ଦୀପାବଳୀ ଜାଳି ଗ୍ରାମ ରୂପସୀ ।
ହୁଳହୁଳି ଦେଇ ଶଙ୍ଖ ବଜାଇ,
ବସିଥାନ୍ତି ଉଜାଗରରେ ଥାଇ ।
କରୁଥିଲେ କଣା ବିକା,
ଚଣା ଭୁଜା ଚୁଡ଼ା ମିଠାଇ ଉଖୁଡ଼ା
ଦୋକାନୀ କରି ଜୀବିକା ।

୪

ପ୍ରତିଦିନ ଆସୁଥିଲା ତ ମାଳୀ,
ଶମ୍ଭୁ ଶିରେ ଜଳ ଦେବାକୁ ଢାଳି ।
ଚମ୍ପାଫୁଲ ବେଲପତ୍ର ଚଢ଼ାଇ,
ଭକ୍ତ ମନୋବାଞ୍ଛା ପୂରଣ ପାଇଁ ।
ଏବେ କେ ଏକେ ଆସେ ଥରେ,
ସମ୍ପଦ ବେଳରେ ମେଳକେ ସମାଦରେ
ପରିହରେ କେ ବିପଦରେ ।

* ହାଟ ସମ୍ମୁଖରେ କାଠଯୋଡ଼ି ନଦୀ ଦକ୍ଷିଣ କୂଳରେ ଅବସ୍ଥିତ ମୁକ୍ତାମେଶ୍ୱର ଭଗ୍ନ ଶିବ ମନ୍ଦିର ।

Digitized by srujanika@gmail.com

୫

ଆଗେ ଥିଲା ଶୋଭା ପବିତ୍ରସ୍ଥାନ,
ଏବେ ଜନଶୂନ୍ୟ କାନ୍ତି ଶ୍ମଶାନ ।
ଆହେ କାନ୍ତିମନ୍ତ ଦେଖତ ଆସି,
କ'କଲଣି କାଳ କାନ୍ତି ବିନାଶି ।
ପବିତ୍ର ଶୋଭାଭଣ୍ଡାର,
ସେ କାଳ କରାଳ ଘର୍ଣ୍ଣି ବେନଫାଳ
କଲଣି ଯେ ଛାରଖାର ।

୬

ପଡ଼ୁଛି ଦେଉଳ ପଥର ଚୂର୍ଣ୍ଣି,
ପକାଇଛି କାଳ ଦାନ୍ତରେ ଝୁଣି ।
" ମହିମ୍ନଃ ପାରନ୍ତେ—" ସ୍ତବ ବ୍ରାହ୍ମଣେ,
ପଢ଼ି ତୋଷୁଥିଲେ ଭକତଗଣେ ।
କାହାନ୍ତି ସେ ବିପ୍ରବରେ,
ଦେଉଳେ ଫାଟରେ ବାୟୁ ପଶି ଖରେ
ଶୁଣାଉଛି ମନ୍ତ୍ରସ୍ୱରେ ।

୭

ଘାଟ ନାଉରିଏ ତୋତେ ଅନାଇ,
ଆସନ୍ତି ପୂଜାରୀ ନାଆକୁ ବାହି ।
ଏବେ ସେମାନଙ୍କୁ ମାଡ଼ୁଛି ଡ଼ର,
ନାଏ ବାଜିବ ବା ଭଙ୍ଗାପଥର ।
ଜଗତରେ ଏହି ରୀତି,
ଭରସା ଆଲୋକ ଥିଲା ଯେଉଁ ଲୋକ
ମଲେ ହୁଏ ଭୂତଭୀତି ।

୮

ମୋ ଦେହସମଷ୍ଟି ମାଂସ ଶୋଣିତ,
ମାଙ୍କଡ଼ା ପଥରେ ଥିଲୁ ନିର୍ମିତ ।
ତୋହ ଦଶା ଦେଖି ମାଡ଼ୁଛି ଡ଼ର,
କାଲମୁଖେ ମୁହିଁ କେତେ ମାତର ।
ଥିଲୁ ମୃତ୍ୟୁଞ୍ଜୟ ସ୍ଥାନ,
ସେହି ମୃତ୍ୟୁପାଇଁ ଖସିଗଲେ କାହିଁ
କେ ରଖିବ ତୋର ମାନ ।

୯

"ଅଷ୍ଟକୁଳାଚଳ ସପ୍ତସମୁଦ୍ର"
"ବ୍ରହ୍ମ ପୁରନ୍ଦର ମାର୍ତ୍ତଣ୍ଡ ରୁଦ୍ର"
ତୁମ୍ଭେ ଆମ୍ଭେ କେହି ରହିବା ନାହିଁ,
ଏତେ ହିଂସା ଦ୍ୱେଷ ତେବେ କପାଇ ।
ଦେଖ ତହିଁ ନିଦର୍ଶନ,
କାହିଁ ଶିବାଳୟ ପବିତ୍ର ଆଳୟ
କାହିଁଗଲେ ଲଛମନ । *

ଶ୍ରୀ ଫକୀର ମୋହନ ସେନାପତି ।

---

# ଅଧ୍ୟାତ୍ମ ତତ୍ତ୍ୱଚିନ୍ତା

## ଉପକ୍ରମଣିକା

ସତ୍ୟଂ ପରଂ ଧୀମହି"—ଶ୍ରୀମଦ୍ଭାଗବତ ।
( ପରମସତ୍ୟଙ୍କୁ ଧ୍ୟାନ କରୁଁ )

"I, the imperfect, adore my own perfect'
-Emerson.

(ଅପୂର୍ଣ୍ଣ ମୁଁ ମୋର ଆତ୍ମାର ପୂର୍ଣ୍ଣପୁରୁଷଙ୍କୁ ଆରାଧନା କରେଁ ) -

---

ଶାସ୍ତ୍ରାଧ୍ୟୟନଦ୍ୱାରା ଅନ୍ୟର ଚିନ୍ତା ଗୃହୀତ ଓ ଆୟତ୍ତୀକୃତ ହୁଏ, କିନ୍ତୁ ତଦ୍ଦ୍ୱାରା ସତ୍ୟ ସଙ୍ଗରେ ଆତ୍ମାର ସାକ୍ଷାତ୍ ଯୋଗ ଘଟେ ନାହିଁ । ପର୍ଯ୍ୟବେକ୍ଷଣ କର ପରୀକ୍ଷାଦ୍ୱାରା ବହିଃପ୍ରକାଶିତ ଓ ଇନ୍ଦ୍ରିୟ ବୌଧିଜଗତର ତଥ୍ୟ ନିରୁପିତ ହୁଏ, କିନ୍ତୁ ତଦ୍ୱାରା ଇନ୍ଦ୍ରିୟ ସତ୍ୟର ଉପଲବ୍ଧି ହୁଏ ନାହିଁ । ଯୁକ୍ତି ଓ ବୁଦ୍ଧି ଦ୍ୱାରା ସ୍ଥୂଳ ବା ବିଶେଷ ଦୃଷ୍ଟାନ୍ତର ଅନୁସରଣରେ ବ୍ୟାପକ ସିଦ୍ଧାନ୍ତର ଉପଲବ୍ଧି ହୁଏ, କିନ୍ତୁ ତାର ମୂଳସତ୍ୟ ବା ମୂଳକାରଣର ପ୍ରତୀତି ଜନ୍ମେ ନାହିଁ । ବୁଦ୍ଧିର ଅନ୍ତର୍ଦୃଷ୍ଟି ଦ୍ୱାରା ମାନସିକ ଜ୍ଞାନ ପରିପୁଷ୍ଟ ହୁଏ ।

---

* ଲଛମନ ହାଜେରା ଏହି ମନ୍ଦିର ନିର୍ମାଣ କରାଇ ଥିଲେ ।

Digitized by srujanika@gmail.com

ବୁଦ୍ଧି ସ୍ଥୂଳ ଜ୍ଞାନ ଲାଗି ଉପଯୋଗୀ, କିନ୍ତୁ ତଦ୍ଦ୍ୱାରା ଅନ୍ତରତମ ପରମସତ୍ୟ ଲଭ୍ୟ ହୁଅଇ ନାହିଁ । ବୁଦ୍ଧିର ଏହି ସମସ୍ତ ଜଟିଳ କ୍ରିୟା ପରମ୍ପରା ଦ୍ୱାରା କିମ୍ବା ପ୍ରାଣାୟାମାଖ୍ୟ ରେଚକ-ପୂରକ-କୁମ୍ଭକ-କ୍ରିୟାସମ୍ପନ୍ନ ନିଶ୍ୱାସବ୍ୟାୟାମ ମାଦି କୃତ୍ରିମ ସାଧନାଦ୍ୱାରା କେହି ପରମ ସତ୍ୟକୁ ଲଭି ନାହାନ୍ତି ଏବଂ ଲଭି ପାରିବେ ନାହିଁ । ତେବେ କି ପରମସତ୍ୟର ଜ୍ଞାନ ମନୁଷ୍ୟର ଅଗମ୍ୟ ଅଲଭ୍ୟ ଓ ସାଧନାତୀତ ବୋଲି ପରି-ବର୍ଜନୀୟ ? ନା, ଏପରି ସିଦ୍ଧାନ୍ତ କୌଣସି କୌଣସି ପଣ୍ଡିତମାନଙ୍କ ଦ୍ୱାରା ବାରମ୍ବାର ମନୁଷ୍ୟସମାଜରେ ଉପସ୍ଥାପିତ ହୋଇଥିଲେ ହେଁ, ସେଥିରେ ମନୁଷ୍ୟର ଆତ୍ମା କଦାପି ମାନେ ନାହିଁ ଏବଂ କଦାପି ମାନିବ ନାହିଁ, କାରଣ ମନୁଷ୍ୟର ଆତ୍ମା ସହଜରେ ପରମସତ୍ୟ ନିମିତ୍ତ ବ୍ୟାକୁଳ ଏବଂ ସେ ସହଜରେ ବିଶ୍ୱାସ କରେ ଯେ ପରମସତ୍ୟ ଆତ୍ମା ମଧ୍ୟରେ ଅନ୍ତରତମ ପରମାତ୍ମାରୂପେ ନିତ୍ୟ ଭାବରେ ରହିଅଛନ୍ତି । ପ୍ରଜ୍ଞା ବା ଆତ୍ମପ୍ରତ୍ୟୟର ଏହି ମୂଳତତ୍ତ୍ୱକୁ ଦେଶେ ଦେଶେ ଯୁଗେ ଯୁଗେ ମାନବ-ଶ୍ରେଷ୍ଠ ମହାପୁରୁଷମାନେ ନାନା ଅମୃତମୟ ବାକ୍ୟଦ୍ୱାରା ବ୍ୟକ୍ତ କରିଅଛନ୍ତି । ପ୍ରାଚୀନ ବୈଦିକ କାଳର ପୂଜ୍ୟପାଦ ଋଷିପ୍ରବର କହି ଅଛନ୍ତି 'ନାୟମାତ୍ମା ପ୍ରବଚନେନ ଲଭ୍ୟଃ,ନମେଧୟା ନ ବହୁନା ଶ୍ରୁତେନ, ଯମେବୈଷ ବୃଣୁତେ ତେନ ଲଭ୍ୟଃ, ତସ୍ୟୈଷ ଆତ୍ମା ବୃଣୁତେ ତନୂଂସ୍ୱାଂ' (ମେଧାଦ୍ୱାରା ଉତ୍ତମ ବଚନଦ୍ୱାରା ଅଥବା ଶାସ୍ତ୍ର ଶ୍ରବଣଦ୍ୱାରା ଏହି ପରମାତ୍ମା ଲଭ୍ୟ ହୁଅନ୍ତି । ଯେଉଁ ସାଧକ ଏହାଙ୍କୁ ପ୍ରାର୍ଥନା କରେ, ସେହି ଲଭି ପାରେ । ପରମାତ୍ମା ତାହା ନିକଟରେ ଆପଣାକୁ ପ୍ରକାଶ କରନ୍ତି ) । ପୁଣି ବିନୟମୟ ବ୍ରହ୍ମନନ୍ଦନ ମହର୍ଷି କହିଅଛନ୍ତି—ଖୋଜ, ପାଇବ । ମାଗ ମିଳିବ । ଦ୍ୱାରରେ ହାତ ମାର, ଦ୍ୱାର ଫିଟିବ ।" ବାସ୍ତବରେ, ରକ୍ତ-ମାଂସ-ମୟ ଶରୀର ହିଁ ମନର ଜଡ଼ତା, ବହିର୍ମୁଖି ଇନ୍ଦ୍ରିୟମାନଙ୍କର ପ୍ରଲୋଭନ ମୟ ଉତ୍ତେଜନା, କ୍ଷୁଦ୍ର ସଙ୍କୀର୍ଣ୍ଣବୁଦ୍ଧିର ଅହମିକା ପ୍ରଭୃତି ମିଥ ଶତ୍ରୁମାନଙ୍କର ଜ୍ଞାନବିରୋଧ ତମସିକ ଘୋର ସଂସାରକୋଳାହଳ, ଏ ସମସ୍ତ ବାହାରେ ଅତିକ୍ରମକରି ଅନୁକୂଳ ସ୍ଥାନ ଏବଂ ଅନୁକୂଳ କାଳରେ ଆତ୍ମାର ନୀରବ ନିଭୃତ କନ୍ଦର ମଧ୍ୟରେ ଧ୍ୟାନସ୍ଥ ହୋଇ ବ୍ୟାକୁଳଭାବରେ ଅନ୍ତରତମ ପରମାତ୍ମାଙ୍କର ଅନ୍ୱେଷଣ କଲେ, ସେହି ସର୍ବ ପୂଜାଧାର 'ଗହ୍ୱରେଷ୍ଠ' ପରମାତ୍ମା ତାହାଙ୍କର ଅପୂର୍ବ ଅମୃତମୟ ପ୍ରକାଶଦ୍ୱାରା ଜୀବାତ୍ମାର ସକଳ ସଂଶୟ ଛିନ୍ନ କରିବେ । ଏହି ବ୍ୟାକୁଳ-ପ୍ରାର୍ଥନା-ସମନ୍ୱିତ ଆତ୍ମିକ ଧ୍ୟାନଦ୍ୱାରା ଏହି ପବିତ୍ର ଆଧ୍ୟାତ୍ମଯୋଗଦ୍ୱାରା ମାନବ-ତନୟ ପରମାତ୍ମାଙ୍କୁ ଜାଣି ନିଜର ବ୍ରହ୍ମତନୟତ୍ୱ ଅନୁଭବ କରେ । ଏହି ଅମୃତ ଅନୁଭବର ପୂର୍ଣ୍ଣ ମହିମା ହୃଦୟଙ୍ଗମ କରି ଶ୍ରୀମଦ୍ଭାଗବତକାର ଗ୍ରନ୍ଥାରମ୍ଭରେ ଲେଖି ଅଛନ୍ତି "ସତ୍ୟ ପରଂଧୀମହି"

ପରମସତ୍ୟ ପରମାତ୍ମା ଜୀବାତ୍ମା ଧ୍ୟାନଲଭ୍ୟ, କିନ୍ତୁ ପରମାତ୍ମା ଅଛନ୍ତି, ଆତ୍ମାର ଏହି ବିଶ୍ୱାସ ବ୍ୟତୀତରେକେ ଧ୍ୟାନ ଅସମ୍ଭବ । ବ୍ରହ୍ମବାଦୀମାନେ କହନ୍ତି ଯେ ପରମାତ୍ମା ଅଛନ୍ତି । ଏହି ସହଜ ବିଶ୍ୱାସ ସମସ୍ତଙ୍କ ଆତ୍ମାରେ ନିହିତ ଓ ଅନୁପ୍ରବିଷ୍ଟ ରହିଅଛି, ଏହି ସହଜ ବିଶ୍ୱାସକୁ ସେମାନେ ଆତ୍ମପ୍ରତ୍ୟୟ ନାମରେ ଅଭିହିତ କରିଅଛନ୍ତି, ଯଥା, "ଏକାତ୍ମପ୍ରତ୍ୟୟ ସାରଂ ଶାନ୍ତଂ ଶିବଂ ଅଦ୍ୱୈତଂ" । ଆମ୍ଭେମାନେ ଏହି ଆତ୍ମପ୍ରତ୍ୟୟକୁ ଆତ୍ମାର ପରମସମ୍ପଦ ବୋଲି ବିଶ୍ୱାସ କରୁ ।

---

## ପ୍ରଥମ ପରିଚ୍ଛେଦ

### ପ୍ରଜ୍ଞା ବା ଆତ୍ମପ୍ରତ୍ୟୟ

"ଅସ୍ତୀତି ବ୍ରୁବତୋଽନ୍ୟତ୍ର କଥଂ ତଦୁପଲଭ୍ୟତେ ।"
( ଯେ କହନ୍ତି ଯେ ବ୍ରହ୍ମ ଅଛନ୍ତି ତଭିନ୍ନ ଅନ୍ୟଦ୍ୱାରା ସେ କି ଉପଲବ୍ଧ ହେବେ ? )

ଇତଃପୂର୍ବେ ଯାହା ଲିଖିତ ହେଲା ତଦ୍ଦ୍ୱାରା ସୂଚିତ ହୋଇଅଛି ଯେ ବହିର୍ବିଷୟର ଉପଲବ୍ଧି ଇନ୍ଦ୍ରିୟବୋଧଘଟିତ, ଭିନ୍ନ ଭିନ୍ନ ଭୌତିକ ଓ ମାନସିକ ବିଷୟର ସମ୍ବନ୍ଧ ନିର୍ଣ୍ଣୟ ବୁଦ୍ଧିଘଟିତ ଏବଂ ଆତ୍ମା ଓ

Digitized by srujanika@gmail.com

ପରମାତ୍ମାର ଉପଲବ୍ଧି ଓ ସମ୍ବନ୍ଧଜ୍ଞାନ ପ୍ରଜ୍ଞା ବା ଆତ୍ମପ୍ରତ୍ୟୟଘଟିତ । ଅଧ୍ୟାତ୍ମତତ୍ତ୍ୱ ଅର୍ଥାତ୍ ଆତ୍ମା ଓ ପରମାତ୍ମାର ତତ୍ତ୍ୱ, ଇନ୍ଦ୍ରିୟବୋଧ ବା ବୁଦ୍ଧିର ସମ୍ପତ୍ତି ନୁହେ, ତାହା ଆତ୍ମପ୍ରତ୍ୟୟ ବା ପ୍ରଜ୍ଞାର ନିଜସ୍ୱ ! ଯେଉଁମାନେ ଆତ୍ମପ୍ରତ୍ୟୟ ଅସ୍ୱୀକାର କରନ୍ତି, ସେମାନେ ତର୍କ ଦ୍ୱାରା ସେହି ଅଧ୍ୟାତ୍ମତତ୍ତ୍ୱ କାହିଁ ପାଇବେ ? ଆତ୍ମବାନ ବ୍ୟକ୍ତି ନିକଟରେ ଆତ୍ମା ଏକା ଆତ୍ମାର ପ୍ରମାଣ, ଲୋଚନଶାଳୀ ଲୋକ ନିକଟରେ ଆଲୋକ ଏକା ଆଲୋକର ପ୍ରମାଣ, ଅନ୍ୟ ପ୍ରମାଣ ଏକାବେଳକେ ଅସମ୍ଭବ । ଏ ସ୍ଥଳରେ ଶ୍ରୀମଦ୍‌ମହର୍ଷି ଦେବେନ୍ଦ୍ରନାଥ ଠାକୁର ମହୋଦୟ ଆତ୍ମପ୍ରତ୍ୟୟ ସମ୍ବନ୍ଧରେ ଯେଉଁ ସୁନ୍ଦର କଥାଗୁଡ଼ିକ କହିଅଛନ୍ତି ତାହା ନିମ୍ନରେ ଉଦ୍ଧାର ନ କରି ରହି ପାରିଲି ନାହିଁ ।

"ଆମ୍ଭେମାନେ ଆପଣା ଆପଣାକୁ ଅପୂର୍ଣ୍ଣ ଓ ପରତନ୍ତ୍ର ବୋଲି ଯେ ବିଶ୍ୱାସ କରୁଅଛୁଁ, ସେଥିରେ ଏହି ବିଶ୍ୱାସ ଅନ୍ତର୍ଭୂତ ଅଛି ଯେ ଗୋଟିଏ ପୂର୍ଣ୍ଣ ସ୍ୱତନ୍ତ୍ର ପଦାର୍ଥ ଅଛନ୍ତି, ଯେହେତୁ ଯଦି ପୂର୍ଣ୍ଣ ଓ ସ୍ୱତନ୍ତ୍ର ପଦାର୍ଥ ନ ଥାନ୍ତି, ତେବେ ଆମ୍ଭମାନଙ୍କୁ ଅପୂର୍ଣ୍ଣ ଓ ପରତନ୍ତ୍ର ବୋଲି ବିଶ୍ୱାସ କରିବାର କୌଣସି ଭୂମି ନାହିଁ । ପରତନ୍ତ୍ର ଓ ଅପୂର୍ଣ୍ଣ ପଦାର୍ଥର ଅସ୍ତିତ୍ୱଦ୍ୱାରା ଗୋଟିଏ ସ୍ୱତନ୍ତ୍ର ଓ ପୂର୍ଣ୍ଣପଦାର୍ଥର ଅସ୍ତିତ୍ୱ ବୁଝାଯାଏ । ଏହି ବିଶ୍ୱାସ ସ୍ୱତଃ ସିଦ୍ଧ, ଯେହେତୁ ଏହା ପରୀକ୍ଷା ସାପେକ୍ଷ ନୁହେଁ । ସମସ୍ତଙ୍କ ଆତ୍ମାରେ ଏହି ସ୍ୱାଭାବିକ ଆତ୍ମପ୍ରତ୍ୟୟ ଅଛି ଯେ ପରତନ୍ତ୍ର ଓ ସପୂର୍ଣ୍ଣ ପଦାର୍ଥର ସ୍ରଷ୍ଟା ଓ ଆଶ୍ରୟ ଏକ ସ୍ୱତନ୍ତ୍ର ଓ ପୂର୍ଣ୍ଣ ପୁରୁଷ ଅଛନ୍ତି, ଯେହେତୁ ଯେତେବେଳେ ଆମ୍ଭମାନଙ୍କର ନିର୍ମଳ ଜ୍ଞାନରେ ସତ୍ୟ ସୁନ୍ଦର ମଙ୍ଗଳପୁରୁଷ ପ୍ରକାଶ ପାନ୍ତି, ସେତେବେଳେ ଆତ୍ମପ୍ରତ୍ୟୟ ତାହାଙ୍କ ଅସ୍ତିତ୍ୱରେ ବିଶ୍ୱାସ ସ୍ଥାପନ କରେ । ଏହି ଆତ୍ମପ୍ରତ୍ୟୟ ପ୍ରତି ସଂଶୟ କଲେ ଏକାବେଳକେ ମୁକ୍ତିର ମୂଳଚ୍ଛେଦନ କରାଯାଏ ଏବଂ ମହାଭ୍ରମରେ ଭ୍ରାନ୍ତ ହେବାକୁ ହୁଏ । ତାହାହେଲେ ନିଜ ଅସ୍ତିତ୍ୱରେ, ବାହ୍ୟବସ୍ତୁର ଅସ୍ତିତ୍ୱରେ କାର୍ଯ୍ୟ କାରଣର ଅସ୍ତିତ୍ୱରେ ସଂଶୟ ଜନ୍ମି ବୁଦ୍ଧି ଏକାବେଳକେ ବିନାଶ ପ୍ରାପ୍ତ ହୁଏ । ଯେ ଆତ୍ମ-ପ୍ରତ୍ୟୟ ଉପରେ ନିର୍ଭର ନ କରନ୍ତି ସେ କଦାଚ ଜ୍ଞାନଗୋଚର ନିତ୍ୟ ସତ୍ୟମଙ୍ଗଳସ୍ୱରୂପ ସର୍ବବ୍ୟାପୀ ସର୍ବାଶ୍ରୟ ସର୍ବଶକ୍ତିମାନ୍ ପୂର୍ଣ୍ଣପୁରୁଷଙ୍କୁ ନିଃସଂଶୟ ରୂପେ ବିଶ୍ୱାସ କରି ପାରନ୍ତି ନାହିଁ, ପ୍ରତି ତର୍କ ତରଙ୍ଗରେ ସେ ଅସ୍ଥିର ହୁଅନ୍ତି ଏବଂ ଈଶ୍ୱର ସହବାସଜନିତ ସୁନିର୍ମଳ ଶାନ୍ତି ସେ କଦାପି ଲାଭ କରି ପାରନ୍ତି ନାହିଁ । ଆତ୍ମପ୍ରତ୍ୟୟ ଉପରେ ନିର୍ଭର କରି ଯେଉଁ ବ୍ୟକ୍ତି କହନ୍ତି ଯେ ସେ ଅଛନ୍ତି, ତଦ୍‌ଭିନ୍ନ ଅନ୍ୟ ବ୍ୟକ୍ତି ଦ୍ୱାରା ସେ କେତେବେଳେ ଉପଲବ୍ଧ ହୁଅନ୍ତି ନାହିଁ ।"

ବର୍ତ୍ତମାନ ପ୍ରଜ୍ଞା ବା ଆତ୍ମପ୍ରତ୍ୟୟର ଲକ୍ଷଣ କଣ ଦେଖା ଯାଉ । ପ୍ରଜ୍ଞାର ପ୍ରଥମ ଲକ୍ଷଣ ଏହି ଯେ ତାହା ସାର୍ବଭୌମିକ, ଅର୍ଥାତ ପ୍ରଜ୍ଞା ଜଣକର ଆତ୍ମାରେ ଯାହା ପ୍ରକାଶ କରେ, ବିକୃତ ଆତ୍ମା ବ୍ୟତୀତ ତାହା ସମସ୍ତେ ଅକୁଣ୍ଠିତଭାବରେ ଆପଣାର ନିଜସ୍ୱ ବୋଲି ସ୍ୱୀକାର କରନ୍ତି । ପ୍ରଜ୍ଞାର ଦ୍ୱିତୀୟ ଲକ୍ଷଣ ଏହି ଯେ ତାହାର ତତ୍ତ୍ୱଗୁଡ଼ିକ ଏପରି ଯେ ଅନ୍ୟଥା ବା ଅନ୍ୟରୂପ ହେବାର ସମ୍ଭାବନା ନାହିଁ । ଏହି ଅବଶ୍ୟମ୍ଭାବିତା ବା ଅନତିକ୍ରମଣୀୟତା ମୂଳସତ୍ୟର ପ୍ରଭାବରୁ ଘଟି-ଅଛି । ପ୍ରଜ୍ଞା କେବଳ ମୂଳସତ୍ୟକୁ ଆଶ୍ରୟ କରି ରହିଅଛି । ସୁତରାଂ ତାହାର ତତ୍ତ୍ୱଗୁଡ଼ିକ ନିଃସଂଶୟ, ଅବ୍ୟର୍ଥ ଏବଂ ଅବଶ୍ୟମ୍ଭାବୀ । ଅମୁକ ଋଷି କହିଛନ୍ତି ବା ଅମୁକ ଶାସ୍ତ୍ରରେ ଲେଖାଅଛି ବୋଲି ଯେ ପ୍ରଜ୍ଞାତତ୍ତ୍ୱଗୁଡ଼ିକ ଗ୍ରହଣୀୟ ତାହା ନୁହେ, ମୂଳ ସତ୍ୟ ବଳଦ୍ୱାରା ସେଗୁଡ଼ିକ ଧ୍ରୁବ ସଂଶୟରହିତ ବା ନିର୍ବିକଳ୍ପ ।

## ଦ୍ୱିତୀୟ ପରିଚ୍ଛେଦ

### ମୂଳସତ୍ୟ ବା ମୂଳକାରଣ

"ଯତୋବା ଇମାନି ଭୂତାନି ଜାୟନ୍ତେ,
ଜାତାନି ଜୀବନ୍ତି, ଯତ୍ ପ୍ରୟନ୍ତ୍ୟଭିସଂବିଶନ୍ତି,
ତେନ ଜିଜ୍ଞାସସ୍ୱ, ତଦ୍‌ବ୍ରହ୍ମ" । (ଯାହାଙ୍କଠାରୁ ଏହି ଭୂତ ଉତ୍ପନ୍ନ, ଯାହାଙ୍କ ଦ୍ୱାରା ଜୀବ ସକଳ ସ୍ଥିତି ଲାଭ କରିଛନ୍ତି ଏବଂ ଶେଷରେ ଯାହାଙ୍କଠାରେ ସମସ୍ତେ

Digitized by srujanika@gmail.com

ନିବିଷ୍ଟ ହୁଅନ୍ତି, ତାହାଙ୍କୁ ଜାଣିବାକୁ ଇଚ୍ଛା କର, ସେହି ବ୍ରହ୍ମ) ।

ସତ୍ୟ ଦ୍ୱିବିଧ, ଅପେକ୍ଷିକ ବା ସ୍ଥୂଳସତ୍ୟ, ନିରପେକ୍ଷ ବା ମୂଳସତ୍ୟ । ଜଗତ୍ ଅର୍ଥାତ ଜଡ଼ଜୀବମୟ ଜଗତ୍ ଆପେକ୍ଷିକ ସତ୍ୟ, କାରଣ ତାହା ଯେଉଁ ପଦାର୍ଥମାନଙ୍କର ସମଷ୍ଟି, ସେମାନେ ପ୍ରତ୍ୟେକେ ଆପେକ୍ଷିକ ବସ୍ତୁ, ସେମାନେ ପ୍ରତ୍ୟେକେ ଅନ୍ୟ କାହାକୁ ଅପେକ୍ଷା ବା ଆଶ୍ରୟ ନକରି ରହିପାରନ୍ତି ନାହିଁ । ଏକ ପରମାଣୁ ଅନ୍ୟ ପରମାଣୁକୁ ଅପେକ୍ଷା କରୁଅଛି, ଏକ ଅଣୁପିଣ୍ଡ ଅପର ଅଣୁପିଣ୍ଡକୁ ଅପେକ୍ଷା କରୁଅଛି, ଚନ୍ଦ୍ର ପୃଥିବୀକୁ, ପୃଥିବୀ ସୂର୍ଯ୍ୟକୁ, ସୂର୍ଯ୍ୟ ବୃହତ୍ତର ପିଣ୍ଡକୁ ଅପେକ୍ଷା କରୁଅଛି । ଅଥବା ସ୍ଥୂଳ ପଦାର୍ଥ ସୂକ୍ଷ୍ମକୁ, ସୂକ୍ଷ୍ମ ତଦପେକ୍ଷା ସୂକ୍ଷ୍ମତର ପଦାର୍ଥକୁ ଅପେକ୍ଷା କରି ରହିଅଛି । କ୍ଷିତି ଜଳକୁ, ଜଳ ଅଗ୍ନି ବା ତେଜକୁ, ତେଜଃ ମରୁତ୍ ବା ବାୟୁକୁ, ବାୟୁ ବ୍ୟୋମ ବା ଆକାଶକୁ, ବ୍ୟୋମ ତଦପେକ୍ଷା ସୂକ୍ଷ୍ମତରକୁ, ତଦପେକ୍ଷା ସୂକ୍ଷ୍ମତର ଯାହା ତାହା ସୂକ୍ଷ୍ମତମକୁ ଅବଲମ୍ବନ କରି ରହିଅଛି । ଦେହ ବିଶିଷ୍ଟ ଜୀବାତ୍ମା ମଧ୍ୟ ଆପେକ୍ଷିକ ସତ୍ୟ, କାରଣ ଜଡ଼ ଶରୀର ଆପେକ୍ଷିକ ବସ୍ତୁ ଏବଂ ତାହାର ଅପୂର୍ଣ୍ଣ ଅଭିବାହିତ ଆତ୍ମା ମଧ୍ୟ ଆପେକ୍ଷିକ ବସ୍ତୁ । ତାହାର ଜଡଦେହ ଓ ଆତ୍ମା, ଅନ୍ୟ ଜଡ ଓ ଆତ୍ମାକୁ ଅପେକ୍ଷା କରି ରହି ଅଛନ୍ତି । ତେବେ ଏଠାରେ ବକ୍ତବ୍ୟ ଏହି ଯେ ଜୀବାତ୍ମା ଜଡ଼ ଅପେକ୍ଷା ଅଧିକତର ସତ୍ୟ, କାରଣ ଜଡ କେବଳ ଜଣାଯାଏ, କିନ୍ତୁ ଜୀବାତ୍ମା ଜଣାଯାଏ ଓ ସେ ନିଜେ ଜାଣେ । ଯେହେତୁ ଜଡର ଗୋଟିଏ ମାତ୍ର ଭାବ ଅର୍ଥାତ୍ ଜ୍ଞେୟତ୍ୱ ଅଛି ଜୀବାତ୍ମାର ଜ୍ଞେୟତ୍ୱ ଓ ଜ୍ଞାତୃତ୍ୱ ଦୁଇଟି ଭାବ ଅଛି, ଅତଏବ ଜୀବାତ୍ମା ଜଡ଼ ଅପେକ୍ଷା ଶ୍ରେଷ୍ଠତର । ଆମ୍ଭେମାନେ ପୂର୍ବେ କହିଅଛୁଁ ଯେ ନିରପେକ୍ଷ ମୂଳସତ୍ୟର ଅସ୍ତିତ୍ୱ ଆତ୍ମପ୍ରତ୍ୟୟ ବା ପ୍ରଜ୍ଞାର ସ୍ୱତଃସିଦ୍ଧ ସତ୍ୟ । ନିରପେକ୍ଷ ସତ୍ୟକୁ ଏକା ଆପେକ୍ଷିକ ସତ୍ୟମାନେ ଅବଲମ୍ବନ କରି ରହିଅଛନ୍ତି । ଅପେକ୍ଷିକ ମୂଳ ସତ୍ୟ ଅଛି ଅଥଚ ନିରପେକ୍ଷ ମୂଳସତ୍ୟ ନାହିଁ କହିବା ଯାହା, ଆଶ୍ରିତ ଅଛି ଅଥଚ ଆଶ୍ରୟ ନାହିଁ, ବୃକ୍ଷ ଅଛି ଅଥଚ ମୂଳ ନାହିଁ କହିବା ମଧ୍ୟ ତାହା ।

ବର୍ତ୍ତମାନ ମୂଳ ସତ୍ୟର ଭାବ ମଧ୍ୟରେ କି କି ସନ୍ନିବିଷ୍ଟ, ତାହା ଦେଖାଯାଉ ।

୧ । ମୂଳସତ୍ୟ ଜୀବାତ୍ମାର ଅନ୍ତରତମ କାରଣ, ସେ ଜୀବାତ୍ମାର ଆଶ୍ରୟ ଓ ପ୍ରତିଷ୍ଠାଭୂମି । ଅତଏବ ମୂଳ ସତ୍ୟ ଜୀବାତ୍ମାର ଆତ୍ମା-ପରମାତ୍ମା ।

୨ । ମୂଳସତ୍ୟ ପୂର୍ଣ୍ଣ, ଅର୍ଥାତ୍ ତାଙ୍କଠାରେ କୌଣସି ଭାବର ଅଭାବ ନାହିଁ । ତାଙ୍କଠାରେ ଅଭାବର ଅଭାବ ଅଛି, କିନ୍ତୁ ଭାବର ଅଭାବ ନାହିଁ । ମୂଳ ସତ୍ୟ ପୂର୍ଣ୍ଣ, ଅସୀମ ।

୩ । ମୂଳସତ୍ୟ ଅଦେହ, ନିରବଲମ୍ବ, ନିରାବରଣ, ଓ ସ୍ୱତନ୍ତ୍ର । କାରଣ ଦେହାଦି ଆବରଣ ବା ଅବଲମ୍ବନ ଥିଲେ ସେ ଆପେକ୍ଷିକ ସତ୍ୟ ହୋଇ ପଡ଼ିବେ ।

୪ । ମୂଳ ସତ୍ୟ ଏକ ଅଦ୍ୱିତୀୟ, କାରଣ ମୂଳସତ୍ୟ ଏକାଧିକ ହେଲେ, ଗୋଟିକର ଭାବର ଅଭାବ ଅନ୍ୟଟିଠାରେ ରହିବ । ତାହାହେଲେ ସେମାନେ ପ୍ରତ୍ୟେକେ ଆପେକ୍ଷିକ ସତ୍ୟ ବୋଲି ସହଜରେ ପ୍ରତିପନ୍ନ ହେବେ ।

୫ । ମୂଳସତ୍ୟ ଚିରବର୍ତ୍ତମାନ ଅର୍ଥାତ ନିତ୍ୟ, କାରଣ ସେ ଯଦି କୌଣସି ସମୟରେ ନ ଥିଲେ ସେ କାହୁଁ ଆବିର୍ଭୂତ ହେଲେ । କଥା ଅସତଃ ସତ୍ ଜାୟତେ," କିପରି ଅସତ୍ରୁ ସତ୍ ଜାତ୍ ହେବ ?

ଶ୍ରୀ ମଧୁସୂଦନ ରାଓ

କ୍ରମଶଃ ପ୍ରକାଶ୍ୟ

Digitized by srujanika@gmail.com

# ମହିମା

ପର ଉପକାର ପୁଣ୍ୟମୟ ବ୍ରତ
ପାଳନ୍ତି ମହତଜନ,
ଉର୍ବୀ, ଦିବାକର ପର ଉପକାରେ
ଦିଅନ୍ତି ଶସ୍ୟ, କିରଣ ।
ପର ତାପ ଲଭି ମହତ କରନ୍ତି
ପରଙ୍କୁ ଆହ୍ଲାଦ ଦାନ
ସୁଶୀତଳ ଜଳ ଦାନକରେ ହିମ-
ରଶ୍ମି ଲଭି ହିମବାନ ୧।
ଉଚେ ଥାଇ ମଧ୍ୟ ନମ୍ର ହୋଇଥାନ୍ତି
ସତତ ମହତଜନ,
ରବି, ଶଶୀ, ତାରା କେତେ ଉର୍ଦ୍ଧ୍ୱସ୍ଥିତ
ସମସ୍ତେ ନତବଦନ ।
ପରେ ଅପକୃତ ହେଲେହେଁ ମହତ
କରୁଥାନ୍ତି ଉପକାର,
ଘନ ଗ୍ରୀଷ୍ମ ରବି, ରବି-କରାକୃଷ୍ଟ
ବାଷ୍ପରେ ଘନ ସଞ୍ଚାର ।
ବିପଦ-ସାଗରେ ବୁଡନ୍ତି ମହତ
ବିପନ୍ନ ସାହାଯ୍ୟ ପାଇଁ;
ତୃଷାତୁର ପାନ୍ଥ ତୃଷା ନାଶେ ପାନ୍ଥ
ତରୁ ୨ ମରୁଭୂମେ ଥାଇ ।
ଅନ୍ୟର ଉନ୍ନତି ଦର୍ଶନେ ମହତ
ହୃଦ ସ୍ୱତଃ ପ୍ରଫୁଲ୍ଲିତ,
ଦିନ ବୃଦ୍ଧି ଦେଖି ଦିନକର ପ୍ରିୟା
କମଳିନୀ ବିକସିତ ୩ ।
ପରଉପକାର କର ପ୍ରତିଉପକାର
ସାଧନେ ମହତ ବ୍ୟସ୍ତ ।

ଘନଜଳେ ପୂର୍ଣ୍ଣ ଜଳାଶୟ, ବାଷ୍ପ
ପ୍ରତିଦାନେ ଚିରାଭ୍ୟସ୍ତ ।
ଜଗତର ହିତ କାର୍ଯ୍ୟରେ ମହତ
ଦେଇ ପାରନ୍ତି ଜୀବନ,
ଅବନୀ ଉଜ୍ଜ୍ୱଳ କରେ ଚନ୍ଦ୍ରମାୟ
ଦହି ନିଜ ଅପଘନ ।
ମହତ ନିକଟେ ମହାଦ୍ରବ୍ୟ ଥାଏ
ଇତରେ ଦ୍ରବ୍ୟ ଇତର;
ହିମାଚଳେ ମିଳେ ଶ୍ୱେତ ଗଜରାଜ
ବାରପାହାଡେ * ଶୂକର ।
ମହତ ଆଶୟେ ମହତ ରହିଲେ
ନ ହୁଏ ମହତ୍ତ୍ୱହାନି,
ମହାରଣ୍ୟ ବିନା ଆଶ୍ରୟ ନ ନିଏ
ମୃଗରାଜ ତାହା ଜାଣି ।
ମହତ ପ୍ରସାଦେ କ୍ଷୁଦ୍ର ହୁଏ ବଡ
ପ୍ରକୃତିସିଦ୍ଧି ବିଧାନ,
ବିଶ୍ୱବସୁ କରେ ଅଭ୍ରଖଣ୍ଡ ଦେଖ
ଦିଶେ କେତେ ତେଜୀୟାନ ।
ମହତ ପ୍ରତାପ ଲଭି ନୀଚ ହୁଏ
ମହତ୍ତୁଁ ପ୍ରତାପଶାଳୀ,
ସୂର୍ଯ୍ୟ କରୁଁ ବଳି କେତେ ତପ୍ତ ହୁଏ
ସୂର୍ଯ୍ୟକର ତପ୍ତ ବାଲି ।
ମହତ ଜନ୍ମଇ ହୀନଗର୍ଭେ ଏହା
ଭବେ ନୁହେ ଅସମ୍ଭବ,
ପଙ୍କରୁ କମଳ ଶୁକ୍ତିରୁ ମୌକ୍ତିକ
ହୁଅଇ ସଦା ସମ୍ଭବ ।

---

୧- ହିମାଳୟର ବରଫ ସୂର୍ଯ୍ୟକିରଣରେ ତରଳି ଶୀତଳ ଜଳ ହୋଇ ବହେ । ୨-ପାନ୍ଥପାଦପ କଦଳୀ ଗଛପରି ଏକ ପ୍ରକାର ଗଛ ମରୁଭୂମିରେ ଜନ୍ମେ । ଏହାର କାଣ୍ଡରେ ବିଶେଷ ପରିମାଣରେ ଜଳ ଥାଏ । ୩-ବସନ୍ତରେ ଦିନର ବୃଦ୍ଧି ହୁଏ, ସେହି ସମୟରେ ନବପଦ୍ମ ବିକଶିତ ହୁଏ । ୪- ଆଡ଼ସବାଦୀ ବିଶେଷ ।

* ସମ୍ବଲପୁର ଜିଲ୍ଲାର ପ୍ରଧାନ ପର୍ବତ ।

Digitized by srujanika@gmail.com

ବିପଦ ସମୟେ ମହତ ଜନର
ଧଇର୍ଯ୍ୟ ନ ହୁଏ ଭଙ୍ଗ,
ଘାତେ ପ୍ରହାରଣେ ଶୁଦ୍ଧ ଜମ୍ବୁନଦ
ଯେ ରଙ୍ଗକୁ ସେହି ରଙ୍ଗ ।
ଆନନ୍ଦେ ବିଷାଦେ ସମଭାବେ ଥାନ୍ତି
ମହତ ସ୍ୱଭାବ ଧରି;
ପୂର୍ଣ୍ଣିମାରେ ଯଥା ନାଚଇ ସାଗର
ଅମାବାସ୍ୟାରେ ସେପରି ।
ମହାସଂକଟକୁ ମନେ ନ ଗଣନ୍ତି
ମହତ-ଆଶ୍ରିତ ଜନ;
ମହୋଦଧି ଗର୍ଭେ ବିଚରଇ ପୋତ
ଆଶ୍ରୟ କରି ପବନ ।
ପର-ଉପକାର- ସାଧନା ମୂଳକ
ମହତ ଆଶ୍ରୟ ସାର,
ବାତାଶ୍ରିତ ପୋତ କେତେ ଜନ ଦ୍ରବ୍ୟ
ସାଗର କରଇ ପାର ।
ଜଗତ ହୁଅଇ ମହତ-କର୍ମର
ଶୁଭମୟ ଫଳ ଭୋଗୀ,
ମହତ କୌଶଳେ ଦାସୀ କାର୍ଯ୍ୟ କରେ
ବିଦ୍ୟୁତ (୧) ଜଗତ ଲାଗି ।
ବ୍ୟୋମ ସଞ୍ଚରଣ- ଶୀଳ ଜଳକଣ (୨)
ସାରଥି ଧରଣୀ ତଳେ,
ଅଶ୍ୱବିନା ରଥ ବାହେ ବାୟୁବେଗେ
ମହତ କର୍ମ କୌଶଳେ ।
ବିନୟ ସୂଚଇ ମହତ୍ତ୍ୱ ପ୍ରଭାତ
ସୂଚେ ସୂର୍ଯ୍ୟ-ଆଗମନ,
ବସନ୍ତ ସମୟ ସୂଚକ କୋମଳ
ମଧୁର କୋକିଳ ସ୍ୱନ ।
ମିତ ପ୍ରଶଂସାରୁ ମହତ ଭର୍ତ୍ସନା
ଶତଗୁଣେ ଶ୍ରେୟସ୍କର,
କୁକ୍କୁଟ ମୁକୁଟେ କି କାର୍ଯ୍ୟ ? ମୟୂର
ପୁଚ୍ଛରେ ସିନା ଆଦର ।

ଇହକାଳୁଁ ପର କାଳରେ ଅଧିକ
ଯଶଃ ଖ୍ୟାତ ମହତର;
ନଷ୍ଟ କୁସୁମର ବାସ ହୋଇଥାଏ
ଅତରେ ଅଧିକତର ।
ସାହାସ କଳପ- ତରୁ ଜାତ କରେ
ମହତ ହୃଦୟ ସ୍ୱର୍ଗ ।
ସେ ପାଦପେ ଫଳେ ସୁଧାମୟ ଫଳ
ଭୁଞ୍ଜନ୍ତି ମାନବବର୍ଗ,
ଧନ୍ୟ ସାହସକୁ ମରଣଭୟକୁ
ସାହାସ କରିଛି ଜୟ;
ଏକା ସାହାସର ଭୃତ୍ୟଭାବେ ଥାନ୍ତି
ରାଜଶ୍ରୀ ସମ୍ପଦ ଚୟ ।
ଅସାଧ ସାଧଇ ଅଲଭ୍ୟ ଲଭଇ
ମାନବ କରି ସାହସ,
ସାହାସ ପ୍ରସାଦେ ଆବିଷ୍କାର କଲେ
ଆମେରିକା କଲମ୍ବସ ।
ଅନନ୍ତ-ମାର୍ଗରେ ବିଚରଇ ନର
ସାହାସର କର ଧରି,
ଦୁଃଖ-ରତ୍ନାକରୁ ସୁଖ ମହାରତ୍ନ
ସାହାସ ପାରେ ଉଦ୍ଧରି ।
ଭାରତ-ହିଦିବ ହିମାଦ୍ରି ଶିଖରେ
ହୋଇଛି ମାନବ ବାସ,
ଅସୁର ନଗରେ (୩) କର ନରପତି
ସାହାସେ କରି ବିଶ୍ୱାସ ।
ଯଶରେ ଆଦର ନାହିଁ ମହତର
ଯଶ ଆପେ ଲୋଡ଼ିଯାଏ,
ଲୋଡ଼ା ବିନା ଦେଖି ଗଜରାଜ ଶିରେ
ମୁକ୍ତା ସ୍ୱତଃ ହୋଇଥାଏ ।
ମହତ ପ୍ରତିଭା- କ୍ଷେତ୍ରଜାତ ଯଶ
ନିଜେ ହୁଏ ପ୍ରକାଶିତ,
ଜନେ ଘନଲତା ସଙ୍ଗେ ଘନପୋଷ
ହୁଏ ଯଥା ବିଘୋଷିତ ।

୧. ବିଜୁଳୀ—ତାରରେ ସମ୍ବାଦ ଆଣଇ, ଦୀପରୂପେ ଆଲୋକ ଦିଅଇ, ଶକଟ ଚଳାଏ, ଇତ୍ୟାଦି । ୨. ବାଷ୍ପ-ବଳରେ ରେଲ ଚଳିବା କଥା କାହାରିକି ଅବଦିତ ନାହିଁ । ୩. ଯେଉଁ ଲଙ୍କାରେ ଅଦ୍ୟାପି ଅସୁର ଥିବାର ଲୋକଙ୍କର ବିଶ୍ୱାସ,ସେଠାରେ ନରର ପ୍ରଥମ ପ୍ରବେଶ ଅବଶ୍ୟ ସହାସସାପେକ୍ଷ ।

Digitized by srujanika@gmail.com

ମହତ ମନ୍ଦିରେ ଶ୍ରଦ୍ଧା ଲଜ୍ଜା ଆଦି
ବିଳସନ୍ତି ଦିନ ରାତରେ *
କିଏ ଡାକିଥାଏ ବାସବ ଧନୁକୁ
ଖେଳିବାକୁ ପ୍ରଭାତରେ ।
ବସନ ଭୂଷଣ ଆଡ଼ମ୍ବର ଯେଣୁ
ମହତ ନ ହୁଏ ଜନ;
ବିବିଧ ରଙ୍ଗରେ ରଞ୍ଜିତ କାଚ କି
ହୁଏ ହୀରକ-ଭଜନ ।
ମହତ ଏକା ସେ ଯେ ନରପୁଙ୍ଗବ
ପ୍ରକୃତିଧର୍ମେ ପଣ୍ଡିତ;
ଈଶ୍ୱର-ପ୍ରୀତି- ସାଧକ ପବିତ୍ର
ଧରମ-ରତ୍ନେ ମଣ୍ଡିତ ।
ଧର୍ମ ମହାତରୁ ପକ୍ଷରେ ମାନବ
ହୃଦୟ କ୍ଷେତ୍ର ଉର୍ବର,
ସୁଶିକ୍ଷା ଲଙ୍ଗଳେ ଚଷି ଧର୍ମ-ବୀଜ
ତହିଁରେ ରୋପଣ କର ।

ଆବଶ୍ୟକ ତହିଁ ସଦାଚାର-ଜଳ
ସତସଙ୍ଗ-ଆଳବାଳ;
ବାହାରିବ ଶାଖା ବିନୟ କରୁଣା
ସୌଜନ୍ୟ ସତ୍‌କର୍ମ ଡାଳ । †
ଈଶ୍ୱର ଭକତି, ପର-ଉପକାର
ପଲ୍ଲବେ ହୁଏ ସୁନ୍ଦର,
ଫୁଟିବ ପବିତ୍ର ଶୁଭ୍ର ଦିବ୍ୟଫୁଲ
ତା ବାସ ଅବିନଶ୍ୱର ।
ସୌରଭ ଲୋଭରେ ଜଗତ-ଈଶ୍ୱର
ଚୁମ୍ବନ୍ତି ହୋଇ ଭ୍ରମର;
ଫଳଇ ଅମୃତ ପୂର୍ଣ୍ଣ ଯଶ ଫଳ
ଭକ୍ଷଣେ ନର ଅମର ।
ମହତଙ୍କୁ ଏକା ମହତ ଚିହ୍ନଇ
ଇତର ତହିଁକି ଅନ୍ଧ;
ସୂର୍ଯ୍ୟୋଦୟ ଦେଖି ପ୍ରକୃତି ହସଇ
ଉଲୂକର ଦୃଷ୍ଟି ବନ୍ଦ ।

ଶ୍ରୀ ଗଙ୍ଗାଧର ମେହେର

---

## ବାସନା ଇଚ୍ଛା ନୁହେଁ

ପ୍ରାୟ ୭ବର୍ଷ ଅତୀତ ହେଲା—ଦିନେ ସନ୍ଧ୍ୟା ସମୟରେ ଜନୈକ ବନ୍ଧୁ ସହିତରେ ପୁରୀବାସ କାଳେ ସିନ୍ଧୁ ତଟରେ ସାନ୍ଧ୍ୟସମୀରଣ ସେବନ କରୁ କରୁ ତରଙ୍ଗାୟିତ ସିନ୍ଧୁ ଶୋଭା ସନ୍ଦର୍ଶନ କରି ହୃଦୟରେ ଏକପ୍ରକାର ଅଭୂତପୂର୍ବ ଶାନ୍ତି ରସର ସଞ୍ଚାର ହେଲା— ବସାକୁ ପ୍ରତ୍ୟାଗମନ କରିବାର ଇଚ୍ଛା ତୀରପ୍ରତିହତ ତରଙ୍ଗ ତୁଲ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଗଲା—ସମୁଦ୍ର ବକ୍ଷପ୍ରତି ଦୃଷ୍ଟି ରଖି "ଶକ୍ତି ବିଚିତ୍ର ତବ "ଏହି ସଙ୍ଗୀତଟି ଏକସ୍ଥାନରେ ଉପବେଶନ ପୂର୍ବକ ଗାନ କରି । ଅଦ୍ୟ କୁମାର ପୂର୍ଣ୍ଣିମା-ସମ୍ମୁଖରେ ପୂର୍ଣ୍ଣ ଚନ୍ଦ୍ରାଲୋକ ପ୍ରତିଶୋଭିତ ସାଗର ବକ୍ଷ, ଉର୍ଦ୍ଧ୍ୱରେ ସୁବିସ୍ତୃତ ଉଦାର ନୀଳାକାଶ, ପଶ୍ଚାଦ୍ଦେଶରେ ଜନକୋଳାହଳପୂର୍ଣ୍ଣ ପୁରୀନଗରୀ, ବାମେ ଦକ୍ଷିଣେ ନୀଳ କାଶ ପ୍ରତିଫଳିତ ମହାଶୂନ୍ୟାଂଶ-ସିନ୍ଧୁ ଗର୍ଜ୍ଜନ ବ୍ୟତୀତ ସମସ୍ତ ନୀରବ । ବୋଧହେଲା ଯେପରି ଜ୍ୟୋତ୍ସ୍ନାଲୋକପରିବୃତ ତରଙ୍ଗ କୁମାରୀ ଗୁଡ଼ିକ ତୀରକୁ ବଳାଇବାକୁ ଆସୁଥିଲେ-ଗମ୍ଭୀର ବିଜନତା ପାଇ ହୃଦୟର ସମଗ୍ର ପ୍ରେମ ତୀର-ପାଦଦେଶରେ ଢାଳିଦେଇ ଚିରଦିନ ନିମିତ୍ତ ଯେପରି ତାହାର ଆଶ୍ରୟ ଲୋଡ଼ୁଥିଲେ; କିନ୍ତୁ ନିଷ୍ଠୁର ତୀର ଥରେ ମାତ୍ର ଆଶ୍ରୟ ନଦେଇ ପଦାଘାତରେ ସେମାନଙ୍କୁ ବହୁଦୂରକୁ ନିକ୍ଷେପ କରୁଥିଲା-ତରଙ୍ଗ ଗୁଡ଼ିକ ପ୍ରତ୍ୟେକ ପ୍ରତ୍ୟେକର ଉପରେ ପଡ଼ି ଛିନ୍ନଭିନ୍ନ ଓ ଭଗ୍ନ ହୋଇ ପୁନଃ ପୁନଃ ତୀର ପାଦତଳେ ପ୍ରଣୟ-ଭିକ୍ଷା କରୁଥିଲେ ତୀର କର୍ତ୍ତୃକ ଲାଞ୍ଛିତ ଅପମାନିତ ତରଙ୍ଗ ଗୁଡ଼ିକର

---

* ଆଦର ବ୍ୟତିରେକେ ।

† ଡାଳ-ପ୍ରଶାଖା ଅର୍ଥରେ ପ୍ରଯୁକ୍ତ

Digitized by srujanika@gmail.com

ଅବସ୍ଥା ନିରୀକ୍ଷଣ କରି ମୋହର ଜୀବନର କେତେ କ ନୂତନ, ପୁରାତନ ଓ ଭବିଷ୍ୟତ୍ କଥା ମନରେ ପଡ଼ିଗଲା-କେତେ କଥା, ପୂର୍ବେ ଯାହାକୁ ଅଖଣ୍ଡସତ୍ୟ ବୋଲି ବିଶ୍ୱାସ କରିଥିଲି, ଏବଂ ଯାହା ସର୍ବବାଦୀ ସମ୍ମତ ହୋଇ ପୋଷିତ ସତ୍ୟ ରୂପେ ହୃଦୟରେ ଗୌରବ ଆସନ ଜମାଇ ବସିଥିଲା ତାହା ମିଥ୍ୟାରେ ପରିଣତ ହୋଇଗଲା- 'ଇଚ୍ଛାରେ ସିଦ୍ଧିଲାଭ ହୁଏ' ଏହା ଯେ ସତ୍ୟ, ଅଦ୍ୟ ମୋହ ସମ୍ମୁଖରେ ରଜ୍ଜୁରେ ସର୍ପ ଭ୍ରମ ପରି ପରିଦୃଶ୍ୟମାନ ହେଲା । ପ୍ରୋକ୍ତ ବାକ୍ୟରେ ଅସାରତା ତରଙ୍ଗ ଗୁଡ଼ିକର ଅପୂର୍ଣ୍ଣ ଅଭିଳାଷ ପରି ପ୍ରମାଣିତ ହୋଇ ଗଲା । ମନୁଷ୍ୟ ସିଦ୍ଧି ହେବାକୁ ଇଚ୍ଛା କରି ବିଫଳ ମନୋରଥ ହୁଏ— ଇଚ୍ଛାକରି ସିଦ୍ଧିଲାଭ କରୁଥିଲେ ସମସ୍ତେ ସିଦ୍ଧି ହେଉଥାନ୍ତେ-ଇଚ୍ଛା ଇଚ୍ଛାରେ ଅନ୍ତର୍ଗତ ଇଚ୍ଛା ବାସନାଜଡ଼ିତ । ଅଦ୍ୟ ପ୍ରକୃତି ଏହା ସତ୍ୟକୁ ଅଙ୍କଶାସ୍ତ୍ରର ସମସ୍ୟା ପରି ମୋହ ସମ୍ମୁଖରେ ପ୍ରମାଣିତ କରିଦେଲା । ଏଥିପୂର୍ବେ ଇଚ୍ଛାର ଅର୍ଥ ଯାହା ମୁଁ ବୁଝିଥିଲି ତାହା ଭ୍ରାନ୍ତମୂଳକ-ଯାହା ବାସନା ତାହା ଇଚ୍ଛା ନୁହେଁ-ଇଚ୍ଛାରେ ସିଦ୍ଧିଲାଭ ହୁଏ ସତ୍ୟ, ମାତ୍ର ବାସନାରେ ତାହା ହୁଏ-ନାହିଁ ।

ଇଚ୍ଛା ସିଦ୍ଧିଲାଭର ଉପାୟ, ଇଚ୍ଛାଥିଲେ ସର୍ବତ୍ର ସିଦ୍ଧିଲାଭ ହୁଏ, କିନ୍ତୁ ସମ୍ମୁଖରେ ଯାହା ଦେଖିଲି ସେଥିରୁ ତାହା ସତ୍ୟ ଥିଲା ପରି ବୋଧ ହେଲା ନାହିଁ । ଇଚ୍ଛାରେ କେତେଜଣ ଲୋକ କେତେଗୋଟା କାର୍ଯ୍ୟରେ ସିଦ୍ଧିଲାଭ କରିପାରନ୍ତି ? ଯେବେ ଇଚ୍ଛାଥିଲେ ଆମ୍ଭେମାନେ ସିଦ୍ଧିଲାଭ କରିପାରିବୁଁ ତେବେ ଅନେକ ସମୟରେ ତାହାର ବିପରୀତ ଦେଖୁଁ କାହିଁକି ? ଆମ୍ଭେମାନେ ଯାହାକୁ ଇଚ୍ଛା କହୁଁ ତାହା ପ୍ରକୃତ ପ୍ରସ୍ତାବରେ ଇଚ୍ଛା ନୁହେଁ-ତାହା ବାସନା-ଭ୍ରମରେ ପଡ଼ି ବାସନାକୁ ଇଚ୍ଛା ବୋଲି ମନେକରୁଁ । ରଜ୍ଜୁକୁ ସର୍ପ ଜ୍ଞାନ କରିବା ଯାହା, ବାସନା ମିଶ୍ରିତ ଥାଏ । ଇଚ୍ଛାରେ ବାସନା ମିଶିଲେ ଇଚ୍ଛାର କାର୍ଯ୍ୟକାରିତା ଶକ୍ତିର ହ୍ରାସ ହୋଇ-ଯାଏ । ଯେଉଁ ଠାରେ ବାସନାର ପ୍ରଭାବ ଯେତେ ବେଶୀ, ଇଚ୍ଛାର ବଳ ସେହିଠାରେ ସେତେ ତ ଅଳ୍ପ । ଇଚ୍ଛାହୀନ ଇଚ୍ଛାରେ ସିଦ୍ଧିଲାଭ ହୁଏ । କଥାଟି ଶୁଣିବାକୁ ବିପରୀତ ବୋଧହୁଏ ସତ, କିନ୍ତୁ ଏହାର ସତ୍ୟତା ସିନ୍ଧୁର ତରଙ୍ଗଦ୍ୱାରା ମୋହ ସମ୍ମୁଖରେ ପ୍ରମାଣିତ ହୋଇଅଛି ।

ଇଚ୍ଛା କେନ୍ଦ୍ରାକର୍ଷଣୀଶକ୍ତି, ବାସନା-କେନ୍ଦ୍ରାତିଗ ଶକ୍ତି ଇଚ୍ଛାଦ୍ୱାରା ଆମ୍ଭେମାନେ ଅନ୍ୟ ସବୁକୁ ଆପଣା ଆଡ଼କୁ ଟାଣୁଅଛୁଁ, ବାସନା ଆମ୍ଭମାନଙ୍କୁ ଅନ୍ୟଆଡ଼କୁ ଆକର୍ଷଣ କରୁଅଛି । ଇଚ୍ଛା ଓ ବାସନା ମଧ୍ୟରେ ଯାହାର ବଳ ଅଧିକ ହେଉଅଛି ସେ ଜୟୀ ହେଉଅଛି । ବାସନା ବର୍ତ୍ତମାନ ଥିଲେ ଇଚ୍ଛାର ପରାଜୟ ଅବଶ୍ୟମ୍ଭାବୀ । ମୁଁ ଧନ ମାନ ମୋତେ ଟାଣୁଅଛି । ମୋହ ଉପରେ ଧନମାନର ଆକର୍ଷଣ ଯେ ପରିମାଣରେ ବୃଦ୍ଧି ପାଉଅଛି ସେହି ପରିମାଣରେ ଧନ ମାନ ଉପରେ ମୋହର ଇଚ୍ଛା ହ୍ରାସପ୍ରାପ୍ତ ହେଉଅଛି—ଅବଶେଷରେ ସମ୍ପୂର୍ଣ୍ଣ କୃଷ୍ଟ ଶକ୍ତିହୀନ କୌଣସି ସହ ଭୁକ୍ତ ଧନ ମାନ ଆଡ଼କୁ ଆକୃଷ୍ଟ ହୋଇ ମୁଁ ତାହା ଉପରେ ପଡ଼ୁଅଛି, ଧନ ମାନ ସମୁଦ୍ରଜୀର ପରି ମୋତେ ଗ୍ରହଣ ନକରି ସହସ୍ରଗୁଣ ବେଗରେ ଘୃଣା ଅପମାନ ସହକାରେ ବହୁଦୂରରେ ଫିଙ୍ଗି ଦେଉଅଛି । ଶତବାର, ସହସ୍ରବାର ଧନ ମାନ କର୍ତ୍ତୃକ ଆକୃଷ୍ଟ ହେଲେହେଁ ତାହାଦ୍ୱାରା ଶତ-ସହସ୍ର-ବାର ଅପମାନିତ ଓ ଲାଞ୍ଛିତ ହେଉଅଛି-ବାସନାମିଶ୍ରିତ ଇଚ୍ଛାର ପରାଜୟ ହେଉଅଛି ।

ଯେ ଯେତେ ବଳରେ ଆକୃଷ୍ଟ ସେହି ପରିମାଣ ବଳରେ ସେ ଯେତେ ଆକର୍ଷଣ କରି ନପାରେ ତାହାର ଲାଞ୍ଛନା, ପରାଜୟ ଅନିବାର୍ଯ୍ୟ ପ୍ରକୃତିର ଏହା ନିୟମ ଅଖଣ୍ଡ ଅଟେ । ତରଙ୍ଗ ଭୁଲ୍ଲ ଶତଶତ ହୃଦୟ ନିଷ୍ଠୁର ପ୍ରଣୟୀର ଚରଣରେ ସମସ୍ତ ହୃଦୟ ବଳିଦାନ କରି ମଧ୍ୟ କେବଳ ପଦାଘାତ-ପୁରସ୍କାର-ଯୋଗ୍ୟ ହେଉଅଛନ୍ତି । ସେମାନେ ଯେଉଁ ପଥରେ ଯିବାକୁ ଇଚ୍ଛା କରୁଅଛନ୍ତି ତାହାର ବିପରୀତ ଦିଗରେ ଗମନ କରୁଅଛନ୍ତି । ଇଚ୍ଛା ଯାହା- ନିକଟକୁ ତ ପଦରେ ଅଗ୍ରସର ହେବାକୁ ଉଦ୍ଧତ ଅଛି, ତାହା ଠାରୁ ସେ ପାଣ୍ଡୁପଦ ହୋଇଅଛି । ଯେ ନିୟମ

Digitized by srujanika@gmail.com

ଦ୍ୱାରା ସୂର୍ଯ୍ୟଠାରୁ ଅଣୁ ପରମାଣୁ ପର୍ଯ୍ୟନ୍ତ ସମସ୍ତ ପରିଚାଳିତ ସେହି ନିୟମରେ ଏହିପରି ଘଟୁଅଛି । ଏଥି ନିମିତ୍ତ ଅନ୍ୟ କେହି ଦୋଷୀ ନୁହେଁ ନିଜର ଅକ୍ଷମତା, ନିଜର ଦୁର୍ବଳତା, ନିଜର ଅବିଦ୍ୟା ଏ କଷ୍ଟର କାରଣ । ଅତଏବ ଯାହା ତୁମ୍ଭେ ଇଚ୍ଛା କରୁଅଛ ତାହା ଇଚ୍ଛା କରନାହିଁ; ଅର୍ଥାତ୍ ଯହିଁରେ ସିଦ୍ଧିର କାମନା କର ତାହା କାମନା ପରବଶ ହୋଇ ଇଚ୍ଛା କରନାହିଁ— ଯାହା ପାଇବାକୁ ଚେଷ୍ଟା କରୁଅଛ ତାହାକୁ ଆକର୍ଷଣ କର, ତାହା ଦ୍ୱାରା ଆକୃଷ୍ଟ ନହୁଅ । ଏପରି କଲେ ସିଦ୍ଧିଲାଭ ହୋଇ ପାରିବ । ଯେ ନିୟମରେ ବିଶ୍ୱସଂସାର ପରିଚାଳିତ ତୁମ୍ଭେ ଏତ କ୍ଷୁଦ୍ରାଦପି କ୍ଷୁଦ୍ରତର ହୋଇ ସେ ନିୟମ ଲଙ୍ଘନ କରି କେବେହେଁ ସୁଖୀ ହୋଇ ପାରିବ କି ? ସାମାନ୍ୟ କ୍ଷୁଦ୍ର ଅଣୁ ଯେତେବେଳେ ସମସ୍ତ ବିଶ୍ୱକୁ ଆକର୍ଷଣ କରୁଅଛି ତୁମ୍ଭେ ତାହା ନ କରିବ କାହିଁକି ? ଯେ ମୁହୂର୍ତ୍ତରେ ତୁମ୍ଭେ ଅନ୍ୟର ଆକର୍ଷଣର ଅତୀତ ହୋଇ ପାରିବ, ସେହିମୁହୂର୍ତ୍ତରେ ତୁମ୍ଭର ଆକର୍ଷଣ ଶକ୍ତି ବିଶ୍ୱସଂସାରରେ ବିସ୍ତୃତ ହୋଇ ପଡ଼ିବ । ତେତେବେଳେ ତୁମ୍ଭର ଆକର୍ଷଣର କ୍ଷମତା କେତେ ଯେ ବେଶି ହେବ ତାହା ତୁମ୍ଭେ ବର୍ତ୍ତମାନ କଳ୍ପନାରେ ଆଣିପାରିବ ନାହିଁ । ଏହି ଆକର୍ଷଣାତୀତ ଅବସ୍ଥା ଯୋଗୀ ଋଷିଙ୍କ ସମାଧି ଅବସ୍ଥା । ଏହି ଅବସ୍ଥା ପ୍ରାପ୍ତ ହେଲେ ଜ୍ଞାନର ପୂର୍ଣ୍ଣୋଦୟ ହୁଏ-ଜ୍ଞାନର ପୂର୍ଣ୍ଣୋଦୟ ହେଲେ ବ୍ରହ୍ମଲାଭ ହୁଏ । ଯେତେବେଳେ ତୁମ୍ଭର ଆକର୍ଷଣ-ବଳ ଅଧିକ ହେବ, ଅର୍ଥାତ୍ ଯେତେବେଳେ ଦେଖିବ ବିଶ୍ୱ-ସଂସାର ତୁମ୍ଭଙ୍କୁ ଆଉ ଆକର୍ଷଣ କରି ପାରୁନାହିଁ, ତୁମ୍ଭେ ବିଶ୍ୱସଂସାରକୁ ଆକର୍ଷଣ କରୁଅଛ ତେତେବେଳେ ତୁମ୍ଭେ ସଂଯତ । ସଂଯତ ଅବସ୍ଥାରେ ଇଚ୍ଛା-ଶକ୍ତି ପ୍ରବଳ ହୁଏ-ସଂସାରି ଭୋଗଲାଳସା ହ୍ରାସ ହୁଏ । ସିଦ୍ଧିଲାଭର ପଥ ସ୍ପଷ୍ଟ ଦୃଷ୍ଟି ହୁଏ । ସ୍ୱାର୍ଥ ପ୍ରକୃତ ସ୍ୱାର୍ଥର ପ୍ରତିବନ୍ଧକ ବାସନା ଇଚ୍ଛାରେ ପ୍ରତିଦ୍ୱନ୍ଦୀ ସିଦ୍ଧି-ଲାଭର ବିଘ୍ନ । ଏଥିନିମିତ୍ତ ପୂର୍ବକାଳର ଋଷି-ମାନେ ନିଷ୍କାମ ଧର୍ମର ଉପଦେଶ ଦେଇ ଯାଇ-ଅଛନ୍ତି । ନିଷ୍କାମ ନ ହୋଇ ପାରିଲେ ସିଦ୍ଧିଲାଭ ହୋଇ ପାଇବ ନାହିଁ । ବାସନା ମିଶ୍ରିତ ଇଚ୍ଛା ଯେତେଦିନ ଥିବ ଇଚ୍ଛାର ପରାଜୟ ହେଉଥିବ, ଆମ୍ଭେମାନେ ଯେତେଧ୍ୟାନ ଧାରଣ କରୁଁ, ନାମ ଜପ କରୁ ପଛକେ ସେ ପାଦ ନିକଟକୁ ବହୁ-ଦୂରରେ ଥିବୁଁ । ଅତଏବ ବାସନା-ବିନାଶହିଁ ସିଦ୍ଧିଲାଭର ଉପାୟ । ବାସନା ବିନାଶ କରି ସେ ପଦ କାମନା କର, ସର୍ବପ୍ରକାର ମୋହ ଆବରଣ ବିଦୂରିତ ହୋଇଯିବ, ସେ ପାଦ-କମଳରେ ଆଶ୍ରୟ ଲାଭ କରି ସିଦ୍ଧି ହେବ ।

ଶ୍ରୀ ସାଧୁଚରଣ ରାୟ ।

---

## ଦରବାର

ଉତ୍କଳର ପୂର୍ବକୀର୍ତ୍ତି-ସ୍ମୃତି ପୂତ
ବାରବାଟୀ ଆଜ ସାଜେ ସଜ୍ଜୀଭୂତ,
ଐତିହାସିକ ଏ ଦୁର୍ଗ ବାରବାଟୀ
ବୀରରକ୍ତ ସିକ୍ତ ଗଡା ଯାର ମାଟି,
ବାରବାଟୀ ଯହିଁ ମନ ସ୍ମୃତି-ସ୍ରୋତେ
ବହିଯାଏ ପ୍ରତିଲୋମେ କାଲସ୍ରୋତେ,
କାଲେ କାଲେ କେତେ ଦେଖି ଯେ ଅଛିଲା
ନଶ୍ୱର ନଗର ଗରିମାର ଲୀଳା,
ପୁଣି ନୂଆ ଲୀଳା ଲଗିଛି ଏଠାରେ
ପୁଣି ମତ୍ତ ନରେ ନଶ୍ୱର ବ୍ୟାପାରେ,
ପୁଣି ଦେଖ ଆଜ ଗରିମାର ଘଟା
ଲୁଚି ବସି କାଳ କରେ ଯାକୁ ଥଟା,
ଦେଖିବାକୁ ଏହି ରାଜସ-ଉତ୍ସବ
ଚୁଣ୍ଡି ଦୁର୍ଗାଙ୍ଗନେ ଅସଂଖ୍ୟ ମାନବ,
କାଞ୍ଚୀ ଅଭିଯାନେ ଯେ ଦୁର୍ଗପ୍ରାଚୀର
ବାଦ୍ୟନାଦେ ଦେଇ ଥିଲା ପ୍ରତିଗିର,

Digitized by srujanika@gmail.com

ଜରାଜୀର୍ଣ୍ଣ କେଶେ ଦେଖାଇ ସେ ଆଜ
ନବଉତ୍କଳର ଏ ସଭ୍ୟ ସମାଜ,
ସର୍ବ ନରପତି ପ୍ରେତ-ଆତ୍ମାମାନ
ବ୍ୟୋମେ ବ୍ୟୋମଯାନେ ହୋଇ ଅଧିଷ୍ଠାନ,
ଦେଖନ୍ତି ସଖେଦେ ତାଙ୍କର ଦୁର୍ଜୟ
ଉତ୍କଳର ଏହି ଦଶା-ବିପର୍ଯ୍ୟୟ,
ଏହି ଶିଳାବନ୍ଧ ଯାଙ୍କର କରତ,
ପୁଣ୍ୟଶ୍ଳୋକ ମରକତ ମହୀପତି,
ଦେଖୁନାହାନ୍ତି କି ମନେ ବହି ଲାଜ
କି ଥିଲା ଏ ରାଜ୍ୟ, କି ହୋଇଛି ଆଜ ।
ଇନ୍ଦ୍ରନୀଳ ଶିର ତୋଳି ନଭସ୍ତଳେ
ଏ ଦୃଶ୍ୟ ଦେଖନ୍ତି ଶାଶ୍ୱତ-ଅଚଳେ,
ମଞ୍ଜୁ-ରମା କାଞ୍ଚିଜେମା-ସ୍ନାନେ ପୂତା (୧)
କାଞ୍ଚୀଜେମା ବେଣୀ-ପ୍ରତି ବେଣୀ ଯୁତା,
ଦୃଷଦନ୍ତୀରୂପେ ଜର୍ଜର ମୁଖରା । (୨)
ସୈକତମୟୀ ରୂପେ ନୀଳନୀରାମ୍ବରା,
ଠାବେ ଠାବେ ଦ୍ୱୀପଶୈଳ-ନୀପଦଣ୍ଡି-
ପୁଞ୍ଜି ବକ୍ଷ ଯାର ହୋଇଅଛି ମଣ୍ଡି,
ପ୍ରବାହ-ବହାରା ଅରଣ୍ୟ ଦନ୍ତୀର
ମଦେ ଚନ୍ଦ୍ରକିତ ଯାର ନୀଳନୀର (୩)
ଅଗ୍ରେ ସେହି ନଦୀ ଯାଉଅଛି ରଙ୍ଗେ
ଏ ରଙ୍ଗ ନିରେଖି ତରଙ୍ଗ-ଭ୍ରୂଭଙ୍ଗେ ।
ଏକ ପରେ ଏକ ରାଜା ମହାରାଜା
ଅଗନ୍ତି ବଜାଇ ନାନାରଙ୍ଗେ ବାଜା,
ଉଡ଼ଇ ପତାକା, ଝଟକଇ ତ୍ରାସ,
ପାଏକ-କୁହାଟେ ମନେ ଲାଗେ ହାସ,
ଆଗ୍ରହେ ଆସନ୍ତି ଅଶ୍ୱ ମାଳମାଳ,
ଚନ୍ଦ୍ରମୁଣ୍ଡି କେତେ ଆସନ୍ତି ଶୁଣ୍ଡାଳ,
ଯାନ ବାହନର ଲାଗିଅଛି ଧୂମ,
ପଡ଼ୁଅଛି ତୋପ ଗୁଡ଼ୁମ ଗୁଡ଼ୁମ ।

ଚନ୍ଦ୍ରାତପ ତଳେ ବିରାଜଇ ମଞ୍ଚ
ମହାର୍ଘ-ବସନ-ଭୂଷଣେ ସୁସଞ୍ଚ
ସ୍ତମ୍ଭାବଳୀ ପଟ୍ଟେ ହୋଇଛି ମଣ୍ଡନ,
ଅଗ୍ରେ ଧାଡି ଧାଡ଼ି ରାଜ ବେନ୍ଦ ଘନ
ନୀରବ ଗରବେ ପ୍ରହରୀମାଳିକା,
ଦେଖନ୍ତି ଭାସ୍ୱର ଅସ୍ତ୍ର-ବିଭୀଷିକା,
ଉପାଧିଜଡ଼ିତେ ଉପାଧିଜଡ଼ିତ
ଉପାଧିରେ ଆଜ କରିବେ ଜଡ଼ିତ,
ପଦଟିଏ ଦେବେ କର୍ଣ୍ଣ-ରସାୟନ,
ପଦ ଅନୁରୂପେ ବସନ, ଭୂଷଣ,
ଜଙ୍ଗ-ଭକ୍ଷ୍ୟ କ୍ଷୟ-ଶୀଳ ତଲବାର,
ପୋଷାକ ଚଟିଆ ମୂଷାର ଆହାର
ମୋତିମାଳା ଅସ୍ଥି-ବିକାର କେବଳ,
ଜଳକା ନୟନେ ଦିଶେ ଯା ଉଜ୍ଜ୍ୱଳ,
ଶିର-ପେଞ୍ଚ ଯାହା କଟ୍ଟୁଦିନ ଅନ୍ତେ
ତରଳେ କରକା ପ୍ରାୟେ କାଳଦନ୍ତେ
ପଦାର୍ଥ- ସମ୍ପର୍କ-ଶୂନ୍ୟ ନୂଆପଦ
ସଙ୍ଗେ ମିଳିବ ଏ ନୂଆ ପରିଚ୍ଛଦ ।
ଏହି ଗୁଣ, ଏହି ଅକିଞ୍ଚିତକର
ସମ୍ମାନ ସକାଶେ ଏତେ ବ୍ୟସ୍ତନର !
ହା ଧିକ, ଏ ବୃକଂସାର ପଦ ପାଇଁ (୪)
ଦେଉଛନ୍ତି ଲୋକେ ସମ୍ପଦ ଉଡ଼ାଇ !
ଏଥିପାଇଁ ଲୋକେ ଦିଅନ୍ତି କିଭଳି
ମନୁଷ୍ୟତା ହୀନ-ସେବାପୀଠେ ବଳି ?
ଉପାଧି-ଲାଳସା-ରୂପୀ ମହାବ୍ୟାଧି
ହୋଇଛି ସ୍ୱାତ୍ତ୍ୱିକ ଧରମର ବାଧି ।
ଅସାର ଝଟକ ହୋଇଅଛି ସାର,
ଭଣ୍ଡତାର ବଢ଼ି ଯାଉଛି ପ୍ରସାର,
କରୁଛନ୍ତି ଲୋକେ ଉପାଧି ଆଶାରେ
ମନୁଷ୍ୟର ପୂଜା ଷୋଡ଼ଶୋ ପ୍ରକାରେ,

(୧) କାଞ୍ଚୀଜେମା-ପଦ୍ମାବତୀ ପୁରୁଷୋତ୍ତମ ଦେବଙ୍କ ମହିଷୀ (୨) ସମ୍ବଲପୁର, ସୋନପୁର ଏବଂ ବୌଦରାଜ୍ୟରେ ମହାନଦୀର ପ୍ରବଳତାରୂପ ଦେଖିଲେ ଏହ ଉକ୍ତିର ଯଥାର୍ଥ ଉପଲବ୍ଧ ହୋଇପାରିବ । (୩) ହସ୍ତିଗଣ୍ଡନିଃସୃତ ମଦଧୌତାକ୍ତ ହେବାରୁ ସେଥିରେ ସଂସାରର ନଦୀର ଜଳପ୍ରବାହ ମୟୂରଚନ୍ଦ୍ରକରେ ଆଚ୍ଛନ୍ନ ପ୍ରାୟ (୪) ବୃକଂସାର—ପୋଲ

Digitized by srujanika@gmail.com

ମନୁଷ୍ୟ ତୋଷିବା ପାଇଁ ସହି କଷ୍ଟ
ମନୁଷ୍ୟ-ପଣରୁ ହେଉଛନ୍ତି ଭ୍ରଷ୍ଟ,
ପଦପାଇଁ ଲୋକ ହୋଇ ଲାଳାୟିତ,
ତୋଷିବାକୁ ବ୍ୟସ୍ତ ମନୁଷ୍ୟର ଚିତ୍ତ,
ଭ୍ରମନ୍ତି ମନୁଷ୍ୟ-ପ୍ରସାଦ ଅନୁସରି
ସେହି ମନୁଷ୍ୟର ତୋଷାସ୍ୱାଦ ପରି,
ମନୁଷ୍ୟର ସ୍ମିତ, ମନୁଷ୍ୟ ଭ୍ରୂକୁଟୀ
ହୋଇଛି ଜୀବନ ମରଣର ବୁଟୀ
ମାନୁଷ୍ୟ ଅର୍ଚ୍ଚନା ଲାଗି ଅଗଣିତ
ରଚନ୍ତି ଯତନେ ପୁଷ୍ପ-ଉପବନ,
ଦେବୀ ପାଇଁ ତହୁଁ ପୁଷ୍ପ ନେଲେ କେହି,
ମାଳୀଏ ମରନ୍ତି ଜଳିମଳି ହୋଇ;
ପରମ ଶୋଣିତ୍ୟେ ନକରି ଗୋଦାନ,
ଇତରେ ଦିଅନ୍ତି କିଣି ଦିବ୍ୟଶ୍ୱାନ,
ତପ୍ତ ବୈତରଣୀ ହେବେ ପରା ପାରି,
ସେହି କୁକୁରର ହୋଇ ପୁଚ୍ଛଧାରୀ ?
ଧିକ ଧିକ, ଆହା, ଜାଣି ଶୁଣି ନରେ
ଶାଶ୍ୱତକୁ ଛାଡ଼ି, ଆସକ୍ତ ନଶ୍ୱରେ ।
ଚିଦାକାଶ-ପକ୍ଷୀ ଜାଣିଶୁଣି ନରେ
ଶାଶ୍ୱତକୁ ଛାଡ଼ି, ଆସକ୍ତି ନଶ୍ୱରେ
ଚିଦାକାଶ-ପକ୍ଷୀ ଜାଣି ଶୁଣି ମହା—
ଭ୍ରମ-ଜାଲେ ପଡ଼ି ହୁଅନ୍ତି ଆତ୍ମହା !
ଜାଣିଶୁଣି ସିନା ବଣିଜର ପାଣ୍ଠି
କରନ୍ତି ଭେଲକୁ; ଛାଡ଼ି ସୁନା ଖାଣ୍ଟି ।
ଚିଦ୍ଭାମୃତ ହୁଡ଼ି ହୁଅନ୍ତି ସକଳେ
ନଖଶିଖ (୧) ଘାରି ରଜସ-ଗରଳେ ।
ନଖଶିଖ ଘାରି ଥିବାରୁ ଅଜ୍ଞାନ
ଅବସ୍ଥାରେ ହେଉଅଛି ବସୁଭାନ ।
ମନୁଷ୍ୟ-ପୂଜାରେ ଯେତେ କାଳଯାଏ,
ଅମୃତତ୍ତ୍ୱେ ଯେବେ ସେହିଥିରୁ ପାଏ
ସାରାସାର ବୁଝି ହେଉଥାନ୍ତେ ଲୋକେ,
ନିରୁପାଧି-ସଚ୍ଚିତ୍-ପୀୟୂଷ ଆସ୍ୱାଦ,
ସ୍ୱପ୍ନେ କେହି ଲୋଡ଼ି ନଥାନ୍ତେ ଉପାଧି;

ହେଉଥାନ୍ତା ସିନା ଅକ୍ଳେଶେ ଅର୍ଜନ
ଏ ମର ଜୀବନେ ଅମରଜୀବନ,
ହେଉଥାନ୍ତା, ଆହା, ମର୍ତ୍ତ୍ୟ ସ୍ୱର୍ଗଦେହେ
ଦେବତା ମାନବ ଏହି ମର୍ତ୍ତ୍ୟଦେହେ ।
ମଞ୍ଚପରେ କିପାଁ ଏତେ ଲୋକ ଠିଆ ?
ଲାଗିଅଛି ପରା ଆସନ କଳିଆ ?
ନିଜ ଅଧିମିକା ସଦୃଶ ଆସନ
ନଦେଖି ଥୋକାଏ ମହାକ୍ଷୁବ୍ଧମନ,
ନାମଧାରୀ ରାଜା ଉଚାସନେ ରୁଷି
କ୍ଷୁବ୍ଧ ହେଉଛନ୍ତି ରାଜା ମହର୍ଷି,
ଆସନ ସକାଶେ ବୁଝେ ଏତେ ବାଇ
ବାଳକ ଯେସନେ କ୍ରୀଡ଼ନକ ପାଇଁ
ଲଡ଼ୁ ଲାଗି ଯଥା ଯୁଝୁଥାନ୍ତି ପିଲା,
କେତେ ବୃଦ୍ଧ କରୁଛନ୍ତି ବାଲଲୀଳା ।
କେହୁ ବୋଲେ "ମୁହିଁ ଅଧିକାରୀ !"
ଆନ ବୋଲେ "ମୁହିଁ ଉଚ୍ଚ ବଂଶଧାରୀ,
ତୁ ସିନା ଅଟେଇ ଧନର କୁଳର ।
ବଡ଼ ସିନା ତୁହି ରାଜ-ଦତ୍ତମାନେ ?
ମାହ ତୋର କାହିଁ ନାହିଁ ଭୂମିମାଣେ
ମୋତେ କେ ନଜାଣେ ଏ ମହୀ ମଣ୍ଡଳେ
ମୋର ଏ ଆସନ କିପାଁ ହେଲା ତଳେ
ଆନ ବୋଲ "ମୁହିଁ ପାଇକର ନାହା,
ବଡ଼ଦେ ରାଜାର ଆଶ୍ରା ମୋର ବାହା
ଏହି ହସ୍ତେ କେତେ ମସ୍ତକ ଗଡ଼ାଇ,
କେତେ କେତେ ଗ୍ରାମ ଦେଇଛି ପୋଡ଼ାଇ
ସଂଗ୍ରାମେ ପଦକ ଦେଲେ ମୋତେ ରାଣୀ,
ମୋହଠାରୁ ପୁଣି କିଏ ବାତମାନୀ ?
ଆନ ବୋଲେ "ମୁହିଁ ଅଟଇ ପୁଲିସ,
ବିନାମେଘେ ମୁଁ ପାରଇ କୁଳିଶ,
କି ଦୋଷୀ, କି ଅବା ଦୋଷହୀନ ନର
ମୋ ପ୍ରତାପେ ରାଜ୍ୟେ ସର୍ବ ଥରହର,
କିବା ଦୁଃଖୀ ରଙ୍କି କୋଟିପତିଏ
ଲାଲ-ପଗଡ଼ିକି ନ ଡରନ୍ତି କିଏ ?

୧) ନଖଶିଖ-ଆପାଦମସ୍ତକ ।

Digitized by srujanika@gmail.com

ମୋତେ ଦେଖି କିଏ ନ ଭଜେ କମ୍ପକୁ ?
କିଏ ନ ଡରଇ ଉଚ୍ଚ ଫଣ ତମ୍ପକୁ ?
ରାଜାଙ୍କ ଅଟଳ ବିଶ୍ୱାସ ମୋଠାରେ,
ମୋହଠାରୁ ବଡ଼ କିଏ ଦରବାରେ ?"
ଆନ କହେ "ମୁହିଁ ନଗର ରକ୍ଷଣୀ-
ସଭାରେ ସଦସ୍ୟ-ଦଳର ଅଗ୍ରଣୀ,
ଲାଟଙ୍କର ହେଲେ ଶୁଭ ଆଗମନ,
ସର୍ବାଗ୍ରେ କରନ୍ତି ମୋ ପୂଜା ଗ୍ରହଣ,
ମୋର ହସ୍ତେ ନ୍ୟସ୍ତ ନଗରର ଗୃହ.
ସମ୍ମାନେ ମୋହର ସର୍ବୋପରେ ଦାବି ।"
ଲୋଭୀ ହୋଇଲେ ବାଧା ସ୍ୱମର୍ଯ୍ୟାଦା ଲାଗି,
ପ୍ରତିବାସି ପଛେ କହେ ଦେବା ଲାଗି,
କେହି ଅବା ନିଜ ଦୁଃଖକୁ ଘୋଡ଼ାଇ,
ପ୍ରତିବାସି ଦୁଃଖ ଗାଇ ହେଉଥାଇ,
କହେ "ନ୍ୟାୟ ନାହିଁ ଏହି ଦରବାରେ,
ତା ଆସନ ଭୂମି ଆଗେ କି ବିଚାରେ ?
ସଭାପତିଙ୍କର ଖଟଣି-କଙ୍କର
ବୋଲି କେହି ହେଉଛନ୍ତି ଫରଫର,
ଗରୁଡ଼ ଉପରେ ଦେଖାନ୍ତି ପ୍ରତାପ,
ସେ ଯେଣୁ ଅଟନ୍ତି ଶିବଙ୍କର ସାପ !
ସବୁ ଦେଶେ, ସବୁ କାଳେ, ଉର୍ଦ୍ଧ୍ୱ ମୁହାଁ
ହୋଇଥାନ୍ତି ସିନା ଶ୍ରୀଗୁମୁ-ଗୁମୁଆ ।
ଲାଗିଛି ଏ ରୂପେ ଅହମିକା ଖେଳ,
ଅହମନିକା ସିନ୍ଧୁ ହୋଇଛି ଉଦ୍‌ବେଳ,
ଅହମିକା-ବାୟୁ-ଗ୍ରସ୍ତ ହୋଇ ବ୍ୟସ୍ତ,
"ମୁଁ" "ମୁଁ" କରି, ଆହା ମରନ୍ତି ସମସ୍ତେ !
ଘୋଟିଛି ଘୋର ରଜୋରୂପୀ ବ୍ୟାଧି !
ଉପାଧିରେ ବୁଡ଼ି ଲୋଡ଼ନ୍ତି ଉପାଧି ।
"ମୁଁ" ଭାବେ ଜଡ଼ିତ ଅମର ଚିତ୍ କଣା
ଦେଖାଉଛି ଭବେ ଅସଂଖ୍ୟ ପେଖନା !
ଲଭିଛ ଲାଞ୍ଛନା, ଆହା, କେତେ ରୂପେ
ପଡ଼ି ଅହମିକା-ରୂପି-ଅନ୍ଧକୂପେ !
ପିନ୍ଧି ନୂଆ ଚକଚକିଆ ପୋଷାକ
ଥୋକାଏ ବହନ୍ତି ମନେ ବଡ଼ ଜାକ,
ଭ୍ରମନ୍ତି ନୌଦିବଗ ଅଙ୍ଗଭଙ୍ଗୀ କରି
ଅହମିକା-ବନେ ପ୍ରଜାପତି ପରି,
କିମ୍ବା ଘନକାଳେ ଉଚେ ବବତୋଳି
କେକୀ ନାଚେ ଯଥା ଦୋହଲି ଦୋହଲି ।
ସାହେବପୋଷାକ କେହି ଅବା ପିନ୍ଧି
ସମ୍ମୁଖେ କହରି ବଙ୍କା ବଙ୍କା ହିନ୍ଦୀ,
ଥରେ ଥରେ କାସି ସାହେବଠାଣିରେ
ପୋଛୁଛି ବଦନ ରୁମାଲ-କାନରେ,
ପ୍ରକଟାଇ ପୂର୍ବ ସାହେବପଣିଆ
ଫରକଟା ଗୋଡ଼େ ହୁଏ ପୁଣି ଠିଆ,
ମିଶି ଘଷିଥିବା ବସିମା ଯେସନ
କରୁଥାଇ ଦନ୍ତ୍ୟବର୍ଣ୍ଣ ଉଚ୍ଚାରଣ,
କୁଣ୍ଡଳ ଦେଖାଇ ହେବା ଅଭିପ୍ରାୟେ
କୁଣ୍ଡଳୀ ଯେସନ ମୁଣ୍ଡକୁ ହଲାଏ,
ସମୟ ଜାଣିବା ମିଛ ବାହାନାରେ
ଘଡ଼ି କାଢ଼ି କେହି ଦେଖାଏ ବାହାରେ,
ନାନା ଅଳଙ୍କାର କରେ ଝଲମଲ
ନବ୍ୟ ଘଡ଼ି ଚେନ, ପ୍ରାଚୀନ କୁଣ୍ଡଳ,
ହୃଦେ ଲମ୍ବମାନ ସୁବର୍ଣ୍ଣ ତକମା,
ନାସିକା-ଶୋଭନ ସୁବର୍ଣ୍ଣ-ଚସମା,
କେତେ ରଙ୍ଗ କରୁଛନ୍ତି କେତେ ଜଣ,
କହିଲେ ନ ସରେ ନର-ଫଳାପଣ,
ଘାରିଅଛି ପ୍ରତିଜନେ, ଯେହ୍ନେ ନିଶା
କି ଗୁରୁ କଥାରେ କି ଘୋର ଜିଗୀଷା ।

(କ୍ରମଶଃ)

Digitized by srujanika@gmail.com

# ଅପଚୟ

"Search others for their virtue and thyself for thy vice."

ଅନ୍ୟର ଗୁଣ ଓ ଆପଣାର ଦୋଷ ଅନୁସନ୍ଧାନ କର ।

ସୃଷ୍ଟିର ପଦାର୍ଥ ଦ୍ୱାରା ଉଦ୍ଦେଶ୍ୟ ସିଦ୍ଧି ନ ହେଲେ ତାହାର ଅପଚୟ ଘଟେ । ସକଳ ପ୍ରକାର ଅବନତି ମୂଳରେ ଅପଚୟ । ଅପଚୟ ପ୍ରଧାନତଃ ତିନିଭାଗରେ ବିଭକ୍ତ; ମାନସିକ ଅପଚୟ, ଶାରୀରିକ ଅପଚୟ ଏବଂ ଆର୍ଥିକ ଅପଚୟ । ଯେଉଁ ବ୍ୟକ୍ତିର ଜାତିର ବା ଦେଶର ନିତ୍ୟ ଅପଚୟ ଘଟିଅଛି, ସେ ବ୍ୟକ୍ତିର, ଜାତିର ବା ଦେଶର ଉନ୍ନତି ଅସମ୍ଭବ ଆଗ ଅପଚୟ ନିବାରଣର ଉପାୟ ନାହେଲେ ଉନ୍ନତିର ଆଶା ଆକାଶକୁସୁମରେ ପରିଣତ ହୁଏ ।

ଅପଚୟ କିପରି ହେଉଅଛି ଏବଂ ତାହା ନିବାରଣର ଉପାୟ କି ଏହି ଦୁଇ ବିଷୟ ଆଲୋଚନା କରିବା ଏ ପ୍ରବନ୍ଧର ଉଦ୍ଦେଶ୍ୟ ।

୧ମ ମାନସିକ ଅପଚୟ ।

ଈଶ୍ୱର ମାନବର ମନକୁ ଏପରି ଭାବରେ ଗଠିତ କରିଅଛନ୍ତି ଯେ ଅବିରାମ ତାହାର ସମୋନ୍ନତି ହୋଇପାରେ । ନାନାବିଧ ଚିନ୍ତା ତାହା ମନରେ ଉପସ୍ଥିତ ହୋଇପାରେ । ନୂତନ ନୂତନ ଉଦ୍ଭାବନ ନୂତନ ନୂତନ କାର୍ଯ୍ୟକ୍ଷେତ୍ର ତାହା ମନ ସମ୍ମୁଖରେ ଉପସ୍ଥିତ ହୁଏ । ମନୁଷ୍ୟର ଜ୍ଞାନ ଚତୁର୍ଦ୍ଦିଗର ଅବସ୍ଥାକୁ ଦେଖି ସର୍ବଦା ଜାଗରୁକ ଓ କ୍ରିୟାଶୀଳ ।

ପୂର୍ବକାଳର ଚିନ୍ତାଶୀଳ ଆର୍ଯ୍ୟମାନେ ମାନସିକ ଅପଚୟ ନିବାରଣ ସକାଶେ ସମାଜର ପ୍ରଥମ ଶୃଙ୍ଖଳରେ ବ୍ରାହ୍ମଣଜାତି ସୃଷ୍ଟି କରିଥିଲେ ।

"ନ ବିଶେଷୋଽସ୍ତି ବର୍ଣ୍ଣାନାଂ
ସର୍ବ ବ୍ରହ୍ମମିଦଂ ଜଗତ୍ ।
ବ୍ରହ୍ମଣା ପୂର୍ବ୍ବସୃଷ୍ଟଂ ହି
କର୍ମ୍ମଭି ର୍ବର୍ଣ୍ଣତାଂ ଗତମ୍ ।"

ବ୍ରାହ୍ମଣ-ଜାତିମାନଙ୍କର ମୂଳକାଣ୍ଡି- ଆର୍ଯ୍ୟ ଅଙ୍ଗର ଶ୍ରେଷ୍ଠ ଅଙ୍ଗ-ମସ୍ତକ । ମସ୍ତକ ଆଦେଶରେ ସମସ୍ତ ଅଙ୍ଗ ଚାଳିତ ଓ ଶାସିତ—ବ୍ରାହ୍ମଣ ଦ୍ୱାରା ହିନ୍ଦୁ ସମାଜ ଚାଳିତ ଓ ଶାସିତ । ଆର୍ଯ୍ୟଭୂମିର ସର୍ବସ୍ୱ ଏହି ବ୍ରାହ୍ମଣର ବିସ୍ତାର । ଏମାନଙ୍କର ଉଦାର ଦେବୋପମ ଗୁଣରେ ହିନ୍ଦୁ ସମାଜ ଚାଳିତ ହେଉଥିଲା । ହିନ୍ଦୁ ସମାଜ ବ୍ରାହ୍ମଣଦ୍ୱାରା ରକ୍ଷିତ, ବ୍ରାହ୍ମଣ ହିନ୍ଦୁ ସମାଜ ଦ୍ୱାରା ରକ୍ଷିତ । ଏହି ଭାବ ପ୍ରାଚୀନ ହିନ୍ଦୁସମାଜରେ ଜାଗ୍ରତ ଥିଲା । ବ୍ରାହ୍ମଣ ରକ୍ଷଣଶୀଳଦଳ । ସର୍ବଦା ହିନ୍ଦୁ ସମାଜ ରକ୍ଷଣରେ ବ୍ରାହ୍ମଣ ନିଯୁକ୍ତ । ରାଜା ବ୍ରାହ୍ମଣର ରକ୍ଷକ । ବ୍ରାହ୍ମଣ ସମାଜରକ୍ଷକ । ଉତ୍କଳର ଏକ ଶ୍ରେଣୀ ବ୍ରାହ୍ମଣଙ୍କୁ ଶାସନୀ ବ୍ରାହ୍ମଣ ବୋଲଯାଏ । କାରଣ ଏମାନଙ୍କ ହସ୍ତରେ ସମାଜ ଶାସନର ଅଧିକାର ଥିଲା । ବ୍ରାହ୍ମଣମାନେ ଶାସ୍ତ୍ରଅଧ୍ୟୟନ ଏବଂ ଜ୍ଞାନୋପାର୍ଜ୍ଜନରେ ନିଯୁକ୍ତ ରହି ଥାଇ ଉଦାର ନୀତିଦ୍ୱାରା ସମାଜରକ୍ଷା କରୁଥିଲେ ଏବଂ ହିନ୍ଦୁସମାଜଦ୍ୱାରା ସୁରକ୍ଷିତ ହେବା ନିମନ୍ତେ ହିନ୍ଦୁ ସମାଜ ଉପରେ କୋମଳ କରଭାରର ବ୍ୟବସ୍ଥା ସ୍ଥିରୀ ବଞ୍ଚନା ନୁହେଁ । ରକ୍ଷକ ପକ୍ଷରେ ସ୍ୱାର୍ଥପରତା, ଉଚ୍ଚବାଞ୍ଛା ଏବଂ ବୃଥାଭିମାନ କ୍ରମେ କରିଥିଲେ । କେତେବେଳେ ଏପରି ଚଳେ ? ମୋର ଭାର ତୁମେ ବହନ କର, ତୁମ୍ଭଭାର ମୁଁ ବହନ କରିବି । ଚିରକାଳ ଏପରି ବ୍ୟବସ୍ଥା ପ୍ରବଳ ହେଲା । ରକ୍ଷିତ ମାନଙ୍କ ମଧ୍ୟରେ କାଳକ୍ରମେ ନୈତିକ ପରିବର୍ତ୍ତନ ସହିତ ଜ୍ଞାନର ଅଙ୍କୁରଫୁଟିଲା । ସମାଜ ଅନ୍ୟସ୍ୱାପ ଧାରଣ କଲା ।

ପିଲାକାଳରେ ଗୋଟିଏ ରହସ୍ୟପୂର୍ଣ୍ଣଘଟନା ମମ-

Digitized by srujanika@gmail.com

ରେ ପଡ଼ିଅଛି । ଏନକରେ ବାଲେଶ୍ୱର ଫୌଜଦାରୀ ସିରସ୍ତାଦାର ପୁଣ୍ୟଶ୍ଲୋକ ସ୍ୱର୍ଗୀୟ ପୁରୁଷୋତ୍ତମ ଦାସ ମହାଶୟ ଆପଣା ବୈଠକଖାନାରେ ଗାଦି ତକିଆ ଲଗାଇ ବସି କଚେରୀର କାର୍ଯ୍ୟ କରୁଅଛନ୍ତି ଏମନ୍ତ ସମୟରେ ଦକ୍ଷିଣରୁ ଜଣେ ଅର୍ଥୀ ବ୍ରାହ୍ମଣ ଉପସ୍ଥିତ ହେଲେ । କଣ୍ଠାଗତ ଶ୍ଲୋକଟିଏ ଆଉଡ଼ାଇ ଦକ୍ଷିଣପାଦ ତାହାଙ୍କ ମସ୍ତକରେ ସ୍ଥାପନ କଲେ । ଦାସ ମହାଶୟ ବ୍ରାହ୍ମଣଙ୍କର ପାଦ ସସମ୍ଭ୍ରମେ ଦୁଇ ହାତରେ ଟେକି ଧରନ୍ତେ ବ୍ରାହ୍ମଣ ପକ୍କା ଭୂମି ଉପରେ ଅଗ୍ର ଉଲଟ କଚଡ଼ାଏ ପଡ଼ିଗଲେ । ସିରସ୍ତାଦାର କୋମଳ ଓ ନମ୍ର ଭାବରେ କହିଲେ- ଆହା କେଉଁ ଘାନ୍ତେ ପଡ଼ିଗଲେ । ଅଧିକ ଉପରକୁ ଗୋଡ଼ ଟେକିଲେ ଅନେକ ତଳେ ପଡ଼ିବାକୁ ହୁଏ । ଆଉ କେବେଁ ଏତେ ଉପରକୁ ଗୋଡ ଟେକିବ ନାହିଁ ।" ଜ୍ଞାନ ସଙ୍ଗେ ସଙ୍ଗେ ଆଶାତିରିକ୍ତ ଦକ୍ଷିଣା ଦେଇ ବ୍ରାହ୍ମଣଙ୍କୁ ବିଦାୟ କଲେ । ପିଲାକାଳରେ ଏହି ସାମାନ୍ୟ ଘଟଣାଟି ରହସ୍ୟଜନକ ବୋଧ ହୋଇଥିଲା ଏବେ ବୋଧ ହେଉଅଛି ଏଥିରେ ଜ୍ଞାନ ଗର୍ଭ ଉପଦେଶ ନିହିତ । ଉତ୍କଳରେ ବ୍ରାହ୍ମଣ ଜାତିର ଅଧଃପତନ ଘଟିଅଛି । ତତ୍‌ସଙ୍ଗେ ଦେଶର ଅଭାବନୀୟ ଜାତୀୟ ମାନସିକ ଅପଚୟ ଘଟିଅଛି । ବ୍ରାହ୍ମଣମାନେ ଉତ୍କଳର ସର୍ବମୟ କର୍ତ୍ତା ଓ ନେତା ଥିଲେ । ଆଜି ସେମାନେ ପଥର ଭିକାରି । ସମଗ୍ର ଉତ୍କଳର ଅଳ୍ପ ସଂଖ୍ୟକ ବ୍ରାହ୍ମଣ ଛାଡ଼ି ଅବଶିଷ୍ଟ ମୂର୍ଖ । ମୂର୍ଖର ଯେ ଗୁଣମାନ ବର୍ତ୍ତମାନ ଏମାନଙ୍କଠାରେ ତାହାର ଅଭାବ ନାହିଁ...। ପୁଣି ଜାତ୍ୟଭିମାନ ମୂର୍ଖତାକୁ ଦ୍ୱିଗୁଣିତ କରିଅଛି । ସୁବର୍ଣ୍ଣରେଖାଠାରୁ ଗଞ୍ଜାମର ପର୍ଯ୍ୟନ୍ତ ଏହି ମଧ୍ୟବର୍ତ୍ତୀ ସ୍ଥାନ ମଧ୍ୟରେ ୩୪ହଜାର ଦକ୍ଷଣୀ ଥଳୀଆ ବ୍ରାହ୍ମଣ ଭିକ୍ଷାର୍ଥୀ ରୂପେ ଭ୍ରମଣ କରୁଅଛନ୍ତି । ଜ୍ଞାନ ନାହିଁ, ଧର୍ମ ନାହିଁ, ନୀତି ନାହିଁ, ଚିନ୍ତା-ନାହିଁ, କଳ୍ପନା ନାହିଁ, ପଶୁବିଶେଷ ଥଳୀ କାନ୍ଧେ ଦେଶରେ "ବାବୁ ଭିକ ମିଳୁ ।" ଦ୍ୱାରେ ଦ୍ୱାରେ ଏହି ଉଚ୍ଚରବ । ଘର କେଉଁଠାରେ ? ବିରାମଚନ୍ଦ୍ରପୁର ଶାସନ, ହରିହରପୁର ଶାସନ ଆମ୍ଭେ ପୁଅ ନାତି ତିନିପୁରୁଷ ଯାକ ଏହି ଦେଶରେ ଭିକ ମାଗୁଅଛୁଁ- ବ୍ରାହ୍ମଣ ଭିକାରି ଠାକୁରରେ କରିଅଛନ୍ତି, କାହିଁ କରିବା ଭିକ ନ ମାଗି ବାବୁ ? ଆଉ ଥୋକାଏ ବ୍ରାହ୍ମଣ ପଣ୍ଡା ବା ପଣ୍ଡାମାନଙ୍କର ଗୁମାସ୍ତା ରୂପେ ଶ୍ରୀକ୍ଷେତ୍ରକୁ ଯାତ୍ରୀ ନେବାକୁ ଭାରତବର୍ଷର ଚତୁର୍ଦ୍ଦିଗରେ ଭ୍ରମଣ କରୁଅଛନ୍ତି, ଏମାନଙ୍କର ସଂଖ୍ୟା ଅଳ୍ପ ନୁହେଁ—ବହୁସହସ୍ର । କେବଳ ଭ୍ରମଣ ଏମାନଙ୍କର ସାର । ଏଦା'ମଧ୍ୟରେ ସାର ଶ୍ରୀକ୍ଷେତ୍ରର ମାହାତ୍ମ୍ୟ ଯାତ୍ରୀମାନଙ୍କ ଠାରେ ବାଖ୍ୟା କରିବାର । କର୍ତ୍ତବ୍ୟ ମଧ୍ୟରେ ସାତ ଯାତ୍ରୀ-ସେବା । ଭ୍ରମଣ ଦ୍ୱାରା ବହୁଦର୍ଶିତା ଲାଭ, ମନର ଉତ୍କର୍ଷସାଧନ ସମ୍ବନ୍ଧ ଏମାନଙ୍କର ସମ୍ପର୍କ ନାହିଁ । ବିଦେଶଠାରୁ ସ୍ୱଦେଶରେ ବ୍ରାହ୍ମଣ ମାନଙ୍କର ଦୁର୍ଗତି ଅଳ୍ପ ନୁହେଁ । ମନଜ୍ଞାନ ନାହିଁ, ସ୍ନାନ ଜ୍ଞାନ ନାହିଁ, ମାଂସଜ୍ଞାନ ନାହିଁ, ଗୋଟିଏ ମଇଳା ନିମନ୍ତେ ଅତି ହୀନଭାବରେ ହୀନ ଭୋଜନ ନିମନ୍ତେ ମହାଶନ୍ୟ ସମୟ ଅପଚୟ କରିବାକୁ ଆଦୌ କୁଣ୍ଠିତ ନୁହନ୍ତି । କବି କହିଅଛନ୍ତି

"କଳିଶିଷ୍ୟ କୁଷିମଣ୍ଡଳ ଦ୍ୱିଜାତିଦୁଷ୍କୃତି
ଯୋଗେ ନାରଖାର ହେବ ଅଚିରେ ଏ ମହୀ"

କବିଙ୍କର ଏହି ଶ୍ଲୋକର ବ୍ୟାଖ୍ୟା ଅଛି । ରାଜା, ଶାସନ ବା ବ୍ୟବସ୍ଥା ଦ୍ୱାରା ମନୁଷ୍ୟର ଯେ ଉପକାର ହୁଏ ତାହା ସଂକୀର୍ଣ୍ଣ-ସୀମାବଦ୍ଧ । ସ୍ୱାଧୀନ ଚିନ୍ତା ଏବଂ ବିଜ୍ଞାନର ଆବିଷ୍କାର ନର ଜଗତର ଉନ୍ନତିର ପ୍ରଶସ୍ତମାର୍ଗ । ବ୍ରାହ୍ମଣମାନେ ସ୍ୱାର୍ଥ ପ୍ରେରଣାବଶତ ହୋଇ ଏ ମାର୍ଗରେ ଅନ୍ୟ ଜାତିକୁ ପଥିକ କରାଇଲେ ନାହିଁ । ପୁରାଣାଦି ପ୍ରଣୟନ ଦ୍ୱାରା ଉକ୍ତ ମାର୍ଗ ଦୃଢ଼ଭାବରେ ଆବଦ୍ଧ କଲେ । ଏହିଠାରୁ ଜାତୀୟ ମହାପତନର ଆରମ୍ଭ ହେଲା ।

ନରସମାଜ ଗୋଟିଏ ବୃହତ କୁଟୁମ୍ବ । ଯେଉଁ ପରିବାରରେ କୁଟୁମ୍ବ ପଞ୍ଚା ଉପସ୍ଥିତ ହୁଏ ସେ ପରିବାରର ଅଧୋଗତି ଅନିବାର୍ଯ୍ୟ । ବ୍ୟକ୍ତିଗତ ଅଧୋଗତିରୁ ଜାତିଗତ ଅଧୋଗତି- ଜାତିଗତ ଅଧୋଗତିରୁ ଦେଶର ଅଧୋଗତି । ଅଧୋଗତି ଶେଷସୀମାରେ ।

Digitized by srujanika@gmail.com

ଉପସ୍ଥିତ ହୋଇଅଛି । ହିଂସାଦି ଦୁଷ୍କୃତି ହେତୁ ସମଗ୍ର ଭାରତ ମଧ୍ୟରେ ହୋଇଅଛି ବିଶେଷତଃ ଉତ୍କଳ । ଆଜି ଏହି ପ୍ରବଳ ପାଶ୍ଚାତ୍ୟ ଉନ୍ନତ ଯୁଗରେ-ବୈଜ୍ଞାନିକ ଉନ୍ନତିଯୁଗର ନବୋଧ ଓଡ଼ିଆ "ମାସ୍ତମା ବ୍ରାହ୍ମଣଙ୍କୁ ପ୍ରମାଣ କରିବା ଉଚିତ କି ନା ? ଅମୁକ ଶ୍ରେଣୀ ବ୍ରାହ୍ମଣଙ୍କ ସହିତ ଏକପଂକ୍ତିରେ ବସି ଦହି ଚୂଡ଼ା ଗ୍ରାସ କରିବାର ଉଚିତ କି ନା ?" ଏହିଭଳି ତର୍କରେ କାଳ କଟାଉ ଅଛନ୍ତି । ପରନ୍ତୁ ଏପରି ନିର୍ଲଜ୍ଜ ପତ୍ରିକା ଅଛି ଯେ ଏ ସକଳ ପ୍ରସ୍ତାବକୁ କୋଡ଼ରେ ସ୍ଥାନ ଦେଉଅଛି । ଆହୁରି ବଡ଼ିବ "ପଣ୍ଡିତ କିଏ ?" ଏହି ତର୍କରେ ମୂର୍ଖତାର ପରାକାଷ୍ଠା ପ୍ରକାଶ ପାଉଅଛି । ଏବମ୍ବିଧ ମାନସିକ ଅପଚୟ ଯଦି ନବଜାତ "ଉତ୍କଳ-ସାହିତ୍ୟ" ଯୋଗେ କଥିତ ପରିମାଣରେ ନିବାରିତ ହୁଏ ତେବେ ଉତ୍କଳର ସୌଭାଗ୍ୟ ଭାବି ଆମ୍ଭେମାନେ ସୁଖୀ ହେବୁଁ । (କ୍ରମଶଃ)

ଶ୍ରୀ ବିଶ୍ୱନାଥ ସାମନ୍ତରାୟ

---

# ମାଧୁରୀ

---

ବିଧାତା ଉଆଣେ    ରମଣୀଏ ଅଛି
    ଜଗତମନୋମୋହିନୀ,
ଶୁଣିବା ପାଇବା    ପାଇଁ ହେଲି ମୁହିଁ
    ଅଧୀର ଦିନ ଯାମିନୀ ।
ଦେଖିଣ ଥିଲେଟି    କେତେଥର ମାତ୍ର
    ଚିହ୍ନି ତ ନଥିଲି ତାକୁ,
ନଚିହ୍ନି ନଜାଣି,    ଶୁଣି ମୁଁ ଅଥୟ
    ତାହା ସଙ୍ଗ ଲଭିବାକୁ ।
ଭାଳୁଁ ଭାଳୁଁ ମନେ    ହୋଇଗଲା ପ୍ରତ୍ୟୟ
    ନିଶ୍ଚେ ସେ ମିଳିବ ମତେ,
ବର୍ଷେ ବସିଲି    ମିଳିଲେ ରମଣୀ
    ରଖିବି କାହିଁ କେମନ୍ତେ ।
ଦେଖିଲେ ତାହାକୁ    ଆନ କେହି ଲୋଭେ
    କାଳ ହେବ ପଳାଇବ,
ଶଙ୍କି, ବିଚାରିଲି    ରଖିବି ଏମନ୍ତ
    ଠାବେ କେହି ନଦେଖିବ ।
କାହିଁଛି ତେସନ    ଠାବ ? ମନେ କରି
    ରଖିବି ପଥର ଘରେ;
ଉଁହୁଁ ଉହୁଁ, ମହା-    ପଥର ଘରକୁ
    ମାନିବେ ନାହିଁ ତସ୍କରେ ।
ବିଚାରିଲି ଲୌହ    ସିନ୍ଦୁକ ଭିତରେ
    ରଖିବି ମୁଁ ମାଟିତଳେ,
ଜାଣିଛି ସିନ୍ଦୁକ    ବଳେ ସିନା ମାତ୍ର
    ଜଣି ନାହିଁ କୌଶଳେ ।
ବିଚାରିଲି ତାକୁ    ଯତନେ ରଖିବି
    ନିବିଡ଼ ନିକୁଞ୍ଜ ବନେ,
ମାତ୍ର ମୁଁ କେଶନ    ନିହିବି ବିଶ୍ୱାସ
    ଗ୍ରୀଷ୍ମାଫୁଲ୍ଲ ସମୀରଣେ ।
ଉପବନେ ମଲ୍ଲୀ    ମାଳତୀ ଗୋଲାପ
    ଗଢ଼ିଲେ ବା ଥୋଇଦେବି;
ମାତ୍ର ଅନୁକ୍ଷଣ    ଭ୍ରମୁଥାନ୍ତି ତହିଁ
    କେତେ ଉପବନ-ସେବୀ ।
ବିଚାରିଲି ବସ୍ତ୍ର    ବସନ ଭୂଷଣ ଦେହେ
    ଦେହେ ଥିବ ହେନା;
ମାତ୍ର ଜଗତରେ    ବଡ ଲୋଭ ସିନା
    ଜନମାନ୍ତ୍ର ଏହି ଦେନ ।

Digitized by srujanika@gmail.com

ଅଙ୍ଗେ ଅଙ୍ଗରାଗ ଅବା କାନ୍ତି କରି
ରଖିଛି ବା ରମଣୀଙ୍କ;
ଡର ହେଲା ମନେ, ଅଧିକ ଅନର୍ଥ
ଏହା ଯେବେ ହୁଏଟିକ ।
ଏହିରୂପେ କେତେ ବିଚାର ବିଚାର
ଶେଷେ କଲି ଏହା ସ୍ଥିର,
ଗୁପତରେ ମନ୍ତ୍ରୁ ରମଣୀରତନ
ମୋର ହୃଦୟ-କୁଟୀର ।
ଦରିଦ୍ର କୁଟୀଟି ଲେପି ପୋଛି ମୁହିଁ
ଦେଲି ଅତି ଯତନରେ,
ନିବସ୍ତ୍ର ଚିତ୍ତରେ ଧ୍ୟାଇ ଆବାହନ
କଲି ସେ ରମଣୀବରେ ।
ସଦୃଶୀ ସଜନୀ ଧଙ୍ଗେ ସେ ମୋହିନୀ
ଅବତରି ଧୀରେ ଧୀରେ,
ନ କରିଣ ଘୃଣା ନିହାଳି ସାମାନ୍ୟ
ମାଟିବେଢ଼ା ସେ କୁଟିରେ ।
ଚନ୍ଦ୍ରିକା ପୁଲକେ ହେରି, ବିଶ୍ୱରଞ୍ଜ-
ନେମା, ମଧୁରି ତା ନାମ,
ଦେହେ ଶାନ୍ତି-ଶାଢ଼ୀ ଶିରେ ଭକ୍ତି-ଚୂଡ଼ା,
ଗଳେ ପ୍ରୀତି-ପୁଷ୍ପଦାମ ।

ଶ୍ରୀ ଚନ୍ଦ୍ରମୋହନ ମହାରଣା

---

# ହିନ୍ଦୁ ଧର୍ମର ପୁନରୁଥାନ

କୌଣସି ସମାଜ ବା ଧର୍ମର ପୁନରୁଥାନ ବୋଇଲେ ସେହି ସମାଜ ବା ଧର୍ମର ପୂର୍ବବର୍ତ୍ତୀ ଲୁପ୍ତ ବା ନିର୍ଜୀବ ଅବସ୍ଥା ସୂଚିତ ହୁଏ । ବୌଦ୍ଧ ଧର୍ମର ପ୍ରାଦୁର୍ଭାବ ସଙ୍ଗେ ସଙ୍ଗେ ହିନ୍ଦୁଧର୍ମ ମ୍ରିୟମାଣ ହେବାକୁ ଆରମ୍ଭ ହୋଇ ଏକ ସମୟରେ ଏକାବେଳକେ ଭାରତ ଭୂମିରୁ ଅନ୍ତର୍ହିତ ହେବା ପ୍ରାୟ ହୋଇଥିଲା । ମାତ୍ର ନିୟତିଚକ୍ରର ଆବର୍ତ୍ତରେ ପଡ଼ି ପୁଣି ବୌଦ୍ଧ-ଧର୍ମ ଭାରତ ବାହାରୁ ବିତାଡ଼ିତ ହେଲା ଏବଂ ଏହି ତିରୋଧାନର ପରମୁହୂର୍ତ୍ତରୁହିଁ ହିନ୍ଦୁଧର୍ମର ପୁନରୁଥାନ ଆରମ୍ଭ ହେଲା । ମାତ୍ର ଏହି ପୁନ-ରୁଥାନହିଁ ପ୍ରକୃତ ପକ୍ଷେ ପବିତ୍ର ଆର୍ଯ୍ୟଧର୍ମର ପତନର କାରଣ ହେଲା । କାରଣ ବୌଦ୍ଧ ଧର୍ମର ତିରୋଧାନରେ ଯେଉଁ ଧର୍ମ ପୁନରୁଥିତ ହେଲା ତାହା ବିଶୁଦ୍ଧ ହିନ୍ଦୁଧର୍ମ ନୁହେଁ—ହିନ୍ଦୁ ଧର୍ମର ବିକାର ବା ବ୍ରାହ୍ମଣ୍ୟଧର୍ମ ଅର୍ଥାତ୍ ଜାତିଭେଦ-ମୂଳକ ଧର୍ମ । ଯେଉଁ ପୂର୍ବତନ ଋଷି ମାନେ ବେଦ-ଧନ୍ୟରେ ପଞ୍ଚନଦତୀରର ନିନାଦିତ କରି ଭାରତ ବିଜୟ କରିଥିଲେ ସେମାନଙ୍କ ପ୍ରବର୍ତ୍ତିତ ଧର୍ମ ହିଁ ବିଶୁଦ୍ଧ ସନାତନ ଧର୍ମ । ସେମାନେ ବ୍ରାହ୍ମଣ ନଥିଲେ । ସେହି ସମୟରେ ସାହିତ୍ୟ ଅର୍ଥାତ୍ ବେଦ ମନ୍ତ୍ର ସତ୍ୟ ସାକ୍ଷ୍ୟ ପ୍ରଦାନ କରେ ଯେ ସେମାନେ ବର୍ଣ୍ଣଭେଦହୀନ ଏକ ମହାତେଜସ୍ୱୀ ଆର୍ଯ୍ୟଜାତି ଥିଲେ । ସେମାନେ ଦେବଦେବୀର ଅର୍ଚ୍ଚନା ନିମିତ୍ତ ଯଜ୍ଞାନୁଷ୍ଠାନ କରୁଥିଲେ; ପୌରୋହିତ୍ୟ ସ୍ୱୀକାର କରୁ ନ ଥିଲେ । ବୌଦ୍ଧଧର୍ମର ପରିବର୍ତ୍ତରେ ଯଦି ଏହି ବିଶୁଦ୍ଧ ହିନ୍ଦୁଧର୍ମ ଭାରତର ପୁନଃ ପ୍ରଚଳିତ ହୋଇଥାନ୍ତା ତାହାହେଲେ ଭାରତର ପତନ କଦାପି ହୋଇ ନଥାନ୍ତା । କେବଳ ଜାତିଭେଦ-ମୂଳକ ବ୍ରାହ୍ମଣ ପ୍ରାଧାନ୍ୟହିଁ ଯେତେ ଅନର୍ଥର ସୂତ୍ରପାତ କରିଅଛି । ଆଜି ଆମ୍ଭେମାନେ ଭାରତ ବ୍ୟାପୀ ଯେଉଁ ଅନୈକ୍ୟଦ୍ୱାରା ଜର୍ଜରିତ

Digitized by srujanika@gmail.com

ହୋଇଅଛି, ଯାହାର ଫଳ ହୋଇଅଛି ଭୟାନକ ଆତ୍ମକଳହ ଓ ରାଜନୈତିକ ମୃତ୍ୟୁ। ତାହା ଯେ କେବଳ ଏହି ବ୍ରାହ୍ମଣ୍ୟଧର୍ମରୁ ପ୍ରସୂତ ତାହା କିଏ ଅସ୍ୱୀକାର କରିବ ?

ପୃଥିବୀରେ ଯେତେ ଧର୍ମାନ୍ଦୋଳନ ଉପସ୍ଥିତ ହୋଇଅଛି ତାହା କେବଳ ସୁଫଳହିଁ ପ୍ରସବ କରିଅଛି। ପ୍ରେମିକଶ୍ରେଷ୍ଠ ଚୈତନ୍ୟ, ଧର୍ମବୀର ଲୁଥର ପ୍ରଭୃତି ଜଗଦ୍ବିଖ୍ୟାତ ମହାତ୍ମାମାନେ ଯେଉଁ ଆନ୍ଦୋଳନ ଘେନି ପୃଥିବୀରେ ଅବତୀର୍ଣ୍ଣ ହୋଇଥିଲେ ତଦ୍ଦ୍ୱାରା ପୃଥିବୀରେ କେତେ ପାପରାଶି ବିଧ୍ୱସ୍ତ ହୋଇଅଛି ତାହା ଭାବିଲେ ଅବାକ ହେବାକୁ ହୁଏ। ବର୍ତ୍ତମାନ ମଧ୍ୟ ଆମ୍ଭମାନଙ୍କ ଦେଶରେ ହିନ୍ଦୁଧର୍ମର ପୁନରୁତ୍ଥାନ ହୋଇଅଛି ବୋଲି ଏକ ମହା କୋଳାହଳ ଉପସ୍ଥିତ ହୋଇଅଛି। ମାତ୍ର ଦୁଃଖର ବିଷୟ ଯେ ଏହି ଦେଶବ୍ୟାପୀ ଆନ୍ଦୋଳନର ଅନ୍ତସ୍ଥଳ ଭେଦ କରି ଦେଖିଲେ କେବଳ ବ୍ରାହ୍ମଣ ପ୍ରାଧାନ୍ୟର ପ୍ରାବଲ୍ୟ ଦୃଷ୍ଟିଗୋଚର ହୁଏ। ଏହି ବର୍ଣ୍ଣଭେଦ ରୂପ ମହାନିଷ୍ଟକାରୀ ହିନ୍ଦୁଧର୍ମ ଯଦି ପୁନରୁତ୍ଥିତ ହୁଏ, ଯାହା ହେଲେ ହିନ୍ଦୁର ଦୁର୍ଭାଗ୍ୟର ଆଉ ସୀମା ରହିବ ନାହିଁ।

ବର୍ଣ୍ଣଭେଦ ପ୍ରଧାନ ଧର୍ମ ଅଭିମାନ ଓ ଆତ୍ମସ୍ୱତା ଉପରେ ସଂସ୍ଥାପିତ ଏବଂ ଯାହା ଅଭିମାନ ଓ ଆତ୍ମସ୍ୱତା ଉପରେ ସଂସ୍ଥାପିତ, ତାହାର ପତନ ଅନିବାର୍ଯ୍ୟ, ଏହା ଗୋଟିଏ ଐତିହାସିକ ସତ୍ୟ। ମାତ୍ର ଆଶ୍ଚର୍ଯ୍ୟର ବିଷୟ ଏହି, ଯେଉଁମାନେ ଷଡ଼ରିପୁ ଦମନକୁହିଁ ହିନ୍ଦୁଧର୍ମର ମୂଳଭିତ୍ତି ବୋଲି ମନେ କରନ୍ତି, ସେହିମାନେ ପୁଣି [illegible] ଶ୍ରେଷ୍ଠ ଅହଂକାରର ଭିତ୍ତି ଉପରେ ହିନ୍ଦୁଧର୍ମକୁ ସଂସ୍ଥାପନ କରିବାକୁ ଅଭିଳାଷୀ। ସେମାନଙ୍କର ଯୁକ୍ତି ଏହିପରି—ମୁଁ ପବିତ୍ର ସୂତ୍ରଧାରୀ ବ୍ରାହ୍ମଣ, ଅତଏବ କାୟସ୍ଥ ଅପେକ୍ଷା ଶ୍ରେଷ୍ଠ; ତୁମେ ବୈଦ୍ୟ, ତେଣୁ ଶୂଦ୍ର ଅପେକ୍ଷା ଶ୍ରେଷ୍ଠ, ଇତ୍ୟାଦି ଇତ୍ୟାଦି। ଆହା ! କି ଅଭିମାନ !! ଏହି ଅଭିମାନହିଁ ଘୋର ଜାତିଭେଦ ବା ଆତ୍ମବିଚ୍ଛେଦର ପ୍ରବର୍ତ୍ତକ। ଅତଏବ କହୁଥିଲୁ ଯେ ଏ ପ୍ରକାର ବର୍ଣ୍ଣଭେଦମୂଳକ ହିନ୍ଦୁଧର୍ମ ପୁନରୁତ୍ଥିତ ହେଲେ ହିନ୍ଦୁର ଆଉ ଦୁର୍ଭାଗ୍ୟର ସୀମା ରହିବ ନାହିଁ। ଏ ପ୍ରକାର ପୁନରୁତ୍ଥାନକୁ ଦୂରରୁ ଆମ୍ଭମାନଙ୍କର ନମସ୍କାର।

ବିଶୁଦ୍ଧ ହିନ୍ଦୁତ୍ୱ ସର୍ବଧର୍ମ। ଯେତେଦିନ ଭାରତରେ ଏହି ବିଶୁଦ୍ଧଧର୍ମ ପ୍ରତିଷ୍ଠିତ ଥିଲା ସେତେଦିନ ଭାରତ ପୃଥିବୀର ଶ୍ରେଷ୍ଠତମ ଦେଶ ବୋଲି ପରିଗଣିତ ହୋଇଥିଲା। ସେତେବେଳେ କୌଣସି ପ୍ରକାର ସାମ୍ପ୍ରଦାୟିକତା ଏହାକୁ ସ୍ପର୍ଶ କରି ନ ଥିଲା। କାରଣ ସମସ୍ତ ଧର୍ମର ମୂଳକଥା ଏକ-ଈଶ୍ୱରଭକ୍ତି ଓ ମାନବ ପ୍ରୀତି। ସମସ୍ତ ମନୁଷ୍ୟ ସମାନ ପ୍ରତ୍ୟେକ ମାନବର ଧର୍ମକର୍ମରେ ସମାନ ଅଧିକାର ଏହା ହିନ୍ଦୁଶାସ୍ତ୍ର ପତ୍ରେ ୨ ସ୍ୱର୍ଣ୍ଣାକ୍ଷରରେ ଅଙ୍କିତ ହୋଇଅଛି। ତେବେ କାହିଁକି ଭାଇ ଏହି ସଙ୍କୀର୍ଣ୍ଣ ଭେଦମୂଳକ ମିଥ୍ୟାଧର୍ମ ଘେନି ଏତେ ବ୍ୟସ୍ତ ହୋଇଅଛ ? ମନେ କରିଅଛ କି ତାହା ଘେନି କଦାପି ପୃଥିବୀର ମଙ୍ଗଳ ସାଧନ କରି ପାରିବ ? କଦାପି ନୁହେଁ...। କଦାପି ନୁହେଁ...। ଯଦି ବାସ୍ତବିକ ମଙ୍ଗଳ କାମନା କର ତାହାହେଲେ ମଣି ଭାରତରେ ଉପନିଷଦ ଓ ଦର୍ଶନର ଧର୍ମ ସାଧନ ଓ ପ୍ରଚାରକର ଜାତିଭେଦ ରୂପ ଉତ୍କଟ ବିଷବୃକ୍ଷକୁ ସମୂଳେ ଉତ୍ପାଟିତ କର। ତାହାହେଲେ ପୁଣି ଭାରତ ସ୍ୱର୍ଣ୍ଣଭାରତ ହୋଇ ଉଠିବ, ପତିତ ଆର୍ଯ୍ୟଜାତି ପୁଣି ଜଗତରେ ସର୍ବଶ୍ରେଷ୍ଠ ଜାତି ବୋଲି ପରିଗଣିତ ହେବ।

କଥିତ ଧର୍ମର ପୁନଃ ପ୍ରବର୍ତ୍ତନର ଚେଷ୍ଟା ଯେ ଆଦୌ ହୋଇ ନାହିଁ ଏମନ୍ତ ନୁହେଁ। କ୍ରମାଗତ କେତକ ଶତାବ୍ଦୀ ପୁରାଣ ପ୍ରଚାରିତ ଧର୍ମ ଦ୍ୱାରା ପ୍ଲାବିତ ହେଲା ଉତ୍ତାରେ ଭାରତ ଉଦାର ବ୍ରିଟିଶ ଶାସନାଧୀନ ହେଲା ଏବଂ ପ୍ରକୃତ ପକ୍ଷେ ସେହି ଶୁଭମୁହୂର୍ତ୍ତରୁହିଁ ତାହାର ରାଜନୈତିକ ଓ ଧର୍ମସମ୍ବନ୍ଧୀୟ ପୁନରୁତ୍ଥାନର ଆରମ୍ଭ ହୋଇଅଛି। ଏହି ପୁନରୁତ୍ଥାନର ଏକମାତ୍ର ପ୍ରବର୍ତ୍ତକ ଭାରତର ସେହି ଜଗନ୍ନାଥ ପୁରୁଷ ପୁଙ୍ଗବ ମହାତ୍ମା ରାଜା ରାମମୋହନ ରାୟ। ଉପନିଷତ୍ ଯେ ହିନ୍ଦୁଙ୍କର ପ୍ରକୃତ ଏକେଶ୍ୱରବାଦ ଯେ ହିନ୍ଦୁଧର୍ମର ମୂଳ ଓ ସାରତତ୍ତ୍ୱ ତାହା ପୁରାଣ ପ୍ଲାବିତ ଭାରତ ଏକା।

Digitized by srujanika@gmail.com

ବେଳକେ ବିସ୍ମୃତ ହୋଇଥିଲା । ରାଜା ରାମମୋହନ ସର୍ବ ପ୍ରଥମେ ସେହି ଲୁପ୍ତରତ୍ନର ଉଦ୍ଧାର ସାଧନ କଲେ । କେବଳ ଯେ ସେ ଏହାର ପୁନରୁଦ୍ଧାର ସାଧନ କରି କ୍ଷାନ୍ତ ହୋଇଥିଲେ ତାହା ନୁହେଁ । ସେ ଏହାକୁ ପୁନଃ ପ୍ରତିଷ୍ଠିତ କରିବାକୁ ଏବଂ ଏହାକୁ ସୁଦୂର ୟୁରୋପ ଓ ଆମେରିକା ମହାଦେଶକୁ ନେଇ ଯିବାକୁ ମଧ୍ୟ ପ୍ରଭୂତ ଆତ୍ମତ୍ୟାଗ ସ୍ୱୀକାର କରିଥିଲେ । ତାଙ୍କର ପ୍ରବର୍ତ୍ତିତ ଧର୍ମହିଁ ଆଜି ପୃଥିବୀର ବିଶୁଦ୍ଧ ହିନ୍ଦୁଧର୍ମ ବୋଲି ବିଖ୍ୟାତ । ଏହି ଧର୍ମର ପ୍ରବର୍ତ୍ତନ ଓ ପ୍ରଚାରରେ ଯେଉଁମାନେ ସାହାଯ୍ୟ କରୁଅଛନ୍ତି କେବଳ ସେହିମାନେହିଁ ହିନ୍ଦୁଧର୍ମର ପ୍ରକୃତ ପୁନରୁତ୍ଥାନକାରୀ ନାମରେ ଯୋଗ୍ୟ । ଆଜି ଯେଉଁମାନେ ପୁନରାୟ ଭାରତରେ ବ୍ରାହ୍ମଣ-ପ୍ରାଧାନ୍ୟର ପ୍ରତିଷ୍ଠା ଦେଖିବାକୁ ଇଚ୍ଛୁକ ସେମାନେ ହିନ୍ଦୁଧର୍ମର ଉଦ୍ଧାର କର୍ତ୍ତା ହେବା ଦୂରେଥାଉ ତାହାର ପରମଶତ୍ରୁ । ସେମାନଙ୍କ ଠାରେ ଆମ୍ଭମାନଙ୍କର ବିନୀତ ନିବେଦନ ଏହିକି ସତ୍ୟର ଗତି ରୋଧ କରିବାକୁ ଚେଷ୍ଟା କରିବ କେବଳ ବାତୁଳତା ଭିନ୍ନ ଅନ୍ୟ କିଛି ହୋଇ ନ ପାରେ । ସତ୍ୟ ହିମାଳୟ ସଦୃଶ ବାଧାବିଘ୍ନ ଲଙ୍ଘନ କରି ସର୍ବୋପରି ତାହାର ମସ୍ତକୋତ୍ତୋଳନ କରିବ ଏବଂ ସର୍ବଦା ବଜ୍ରନିର୍ଘୋଷରେ ତାହାର ଏକମାତ୍ର ମହାମନ୍ତ୍ର

ସତ୍ୟମେବ ଜୟତେ

ଉଚ୍ଚାରଣ କରୁଥିବ । ତୁମ୍ଭେ ଶୁଣ ବା ନଶୁଣ ସେ କାହାରି ପ୍ରତି ଭ୍ରୂକ୍ଷେପ କରିବ ନାହିଁ କାରଣ ସେ ଜାଣେ ସର୍ବଶେଷରେ ପ୍ରତ୍ୟେକ ମାନବକୁ ତାହାରି ଶାନ୍ତିମୟ କ୍ରୋଡ଼ରେ ଆଶ୍ରୟ ନେବାକୁ ହେବ, ନଚେତ୍ ତାହାର ସଦ୍‌ଗତି ଅସମ୍ଭବ, ଏହା ଧ୍ରୁବସତ୍ୟ । ବିଶୁଦ୍ଧ ହିନ୍ଦୁଧର୍ମକୁ ବ୍ରାହ୍ମଣ୍ୟ-ଧର୍ମର ଗ୍ରାସରୁ ରକ୍ଷା କରିବାକୁ ହେଲେ ସର୍ବାଦୌ ପୁରାଣମାନଙ୍କ ପ୍ରତି ଶ୍ରଦ୍ଧାହୀନ ହେବାକୁ ହେବ ଏବଂ ତତ୍‌ପରିବର୍ତ୍ତେ ବେଦର ମନ୍ତ୍ର ଓ ଉପନିଷଦ୍‌ଭାଗରେ ସମ୍ୟକ୍ ଆଦର କରିବାକୁ ହେବ । କଳ୍ପନାବାହୁଳ ଓ ସତ୍ୟଦଳନ ପୁରାଣ ଯେ ଆମ୍ଭମାନଙ୍କର କି ଅନିଷ୍ଟ ସାଧନ କରୁଅଛି ତାହା ଆଉ ଅଧିକ କାହାରିକୁ ବୁଝାଇ ଦେବାକୁ ହେବ ନାହିଁ । କାହିଁ ଉପନିଷଦର ସେହି "ଏକମେବା ଦ୍ୱିତୀୟମ" ଆଉ କାହିଁ ପୁରାଣର ସେହି ତେତିଶ କୋଟି ଦେବଦେବୀ ! କାହିଁ ଏଣେ ସେହି "ଅଶବ୍ଦମସ୍ପର୍ଶମବ୍ୟୟମ୍" ରୂପ ଆଉ କାହିଁ ଅନ୍ୟର ସେହି କାଷ୍ଠପାଷାଣ ମୂର୍ତ୍ତି !!! ଏହାଠାରୁ ବଳି କଳ୍ପନାର କ୍ରୀଡ଼ା କଣ ହୋଇପାରେ ।

ଦ୍ୱିତୀୟତଃ ଆହାରଗତ ଓ ବିବାହଗତ ଜାତିଭେଦ ଉଠାଇ ଦେବାକୁ ହେବ । ଏହି ଜାତିଭେଦ ପ୍ରଥା ଯେ ଆମ୍ଭମାନଙ୍କର କେତେ-ଦୂର ଅବନତିର କାରଣ ହୋଇଅଛି ତାହା ନିତାନ୍ତ ବାତୁଳ ମସ୍ତିଷ୍କ ବ୍ୟକ୍ତି ଆଉ ସମସ୍ତେ ସ୍ପଷ୍ଟ ଅନୁମାନ କରି ପାରିବେ । ଆମ୍ଭେମାନେ ଦେଖି ସୁଖୀ ହେଲୁଁ ଯେ ଏହି ମହାନିଷ୍ଟକାରୀ ଶତ୍ରୁ ବିରୋଧରେ ଭାରତର କତିପୟ ପରମ ବୈଷ୍ଣବ ସମ୍ପାଦକମାନେ ନିଜ ନିଜ ଲେଖନୀ ଚାଳନା କରୁଅଛନ୍ତି ।

ତୃତୀୟତଃ ଆମ୍ଭମାନଙ୍କର ପ୍ରତ୍ୟେକ ଦୈବ ଓ ପିତୃମାତୃ କାର୍ଯ୍ୟରେ ସଂସ୍କୃତ ଭାଷା ପରି-ବର୍ତ୍ତେ ସ୍ୱ ମାତୃଭାଷାର ପ୍ରଚଳନ ହେବା ଆବଶ୍ୟକ । ଅର୍ଥ ନବୁଝି ମନ୍ତ୍ରପାଠରେ ଆମ୍ଭମାନେ ଖୁବ୍ ଅଭ୍ୟସ୍ତ ହୋଇ ପଡ଼ିଅଛୁ । ଆମ୍ଭେମାନେ ଧର୍ମସାଧନାର୍ଥେ ଯେଉଁ ସବୁ ମନ୍ତ୍ର ପଢ଼ୁଥାଉଁ ସେ ସମସ୍ତ ଦୁରୂହ ସଂସ୍କୃତ ଭାଷାରେ ରଚିତ ହୋଇଥିବାରୁ ସେମାନଙ୍କର ଅର୍ଥ ଆଦୌ ଆମ୍ଭମାନଙ୍କର ହୃଦୟଙ୍ଗମ ହୁଏ ନାହିଁ । ଅର୍ଥ ହୃଦୟଙ୍ଗମ ନହେବାରୁ ଭାବ ଉଦ୍ଦୀପନ ଆଦୌ ହୁଏ ନାହିଁ । ସୁତରାଂ ଆମ୍ଭେ-ମାନେ ଯେଉଁ ସବୁ ଧର୍ମକାର୍ଯ୍ୟରେ ଅନୁଷ୍ଠାନ କରୁ, ତତ୍ସମସ୍ତ କେବଳ କେତେଗୁଡ଼ିଏ ନିରର୍ଥକ ନିୟମ ପାଳନରେ ପରିଣତ ହୁଏ । ମାତ୍ର ତାହାଦ୍ୱାରା ଆମ୍ଭମାନଙ୍କର ଆଧ୍ୟାତ୍ମିକ ଉନ୍ନତି ଲେଶ ମାତ୍ର ହୁଏ ନାହିଁ । ଅଥଚ ଏହି ପ୍ରକାର କେତେଗୁଡ଼ିଏ ମନ୍ତ୍ର ଉଚ୍ଚାରଣ କରି ଆମ୍ଭେମାନେ ଆମ୍ଭମାନଙ୍କୁ ଅତ୍ୟନ୍ତ ଧାର୍ମିକ ବୋଲି ମଣୁଅଛୁଁ । କି ଘୋର ବିଡ଼ମ୍ବନା !!! ପୃଥିବୀର କୌଣସି ଧର୍ମପ୍ରଣାଳୀରେ ଏ ପ୍ରକାର ଅଦ୍ଭୁତ ନିୟମ ନାହିଁ । ଗଭୀର ପରିତାପର ବିଷୟ ଏହି ଯେ ଆମ୍ଭମାନଙ୍କର ପୁରୋହିତ ପୁଙ୍ଗବମାନେ ।

Digitized by srujanika@gmail.com

ମଧ୍ୟ ଉଚ୍ଚାରିତ ମନ୍ତ୍ରମାନଙ୍କର ଅର୍ଥ ଆଦୌ ହୃଦୟଙ୍ଗମ କରିବାକୁ ସକ୍ଷମ ନୁହନ୍ତି !!

ପରିଶେଷରେ ବ୍ରାହ୍ମଣ ପୌରହିତ୍ୟ ମୂଳରେ କୁଠାରାଘାତ କରି ବର୍ଣ୍ଣନିର୍ବିଶେଷରେ ପୁରୋହିତ ନିଯୁକ୍ତ କରିବା ଏକାନ୍ତ ଆବଶ୍ୟକ । ଲୋକେ ବ୍ରାହ୍ମଣତ୍ୱ ସଙ୍ଗେ ନିଃସମ୍ପର୍କ ଥାଇ ଯେଉଁ ଯାଗକାର୍ଯ୍ୟରେ ଅନୁଷ୍ଠାନ କରିବେ, ଅଥଚ ପୁରୋହିତର ପବିତ୍ର ଆସନରେ ଆସୀନ ହୋଇ ଧର୍ମଯାଜନ କରିବେ ଏହା ଅତ୍ୟନ୍ତ ଅସହନୀୟ । ପକ୍ଷାନ୍ତରେ ଯେଉଁ ଶୂଦ୍ରମାନେ ବିଦ୍ୟା, ବୁଦ୍ଧି, ଶୀଳ ଇତ୍ୟାଦିରେ ଅନେକ ସୁବିଧାରେ ବ୍ରାହ୍ମଣମାନଙ୍କ ମସ୍ତକୋପରି ଆସୀନ ହେବାର ଯୋଗ୍ୟ ସେମାନେ ଏ ସମସ୍ତ ସଦ୍‌ଗୁଣରାଶି ସତ୍ତ୍ୱେ କୌଣସି ଧର୍ମାନୁଷ୍ଠାନରେ ଅଧିକାରୀ ହୋଇ ନ ପାରନ୍ତି ଏହା ନିରତିଶୟ କ୍ଷୋଭୋଦ୍ଦୀପକ ।

ଆମ୍ଭେମାନେ ବ୍ରହ୍ମ, ମୁସଲମାନ ବା ଖ୍ରୀଷ୍ଟିଆନ ନୋହୁଁ । ଉକ୍ତ ପ୍ରସ୍ତାବମାନ ବ୍ରହ୍ମ, ମୁସଲମାନ ବା ଖ୍ରୀଷ୍ଟଧର୍ମୀର ନୁହେଁ । ବିଶୁଦ୍ଧ ସନାତନ ହିନ୍ଦୁ-ଧର୍ମର ହିତୋଦ୍ଦେଶ୍ୟରେ ଏହି ପ୍ରସ୍ତାବଗୁଡ଼ିକ ଉପସ୍ଥାପିତ କରାହେଲା । ଉପସଂହାର ସ୍ଥଳରେ ଦେଶ ହିତୈଷୀ ବିଦ୍ୱାନ୍ ମଣ୍ଡଳୀଙ୍କ ନିକଟରେ କରପୁଟରେ ନିବେଦନ ଏହି କି ସେମାନେ ଥରେ ଆମ୍ଭମାନଙ୍କର ପ୍ରସ୍ତାବଗୁଡ଼ିକୁ ଧୀରଚିତ୍ତରେ ସମାଲୋଚନା କରି ଦେଖିବେ ।

ଶ୍ରୀ କୃଷ୍ଣପ୍ରସାଦ ଚୌଧୁରୀ

---

## ବେଞ୍ଜାମିନ ଫ୍ରାଙ୍କଲିନ

ଦେଶର ଖ୍ୟାତି, ମହତ୍ତ୍ୱ ଓ ଉନ୍ନତି ବହୁ ପରିମାଣରେ ବୁଦ୍ଧିଶାଳୀ, ଚରିତ୍ରବାନ ଲୋକ-ମାନଙ୍କ ଉପରେ ନିର୍ଭର କରେ । ଅଧିକାଂଶ କ୍ଷଣଜନ୍ମା ମହାପୁରୁଷମାନେ ଅତି ଦୀନହୀନ ଅବସ୍ଥାରେ ଜନ୍ମଗ୍ରହଣ କରି ସ୍ୱାବଲମ୍ବନ ଓ ଅଧ୍ୟବସାୟବଳରେ ସଂସାରର ଉଚ୍ଚତମ ସୋପାନରେ ଆରୋହଣ କରି ଯଶଃ ସୌରଭ ବିସ୍ତାର ଦ୍ୱାରା ଦେଶକୁ ପବିତ୍ର କରନ୍ତି । ଆଧୁନିକ ଭାରତରେ ମଧ୍ୟ ଏହାର ଉଦାହରଣ ନିତାନ୍ତ ବିରଳ ନୁହେଁ । ସ୍ୱର୍ଗୀୟ ବିଦ୍ୟାସାଗର ଭୂଦେବ ପ୍ରଭୃତି ଏହାର ଉତ୍କୃଷ୍ଟ ପ୍ରମାଣ । ମହାପୁରୁଷମାନେ ମୁଖ୍ୟ ଓ ଗୌଣ ଭାବରେ ପୃଥିବୀର ଉପକାର କରନ୍ତି । ସେମାନେ କି ଉପାୟରେ ଆପଣାକୁ ଓ ଦେଶକୁ ଗୌରବାନ୍ୱିତ କରିଥିଲେ, ତାହା ଅନୁଧ୍ୟାନ କରି ଓ ସେମାନଙ୍କ ପଦାନୁସରଣ କରି ଭବିଷ୍ୟଦ୍‌ବଂଶ ଲୋକହିତବ୍ରତେ ରତ ହୁଅନ୍ତି ।

ଏହି ସାମାନ୍ୟ ପ୍ରବନ୍ଧର ବିଷୟୀଭୂତ ଫ୍ରାଙ୍କଲିନ ସେହି ମହାପୁରୁଷମାନଙ୍କ ମଧ୍ୟରୁ ଜଣେ । ସେ ସାମାନ୍ୟ ବର୍ତ୍ତିକାବ୍ୟବସାୟୀ ଗୃହରେ ୧୭୦୬ ଖ୍ରୀଷ୍ଟାବ୍ଦରେ ବୋଷ୍ଟନ ନଗରରେ ଜନ୍ମଗ୍ରହଣ କରି ପ୍ରତିଭା ଓ ଅଧ୍ୟବସାୟ ବଳରେ ଅମର ହୋଇଅଛନ୍ତି । ବାଲ୍ୟ-କାଳରୁ ତାଙ୍କର ଲିଖନପଠନପ୍ରତି ବିଶେଷ ମନୋଯୋଗ ଥିଲା । ଅବସର ଓ ସୁବିଧା ପାଇବା ମାତ୍ରେକ ପୁସ୍ତକ ପାଠ କରି ଜ୍ଞାନାର୍ଜ୍ଜନ କରୁଥିଲେ । ‘ବିଦ୍ୟାନୁରାଗ ଦେଖି ତାଙ୍କ ପିତା ତାଙ୍କୁ ଶିକ୍ଷା ବା ଧର୍ମଯାଜକ କରିବାକୁ ଇଚ୍ଛା କରିଥିଲେ । କିନ୍ତୁ ଶିକ୍ଷକ ଓ ଧର୍ମଯାଜକ-ମାନଙ୍କ ଆର୍ଥିକ ଦୁରବସ୍ଥା ତାଙ୍କୁ ସେଥିରୁ ନିବୃତ୍ତ କଲା । ଲକ୍ଷ୍ମୀ ଓ ସରସ୍ୱତୀଙ୍କ ବିବାଦ ଚିରପ୍ରସିଦ୍ଧ । ତେବେ ପାଶ୍ଚାତ୍ୟ ଦେଶ-ମାନଙ୍କରେ ସରସ୍ୱତୀ ପୁତ୍ରଙ୍କ ପ୍ରତି ଲକ୍ଷ୍ମୀଙ୍କର ସପତ୍ନୀ ଦୂର ଭାବ ନ ଥାଏ ବୋଲି ଯାହା କୁହାଯାଏ ତାହା

Digitized by srujanika@gmail.com

ବିଶେଷ ବିଧିର ଅନ୍ତର୍ଗତ । ଅଳ୍ପଦିନ ହେଲା ନାନସେନ ନାମକ ଜଣେ ଅଧ୍ୟବସାୟୀ ଭ୍ରମଣକାରୀ ଭ୍ରମଣବୃତ୍ତାନ୍ତ ଲେଖି ସମ୍ବାଦପତ୍ର ସମ୍ପାଦକମାନଙ୍କଠାରୁ ହଜାର ୨ ଟଙ୍କା ପାଇଅଛନ୍ତି । ମାତ୍ର ଭାରତର ଅଧିକାଂଶ ପତ୍ରପ୍ରେରକଙ୍କୁ ଡାକଖର୍ଚ୍ଚ ସୁଦ୍ଧା ମିଳୁନାହିଁ ।

ଅନ୍ୟ କୌଣସି ବ୍ୟବସାୟରେ ବିଶେଷ ସୁବିଧା ନ ହେବାରୁ ଫ୍ରାଙ୍କଲିନ ୧୭ବର୍ଷ ବୟସରେ ଫିଲାଡେଲଫିଆରେ ମୁଦ୍ରାଙ୍କନ କାର୍ଯ୍ୟ ଶିକ୍ଷା କଲେ । ବିଦ୍ୟାନୁରାଗ ତାଙ୍କୁ ଏ କାର୍ଯ୍ୟ ଗ୍ରହଣ କରିବାକୁ ବାଧ୍ୟ କଲା ।

ମଦ୍ୟ ମାଂସ ସ୍ପର୍ଶ କରୁ ନ ଥିବାରୁ ଓ ଅତ୍ୟନ୍ତ ମିତବ୍ୟୟୀ ଥିବାରୁ ଅପେକ୍ଷାକୃତ ସାମାନ୍ୟ ଅର୍ଥରେ ସେ ସଂସାରଯାତ୍ରା ନିର୍ବାହ କରିଥିଲେ । ଓ ମାନସିକ ଶକ୍ତିର ପରିପୁଷ୍ଟି ରକ୍ଷା କରୁଥିଲେ । ଏହାଙ୍କର ହସ୍ତଲିପିର ସୌନ୍ଦର୍ଯ୍ୟ ଦେଖି ତଦାନୀନ୍ତନ ଶାସନକର୍ତ୍ତା ତାଙ୍କ ପ୍ରତି ବିଶେଷ ସନ୍ତୁଷ୍ଟ ହୋଇଥିଲେ; କିନ୍ତୁ ଉପକାର ନ କରି ବରଂ ପ୍ରତାରଣା କରିଥିଲେ । ଏହି ବ୍ୟକ୍ତିଙ୍କ ଉପରେ ନିର୍ଭର କରି ସେ ୧୭୨୩ ଖ୍ରୀଷ୍ଟାବ୍ଦରେ ଲଣ୍ଡନକୁ ଗଲେ । ମାତ୍ର ସେଠାରେ ପହଞ୍ଚି ଦେଖିଲେ ତାଙ୍କଦ୍ୱାରା ସେ ପ୍ରତାରିତ ହୋଇଅଛନ୍ତି । ଯାହାହେଉ ଅଧ୍ୟବସାୟ ପ୍ରଭାବରେ ସେଠାରେ ମଧ୍ୟ ମୁଦ୍ରାଙ୍କନକାର୍ଯ୍ୟରେ ପ୍ରତିପତ୍ତି ଲାଭ କରି ୨୦ ବର୍ଷ ବୟସରେ ଫିଲାଡେଲଫିଆକୁ ଫେରି ଆସିଲେ । ବାଟରେ ନିଜ ଜୀବନକୁ ତୁଚ୍ଛ କରି ଜଳମଗ୍ନ ଜଣେ ଓଲନ୍ଦାଜକୁ ରକ୍ଷା କରିଥିଲେ । ସେଠାରେ ଯୁବକ ଫ୍ରାଙ୍କଲିନ ଅଳ୍ପଦିନରେ ସାଧୁ ପ୍ରକୃତି ଓ କର୍ତ୍ତବ୍ୟନିଷ୍ଠାଦ୍ୱାରା ପ୍ରଭୂତ ଧନ ମାନ ଓ ଉଚ୍ଚ ପଦ ଲାଭ କଲେ । ଉଚ୍ଚପଦକୁ ମଧ୍ୟ ନିଜ ଚରିତ୍ରର ପରିବର୍ତ୍ତନ କରି ନ ଥିଲେ ।

ଫ୍ରାଙ୍କଲିନ ସମୃଦ୍ଧ ହେଲେ ମଧ୍ୟ ଭୋଜନାଚ୍ଛାଦନ ବିଷୟରେ ବିଶେଷ ମିତବ୍ୟୟୀ ଥିଲେ । ତାଙ୍କ ମତରେ ଏହି କେତୋଟି ସନ୍ନୀତି ମନୁଷ୍ୟର ଉନ୍ନତି ପକ୍ଷରେ ଉପଯୋଗୀ । ସେହି ସନ୍ନୀତିଗୁଡ଼ିକ ଏହି—ମିତାଚାର, ମିତବ୍ୟୟ, ମିତଭାଷିତା, ଶୃଙ୍ଖଳା, ପ୍ରତିଜ୍ଞା, ପରିଶ୍ରମ, ନ୍ୟାୟପରତା, ସଂଯମ, ପାରିପାଟ୍ୟ, ଚିତ୍ତପ୍ରସାଦ ଓ ବିନୟ । ଜନସାଧାରଣଙ୍କ ହିତସାଧନ ପ୍ରତି ତାଙ୍କର ବିଶେଷ ଲକ୍ଷ୍ୟ ଥିଲା । କର୍ତ୍ତୃପକ୍ଷମାନେ ନୋଟ ନ ଚଳାଇବାରୁ ଲୋକେ ବିରକ୍ତ ହୋଇଥିଲେ । ସେ ପୁସ୍ତକ ପ୍ରକାଶ କରି ଯୁକ୍ତିଦ୍ୱାରା ପ୍ରଚଳନ ପକ୍ଷ ସମର୍ଥନ କଲେ । ଯୁକ୍ତିର ସାରବତ୍ତା ହେତୁରୁ ପ୍ରସ୍ତାବ ଗୃହୀତ ହେଲା ଓ ଫ୍ରାଙ୍କଲିନ ନୋଟ ପ୍ରସ୍ତୁତ କରିବାର ଭାର ପାଇଲେ ।

ବିଜ୍ଞାନର ଉନ୍ନତି ପ୍ରତି ତାଙ୍କର ବିଶେଷ ଆଗ୍ରହ ଥିଲା ଓ ତାଙ୍କ ଯତ୍ନରେ ବିଜ୍ଞାନଚର୍ଚ୍ଚା ନିମନ୍ତେ ଗୋଟିଏ ସମିତି ସ୍ଥାପିତ ହୋଇଥିଲା । ସେ ମଧ୍ୟ ଯଥାଶକ୍ତି ବିଜ୍ଞାନାନୁଶୀଳନ କରୁଥିଲେ । ବିଶେଷ ଗବେଷଣାରେ ସ୍ଥିର କଲେ ଯେ ବଜ୍ର ଓ ତଡ଼ିତ୍ ଏକ ପଦାର୍ଥ । ଏହା କିପରି ଆବିଷ୍କୃତ ହେଲା ତାହା ଅନ୍ୟ ଏକ ପ୍ରବନ୍ଧରେ ପ୍ରକାଶ କରିବାର ଇଚ୍ଛା ଅଛି ।

ପୃଥିବୀର ପ୍ରାୟ ସମସ୍ତ ମହାପୁରୁଷ ସମୟର ସୁବ୍ୟବହାର ଦ୍ୱାରା ଉନ୍ନତି ସାଧନ କରିଅଛନ୍ତି । ଫ୍ରାଙ୍କଲିନ ସମୟ ବିଭାଗ କରି ଯେଉଁ ସମୟରେ ଯାହା କର୍ତ୍ତବ୍ୟ ସେହି ସମୟରେ ତାହା କରୁଥିଲେ । ସଦ୍ୟ କର୍ତ୍ତବ୍ୟ ପରଦିନକୁ ପକାଇ ରଖୁ ନ ଥିଲେ । ଏହି ସମୟର ଅବହେଳା ଆମ୍ଭମାନଙ୍କର ଦୁର୍ଗତିର ଅନ୍ୟତମ କାରଣ ।

ତାଙ୍କର ପିତା ତାଙ୍କୁ କହିଥିଲେ "ଯେବେ କାହାକୁ ନିଜ ବ୍ୟବସାୟରେ ପରିଶ୍ରମୀ ଦେଖିବ, ତେବେ ନିଶ୍ଚୟ ଜାଣିବ, ସେ ରାଜସନ୍ନିଧାନରେ ଦଣ୍ଡାୟମାନ ହେବାକୁ ସମର୍ଥ ହେବ ।" ପିତାଙ୍କର ଏହି ଉପଦେଶ ପ୍ରତି ତାଙ୍କର ବିଶେଷ ଆସ୍ଥା ଥିଲା ।

ଫ୍ରାଙ୍କଲିନ ନିତାନ୍ତ ମାନହୀନ ଅବସ୍ଥାରେ ଜନ୍ମଗ୍ରହଣ କରି ଚେଷ୍ଟା ଓ ଅଧ୍ୟବସାୟ ଦ୍ୱାରା ସାଧାରଣରେ ଓ ରାଜଦ୍ୱାରରେ ବିଶେଷ ସମ୍ମାନିତ ହୋଇ ଉପରୋକ୍ତ ଉକ୍ତିର ସାରବତ୍ତା ପ୍ରମାଣ କରି ୧୭୯୦ ଖ୍ରୀଷ୍ଟାବ୍ଦରେ ଅମରଧାମକୁ ଗମନ କଲେ । ଯେତେଦିନ ସାହିତ୍ୟ, ବିଜ୍ଞାନ ଓ ଅଧ୍ୟବସାୟର ଆଦର ଥିବ, ସେତେଦିନ ତାଙ୍କ ନାମ ଅବିନଶ୍ୱର ହୋଇ ରହିବ ।

ଶ୍ରୀ ଶ୍ୟାମସୁନ୍ଦର ନନ୍ଦ ।

# ଉତ୍କଳସାହିତ୍ୟ

## ଓଡ଼ିଆ-ଭାଷା *

ଭାରତର ସକଳସ୍ଥାନରେ ଆବହମାନକାଳ-ପ୍ରଚଳିତ ପ୍ରବାଦ ଅନୁସାରେ ସଂସ୍କୃତରୁ ପ୍ରାକୃତ ଏବଂ ପ୍ରାକୃତରୁ ହିନ୍ଦୀ ବଙ୍ଗଳା, ଓଡ଼ିଆ, ମରହଟ୍ଟୀ ଏବଂ ଗୁଜରାଟୀ ପ୍ରଭୃତି ଆର୍ଯ୍ୟଭାଷା କାଳର ପରିବର୍ତ୍ତନରେ ଆବିର୍ଭୂତ ହୋଇଅଛି । ଯେଉଁ ଭାଷା ଘେନି ଆର୍ଯ୍ୟମାନେ ଭାରତକୁ ଆଗମନ କରିଥିଲେ, ତାହା ସେମାନଙ୍କ ଆଗମନ ସମୟରେ ସଂସ୍କୃତ ନାମରେ ଅଭିହିତ ହେଉ ନ ଥିଲେହେଁ, ପରବର୍ତ୍ତୀକାଳରେ ସଂସ୍କୃତନାମରେ ପ୍ରଥିତ, ବ୍ୟାକରଣ ସଂଯତ, ବୟୋବୃଦ୍ଧ, ଲିଖିତ ଭାଷାର ଶୈଶବୀୟ ଅଭିବ୍ୟକ୍ତି କିମ୍ବା ପୂର୍ବରୂପମାତ୍ର । ଆର୍ଯ୍ୟମାନଙ୍କର ଭାରତବିଜୟ କାଳରେ ସେହି ଭାଷାର କି ନାମ ଥିଲା, ତାହା ଜଣା ନାହିଁ, କିନ୍ତୁ ତାହାକୁହିଁ କଥିତଭାଷା ରୂପେ ଆର୍ଯ୍ୟବଂଶୀୟମାନେ ସମସ୍ତ ଆର୍ଯ୍ୟାବର୍ତ୍ତରେ ବ୍ୟବହାର କରୁଥିଲେ, ଏହା ନିଃସନ୍ଦେହ । କାଳକ୍ରମେ ଲୋକମୁଖନ୍ତର ବିଚରଣଶୀଳ ଜୀବନ୍ତ ଭାଷାର ପରିବର୍ତ୍ତନର ନିୟମାନୁସାରେ ଏହି ପ୍ରାଚୀନ ଆର୍ଯ୍ୟ ଭାଷା ପ୍ରାକୃତ ରୂପେ ପରିଣତ ହୋଇ କେଉଁଠାରେ ଶୌରସେନୀ, କେଉଁଠାରେ ମହାରାଷ୍ଟ୍ରୀ, କେଉଁଠାରେ ବା ପାଲି ବା ମାଗଧୀ ନାମରେ ଅଭିହିତ ହେଲା । ଏହି ପ୍ରାକୃତ ଭାଷାହିଁ ଆଧୁନିକ ହିନ୍ଦୀ ପ୍ରଭୃତିର ମାତା । ସୁତରାଂ ମୂଳ ଆର୍ଯ୍ୟଭାଷାକୁ ଆଧୁନିକ ଭାଷାଗୁଡ଼ିକର ମାତାମହୀ ବୋଲିଯାଇ ପାରେ ।

ପଶ୍ଚିମରେ ନାଗପୁର ଓ ଛୋଟନାଗପୁର ପ୍ରଦେଶ, ଉତ୍ତରରେ ବଙ୍ଗ, ଦକ୍ଷିଣରେ ତେଲିଙ୍ଗ, ଏହି ସୀମାନ୍ତର୍ଗତ ବିସ୍ତୃତ ଭୂଭାଗରେ ପ୍ରାୟ ଏକକୋଟି ଲୋକ ଓଡ଼ିଆକୁ ମାତୃଭାଷାରୂପେ ବ୍ୟବହାର କରନ୍ତି । ଓଡ଼ିଶା ଭାରବାହିକ ବେହେରାମାନଙ୍କ ଦେଶ ଏବଂ ଓଡ଼ିଆ ସାହିତ୍ୟ ବିବର୍ଜିତ ବର୍ବର ଭାଷା—ଏହି ସଂସ୍କାର କିଛିକାଳ ପୂର୍ବେ ବଙ୍ଗାଳୀମାନଙ୍କ ମଧ୍ୟରେ ଅନେକଙ୍କ ମନରେ ବଦ୍ଧମୂଳ ଥିଲା । ଏ ପର୍ଯ୍ୟନ୍ତ ଉକ୍ତ ସଂସ୍କାର ସମ୍ପୂର୍ଣ୍ଣରୂପେ ଅପନୀତ ହୋଇନାହିଁ, କିନ୍ତୁ ଏହା ନିଶ୍ଚିତ ଯେ ଉଭୟ ପ୍ରଦେଶର ଘନିଷ୍ଠତା-ବୃଦ୍ଧି ସଙ୍ଗେ ସଙ୍ଗେ ଏହା ଦିନକୁ ଦିନ ଅପସାରିତ ହେଉଅଛି । ଓଡ଼ିଶାବାସୀମାନଙ୍କ ମଧ୍ୟରେ ଆର୍ଯ୍ୟବଂଶୋଦ୍ଭବ ବ୍ରାହ୍ମଣାଦି ଉଚ୍ଚଜାତୀୟ ଲୋକମାନଙ୍କର ସଂଖ୍ୟା ଅପରଜାତୀୟ ଲୋକମାନଙ୍କ ତୁଳନାରେ ଅଳ୍ପନୁହେଁ ଏବଂ ଓଡ଼ିଆଭାଷା ଯେ ବଙ୍ଗଳାର ନିକଟତମ ଭଗିନୀ ଏବଂ ପ୍ରାଚୀନ ସାହିତ୍ୟଶାଳିନୀ, ତାହା ଆଜି କାଲି ଅନେକେ ବୁଝି ପାରିଅଛନ୍ତି । ସଂସ୍କୃତମୂଳକ ଭାଷାମାନଙ୍କ ମଧ୍ୟରେ ଆଧୁନିକ ଓଡ଼ିଆ ସହିତ ବଙ୍ଗଳାର ଯେତେଦୂର ସାଦୃଶ୍ୟ ଓ ନିକଟସମ୍ବନ୍ଧ, ଅନ୍ୟ କୌଣସି ଭାଷାର ତେତେ ନାହିଁ, ଏହା ନିଶ୍ଚିତରୂପେ ବୋଲିଯାଇପାରେ । କିନ୍ତୁ ତାହା ବୋଲି କେହି ଯେପରି ମନେ ନ କରନ୍ତି ଯେ ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେ, ବଙ୍ଗଳାର ଉପଭାଷା ମାତ୍ର; ଭାଷାର ଗଠନ ଏବଂ ଇତିହାସ ଉଭୟ ଆଡ଼କୁ ଦେଖିଲେ ସ୍ୱାତନ୍ତ୍ର୍ୟ ବିଶଦରୂପେ ଉପଲବ୍ଧ ହୁଏ ।

* ବଙ୍ଗଦେଶର ବହୁ ବିଜ୍ଞ ସାହିତ୍ୟବିଶାରଦ ପଣ୍ଡିତ ସମ୍ମିଳିତ ହୋଇ 'ସାହିତ୍ୟପରିଷଦ୍' ନାମରେ ଗୋଟିଏ ସଭା ସଂସ୍ଥାପନ କରିଅଛନ୍ତି । ସଭାରୁ ଉକ୍ତ ନାମରେ ଖଣ୍ଡିଏ ତ୍ରୈମାସିକ ପତ୍ରିକା ପ୍ରକାଶିତ ହୁଏ । ଏହି ପ୍ରବନ୍ଧଟି ଉକ୍ତ ପତ୍ରିକାରେ ପ୍ରକାଶିତ ହୋଇଥିଲା । ଏପରି ସୁନ୍ଦର ଓ ସାରଗର୍ଭକ ପ୍ରବନ୍ଧ ଉତ୍କଳୀୟ ପାଠକ-ସାଧାରଣଙ୍କୁ ଉପହାର ଦେବା ଏକାନ୍ତ ବାଞ୍ଛନୀୟ ବିବେଚନା କରି ଆମ୍ଭେମାନେ ତାହାର ଉତ୍କଳାନୁବାଦ ପ୍ରକାଶ କଲୁଁ । ଉ: ସଂ:

Digitized by srujanika@gmail.com

ଆର୍ଯ୍ୟମାନେ ସର୍ବପ୍ରଥମେ ଠିକ୍ କେଉଁ ସମୟରେ ଏବଂ କେଉଁ ପଥରେ ଓଡ଼ିଶାକୁ ଆଗମନ କରିଥିଲେ, ତାହା ନିର୍ଦ୍ଦେଶ କରାଯାଇ ନ ପାରେ । ମହାରାଜ ଚନ୍ଦ୍ରଗୁପ୍ତଙ୍କର ସମକାଳବର୍ତ୍ତୀ ସାମନ୍ତ ନୃପତି ବୌଦ୍ଧରାଜା ଝୀଠଙ୍କ ସମୟରେ ଏବଂ ତତ୍ପରେ ବୌଦ୍ଧମହାରାଜା ଅଶୋକଙ୍କ ସମୟରେ ଯେ ଓଡ଼ିଶା ସଙ୍ଗେ ମଗଧର ଘନିଷ୍ଠ ସଂସ୍ରବ ଥିଲା, ସେ ବିଷୟରେ ଉଦୟଗିରିର ପ୍ରସ୍ତରଲିପି ଧୌଳିଗିରିର ଶିଳା ଖୋଦିତ ଅଶୋକାନୁଶାସନ ଏବଂ ଗୁମ୍ଫା ପ୍ରଭୃତି ଓଡ଼ିଶାର ନାନା ବୌଦ୍ଧକୀର୍ତ୍ତି ଅକାଟ୍ୟ ପ୍ରମାଣ ରୂପେ ବିରାଜିତ ରହିଅଛି । ଖ୍ରୀଷ୍ଟୀୟ ଚତୁର୍ଥ କିମ୍ବା ପଞ୍ଚମ ଶତାବ୍ଦୀରେ ବୌଦ୍ଧ ପ୍ରଭାବ ବିଧ୍ୱସ୍ତ ହେଲା । କିନ୍ତୁ ତାହାପରେ ମଧ୍ୟ ଓଡ଼ିଶା ମଗଧର ଗୁପ୍ତବଂଶୀୟ ସମ୍ରାଟମାନଙ୍କର ପ୍ରତିଷ୍ଠିତ ବା ଅଧୀନସ୍ଥ କେଶରୀବଂଶୀୟ ରାଜାମାନଙ୍କର ଶାସନରେ ଥିଲା । ସୁତରାଂ ବୋଲିବାକୁ ହେବ ଯେ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରୁ ଖ୍ରୀଷ୍ଟପର ଦଶମ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାୟ ଚତୁର୍ଦ୍ଦଶଶତ ବର୍ଷ ଓଡ଼ିଶା ମଗଧ ସଙ୍ଗେ ଘନିଷ୍ଠରୂପେ ସଂସୃଷ୍ଟ ଥିଲା । କେଶରୀବଂଶୀୟ ନୃପତିମାନଙ୍କ ସମୟରେ ମଧ୍ୟ ମଧ୍ୟପ୍ରଦେଶ ( ପ୍ରୟାଗ ଅଞ୍ଚଳ ) ଏବଂ ମଗଧରୁ ଅନେକ ବ୍ରାହ୍ମଣ ଓ କ୍ଷତ୍ରିୟ ପରିବାର ଉତ୍କଳକୁ ଆନୀତ ହେବାର ପ୍ରବାଦ ପ୍ରଚଳିତ ଅଛି । ଅତଏବ ଓଡ଼ିଆଭାଷା ଯେ ପ୍ରଥମେ ମାଗଧୀୟ ପ୍ରାକୃତରୁ ଉତ୍ପନ୍ନ ଏବଂ ତତ୍ପରବର୍ତ୍ତୀ କାଳରେ ମଧ୍ୟଦେଶୀ ଏବଂ ମାଗଧୀ ହିନ୍ଦୀ ଭାଷାର ପ୍ରଭାବାନ୍ୱିତ, ତାହା ସହଜରେ ଅନୁମିତ ହୁଏ । ବୋଧହୁଏ ଉତ୍କଳର ବୌଦ୍ଧଗଣହିଁ (?) ଓଡ୍ର ବା ଓଡ଼ ନାମରେ ପରିଚିତ । ଉତ୍କଳର ଭୁବନେଶ୍ୱର ଖଣ୍ଡଗିରି ସନ୍ନିହିତ ଅଞ୍ଚଳହିଁ ବିଶେଷରୂପେ ଓଡ୍ର ବା ଓଡ଼୍ର ଦେଶ ବା ଓଡ଼ିଶା ନାମରେ ପ୍ରଖ୍ୟାତ ଏବଂ ଏହି ଅଞ୍ଚଳରେ ହିଁ ବୌଦ୍ଧମାନଙ୍କର ବିଶେଷ ପ୍ରାଦୁର୍ଭାବ ଥିଲା । ଏପରି କାଳରେ 'ବୌଦ୍ଧ' (?) ଶବ୍ଦରୁ ଓଡ୍ର ଶବ୍ଦର ବ୍ୟୁତ୍ପତ୍ତି ଅନୁମାନ କରିବା ଅସଙ୍ଗତ ବୋଧ ହେଉ ନାହିଁ । ଶୈବଧର୍ମର ଅଭ୍ୟୁଦୟରେ ଏବଂ ବୌଦ୍ଧଧର୍ମର ପତନରେ ସେମାନେ ଓଡ୍ରନାମରେ ପତିତ କ୍ଷତ୍ରିୟ ଶ୍ରେଣୀରେ ବ୍ରାହ୍ମଣ ଗଣକର୍ତ୍ତୃକ ସନ୍ନିବିଷ୍ଟ ହୋଇଥିଲେ । ଏହି ଓଡ୍ରମାନଙ୍କ ନାମାନୁସାରେ 'ଓଡ଼ିଆ' ଭୂଖଣ୍ଡ ଏବଂ ଓଡ଼ିଆଭାଷାର ନାମକରଣ ହୋଇଅଛି । *

କେଶରୀବଂଶୀୟ ରାଜାମାନଙ୍କ ଉତ୍ତାରେ ଗଙ୍ଗବଂଶୀୟ ରାଜାମାନଙ୍କର ଅଭ୍ୟୁଦୟ ଏବଂ ପ୍ରାଦୁର୍ଭାବ । ଗଙ୍ଗବଂଶୀୟମାନେ ଦ୍ରାବିଡ଼କୁଳୋଦ୍ଭବ ବା ତୈଲଙ୍ଗଭାଷୀ ନ ହେଲେହେଁ ଗୋଦାବରୀତୀରସ୍ଥ ପ୍ରଦେଶରୁ ଉତ୍କଳକୁ ଆସିଥିଲେ, ସୁତରାଂ ଦାକ୍ଷିଣାତ୍ୟ ପ୍ରଭାବ ସେମାନଙ୍କ ସମୟରେ ଓଡ଼ିଆଭାଷା ଉପରେ ସଂକ୍ରାନ୍ତ ହେବାକୁ ଲାଗିଲା, କିନ୍ତୁ ସେ ପ୍ରଭାବର ଆରମ୍ଭ ସମୟରେ (ଏକାଦଶ ଶତାବ୍ଦୀ) ଓଡ଼ିଆଭାଷା ସମ୍ପୂର୍ଣ୍ଣରୂପେ ଗଠିତ ହୋଇଥିବା, ସୁତରାଂ ତାହା ଦ୍ୱାରା ଓଡ଼ିଆଭାଷାର ବିଶେଷ କିଛି ପରିବର୍ତ୍ତନ ସାଧିତ ହୋଇ ପାରିନାହିଁ । ଓଡ଼ିଆଭାଷାର ଅକ୍ଷର ପୂର୍ବପ୍ରଚଳିତ ମାଗଧୀ କୁଟିଳଲିପିର ରୂପାନ୍ତର ମାତ୍ର । କେବଳ ତୈଲଙ୍ଗାକ୍ଷର ଗୋଲ ବୋଲି ଓଡ଼ିଆ ଅକ୍ଷର ଗୋଲ ହୋଇଅଛି, ଏହାହିଁ ଦାକ୍ଷିଣାତ୍ୟ ପ୍ରଭାବର ଫଳ ବୋଲି ବୋଧହୁଏ । ତାହାଛଡ଼ା ପୁଣି ତାଳପତ୍ରରେ ଲୌହଲେଖନୀ ସାହାଯ୍ୟରେ ଲିଖନ ଏହାର ଗୋଲ ହେବାର ଅପର କାରଣ ବୋଲି ଅନୁମିତ ହୁଏ ।

ଇତିପୂର୍ବେ କହିଅଛୁଁ, ବଙ୍ଗଦେଶ, ଛୋଟନାଗପୁର, ଏବଂ ମଧ୍ୟପ୍ରଦେଶର ହିନ୍ଦୀଭାଷୀ ଅଞ୍ଚଳ

* ଯେଉଁ ଦେଶକୁ ବଙ୍ଗଳାରେ "ଉଡ଼ିଷ୍ୟା" କହନ୍ତି, ତାହାର ପ୍ରକୃତ ନାମ "ଓଡ଼ିଶା" ଏବଂ ସେହି ନାମରେ ଲୋକମାନଙ୍କ ମଧ୍ୟରେ ଲିଖିତ ଓ ପଠିତ ହୋଇଥାଏ । ସେହିପରି 'ଉଡ଼ିଆ' ନ କହି 'ଓଡ଼ିଆ' ବୋଲଯାଏ । ଦେଶର ସଂସ୍କୃତ ନାମ ଓଡ୍ରଦେଶ ।

Digitized by srujanika@gmail.com

ଉତ୍କଳର ସନ୍ନିହିତ । ସେହିକାରଣରୁ ବଙ୍ଗଳା ଓ ହିନ୍ଦୀର ପ୍ରଭାବ ଓଡ଼ିଆଭାଷା ଭିତରେ ଲକ୍ଷିତ ହୁଏ । ପ୍ରଥମତଃ ମଧ୍ୟଦେଶ ଏବଂ ମଗଧରୁ ଯେଉଁ ଆର୍ଯ୍ୟମାନେ ଉତ୍କଳକୁ ଆଗମନ କରିଥିଲେ, ସେମାନଙ୍କ ସଂସ୍ରବରେ ହିନ୍ଦୀ ପ୍ରଭାବର ବିସ୍ତାର ହୋଇଥିଲା, ତାହା ଉପରେ ପୁଣି ହିନ୍ଦୀର ସାନ୍ନିଧ୍ୟ ଥିବାରୁ ସେହି ପ୍ରଭାବ ବଦ୍ଧମୂଳ ହେଲା । ଗଙ୍ଗ-ବଂଶର ଚରମକାଳରେ ଚୈତନ୍ୟ ଗୋସାଇଁ ଓଡ଼ିଶାକୁ ଆସି ବୈଷ୍ଣବଧର୍ମ ପ୍ରଚାର କରିଥିଲେ । ବୈଷ୍ଣବଧର୍ମ ସମସ୍ତ ଉତ୍କଳରେ ପରିବ୍ୟାପ୍ତ ହେଲା ଏବଂ ଅନେକ ବଙ୍ଗାଳୀ ଉତ୍କଳରେ ବାସ କରିବାକୁ ଲାଗିଲେ । ସେହି ସୂତ୍ରରେ ବଙ୍ଗଳାଭାଷାରେ ଲିଖିତ ଚୈତନ୍ୟଚରିତାମୃତ ପ୍ରଭୃତି ବୈଷ୍ଣବ-ଗ୍ରନ୍ଥ ଓଡ଼ିଶାରେ ପ୍ରଚରିତ ହେଲା ଏବଂ ବଙ୍ଗଳାଭାଷା ଓ ସାହିତ୍ୟର ପ୍ରଭାବ ଓଡ଼ିଆଭାଷା ଓ ସାହିତ୍ୟକୁ ବିଶେଷଭାବରେ ସ୍ପର୍ଶକଲା । ଏହି ସବୁ ବଙ୍ଗଳା ବୈଷ୍ଣବଗ୍ରନ୍ଥ ଓଡ଼ିଆ ଅକ୍ଷରରେ ଲିଖିତ, ଆଜି କାଲି ମଧ୍ୟ ଅନେକ ସ୍ଥାନରେ ଦେଖାଯାଏ । ବଙ୍ଗଳା ବୈଷ୍ଣବ ସଂକୀର୍ତ୍ତନ ଆଜିପର୍ଯ୍ୟନ୍ତ ଓଡ଼ିଶାର ଗ୍ରାମେ ଗ୍ରାମେ ଗୀତ ହେଉଅଛି । ଏହିପରି ବୋଧହୁଏ କବିକଙ୍କଣାଦି ପୁରାତନ ବଙ୍ଗଳା ପଦ୍ୟ ଗ୍ରନ୍ଥର କୌଣସି କୌଣସି ଶବ୍ଦ ଏବଂ ଆଧୁନିକ ପ୍ରଚଳିତ କୌଣସି କୌଣସି ଓଡ଼ିଆ ଶବ୍ଦର ମୂଳ ଏକ । ଯଥା ବାହୁଡ଼, ଆଠ ପ୍ରଭୃତି ଓଡ଼ିଶାରେ ଅଦ୍ୟାପି ପ୍ରଚଳିତ । ଅନନ୍ତର ମୁସଲମାନ ଏବଂ ମରହଟ୍ଟାମାନଙ୍କ ପ୍ରାଧାନ୍ୟ କାଳରେ ଅନେକ ଆରବୀ, ପାର୍ଶୀ, ଏବଂ ମରହଟ୍ଟୀ ଶବ୍ଦ ଓଡ଼ିଆ ଭାଷାରେ ପ୍ରବେଶଲାଭ କରିଅଛି ।

ଆମ୍ଭେମାନେ ପୂର୍ବେ କହିଅଛୁଁ ଯେ ଗଙ୍ଗବଂଶୀୟ ନରପତିମାନଙ୍କ ସମୟରେ କୁଟିଳଲିପି ଓ ତୈଲଙ୍ଗଲିପି ଉଭୟର ସଂଯୋଗରେ ଉତ୍କଳାକ୍ଷର ଉଦ୍ଭୂତ ହୋଇଅଛି । ଓଡ଼ିଆଅକ୍ଷରରେ ଲିଖିତ ମାଦଳାପାଞ୍ଜି ନାମକ ଐତିହାସିକ ବିବରଣଗ୍ରନ୍ଥ ପ୍ରାୟ ଛ ଶତ ବର୍ଷ ହେଲା ଲିଖିତ ଏବଂ ସଂରକ୍ଷିତ ହୋଇ ଆସୁଅଛି । ସୁତରାଂ ଲିଖିତ ଓଡ଼ିଆଭାଷା ଯେ ଅନ୍ତତଃ ଛ ଶତ ବର୍ଷର ହେବ, ତହିଁରେ ସନ୍ଦେହ ନାହିଁ । ବଙ୍ଗଳାଭାଷାରେ ଲିଖିତ ଛଶତବର୍ଷ ପୂର୍ବର କୌଣସି ଗ୍ରନ୍ଥ ଅଛି କି ନା ଜାଣୁନାହିଁ । ଓଡ଼ିଆଭାଷା ପ୍ରାକୃତ ସଂସ୍କୃତ କିପରି ଘନିଷ୍ଠଭାବରେ ସମ୍ବଦ୍ଧ ତାହା ନିମ୍ନଲିଖିତ ଶବ୍ଦନିର୍ଘଣ୍ଟରୁ ପ୍ରତିପନ୍ନ ହେବ । ସେଥିରୁ ଓଡ଼ିଆଭାଷାର ସ୍ୱାତନ୍ତ୍ର୍ୟ କିୟତ୍ ପରିମାଣରେ ଉପଲବ୍ଧ ହେବ ।

| ପ୍ରାକୃତ | ଓଡ଼ିଆ | ସଂସ୍କୃତ |
|---|---|---|
| ଘିଅ | ଘିଅ | ଘୃତ |
| ମୁହଁ | ମୁହଁ | ମୁଖ |
| ସାହୁ | ସାଦୁ | ସାଧୁ |
| ଗଣ୍ଠି | ଗଣ୍ଠି | ଗ୍ରନ୍ଥି |
| ବୀଅ | ବୀଅନ (ବିହନ) | ବୀଜ |
| ଠିଆ | ଠିଆ | ସ୍ଥିତ |
| ସାଖର | ସାକର | ଶର୍କରା |
| ଖମ୍ଭୋ | ଖମ୍ବ | ସ୍ତମ୍ଭ |
| ପିଅର | ପିଅର | ପିତା |
| ବୋଲଇ | ବୋଲଇ | ବ୍ରବୀତି |
| ଗୋଡ | ଗୋଡ଼ | ଗୋଦ (?) |
| ପୋଖର | ପୋଖରୀ | ପୁଷ୍କରୀ |
| ଭୁନ୍ଧୀ | ଭୁନ | ଭୃଷ୍ଟି |
| ସୋଅ | ସୁଅ | ସ୍ରୋତ |
| ପଢମ୍ | ପଢ଼ୁଆଁ | ପ୍ରଥମ |
| ମଜ୍ଝ | ମଝ | ମଧ୍ୟ |
| ଅଚ୍ଛଇ | ଅଛଇ | ଅସ୍ତି |
| ଅଚ୍ଛନ୍ତି | ଅଛନ୍ତି | ସନ୍ତି |
| ପିଅନ୍ତି | ପିଅନ୍ତି | ପିବନ୍ତି |
| ଭୋଖ | ଭୋକ | ବୁଭୁକ୍ଷା |
| ହଳିଅ | ହଳିଆ | ହାଳିକ |
| ସୁଆର | ସୁଆର | ସୂପକାର |
| ପନ୍ତି | ପନ୍ତି | ପଙ୍କ୍ତି |
| ଆପଣ | ଆପଣ | ଆତ୍ମନ୍ |

Digitized by srujanika@gmail.com

| | | |
|---|---|---|
| ଏଣ୍ଠା | ଏଠା | ଅତ୍ର |
| କସ | କସ | କଷ |
| କହିଁ | କାହିଁ | କୁତ୍ର |
| ଯହିଁ | ଯହିଁ | ଯତ୍ର |
| ତହିଁ | ତହିଁ | ତତ୍ର |
| ଗହୀର | ଗହୀର | ଗଭୀର |
| ଗେନ୍ହଇ | ଘେନଇ | ଗୃହ୍ଣାତି |
| ଚୌଠୀ | ଚୌଠୀ | ଚତୁର୍ଥୀ |
| ଛୁମୁହ | ଛୁମୁ | ସମ୍ମୁଖ |
| ବେଣ୍ଟ | ବେଣ୍ଟ | ବୃନ୍ତ |
| ପୁଣ | ପୁଣ | ପୁନଃ |
| ମଉଡ଼ | ମଉଡ଼ | ମୁକୁଟ |
| ମଝିଆଁ | ମଝିଆଁ | ମଧ୍ୟମା |
| ରାଉଳ | ରାଉଳ | ରାଜକୁଳ |
| ବାହା | ବାହା | ବାହୁ |
| ବି | ବି | ଅପି |
| ଶେଯ | ଶେଯ | ଶଯ୍ୟା |
| ବହି | ବହି | ବଧି |
| ନଈ | ନଈ | ନଦୀ |
| କାଓ | କାଉ | କାକ |

ଓଡ଼ିଆଭାଷା ଯେ ପ୍ରାକୃତର କନ୍ୟା ତାହା ଆହୁରି ଶତ ଶତ ଦୃଷ୍ଟାନ୍ତ ଦ୍ୱାରା ପ୍ରଦର୍ଶିତ ହୋଇପାରେ । ବର୍ତ୍ତମାନ ହିନ୍ଦୀ ପ୍ରଭୃତି ଭଗିନୀ ଭାଷାର, ବିଶେଷତଃ ବଙ୍ଗଳାର ସହିତ ଓଡ଼ିଆର ସାଦୃଶ୍ୟ ଦେଖାଇ ଦିଆ ଯାଉଅଛି । ଅନେକ ଶବ୍ଦ ହିନ୍ଦୀ ଓ ଓଡ଼ିଆରେ ଅଭିନ୍ନ କିମ୍ବା ପ୍ରାୟ ଅଭିନ୍ନରୂପ । ଏହିପରି ଅନେକ ଶବ୍ଦ ବଙ୍ଗଳା ଓ ଓଡ଼ିଆରେ ଏବଂ ମରହଟ୍ଟା ଓ ଓଡ଼ିଆରେ ମଧ୍ୟ ଏକ କିମ୍ବା ପ୍ରାୟ ଅଭିନ୍ନ ରୂପ ଦେଖାଯାଏ । ନିମ୍ନରେ କେତେଗୁଡ଼ିଏ ଦୃଷ୍ଟାନ୍ତ ପ୍ରଦତ୍ତ ହେଲା ।

| ହିନ୍ଦୀ | ଓଡ଼ିଆ |
|---|---|
| ଜୁହାର | ଜୁହାର |
| ପଞ୍ଚୁର | ପଞ୍ଚୁର |
| ବଚ୍‌ନା | ବଞ୍ଚିବା |
| ବୁଁଦ | ବୁନ୍ଦା |
| ମହଁଗା | ମହଙ୍ଗା |
| କାମ୍ | କାମ |
| ଭଣ୍ଡାର | ଭଣ୍ଡାର |
| କୀଡ଼ା | କୀଡ଼ା |
| କୋଇଲା | କୋଇଲା |
| କେଓଟ | କେଉଟ |
| ଅରୁଆ | ଅରୁଆ |
| ପଠା | ପଠା |
| ଲେଓଟ | ଲେଉଟ |
| ଅସବ | ଅସବା |
| କୌଡ଼ୀ | କୌଡ଼ୀ |
| ଶଗଡ଼ | ଶଗଡ଼ |
| ଧୃଟ୍ | ଧୃଟ |
| ଗୋତ | ଗୋତ(ଗୋତ୍ର) |

| ବଙ୍ଗଳା | ଓଡ଼ିଆ |
|---|---|
| ତେଁତୁଲ | ତେଁତୁଳ |
| ଆଖ୍ | ଆଖୁ |
| ସଜନା | ସଜନା |
| ବଉଲ | ବଉଳ |
| ବାଡ଼(ଭାତ ବାଡ଼) | ବାଡ଼ |
| ଝି | ଝିଅ |
| ଗୁଡ଼୍ | ଗୁଡ଼ |
| ଚିଲ୍ | ଚିଲ |
| ବଛା | ବଛା |
| ମାଛି | ମାଛି |
| ବେଙ୍ଗ୍ | ବେଙ୍ଗ |
| ପେଚୁ | ପେଚୁ |
| ସାଧ୍ | ସାଧ୍ |
| କାମାର | କମାର |
| ସାଁତଲାନ | ସନ୍ତୁଳିବା |
| ବାସି | ବାସି |
| ଜୋତ | ଜୋତ |

Digitized by srujanika@gmail.com

| ଦେଶୀ | ଦେଶୀ |
|---|---|
| ମରହଟ୍ଟୀ | ଓଡ଼ିଆ |
| ନାବଡ୍ଡୀ | ନାଉଡ଼ୀ |
| ଆବଲ୍ଲ | ଅଉଲ |
| ମୋକଲ୍ଲ | ମୁକୁଳା |
| ନିଶମ୍ମ | ନିଶୁଣୀ |
| ପଲ୍ହଟ୍ଟଣେ | ପହଁରିବା |
| ମାଞ୍ଜର | ମଞ୍ଜାର |
| ଘାଲୀ | ଢାଳି |
| ଆଣ | ଗଣ |
| ଫଡ଼ସ | ଫଣସ |
| ଝୁରଣେ | ଝୁରିବା |
| କ୍ଷ୍ୟାଜ | ବ୍ୟାଜ(ସୁଧ) |
| ପେଣ୍ଡୁ | ପେଣ୍ଡୁ |
| ଉଗିର | ଉଚ୍ଛୁର |
| ଶେଲୀ | ଛେଳି |
| ତୋଁଡ | ତୁଣ୍ଡ |
| ଥାଟ | ଥାଟ |
| ବାନ୍ତ | ବାନ୍ତି |
| ପଡଲ | ପରଳ |

ଉଚ୍ଚାରଣ ବିଷୟରେ ଓଡ଼ିଆ ଓ ବଙ୍ଗଳା ମଧ୍ୟରେ ଅନେକ ପ୍ରଭେଦ ଦେଖାଯାଏ। ଓଡ଼ିଆର ଉଚ୍ଚାରଣ ଅନେକ ପରିମାଣରେ ଦକ୍ଷିଣାତ୍ୟର ସଂସ୍କୃତ ଉଚ୍ଚାରଣର ଅନୁରୂପ। ଋ, ଌ ବଙ୍ଗଳାରେ ରି, ଲି କିନ୍ତୁ ଓଡ଼ିଆରେ ରୁ ଲୁ ରୂପେ ଉଚ୍ଚାରିତ ହୁଏ, ଯଥା ଗୃହ ଶବ୍ଦର ବଙ୍ଗଳା ଉଚ୍ଚାରଣ ଗ୍ରିହ। ବଙ୍ଗଳାରେ ଣ ଓ ନର ଉଚ୍ଚାରଣ-ଗତ ପ୍ରଭେଦ ନାହିଁ, କିନ୍ତୁ ଓଡ଼ିଆରେ ମୂର୍ଦ୍ଧନ୍ୟ ଣର ସଂସ୍କୃତ ଉଚ୍ଚାରଣ ସଂରକ୍ଷିତ ହୋଇଅଛି। * ବଙ୍ଗଳାରେ ଗୋଟିଏ ମାତ୍ର ଲ କିନ୍ତୁ ଓଡ଼ିଆରେ ଦନ୍ତ୍ୟ ଓ ମୂର୍ଦ୍ଧନ୍ୟ ଲ ଭିନ୍ନ ଭିନ୍ନ ରୂପେ ଲିଖିତ ଓ ଉଚ୍ଚାରିତ ହୁଏ। ବଙ୍ଗଳାରେ 'କେନ' ଏହି ଶବ୍ଦର 'କେ'ର ଏକାର ଯେପରି ଉଚ୍ଚାରିତ ହୁଏ ଓଡ଼ିଆରେ ଏକାରର ସେପରି ଉଚ୍ଚାରଣ ନାହିଁ। ସଂଯୁକ୍ତବର୍ଣ୍ଣ ମଧ୍ୟରେ 'ଷ୍ମ' ର ଉଚ୍ଚାରଣ ବଙ୍ଗଳାରେ 'ଷ୍ମ' ପରି, କିନ୍ତୁ ଓଡ଼ିଆରେ 'ଷ' ରେ ଦନ୍ତ୍ୟ ନ ଯୋଗକଲେ ଯେପରି ଉଚ୍ଚାରଣ ହୁଏ ସେହିପରି। ବଙ୍ଗଳାରେ ବ ଫଳା ପ୍ରାୟ ଉଚ୍ଚାରିତ ହୁଏ ନାହିଁ, କିନ୍ତୁ ଓଡ଼ିଆରେ ତାହାର ସ୍ପଷ୍ଟ ଉଚ୍ଚାରଣ ଅଛି। ଓଡ଼ିଆରେ 'ଅକାରାନ୍ତ ଶବ୍ଦଗୁଡ଼ିକର ଅନ୍ତ୍ୟ 'ଅ' ସୁସ୍ପଷ୍ଟ ଉଚ୍ଚାରିତ ହୁଏ। ଏହି ସବୁ ଉଚ୍ଚାରଣର ପ୍ରଭେଦ ହେତୁରୁ ଓଡ଼ିଆ ଭାଷା ବଙ୍ଗାଳୀ ନିକଟରେ ଗୁରୁ କର୍କଶ ବୋଲି ବୋଧହୁଏ।

ବ୍ୟାକରଣର ବ୍ୟବସ୍ଥା ସମ୍ବନ୍ଧରେ ଓଡ଼ିଆଭାଷା ବଙ୍ଗଳାର ଅନୁରୂପ। ଲିଙ୍ଗପ୍ରକରଣରେ ସ୍ତ୍ରୀତ୍ତ୍ୱ ବୁଝାଇବା ପାଇଁ ଦେଶଜ ଓ ଅପଭ୍ରଂଶ ଶବ୍ଦ ସ୍ଥଳରେ ଆଣୀ ଓ ଉଣୀ ପ୍ରତ୍ୟୟ ହୁଏ। ଯଥା—ଗୃହିଣୀ, ବଣିଆଣୀ। ଓଡ଼ିଆରେ ଶବ୍ଦକୁ ବହୁବଚନାନ୍ତ କରିବାକୁ ହେଲେ ଏକବଚନାନ୍ତ ଶବ୍ଦ ପରେ 'ମାନ' ବିଭକ୍ତି ପ୍ରୟୋଗ କରାଯାଏ। 'ମାନ' ବିଭକ୍ତିର ଉତ୍ପତ୍ତି ସମ୍ବନ୍ଧରେ ସ୍ଥିରସିଦ୍ଧାନ୍ତ କିଛି ନାହିଁ ବୋଲି ଯାଇ ନ ପାରେ। ତେବେ 'ମାନ୍ୟ ଅର୍ଥରେ ବହୁବଚନ' ଏହି ବାକ୍ୟକୁ ଓଲଟାଇ ବହୁବଚନରେ 'ମାନ' ପ୍ରୟୋଗ କରିବାର ରୀତି ଉଦ୍ଭାବିତ ହୋଇଥିବା ଅସମ୍ଭବ ନୁହେଁ। ଓଡ଼ିଆରେ 'କର୍ମ ଏବଂ ସମ୍ପ୍ରଦାନ କାରକର 'କୁ' ବିଭକ୍ତି ହିନ୍ଦୀର 'କୋ'ର ଲଘୁକରଣ ବୋଲି ବୋଧହୁଏ। ଓଡ଼ିଆଭାଷାର ଅପାଦାନର 'ରୁ' ବୋଧହୁଏ ପ୍ରାକୃତର 'ଉ'ର ରୂପାନ୍ତର। ସମ୍ବନ୍ଧର ବିଭକ୍ତି 'ର' ଓଡ଼ିଆ ଓ ବଙ୍ଗଳା ଉଭୟରେ ସମାନ। ଅଧିକରଣର ବିଭକ୍ତି 'ରେ' ପ୍ରାକୃତ 'ଏ' ର ଭିନ୍ନରୂପ ବୋଲିବାକୁ ହେବ। 'ଏ' ପ୍ରତ୍ୟୟ

* ଏହି ପୁରାତନ ଉଚ୍ଚାରଣ ବୋଧହୁଏ ଆଜିକାଲି ମଧ୍ୟ ବଙ୍ଗଳାର ବିଷ୍ଣୁ, କୃଷ୍ଣ ପ୍ରଭୃତି ଶବ୍ଦରେ ଦେଖାଯାଏ। ବଙ୍ଗଳାରେ ଏହି ସବୁ ଶବ୍ଦ ବିଷ୍ଟୁଁ, କ୍ରିଷ୍ଟୁଁ ଇତ୍ୟାଦିରୂପେ ଉଚ୍ଚାରିତ ହୁଏ। ଷ ତଳେ ଣ ଯୋଗ କଲେ ଣ ଉଚ୍ଚାରଣ ଟ ପରି ହେଲା କାହିଁକି?

Digitized by srujanika@gmail.com

କେତେବେଳେ ଏକତ୍ତ୍ୱ ବୋଧକ, କେତେବେଳେ ବା ବହୁତ୍ତ୍ୱ ବୋଧକ ହୋଇଥାଏ, ଯଥା; ଜଣେ, ଲୋକେ ଓଡ଼ିୟାରେ ଆଖ୍ୟାତ ବିଭକ୍ତିଗୁଡ଼ିକ ମଧ୍ୟରେ ନିତ୍ୟପ୍ରବୃତ୍ତ ବର୍ତ୍ତମାନର ଏବଂ ଅନୁଜ୍ଞାର ପ୍ରଥମପୁରୁଷ ବହୁବଚନାନ୍ତ 'ଅନ୍ତି' ଓ 'ଅନ୍ତୁ' ପ୍ରତ୍ୟୟ ସମ୍ପୂର୍ଣ୍ଣରୂପେ ସଂସ୍କୃତ ବା ପ୍ରାକୃତ । ବଙ୍ଗଳା ପରି ବର୍ତ୍ତମାନ ଏବଂ ଅନୁଜ୍ଞାର ପ୍ରଥମ ଓ ମଧ୍ୟମ ପୁରୁଷରେ ଏକବଚନରେ 'ଏ' ଓ 'ଅ' ପ୍ରତ୍ୟୟ ବ୍ୟବହୃତ ହୁଏ । ଉତ୍ତମପୁରୁଷରେ 'ଏଁ' ପ୍ରତ୍ୟୟ ହୁଏ । ଓଡ଼ିୟାରେ ବିଶୁଦ୍ଧ ଅତୀତକାଳରେ ପ୍ରଥମପୁରୁଷରେ 'ଲି' ଓ 'ଲେ' ଓ ମଧ୍ୟମପୁରୁଷରେ 'ଲ' ଓ ଉତ୍ତମପୁରୁଷରେ 'ଲି' ଓ 'ଲୁ' ବିଭକ୍ତି ହୁଏ; ଯଥା;— ସେ କଲା, ସେମାନେ କଲେ, ତୁମ୍ଭେ କଲ, ମୁଁ କଲି, ଆମ୍ଭେମାନେ କଲୁଁ । ପ୍ରାଗତ ଅତୀତରେ ଏକବଚନରେ 'ଥିଲ' 'ଥିଲୁଁ' 'ଥିଲି' ବହୁବଚନରେ 'ଥିଲେ' 'ଥିଲ' 'ଥିଲୁ' ପ୍ରତ୍ୟୟ ହୁଏ । ବଙ୍ଗଳାରେ ଏହିସବୁ ସ୍ଥାନରେ ଯଥାକ୍ରମେ 'ଛିଲ' 'ଛିଲ' 'ଛିଲମ୍' 'ଛିଲେନ୍' 'ଛିଲେ' 'ଛିଲାମ' ପ୍ରତ୍ୟୟ ହୁଏ । କୃଦନ୍ତ ପ୍ରକରଣରେ ଅସମାପିକା କ୍ରିୟାର ଗଠନରେ 'ଇ' 'ବାକୁ' 'ଉ' ପ୍ରତ୍ୟୟ ବ୍ୟବହୃତ ହୁଏ ଯଥା; କରି, କରିବାକୁ, ଦେଖୁଁ ଦେଖୁଁ । କୃଦନ୍ତରେ 'ଲ' ବା 'ଅନ୍ତା' ପ୍ରତ୍ୟୟାନ୍ତ କେତେଗୁଡ଼ିଏ ଶବ୍ଦ ବିଶେଷଣରୂପରେ ବ୍ୟବହୃତ ହୁଏ । ଯଥା;—ଗଲକଥା, ଦେବାଲୋକ, ଚଳନ୍ତା ଗାଡ଼ି । ତଦ୍ଧିତ ପ୍ରକରଣରେ ଇଆ, ଉଆ, ଆଳ, ରି, ପଣ, ସାକ, ସାଏ, କ, ତେ, ତେ ପ୍ରଭୃତି ପ୍ରତ୍ୟୟଗୁଡ଼ିକ ବ୍ୟବହୃତ ହୁଏ, ଯଥା,—ଜାଲିଆ, ନାହୁଆ, ଖିଆଲ, ଯାନରି, ମାଧୁପଣ, ବାଟସାକ, ଦେଉଳଘାଏ, ଦିନକ, ଏତେ, ଏତେ ।

ପୂର୍ବେ କହିଅଛୁଁ ଓଡ଼ିୟାଭାଷା ପ୍ରାଚୀନ ସାହିତ୍ୟ ଶାଳିନୀ । ଓଡ଼ିୟା ସାହିତ୍ୟରେ ଶତ ଶତ ପଦ୍ୟଗ୍ରନ୍ଥ ସଂରକ୍ଷିତ ଅଛି । ସେ ଗ୍ରନ୍ଥଗୁଡ଼ିକ ପୁରାଣ, କାବ୍ୟ ଏବଂ ବିବିଧ, ଏହି ତିନି ଶ୍ରେଣୀରେ ବିଭକ୍ତ ହୋଇପାରେ । ଅଧିକାଂଶ ଗ୍ରନ୍ଥ ଆଜଯାଏ ମଧ୍ୟ ମୁଦ୍ରିତ ହୋଇନାହିଁ । ପାଠକମାନଙ୍କ କୌତୂହଳ ତୃପ୍ତି ନିମିତ୍ତ ନିମ୍ନରେ ତିନିଜଣ ପ୍ରଧାନ ପ୍ରାଚୀନ କବିଙ୍କର ତିନି ଖଣ୍ଡି କାବ୍ୟରୁ କିୟଦଂଶ ଉଦ୍ଧୃତ କଲୁଁ ।* ଓଡ଼ିଆର ସମସ୍ତ ପଦ୍ୟ ଅକ୍ଷର ନିୟମାନୁସାରେ ପୟାର, ତ୍ରିପଦୀ, ପ୍ରଭୃତି ଛନ୍ଦର କିମ୍ବା ସେମାନଙ୍କ ସମ୍ମିଶ୍ରଣଜନିତ ନାନାବିଧ ଛନ୍ଦୋବନ୍ଧରେ ରଚିତ ହୋଇଅଛି । ଓଡ଼ିଆର ସମସ୍ତ ପଦ୍ୟ ପାଠକାଳରେ ସ୍ୱର ସଂଯୋଗରେ ପଠିତ ହୋଇଥାଏ । ଏହି ହେତୁରୁ ପଦ୍ୟର ପ୍ରଥମରେ ରାଗ ରାଗିଣୀର ଉଲ୍ଲେଖ ଥାଏ ।

ଆଧୁନିକ ଉତ୍କଳ ସାହିତ୍ୟରେ ବଙ୍ଗଳା ସାହିତ୍ୟର ଅନୁକରଣ ବିଶେଷଭାବରେ ଲକ୍ଷିତ ହୁଏ । ଏହି କାରଣରୁ ଓଡ଼ିଆ ରଚନା ଦିନକୁ ଦିନ ବଙ୍ଗଳା ପରି ହୋଇ ଆସୁଅଛି । ଉପସଂହାରରେ ଆଧୁନିକ ସାହିତ୍ୟର ନମୁନାସ୍ୱରୂପ ଦିଓଟି କବିତାଂଶ ଏବଂ ଗୋଟିଏ ଗଦ୍ୟ ପ୍ରବନ୍ଧର କିୟଦଂଶ ନିମ୍ନରେ ସନ୍ନିବିଷ୍ଟ ହେଲା । ପ୍ରଥମ କବିତାଂଶଟି ଆଧୁନିକ ଉତ୍କଳର ଶ୍ରେଷ୍ଠ କବି ଶ୍ରୀଯୁକ୍ତ ବାବୁ ରାଧାନାଥ ରାୟମହାଶୟଙ୍କ ମହାଯାତ୍ରା ନାମକ କାବ୍ୟରୁ ଗୃହୀତ । ଏହା ଶ୍ରୀ ମାଇକେଲ ମଧୁସୂଦନ ଦତ୍ତ କବିବରଙ୍କ ପ୍ରବର୍ତ୍ତିତ ଅମିତ୍ରାକ୍ଷର ଛନ୍ଦରେ ଲିଖିତ । ଦ୍ୱିତୀୟ କବିତାଂଶ ଶ୍ରୀଯୁକ୍ତ ବାବୁ ଫକୀରମୋହନ ସେନାପତି ମହାଶୟଙ୍କ ଉପହାର ନାମକ ପୁସ୍ତକରୁ ଗୃହୀତ । ପରବର୍ତ୍ତୀ ଗଦ୍ୟାଂଶ ସ୍ୱର୍ଗୀୟ ପ୍ୟାରୀମୋହନ ଆଚାର୍ଯ୍ୟ ମହାଶୟଙ୍କ ଓଡ଼ିଶା ଇତିହାସରୁ ଉଦ୍ଧୃତ ହେଲା । †

ଶ୍ରୀ ମଧୁସୂଦନରାଓ ।

---

* ଲେଖକ ମହାଶୟ ଏହିଠାରେ କବି ଦୀନକୃଷ୍ଣ, ଉପେନ୍ଦ୍ର, ଅଭିମନ୍ୟୁଙ୍କ ରସକଲ୍ଲୋଳ, ପ୍ରେମସୁଧାନିଧି, ବିଦଗ୍ଧଚିନ୍ତାମଣି କାବ୍ୟମାନଙ୍କରୁ କିଛି ୨ ଉଦ୍ଧୃତ କରିଅଛନ୍ତି । ଉଃ ସାଃ ସଂ

† ଉକ୍ତ ଅଂଶମାନ ଓଡ଼ିୟା ପାଠକମାନଙ୍କ ପକ୍ଷରେ ଅନାବଶ୍ୟକ ବିବେଚନାରେ ପରିତ୍ୟକ୍ତ ହେଲା । ଉଃସାଃସ

Digitized by srujanika@gmail.com

# ଅଧ୍ୟାସତତ୍ତ୍ୱ ବା ଆରୋପତତ୍ତ୍ୱ

( ଆତ୍ମାରେ ଅନାତ୍ମାର ଆରୋପ ବିଷୟକ ତତ୍ତ୍ୱ । )

---

(୧) ଜନ୍ମମୃତ୍ୟୁର ରଙ୍ଗଭୂମି, ଆଶା ଓ ଦୁରାକାଙ୍କ୍ଷାର ଲୀଳାକ୍ଷେତ୍ର, ଭୂପୃଷ୍ଠରେ ଜନ୍ମ-ପରିଗ୍ରହ କରି ମାନବପ୍ରାଣୀ 'ମୁଁ' 'ମୁଁ', 'ମୋର' 'ମୋର' ଏହି ଆଧ୍ୟାସିକ ଭାବ ହେତୁ ନାନା କାରଣ ବଶତଃ ନିରନ୍ତର ଅପରି-ସୀମ କ୍ଳେଶ ଭୋଗ କରେ । ସଦା ପ୍ରବାହିତ ମୃତ୍ୟୁସ୍ରୋତ ପ୍ରତ୍ୟକ୍ଷ କଲେ ସୁଦ୍ଧା କ୍ଷଣଭଙ୍ଗୁର ବ୍ୟାଧିମନ୍ଦିର ଦେହରେ ଜୀବନର ସ୍ଥାୟିତ୍ୱ ଓ ଚିର ସ୍ୱାସ୍ଥ୍ୟର ଉପଲବ୍ଧିରେ ଅଣୁମାତ୍ର ସନ୍ଦିହାନ ହୁଏ ନାହିଁ । ମନୁଷ୍ୟ ନିରନ୍ତର ଯଶଃସଂଭ୍ରମ, ପଦୋନ୍ନତିର ଦୁରାଶା, ଅସମ୍ଭବ ବିଷୟଭୋଗର ଉତ୍କଟ ଲାଲସା, ଅପରିସୀମ ଧନସମ୍ପଦର ଦୁରାକା-ଙ୍କ୍ଷାରେ ପ୍ରତିକ୍ଷଣ ନିତାନ୍ତ ବ୍ୟାକୁଳ । କିନ୍ତୁ ଦୁରାଶା ବା ଉତ୍କଟ ଲାଲସାର ନିବୃତ୍ତି ବା ପରିତୃପ୍ତି ହୁଏ ନାହିଁ । ଦୁରାକାଙ୍କ୍ଷାର ଶେଷ ହୁଏ ନାହିଁ, ପ୍ରତିକ୍ଷଣ ପରିବର୍ଦ୍ଧିତ ହୋଇ ଯାଉଥାଏ । ପରି-ଶେଷରେ ଅଜ୍ଞମାନବ ବିକଟ ସୁଖତୃଷ୍ଣାରେ ଶୁଷ୍କକଣ୍ଠହୋଇ ଦୁରାଶା ପରିପୋଷିତ ହୃଦୟରେ ଅଶାନ୍ତି-ରସ ପାନ କରେ । ଏହି ଅଶାନ୍ତିର ଏକ-ମାତ୍ର ଉପାଦାନ ଅଧ୍ୟାସ । ଅତଏବ ଅଧ୍ୟାସ ହିଁ ପ୍ରଥମତଃ ବିଚାର୍ଯ୍ୟ ।

(୨) ଅଧ୍ୟାସ କଣ ? କି ସ୍ୱରୂପ ? ତାହାର କାରଣ କିଏ ? ଅଧ୍ୟାସ ଏକପ୍ରକାର ମିଥ୍ୟା-ଜ୍ଞାନ, ତାହା ସ୍ମୃତିଜ୍ଞାନବତ୍ ପୂର୍ବପ୍ରତୀତି ଅନୁସାରେ ଜନ୍ମେ । ଏକ ପଦାର୍ଥରେ ଅନ୍ୟ ପଦାର୍ଥର ଜ୍ଞାନକୁ ଅଧ୍ୟାସ ବା ଭ୍ରମ ବୋଲି-ଯାଏ । କେହି କହନ୍ତି "ଏକ ପଦାର୍ଥରେ ଅନ୍ୟ ପଦାର୍ଥ-ଧର୍ମର ଜ୍ଞାନ ଅଧ୍ୟାସ" । କେଉଁମାନେ କହନ୍ତି "ପରସ୍ପର ଅସମ୍ବଦ୍ଧ ଦୁଇଟି ପଦାର୍ଥର ପରସ୍ପର-ବିପରୀତ ଧର୍ମର କଳ୍ପନା ହିଁ ଅଧ୍ୟାସ ବା ଅବଭାସ" ଯେ ଯାହା କହନ୍ତୁ ଏକ ପଦାର୍ଥରେ ଅନ୍ୟ ପଦାର୍ଥର ଜ୍ଞାନ ଅଧ୍ୟାସ, ଏହା କେହି ଅସ୍ୱୀକାରନ୍ତି ନାହାନ୍ତି । ଏହି ଅନର୍ଥ ହେତୁ ଅଧ୍ୟାସ ମନୁଷ୍ୟର ସଂସାରିକ ପ୍ରବୃତ୍ତି-ନିବୃତ୍ତିର ଏକ-ମାତ୍ର ଉପାଦାନ; "ମୁଁ" (ଆତ୍ମା) "ମୋର" (ଆତ୍ମୀୟ) ଏ ଦୁଇଟି ଭାବ, ପ୍ରତ୍ୟେକ ମାନବର ସଂସାରିକ ପ୍ରବୃତ୍ତି ନିବୃତ୍ତିର ମୂଳରେ ନିହିତ ଓ ଅଧ୍ୟାସମୂଳକ ।

(୩) ବାସ୍ତବିକ ଆତ୍ମା ସ୍ୱସ୍ୱରୂପ, ସତ୍ ସ୍ୱ-ପ୍ରକାଶ, ଚୈତନ୍ୟମୟ, ମୁକ୍ତ; ଏବଂ ଦେହ ଓ ଇନ୍ଦ୍ରିୟ ନଶ୍ୱର, ବିକୃତ ଓ ପରିଣାମୀ, ମାନବ, ଅଜ୍ଞାନବଶତଃ ଜଡ଼ଭାବ-ବିଜଡ଼ିତ ଦେହ ଓ ଇନ୍ଦ୍ରିୟରେ ଆତ୍ମଭାବ ଏବଂ ଆତ୍ମାରେ ଦୈହିକ ଓ ଐନ୍ଦ୍ରିୟଭାବ ଆରୋପ କରେ । ଯଥା;—ପୁତ୍ର-କଳତ୍ରାଦି ସୁସ୍ଥ ବା ପୀଡ଼ିତ ଥିଲେ ଅଜ୍ଞଜୀବ 'ମୁଁ ସୁଖରେ ଅଛି' 'ମୁଁ ଦୁଃଖରେ ଅଛି' ଏପରି ଦୁର୍ଭାବନା ଦ୍ୱାରା ଅନାନ୍ତରିକ ଆତ୍ମୀୟବର୍ଗର ସୁଖଦୁଃଖସ୍ୱରୂପରେ ନିଜ ଅନ୍ତଃକରଣବୃତ୍ତିକୁ ପରିଣତ କରି ଆତ୍ମାରେ ( ଆପଣାଠାରେ ) ସେହି ସୁଖଦୁଃଖର ଆରୋପ କରେ । ଫଳତଃ ଆତ୍ମାରେ ଯେଉଁ ସୁଖଦୁଃଖର ଅନୁଭବ ହୁଏ, ତାହା ଭ୍ରମମାତ୍ର । ସତ୍ୟତଃ ଆତ୍ମାରେ କୌଣସି ସୁଖଦୁଃଖର ସତ୍ତା ନାହିଁ । ବିଷୟ ଓ ଇନ୍ଦ୍ରିୟର ପରସ୍ପରସମ୍ବନ୍ଧବଶତଃ ଅନ୍ତଃକରଣରେ ଯେଉଁ ବୃତ୍ତି ବା ପରିଣାମ ଜନ୍ମେ, ତାହାହିଁ ସୁଖ ଦୁଃଖର କାରଣ । ଅଜ୍ଞ ମନୁଷ୍ୟ, ପରିଣାମୀ ଅନ୍ତଃକରଣର ବୃତ୍ତିସ୍ୱରୂପ ଏବଂ କ୍ଷଣସ୍ଥାୟୀ ସୁଖ ଦୁଃଖକୁ ଆତ୍ମାରେ (ଆପଣାଠାରେ) ଆରୋପିତ କରି ନିଜକୁ ସୁଖୀ ଦୁଃଖୀ ବୋଲି ମଣେ । ପ୍ରକୃତ ଦେଖିବାକୁ ଗଲେ, ସୁଖଦୁଃଖ କେବେହେଁ ଆତ୍ମ-ଧର୍ମ ନୁହେଁ । ତାହା ଆତ୍ମଧର୍ମ ହୋଇଥିଲେ ସୁଷୁପ୍ତି କାଳରେ ସୁଖଦୁଃଖର ଅନୁଭବ ହେଉ-

Digitized by srujanika@gmail.com

ଥାନ୍ତି । ସୁତରାଂ ସୁଖଦୁଃଖ ପ୍ରଭୃତି ବିବିଧଭାବ, ଅନ୍ତଃକରଣର ବିକାର ମାତ୍ର । ରଜ୍ଜୁରେ ସର୍ପଜ୍ଞାନ ବତ୍ ଅଥବା ପ୍ରଚଣ୍ଡ ରବିକିରଣ ପ୍ରତିଫଳିତ ସୈକତ ପ୍ରଦେଶରେ ମୃଗତୃଷ୍ଣାବତ୍ ଅନ୍ତଃକରଣ-ବିକାର ସୁଖଦୁଃଖ, ଆତ୍ମାରେ ପ୍ରତୀୟମାନ ହୁଏ । ଆତ୍ମା ଓ ଅନ୍ତଃକରଣ ଏ ଉଭୟର ଅଭେଦ-ବୋଧ ଆତ୍ମାରେ ଆରୋପିତ ସୁଖଦୁଃଖର ପ୍ରଧାନ କାରଣ । ଏହିପରି କୃଶତ୍ୱ, ସ୍ଥୂଳତ୍ୱ, କୃଷ୍ଣତ୍ୱ ପ୍ରଭୃତି ଦୈହିକ ଧର୍ମଗୁଡ଼ିକ, ଆପଣାଠାରେ ଆରୋପ କରି 'ମୁଁ କୃଶ', 'ମୁଁ ସ୍ଥୂଳ', 'ମୁଁ କୃଷ୍ଣବର୍ଣ୍ଣ', 'ମୁଁ ଗୌରବର୍ଣ୍ଣ' ଏଭଳି ଅନୁଭବ କରେ । ମୂକତ୍ୱ, ବଧିରତ୍ୱ, ଅନ୍ଧତ୍ୱ ପ୍ରଭୃତି ଇନ୍ଦ୍ରିୟଧର୍ମ ସବୁ, ଆପଣାଠାରେ ଆରୋପିତ କରି, "ମୁଁ ମୂକ, କଥା କହି ପାରେ ନାହିଁ", "ମୁଁ ବଧିର, କଥା ଶୁଣି ପାରେ ନାହିଁ", "ମୁଁ ଅନ୍ଧ, ଦେଖି ପାରେ ନାହିଁ", ଏପରି ବିଚାର କରେ । ମୁଁ ଇଚ୍ଛାକରେ, ମୁଁ ସଂକଳ୍ପ କରିଅଛି, ମୁଁ ସନ୍ଦେହ କରୁଅଛି, ଇତ୍ୟାଦି ଭାବନାଦ୍ୱାରା ଇଚ୍ଛା, ସଂକଳ୍ପ, ସନ୍ଦେହ ପ୍ରଭୃତି ମାନସଧର୍ମ ସମୂହ ପୂର୍ବବତ୍ ଆତ୍ମାରେ ଆରୋପିତ କରେ । ଏହିପରି ପ୍ରାଣୀ ସବୁ ଅହଂପ୍ରତ୍ୟୟୀ ଅର୍ଥାତ୍ ଅହଂଜ୍ଞାନର ଆଶ୍ରୟ ଅନ୍ତଃକରଣକୁ, ତତ୍ ପ୍ରକାଶକ, ଚୈତନ୍ୟମୟ ନିଜନିଜ ଆତ୍ମାରେ ଅଧ୍ୟସ୍ତ ( ଆରୋପିତ ) କରନ୍ତି । ଅବିବେକହିଁ ଏ ଅଧ୍ୟାସର ପ୍ରଧାନ କାରଣ । ଆତ୍ମା ଓ ଅନାତ୍ମାର ନିତାନ୍ତ ପାର୍ଥକ୍ୟ ଥିଲେ ସୁଦ୍ଧା, ଅବିବେକ ପ୍ରଭାବରୁ ପରସ୍ପରଠାରେ ପରସ୍ପରର ଅଭେଦ ଜ୍ଞାନ ଜନ୍ମେ । ଅର୍ଥାତ୍ ଆତ୍ମାରେ ଦେହଭାବର ଏବଂ ଦେହରେ ଆତ୍ମଭାବର ଅଧ୍ୟାସ ହୁଏ । ଏବଂ ବିଧ ଅଧ୍ୟାସ ଆବହମାନକାଳପ୍ରସିଦ୍ଧ, ସ୍ୱତଃପ୍ରବର୍ତ୍ତମାନ, ନୈସର୍ଗିକ, ଏବଂ ପ୍ରାଣୀମାନଙ୍କର ଅନୁଭବ ଗୋଚର । ଏହି ଅବିଦ୍ୟାମୟ ଅଧ୍ୟାସ ଆଦି-ଅନ୍ତ ବର୍ଜିତ, ଅନର୍ଥହେତୁ, ଏବଂ କର୍ତ୍ତୃତ୍ୱଭୋକ୍ତୃତ୍ୱର ନିୟାମକ । ଏହାର ଉଚ୍ଛେଦହିଁ ବେଦାନ୍ତଶାସ୍ତ୍ର ପ୍ରବୃତ୍ତିର ଏକମାତ୍ର ଲକ୍ଷ୍ୟ ।

(୪)ଯେଉଁ ପଦାର୍ଥସବୁ ସାଧାରଣତଃ ଦୃଷ୍ଟି-ଗୋଚର ସେହିସବୁଥିରେ ଅନୁଭୂତପଦାର୍ଥର ଅଧ୍ୟାସ ବା ଆରୋପ ହୋଇଥାଏ । ଶୁକ୍ତିଖଣ୍ଡ (ଶାମୁକା ଖଣ୍ଡ ) ସାଧାରଣ ଦୃଷ୍ଟପଦାର୍ଥ, ଏ ହେତୁ ସେଥିରେ ରଜତର ( ରୂପାର ) ଅଧ୍ୟାସ ବା ଭ୍ରମ ହୁଏ । କୌଣସି ଅଦୃଷ୍ଟ ପଦାର୍ଥରେ ପଦାର୍ଥାନ୍ତରର ଅଧ୍ୟାସ ବା ଭ୍ରମ ହୁଏ ନାହିଁ । ବିଶେଷତଃ ଚୈତନ୍ୟମୟ ଆତ୍ମା ସ୍ୱପ୍ରକାଶ ନିରୁପାଧିକ ଓ ଅବିଷୟ, ସୁତରାଂ ଅବିଷୟ ଆତ୍ମାରେ ବିଷୟୀଭୂତ ଦେହାଦିର ଅଧ୍ୟାସ କିପରି ସମ୍ଭବେ ? ଆତ୍ମା ନିତାନ୍ତ ଅବିଷୟ ନୁହେ, ଜୀବାବସ୍ଥାରେ 'ଅହଂ' (ମୁଁ) ଏହି ଜ୍ଞାନର ବିଷୟ, ଚୈତନ୍ୟମୟ ଆତ୍ମା, ସ୍ୱଭାବତଃ ନିରୁପାଧିକ ଓ ଅବିଷୟ ହେଲେହେଁ ଅବିଦ୍ୟାକଳ୍ପିତ ଅହଂଭାବର ବିଷୟ । ଯେତେବେଳଯାଏ ପ୍ରଗାଢ଼ ତତ୍ତ୍ୱଜ୍ଞାନର ଉଦୟ ହୋଇ ନାହିଁ, ତେତେବେଳଯାଏ ନିବିଡ଼ ତାମସମୟୀ ଅବିଦ୍ୟାର (ଅଜ୍ଞାନର) ଉଦୟ । ପୁଣି ସେହି ଅବସରରେ ଚୈତନ୍ୟମୟ ଆତ୍ମା, 'ଅହଂ' 'ମମ' ପ୍ରଭୃତି ବିବିଧ ଅଧ୍ୟାସମୂଳକ ଭାବର ପରିଚ୍ଛେଦ୍ୟ । ଅତଏବ ଅହଂଭାବର ଆଶ୍ରୟ ଆତ୍ମାରେ ଦେହ ବା ଇନ୍ଦ୍ରିୟାଦିର ଅଧ୍ୟାସ ବା ଭ୍ରମ ଯୁକ୍ତିବିରୁଦ୍ଧ ବା ଅନୁପପନ୍ନ ନୁହେଁ ।

(୫) ଆତ୍ମା ଅପ୍ରତ୍ୟକ୍ଷ, ଆତ୍ମାରେ ପ୍ରତ୍ୟକ୍ଷ ଦେହାଦିର ଅଧ୍ୟାସ କିପରି ? ଆତ୍ମା ଅପ୍ରତ୍ୟକ୍ଷ ନୁହେ, ପ୍ରତ୍ୟେକ ବ୍ୟକ୍ତିର ଆତ୍ମଜ୍ଞାନହିଁ ଆତ୍ମ ପ୍ରତ୍ୟକ୍ଷର ପରିମାପକ । ପ୍ରାଣୀମାନଙ୍କର ଅସନ୍ଦିଗ୍ଧ ଆତ୍ମଜ୍ଞାନ ଅବିଚଳିତ ରୂପରେ ଜାଗ୍ରତ, ସେଥିରେ କାହାରି କୌଣସି ଆପତ୍ତି ନାହିଁ । ମାନବ (ଅହଂ ଅହଂ)ମୁଁ ମୁଁ ବୋଲି କହେ । ସମସ୍ତେ ମୁଁ (ଅହଂ) ବୋଲି ଆପଣାକୁ ଜାଣନ୍ତି । 'ମୁଁ' ଅଛି କି ନା, ଏଭଳି ସନ୍ଦେହ କାହାରି ଜନ୍ମେ ନାହିଁ । ସୁତରାଂ ଏହାହିଁ ପ୍ରତିପନ୍ନ ଯେ, ପ୍ରତ୍ୟେକ ମାନବାତ୍ମା ଅହଂଜ୍ଞାନର ବିଷୟ । ଅଥଚ ଏମନ୍ତ କୌଣସି

Digitized by srujanika@gmail.com

ନିୟମ ନାହିଁ ଯେ, ଯାହା ଚାକ୍ଷୁଷଜ୍ଞାନର ବିଷୟ ତାହାହିଁ ପ୍ରତ୍ୟକ୍ଷ; ଯାହା ଅଚାକ୍ଷୁଷ ତାହା ପ୍ରତ୍ୟକ୍ଷ ନୁହେଁ, ପୁଣି ସେହି ପ୍ରତ୍ୟକ୍ଷ ପଦାର୍ଥରେ ବିଷୟାନ୍ତରର ଅଧ୍ୟାସ ହେବ ଅନ୍ୟତ୍ର ହେବ ନାହିଁ । ଯଦି ସେପରି ନିୟମ ଥାଆନ୍ତା ତେବେ କବିବର୍ଗ ନିର୍ମେଘ ଆକାଶକୁ ଦେଖି "ଅହୋ-ନୀଳିମା ଆକାଶସ୍ୟ" ଏଭଳି ବାକ୍ୟ ପ୍ରୟୋଗ ଦ୍ୱାରା ଆକାଶରେ ନିତାନ୍ତ ନୀଳିମାର ଆରୋପ କରି ନ ଥାନ୍ତେ । ଏମନ୍ତ କି ନିବିଡ଼ନୀଳିମା ପୂର୍ଣ୍ଣ ଆକାଶକୁ ଜଗତର ନୀଳକାନ୍ତ ମଣିନିର୍ମିତ କଡ଼ାଇର ଢାଙ୍କୁଣୀ ବୋଲି ବର୍ଣ୍ଣନା କରିଅଛନ୍ତି । ବସ୍ତୁତଃ ଆକାଶର କୌଣସି ବର୍ଣ୍ଣ ବା ଆକାର ନାହିଁ, ତାହା ଅପ୍ରତ୍ୟକ୍ଷ, ଅର୍ଥାତ୍ ଚାକ୍ଷୁଷ ଜ୍ଞାନର ଅବିଷୟ । କବିମାନେ ପୃଥିବୀର ଗୁମ୍ଫା ଓ ଗୋଲତାକୁ ଆକାଶରେ ଆରୋପ କରି, ନୀଳବର୍ଣ୍ଣ ଅକାଶକୁ ନୀଳକାନ୍ତମଣିକଡ଼ାଇର ଢାଙ୍କୁଣୀ ବୋଲି କହିଥାନ୍ତି । ଏଭଳି ବର୍ଣ୍ଣନାସବୁ ଅଧ୍ୟାସମୂଳକ । ସୁତରାଂ ଏହା ସ୍ପଷ୍ଟ ଜଣାଯାଉଅଛି ଯେ ଅପ୍ରତ୍ୟକ୍ଷ ପଦାର୍ଥରେ ସୁଦ୍ଧା ପଦାର୍ଥାନ୍ତରର ଆରୋପ ହୁଏ ।

(୭) କି ଜଡ଼ ବା ଚେତନ, ପରସ୍ପର ଅଧ୍ୟସ୍ତ ହେଲେ କାହାର ଦୋଷଗୁଣ କାହାର ଠାରେ ସଂକ୍ରମେ ନାହିଁ । ଯେପରି ରଜ୍ଜୁରେ ସର୍ପର ଭ୍ରମ ହେଲେ ବା ସର୍ପରେ ରଜ୍ଜୁର ଭ୍ରମ ହେଲେ ରଜ୍ଜୁ ବା ସର୍ପରେ ପରସ୍ପର ଦୋଷଗୁଣ ଓ ସମ୍ବନ୍ଧର ଅସ୍ତିତ୍ୱ ରହେ ନାହିଁ, ସେହିପରି ଆତ୍ମାରେ ଅନାତ୍ମାର ଅଥବା ଅନାତ୍ମାରେ ଆତ୍ମାର ଆରୋପ ହେଲେ କେହି କାହାର ଦୋଷ, ଗୁଣ ଓ ସମ୍ବନ୍ଧରେ ଲିପ୍ତ ହୁଏ ନାହିଁ । ଏହି ଅବିଦ୍ୟାମୟ ଅଧ୍ୟାସ ଦ୍ୱାରା ଯାବତୀୟ ବ୍ୟବହାର ପ୍ରତିପନ୍ନ । ବିଧି-ନିଷେଧ, ପ୍ରବୃତ୍ତି-ନିବୃତ୍ତି, ରୀତିନୀତି ସବୁ ଅଧ୍ୟାସମୂଳକ । ଜଗତରେ ଅଧ୍ୟାସ ଛଡ଼ା କିଛି ସମ୍ଭବ ପାରେ ନାହିଁ । ନିରତିଶୟ ସୂକ୍ଷ୍ମାନୁସନ୍ଧାନ କରି ଦେଖିଲେ ପାଠକବର୍ଗ ବୁଝି ପାରିବେ ଯେ, ଦେହ ଓ ପ୍ରତ୍ୟେକ ଇନ୍ଦ୍ରିୟରେ ଅହଂମମାଦି ଜ୍ଞାନ ନିହିତ । ପ୍ରତ୍ୟେକ ଇନ୍ଦ୍ରିୟ ମଧ୍ୟ ଅହଂମମଭାବ-ଜଡ଼ିତ-ଦେହାଶ୍ରିତ । ଦେହନିହିତ ଅହଂମମଭାବହିଁ ପ୍ରାଣିର ପ୍ରାଣିତ୍ୱ । ଦେହ ବା ଇନ୍ଦ୍ରିୟାଦି ପ୍ରତି ପ୍ରାଣିର ଅହଂମମଜ୍ଞାନ ନ ରହିଲେ ଚାକ୍ଷୁଷ, ରସନ, ଶ୍ରାବଣାଦି ପ୍ରବୃତ୍ତି ସମ୍ଭବ ପାରେ ନାହିଁ । ପ୍ରାଣୀ ଅହଂତ୍ୱ-ମମତ୍ୱ-ଜ୍ଞାନ-ପରିହୀନ ହେଲେ ଅର୍ଥାତ୍ ନିଜେ ନିଜକୁ ଭୁଲିଗଲେ, ସେ କଣ କରି ପାରିବ ? କିଛିହିଁ କରି ପାରିବ ନାହିଁ । ନା, ଚାହିଁ ପାରିବ ? ନା, ଶୁଣି ପାରିବ ? ନା, ଖାଇ ପାରିବ ? ନା, ଯାଇ ପାରିବ ? ସୁତରାଂ ଯେଉଁ ଦେହରେ ପ୍ରାଣୀର ଅହଂତ୍ୱ ମମତ୍ୱଜ୍ଞାନ ନିବୃତ୍ତ, ସେ ଦେହରେ ପ୍ରାଣୀ କୌଣସି କାର୍ଯ୍ୟ ସାଧନ ବା ବ୍ୟବହାର ନିର୍ବାହ କରି ପାରିବ ନାହିଁ । ତାଦୃଶ୍ୟ ଦେହ ନିଶ୍ଚେଷ୍ଟ ବା ବ୍ୟାପାର-ପରିହୀନ । ଫଳତଃ ଅଧ୍ୟାସ ବ୍ୟତିରେକେ ଅସଙ୍ଗଶୀଳ ଚୈତନ୍ୟମୟ ଆତ୍ମାର କର୍ତ୍ତୃତ୍ୱ-ଭୋକ୍ତୃତ୍ୱ ଜ୍ଞାନର ଅସମ୍ଭବ ଏବଂ ଚକ୍ଷୁରାଦି ଇନ୍ଦ୍ରିୟଗ୍ରାମର ପ୍ରବୃତ୍ତି-ନିବୃତ୍ତି, ଅହଂ-ମମତ୍ୱ-ଜ୍ଞାନ-ସାପେକ୍ଷ । ଅତଏବ ସ୍ପଷ୍ଟ ପ୍ରମାଣିତ ଯେ, ମାନବର ଯାବତୀୟ ସାଂସାରିକଭାବ ଅଧ୍ୟାସମୂଳକ ।

ଶ୍ରୀ ପୁରୁଷୋତ୍ତମ ତର୍କାଲଙ୍କାର ।

---

Digitized by srujanika@gmail.com

# ଦରବାର ।

(ପୂର୍ବାନୁବୃତ୍ତି)

---

ଅକିଞ୍ଚନ କେହୁ କହେ ହାତ ଯୋଡ଼ି
ବୃଥାଲଗି କିମ୍ପା କାମୁଡ଼ା କାମୁଡ଼ି ?
ଅଳ୍ପଦିନ ସ୍ଥିତି ପାଇଁ ଭବରଟି,
ଏଥିଲଗି କିମ୍ପା ଏତେ କଟାକଟି ?
ମଣ ସିନା ଆପଣାକୁ ବଡ଼ କରି,
ମାନ କଥା-ବୃଷ ଦେହେ ମଶା ପରି (୧)
ମହୀରେ କାହାରି ପ୍ରବେଶେ ପ୍ରୟାଣେ,
ଓଜନ ଉଶ୍ୱାସ ମହୀ ତ ନ ଜାଣେ ?
ଦେଖ ସାବଧାନେ ଜ୍ଞାନ-ନେତ୍ର ଫେଇ,
ତୁମ୍ଭ ମଧ୍ୟେ ସାନ ବଡ଼ ନାହିଁ କେହି;
ସାନ ବଡ ଜ୍ଞାନ ଭେକର ଭିଆଣି,
ଭେକ ତଳେ କେହି ନାହିଁ ବଡ଼ ସାନ ।
ଜଣେ ଜଣେ ଗୋଟି ଗୋଟିଏ ସୁଆଙ୍ଗ,
ଗୁଳିଯିବ ଭବଲୀଳା ହେଲେ ସାଙ୍ଗ,
ସର୍ବେ ଯିବ, ଯାଇ, ଉଭେଇ ଅଚିରେ,
ବୁଦ୍‌ବୁଦ ପରାୟେ ଏହି ନଦୀ ନୀରେ ।
ଅଖଣ୍ଡ-ଦଣ୍ଡାୟମାନ-କାଳସିନ୍ଧୁ —
ମଧ୍ୟେ ବିନ୍ଦୁ ରହି ନୁହ ଏକ ବିନ୍ଦୁ ।
ମାଟିଘରେ ବୃଥା ବହି ଅଭିମାନ,
ଅଜ୍ଞାନେ ଧରାକୁ କର ସରା ଜ୍ଞାନ ।
ଅଜ୍ଞାନେ ନଶ୍ୱର ଭାଗ୍ୟର ଗରବେ,
ଭାଲ ତୁମ୍ଭେ ଭ୍ରମି, ସଫଳ ସରବେ ।
ସତ୍ତ୍ୱବିଭକ୍ତିର ଗାଣ୍ଠ ହୋଇ, ଭାଇ,
ବୃଥା କର କିମ୍ପା ଭାଗ୍ୟର ବଡ଼ାଇ ?
ବୃଥା କର କିମ୍ପା ସମ୍ପଦେ ବିଶ୍ୱାସ ?
ବିଜୁଳି ପ୍ରାୟେ ଯା ବିଭବର ବିକାଶ,
ସୁଖ-ଝଟକେ ଯେ ଚକ୍ଷୁ ଚମକାଇ
ଦୁଃଖ-ବଜ୍ରେ ପରେ କରେ ଧରାଶାୟୀ,
ବୃଥା ବହି ଏହି ଭଙ୍ଗୁର ରୋଗଭୂ (୨)
ମଣ ଆପଣାକୁ ଜଣେ ଜଣେ ପ୍ରଭୁ !

ରୋଗବ୍ୟାଜ କାଲ ଥରେ ଥରେ ଚଟି
ଝିଙ୍କି ଦେଲେ, ଏହି ଦର୍ପ ଯାଏ ତୁଟି,
ଦର୍ପ ତୁଟେ କ୍ଷଣେ ଭେଟେ ବିପଦର,
ହାଟବାଟେ ଆସି ଯେ ନ ଦେଇ ଖବର,
ଅବଧି କି ସେହି ଦର୍ପ ତୁଟି ନାହିଁ ?
ଲଢ଼ୁଛ କପଟ କବା କଥା ପାଇଁ ?
କେତେ ଦିନ ଲଗି ମର୍ତ୍ତ୍ୟେ ଅବା ଘର ?
ଏଥିଲଗି କିମ୍ପା ଏତେ ଆଡ଼ମ୍ବର ?
ମର୍ତ୍ତ୍ୟେ ପଡ଼ କାନ୍ଦ ଲୋଡ଼ ଦୁଧ ଥୋଡ଼ା,
ଯିବାବେଳେ ଛ ଅଖଣ୍ଡି କାଠ ଲୋଡ଼ା,
ମଧ୍ୟେ କେତେଦିନ ମାତର କୁଣିଆ,
ଏଥିପାଇଁ ପୁଣି ନ ଅଣ୍ଟେ ଦୁନିଆ !
କେତେଦିନ ପାଇଁ ଦର୍ପର ପତାକା
ତୋଳ, ଦେଉଥିବ, ଖାଉଥିବ ଧକା ?
ଏହି ଦରବାରେ ରୁଣ୍ଡ ଯେତେ ନରେ
ଏଥିରୁ ଥୋକାଏ ବର୍ଷକ ଭିତରେ
ଅନ୍ୟ ଦରବାରେ ହେବେଟି ତଲବ,
ତୁମ୍ଭେ ତହିଁ ଥିବା ନୋହେ ଅସମ୍ଭବ ।
ସେ ଦାରୁଣ ଦରବାରେ ଯିବାପାଇଁ
ଗାଡ଼ିଘୋଡ଼ା ଆଦି ଲୋଡ଼ା ହେବ ନାହିଁ
ପାଇକ-ସ୍ୱରୂପେ ଆସି ରୋଗ ନାନା
ଦେଖାଇବେ ତଲବର ପରବାନା,
ତଲବ ନୁହଇ, ବାରେଣ୍ଟ ସିନା ତ ।
ନ ଦେବେ ମାଗିଲେ ମହଲତ ମାସେ
କରିଯିବାପାଇଁ, ନୋହି ବ୍ୟସ୍ତବ୍ୟସ୍ତ,
ଘରବାଡ଼ି, ଜମି, ଜମା-ବନ୍ଦୋବସ୍ତ,
ଆର୍ତ୍ତିଦାର-ସୁତ-ରୋଦନେ ମୁଖର,
ସ୍ନେହକାରି-ଜନ-ଲୋତକେ ଜର୍ଜର,
ମୃତ୍ୟୁଶଯ୍ୟା, ଅଣଆଶ ଲୀଳାସ୍ଥଳୀ,
ସେ ଦରବାରର ଭୀଷଣ ଦେହଳୀ ।

---

(୧) କଥାବୃଷ—ଈସପରଚିତ ମଶକ ଓ ବୃଷର ଗଳ୍ପ ଦେଖ । (୨) ରୋଗଭୂ—ଶରୀର ।

Digitized by srujanika@gmail.com

ଅଭ୍ରାନ୍ତ-ଘଟିକା-ଯନ୍ତ୍ର ବାମକରେ,
ଭୀମକାଳଦଣ୍ଡ ଧରି ବାମେତରେ,
ସେହି ବୈଶ୍ୱାନର * ଦରବାରେ ନିଜେ,
ପ୍ରେତପତି ସର୍ବପତି ରୂପେ ବିଜେ ।
ଥରେ ମନେକର ସେହି ଦରବାର,
କିଭଳି ଆସନ ଲଭିବ ସେଠାର,
କି ଭଳି ପୋଷାକ ନେଇଣ ହେବ ତହିଁ,
ଲଭିବ ସମ୍ମାନ କେଉଁ ଗୁଣ ବହି ?
ଏ ଦରବାରର ଆସନ-ଫରଦ,
ଚିତ୍ରଗୁପ୍ତ-ପାଞ୍ଜି କରିଦେବ ରଦ ।
ତୋତେ ରୋଚୁ ଅବା ନ ରୋଚୁ ସେ ନ୍ୟାଯ୍ୟ,
ଚରମ ଅଟଇ ଚିତ୍ରଗୁପ୍ତ ରାଯ୍ୟ !
ନଥିବେ ଓକିଲ, ଲଢ଼ି ଯେ ମାମଲା,
କରିଦେବେ ଯୁକ୍ତି ବଳେ କଳା ଧଳା;
କରିବୁ ନାହିଁଟି ସ୍ୱପନେ ଏ ପାଞ୍ଚ
ଉଚ୍ଚାସନ ନେବୁ ତହିଁ ଦେଇ ଲାଞ୍ଚ,
କେ ଜାଣି ବସିବ, ତୋତେ ପାଦେ ଦଳି,
ତୋହରି ଉପରେ ତୋ ର ଅରଦଳି;
ସେ ଦରବାରେ ତ ଗଣା ହେବ ନାହିଁ,
ଉଚ୍ଚପଦ ତୋର, କମ୍ବା ଦରମାହିଁ,
କମ୍ବା ଭୂସମ୍ପତ୍ତି, କମ୍ବା ରାଜପଣ,
କମ୍ବା ବିଦ୍ୟା, କମ୍ବା ବୁଦ୍ଧି ବିଚକ୍ଷଣ,
ଉଇଲସେନ ଘରୁ ସୁଆର ଅଣାଇ,
କେତେ କେତେ ଭୋଜ ଦେଇଅଛ ଭାଇ,
ଦେଇଅଛ ଡାଲି ଭରି ମେବା ନାନା,
କେତେଥର ଦେଇଅଛ ନାଚଖାନା,
ଦୁଃଖି ରଙ୍କୀ ତଣ୍ଟି ଚିପି ବାରମ୍ବାର,
ଦାତାପଣ କେତେ କରୁଛ ପ୍ରଚାର !
ସମ୍ପାଦିବା ଲାଗି ଜନତାର ପ୍ରୀତି
ଭୋଜପରେ ଭୋଜ ଦେଉଅଛୁ ନିତି;
ମାଡ଼-ମୁଣ୍ଡ ଖାଇ, ନଚୁଉଛ ବାଇ;
ଫୁଟାଉଛ ବାଣ ଚକ୍ଷୁ ଚମକାଇ,
ସୂକ୍ଷ୍ମଜନେ ତୁମ୍ଭ ନାଟ ଦେଖି ବାବା !
ଜନତା କୁହାଟେ 'ବାହାବା, ବାହାବା'' ।

ହୃଷ୍ଟ ବ୍ୟସ୍ତେ ଏହି ବହୁଶୀର୍ଷ ପଶୁ †
ତୋଷି, ସିନା ଖାଲି କୁଟୁଅଛ ଚକ୍ଷୁ ।
ଅଡ଼େଇ ଦିନିଆ ଯଶ ଲାଗି ବାଇ
ହୋଇ ବୃଥା କାର୍ଯ୍ୟେ ମାତିଛ କପାଇଁ ?
ଭାଳିଛ ପରା ଏ କଥା ମର୍ତ୍ତ୍ୟ ନର
ଗାଇବେ ଯାବତ ଚନ୍ଦ୍ର ଦିବାକର !
ଭାଳିଛ ପରା ଏ ଦୀପ ନ ଲିଭିବ,
ବିସ୍ମୃତି ଅନ୍ଧାରେ ସଦା ଜଳୁଥିବ ?
ଲେଖିଅଛ ନିଜ ନାମ ଏହି ମତେ
ବାଲି ପ୍ରାପ୍ତେ କାଳସିନ୍ଧୁ-ସଇକତେ,
ଲିଭାଇ ଦେବ ଯା ପରକ୍ଷଣେ ଆସି
ନାଚି ନାଚି ଫେଣ ଚୂଡ-ଜଳରାଶି,
ବୃଥା କରୁଅଛ ଅପାର ଆଟୋପ,
ଛତ୍ରାକ ପ୍ରାପ୍ତେ ଯା ଉଇଁ ଭଜେ ଲୋପ,
ବୃଥା ଲୋଡ଼ ହେଉଅଛ ଆତ୍ମଘାତୀ
ଦୁନିଆର ଦୁଇଦିନିଆ ସୁଖ୍ୟାତି ।
ଜନତାର ଯଶ ପାଣିର ଫୋଟକା !
ହୀରାଭ୍ରମେ କମ୍ପା ଲୋଡୁଛ କରକା ?
ସାର ମଣ କପାଁ ଅସାର ଧନକୁ ?
ତାରା ମଣ କପାଁ ଜ୍ୟୋତିରିଙ୍ଗଣକୁ ?
ଏ ଯଶ ତୁମ୍ଭର ଖ୍ୟାତ ଦୁନିଆରେ
ପଣ୍ଡ ହେବ ସିନା ଯମ-ଦରବାରେ ।
ଗ୍ରାସେ ଅନ୍ନ ଦେଇ ଭୋକିକି କେବଳ,
ଶୋଷିକି ମଦାଏ ମାତ୍ର ଦେଇ ଜଳ,
ତୋହ ପରେ ତହିଁ ବସିବେ ଗୌରବେ
ତୋର ମତେ କେତେ ନଗଣ୍ୟ ମାନବେ;
ବଡ଼ ଟାଣ, ଭାଇ, ଚିତ୍ରଗୁପ୍ତ ହିଆ ।
ବିଚକ୍ଷଣ ତାର ପାଞ୍ଜିଆ-ପଣିଆ ।
ଥାଉ ଆନ, ଚିତ୍ତେ ଚିନ୍ତୁଥାଉ ଯାହା,
ତା ପାଞ୍ଜିରେ ଲେଖା ହୋଇଯାଏ ତାହା,
ନରର ସମଗ୍ର ଜୀବନର ଚିତ୍ର
ପଲକେ ଦେଖାଏ ସେ ପାଞ୍ଜି ବିଚିତ୍ର !
ଚିନ୍ତାପୁରେ ଅଛୁ ଯେତେ ଗଳି କୁଂଚି
ରହି ନପାରେ ତା ଆଲୋକରେ ଲୁଚି ।

* ବୈଶ୍ୱାନର—ବିଶ୍ୱନରସମ୍ବନ୍ଧୀୟ, ସର୍ବଜନିକ । † ବହୁ ଶୀର୍ଷପଶୁ—ଜନତା ।

Digitized by srujanika@gmail.com

କି ବହିର୍ଜଗତେ, କି ଅନ୍ତର୍ଜଗତେ,
ଯେତେବେଳେ ଯାହା ଘଟେ ଏ ମରତେ,
ସବୁ ଲେଖେ ସେହି ପାଞ୍ଜିକାର ରାଡ଼ି,
କଡ଼ା ଦାଢ଼ ତହିଁ ଯାଏ ନାହିଁ ଛାଡ଼ି।
ବ୍ରହ୍ମାଣ୍ଡେ ତାପର ନାହିଁ ପାଞ୍ଜିକାର,
ତାର ସ୍ଥାନ ପୁଣି ଦୁନିଆ ବାହାର,
ଏ ପଦଗୌରବ, ଏତେ ସାଜସଜା—
ପ୍ରଭୁ ତାର ତଳେ ନାହିଁ ଚକ୍ଷୁ ଲଜ୍ଜା।
ସେ ନମାନେ ତୋର ମୃଦୁ ହାସଛଟା
ସେ ନ ଜାଣେ ପାନ ଅତରର ଘଟା।
ସେ ଗଣିବ ନାହିଁ ତୋର ସୁନାଘଡ଼ି;
ଗଣିବ ନାହିଁ ତୋ ସୁନାର ପଗଡ଼ି
କରିନେବ ଯେବେ ସେହୁ ତୋତେ କାବୁ,
ସେଠାରେ ନ ଥିବେ କେହି ଦେଶୀବାବୁ
ତୋହର ଅଂସନ ଟେକି ଦେବାପାଇଁ
ଶ୍ୱେତାଙ୍ଗ ଗୁମ୍ଫରେ ମିଛ ସତ ଗାଇ,
ପ୍ରତାରଣା ବର୍ତ୍ତି ନ ପାରେ ତା ଆଗେ,
ବାହାର ଭିତରଦେଖେ ସେହି ଲଗେ;
ବଡ ତାର୍କିକ ସେ, ଶୁଣି ତା ଯୁକତି
ବଣା ହେବେ ନିଜେ କଣାଦ-ଭାରଣ୍ଡା। ୧ ।
ମାନଦଣ୍ଡ ତାର ଅଦ୍ଭୁତ ଭିଆଣ !
ମାପେ ଯାର ସାନ ବଡ଼, ବଡ଼ ସାନ,
ଭଲ ସୁନା ବୋଲି ଭବେ ଯା ଢଳସେ,
ହେଲ ସିନା ଚିତ୍ରଗୁପ୍ତର ନକସେ !
ତରାଜ୍ ତାହାର ଦୁନିଆ ବାହାର
ଗୁରୁଲଘୁ, ଲଘୁ ଗୁରୁ ତୁଳେ ଯାର !
ଜେତା ଜିତେ ତାର ନାହିଁ ଭେଦ ଜ୍ଞାନ,
କଳା ଧଳା ଚର୍ମ ତା ନେତ୍ରେ ସମାନ,
ଭିଆଇ ନପାରେ ତା ଚିତ୍ତେ ଚମକ
ଏ ମହାଡମ୍ବର-ଅମ୍ବର ଝମକ,
କରଇ ସେ କେତେ ରଙ୍ଗ, କେତେ ମଜା,
ବସାଇ ଦିଅଇ ରଜା ପରେ ପ୍ରଜା,
ବଗୀଶ ଉପରେ ବସାଏ ବାଳଶ,
ସବାର ଉପରେ ବସାଏ ସଇସ,
ଦୁର୍ବଳଙ୍କୁ ଦିଏ ବଳ ପରେ ସ୍ଥାନ,
ସୁସ୍ଥଠାରୁ ଦିଏ ରୋଗିକି ସମ୍ମାନ,
ସୁନ୍ଦର ଉପରେ ବସାଏ କୁତ୍ସିତ,
ବସାଇ ଦିଏ ସେ ଜେତାପରେ ଜିତ,
ଯେତେ ହୋଇ ଯାଇଥିଲେ ଋଷି ମାନ୍ୟ,
ଭାଙ୍ଗି ଦିଏ ଦର୍ପ ଚିତ୍ରଗୁପ୍ତ ପାଞ୍ଜି।
ସେ ନମାନେ, ଖାଲି, ଫେଶନ ଚେହେରା,
ବାବୁ ପରେ ଦିଏ ବସାଇ ବେହେରା !
ସିଂହ ପରେ ଦିଏ ବସାଇ ଶଶାକୁ,
କରଣ ଉପରେ ବସାଏ ଚଷାକୁ,
ଜଜ ପରେ ଦିଏ ବସାଇ ଆସାମୀ,
ରଇତ ବସାଇ, ବସାଏ ଭୂସ୍ୱାମୀ,
ବସାଏ ଚଣ୍ଡାଳ ତଳେ ଶ୍ରେଷ୍ଠବର୍ଣ୍ଣ;
ଅଧମର୍ଣ୍ଣ ତଳେ ତାର ଉତ୍ତମର୍ଣ୍ଣ,
ମାଗିବ ଯେବେ ଯେ ମର୍ତ୍ତ୍ୟର ହିସାବ,
କି ହିସାବ ଦେବ, କେଉଁ ତାହା ଭାବ,
ଦଣ୍ଡିବାର ତାକୁ ନୁହଇ ସହଜ,
ନିଖାରି ନିଖାରି ଦେଖେ ସେ କାଗଜ,
ଦେଇଅଛ କେତେ କୋଠି ଭଡ଼ା ଛାଡ଼ି,
ଦେଇଅଛ କେତେଥର ଘୋଡାଗାଡ଼ି,
କେତେଥର ଯାଇ ବିଦେଶୁ ନିଲାମେ,
କିଣି ଅଛ ଦ୍ରବ୍ୟ ଚତୁର୍ଗୁଣ ଦାମେ,
ବାଣ ପ୍ରଦର୍ଶନ, ତୋରଣ ଗଠନ,
ସ୍ୱର୍ଣ୍ଣାକ୍ଷରେ ଅଭିନନ୍ଦନ ମୁଦ୍ରଣ—
ଆଦି ଶୁଭକାର୍ଯ୍ୟେ ନେତୃପଣ ନେଇ
ଅକାତରେ କେତେ ମୁଦ୍ରା ଅଛ ଦେଇ
ଦେଉଅଛ ଭୋଜ କେତେ ମାଂସ ସୁରା,
ତା ପାଇଁ କଡାଏ ନୋହିବ ମଜୁରା।
ସେ ଦରବାରର ସାତମାତ ଭାବ,
ଧର୍ମେ ବଳବାନ କର ନିଜ ଦାବି;
ଚତୁରପଣର ଥିଲେ ଅଭିମାନ,
ମର୍ତ୍ତ୍ୟ-ଅଭିମାନ ଦିଅ ବଳିଦାନ,

(୧) କଣାଦ—ବୈଶେଷିକ ଦର୍ଶନ ପ୍ରଣେତା। ଏହି ଦର୍ଶନ ଭାରତର ପ୍ରଧାନ ତର୍କଶାସ୍ତ୍ର ଅଟେ।

Digitized by srujanika@gmail.com

ନିଶାଭଇଳା, ଭଲ, ତୁମ୍ଭର ବିଶ୍ୱରେ
ଶାଶ୍ୱତ ହୋଇ ଏ ମମତା ନଶ୍ୱରେ ?
ହେବାର ଲୋଡ଼ୁଛୁ ଯେ ସମ୍ମାନ-ପାତ୍ର
ସ୍ୱର୍ଣ୍ଣ ନୁହଇ ତା, ସ୍ୱର୍ଣ୍ଣାଭାସ ମାତ୍ର ! (୧)
ସ୍ପର୍ଶମଣି ଯାର ପାଇବାର ଆଶ
ଭେଳ ପାଇଁ କିପାଁ ତାର ଏ ପ୍ରୟାସ ?
ସ୍ୱପନେ କହୁଛୁ ଯେନ ମୋର ବୋଲ,
ଚିନ୍ତାମଣି ତୁମେ କିପାଁ ନିଅ ପୋଲ ?
ଶିଶୁ ମନୋହର ବାହାରର ଝଲ
ଦେଖିକରି କିପାଁ ଶିଶୁ ପ୍ରାୟେ ଅଳ ?
କେତେ ବଡ ତୁମ୍ଭେ, କେତେ କ୍ଷୁଦ୍ର ପୁଣି,
ଜାଣି ହୁଅ ଏହି କଜିଆରେ ତୁନି ।
ଅସାର ବେପାରେ ନିରତେ ନିର୍ଲେପ
କହି ସାର-ତତ୍ତ୍ୱେ କର କାଳକ୍ଷେପ,
ନ ସଢ଼ ବଡ଼ିମା-ତାମସ-ଗହ୍ୱରେ
କ୍ରମେ ଉଠ ଧର୍ମ୍ମ-ଶଇଳ-ଶିଖରେ;
ଚଢ଼ିଲେ ଯେସନ ଶଇଳ ଶିଖରୁ
ସମ ଦିଶେ ମହୀ ସ୍ଥିତ ତୃଣ ତରୁ ।
ଧର୍ମନେତ୍ରେ ସାନ ବଡ ଦୁନିଆର
ଦୂରୁ ସବୁ ସିନା ଦିଶେ ଏକାକାର,
ଧର୍ମ-ଶୈଳେ ବସି ନିରତେ ନିଃସଙ୍ଗ (୨)
ହୋଇ ଦେଖ ଦୁନିଆର ନାଟ ରଙ୍ଗ ।
ଦୁନିଆର କଳ ଗୋଳର ତୋଫାନ—
ଊର୍ଦ୍ଧ୍ୱେ ରହି କର ଶାନ୍ତ ସୁଧା-ପାନ,
ମଣ ନାହିଁ ମୁହିଁ ନେଇଛି ଏସନ
ଜ୍ଞାନ ଗର୍ବେ ଜ୍ଞାନ-ଦାତାର ଆସନ,
ଥୋଇ ଏ ମୁକୁର ତୁମ୍ଭ ଆଗେ ଭାଇ,
ନିଜ ମୁଖ ମୁଁ କି ନିଜେ ଦେଖୁ ନାହିଁ ?

ପାସୋର ନାହିଁ ମୁଁ, ହେଉଅଛୁଁ ବ୍ୟସ୍ତ ।
ଏକା ଅଭିକ୍ଷେପ ଦରଶି ସମସ୍ତ,
ପାସୋର ନାହିଁ ମୁଁ ସ୍ୱପ୍ନେ କଦାଚିତେ
ସର୍ବେ ଅଛୁ ଏକ ଦଦରା ବୋଇତେ,
ଆଗେ ପଛେ ତୋଳି ଭୀମ ଊର୍ମିମାନ,
ଭବଜଳଧିରେ ଗର୍ଜ୍ଜଇ ତୋଫାନ,
ଯେଣେ ମନ, ତେଣେ ବୁଲୁଅଛି ନାହା,
ନାହିଁ କଡ଼ୁଆଳ ଦେଖାଇବ ରାହା ।
କାହୁଁ ଅଇଲା ଏ, କାହିଁଯିବ ବାହି ?
କହିବାକୁ ଏହା ନାବେ କେହି ନାହିଁ ।
କେହି ନାହିଁ ଏଥି ହେବ ଯେ ଭଜନ
ଫେଡ଼ିବାକୁ ଏ ସମସ୍ୟା ସନାତନ,
ଜାଣେ ମୁହିଁ ଏହି ସାଂଯାତ୍ରିକ (୩) ଦଳେ
ହୀନଠାରୁ ହୀନ ମୁହିଁ ଜ୍ଞାନବଳେ ।
ଅଜ୍ଞାନ ଅଟେ ମୁଁ ଏ ଜ୍ଞାନୁ ବଞ୍ଚିତ
ଭଲ ନାହିଁ, ଭାଇ, ମୋତେ କଦାଚିତ,
ପ୍ରଭେଦ ମଧ୍ୟରେ ଏତିକି କେବଳ—
ଯହିଁ ତୋଫାନର ସବୁଠାରୁ ବଳ
ଗୁଣ-ବୃକ୍ଷ-ତଳେ, କେ, ଜାଣି କିପାଇଁ, (୪)
ଭାଗ୍ୟ, ଭାଇ, ମୋତେ ଦେଇଛି ବସାଇ,
ହେଉଅଛି ନାହା କେତେ ଟଳଟଳ,
ତୋଫାନ କିପରି ହେଉଛି ପ୍ରବଳ,
ସବୁଠାରୁ ମୁହିଁ କହୁଛି ଅଧିକ,
ସବୁଠାରୁ ଯେଣୁ ହାଲୁଛି ଅଧିକ
ତେଣୁ ଆର୍ତ୍ତେ ସିନା ପକାଉଛି ହୁରି,
ନୋହେ ଏହା ଜ୍ଞାନଗୁମାନଗୁରୁସି,
ସମଦୁଃଖିଠାରେ ଦୁଃଖି-ଆର୍ତ୍ତନାଦ
ସିନା ଏହା, ନୁହେ ଅଜ୍ଞେ ପ୍ରଜ୍ଞାବାଦ ।

---

(୧) ସ୍ୱର୍ଣ୍ଣାଭାସ—ବହିର୍ଦୃଷ୍ଟିରେ ଯାହା ସ୍ୱର୍ଣ୍ଣ ପରି ଦିଶେ (୨) ନିଃସଙ୍ଗ—ଆସକ୍ତିରହିତ (୩) ସାଂଯାତ୍ରିକ—ସମୁଦ୍ରଯାତ୍ରୀ । (୪) ଗୁଣବୃକ୍ଷ—ଜାହାଜର ମାସ୍ତୁଲ ।

Digitized by srujanika@gmail.com

# କବି ଓ କବିତା

ଈଶ୍ୱରଙ୍କ ସୃଷ୍ଟିରେ ମନୁଷ୍ୟ ସର୍ବୋତ୍କୃଷ୍ଟ ଜୀବ। ସୌନ୍ଦର୍ଯ୍ୟାନୁଭବ ଶକ୍ତି କେବଳ ମନୁଷ୍ୟ ଛଡ଼ା ଅନ୍ୟ କାହାର ନାହିଁ। ପୁଣି ସକଳ ମନୁଷ୍ୟର ସୌନ୍ଦର୍ଯ୍ୟାନୁଭବ ଶକ୍ତି ସମାନ ନୁହେ। କାହାର ଅଳ୍ପ, କାହାର ଅଧିକ। କିନ୍ତୁ ଏକାବେଳକେ କୌଣସି ମନୁଷ୍ୟ ସୌନ୍ଦର୍ଯ୍ୟାନୁରାଗବର୍ଜିତ ନୁହେ। ଆଫ୍ରିକାର ଘୋର ବର୍ବର ଅନାର୍ଯ୍ୟ ଠାରୁ ଇଉରୋପର ସଭ୍ୟତମ ଜାତି ପର୍ଯ୍ୟନ୍ତ ସମସ୍ତେ ସୌନ୍ଦର୍ଯ୍ୟାନୁରାଗରେ ରଞ୍ଜିତ। ପୁଣି ଛ ମାସର ଶିଶୁଠାରୁ ଅଶୀତିପର ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ସୌନ୍ଦର୍ଯ୍ୟାନୁଭବଶକ୍ତି ଦ୍ୱାରା ଅନୁପ୍ରାଣିତ। ମାନବ ହୃଦୟରେ ସୌନ୍ଦର୍ଯ୍ୟାନୁଭବ ବୃତ୍ତି ସ୍ଥାପନ ଈଶ୍ୱରଙ୍କର ସର୍ବୋତ୍କୃଷ୍ଟ କୌଶଳର ପରିଚୟସ୍ଥଳ।

ସ୍ଥୂଳରେ ସଂସାରର ସୌନ୍ଦର୍ଯ୍ୟକୁ ଆମ୍ଭେମାନେ ଦୁଇ ପ୍ରଧାନ ଶ୍ରେଣୀରେ ବିଭକ୍ତ କରିପାରୁଁ। ପ୍ରଥମ—ସ୍ୱଭାବସୃଷ୍ଟ ସୌନ୍ଦର୍ଯ୍ୟ, ଦ୍ୱିତୀୟ—ସାହିତ୍ୟ ଓ ଶିଳ୍ପସୃଷ୍ଟ ସୌନ୍ଦର୍ଯ୍ୟ। ପ୍ରଥମୋକ୍ତ ସୌନ୍ଦର୍ଯ୍ୟର ସୃଷ୍ଟିକର୍ତ୍ତା ସ୍ୱୟଂ ଈଶ୍ୱର—ଦ୍ୱିତୀୟୋକ୍ତ ସୌନ୍ଦର୍ଯ୍ୟର ସୃଷ୍ଟିକର୍ତ୍ତା କବି ଓ ଶିଳ୍ପୀ। ପ୍ରବନ୍ଧର ନାମାନୁସାରେ କବି ଓ କବିସୃଷ୍ଟ ସୌନ୍ଦର୍ଯ୍ୟ ଅଦ୍ୟ ଆମ୍ଭମାନଙ୍କର ଆଲୋଚନାର ବିଷୟ।

ବର୍ଣ୍ଣବିନ୍ୟାସ ଯେ ପ୍ରକାର ଚିତ୍ରକରର, ଗଠନ କୌଶଳ ଯେ ପ୍ରକାର ଭାସ୍କରର ଉପାଦାନ; ଅର୍ଥଯୁକ୍ତ ବାକ୍ୟବିନ୍ୟାସଚାତୁର୍ଯ୍ୟ ସେହି ପ୍ରକାର କବିର ପ୍ରଧାନ ଉପକରଣ। ମାତ୍ର ଯେପରି ସେପରି ଶବ୍ଦର ଛଟା ଦେଖାଇ ପାଞ୍ଚଧାଡ଼ି ଲେଖି ଦେଲେ କବିତା ହୁଏ ନାହିଁ। ଯଦି ତାହା ହୁଅନ୍ତା ତାହାହେଲେ ଯେ ଯେତେ ପରିମାଣରେ ଏ ପ୍ରକାର କଥା ସଜାଡ଼ି ଲେଖି ପାରନ୍ତା ସେ ସେହି ପରିମାଣରେ ପ୍ରତିଷ୍ଠାବାନ କବି ହୁଅନ୍ତା। କିନ୍ତୁ କବିତା ତାହା ନୁହେ। ସ୍ୱଭାବସୃଷ୍ଟ ସୌନ୍ଦର୍ଯ୍ୟରେ ପ୍ରତିମୁହୂର୍ତ୍ତରେ ହ୍ରାସ ବୃଦ୍ଧି ପ୍ରଭୃତି ଥିବାରୁ ତାହା କଦାପି ଏକାଧାରରେ ପୂର୍ଣ୍ଣତା ପ୍ରାପ୍ତହୁଏ ନାହିଁ। କବି ସ୍ୱୀୟ କଳ୍ପନାଶକ୍ତି ଦ୍ୱାରା ସ୍ୱଭାବାତିରିକ୍ତ ସୌଷ୍ଠବ ସମ୍ପାଦନ କରିବାକୁ ସକ୍ଷମ। ଯହିଁରେ ଏହି ସ୍ୱଭାବାତିରିକ୍ତ ଶ୍ରୀ ଓ ସୌନ୍ଦର୍ଯ୍ୟ ପ୍ରତିଫଳିତ ହୁଏ, ତାହାହିଁ ପ୍ରକୃତ କବିତା ନାମର ଯୋଗ୍ୟ।

ସୌନ୍ଦର୍ଯ୍ୟ ଅପାର୍ଥିବ ପଦାର୍ଥ। ମାତ୍ର ସାଧାରଣତଃ ତାହା ପାର୍ଥିବ ପଦାର୍ଥ ସହିତରେ ସମିଶ୍ରିତ ଥିବାରୁ ଅଖଣ୍ଡରୂପେ ଅନୁଭୂତ ହୋଇ ପାରେ ନାହିଁ। ଅଖଣ୍ଡ ଓ ଅପାର୍ଥିବ ସୌନ୍ଦର୍ଯ୍ୟର ମୂଳାଧାର କେବଳ ସେହି ଜଗତକର୍ତ୍ତା ଏକମାତ୍ର ପରମେଶ୍ୱର। ପ୍ରକୃତ କବିତା ପାଠକଲେ ଆମ୍ଭେମାନେ କଥିତ ଅଖଣ୍ଡ ସୌନ୍ଦର୍ଯ୍ୟାନୁଭବ କରିବାକୁ ସକ୍ଷମ ହେଉ। ଏହି ସୌନ୍ଦର୍ଯ୍ୟାନୁଭବ ମୂଳରେ ପ୍ରେମ ବିରାଜିତ। ଈଶ୍ୱର କେବଳ ପ୍ରେମଦ୍ୱାରା ଲବ୍ଧ। ସୌନ୍ଦର୍ଯ୍ୟାକାଂକ୍ଷାର ଅପର ନାମ ପ୍ରେମ। ଅତଏବ ଆମ୍ଭମାନଙ୍କର ସୌନ୍ଦର୍ଯ୍ୟାନୁଭୂତି ଆମ୍ଭମାନଙ୍କର ପ୍ରେମସ୍ଫୁର୍ତ୍ତି ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ। ତେଣୁ ଯେଉଁ କବିତା ଆମ୍ଭମାନଙ୍କର ପ୍ରେମାନୁଭବ ଶକ୍ତିକୁ ଯେପରି ପରିମାଣରେ ପ୍ରସ୍ଫୁଟିତ କରେ ତାହା ସେହି ପରିମାଣରେ ଉତ୍କୃଷ୍ଟ। ଜଗତର ଶ୍ରେଷ୍ଠ କବି ଜଗତର ଶ୍ରେଷ୍ଠ ପ୍ରେମିକ।

"କବି-କଳ୍ପନା' ସମ୍ବନ୍ଧରେ ସାଧାରଣତଃ ଆମ୍ଭମାନଙ୍କର ଗୋଟାଏ ଭ୍ରାନ୍ତ ବିଶ୍ୱାସ ଥିବାର ଦେଖାଯାଏ। ଲୋକେ ଏହି 'କବି କଳ୍ପନା' ସହିତରେ ସତ୍ୟର ଲେଶ ମାତ୍ର ସମ୍ବନ୍ଧ ଥିବାର ବିଶ୍ୱାସ କରନ୍ତି ନାହିଁ। ବାସ୍ତବିକ ତାହା ଭୁଲ।

Digitized by srujanika@gmail.com

ଉଚ୍ଚଶ୍ରେଣୀର କାବ୍ୟର ପ୍ରାଣ କଳ୍ପନା । କଳ୍ପନା ବ୍ୟତୀତ ନୂତନ ସୃଷ୍ଟିର ସମ୍ଭାବନା ନାହିଁ । ଆଉ ନୂତନ ସୃଷ୍ଟି ବ୍ୟତୀତ ସୌନ୍ଦର୍ଯ୍ୟ-ବୈଚିତ୍ର୍ୟ କେଉଁଠାରେ ? କେବଳ ଅନୁକରଣ ଓ ଅଭ୍ୟାସ ଦ୍ୱାରା ଛନ୍ଦୋବଦ୍ଧ କରି କେତେ ଗୁଡ଼ାଏ ଶବ୍ଦ ଯୋଜନା କରିବା କେବଳ ବିଡ଼ମ୍ବନା ମାତ୍ର । ଏ ପ୍ରକାର କାବ୍ୟ ଯେ ପୃଥିବୀରେ ଜନ୍ମେ ନାହିଁ ଏମନ୍ତ ନୁହେ । ପ୍ରତ୍ୟୁତ ଏହି ଶ୍ରେଣୀର କାବ୍ୟହିଁ ଅଧିକ ପରିମାଣରେ ଜନ୍ମିବାର ଦୃଷ୍ଟିଗୋଚର ହୁଏ; ମାତ୍ର ତାହା କାବ୍ୟର ସର୍ବନିମ୍ନତଳସ୍ଥ, ମୌଳିକ କାବ୍ୟର ଅନ୍ତର୍ଗତ ନୁହେ । କଳ୍ପନା ଯେଉଁ କାବ୍ୟର ପ୍ରାଣ-ପ୍ରତିଷ୍ଠା କରି ନାହିଁ ତାହା କାବ୍ୟ ନାମରେ ଅଭିହିତ ହେବାର ଯୋଗ୍ୟ ନୁହେ । କଳ୍ପନା ବ୍ୟତୀତ କାବ୍ୟର ଉଦ୍ଦେଶ୍ୟ ସିଦ୍ଧି ଅଦୌ ଅସମ୍ଭବ । ଏ ସମ୍ବନ୍ଧରେ ଜଣେ ବିଖ୍ୟାତ ସମାଲୋଚକ କହିଅଛନ୍ତି "କଳ୍ପନାର ଆଗ୍ନେୟ ଉଚ୍ଛ୍ୱାସରେ ଯେଉଁ କାବ୍ୟରେ ବା ଚିତ୍ରରେ କବିତା ସଞ୍ଚିତ ହୁଏ, ତାହାହିଁ ଜୀବିତ ଥାଏ, ତାହାର ଶରୀରର ଅଣୁଟି, ଭଗ୍ନାଂଶଟି ପର୍ଯ୍ୟନ୍ତ ଚିରଜୀବୀ; କିନ୍ତୁ ଯେ କାବ୍ୟ ବା ଚିତ୍ର କେବଳ ମାତ୍ର ବାକ୍ୟ ବା ବର୍ଣ୍ଣାଡ଼ମ୍ବରରେ ରଚିତ ବା ଅଙ୍କିତ ତାହା ବହ୍ୱାୟାସରେ ବହୁ ନୈପୁଣ୍ୟ-ସମ୍ପନ୍ନ ହେଲେ ମଧ୍ୟ ଶୁଷ୍କ ବୃକ୍ଷ ସଦୃଶ ରସହୀନ ଜୀବନଶୂନ୍ୟ ।" ଅତଏବ ଦେଖାଯାଉଅଛି ଯେ କଳ୍ପନାହିଁ କାବ୍ୟର ପ୍ରଧାନ ଉପକରଣ । ମାତ୍ର ଏହି କଳ୍ପନା କଦାପି ସତ୍ୟ ନିକଟରୁ ବିଚ୍ଛିନ୍ନ ନୁହେ, ତାହା ସତ୍ୟର ଅନୁଗାମିନୀ ।

କଳ୍ପନା ସାହାଯ୍ୟରେ ବସ୍ତୁର ଅନ୍ତର୍ନିହିତ ସୌନ୍ଦର୍ଯ୍ୟ ଉଦ୍‌ଘାଟନ କରିବାହିଁ କବିର ପ୍ରଧାନ କାର୍ଯ୍ୟ । ଏହି ହେତୁରୁ ସୌନ୍ଦର୍ଯ୍ୟ-ଉପାସକ କବିମାନେ "ଭଗବତ୍ ପ୍ରେରିତ ସୌନ୍ଦର୍ଯ୍ୟାଚାର୍ଯ୍ୟ" ନାମରେ ଅଭିହିତ ଏବଂ ଏହି ହେତୁରୁ ସେମାନଙ୍କୁ ଭବିଷ୍ୟ-ବକ୍ତା ମଧ୍ୟ ବୋଲାଯାଏ । ଦୈବ-ଶକ୍ତି ସମ୍ପନ୍ନ ଥିବାରୁ ମନୁଷ୍ୟର ମନୋବୃତ୍ତିର ଭୂତ-ଭବିଷ୍ୟତ ବର୍ତ୍ତମାନ ଏମାନଙ୍କ ନଖ ଦର୍ପଣରେ ଦୃଶ୍ୟମାନ ଥାଏ । ଯାହାର ଏହି ଭୂତ-ଭବିଷ୍ୟତ-ବର୍ତ୍ତମାନ ଦର୍ଶନଶକ୍ତି ଯେତେ ସ୍ପଷ୍ଟ ସେ ସେହି ପରିମାଣରେ ଶ୍ରେଷ୍ଠ କବି । କବିକୁଳଚୂଡ଼ାମଣି କାଳିଦାସ, ସେକ୍ସପିୟର, ଗେଟେ ପ୍ରଭୃତି ପ୍ରତିଭାଶାଳୀ ମହାତ୍ମାମାନେ ଏହି ଶ୍ରେଣୀର କବି । ଏମାନଙ୍କର ଅନେକ ଭବିଷ୍ୟତ ବାଣୀ ଆଜିସୁଦ୍ଧା ପ୍ରମାଣିତ ହୋଇନାହିଁ । ସମୟ ଆସିବ ଯେତେବେଳେ ସେହିସବୁ ବାଣୀ ମାନବ-ସ୍ୱଭାବରେ ଅକ୍ଷରେ ଅକ୍ଷରେ ପ୍ରତିଫଳିତ ହେବ ।

ସାର୍ବଭୌମିକ ସତ୍ୟ ଆବିଷ୍କାର କରିବା କବିର ଅନ୍ୟତମ ଉଦ୍ଦେଶ୍ୟ । ଏହି ସୂତ୍ରରେ କବି ଜଗତର ଧର୍ମପ୍ରଚାରକ । ମନୁଷ୍ୟନିର୍ଦ୍ଦିଷ୍ଟ ସଂକୀର୍ଣ୍ଣ ମାର୍ଗରେ ବିଚରଣ ନ କରି କବି ସର୍ବଦା ଈଶ୍ୱରନିର୍ଦ୍ଦିଷ୍ଟ ପ୍ରଶସ୍ତମାର୍ଗରେ ବିଚରଣ କରନ୍ତି ଏବଂ ତଦ୍ଦ୍ୱାରା ମାନବସମାଜକୁ ଉନ୍ନତି ମାର୍ଗରେ ଅଗ୍ରସର କରନ୍ତି । ଜଗତର ଶ୍ରେଷ୍ଠ କାବ୍ୟ ପାଠ କରି କେହି କଦାପି ଧର୍ମଜଗତର ନିମ୍ନତଳରେ ଅବସ୍ଥାନ କରି ନପାରେ । ତାହାର ମନ ସର୍ବଦା ସାର୍ବଭୌମିକ ସତ୍ୟ ଆଡ଼କୁ ଆକୃଷ୍ଟ ହୁଏ ।

ନୀତିଶିକ୍ଷା ଦେବା ଓ ବ୍ୟବସ୍ଥା ପ୍ରଣୟନ କରିବା ମଧ୍ୟ କବିର ଆଉ ଗୋଟିଏ ଉଦ୍ଦେଶ୍ୟ । ସୁକବିର ସୁଧାବର୍ଷଣକାରୀ କବିତା ଅଲକ୍ଷିତ ଭାବରେ ମାନବ ଚରିତ୍ର ଉପରେ ଯେ ପ୍ରକାର ଅଦ୍ଭୁତରୂପେ କାର୍ଯ୍ୟକରେ ଅନେକ ନୀତିଶାସ୍ତ୍ର ମଧ୍ୟ ତାହା କରି ପାରେ ନାହିଁ । ନୀତିଗର୍ଭକ ଓଜସ୍ୱିନୀ କବିତା ପାଠ କରି ଅନେକ ଶିଥିଳ-ଚରିତ୍ରଙ୍କର ଜୀବନସ୍ରୋତର ଗତି ପରିବର୍ତ୍ତିତ ହୋଇଯାଏ । କବିତାର ଏହିପରି ଆଶ୍ଚର୍ଯ୍ୟ କ୍ଷମତା ! ସମାଜର ବ୍ୟବସ୍ଥାଦି ପ୍ରତି ସୁକବି

Digitized by srujanika@gmail.com

ସର୍ବଦା ଆସ୍ଥାବାନ୍ । ମହାକାବ୍ୟମାନଙ୍କରେ ଏହାର ଭୂରି ଭୂରି ପ୍ରମାଣ ଲକ୍ଷିତ ହୁଏ ।

ଆଜି ଗୋଟିଏ କଥା କହି ଆମ୍ଭେମାନେ ପ୍ରବନ୍ଧର ଉପସଂହାର କରିବୁ । ଭିନ୍ନଭିନ୍ନ ରସର ଉଦ୍ଦୀପନ କରିବାହିଁ କାବ୍ୟରଚନାର ମୁଖ୍ୟ ଉଦ୍ଦେଶ୍ୟ । ଭୟ, କ୍ରୋଧ, ଅହ୍ଲାଦ, କରୁଣା, ଖେଦ, ଭକ୍ତି, ସାହାସ, ଶାନ୍ତି ପ୍ରଭୃତି ଭାବର ଉଦ୍ରେକ ଏବଂ ଉତ୍କର୍ଷ ସାଧନ କରିବାହିଁ କବିମାନଙ୍କର ପ୍ରଧାନ ଚେଷ୍ଟା । ଯେଉଁ ଗ୍ରନ୍ଥ ଏହି ସବୁ କିମ୍ବା ଏହିମାନଙ୍କ ମଧ୍ୟରୁ କୌଣସି ବିଶେଷ ରସରେ ପୂର୍ଣ୍ଣଥାଏ ତାହାହିଁ ବାକ୍ୟନାମର ଯୋଗ୍ୟ ଏବଂ ଯେଉଁ କାବ୍ୟରେ ଯେଉଁ ରସ ପ୍ରାଧାନ୍ୟ ଲାଭ କରେ ସେହି କାବ୍ୟକୁ ସେହି ରସାତ୍ମକ କାବ୍ୟ ବୋଲାଯାଏ । ମାତ୍ର ଯେ କୌଣସି ରସ ପ୍ରାଧାନ୍ୟ ଲାଭ କରୁ ତଦ୍ଦ୍ୱାରା ଯେ ପ୍ରକାର ସମାଜର କୌଣସି ଅମଙ୍ଗଳ ସାଧିତ ହୋଇ ନ ପାରେ ତହିଁ ପ୍ରତି କବିର ତୀକ୍ଷ୍ଣ ଦୃଷ୍ଟି ରଖିବା ବାଞ୍ଛନୀୟ । ସଂକ୍ଷେପତଃ ଧର୍ମର ଜୟ ଓ ଅଧର୍ମର ପରାଜୟ ଯହିଁରେ ପୃଥିବୀରେ ବିଘୋଷିତ ହୁଏ ତତ୍ ପ୍ରତି ବିଶେଷ ଦୃଷ୍ଟି ରଖିବା କବିର ଆଦୌ କର୍ତ୍ତବ୍ୟ ।

ଶ୍ରୀ କୃଷ୍ଣପ୍ରସାଦ ଚୌଧୁରୀ

## ଗୀତ ଅପୂର୍ଣ୍ଣ ରହିଲା

ଏକ ଗୀତ ଏକ ସ୍ୱରେ
ଗୀତ ସର୍ବ ସମୟରେ;
ଶୁଣେ ଯେଣେ ତେଣେ ଗମେ—
'ଗୀତ ଅପୂର୍ଣ୍ଣ ରହିଲା'।
କେହି କେବେ ବନେ ଭ୍ରମେ
କାଳକ୍ରମେ ନ ଗାଇଲା—
'ଗୀତ ସମ୍ପୂର୍ଣ୍ଣ ହୋଇଲା' ।

ଯେତେ ଯାର ଧନ ଜନ,
ତେତେ କରେ ସେ କ୍ରନ୍ଦନ,
ତେତେ ସେ ରଚଇ ଗୀତ—
'ଗୀତ ଅପୂର୍ଣ୍ଣ ରହିଲା ।'
ଦୁଃଖୀ ଧନୀ କେହି ପ୍ରୀତ
ହୋଇ ଥରେ ନ ଗାଇଲା—
'ଗୀତ ସମ୍ପୂର୍ଣ୍ଣ ହୋଇଲା ।'

ପ୍ରଣୟିନୀ ପ୍ରଣୟୀର
ବିଚ୍ଛେଦେ ହୋଇ ଅଧୀର,
କଲା ଉଚ୍ଚତାନେ ଗୀତ—
'ଗୀତ ଅପୂର୍ଣ୍ଣ ରହିଲା'
ପ୍ରଣୟୀ ଗମନ-ଚିତ୍ର
ଗାଇ ଗାଇ ମରିଗଲା—
'ଗୀତ ଅପୂର୍ଣ୍ଣ ରହିଲା'।

ଗୋଲାପର ଘନବନ
ଫୁଟୁ ଫୁଟୁ---ସେ ସୁମନ
ମଉଳିଲା ଅକାଳରେ—
'ଗୀତ ଅପୂର୍ଣ୍ଣ ରହିଲା'।
ମଉଳିତ ସୁମନରେ
ଶୁଖିଗଲା----ନ ବାସିଲା—
'ଗୀତ ଅପୂର୍ଣ୍ଣ ରହିଲା ।'

ବିହଗ ନୀଡ଼ ଭିତରେ
ବସି ଅର୍ଭକ ଉପରେ
ରଚିଥିଲା ନବଗୀତ—
'ଗୀତ ଅପୂର୍ଣ୍ଣ ରହିଲା ।'
ନୀଡ଼ ଭୂମେ ନିପତିତ—
ପକ୍ଷୀ ଆଉ ନ ଗାଇଲା—
'ଗୀତ ସମ୍ପୂର୍ଣ୍ଣ ହୋଇଲା ।'

ନାଡ଼ି କ୍ଷୀଣ ତନୁ ଜୀର୍ଣ୍ଣ,
ଚକ୍ଷୁ ଦୃଷ୍ଟି-ଶକ୍ତି ହୀନ,
ସୁଖଭୋଗ କରି ନର—

Digitized by srujanika@gmail.com

'ଗୀତ ଅପୂର୍ଣ୍ଣ ରହିଲା' ।
ଗାଇ ଦେଇ ଗଲା ଘର—
ଗଲାବେଳେ ନ ଗାଇଲା
'ଗୀତ ସମ୍ପୂର୍ଣ୍ଣ ହୋଇଲା ।'

ହେଲା ଗୃହ ଧନ ଜନ,
ହୋଇଲା ଆଶା ପୂରଣ,
ତେବେ ସଦା ଗାଏ ଗାନ—
'ଗୀତ ଅପୂର୍ଣ୍ଣ ରହିଲା ।'
ନୋହି କେବେ ତୃପ୍ତପ୍ରାଣ
ମନ ସୁଖେ ନ ଗାଇଲା—
'ଗୀତ ସମ୍ପୂର୍ଣ୍ଣ ହୋଇଲା' ।

ଅଳି ମଧୁପାନ-ମଗ୍ନ,
କରି ଗୁଣୁଗୁଣୁ ସ୍ୱନ,
ଉଡୁଥିଲା ପୁଷ୍ପବନେ—
'ଗୀତ ଅପୂର୍ଣ୍ଣ ରହିଲା ।'
ଗାଇଣ ଅତୃପ୍ତ ମନେ
ଉଡ଼ିଗଲା—ନ ଗାଇଲା—
'ଗୀତ ସମ୍ପୂର୍ଣ୍ଣ ହୋଇଲା'

ତାରକି ତାର ପାଶରେ
ଆସି ବସିଲା ପ୍ରେମରେ,
ଆରମ୍ଭିଲା ପ୍ରେମ ଗୀତ—
'ଗୀତ ଅପୂର୍ଣ୍ଣ ରହିଲା ।'
ନ ପୂରିଲା ତାର ଚିତ୍ତ,
ଅନ୍ଧକାରେ ସେ ଲୁଚିଲା—
'ଗୀତ ସମ୍ପୂର୍ଣ୍ଣ ନୋହିଲା ।'

ସ୍ୱପ୍ନେ କେତେ ସୁଖ-ସ୍ୱପ୍ନ
କରୁଥିଲି ଦରଶନ,—
ସହସା ଉଠି ବସିଲି,—
'ଗୀତ ଅପୂର୍ଣ୍ଣ ରହିଲା ।'
ସ୍ୱପ୍ନେ ଯେତେ ମୁଁ ଡ଼ାକିଲି—
ସେତ ଆଉ ନ ଆସିଲା—
'ଗୀତ ଅପୂର୍ଣ୍ଣ ରହିଲା ।'

ଅପୂର୍ଣ୍ଣ ବାସନା-ଗୀତ
ଅପୂର୍ଣ୍ଣ ଅପୂର୍ଣ୍ଣ-ଚିତ୍ତ
ନୋହିଲା କେବେ ପୂରଣ—
'ଗୀତ ଅପୂର୍ଣ୍ଣ ରହିଲା ।'
ହେଲେ ସ୍ୱର ଗୁଡ଼ା ଭଗ୍ନ,
ତାଳ ଅତାଳେ ଗାଇଲି—
'ଗୀତ ଅପୂର୍ଣ୍ଣ ରହିଲା' ।

ନରକ ପୂର୍ଣ୍ଣ ନୁହଇ,
ଆଶା କେବେ ନ ପୂରଇ,
ଦୁହେଁ ସଦା ଅପୂରଣ—
'ଗୀତ ଅପୂର୍ଣ୍ଣ ରହିଲା ।'
ଦୁହେଁ କରନ୍ତି ରୋଦନ ।
କେହି ଥରେ ନ ଗାଇଲା—
'ଗୀତ ସମ୍ପୂର୍ଣ୍ଣ ହୋଇଲା ।'

ପୂର୍ଣ୍ଣ ଏକା ପୂର୍ଣ୍ଣେଶ୍ୱର,
ଅପୂର୍ଣ୍ଣ ଏ ଚରାଚର,
ସେଥିପାଇଁ ଗୀତ ଗାନ—
'ଗୀତ ଅପୂର୍ଣ୍ଣ ରହିଲା ।'
ଏହି ଗୀତ ଶୁଣେ ପ୍ରାଣ,
କେବେ ସେତ ନ ଶୁଣିଲା—
ଗୀତ ସମ୍ପୂର୍ଣ୍ଣ ହୋଇଲା ।'

ହେଲେ ପୂର୍ଣ୍ଣ ଜୀବନରେ
କେହି ଥରେ ସ୍ୱପନରେ
ନ କରନ୍ତା ଗୀତଗାନ—
'ଗୀତ ଅପୂର୍ଣ୍ଣ ରହିଲା ।'
କ୍ଷୁଦ୍ର ହୁଅନ୍ତା ମହାନ୍,
କହନ୍ତା ଆଶା ପୂରିଲା—
'ଗୀତ ସମ୍ପୂର୍ଣ୍ଣ ହୋଇଲା' ।

ଯେତେ ଅଭାବ ଯାହାର,
ହେବ ସବୁ ପୂର୍ଣ୍ଣତାର,
ସେଥିପାଇଁ ଅପୂର୍ଣ୍ଣତା—
ଗୀତ ଅପୂର୍ଣ୍ଣ ରହିଲା ।'

Digitized by srujanika@gmail.com

ଅପୂର୍ଣ୍ଣତାହିଁ ପୂର୍ଣ୍ଣତା
ପୂର୍ବ ଆଭାସ ଦିଶିଲା —
'ଗୀତ ଅପୂର୍ଣ୍ଣ ନୋହିଲା' ।

---

କେହି ସମ୍ପୂର୍ଣ୍ଣ ନୁହଇ,
ସେଥିପାଇଁ ମୁଁ ରଚଇ,
ମୋର ଗୀତ ଖଣ୍ଡ ଖଣ୍ଡ।
'ଗୀତ ଅପୂର୍ଣ୍ଣ ରହିଲ
ଗାଏ ବସି ପ୍ରତିଦଣ୍ଡ,
ମନ ଆଶା ନପୂରିଲ—
'ଗୀତ ସମ୍ପୂର୍ଣ୍ଣ ନୋହିଲା ।'

---

ହେବ ଶୀଘ୍ର ପୂର୍ଣ୍ଣ ଗୀତ, —
ହେଉଛି ଯାହା ଉଥିତ,
ବିଶ୍ୱବ୍ୟାପି ଉଚ୍ଛଳାନ —
'ଗୀତ ଅପୂର୍ଣ୍ଣ ରହିଲା' ।
ହେବ ଗୀତ ଅବସାନ,
ନ ଉଠିବ ଗୀତଗାନ —
'ଗୀତ ଅପୂର୍ଣ୍ଣ ରହିଲା' ।

---

ଅନନ୍ତ-ପିପାସା-ଗୀତ,
ଅନନ୍ତରେ ପ୍ରଶମିତ,
ହେବ ଆଉ ନ ଉଠିବ —
ଗୀତ ଅପୂର୍ଣ୍ଣ ରହିଲା'
ଦଶଦିଶ ଝଙ୍କାରବ —
ପ୍ରାଣର ଆଶା ପୂରିଲା,
'ଗୀତ ସମ୍ପୂର୍ଣ୍ଣ ହୋଇଲା ।'

---

ଶ୍ରୀ ସାଧୁଚରଣ ରାୟ ।

## ବାବୁତତ୍ତ୍ୱ

ଭାରତବର୍ଷର ବଙ୍ଗୋତ୍କଳନିବାସୀ ଭଦ୍ରବ୍ୟକ୍ତିମାନଙ୍କ ନାମର ପ୍ରଥମରେ 'ବାବୁ'—ଏହି ଶବ୍ଦଟି ସମ୍ମାନସୂଚକ ରୂପେ ବର୍ତ୍ତମାନ ବ୍ୟବହୃତ ହେଉ ଥିବାର ଦେଖା ଯାଉଅଛି । ଏ ଶବ୍ଦର ପ୍ରକୃତ ଅର୍ଥଟି ଯେ କଣ ତାହା ଏ ପର୍ଯ୍ୟନ୍ତ ବାବୁମାନେ ସ୍ୱୟଂ ବୁଝି ନାହାନ୍ତି କି ବୁଝିବାକୁ ଚେଷ୍ଟା କରୁ ନାହାନ୍ତି । ବରଂ ଏହି ଅର୍ଥହୀନ ଶବ୍ଦଟିକୁ ଭାରସ୍ୱରୂପ ମସ୍ତକରେ ବହନ କରୁ ଅଛନ୍ତି ।

ଏହି ସମ୍ମାନସୂଚକ 'ବାବୁ' ଶବ୍ଦଟି କେଉଁଠାରୁ କିପରି କେବେ କି କାରଣ ବଙ୍ଗୋତ୍କଳରେ ପ୍ରବେଶ କରିଅଛି ତାହାହିଁ ବର୍ତ୍ତମାନ ଆଲୋଚନାର ବିଷୟ ହେଉଅଛି ।

ସାଧାରଣତଃ ଦେଖାଯାଏ ଯେ ଏହି 'ବାବୁ' ଶବ୍ଦର ବ୍ୟବହାରଟି ବଙ୍ଗୋତ୍କଳ ବ୍ୟତୀତ ଭାରତର ଅନ୍ୟ କୁତ୍ରାପି ଦୃଷ୍ଟିଗୋଚର ହୁଏ-ନାହିଁ । ଇଂରାଜଙ୍କ ଅଧିକାର ପର୍ଯ୍ୟନ୍ତ ଏହି 'ବାବୁ' ଶବ୍ଦ ଉତ୍କଳର ସର୍ବତ୍ର ସାଧାରଣ ଭାବରେ ବ୍ୟବହୃତ ହେଉ ନ ଥିଲା । କେବଳ ରାଜାରାଜୁଡ଼ାଙ୍କର ଭାଇ ବିରାଦର ମାନେ 'ବାବୁ' ବୋଲି ବିଶେଷ ସମ୍ମାନିତ ହେଉଥିଲେ । କିନ୍ତୁ ବଙ୍ଗଦେଶରେ ବହୁକାଳରୁ 'ବାବୁ' ସର୍ବବ୍ୟାପୀ ଆଧିପତ୍ୟ ଲାଭ କରିଥିଲେ, ଏହିପରି ଜ ଅନୁମାନ ହୋଇଥାଏ ।

କେହିକେହି ଅନୁମାନ କରନ୍ତି, ଏହି 'ବାବୁ' ମୁସଲମାନଙ୍କ ସମୟରେ ବଙ୍ଗଦେଶର ମହତ୍ତ୍ୱ ବଢାଇଥିଲେ । ସେମାନେ ଏଥିର ଅର୍ଥ ଏହିପରି କରିଥାନ୍ତି । ଯଥା — ବା-ବୋ ଅର୍ଥାତ୍ ସୁଗନ୍ଧଯୁକ୍ତ । ଏହା ପାରସିକ ଶବ୍ଦରୁ ଜାତ ହୋଇଅଛି । ଏହି ଅର୍ଥଟି ପ୍ରକୃତ କି ନା ତାହା ଆମ୍ଭେ କହି ପାରୁ ନାହୁଁ, କାରଣ ପାରସିକରେ ଆମ୍ଭର ଅଧିକାର ନାହିଁ ।

ସଚରାଚର ଦୃଷ୍ଟିଗୋଚର ହୁଏ ଯେ କୌଣସି ଅଜ୍ଞାତ ବିଷୟର ତତ୍ତ୍ୱ ନିର୍ଣ୍ଣୟ କରିବାକୁ ଭାବୁକମାନେ, ଏକା ଭାବୁକ କାହିଁକି, ସମସ୍ତେ ନାନା ରୂପେ ସ୍ୱମତାନୁଯାୟୀ କାଳ୍ପନିକ ମୂର୍ତ୍ତିସ୍ଥାପନ କରିଥାନ୍ତି । ଏହା ଯେମନ୍ତ ମନୁଷ୍ୟ ପ୍ରାଣୀର ଏକ ଅଖଣ୍ଡନୀୟ ସ୍ୱଭାବ ଅଟେ । ସାଧାରଣଙ୍କ କାଥ

Digitized by srujanika@gmail.com

ସ୍ଥିତି, ପୂର୍ବରୁ, ଅତି ପୂର୍ବରୁ, ଆଜଯାଏ ବହୁଦର୍ଶୀ ବିଚାରବିବେକୀ ମହାଜନମାନେ ଏହି ପ୍ରକୃତିର ବଶୀଭୂତ ହୋଇ ଆପଣା ଆପଣା କଳ୍ପନାକ୍ଷେତ୍ରକୁ ନାନାରୂପରେ କର୍ଷଣ ବା ଧର୍ଷଣ କରିଅଛନ୍ତି । ଆମ୍ଭମାନଙ୍କ ପୌରାଣିକ ଟୀକାକାର ଓ ଶ୍ରୁତିସୂତ୍ରର ଭାଷ୍ୟକାରମାନେ ଶବ୍ଦର ପ୍ରତି ଅକ୍ଷରରେ ନାନାରୂପ ଅର୍ଥ କଳ୍ପନା କରିଯାଇ ଅଛନ୍ତି । ଏଥିରେ ପୁଣି ନାନା ମୁନିଙ୍କର ନାନାମତ । ସେମାନଙ୍କର କଳ୍ପନା କ୍ଷେତ୍ରରେ ଶବ୍ଦାକ୍ଷର ବୀଜ ରୂପରେ କେତେପ୍ରକାର ବୃକ୍ଷଲତାର ଯେ ଉତ୍ପାଦନ କରିଅଛି, ତହିଁର ଇୟତ୍ତା କରି ହେବ ନାହିଁ । ଶ୍ରୀମଦ୍‌ଭାଗବତର ପ୍ରଥମ ଶ୍ଳୋକଟିର ପରି ୭୪ ପ୍ରକାର ଅର୍ଥ ହୋଇଥାଏ ।

ବୈୟାକରଣମାନେ ମଧ୍ୟ କମ ପାତ୍ର ନୁହନ୍ତି । ସେମାନେ ମଧ୍ୟ ଏକ ଏକ ଧାତୁର ନାନାରୂପ ଅର୍ଥ ସଂଗ୍ରହ କରିଥାନ୍ତି । ବୀଜ ଯାହା ଧାତୁ ତାହା । ଭାବାର୍ଥେ ଏକକୁ ଆଠରକ ସମାନ ।

ପୂର୍ବାପର ବିଚାର କରି ଦେଖିଲେ କଳ୍ପନା କ୍ଷେତ୍ରରେ ଭ୍ରମଣ କରିବାହିଁ ମନୁଷ୍ୟର ଯେମନ୍ତ ସ୍ୱଭାବ ଅଟେ । ପଶୁପକ୍ଷୀଙ୍କର କଳ୍ପନା ନାହିଁ ।

ଜଣେ ଭ୍ରମଣକାରୀଙ୍କର ପୁସ୍ତକରୁ ପାଠ କଲୁଁ ଯେ—ଖଲି ପତ୍ର (ଶାଳପତ୍ର) ଖଣ୍ଡ ଖଣ୍ଡ ସିଅଁହୋଇ ଯେମନ୍ତ ଏକ ବୃହତ୍ ପତ୍ରରେ ପରିଣତ ହୁଏ, ସେହିପରି ଖଣ୍ଡ ଖଣ୍ଡ ଗ୍ରାମ, ବା ଭୂଖଣ୍ଡର ସଂଯୋଗ ହୋଇ ଖଲିକୋଟ ହୋଇଥିବାର ପରି ପ୍ରବାଦ ଅଛି ? ଏ କଥାରେ ଅନ୍ୟ କେହି କହନ୍ତି, ରାଜ୍ୟ ବୋଲି ସ୍ୱତନ୍ତ୍ର କୌଣସି ବସ୍ତୁ ନାହିଁ । ଖଣ୍ଡ ଖଣ୍ଡ ଗ୍ରାମ ପ୍ରଦେଶ ଦେଶ ସଂଯୋଗରେ ରାଜ୍ୟ ହୋଇଥାଏ । କୌଣସି ଏକ ରାଜାର ଅଧିକାରକୁ ରାଜ୍ୟ କହନ୍ତି, କେହି ଶତ ଗ୍ରାମ ବିଶିଷ୍ଟ ସ୍ଥାନବିଶେଷକୁ ରାଜ୍ୟ କହନ୍ତି— "ଶତ ଗ୍ରାମାଧିପତି ରାଜା", ତେବେ ଖଲିପତ୍ରସିଁଆ ପ୍ରଣାଳୀ ଏକା ଖଲିକୋଟର କାହିଁକି, ରାଜ୍ୟ ମାତ୍ରକର ଧର୍ମ ଅଟେ । ବରଂ ପର୍ବତ ଖଲି (ଖୋଲ ବା ବିବର)ରେ ଥିବାରୁ ଖଲିକୋଟ ନାମ ହେବାର ବିଶେଷ ସମ୍ଭବ ହୋଇପାରେ । ବାହାର ଲୋକେ ଏହିପରି କାଳ୍ପନିକ ତର୍କରେ ଆକାଶ ପାତାଳ ଆଲୋଚନା କରୁଅଛନ୍ତି, ମାତ୍ର ଖଲିକୋଟାଧିପତି ଖଲିକୋଟକୁ କାଲିକୋଟ ନାମ ଦେଇ ସମସ୍ତଙ୍କ ତର୍କ ମାଟି କରି ଦେଇ ଅଛନ୍ତି ।

ପାଠକେ ଦେଖିବେ ସମସ୍ତଙ୍କର ଅର୍ଥନିର୍ଣ୍ଣୟ କାଳ୍ପନିକ ଅଟେ । ଏଥିରେ ଆମ୍ଭେ ଯଦି କଳ୍ପନାର ବଶୀଭୂତ ହୋଇ କୌଣସି ମତ ପ୍ରକାଶ କରୁ, ପାଠକେ କି ତହିଁରେ ଆମ୍ଭକୁ ଦୋଷୀ କରିବେ ?

ଏହି ଦୋଷକ୍ଷାଳନ ଭୂମିକା ଉତ୍ତାରୁ ଏବେ "ବାବୁତତ୍ତ୍ୱ"ଟି ପ୍ରକାଶ କରୁଁ । ଆମ୍ଭ ବିବେଚନାରେ ମହାରାଷ୍ଟ୍ରୀୟ 'ବାପୁ' ଶବ୍ଦରୁ 'ବାବୁ' ହୋଇଅଛି । ସାଧାରଣ ଲୋକେ 'ବାବୁ ଭୟ୍ୟା' ଏହିପରି ପ୍ରାସଙ୍ଗିକ ଶବ୍ଦ ପ୍ରାୟ ବ୍ୟବହାର କରିଥାନ୍ତି । 'ବାବୁଭୟ୍ୟା' ବା "ବାପୁ ଭୟ୍ୟା"ର ଅର୍ଥ 'ବାପଭାଇ' ଏହା ବୋଧହୁଏ ନିତାନ୍ତ ଅସଙ୍ଗତ ଅର୍ଥ ହେବ ନାହିଁ ।

ମରହଟ୍ଟା ସମୟରେ ଅନେକ ପୁଷ୍କରିଣୀର ନାମ ଭୟ୍ୟା ପୋଖରୀ ବୋଲି କଥିତ ହେଉଅଛି । ପିତା ପୁତ୍ରକୁ 'ବାପରେ' 'ବାପୁରେ' ବୋଲି ଆଦର କରି ଡାକଥାନ୍ତି । ଅନେକ ଭାଷା ପୁସ୍ତକରେ ମଧ୍ୟ ସ୍ନେହସୂଚକ ସମ୍ବୋଧନ ସ୍ଥଳେ ବାପୁ ଓ ବାବୁ ଏହି ଉଭୟ ଶବ୍ଦହିଁ ବ୍ୟବହୃତ ହୋଇଅଛି । ଅତଏବ ବାପୁରୁ ବାବୁ ଯେ ବାହାରି ଅଛନ୍ତି ଏଥିରେ ତାଦୃଶ ସନ୍ଦେହ ନାହିଁ ।

ମହାରାଷ୍ଟ୍ରୀ ବାପୁରୁ ବାବୁ ହେଉନ୍ତୁ ବା ପାରସିକ ବା-ବୋ-ରୁ ବାବୁ ହେଉନ୍ତୁ ଏହି 'ବାବୁ'ଙ୍କର ଅର୍ଥ କିନ୍ତୁ ତର୍କସ୍ଥଳୀୟ ହୋଇଅଛି । ଇଂରାଜମାନେ ଉପହାସ କରି 'ବାବୁ' ଇଂରାଜୀ ଶବ୍ଦ ବାମ୍ବୁ (ବାଉଁଶ)ରୁ ହୋଇଥିବାର ନିର୍ଦ୍ଦେଶ

Digitized by srujanika@gmail.com

କରିଅଛନ୍ତି । କେହି "ବାବୁନ୍" ଏକ ପ୍ରକାର ବାନର) ଇଂରାଜୀ ଶବ୍ଦରୁ "ବାବୁ" ହୋଇଥିବାର ଲକ୍ଷଣା ଦେଖାଇଥାନ୍ତି । ସେ ଯାହା କହନ୍ତୁ, ମାତ୍ର ଆମ୍ଭର କହିବାର ଏତିକି ଯେ ଏ ରୂପ ଅର୍ଥହୀନ ଶବ୍ଦକୁ ମସ୍ତକରେ ଧାରଣ କରି ଆର୍ଯ୍ୟସନ୍ତାନ ମାନଙ୍କର ଶବ୍ଦବିଭ୍ରାଟରେ ପଡ଼ିବାର ପ୍ରୟୋଜନ କି ଅଛି ?

ସେ ଯାହାହେଉ ଦୃଷ୍ଟିବୋଧରେ ବାବୁର କିନ୍ତୁ ଅନ୍ୟ ପ୍ରକାର ଅର୍ଥ ବୋଧ ହୋଇଥାଏ । ସଜ୍ଜିତ କେଶବେଶଯୁକ୍ତ ବ୍ୟକ୍ତି ମାତ୍ରକେ "ବାବୁ" ପରି ବୋଧ ହୁଅନ୍ତି । ତହିଁରେ ପୁଣି ବିଶେଷତ୍ୱ "ଫୁଲବାବୁ" । ଏହି ଫୁଲବାବୁ ଅର୍ଥ ମଧ୍ୟ ନାନା ଭାବବ୍ୟଞ୍ଜକ । କେଶବେଶ ସଜ୍ଜାରେ ପରାକାଷ୍ଠାପ୍ରାପ୍ତ ବ୍ୟକ୍ତିଙ୍କୁ ଅନେକେ ଫୁଲବାବୁ ବୋଲି କହିଥାନ୍ତି । କେହି କହନ୍ତି ଫୁଲ ଶବ୍ଦଟି ଇଂରାଜୀ full ଅର୍ଥାତ ପୁରା ଶବ୍ଦରୁ ହୋଇଅଛି । କେହି କହନ୍ତି ନା ଇଂରାଜୀ fool ଶବ୍ଦଟି ପ୍ରକୃତ ଫୁଲର ଅର୍ଥ ଅଟେ । କେହି କହନ୍ତି ନା-ନା ତାହା ନୁହେଁ । ଫୁଲ ଶବ୍ଦଟି ଆମ୍ଭ ଦେଶୀ କଥା । ଫୁଲ ପରି କୋମଳ, ବାସଯୁକ୍ତ, କ୍ଷୀଣ ପ୍ରାଣ ଲକ୍ଷଣାରେ ଉପଲକ୍ଷିତ ହେବା ହେତୁ ବାବୁଙ୍କର ବିଶେଷଣ ଫୁଲ ହୋଇ ବାବୁ ଫୁଲ-ବାବୁ ହୋଇ ଅଛନ୍ତି ।

ବଙ୍ଗୋତ୍କଳ ପ୍ରଦେଶ ଛଡ଼ା ଭାରତର ଅନ୍ୟାନ୍ୟ ପ୍ରଦେଶରେ ନାମାଦ୍ୟରେ ଇଂରାଜୀ 'ମିଷ୍ଟର' ଶବ୍ଦକୁ ବର୍ତ୍ତମାନ କାଳର ଆର୍ଯ୍ୟ-ସନ୍ତାନମାନେ ଆଦର କରି ବ୍ୟବହାର କରୁଅଛନ୍ତି, ଏଣେ ଇଂରାଜୀ 'ମିଷ୍ଟର'ଙ୍କୁ ମସ୍ତକରେ ବହନ କରି ଇଂରାଜୀ ପୋଷାକରେ ବିଭ୍ରାଟ ଲଗାଇ ଅଛନ୍ତି । ଉତ୍ତମାଙ୍ଗରେ ବିଦେଶିଙ୍କୁ ବହନ କରିବା ଭଲ କି ଅଙ୍ଗାନ୍ତରେ ବହନ କରିବାର ଭଲ ତାହା ପାଠକଙ୍କ ରୁଚି ଓ ବିଚାର ସାପେକ୍ଷ ଅଟେ ।

ଆମ୍ଭର କ୍ଷୁଦ୍ର ବିବେଚନାରେ ଏହି ଅର୍ଥ-ହୀନ "ବାବୁ" ଓ ଦନ୍ତଶ୍ଳଥକାରୀ 'ମିଷ୍ଟର'ଙ୍କ ସଙ୍ଗେ ଆମ୍ଭମାନଙ୍କର ପୂର୍ବପୁରୁଷମାନଙ୍କର କିଛିମାତ୍ର ସଂପର୍କ ନଥିଲା । ଏହି ଦୁହିଙ୍କୁ ଆର୍ଯ୍ୟସନ୍ତାନ-ମାନଙ୍କର ଶବ୍ଦଭଣ୍ଡାରରୁ ଉଠାଇ ରଖିବାର ଉଚିତ । ଆମ୍ଭର ଯୁଗଯୁଗାନ୍ତର ଆଦରଣୀୟ 'ଶ୍ରୀ'ଙ୍କୁ ପରିତ୍ୟାଗ କରି ଅନର୍ଥକ ଏହିପରି ଶବ୍ଦ-ବିଭ୍ରାଟରେ ପଡିବାର ପ୍ରୟୋଜନ ବା କି ଅଛି ?

ଆମ୍ଭର ପୂର୍ବପୁରୁଷମାନେ ଶ୍ରୀ, ଶ୍ରୀଯୁକ୍ତ ଶ୍ରୀମତ୍, ଶ୍ରୀମାନ୍, ଆଦି ଶବ୍ଦମାନଙ୍କୁ ବ୍ୟକ୍ତି-ବିଶେଷରେ ଆରୋପ କରୁଥିଲେ । ବର୍ତ୍ତମାନ ମଧ୍ୟ ଭାରତ ଏକାବେଳକେ ଶ୍ରୀ ଛଡ଼ା ହୋଇ ନାହିଁ । ବିଶେଷ ସମ୍ମାନ ସ୍ଥଳରେ ଉକ୍ତ ଶ୍ରୀଟି ଗୁଣକ୍ରମରେ ସଂଖ୍ୟାବୃଦ୍ଧିକୁ ଲାଭ କରିଥାଏ । ଏପରି ସ୍ଥଳେ ଆର୍ଯ୍ୟ ସନ୍ତାନମାନଙ୍କର ଆପଣାର 'ଶ୍ରୀ' ପରିତ୍ୟାଗ କରି ଅର୍ଥହୀନ "ବାବୁ" ଓ ହତଶ୍ରୀ 'ମିଟ୍ଟଟାର' (ମିଷ୍ଟର)ଙ୍କୁ ଆଶ୍ରୟ କରିବା ଉଚିତ୍ ହୋଇଅଛି କି ନା ପାଠକବର୍ଗଙ୍କ ଠାରେ ବିଶେଷ ବିଚାର ପାଇଁ, ଆମ୍ଭର ଏହାହିଁ ଶେଷ ବକ୍ତବ୍ୟ ଅଟେ ।

ଶ୍ରୀ ରାଜନାରାୟଣ ଦାସ

---

## ଅଧ୍ୟାତ୍ମ ତତ୍ତ୍ୱଚିନ୍ତା

### ତୃତୀୟ ପରିଚ୍ଛେଦ

**ବିଚିତ୍ର ଜଗତ ବା ପ୍ରକୃତି ।**

"ସ ତପୋଽତପ୍ୟତ, ସ ତପସ୍ତପ୍ତ୍ୱା ଇଦଂ ସର୍ବମସୃଜତ୍ ସେ ସଂକଳ୍ପ କଲେ ଏବଂ ସଂକଳ୍ପକରି ଏହିସବୁ ସୃଷ୍ଟି କଲେ ।

ଆମ୍ଭେମାନେ ଇତିପୂର୍ବେ ଦେଖାଇ ଅଛୁ ଯେ ଦେଶକାଳାବଚ୍ଛିନ୍ନ ଜଡ଼ଜୀବମୟ ଜଗତ୍

Digitized by srujanika@gmail.com

ଆପେକ୍ଷିକ ବା ଅପୂର୍ଣ୍ଣ ସତ୍ୟ ଅଟେ ଏବଂ ଯେଉଁ ଦେଶକାଳାତୀତ ଅସୀମ ସତ୍ୟକୁ ଜଗତ୍ ଅବଲମ୍ବନ କରି ରହିଅଛି, ତାହା ନିରପେକ୍ଷ ବା ନିରାଲମ୍ବ ପୂର୍ଣ୍ଣସ୍ୱରୂପ, ମୂଳସତ୍ୟ, ଆତ୍ମାର ଆତ୍ମା ପରମାତ୍ମା । ଏକମାତ୍ର ମୂଳସତ୍ୟ ଅନେକଧା ପ୍ରକାଶିତ ସ୍ଥୂଳ ଅପୂର୍ଣ୍ଣ ଜଗତର କାରଣ ଅଟନ୍ତି ।

କେହି କେହି ଭ୍ରାନ୍ତିର ଅଧୀନ ହୋଇ ମନେ କରନ୍ତି ଯେ ପରମାତ୍ମା ନିଜେ ଜଗତ ରୂପରେ ପରିଣତ ହୋଇ ଅଛନ୍ତି, ଅର୍ଥାତ ସେ ନିଜେ ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ ଏବଂ ପଞ୍ଚଭୌତିକ ଶରୀରଧାରୀ ଜୀବାତ୍ମା ହୋଇ ଅଛନ୍ତି । ଏପରି ପରିଣାମବାଦୀମାନେ ଜଗତର ସୃଷ୍ଟି ଅର୍ଥାତ ମୂଳସତ୍ୟ ପରମାତ୍ମାଙ୍କର ନିମିତ୍ତକାରଣତ୍ୱ ଅସ୍ୱୀକାର କରି ଜଗତକୁ ପରମାତ୍ମାଙ୍କ ସହିତ ଏକୀଭୂତ କରିବାକୁ ଚେଷ୍ଟା କରନ୍ତି । କିନ୍ତୁ ଏହା ଯେ ନିତାନ୍ତ ଭ୍ରମାତ୍ମକ ମତ, ଏହା ଯେ ଅତ୍ୟନ୍ତ ମାରାତ୍ମିକା ଚେଷ୍ଟା, ତାହାକୁ ବୁଦ୍ଧିମାନ ମାତ୍ରକେ ବୁଝିପାରିବେ । ପୂର୍ଣ୍ଣସତ୍ୟ କି ପ୍ରକାରେ ଅପୂର୍ଣ୍ଣ ହୋଇଯିବେ, ନିରାଲମ୍ବ ନିର୍ବିକାର ସ୍ୱତନ୍ତ୍ର ସତ୍ୟ କି ପ୍ରକାରେ ଅଭାବଗ୍ରସ୍ତ, ବିକାର ଗ୍ରସ୍ତ ପରତନ୍ତ୍ର ହୋଇଯିବେ, ପୂର୍ଣ୍ଣ ଜ୍ଞାନ ସ୍ୱରୂପ ସତ୍ୟ କି ପ୍ରକାରେ ଅଜ୍ଞାନୋପହତ ଜୀବାତ୍ମା ହୋଇଯିବେ ? ପୁଣି କେହି କେହି ସୃଷ୍ଟିର ଅସ୍ତିତ୍ୱ ବା ସତ୍ୟତାକୁ ଏକାବେଳକେ ଅସ୍ୱୀକାର କରନ୍ତି । ସେମାନଙ୍କ ମତରେ ବ୍ରହ୍ମ ଏକମାତ୍ର ବସ୍ତୁ ଏବଂ ତଦ୍ଭିନ୍ନ ସମସ୍ତ ଜଗତ ଅସତ୍ୟ ବା ମାୟା । ସେମାନେ କହନ୍ତି ଯେ ଯେପରି ରଜ୍ଜୁରେ ସର୍ପ ଭ୍ରମ ହୁଏ, ସେପରି ଏକମାତ୍ର ବସ୍ତୁ ଯେ ବ୍ରହ୍ମ ତାହାଙ୍କଠାରେ ଅବସ୍ତୁର ଭ୍ରମ ହେଉଅଛି । ଏହି ମତ ଯେ ନିତାନ୍ତ ଅଯୌକ୍ତିକ, ତାହା ଗୋଟିଏ ମାତ୍ର ପ୍ରଶ୍ନ କଲେ ସହଜରେ ପ୍ରତିପନ୍ନ ହେବ । ଯଦି ଏକମାତ୍ର ପରମାତ୍ମା ବ୍ୟତୀତ ଅନ୍ୟ ବସ୍ତୁ ନାହିଁ, ତେବେ ଯେପରି ରଜ୍ଜୁରେ ସର୍ପ ଭ୍ରମ କୌଣସି ଲୋକର ହୋଇଥାଏ ସେପରି ଅବସ୍ତୁରେ ଯେ ବସ୍ତୁର ଭ୍ରମ ତାହା କାହାର ହେଉଅଛି ? ଏହା ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେହେତୁ ଅନ୍ୟ କାହାରି ଅସ୍ତିତ୍ୱ ନାହିଁ, ସେ ଭ୍ରମ ପରମାତ୍ମାଙ୍କର ହେଉଅଛି ଅର୍ଥାତ୍ ନିର୍ବିକଳ୍ପ ନିର୍ବିକାର ପରମାତ୍ମା ଭ୍ରାନ୍ତ ଓ ବିକୃତ ହେଉଅଛନ୍ତି । ଅତଏବ ବୋଲିବାକୁ ହେବ ଯେ ଆତ୍ମପ୍ରତ୍ୟୟ ବା ପ୍ରଜ୍ଞାର ସହଜ ପଥ ପରିତ୍ୟାଗ କରି ମିଥ୍ୟା ଯୁକ୍ତିଜାଲରେ ପଡ଼ି ଅଦ୍ୱୈତବାଦୀମାନେ ସୃଷ୍ଟିର ବିନାଶ କରିବାକୁ ଯାଇ ଅନର୍ଥ ଆନୟନ କରିଅଛନ୍ତି । ପ୍ରାଚୀନ ପ୍ରଜ୍ଞାନୁସାରୀ ଭକ୍ତିଭାଜନ ଋଷି ଉପନିଷଦରେ "ସତପସ୍ତପ୍ତ୍ୱା ଇଦଂ ସର୍ବମସୃଜତ" ସେ ସଂକଳ୍ପ କରି ଏହି ବିଚିତ୍ର ଜଗତ ବା ପ୍ରକୃତି ସୃଷ୍ଟି କଲେ, ଏହି ଯେ ସହଜତତ୍ତ୍ୱ ପ୍ରକାଶ କରିଅଛନ୍ତି, ତାହା ହିଁ ସତ୍ୟ, ତାହାହିଁ ଗ୍ରହଣୀୟ ।

କେହି କେହି ଏପରି ପ୍ରଶ୍ନ କରି ପାରନ୍ତି ଯେ ପରମାତ୍ମା ପୂର୍ଣ୍ଣସ୍ୱରୂପ, ସେ ନିଜେ ନିଜ ସ୍ୱରୂପରେ ପର୍ଯ୍ୟାପ୍ତ । ତାହାଙ୍କର କୌଣସି ଅଭାବ ବା ପ୍ରୟୋଜନ ନାହିଁ, ତେବେ ସେ କାହିଁକି, କି ପ୍ରୟୋଜନ ସିଦ୍ଧି ନିମିତ୍ତ ଏହି ଅପୂର୍ଣ୍ଣ ଜଗତ ସୃଷ୍ଟି କଲେ । ଏଥିର ଉତ୍ତର ଏହି ଯେ ପରମାତ୍ମା ନିଜର ଅଭାବ ମୋଚନ ନିମିତ୍ତ ନୁହେଁ, କିନ୍ତୁ ଜୀବାତ୍ମାର ଅଭାବ ମୋଚନ ନିମିତ୍ତ, ସୃଷ୍ଟି ବିଧାନ କଲେ । ପୁଣି ଏପରି ପ୍ରଶ୍ନ ହୋଇପାରେ, ସୃଷ୍ଟି ପୂର୍ବେ ଜୀବାତ୍ମାତ ନଥିଲା, ତେବେ ତାହାର ଅଭାବ କାହୁଁ ଆସିଲା ? ଶିରୋନାସ୍ତି ଶିରଃପୀଡା, ଏ କି ପ୍ରକାର କଥା ? ସେଥିର ଉତ୍ତର ଏହି ଯେ ପୂର୍ଣ୍ଣ ପରମାତ୍ମା ସ୍ୱୀକାର କଲାକ୍ଷଣି ଅପୂର୍ଣ୍ଣ ଜୀବାତ୍ମାର ସ୍ଥିତି ସେଥି ସଙ୍ଗେ ସଙ୍ଗେ ସୂଚିତ ହେଉଅଛି । ପୂର୍ଣ୍ଣ ଓ ଅପୂର୍ଣ୍ଣ ଅସ୍ତିତ୍ୱରୂପ ପରସ୍ପର ଦୁଇଟି

Digitized by srujanika@gmail.com

ପୂର୍ଣ୍ଣ । ଏ ପୂର୍ଣ୍ଣ ଅଛି ତ ସେ ପୂର୍ଣ୍ଣ ମଧ୍ୟ ଅଛି । ପୂର୍ଣ୍ଣ ଅଛି ତ ଅପୂର୍ଣ୍ଣ ଅଛି । ଅପୂର୍ଣ୍ଣ ଅଛି ତ ପୂର୍ଣ୍ଣ ଅଛି । ଅତଏବ ସୃଷ୍ଟି ପୂର୍ବରେ ଅପୂର୍ଣ୍ଣ ଜୀବାତ୍ମା ଥିଲା, ସେ ଅବ୍ୟକ୍ତଭାବରେ ପରମାତ୍ମାଙ୍କ ଶକ୍ତିରେ ତନ୍ମୟୀଭୂତ ଥିଲା; ତାହାର ବ୍ୟକ୍ତ ବା ପୃଥକ ଅସ୍ତିତ୍ୱ ନ ଥିଲା । ଏହି ଯେ ଜୀବାତ୍ମାର ପୃଥକ ଅସ୍ତିତ୍ୱର ଅଭାବ, ତାହାକୁ ମୋଚନ କରିବା ସୃଷ୍ଟିର ଗୋଟିଏ ଉଦ୍ଦେଶ୍ୟ । ପରମାତ୍ମା ଜୀବାତ୍ମାକୁ ପୃଥକ୍ ଅସ୍ତିତ୍ୱ ପ୍ରଦାନ କରି ଜୀବାତ୍ମାର ଉକ୍ତ ଅଭାବ ମୋଚନ କରିଅଛନ୍ତି ଏବଂ ତାହାର ଅପୂର୍ଣ୍ଣତା ସତ୍ତ୍ୱେ ତାହାକୁ ଅନନ୍ତ ଉନ୍ନତି ଲାଭ କରିବାର ଶକ୍ତି ଦେଇ ତାହାର ଅପୂର୍ଣ୍ଣତା-ଜନିତ ଅଭାବ ଯେତଦୂର ସମ୍ଭବ ଦୂର କରୁଅଛନ୍ତି । ଯେତେଦୂର ସମ୍ଭବ ଏପରି କହିବାର ଅଭିପ୍ରାୟ ଏହି ଯେ ଜୀବାତ୍ମାର ଅପୂର୍ଣ୍ଣତା ଏକାବେଳକେ ଦୂରୀଭୂତ ହେଲେ, ଜୀବାତ୍ମା ପରମାତ୍ମା ମଧ୍ୟରେ କିଛି ପ୍ରଭେଦ ରହିବ ନାହିଁ । ସୁତରାଂ ଜୀବାତ୍ମାର ସ୍ୱତନ୍ତ୍ର ଅସ୍ତିତ୍ୱର ଯେ ଅଭାବ ତାହାର ମୋଚନ ଅସମ୍ଭବ ହେବ ।

ଉପରେ ସୃଷ୍ଟିର ପ୍ରୟୋଜନ ନିର୍ଦ୍ଦେଶ କରାଗଲା । ବର୍ତ୍ତମାନ ସୃଷ୍ଟିର ଅବଶ୍ୟମ୍ଭାବିତା ବିଷୟରେ କିଞ୍ଚିତ୍ ବକ୍ତବ୍ୟ ଅଛି । ସୃଷ୍ଟି ଅବଶ୍ୟମ୍ଭାବୀ, ଅର୍ଥାତ୍ ପୂର୍ଣ୍ଣଜ୍ଞାନ ପରମାତ୍ମା ସ୍ୱୀକାର କଲେ ସେଥି ସଙ୍ଗେ ସଙ୍ଗେ ତାହାଙ୍କର ସୃଷ୍ଟି କର୍ତ୍ତୃତ୍ୱ ଅବଶ୍ୟ ସ୍ୱୀକରଣୀୟ । ଜ୍ଞାନ ଆପଣାକୁ ଜାଣିବା ସଙ୍ଗେ ସଙ୍ଗେ ଆପଣାକୁ ପ୍ରୀତି କରେ ଏବଂ ନିଜ ଭାବର ପ୍ରକାଶକୁ ଇଚ୍ଛାକରେ । ପ୍ରେମ ବିରହିତ ଓ ଇଚ୍ଛା ବିବର୍ଜିତ ଜ୍ଞାନ ଏକାନ୍ତ ନିର୍ଜୀବ, ନିଷ୍ଫଳ ଓ ବ୍ୟର୍ଥ । ଆମ୍ଭମାନଙ୍କର କ୍ଷୁଦ୍ର ଜ୍ଞାନ ଯେ ସେ କ୍ଷୁଦ୍ର ପ୍ରେମ ଓ କ୍ଷୁଦ୍ର ଇଚ୍ଛା ସଙ୍ଗେ ଅନୁସ୍ୟୂତ ଥାଇ ସାର୍ଥକ ହେଉଅଛି, ଅର୍ଥାତ୍ ଜ୍ଞାନ ପ୍ରେମଦ୍ୱାରା ଅନୁପ୍ରାଣିତ ହୋଇ ଯେତିକି ବାହାରର କାର୍ଯ୍ୟରେ ପ୍ରକାଶିତ ହେଉଅଛି, ସେତିକି ଆମ୍ଭମାନଙ୍କର ଆତ୍ମା ଧନ୍ୟ ଓ କୃତାର୍ଥ ହେଉଅଛି । ତେବେ ପରମାତ୍ମାଙ୍କର ପୂର୍ଣ୍ଣଜ୍ଞାନ—ଯାହା ପୂର୍ଣ୍ଣ ପ୍ରେମ ଏବଂ ଅସୀମ ଇଚ୍ଛାଶକ୍ତି ସହିତ ସଂଯୁକ୍ତ ରହିଅଛି—ତାହା କିପରି ନିଷ୍କ୍ରିୟ ବା ଆବିର୍ଭାବବର୍ଜିତ ହୋଇରହି ପାରିବ ? ତେଣୁ ପୂର୍ଣ୍ଣଜ୍ଞାନ ପରମାତ୍ମା ଯେ ପୂର୍ଣ୍ଣ ପ୍ରେମର ସଂକଳ୍ପ କରି ନିଜର ଆବିର୍ଭାବ, ଅର୍ଥାତ୍ ବିଚିତ୍ର ଜଗତର ସୃଷ୍ଟି କରୁଅଛନ୍ତି, ଏହି ସିଦ୍ଧାନ୍ତ ଏକାନ୍ତ ଅଲଙ୍ଘନୀୟ ।

ସେହି ପୂର୍ଣ୍ଣଜ୍ଞାନ ସତ୍ୟପୁରୁଷ ପୂର୍ଣ୍ଣପ୍ରେମରେ, ବା ପୂର୍ଣ୍ଣ ମଙ୍ଗଳର ସଂକଳ୍ପ କରି ଏ ସମୁଦାୟ ସୃଷ୍ଟି କରିଅଛନ୍ତି ! "ସ ତପସ୍ତପ୍ତ୍ୱା ସର୍ବମିଦମସୃଜତ" ଅହା ଏହି ଋଷି ବାକ୍ୟ କି ଅମୃତମୟ ସତ୍ୟ !

ଶ୍ରୀ ମଧୁସୂଦନ ରାଓ ।

## ମହାତ୍ମା କେଶବଚନ୍ଦ୍ର ସେନ *

ଅଭକ୍ତ ରଚନାରେ ଭକ୍ତଗୁଣ କୀର୍ତ୍ତନ ଏକ ପ୍ରକାର ଅସମ୍ଭବ, ପୁଣି ମୋପରି କ୍ଷୁଦ୍ରବ୍ୟକ୍ତି ପକ୍ଷରେ ଏ ପ୍ରକାର ଚେଷ୍ଟା ନିତାନ୍ତ ଉପହାସାସ୍ପଦ । କିନ୍ତୁ ଯେଉଁ ମହାପୁରୁଷଙ୍କ ପବିତ୍ର ସ୍ମୃତି ଉପଲକ୍ଷରେ ଏ ସଭା ଆହୂତ ହୋଇଅଛି, ତାଙ୍କ ନିକଟରେ ଏ ଆତ୍ମା ଅପରିଶୋଧ୍ୟ ଋଣରେ ଆବଦ୍ଧ । ପ୍ରାୟ ନବର୍ଷ ପୂର୍ବେ ଧର୍ମଜୀବନର ପ୍ରାରମ୍ଭରେ ସେହି ମହାପୁରୁଷଙ୍କର 'ଜୀବନବେଦ'

* ବିଗତ ଜାନୁଏରି ତା ୮ ରିଖ ସାୟଂକାଳରେ ଏ ନଗରସ୍ଥ ହିନ୍ଦୁ ବାଳିକା ବିଦ୍ୟାଳୟଗୃହରେ ମହାତ୍ମା କେଶବଚନ୍ଦ୍ରଙ୍କର ମୃତ୍ୟୁଦିବସ ସ୍ମରଣୋପଲକ୍ଷେ ଯେଉଁ ସଭା ହୋଇଥିଲା, ସେଥିରେ ମତ୍କର୍ତ୍ତୃକ ପ୍ରଦତ୍ତ ଓଡ଼ିଆ ବକ୍ତୃତାର ଭାବ ଏ ପ୍ରବନ୍ଧରେ ସନ୍ନିବିଷ୍ଟ ହୋଇଅଛି । ଉ,ସ,ସଂ।

Digitized by srujanika@gmail.com

ନାମକ ମହାଗ୍ରନ୍ଥ ବାରମ୍ବାର ପାଠ ଓ ଆଲୋଚନା କରି ପ୍ରାଣ ଏକାନ୍ତଭାବରେ ମନ୍ତ୍ରମୁଗ୍ଧ ପ୍ରାୟ ହୋଇ ପଡ଼ିଥିଲା । କ୍ରମେ ତାଙ୍କର ଅନ୍ୟାନ୍ୟ ପୁସ୍ତକ ପାଠ କରି ସେହି ଭାବ ଗଭୀରତର ହେଲା । ଏ ଜୀବନରେ ଅନ୍ୟାନ୍ୟ ଅନେକ ଧର୍ମ ଗ୍ରନ୍ଥ ଅଳ୍ପାଧିକ ପରିମାଣରେ ପାଠ କରିଅଛି, କିନ୍ତୁ କେଜାଣି କାହିଁକି ତନ୍ମଧ୍ୟରୁ କୌଣସିଟି ଏଡ଼େ ମଧୁର ଏଡ଼େ ହୃଦୟସ୍ପର୍ଶୀ ବୋଧ ହୋଇ ନାହିଁ । ମୋହର କ୍ଷୁଦ୍ରମତରେ ସେହି ପୁସ୍ତକଖଣ୍ଡି ବା ସେହି ମହଜ୍ଜୀବନଟି ବହୁଯୁଗ ସଞ୍ଚିତ ଅଧ୍ୟାତ୍ମ ସମ୍ପଦର ସାରସଙ୍କଳନ ସ୍ୱରୂପ ବର୍ତ୍ତମାନ ଯୁଗର ମହାସମସ୍ୟା ପୂରଣ କରୁଅଛି—ଏହି ଘୋର ଜଡ଼ବାଦର ଦିନରେ ମାନବାତ୍ମାର ଶ୍ରେଷ୍ଠଲକ୍ଷ୍ୟ ଆଡ଼କୁ ଜନସମାଜକୁ ଆହ୍ୱାନ କରୁଅଛି । ସେ ଯାହାହେଉ, ଅତି ଅକିଞ୍ଚିତ୍କର ଭାବରେ ହେଲେହେଁ ସେହି କୃତଜ୍ଞତା ପ୍ରକାଶ ନିମିତ୍ତ ମୁଁ ଆଜି ଏହି କାର୍ଯ୍ୟରେ ପ୍ରବୃତ୍ତ ହୋଇଅଛି ।

ଭକ୍ତକୁ ଭକ୍ତ ଭାବରେ, ମହାପୁରୁଷକୁ ମହା ପୁରୁଷ ଭାବରେ ପୂଜା କରିବାର ରୀତି ଏ ଦେଶରେ ଅଜ୍ଞାତ । ବିଶେଷଶକ୍ତିସମ୍ପନ୍ନ କୌଣସି ସାଧୁ-ମହାତ୍ମା ସାଧାରଣ ମାନବମଣ୍ଡଳୀର ସୀମା ଲଙ୍ଘନ କରି ଊର୍ଦ୍ଧ୍ୱକୁ ଉଠିଲା ମାତ୍ରକେ ଭାରତବାସୀ ଅତି ସହଜରେ ତାଙ୍କୁ ଈଶ୍ୱରଙ୍କ ଆସନରେ ବସାଇ ପୂଜା କରିବାକୁ ପ୍ରବୃତ୍ତ ହୋଇଅଛନ୍ତି । ଏହିପରି ଏ ଦେଶରେ ଦଶ ଅବତାର ଛଡ଼ା, ଛୋଟବଡ଼ କେତେ ଯେ ଅବତାରର ସୃଷ୍ଟି ହୋଇଅଛି, ତାହାର ସଂଖ୍ୟା ନାହିଁ—ଆଜି ମଧ୍ୟ ମନୁଷ୍ୟର ଅବିବେକତା ଯୋଗୁଁ ନୂତନ ନୂତନ ଅବତାରର କଳ୍ପନା ହେଉଅଛି । ଭକ୍ତ ଈଶ୍ୱରଙ୍କ ସ୍ଥାନ ଅଧିକାର କଲେ ଈଶ୍ୱରଲାଭ ଏକ ପ୍ରକାର ଅସମ୍ଭବ ହୋଇ ଉଠେ ଏବଂ ଭକ୍ତଜୀବନ ମଧ୍ୟ ଚିରଦିନ ପ୍ରହେଳିକାମୟ ହୋଇ ରହେ । ଏହି ଘୋର ଅବତାରବାଦର ଦେଶରେ ବ୍ରାହ୍ମସମାଜ ଯଥାର୍ଥ ଭକ୍ତପୂଜା, ମହାପୁରୁଷ ପୂଜା ପ୍ରତିଷ୍ଠିତ କରିବାକୁ ପ୍ରୟାସୀ ।

ଯୁଗେଯୁଗେ ଦେଶେ ଦେଶେ ଯେଉଁ ସବୁ ମହିମାନ୍ୱିତ ପୁରୁଷମାନେ ଈଶ୍ୱରଙ୍କ ବିଶେଷ ବିଧାନରେ ବିଶେଷ କାର୍ଯ୍ୟ ସାଧନ ନିମିତ୍ତ ଅବତୀର୍ଣ୍ଣ ହୋଇ ଏହି ଧରଣୀକୁ ପବିତ୍ର କରି-ଅଛନ୍ତି, କେଶବଚନ୍ଦ୍ର ସେହିମାନଙ୍କ ମଧ୍ୟରେ ଜଣେ । ବର୍ତ୍ତମାନ ଜିଜ୍ଞାସ୍ୟ ହୋଇ ପାରେ ମହା-ପୁରୁଷମାନଙ୍କର ବିଶେଷ ଲକ୍ଷଣ କଣ ? ଏବଂ ସେହି ଲକ୍ଷଣ କେଶବଚନ୍ଦ୍ରଙ୍କ ଜୀବନରେ କିପରି ପ୍ରକାଶ ପାଇଥିଲା ? ବିଶେଷ ଲକ୍ଷଣ ଅନେକ ଥାଇପାରେ, କିନ୍ତୁ ମୁଁ ଏଠାରେ କେବଳ ଦୁଇଟି ଗୋଟିଏ ପ୍ରଧାନ ଲକ୍ଷଣର ଆଲୋଚନା କରି କ୍ଷାନ୍ତ ହେବି ।

ପ୍ରଥମ କଥା, ମହାପୁରୁଷମାନଙ୍କ ଆବିର୍ଭାବ ବିଶେଷ କାଳ ଏବଂ ଅବସ୍ଥା ସୂଚନା କରେ । ଯେତେବେଳେ ଜନସମାଜରେ ଦୁର୍ନୀତି, ଦୁରାଚାର ଉଚ୍ଛୃଙ୍ଖଳତାର ପ୍ରାବଲ୍ୟ ଲକ୍ଷିତ ହୁଏ, ଏବଂ ସତ୍ୟ ଓ ନ୍ୟାୟର ପରିବର୍ତ୍ତରେ ଅସତ୍ୟ ଓ ଅନ୍ୟାୟ ଅପ୍ରତିହତ ରାଜତ୍ୱ ବିସ୍ତାର କରେ ଅଥବା ବିଶେଷ ସତ୍ୟ ବା ବିଶେଷ ଭାବର ଅଭାବ ଅନୁଭୂତ ହୁଏ, ସେତେବେଳେ ଜଣେ ଜଣେ କ୍ଷଣଜନ୍ମା ପୁରୁଷ ଆବିର୍ଭୂତ ହୋଇ ପ୍ରୟୋଜନାନୁରୂପ କାର୍ଯ୍ୟସାଧନ କରି ଚାଲିଯାନ୍ତି । ଯେ ଅଗ୍ନି ପ୍ରାଣରେ ଧାରଣ କରି ସେମାନେ ପୃଥିବୀକୁ ଆଗମନ କରନ୍ତି ଚିରଜୀବନ ସେହି ଅଗ୍ନି ଅନ୍ତରରେ ପ୍ରଜ୍ୱଳିତ ଥାଇ ଜୀବନବ୍ୟାପୀ ମହାସାଧନାରେ ସେମାନଙ୍କୁ ପ୍ରବୃତ୍ତ କରେ । ମହାତ୍ମା ରାଜା ରାମମୋହନ ରାୟ ଯେଉଁ ମହା-ସମନ୍ୱୟ ଧର୍ମର ବୀଜ ବପନ କରି ଯାଇଥିଲେ, ମହର୍ଷି ଦେବେନ୍ଦ୍ରନାଥ ଠାକୁର କଠୋର ସାଧନାର ଜଳସେଚନ କରି ଯାହାକୁ ଅଙ୍କୁରିତ କରିଥିଲେ ତାହାର ପରିଣତି ସମ୍ପାଦନ ନିମିତ୍ତ

Digitized by srujanika@gmail.com

କେଶବଚନ୍ଦ୍ରଙ୍କ ଆଗମନ । ଏହି କାର୍ଯ୍ୟସାଧନ ନିମିତ୍ତ ଜଣେ କେଶବଚନ୍ଦ୍ରଙ୍କର ପ୍ରୟୋଜନ ଥିଲା । ସେହି ସମୟରେ କେଶବଚନ୍ଦ୍ରଙ୍କ ତୁଲ୍ୟ ବା ତଦପେକ୍ଷା ଅଧିକ ବିଦ୍ୟା-ବୁଦ୍ଧି-ଜ୍ଞାନ ସମ୍ପନ୍ନ ବ୍ୟକ୍ତି ଥାଇ ପାରନ୍ତି, ମାତ୍ର ତାଙ୍କ ଛଡ଼ା ଅନ୍ୟ କାହାରି ଦ୍ୱାରା ଏ କାର୍ଯ୍ୟ ସଂସାଧିତ ହୋଇ ପାରନ୍ତା ନାହିଁ । ବଙ୍ଗଦେଶ ଭାରତରେ ପାଶ୍ଚାତ୍ୟ-ଶିକ୍ଷାର ପ୍ରଥମ ଲୀଳାଭୂମି । ରାମମୋହନ ଅସାଧାରଣ ଦୂରଦୃଷ୍ଟି ପ୍ରଭାବରେ ଭାରତର ଭବିଷ୍ୟତ ଦେଖି ପାରିଥିଲେ ଏବଂ ପୂର୍ବରୁ ଅନୁରୂପ ଆୟୋଜନ କରି ଯାଇଥିଲେ—ଭାରତରେ ଆଧ୍ୟାତ୍ମିକ, ସାମାଜିକ ଓ ରାଜନୈତିକ ସକଳ ପ୍ରକାର ସଂସ୍କାରର ସୂତ୍ରପାତ କରି ଯାଇଥିଲେ । ପାଶ୍ଚାତ୍ୟ ଜ୍ଞାନାଲୋକ ଲାଭ କରି ଭାରତ ସନ୍ତାନ ନିତାନ୍ତ ଉଚ୍ଛୃଙ୍ଖଳ ଓ ଜଡ଼ବାଦୀ ହୋଇ ଉଠିଲେ । ସେହି ସମୟରେ ପାଶ୍ଚାତ୍ୟ ଜ୍ଞାନଗରିମା ସଙ୍ଗେ ପ୍ରାଚ୍ୟ ଅଧ୍ୟାତ୍ମସମ୍ପଦର ମିଳନ ସମ୍ପାଦନ ନିମିତ୍ତ—ବ୍ରହ୍ମନିଷ୍ଠ ଗୃହସ୍ଥର ଆଦର୍ଶ ଦେଖାଇବା ନିମିତ୍ତ—ହିନ୍ଦୁଭାବ ଓ ଖ୍ରୀଷ୍ଟୀୟ ଭାବର ସମ୍ମିଶ୍ରଣ ନିମିତ୍ତ କେଶବଚନ୍ଦ୍ର ରଙ୍ଗମଞ୍ଚରେ ଅବତୀର୍ଣ୍ଣ ହେଲେ ।

କେଶବଚନ୍ଦ୍ର ଭାବିଚିନ୍ତି ଏ କାର୍ଯ୍ୟରେ ପ୍ରବୃତ୍ତ ହୋଇ ନାହାନ୍ତି—କୌଣସି ଶାସ୍ତ୍ର ବା ଗୁରୁ ନିକଟରୁ ଉପଦେଶ ଗ୍ରହଣ ନ କରି ସଂସାର ସଙ୍ଗେ ପରିଚିତ ନ ହୋଇ ହୃଦୟର ନିଭୃତ ପ୍ରଦେଶରେ କାହାରି ଅଶରୀବାଣୀ ଶ୍ରବଣ କରି ଜୀବନର ସେହି ଉଷା କାଳରେ କଠୋର ସାଧନାରେ ପ୍ରବୃତ୍ତ ହେଲେ । ଏହାହିଁ ତାଙ୍କର ଜୀବନ ବେଦର ପ୍ରଥମ ଅଧ୍ୟାୟ । ତାହା ପ୍ରାର୍ଥନା । ଏହି ପ୍ରାର୍ଥନା ଦ୍ୱାରା କେଶବଚନ୍ଦ୍ର ଜୀବନର ସମସ୍ତ ସମସ୍ୟା ପୂରଣ କରିଥିଲେ । କ୍ରମେ ନାନା ଶାସ୍ତ୍ର ସଙ୍ଗେ ପରିଚିତ ହେଲେ, ସକଳ ଦେଶର ଓ ସମ୍ପ୍ରଦାୟର ସାଧୁ ମହାଜନମାନଙ୍କୁ ଗ୍ରହଣ କଲେ, କିନ୍ତୁ ମୁହୂର୍ତ୍ତକ ପାଇଁ ନିଜ ପ୍ରାଣରେ ପ୍ରକାଶିତ ସେହି ଅଶରୀ ବାଣୀ ଛଡ଼ା ଅନ୍ୟ କାହାରି ଉପଦେଶ ଶୁଣି ନାହାନ୍ତି । ଏଥିପାଇଁ ଲୋକେ ତାଙ୍କୁ ଅଭିମାନୀ, ଅହଙ୍କାରୀ, ଆତ୍ମପ୍ରାଧାନ୍ୟପ୍ରିୟ ପ୍ରଭୃତି ନାନା ଉପାଧିରେ ମଣ୍ଡିତ କରିଅଛନ୍ତି, କିନ୍ତୁ ସେ କାହିଁରେ ବିଚଳିତ ହୋଇ ନାହାନ୍ତି । ଏହାହିଁ ମହାପୁରୁଷ ଜୀବନର ଦ୍ୱିତୀୟ ଲକ୍ଷଣ—ମହାପୁରୁଷମାନେ ଅନ୍ୟ ସମସ୍ତଙ୍କ ସାଧୁଭାବ ପ୍ରାଣରେ ଗ୍ରହଣ କରନ୍ତି, ମାତ୍ର ତାହା ନିଜ ଭାବରେ ଏବଂ ନିଜର ମହାବ୍ୟକ୍ତିତ୍ୱକୁ ଅକ୍ଷୁଣ୍ଣ ରଖି । ଏହି ସ୍ୱାଧୀନତା ଭିନ୍ନ ମହାପୁରୁଷତ୍ୱ ଅସମ୍ଭବ ।

ମହାପୁରୁଷ ଜୀବନର ତୃତୀୟ ଲକ୍ଷଣ ଏହି ଯେ ଇତର ସାଧାରଣ ଯେଉଁଠାରେ ଗଭୀର ଅନ୍ଧକାର ଦେଖନ୍ତି; ମହାପୁରୁଷମାନେ ସେଠାରେ ଦିବ୍ୟ ଆଲୋକ ଦର୍ଶନ କରି ପୁଲକିତ ହୁଅନ୍ତି । ଆଶା ଏବଂ ବିଶ୍ୱାସ ସେମାନଙ୍କର ଜୀବନ । ଜଣେ ବିଜ୍ଞ ବ୍ୟକ୍ତି କହିଅଛନ୍ତି "ମହାପୁରୁଷମାନେ ସାଧାରଣ ଭୂମିଠାରୁ ବହୁ ଊର୍ଦ୍ଧ୍ୱରେ ଅବସ୍ଥାନ କରନ୍ତି ଏବଂ ସେହି କାରଣରୁ ବହୁଦୂରବର୍ତ୍ତୀ ଭବିଷ୍ୟତ୍ ସେମାନଙ୍କର ପ୍ରତ୍ୟକ୍ଷୀଭୂତ ହୁଏ ।" ଏହା ଅତି ସତ୍ୟ କଥା । ପୃଥିବୀର ବିଭିନ୍ନ ଧର୍ମସମ୍ପ୍ରଦାୟ ଓ ବିଭିନ୍ନ ମାନବମଣ୍ଡଳୀର ମହାମିଳନର ଦିନ ନିକଟବର୍ତ୍ତୀ ଏବଂ ପୃଥିବୀ ବିଶ୍ୱଜନୀନ ଧର୍ମ ଗ୍ରହଣ କରିବା ପାଇଁ କ୍ରମେ କ୍ରମେ ପ୍ରସ୍ତୁତ ହେଉଅଛି, ଏକଥା କେଶବଚନ୍ଦ୍ର ପ୍ରାଣରେ ସୁସ୍ପଷ୍ଟରୂପେ ଅନୁଭବ କରିଥିଲେ ଏବଂ ସ୍ପଷ୍ଟାକ୍ଷରେ ତାହା ବ୍ୟକ୍ତ କରିଥିଲେ । ସେହି ଭାବରେ ଅନୁପ୍ରାଣିତ ହୋଇ ସେ ଧର୍ମସମନ୍ୱୟର ପ୍ରଶସ୍ତମାର୍ଗ ପ୍ରଦର୍ଶନ କରିଗଲେ । ଚିକାଗୋ-ନଗରୀର ମହାଧର୍ମ ସଭା କି ତାଙ୍କର ଭବିଷ୍ୟତ ଦୃଷ୍ଟିର ଜ୍ୱଳନ୍ତ ସାକ୍ଷୀ ନୁହେଁ ? କେଶବଚନ୍ଦ୍ରଙ୍କ ପରଲୋକ ଗମନର ଦଶବର୍ଷ ପରେ ଏହି ମହା ଅନୁଷ୍ଠାନର ସୂତ୍ରପାତ ହୋଇ ଧର୍ମଜଗତର ଇତିହାସରେ ଗୋଟିଏ ଅତି ବିଚିତ୍ର ଓ ନୂତନ ଅଧ୍ୟାୟର ସୃଷ୍ଟି ହେଲା । ସେହି ମହାପର୍ବର ବିଜ୍ଞ

Digitized by srujanika@gmail.com

ସଭାପତି Dr. Barows କଣ କହୁଅଛନ୍ତି ଶୁଣନ୍ତୁ—ସେ କହୁଅଛନ୍ତି "ଭାରତର ଧର୍ମ ପ୍ରବର୍ତ୍ତକ କେଶବଚନ୍ଦ୍ର ଯେଉଁ ଆଲୋକ ଆନୟନ କରିଅଛନ୍ତି, ମୁଁ ସେହି ଆଲୋକ ଧରି ଚାଲୁଅଛି ଏବଂ ସେହି ବିଷୟରେ ଶିକ୍ଷିତ ହେଉଅଛି ।"

ପୂର୍ବେ ଉକ୍ତ ହୋଇଅଛି ମହାପୁରୁଷମାନଙ୍କ ପ୍ରାଣରେ ପ୍ରବଳ ଅଗ୍ନି ପ୍ରଜ୍ୱଳିତ ଥାଏ ଏବଂ ସେହି ଅଗ୍ନି ସେମାନଙ୍କୁ ଜୀବନବ୍ୟାପୀ ମହାସାଧନାରେ ପ୍ରବୃତ୍ତ କରେ । ସୁଖଶଯ୍ୟାରେ ଶୟନ କରି ବା ଅବସ୍ଥାର ସ୍ରୋତରେ ଭାସମାନ ହୋଇ ଚାଲିଯିବା ସେମାନଙ୍କ ପକ୍ଷରେ ଅସମ୍ଭବ । କବିବାଣୀ ଅଛି—

ଏହାର ଅନୁରୂପ ଋଷିବାଣୀ ଅଛି ।—

"The heights by great men reached and kept
Were not attained by sudden flight
But they while their companions slept
Were toiling upward in the might"

"ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତ୍ତି ସଂଯମୀ ।"

ମହାପୁରୁଷଗଣ ଲମ୍ଫପ୍ରଦାନପୂର୍ବକ ମହତ୍ତ୍ୱର ଉଚ୍ଚଶିଖରରେ ଆରୋହଣ କରନ୍ତି ନାହିଁ । ଯେତେବେଳେ ସାଧାରଣ ମାନବଗଣ ଗଭୀର ନିଦ୍ରାରେ ଅଚେତନ ଥାଆନ୍ତି ସେତେବେଳେ ମହାପୁରୁଷମାନେ କଠୋର ସାଧନାବଳରେ ଲକ୍ଷ୍ୟପଥରେ ଅଗ୍ରସର ହେଉଥାନ୍ତି । ସିଦ୍ଧିକାମୀ ବ୍ୟକ୍ତି ପକ୍ଷରେ ଏହାହିଁ ପ୍ରଶସ୍ତ ମାର୍ଗ—ଏହାହିଁ ମହାଜନ ପ୍ରଦର୍ଶିତ ପନ୍ଥା । କେଶବଚନ୍ଦ୍ର ଚତୁର୍ଦ୍ଦଶ ବର୍ଷ ବୟସରୁ ଏହିପରି କଠୋର ସାଧନାରେ ପ୍ରବୃତ୍ତ ହୋଇଥିଲେ ଏବଂ ମହାସିଦ୍ଧି ଲାଭ କରିଥିଲେ । ତାହାର ଫଳସ୍ୱରୂପ ନବବିଧାନ ଘୋଷଣା ଓ ନବସଂହିତା ନାମକ ମହାଗ୍ରନ୍ଥ ପ୍ରଣୟନ । ନବସଂହିତାରେ ବ୍ରହ୍ମନିଷ୍ଠ ଗୃହସ୍ଥର ଯେଉଁ ମହୋଚ୍ଚ ଆଦର୍ଶ ପ୍ରଦତ୍ତ ହୋଇଅଛି ତାହା ପ୍ରତ୍ୟେକ ଧର୍ମାନୁରାଗୀ ବ୍ୟକ୍ତି ନିକଟରେ ପରମ ଆଦରଣୀୟ ହେବ ଏଥିରେ କିଛିମାତ୍ର ସଂଶୟ ନାହିଁ ।

ରାମମୋହନଙ୍କ ପଦାଙ୍କ ଅନୁସରଣ କରି କେଶବଚନ୍ଦ୍ର ଚିରଜୀବନ ଜ୍ୱଳନ୍ତ ଉତ୍ସାହ ସହକାରେ ସମାଜସଂସ୍କାର କାର୍ଯ୍ୟରେ ବ୍ରତୀ ଥିଲେ । କିନ୍ତୁ ବିଶୁଦ୍ଧ ବିଶ୍ୱଜନୀନ ଧର୍ମସଂସ୍ଥାପନ ତାଙ୍କ ଜୀବନର ମୁଖ୍ୟ କାର୍ଯ୍ୟ, ସମାଜସଂସ୍କାର ଗୌଣକାର୍ଯ୍ୟ ମାତ୍ର । ତଥାପି ସମାଜସଂସ୍କାର କାର୍ଯ୍ୟରେ ଔଦାସୀନ୍ୟ ପ୍ରକାଶ କରିବା ତାଙ୍କ ପକ୍ଷରେ ଏକାନ୍ତ ଅସମ୍ଭବ ଥିଲା । ଅରଣ୍ୟପରିବୃତ ଅକର୍ଷିତ ଭୂମିରେ କୌଣସି ବୁଦ୍ଧିମାନ୍ କୃଷକ କି ବୀଜବପନ କରିଥାଏ ? ଭାରତସମାଜ ନାନା କୁସଂସ୍କାରରେ ସମାଚ୍ଛନ୍ନ ଥିଲା—ଜନସାଧାରଣଙ୍କ ଅଜ୍ଞାନତା, ନାରୀଜାତିର ହୀନତା, ଜାତିଭେଦ, ବାଲ୍ୟବିବାହ, ସୁରାପାନ, ବ୍ୟଭିଚାର ଭାରତର ରୁଧିର ଶୋଷଣ କରୁଥିଲେ । କେଶବଚନ୍ଦ୍ର ଏହି ପ୍ରବଳ ଶତ୍ରୁମାନଙ୍କ ବିରୁଦ୍ଧରେ ସଂଗ୍ରାମ ନକରି ସୁସ୍ଥିର ରହନ୍ତେ କିପରି ? ସୁତରାଂ ଏହି ସଂଗ୍ରାମ ତାଙ୍କର ପ୍ରାଥମିକ ସାଧନାର ସର୍ବପ୍ରଧାନ ଅଙ୍ଗ ଥିଲା ଏବଂ ତାହା ଶେଷ ଜୀବନ ପର୍ଯ୍ୟନ୍ତ ବ୍ୟାପିଥିଲା । ତାଙ୍କର ଅଗ୍ନିମୟ ବାକ୍ୟ ଶ୍ରବଣ କରି ବହୁଶତ ନରନାରୀ ତାଙ୍କର ଅନୁସରଣ କଲେ ଏବଂ ଅନେକ ପ୍ରତିଭାଶାଳୀ ବ୍ୟକ୍ତି ବିଧାନର ପତାକା ହସ୍ତରେ ଧାରଣ କରି ସେହି ମହାସଂଗ୍ରାମରେ ଯୋଗଦେଲେ । ଯେଉଁମାନେ ତାଙ୍କର ପରମପବିତ୍ର ଆଧ୍ୟାତ୍ମିକ ଧର୍ମ ଗ୍ରହଣ କରିବାକୁ ଅସମର୍ଥ, ସେମାନଙ୍କ ମଧ୍ୟରୁ ସୁଦ୍ଧା ଅନେକେ ସମାଜସଂସ୍କାର ବିଷୟରେ ଅଳ୍ପାଧିକ ପରିମାଣରେ ତାଙ୍କର ପଦାନୁସରଣ କଲେ ଏବଂ ଆଜି ସୁଦ୍ଧା ଅନେକ ବ୍ୟକ୍ତି ସେହି ପଥ ଅବଲମ୍ବନ କରି ଧୀରେ ଧୀରେ ଅଗ୍ରସର ହେଉଅଛନ୍ତି । କେବଳ ସ୍ୱଦେଶରେ ଏହି ସଂଗ୍ରାମ ଘୋଷଣା କରି କେଶବଚନ୍ଦ୍ର ନିଶ୍ଚିନ୍ତ ନଥିଲେ—ସୁଦୂର ଇଂଲଣ୍ଡକୁ ଗମନକରି ଭାରତ ପ୍ରତି ପରମୋଦାର ବ୍ରିଟିଶଜାତିର ସହାନୁଭୂତିର ଉଦ୍ରେକ କରିବା ପାଇଁ ପ୍ରାଣପଣେ ଚେଷ୍ଟା କରିଥିଲେ । ରାଜନୀତି

Digitized by srujanika@gmail.com

କ୍ଷେତ୍ରରେ କେଶବଚନ୍ଦ୍ର ବିଶେଷ ଭାବରେ କିଛି କାର୍ଯ୍ୟ କରି ନାହାନ୍ତି; କିନ୍ତୁ ସ୍ଥଳବିଶେଷରେ ଯେଉଁପରି ଉନ୍ନତମତ ବ୍ୟକ୍ତ କରିଅଛନ୍ତି, ତାହା ଗଭୀର ରାଜନୀତିଜ୍ଞତାର ପରିଚାୟକ । ତାଙ୍କର କନିଷ୍ଠ ସହୋଦର ସୁପଣ୍ଡିତ କୃଷ୍ଣବିହାରୀ ତାଙ୍କର ମତ ଅନୁସରଣ କରି ଏ କ୍ଷେତ୍ରରେ ସକଳଶ୍ରେଣୀର ଲୋକଙ୍କଠାରୁ ପ୍ରଭୂତ ସୁଖ୍ୟାତି ଲାଭ କରିବାକୁ ସମର୍ଥ ହୋଇଥିଲେ । ବର୍ତ୍ତମାନ ଭାରତର ରାଜନୈତିକ ଗଗନର ଉଜ୍ଜ୍ୱଳ ନକ୍ଷତ୍ର ସୁରେନ୍ଦ୍ରନାଥ କହିଅଛନ୍ତି "ଆମ୍ଭେମାନେ କେଶବଚନ୍ଦ୍ରଙ୍କ ପଦଚିହ୍ନ ଅନୁସରଣ କରି ଅଗ୍ରସର ହେଉଅଛୁଁ । କେଶବଚନ୍ଦ୍ର ଆମ୍ଭମାନଙ୍କର ଶିକ୍ଷକ ।" ଏ ସମ୍ବନ୍ଧରେ ଅଧିକ କହିବା ନିଷ୍ପ୍ରୟୋଜନ ।

ବର୍ତ୍ତମାନ ଜିଜ୍ଞାସ୍ୟ ଏହି ଜୀବନର ବିନ୍ଦୁ ବିନ୍ଦୁ ରକ୍ତ ଦେଇ ଯେଉଁ ମହାପୁରୁଷ ଜଗତର ବିଶେଷ ଭାବରେ ପତିତ ଭାରତର ସେବା କରି ଗଲେ, କିପରି ଆମ୍ଭେମାନେ ତାଙ୍କ ପ୍ରତି ଯଥୋପଯୁକ୍ତ ସମ୍ମାନ ପ୍ରଦର୍ଶନ କରିବା ? ବର୍ଷକୁ ବର୍ଷ ସଭା ଆହ୍ୱାନ କରି ତାଙ୍କର ଗୁଣ କୀର୍ତ୍ତନ କଲେ ବା କଥିତ କୃତଜ୍ଞତା ପ୍ରକାଶ କଲେ ଯଥେଷ୍ଟ ହେବନାହିଁ । ଆମ୍ଭେମାନେ ପ୍ରାୟ ପ୍ରତିକଥାରେ କହିଥାଉଁ "ମହାଜନୋଯେନ ଗତଃ ସ ପନ୍ଥା ।" ସେହି ପନ୍ଥା ଅନୁସରଣ କରିବାର ପ୍ରକୃଷ୍ଟ ଉପାୟ କଣ ? ପ୍ରଥମେ ମହାଜନମାନଙ୍କ ସଙ୍ଗେ ପରିଚୟ ହେବା ଆବଶ୍ୟକ । ଏହି ପରିଚୟ ଅଭାବରେ ଆମ୍ଭେମାନେ ସେମାନଙ୍କ ଜୀବନର ମୂଳଭାବ ବୁଝିବାକୁ ସକ୍ଷମ ହେଉ କିପରି ? ଏହା ସତ୍ୟ କଥା ଯେ କେଶବଚନ୍ଦ୍ରଙ୍କ ସମ୍ପୂର୍ଣ୍ଣରୂପେ ଚିହ୍ନିବା ବହୁ ସମୟସାପେକ୍ଷ । ମାତ୍ର ଯେ ଯେତିକି ପରିମାଣରେ ଚିହ୍ନି ଅଛୁ ତାହାର ସେତିକି ପରିମାଣରେ ତାଙ୍କ ଅନୁସରଣ କରିବା ଶ୍ରେୟସ୍କର ନୁହେଁ ? ଅଥବା ତାଙ୍କୁ ପ୍ରକୃତ ରୂପେ ଚିହ୍ନିବା ପାଇଁ ବିଶେଷରୂପେ ଯତ୍ନବାନ ହେବା କି ଏକାନ୍ତ କର୍ତ୍ତବ୍ୟ ନୁହେଁ ? କେଶବଚନ୍ଦ୍ର ସ୍ଥିରଦୃଷ୍ଟି ଓ ଧୀର ପଦରେ ଯେଉଁ ଆଡକୁ ଅଗ୍ରସର ହେଉଥିଲେ ଆମ୍ଭେମାନେ ଯେବେ ତେଣିକି ପୃଷ୍ଠ ପ୍ରଦର୍ଶନ କରି ବିପରୀତ ପଥ ଅବଲମ୍ବନ କରୁଁ ତେବେ ତାଙ୍କ ସଙ୍ଗେ ପରିଚୟ ଲାଭ ହେବ କିପରି ? ଅବିଚାରିତ ଭାବରେ ତାଙ୍କ ମତ ଗ୍ରହଣ କରିବାକୁ ବା ଉପଦେଶ ପାଳନ କରିବାକୁ କେଶବଚନ୍ଦ୍ର କେବେ କାହାରିକୁ ଅନୁରୋଧ କରି ନାହାନ୍ତି । ସେ ନିଜେ ସ୍ୱାଧୀନ ଥିଲେ ଏବଂ ସ୍ୱାଧୀନ ଭାବରେ ଚିନ୍ତା କରିବାକୁ ସମସ୍ତଙ୍କୁ ଉପଦେଶ ଦେଉଥିଲେ । ସମ୍ପ୍ରଦାୟ ନିର୍ବିଶେଷରେ ସକଳ ସତ୍ୟର ଆଦର କରିବାକୁ ହେବ, ଗୁରୁ, ଶାସ୍ତ୍ର ଓ ମଧ୍ୟବର୍ତ୍ତୀ ପରିତ୍ୟାଗ କରି ସାକ୍ଷାତ୍ ଭାବରେ ପ୍ରାଣରେ ଈଶ୍ୱରଙ୍କ ବାଣୀ ଶୁଣିବାକୁ ହେବ, ଧର୍ମକୁ ଜୀବନର ଶ୍ରେଷ୍ଠ ଅବଲମ୍ବନ କରିବାକୁ ହେବ, ଜୀବନର ସର୍ବବିଧ ବ୍ୟାପାରକୁ ଧର୍ମାନୁଗତ କରିବାକୁ ହେବ, ଧର୍ମର ଆଦେଶରେ ସମାଜକୁ ଭାଙ୍ଗିବାକୁ ହେବ ଓ ଗଢ଼ିବାକୁ ହେବ, ଅରଣ୍ୟବାସୀ ନହୋଇ ଗୃହସଂସାରକୁ ସ୍ୱର୍ଗର ସୋପାନସ୍ୱରୂପ କରିବାକୁ ହେବ, କେଶବଚନ୍ଦ୍ର ଏହି ଉପଦେଶ ଦେଇ ଯାଇଅଛନ୍ତି ଏବଂ ନିଜ ଜୀବନରେ ଏହାର ଜୀବନ୍ତ ଆଦର୍ଶ ଦେଖାଇ ଯାଇଅଛନ୍ତି । ବର୍ତ୍ତମାନ ସେହି ମହାପୁରୁଷଙ୍କ ଜୀବନ୍ତ ଭାଷାରେ ସମସ୍ତଙ୍କ ନିଜ ନିଜ କର୍ତ୍ତବ୍ୟସାଧନ କରିବାପାଇଁ ଆହ୍ୱାନ କରି ମୋହର ବକ୍ତବ୍ୟ ଶେଷ କରିବି ।

We cannot dishonour or trifle with them (great men) : We cannot dispose of them as mere great heroic characters with empty praise and admiration. We must regard them as God's manifestations to each one of us, and so open the whole heart to them that it may be filled with all that is noble and divine, in them. We should so love and render them that under their influence and with their aid we may find Him whom they reveal

Digitized by srujanika@gmail.com

## ଅପଚୟ (୨)

"All must labour either with hand and head. Without work life is worthless, it becomes a mere state of moral coma.".

ସମସ୍ତଙ୍କର ଶାରୀରିକ ବା ମାନସିକ ପରିଶ୍ରମ ଅବଶ୍ୟ କରଣୀୟ । ପରିଶ୍ରମ ବିନା ଜୀବନ ବୃଥା —ପରିଶ୍ରମ ବିନା ଜୀବନର ଗତି ସ୍ଥଗିତ ହୁଏ ।

ଏହି ବିଶାଳ ସଂସାର କାର୍ଯ୍ୟମୟ । ସଂସାରରେ ଯାହାକିଛି ଆମ୍ଭମାନଙ୍କ ଦୃଷ୍ଟିରେ ପଡ଼ୁଅଛି ସମସ୍ତ କାର୍ଯ୍ୟମୂଳକ । ଶସ୍ୟପୂର୍ଣ୍ଣ କ୍ଷେତ୍ର, କୃଷକମାନଙ୍କର କୁଟୀରଯୁକ୍ତ ନୀରବ-ପଲ୍ଲୀ, ବହୁ ଜନାକୀର୍ଣ୍ଣ-ପ୍ରାସାଦସୁଶୋଭିତ-ବ୍ୟବସାୟ-କୋଳାହଳ ପୂର୍ଣ୍ଣ ବୃହତ୍ ନଗରୀ, ରାଜକୀୟ ନାନା ବିଭାଗୀୟ କାର୍ଯ୍ୟକଳାପର ଗମ୍ଭୀରସୀ ।ଗତି, ଗୃହସ୍ଥର ଗୃହ ବ୍ୟାପାର, ବଣିକମଣ୍ଡଳୀର ବିପୁଳ ବ୍ୟବସାୟର ଅବିରାମ ଓ ଦ୍ରୁତଗାମୀ କାର୍ଯ୍ୟ ସ୍ରୋତ, କୃଷକର ଶସ୍ୟୋତ୍ପାଦନ, ଜ୍ଞାନର ଜ୍ଞାନାନୁଶୀଳନ, ଧନର ଅଧିକ ଧନଲାଭ ଚେଷ୍ଟା ସମସ୍ତ କାର୍ଯ୍ୟମୂଳକ । ବିନା କାର୍ଯ୍ୟରେ—ବିନାଶ୍ରମରେ କିଛି ହେବ ନାହିଁ ।

ପ୍ରକୃତି ଦେବୀ ସଦା ବ୍ୟସ୍ତ—ସଦା କାର୍ଯ୍ୟମୟୀ ତାହାର ଅଭ୍ୟନ୍ତରସ୍ଥ ଜ୍ଞାନମୟୀ ଅନନ୍ତଶକ୍ତି ଚିରଦିନ ଅବିରାମ ଭାଙ୍ଗୁଅଛି—ଗଢ଼ୁଅଛି—ଅନନ୍ତ ବ୍ରହ୍ମାଣ୍ଡ ପାଳୁଅଛି । ବିଶାଳ ଜଳନିଧି ଅନବରତ ଉଜାଣି ଆସୁଅଛି—ପୁଣି ଲେଉଟି ଯାଉଅଛି—ଭାଙ୍ଗୁଅଛି—ଗଢ଼ୁଅଛି । ସ୍ରୋତସ୍ୱତୀ ଅନନ୍ତକାଳ ଅବିରାମ ଗତିରେ ସାଗରରେ ଜଳସମ୍ପତ୍ତି ଢାଳୁଅଛି—କୂଳ ଭାଙ୍ଗୁଅଛି—ଗଢ଼ୁଅଛି —ଜୀବକୁଳ ପାଳୁଅଛି । ସୂର୍ଯ୍ୟ, ବାୟୁ, ମୃତ୍ତିକା ଆମ୍ଭମାନଙ୍କୁ ଅନବରତ ପୋଷଣ କରୁଅଛନ୍ତି ଏବଂ ଜୀବନୀଶକ୍ତି ବାହାର କରି ନେଉଅଛନ୍ତି । ଏ ଅଭାବ ପୂରଣ ସକାଶେ ଆମ୍ଭେମାନେ ଆହାର କରୁଅଛୁଁ —ପାନ କରୁଅଛୁଁ ଏବଂ ବସନଦ୍ୱାରା ଗାତ୍ର ଆବରଣ କରି ଉତ୍ତାପ ରକ୍ଷା କରୁଅଛୁଁ । "our life is a conflict with nature, ଅନବରତ ପ୍ରକୃତିର ସହିତ ଆମ୍ଭମାନଙ୍କ ଜୀବନ-ସଂଗ୍ରାମ ଚାଲିଅଛି । ଏହି ସଂଗ୍ରାମ ହିଁ କାର୍ଯ୍ୟ । ସଂସାରରେ କାର୍ଯ୍ୟବ୍ୟତୀତ ଆଉ କିଛି ନାହିଁ । କାର୍ଯ୍ୟ ମନୁଷ୍ୟର ଭାଗ୍ୟ । ଧନ, ମାନ କାର୍ଯ୍ୟ-ମୂଳକ—ସୁଖ କାର୍ଯ୍ୟମୂଳକ—ଜ୍ଞାନ କାର୍ଯ୍ୟ-ମୂଳକ—ଧର୍ମ କାର୍ଯ୍ୟମୂଳକ ।

ଉତ୍କଳର ଆର୍ଯ୍ୟକୁଳ ଶିରୋମଣି ବ୍ରାହ୍ମଣମାନଙ୍କର କାର୍ଯ୍ୟହୀନତା ଦ୍ୱାରା ଭୟଙ୍କର ଅପଚୟ ଘଟିଅଛି । ଅଧ୍ୟୟନ, ଅଧ୍ୟାପନା ସେ କାଳରେ ଜାତିଗତ ଥିଲା, ଏ କାଳରେ ସର୍ବଜନଗତ ହୋଇଅଛି । ବଙ୍ଗଦେଶରେ ଚଣ୍ଡାଳ ଓ ପୋଦ (ଏକ ଶ୍ରେଣୀୟ ଚଣ୍ଡାଳ) ନିମ୍ନ, ମଧ୍ୟ ଓ ଉଚ୍ଚଶ୍ରେଣୀ ବିଦ୍ୟାଳୟମାନଙ୍କରେ ଶିକ୍ଷକପଦରେ ନିଯୁକ୍ତ । ଅନ୍ତତଃ ପାଠଶାଳାରେ ଶିକ୍ଷା କରୁନାହାନ୍ତି ଏଭଳି ଚଣ୍ଡାଳଜାତୀୟ ସନ୍ତାନର ସଂଖ୍ୟା ଅଳ୍ପ । ଏମନ୍ତ କି ବଙ୍ଗଦେଶରେ ଔପନିବେଶିକ ଉତ୍କଳଶ୍ରେଣୀ ସମ୍ଭ୍ରାନ୍ତ ବ୍ରାହ୍ମଣ ପଲ୍ଲୀର ପାଠଶାଳାରେ ଚଣ୍ଡାଳଶିକ୍ଷକ ବ୍ରାହ୍ମଣପିଲାମାନଙ୍କୁ ଶିକ୍ଷା ଦେବାର ଦେଖାଯାଏ । କାଳର କି ଅଦ୍ଭୁତ ପରିବର୍ତ୍ତନ ଘଟିଅଛି । ଖ୍ରୀଷ୍ଟୀୟ ଯୁଗ କୌଣସି ଜାତିକୁ ବ୍ୟବସାୟଗତ କରି ରଖି ଦେବ ନାହିଁ । ଏ ଯୁଗର ମାହାତ୍ମ୍ୟ ମହାନ୍ । ଏ ଯୁଗର ମହିମା ଯେଉଁମାନଙ୍କର ଜ୍ଞାନଚକ୍ଷୁରେ ଉପସ୍ଥିତ ନ ହେବ ସେମାନେ ଜ୍ଞାନହୀନ ଦୟାର ପାତ୍ର ।

Digitized by srujanika@gmail.com

ସେଦିନ ଆମ୍ଭେମାନେ କାର୍ଯ୍ୟୋପଲକ୍ଷରେ ଏ ଅଞ୍ଚଳରେ ନନ୍ଦପୁର ଓ ନନ୍ଦିଗ୍ରାମ ନାମକ ଗ୍ରାମରେ ଉପସ୍ଥିତ ହୋଇ ଦେଖିଲୁଁ ସ୍ଥାନେ ସ୍ଥାନେ ଦଳେ ଦଳେ ଅଳ୍ପାୟୁ ବ୍ରାହ୍ମଣ ବସା କରି ଅଛନ୍ତି । ଏକ ଏକ ଦଳରେ ୫୦।୬୦ ଜଣ । ଏ ପ୍ରଦେଶରେ ଏପରି ଧନବାନ୍ କୈବର୍ତ୍ତ କୃଷକ ଅଛନ୍ତି ଯେ ନିତ୍ୟ ୫୦ ଜଣ ଦକ୍ଷିଣଦେଶ ବ୍ରାହ୍ମଣଙ୍କୁ ରାତିବାସ ଓ ଭୋଜନ ଦିଅନ୍ତି । ଗ୍ରାମ ଗ୍ରାମକେ ସ୍ଥାନେ ସ୍ଥାନେ ଥୋକେ ଥୋକେ ଆମ୍ଭ ଦେଶ ବ୍ରାହ୍ମଣ ଭିକ୍ଷାକୁ ଜୀବିକା କରି ବାସ କରୁ ଅଛନ୍ତି । ଦିନବେଳେ ଜଣ ଜଣ ହୋଇ ଭିକ ମାଗି ବୁଲନ୍ତି । ରାତିରେ ଦଳଦଳ ହୋଇ ରହନ୍ତି । ଦିନବେଳେ ଆହାରର ସ୍ଥାନ ଅନିଶ୍ଚିତ । ଆହାରତ ମାଗି ଖାଇବା ? କିଏ ଇଚ୍ଛାରେ ଦିଏ, କିଏ ବିରକ୍ତ ହୋଇ ଦିଏ, କିଏ ବା ନଦିଏ । ନିତି ମାଗିଲାକୁ ଦିଏ କିଏ ? ଦିନକୁ ଦିନ ଦକ୍ଷିଣ ବ୍ରାହ୍ମଣମାନଙ୍କର ସଂଖ୍ୟା ବଢ଼ୁଅଛି ଏବଂ ଶସ୍ୟର ମୂଲ୍ୟ ବଢ଼ୁଅଛି । ସୁତରାଂ ଏମାନଙ୍କର ଦୁର୍ଗତି ବଢ଼ୁଅଛି । "ମରଣେ ଯାନି ଚିହ୍ନାନି ତାନି ଚିହ୍ନାନି ଯାଚକେ"। ମାଗିବୁଲି ପ୍ରତି ମୁଷ୍ଟି-ଭିକ୍ଷାରେ ଏମାନେ ମରଣ ଚିହ୍ନକୁ ଧାରଣ କରୁ-ଅଛନ୍ତି । କେବଳ ନିଜ ପେଟଲାଗି ଏମାନଙ୍କର ଭିକ ମାଗିବାର ନୁହେଁ—ଏହି ଭିକ୍ଷାଲବ୍ଧ ଧନରେ କୁଟୁମ୍ବପାଳନ ହୋଇଥାଏ । ସମସ୍ତ ଦିନ-ଯାକ ବୁଲି ଯେ ତଣ୍ଡୁଳ ସଂଗ୍ରହ କରନ୍ତି, ସନ୍ଧ୍ୟା ସମୟରେ ତାହା ହାଟବଜାରରେ ବିକ୍ରୟ କରି ପଇସା ଏବଂ ପଇସା ବାନ୍ଧି ଟଙ୍କା କରନ୍ତି । ମନି-ଅର୍ଡ଼ରର ଦ୍ୱାରା ଏହି ଟଙ୍କା ଗୃହକୁ ପଠାନ୍ତି । ଅଧିକାଂଶ ଭିକ୍ଷାଜୀବୀ ବ୍ରାହ୍ମଣ କଟକ ଓ ପୁରୀ ଜିଲ୍ଲା ନିବାସୀ । ନନ୍ଦପୁର ପୋଷ୍ଟ ଅଫିସରେ ଆମ୍ଭେମାନେ ବସିଅଛୁଁ ଦଳେ ଅଳ୍ପାୟୁ ବ୍ରାହ୍ମଣ ପହଞ୍ଚିଲେ । ପୋଷ୍ଟମାଷ୍ଟର କୈବର୍ତ୍ତ ଚଉକିରେ ବସିଅଛନ୍ତି, ବ୍ରାହ୍ମଣପୁଙ୍ଗବମାନେ ତାଙ୍କ ଗୋଡ଼-ତଳେ ଅନାବୃତ ଭୂମିରେ ବସିଲେ, ଗଣ୍ଡୁଷରୁ ଟଙ୍କା ଫିଟାଇ ମନିଆର୍ଡ଼ର କଲେ । ପରିଚୟରୁ ଜଣାଗଲା କିଏ କାଶ୍ୟପ ନନ୍ଦ, କିଏ ଭରଦ୍ୱାଜ କର, କିଏ ବଶିଷ୍ଠ ଶତପଥୀ--ମିଶ୍ର ଇତ୍ୟାଦି । ସମସ୍ତେ ସବଳକାୟ—ସୁସ୍ଥ ଶରୀର । ଓଡ଼ିଆ ପାଠ କିଛି ପଢ଼ିଅଛନ୍ତି ? ନାହିଁ ବାବୁ ଭିକ ମାଗି ଦିନ ଯାଉ ନାହିଁ ପାଠ ପଢ଼ିଲା କିଏ ? ଚାଷ ଜମି ଅଛି ? ଅଛି, କାହାର ମାଣେ, କାହାର ଦୁଇ ମାଣ, ଶାସନ ଭାଗ ତ, ଅଧିକ କାହୁଁ ଆସିବ ? ବ୍ରାହ୍ମଣ ଜାତି ଆଉ କିଛି କର୍ମ ତ କରିବା ନାହିଁ, ଭିକ ନ ମାଗି ଖାଇବୁ କଣ ? ଆମ୍ଭ ଦେଶର ଟଙ୍କାଟିଏ ଏ ଦେଶରେ ପଇସାଟିଏ ସମାନ । ଏମାନଙ୍କର ହୃଦୟର ସରଳତା ଓ ଅବସ୍ଥାର ହୀନତା ଦେଖି ମନ ବ୍ୟାକୁଳ ହେଲା । ଓଡ଼ିଶାର ଏ ଦୁର୍ଗତି କିପାଇଁ ? ବ୍ରାହ୍ମଣଜାତିର ଏ ଦୁର୍ଗତି କିପାଇଁ ? ଶାରୀରିକ ଓ ମାନସିକ ଅପଚୟ କି ଏହାର ମୂଳ ନୁହେଁ । ପୁଣି ଏହି ଅପଚୟର ବୀଜ ଜାତିଗତ କୁସଂସ୍କାରରୁ ଉତ୍ପତ୍ତି ନୁହେଁ କି ? ଚକ୍ଷୁ-କର୍ଣ୍ଣ-ହସ୍ତ-ପଦ ବିଶିଷ୍ଟ ସୁସ୍ଥ ଓ ସବଳ ଶରୀର ଏବଂ ଶକ୍ତି, ବୁଦ୍ଧି, ଜ୍ଞାନ ଥାଉଁ ଉତ୍କଳ ବ୍ରାହ୍ମଣମାନେ ଜାତିଗତ କୁସଂସ୍କାର ହେତୁ କୌଣସି ଶାରୀରିକ ପରିଶ୍ରମ କରିବେ ନାହିଁ—ଅବସ୍ଥାହୀନ ହେତୁ ଅଧ୍ୟୟନ ଓ ଅଧ୍ୟାପନତ ବିବର୍ଜିତ । କ୍ରମେ ଏମାନଙ୍କର ସଂଖ୍ୟା ବଢ଼ୁଅଛି—କ୍ରମେ ଏମାନେ ଦରିଦ୍ର, ହୀନବୁଦ୍ଧି ଓ ହୀନବୀର୍ଯ୍ୟ ହେଉଅଛନ୍ତି—ଏମାନଙ୍କର ଦରିଦ୍ରତା ବୃଦ୍ଧି ସହିତ ଉତ୍କଳର ଦରିଦ୍ରତା ଓ ହୀନତା ବଢ଼ୁଅଛି । ଯେଉଁ ଜାତିର ହୃଦୟର ମହତ୍ତ୍ୱ ଗଲା—ସେ ଜାତିର ଆଉ ରହିଲା କଣ ? ଯେଉଁ ଜାତି ଭିକ୍ଷାକୁ ଜାତିଗତ ବ୍ୟବସାୟ ମନେ କରନ୍ତି ସେ ଜାତିର ଆଉ ରହିଲା କଣ ?

"A noble heart" says Barraw, "will disdain to subsist, like a drone upon

Digitized by srujanika@gmail.com

other's labour: like a vermin to fetch its food out of the public granary or like a shark to prey upon the lesser fry."

ପାଶ୍ଚାତ୍ୟ ପଣ୍ଡିତବର ବେବେଲ ସାହେବ କହିଅଛନ୍ତି, ମହତ୍ ହୃଦୟର ଲୋକ ପରଶ୍ରମାର୍ଜ୍ଜିତ ପଦାର୍ଥ ଆହାର କରି ପଶୁପରି ଜୀବନ ଧାରଣ କରିବାକୁ ଘୃଣା କରେ—ଶସ୍ୟଭୋଜୀ ପତଙ୍ଗ ପ୍ରାୟ ସାଧାରଣ ଶସ୍ୟାଗାରରୁ ଶସ୍ୟ ଚୋରୀ କରି ଉଦର ପୂରଣ କରେ ନାହିଁ—ବା, ହାଙ୍ଗର କରି କ୍ଷୁଦ୍ରାକ୍ଷୁଦ୍ର ମତ୍ସ୍ୟ ଗିଳି ବଞ୍ଚେ ନାହିଁ। ରକ୍ତ ମାଂସ ବିଶିଷ୍ଟ ଶରୀର ବହି, ଶ୍ରମ କରିବାର ଶକ୍ତି ଧାରଣ କରି କର୍ମହୀନ ହୋଇ ଭିକ ମାଗି ପେଟ ପୋଷି, କୁଟମ୍ବ ପାଳି। କାରଣ ତୁମ୍ଭେ ବ୍ରାହ୍ମଣ ଜାତି—ଅନ୍ୟ ଜାତିର ଉପାର୍ଜ୍ଜନ ବରାବର ଖାଇ ଆସୁଅଛ--ଏବେ ମଧ ଖାଇବ--ତୁମ୍ଭେ ସମାଜର କିଛି ଉପକାର କର ବା ନକର ତୁମ୍ଭକୁ ଅନ୍ୟ ଜାତି ଖୁଆଇବେ— କାରଣ ତୁମ୍ଭେ ବ୍ରାହ୍ମଣ ଜାତି। ଧନ, ଧାନ୍ୟ, ଭୂମି, ଗୋଧନ, ବସନ ଯଦି ତୁମ୍ଭକୁ କେହି ଦାନ ନଦେଲେ ତେବେ ମୁଷ୍ଟି ଭିକ୍ଷାକୁ ଜୀବିକା କର। ଏ ଜୀବନନୀତି—ଏ ଅପଚୟ ନୀତି କିଏ ଏମାନଙ୍କୁ ଶିଖାଇଲା ? କାଳଧର୍ମକୁ ଅନୁସରଣ କରି ଗୌଡ଼, କନୋଜୀୟ, ସରୋରୀୟ ବ୍ରାହ୍ମଣମାନେ କୃଷକ, ବଣିକ, ଦ୍ୱାରରକ୍ଷକ, ନଗରରକ୍ଷକ, ସୈନିକ। ରାଢ଼ୀ ଓ ବାରେନ୍ଦ୍ର ଶ୍ରେଣୀ ବ୍ରାହ୍ମଣମାନେ ମସିଜୀବୀ, ବ୍ୟବସାୟୀ, ପାଚକ ଏବଂ କୃଷକ। ଉତ୍କଳ ବ୍ରାହ୍ମଣଙ୍କର ବୃତ୍ତି କଅଣ ନା ଭିକ !!

ପାପ ଆଉ କିଛି ନୁହେ—ପାପ ଶ୍ରମବିମୁଖତା—ପାପ ପରୋପଜୀବିତା—ପାପ କର୍ତ୍ତବ୍ୟହୀନତା। ଯେଉଁ ବ୍ରାହ୍ମଣମାନେ ଶକ୍ତି ସତ୍ତ୍ୱେ ଭିକ୍ଷାକୁ ଜୀବିକା କରିଅଛନ୍ତି ସେମାନେ ପାପୀ ଏବଂ ଯେଉଁମାନେ ଅନ୍ଧସଂସ୍କାରାନୁକୂଳ ହୋଇ ଶ୍ରମକ୍ଷମ ବ୍ରାହ୍ମଣଙ୍କୁ ଭିକ୍ଷା ଦେଉଅଛନ୍ତି—ଜାତୀୟ ଅଳସତା ବୃଦ୍ଧି କରୁଅଛନ୍ତି ସେମାନେ ମଧ ପାପୀ। ଅପଚୟ ଘୋର ପାପ। ମୁଷ୍ଟିଭିକ୍ଷା ଅପଚୟରୁ ଉତ୍କଳ ବ୍ରାହ୍ମଣଜାତିର ବୁଦ୍ଧି, ବଳ, ବୀର୍ଯ୍ୟ ଅପଚୟର ନିଖାତ ପ୍ରସ୍ତୁତ ହେଉଅଛି। ଏ ଅପଚୟର ନିବାରଣର ଉପାୟ ସମାଜସଂସ୍କାରକମାନଙ୍କର ଚିନ୍ତାର ବିଷୟ।

କୃଷି-ବାଣିଜ୍ୟାଦି ବ୍ରାହ୍ମଣଜାତିର ଜୀବିକା ସକାଶେ ନିନ୍ଦନୀୟ କର୍ମ ନୁହେଁ। ଏ ବିଷୟ ଜନସାଧାରଣଙ୍କୁ ହୃଦୟଙ୍ଗମ କରିବାକୁ ଆନ୍ଦୋଳନ ହେଉ। ଭିକ୍ଷାକୁ ଯେଉଁ ବ୍ରାହ୍ମଣମାନେ ଉପଜୀବିକା କରିବେ ସେମାନେ ସମାଜଦ୍ୱାରା ନିନ୍ଦିତ ଓ ପତିତ ହେବେ। ବିନା ନିମନ୍ତ୍ରଣରେ ଯେଉଁ ବ୍ରାହ୍ମଣମାନେ କୌଣସି ଗୃହସ୍ଥର କ୍ରିୟାକଳାପରେ ଭୋଜନ ଓ ଅର୍ଜ୍ଜନର ଆଶାରେ ଉପସ୍ଥିତ ହେବେ ସେମାନେ ଘୃଣିତ ଓ ବିତାଡ଼ିତ ହେବେ। ବଙ୍ଗଦେଶରେ ଅନାହୂତ କୌଣସି ବ୍ରାହ୍ମଣ କୌଣସି କ୍ରିୟାସ୍ଥଳରେ ଉପସ୍ଥିତ ହୁଅନ୍ତି ନାହିଁ।

ଏ ନୀତି ବଙ୍ଗ ବ୍ରାହ୍ମଣଜାତୀୟ ଅପଚୟ ନିବାରଣ କରିଅଛି। ଉତ୍କଳରେ ଏହା କିପାଇଁ ପ୍ରଚଳିତ ନହେବ ?

ଯେ ସ୍ୱର୍ଗ ତୁମ୍ଭେ ଖୋଜୁଅଛ, ଯେ ନରକକୁ ଭୟ କରୁଅଛ, ତାହା ତୁମ୍ଭଠାରେ—ତୁମ୍ଭ କରଣିରୁ ଜାତ।

କ୍ରମଶଃ

ଶ୍ରୀ ଭୋଳାନାଥ ସାମନ୍ତରାୟ।

Digitized by srujanika@gmail.com

# ନୀରବେ ।

୧
ନୀରବେ ଜନମ ମୋର
ଗାଇବରେ ନିତି ନିତି,
ନୀରବେ ମୋହର ପ୍ରାଣ
ପ୍ରାଣର ନୀରବଗୀତି ।

୨
ନୀରବ ଆକାଶେ ଶଶୀ
ନୀରବେ ନୀରବେ ଭାସି,
ପ୍ରଚୁରେ ମହିମା ତାର
ନୀରବେ ନୀରବେ ହସି ।

୩
ପ୍ରଭାତେ ତରୁଣ ରବି
ନୀରବେ ନଭେ ଉଠଇ,
ତାହାର କିରଣଧାରା
ନୀରବରବେ ଢାଳଇ ।

୪
ନୀରବେ ନୀରଦ ଉଠି
ନୀରବେ ଆକାଶେ ଧାଏଁ,
ସୁନୀଳଗଗନେ ତାରା
ନୀରବେ ନୀରବେ ଚାହେଁ ।

୫
ନୀରବେ ବରଷ ଆସେ
ନୀରବେ ବରଷ ଯାଏ,
ବିସ୍ତୀର୍ଣ୍ଣ ଜଳଧି ପାଶେ
ନୀରବେ ତଟିନୀ ଧାଏଁ ।

୬
ନୀରବେ କୁସୁମ ଫୁଟି
ନୀରବେ ଯାଏ ରେ ଶୁଖି,
ପ୍ରାଣର ବେଦନା ତାର
ନୀରବେ ସହୁଛି ଦୁଃଖୀ ।

୭
ନୀରବରେ ଆତ୍ମା-ପକ୍ଷୀ
ଦେହ-ନୀଡେ ବାସ କରେ,
ନୀରବେ ନୀଡଟି ରଖି
ଉଡଯାଏ ମୁହୂର୍ତ୍ତିରେ ।

୮
ନୀରବେ ନଳିନୀ ଫୁଟେ
ପ୍ରଭାତେ ରବିର ଆଶେ ।
ନୀରବେ ଆଦର କରେ
ନ ଯାଇ ତାହାର ପାଶେ ।

୯
ନୀରବେ ପରାଣେ ମୋର
ଫୁଟେ ନିତ୍ୟ କେତେ ଆଶା,
ନୀରବେ କହେ ମୁଁ କେତେ
ପ୍ରାଣର ନୀରବ ଭାଷା ।

୧୦
ନୀରବେ ସେ ସ୍ନେହ କରି
ନୀରବେ ଆସଇ ପାଶେ.
ନୀରବେ ସାଧନା ତାର
କରେ ମୁଁ ତାହାର ଆଶେ ।

୧୧
ତାର ସେ ଅମୃତବାଣୀ
ନୀରବେ ମୋହର ପ୍ରାଣେ,
କରି ପ୍ରାଣ ମଧୁମୟ
ବାଜଇ ମଧୁର ତାନେ ।

୧୨
ନୀରବେ ମୋର ଏ ପ୍ରାଣ
ସମର୍ପେ ମୁଁ ତାର କରେ,
ନୀରବେ ନୀରବେ ସଦା
ସେହୁ ମୋତେ କୋଡ଼େ ଧରେ ।

Digitized by srujanika@gmail.com

୧୩

ନୀରବେ ମରଣ ମୋତେ
କରିବରେ ଆଲିଙ୍ଗନ,
ନୀରବେ ଗମିବ ଧନେ
ଗୁରୁ ବନ୍ଧୁ ପ୍ରିୟଜନ ।

୧୪

ନୀରବେ ଯିବ ମୁଁ ଗଳି
ମିଶିବ ଅନନ୍ତ ଗର୍ଭେ,
ନୀରବ ହେବ ମୋ ରବ
କରିବେ ରବ ସରବେ ।

୧୫

ନୀରବେ ପ୍ରାଣେଶ ମୋର
ଦେଖେଁ ମୁଁ ପ୍ରାଣେ ବସନ୍ତୁ,
ନୀରବେ ପାଳନ୍ତୁ ମୋତେ
ହୋଇ ମୋ ପଞ୍ଜର ପଞ୍ଜ ।

୧୬

ନୀରବ ଅବଳା ସଧା
ସବଳ ନରର ପାଶେ,
ଯଦ୍ୱ ଡ଼ାକ ସେ ନପାରେ
ନର ଉଚ୍ଚକଣ୍ଠ ଭାସେ ।

୧୭

ନୀରବେ ତା ହୃଦୟର
ନୀରବ ପ୍ରାର୍ଥନା ରବ,
ଶୁଣ ଶୁଣ ପ୍ରାଣେଶ୍ୱର
ସେ କି ସେ ପାଦେ ନୀରବ ?

ଶ୍ରୀମତୀ ରେବାରାୟ ।

---

## ଚନ୍ଦ୍ରୋପଳା ଓ ସମାଲୋଚକ । *

ଚ—(ଉଚ୍ଚୈଃସ୍ୱରେ) ସମାଲୋଚକ ସାମନ୍ତ ଘରେ ନାହାନ୍ତି କି ?

ସ—କିଏ ସେ ?

ଚ—ଏଣେ ଆସିବେ ନାହିଁ କି ? ମୁ ତ ଚନ୍ଦ୍ରୋପଳା ?

ସ—ଚନ୍ଦ୍ରୋପଳା କିଏ ସେ ?

ଚ—ମୋର ଅନ୍ୟ ନାମ ପରା ମହାନଦୀ ।

ସ—ମହାନଦୀ ଏତେ ଉଚ୍ଚସ୍ଥାନକୁ କିପରି ଆସିଲ ?

ଚ—ପୁସ୍ତକ ରୂପରେ ।

ସ—ହଁ, ହଁ, ବସନ୍ତୁ । ତଉପାଡ଼ରେ, ମୋ ବସିବା ସ୍ଥାନରେ ଯେଉଁ ମେଜ ପଡ଼ିଛି ତା ଉପରେ ବସନ୍ତୁ । ମୁଁ ଟିକିଏ କାର୍ଯ୍ୟରେ ବ୍ୟସ୍ତ ଅଛି । ଅଧଘଣ୍ଟାଏ ମାତ୍ର ବିଳମ୍ବ ହେବ ।

ଚ—ସ୍ୱଗତ ।

"ଯେ ଯେତେ ହେଉନା ବଡ଼ ପରୀକ୍ଷା ସମସ୍ତେ
ମାଡ଼ଇ ଚଉତରେ ଖ୍ୟାତ । ପରୀକ୍ଷା ସ୍ଥାନର
ଦେଖିଲେ ନୟନେ ପୁଣି ନିଜେ ପରୀକ୍ଷକେ
କାହିଁକି ଆସିଲି ହାୟ ! ଆସିଛି ତ ଏବେ
ଚିନ୍ତିଲେ କି ହେବ ଗତ କଥାକୁ ସୁମରି
କୃତ ବା ଅକୃତକାର୍ଯ୍ୟ ହେଲେ ହେବ ଯାହା ;
ସନ୍ଦେହ, ବିଳମ୍ବ ଦହେ ହୃଦେ ଯେତେ ସ୍ୱାହା ।
ସମାଲୋଚକ ଚକ୍ଷୁରେ ସମସ୍ତେ ସମାନ,
ବଡ଼ଲୋକେ ତାର ଟିକେ ନାହିଁ ଉପରୋଧ
ରାଜବଂଶେ ହୋଇ ଜନ୍ମ ଆଜ ଅବରୋଧେ ।"

ସ—କି ଗୋ ଚନ୍ଦ୍ରୋପଳା ! କୁଆଡ଼େ ଆସିବା ହେଲେ ?

ଚ—ଆପଣଙ୍କ ଶ୍ରୀମୁଖକୁ ।

ସ—ଆପଣଙ୍କ ପରି ଲୋକ ଆମ୍ଭ ନିକଟକୁ ଆସିବା ଉଚିତ ନ ଥିଲା ।

ଚ—କାହିଁକି ?

---

ଶ୍ରୀଯୁକ୍ତ ସୁଢ଼ଳଦେବ ସି, ଆଇ, ଇ ।କା ବାମଣ୍ଡା ବିରଚିତ ।

Digitized by srujanika@gmail.com

ସ—କାଳେ ମନଦୁଃଖ କରିବ । ଆମର କାର୍ଯ୍ୟ ବଡ଼ ଅପ୍ରୀତିକର । କାହାକୁ ବଡ଼େଇ କରି କହିଲେ ଲୋକେ ଆମକୁ ନିନ୍ଦା କରନ୍ତି ଏବଂ ନିନ୍ଦା କରି କହିଲେ ଲୋକେ ତ ନିନ୍ଦା କରିବା କଥା । ସୁତରାଂ ମଧ୍ୟପଥ ଅବଲମ୍ବନ କରି ଯାହା ପ୍ରକୃତ ସତ ତାହା କହିଥାଉଁ । ମାତ୍ର ସେଥିରେ ସୁଦ୍ଧା କେହି କେହି ଆମକୁ ଅପ୍ରିୟ ସତ୍ୟ କହିଲୁଁ ବୋଲି ନିନ୍ଦା କରିଥାନ୍ତି । ପୁଣି ତୁମେ ଅବଳା ?

ଚ—ଅବଳା ହେଲେ କଣ ହେଲା ?

ସ—କଥିତ ଅଛି ପରା ।

"ନାରୀ, ନଦୀ, ନିଆଁ, ନାଗ, ନରେଶଙ୍କୁ
ନିରନ୍ତରେ ଥିବ ଡକା,
ନମେଷ ମାତ୍ରକେ ଉପ୍ରୋଧ ଗୁଡ଼ିଏ
ନଷ୍ଟପ୍ରେ କରନ୍ତି ଉକା"

ଚ—(ରାଗରେ) ଆମେ କଣ ଖରାପ ?

ସ—(ସହର୍ଷେ) ନାନା, ତେବେ—

ଚ—ମୋ ଭାଷା ଆପଣଙ୍କୁ ସୁଖ ଲାଗୁନାହିଁ, କହିଲା ମାତ୍ରକେ ଆପଣ କିପରି ବିରକ୍ତ ହେଉଛନ୍ତି ।

ସ—ବିରକ୍ତ ହେବାର ତ କଥା । ପ୍ରଶ୍ନବରୁ ଅପ୍ରୀତିକର । ସଂସ୍କୃତ ଶବ୍ଦଗୁଡ଼ିଏ ପେଟରେ ଠେସିଛ,କିନ୍ତୁ ସଂସ୍କୃତ ଓ ମାତୃଭାଷା କାହାକୁ କହନ୍ତି ତାହା କି ଜଣା ନାହିଁ ? ମୋଟରେ ଭାଷା ସୁଲଳିତ ହୋଇ ନାହିଁ ।

ଚ—ଆଚ୍ଛା ? ଦୃଷ୍ଟାନ୍ତ ଦେଇ କହନ୍ତୁ ତ ।

ସ—ଶୁଣ ।

"ଜଗତ-ଜନକ ଜଳମୟୀ-ଲୋକ
ଅନୁକମ୍ପା-ସ୍ରୋତଶ୍ରେଣୀ" ଇତ୍ୟାଦି ।

ଚ—ମୋ ଭାଷା ମଧ୍ୟରେ ସରଳ ଓ ସୁଲଳିତ କାହାକୁ କହୁଛନ୍ତି ?

ସ—"କଟକ ଛଟକ ଦେଖି ଅଟକିଲି" ଇତ୍ୟାଦି ।

ଚ—ଭାଷା ତେବେ କାହାକୁ କହନ୍ତି ।

ସ—ଯଦ୍ଦ୍ୱାରା ଲୋକମାନେ କଥାବାର୍ତ୍ତା କହନ୍ତି ତାହାକୁ ଭାଷା କହନ୍ତି ।

ଚ—ଯଦ୍ୟପି ଏହା ହେଲା ତାହା ହେଲେ ତ ସଂସ୍କୃତକୁ ସୁଲଳିତ ଭାଷା କହନ୍ତି ଏବଂ ଓଡ଼ିଆ ଭାଷାରେ ସଂସ୍କୃତ ଶବ୍ଦଗୁଡ଼ିଏ ମିଶାଇ ଦେଲେ ଓଡ଼ିଆ ଭାଷା ସୁଲଳିତ ହେବ । ତେବେ ନିନ୍ଦା କର କାହିଁକି ?

ସ—ନା, ନା, ସଂସ୍କୃତ ବର୍ତ୍ତମାନ କହିବା ଭାଷା ନୁହେଁ, ଏହା ଏକ ସମୟରେ ଥିଲା; ପୁଣି ସବୁ ସଂସ୍କୃତ ଶବ୍ଦ ଯେ ସରଳ ଓ ସୁଲଳିତ ତାହା ନୁହେ । ବର୍ତ୍ତମାନ ଲୋକମାନେ ଯେଉଁ ଓଡ଼ିଆ ଭାଷାରେ କଥାବାର୍ତ୍ତା କହନ୍ତି ସେହି ଭାଷାରେ ସୁଲଳିତ ସଂସ୍କୃତ ଶବ୍ଦ ବ୍ୟବହାର କଲେ ତାହା ମଧୁର ହୋଇ-ଥାଏ ।

ଚ—ମୋ ରୂପ କଣ ଭଲ ନୁହେ ?

ସ—ଯେପରି ହେବା ଉଚିତ ସେପରି ହୋଇ ନାହିଁ ଏବଂ ଆପଣଙ୍କ ନିଜ ରୂପ ଯେ ଦେଖିଛି ସେ ଏ ରୂପରେ କଦାପି ସନ୍ତୁଷ୍ଟ ହେବ ନାହିଁ । ଅନେକ ଭଲ ଭଲ ସ୍ଥାନର ବର୍ଣ୍ଣନା ଆପଣଙ୍କ ଠାରେ ନାହିଁ ।

ଚ—ମୋ ଅଳଙ୍କାର କିପରି ?

ସ—ଦେଖାଇ ହେଉଚି ।

ଚ—କଦାପି ନୁହେ । କେବଳ ଦେଉଁ ଅଳ-ଙ୍କାରକୁ କଣ କହନ୍ତି ଏକଥା ପିଲାମାନେ ଜାଣିବେ ବୋଲି ପ୍ରତ୍ୟେକ ଅଳଙ୍କାରର ନାମ ତଳେ ଟିପା ହୋଇଅଛି ।

ସ—ହିଁ, ହିଁ, ତେବେ ଠିକଟ ମରି ହୋଇଅଛି ।

ଚ—ମୋ ଦାକ୍ଷିଣାତ୍ୟ ନାଟ କିପରି ?

ସ—ବେଶ୍ । କିନ୍ତୁ ନାଟ ଦେଖିବାକୁ ମଜଲିସ କାହିଁ ଓ ଦର୍ଶକମାନେ କିଏ ? ତାହା କିଛି ଲେଖା ହୋଇ ନାହିଁ ।

ଚ—ସଚକିତ (ସ୍ୱଗତ, କେଉଁମାନେ ?) ଆପଣମାନେ ?

Digitized by srujanika@gmail.com

ସ—ନା, ନା ।

ଶ—ଆଉ କପରି ଭାବରେ ଲେଖା ହୋଇଥିଲେ ଭଲ ହୋଇଥାନ୍ତା ?

ସ—ଏହିପରି ଯଥା :—

ଶୌରି ନାରାୟଣ, ଚନ୍ଦ୍ର ଚନ୍ଦ୍ରାସମୀ
ସମଲଇ, ସିଂହନାଥ,
ଶ୍ରୀ ନୀଳମାଧବ, ଭଟ୍ଟାରିକା, ସ୍ୱର୍ଣ୍ଣ-
ମେରୁ ରାମ ବୈଦ୍ୟନାଥ ।
ଚର୍ଚ୍ଚିକା, ସ୍ୱପନ— ଈଶ୍ୱର, ସୁବର୍ଣ୍ଣ-
କେତକୀ ଯେ ସର୍ବେଶ୍ୱର,
ରାମଚଣ୍ଡୀ ନାରୀ— ଯୁଣୀ, ମଟେଶ୍ୱର,
ଧବଳେଶ୍ୱର ଆବର ।
ଅମର ଅମରା ମଜଲସ ପୂରି
ରହିଛନ୍ତି ଠାବେ ଠାବେ,
ଦାକ୍ଷିଣାତ୍ୟ ନାଟ ଦେଖି ଛଇଳାର
ଠାକଛନ୍ତି ହାବଭାବେ ।

ଶ—ହଁ ହଁ । ଯାହା କହିଲେ ତାହା ହୋଇଥିଲେ ଭଲ ହୋଇଥାନ୍ତା ଏବଂ ଲୋକେ କହନ୍ତେ-

ଏ ସୁଖ ସମ୍ପଦ କବିତା-ଆଗାରେ
ଯତନେ ରଖି ଉତ୍କଳେ,
ନବୀନ ଭାରତି ରଖିଲେ ନୃପତି
ସରସ୍ୱତୀ-ସେବା ଫଳେ ।

ସ—ଏବଂ ଆହୁରି ମଧ୍ୟ କହନ୍ତେ—

ବୋହି ଯାଉଥିଲ ନ ମାନି କାହାକୁ
ଶବ୍ଦୋତ୍ପଳା ଗରବିନୀ,
ନିଜ ସୌନ୍ଦର୍ଯ୍ୟକୁ ବକ୍ଷରେ ପୂରାଇ
ସୁଖଦା ସୁରଶୋଭିନୀ ।
'କଟକ ଛଟକ ଦେଖି ଅଟକିଲ'
ଯେ ମହାନଦୀ ଲୋଭରେ,
ତାର ଶୋଭାରାଶି ଝଟକ ବିକାଶି
ପ୍ରକଟିଲା ଏ ଲୋକରେ ।

ଶ—ଏବଂ ଆପଣ ଭାଷା ବିଷୟରେ ଯାହା କହିଲ ସେପରି ଲେଖା ହୋଇଥିଲେ କେହି କହନ୍ତେ ନାହିଁ ଯେ—

ବହୁଳ ସଂସ୍କୃତ— ଶବଦ-ଉପଳ
ଲୀଳା କରେ ଯିବା ବାଟେ,
ଦେଖଣାହାରଙ୍କ ପାଦେ ବାଜି, ଦୃଷ୍ଟି
ଭାଙ୍ଗେ ଯେତେବେଳେ କାଟେ ।

ସ—ହଁ, ଏବେ ବୁଝି ପାରୁଚ, ନ ବୁଝିବ ବା କାହିଁକି ? ତାହାହେଲେ କହନ୍ତୁ—

ଧନ୍ୟ ହେ ସୁଡ଼ଲ ! ସୁଡ଼ଲଟି ଏକା
ରମ୍ୟ ସେ କଞ୍ଜପୁରେ,
ହୃଦ ସରୋବରୁ ଆନନ୍ଦ-ସରୋଜ
ଭେଟୁଛୁଁ ଆଜି ଗ୍ରାମୁରେ ।

ଏବଂ ଆହୁରି ମଧ୍ୟ କହନ୍ତୁ—

ରାଜ ସିଂହାସନ ଐଶ୍ୱର୍ଯ୍ୟ-ମୁକୁଟ,
ବୀଣାପାଣି କଞ୍ଜ-ପାଦ,
ସେ କେତେ ସୁଖଦ ଜାଣିଚ ରସିକ
ରାଜନ ! ନୋହି ବିଷାଦ ।

ଶ—"ତୋ ତୀରବିହାରି— ରାଧୁ କବିବର
ଚିନ୍ତାଶୀଳ ଅବିରତେ,
'ମହାନଦୀ ନାମ ରହିଲା ଗୁପତେ'
ବୋଲି ଭାବୁଥାନ୍ତି ଚିତ୍ତେ ।"

ଏପରି ସେଠାରେ କାହିଁକି ଲେଖାଅଛି ତାହା ଆପଣ ବୁଝିଛନ୍ତି ତ ?

ସ—ନା, କଣ କହିଲ ?

ଶ—ଏକ ପଂକ୍ତି ଖେଦୁଁ ନାନା ପଂକ୍ତି ସୁଖ
ବରଣି କପରି ଆଣି,
ବାମଣ୍ଡାମଣ୍ଡନ ସାହିତ୍ୟ ରସିକେ
ତୋଷିଲେ ହୃଦୟ ଜାଣି ।

ସ—ନା, ନା, କେବେ ନୁହେଁ । ସେ ଏପରି ମନେ କରିଥିଲେ ତାହା ଭଲ । ଚିଲିକାରେ ରାଧାନାଥ ବାବୁ "ମହାନଦୀ ନାମ ରହିଲା ଗୁପତେ" ଏ କଥାକୁ ଭିନ୍ନ ଭାବରେ ବ୍ୟବହାର କରିଅଛନ୍ତି ଏବଂ ସେଥି ଯୋଗୁଁ ଦେବୀ ବୀଣାପାଣିଙ୍କୁ ସମ୍ବୋଧି କହିଛନ୍ତି କି—

Digitized by srujanika@gmail.com

"ତୋର କୃପାବଳେ କ୍ଷୁଦ୍ର ମହିମ୍ନସ୍ଥାନ
ତୋ କୃପା ବହୁନେ ବଡ଼ ହୁଏ ସାନ;
କ୍ଷୁଦ୍ର-ସିପ୍ରା-ସ୍ରୋତ ବିଖ୍ୟାତ ଜଗତେ,
ମହାନଦୀ ନାମ ରହିଲା ଗୁପତେ;
ଦେବୀ ବୀଣାପାଣି ! କେଉଁ ପାପ ଫଳେ,
କରୁଣା ତୋହର ଊଣା ଏ ଉତ୍କଳେ"।

ପୁନଶ୍ଚ
ରାଧାନାଥବାବୁ 'ତୋ ଶରବିହାରୀ' କୁହନ୍ତି।
ଚି—ଆଜ କେଉଁ ଶର।
ସ—ଚିଲିକାର ଶର— ବିହାରି ରସିକ—
କବି ରାଧାନାଥ ରାୟ
ଚ—ତେବେ 'ମହାନଦୀ ନାମ ରହିଲା ଗୁପତେ
ଖେଦ ନ ଯାଇବ ହାୟ।
ସ—ବାକି ଭାବ ଭଙ୍ଗି କଥାଟା ଛାଡ଼ିଗଲ ଯେ।
ଚ—ଆଚ୍ଛା, ମୋ ଭାବ ଭଙ୍ଗି କପର ?
ସ—ଅନେକାଂଶରେ ଭଲ।
ଚ—ତେବେ ମୁଁ ସ୍କୁଲରେ ଭଲ କି ନା ?
ସ—ସେଥିରେ କି ଭୁଲ।
ଚ—ଝଙ୍କାର ଲଳିତ ନିନାଦରେ ଏବେ
କବିତା-କୁସୁମ ବନେ,
ହେ ରାଜଭ୍ରମର ! ତୋଷି ହରଷରେ
ସାହିତ୍ୟରସିକ ଜନେ।

(ଚଷୋପୃଲାର ପ୍ରସ୍ଥାନ)

ଶ୍ରୀ ଦାମୋଦର ପଟ୍ଟନାୟକ।

---

## ଅନନ୍ତ ଅଶାନ୍ତି

"The Lord's arm is not shortened
The Lord's eyes are not closed.
The Lord is still as near as ever. He is governing the world as he has always governed it by the everlasting moral laws by which the wages of sin are death. Your inequities have withheld good things from you".

କି ନିମିତ୍ତ ରାଜା ପ୍ରଜା, ଗୁରୁଶିଷ୍ୟ, ପିତାପୁତ୍ର, ଭ୍ରାତାଭ୍ରାତା, ସମାଜ ଓ ସମାଜ ଅଭ୍ୟନ୍ତରୀଣ ବ୍ୟକ୍ତିଗତ ଜୀବନ ମଧ୍ୟରେ ଅନନ୍ତ ଅଶାନ୍ତି-ସ୍ରୋତ ଆବହମାନ କାଳ ପ୍ରବାହିତ ହୋଇ ଆସୁଅଛି ? କି ନିମିତ୍ତ ରାଷ୍ଟ୍ରବିପ୍ଳବ, ସମାଜ ବିପ୍ଳବ, ଧର୍ମବିପ୍ଳବ, ବିଚ୍ଛେଦ, ବିବାଦ ବିସମ୍ବାଦ ବହ୍ନି ଜାତ ହୋଇ ନରନାରୀମାନଙ୍କ ହୃଦୟ ସମାଜ, ଦେଶ ଓ ସମସ୍ତ ପୃଥିବୀକୁ ପୋଡ଼ି ଛାରଖାର କରୁଅଛି ? ଶତ ଶତ ଲୋକ ଧର୍ମ ଓ ମତ ଉପଦେଶ ଦ୍ୱାରା ଏହି ଅଗ୍ନିକୁ ନିର୍ବାପିତ କରିବାକୁ ଯାଇଁ କି ନିମିତ୍ତ ବିଫଳ-ମନୋରଥ ହେଉଅଛନ୍ତି। ଏହି ସବୁ ପ୍ରଶ୍ନର ଉତ୍ତର ଅତିଶୟ କଠିନ ହେଲେ ମଧ୍ୟ ମୋହର କ୍ଷୁଦ୍ରଜୀବନରେ ମୁଁ ଯେତେଦୂର ବୁଝିଅଛି ତାହା ଅଦ୍ୟ ଜନସାଧାରଣଙ୍କ ନିକଟରେ ପ୍ରକାଶ କରିବ।

ବିଶ୍ୱବ୍ରହ୍ମାଣ୍ଡର ସ୍ରଷ୍ଟା, ପିତା, ନିୟନ୍ତା, ସ୍ୱୟଂ ପ୍ରଭୁ ପରମେଶ୍ୱର ସ୍ୱାଧୀନ। ଏହି ଅତି ବିସ୍ମୟକର ବିଶ୍ୱ ଏକମାତ୍ର ତାଙ୍କର ସ୍ୱାଧୀନ ଇଚ୍ଛାରେ ସୃଷ୍ଟ ହୋଇ ସେହି ସ୍ୱାଧୀନ ଇଚ୍ଛାରେ ପରିଚାଳିତ ହେଉଅଛି। ପ୍ରତ୍ୟେକ ପ୍ରାଣୀ ମଧ୍ୟରେ ପୂର୍ଣ୍ଣ ସ୍ୱାଧୀନ ପରମେଶ୍ୱର ସେହି ସ୍ୱାଧୀନ ଇଚ୍ଛା ଓ ସ୍ୱାଧୀନ ବୃତ୍ତି ଦେଇ ତାହାକୁ ସୃଷ୍ଟି କରିଅଛନ୍ତି। ଏହି ସ୍ୱାଧୀନ ଇଚ୍ଛାରେ ଯେତେବେଳେ ଆଘାତ ପ୍ରଦତ୍ତ ହେଉଅଛି, ଅନନ୍ତ ଅଶାନ୍ତି-ଅଗ୍ନି ଜାତ ହେଉଅଛି। ସ୍ୱାଧୀନତା ଅନନ୍ତ ମଙ୍ଗଳ ଓ ଅନନ୍ତ ସୁଖର ପ୍ରସୂତି—ଅଧୀନତା ଅନନ୍ତ ଅସୁଖ ଓ ଅନନ୍ତ ନରକର ଜନୟିତ୍ରୀ। ମନୁଷ୍ୟ ସ୍ୱେଚ୍ଛାଚାରୀ ହୋଇ ମନୁଷ୍ୟର ସ୍ୱାଧୀନତାରେ ଆଘାତ କରିବା

Digitized by srujanika@gmail.com

ଦ୍ୱାରା ଅନନ୍ତ ଅଶାନ୍ତିକୁ ନିମନ୍ତ୍ରଣ କରି ଆଣେ । ଏହି ଆଘାତ କ୍ରମେ ଶତ ଭାବରେ ଶତ ଲୋକର ହୃଦୟର ସ୍ୱାଧୀନତାକୁ ସ୍ପର୍ଶ କରେ, ଶତ ଲୋକଠାରୁ ସହସ୍ରଲୋକ ନିକଟକୁ ଗମନ କରେ, ଅବଶେଷରେ ଦେଶବ୍ୟାପୀ ହୋଇ ପୃଥିବୀକୁ ଅନନ୍ତ ଅଶାନ୍ତି ସାଗରରେ ଭାସମାନ କରାଏ ।

ଆମ୍ଭେମାନେ ସ୍ୱାଧୀନ କି ପରାଧୀନ ସେ ସ୍ୱତନ୍ତ୍ର କଥା—ଆମ୍ଭେମାନେ ସ୍ୱାଧୀନଭାବରେ କାର୍ଯ୍ୟ କରୁଅଛୁଁ ଏପରି ଗୋଟିଏ ସ୍ୱାଭାବିକ ବିଶ୍ୱାସ ଆମ୍ଭମାନଙ୍କର ଅଛି । ଆମ୍ଭମାନଙ୍କର କୌଣସି କାର୍ଯ୍ୟରେ କେହି ବାଧା ନ ଦେଉ, ନିଜ କାର୍ଯ୍ୟକ୍ଷେତ୍ରରେ ନିଜେ କାର୍ଯ୍ୟ କରୁଁ ଏହିପରି ଇଚ୍ଛା ଆମ୍ଭମାନଙ୍କର ପ୍ରତ୍ୟେକର ଅଛି । ଏହି ଇଚ୍ଛା ସେହି ଇଚ୍ଛାମୟ ସ୍ୱାଧୀନ ଇଚ୍ଛାଠାରୁ ଜନ୍ମ-ଗ୍ରହଣ କରି ଜୀବ-ଜୀବନରେ ଜାଗ୍ରତ ଅଛି । ଏହି ଇଚ୍ଛା ସମସ୍ତଙ୍କର ବଡ଼ ଆଦରଣୀୟ ପଦାର୍ଥ—ସଂସାରରେ ଏପରି କୌଣସି ପଦାର୍ଥ ନାହିଁ ଯାହା ଏହି ସ୍ୱାଧୀନ ଇଚ୍ଛା ଅପେକ୍ଷା ଅଧିକ-ତର ଆଦରଣୀୟ । ଆମ୍ଭେମାନେ ସ୍ୱାଧୀନଭାବରେ କାର୍ଯ୍ୟ କରୁଅଛୁଁ ଏହି ବିଶ୍ୱାସ ଯେତେକାଳ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ଥାଏ ତେତେକାଳ ପର୍ଯ୍ୟନ୍ତ ଆମ୍ଭେମାନେ ସୁଖ ଓ ଶାନ୍ତିରେ ଥାଉଁ । କିନ୍ତୁ ଯେ ମୁହୂର୍ତ୍ତରେ ଏହି ବିଶ୍ୱାସ ଭଗ୍ନ ହୋଇଯାଏ, ଆମ୍ଭେମାନେ ବୁଝିପାରୁଁ ଆମ୍ଭେମାନେ ଅନ୍ୟର ଇଚ୍ଛାରେ ଗତି କରୁଅଛୁଁ---ତତ୍‌କ୍ଷଣାତ୍ ଆମ୍ଭ-ମାନଙ୍କ ଗତି ପ୍ରତିହତ ହୁଏ, ତତ୍‌କ୍ଷଣାତ୍ ଆମ୍ଭ-ମାନଙ୍କର ସର୍ବପ୍ରକାର ସୁଖଶାନ୍ତି ତିରୋହିତ ହୋଇଯାଏ । ରାଜ୍ୟ-ସୁଖ ଭୋଗ କରୁଥିଲେ ମଧ୍ୟ ତାହା ଅସାରର ଅସାର ବୋଲି ପ୍ରତୀୟମାନ ହୁଏ । ମାନବହୃଦୟର ଏହି ପରମପ୍ରିୟ ବସ୍ତୁ —ସୁଖର ଏହି ଅଦ୍ୱିତୀୟ ଅବଲମ୍ବନ—ଅନନ୍ତ ଶାନ୍ତିର ଆଧାର—ସ୍ୱାଧୀନତା । ସଦ୍ୟ ଜାତ ଶିଶୁଠାରୁ ଜରାଜୀର୍ଣ୍ଣ ସ୍ଥବିର ପର୍ଯ୍ୟନ୍ତ ସମସ୍ତଙ୍କ ହୃଦୟରେ ଏହା ଆଧିପତ୍ୟ କରୁଅଛି । ଏହାର ଶାସନରେ ଜଗତ ଶାସିତ । କେବଳ ଯେ ମାନବହୃଦୟରେ ଏହାର ଶକ୍ତି କାର୍ଯ୍ୟ କରୁଅଛି ଏପରି ନୁହେଁ, ସମସ୍ତ ଜୀବଜନ୍ତୁ ମଧ୍ୟରେ ଏହା ପ୍ରବଳ ଦେଖାଯାଏ । ଦୁଗ୍ଧପୋଷ୍ୟ ଶିଶୁ ଶଯ୍ୟାରେ କ୍ରୀଡ଼ା କରୁଥାଏ, ଟିକିଏ ତାହାର ହସ୍ତ ଧରିଲେ ସେ କ୍ରନ୍ଦନ ରୋଳରେ କର୍ଣ୍ଣ ବଧିର କରିଦିଏ । କ୍ଷୁଦ୍ର ପକ୍ଷୀ ବନରେ ଫଳ ଭକ୍ଷଣ କରି ଉଡ଼ି ବୁଲୁଥାଏ, ତାକୁ ସ୍ୱର୍ଣ୍ଣ ପିଞ୍ଜରାରେ ଆବଦ୍ଧ କରି ଦୁଗ୍ଧ ଆହାର କରିବାକୁ ଦେଲେ ସୁଦ୍ଧା ତାହାର ତୃପ୍ତି ହୁଏ ନାହିଁ—ଅନବରତ ପିଞ୍ଜରାରୁ ପଳାୟନ କରିବାକୁ କେତେ ଚେଷ୍ଟା କରୁଥାଏ । ସ୍ୱାଧୀନତା କି ଅମୂଲ୍ୟ ରତ୍ନ । ସ୍ୱାଧୀନତା ପ୍ରକୃତିର ନିୟମ—ଏହି ନିୟମ ଭଗ୍ନ ହେଲେ ଅଶାନ୍ତି ଓ ଅସୁଖ ଅନିବାର୍ଯ୍ୟ ।

ସ୍ୱାଧୀନତା ସଙ୍ଗେ ସଙ୍ଗେ ଆଉ ଗୋଟିଏ କଥା ବ୍ୟବହୃତ ହୋଇଥାଏ । ତାହା ସ୍ୱେଚ୍ଛାଚାର । ସ୍ୱାଧୀନତା ପ୍ରଶଂସନୀୟ ସ୍ୱେଚ୍ଛାଚାର ନିନ୍ଦନୀୟ । ସ୍ୱାଧୀନତାର ସ୍ୱେଚ୍ଛାଚାର ଗୋଟିଏ ପ୍ରତିଶବ୍ଦ ମାତ୍ର । କିନ୍ତୁ ଏହା ବ୍ୟବହାର ଦୋଷରୁ ମନ୍ଦ ଅର୍ଥରେ ବ୍ୟବହୃତ ହୋଇ ଆସୁଅଛି । ସ୍ୱାଧୀନତା ଅବସ୍ଥା ଭେଦରେ ସ୍ୱେଚ୍ଛାଚାରରେ ପରିଣତ ହୋଇଅଛି । କି ଅବସ୍ଥାରେ ସ୍ୱାଧୀନତା ସ୍ୱେଚ୍ଛାଚାର ରୂପରେ ପରିଣତ ହୋଇଅଛି ତାହା ସ୍ଥିର କରିବା କର୍ତ୍ତବ୍ୟ ।

ମଧୁ ଯାହାକୁ ସତ୍ୟ ବୋଲି କହନ୍ତି ଗୋପାଳ ତାହାକୁ ମିଥ୍ୟା ପ୍ରମାଣିତ କରନ୍ତି—ସୁତରାଂ ଗୋପାଳ ମଧୁଙ୍କ ସଙ୍ଗେ ଏକମତ ହୋଇ ପାରିଲେ ନାହିଁ । ମଧୁ ଯେତେବେଳେ ଜାଣିଲେ ଗୋପାଳ ସ୍ୱତନ୍ତ୍ର ମତାବଲମ୍ବୀ, ସେ ଗୋପାଳକୁ ସ୍ୱେଚ୍ଛାଚାରୀ ନ କହି ରହି ପାରିଲେ ନାହିଁ । ମଧୁ ଯେଉଁଠାକୁ ଗଲେ ଗୋପାଳର ନିନ୍ଦାକରି କହିଲେ, ଗୋପାଳ ଅବାଧ୍ୟ, ସ୍ୱେଚ୍ଛାଚାରୀ । ଯଦି କେହି ଗୁରୁଜନ ଅଥବା ସମାଜର ଅଧିକାଂଶ ଲୋକଙ୍କମତର ବିରୁଦ୍ଧରେ ନିଜର ସ୍ୱାଧୀନ ମତ ପୋଷଣ କରି ତଦନୁଯାୟୀ

Digitized by srujanika@gmail.com

କୌଣସି କାର୍ଯ୍ୟର ଅନୁଷ୍ଠାନ କରେ, ସେ ସ୍ୱେଚ୍ଛାଚାରୀ, ଉଦ୍ଧତ, ଦୁରାଚାର ଓ ପାଷାଣ୍ଡ । ସେ ନିଜର କର୍ତ୍ତବ୍ୟ ବୁଦ୍ଧି ପରିଚାଳିତ ହୋଇ କୌଣସି ସତ୍-କାର୍ଯ୍ୟ କଲେ ମଧ୍ୟ ସେ ସ୍ୱେଚ୍ଛାଚାରୀ ପଦରୁ ମୁକ୍ତି ଲାଭ କରି ପାରିବ ନାହିଁ । ମନେକର ଜଣେ ଯୁବକ ଶିକ୍ଷାର ବିମଳ ଜ୍ୟୋତି ପ୍ରାପ୍ତ ହୋଇ ଦେଶର ଚିର ସମ୍ମାନିତ କୁସଂସ୍କାରର ବିରୋଧୀ ହୋଇ ଯେବେ ସତ୍ୟ ପ୍ରତିଷ୍ଠାରେ ପ୍ରୟାସୀ ହୁଏ, ତାହାହେଲେ ମହା ବିପଦ ଉପସ୍ଥିତ । ସତ୍ୟ ପରିତ୍ୟାଗ କରି ସେ କିପରି ମିଥ୍ୟା କୁସଂସ୍କାରକୁ ପୁନର୍ବାର ସମ୍ମାନ କରିପାରେ ? ନା, ସେ ଯାହା ହେଉ ତାହାର ବିବେକ ଓ ନିଜର ଇଚ୍ଛା ବିରୁଦ୍ଧରେ ତାକୁ ଅବଶ୍ୟ କରିବାକୁ ହେବ । ପିତା, ମାତା, ବନ୍ଧୁ ବାନ୍ଧବ, ସମାଜ ତାହାର ମତ ବିରୁଦ୍ଧରେ ତାକୁ ଅନେକ ବୁଝାଇଲେ, କିନ୍ତୁ କିଛି ପରିବର୍ତ୍ତନ ଦେଖିଲେ ନାହିଁ, ଅବଶେଷରେ କହିଲେ "ତୋହର ଯାହା ଇଚ୍ଛା ତାହା କର, କିନ୍ତୁ ସବୁ ଗୋପନରେ କର ।" ଅଥବା କହିଲେ "ତୁ ଯେବେ ଏହିପରି ତୋହ ନିଜ ଇଚ୍ଛାରେ ଚାଲିବୁ ତେବେ ମୋ ଗୃହରୁ ବାହାରି ଯା, ମୁଁ ତୋହର କୌଣସି ଭାର ନେବି ନାହିଁ ।" ପୁତ୍ର ପିତାର ମତରେ ନ ଚାଲି ସ୍ୱେଚ୍ଛାଚାରୀ ହେଲା । ପିତା ଅର୍ଥ ଅଭାବରେ ହେଉ ଅଥବା ଜାତି ମର୍ଯ୍ୟାଦା ରକ୍ଷା ଉଦ୍ଦେଶ୍ୟରେ ହେଉ ପୁତ୍ର ନିମିତ୍ତ ଗୋଟିଏ ଅଯୋଗ୍ୟପାତ୍ରୀ ସ୍ଥିର କଲେ । ପୁତ୍ର ନିଜର ମଙ୍ଗଳାମଙ୍ଗଳ ଚିନ୍ତା କରି ପିତାର ପ୍ରସ୍ତାବରେ ଅସମ୍ମତ ହେଲେ । ପିତା ପୁତ୍ରକୁ ଏହି ବିବାହରେ ପ୍ରବର୍ତ୍ତାଇବାକୁ ଚେଷ୍ଟା କଲେ; ମାତ୍ର ପୁତ୍ର କୌଣସି ପ୍ରକାରେ ସମ୍ମତ ନ ହେବାରୁ, ପିତା ପୁତ୍ରକୁ ଅବାଧ୍ୟ ଓ ସ୍ୱେଚ୍ଛାଚାରୀ କହି ନିରସ୍ତ ହେଲେ । ଯେବେ କନ୍ୟା ଏହିପରି ବିବାହରେ ପିତାର କଥାରେ ଅସମ୍ମତ ହୋଇଥାନ୍ତା ତେବେ ତାହାର ପାପର ପ୍ରାୟଶ୍ଚିତ୍ତ ହୁଅନ୍ତା ନାହିଁ ! ଗୁରୁ ବୟୋଧିକ ଗଣ୍ୟମାନ୍ୟ ବ୍ୟକ୍ତି, ଶିଷ୍ୟ ଯୁବା ପୁରୁଷ, ଶିଷ୍ୟ ଗୁରୁଠାରୁ ବୟସରେ କନିଷ୍ଠ ହେଲେ ମଧ୍ୟ ଗୁରୁଙ୍କ ଅପେକ୍ଷା ଅଧିକତର ଜ୍ଞାନୀ ଓ ସୁପଣ୍ଡିତ । ନିଜର ମତ ଭ୍ରମାତ୍ମକ ହେଲେ ମଧ୍ୟ ଗୁରୁ ଆପଣା ମତକୁ ଅଖଣ୍ଡସତ୍ୟ ମନେ କରନ୍ତି, ମାତ୍ର ଶିଷ୍ୟ ତାହା ଅଖଣ୍ଡସତ୍ୟ ବୋଲି ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି । ଶିଷ୍ୟ ଗୁରୁଙ୍କ ମତରେ ଏକମତ ନ ହେବାରୁ ଗୁରୁ କ୍ରୋଧରେ ଜର୍ଜ୍ଜରି ହୋଇ ଶିଷ୍ୟକୁ କହିଲେ "ତୁମ୍ଭେ ଅତ୍ୟନ୍ତ ସ୍ୱେଚ୍ଛାଚାରୀ, ବର୍ତ୍ତମାନ ସମୟରେ ଗୁରୁଭକ୍ତି ଏ ପୃଥିବୀରେ ବିରଳ— ତୁମ୍ଭେମାନେ ପାଶ୍ଚାତ୍ୟ ଶିକ୍ଷା ପ୍ରାପ୍ତ ହୋଇ ଗୁରୁକୁ ଭକ୍ତି କରିବା ଦୂରରେ ଥାଉ, ତାହା ମସ୍ତକରେ ପଦାଘାତ କରିବାକୁ ଟିକିଏ ମାତ୍ର ସଙ୍କୁଚିତ ହେବ ନାହିଁ" । ଏହିପରି ସ୍ୱେଚ୍ଛାଚାରର ଉଦାହରଣ ଶତ ଶତ ଦିଆଯାଇପାରେ । ବର୍ତ୍ତମାନ ପାଠକେ ବିଚାର କରି ଦେଖନ୍ତୁ—ପିତା କି ପୁତ୍ର, ଗୁରୁ କି ଶିଷ୍ୟ, ଅଭିଯୋକ୍ତା କି ଅଭିଯୁକ୍ତ, ସ୍ୱେଚ୍ଛାଚାରୀ ପଦବାଚ୍ୟ ? ଏହି ସ୍ୱେଚ୍ଛାଚାର ଅନନ୍ତ ଅସୁଖ ଓ ଅନନ୍ତ ଅଶାନ୍ତିର କାରଣ । ଏହି ସ୍ୱେଚ୍ଛାଚାର ନାନା ସ୍ଥଳରେ ନାନା ରୂପ ଧାରଣ କରି ବିଚ୍ଛେଦ, ବିବାଦ ବିସମ୍ବାଦ ଜନିତ ଅନନ୍ତ ଅମଙ୍ଗଳର ସୂତ୍ରପାତ କରୁଅଛି । କି କି ଅବସ୍ଥାରେ ସ୍ୱାଧୀନତା ସ୍ୱେଚ୍ଛାଚାର ରୂପରେ ପରିଣତ ହୋଇଅଛି ତାହା ଦେଖାଇଲି—ସମାଜରେ ଏହାର କି ଫଳାଫଳ ହୁଏ ତତ୍ ସମ୍ବନ୍ଧରେ କିଛି କହିବି ।

ମାନବ ସମାଜରେ ମାନବର ଇଚ୍ଛା ଅପ୍ରତିହତ ନୁହେଁ, ଜଣକର ଇଚ୍ଛା ଅନ୍ୟର ଇଚ୍ଛାଦ୍ୱାରା ନିୟମିତ ହେଉଅଛି—ସୁତରାଂ ଜଣକର ସ୍ୱାଧୀନତା ଅନ୍ୟର ସ୍ୱାଧୀନତା (ସ୍ୱେଚ୍ଛାଚାର) ଦ୍ୱାରା ଶାସିତ ହେଉଅଛି । ଯେତେବେଳେ ମନୁଷ୍ୟ ଅନ୍ୟ ମନୁଷ୍ୟର ସ୍ୱାଧୀନ ଇଚ୍ଛାପ୍ରତି ସମ୍ମାନ ନ କରି ନିଜର ସ୍ୱାଧୀନ ମତର

Digitized by srujanika@gmail.com

ଟେକ ରଖିଅଛୁ, ସେତେବେଳେ ଅସୁଖ ଓ ଅଶାନ୍ତିର ଧ୍ୱନି ଉତ୍ଥିତ ହୋଇ ସମାଜକୁ ଆନ୍ଦୋଳିତ କରୁଅଛି । ପ୍ରତ୍ୟେକ ବିଷୟରେ ଗୋଟିଏ ଗୋଟିଏ ସୀମା ଅଛି, ଏହି ସୀମାଲଙ୍ଘନ କରିବା ଦ୍ୱାରା ମନୁଷ୍ୟ ବିପଦକୁ ବରଣ କରି ଆଣୁଅଛି । ଅନ୍ୟର ସ୍ୱାଧୀନତା ଅକ୍ଷୁଣ୍ଣ ରଖି ନିଜର ଅଭୀଷ୍ଟ ସାଧନ କରିବାହିଁ ସ୍ୱାଧୀନତା । ଯେତେବେଳେ ମୁଁ ଅପର ସ୍ୱାଧୀନତା ପ୍ରତି ଆଘାତ କରୁଅଛି, ସେତେବେଳେ ମୁଁ ସ୍ୱେଚ୍ଛାଚାରୀ ହେଉଅଛି, ଏହି ସ୍ୱେଚ୍ଛାଚାର ଦ୍ୱାରା ନିଜର ଓ ଅପରର ଅମଙ୍ଗଳକୁ ଆହ୍ୱାନ କରୁଅଛି । ଏ ପର୍ଯ୍ୟନ୍ତ ଏପରି ସ୍ୱାଧୀନତା କୌଣସି ସମାଜରେ ପ୍ରତିଷ୍ଠା ଲାଭ କରି ନାହିଁ । ସର୍ବତ୍ର ଦୁର୍ବଳ ପ୍ରତି ବଳବାନର ଅତ୍ୟାଚାର ଦେଖାଯାଏ । ଯେଉଁ ବ୍ରିଟିଶସିଂହ ସଭ୍ୟତାର ଶିଖରଦେଶ ଆରୋହଣ କରିଅଛି ବୋଲି ସିଂହରବରେ ଘୋଷଣା କରୁଅଛି ଯାହାର ଶିରାପ୍ରଶିରାରେ ସ୍ୱାଧୀନତା ରକ୍ତ ପ୍ରବାହିତ ହେଉଅଛି, ତାହା ମଧ୍ୟରେ ସୁଦ୍ଧା ଏ ପର୍ଯ୍ୟନ୍ତ ଈଦୃଶ ସ୍ୱାଧୀନତା ପୂର୍ଣ୍ଣମାତ୍ରାରେ ପ୍ରତିଷ୍ଠା ଲାଭ କରି ପାରି ନାହିଁ । ମୁଷ୍ଟିମେୟ ବୈଦେଶିକ ଅସଂଖ୍ୟ ଭାରତବାସୀର ରୁଧିର ଶୋଷଣ କରୁଅଛନ୍ତି—ମୁଷ୍ଟିମେୟ ଜମିଦାର ଅସଂଖ୍ୟ ପ୍ରଜାବର୍ଗଙ୍କର ଅସ୍ଥି ମଜ୍ଜା ଚର୍ବଣ କରୁଅଛନ୍ତି । ମୁଷ୍ଟିମେୟ ବ୍ରାହ୍ମଣ ବହୁସଂଖ୍ୟକ ଅପରାପର ଜାତିଉପରେ ଆଧିପତ୍ୟ କରୁଅଛନ୍ତି । ଅତ୍ୟାଚାରିତ ବ୍ୟକ୍ତି କ୍ରୀତଦାସ ତୁଲ୍ୟ ଅତ୍ୟାଚାରୀର ପଦଲେହନ କରୁଅଛି । ପରିବାରସ୍ଥ ପ୍ରତ୍ୟେକଲୋକର ଇଚ୍ଛା ଗୃହକର୍ତ୍ତାର ଇଚ୍ଛାର ଅଧୀନରେ ଅବନତ ହେଉଅଛି । ଆମ୍ଭମାନଙ୍କ ସମାଜ ପ୍ରତି ଦୃଷ୍ଟି ପ୍ରସାରିତ କଲେ ଏହାର ଉଦାହରଣ ଭୂରି ଭୂରି ମିଳିବ । ଅମ୍ଭମାନଙ୍କ ସମାଜର ସ୍ତ୍ରୀଲୋକମାନଙ୍କ ଅବସ୍ଥା ଯେ କି ପର୍ଯ୍ୟନ୍ତ ଶୋଚନୀୟ ତାହା ବର୍ଣ୍ଣନାତୀତ । ଯେ ଯାହା କହୁ ସତ୍ୟ କହିବାକୁ ଗଲେ ସ୍ତ୍ରୀଜାତି ପୁରୁଷର ଦାସୀ—ଭୋଗବିଳାସର ଉପକରଣ ଭିନ୍ନ ଆଉ କିଛି ନୁହେ । ତାହାର କୌଣସି ବିଷୟରେ ଅଧିକାର ଅଛି କି ? ଯାହା ସ୍ୱାମୀର ଇଚ୍ଛା, ତାହା ତାହାର ଇଚ୍ଛା—ତଦ୍‌ବ୍ୟତୀତ ଇଚ୍ଛାର ବିସ୍ତାର ନାହିଁ । ସ୍ୱାମୀ ନିଜର ଇଚ୍ଛାନୁରୂପ କାର୍ଯ୍ୟ ସ୍ତ୍ରୀଦ୍ୱାରା କରାଇ ପାରନ୍ତି ମାତ୍ର ସ୍ତ୍ରୀ ସେପରି କରି ପାରେ କି ? ସ୍ୱାମୀ ଯେବେ ନିଷ୍ଠୁର ହୁଏ ସ୍ତ୍ରୀର ଦୁର୍ଦ୍ଦଶାର ସୀମା ରହେ ନାହିଁ । ସ୍ତ୍ରୀ ଅମ୍ଳାନ ବଦନରେ କେତେ କଷ୍ଟ ସହ୍ୟ କରି ସନ୍ତାନକୁ ଗର୍ଭଧାରଣ ଠାରୁ ବଡ଼ କରିବା ପର୍ଯ୍ୟନ୍ତ ନିଜର ରକ୍ତ ଦେଇ ପୋଷଣ କଲା, ସେ ସନ୍ତାନ ଉପରେ ତାହାର ଅଧିକାର ନାହିଁ । ସ୍ୱାମୀ ସ୍ତ୍ରୀ ମଧ୍ୟରେ ବିବାଦ ଉପସ୍ଥିତ ହେଲେ ସ୍ତ୍ରୀ ସନ୍ତାନଟି ଘେନି ସ୍ୱାମୀଠାରୁ କୌଣସି ସ୍ଥାନରେ ପୃଥକ୍ ରହି ପାରେ ନାହିଁ—ସ୍ୱାମୀ ଇଚ୍ଛା କଲେ ମନୁଷ୍ୟ ଚୋରି ଅଭିଯୋଗରେ ସ୍ତ୍ରୀକୁ କାରାଗାରରେ ନିକ୍ଷେପ କରି ପାରିବେ । ପୁତ୍ର ପିତାର ଧର୍ମରେ ବିଶ୍ୱାସୀ ନ ହୋଇ ପାରିଲେ ପିତାର ସ୍ନେହ, ପିତାର ସମ୍ପତ୍ତିରୁ ବଞ୍ଚିତ ହେବ । ପିତାର ସମ୍ପତ୍ତିରେ ପୁତ୍ରର ପୂର୍ଣ୍ଣ ଅଧିକାର, ମାତ୍ର କନ୍ୟାର ନାହିଁ । ପୁରୁଷ ବ୍ୟଭିଚାରୀ ହେଲେ କୌଣସି ଦଣ୍ଡ ନାହିଁ, ସ୍ତ୍ରୀ ପରପୁରୁଷ ପ୍ରତି ଭଲ ଭାବରେ ଦୃଷ୍ଟି ନିକ୍ଷେପ କଲେ ମଧ୍ୟ ସେ କୁଳଟା—ସେ ପ୍ରାଣଦଣ୍ଡର ଯୋଗ୍ୟ ! ସ୍ତ୍ରୀ ବନ୍ଧ୍ୟା ହେଲେ ପୁରୁଷ ପର୍ଯ୍ୟାୟକ୍ରମେ ୫ ଗୋଟି ସ୍ତ୍ରୀର ପାଣି ଗ୍ରହଣ କରି ପାରିବେ, ମାତ୍ର ସ୍ତ୍ରୀ ବିଧବା ହେଲେ ତାହାର ପୁନର୍ବାର ବିବାହ କରିବାର ବ୍ୟବସ୍ଥା ନାହିଁ । ପୁତ୍ରକନ୍ୟା ନିଜନିଜ ବିବାହରେ କୌଣସି ସ୍ୱାଧୀନ ଇଚ୍ଛା ପ୍ରକାଶ କରି ପାରିବେ ନାହିଁ । ଏହିସବୁ ଉଦାହରଣରୁ କଣ ପ୍ରତୀୟମାନ ହୁଏ ? କେବଳ ସ୍ୱେଚ୍ଛାଚାରରୁ ଏସବୁ ଘଟୁ ନାହିଁକି ? ଯେବେ କେହି ଏ ରୂପ ସେ ଅତ୍ୟାଚାର ବିରୁଦ୍ଧରେ ହସ୍ତୋତ୍ତୋଳନ କରିବ, ସେ ସ୍ୱେଚ୍ଛାଚାରୀ, ନୋହିଲେ ବିଧର୍ମୀ ଅଥବା ପାଷାଣ୍ଡ-

Digitized by srujanika@gmail.com

ପଦବାଚ୍ୟ ହେବ । ଯେବେ କୃତ୍ସ୍ନ ସ୍ୱାଧୀନତା ପ୍ରଦତ୍ତ ନ ହୁଏ, ତେବେ ଅନନ୍ତ ଅସୁଖ ଓ ଅଶାନ୍ତି ସମାଜରେ ଅନନ୍ତକାଳ ବିରାଜିଥିବ । ପ୍ରତିମୁହୂର୍ତ୍ତରେ ପ୍ରତ୍ୟେକ ପ୍ରାଣରେ ସ୍ୱାଧୀନତା ପ୍ରତି ଯେତେବେଳେ ଆଘାତ ପ୍ରଦତ୍ତ ହେଉଅଛି— ସାମ୍ୟ ମୈତ୍ରୀ ଓ ସ୍ୱାଧୀନତାର ନିଶାଣ ପ୍ରୋଥିତ ହେଉଅଛି—ପ୍ରତି ମୁହୂର୍ତ୍ତରେ ଫରାସୀ ରାଷ୍ଟ୍ରବିପ୍ଳବ ସଂଘଟିତ ହେଉଅଛି । ଏହା କଳ୍ପନା ନୁହେ— ପ୍ରତ୍ୟେକ ମାନବଜୀବନ ଏହାର ସାକ୍ଷ୍ୟ ପ୍ରଦାନ କରୁଥିବ । କେବଳ ଶକ୍ତି ଓ କ୍ଷମତା ଅଭିବକ୍ତ ନିଶାଣ ବହିର୍ଜଗତରେ ଦୃଷ୍ଟ ହେଉନାହିଁ । ମୁଁ ଯଦିଚ ନୀରବ, ମୋହ ମଧ୍ୟରେ ଏଟନା ଆଗ୍ନେୟ-ଗିରି ମୋହର ସ୍ୱାଧୀନତାର ଅବମାନନା ସର୍ବଦା ଅଗ୍ନି ଉଦ୍‌ଗାର କରୁଅଛି । ଅସୁଖ ଅଶାନ୍ତି— । ସିନ୍ଧୁ ଉଦ୍‌ବେଳିତ ହେଉଅଛି । ପାଠକେ ଟିକିଏ ଚିନ୍ତାକରି ଦେଖିଲେ ବୁଝିପାରିବେ ପ୍ରତ୍ୟେକଙ୍କ ହୃଦୟରେ ଏହିପରି ଲକ୍ଷ ଲକ୍ଷ ଏଟନା ଅଗ୍ନି ଉଦ୍‌ଗାର କରୁଅଛି, ଅନନ୍ତ ଅଶାନ୍ତିର ଅଗ୍ନି ପ୍ରଜ୍ୱଳିତ ହେଉଅଛି ।

ଆମ୍ଭମାନଙ୍କ ସମାଜରେ ଏକଦଳ ଲୋକ ଅଛନ୍ତି-ଏମାନେ ରକ୍ଷଣଶୀଳ ନାମରେ ପରିଚିତ, ଏମାନଙ୍କ ମଧ୍ୟରୁ ଅଧିକାଂଶ ନିଃସ୍ୱାର୍ଥଭାବରେ ଦେଶର କଲ୍ୟାଣ ନିମିତ୍ତ ଚିନ୍ତିତ, କିନ୍ତୁ ଏମାନଙ୍କ ଦ୍ୱାରା ଦେଶର ଅଶେଷ ଅକଲ୍ୟାଣ ସଂସାଧିତ ହେଉଅଛି । ଏମାନେ ସାମ୍ୟନୀତିର ପୂର୍ଣ୍ଣ-ବିରୋଧୀ—ତୁଲ୍ୟ ଅଧିକାର, ତୁଲ୍ୟ ସ୍ୱାଧୀନତା ଦେବା ପକ୍ଷରେ ଏମାନେ ଅତ୍ୟନ୍ତ କୁଣ୍ଠିତ । ସାମ୍ୟନୀତି ବିଧିବଦ୍ଧ ହେଲେ ସମାଜ ଉଚ୍ଛୃଙ୍ଖଳ ହୋଇ ଅଧୋଗତି ଲଭିବ ଏହା ସେମାନଙ୍କର ବିଶ୍ୱାସ । ଅତ୍ୟାଚାରର ଦ୍ୱାରା କ୍ଷମତା ଓ ସ୍ୱାଧୀନତା ଲାଭ କରାଯାଏ, ବଳପୂର୍ବକ ମାନବହୃଦୟର କୋମଳ ଭାବସବୁ ବିକଶିତ କରାଯାଇ ପାରେ, ଏମାନେ ଏହି ସ୍ୱେଚ୍ଛାଚାର ମତଅନୁସାରେ ସର୍ବପ୍ରକାର କାର୍ଯ୍ୟର ଅନୁଷ୍ଠାନ କରନ୍ତି । ଯେଉଁମାନେ ଏହିପରି ମତ ପୋଷଣ କରନ୍ତି ଏବଂ ମତ ଅନୁସାରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ, ସେମାନେ ସାମ୍ୟନୀତିର ବିରୋଧୀ ହୋଇ ସ୍ୱେଚ୍ଛାଚାରୀ ହେବେ ଏଥିରେ ଆଉ ସନ୍ଦେହ କି ? ସେମାନଙ୍କ ମତ ଯେବେ ଏପରି ନ ହୁଏ ତେବେ ସେମାନେ ଅପରର ଇଚ୍ଛା ଉପରେ ନିଜ ଇଚ୍ଛାର କର୍ତ୍ତୃତ୍ୱ ଜାରି କରନ୍ତି କାହିଁକି ? ଇଚ୍ଛା ବିରୁଦ୍ଧରେ ପୁତ୍ର କନ୍ୟାଙ୍କୁ ବଳପୂର୍ବକ ବିବାହ ଦେବାକୁ ବଦ୍ଧପରିକର ହୁଅନ୍ତି କାହିଁକି ? ଅନ୍ୟର ଧର୍ମ-ମତ ବିରୁଦ୍ଧରେ ଖଡ୍‌ଗହସ୍ତ ହୁଅନ୍ତି କାହିଁକି ? କେହି ଗୁରୁଜନଙ୍କ ଅନ୍ୟାୟ ଆଦେଶ ପାଳନ ନ କଲେ ସେମାନେ ତାହାର ନିନ୍ଦା ଘୋଷଣା କରନ୍ତି କାହିଁକି ? ନିଜେ ନିଜେ ସ୍ୱେଚ୍ଛାଚାରୀ ହୋଇ ଅନ୍ୟକୁ ସ୍ୱେଚ୍ଛାଚାରୀ ପଦବାଚ୍ୟ କରନ୍ତି କାହିଁକି ? ପ୍ରକୃତ କହିବାକୁ ଗଲେ ଏହି ରକ୍ଷଣଶୀଳ ସ୍ୱେଚ୍ଛାଚାରୀମାନେ ସର୍ବପ୍ରକାର ଅନନ୍ତ ଅସୁଖର କାରଣ ଅଟନ୍ତି । ଏମାନେ ଯାହାକୁ ସ୍ୱେଚ୍ଛାଚାରୀ କହନ୍ତି ପ୍ରକୃତ ପ୍ରସ୍ତାବେ ସେମାନେ ସ୍ୱାଧୀନ, ଏହିମାନେହିଁ ସ୍ୱେଚ୍ଛାଚାରୀ ।

ପ୍ରକୃତିପୁସ୍ତକ ବେଦ, ବାଇବେଲ, କୋରାଣ ପୁରାଣଠାରୁ ଶ୍ରେଷ୍ଠ ଧର୍ମପୁସ୍ତକ—ଏହି ପୁସ୍ତକ ସ୍ୱୟଂ ବିଧାତାକର୍ତ୍ତୃକ ବିରଚିତ ଓ ପ୍ରକାଶିତ । ଏ ପୁସ୍ତକ ପାଠକଲେ ଅହଂକାରୀ ବିନୀତ, ମୂର୍ଖ ଜ୍ଞାନୀ, ଅବିଶ୍ୱାସୀ ବିଶ୍ୱାସୀ, ସ୍ୱେଚ୍ଛାଚାରୀ ସ୍ୱାଧୀନ ହୁଏ । ଏହି ଶାସ୍ତ୍ର ଅଧ୍ୟୟନ କଲେ କି ଶିକ୍ଷା ଲାଭ କରାଯାଏ ? ପ୍ରକୃତି ନିଜର ଅଧିକାର ଅକ୍ଷୁର୍ଣ୍ଣ ରଖିବାକୁ ସର୍ବଦା ଚେଷ୍ଟାକରି କୃତକାର୍ଯ୍ୟ ହେଉଅଛି । ସ୍ୱାଧୀନତା ପ୍ରକୃତିର ଧର୍ମ । ହେ ମାନବ ! ତୁମ୍ଭେ କ୍ଷୁଦ୍ରାଦପି କ୍ଷୁଦ୍ର ହୋଇ ନିଜର କ୍ଷୁଦ୍ର ଶକ୍ତିରେ ପ୍ରକୃତିର ଅପ୍ରତିହତ ଗତି ରୋଧ କରିବାକୁ ଗଲେ ପ୍ରକୃତି ତୁମ୍ଭକୁ ବ୍ୟଙ୍ଗ କରି ଫୁତ୍କାରରେ ଧୂଳିକଣା ତୁଲ୍ୟ ଦୂରକୁ ଫିଙ୍ଗି-

Digitized by srujanika@gmail.com

ଦେବ । ତୁମ୍ଭର କ୍ଷୁଦ୍ର ଶକ୍ତି ପ୍ରକୃତିର ଶକ୍ତି ଦ୍ୱାରା ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯିବ—ପ୍ରକୃତି ନିଶ୍ଚୟ ନିଜର ଅଧିକାର ପ୍ରତିଷ୍ଠିତ କରିବ । ପ୍ରକୃତିବିରୁଦ୍ଧରେ ଦଣ୍ଡାୟମାନ ହେଲେ ତାହାର ଗୋଟିଏ ମାତ୍ର, ଗୋଟିଏ ବିଧିଲଙ୍ଘନ କଲେ ତାହାର ପ୍ରତିଫଳ ହାତକୁ ହାତ ପାଇବ । ପ୍ରକୃତି ନିକଟରେ ପାପିର ପାପର କ୍ଷମା ଓ ପ୍ରାୟଶ୍ଚିତ ନାହିଁ—ସ୍ୱେଚ୍ଛାଚାରର ପୁରସ୍କାର ନାହିଁ । ପ୍ରକୃତି ନିକଟରେ ଦୋଷୀ ହେଲେ ଦୋଷର ସମୁଚିତ ଦଣ୍ଡପ୍ରାପ୍ତି ଅନିବାର୍ଯ୍ୟ । ପ୍ରକୃତି ମଧ୍ୟରେ କେବଳ ଯେ ଜଗତର ଅଲଙ୍ଘ୍ୟ ନିୟମର କଠିନ ଶାସନ ବିରାଜମାନ ତାହା ନୁହେଁ—ପ୍ରକୃତି ମଧ୍ୟରେ ଚରମୋତ୍କର୍ଷ ମଧ୍ୟ ବିଦ୍ୟମାନ । ତୁମ୍ଭେ କ୍ରୋଧର ଅଧୀନ ହୋଇ ଧୈର୍ଯ୍ୟର ସୀମା ଅତିକ୍ରମ କଲେ ପ୍ରକୃତି ସହସ୍ର-ମୁଖରେ ତୁମ୍ଭଙ୍କୁ ତିରସ୍କାର କରି ରୋଷ-କଷାୟିତ ଲୋଚନରେ ତୁମ୍ଭଆଡ଼କୁ ଦୃଷ୍ଟି ନିକ୍ଷେପକରି ତୁମ୍ଭର ଶାନ୍ତି ଅପହରଣ କରିବ—ଶେଷରେ ଦେଖିବ କିପରି ତୁମ୍ଭେ ଅପଦସ୍ଥ ହୋଇଅଛ । ତୁମ୍ଭେ ଧୂଳିଠାରୁ ହୀନ ହୋଇ ଅନ୍ୟର ପ୍ରାପ୍ୟ ଅଧିକାର ହରଣ କରିବାକୁ ନିଜର କ୍ଷୁଦ୍ର ଶକ୍ତିରେ ଚେଷ୍ଟା କରିବାକୁ ଯାଇଁ ନିଜେ ଅଧିକାର ଶୂନ୍ୟ ହୋଇଅଛ—ତୁମ୍ଭେ ଯେଉଁ କ୍ଷୁଦ୍ର ଶକ୍ତି ବଳରେ ଆପଣାକୁ ଉଚ୍ଚ ଆସନକୁ ଉଠାଇ ବଡ଼ ହୋଇ ଆନନ୍ଦରେ ବକ୍ଷ ସ୍ଫୀତ କରୁଥିଲ ସେ ଶକ୍ତି ଦୁର୍ବଳତାରେ ପରିଣତ ହୋଇଅଛି—ସହସ୍ର ସହସ୍ର ଲୋକ ତୁମ୍ଭର କ୍ଷୁଦ୍ର କ୍ଷମତା ଦେଖି ତୁମ୍ଭର ଅଧୀନ ହୋଇ ତୁମ୍ଭର ଜୟଘୋଷଣା କରୁଥିଲେ—ତୁମ୍ଭର ପଦଲେହନ କରୁଥିଲେ, ଦେଖିବ ତାହାର ସମ୍ପୂର୍ଣ୍ଣ ବିପରୀତ ହୋଇଅଛି—ତୁମ୍ଭେ ତୁମ୍ଭର କ୍ଷୁଦ୍ର ଶକ୍ତି ପୁନଃପ୍ରାପ୍ତି ଆଶାରେ ସେମାନଙ୍କ ପାଦ ଲେହନ କରୁଅଛ । ଏହା କି ସାମାନ୍ୟ ଅପଦସ୍ଥତାର ବିଷୟ ! ସାମାନ୍ୟ ଗୋଟିଏ ଶିଶୁର ସ୍ୱାଧୀନତାରେ ହସ୍ତକ୍ଷେପ କରି ଦେଖିବ ସେ ତୁମ୍ଭପ୍ରତି ହାସ୍ୟ ମୁଖରେ ନ ଚାହିଁ ତୁମ୍ଭପ୍ରତି ଘୃଣା ପ୍ରଦର୍ଶନ କରି ତୁମ୍ଭର ଅପରାଧର ଯଥେଷ୍ଟ ଶାସ୍ତି ବିଧାନ କରିବ । ପ୍ରତ୍ୟେକ ପ୍ରାଣୀର ପ୍ରାଣରେ ଏହି ସ୍ୱାଧୀନଭାବ ଜାଗ୍ରତ ଅଛି—ଜୀବ ପ୍ରତି ସ୍ୱାଧୀନତା ପ୍ରକୃତିର ଏବଂ ବିଧାତାଙ୍କ ସ୍ନେହୋପହାର, ଏହା ତୁମ୍ଭେ ହରଣ କଲେ ପରଦ୍ରବ୍ୟ ଅପହରଣ ଦଣ୍ଡରେ ଦଣ୍ଡିତ ହେବ—ତୁମ୍ଭେ ଯେଉଁ ଗର୍ତ୍ତ ଖନନ କରିବ ସେହି ଗର୍ତ୍ତରେ ତୁମ୍ଭେ ପଡ଼ିବ—ପ୍ରକୃତି ଏହି ସତ୍ୟ ପ୍ରତିନିୟତ ଘୋଷଣା କରୁଅଛି—କର୍ଣ୍ଣ ଅଛି ତ ଶ୍ରବଣ କରି ସ୍ୱେଚ୍ଛାଚାରରୁ ବିରତ ହୁଅ ।

କ୍ରମଶଃ

ଶ୍ରୀ ସାଧୁଚରଣ ରାୟ ।

---

## ଦରବାର

(ପୂର୍ବାନୁବୃତ୍ତି)

ଆହେ ମାନଶୌଣ୍ଡ ଭୂପାଳ-ମଣ୍ଡଳ,
ଦେଇଛ କି କୁଳଧର୍ମେ ଜଳାଞ୍ଜଳି ? (୧)
ବୃଥା କମ୍ପୀ ହେଉଅଛ ହୀନମାନ ?
ସିଂହାସନ କରି ସ୍ୱର୍ଗର ସୋପାନ,
ଜନ୍ମ-ଫଳେ ଲଭିଅଛ ଅପ୍ରମିତ-
ଶକ୍ତି ସାଧିବାକୁ ସଂସାରର ହିତ,
ଜନ୍ମଫଳେ ଲଭି ସମ୍ପଦ ଅମାପ
ଭୋଗି ନାହିଁ କେବେ ଅଭାବର ତାପ,
ଜମା ଅନୁରୂପେ ବ୍ୟୟ ଲାଗି ଦାୟୀ
ହେବ, ଏହାବିନେ ମନେ କଲ ନାହିଁ,

---

(୧) ଉକ୍ତଳୀୟ ରାଜବୃନ୍ଦରେ ପ୍ରକୃତ ମନସ୍ୱୀ ଏବଂ ମହାନୁଭବ ରାଜାମାନଙ୍କ ପ୍ରତି ଏହି ଉକ୍ତି ଅବଶ୍ୟ ପ୍ରଯୋଜ୍ୟ ନୁହେଁ । ଦୁର୍ଭାଗ୍ୟ ଏପରି ରାଜାଙ୍କର ସଂଖ୍ୟା ନିତାନ୍ତ ଅଳ୍ପ ।

Digitized by srujanika@gmail.com

ଏ ଯୋଗ ଜଗତେ ପାନ୍ଥ କେତେ ଜଣ ?
ଏହାପାଇଁ ତୁମ୍ଭେ ହେଲ ଅଭାଜନ !
ବୁଡ଼ିଣ ରହିଲ ଆମୋଦେ ଅବାଲ୍ଲି ;
ବିଦ୍ୟାକୁ ମଣିଲ ଶିବନିରମାଲ୍ଲି !
ରକ୍ଷଣ, ପାଳନ, ଭୋଗ ଏ ଧରାର,
ତିନି କାର୍ଯ୍ୟ କଲ ତୃଷ୍ଣାପୂର୍ଣ୍ଣ ସାର,
ପରସେବା ଲାଗି ତୁମ୍ଭର ଜନମ,
ଆତ୍ମସେବା କଲ କୌଳିକ ଧରମ !
କାଷ୍ଠ-କଣ୍ଠୀରବ ମାତ୍ର ଜଣେ ଜଣେ,
ପ୍ରଧାନ ମନୁଷ୍ୟ ଅମନୁଷ୍ୟ ପଣେ !
ଐଶ୍ୱର୍ଯ୍ୟ ତିମିରେ ଦୃଷ୍ଟି ପ୍ରତିହତ,
ଧନଦର୍ପଶୋଥେ ରୁଦ୍ଧ କର୍ଣ୍ଣପଥ,
ଆଭସନ୍ତ ତୁମ୍ଭ ନେତ୍ରେ ବାଗୀଶ୍ୱରୀ
ହରା ହରାଙ୍କର ନୟନେ ଯେପରି ;
ପଣ୍ଡିତଙ୍କୁ ଗଣ କେବଳ କଣ୍ଟକ,
ଆସ୍ଥାନ-ନଳିନୀ ଧୂର୍ତ୍ତ ବକ ଠକ ।
ପ୍ରତିଧ୍ୱନି ପରି ସଦା ସ୍ତବକାରୀ,
ତୁମ୍ଭ ପ୍ରିୟପାତ୍ର ଗଉଡ଼ ଭଣ୍ଡାରୀ । (୧)
ପ୍ରଭୁ ବୋଲାଇଣ ତୁମ୍ଭେ ଅନୁକ୍ଷଣ
ହେଲ ଦେହଲଗା ଭୃତ୍ୟର ବାହନ !
ବାଇ ଶୁଣିବାକୁ ଖଳର ଜଳ୍ପନା,
ଭଲ କଥା ଲାଗେ କାନକୁ ଅଲଣା !
ସତ୍ୟ ହୃଦେ ବାଜେ ଯେସନେ ଶତ ସୂଚୀ ।
ସ୍ୱାର୍ଥାନ୍ୱେଷି ମିଥ୍ୟାବାଦେ ସଦା ରୁଚି !
ସତ୍ତ୍ୱଲେଶେ ସ୍ଥାନ ନ ଲଭେ ମାନସେ,
ସଦା ଅଭିରୁଚି ରାଜସେ, ତାମସେ ;
ସଙ୍ଗୀତ, ମୃଗୟା. ପକ୍ଷୀ, ନିଶା, ପଶା—
ଖେଳ କଲ ତୁମ୍ଭେ ଜୀବନ ବ୍ୟବସା,
କିଏ ତୁମ୍ଭେ, ମର୍ତ୍ତ୍ୟେ ଆସିଲ କାହିଁକି,
କାହିଁ ଯିବ ଥରେ ଭାଳିବ ନାହିଁ କି ?
ମୁକୁଟ ଯୋଡ଼ାଇ ରଖିଲ ପଳିତ,
ରୋଧିଲ ସ୍ୱଲୋକ ଦୃଷ୍ଟି ଛଳ ସିତ,

ନିଜକୁ ନିଜର ବଡ଼ମାର ଗଜେ
ମାପି, ବଡ଼ ତୁମ୍ଭେ ହେଉଛ ସହଜେ,
ଆସନର ବଡ଼ପଣ ନିଜଠାରେ,
ଆରୋପି, ମାତିଛ ସିନା ଅହଙ୍କାରେ !
ପ୍ରାଂଶୁ ନରସ୍କନ୍ଧେ ବସି ଶିଶୁଜନେ
ନିଜକୁ ମଣନ୍ତି ସର୍ବୋଚ୍ଚ ଯେସନେ ;
ନିଜସ୍ୱ ତୁମ୍ଭର କି ଅଛି ତହିଁରେ
ଯା ହେନି ବୋଲାଅ ବଡ଼ ଏ ମହୀରେ ?
କାଠିଲଗି, ମାଡ଼, ମଣୋହି, ପହଡ଼,
ହେନି କି ହେ ତୁମ୍ଭେ ନର ମଧ୍ୟେ ବଡ଼ ?
ଚଡ଼ ପରି, ଯେଣୁ ସଦା ପରବଶ,
ଜଡ଼ପରି ପରହାତେ ଉଠ ବସ ।
କ୍ରୀଡ଼ାମୃଗ ତୁମ୍ଭେ ହେଲ ନିରନ୍ତର,
ବିଧିରକ୍ଷା-ପ୍ରିୟ ବୈଧେୟ ବୃନ୍ଦର । (୨)
ମାଡ଼ ମାରୁଁ ସାରୁଁ ଦିନ ଅଣ୍ଟୁ ନାହିଁ,
ଧର୍ମ ଅର୍ଜିବାକୁ ଅବସର କାହିଁ ?
ଗ୍ରାମ୍ୟାମୋଦ-ପଙ୍କେ ଶୂକର ପରାୟେ,
ଘାଣ୍ଟି ହେଉଥିବ କେତେ ଦିନଯାଏ ?
ଆତ୍ମୋନ୍ନତି-କଳ୍ପେ ଏ ସୁବିଧା ନେଇ,
ହୋଇଥିବ କି ହେ ପଶୁ-ଧର୍ମୀ ଦେହୀ ?
ମନେ ନାହିଁ କାହୁଁ ପଡ଼ିଅଛ ଖସି,
କାହିଁ ହେଲ ଆସି ଆସନ-ଲାଳସୀ,
ପରିଚ୍ଛଦ ରୂପେ ସେନା ନେଇ ସଙ୍ଗେ
ଅଙ୍ଗ ଢାଙ୍କୁଥିଲେ ଯେ ରଣ-ତରଙ୍ଗେ,
ତାଙ୍କର ଦାୟାଦ ହୋଇ କି, ହେ ବୀରେ,
ଝୁଲୁଥିବ କାନ୍ତା-ପଣନ୍ତ କାନିରେ ?
ପାନ୍ଥର ଉଡ଼ାଲେ ରହୁଥିବ ଡରି,
ବିଦେଶୀ-ସମ୍ମୁଖେ କାନ୍ଦିଶିକ ପରି । (୩)
ମନେ ନାହିଁ ତୁମ୍ଭେ କାହାର ସନ୍ତାନ,
କେଶରୀ-ଔରସେ ତୁମ୍ଭେ ସିନା ଶ୍ୱାନ !
ପୂର୍ବପୁରୁଷର ପ୍ରତିଷ୍ଠା ବିଶାଳ
ବିକିଭାଙ୍ଗି ଖାଉଥିବ କେତେକାଳ ?

(୧) ଗଉଡ଼ ଭଣ୍ଡାରୀ—ବୋଲିବାର ବାହୁଲ୍ୟ ଯେ କୌଣସି ଜାତି ପ୍ରତି, ଏଠାରେ ଆକ୍ଷେପ ହୋଇ ନାହିଁ, କେବଳ ଦେହଲଗା ଭୃତ୍ୟମାନେ ଏ ଉକ୍ତିର ଲକ୍ଷ୍ୟସ୍ଥଳ । (୨) ବୈଧେୟ ମୂର୍ଖ । (୩) କାନ୍ଦିଶିକ—ମୁଁ କେଉଁ ଦିଗରୁ ପଳାଇବି ସର୍ବଦା ଯେ ଏହି ଚିନ୍ତା କରେ । ଭୀରୁ ।

Digitized by srujanika@gmail.com

ନମ ଦୁଭିକ୍ଷା ନିଜେ ଛିଲେ ନ ବଢ଼ାଇ,
ଜନ୍ମୁଥିବ ଆଉ କେତେ ତା ବଢ଼ାଇ ?
ଥିଲ ଅବେ ଯେହୁ ଉତ୍କଳର ସ୍ୱାମୀ.
ବହ୍ନି ଶିଖା ପରି ସଦା ଊର୍ଦ୍ଧ୍ୱଗାମୀ,
ତୁମ୍ଭେ ନିହାଇ ସେହି ବଂଶର ସନ୍ତତି,
ଜଳଧାରା ପରି ହେଲ ଅଧୋଗତି !
ତୁମ୍ଭ ପିତୃଗଣ ପରମ ଉଦାର,
ରାଜ୍ୟ ମଣୁଥିଲେ ଏକ ପରିବାର ।
କାହିଁ ଗଲା ସେହି ପ୍ରାଚୀନ ସୁଧାର !
ରାଜା ପ୍ରଜା ଏବେ ହେଲେ ବାଜ ପାର !
କାଢ଼ିନେଲା ରାଜଭୋଗ ଅଭିଳାଷ
ପ୍ରଜାମୁଖୁଁ ତାଙ୍କ ଶ୍ରମାର୍ଜିତ ଗ୍ରାସ !
ଦେଶୀ ହୋଇ ତୁମ୍ଭେ ଆଚରିଲ ନିତି
ନିର୍ମ୍ମମ ବିଦେଶୀ-ସର୍ବ-ଶୋଷି-ନୀତି !
ବାନ୍ଧିଲ ନ ବାନ୍ଧ ପ୍ରଜାଙ୍କର ଚିତ୍ତ,
ବିଦେଶି-ସଙ୍ଗୀନେ କଲ ତାଙ୍କୁ ଭୀତ ।
ଗନ୍ତାଘର ହେଲା ତୁମ୍ଭର ସର୍ବସ୍ୱ.
ସର୍ବସ୍ୱ ପ୍ରାସାଦ, ରଥ, ହସ୍ତୀ, ଅଶ୍ୱ,
ରାଜଧର୍ମ ହେଲା ପ୍ରଜାଧନ ବୁହା,
ମନ୍ତ୍ରୀ ହେଲେ ଖଳ, ଖଣ୍ଡ, କାନକୁହା,
ତଣ୍ଡି ଦୁଃଖୀ, ରଙ୍କ, ଅରକ୍ଷିତ, ରାଣ୍ଡି,
ବିଦେଶିଙ୍କି ଖୁଆଇଲ କୁଳକୁଠାଣ୍ଡି
ନ ପାଇଲେ ଦୁଃଖୀ ପ୍ରଜା ଖୁଦକୁଣ୍ଡା,
ନେଲେ ଘିଅ ଅଟା ସଙ୍ଗେ ଗୁଡ଼ମୁଣ୍ଡା
କାଣ୍ଡଜ୍ଞାନହୀନ କାଣ୍ଡ-ପୃଷ୍ଠ ହୁଣ୍ଡା, (୧)
ଅଭିଷ୍ଟ ଦେବତା କଲ ଲୋଭ-ପ୍ରେତ,
ନ ଚେତିଲ ଖାଇ ବିପଦର ବେତ,
ସଦା ହୋଇ ପାପ-ଦ୍ରବିଣ-ପ୍ରତ୍ୟାଶୀ,
ପ୍ରଜାମଧ୍ୟେ ପାପ ବୃଦ୍ଧିକି ମନାସି
ରହିଥାଅ ଟାକ, କରି ଜରିମାନା,
ଧନେ ପୂରାଇବା ଲାଗି ମାଲଖାନା,

ଧନର ଲାଳସା ଜାଗ୍ରତେ ସ୍ୱପନେ,
ଧନ ବିନୁ ନାହିଁ ଆନ ଚିନ୍ତା ମନେ,
ଧନର ସାଫଲ୍ୟ ସୁବ୍ୟୟେ କେବଳ,
ଯକ୍ଷ ପ୍ରାଣେ ତାକୁ ଜଗି କେଉଁ ଫଳ ?
ମଞ୍ଚେ କେତେ ଆସି କେତେ ଗଲେ ଚାଲି,
କିଏ ନେଇଗଲେ କି ଧନ ମୁଣ୍ଡାଇ ?
ପଡ଼ିତ ରହିଲେ ପଛେ ହାତୀ ଘୋଡ଼ା,
ପଡ଼ିତ ରହିଲା ସୁନା, ରୂପା ତୋଡ଼ା,
ପଡ଼ିତ ରହିଲା ରତନ ଭଣ୍ଡାର
କୁବେର ଭଣ୍ଡାର ସମ ଗନ୍ତାଘର,
"ଜିଣିବାକୁ ଆଉ ନାହିଁ ଧରାଖଣ୍ଡ"
ବୋଲି କଲେ ଯେହୁ ଅଶ୍ରୁସିକ୍ତ ଗଣ୍ଡ, (୨)
ମଲାବେଳେ ବିଶ୍ୱ-ବିଜୟୀ ସ୍କନ୍ଦର (୩)
କି କହିଥିଲେ ତା ଚିତ୍ତେ ଥରେ ଧର,
ବୋଇଲେ "ଏ ପ୍ରାଣ ଗଲେ ପିଣ୍ଡ ଛାଡ଼ି
ନେବ ଯେବେ ମୋତେ କୋକେଇରେ କାଢ଼ି,
ଦେଇଥିବ, ଦେହିଁ ମୋ ଶବ ଶୁଆଇ,
ବେନି ପାଶେ ବେନି କରକୁ ଝୁଲାଇ,
ଯା ଦେଖି ଜାଣିବେ ଜଗତେ ସମସ୍ତେ
ଆସିଥିଲି ଫେରି ଗଲି ଶୂନ୍ୟ ହସ୍ତେ ।"
ଏହି ମହାବାକ୍ୟ ମନେ ମନେ ହେଜ,
ସବୁଗୁଣ ଭଜ ଲୋଭ ମଦ ତେଜ ।
ଅକାରଣେ କପାଁ ତଣ୍ଡି ଅରକ୍ଷିତ
ଅଳ୍ପଦିନ ପାଇଁ ସଞ୍ଚୁଅଛ ବିତ୍ତ,
ବୋଲାଅ ଜଗତେ ସିନା ଲକ୍ଷ୍ୟପୋଷୀ,
ଫଳେ ତୁମ୍ଭେ ଜଣେ ଜଣେ ଲକ୍ଷ-ଶୋଷୀ,
ଗଣିକା, ଓକିଲ, ଗୁମୁଆ ପୋଷଣ
ଲାଗି କର କପାଁ ପ୍ରଜାଙ୍କୁ ଶୋଷଣ ?
ପ୍ରଜାରକ୍ତ, ସ୍ୱେଦ, ଲୋତକେ ଅର୍ଜିତ
ଅଭିଶପ୍ତ ରାଶିରାଶି ପାପବିତ୍ତ
ପ୍ରାମୁଷ୍ଠିତେ ବ୍ୟୟ ନ କଲ [illegible]

---

(୧) କାଣ୍ଡପୃଷ୍ଠ—ଶସ୍ତ୍ରବ୍ୟବସାୟୀ । କୌଣସି୨ ସ୍ଥଳରେ ଏହାର ଅଭିନବ ଏକାଧିକାର୍ଥର ହୋଇଅଛି । (୨) ଗ୍ରୀକ ଆଲେକଜାଣ୍ଡର ଦିଗ୍‌ବିଜୟରେ ପଞ୍ଜାବପର୍ଯ୍ୟନ୍ତ ଆସି ଦକ୍ଷିଣାଭିମୁଖେ କ୍ରମଶଃ ଅଗ୍ରସର ହୋଇ ଯେତେବେଳେ ରତ୍ନାକର ତୀରରେ ଉପସ୍ଥିତ ହେଲେ "ଜୟ କରିବାକୁ ଆଉ ଦେଶ ନାହିଁ" ଏହି କଥା କହି ଅଶ୍ରୁ ବିସର୍ଜ୍ଜନ କଲେ । (୩) ସ୍କନ୍ଦର—ଆଲେକଜଣ୍ଡର ।

Digitized by srujanika@gmail.com

ପାପ ଅର୍ଜୁ ଅଛ ପାପାର୍ଜିତଧନେ !
ଅର୍ଜୁ ଅଛ ସିନା କେବଳ ଦୁଷ୍କୃତ,
ଦୁଷ୍ଟି ମୂଖେ ଢ଼ାଳ ଯଜ୍ଞକୁଣ୍ଡ ଘୃତ ।
ଏ ଅପ୍ରିୟ ସତ୍ୟ ଛଲକୁ ନ ଧର
ନିଜ ଶ୍ରେୟ ଦେଖ ଚିତ୍ତେ ଚିନ୍ତାକର
ଭଗ୍ନ ଘଟୁ, ଆହା, ସଲିଳ ଯେସନ
ସର ଯାଉଅଛୁ ଆୟୁ ପ୍ରତିକ୍ଷଣ;
ବଡ଼ କ୍ରୂର କାଳ, ବଡ଼ ଅବିଶ୍ୱାସୀ !
ହାବୋଡ଼ ଯିବ ସେ ଆଚମ୍ବିତେ ଆସି,
ଦୂରବର୍ତ୍ତୀ ଜାଣି କାଳକୁ ଯେ ହସେ,
ହସି ସେ ତା ପଛେ ଆସି ଲୁଚି ବସେ,
ମାଛବେଲ ବୁଡ଼ି ଗୁମୁରେ ହାଜର
ହେବା ବିଧି ତାକୁ ନାହିଁଟି ଗୋଚର !
କେତେଦିନ ଖେଳୁଥିବ ଏହି ଖେଳ ?
ପାଖେଇ ଆସୁଛି ସେ ଅନ୍ତିମ ବେଳ ।
ଆସୁଛି ମରିବେ ସେହୁ ପ୍ରତିକ୍ଷଣେ
ନିତ୍ୟଗମି-ରଥ-ଚକ୍ର ଆବର୍ତ୍ତନେ,
ଆୟୁ-ସୂର୍ଯ୍ୟ ଯାଏ ଢଳେ ଯେତେ ଗଡ଼ି,
ଭୂମି ମାୟା ଯାଏ ଗୁପ୍ତାପର ବଢ଼ି ।
ମାୟା-ଚେର ତଳେ ଭେଦିବ ଯେତିକ,
ଅନ୍ତକ ରଗଡ଼େ ଝିଙ୍କିବ ସେତିକ,
ସେ କଠିନ ଝିଙ୍କା ଝିଙ୍କିରୁ ନିସ୍ତାର—
ଲଭ ଲଗି ଅଗୁଁ ହୁଅ ହୁସିଆର,
ବେଳ ଥାଉଁ ଥାଉଁ ଅରଜ ଧରମ
ଜନ୍ମ ଅନୁରୂପ ଦେଖାଅ କରମ,
ଜନ୍ମ ଫଳେ ଭବେ ବଡ଼ପଣ ପାଇ
ଧର୍ମ ଫଳେ ତାକୁ କର ଚିରସ୍ଥାୟୀ;
ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି
ତରିବାକୁ ଏହି ସଂସାର ବାରିଧି;
ଧର୍ମ ଏକା ସିନା ମହତ ପଣିଆ,
ଆଉ ବଡ଼ପଣ ଅଡ଼େଇ ଦିନିଆ,
ବଡ଼ପଣ, ଭାଇ, ଏକା ସିନା ସେହି,
ଛଡ଼ାଇ କେହି ଯା ନ ପାରଇ ନେଇ, (୧)
ବଡ଼ପଣ ସେହି, ଅନ୍ତେ ସୁଦ୍ଧା ଯାର
ଗୌରବେ ଚହଟି ଥାଏ ଏ ସଂସାର;
ବଡ଼ପଣେ ସିନା ସେହି ତାକୁ ଗଣି
ଯେଉଁ ବଡ଼ପଣ ଦ୍ୱିଲୋକ ସାଧନୀ
ସେହି ସିନା ବଡ଼ପଣ ଯହିଁ ଲାଗି
ଅନ୍ତକର ବଜ୍ର-ଦନ୍ତ ଯାଏ ଭାଙ୍ଗି,
ସେହି ବଡ଼ପଣେ ବଳାଅ ମସ୍ତକ
କାଳ ନପାରିବ ପଶି ଯା କଣ୍ଟକ,
ହେଳା କର ନାହିଁ ପାଇ ଏ ସୁବିଧା,
ଲଭିବାକୁ ସେହି ବଡ଼ପଣ ନିଧା,
ସଂସାରର ବକ-ସାର ବଡ଼ପଣ—
ଲାଳସାରୁ ନିଅ ବାହୁଡ଼ାଇ ମନ ।
ଉଦାସୀନ ନେତ୍ରେ ଦୁନିଆର ମାନ
ଦେଖି କର ମନ ଧର୍ମେ ଏକତାନ,
ରାଜଧର୍ମେ ଆତ୍ମ-ତତ୍ତ୍ୱ ଦେଇ ମତି,
ଉଚ୍ଚ ହୋଇ ଲଭ ଉଚ୍ଚତର ଗତି ।

ଛ ମଣିଷ ।

## ବଜ୍ର

ସମସ୍ତେ ବଜ୍ରଶବ୍ଦ ଶୁଣି ଅଛନ୍ତି ଓ ତାହା ଉପରେ ଭୀତ ହୋଇ ଅଛନ୍ତି । ବଜ୍ର କଣ ? ଏହା ତାଡ଼ିତପ୍ରବାହ ଏବଂ ବିଜୁଳି ତାଡ଼ିତର ସ୍ଫୁଲିଙ୍ଗ ମାତ୍ର । ଅନ୍ଧାର ଘରେ ବେଳାଏ କାଚ ଘର୍ଷିଲେ ବା କଳା ବିରାଡ଼ି ଦେହରେ ପଶମୀ ଲୁଗା ଘଷିଲେ ଯେଉଁ ଆଲୋକ ଦେଖାଯାଏ ତାହା ତାଡ଼ିତ ସ୍ଫୁଲିଙ୍ଗ । ସମସ୍ତ ପଦାର୍ଥରେ ତାଡ଼ିତ ଅଛି । ପୃଥିବୀ ନିଜେ ଗୋଟାଏ ତଡ଼ିଦ୍ଗର୍ଭ ପଦାର୍ଥ । ଜୀବ,

(୧) ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ବଡ଼ପଣ ଏହି ଶ୍ରେଣୀର ବଡ଼ପଣ ।

Digitized by srujanika@gmail.com

ଜନ୍ତୁ, ତରୁଲତା ସମସ୍ତଙ୍କ ଦେହରେ ତାଡ଼ିତ ଅଛି । ଦୁଇ ବିଭିନ୍ନ ପ୍ରକୃତିର ତାଡ଼ିତ ପଦାର୍ଥ ମଧ୍ୟରେ ରହିବାରୁ ତାହାର ଅସ୍ତିତ୍ୱ ସବୁବେଳେ ଦେଖାଯାଏ ନାହିଁ । ଘର୍ଷଣାଦି ପ୍ରକ୍ରିୟା ଦ୍ୱାରା ଏକ ପ୍ରକାର ତାଡ଼ିତକୁ ବାହାର କଲେ ଅନ୍ୟବିଧ ତାଡ଼ିତର ଅସ୍ତିତ୍ୱ ଜଣାଯାଏ, ଓ ପଦାର୍ଥଟି ତଡ଼ିନ୍ମୟ ହେବାର ଦେଖାଯାଏ।

ବିଜୁଳି ତାଡ଼ିତ ସ୍ଫୁଲିଙ୍ଗ, ବଜ୍ର ତାଡ଼ିତ ପ୍ରବାହ ଏହା ଫ୍ରାଙ୍କଲିନ୍‌ଙ୍କ ଦ୍ୱାରା ଆବିଷ୍କୃତ ହୋଇଥିଲା । ସେ ୧୭୪୯ ଖ୍ରୀଷ୍ଟାବ୍ଦରେ ସୂଚ୍ୟାକାର ଲୌହଦଣ୍ଡ ଦ୍ୱାରା ପରୀକ୍ଷା କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ । ୧୭୫୨ ଖ୍ରୀଷ୍ଟାବ୍ଦ ଜୁନ୍ ମାସରେ ଫିଲାଡେଲ୍‌ଫିଆ ନିକଟସ୍ଥ ପଡ଼ିଆରେ ଧାତବଦଣ୍ଡ ସଂଯୁକ୍ତ ଗୋଟାଏ ଘୁଡ଼ି ଉଡ଼ାଇ, ଘୁଡ଼ିରଦଉଡ଼ିରେ ଗୋଟିଏ କଞ୍ଚି ବାନ୍ଧି କଞ୍ଚିକୁ ଖଣ୍ଡେ ରେସମ ଦଉଡ଼ି ଦ୍ୱାରା ଗୋଟାଏ ଖୁଣ୍ଟରେ ବାନ୍ଧିଲେ ରେଶମ ତାଡ଼ିତର ଅପରିଚାଳକ ଥିବା ହେତୁରୁ ତାହା ଦେଇ ତାଡ଼ିତ ପ୍ରବାହ ପୃଥିବୀକୁ ଯାଇପାରେ ନାହିଁ । ବହୁକାଳ ଅପେକ୍ଷା କଲେ ସୁଦ୍ଧା ତଡ଼ିତ ସ୍ଫୁଲିଙ୍ଗ ଦେଖା ନ ଯିବାରୁ ସେ ହତାଶ ହେବାକୁ ଲାଗିଲେ । କିନ୍ତୁ କିୟତ୍‌କ୍ଷଣପରେ ବର୍ଷା ହେବାରୁ ଓ ସୂତା ଓଦା ହୋଇ ତାଡ଼ିତର ପରିଚାଳକ ହେବାରୁ କଞ୍ଚିରୁ ସ୍ଫୁଲିଙ୍ଗ ନିର୍ଗତ ହେଲା । ଫ୍ରାଙ୍କ-ଲିନ୍ ଆବିଷ୍କାର କଲେ ସତ୍ୟ, କିନ୍ତୁ ସେ ଯେଉଁ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ତାହା ଯଥାର୍ଥ ନ ଥିଲା । ସେ ମନେ କରିଥିଲେ ଧାତୁ-ସଂଯୁକ୍ତ ଘୁଡ଼ି ମେଘରୁ ତାଡ଼ିତ୍ ଟାଣି ଆଣିଲା, କିନ୍ତୁ ପ୍ରକୃତ କଥା ତାହା ନୁହେ । ଘୁଡ଼ି ଓ ସୂତାରେ ଉଭୟବିଧ ତାଡ଼ିତ ଥିବାରୁ କାହାରି ଅସ୍ତିତ୍ୱ ଜଣା ପଡ଼ୁ ନ ଥିଲା । ମେଘରେ ଥିବା ତାଡ଼ିତ ପ୍ରଭାବରୁ ଘୁଡ଼ିରୁ ଏକବିଧ ତାଡ଼ିତ ଆକୃଷ୍ଟ ହେବାରୁ, ଅନ୍ୟବିଧ ତାଡ଼ିତର ଅସ୍ତିତ୍ୱ ଉପ-ଲବ୍ଧ ହେଲା । ଆମ୍ଭେମାନେ ଯେଉଁ ଘଡ଼ଘଡ଼ି ଶୁଣୁ ତାହା କୌଣସି ପଦାର୍ଥ ନୁହେ । ଯେପରି ମୃଦଙ୍ଗ ବଜାଇଲେ ବା ସିତାର ତାରରେ ଆଘାତ କଲେ ଶବ୍ଦୋତ୍ପତ୍ତି ହୁଏ, ସେହିପରି ତାଡ଼ିତ ପ୍ରବାହ ଦ୍ୱାରା ବାୟୁ ପ୍ରବଳକମ୍ପିତ ହେଲେ ଯେଉଁ ଶବ୍ଦ ଶୁଣାଯାଏ ତାହାହିଁ ଘଡ଼ଘଡ଼ି ।

ବଜ୍ର ପତନ କିପରି ହୁଏ ? ମେଘରେ ଏକ ପ୍ରକାର ତାଡ଼ିତ, କିନ୍ତୁ ପୃଥିବୀରେ ଭିନ୍ନ ପ୍ରକାର ତଡ଼ିତ ରହିଲେ ଓ ପରିମାଣାଧିକ୍ୟ ହେଲେ ମଧ୍ୟବର୍ତ୍ତୀ ବାୟୁରାଶିର ବାଧା ନ ମାନି ଉଭୟବିଧ ତାଡ଼ିତ ମିଳିବାକୁ ଚେଷ୍ଟାକରେ । ଏହି ସମୟରେ ଯେଉଁ ତାଡ଼ିତପ୍ରବାହ ଉତ୍ପନ୍ନ ହୁଏ ତାହାହିଁ ବଜ୍ର । ଏହା ଅତ୍ୟୁନ୍ନତ ବିଶେଷତଃ ସୂଚ୍ୟାକାର ପଦାର୍ଥ ଉପରେ ପଡ଼େ । ଏ ହେତୁରୁ ବର୍ଷା ସମୟରେ ଗଛତଳେ ଠିଆହେବା ନିରାପଦ ନୁହେଁ । ଆମ୍ଭେମାନେ ବଜ୍ରକୁ ଯେତେ ଡରୁ, ତାହା ସେତେ ଭୟର କାରଣ ନୁହେ । ପରୀକ୍ଷାଦ୍ୱାରା ସ୍ଥିର ହୋଇଅଛି, ହାରାହାରି ଦଶଲକ୍ଷ ଲୋକରେ ୨ଜଣ ବଜ୍ରଦ୍ୱାରା ମରନ୍ତି । ଏହି ସଂଖ୍ୟାକୁ ଅନ୍ୟାନ୍ୟ ଅପମୃତ୍ୟୁ ସହିତ ତୁଳନା କଲେ ବଜ୍ରଭୟ ଭୟ ନୁହେ ।

ଆମ୍ଭେମାନେ ଅଟ୍ଟାଳିକା ନିକଟରେ ଯେଉଁ ବଜ୍ରସୂଚୀ ପ୍ରୋଥିତ ଥିବାର ଦେଖୁ ତାହା ମଧ୍ୟ ଫ୍ରାଙ୍କଲିନ୍‌ଙ୍କ ଦ୍ୱାରା ଉଦ୍ଭାବିତ । ଅଟ୍ଟାଳିକା ପ୍ରଭୃତିକୁ ବଜ୍ରପାତରୁ ରକ୍ଷା କରିବା ପାଇଁ ଦଶ ବା ବାରହାତ ଲମ୍ବ ଗୋଟାଏ ସୂଚ୍ୟାକାର ଲୌହଦଣ୍ଡ ଗୃହନିକଟସ୍ଥ ସନ୍ତସନ୍ତିଆ ସ୍ଥାନରେ ବା କୂପରେ ପୋତି ରଖାହୁଏ । ଯେହେତୁ ଉଭୟ ଧାତୁ ଓ ଜଳ ତାଡ଼ିତର ସୁପରିଚାଳକ । ଏହାଦ୍ୱାରା ପୃଥିବୀସ୍ଥ ବିପରୀତ ତାଡ଼ିତ ଆକୃଷ୍ଟ ହୋଇ ମେଘର ତାଡ଼ିତରେ ମିଶି ତାହାକୁ ହୀନ-ବଳ କରି ପକାଏ ଓ ଅଟ୍ଟାଳିକାଦି ବଜ୍ର ପତନରୁ ରକ୍ଷା ପାଏ ।

ଶ୍ରୀ ଶ୍ୟାମସୁନ୍ଦର ନନ୍ଦ

Digitized by srujanika@gmail.com

# ବନେ ବନମଲ୍ଲୀ

(ରସକୁଲ୍ୟା ବୃତ୍ତରେ)

(୧)

ଶାନ୍ତ-ସୁଶୀତଳ-କୋମଳ-ଅଙ୍କେ
ବସିଅଛି ମୁହିଁ କେତେ ନିଶଙ୍କେ
ଭୁବନ—ଜଞ୍ଜାଳ ଏଠାରେ ନାହିଁ
କେହି ମୋ ପାଶକୁ ଆସନ୍ତି ନାହିଁ
ଆସୁଛି ଧୀରେ ପବନ
ସଖାସଖୀ ମୋର ଲଜ୍ଜା ପତ୍ରର
ଅଙ୍ଗ କରଇ କମ୍ପନ ।

(୨)

ପ୍ରଭଞ୍ଜନ ଅଙ୍ଗ ଛୁଅଇ ମୃଦୁ,
ଭ୍ରମି ଆସିଅଛି ଦେଶ ବହୁତ,
ନରକୁଟିଳତା ଗନ୍ଧ ବହିଛି,
କେତେ ପାପ ମାର୍ଗେ ସେବା କରିଛି,
ଚକିତ ତେଣୁ ଭୟରେ
ଛୁଁ ଅନା ଛୁଁ ଅନା ବୋଲି ଅଙ୍ଗ ମୋଡ଼ି
ଲଜ୍ଜା ପତ୍ରର ଗ୍ରାମରେ ।

(୩)

ସୃଜିଲେ ହସଇ ମୋର ଗଗନ
ପରମ ଆଦରେ କରି ଚୁମ୍ବନ
ଥାଏ ଯଦି ମୋର କିଛି ସୁବାସ
ଜାଣିଛି କେବଳ ସେହି ଆକାଶ,
ନୁହେ ମୋହର ବାସନା
ଜଣାଇ ବୁଲିବ ଯଶ ଅରଜିବ
ସହିବ ପୁଣି ଲାଞ୍ଛନା ।

(୪)

ଗୋଲାପ ଚମ୍ପକ ନୁହଇ ମୁହିଁ
କାମିନୀ ମାଳତୀ ମାଧବୀ ଜୁଇ,
ଗଣିକା ପରାୟେ ମୋତେ ମାନବେ
ଫୁଲ ଉପବନେ ନେଇ ରଖିବେ,
ନୋହିବ କାର ଅଧୀନ
ସରଳ ଭାବରେ ରହି ଏକାନ୍ତରେ
କାଟିଯିବ ମୋର ଦିନ ।

(୫)

ମାୟୀ ସୁଧାକର ଉଜ୍ଜ୍ୱଳ-ଅଙ୍ଗ
ଦେଖି ନାଚେ ଭବ-ସିନ୍ଧୁ ତରଙ୍ଗ,
ତଟେ ତରଙ୍ଗ ଆଘାତ ବାଜେ
ତା ଦେଖି ପଳାଏ ଶାନ୍ତ ସଲଜେ,
ଧନ୍ୟ ଏ ବନ ମୋହର
ଶୁଣୁ ନାହିଁ ସେହି ଭୀଷଣ ନିନାଦ
ଦେଖ ନାହିଁ ସେ ସାଗର ।

(୬)

ନିଜ ଅନୁଚର ନେଇ ସଙ୍ଗରେ
ବସନ୍ତାଦି ଷଡ଼ ଋତୁ କ୍ରମରେ
ଉପଗତ ହୋଇ ହରଷ ମନେ
ନିର୍ଜ୍ଜନତା ସଙ୍ଗେ ଖେଳନ୍ତି ବନେ,
ନୀରବେ ନାଚଇ ବନ
ଦେଖନ୍ତି ତାରକା, ମେଘମାଳ,
ନଭ, ଯାମିନୀ-ପତି, ତପନ ।

(୭)

କାହୁଁ ବୁଲିଆସି ତରୁ ଡାଳରେ
ବସି ଗାଏ ପିକ ମଧୁର ସ୍ୱରେ
ସଂସାରେ ମାନବ ମନ ବେଦନା
କାହି ମୋ ପାଶରେ କରେ ବର୍ଣ୍ଣନା,
ଶୁଣିଲେ ଶୋକ ଉପୁଜେ
ହାୟ ! ଯେ ମାନବ ସୃଷ୍ଟି ସାର ଜୀବ
ଆଖି ଥାଉଁ ଆଖି ବୁଜେ ।

(୮)

ଦରପଣ ପ୍ରାୟେ ନର ମାନସ
ଉଜ୍ଜ୍ୱଳ ବିମଳ ସଦା ହରଷ,
ଡାକିଲେ କାତରେ କରି ମିନତି

Digitized by srujanika@gmail.com

ଦୟାମୟୀ ତହିଁ ଦେଖାଇଅଛନ୍ତି
କନ୍ଦ ଇନ୍ଦ୍ରିୟ ସକଳ
ଚଉଦିଗେ ଘୋର ଭୀମ ଅହି ପ୍ରାୟେ
ଢାଳନ୍ତି ତହିଁ ଗରଳ ।

(୯)

ନିଜମନେ ନର ଲଭଇ ସୁଖ
ନିଜମନେ ପୁଣି ଭୋଗଇ ଦୁଃଖ
ହିଂସିତ ହୁଅଇ ହିଂସା କରିଲେ
ପାଷାଣ ଲେଉଟେ ବଳେ ଫିଙ୍ଗିଲେ,
ସଂସାରେ ଏସନ ରୀତି
ଉପକାରେ ଅଛି ପ୍ରତି ଉପକାର
ମନ୍ଦପଣେ ମନ୍ଦଗତି ।

(୧୦)

କି ସୁନ୍ଦର ଏହି ନିର୍ଜନ ସ୍ଥାନ,
ସରଳ ଭାବରେ କାଟଇ ଦିନ
ଛନ୍ଦ କି କପଟ ଜାଣଇ ନାହିଁ
ବୁଝାଇଲେ ବୁଝି ପାରିବ ନାହିଁ,
ଧନ୍ୟ କରୁଣା ନିଧାନ
ଅସୀମ, ଅଚିନ୍ତ୍ୟ, ବିଚିତ୍ର ଅଟଇ
ତୋହର ସୃଷ୍ଟି ବିଧାନ ।

ଶ୍ରୀ ରାମପାଳ ମିଶ୍ର ।

---

## ବାକ୍ୟବାଣ

ଆମ୍ଭମାନଙ୍କ ଶାସ୍ତ୍ରାଦିରୁ ଜଣାଯାଏ ଯେ ପୂର୍ବକାଳରେ ଆମ୍ଭମାନଙ୍କ ବୀରପୁରୁଷମାନେ ନାନାପ୍ରକାର ଅଲୌକିକ ଓ ଅତ୍ୟାଶ୍ଚର୍ଯ୍ୟ ଅସ୍ତ୍ରଶସ୍ତ୍ରମାନ ବ୍ୟବହାର କରୁଥିଲେ । ଆଗ୍ନେୟାଦି ବହୁବିଧ ଅସ୍ତ୍ରଶସ୍ତ୍ରର ନାମୋଲ୍ଲେଖ ଶାସ୍ତ୍ରରେ ଦେଖାଯାଏ । ଶାସ୍ତ୍ରକଥିତ ଅସ୍ତ୍ରଶସ୍ତ୍ରାଦିର ଆକାର ପ୍ରକାର ଯେ ପ୍ରକାର ଥାଉ ବା ଯେ ପ୍ରକାର ହେଉ, ମାତ୍ର ସମସ୍ତ ପ୍ରକାର ଅଭେଦ୍ୟ ଅସ୍ତ୍ରଶସ୍ତ୍ରାଦିର ଗୋଟିଏ ଗୋଟିଏ ମନ୍ତ୍ର ଅବଶ୍ୟ ଥିଲା । ସେହି ମନ୍ତ୍ରହିଁ ସାର । ମନ୍ତ୍ରବଳରେ କେବଳ ଉକ୍ତ ଅସ୍ତ୍ରଶସ୍ତ୍ରାଦି ପ୍ରଭାବଶାଳୀ ହେଉଥିଲେ ।

ଆମ୍ଭମାନଙ୍କର ଅବଶ୍ୟ ଶାସ୍ତ୍ରବାକ୍ୟକୁ ବିଶ୍ୱାସ କରିବାର ଉଚିତ ଓ କର୍ତ୍ତବ୍ୟ । ମାତ୍ର ଦୁର୍ଭାଗ୍ୟର ବିଷୟ ଏହି ଯେ ସେପରିକ ଅସ୍ତ୍ରଶସ୍ତ୍ର ଗୋଟିଏ ସୁଦ୍ଧା ଦୃଷ୍ଟିଗୋଚର ହେଉ ନାହିଁ ।

ତେବେ କି ସେପରି ଅସ୍ତ୍ରଶସ୍ତ୍ର କଥା ସମସ୍ତ ମିଥ୍ୟା ? ଏ କଥା କାହାର କହିବାର ସାଧ୍ୟ ଯେ ଶାସ୍ତ୍ରକଥା ମିଥ୍ୟା ! ଅବଶ୍ୟ ଅନୁମାନ କରି ନେବାକୁ ହେବ ଯେ ତହିଁରେ କୌଣସି ନା କୌଣସି ପ୍ରକାରରେ ସତ୍ୟ ନିହିତ ଅଛି ।

ଶାସ୍ତ୍ରକାରମାନେ ଯେପରି ଅଭିପ୍ରାୟରେ ଶାସ୍ତ୍ର ରଚନା କରିଥାଉନ୍ତୁ ପଛକେ ବ୍ୟାଖ୍ୟାକାର ଓ ଟୀକାକାରମାନେ ଶାସ୍ତ୍ରର ଦୁଇଗୋଟି ଅର୍ଥ ନିର୍ଦ୍ଦେଶ କରିଥାଆନ୍ତି । ଏକ ବାହ୍ୟ, ଅନ୍ୟ ଆଭ୍ୟନ୍ତରିକ ବା ଆଧ୍ୟାତ୍ମିକ । ବାହ୍ୟରେ ଯାହା ସ୍ଥୂଳବିଷୟ, ଆଧ୍ୟାତ୍ମିକରେ ତାହା ସୂକ୍ଷ୍ମ । ସୂକ୍ଷ୍ମ ଅର୍ଥ ବା ଭାବ ବିବେଚନା କରି ନେବାକୁ ହେବ । ଏହି ହେତୁରୁ ପୂର୍ବକାଳର ବ୍ୟାଖ୍ୟାକାର ଓ ଟୀକାକାର ଏବଂ ବର୍ତ୍ତମାନ ସମୟରେ ଶାସ୍ତ୍ରାଲୋଚନାକାରୀମାନେ ସମସ୍ତ ଶାସ୍ତ୍ରର ସ୍ଥୂଳଭାବ ପରିତ୍ୟାଗ କରି ଗୋଟିଏ ଗୋଟିଏ ଆଧ୍ୟାତ୍ମିକ ଭାବ ବା ଅର୍ଥ ବାହାର କରିବାକୁ ଚେଷ୍ଟା କରିଅଛନ୍ତି ଓ କରୁଅଛନ୍ତି । ଏଥିରେ ଆମ୍ଭେ ଯଦି ଆମ୍ଭର ଉପସ୍ଥିତ ଆଲୋଚିତ ବିଷୟର ଗୋଟିଏ ସୂକ୍ଷ୍ମାର୍ଥ ବା ଆଧ୍ୟାତ୍ମିକ ମର୍ମ ବାହାର କରିବାକୁ ଚେଷ୍ଟା କରୁଁ ତେବେ ଆମ୍ଭର ଦୋଷ ତାଦୃଶ ଧର୍ତ୍ତବ୍ୟ ହେବ କି ?

Digitized by srujanika@gmail.com

ସେ ଯାହାହେଉ ଆମ୍ଭେ ବର୍ତ୍ତମାନ ପୂର୍ବପ୍ରଥାର ବଶବର୍ତ୍ତୀ ହୋଇ ଆଗ୍ନେୟାଦ ଅଦ୍ଭୁତ ଅସ୍ତ୍ରଶସ୍ତ୍ରର ଆଧ୍ୟାତ୍ମିକ ବ୍ୟାଖ୍ୟା ନିର୍ଣ୍ଣୟ କରିବାକୁ ପ୍ରବୃତ୍ତ ହେଲୁଁ । ଆମ୍ଭର ବ୍ୟାଖ୍ୟା କାହାରିକୁ ଅଦ୍ଭୁତ ପ୍ରାୟ ବୋଧ ହୋଇପାରେ । ମାତ୍ର ଅଦ୍ଭୁତରୁ ଯଦି କିଛି ଅଦ୍ଭୁତ ବହିର୍ଗତ ହୁଏ ତେବେ ସେଥିରେ ଅଦ୍ଭୁତ ବିଷୟ କି ଅଛି ?

ପୂର୍ବେ କହିଅଛୁଁ ପ୍ରୋକ୍ତ ଆଗ୍ନେୟାଦି ଅସ୍ତ୍ରଶସ୍ତ୍ରାଦି ମନ୍ତ୍ରପ୍ରଧାନ ଅଟନ୍ତି । ମନ୍ତ୍ରମାନ ପୁଣି ଶବ୍ଦବ୍ୟାପାର ସମନ୍ୱିତ । ତାହା ମଧ୍ୟ ମାନସିକ ଉପାଂଶିକ ଓ ବାଚନିକ ଭେଦରେ ତିନିପ୍ରକାର ଅଟନ୍ତି ।

ପୂର୍ବକାଳର ଆଗ୍ନେୟାଦି ଅଦ୍ଭୁତ ଅସ୍ତ୍ରଶସ୍ତ୍ରମାନ ପ୍ରକୃତପକ୍ଷେ ସ୍ୱରୂପରେ ଥିଲେ କି ନା ତାହା ପରମେଶ୍ୱର ଜାଣନ୍ତି କି ଯେଉଁମାନେ ବ୍ୟବହାର କରୁଥିଲେ ସେହିମାନେ ଜାଣିଥିଲେ, ମାତ୍ର ବର୍ତ୍ତମାନ ଯେତେବେଳେ ସେମାନଙ୍କର ସ୍ୱରୂପ ଦେଖାଯାଉ ନାହିଁ, ତେତେବେଳେ ତହିଁରେ ଗୋଟିଏ ଆଧ୍ୟାତ୍ମିକ ବ୍ୟାଖ୍ୟା ସଂସ୍ଥାପନ କରିବା ଅଯୁକ୍ତିର ବିଷୟ ହେବ ନାହିଁ ପରା !

ଯଦି କେହି ତର୍କ କରନ୍ତି ଯେ—ନା—ସେରୂପ ଅସ୍ତ୍ରାଦି ସ୍ୱରୂପରେ ଥିବାର ବିଶେଷ ସମ୍ଭବପର ବୋଧ ହେଉଅଛି, କାରଣ ବର୍ତ୍ତମାନ ସମୟରେ ବନ୍ଧୁକ ନାମକ ଆଗ୍ନେୟାସ୍ତ୍ର ଯେତେବେଳେ କାର୍ଯ୍ୟ କରୁଅଛି, ତେତେବେଳେ ଶାସ୍ତ୍ର ବର୍ଣ୍ଣିତ ଅସ୍ତ୍ରଶସ୍ତ୍ରାଦି ପ୍ରତି ତର୍କଣା କରିବାର ପ୍ରୟୋଜନ କ'ଣ ?

ଏଥିରେ ଆମ୍ଭେ କହିବୁ,—ସତ୍ୟ—ମାତ୍ର ଏଥିରେ ମନ୍ତ୍ର ନାହିଁ । ସେଥିରେ ମନ୍ତ୍ରହିଁ ପ୍ରଧାନ ବଳ ଥିଲା । ମନ୍ତ୍ର ବିନା ସେମାନଙ୍କର ଶକ୍ତି ଥିଲା ନାହିଁ । ଏହି ହେତୁ ପୂର୍ବକାଳର ଆଗ୍ନେୟାଦି ଅଦ୍ଭୁତ ଅସ୍ତ୍ର ବର୍ତ୍ତମାନ କାଳର କୌଶଳୋଦ୍ଭବ ଅସ୍ତ୍ର ଶସ୍ତ୍ରାଦିର ଅନୁରୂପ ଥିଲା ନାହିଁ, ବିଭିନ୍ନ ପ୍ରକାରର ଥିଲା । ଯାହା କି ବର୍ତ୍ତମାନ ସମୟକୁ ତର୍କଣାର ସ୍ଥଳ ହୋଇଅଛି, କାରଣ ସେମାନଙ୍କର ସ୍ୱରୂପ ସ୍ପଷ୍ଟ ଅନୁମାନର ଅତୀତ ବିଷୟ ହୋଇଅଛି । ଏହେତୁ ସେମାନଙ୍କର ଆଧ୍ୟାତ୍ମିକ ଅର୍ଥ ଅପେକ୍ଷା କରୁଅଛି ।

ଏବେ ତର୍କ ଥାଉ—ଭୂମିକା ଯାଉ—କଥା ହେଉ । ଆମ୍ଭେ କହୁଁ ଶାସ୍ତ୍ରବର୍ଣ୍ଣିତ ଆଗ୍ନେୟାଦି ଅସ୍ତ୍ରଶସ୍ତ୍ରମାନେ ଯେତେବେଳେ ମନ୍ତ୍ରପ୍ରଧାନ, ମନ୍ତ୍ରବଳରେ ଶକ୍ତିମାନ ଏବଂ ମନ୍ତ୍ର ଯେତେବେଳେ ଶବ୍ଦମୟ ହେଉଅଛନ୍ତି ତେତେବେଳେ ପ୍ରୋକ୍ତ ଅସ୍ତ୍ରଶସ୍ତ୍ରାଦି ଯେ କେବଳ ବାକ୍ୟମୟ ଥିଲେ ଏହା ଅନୁମାନ କରି ନେବାକୁ ହେବ, ବିଶ୍ୱାସ ମଧ୍ୟ କରିବାକୁ ହେବ । ଏ ହେତୁ ବାକ୍ୟ-ବିଶେଷର ନାମ ସାଧାରଣରେ ବାକ୍ୟବାଣ ହୋଇଅଛି । କେବଳ ବାକ୍ୟ ବିଶେଷ ପ୍ରୟୋଗ ଯୋଗେ ବର୍ତ୍ତମାନ କାଳରେ ସୁଦ୍ଧା ପୂର୍ବକାଳର ମନ୍ତ୍ରପୂତ ଆଗ୍ନେୟାଦି ଅସ୍ତ୍ରଶସ୍ତ୍ରର ପ୍ରତ୍ୟକ୍ଷଫଳ ପ୍ରଦାନ କରୁଥିବାର ଦେଖା ଯାଉଅଛି । କତିପୟ ଉଦାହରଣ ଯଥା—

୧ମ । ଏକ ପ୍ରକାର ବାକ୍ୟ ପ୍ରୟୋଗ ଅଛି, ଯାହା ଶ୍ରବଣ କଲେ ଲୋକଙ୍କର ଦେହ ପୋଡ଼ିଗଲା ପରି ବୋଧ ହୋଇଥାଏ । ଲୋକେ କଥାରେ କହି ଥାଆନ୍ତି "ତାହା କଥା ଶୁଣି ମୋ ଦେହ ତ ଜଳିଗଲା !" ଅଥବା—"ତାହା କଥା ଶୁଣି ମୋ ମୁହଁ ତ ପୋଡ଼ିଗଲା !" ନୁହେ କି ? ଏହାକୁହିଁ ମନ୍ତ୍ରପୂତ ଆଗ୍ନେୟାସ୍ତ୍ର କହିବାକୁ ହେବ ।

୨ୟ । ଏକ ପ୍ରକାର ବାକ୍ ପ୍ରୟୋଗ ଅଛି, ଯାହା ଶ୍ରବଣ କଲେ, ଲୋକେ ବର୍ଷାରେ କାତର ହେଲା ପରି କାତର ହୋଇ ଥାଆନ୍ତି । ପୁଣି କାହିଁକି ? କେହି କେହି ମଧ୍ୟ ବୁଡ଼ି ମରିଥାଆନ୍ତି । ବେଶୀ ସ୍ତ୍ରୀ ଲୋକେ । ଲୋକେ କଥାରେ କହିଥାଆନ୍ତି "ବରଂ ବୁଡ଼ି ମରିବାର ଭଲ ମାତ୍ର ତାହାର ଏପରି କଥା ସହିବାର ନୋହେ ।" ଏହାକୁ ବାରୁଣାସ୍ତ୍ର କହିଲେ ଚଳିପାରେ ।

Digitized by srujanika@gmail.com

୩ୟ । ଆଉ ଏକପ୍ରକାର ବାକ୍ୟବାଣ ଅଛି ଯହିଁରେ କ ଲୋକଙ୍କର ଦେହ ଓ ମନ ବିଷରେ ଘାରିଲା ପରି ଜରଜର ହୋଇଥାଏ । ଲୋକେ କଥାରେ କହି ଥାଆନ୍ତି "ତାହା କଥାତ ବିଷ ପରି ଜାରି ଦେଲା ।" କେହି କେହି ମଧ୍ଯ ସେପରି କଥା ସହି ନ ପାରି ବିଷ ଖାଇ ପ୍ରାଣତ୍ୟାଗ କରି ଥାଆନ୍ତି । ଏହାକୁ ସର୍ପାସ୍ତ୍ର ବା ନାଗପାଶ କହିଲେ ଚଳେ ।

୪ର୍ଥ । ଆଉ ଏକପ୍ରକାର ବାକ୍‌ପ୍ରୟୋଗ ଅଛି ଯାହା ଶ୍ରବଣରେ ଦେହ ଶୂନ୍ୟ ପରି ବୋଧ ହୋଇଥାଏ । ଲୋକେ କଥାରେ କହନ୍ତି "ତାହା କଥା ଶୁଣି ମୋର ହଂସା ଉଡ଼ିଗଲା" ଏହାହିଁ ବାୟୁବ୍ୟାସ୍ତ୍ର ।

୫ମ । ଆଉ ଏକପ୍ରକାର ବାକ୍ୟବାଣ ଅଛି ଯହିଁରେ ଶ୍ରୋତାର ମସ୍ତକରେ ବଜ୍ରାଘାତ ହେଲପରି ବୋଧ ହୋଇଥାଏ । ଲୋକେ କଥାରେ କହନ୍ତି "ତାହା କଥା ଶୁଣି ମୋ ମୁଣ୍ଡରେ ତ ଚଡ଼କ ପଡ଼ିଲା !" ଏହାକୁ ବଜ୍ରାସ୍ତ୍ର କହିଲେ ହେବ ।

୬ଷ୍ଠ । ଆଉ ଏକପ୍ରକାର ବାକ୍ୟବାଣ ଅଛି, ଯାହା ଶୁଣି ଲୋକଙ୍କର ଦେହ ସ୍ତମ୍ଭୀଭୂତ ହୋଇ ଯାଏ । ଏହାହିଁ ସ୍ତମ୍ଭନାସ୍ତ୍ର ।

୭ମ । ଅନ୍ୟ ଏକପ୍ରକାର ବାକ୍ୟବାଣ ଅଛି । ଯାହା ଶ୍ରବଣ କରି ଲୋକଙ୍କର ବୁଦ୍ଧି ବିଭ୍ରମ ଘଟି ଥାଏ । କର୍ତ୍ତବ୍ୟାକର୍ତ୍ତବ୍ୟ ସ୍ଥିର କରି ପାରନ୍ତି ନାହିଁ । ଏହାହିଁ ସମ୍ମୋହନାସ୍ତ୍ର ।

୮ମ । ଆଉ ଏକ ପ୍ରକାର ବାକ୍ ପ୍ରୟୋଗ ଅଛି ଯହିଁରେ ଲୋକଙ୍କର ମନ ବଡ଼ ଉଦ୍ବିଗ୍ନ ହୋଇ ଥାଏ । କିଂ କର୍ତ୍ତବ୍ୟ ବିମୂଢ଼ ହୋଇ, ହିତାହିତ ବିଚାର କରି ନ ପାରି, ଯାହା ଇଚ୍ଛା ତାହା କରି ପକାଇ ଥାନ୍ତି । ଏହାକୁ ହିଁ ମନ୍ତ୍ରପୂତ ଉଚାଟନାସ୍ତ୍ର କହିବାକୁ ହେବ ।

୯ମ । ଅଉ ଏକ ପ୍ରକାର ବାକ୍ୟାବଳୀ ଅଛି ଯହିଁରେ କ ଲୋକେ ନ ମରି, ମରି ରହି ଥାଆନ୍ତି କଥାରେ କହନ୍ତି "ତାହା କଥାରେ ମୁଁ ମରି ରହି ଅଛି" । ଏହାକୁ ମନ୍ତ୍ରପୂତ ମାରଣାସ୍ତ୍ର ମଧ୍ୟରେ ଗଣ୍ୟ କରିବାକୁ ହେବ ।

୧୦ମ । ଆଉ ଏକ ପ୍ରକାର ବାକ୍ୟର ଛଟା ଅଛି ଯହିଁରେ କ ଲୋକେ ଏକାବେଳକେ ବଶୀଭୂତ ହୋଇ ପଡ଼ନ୍ତି । ବକ୍ତାର ଅନ୍ତର ଭେଦ କରି ପାରିବାର କ୍ଷମତା ରହେ ନାହିଁ । ବକ୍ତାର ମାନସିକ ଭାବ ଯାହା ହୋଇଥାଉ ମାତ୍ର ବକ୍ତୃତାରେ ବାକ୍ୟ ସଂଯୋଜନା ଛନ୍ଦରେ ବନ୍ଧ ହୋଇ ବକ୍ତାର ଅନୁଗାମୀ ହୋଇ ଥାଆନ୍ତି, ବକ୍ତାର କଥାକୁ ସତ୍ୟ ମଣନ୍ତି । ଏହାକୁ ମନ୍ତ୍ରପୂତ ବଶ୍ୟାସ୍ତ୍ର ବୋଲି ଯାଇ ପାରେ ।

୧୧ଶ । ଆଉ ଏକ ପ୍ରକାର ବାକ୍ୟବାଣ ଅଛି ଯହିଁରେ କ ହୃଦୟ ବିଦାରଣ ହୋଇଥାଏ । ଏହାକୁ ପାଶୁପତ ବା ତ୍ରିଶୂଳ କହିବାକୁ ହେବ ।

୧୨ଶ । ଅଉ ଏକ ପ୍ରକାର ମହାବାକ୍ୟବାଣ ଅଛି ଯହିଁରେ ଦେହ ପୋଡ଼େ ନାହିଁ, ବିଷ ପରି ଘାରେ ନାହିଁ, ମଥାରେ ଚଡ଼କ ପଡ଼େ ନାହିଁ କି ଅନ୍ୟାନ୍ୟ ଅସ୍ତ୍ର କୌଣସି କାର୍ଯ୍ୟ କରେ ନାହିଁ, ମାତ୍ର ମର୍ମ୍ମଭେଦ କରିଥାଏ, ବ୍ରହ୍ମକୁ ବାଧିଥାଏ, ଏହାହିଁ ପ୍ରକୃତପକ୍ଷେ ବ୍ରହ୍ମାସ୍ତ୍ର । ପାଠକେ—ଏହା ନୋହେ କି ? ଏ ସମସ୍ତହିଁ ପ୍ରତ୍ୟକ୍ଷ ପ୍ରମାଣ । ଏଥିରେ ଅନୁମାନର କିଛି ମାତ୍ର କଥା ଅଛି କି ?

ପାଠକ ମହୋଦୟଙ୍କୁ ଅଉ ଗୋଟିଏ କଥା ଲକ୍ଷ୍ୟ କରି ଦେଖିବାକୁ ଅନୁରୋଧ କରୁଅଛୁଁ । ଅସ୍ମମାନଙ୍କ ଦୂରଦର୍ଶୀ ଶାସ୍ତ୍ରକାର ମାନେ କାମ-ଦେବଙ୍କ ହସ୍ତରେ ଯେ ପାଞ୍ଚଗୋଟି ବାଣ ଦେଇ ଅଛନ୍ତି ତାହା ଯଦିଚ ପୁଷ୍ପପରି, କିନ୍ତୁ ତାହାର ସଞ୍ଜ୍ଞା ଭିନ୍ନ ପ୍ରକାର । ଯଥା—ସ୍ତମ୍ଭନ, ମୋହନ, ବଶୀକରଣ, ଉଚାଟନ ଓ ଆକର୍ଷଣ । ଏ ବାଣ ଗୁଡ଼ିକ ମଧ୍ୟ ମନ୍ତ୍ରବଳରେ ବଳୀୟାନ୍ । ଏମାନ-ଙ୍କର ଶକ୍ତି ମଧ୍ୟ କମ୍ ନୁହେଁ । ଏମାନେ କିନ୍ତୁ ରମଣୀମାନଙ୍କ ମୁଖବିବରକୁ ଆଶ୍ରୟ କରିଥାନ୍ତି । ଅଧରସୁଧା ପାନରେ ସଦା ରସାପ୍ଲୁତ ଓ

Digitized by srujanika@gmail.com

କଷାପ୍ରିତ । ସୂତ୍ରଧର ଓ କର୍କଶ ଭେଦରେ ଦ୍ୱିରୂପଧାରୀ । ଫଳତାର୍ଥରେ କିନ୍ତୁ ସମାନ । ନାରୀରୂପା ପ୍ରକୃତି ପୁଣି ଦ୍ୱିବିଧା । ଅବିଦ୍ୟା ଓ ବିଦ୍ୟା ବା ଅପରା ଓ ପରା । ଅପରା ହେଉନ୍ତୁ ବା ପରା ହେଉନ୍ତୁ ପ୍ରକୃତି ଉପରୋକ୍ତ ପଞ୍ଚ ବାକ୍ୟବାଣ ଦ୍ୱାରା ପୁରୁଷଙ୍କୁ ସମ୍ମୋହିତ, ଉଚ୍ଛ୍ୱସିତ, ମୋହିତ, ବଶୀଭୂତ ଓ ଆକୃଷ୍ଟ କରି ସେମାନଙ୍କର ମୃତ୍ୟୁ ପର୍ଯ୍ୟନ୍ତ ଘଟାଇ ଥାଆନ୍ତି ।

ଯେମନ୍ତ ବୈଷ୍ଣବାସ୍ତ୍ରରେ ସମସ୍ତ ପ୍ରକାର ଦିବ୍ୟାସ୍ତ୍ରମାନଙ୍କର ପ୍ରଭାବ ନଷ୍ଟ ହୋଇଥାଏ ବୋଲି ଶାସ୍ତ୍ରକାର ମାନେ ନିଷ୍ପତ୍ତି କରି ଯାଇ ଅଛନ୍ତି, ତେମନ୍ତ ଆଧ୍ୟାତ୍ମିକ ଅର୍ଥରେ କେବଳ ସହିଷ୍ଣୁତା ବଳରେ ସକଳ ପ୍ରକାର ବାକ୍ୟ ବାଣର ତେଜ ନାଶ କରି ଯାଇପାରେ ଏହା ମଧ୍ୟ ସୁନିଶ୍ଚିତ । "ତୃଣାଦପି ସହିଷ୍ଣୁନା" ବୈଷ୍ଣବ ମାନଙ୍କର ଗୋଟିଏ ପ୍ରଧାନ ଉପଦେଶ ବା ଅସ୍ତ୍ର ଅଟେ ।

ଶ୍ରୀ ରାଜନାରାୟଣ ଦାସ ।

---

## ସାମୟିକ ପ୍ରସଙ୍ଗ

ସଭ୍ୟତା ଓ ସ୍ୱାସ୍ଥ୍ୟ—ସଭ୍ୟତାର ନାମରେ ମାନବପ୍ରାଣ ମନ୍ତ୍ରମୁଗ୍ଧ—ସ୍ୱଦେଶ ଓ ସ୍ୱଜାତି ମଧ୍ୟରେ ସଭ୍ୟତା ବିସ୍ତାର ନିମିତ୍ତ ନରନାରୀ ସଦା ବ୍ୟାକୁଳ । କେବଳ ତାହା ନୁହେଁ; ସମଗ୍ର ପୃଥିବୀ ମଧ୍ୟରେ ସଭ୍ୟତାବୀଜ ବପନର ଆକାଂକ୍ଷା ଉନ୍ନତଜାତୀୟ ମାନବମାନଙ୍କ ପ୍ରାଣରେ ଅତ୍ୟନ୍ତ ବଳବତୀ । ଏ ଆକାଂକ୍ଷା ଯେ ଅତ୍ୟନ୍ତ ପ୍ରଶଂସନୀୟ ଏଥିରେ ସଂଶୟ ନାହିଁ । ବିଭିନ୍ନ ଜାତିର ସଭ୍ୟତାର ବିଭିନ୍ନ ଆକାର ଓ ଭାବ । ସମସ୍ତେ ଆପଣା ୨ ଭାବ ବିସ୍ତାର କରିବାକୁ ପ୍ରୟାସୀ । ମାତ୍ର ଯେଉଁଟି ଯେ ପରିମାଣରେ ଶ୍ରେଷ୍ଠ ତାହାର ପ୍ରଭାବ ସେତିକି ଅନ୍ୟମାନଙ୍କ ଉପରେ କାର୍ଯ୍ୟକରେ ଏବଂ ସେମାନଙ୍କୁ ନିଜ ଭାବାପନ୍ନ କରିବାକୁ ସକ୍ଷମ ହୁଏ । ଯେ ଯାହା କହନ୍ତୁ ବର୍ତ୍ତମାନ ଇଉରୋପୀୟ ସଭ୍ୟତାର ଶ୍ରେଷ୍ଠତା କେହି ଅସ୍ୱୀକାର କରି ପାରିବେ ନାହିଁ । ଏହି ଶ୍ରେଷ୍ଠତା ପ୍ରଯୁକ୍ତ ଏହା ନିର୍ବିବାଦରେ ଅପର ଜାତି ମାନଙ୍କ ଉପରେ ଆଧିପତ୍ୟ ବିସ୍ତାର କରୁଅଛି, ଅଜ୍ଞାନରେ ହେଉ ବା ସଜ୍ଞାନରେ ହେଉ ପୃଥିବୀର ଅନ୍ୟାନ୍ୟ ଜାତିସମୂହ ଅଳ୍ପାଧିକ ପରିମାଣରେ ପାଶ୍ଚାତ୍ୟଭାବାପନ୍ନ ହେଉ ଅଛନ୍ତି । ଆମ୍ଭେମାନେ ଏଥିରେ କାହାର କଥା କିଛି ଦେଖି ପାରୁ ନାହୁଁ । ଅପର ନିକଟରୁ ଉନ୍ନତଭାବ ଓ ମଙ୍ଗଳକାର ଆଚାର ବ୍ୟବହାର ଗ୍ରହଣ କରିବା କଦାପି ଅଶ୍ରେୟ ନୁହେଁ—ବରଂ ଗ୍ରହଣ ନ କରିବା ନିର୍ବୁଦ୍ଧିର କାର୍ଯ୍ୟ । ସେ ଯାହା ହେଉ ବ୍ରିଟିଶଜାତିର ସଂସ୍ରବରେ ପାଶ୍ଚାତ୍ୟ ସଭ୍ୟତା ଯେ କ୍ରମେ ଆମ୍ଭମାନଙ୍କ ଦେଶରେ ବିସ୍ତାର ଲାଭ କରୁଅଛି ଏହା ପ୍ରତ୍ୟକ୍ଷ ବ୍ୟାପାର । ପାଶ୍ଚାତ୍ୟ ସଭ୍ୟତାର ଦୃଷ୍ଟି ପ୍ରଧାନତଃ ଇହକାଳ ଉପରେ । ବୈଷୟିକ ଉନ୍ନତି ଏହାର ପ୍ରଧାନ ଲକ୍ଷ୍ୟ । କିପରି ଦୀର୍ଘଜୀବନ ଲାଭ କରିବାକୁ ହେବ, କିପରି ସୁଖରେ କାଳହରଣ କରିବାକୁ ହେବ, କି ଉପାୟରେ ମନୁଷ୍ୟର ନାନାପ୍ରକାର ସାଂସାରିକ ଅଭାବ ମୋଚନ ହେବ ଏହି ସମସ୍ତ ବିଷୟ ପ୍ରତି ଦୃଷ୍ଟି ରଖି ପାଶ୍ଚାତ୍ୟଜାତିସମୂହ ନିରନ୍ତର କାର୍ଯ୍ୟରେ ବ୍ୟାପୃତ ରହିଅଛନ୍ତି । ଏମନ୍ତ କି ଧର୍ମଟାକୁ ଅନେକେ କେବଳ ସାଂସାରିକ ସୁଖ ସମୃଦ୍ଧିର ଉପାଦାନ ସ୍ୱରୂପ ମନେ କରନ୍ତି । ଶେଷୋକ୍ତ କଥାଟା କେତେଦୂର

Digitized by srujanika@gmail.com

ସଙ୍ଗତ ଏଠାରେ ତାହା ଆଲୋଚନା କରିବା ଆମ୍ଭମାନଙ୍କର ଉଦ୍ଦେଶ୍ୟ ନୁହେଁ । ତେବେ ସେମାନେ ଯେ ଜୀବନଟାକୁ ଅନେକ ପରିମାଣରେ ସୁଖମୟ କରିବାକୁ ସକ୍ଷମ ହୋଇଅଛନ୍ତି ଏହା ନିଶ୍ଚିତ କଥା । ରାଶିରାଶି ଧନ ଉପାର୍ଜନ କଲେ ସୁଦ୍ଧା ଏକା ସ୍ୱାସ୍ଥ୍ୟ ଅଭାବରେ ସମସ୍ତ ବୃଥା ସମସ୍ତ ବିଷମୟ । ଏହି କାରଣରୁ ସେମାନଙ୍କର ସ୍ୱାସ୍ଥ୍ୟରକ୍ଷା ଉପରେ ସର୍ବଦା ଅତି ସତର୍କ ଓ ତୀକ୍ଷ୍ଣ ଦୃଷ୍ଟି । ଆହାର, ପାନୀୟ, ପରିଚ୍ଛଦ, ବାସଗୃହ, ପଲ୍ଲୀଗ୍ରାମ, ନଗର ସକଳ ବିଷୟରେ ଓ ସର୍ବତ୍ର ସ୍ୱାସ୍ଥ୍ୟରକ୍ଷାର ଉତ୍କୃଷ୍ଟ ବିଧିମାନ ଅକ୍ଷରେ ଅକ୍ଷରେ ପ୍ରତିପାଳନ କରିବା ପକ୍ଷରେ ୟୁରୋପୀୟଗଣ ବିଶେଷ ଯତ୍ନବାନ । ନାନା ରୋଗର ଉତ୍କୃଷ୍ଟ ଔଷଧ ଆବିଷ୍କାର କରି ସେମାନେ ନିଶ୍ଚିନ୍ତ ନୁହନ୍ତି—କପରି ଭାବରେ ଚଳିଲେ ରୋଗ ଆକ୍ରମଣ କରିପାରିବ ନାହିଁ ଏଥିପାଇଁ ସେମାନେ ଅଧିକତର ବ୍ୟଗ୍ର । Prevention is better than cure ଏହାହିଁ ସେମାନଙ୍କର ସ୍ୱାସ୍ଥ୍ୟରକ୍ଷାର ମୂଳମନ୍ତ୍ର । ଏହି ବିଷୂଚିକା ପ୍ରଧାନ ଦେଶରେ କେତେଜଣ ୟୁରୋପୀୟ ଉକ୍ତ ରୋଗରେ ପ୍ରାଣ ହରାନ୍ତି ? କେତେଜଣ ବସନ୍ତ ପ୍ରଭୃତି ଦୁଷ୍ଟ କିମ୍ବା ସଂକ୍ରାମକ ରୋଗଦ୍ୱାରା ଆକ୍ରାନ୍ତ ହୁଅନ୍ତି ? ତାହା ଛଡ଼ା ୟୁରୋପର ଓ ଆମେରିକାର ପ୍ରଧାନ ପ୍ରଧାନ ସହରମାନଙ୍କରେ ଏହାର ପ୍ରଭାବ କେଉଁଠାରେ ? ଇତିହାସ ପାଠକଲେ ଜଣାଯାଏ, ଏକ ଏକ ସମୟରେ ବିଶେଷ ୨ ସଂକ୍ରାମକ ରୋଗରେ ୟୁରୋପରେ ଗୋଟିଏ ୨ ସହର ଏକାବେଳକେ ନିର୍ମନୁଷ୍ୟ ହୋଇ ଯାଇଥିଲା । ମାତ୍ର ଆଜିକାଲି ସେହିସବୁ ସହରର ଅବସ୍ଥା ଏତେ ଦୂର ପରିବର୍ତ୍ତିତ ହୋଇଅଛି ସ୍ୱାସ୍ଥ୍ୟରକ୍ଷାର ଏପରି ସଦୁପାୟମାନ ଅବଲମ୍ବିତ ହୋଇଅଛି, ଯେ ସବୁ ସ୍ଥାନମାନଙ୍କରେ ଉକ୍ତ ରୋଗମାନଙ୍କର ଆଶଙ୍କା ସମ୍ପୂର୍ଣ୍ଣରୂପେ ତିରୋହିତ ହୋଇଅଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏ ଦେଶରେ ପାଶ୍ଚାତ୍ୟ ସଭ୍ୟତା ବୃଦ୍ଧି ସଙ୍ଗେ ସଙ୍ଗେ ବଡ଼ ୨ ସହରମାନଙ୍କରେ ବହୁସଂଖ୍ୟକ କଳ କାରଖାନା ଆଦି ସଂସ୍ଥାପିତ ହେଉଅଛି, ବହୁ ଦେଶରୁ ନାନାଶ୍ରେଣୀର ଲୋକମାନଙ୍କର ସମାଗମରେ ସହରମାନ ଜନାକୀର୍ଣ୍ଣ ହେଉଅଛି ଏବଂ ତହିଁ ସଙ୍ଗେ ୨ ନାନାପ୍ରକାର ନୂତନ ରୋଗର ଆମଦାନୀ ମଧ୍ୟ ହେଉଅଛି । ଏ ଅବସ୍ଥାରେ ଆମ୍ଭମାନଙ୍କର ସ୍ୱାସ୍ଥ୍ୟରକ୍ଷାର ବିଧି ପାଳନ ପ୍ରତି କେତେଦୂର ତୀକ୍ଷ୍ଣ ଦୃଷ୍ଟି ରଖିବା ଆବଶ୍ୟକ, ତାହା କାହାରିକୁ ବୁଝାଇଦେବାକୁ ହେବ ନାହିଁ । ମାତ୍ର ଦୁର୍ଭାଗ୍ୟର ବିଷୟ ଏହି ଯେ ଆମ୍ଭେମାନେ ଯାହା ବୁଝୁ ତାହା କାର୍ଯ୍ୟରେ ପରିଣତ କରିବାକୁ ବଡ଼ ତତ୍ପର ନୋହୁଁ । ପରନ୍ତୁ ଭାଗ୍ୟ ବା ଅଦୃଷ୍ଟ ଉପରେ ନିର୍ଭର କରି କର୍ମଶୂନ୍ୟ ଓ ନିଶ୍ଚେଷ୍ଟ ଜୀବନ ଯାପନ କରିବାର ଭାବ ଆମ୍ଭମାନଙ୍କୁ ଏକାବେଳକେ ପରିତ୍ୟାଗ କରିନାହିଁ—ଅଥବା ଆମ୍ଭେମାନେ ତାହାର ମୋହନ ପ୍ରଭାବ ଅତିକ୍ରମ କରିପାରି ନାହୁଁ । ନିମ୍ନଶ୍ରେଣୀ ବା ଅଶିକ୍ଷିତ ସମ୍ପ୍ରଦାୟ ମଧ୍ୟରେ ସ୍ୱାସ୍ଥ୍ୟଜ୍ଞାନ ଆଦୌ ନାହିଁ କହିଲେ ଚଳେ—ଏ ସମ୍ବନ୍ଧରେ ସେମାନେ ପନ୍ଦରଅଣା ଅଦୃଷ୍ଟବାଦୀ ବା ଦୈବବାଦୀ । ମାତ୍ର ଶିକ୍ଷିତ ଶ୍ରେଣୀର ମୋହନିଦ୍ରା ଭଙ୍ଗ ହେବା ବର୍ତ୍ତମାନ ଏକାନ୍ତ ଆବଶ୍ୟକ ହୋଇଅଛି । ସେମାନେ ସଂସ୍କାରପ୍ରୟାସୀ ଓ କାର୍ଯ୍ୟତତ୍ପର ନ ହେଲେ ଆଉ ରକ୍ଷା ନାହିଁ ।

ଉପସ୍ଥିତ ମହାମାରୀ—ବ୍ୟୁବନିକ ପ୍ଲେଗ ନାମକ ମହାମାରୀ ଧନଜନପୂର୍ଣ୍ଣ ବୋମ୍ବେ ନଗରୀକୁ ଛାରଖାର କରି କ୍ରମେ ଦେଶ ମଧ୍ୟରେ ବ୍ୟାପ୍ତ ହୋଇ ପଡ଼ୁଅଛି ! ଏକ ମହାମାରୀର ନାମରେ ଭାରତବ୍ୟାପି ଆତଙ୍କ ଉପସ୍ଥିତ ହୋଇଅଛି । ବୋମ୍ବେ, ପୁନା, କରାଚି ପ୍ରଭୃତି ସ୍ଥାନରେ ପ୍ରତିଦିନ ଶତ-

Digitized by srujanika@gmail.com

ଶତ ମହାପ୍ରାଣୀ ଏହି ଭୟଙ୍କର ରୋଗରେ ପ୍ରାଣ ହରାଉ ଅଛନ୍ତି । ବହୁସଂଖ୍ୟକ ନରନାରୀ ପ୍ରାଣ-ଭୟରେ ସ୍ଥାନ ତ୍ୟାଗ କରି ପଳାୟନ କରୁ-ଅଛନ୍ତି । ଶବଦାହ କରିବାର ଲୋକ ମିଳୁ ନାହାନ୍ତି । କିଏ ଜାଣେ ଏହାର ଶେଷ କେଉଁଠାରେ ? ବିଜ୍ଞ ଚିକିତ୍ସକ ମାନଙ୍କର ସମସ୍ତ ଚେଷ୍ଟା, ଗଭର୍ଣ୍ଣମେଣ୍ଟଙ୍କର ସମସ୍ତ ସତର୍କତା ବ୍ୟର୍ଥ ହୋଇ ଯାଉଅଛି । ଏହି ରୋଗର ଇତିହାସ ଅନୁସନ୍ଧାନ କରିବାରେ ଜଣା ଯାଇଅଛି ଯେ କୌଣସି ସ୍ଥାନରେ ଏହା ଦେଖାହେଲେ ଦୀର୍ଘ କାଳ ପର୍ଯ୍ୟନ୍ତ ସେଠାରେ ରହି ମନୁଷ୍ୟମାନଙ୍କର ବିନାଶ ସାଧନ କରେ । ସମ୍ରାଟ ସାହାଯାହାନଙ୍କ ସମୟରେ ଏହି ରୋଗ ଦିଲ୍ଲୀରେ ଦେଖା ଦେଇଥିଲା ଏବଂ ପ୍ରାୟ ୮ ବର୍ଷ ସେଠାରେ ଅବସ୍ଥାନ କରି-ଥିଲା । ବର୍ତ୍ତମାନ ରେଲବର୍ତ୍ମଦ୍ୱାରା ଦେଶ ଯେପରି ସମ୍ବଦ୍ଧ ହୋଇଅଛି ଏବଂ ନାନା ବିଷୟକ-ର୍ମୋପଲକ୍ଷରେ ଏହାଦ୍ୱାରା ଯାତ୍ରିମାନଙ୍କର ଗମନା ଗମନ ଯେପରି ଅହରହ ଲାଗିଅଛି ସେଥିରେ ସେ ଏ ମାରାତ୍ମକ ରୋଗ ସମଗ୍ର ଦେଶ ବ୍ୟାପ୍ତ ହେବା ଅସମ୍ଭବ ନୁହେ । ମହାମାରୀର ପ୍ରକୃତ ଚିକିତ୍ସା ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ— ଯାହା କିଛି କରା ହେଉଅଛି, ସେ କେବଳ ଅଗ୍ନିକୁ ବାଉଁଶ ପକାଇବା ପରି । ମାତ୍ର ରୋଗର ଆକ୍ରମଣ ନିବାରଣ କରିବା ପାଇଁ ବିଜ୍ଞ ବହୁଦର୍ଶୀ ଚିକିତ୍ସକ ମାନେ ଯେଉଁ ସବୁ ଉପାୟ ନିର୍ଦ୍ଦେଶ କରିଅଛନ୍ତି ସେ ଗୁଡ଼ିକ ଯଥାସମ୍ଭବ ପାଳନ କରିବା ସମସ୍ତଙ୍କର କର୍ତ୍ତବ୍ୟ । ଗଭର୍ଣ୍ଣମେଣ୍ଟ ବଡ ବଡ଼ ସହରମାନ ସୁପରିଷ୍କୃତ ରଖିବା ପାଇଁ ବହୁତ ଉପାୟ ଅବଲମ୍ବନ କରୁଅଛନ୍ତି, ସାନବଡ ସମସ୍ତ ମ୍ୟୁନିସିପାଲିଟିମାନ ସହର ପରିଷ୍କାର କରିବା ପାଇଁ ଜାଗ୍ରତ ହୋଇ ଅଛନ୍ତି । ମାତ୍ର ସହରବାସିମାନେ ନିଜ ନିଜ ଦାୟିତ୍ୱ ହୃଦୟଙ୍ଗମ କରି କର୍ତ୍ତବ୍ୟସାଧନରେ ତତ୍ପର ନ ହେଲେ ଗଭର୍ଣ୍ଣମେଣ୍ଟ ବା ମ୍ୟୁନିସିପାଲିଟିର ଉଦ୍ଦେଶ୍ୟ କି ସୁସିଦ୍ଧ ହୋଇପାରେ ? କେଉଁ ବାସଗୃହର କେଉଁ କୋଣରେ କି ଦୁର୍ଗନ୍ଧ ପଦାର୍ଥ ଜମା ଅଛି, କେଉଁ ଗୃହ ଅପରିଷ୍କୃତ ଅଛି ଏହା କିଏ ଅନ୍ୱେଷଣ କରିବ ଏବଂ କିଏ ବା ତାହା ନିବାରଣ କରିବ ? ରୋଗ ନିବାରଣର ଉପାୟମାନ ସମ୍ବାଦପତ୍ର ମାନଙ୍କରେ ପ୍ରକାଶିତ ହେଉଅଛି । ତାହା ପାଠ କରି କାର୍ଯ୍ୟରେ ପରିଣତ କରିବା ଏବଂ ଅଜ୍ଞ ଅଶିକ୍ଷିତ ମାନଙ୍କୁ ତାହା ପାଳନ କରିବାକୁ ପ୍ରବର୍ତ୍ତାଇବା ଆମ୍ଭମାନଙ୍କର ଶିକ୍ଷିତ ସମ୍ପ୍ରଦାୟର ବର୍ତ୍ତମାନ ବିଶେଷ କର୍ତ୍ତବ୍ୟ ବୋଲି ଆମ୍ଭେମାନେ ମନେକରୁଁ । ଏ କର୍ତ୍ତବ୍ୟ ଅବହେଳା କଲେ ଏହାର ଗୁରୁଦଣ୍ଡ ଅବଶ୍ୟ ଭୋଗ କରିବାକୁ ହେବ । କିଏ କହି ପାରେ ଯେ ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧରେ ଆମ୍ଭମାନଙ୍କର ବହୁକାଳ ବ୍ୟାପୀ ଜଡ଼ତା ଓ ଔଦାସୀନ୍ୟ ଦୂର କରିବା ପାଇଁ ବିଧାତା ଏହି ସାଙ୍ଘାତିକ ଉପାୟ ଅବଲମ୍ବନ କରିନାହାନ୍ତି । ଗଭୀର ନିଦ୍ରାରେ ଅଚେତନ ଥାଇ ଆମ୍ଭେମାନେ ସଭ୍ୟତାର ସୁମଧୁର ସୁଖ ଆସ୍ୱାଦନ କରିବୁଁ ଏହା କଦାପି ହୋଇ ନ ପାରେ । ପ୍ରଧାନ କଥା ବାସଗୃହ, ନିକଟବର୍ତ୍ତୀ ସ୍ଥାନ, ପରିଚ୍ଛଦ ଇତ୍ୟାଦି ସମ୍ପୂର୍ଣ୍ଣରୂପେ ପରିଷ୍କୃତ ଓ ନିର୍ମଳ ରଖିବାକୁ ହେବ । କାର୍ବଲିକ ଏସିଡ୍ ଓ ଫେନାଇଲ୍ ପ୍ରଭୃତି ଦୁର୍ଗନ୍ଧ ନିବାରକ ପଦାର୍ଥମାନ ଜଳସଙ୍ଗେ ମିଶାଇ ଗୃହମାନ ଧୌତ କରିବାକୁ ହେବ ଏବଂ ସେହି ଜଳ ଗୃହଅନ୍ତରେ ଛିଞ୍ଚିବାକୁ ହେବ । ପୁରାତନ ଗୃହମାନଙ୍କର ଜୀର୍ଣ୍ଣସଂସ୍କାର ମଧ୍ୟ ଏ ସମୟରେ ନିତାନ୍ତ ଆବଶ୍ୟକ । ମୋଟାମୋଟି ଏହି ଉପାୟ—ଡାକ୍ତର ଓ ନଗରର ସ୍ୱାସ୍ଥ୍ୟରକ୍ଷକ ମାନଙ୍କର ଯେତେବେଳେ ଯେଉଁ ଆଦେଶ ବାହାରିବ ତାହାପ୍ରତି ମନୋଯୋଗୀ ହେବାକୁ ହେବ । ଆଉ ଗୋଟିଏ କଥା ଏଠାରେ କହିବା ଆବଶ୍ୟକ । ଏପରି ସାମୟିକ ଜାଗରଣ ଦ୍ୱାରା ବାଞ୍ଛିତ ଫଳ

Digitized by srujanika@gmail.com

ଲଭ ହୋଇ ନ ପାରେ । ବନେକର,ମାପକର ତା ବର୍ଷକର କାରଣରୁ ମହାମାରୀର ଉତ୍ପତ୍ତି ହୋଇନାହିଁ—ଏହା ବହୁକାଳ ବ୍ୟାପୀ ଅବଜ୍ଞାର ଫଳ । ଆଜ ଯେବେ ମହାମାରୀ ଦେଶରୁ ଛାଡ଼ି ଗୁଲି-ଯାଏ, ତେବେ କି ଆମ୍ଭେମାନେ ସୁଖରେ ନିଦ୍ରା-ମଗ୍ନ ହୋଇ କାଳ କଟାଇବା ? ଏହି ଜାଗରଣ ଆମ୍ଭମାନଙ୍କର ଚିର ଜାଗରଣ ହେଉ । ଆବ-ଶ୍ୟକ—ନାନା ରୋଗ ଓ ଅପଘାତ ସଙ୍ଗେ ଚିର ସଂଗ୍ରାମ ଉଦ୍ଘୋଷିତ ହେବା ଆବଶ୍ୟକ । ପରି-ଶେଷରେ ବକ୍ତବ୍ୟ ଏହି ଯେ ବିଶେଷ ୨ ରେଲଓଏର ଷ୍ଟେସନରେ ଯାତ୍ରୀପରୀକ୍ଷା ଏବଂ ରୋଗୀନିବାସ ପକ୍ଷରେ ଗବର୍ଣ୍ଣମେଣ୍ଟ ଯେଉଁ ବିଧି କରିଅଛନ୍ତି ତାହା ଆମ୍ଭମାନଙ୍କୁ ଟିକିଏ ନିର୍ମମ ଓ କଠୋର ବୋଧ ହେଉଅଛି—ତଦ୍ଦ୍ୱାରା ଅନେକ ସମୟରେ ଅକାରଣ ସନ୍ଦେହରେ ଅନେକଙ୍କର କଷ୍ଟ, ଲାଞ୍ଛନା ଓ ମନୋବେଦନା ଭୋଗ କରିବା ଅସମ୍ଭବ ନୁହେଁ, କିନ୍ତୁ ଗବର୍ଣ୍ଣମେଣ୍ଟ ଯେ ନାଚାର ହୋଇ ଏପରି ବିଧି କରିଅଛନ୍ତି ତାହା ନିଃସନ୍ଦେହ ।

ଦୁର୍ଭିକ୍ଷ—ଏବର୍ଷ ଭାରତ ପକ୍ଷରେ ଦୁର୍ବର୍ଷ । ଏକ ଅଡ଼େ ମହାମାରୀ ଅନ୍ୟ ଆଡ଼େ ଦେଶବ୍ୟାପୀ ଦୁର୍ଭିକ୍ଷର ପ୍ରକୋପ ! ଏଥିରେ ଭାରତର କି ଦଶା ଘଟିବ କିଏ କହିପାରେ ? ଦୁର୍ଭିକ୍ଷପୀଡ଼ିତ ନର ନାରୀଙ୍କର ସାହାଯ୍ୟ ନିମିତ୍ତ ନାନା ଆୟୋଜନ ଲାଗିଅଛି । ନାନାସ୍ଥାନରେ ସଭାସମିତି ସଂସ୍ଥାପିତ ହୋଇ ଅର୍ଥ ସଂଗୃହୀତ ହେଉଅଛି । ଏହି ଘୋର ଦୁଃସମୟରେ ବିଧାତା ସଙ୍ଗତିସମ୍ପନ୍ନ ଓ ସମର୍ଥ ବ୍ୟକ୍ତିମାନଙ୍କୁ ପବିତ୍ର ଜନସେବା ବ୍ରତ ପାଳନ କରିବା ନିମିତ୍ତ ବିଶେଷ ଭାବରେ ଆହ୍ୱାନ କରୁଅଛନ୍ତି । କେହି ଧନ ଦେଇ କେହି ବା ପରିଶ୍ରମ କରି ଏହି ବ୍ରତ ପାଳନ କରିପାରେ । ଅନେକ ସାଧ୍ୟ ସାଧନାରେ ଗବର୍ଣ୍ଣମେଣ୍ଟଙ୍କ ନିଦ୍ରାଭଙ୍ଗ ହୋଇଅଛି । ଗବର୍ଣ୍ଣମେଣ୍ଟଙ୍କ କର୍ମଚାରୀଗଣ ନିଜ ନିଜ କର୍ତ୍ତବ୍ୟ ସାଧନ କରିବା ପାଇଁ ବ୍ୟଗ୍ର ହୋଇଅଛନ୍ତି । ଏ ସମୟରେ ଦେଶର ଲୋକ-ମାନଙ୍କର ଯଥା ସାଧ୍ୟ ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟ କରିବା ଏକାନ୍ତ କର୍ତ୍ତବ୍ୟ । ସୁଖର ବିଷୟ ଦେଶର ଲୋକମାନେ ନିଶ୍ଚେଷ୍ଟ ନ ରହି କାର୍ଯ୍ୟ-କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଅଛନ୍ତି । ମାନବହୃଦୟ ଧାରଣ କରି ଏ ଅବସ୍ଥାରେ କିଏ ନିଶ୍ଚେଷ୍ଟ ରହି-ପାରେ ? ସରଳ ଓ ପବିତ୍ର ପ୍ରାଣରେ ଯେ ଯେତେ ପରିମାଣରେ ଏ କାର୍ଯ୍ୟରେ ସହାୟତା କରିପାରିବେ ତାହାର ଜୀବନ ସେହି ପରିମାଣରେ ଧନ୍ୟ ହେବ । ସୁଦୂର ଇଂଲଣ୍ଡ, ଆମେରିକା; ଚୀନ, ରୁଷିଆ, ଜର୍ମାନି ସମସ୍ତେ ଭାରତର ଦୁର୍ଦ୍ଦଶା ଦେଖି ବ୍ୟଥିତ ହୋଇ ଅର୍ଥ ଓ ଶସ୍ୟ ପ୍ରେରଣ କରୁଅଛନ୍ତି; ଆମ୍ଭେମାନେ ଆଖି ଆଗରେ ସ୍ୱଜାତିର ଶୋଚନୀୟ ଅବସ୍ଥା ଦେଖି ନିଶ୍ଚିନ୍ତ ରହିବୁ କିପରି ? ଏ ପର୍ଯ୍ୟନ୍ତ ମୋଟରେ ପ୍ରାୟ ୬୦ ଲକ୍ଷ ଟଙ୍କା ସଂଗୃହୀତ ହୋଇଅଛି ଏବଂ ଅଚିରେ ଆହୁରି ଅନେକ ଅର୍ଥ ସଂଗୃହୀତ ହେବାର ଆଶା ମଧ୍ୟ ଅଛି । ସବଳକାୟ ବ୍ୟକ୍ତି-ମାନଙ୍କୁ କାର୍ଯ୍ୟରେ ଲଗାଇ ସେମାନଙ୍କର ଅନ୍ନସଂସ୍ଥାନର ଉପାୟ କରା ହୋଇଅଛି । ଗବର୍ଣ୍ଣମେଣ୍ଟଙ୍କ କର୍ତ୍ତୃତ୍ୱାଧୀନରେ ଏହିପରି ପ୍ରାୟ ୩୦ ଲକ୍ଷ ଲୋକ କର୍ମରେ ନିଯୁକ୍ତ ରହିଅଛନ୍ତି । ତାହା ଛଡ଼ା ଅନେକ ଦେଶୀୟ ରାଜା ଓ ଜମିଦାର ମଧ୍ୟ ସ୍ୱାଧିକାର ମଧ୍ୟରେ ଏହିପରି କର୍ମର ଆୟୋଜନ କରିଅଛନ୍ତି । ଆମ୍ଭମାନଙ୍କର ମାନ-ନୀୟ ଡିରେକ୍ଟର ଶ୍ରୀଯୁକ୍ତ ମାର୍ଟିନ ସାହେବ ମହୋଦୟ ବିଦ୍ୟାଳୟର ଛାତ୍ରମାନଙ୍କଠାରୁ ଦୁର୍ଭିକ୍ଷ ସାହାଯ୍ୟ ନିମିତ୍ତ କିଛି କିଛି ଅର୍ଥ ସଂଗ୍ରହ କରିବା ନିମିତ୍ତ ବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ଅନୁରୋଧ କରିଅଛନ୍ତି । ଆମ୍ଭମାନଙ୍କର କଟକ କଲେଜରେ ଏହାର ସୂତ୍ରପାତ ହେଲା । ବର୍ତ୍ତମାନ ନାନା-ସ୍ଥାନରେ ଏହି ଉପାୟରେ କିଛି କିଛି ସଂଗୃହୀତ ହେଉଅଛି । ଆମ୍ଭେମାନେ ଅବଗତ ହୋଇଅଛୁଁ

Digitized by srujanika@gmail.com

ଏ ନଗରର ଅନ୍ୟାନ୍ୟ ବିଦ୍ୟାଳୟରୁ ମଧ୍ୟ ଅର୍ଥ ସଂଗ୍ରହର ଚେଷ୍ଟା ହେଉଅଛି । ପରିମାଣ ବିବେଚନାରେ ଏହି ଅର୍ଥ ଅତି ସାମାନ୍ୟ ହେଲେହେଁ ଏହାର ମୂଲ୍ୟ ଅତ୍ୟନ୍ତ ଅଧିକ । ଏହାଦ୍ୱାରା ଦୁର୍ଭିକ୍ଷପୀଡ଼ିତ ବ୍ୟକ୍ତିମାନଙ୍କର କିଞ୍ଚିତ ସାହାଯ୍ୟ ତ ହେବ, ତାହାଛଡ଼ା ସୁକୁମାରମତି ସହସ୍ର ସହସ୍ର ବାଳକ ବାଳିକାଙ୍କର ଦୟାବୃତ୍ତିର କିଞ୍ଚିତ୍ ଅନୁଶୀଳନ ମଧ୍ୟ ହେବ । ଶୁଣିଅଛୁଁ ଏହି ଭାରତର ଦୁର୍ଭିକ୍ଷ ସାହାଯ୍ୟ ନିମିତ୍ତ ଏକ ସମୟରେ ଇଂଲଣ୍ଡର ବାଳକ ବାଳିକାମାନେ କେତେକ ମାସ ପର୍ଯ୍ୟନ୍ତ ରୁଟୀ ସଙ୍ଗେ ଚିନି ଖାଇବା ପରିତ୍ୟାଗ କରି ସେହି ଅର୍ଥ ଏହି ଦେଶକୁ ପ୍ରେରଣ କରିଥିଲେ । ଆଜି ଆମ୍ଭମାନଙ୍କ ଦେଶର ବାଳକ ବାଳିକାମାନେ ଏକକାଳୀନ ଅଣାଏ ଦୁଇ ଅଣା ଦେଇ ଆପଣାର କୋମଳ ଓ ଦୟାର୍ଦ୍ର ହୃଦୟର ପରିଚୟ ପ୍ରଦାନ କରିବେ ନାହିଁ ? କଟକରେ ଅଳ୍ପଦିନ ହେଲା ଦୁର୍ଭିକ୍ଷ ସାହାଯ୍ୟାର୍ଥେ ଗୋଟିଏ ବୃହତ୍ ସଭା ହୋଇ ଯାଇଅଛି । ସଭାସ୍ଥଳରେ ପ୍ରାୟ ତେରହଜାର ଟଙ୍କା ସ୍ୱାକ୍ଷରିତ ହୋଇଥିଲା । ସର୍ବ ଅଧିକ ଅର୍ଥ ସଂଗ୍ରହ ନିମିତ୍ତ ଗୋଟିଏ କମିଟି ନିଯୁକ୍ତ କରିଅଛନ୍ତି । ଏହି ଅର୍ଥ କଲିକତାସ୍ଥ ପ୍ରଧାନ ସମିତିର ହସ୍ତରେ ଅର୍ପିତ ହେବ । ଉକ୍ତ ସମିତି ଯଥା ସମୟରେ ଏବଂ ଯଥା ସ୍ଥାନରେ ଏହା ବ୍ୟୟ କରିବେ । ଉତ୍କଳପ୍ରଦେଶରେ ଯେ ସାହାଯ୍ୟ ଆବଶ୍ୟକ ହେବ ନାହିଁ ଏହା କହାଯାଇ ନ ପାରେ । ଦେଶରେ ଦୁର୍ମୂଲ୍ୟତା ଆଜିଠାରୁ ଯେ ଅନେକଙ୍କୁ ବାଧିଲାଣି ଏବଂ ମଫସଲରେ ସ୍ଥାନେ ସ୍ଥାନେ ଲୋକେ ବିଶେଷ କଷ୍ଟରେ କାଳ କଟାଉଅଛନ୍ତି ଏଥିରେ ସଂଶୟ ନାହିଁ । ଯେଉଁମାନେ କଷ୍ଟରେ ପଡ଼ିଲେ ସୁଦ୍ଧା ଭିକ୍ଷାବୃତ୍ତି ଅବଲମ୍ବନ କରିବେ ନାହିଁ ଏବଂ ପ୍ରକାଶ୍ୟ ଭାବରେ ସାହାଯ୍ୟ ଗ୍ରହଣ କରିବେ ନାହିଁ, ସେମାନଙ୍କ ପାଇଁ ବିହିତ ଉପାୟ ଅବଲମ୍ବନ କରିବା କି ଉଚିତ୍ ନୁହେଁ ? ଆମ୍ଭମାନଙ୍କ ମତରେ ଏହି ସର୍ବାପେକ୍ଷା କଠିନ କାର୍ଯ୍ୟ । ସୁବିବେଚକ, ସଦାଶୟ ଏବଂ ବିଶ୍ୱାସୀ କର୍ମକାରକମାନଙ୍କ ହସ୍ତରେ ଏହି କାର୍ଯ୍ୟର ଭାର ନ୍ୟସ୍ତ ହେବା ଆବଶ୍ୟକ । ବିଧାତା ଏହି ଦୁର୍ଦ୍ଦିନରେ ସମସ୍ତଙ୍କ ପ୍ରାଣରେ କର୍ତ୍ତବ୍ୟବୁଦ୍ଧି ଓ ଦୟାବୃତ୍ତି ଜାଗ୍ରତ କରନ୍ତୁ ଏହି ପ୍ରାର୍ଥନା ।

ପ୍ରସଙ୍ଗ କ୍ରମେ ଏଠାରେ ଗୋଟିଏ କଥା ଉଲ୍ଲେଖ ନ କରି ରହି ପାରିଲୁ ନାହିଁ । ମେଲିନ୍ସଫୁଡ୍ ଏକପ୍ରକାର ଖାଦ୍ୟ । ଏହା ରୋଗୀ, ଆତୁର, ଦୁର୍ବଳ ଏବଂ ଶିଶୁମାନଙ୍କ ପକ୍ଷରେ ଅତି ଉପାଦେୟ ଦ୍ରବ୍ୟ । ଉକ୍ତ ଦ୍ରବ୍ୟର ସ୍ୱତ୍ୱାଧିକାରୀମାନେ ଟ ୭୦୦୦ ମୂଲ୍ୟର ଖାଦ୍ୟ ଦୁର୍ଭିକ୍ଷକମିଟି ହସ୍ତରେ ଅର୍ପଣ କରିବାକୁ ପ୍ରସ୍ତାବ କରିବାରୁ କମିଟିର ଅନେକ ସଭ୍ୟ ଆପତ୍ତି କଲେ ଯେ ଜାତି ଯିବା ଭୟରେ ଲୋକମାନେ ଉକ୍ତ ଦ୍ରବ୍ୟ ଖାଇବେ ନାହିଁ, ସୁତରାଂ ଉକ୍ତ ଦାନ ଗ୍ରହଣ କରିବା ବିଧେୟ ନୁହେଁ । ଅତ୍ୟନ୍ତ ଲଜ୍ଜା ଓ ପରିତାପର ବିଷୟ ଯେ ଯେଉଁମାନେ ରାଜନୈତିକ ଆନ୍ଦୋଳନରେ ନେତୃସ୍ଥାନ ଅଧିକାର କରି ବସିଅଛନ୍ତି, ଯେଉଁମାନେ ଜାତୀୟ ମହାସମିତିର ପ୍ରଧାନ ସ୍ତମ୍ଭସ୍ୱରୂପ ପରିଗଣିତ ଓ ଭାରତ ଉଦ୍ଧାର କରିବା ପାଇଁ ବଦ୍ଧପରିକର ବୋଲି ଖ୍ୟାତ, ସେମାନଙ୍କ ମଧ୍ୟରୁ କେହି କେହି ଏହି ଆପତ୍ତିକାରୀମାନଙ୍କ ମଧ୍ୟରେ ଥିଲେ !!! ଆମ୍ଭମାନେ ସେମାନଙ୍କ ବୁଦ୍ଧିବିବେଚନା ଦେଖି ଅବାକ୍ ହୋଇଅଛୁଁ । ସୁଖର ବିଷୟ ଅଧିକାଂଶଙ୍କ ମତରେ ଉକ୍ତ ଅସାର ଲଜ୍ଜାଜନକ ଆପତ୍ତି ଅଗ୍ରାହ୍ୟ ହୋଇଅଛି, କମିଟି ସେ ଦାନ ଗ୍ରହଣ କରିଅଛନ୍ତି ।

———

Digitized by srujanika@gmail.com

# ଉତ୍କଳ ସାହିତ୍ୟ

## ଅପଚୟ (୩)

"Productive industry is the only capital which enriches a people and spreads national prosperity and well being."

ଉତ୍ପାଦକ ପରିଶ୍ରମ ଏକମାତ୍ର ମୂଳଧନ ଅଟେ । ଏହା ଲୋକଙ୍କୁ ଧନୀ କରେ ଏବଂ ଜାତୀୟ ସୌଭାଗ୍ୟ ବିସ୍ତାର କରେ ।

ଆଜି ଭାରତବର୍ଷ ଯେ ଜାତିର କରତଳସ୍ଥ, ସେ ଜାତି କି ହେତୁ ଏତେ ଉନ୍ନତ ? ଉତ୍ପାଦକ ପରିଶ୍ରମ ଏ ଉନ୍ନତିର ମୂଳଧନ ନୁହେ କି ? ଇଂରେଜ ସେହି ମୂଳଧନରେ ମହାଜନ ହୋଇ ମହାଭୂଭାଗ ଭାରତକୁ କିଣି ନାହାନ୍ତି କି ?

ଉତ୍ସାହସମ୍ପନ୍ନମଦୀର୍ଘସୂତ୍ରଂ
କ୍ରିୟାବିଧିଜ୍ଞଂ ବ୍ୟସନେଷ୍ୱଶକ୍ତଂ ।
ଶୂରଂ କୃତଜ୍ଞଂ ଦୃଢ଼ସୌହୃଦଂଚ
ଲକ୍ଷ୍ମୀଃ ସ୍ୱୟଂ ଜାତି ନିବାସହେତୋଃ ।

ଉତ୍ସାହସମ୍ପନ୍ନ, ଅଦୀର୍ଘସୂତ୍ରୀ, କ୍ରିୟାବିଧିରେ ଅଭିଜ୍ଞ, ବ୍ୟସନାଦିଠାରୁ ବିରତ, ଶୂର, କୃତଜ୍ଞ ଓ ଦୃଢ଼ସୁହୃଦ୍ ଯେ ବ୍ୟକ୍ତି ସ୍ୱୟଂ ଲକ୍ଷ୍ମୀ ତାହାଙ୍କୁ ଆଶ୍ରୟ କରନ୍ତି ।

ଏ ନୀତି କାହାର ସମ୍ପଦ ? କେଉଁ ଜାତିର ନୀତି-ରତ୍ନ-ଭଣ୍ଡାରରେ ଏହା ଅନନ୍ତ କାଳରୁ ସଞ୍ଚିତ ହୋଇଅଛି ? ଭାରତୀୟ ଆର୍ଯ୍ୟଜାତିର ନୁହେ କି ? ଆଉ ଥରେ କବିବାକ୍ୟରେ କହୁଅଛି;—

"* * * * ଦ୍ୱିଜାତି ଦୁଷ୍କୃତି
ଯୋଗେ ନାରଖାର ହେବ ଅଚିରେ ଏ ମହୀ ।"

ଦ୍ୱିଜାତିଙ୍କ ଦ୍ୱାରା ଉତ୍କଳର କି ଦୁଷ୍କୃତି ହୋଇଅଛି ଦେଖ ! ସ୍ୱର୍ଗଦ୍ୱାର ସ୍ୱରୂପ ପୂତତୋୟା ବୈତରଣୀତଟ ଯାଜନଗର ଜନପଦର ଆର୍ଯ୍ୟକୁଳଗୌରବ ଦ୍ୱିଜାତି ବ୍ରାହ୍ମଣମାନଙ୍କର କାର୍ଯ୍ୟ କିଣ ଦେଖ । କାଳୀଘାଟଠାରୁ ତ୍ରିବେଣୀ ପର୍ଯ୍ୟନ୍ତ ଭାଗୀରଥୀ ତୀରରେ ଅସଂଖ୍ୟ ଉତ୍କଳ ବ୍ରାହ୍ମଣ ଘାଟ ଜଗି ବସିଅଛନ୍ତି । ଏମାନଙ୍କର ମୂଳଧନ ତୈଳ, ଦର୍ପଣ, କାଷ୍ଠକଙ୍କତିକା, ଦନ୍ତମାର୍ଜ୍ଜନୀ, ଚନ୍ଦନ, ସିନ୍ଦୂର, ଆଉ କେତୋଟି କିରୋସିନ୍ ବାକ୍ସ । ଅରୁଣୋଦୟ ପୂର୍ବରୁ ଏମାନେ ଶୂଦ୍ର-ସେବାରେ ନିଯୁକ୍ତ ହୁଅନ୍ତି । ଅସଂଖ୍ୟ ନରନାରୀ, ତେଲି, ତାମ୍ବୁଲୀ, ସ୍ୱର୍ଣ୍ଣବଣିକ, ଜାଲି ପ୍ରଭୃତି ବାର ଜାତି ଲୋକ ଗୋଲା ଗଙ୍ଗାସ୍ନାନକୁ ଆସୁଅଛନ୍ତି । ପିନ୍ଧିଲା ବାସ ଗାତ୍ରୋନ୍ମୁକ୍ତ କରି ଉକ୍ତ ବ୍ରାହ୍ମଣ ମାନଙ୍କ ହସ୍ତରେ ଅର୍ପଣ କରୁ ଅଛନ୍ତି । ଅବଗାହନ ସମାପନ କରି ଜନମାନେ ବ୍ରାହ୍ମଣ-ମାନଙ୍କ ଦ୍ୱାରା ପୂର୍ବକଥିତ ସାମଗ୍ରୀରେ ଚର୍ଚ୍ଚିତ ଓ ସେବିତ ହେଉ ଅଛନ୍ତି । ପାରିଶ୍ରମିକ ଏକ ତାମ୍ରମୁଦ୍ରା । ଶୂଦ୍ରମାନଙ୍କର ପାଲଟା ଲୁଗା ଯେ ବ୍ରାହ୍ମଣ ମାନଙ୍କର ବ୍ୟବସାୟର ସଙ୍ଖାଳ-ସେମାନଙ୍କର ବ୍ରାହ୍ମଣ ଗୌରବର କୌଣସି ଚିହ୍ନ ଅଛି କି ? ଏହି ଶୂଦ୍ରସେବୀ ବ୍ରାହ୍ମଣ ମାନଙ୍କ ଦ୍ୱାରା ଉତ୍କଳର ବିନ୍ଦୁମାତ୍ର ଉପକାର ହେବ କି ? କ୍ରମେ ଏହି ବ୍ୟବସାୟୀ ବ୍ରାହ୍ମଣ ସଂଖ୍ୟା ବଢ଼ୁଅଛି । ଅନୁମାନ ହୁଏ ଯାଜ-ନଗର ଏହି ବ୍ୟବସାୟକୁ ଏକମାତ୍ର ଜୀବିକା କରି ଗଙ୍ଗାକୂଳକୁ ଉପନିବେଶ କରିବ ଏବଂ ତାହାର ପୂର୍ବ ଗୌରବ ଶୂଦ୍ରସେବାରେ ଉତ୍ସର୍ଗ କରିବ । କି ଶୋଚନୀୟ ଅବସ୍ଥା—କି ଶୋଚନୀୟ

Digitized by srujanika@gmail.com

ଅପଚୟ ! ଶିକ୍ଷାବିସ୍ତାର ଭିନ୍ନ ଏ ଅପଚୟ ନିବାରଣର ଅନ୍ୟ ପଥ ଅଛି କି ?

ଯେଉଁ ଜାତିର ଉତ୍ପାଦକ ପରିଶ୍ରମ ନାହିଁ—ମୂଳଧନ ନାହିଁ—ସଞ୍ଚୟ ନାହିଁ—ସେ ଜାତି ଉନ୍ନତି ପାବଚ୍ଛକୁ ଉଠି ପାରିବ କି ? କର୍ମହୀନ ହେଲେ ଅବସ୍ଥା ହୀନ ହୁଏ—ଅବସ୍ଥା ହୀନ ହେଲେ ମନ ହୀନ ହୁଏ—ମନ ହୀନ ହେଲେ ବୁଦ୍ଧିନାଶ ହୁଏ—ବୁଦ୍ଧିନାଶ ହେଲେ ସର୍ବନାଶ ହୁଏ । ଠିକ୍ ଆମ୍ଭମାନଙ୍କର ଏହି ଦଶା ଘଟିଅଛି । ହିତ, ଅହିତ—ମିତ, ଅମିତର ଜ୍ଞାନ ଆଦୌ ନାହିଁ ।

"ଭଗୀରଥୀସୁଖଦାୟିନି ମାତଃ,
ତବଜଲ ମହିମା ନିଗମେ ଖ୍ୟାତଃ ।"

ଧନଧାନ୍ୟ ପ୍ରଦାୟିନି ସୁଖସମ୍ପଦ ବିଧାୟିନି ପୂତତୋୟା ଭଗୀରଥୀର ଯେ ମହିମା ଆର୍ଯ୍ୟମାନେ କୀର୍ତ୍ତନ କରୁଥିଲେ ସେ ମହିମା ଆମ୍ଭମାନଙ୍କ ଦୁଷ୍କୃତି ହେତୁ ଶ୍ୱେତଦ୍ୱୀପକୁ ଚାଲି ଯାଇଅଛି । କିଏ କହେ ଗଙ୍ଗାଦେବୀ ହିନ୍ଦୁର ଦେବତା ? କିଏ କହେ ଲକ୍ଷ୍ମୀଠାକୁରାଣୀ ହିନ୍ଦୁମନ୍ଦିର ଛାଡି କେଉଁଠି ଯିବେ ନାହିଁ ? ଏହା ଅଳୀକ କଥା । ଦେବତା ଜାତିବିଶେଷର ପୈତୃକ ସମ୍ପତ୍ତି ନୁହନ୍ତି—ଦେବତା ଅଳସର ନୁହନ୍ତି—ଦେବତା ଉତ୍ସାହସମ୍ପନ୍ନ ବ୍ୟକ୍ତିର—ଦେବତା ଶୂରର—ଦେବତା ଦୃଢ଼ପ୍ରତିଜ୍ଞର—ଦେବତା କୃତଜ୍ଞର—ଦେବତା କର୍ମିର । ଯାହାର କର୍ମ ଅଛି, ତାହାର ଦେବତା ଅଛି । ଯାହାର କର୍ମ ନାହିଁ, ତାହାର ଦେବତା ନାହିଁ, କିଛି ନାହିଁ । କର୍ମୀ ମାର୍କିନ—କର୍ମୀ ଇଂଲଣ୍ଡ—କର୍ମୀ ଜାପାନ ସମସ୍ତ ଦେବତାଙ୍କୁ କରାୟତ୍ତ କରି ଅଛନ୍ତି ! ଭଗୀରଥୀ—ମାତା ଭଗୀରଥୀ ବକ୍ଷ ପାତି ସେମାନଙ୍କର ସବୁ ଅଳ ଅର୍ଦୋଳି—ସହୁଅଛନ୍ତି—ଅତୁଳ ଧନରାଶି ସେମାନଙ୍କ ଗୃହରେ ଢାଳି ଦେଉଅଛନ୍ତି । ତୁମ୍ଭେ, ମୁଁ, ଯାଜପୁର ବ୍ରାହ୍ମଣ, ଭକ୍ତିଆ ପରି ଭଗୀରଥୀ ଜଳକୁ ଅନାଇ ବସିଅଛୁଁ । ହା ହତଭାଗ୍ୟ । ଦୁନିଆଁରେ ଯେ କର୍ମଦ୍ୱାରା କି ଅଦ୍ଭୁତ ପରିବର୍ତ୍ତନ ଘଟିଅଛି—ଅହର୍ନିଶ ଘଟୁଅଛି—ଆମ୍ଭମାନଙ୍କୁ ସେ ଖବର ଜଣାନାହିଁ । ଆମ୍ଭେମାନେ ଅତି ନିରୀହ ଧାର୍ମିକଜାତି । ଗଙ୍ଗାମାତାଙ୍କୁ ବଡ ଭକ୍ତି କରୁଁ-ସ୍ତବ କରୁଁ—ତାଙ୍କ ମାହାତ୍ମ୍ୟ ପୋଥି ଲେଖିଅଛୁଁ, ସେ ପୋଥି ଭକ୍ତି ସହିତ ନିତ୍ୟ ପଢ଼ୁଁ--ଗଙ୍ଗା ପୂଜା କରୁଁ—ମା, ଆମ୍ଭମାନଙ୍କୁ ସଂସାର ଯନ୍ତ୍ରଣାରୁ ଉଦ୍ଧାର କର ।

"ନାହଂ ଜାନେ ତବ ମହିମାନଂ
ତ୍ରାହି କୃପାମୟି ମାମ ଜ୍ଞାନଂ ।

ମା ଏ ବୃଥା ସ୍ତବରେ କର୍ଣ୍ଣପାତ କଲେ ନାହିଁ । ସେ କର୍ମିକୁ ଖୋଜୁଥିଲେ । କର୍ମୀ ଶ୍ୱେତଦେଶବାସୀ ମହାସୁ ୨ ଅଷ୍ଟବିଧାନ ପରିଶ୍ରମର ଫଳ, ଅତୁଳ ଐଶ୍ୱର୍ଯ୍ୟ ମାନଙ୍କ କୋଳରେ ଢାଳିଦେଲେ । ଗଙ୍ଗାମାତା ଛାଗାମେଷ ତୁଲ୍ୟ କର୍ମହୀନମାନଙ୍କୁ କର୍ମୀହସ୍ତରେ ଟେକି ଦେଲେ । ଏତିକି ହେଲା ତାଙ୍କର କୃପା । ତୁମ୍ଭର କର୍ମ ନାହିଁ—ତୁମ୍ଭର ଫଳ ନାହିଁ—ତୁମ୍ଭର ବାହି ନାହିଁ !! Not what I have, but what I do is my kingdom" ଯାହା ଅଛି ସେ ମୋର ସମ୍ପଦ ନୁହେଁ ଯାହା ମୁଁ କରେଁ ସେହି ମୋର ସମ୍ପଦ । ଆମ୍ଭର ଅଛି—ଶସ୍ୟଶାଳୀ ଭାରତ-ଅଛି ଭଗୀରଥୀ ଗଙ୍ଗାମାତା—ଅଛି ବୈତରଣୀ—ନାହିଁ କର୍ମ—ତାରିବ କିଏ ?

କ୍ରମଶଃ

ଶ୍ରୀ ଭୋଳାନାଥ ସାମନ୍ତରାୟ ।

—

Digitized by srujanika@gmail.com

# ଦରବାର

## ପୂର୍ବାନୁବୃତ୍ତି

ମଣ୍ଡି ଅଛ କପାଁ ଆସି ସଭାଘର
ଉତ୍କଳଶେଖର ହେ ଚନ୍ଦ୍ରଶେଖର ?
ଚନ୍ଦ୍ରୋପଳାଗାର-ପାପ୍ତୀଙ୍କ ଆଶାରେ
ପଶିଲ କାମର-ସେବିତ କାସରେ ?
କହ ଫେଡ଼ି, ମଡ଼ କେଉଁ ଭ୍ରମଜାଲେ,
ସତ୍ୟଲୋକୁ ଖସି ଆସିଲ ପାତାଳେ ? (୧)
ଲୋଡ଼ି ଅଛ କି, ହେ ବିଶ୍ୱ ପୂଜାସ୍ପଦ,
ଖଦ୍ୟୋତନ(୨) ହୋଇ ଖଦ୍ୟୋତର ପଦ ?
ଏ ସମ୍ମାନେ ତୁମ୍ଭେ ହେବ କି ହେ ବଶ ?
ତୁମ୍ଭଙ୍କୁ ତ ଏହା ମୂଲ୍ୟ ଅଛି ଜଣା;
ଏ ସମ୍ମାନ-ମାଳା ମାନୁଛ କି ଗଳେ ?
ବିଶୁଦ୍ଧ-ସ୍ୱର୍ଣ୍ଣେ କି ମୁଦ୍ରା ବସେ ଭଲେ ? (୩)
ଜାଣେ ମୁଁ, ନ ଥିଲ ସମ୍ମାନ-ଆଶାୟୀ,
ସମ୍ମାନ ତୁମ୍ଭଙ୍କୁ ଲୋଡ଼ି ନେଲା ଯାଇ,
ତୁମ୍ଭ ମୁଖ୍ୟ କର୍ମ ତପ ଆଚରିବା,
ଦୁନିଆର ଯଶ ଯାଏ ଆସେ କିବା ?
ଧନ୍ୟ, ଧନ୍ୟ ଆହେ ତପସ୍ୱି—ସତ୍ତମ,
ମର୍ତ୍ତ୍ୟଦେହେ ତୁମ୍ଭେ ପରାଜିଲ ଯମ !
ଦେଇଛନ୍ତି ଦିବ୍ୟଚକ୍ଷୁ ବାଗୀଶ୍ୱରୀ
ଦେଖିବାକୁ ମହାଭୂତି ମାହେଶ୍ୱରୀ,(୪)
ସବୁବେଳେ ଧ୍ୟାନ କରୁଛ ସ୍ୱସ୍ତି,
ହିରଣ୍ୟ ଗର୍ଭର ମୂର୍ତ୍ତି ଶାଶ୍ୱତି, (୫)
ତୁମ୍ଭ ଆଗେ ଭାସେ, ପ୍ରତିନେତ୍ରୋନ୍ମେଷେ,
କୋଟି କୋଟି ବିଶ୍ୱ ସୀମାହୀନ—ଦେଶେ,
କୋଟିଗ୍ରହ-ଉପଗ୍ରହ, ଧୂମକେତୁ,
ତୁମ୍ଭ ତପେ ତୁଷ୍ଟ ବାଗ୍‌ଦେବୀ ସଙ୍କେତୁଁ ।
କରୁଛନ୍ତି କେତେ ଲୀଳା କୁତୁହଳେ,
ଯାଦୋଗଣ ଯଥା ମହାର୍ଣ୍ଣବ ଜଳେ,
ତୁମ୍ଭକୁ ନିଶାରେ ନିତି ନବ ନବ
ଦେଖାନ୍ତି ନକ୍ଷତ୍ର-ପୁରୁଷ ତାଣ୍ଡବ, (୬)
ଜ୍ୟୋତିର୍ଲୋକବାସୀ ମହାମୁନିଙ୍କର,
ଜ୍ୟୋତିର୍ବିଦ, ତୁମ୍ଭେ ନିତ୍ୟ ସହଚର,
ରହିବ ତାବତ ଭବେ ତୁମ୍ଭ ଯଶ,
ଦୀପିବ ଯାବତ ଏ ଜ୍ୟୋତିଶ୍ଛନ୍ଦସ । (୭)
ଛନ୍ଦସ ବିଧିର ଅନୁଷ୍ଠାନ ଗୁରୁ
ସାଧ୍ୟ ହେଲା ଯେଣୁ ତୁମ୍ଭ ଗଣନାରୁ । (୮)
ହେ ଉତ୍କଳ-ମାତା ଯୋଗ୍ୟତମ ସୁତ,
ତୁମ୍ଭ ଯୋଗୁ ଆମ୍ଭେ ସର୍ବେ ହେଲୁଁ ପୂତ,
ଗୋଦାବରୀ ଠାରୁ ଗଙ୍ଗା ଯାଏ ବ୍ୟାପି
କୀର୍ତ୍ତିମାଳା ଯାର ବିରାଜେ ଅଦ୍ୟାପି,
ଏକାମ୍ରେ କୋଣାର୍କେ ଯା କୀର୍ତ୍ତି ଭାସ୍ୱର,
ଯୋଗ୍ୟପୁତ୍ର ତୁମ୍ଭେ ସେହି ଉତ୍କଳର,
ମାତ୍ର କାଳମୁଖେ ସେ କୀର୍ତ୍ତି ବିମଳ
ଦେଇ, ନିଜ ମୁଖେ ଏବେ ଯେ ଉତ୍କଳ
ବୋଳି ଦେଇଅଛି ଅଜ୍ଞାନର ମସି
ସେ ଉତ୍କଳେ ତୁମ୍ଭେ ଶ୍ମଶାନତୁଳସୀ !
ତାରାରୂପେ ଉଇଁ ଉତ୍କଳ ଗଗନେ
ରହିଲ ଅଜ୍ଞାନ-ମେଘ-ଆବରଣେ,
ଦୂରୁଁ ଦେଖି ତୁମ୍ଭ ଦିବ୍ୟ ଜ୍ୟୋତି ରାଶି
ଚିହ୍ନିଲେ ତୁମ୍ଭଙ୍କୁ ଦୂରଦେଶବାସୀ,
ଉତ୍କଳ ଉଦୟ-ଅଚଳେ ଭାସ୍କର
ହେଲ ଭାରତର ଦ୍ୱିତୀୟ ଭାସ୍କର (୯)
ମାତ୍ର ହେଲା ଯେହୁ ତୁମ୍ଭର ପ୍ରସୂତି,
ନ ଚିହ୍ନିଲା ସେତ ନିଜର ବିଭୂତି !

---

(୧) ସତ୍ୟଲୋକ ସର୍ବୋଚ୍ଚ ସ୍ୱର୍ଗ, ପାତାଳ ସବୁଠାରୁ ନୀଚ । (୨) ଖଦ୍ୟୋତନ—ସୂର୍ଯ୍ୟ । (୩) ଶୁଦ୍ଧସ୍ୱର୍ଣ୍ଣରେ ତାମ୍ରାଦି ନିକୃଷ୍ଟ ଧାତୁ ନ ମିଶିଲେ ମୁଦ୍ରା ଭଲ ବସେ ନାହିଁ । (୪) ମାହେଶ୍ୱରୀ ଭୂତି—ଈଶ୍ୱରଙ୍କର ଐଶ୍ୱର୍ଯ୍ୟ । (୫) ହିରଣ୍ୟଗର୍ଭ—ବିରାଟ ପୁରୁଷ, ଯାହାଙ୍କ ଗର୍ଭରେ କୋଟି କୋଟି ହିରଣ୍ମୟ ବ୍ରହ୍ମାଣ୍ଡ ଅବସ୍ଥିତ । (୬) ଅନେକ ନକ୍ଷତ୍ର ଏକତ୍ର ହୋଇ ଗୋଟିଏ ଗୋଟିଏ ଜ୍ୟୋତିର୍ମୟ ପୁରୁଷରୂପେ କଳ୍ପିତ ହୁଅନ୍ତି । (୭) ଛନ୍ଦସଜ୍ୟୋତି—ସୂର୍ଯ୍ୟ । (୮) ବୈଦିକ କର୍ମକାଣ୍ଡ ବିଶୁଦ୍ଧ ପଞ୍ଜିକାସାପେକ୍ଷ । ସାମନ୍ତ ମହାଶୟଙ୍କ ଦ୍ୱାରା ପଞ୍ଜିକାର ବିଶୁଦ୍ଧତା ସମ୍ପାଦିତ ହୋଇଅଛି । (୯) ଭାସ୍କରାଚାର୍ଯ୍ୟ ।

Digitized by srujanika@gmail.com

ଗୁଣଜ୍ଞ ଉତ୍କଳେ ଜଣେ କେହି ନାହିଁ
ଗୁଣୀନ୍ଦ୍ର, ତୁମ୍ଭର ହେବ ଗୁଣ-ଗ୍ରାହୀ !
ସଲିଲ ନ ସିଞ୍ଚି, ଖାଲି ଦଣ୍ଡବତ
କରିବାକୁ ଛନ୍ତି ଲୋକ ଶତଶତ !
ଥାଉଁ କି ଶ୍ରୀରାମଚନ୍ଦ୍ର ନରବର
ବପୁସେ କରଣାର, ଜ୍ଞାନେ ବର୍ଷୀୟାନ,
ଥାଉଁ ଥାଉଁ ବାସୁଦେବ ନୃପବର
ବିଦ୍ୱାନ-ମରାଳ-କୁଳପଦ୍ମାକର.
ନରେଶ ମହେନ୍ଦ୍ର, ସ୍ୱଦେଶ-ଗୌରବ
ଗୁଣିବୃନ୍ଦ-ଅନବନ୍ଧନ — ବାନ୍ଧବ,
ତୁମ୍ଭପରି ଜ୍ଞାନତରୁ ମଉଳିଲା
ଏହା ଦେଖିବାକୁ ବିହି ଲେଖିଥିଲା !
ଶୁଷ୍କ ବନ୍ଧ୍ୟ ଯଶ ସଙ୍ଗେ ଅର୍ଦ୍ଧାଶନ
ପ୍ରତିଭାର ପରା ଲଲାଟ-ଲେଖନ !
ଲକ୍ଷ୍ମୀଙ୍କ ସପତ୍ନୀ ହେବାରୁ ବରଦା
ଦାରିଦ୍ର୍ୟ ତୁମ୍ଭର ସଙ୍ଗୀ ହେଲା ସଦା !
ସଦା, ଆହା, ରୋଗ ଯନ୍ତ୍ରଣାରେ କ୍ଷୀଣ
ଋଣର ଦାରୁଣ-ଚିନ୍ତାରେ ମଳିନ,
ନିରତେ ତୁମ୍ଭଙ୍କୁ ସେହି ଚିନ୍ତା ଝିଙ୍କି,
ଜ୍ୟୋତିଷ୍ଟନ୍ଦ ଆଣେ ଏ କ୍ଷଦ୍ର ମସ୍ତକ !
ଆହା, ଶୀର୍ଣ୍ଣ ଅଙ୍ଗ ଦିନେ କେତେ ମ୍ଳାନ !
ପ୍ରାତେ ଦୀପ ଯଥା ଆସନ୍ନ-ନିର୍ବାଣ !
ସବୁବେଳେ ଜଳୁଅଛ ଚିନ୍ତାନଳେ,
ଏହାପରେ ପୁଣି କ୍ରୂର ଭାଗ୍ୟଫଳେ
ପ୍ରାକୃତ ପାଶବ-ଶକ୍ତି-ଅଧିକାରୀ,
ତୁମ୍ଭପରେ କରେ ପ୍ରଭୁପଣ ଜାରି !
ଅନ୍ୟ-କୁଳେ ଜନ୍ମିଥିଲେ ଯେଉଁ ଜନ,
ତୁମ୍ଭର ଆପଟ ହେବାକୁ ଭାଜନ
ନୁହନ୍ତି, ଆଜ ସେ ପାପ ଧନ ଶୋଥୀ
ଲିଭାଇ ଦେବାକୁ ଲୋଡ଼େ ତୁମ୍ଭ ଜ୍ୟୋତି !
ପର ଈର୍ଷ୍ୟା ଯୋଗୁଁ ତୁମ୍ଭର ଏ ଦଶା,
ଦେହେ ରାଜା ହେଲେ, ମନେ ସେହି ଚଷା !
ରତନ କାହିଁ ସେ ଖୋଷିବ କଷାଟେ ?
ଅନାଦରେ ତାହା ଦଳେ ପାଦପୀଠେ !
ମୋତିମୂଲ୍ୟ କାହୁଁ ଜାଣିବ ଶବର ?
ମୋତି ଫିଙ୍ଗି, କରେ ଗୁଞ୍ଜାରେ ଆଦର;
ଧୀର-ମଣି, ଏଥିଲାଗି ବିଚଳିତ
ହେବାର ତୁମ୍ଭର ନୁହଇ ଉଚିତ,
ମଳିନ କରଇ ସିନା ମୁହୂର୍ତ୍ତିକ
ଧ୍ରୁବତାରା-ଜ୍ୟୋତି ଉଲ୍କାର ଝଟକ !
ଭୋଗ ବିଳାସର କାଠ ଦୁନିଆରେ
ଅସାର, ତପସ୍ୱୀ, ତୁମ୍ଭେ ବଜ୍ରସାର !
ଭୋଗବିଳାସୀଙ୍କ ଜୀବନ ନିଶ୍ଚିତ
କୋଟି-କୋଟି-ମୁଦ୍ରା-ବ୍ୟୟେ ସୁଗଠିତ
ପ୍ରାସାଦ, ସଙ୍କେତ ସୁପରିପାଟିରେ,
ମାଟି ଦ୍ରବ୍ୟ ମିଶି ଯିବ ସେ ମାଟିରେ !
ମାତ୍ର ଉତ୍କଳର ଦର୍ପ, ଚିତ୍—ପ୍ରସୂତ
ଜ୍ୟୋତିଷ୍କ ଦର୍ପଣ, ଦରିଦ୍ରର କୃତି,
"ସିଦ୍ଧାନ୍ତ-ଦର୍ପଣ" (୧) ହେବ ନାହିଁ ଲୟ,
ନର ଦେହେ ଥିବ ଯାବତ ହୃଦୟ ।

## ଅନନ୍ତ ଅଶାନ୍ତ

(ପୂର୍ବାନୁବୃତ୍ତି)

ହେ ମାନବ, ସ୍ୱେଚ୍ଛାଚାରର ପରିହାର ନ କଲେ ତୁମ୍ଭେ ଅନନ୍ତ ଅଶାନ୍ତିରେ କାଳକ୍ଷେପଣ କରିବ —ତୁମ୍ଭେ ତୁମ୍ଭର ପୁତ୍ରର ସ୍ୱାଧୀନତାରେ ହସ୍ତକ୍ଷେପ କର, ଦେଖିବ ତୁମ୍ଭେ ପୁତ୍ରର ସ୍ନେହ ଓ ପିତୃଭକ୍ତିରୁ ଚିରଦିନ ପାଇଁ ବଞ୍ଚିତ ହେବ— ରାଜା ପ୍ରଜାର ସ୍ୱାଧୀନତା ହରଣ କଲେ ପ୍ରଜା

(୧)—ସିଦ୍ଧାନ୍ତ ଦର୍ପଣ—ଚନ୍ଦ୍ରଶେଖର ପ୍ରଣୀତ ଗ୍ରନ୍ଥ !

Digitized by srujanika@gmail.com

ପଦଳିକ୍ରନ୍ତୁ ରାଜାକୁ ବନ୍ଦୀ କରି ତାଙ୍କୁ ସଂସାର ଜମିଦାର ହେବ—ଏବଂ ସ୍ୱାଧୀନତାର ଆଗ୍ନେୟ-ଗିରିରୁ ଅଗ୍ନି ଉତ୍ଥିତ ହୋଇ ବିଦ୍ରୋହାନଳରେ ପରିଣତ ହେବ । ଠିକଏ ଚିନ୍ତା କରି ଦେଖିଲେ ବୁଦ୍ଧିମାନ୍ ମାନବର ସୁଖଦୁଃଖର ଅନ୍ତରାଳରେ ସ୍ୱାଧୀନତା ବିଦ୍ୟମାନ ଅଛି—ଏହି ସ୍ୱାଧୀନତା ଗଲେ ମନୁଷ୍ୟ ଅନନ୍ତ ଅଶାନ୍ତି ଓ ଅନନ୍ତ ଅସୁଖରେ ଭାସମାନ ହୋଇ ଛଟପଟ ହୁଏ । ସ୍ୱାଧୀନତା-ସୂତ୍ର-ସମସ୍ତ ଜଗତ, ସମସ୍ତ ମାନବ ସମାଜ, ସମସ୍ତ ବିଶ୍ୱକୁ ବାନ୍ଧି ରଖିଅଛି । ଏହି ସୂତ୍ର ଛିନ୍ନ ହେଲେ ସମାଜ, ଜଗତ ଓ ବିଶ୍ୱ ଉଚ୍ଛୃଙ୍ଖଳ ହୋଇ ଅଧଃପତିତ ହେବ । ଯେଉଁ-ମାନେ ସାମ୍ୟନୀତିର ବିରୋଧୀ—ତୁଲ୍ୟ ସ୍ୱାଧୀନତା ହେଲେ ସମାଜ ଉଚ୍ଛୃଙ୍ଖଳ ହୋଇ ଅଧୋଗତି ଲଭିବ, ଏହା ଯେଉଁମାନଙ୍କର ଧାରଣା, ସେମାନେ ବର୍ତ୍ତମାନ ବୁଝିପାରିବେ ସେମାନଙ୍କ ସ୍ୱେଚ୍ଛାଚାର ଓ ସଂକୀର୍ଣ୍ଣମତ କେତେଦୂର ସତ୍ୟ । ସ୍ୱାଧୀନତାର ଅଭାବ ବିଶୃଙ୍ଖଳା—ସ୍ୱାଧୀନତାରେ ସୁଶୃଙ୍ଖଳା । ବ୍ୟକ୍ତିଗତ ସ୍ୱାଧୀନତା ଅତି ପବିତ୍ର—କି ବାଳକ କି ବୃଦ୍ଧ, କି ସ୍ତ୍ରୀ କି ପୁରୁଷ, କି ରାଜା କି ପ୍ରଜା, କି ଗୁରୁ କି ଶିଷ୍ୟ ସ୍ୱାଧୀନତା ସମସ୍ତଙ୍କ ପକ୍ଷରେ ସମାନ ପବିତ୍ର ଅଟେ—କାହିଁକି ବା ସମାନ-ଭାବରେ ପବିତ୍ର ନ ହେବ ? ଜଗତର, ସମାଜର ସୁଖଦୁଃଖ ଯେତେବେଳେ ସ୍ୱାଧୀନତା ଉପରେ ନିର୍ଭର କରୁଅଛି ତେତେବେଳେ କାହିଁକି ଜଣ-କର ସ୍ୱାଧୀନତା ଅନ୍ୟର ସ୍ୱାଧୀନତାର ସମକକ୍ଷ ହୋଇ ସମାନଭାବରେ ପବିତ୍ର ଓ ଆଦରଣୀୟ ନ ହେବ ? ବ୍ୟକ୍ତିବିଶେଷ ଘେନି ସମାଜ, ସମାଜ ନିମିତ୍ତ ବ୍ୟକ୍ତିବିଶେଷ ନୁହେଁ—ତେବେ କି ନିମିତ୍ତ ସମାଜର ସୁଶୃଙ୍ଖଳା ନିମିତ୍ତ ବ୍ୟକ୍ତିବିଶେଷର ସୁଖଶାନ୍ତି ନଷ୍ଟ କରାଯିବ ? ଯଦି କହ ସମାଜର କଲ୍ୟାଣ ପାଇଁ ବ୍ୟକ୍ତି-ବିଶେଷର ସ୍ୱାଧୀନତା, ସୁତରାଂ ସୁଖଶାନ୍ତି ବଳି-ଦେବା ଆବଶ୍ୟକ—ପ୍ରକୃତ ସାମ୍ୟବାଦୀ ଚକ୍ଷୁରେ ଏପରି ମତବାଦ ଦୂଷଣୀୟ । କାରଣ ଏ ସ୍ଥଳରେ ଅଳ୍ପର ପ୍ରତି ସମଷ୍ଟିର ଅତ୍ୟାଚାର, ଦୁର୍ବଳ ଉପରେ ସବଳର ଶାସନ, ସ୍ୱାଧୀନତା ଉପରେ ସ୍ୱେଚ୍ଛାଚାରର ପ୍ରାଧାନ୍ୟ । ସୁତରାଂ ସେପରି ଯୁକ୍ତିର ମୂଲ୍ୟ ନାହିଁ ।

ବ୍ୟକ୍ତିବିଶେଷ ଘେନି ସମାଜ—ସମାଜ ବା ଦେଶର କଲ୍ୟାଣ ବ୍ୟକ୍ତିବିଶେଷର ସ୍ୱାଧୀନତା ଓ ସୁଖଶାନ୍ତି ଉପରେ ନିର୍ଭର କରେ । ଯେଉଁ ସମାଜ ଓ ଦେଶର ଯେ ପରିମାଣରେ ବ୍ୟକ୍ତିଗତ ସ୍ୱାଧୀନତା ପ୍ରବଳ, ସେ ଦେଶ ଓ ସମାଜ ସେହି ପରିମାଣରେ ସ୍ୱାଧୀନ ଓ ବଳବାନ୍—ଇଂଲଣ୍ଡ ଓ ଆମେରିକା ପ୍ରଭୃତି ଦେଶ ଏହାର ଜ୍ୱଳନ୍ତ ଉଦାହରଣ ସ୍ଥଳ । ହିନ୍ଦୁସମାଜ, ହିନ୍ଦୁସ୍ଥାନ ଏତେ ଦୁର୍ବଳ କାହିଁକି ? ହିନ୍ଦୁସମାଜ ପରାଧୀନ କାହିଁକି ? ଏହାର ଉତ୍ତର ଏହି ଯେ ଏହି ସମାଜର ଭିତ୍ତି ସ୍ୱେଚ୍ଛାଚାର—ହିନ୍ଦୁସନ୍ତାନ ସ୍ୱାଧୀନତାକୁ ଉଚ୍ଛୃଙ୍ଖଳତାର କାରଣ ବୋଲି ନିର୍ଦ୍ଦେଶ କରି ନିଜକୁ ପରପାଦତଳେ ପ୍ରତିମୁହୂର୍ତ୍ତରେ ଅର୍ପଣ କରୁଅଛନ୍ତି । ହିନ୍ଦୁସମାଜ ଅତି ପ୍ରାଚୀନ-କାଳରୁ ସ୍ୱେଚ୍ଛାଚାରକୁ ଆଦର କରି ଆସୁଅଛି—ବ୍ୟକ୍ତିଗତ ତୁଲ୍ୟ ସ୍ୱାଧୀନତା ଦେବା ପକ୍ଷରେ କୁଣ୍ଠିତ । ସ୍ୱେଚ୍ଛାଚାର ହିନ୍ଦୁସମାଜକୁ ଗୁରୁବାଦ, ବ୍ରାହ୍ମଣ ପ୍ରାଧାନ୍ୟ ଆନୟନ କରିଅଛି । ଯେତେ ଦିନ ପର୍ଯ୍ୟନ୍ତ ହିନ୍ଦୁସମାଜ ହିନ୍ଦୁସନ୍ତାନ ବ୍ୟକ୍ତି-ଗତ ସ୍ୱାଧୀନତା ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ ତଦନୁସାରେ କାର୍ଯ୍ୟର ଅନୁଷ୍ଠାନ କରିବାକୁ ଶିକ୍ଷା କରି ନାହାନ୍ତି, ସେତେଦିନ ପର୍ଯ୍ୟନ୍ତ ହିନ୍ଦୁସ୍ଥାନ, ହିନ୍ଦୁସମାଜ, ହିନ୍ଦୁସନ୍ତାନ ପରପଦଦଳିତ ହୋଇ ଅନନ୍ତ ଅସୁଖ ଓ ଅଶାନ୍ତିରେ ପତିତ ଥିବେ !

"ସମାଜର କଲ୍ୟାଣ ନିମିତ୍ତ ବ୍ୟକ୍ତିଗତ ସ୍ୱାଧୀ-ନତା ଓ ସୁଖଶାନ୍ତି ବଳି ଦେବା ଆବଶ୍ୟକ" ଏହି ଯୁକ୍ତି ଖଣ୍ଡନ ପକ୍ଷରେ ମୋହର ଯୁକ୍ତି ଏହି ଯେ "First self then Society" (ପ୍ରଥମେ ନିଜର ତତ୍ପରେ ସମାଜର କଲ୍ୟାଣ କର) । କେହି କେହି

Digitized by srujanika@gmail.com

ଏପରି କହି ପାରନ୍ତି ଏହା ସ୍ୱାର୍ଥପରତାର ଭାବ । ଏ ସ୍ଥଳରେ ପ୍ରଶ୍ନଉତ୍ତରରେ ମୋହର ଉତ୍ତର ଏହି ଯେ ବ୍ୟକ୍ତିବିଶେଷ ଯେମନ ସମାଜ—ବ୍ୟକ୍ତିବିଶେଷର ସୁଖଶାନ୍ତି ପାଇଁ ସମାଜ—ସମାଜ ପାଇଁ ବ୍ୟକ୍ତି-ବିଶେଷ ନୁହେଁ । ଦ୍ୱିତୀୟ ଉତ୍ତର ଏହି ଯେ ପ୍ରକୃତି ଆମ୍ଭମାନଙ୍କର ଆଦର୍ଶ—ପ୍ରକୃତିର ଆଦର୍ଶ ଏହା ନୁହେ ଯେ ସମାଜର କଲ୍ୟାଣ ନିମିତ୍ତ ବ୍ୟକ୍ତିଗତ ସ୍ୱାଧୀନତାର ବଳିଦାନ କରିବା କର୍ତ୍ତବ୍ୟ । ପ୍ରକୃତି ଉପଦେଷ୍ଟା—ଆମ୍ଭେମାନେ ଉପଦିଷ୍ଟ । ଯେଉଁଠାରେ ସ୍ୱାଧୀନତାର ଅବମାନନା ସେହିଠାରେ ବିଷମୟ ଫଳ, ଏହି ଶିକ୍ଷା ପ୍ରକୃତି ସର୍ବଦା ଆମ୍ଭମାନଙ୍କୁ ପ୍ରଦାନ କରୁଅଛି । ନାନାପ୍ରକାର ସମାଜବିପ୍ଲବ, ରାଷ୍ଟ୍ରବିପ୍ଲବ, ପାରିବାରିକ ବିଚ୍ଛେଦ ଏବଂ ଅଶେଷ ପ୍ରକାର ବିବାଦ ବିସମ୍ବାଦର ମୂଳକାରଣ ସ୍ୱାଧୀନତାର ଅବମାନନା । ଯେଉଁମାନେ ଜଗତର ଇତିହାସ ଦାର୍ଶନିକ ଚକ୍ଷୁରେ ପାଠ କରିଅଛନ୍ତି, ଏବଂ ସମାଜର ଦୈନନ୍ଦିନ ଘଟଣାନିଚୟ ପର୍ଯ୍ୟବେକ୍ଷଣ କରିଅଛନ୍ତି ସେମାନେ ଅବଶ୍ୟ ନିରପେକ୍ଷ ଭାବରେ କହିପାରିବେ ଯେ ସର୍ବପ୍ରକାର ଅଶାନ୍ତି ମୂଳରେ ଏହି ସ୍ୱାଧୀନତାର ଅବମାନନା ବିଦ୍ୟମାନ ଅଛି । ତେବେ କିପରି ସ୍ୱୀକାର କରାଯିବ ଯେ ସମାଜର କଲ୍ୟାଣ ନିମିତ୍ତ ବ୍ୟକ୍ତିଗତ ସୁଖଶାନ୍ତି ଓ ସ୍ୱାଧୀନ ଇଚ୍ଛା ବଳିଦେବା କର୍ତ୍ତବ୍ୟ ? ଯେଉଁମାନେ ଏହା ସ୍ୱୀକାର କରନ୍ତି ସେମାନଙ୍କ ବିଶ୍ୱାସ ସତ୍ୟଭୂମି ଉପରେ ପ୍ରତିଷ୍ଠିତ ନୁହେ—ଏହି ବିଶ୍ୱାସ ସ୍ୱେଚ୍ଛାଚାରିତାରୁ ଜନ୍ମଗ୍ରହଣ କରିଅଛି । ଅପରକୁ ନିଜର ସ୍ୱେଚ୍ଛାଚାରର ଅଧୀନ କରିବା ଲାଗି ଏପରି ଯୁକ୍ତି ପ୍ରଦର୍ଶିତ ହୋଇଥାଏ । ପ୍ରକୃତିର ଅଭ୍ୟନ୍ତରରେ ଗୋଟିଏ ଜ୍ଞାନମୟୀ ଇଚ୍ଛାମୟୀ ଶକ୍ତି କାର୍ଯ୍ୟ କରୁଅଛି—ଏହି ଶକ୍ତି ମନୁଷ୍ୟର କ୍ଷୁଦ୍ର ଜ୍ଞାନ, ଓ ସଂକୀର୍ଣ୍ଣ ସ୍ୱେଚ୍ଛାଚାର ଭାବକୁ ଉପହାସ କରି ତାକୁ ଚୂର୍ଣ୍ଣ-ବିଚୂର୍ଣ୍ଣ କରୁଅଛି । ବିଶେଷ କୌଣସି ଉଦ୍ଦେଶ୍ୟରେ ଆମ୍ଭେମାନେ କୌଣସି କାର୍ଯ୍ୟର ଅନୁଷ୍ଠାନ କଲୁଁ—ଫଳ ବିପରୀତ ହେଲା । ଏହିପରି ଘଟଣା କେତେ ଜୀବନରେ ଘଟୁଅଛି । ଏହିସବୁ ଘଟଣା ସନ୍ଦର୍ଶନ କରି ପ୍ରକୃତିବାଦୀ ଦାର୍ଶନିକ ପଣ୍ଡିତମାନେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଅଛନ୍ତି ଯେ ଆମ୍ଭେମାନେ ଆମ୍ଭମାନଙ୍କ ଜ୍ଞାନ ଓ ବିଶ୍ୱାସରେ ଯାହା ବୁଝିବୁ ଅପରର ସ୍ୱାଧୀନତା ଅକ୍ଷୁର୍ଣ୍ଣ ରଖି କାର୍ଯ୍ୟ କଲେ ଆମ୍ଭେମାନେ ଅନନ୍ତକାଳ ସୁଖୀ ହେବୁଁ—ସର୍ବତ୍ର ସୁଖଶାନ୍ତି ଓ ଶୃଙ୍ଖଳା ବିରାଜମାନ ଦେଖିବୁଁ । ପ୍ରକୃତି ସର୍ବଦା ଆମ୍ଭମାନଙ୍କୁ କହୁଅଛି "ହେ ମାନବ, ତୁମ୍ଭେ ତୁମ୍ଭର ନିଜ ବିଷୟ ଭାବନା କର, ଭଗବାନ ଜଗତର ବିଷୟ ସର୍ବଦା ଭାବନା କରୁଅଛନ୍ତି । ହେ କ୍ଷୁଦ୍ର ମାନବ, ତୋହର ନିଜ ବିଷୟ ଭାବିବାକୁ ଯେତେବେଳେ ତୋହର ଶକ୍ତି ନାହିଁ, ଅନ୍ୟର ବିଷୟ ଭାବିବାରେ ତୋହର କି ଅଧିକାର ଅଛି ? ଅନ୍ୟର ସ୍ୱାଧୀନ ଇଚ୍ଛାକୁ ସ୍ୱୀୟ ଇଚ୍ଛାଦ୍ୱାରା ନିୟମିତ କରିବାର ବାସନା ଏକାବେଳକେ ପରିତ୍ୟାଗ କର—ତାହା ନ ହେଲେ ତୁ ନିଜକୁ ଓ ଅନ୍ୟକୁ ଅଶାନ୍ତିରେ ଭସାଇବୁ ।"

ବ୍ୟକ୍ତିଗତ ସ୍ୱାଧୀନତା ଅତିଶୟ କୋମଳ ଓ ଅତିଶୟ ପବିତ୍ର ଅଟେ । ଏହି ସ୍ୱାଧୀନତାକୁ ଯେ ନିୟମିତ କରିବାକୁ ଇଚ୍ଛା କରନ୍ତି, ତାଙ୍କୁ ଅତ୍ୟନ୍ତ ପବିତ୍ର ଉଦ୍ଦେଶ୍ୟରେ ଅତ୍ୟନ୍ତ ସତର୍କତା ସହିତ ଏ କାର୍ଯ୍ୟରେ ପ୍ରବୃତ୍ତ ହେବାକୁ ହେବ । ଅତି ସାମାନ୍ୟ ମାତ୍ର କାଠିନ୍ୟ ମଧ୍ୟ ସ୍ୱାଧୀନତାର କୋମଳ ଅଙ୍ଗରେ ବିଷମ ବେଦନା ଉପସ୍ଥିତ କରିବ—ତାହାହେଲେ ତୁମ୍ଭର ଅଭୀଷ୍ଟ ବିଫଳ ହେବ । ତୁମ୍ଭେ ଯାହାର ଇଚ୍ଛାକୁ ନିୟମିତ କରିବାକୁ ଇଚ୍ଛା କର, ସାବଧାନ, ସେ ଯେପରି ତୁମ୍ଭର ଉଦ୍ଦେଶ୍ୟ ଜାଣି ନ ପାରେ, ତାହାର ବିଶ୍ୱାସ ଯେପରି ଅକ୍ଷୁର୍ଣ୍ଣ ଥାଏ, ସେ ସ୍ୱାଧୀନ ଭାବରେ ତାହାର କାର୍ଯ୍ୟ କରୁଅଛି । ଏହାହିଁ କାର୍ଯ୍ୟସଫଳତାର ପ୍ରକୃତ ବୀଜମନ୍ତ୍ର । ଯେଉଁମାନେ ବିଶ୍ୱାସ କରନ୍ତି ଏହି ବିଶ୍ୱର ଜଣେ ଅଧୀଶ୍ୱର ଅଛନ୍ତି—ଯାହାର ଜ୍ଞାନ-

Digitized by srujanika@gmail.com

ମୟୀ, ମଙ୍ଗଳମୟୀ ଇଚ୍ଛା ସର୍ବତ୍ର ସର୍ବ ସମୟରେ କାର୍ଯ୍ୟ କରୁଅଛି, ଯାହା ନିକଟରେ ଦେଶକାଳର ପ୍ରଭେଦ ନାହିଁ, ଯାହାର ବିନା ଇଚ୍ଛାରେ ଗୋଟିଏ ପରମାଣୁ ସ୍ଥାନାନ୍ତରିତ ହୋଇ ନ ପାରେ, ଯାହା ଦ୍ୱାରା ଏହି ବିଶ୍ୱବ୍ରହ୍ମାଣ୍ଡ ଅନୁପ୍ରାଣିତ ରହିଅଛି— ସେମାନଙ୍କୁ ସେହି ଜଗଜ୍ଜନନୀଙ୍କ ଆବରଣରୂପା ପ୍ରକୃତି ସର୍ବଦା ନୂତନ ନୂତନ ଶିକ୍ଷା ପ୍ରଦାନ କରୁଅଛି । ସେହି ପ୍ରେମମୟୀ ଜନନୀର ମଙ୍ଗଳ ଇଚ୍ଛା ନିରନ୍ତର ଆମ୍ଭମାନଙ୍କୁ ଅନନ୍ତ ମଙ୍ଗଳ ରାଜ୍ୟ ଆଡ଼କୁ ଅଗ୍ରସର କରୁଅଛି । ଆମ୍ଭମାନଙ୍କ ଇଚ୍ଛା ସେହି ମଙ୍ଗଳ ଇଚ୍ଛାଦ୍ୱାରା ନିୟମିତ ହେଉଅଛି -- ଅଥଚ ଆମ୍ଭେମାନେ ବୁଝିପାରୁନାହୁଁ ଯେ ଆମ୍ଭମାନଙ୍କ ଇଚ୍ଛାର ପଶ୍ଚାତରେ ଅନ୍ୟ ଗୋଟିଏ ପ୍ରବଳ ଇଚ୍ଛା କାର୍ଯ୍ୟ କରୁଅଛି । କାର୍ଯ୍ୟ କଲାବେଳେ ଆମ୍ଭମାନେ ମନେକରୁଁ ଆମ୍ଭେମାନେ ସ୍ୱାଧୀନ, ଆମ୍ଭମାନଙ୍କର ଇଚ୍ଛାର ଜୟ ହେଉଅଛି, କିନ୍ତୁ ତତ୍ତ୍ୱମତରେ ଦେଖିଲେ ସେହି ବିଶ୍ୱଜନନୀଙ୍କର ମହତୀ ଇଚ୍ଛାର ଜୟ ହେଉଅଛି । ମାନବର ସ୍ୱାଧୀନତା ସହିତ ସେହି ସର୍ବଶକ୍ତିମତୀ ସର୍ବମୟୀ ଇଚ୍ଛାର ସାମଞ୍ଜସ୍ୟ ରହିଅଛି — ସେହିପରି ଆମ୍ଭମାନଙ୍କର ଇଚ୍ଛା ସହିତରେ ଅପରର ସ୍ୱାଧୀନ ଇଚ୍ଛାର ସାମଞ୍ଜସ୍ୟ ରକ୍ଷା କରି ଆମ୍ଭମାନଙ୍କର କାର୍ଯ୍ୟ କରିବା ଉଚିତ—ସ୍ୱାଧୀନତା ମଙ୍ଗଳମୟ ରାଜ୍ୟକୁ ଉଠିବାର ସୋପାନ ଅଟେ । ଯେଉଁମାନେ ଏହି ସ୍ୱାଧୀନତାର ଶରୀରରେ ଆଘାତ କରନ୍ତି ସେମାନେ ପ୍ରେମମୟୀଙ୍କ ପ୍ରେମରାଜ୍ୟ ଧରାଧାମରେ ସ୍ଥାପନ କରିବାର ବାଟକୁ ଦୂରପରାହତ କରନ୍ତି । ସେହି-ମାନେ ସ୍ୱେଚ୍ଛାଚାରୀ—ମାନବଜାତିର ପରମଶତ୍ରୁ । ହେ ମାନବ, ଯେବେ ତୁମ୍ଭେମାନେ ସମାଜର ମଙ୍ଗଳ ସାଧନରେ ବ୍ରତୀ, ଦେଶର କଲ୍ୟାଣ ସାଧନ ଯେବେ ତୁମ୍ଭର ଜୀବନର ପ୍ରକୃତ ଉଦ୍ଦେଶ୍ୟ ହୋଇଥାଏ, ତେବେ ଅନ୍ୟର ଇଚ୍ଛାକୁ ନିଜ ଇଚ୍ଛାର କ୍ରୀତଦାସ କରନାହିଁ—ଅପର କେହି ତୁମ୍ଭ ଇଚ୍ଛାନୁସାରେ କାର୍ଯ୍ୟ ନ କଲେ ବୋଲି ନିଜେ ସ୍ୱେଚ୍ଛାଚାରୀ ହୋଇ ତାହାକୁ ମ୍ଳେଚ୍ଛ ନାମେ ସମ୍ବୋଧନ କରନାହିଁ । ତର୍ଜନ ଗର୍ଜନ କରି ତାହାକୁ ତିରସ୍କାର କରି ପ୍ରକୃତିକର୍ତ୍ତୃକ ତିରସ୍କୃତ ହୁଅନାହିଁ—ତୁମ୍ଭର ଇଚ୍ଛା ଯେବେ ସଦିଚ୍ଛା ହୋଇଥାଏ ତୁମ୍ଭେ ତଦନୁସାରେ କାର୍ଯ୍ୟ କରି ସୁଖୀ ହେବ, ଅନ୍ୟ କେହି ନ କଲା ବୋଲି ନିଜ ବକ୍ଷରେ ଆଘାତ କରି ନିଜକୁ ଅଶାନ୍ତିରେ ମ୍ରିୟମାନ କରନାହିଁ । ପ୍ରକୃତିର ପାଦତଳେ ଜାନୁପାତି ବସି ତାହାଠାରୁ ଶିକ୍ଷା ଗ୍ରହଣ କର, ତାହାର ପ୍ରଦର୍ଶିତ ପଥରେ ଗମନ କଲେ ନିଜକୁ ସୁଖ ଶାନ୍ତିରେ ରଖି ଅନ୍ୟକୁ, ସମାଜକୁ ଓ ଦେଶକୁ ସୁଖ ଶାନ୍ତିରେ ରଖିପାରିବ । ନିଜର ଶକ୍ତି ଅନୁସାରେ ସ୍ୱେଚ୍ଛାଚାରିତାରୂପ ଅତ୍ୟାଚାରର ମୂଳରେ କୁଠାରଘାତ କର---ଯେଉଁଠି ଏହି ଛଦ୍ମବେଶୀ ରାକ୍ଷସକୁ ଦେଖିବାକୁ ପାଅ, ତାହା ସହିତରେ ପ୍ରାଣପଣେ ସମର କରି ତାକୁ ସମୂଳେ ବିନାଶ କର । ପ୍ରତ୍ୟେକ ବ୍ୟକ୍ତିକୁ ଏହାର ହସ୍ତରୁ ଉଦ୍ଧାର କରି ତାହାକୁ ତାହାର ସ୍ୱାଧୀନତାରୂପ ଅମୂଲ୍ୟରତ୍ନ ପ୍ରଦାନ କର । ଈଶ୍ୱର ସ୍ୱାଧୀନ ପ୍ରକୃତି ସ୍ୱାଧୀନ, ମାନବ ଆତ୍ମା ସ୍ୱାଧୀନ, ଏହି ମନ୍ତ୍ର ଜପ କର, ଏହି ମନ୍ତ୍ର ଉଚ୍ଚାରଣ କରି ସ୍ୱାଧୀନତାର ନିଶାଣ ସ୍ୱଦେଶରେ ସ୍ୱସମାଜରେ ସ୍ୱହୃଦୟରେ ଉଡ୍ଡୀନ କର । ଅନନ୍ତ ଅସୁଖ ପଳାୟନ କରିବ —ଆନନ୍ଦମୟୀଙ୍କ ଆନନ୍ଦ ରାଜ୍ୟରେ ସଦାନନ୍ଦ ବିରାଜିବ । ପିତା-ପୁତ୍ର, ଗୁରୁ-ଶିଷ୍ୟ, ରାଜାପ୍ରଜା, ଦେଶବିଦେଶ ମଧ୍ୟରେ ବିପ୍ଳବ, ବିଚ୍ଛେଦ, ବିବାଦ, ବିସମ୍ବାଦ, ଅଶାନ୍ତି, ଅସୁଖ ସ୍ଥାନ ପାଇବ ନାହିଁ—ତୁଲ୍ୟ ସ୍ୱାଧୀନତା ଅନନ୍ତ ସୁଖ ଓ ଅନନ୍ତ ଶାନ୍ତିର ଜନୟିତ୍ରୀ । ଉଚ୍ଛୃଙ୍ଖଳତା ଅନନ୍ତ ଅସୁଖ ଅନନ୍ତ ଅଶାନ୍ତି ଅନନ୍ତ ନରକର ପ୍ରସୂତି ।

ଶ୍ରୀ ମାଧୁଚରଣ ରାୟ ।

---

Digitized by srujanika@gmail.com

# ଆତ୍ମ ପରୀକ୍ଷା

ଜଡ଼ବିଜ୍ଞାନରେ ଅନୁକ୍ଷଣ ପରୀକ୍ଷା ଚାଲିଅଛି । ପରୀକ୍ଷା ଜଡବିଜ୍ଞାନର ପ୍ରାଣ । ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଜଡବିଜ୍ଞାନର ଯେଉଁ ଅଚିନ୍ତିତପୂର୍ବ ଉନ୍ନତି ସନ୍ଦର୍ଶନକରି ଆମ୍ଭେମାନେ ସ୍ତବ୍ଧ ଓ ମୁଗ୍ଧ ହେଉଅଛୁ ତାହା କି କେବଳ ଯୁଗାନ୍ତ-ବ୍ୟାପୀ କଠିନ ପରୀକ୍ଷା ଓ ପରିଦର୍ଶନର ଫଳ ନୁହେଁ ? ଜଡବିଜ୍ଞାନର ଗୋଟିଏ ଗୋଟିଏ ପ୍ରକରଣର କଥା ଭାବିଲେ ମନ ବିସ୍ମୟ ସାଗରରେ ମଗ୍ନ ହୁଏ । ଅହୋ ! ମାନବବୁଦ୍ଧିର କି ଅସୀମ ଶକ୍ତି । ଜଗତ୍ପିତା ପରମେଶ୍ୱର ମାନବ ହୃଦୟରେ ଏହି ପରୀକ୍ଷା ପ୍ରବଣତା ଶକ୍ତି ସଂସ୍ଥାପନ କରିନ ଥିଲେ ଆଜି ଆମ୍ଭେମାନେ ଧରଣୀ ମୁଖକୁ ଏ ପ୍ରକାର ଉଜ୍ଜ୍ୱଳତର ଦେଖିବାକୁ ସକ୍ଷମ ହୁଅନ୍ତୁ କି ନାହିଁ ସନ୍ଦେହର ସ୍ଥଳ । ଏହି ପରୀକ୍ଷା-ପ୍ରବଣତା ଯେ କେବଳ ମାନବଜଗତରେ ନିବଦ୍ଧ ତାହା ନୁହେ । ପଶୁ ଏବଂ ଉଦ୍ଭିଦ ଜଗତରେ ମଧ୍ୟ ଏହାର ଅସ୍ତିତ୍ୱ ଦୃଷ୍ଟିଗୋଚର ହୁଏ । ଉଦାହରଣ ଦ୍ୱାରା ତାହା ବୁଝାଇବା ଏଠାରେ ନିଷ୍ପ୍ରୟୋଜନ । ସ୍ଥୂଳତଃ ପରୀକ୍ଷା ଓ ପରିଦର୍ଶନ ସର୍ବପ୍ରକାର ଉନ୍ନତିର ମୂଳ । ଜଗତର ନାନା ବିଭାଗରେ ଆମ୍ଭେମାନେ ଯେଉଁ ସବୁ ଅତ୍ୟାଶ୍ଚର୍ଯ୍ୟ ଉନ୍ନତି ଦେଖିପାରୁଅଛୁଁ ତାହା କେବଳ ଏହି ପରୀକ୍ଷା ଓ ପରିଦର୍ଶନର ଫଳ ବ୍ୟତୀତ ଆଉ କିଛି ନୁହେ ।

ଏତ ଗଲା ଜଡ଼ଜଗତର କଥା । ଅଧ୍ୟାତ୍ମ ଜଗତରେ ମଧ୍ୟ ପରୀକ୍ଷା ଓ ପରିଦର୍ଶନ ଆବଶ୍ୟକ । ମନୁଷ୍ୟ କେବଳ ଶାରୀରିକ ସୁଖ ସ୍ୱଚ୍ଛନ୍ଦରେ ତୃପ୍ତ ରହି ପାରେ ନାହିଁ ! ନଶ୍ୱର ଶରୀର ଛଡା ତାହାର ଅନ୍ୟ କିଛି ଅଛି ଯାହାର ଉନ୍ନତି ସାଧନ ନିମିତ୍ତ ସେ ସର୍ବଦା ବ୍ୟାକୁଳ । ବରଂ "ଧୂଳିର ଶରୀର"କୁ ଏକାବେଳକେ ତୁଚ୍ଛଜ୍ଞାନ କରି କେବଳ ସେହି "ଅନ୍ୟକିଛି"ର ଐକାନ୍ତିକ ଉନ୍ନତି ସାଧନ ନିମିତ୍ତ ଆଜୀବନ କଠୋର ବ୍ରତ ଧାରଣ କରିଥିବା ଜିତେନ୍ଦ୍ରିୟ ସନ୍ନ୍ୟାସିର ସଂଖ୍ୟା ପ୍ରାଚ୍ୟଭୂଖଣ୍ଡରେ ଆଜ ସୁଦ୍ଧା ବହୁଳ ଦୃଷ୍ଟିଗୋଚର ହୁଏ । ଇନ୍ଦ୍ରିୟସଂଯମ କାର୍ଯ୍ୟକୁ ଅତି କଠିନ ମଣି ସେମାନେ ସେହି "ଅନ୍ୟ କିଛି"କୁ ବଳ-ପୂର୍ବକ ପଞ୍ଚଭୂତମୟ ଶରୀରାଭ୍ୟନ୍ତରରୁ ବାହାର କରି ନେବାକୁ ସଦା ତତ୍ପର । ଆମ୍ଭମାନଙ୍କ ଦେଶର ଯୋଗସାଧନ ପ୍ରଣାଳୀମାନ ଯେଉଁମାନେ ଅବଗତ ଅଛନ୍ତି ସେମାନେ ଆମ୍ଭମାନଙ୍କର ଏହି ଉକ୍ତିରେ ସାକ୍ଷ୍ୟ ପ୍ରଦାନ କରିବେ । ବର୍ତ୍ତମାନ ଜିଜ୍ଞାସ୍ୟ ହୋଇପାରେ ମନୁଷ୍ୟର ସେହି "ଅନ୍ୟ କିଛି" କଣ ? ତାହା ଆଉ କିଛି ନୁହେ, ମନୁଷ୍ୟର ଆତ୍ମା । ଶରୀରର ସୁଖ ସ୍ୱାଚ୍ଛନ୍ଦ୍ୟ ନିମିତ୍ତ ମନୁଷ୍ୟ ଯେପରି ଅହରହ ପରିଶ୍ରମ କରେ ଆତ୍ମାର ଉନ୍ନତି ବିଧାନ ନିମିତ୍ତ ମଧ୍ୟ ତାହାକୁ ସେହିପରି ପରିଶ୍ରମ କରିବାକୁ ହେବ । ଆତ୍ମା ମନୁଷ୍ୟଦେହର ସାରବସ୍ତୁ । ଆତ୍ମାର ଉନ୍ନତି ବ୍ୟତୀତ ମାନବୋନ୍ନତି ଅସମ୍ଭବ ।

ଶରୀରର ପୁଷ୍ଟି ସାଧନ ନିମିତ୍ତ ଯେ ପ୍ରକାର ବଳକାରକ ଖାଦ୍ୟ, ଉପଯୁକ୍ତ ବ୍ୟାୟାମ ପ୍ରଭୃତି ଅତ୍ୟାବଶ୍ୟକ ଅଟେ, ଆତ୍ମାର କୁଶଳ ସମ୍ପାଦନ ନିମିତ୍ତ ସେ ପ୍ରକାର ନିର୍ମଳ ଜ୍ଞାନ, ଭକ୍ତି, ପ୍ରେମ ପ୍ରଭୃତିର ସମ୍ୟକ୍ ଅନୁଶୀଳନ ଏକାନ୍ତ ଆବଶ୍ୟକ । ପ୍ରତ୍ୟେକ ନରନାରୀ ନାନା ଉପାୟରେ ଆପଣା ଆପଣାର ଆଧ୍ୟାତ୍ମିକ ଉନ୍ନତି ସମ୍ପାଦନ ନିମିତ୍ତ ସଚେଷ୍ଟ । ଅବଶ୍ୟ ଆମ୍ଭେମାନେ ଏଠାରେ ମାନସିକ ଉନ୍ନତିର କଥା କହୁନାହୁଁ ; କିନ୍ତୁ ମନ ଓ ଆତ୍ମା ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ଥିବାରୁ ଏକର ଉନ୍ନତି ଯେ ଅନ୍ୟର ଉନ୍ନତି ଉପରେ ସମ୍ପୂର୍ଣ୍ଣ ନିର୍ଭର କରଇ ତାହା ବୋଲିବା ବାହୁଲ୍ୟ ମାତ୍ର ।

Digitized by srujanika@gmail.com

ଆମ୍ଭେମାନେ ଯେଉଁ ଉପାୟରେ ଆଧ୍ୟାତ୍ମିକ ଉନ୍ନତି ସମ୍ପାଦନ କରୁ ପଛକେ ନିତ୍ୟ ଆମ୍ଭମାନଙ୍କର ଆତ୍ମପରୀକ୍ଷା କରି ଦେଖିବା ଉଚିତ୍ । ପ୍ରତ୍ୟେକ ସମ୍ପ୍ରଦାୟ ବା ସମାଜରେ ଧର୍ମୋପାର୍ଜନର କେତେଗୁଡିଏ ବାହ୍ୟ ଅନୁଷ୍ଠାନ ପ୍ରଚଳିତ ଅଛି । ଲୋକେ ଏହି ସବୁ ଅନୁଷ୍ଠାନକୁ ଅକ୍ଷରେ ୨ ପାଳନ କରି (ଅନେକ ସ୍ଥଳରେ ସରଳ ଭାବରେ) ମନେ କରନ୍ତି ଯେ ସେମାନେ ଖୁବ୍ ଧର୍ମୋପାର୍ଜନ ବା ଆତ୍ମାର ଉନ୍ନତି ସାଧନ କରୁଅଛନ୍ତି; ମାତ୍ର ସେମାନେ ଆଧ୍ୟାତ୍ମିକ ଉନ୍ନତିର ମୂଳତତ୍ତ୍ୱଗୁଡିକ ଅବଗତ ନଥିବାରୁ ସେମାନଙ୍କର ଉକ୍ତ ପ୍ରକାର ବାହ୍ୟାନୁଷ୍ଠାନ ପାଳନ ଆଦୌ ଫଳପ୍ରଦ ନହୋଇ ଅନେକ ସ୍ଥଳରେ ଅପକାରକ ହୋଇଥାଏ । ଲୋକେ ଏହିରୂପେ ବାହ୍ୟାନୁଷ୍ଠାନର ଦାସ ହୋଇ ଅନେକ ସ୍ଥଳରେ ଆତ୍ମାର ସ୍ୱାଧୀନତା ଟିକିକ ହରାଇ ବସନ୍ତି । ସ୍ୱାଧୀନ ଆତ୍ମାହିଁ କେବଳ ଉନ୍ନତିଶୀଳ । ଯେଉଁ ଆତ୍ମାର ସ୍ୱାଧୀନତା ନାହିଁ—ଯେଉଁ ଆତ୍ମା କେବଳ କେତେଗୁଡିଏ ଅନୁଷ୍ଠାନର ଦାସ ମାତ୍ର—ସେ ଆତ୍ମାର ଉନ୍ନତି କଦାପି ସମ୍ଭବପର ନୁହେଁ । ସେ ଆତ୍ମା ମ୍ରିୟମାଣ ଓ ଅବନତି ମାର୍ଗରେ ଧାବିତ ।

ସହଜଜ୍ଞାନ ବୋଲି ମନୁଷ୍ୟର ଗୋଟିଏ ମାନସିକ ବୃତ୍ତି ଅଛି । ମନୁଷ୍ୟ ଯେତେ ମୂର୍ଖ ହେଉ ପଛକେ ଭଲ ମନ୍ଦ, ପାପ ପୁଣ୍ୟର ସ୍ଥୂଳ ନିୟମ ଗୁଡିକ ତାହାର ମନଶ୍ଚକ୍ଷୁ ନିକଟରେ ସର୍ବଦା ସୁସ୍ପଷ୍ଟ ପ୍ରତିଭାତ । କଥିତ ସହଜଜ୍ଞାନହିଁ ତାହାକୁ ଏ ବିଷୟରେ ସାହାଯ୍ୟ କରେ । ଏହି ସହଜଜ୍ଞାନ ଦ୍ୱାରା ସର୍ବାଦୌ ଆମ୍ଭମାନଙ୍କର ବିଶ୍ୱାସକୁ ନିର୍ମଳ କରିନେବା ଆବଶ୍ୟକ । ନିର୍ମଳ ଓ ଦୃଢ ବିଶ୍ୱାସ ବ୍ୟତୀତ ଆମ୍ଭେମାନେ କିଛିହିଁ କରିପାରୁ ନାହିଁ । ଅନେକେ ଆମରଣ ସନ୍ଦେହର ଦୋଳାରେ ଦୋଳାୟମାନ ଥାଇ ଆପଣା ୨ ଆଶ୍ରିତ ଧର୍ମରେ ବିଶ୍ୱାସ ଉନ୍ନତି ହୋଇ କରି ଗଲେ ବୋଲି ମନେ କରନ୍ତି । କିନ୍ତୁ କି ଆଶ୍ଚର୍ଯ୍ୟ ସତ୍ୟର ଆଲୋକକୁ ନ ଆସି କିରୂପେ ଯେ ସେମାନେ ଏ ପ୍ରକାର ମନେ କରନ୍ତି ତାହା ବୁଝିବାକୁ ଆମ୍ଭେମାନେ ଏକାନ୍ତ ଅକ୍ଷମ । ପୁଣି କେତେକ ଲୋକଙ୍କର ଯୁକ୍ତି ଏହିରୂପ, "ମୁଁ ଅମୁକ କଥା ବିଶ୍ୱାସ ନ କଲେହେଁ ତାହା ଯେତେବେଳେ ମୋର ଆଶ୍ରିତ ଧର୍ମପ୍ରଣାଳୀର ଅନ୍ତର୍ଗତ ସେତେବେଳେ ଅଗତ୍ୟା ମତେ ତାହା ବିଶ୍ୱାସ କରି ନେବାକୁ ହେବ, ନଚେତ୍ ମୋର ମୁକ୍ତି ଅସମ୍ଭବ !" ଘୋର ବିଡମ୍ବନା !! ସେମାନେ ଥରେ ପରୀକ୍ଷା କରି ଦେଖନ୍ତି ନାହିଁ ଯେ ଏ ପ୍ରକାର ଭ୍ରାନ୍ତ ବିଶ୍ୱାସ ସେମାନଙ୍କର ଆତ୍ମୋନ୍ନତି ପକ୍ଷରେ କାଦୃଶ ଘୋର ଅନ୍ତରାୟ ! ଆଜିକାଲି ପ୍ରତ୍ୟେକ ଧର୍ମାବଲମ୍ବୀ ସମ୍ପ୍ରଦାୟ ମଧ୍ୟରେ ଏହି ଶ୍ରେଣୀର ଲୋକଙ୍କ ସଂଖ୍ୟା ଅତ୍ୟନ୍ତ ଅଧିକ । ଅତଏବ କହୁଥିଲୁଁ ଯେ ସର୍ବାଦୌ ଆମ୍ଭମାନଙ୍କର ବିଶ୍ୱାସ ନିର୍ମଳ ହୋଇଅଛି କି ନାହିଁ ତାହା ପରୀକ୍ଷା କରି ଦେଖିବା ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ । ସଂଶୟଯୁକ୍ତ ଆତ୍ମା ଯେ କସ୍ମିନ୍ କାଳରେ ପରମାତ୍ମାଙ୍କ ରୂପ ଦେଖିପାରେ, ଆମ୍ଭମାନଙ୍କର ଏରୂପ ବିଶ୍ୱାସ ନାହିଁ । ଏଠାରେ ଭକ୍ତଶିରୋମଣି କବିରଙ୍କର ଗୋଟିଏ ଉକ୍ତି (ଦୋହା) ଉଦ୍ଧୃତ କରି ଏହା ଆହୁରି ସୁସ୍ପଷ୍ଟତର କରୁଅଛୁଁ । କବିର କହିଅଛନ୍ତି,

'ହୃଦୟ୍ମା ଭିତର ଆରସୀ ମୁଖଡ଼ୀ ଦେଖି ନ
ଜାୟ

ମୁଖଡ଼ା ତବହୀ ଦେଖିହୌ ଜବ ଦିଲକୀ
ଦ୍ୱିବିଧା ଜାୟ"

ଅର୍ଥାତ୍ ହୃଦୟ ମଧ୍ୟରେ ଦର୍ପଣ ଥାଉ ୨ ସୁଦ୍ଧା (ପରମାତ୍ମାଙ୍କର) ମୁଖ ଦେଖା ଯାଏ ନାହିଁ, ମୁଖ ସେତେବେଳେ ଦେଖାଯାଏ, ଯେତେବେଳେ ମନର ସକଳ ସଂଶୟ ବିଦୂରିତ ହୁଏ ।

Digitized by srujanika@gmail.com

ଉପରେ ବିଶ୍ୱାସ ଉଜ୍ଜ୍ୱଳତର ହେଲେ ଆମ୍ଭମାନଙ୍କର ଦେଖିବା କର୍ତ୍ତବ୍ୟ, ଆମ୍ଭମାନଙ୍କର ଆତ୍ମା ମୂଳସତ୍ୟ ଆଡ଼କୁ କେତେ ଅଗ୍ରସର ହେଉଅଛି ? ମୂଳସତ୍ୟଙ୍କୁ ଆଶ୍ରୟ ନ କରି କୌଣସି ଆତ୍ମା ମୁକ୍ତି ଲଭି ନାହିଁ ବା ଲଭିବ ନାହିଁ । ପୃଥିବୀରେ ନାସ୍ତିକର ସଂଖ୍ୟା କେତେ ଜଣ ? ପୁଣି ଅନେକ ଘୋର ନାସ୍ତିକ ଆସନ୍ନ ବିପଦ ସମୟରେ ମୂଳସତ୍ୟଙ୍କୁ ଆଶ୍ରୟ ନକରି ରହି ପାରି ନାହାନ୍ତି । ଅଜ୍ଞେୟତାବାଦୀମାନଙ୍କର ଅବସ୍ଥା ମଧ୍ୟ ବହୁ ପରିମାଣରେ ତଦ୍ରୂପ । ତେଣୁ ଆତ୍ମୋନ୍ନତି ପକ୍ଷରେ ଈଶ୍ୱର ବିଶ୍ୱାସ ଯେ ଆଦୌ ଆବଶ୍ୟକ, ସେଥିରେ ଆଉ ସନ୍ଦେହ ମାତ୍ର ନାହିଁ । ସତ୍ୟର ସତ୍ୟ, ସର୍ବମୂଳଧାର, ଅଗତିର ଗତି ପରମାତ୍ମାଙ୍କ ଆଶ୍ରୟ ବ୍ୟତୀତ ମାନବାତ୍ମାର ସଦ୍‌ଗତି ଏକାବେଳକେ ଅସମ୍ଭବ । ଜୀବନର ପ୍ରତିମୁହୂର୍ତ୍ତରେ ଆମ୍ଭମାନଙ୍କର ଆତ୍ମପରୀକ୍ଷା କରି ଦେଖିବା ଉଚିତ୍ ଯେମନ୍ତ ଆମ୍ଭମାନଙ୍କର ଆତ୍ମା ପରମାତ୍ମାଙ୍କଠାରୁ ବିଚ୍ୟୁତ ନ ହୁଏ ।

ମୂଳସତ୍ୟଙ୍କୁ ଆଶ୍ରୟ କରିବା ସଙ୍ଗେ ୨ ଆମ୍ଭମାନଙ୍କ ହୃଦୟରେ ଈଶ୍ୱର ନିର୍ଭରଭାବ ଜାଗରୂକ ହୁଏ । ଈଶ୍ୱରଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ଆମ୍ଭେମାନେ ନିଜ ନିଜ କର୍ତ୍ତବ୍ୟ କେତେଦୂର ପାଳନ କରୁଅଛୁଁ ତାହା ସର୍ବଦା ପରୀକ୍ଷା କରି ଦେଖିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ପ୍ରତ୍ୟେକ ଲୋକର କର୍ତ୍ତବ୍ୟ ନିର୍ଦ୍ଦେଶ କରିଦେବା ସମ୍ଭବ ନୁହେ । ଈଶ୍ୱରନିର୍ଭରଭାବ ହୃଦୟରେ ଜାଗରୂକ ହେଲକ୍ଷଣି ଆମ୍ଭମାନଙ୍କର କର୍ତ୍ତବ୍ୟ-ଜ୍ଞାନ ସ୍ୱତଃ ପ୍ରତିଭାତ ହୁଏ । ତାହା କାହାରିକୁ ଶିଖାଇ ଦେବାକୁ ହୁଏ ନାହିଁ, ତଥାପି ସମସ୍ତ ମନୁଷ୍ୟର ଯେ କେତେଗୁଡ଼ିଏ ସାଧାରଣ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ଅଛି ତାହା ଆମ୍ଭେମାନେ କେତେଦୂର ପାଳନ କରିବାକୁ ସକ୍ଷମ ହେଉଅଛୁଁ, ତାହା ପରୀକ୍ଷା କରି ଦେଖିବା ସମସ୍ତଙ୍କର ଉଚିତ । ଯେଉଁ ଆତ୍ମା କର୍ତ୍ତବ୍ୟସାଧନରେ ବିମୁଖ ତାହାର ଜୀବନ ସୁଦୂରପରାହତ । କର୍ତ୍ତବ୍ୟପାଳନହିଁ ମନୁଷ୍ୟର ମନୁଷ୍ୟତ୍ୱ । ତଦଭାବରେ ମନୁଷ୍ୟ ପଶୁମାନ ।

କର୍ତ୍ତବ୍ୟପାଳନ ଦ୍ୱାରା ଚିତ୍ତ ଶୁଦ୍ଧ ଓ ନୀତି-ବଳରେ ବଳୀୟାନ୍ ହୁଏ । ଚିତ୍ତଶୁଦ୍ଧି ସଙ୍ଗେ ୨ ଚରିତ୍ର ମଧ୍ୟ ନିର୍ମଳ ହୋଇ ଆସେ ଏବଂ ଚରିତ୍ର ନିର୍ମଳ ହେଲେ ଆମ୍ଭମାନଙ୍କର ଆଧ୍ୟାତ୍ମିକ ଉନ୍ନତି କ୍ରମଶଃ ନିର୍ବିଘ୍ନରେ ସାଧିତ ହେଉଥାଏ । ଚରିତ୍ରବଳ ନିକଟରେ ସମସ୍ତ କୁପ୍ରବୃତ୍ତି ପରାଭୂତ ହୁଏ, ଆତ୍ମାରାଜ୍ୟରେ କୌଣସି ପ୍ରକାର ବିପ୍ଳବ ସଂଗଠିତ ହୋଇପାରେ ନାହିଁ । ପ୍ରତିମୁହୂର୍ତ୍ତରେ ଆମ୍ଭେମାନେ ଯାହା ଚିନ୍ତା କରୁଁ ତାହା ଆମ୍ଭମାନଙ୍କ ଚରିତ୍ର କେତେଦୂର ସମୀପବର୍ତ୍ତୀ ତାହା ଅନ୍ତର୍ଦ୍ଦୃଷ୍ଟି ଦ୍ୱାରା ପରୀକ୍ଷା କରି ନ ଦେଖିଲେ ଚରିତ୍ରସଂଗଠନର କାର୍ଯ୍ୟ ସୁଚାରୁ ରୂପେ ଅଗ୍ରସର ହୋଇ ପାରେ ନାହିଁ । ଏହାପର ଆମ୍ଭମାନଙ୍କର ପ୍ରତ୍ୟେକ ଭାବ; ଚିନ୍ତା ଓ କାର୍ଯ୍ୟ ଏବଂ ଚରିତ୍ର ମଧ୍ୟରେ କେଉଁଠାରେ କି ପ୍ରକାର ଅସାମଞ୍ଜସ୍ୟ ରହିଲା ତାହା ବାରମ୍ବାର ଅନ୍ତଃ—ଦିନାନ୍ତେ ଥରେ ଚିନ୍ତା କରି ଦେଖିବା ଉଚିତ, ଏବଂ ଦେଖି, ବିବେକନିର୍ଦ୍ଦିଷ୍ଟ ମାର୍ଗରେ ବିଚରଣ କରିବାକୁ ଚେଷ୍ଟା କରିବା ବିହିତ । ଆମ୍ଭେମାନେ ପରୀକ୍ଷା, ପରିଦର୍ଶନ, ଅନ୍ତର୍ଦ୍ଦୃଷ୍ଟି ଦ୍ୱାରା ଯେତେ ଆତ୍ମଶୁଦ୍ଧି କରୁଁ ପଛକେ ଆମ୍ଭେମାନେ ଯଦି ବିବେକବାଣୀ ନ ଶୁଣୁଁ ତାହାହେଲେ ଆମ୍ଭମାନଙ୍କର ସେହି ଆତ୍ମଶୁଦ୍ଧି କୌଣସି କାର୍ଯ୍ୟରେ ଆସିବ ନାହିଁ ।

ବିବେକବାଣୀର ବଶବର୍ତ୍ତୀ ହୋଇ ଆମ୍ଭେମାନେ ଯଦ୍ୟପି ପ୍ରତ୍ୟହ ଥରେ ଲେଖାଏଁ ଏହିରୂପେ ଆତ୍ମପରୀକ୍ଷା କରି ଦେଖିବାକୁ ଶିକ୍ଷା କରିବା ତାହାହେଲେ ବାସ୍ତବିକ୍ ଯେ ଆମ୍ଭେମାନେ ପୁଣି ଆଧ୍ୟାତ୍ମିକ ସମ୍ପଦ ଲଭ କରିବାକୁ ସକ୍ଷମ

Digitized by srujanika@gmail.com

ହେବା ସେଥିରେ ଅଣୁମାତ୍ର ସନ୍ଦେହ ନାହିଁ । ଭରତ ଚିରକାଳ ଆଧ୍ୟାତ୍ମିକ ସମ୍ପଦ ନିମିତ୍ତ ଶ୍ରେଷ୍ଠ ଆସନ ଲାଭ କରି ଆସିଅଛି । ବର୍ତ୍ତମାନ ଦୁର୍ଦ୍ଦୈବ ବଶତଃ ତାହାର ପତନ ଶନୈଃ ଶନୈଃ ଅଗ୍ରସର ହେଉଅଛି । ହେ ଭାରତବାସୀ ! କେବଳ ଆତ୍ମପରୀକ୍ଷା ଅଭାବରୁ ଯେ ତୁମ୍ଭମାନଙ୍କର ଏ ଘୋର ଦୁର୍ଦ୍ଦଶା ଘଟିଅଛି ତାହା ବୁଝିବାକୁ କି ତୁମ୍ଭମାନଙ୍କର ଆଉ ଅଧିକ ବିଳମ୍ବ ଅଛି ? ଥରେ ଚକ୍ଷୁରୁନ୍ମୀଳନ କରି ଦେଖ ତୁମ୍ଭମାନଙ୍କର ପୂର୍ବ-ପୁରୁଷମାନଙ୍କ ଅର୍ଜିତ ସମ୍ପଦ ଯେନି ଆଜି ତୁମ୍ଭ-ମାନଙ୍କର ପ୍ରତିବେଶୀମାନେ କପରି ଉନ୍ନତ । ତୁମ୍ଭେମାନେ କି ଏଥିରୁ କିଛି ଶିକ୍ଷା କରିବ ନାହିଁ ?

ଶ୍ରୀ କୃଷ୍ଣପ୍ରସାଦ ଚୌଧୁରୀ ।

---

## ସ୍ନେହ ଉପହାର

ସାନ ଭାଇଟି ମୋହର ।
ତୁହିରେ ପରଶମଣି,
ନିର୍ମଳ ସୌନ୍ଦର୍ଯ୍ୟଖଣି,
ଦେବାକୁ ତୁଳନା କାହିଁ ମରତେ ତୋହର;
ଗୃହ ଆଲୋକିତ କରି,
ଦେବ-ଧାମ ପରିହରି,
ଆସିଅଛୁ ଦେଖିବାକୁ କିବା ଜଗତର ?
ସାନ ଭାଇଟି ମୋହର !
ସାନ ଭାଇଟି ମୋହର
ସେ ମୁଖମାଧୁରୀ ତୋର,
ନନ୍ଦଇ ହୃଦୟ ମୋର,
ପବିତ୍ର କୁସୁମ ତୁହି ଏହି ମରତର,
ତୋର ସେ ସୁନ୍ଦର ହାସ,
ସଦା ପବିତ୍ରତା ଭାସ,
ପାପ ତାପ ଦୂରେ ଯାଏ ମାନବ ହୃଦର ।
ସାନ ଭାଇଟି ମୋହର !
ସାନ ଭାଇଟି ମୋହର !
ଶୁଭ ଜନ୍ମଦିନେ ତୋର
ଅଜି ଆଶୀର୍ବାଦ ମୋର,
ସେ ପୁଣ୍ୟ ସୌନ୍ଦର୍ଯ୍ୟରାଶି ହେଉ ରେ ତୋହର;—
ଅନଶ୍ୱର, ଅବିନାଶୀ
ହୁଅ ସଦା ମିଷ୍ଟଭାଷୀ,—
ତୃପ୍ତ ହେଉ ପ୍ରାଣମନ ଜଗତ ଜନର ।
ଜ୍ଞାନ, ପ୍ରେମ, ପୁଣ୍ୟବଳେ
ବଳୀ ହୋଇ ଧରାତଳେ
ନବ ଜୀବନର ପଥେ ହୁଅ ଅଗ୍ରସର;
ପାପର ଆସକ୍ତି ପାଶେ
ରହିଛି ଯେ ଭବବାସେ
ତାଳ ଶତ୍ରୁ ପ୍ରେମ-ଗୀତ କର୍ଣ୍ଣେ ତାହାଙ୍କର ।
ଅବିରାମ, ଅବିରତ
ଶତ୍ରୁ ପ୍ରେମେ ଥାଅ ରତ,
ମା ବାପ ଗୌରବ ରଖ, ହୁଅରେ ଅମର,
ତୋଲାଗି ଏ ଭଗ୍ନୀ ଆଜି ପଦେ ଶତ୍ରୁଙ୍କର ।
ସାନ ଭାଇଟି ମୋହର !
ଏହି ସ୍ନେହ ଉପହାର,
କବିତା-ପ୍ରସୂନ-ହାର,
ଦେବୁ କି ଗଳାରେ ଆଜି ଦେବୁ କି ତୋହର ?
ସାନ ଭାଇଟି ମୋହର !

ଶ୍ରୀମତୀ ରେବା ରାୟ ।

Digitized by srujanika@gmail.com

# ଇଂରାଜୀ ଶିକ୍ଷା

ହିନ୍ଦୁସନ୍ତାନମାନଙ୍କ ପାଶ୍ଚାତ୍ୟ ଭାବ ଦର୍ଶନ କରି ଅନେକେ କହିଥାନ୍ତି ଯେ ଇଂରାଜୀଶିକ୍ଷା ବନ୍ଦ କରିବାହିଁ ଏହାର ପ୍ରକୃତ ପ୍ରତିକାର । କୋକିଳର ସହସ୍ର ଗୁଣ ଥିଲେହେଁ, ମରାଳ ତାହାକୁ ପ୍ରହାରାଘାତ କରିବାକୁ ଛାଡ଼େ ନାହିଁ । ସେ ନିଜର ରଜତ କାନ୍ତିରେ ହିଁ ସନ୍ତୁଷ୍ଟ ଏବଂ କୃତାର୍ଥ । କୃଷ୍ଣବର୍ଣ୍ଣ ପକ୍ଷୀ ତାହାର ଚକ୍ଷୁକୁ କପରି ଶୋଭା ପାଇବ । କିନ୍ତୁ ଏହି ହେତୁରୁ ଇଂରାଜୀଶିକ୍ଷା ପରିତ୍ୟାଗ କଦାପି ବୁଦ୍ଧିମାନର କାର୍ଯ୍ୟ ନୁହେ । ଇଂରାଜଙ୍କ ଅମଳରେ ଆମ୍ଭମାନଙ୍କର ଯେ ନାନାବିଧ ଉନ୍ନତି ହେଉଅଛି ତାହା କେବଳ ଏହି ଇଂରାଜୀଶିକ୍ଷାର ଗୁଣରୁ । ଅବନତି କେବଳ ଆମ୍ଭମାନଙ୍କ ଦୋଷ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଅଛି । ଅବନତି ଆଡ଼କୁ ଦୃଷ୍ଟିପାତ କଲେ ମନେହୁଏ, ଆମ୍ଭମାନଙ୍କ ପରି ନିର୍ବୋଧ ଜାତି ବୋଧହୁଏ ସମଗ୍ର ଜଗତରେ ନାହାନ୍ତି । ଆମ୍ଭେମାନେ ଯେବେ ଇଂରାଜଙ୍କୁ ଚିହ୍ନି ଥାଆନ୍ତୁ କିମ୍ବା ସେମାନଙ୍କ ମନର ପ୍ରକୃତ ଅବସ୍ଥା ବୁଝିବାକୁ ସକ୍ଷମ ହୁଅନ୍ତୁ, ତେବେ ସମସ୍ତଙ୍କର ମଙ୍ଗଳ ହୁଅନ୍ତା । ଜଗଦୀଶ୍ୱର ଆମ୍ଭମାନଙ୍କୁ ଅତ୍ୟୁତ୍କୃଷ୍ଟ ସୁଯୋଗ ପ୍ରଦାନ କରିଅଛନ୍ତି ସତ୍ୟ, କିନ୍ତୁ ଆମ୍ଭେମାନେ କେବଳ ହେଳାରେ ଏହି ସୁଯୋଗର ନିତାନ୍ତ ଅପବ୍ୟବହାର କରୁଅଛୁଁ ।

ବିଦେଶୀୟ ବିଧର୍ମିଙ୍କ ଅଧିକାର ଭାରତରେ ନୂତନ ନୁହେଁ । କେବଳ ମୁସଲମାନମାନଙ୍କ କଥା କହୁ ନାହିଁ । ବହୁକାଳ ପୂର୍ବେ ଅସୁରଜାତି ମଧ୍ୟ ଭାରତକୁ ଶାସନକରି ଯାଇଅଛନ୍ତି । କଂସ, ଦେବବିରୋଧୀ ତାରକାସୁର, ଗୋ-ଖାଦକ ନର-ଖାଦକ ରାକ୍ଷସଜାତି ମଧ୍ୟ ଏହି ପୁଣ୍ୟ ଭୂମି ଶାସନ କରି ଯାଇଅଛନ୍ତି ।

ଆଜିକାଲି ଯେପରି ଆମ୍ଭେମାନେ ଇଂରାଜୀଶିକ୍ଷା କରି ରାଜସରକାରରେ ଚାକରି କରୁଅଛୁଁ, ମୁସଲମାନମାନଙ୍କ ସମୟରେ ତଦ୍ରୂପ ପାର୍ଶୀଶିକ୍ଷା କରି ଏ ଦେଶର ଲୋକେ ରାଜକାର୍ଯ୍ୟ ଚଳାଉଥିଲେ । ଅନ୍ୟର କଥା ଦୂରେ ଥାଉ, ବଙ୍ଗଦେଶର କବିବରର ଭାରତଚନ୍ଦ୍ର ପରମନିଷ୍ଠାବାନ୍ ହିନ୍ଦୁ ଏବଂ ବର୍ଣ୍ଣଶ୍ରେଷ୍ଠ ହୋଇ ମଧ୍ୟ ଆରବୀ ଓ ପାର୍ଶୀ ଭାଷାରେ ସୁପଣ୍ଡିତ ଥିଲେ । ଭଲ ଭଲ ଚାକରି, ମନ୍ତ୍ରୀ ଓ ସେନାପତି ପ୍ରଭୃତି କାର୍ଯ୍ୟ ମଧ୍ୟ ହିନ୍ଦୁମାନେ ଚଳାଉଥିଲେ । କିନ୍ତୁ ସେମାନଙ୍କ ଅମଳରେ ଆଠଶତ ବର୍ଷରେ ଯାହା ହୋଇ ନାହିଁ, ଇଂରାଜଙ୍କ ଅମଳରେ ଦେଢ଼ଶତ ବର୍ଷ ମଧ୍ୟରେ ତାହାର ଚତୁର୍ଗୁଣ ହେବାକୁ ବସିଲାଣି । ଅଥଚ ମୁସଲମାନ ଆମ୍ଭମାନଙ୍କୁ ଅତିଶୟ ଆଦର କରୁଥିଲେ; କଲ୍‌ମା ପଢ଼ାଇବାକୁ ଚେଷ୍ଟାର ତ୍ରୁଟି କରିନାହାନ୍ତି । ମୁସଲମାନ ବାଦଶାହ, ନବାବ, ସର୍ଦ୍ଦାର ସମସ୍ତେହିଁ ହିନ୍ଦୁକନ୍ୟା ବିବାହ କରିଥିଲେ, ଏବଂ ହିନ୍ଦୁଯୁବକଙ୍କୁ କନ୍ୟା ସମର୍ପଣ କରି ପରମ ଗୌରବର ସହିତ ନିଜର ସମାଜରେ ଉଚ୍ଚସ୍ଥାନ ଦେଇଥିଲେ । ଇଂରାଜ ଆମ୍ଭମାନଙ୍କ ସଙ୍ଗରେ ବ୍ରାହ୍ମଣ ଶୂଦ୍ରବତ୍ ବ୍ୟବହାର କରିଥାନ୍ତି । ମେମ୍ ବିବାହକାରୀ ନେଟିଭ୍‌ର ସହିତ ଆହାର ବ୍ୟବହାର କରିବା ଦୂରରେ ଥାଉ, ନେଟିଭ୍ ଖ୍ରୀଷ୍ଟିଆନର ମୃତଦେହ ସେମାନଙ୍କର ସମାଧିକ୍ଷେତ୍ରରେ ସ୍ଥାନ ପାଏ ନାହିଁ । ଏଥିରେ ଯେବେ ଚୈତନ୍ୟ ନ ହୁଏ, ତେବେ ଦୋଷ କାହାର ?

କହିବାକୁ ଲଜ୍ଜା ହୁଏ, ଆମ୍ଭମାନଙ୍କ ମଧ୍ୟରେ ଜଣେ ୨ ଏପରି ମହାପୁରୁଷ ଅଛନ୍ତି, 'ମିଷ୍ଟର' 'ସ୍କୋୟାର' ପ୍ରଭୃତି ଉପାଧି ସକାଶେ ଏତେ ଲାଳାୟିତ ଯେ, ସେହି ଉଦ୍ଦେଶ୍ୟରେ ପ୍ରକୃତ 'ମିଷ୍ଟର'ଙ୍କ ଉଚ୍ଛିଷ୍ଟ ମାର୍ଜ୍ଜନ କରି ପାରିଲେ ନିଜକୁ କୃତକୃତ୍ୟ ମଣନ୍ତି । ଏ ସବୁ ଦେଖିଲେ ବାସ୍ତବିକ ସମାଜରେ ଅଶ୍ରଦ୍ଧା ହୁଏ । ଏହି ସକାଶେ ଇଂରାଜ ଜାତି ଦୂଷଣୀୟ ହେବେ ନାହିଁ । ତେବେ ବିଲାତ୍ ପ୍ରତ୍ୟାବୃତ୍ତ ଚିହ୍ନିତ କର୍ମଚାରିବର୍ଗ ରାଜାଜ୍ଞାରେ ସେହି ରୂପ ଉପାଧି ଲାଭ କରିଅଛନ୍ତି, ଏମାନଙ୍କୁ ଯେଉଁମାନେ ଈର୍ଷାଚକ୍ଷୁରେ ଦେଖନ୍ତି, କିମ୍ବା ନାସାକୁଞ୍ଚିତ କରନ୍ତି, ସେମାନଙ୍କର ରୀତି ଦେଖି ଶିକ୍ଷା ଲଭିବା ପ୍ରକୃତ ବୁଦ୍ଧିମାନର କର୍ମ ।

Digitized by srujanika@gmail.com

ଇଂରାଜଗଣ ଆମ୍ଭମାନଙ୍କର ଯଥେଷ୍ଟ ଉପକାର କରିଅଛନ୍ତି । ଅନୁକରଣଯୋଗ୍ୟ ଅନେକ ସଦ୍‌ଗୁଣ ତାଙ୍କର ଅଛି । ଅପଗୁଣ ଯେ ନାହିଁ ଏମନ୍ତ ନୁହେଁ । କିମ୍ବା ଆମ୍ଭମାନଙ୍କ ପକ୍ଷେ ଯାହା ଅପଗୁଣ, ତାହା ହୁଏତ ଇଂରାଜଙ୍କ ପକ୍ଷରେ ଅତି ଉପାଦେୟ । ଦେଶକାଳ ପାତ୍ର ଭେଦରେ ଏହା ଅସମ୍ଭବ ନୁହେଁ । ଆମ୍ଭେମାନେ ତାହା ବୁଝିଲୁ ନାହିଁ । ଇଂରାଜଙ୍କୁ ଦେବତା ଜ୍ଞାନ କରି ସବୁ ବିଷୟରେ ଅନୁକରଣ କରିବାକୁ ଗଲୁଁ, କିନ୍ତୁ ନାନାକାରଣରୁ ଭଲଗୁଣ ଗୁଡ଼ିକର ନିକଟସ୍ଥ ହୋଇ ପାରିଲୁଁ ନାହିଁ । ମନ୍ଦଗୁଣ ଗୁଡ଼ିକର ଅନୁକରଣ କରି ଏକାବେଳକେ ପ୍ରମତ୍ତ ହେଲୁଁ । ଗଞ୍ଜାଖୋର ଗଞ୍ଜାଇ ଟାଣିବା ସମୟରେ ଦେବାଦିଦେବ ଭବାନୀପତିଙ୍କ ଦୋହି ଦିଅନ୍ତି, କିନ୍ତୁ ସେ ଯେ ହଳାହଳ ପାନ କରିଥିଲେ, ତାହାର ଅନୁକରଣ କେହି କରିଥାନ୍ତି କି ? ଆମ୍ଭମାନଙ୍କ ବିଦ୍ୟାବୁଦ୍ଧିର ପରିଚୟ ପାଇଅଛନ୍ତି ବୋଲି, କୌଣସି କୌଣସି ଇଂରାଜଗୁରୁ ଆମ୍ଭମାନଙ୍କ କର୍ଣ୍ଣସମୀପରେ ପଞ୍ଜିକାର ପ୍ରଶଂସାଗୀତ ଗାୟନ କରିବାକୁ ଛାଡ଼ ନାହାନ୍ତି । ଇଂରାଜୀଶିକ୍ଷା କରି ସୁଦ୍ଧା ଆମ୍ଭେମାନେ ଇଂରାଜଙ୍କ ସଦ୍‌ଗୁଣ ଓ ଅପଗୁଣ ପ୍ରଭୃତି ବୁଝି ପାରିଲୁ ନାହିଁ । ନ ଶିଖିଥିଲେ ଆହୁରି କପରି ଦୁର୍ଦ୍ଦଶା ହୋଇ ଥାନ୍ତା ତାହା ଭଗବାନ ଜାଣନ୍ତି ।

କୁଫଳର କାରଣ ଅନୁସନ୍ଧାନ ସକାଶେ ଯେବେ କୌଣସି ନିକୃଷ୍ଟ ଚରିତ ମୁସଲମାନ ଏବଂ ଇଂରାଜର ଦୁଇଟି ପ୍ରତିକୃତି ଏକାସ୍ଥାନରେ ସ୍ଥାପନ କରି ତୁଳନାକରିବାର ଆବଶ୍ୟକ ହୁଏ, ତେବେ ଇଂରାଜ ଅନଭିଜ୍ଞ କୌଣସି ବ୍ୟକ୍ତି ତାହା ପାରିବେଟି କି ?

ଇଂରାଜ ଆସି, ଆମ୍ଭମାନଙ୍କୁ ନାନା ଅତ୍ୟାଚାରରୁ ରକ୍ଷା କରିଅଛନ୍ତି । ମୁସଲମାନମାନଙ୍କର ମହା କଠୋର ନୀତି ଥିଲା । ଇଂରାଜ ନ୍ୟାୟପରାୟଣ, ଏବଂ ସମସ୍ତଙ୍କ ପ୍ରତି ସମାନ ଦୟା କରିଥାଆନ୍ତି । ଏଥିରୁ ଆମ୍ଭମାନଙ୍କ ଉନ୍ନତି କି ଅବନତି ହୋଇଅଛି, ତାହା ବୁଝି ଦେଖିବା ସକାଶେ ଇଂରାଜୀଶିକ୍ଷା ଆବଶ୍ୟକ ନୁହେ କି ?

ଅବଶ୍ୟ ଏହି ଦେବୋପମ ଇଂରାଜ ଜାତିଙ୍କ ମଧ୍ୟରେ ଏକ ସମ୍ପ୍ରଦାୟ ଭୟଙ୍କର ଜୀବ ଅଛନ୍ତି, ସେମାନେ ଏକଦିଗରେ ରାଜା ଏବଂ ରାଜପୁରୁଷ-ବର୍ଗଙ୍କ ସମ୍ମୁଖରେ ସନ୍ଦେହ ଏବଂ ଅବିଶ୍ୱାସ ଉଦ୍ଦୀପକ ଚଷମା ଧରିଅଛନ୍ତି, ଏବଂ ଅପର ଦିଗରେ ଆପଣାର ସର୍ବାଙ୍ଗରେ 'ଭାରତ ହିତୈଷୀ' କଥାଗୁଡ଼ିକ ମୁଦ୍ରିତ କରି ପ୍ରଜାପୁଞ୍ଜଙ୍କୁ ଭୁଲାଉଅଛନ୍ତି । କିନ୍ତୁ ସ୍ୱାର୍ଥପୂର୍ଣ୍ଣ ଦାରୁଣ କୁଅଭିସନ୍ଧି ପ୍ରଭୃତି ନିଜର ଅନ୍ତଃକରଣରେ ଅତିଗୋପନଭାବରେ ଲୁକ୍କାୟିତ ରଖି ଭାରତସନ୍ତାନଙ୍କ ଦୁର୍ବଳ ଏବଂ ସରଳ ବହୁଶସ୍ୟସମୃଦ୍ଧ ପ୍ରତି ସତୃଷ୍ଣନୟନରେ ଖରତର କଟାକ୍ଷପାତ କରୁଅଛନ୍ତି । ଅଜସ୍ର ଦୁଗ୍ଧପାନରେ ସୁଦ୍ଧା ଏମାନଙ୍କ ଆଶା ମେଣ୍ଟିବ ନାହିଁ ।

ଏହି ଜାତୀୟ ଜୀବ ପୃଥିବୀରେ ନୂତନ ନୁହନ୍ତି । ମୁସଲମାନ ଅମଳରେ ଏମାନଙ୍କ ପରି ମଧ୍ୟ ଥିଲେ । କିନ୍ତୁ ସେତେବେଳେ ବେଶି ହାନି କରି ପାରି ନାହାନ୍ତି । ରାଜା, ବିଧର୍ମୀ ହେଲେହେଁ, ସ୍ୱଦେଶୀ ଥିଲେ । ପ୍ରଜାର ଗତିଗତି ସ୍ୱଚକ୍ଷୁରେ ଦେଖୁଥିଲେ । ଧୂର୍ତ୍ତର ଗୂଢ଼ରୂପ ପଦେ ପଦେ ଧରା ପଡ଼ୁଥିଲା, ଏବଂ ସେମାନଙ୍କ ସମସ୍ତ କୁଚକ୍ର ଏବଂ ଅଭିସନ୍ଧି ଫୁଟି ଦିଶୁଥିଲା । ଏତେବେଳେ ଏମାନଙ୍କୁ ସବୁଆଡ଼େ ସୁବିଧା । ରାଜା, ରାଜଜାତି ଏବଂ ପ୍ରଜାପୁଞ୍ଜଙ୍କ ମଧ୍ୟରେ ସାତସମୁଦ୍ର ବ୍ୟବଧାନ । ମୁସଲମାନମାନଙ୍କ ସହସ୍ର ଦୋଷ ଥିଲେହେଁ, ସ୍ୱଦେଶୀ ରାଜା ଏବଂ ପ୍ରଜାର ଯେ ସମ୍ବନ୍ଧ, ଭାରତବାସୀ ସେଥିରୁ ବଞ୍ଚିତ ନ ଥିଲେ ।

ଆମ୍ଭେମାନେ ରାଜ-ମୁଖାପେକ୍ଷୀ ଜାତି । ରାଜାଙ୍କ ଉପରେ ସମସ୍ତ ବିଷୟ ଭାରଦେଇ ନିଶ୍ଚିନ୍ତ ରହିବାକୁ ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ଇଚ୍ଛା । ମୁସଲମାନ ଅମଳରେ କେତେକାଂଶ ଏ ସୁଖ ଥିଲା । ଆମ୍ଭେମାନେ ପରିଶ୍ରମ କରିବୁଁ, ଆହାର କରିବୁଁ, ଏବଂ ଧର୍ମ ପଥରେ ବିଚରଣ କରିବୁଁ

Digitized by srujanika@gmail.com

ଏବଂ ରାଜା ଆମ୍ଭମାନଙ୍କୁ ସମସ୍ତ ବିଷୟ ଏବଂ ବିପଦରୁ ରକ୍ଷା କରିବେ । ଆମ୍ଭମାନଙ୍କ ଏହି ଅଭ୍ୟାସଗୁଡ଼ିକ ଚିରକାଳ ସମଭାବରେ ରହି-ଅଛି । କିନ୍ତୁ ଆଜକାଲି ସବୁ ବିଷୟରେ ତାହା ଚଳିବତ ? ବାଣିଜ୍ୟ-ନୀତି ଧରି କହିଲେ ଯଥେଷ୍ଟ ହେବ ଯେ ଇଂଲଣ୍ଡର ବାଣିଜ୍ୟ ନୀତି ପ୍ରଭାବରୁ ଆମ୍ଭେମାନେ ପ୍ରତିଦିନ ଅବନତି ଆଡ଼କୁ କ୍ରମଶଃ ଅଗ୍ରସର ହେଉଅଛୁଁ * । ଇଂରାଜୀ ନଜାଣିଲେ ଏ ସବୁ ବିଷୟ ରାଜା, ରାଜପୁରୁଷ ଏବଂ ରାଜ-ଜାତିଙ୍କ କର୍ଣ୍ଣଗୋଚର କରାଇବାର କୌଣସି ଉପାୟ ଅଛି କି ?

ରାଜା ନିଜର ଇଚ୍ଛାନୁରୂପ ସ୍ୱଦେଶୀୟ ନୀତି ବ୍ୟବସ୍ଥା କରି ଶାସନ ଓ ପାଳନ କରୁଅଛନ୍ତି । ଆମ୍ଭେମାନେ ମଧ୍ୟ ଚିରନ୍ତନ ପ୍ରଥାନୁସାରେ ପ୍ରଜା-ଧର୍ମ ପାଳନ କରୁଅଛୁଁ । ଆମ୍ଭମାନଙ୍କ ହୃଦୟ ରାଜଭକ୍ତିରେ ପରିପୂର୍ଣ୍ଣ । କିନ୍ତୁ ରାଜାଙ୍କର ସନ୍ଦେହ ମେଣ୍ଟୁନାହିଁ । ବ୍ରିଟିଶ-ସିଂହଙ୍କ ସିଂହାସନ ଭାରତରେ ବଦ୍ଧମୂଳ ହେଉ, ଏହାହିଁ ଆମ୍ଭମାନଙ୍କ ଐକାନ୍ତିକ ପ୍ରାର୍ଥନା, ଏତଦ୍ଭିନ୍ନ ଗତ୍ୟ-ନ୍ତର ନାହିଁ, ଏହା ଆମ୍ଭମାନଙ୍କ ହୃଦୟର ପ୍ରତ୍ୟେକ ସ୍ତରରେ ଅଙ୍କିତ ରହିଅଛି । କିନ୍ତୁ ରାଜା ମନେ କରନ୍ତି ଆମ୍ଭେମାନେ ନିତାନ୍ତ ବର୍ବର, ଏ ସବୁ ଗଭୀରତତ୍ତ୍ୱ ଆଦୌ ବୁଝିପାରୁ ନାହୁଁ । ଏହା ଉପରେ ପୁଣି ସେହି ସ୍ୱାର୍ଥପରତାର ପ୍ରତି-ମୂର୍ତ୍ତିଗଣ କୁମନ୍ତ୍ରଣା ପରିଚାଳନା କରିବାର ଯଥେଷ୍ଟ ସୁଯୋଗ ପାଇଅଛନ୍ତି । ଇଂରାଜୀ ନଜାଣି ଥିଲେ ଏ ସମସ୍ତ ତତ୍ତ୍ୱ ଆମ୍ଭେମାନେ ସ୍ୱୟଂ ବୁଝି ପାରନ୍ତୁ ନାହିଁ । ରାଜାଙ୍କ ଭ୍ରମାପନୋଦନର ଚେଷ୍ଟା କିପରି କରନ୍ତୁ ?

ରାଜାଙ୍କ ମନରେ ସନ୍ଦେହ ବିଷମ ବିଡ଼ମ୍ବନା ମାତ୍ର । କିନ୍ତୁ ଏହା କଦାପି ମନରୁ ଅନ୍ତର୍ହିତ ହେବାର ନୁହେଁ । ତଦ୍ଭିନ୍ନ ଆଉ ଗୋଟିଏ ଭୀଷଣ ବ୍ୟାପାର ରହିଅଛି । ରାଜା ଆମ୍ଭମାନଙ୍କୁ ବହିର୍ବୈରିଙ୍କ ଗ୍ରାସରୁ ରକ୍ଷା କରିବା ନିମିତ୍ତ ଅଜସ୍ର ମୁଦ୍ରା ବ୍ୟୟ କରୁଅଛନ୍ତି । ସୀମାନ୍ତପ୍ରଦେଶ ଦୃଢ଼ କରିବା ସକାଶେ ନବ ୨ ଅଭାବନୀୟ କାଣ୍ଡ ସଂଘଟିତ ହେଉଅଛି । ଆମ୍ଭେମାନେ ସେହି ବ୍ୟୟ ବହନ କରୁଅଛୁଁ ସତ୍ୟ, କିନ୍ତୁ କିଛି ଅଂଶ ନାହିଁ । ରାଜା ସେଥିରେ ମହାବ୍ୟସ୍ତ ! ଯେତେବେଳେ ମନେହୁଏ ବୀରପ୍ରସବିନୀ ଭାରତଜନନୀଙ୍କ ବୀର-ବଂଶ ଜୀବିତ ଥାଇଁ ୨ ରାଜାଙ୍କର ଏପରି ବିଡ଼-ମ୍ବନା କାହିଁକି, ସେତେବେଳେ କି ଆମ୍ଭମାନଙ୍କ ପ୍ରକୃତ ମର୍ମବେଦନା ହୁଏ ନାହିଁ । ଯେ ହିନ୍ଦୁ-ଅତ୍ୟାଗ୍ରହୀ ମୁସଲମାନରାଜାଙ୍କ ପଦତଳରେ ଦଣ୍ଡାୟମାନ ରହି ପ୍ରଜାଧର୍ମ ରକ୍ଷାର୍ଥ ସ୍ୱଜାତି ସ୍ୱଧର୍ମାନୁରାଗୀଙ୍କ ପ୍ରତି ଅସ୍ତ୍ରାଘାତ କରିଅଛି ତାହାକୁ କେହି ଅବିଶ୍ୱାସ କରି ପାରନ୍ତି କି ? କିନ୍ତୁ ଏ ସମସ୍ତ ଜାଣି ଶୁଣି ସୁଦ୍ଧା ରାଜା ଏଥିରୁ ବଞ୍ଚିତ ହେଉଅଛନ୍ତି । ଏହି ସମସ୍ତ ବୀରବଂଶ ଯେ କ୍ରମେ ୨ ବଳବୀର୍ଯ୍ୟ ହରାଇ ଅକର୍ମଣ୍ୟ ହେଉଅଛନ୍ତି, ତାହା ମଧ୍ୟ ରାଜା ସ୍ୱଚକ୍ଷୁରେ ଦେଖୁଅଛନ୍ତି । ଯାହାଙ୍କର ଟିକିଏ ବୁଦ୍ଧି ଅଛି ସେ ନିଶ୍ଚୟ କହିବେ, ରାଜା ମନେ ୨ ଭାବୁଅଛନ୍ତି ଭାରତର ପନ୍ଦର ଅଣା ଲୋକ ଗଣ୍ଡମୂର୍ଖ । ସେମାନେ ହିତାହିତ କିଛି ବୁଝନ୍ତି ନାହିଁ । ଇଂରାଜଜାତି ଏମାନଙ୍କର କି ଉପକାର କରି ଅଛନ୍ତି ଏବଂ ଇଂରାଜ ନଥିଲେ ଏମାନଙ୍କର କିପରି ଦୁରବସ୍ଥା ହେବ, ଏହା ଏମାନେ ଜାଣନ୍ତି ନାହିଁ ।

ଇଂରାଜଙ୍କ ଅମଳରେ କଲ୍ୟାଣ ଏବଂ ଅକ-ଲ୍ୟାଣ ଉଭୟ ଘଟୁଅଛି । ଯେ ଅକଲ୍ୟାଣ ମୁସଲମାନ ଅମଳରେ ସୁଦ୍ଧା ଘଟିନାହିଁ, ତାହା ଯେ ଏତେବେଳେ ଘଟୁଅଛି, ଏହାହିଁ ଅତି ଦୁଃଖର ବିଷୟ । କିନ୍ତୁ ଇଂରାଜୀଶିକ୍ଷା ଯେତେବ ତାହାର

* ଇଂରାଜଙ୍କ ବାଣିଜ୍ୟ ନୀତି ପ୍ରଭାବରୁ ଆମ୍ଭମାନଙ୍କର ଅଧୋଗତି ଘଟୁଅଛି, ଏକଥା ସମୀଚୀନ ନୁହେଁ । ଏ ସ୍ଥଳରେ ମଧ୍ୟ ଆମ୍ଭମାନଙ୍କ ଦୁର୍ବୁଦ୍ଧି ବା ଆଳସ୍ୟ ଆମ୍ଭମାନଙ୍କ ଅଧୋଗତିର ପ୍ରଧାନ କାରଣ । ଉ,ସା,ସଂ

Digitized by srujanika@gmail.com

ଏକମାତ୍ର କାରଣ ହୁଏ; ତେବେ ସେ ସମ୍ପ୍ରଦାୟରେ ପାର୍ଶି ଶିକ୍ଷାରେ ତାହା ଘଟି ନାହିଁ କାହିଁକି ? ଦେଶର ଶିଳ୍ପ ଲୋପ, ଉଦରର ଅନ୍ନ ଦେଇ ବିଳାସଦ୍ରବ୍ୟ ବ୍ୟବହାର, ମଦ୍ୟର ଅଭ୍ୟାସ, ବାଳକ ଏବଂ ଯୁବକର ଅବିନୀତ ସ୍ୱଭାବ, ଇତ୍ୟାଦି ଯେବେ ଆମ୍ଭମାନଙ୍କର ଅଧଃପତନର କାରଣ ହୁଏ, ତେବେ ତାହା କି ଇଂରାଜୀଶିକ୍ଷାରୁ ଉତ୍ପନ୍ନ ? ଆଉ ଅଳ୍ପ ଇଂରାଜୀ ପଢ଼ିଦେଲେ, ଏ ଅଧଃପତନ ସମୂଳେ ବିନଷ୍ଟ ହେବ ?

ଶ୍ରୀ ଶଶିଭୂଷଣ ରାୟ ।

---

## "ଜିହ୍ବାସୁଖ ଓ ଜୀବନ"ର
### ସମାଲୋଚନା

---

ଏହି ଗ୍ରନ୍ଥ ଶ୍ରୀଯୁକ୍ତ ନୀଳମଣି ବିଦ୍ୟାରତ୍ନଙ୍କଦ୍ୱାରା ସଙ୍କଳିତ ଓ ବିନା ମୂଲ୍ୟରେ ବିତରିତ । ଏହାର ସମାଲୋଚନା କରିବା ପୂର୍ବରୁ ମନୁଷ୍ୟଜାତି ଆଦିମ କାଳରେ କି କି ପଦାର୍ଥ ଆହାର କରି ଜୀବନଧାରଣ କରୁଥିଲେ, ଅଗ୍ରେ ତାହାର ଆଲୋଚନା କରାଯାଉ ।

(Pre-historicman) ଅତି ଅସଭ୍ୟାବସ୍ଥାରେ— ମନୁଷ୍ୟ ଜାତିର ଇତିହାସ ଆରମ୍ଭର ଅତି ପୂର୍ବ କାଳରେ ମନୁଷ୍ୟ ଜଳଚର ଓ ସ୍ଥଳଚର ଜୀବ ଆହାର କରି ପ୍ରାଣଧାରଣ କରୁଥିଲା । ଯେଉଁମାନେ ସମୁଦ୍ର ବା ନଦୀତୀରରେ ବାସ କରୁଥିଲେ ସେମାନେ ଗେଣ୍ଡା ଶାମୁକା ପ୍ରଭୃତି ଜଳଚର ଜୀବ ଆହାର କରୁଥିଲେ । ଏବଂ ଯେଉଁମାନେ ଅରଣ୍ୟରେ ବାସ କରୁଥିଲେ ସେମାନେ ହିଂସ୍ର-ଜନ୍ତୁ ପ୍ରାୟ ବନମଧ୍ୟରେ ଲୁଚି ବସୁଥିଲେ— ସମ୍ମୁଖରେ ଗୋଟିଏ କ୍ଷୁଦ୍ର ଜୀବକୁ ଦେଖିଲେ ଦଉଡ଼ିଯାଇ ତାକୁ ମାଡ଼ିବସି—ମାଡ଼ ଦଳିଦେଇ ବଧ କରି କଞ୍ଚା ଖାଉଥିଲେ । ଏଥିରେ ଅସୁବିଧା ଘଟିଲା । ସବୁଦିନ ଶିକାର ମିଳିଲା ନାହିଁ । କୌଣସି ଜନ୍ତୁ ଧରାପଡ଼ି ହାତରୁ ଖସିଗଲା । କେଉଁଠା ବା ଆକ୍ରମଣକାରୀକୁ କ୍ଷତବିକ୍ଷତ କରି ପଳାଇଗଲା ।

ବିଶ୍ୱନିର୍ମାତା ମନୁଷ୍ୟଜୀବନ ପଶୁଜୀବନ କରି ସୃଷ୍ଟି କରି ନଥିଲେ—ମନୁଷ୍ୟ ଭିତରେ ଗୋଟିଏ ଅଦ୍ଭୁତ ଶକ୍ତି ଦେଇଥିଲେ । ସେହି ଶକ୍ତିର ପ୍ରଥମ ବିକାଶ ଆରମ୍ଭ ହେଲା । ଅନୈତିହାସିକ ମନୁଷ୍ୟ ଭାଳି ବସିଲା ସହଜରେ କିପରି ଜୀବନ ବଧ କରି ଜୀବନ ଧାରଣ କରିବ । କାଣ୍ଡ ପ୍ରସ୍ତୁତ କଲା—ତୀର ନିର୍ମାଣ କଲା । ତୀର ଅଗ୍ରଭାଗରେ ଗୋଜ ପଥରଖଣ୍ଡ ଯୋଖିଲା । ଏହି ଉଦ୍ଭାବିତ ଅସ୍ତ୍ରଦ୍ୱାରା ଜୀବ ମାରି ଜୀବନ ଧାରଣ କଲା । ଏହି ଉଦ୍ଭାବନ ଯୁଗକୁ ପ୍ରସ୍ତର ଯୁଗ ବୋଲାଯାଏ

ଏଣେ ସମୁଦ୍ରତୀରନିବାସୀ ମନୁଷ୍ୟ ଅଯନ୍ନଲବ୍ଧ ତଟବିକ୍ଷିପ୍ତ ଅଚଳଅ-ଜଳଦ-ଜୀବ ଆହାର କରି ଲୌହଯୁଗକୁ ଅନାଇ ବସିଥିଲା । ପ୍ରୟୋଜନ ବଢ଼ିଲା । "Necessity is the mother of invention" ପ୍ରୟୋଜନହିଁ ଉଦ୍ଭାବନର ପ୍ରସୂତି । ପ୍ରୟୋଜନ ଲୌହ ପାଇଲା । ପ୍ରୟୋଜନ ଲୌହଯୁଗକୁ ଆଣିଲା । ଲୌହଦ୍ୱାରା ଧନୁର୍ବାଣ ଓ ବର୍ଚ୍ଛା ପ୍ରସ୍ତୁତ ହେଲା । ପଶୁପକ୍ଷୀ ମନୁଷ୍ୟର ସୁଲଭ ଖାଦ୍ୟରେ ପରିଣତ ହେଲେ । ସମୁଦ୍ରତୀରବାସୀ ମନୁଷ୍ୟମାନେ ବୃକ୍ଷ ଛେଦନ କରି ତହିଁରେ ଡଙ୍ଗା ବନାଇ ତାହାକୁ ଜଳରେ ଭସାଇ ତେଣ୍ଟାଦ୍ୱାରା ମତ୍ସ୍ୟାଦି ଜଳଜୀବ ସଂହାର କରି ଜୀବନଯାତ୍ରା ନିର୍ବାହ କଲେ ।

ଜୀବସୃଷ୍ଟିକାଳରୁ କତିପୟ ଉଦ୍ଭିଦଭୋଜୀ ଜୀବବ୍ୟତୀତ ଜୀବସଂସାର ଜୀବ ଖାଇ ଜୀବନ ଧାରଣ କରୁଅଛି । ଜୀବ ଜୀବର ଆହାର । ଜୀବ ଜୀବର ଜୀବନ ମନୁଷ୍ୟ

Digitized by srujanika@gmail.com

ଏହି ଜଗନ୍ନାଥ-ଜୀବ-ଭୋଜନ ନିୟମର ଅନ୍ତର୍ଗତ ହୋଇ ଆଦିମ ଜୀବନର କ୍ରମୋନ୍ନତି କରିଅଛି । ମନୁଷ୍ୟଗୋଷ୍ଠି ବୃଦ୍ଧିକୁ ଲଭିଲା । ମୃଗୟା-ଲବ୍ଧ ଜୀବରେ ସବୁ ସମୟରେ ସବୁରି ଜୀବନ କଟାଇବାର ସୁବିଧା ନ ହେବାରୁ ଅଯତ୍ନ-ଜାତ ବନର ଫଳ ମୂଳ ଶସ୍ୟଦ୍ୱାରା ଅଭାବପୂରଣ ଓ ଜୀବନ ରକ୍ଷା ହେଲା । ବନଜାତ ଫଳାଦିରେ ଅଭାବ ଦୂର ନ ହେବାରୁ ବୀଜ-ସଞ୍ଚୟ ଓ କୃଷିର ଉଦ୍ଭାବନା ହେଲା । ଏହିଠାରୁ କୃଷିଯୁଗର ଆରମ୍ଭ । ଏହି କୃଷିଯୁଗ ମହାଯୁଗ-ଆର୍ଯ୍ୟଯୁଗ-ପୁଣ୍ୟଯୁଗ-ଜ୍ଞାନଯୁଗ । ମଧ୍ୟଆସିୟାଖଣ୍ଡରେ ଏହି ଆର୍ଯ୍ୟଯୁଗର ଆବିର୍ଭାବ ହୋଇ ସମସ୍ତ ଇୟୁରୋପ ମହାଦେଶ ଏବଂ ପୃଥିବୀର ଅନ୍ୟ ସଭ୍ୟ ଭୂଖଣ୍ଡରେ ବ୍ୟାପ୍ତ ହେଲା । ପୂଜ୍ୟପାଦ ପିତୃପୁରୁଷଗଣ ଏକ ହସ୍ତରେ ମୃଗୟାର ଉପଜୀବ୍ୟ ଧନୁର୍ବାଣ ଏବଂ ଅନ୍ୟ ହସ୍ତରେ କୃଷିର ଉପଜୀବ୍ୟ ଧାରଣ କରି ଅନାର୍ଯ୍ୟନିବାସ ଭାରତଭୂମିରେ ପଦାର୍ପଣ କଲେ । ଆର୍ଯ୍ୟଗଣ ଏହି ପୁଣ୍ୟଯୁଗକୁ ଭାରତକୁ ଯେଉଁ ଦିନ ଆଣିଲେ ସେହି ଦିନଠାରୁ ଏ ଭୂଭାଗ ପୁଣ୍ୟଭୂମିରୂପେ କଥିତ ହେଲା ।

କୃଷିଯୁଗ ଦେବଯୁଗ—ପବିତ୍ରଯୁଗ । ଏହି ଯୁଗର ଆବିର୍ଭାବରେ ହିଂସା, ନୃଶଂସତା, ଜୀବଦ୍ରୋହିତା ଊଣା ହେଲା । ପ୍ରକୃତି ମନୁଷ୍ୟକୁ ଛାଡ଼େ ନାହିଁ । ମନୁଷ୍ୟ ପ୍ରକୃତିକୁ ସହଜରେ ଛାଡ଼ିପାରେ ନାହିଁ । ଆମିଷ ନିରାମିଷ ଭୋଜନ ମିଶାମିଶି ହୋଇ ଚଳିଲା ।

"ନ ମାଂସ ଭକ୍ଷଣେ ଦୋଷୋ × × ×
ପ୍ରବୃତ୍ତିରେଷା ଭୂତାନାଂ ନିବୃତ୍ତିସ୍ତୁ ମହାଫଳା ।"

ତୁମ୍ଭେ ମୁଁ ପ୍ରବୃତ୍ତିମାର୍ଗରେ ରହିଲୁଁ । ମହାତ୍ମା ମହର୍ଷିଗଣ ମହାଫଳ ଲାଭ ସକାଶେ ନିବୃତ୍ତିମାର୍ଗକୁ ଆଶ୍ରୟ କଲେ ।

ଭାରତର ଯେ ଜ୍ଞାନୋନ୍ନତି ହୋଇଅଛି—ଆଧ୍ୟାତ୍ମିକ ଉନ୍ନତି ହୋଇଅଛି, ତାହାର ଆଦି-କାରଣ ଫଳମୂଳାହାରୀ ମହର୍ଷିଗଣ । ସେମାନଙ୍କ ସଞ୍ଚିତ ଜ୍ଞାନଭଣ୍ଡାରର କଣା ମାତ୍ର ନଷ୍ଟ ହେବାର ଆଶଙ୍କା ନାହିଁ । "All nature teaches that no good thing which has once been done passes utterly away' କୌଣସି ଉତ୍ତମପଦାର୍ଥ ଏକାବେଳକେ ବିନଷ୍ଟ ହୁଏ ନାହିଁ । ଏ ଜ୍ଞାନଭଣ୍ଡାର ଜଗତକୁ ଚିରକାଳ ଜ୍ଞାନାମୃତ ପାନ କରାଇ ଅମର କରାଇବ ।

ଆମ୍ଭେମାନେ ବିଦ୍ୟାରତ୍ନ ମହାଶୟଙ୍କର "ଜିହ୍ୱା ସୁଖ ଓ ଜୀବନ"କୁ ଛାଡ଼ି ଅନେକ ଦୂରକୁ ଉଠିଯାଇ ଥିଲୁଁ—ଏବେ ଲେଉଟି ଆସିବୁଁ ।

ଇନ୍ଦ୍ରିୟନିଗ୍ରହ ମନୁଷ୍ୟର ମହାକର୍ମ ଏବଂ ତହିଁରୁ ମହାଫଳ ଜାତ ହୁଏ । ଅତଏବ ଇନ୍ଦ୍ରିୟନିଗ୍ରହ ସାଧନ କରିବା ପୂର୍ବରୁ ଆହାରାଦି ପ୍ରତି ବିଶେଷ ଲକ୍ଷ୍ୟ ରଖିବାକୁ ହେବ । ଏ ସମ୍ବନ୍ଧରେ ମହର୍ଷିଗଣ କଣ କହିଅଛନ୍ତି ?

ଆୟୁଃ ସତ୍ତ୍ୱବଲାରୋଗ୍ୟ ସୁଖପ୍ରୀତି ବିବର୍ଦ୍ଧନାଃ ।
ରସ୍ୟା ସ୍ନିଗ୍ଧାଃ ସ୍ଥିରା ହୃଦ୍ୟାଃ ଆହାରାଃ
ସାତ୍ତ୍ୱିକ ପ୍ରିୟାଃ ।

ଯେ ଦ୍ରବ୍ୟ ଆୟୁ, ଉତ୍ସାହ, ବଳ, ସ୍ୱାସ୍ଥ୍ୟ, ରୁଚି ଓ ସୁଖ ଏବଂ ପ୍ରସାଦର ବୃଦ୍ଧିକାରକ ; ଏବଂ ଯାହା ରସଯୁକ୍ତ, ସ୍ନିଗ୍ଧ, ସାରବିଶିଷ୍ଟ ଅର୍ଥାତ୍ ପୁଷ୍ଟିକର ଏବଂ ଯାହା ଦେଖିଲେ ଆହାର କରିବାକୁ ପ୍ରବୃତ୍ତି ହୁଏ ସେହି ସକଳଦ୍ରବ୍ୟ ସାତ୍ତ୍ୱିକର ଆହାର କରିବା ଉଚିତ ।

ଲଘୁପାକଂ ପ୍ରିୟଂ ସ୍ନିଗ୍ଧଂ ଯଥା ବା ଧାତୁ
ଶୋଷଣମ୍
ମନୋଭିଲଷିତଂ ଯୋଗୀ ହବ୍ୟ ଭୋଜନ
ମାଚରେତ

ଲଘୁପାକ, ପ୍ରିୟ, ସ୍ନିଗ୍ଧ, ଧାତୁ ପୋଷକ, ମନପ୍ରଫୁଲ୍ଲକର ଓ ଦୋଷଶୂନ୍ୟ ଦ୍ରବ୍ୟମାନ ଯୋଗି ଭୋଜନ ଯୋଗ୍ୟ ।

Digitized by srujanika@gmail.com

ମିଶାମିଶି-ଯଥା—

ମଦ୍ୟାଶୀ ନାର୍ଚ୍ଚୟେତ୍ ବିଷ୍ଣୁଂ,
ମାଂଶାସୀ ନାର୍ଚ୍ଚୟେତ୍ ଶିବଂ ।
ମଦ୍ୟମାଂସୌ ପରିତ୍ୟଜ୍ୟ,
ନାର୍ଚ୍ଚୟେତ୍ ଶକ୍ତିଦେବତାଂ ।

ଯେବେ ପରିତ୍ରାଣ ଓ ଶିବ ଇଚ୍ଛାକର, ତେବେ ମଦ୍ୟ, ମାଂସ ପରିତ୍ୟାଗ କର । ଶକ୍ତି ସେବା ପ୍ରୟୋଜନ ହେଲେ ଉକ୍ତବିଧ ଆହାର ତ୍ୟାଗ ନିଷେଧ ।

ବିଦ୍ୟାରତ୍ନ ମହାଶୟ ନରଜଗତକୁ ନିବୃତ୍ତ-ମାର୍ଗରେ ପଥିକ କରାଇବାକୁ ପ୍ରୟାସୀ । ହେତୁକ ଏଥିରେ ମହାଫଳ ଅଛି । ପୂଜନୀୟ ମହର୍ଷିଗଣ ଏହିପରି ପ୍ରଦର୍ଶନ କରିଅଛନ୍ତି । 'ଜିହ୍ୱାସୁଖ ଓ ଜୀବନ'ରେ ତାହାର ଭୂରି ଭୂରି ପ୍ରମାଣ ସଂଗୃହୀତ ହୋଇଅଛି । ପ୍ରତ୍ୟେକ ଶିକ୍ଷିତ ନରନାରୀଙ୍କର ଏହା ପଢ଼ି ଏବଂ ପଢ଼ି ଅନ୍ୟକୁ ଶୁଣାଇବା ଉଚିତ । ସାଧୁ ଯାହାରଇଚ୍ଛା—ସାଧୁ ଯାହାର ଚେଷ୍ଟା—ସାଧୁ ଯାହାର କାର୍ଯ୍ୟ, ସେ ଜନ-ସମାଜର ବନ୍ଧୁ । ଆମ୍ଭେମାନେ ମହାଜନ ଶ୍ରୀ ସେତାରାମଙ୍କ ସହିତ ଉତ୍କଳରତ୍ନ ବିଦ୍ୟାରତ୍ନ ମହାଶୟଙ୍କୁ ସାଧୁବାଦ ଦେଇ ଏହି ପ୍ରବନ୍ଧ ଉପସଂହାର କଲୁ ।

ଶ୍ରୀ ଭୋଳାନାଥ ସାମନ୍ତରାୟ ।

---

## ଉତ୍କଳସାହିତ୍ୟର ଉନ୍ନତି*

ଉତ୍କଳର ପ୍ରାଚୀନ ସାହିତ୍ୟ ଭଂଡାରରେ ପ୍ରବେଶକଲେ ସାଧାରଣତଃ ଦୁଇ ଶ୍ରେଣୀର ଲେଖକ ଦୃଷ୍ଟି ପଥରେ ପତିତ ହୁଅନ୍ତି । ଏକ ଶ୍ରେଣୀକୁ ସୌଖୀନଆଖ୍ୟାପ୍ରଦାନ କରାଯାଇପାରେ । ସେମାନେ ସମ୍ମୁଖରେ ବିଶେଷ କୌଣସି ଲକ୍ଷ୍ୟ ରଖି ସାହିତ୍ୟ ସେବାରେ ପ୍ରବୃତ୍ତ ହୋଇ ନ ଥିଲେ—ସାହିତ୍ୟ ପାଠରେ ଜନସାଧାରଣଙ୍କର କି ଉପକାର ସାଧିତ ହେବ ବା ସମାଜର କି ପରିମାଣରେ ମଙ୍ଗଳ ବା ଅମଙ୍ଗଳ ଘଟିବ ଏ ଚିନ୍ତା ସେମାନଙ୍କ ପ୍ରାଣରେ ଆଦୌ ପ୍ରବେଶ କରିଥିବାର ବୋଧ ହୁଏ ନାହିଁ—କେବଳ ନିଜର ଓ ପାଠକ-ସାଧାରଣଙ୍କର ଆମୋଦ ପ୍ରମୋଦ ସ୍ପୃହା ଚରିତାର୍ଥ କରିବାହିଁ ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ସୁତରାଂ ଜନସାଧାରଣଙ୍କର ରୁଚିକୁ ଅନୁସରଣ କରି କାବ୍ୟାଦି ପ୍ରଣୟନ କରିବା ସେମାନଙ୍କ ପକ୍ଷରେ ସ୍ୱାଭାବିକ । କବି ଉପେନ୍ଦ୍ର ଭଞ୍ଜ, ବଳଭଦ୍ର ଭଥ ପ୍ରଭୃତି ଏହି ଶ୍ରେଣୀର ଅନ୍ତର୍ଗତ । ଅପର ଶ୍ରେଣୀର ଲେଖକଗଣ ଭକ୍ତ । ସ୍ୱୀୟ ଇଷ୍ଟଦେବ ଦେବୀଙ୍କ ମହିମା ଜନସାଧାରଣଙ୍କ ନିକଟରେ ପ୍ରଚାର କରିବା ଏବଂ ଇଷ୍ଟଦେବତାଙ୍କ ଗୁଣକୀର୍ତ୍ତନ କରିବା ସେମାନଙ୍କର ସାହିତ୍ୟ ସେବାର ମୂଳ । କବି ବଳରାମ ଦାସ, ଦୀନକୃଷ୍ଣ ଦାସ ପ୍ରଭୃତି ଏହି ଶ୍ରେଣୀରେ ଗଣ୍ୟ । ଏହି ଉଭୟ ଶ୍ରେଣୀର ଲେଖକଗଣ ହିଁ ପ୍ରାଚୀନ ଉତ୍କଳ ସାହିତ୍ୟର ଜନ୍ମଦାତା ଓ ଗଠନକର୍ତ୍ତା । ଉଭୟ ଶ୍ରେଣୀ ମଧ୍ୟରେ କେତେଗୁଡ଼ିଏ ଶକ୍ତିଶାଳୀ ଲେଖକ ଜନ୍ମଗ୍ରହଣ କରି ଉତ୍କଳ ସାହିତ୍ୟର ବିଶେଷ ଉନ୍ନତି ସାଧନ କରି ଯାଇଅଛନ୍ତି । ଯେ ଯେଉଁ ଭାବଦ୍ୱାରା ପ୍ରଣୋଦିତ ହୋଇ ସାହିତ୍ୟ ସେବାରେ ପ୍ରବୃତ୍ତ ହୋଇଥାନ୍ତୁ ସେମାନେ ବହୁ ଆୟାସ ସ୍ୱୀକାର କରି ଆମ୍ଭମାନଙ୍କ ପାଇଁ ଯାହା ରଖି ଯାଇଅଛନ୍ତି, ସେଥିନିମନ୍ତେ ସେମାନଙ୍କ ନିକଟରେ ଆମ୍ଭମାନଙ୍କର ଚିରକୃତଜ୍ଞ ରହିବା

* ବିଗତ ମାର୍ଚ୍ଚମାସ ତା ୧୧ରିଖରେ କଟକ ଆଲୋଚନାସଭାର ତୃତୀୟ ସାମ୍ବତ୍ସରିକ ଅଧିବେଶନରେ ପ୍ରଦତ୍ତ ବକ୍ତୃତାର ଅଂଶ ଏହି ପ୍ରବନ୍ଧରେ ସନ୍ନିବିଷ୍ଟ ହେଲା । ଉ,ସା,ସଂ

Digitized by srujanika@gmail.com

ଉଚିତ—ସେମାନଙ୍କର ଏହିପ୍ରକାର ଚେଷ୍ଟା ଓ ଯତ୍ନ ନ ଥିଲେ, ଉତ୍କଳଭାଷା ଯେ ପ୍ରାଚୀନ ସାହିତ୍ୟ ଶାଳିନୀ ଏକଥା ଆଜ ଆମ୍ଭେମାନେ କହିବାକୁ ସକ୍ଷମ ହୁଅନ୍ତୁ ନାହିଁ ।

କିନ୍ତୁ ପ୍ରାଚୀନ ଉତ୍କଳ ସାହିତ୍ୟ ଆମ୍ଭମାନଙ୍କ ପକ୍ଷରେ ଯଥେଷ୍ଟ ନୁହେ ଏବଂ ତାହା ବର୍ତ୍ତମାନ କାଳରେ ଆମ୍ଭମାନଙ୍କର ଆଦର୍ଶସ୍ଥାନୀୟ ମଧ ହୋଇ ନ ପାରେ । ଯେହେତୁ ସର୍ବାଙ୍ଗୀନ ସାହିତ୍ୟ-ସଂଗଠନ ସ୍ପୃହା ପ୍ରାଚୀନ ଲେଖକମାନଙ୍କ ପ୍ରାଣରେ ଉଦିତ ହୋଇ ନ ଥିଲା । ପାଶ୍ଚାତ୍ୟଶିକ୍ଷା ଆମ୍ଭମାନଙ୍କ ଦୃଷ୍ଟି ଟେଣିକି ଫେରାଇଅଛି । କେବଳ କାବ୍ୟକୁ ଅାମ୍ଭେମାନେ ସାହିତ୍ୟ ବୋଲି ମନେ କରି ନ ପାରୁଁ । ବିଜ୍ଞାନ, ଦର୍ଶନ ଇତିହାସ, ଜୀବନ ଚରିତ, ଶିକ୍ଷା, ଶିଳ୍ପ ଜୀବନର ସର୍ବବିଧ ବିଷୟ ସାହିତ୍ୟର ଅନ୍ତର୍ଗତ । ପାଶ୍ଚାତ୍ୟ ଶିକ୍ଷାଗୁଣରେ ଏହି ପ୍ରକାର ସର୍ବାଙ୍ଗୀନ-ସାହିତ୍ୟ-ସଂଗଠନ-ସ୍ପୃହା ଆମ୍ଭମାନଙ୍କର ଦେଶରେ କିଞ୍ଚିତ୍ ପରିମାଣରେ ଜାଗ୍ରତ ହୋଇଅଛି । ସାହିତ୍ୟର ଉନ୍ନତି ଜାତୀୟ ଉନ୍ନତିର ପ୍ରଧାନ ସହାୟ, ଏହା ଆମ୍ଭେମାନେ କଥଞ୍ଚିତ୍ ଉପଲବ୍ଧି କରିବାକୁ ସକ୍ଷମ ହୋଇଅଛୁଁ । ଏହି ଭାବ ପ୍ରବଳ ନ ହେଲେ ଏବଂ ଏହି ପ୍ରକାରେ ଉତ୍କଳସାହିତ୍ୟର ଶ୍ରୀବୃଦ୍ଧି କରିବାକୁ ଯତ୍ନଶୀଳ ନ ହେଲେ ଆମ୍ଭମାନଙ୍କର ଜାତୀୟ ଉନ୍ନତି ଅସମ୍ଭବ ।

ଦୁଃଖର ସହିତ କହିବାକୁ ହେଉଅଛି ଯେ ଉତ୍କଳଭୂମିରେ ଏ ପର୍ଯ୍ୟନ୍ତ ଯଥାର୍ଥ ନିଷ୍ଠାବାନ ସାହିତ୍ୟ ସେବକ ପ୍ରାୟ କେହି ଦେଖାଯାଇ ନାହାନ୍ତି । ପ୍ରତ୍ୟେକ ଉନ୍ନତ ଜାତିର ସାହିତ୍ୟର ଇତିହାସ ପାଠକଲେ ଜଣାଯାଏ ଯେ ସମୟ ବିଶେଷରେ କେତେଗୁଡ଼ିଏ ଶକ୍ତିଶାଳୀ ନିଷ୍ଠାବାନ ସାହିତ୍ୟ-ସେବକ ଏକାଗ୍ରପ୍ରାଣରେ ସାହିତ୍ୟ ଚର୍ଚ୍ଚାରେ ପ୍ରବୃତ୍ତ ହୋଇ ସାହିତ୍ୟରେ ଜୀବନ ସଞ୍ଚାର କରି ଦିଅନ୍ତି; ସେହି ଜୀବନ ପ୍ରବାହ କ୍ରମେ ଦେଶ ମଧ୍ୟରେ ସଞ୍ଚାରିତ ହୋଇ ବହୁଶତ ପ୍ରାଣରେ ସାହିତ୍ୟ ସେବାର ଭାବ ଉଦ୍ଦୀପିତ କରିଦିଏ । ପରବର୍ତ୍ତୀ କାଳରେ ସେମାନଙ୍କ ଅପେକ୍ଷା ବହୁଗୁଣରେ ଅଧିକ ଶକ୍ତିସମ୍ପନ୍ନ ଲେଖକ ଦେଶ ମଧ୍ୟରେ ଜନ୍ମ ଗ୍ରହଣ କରନ୍ତି, କିନ୍ତୁ ସେମାନେ ପ୍ରଥମୋକ୍ତ ଦଳର କଠୋର ସାଧନାର ଫଳ । ଏହା ଦୃଷ୍ଟାନ୍ତ ଅନୁସରଣ କରିବାକୁ ବହୁଦୂର ନ ଯାଇ ଆମ୍ଭମାନଙ୍କର ପ୍ରତିବେଶିନୀ ସୌଭାଗ୍ୟବତୀ ବଙ୍ଗଭାଷାର ବିଷୟ ଆଲୋଚନା କଲେ ବୋଧହୁଏ ନିତାନ୍ତ ଅସଙ୍ଗତ ବା ଅନୁଚିତ ହେବ ନାହିଁ—ବରଂ ପ୍ରାଚୀନ ଉତ୍କଳ ସାହିତ୍ୟ ସଙ୍ଗେ ପ୍ରାଚୀନ ବଙ୍ଗ ସାହିତ୍ୟର ବିଶେଷ ସୌସାଦୃଶ୍ୟ ଥିବାରୁ ଏ ପ୍ରକାର ତୁଳନା ବା ଆଲୋଚନା ବିଶେଷ ଉପଯୋଗୀ ବୋଧ ହେଉଅଛି ।

ବଙ୍ଗ ଦେଶରେ ମଧ ପ୍ରାଚୀନ ସାହିତ୍ୟ କାବ୍ୟ ଓ କବିତାରେ ଆବଦ୍ଧ ଥିଲା ଏବଂ ସାଧାରଣତଃ ଦୁଇଶ୍ରେଣୀର ଲେଖକ ଉକ୍ତ ସାହିତ୍ୟର ସୃଷ୍ଟି କର୍ତ୍ତା ଓ ପରିପୋଷକ ଥିଲେ । ମହାତ୍ମା ରାଜା ରାମମୋହନ ରାୟ କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ଗଦ୍ୟରଚନାର ପ୍ରଣାଳୀ ନିର୍ଦ୍ଦେଶ କରି ଗଦ୍ୟ-ସାହିତ୍ୟର ଅବତାରଣା କଲେ । ତତ୍ପରେ ସ୍ୱର୍ଗୀୟ ଅକ୍ଷୟକୁମାର ଦତ୍ତ ଓ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ପ୍ରଭୃତି କେତେକ ଜଣ ପ୍ରତିଭାଶାଳୀ ବ୍ୟକ୍ତି କଠୋର ସାଧନାରେ ପ୍ରବୃତ୍ତ ହୋଇ ବଙ୍ଗସାହିତ୍ୟରେ ନବଜୀବନ ସଞ୍ଚାର କଲେ । ଏହି ସମୟରେ ମହର୍ଷି ଦେବେନ୍ଦ୍ର ନାଥ ଠାକୁରଙ୍କ ଯତ୍ନ ଓ ଉତ୍ସାହରେ ତତ୍ତ୍ୱବୋଧିନୀ ପତ୍ରିକା ପ୍ରକାଶିତ ହୋଇ ଦେଶ ମଧ୍ୟରେ ବିବିଧ ତତ୍ତ୍ୱ ପ୍ରଚାର କରିବାକୁ ଲାଗିଲା । ପରବର୍ତ୍ତୀ ସମୟରେ ବଙ୍କିମଚନ୍ଦ୍ର ପ୍ରଭୃତି ସାହିତ୍ୟରଥୀମାନେ କାର୍ଯ୍ୟ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ବଙ୍ଗସାହିତ୍ୟକୁ ବହୁଗୁଣରେ ସମୁନ୍ନତ ଓ ସୁଶୋଭିତ କରିଅଛନ୍ତି

Digitized by srujanika@gmail.com

ସତ୍ୟ, ମାତ୍ର ଅକ୍ଷୟକୁମାର ପ୍ରଭୃତିଙ୍କର କଠୋର ସାଧନା ଯେ ଏଥିରେ ପ୍ରାଣ ସଞ୍ଚାର କରିଅଛି, ଏଥିରେ ମତଦ୍ୱୈଧ ଥାଇ ନ ପାରେ । ସେହିମାନଙ୍କ ସାଧନାର ଫଳରେ ଆଜି ବଙ୍ଗସାହିତ୍ୟର ଏତେ ସମୃଦ୍ଧି ଓ ଏଡ଼େ ଗୌରବ—ଆଜିସୁଦ୍ଧା ଜୀବନସ୍ରୋତ ପ୍ରବଳ ବେଗରେ ସଞ୍ଚରିତ ହେଉଅଛି—ଉଚ୍ଚଶ୍ରେଣୀର ସାହିତ୍ୟସେବକମାନେ ସମ୍ମିଳିତ ହୋଇ ନାନାସ୍ଥାନରେ ସଭା ସଂଗଠନ କରି ସାହିତ୍ୟର ଉନ୍ନତିସାଧନ କରୁଅଛନ୍ତି—ବହୁସଂଖ୍ୟକ ଉଚ୍ଚଶ୍ରେଣୀର ପତ୍ରିକାମାନ ପ୍ରକାଶିତ ହୋଇ ଏ ପଥରେ ପ୍ରଭୂତ ସହାୟତା କରୁଅଛି—ଭିନ୍ନ ଭିନ୍ନ ବ୍ୟକ୍ତି ସାହିତ୍ୟର ଭିନ୍ନ ଭିନ୍ନ ବିଭାଗରେ ପ୍ରବେଶ କରି ବିଶେଷ କୃତିତ୍ୱ ଲାଭ କରୁଅଛନ୍ତି । ସ୍ଥୂଳରେ ବଙ୍ଗସାହିତ୍ୟର କାର୍ଯ୍ୟ ଜୀବନ୍ତଭାବରେ ପରିଚାଳିତ ହେଉଅଛି । ମାତ୍ର ସେହି ପ୍ରାଥମିକ ସାଧନାର ପ୍ରବର୍ତ୍ତକ କିଏ ? କେବଳ ଉଚ୍ଚ ଆକାଂକ୍ଷା ଓ ଉନ୍ନତ ରୁଚି ଏହାର ପ୍ରବର୍ତ୍ତକ । ଦେଶର କତିପୟ ବ୍ୟକ୍ତିଙ୍କ ପ୍ରାଣରେ ଏହିପରି ଆକାଂକ୍ଷା ଓ ରୁଚି ଜାଗ୍ରତ ହେଲେ ସେମାନେ ସ୍ୱତଃ ପ୍ରୟୋଜନାନୁରୂପ ସାଧନମାର୍ଗ ଅବଲମ୍ବନ କରନ୍ତି । ମହାତ୍ମା ରାମମୋହନଙ୍କ ପ୍ରାଣର ମହୋଚ୍ଚ ଆକାଂକ୍ଷା ତାଙ୍କୁ ବଙ୍ଗସାହିତ୍ୟ ସଂଗଠନ କାର୍ଯ୍ୟରେ ପ୍ରବର୍ତ୍ତାଇଥିଲା । ସମଭାବାପନ୍ନ କେତେଗୁଡିଏ ଉନ୍ନତମନା ବ୍ୟକ୍ତିଙ୍କର ସମ୍ମିଳନ ଓ ବିବିଧ ବିଷୟକ ଆଲୋଚନାରୁ ତତ୍ତ୍ୱବୋଧିନୀ ପତ୍ରିକାର ଜନ୍ମ । ପୁଣି ଧର୍ମପ୍ରାଣ ମହର୍ଷି ଦେବେନ୍ଦ୍ରନାଥ ବଙ୍ଗଭାଷାକୁ ଯେଉଁ ଅପୂର୍ବ ପରିଚ୍ଛଦ ଦେଇ ଯାଇଅଛନ୍ତି, ତାହାର ତୁଳନା ନାହିଁ ।

ଅତଏବ ଦେଖାଯାଉଅଛି ଯେ ଉଚ୍ଚ ଆକାଂକ୍ଷ ଓ ଉନ୍ନତ ରୁଚି ଏବଂ ତଦାନୁସଙ୍ଗିକ ବିବିଧ ତତ୍ତ୍ୱାଲୋଚନା ସାହିତ୍ୟ ସଙ୍ଗଠନ ଓ ସାହିତ୍ୟୋନ୍ନତିର ସର୍ବପ୍ରଧାନ ଉପାଦାନ । ଦୁଃଖର ସହିତ କହିବାକୁ ହେଉଅଛି ଯେ ଉତ୍କଳଭୂମିରେ ସେ ପ୍ରକାର ଆକାଂକ୍ଷା ଓ ଭାବ ସମଧିକପରିମାଣରେ ଜାଗ୍ରତ ହୋଇନାହିଁ; ସୁତରାଂ ନିଷ୍ଠାବାନ ସାହିତ୍ୟସେବକ ଜନ୍ମିବେ କିପରି ? ବର୍ତ୍ତମାନ ଆମ୍ଭମାନଙ୍କୁ ଟିକିଏ ଦୃଷ୍ଟି ପ୍ରସାରିତ କରିବାକୁ ହେବ, ଟିକିଏ ସ୍ୱାର୍ଥ ବିସର୍ଜନ କରି ସାହିତ୍ୟସଙ୍ଗଠନ କାର୍ଯ୍ୟରେ ବ୍ରତୀ ହେବାକୁ ହେବ । ଆମ୍ଭମାନଙ୍କ ମଧ୍ୟରେ ଯେ କିଞ୍ଚିତ୍‌ପରିମାଣ ଜାଗରଣ ଉପସ୍ଥିତ ହୋଇଅଛି ତଦ୍ଦ୍ୱାରା ଯଥେଷ୍ଟ ଫଳଲାଭ ହେଉ ନାହିଁ—ହେବା ସମ୍ଭବ ମଧ୍ୟ ନୁହେଁ ।

ଏହା ସମସ୍ତେ ସ୍ୱୀକାର କରିବେ ଯେ ମାସିକ ପତ୍ରିକା ସାହିତ୍ୟୋନ୍ନତିର ଗୋଟିଏ ଉତ୍କୃଷ୍ଟ ମାର୍ଗ । କିନ୍ତୁ ଉତ୍କଳଭୂମିରେ ସେହି ମାସିକ ପତ୍ରିକାର ଏଡ଼େ ଅନାଦର କାହିଁକି ? ତାହାର କାରଣ ଏହି ଯେ ଦେଶର କେତେକ ବ୍ୟକ୍ତିଙ୍କ ପ୍ରାଣରେ ସାହିତ୍ୟ ଚର୍ଚ୍ଚାର ଯେଉଁ ଆକାଂକ୍ଷା କିଞ୍ଚିତ୍ ପରିମାଣରେ ଜାଗ୍ରତ ହୋଇଅଛି ତାହା ସର୍ବସାଧାରଣରେ ପରିବ୍ୟାପ୍ତ ହୋଇ ନାହିଁ । ପୁଣି ଆଉ ଗୋଟିଏ ପ୍ରଶସ୍ତ ଦ୍ୱାର ଯେ ସଭାସମିତି ତାହାପ୍ରତି ମଧ୍ୟ ଉତ୍କଳବାସୀ ସମୁଚିତ ଆସ୍ଥା ପ୍ରଦର୍ଶନ କରି ପାରି ନାହାନ୍ତି । ଏହି ଭାବ, ଏହି ଜଡ଼ତା ବା ଔଦାସୀନ ଦୂର ହେବା ଏକାନ୍ତ ପ୍ରୟୋଜନ । ଅବସରକ୍ରମେ କିଞ୍ଚିତ୍ ସାହିତ୍ୟଚର୍ଚ୍ଚା କରି ନିଶ୍ଚିନ୍ତ ରହିଲେ ଚଳିବ ନାହିଁ । ଭିନ୍ନ୨ ବ୍ୟକ୍ତିଙ୍କୁ ଭିନ୍ନ୨ ବିଭାଗରେ ପ୍ରବେଶ କରି ବିଶେଷ ସାଧନ ଅବଲମ୍ବନ କରିବାକୁ ହେବ—ସମସ୍ତ ଶକ୍ତି ପ୍ରୟୋଗ କରି ସାହିତ୍ୟର ସେବା କରିବାକୁ ହେବ—ତେବେ ଉତ୍କଳସାହିତ୍ୟରେ ଜୀବନସଞ୍ଚାର ହେବ । କେବଳ ଏତିକି ନୁହେଁ । ନାନା ଉପାୟରେ ସର୍ବସାଧାରଣଙ୍କ ଦୃଷ୍ଟି ସାହିତ୍ୟଚର୍ଚ୍ଚା ଆଡ଼କୁ ଫେରାଇବାକୁ ହେବ—ଆମ୍ଭମାନଙ୍କର ପ୍ରାଣର ଆକାଂକ୍ଷା ଅପରସାଧାରଣଙ୍କ ପ୍ରାଣରେ ପ୍ରବେଶ କରାଇବାକୁ ହେବ । ଜନସାଧାରଣଙ୍କ ମଧ୍ୟରେ କ୍ଷୁଦ୍ରଭାବ, ଦୂଷିତ ରୁଚି ଓ ଘୋର ଔଦାସୀନ୍ୟ

Digitized by srujanika@gmail.com

ଅପ୍ରତିହତ ଆଧିପତ୍ୟ କରୁଥିବ, ଅଥଚ ଆମ୍ଭେମାନେ ଅବସରକ୍ରମେ ଟିକିଏ ଅଧେ ସାହିତ୍ୟ ଆଲୋଚନା କରି କର୍ତ୍ତବ୍ୟ ଶେଷ କରିବୁଁ, ଏହା ନିତାନ୍ତ ଲଜ୍ଜା ଓ ପରିତାପର ବିଷୟ ।

ଏହି ଆଲୋଚନା ସଭା ଉପଯୁକ୍ତ କ୍ଷେତ୍ରରେ ସଂସ୍ଥାପିତ ହୋଇଅଛି—ନର୍ମାଲ୍‌ସ୍କୁଲ ଓଡ଼ିଆ-ଭାଷାର ସର୍ବୋଚ୍ଚ ବିଦ୍ୟାଳୟ, ଏହାର ଛାତ୍ରମାନେ ଉତ୍କଳଭୂମିରେ ନାନାସ୍ଥାନରେ କାର୍ଯ୍ୟ କରିବାକୁ ଯିବେ । ସେମାନେ ଯେବେ ସାହିତ୍ୟ ସେବାର ଉନ୍ନତ ଭାବ ଓ ଆକାଂକ୍ଷା ପ୍ରାଣରେ ପୋଷଣ କରି ସ୍ୱୀୟ ୨ କର୍ତ୍ତବ୍ୟ ସାଧନରେ ତତ୍ପର ହୁଅନ୍ତି, ତାହାହେଲେ ସେମାନଙ୍କ ଦ୍ୱାରା ଦେଶର ଅଶେଷ କଲ୍ୟାଣ ସାଧିତ ହୋଇପାରିବ—ସେମାନେ ନିଜେ ସାହିତ୍ୟ ସେବା କରି ଜୀବନ କୃତାର୍ଥ କରିପାରିବେ ଏବଂ ଅନ୍ୟ ଶତ ୨ ପ୍ରାଣରେ ସାହିତ୍ୟ-ସେବାର ଭାବ ଜାଗ୍ରତ କରିବାକୁ ସକ୍ଷମ ହେବେ । ଦୁଃଖର ବିଷୟ ନର୍ମାଲସ୍କୁଲର ଛାତ୍ରମାନେ ଏ ବିଷୟରେ ନିତାନ୍ତ ଉଦାସୀନ—ଯଥାର୍ଥ ସାହିତ୍ୟ ଚର୍ଚ୍ଚାର ଭାବ ସେମାନଙ୍କ ମଧ୍ୟରେ ଅତି ଅଳ୍ପ ପରିମାଣରେ ଦୃଷ୍ଟ ହୁଏ । ବଙ୍ଗଦେଶରେ ନର୍ମାଲସ୍କୁଲରୁ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କ ସଙ୍ଗେ ଏମାନଙ୍କର କେତେ ପ୍ରଭେଦ ? ସେ ଦେଶର ଏହି ଶ୍ରେଣୀର ଲୋକଙ୍କ ମଧ୍ୟରୁ ଅନେକଗୁଡ଼ିଏ ସୁଲେଖକ ବାହାରିଅଛନ୍ତି —କେହି ୨ ଉଚ୍ଚଶ୍ରେଣୀର ସାହିତ୍ୟସେବକମାନଙ୍କ ମଧ୍ୟରେ ଆସନଲାଭ କରିବାକୁ ସକ୍ଷମ ହୋଇଅଛନ୍ତି । ଆମ୍ଭମାନଙ୍କ ଦେଶରେ ଏପରି ମୃତଭାବ କାହିଁକି ? ଏକ୍ଷଣେ ଆମ୍ଭେମାନେ ଯେବେ ନିଜ ୨ ହୀନତା ଓ କ୍ଷୁଦ୍ରତା ସ୍ମରଣ କରି ଜାଗ୍ରତ ହେଉଁ, ଦୃଷ୍ଟିର ପରିସର ବୃଦ୍ଧି କରୁଁ, ଜୀବନରେ ଉଚ୍ଚ ଆକାଂକ୍ଷା ପୋଷଣ କରି କାର୍ଯ୍ୟ କ୍ଷେତ୍ରରେ ଅବତୀର୍ଣ୍ଣ ହେଉଁ, ଉନ୍ନତ ଓ ମାର୍ଜିତ ରୁଚିର ଅନୁସରଣ କରୁଁ, ଉତ୍ସାହ ସହକାରେ ଆଲୋଚନାର କ୍ଷେତ୍ର ବିସ୍ତାରିତ କରୁଁ, ତାହାହେଲେ ଦେଖିବେ, ଅଳ୍ପକାଳ ମଧ୍ୟରେ ଉତ୍କଳ ସାହିତ୍ୟର ମୁଖଚ୍ଛବି ପରିବର୍ତ୍ତିତ ହୋଇଯିବ—ଜୀବନସ୍ରୋତ ଖରତର ବେଗରେ ସମଗ୍ର ଉତ୍କଳ-ଭୂମିରେ ପ୍ରବାହିତ ହେବ—ଆମ୍ଭମାନଙ୍କର ଜାତୀୟ ଗୌରବ ବହୁପରିମାଣରେ ବର୍ଦ୍ଧିତ ହୋଇଯିବ । ନିଭୁବା ବର୍ତ୍ତମାନର ମୃଦୁମନ୍ଦ ଗତିଦ୍ୱାରା ଯଥାର୍ଥ ସାହିତ୍ୟସଂଗଠନ ଏକ ପ୍ରକାର ଅସମ୍ଭବ । ପାଶ୍ଚାତ୍ୟ ଶିକ୍ଷା ଲାଭ କରି, ଉନ୍ନତ ଜାତିମାନଙ୍କର ସାହିତ୍ୟବିଭବ ସନ୍ଦର୍ଶନ କରି ଆଜି ଯେବେ କେହି ମନେ କରନ୍ତି ଯେ ଆମ୍ଭମାନଙ୍କର ପ୍ରାଚୀନ ସାହିତ୍ୟ ଅଥବା ଏ ଯାବତ୍ ଆମ୍ଭମାନେ ଯାହା କରିଅଛୁଁ ତାହାହିଁ ଆମ୍ଭମାନଙ୍କ ପକ୍ଷରେ ଯଥେଷ୍ଟ, ତାହାହେଲେ ସେ ନିତାନ୍ତ ଭ୍ରାନ୍ତ—ତାଙ୍କର ସେ ଭାବ ଅଳୀକ କଳ୍ପନା ମାତ୍ର । ଈଶ୍ୱର କରନ୍ତୁ, ଆମ୍ଭମାନଙ୍କର ସୁଖର ନିଦ୍ରା ଓ ମୋହର ଅବସନ୍ନତା ଦୂର ହେଉ, ଆମ୍ଭେମାନେ ଜୀବନର ଉଚ୍ଚ ଲକ୍ଷ୍ୟ ହୃଦୟଙ୍ଗମ କରି ଜାଗ୍ରତ ଓ ସଞ୍ଜୀବିତ ହେଉଁ ।

---

# ମନକଥା

"ମନ ଏବ ମନୁଷ୍ୟାଣାଂ କାରଣଂ ବନ୍ଧମୋକ୍ଷୟୋଃ ।"

ମନେ ମନେ ମନକଥା କେତେ ମୁଁ କହିବି,
ମନେମନେ ମନକଥା କେତେ ମୁ ମାରିବି ।
ମନ କହେ ମୋର କଥା କର ତୁ ଶ୍ରବଣ,
ମନ କହେ ମୋର ବାକ୍ୟେ ଦିଅ ନାହିଁ ମନ ।

ମନ କହେ ଏହି ପଥେ କର ରେ ଗମନ,
ମନ ପୁଣି ଅନ୍ୟ ପଥେ କରେ ଆକର୍ଷଣ ।
ମନ କହେ ଏହି କାର୍ଯ୍ୟ ଉତ୍କୃଷ୍ଟ ଅଟଇ,
ମନ ପରେ ସେହି କାର୍ଯ୍ୟ ନିକୃଷ୍ଟ ଭାଷଇ ।

Digitized by srujanika@gmail.com

ମନେ ରହେ ମନକଥା କେହି ନ ଜାଣଇ,
ମନ ନିଜେ ମନକଥା ସର୍ବଦା ରଚଇ ।
ମନ ହୋଇ ଶତ ମନ ଶତପଥେ ଧାବେ,
ମନ ବସି ଶତମନେ ଶତକଥା ଭାବେ ।
ମନ ରାଜା ମୁହିଁ ପ୍ରଜା,—କ୍ରୀଡ଼ାପୁତ୍ତଳିକା,
ମନ ଉଇଗିରିବର ମୁହିଁ ପିପୀଲିକା ।
ମନ ମୋର ଗୁରୁଦେବ ମୁହିଁ ଶିଷ୍ୟ ତାର,
ମନ ଯାହା କହେ ମୁହିଁ ଶିଖେ ବାରବାର ।
ମନ ପ୍ରଭୁ ମୁହିଁ ତାର ଚରଣ-କିଙ୍କର,
ମନ ନେତା ମୁହିଁ ସେନା ଅଟେ ଜଗତର ।
ମନ ଦୋଷ କରି ମନ ପାଏ ମନସ୍ତାପ,
ମନ କରେ ନିତ ନିତ ନବ ନବ ପାପ ।
ମନ ଯେଉଁ ବାଟେ ଗମେ ସଙ୍ଗେ ମୁଁ ଗମଇ,
ମନ କଥା ରଖିରଖି ନିଜକୁ ଭୁଲଇ ।
ମନ ଉଡ଼ିଲେ ଗଗନେ ମୁଁ ଉଡ଼େ ଗଗନେ,
ମନ ବସିଲେ ଭୂତଳେ ମୁ ବସେ ଚରଣେ ।
ମନ ଗଲେ ହିମାଚଳେ ମୁହିଁ ଗମେ ତଥା,
ମନ ଯହିଁ ନତମୁଣ୍ଡ ନତ ମୋର ମଥା ।
ମନ ଧରି ରଖେ ମୋତେ ହରି ଚରଣରେ,
ମନ ପୁଣି ନିକ୍ଷେପଇ ନରକ କୁଣ୍ଡରେ ।
ମନ ମହାବାହୁବଳ ମୁହିଁ କ୍ଷୁଦ୍ରବଳ,
ମନ ମୋ ପରିଚାଳକ ମୁ ଯନ୍ତ୍ର କେବଳ ।
ମନ କ୍ରେତା ମୁହିଁ ପଣ୍ୟ ସଂସାର-ବଜାରେ,
ମନ ତେବେ କପାଁ ମୋର କାର୍ଯ୍ୟକୁ ଧିକ୍କାରେ ?
ମନର ପ୍ରଶଂସା ନିନ୍ଦା ଶୁଣି ନିତ ନିତ,
ମନ ପ୍ରତି ଆଜି ମୋର ନାହିଁ ଭକ୍ତି ପ୍ରୀତି ।
ମନର ପ୍ରତାପେ ମୁହିଁ କାନ୍ଦେ ଭୟେ ଭୟେ,
ମନକୃତ ପାପ ତାପ ଭୋଗେ ମୁଁ ହୃଦୟେ ।
ମନ ଦୁଇମୁହାଁ ! ମୋତେ ଦୁଇ କଥା କହି,
ମନର ସେ କଥା ଶୁଣି ପଡ଼ଇ ସଂଶୟେ ।
ମନ ଥିଲେ ଜାଗରିତ ମୁହିଁ ମରିଥାଏଁ,
ମନ ଶୋଇଥିଲେ ମୁହିଁ ସୁଖଧାମେ ଯାଏଁ ।
ମନର ମରଣେ ମୋର ଅନନ୍ତ-ଜୀବନ,
ମନର ଜୀବନେ ମୋର ଅନନ୍ତ-ମରଣ ।
ମନ ମରୁ ମନ ମରୁ ମରୁ ଅହଙ୍କାର
ଶୁଣେ ଏକବାଣୀ ମୁହିଁ ଦେଖେ ଏକାକାର ।

ଶ୍ରୀ ସାଧୁଚରଣ ରାୟ ।

---

## ଅଧ୍ୟାତ୍ମ-ତତ୍ତ୍ୱଚର୍ଚ୍ଚା

### ଚତୁର୍ଥ ପରିଚ୍ଛେଦ

---

### ଜୀବାତ୍ମା

ଦ୍ୱା ସୁପର୍ଣ୍ଣା ସଯୁଜା ସଖାୟା ସମାନଂ ବୃକ୍ଷଂ ପରିଷସ୍ୱଜାତେ ।
ତୟୋରନ୍ୟଃ ପିପ୍ପଳଂ ସ୍ୱାଦ୍ୱତ୍ତି ଅନଶ୍ନନ୍ନନ୍ୟୋଽଭିଚାକଶୀତି ॥

ଦୁଇ ସୁନ୍ଦର ପକ୍ଷୀ ଏକ ବୃକ୍ଷରେ ଏକତ୍ର ବାସ କରନ୍ତି । ଦୁଇ ପକ୍ଷୀ ପରସ୍ପରର ସଖା । ସେଥି ମଧ୍ୟରୁ ଜଣେ ସୁଖରେ ଫଳଭୋଗ କରନ୍ତି, ଅନ୍ୟ ଜଣକ ଅନଶନ ଥାଇ କେବଳ ଦର୍ଶନ କରନ୍ତି ।

---

ଯୋଗଯୁକ୍ତାତ୍ମା ଦିବ୍ୟଚକ୍ଷୁ ଋଷି ଏହି ଯେ ଦୁଇଟି ସୁନ୍ଦର ପକ୍ଷୀର ଏକ ଦେହବୃକ୍ଷ ବା ଜଗଦ୍‌ବୃକ୍ଷରେ ଏକତ୍ର ବାସ କରିବାର କଥା କହି ଯାଇ ଅଛନ୍ତି, ତାହା ଅତି ମନୋହର । ଗୋଟିଏ ପକ୍ଷୀ ଜୀବାତ୍ମା, ଅପର ପକ୍ଷୀ ପରମାତ୍ମା । ଉଭୟେ ନିରାକାର ଏବଂ ଅଦୃଶ୍ୟ, କିନ୍ତୁ ଜଣେ କ୍ଷୁଦ୍ର ଓ ପରିମିତ, ଅନ୍ୟ ଜଣକ ମହାନ୍ ଏବଂ ଅନନ୍ତ । ପରମାତ୍ମା ବା ବ୍ରହ୍ମପକ୍ଷୀ ନାନାବିଧ ଫଳ ଏବଂ ଉପାଦେୟ ସାମଗ୍ରୀ ଜୀବାତ୍ମାକୁ ଦାନ କରୁଅଛନ୍ତି; ଜୀବାତ୍ମା ତାହା ସୁଖରେ ଭୋଗ କରୁଅଛି । ଅନନ୍ତ ଭୂମା ବ୍ରହ୍ମ-ପକ୍ଷୀ ଭୋଗ-ବାସନା-ଶୂନ୍ୟ, ଆସକ୍ତି ଶୂନ୍ୟ ଏବଂ ପୂର୍ଣ୍ଣ ବୈରାଗ୍ୟବ୍ରତଧାରୀ । ପିତା, ମାତା ଏବଂ ଦାତା

Digitized by srujanika@gmail.com

ଯେ 'ପରମ' ପକ୍ଷୀ, ସେ ସନ୍ତାନସ୍ୱରୂପ 'ଜୀବ' ପକ୍ଷୀ ଆଡ଼କୁ ପ୍ରେମନୟନରେ ଅନାଇ ତାହାର ସୁଖଭୋଗ ଦେଖୁଅଛନ୍ତି । 'ଜୀବ' ସେହି 'ପରମର' ଆଶ୍ରୟରେ ରହିଅଛି । 'ପରମ' ବ୍ୟତିରେକେ 'ଜୀବ'ର ଅସ୍ତିତ୍ୱ ଅସମ୍ଭବ । 'ଜୀବ' ଏବଂ 'ପରମ' ପରସ୍ପରର ସଖା । ଜୀବ-ପକ୍ଷୀ ବନ୍ଧୁ-ପକ୍ଷୀଙ୍କର ଜ୍ଞାନ ପ୍ରେମପୂର୍ଣ୍ଣର ସୌନ୍ଦର୍ଯ୍ୟ ଅନୁଭବ କରି ସେହି ସୌନ୍ଦର୍ଯ୍ୟ ରସ ପାନ କରିବା ନିମିତ୍ତ ସୃଷ୍ଟ ହୋଇଅଛି । ଯେତିକି ସେ ସେହି ଅତୁଳ୍ୟ ସୌନ୍ଦର୍ଯ୍ୟ-ସୁଧା ପାନ କରୁଅଛି, ସେତିକି ସେ ନିତ୍ୟ ଉପର୍ଯ୍ୟୁପରି ଚନ୍ଦ୍ରମା ପରି ସୁନ୍ଦର ଓ ପ୍ରଫୁଲ୍ଲ ହୋଇ ଯାଉଅଛି । ଆହା କି ମଧୁର, ମନୋହର ତତ୍ତ୍ୱ । ଏ ତତ୍ତ୍ୱରେ ଯେତିକି ନିମଗ୍ନ ହେବ, ସେତିକି ମାନବ-ଜୀବନ ସାର୍ଥକ ହେବ ।

ଏହି ବିଚିତ୍ର ବିଶ୍ୱ କୋଟି କୋଟି ଅଦ୍ଭୁତ ପଦାର୍ଥନିଚୟରେ ପରିପୂର୍ଣ୍ଣ ହୋଇ ନିରନ୍ତର ମାନବର ବିସ୍ମୟ ଉତ୍ପାଦନ କରୁଅଛି, କିନ୍ତୁ ଅନନ୍ତ ସୃଷ୍ଟି ମଧ୍ୟରେ ମନୁଷ୍ୟ ପରି ମନୁଷ୍ୟର ବିସ୍ମୟୋତ୍ପାଦକ ଆଉ କିଛି ନାହିଁ । ଯଦି ଈଶ୍ୱରଙ୍କ ରାଜ୍ୟରେ ଏମନ୍ତ କୌଣସି ପଦାର୍ଥ ଥାଏ, ଯାହାକୁ ବିଶ୍ୱର ସଂକ୍ଷିପ୍ତସାର ବା ନୂତନ ସଂସ୍କରଣ ବୋଲି ଯାଇପାରେ, ତାହା ଏକା ମନୁଷ୍ୟ । ଧାତୁ ପ୍ରସ୍ତରାଦି ଜଡ଼ପିଣ୍ଡ, ବୃକ୍ଷ ଲତାଦି ଉଦ୍ଭିଜ୍ଜ, ପଶୁବିହଙ୍ଗାଦି ପ୍ରବୃତ୍ତିଚାଳିତ ଅଧମଜୀବ ଏବଂ ବୁଦ୍ଧିପ୍ରଜ୍ଞାନ୍ୱିତ ମନୁଷ୍ୟ, ଏ ସମସ୍ତଙ୍କର ପ୍ରତିଭୂ ବୋଲି ମନୁଷ୍ୟ ଏକା ପରିଗଣିତ ହୋଇପାରେ । କେବଳ ଶରୀରକୁ ଧରିଲେ ମନୁଷ୍ୟ ଧାତୁ-ମୃତ୍ତିକା-ବତ୍ ଜଡ଼ । କେବଳ ପ୍ରାଣଧାରଣ ବିଷୟରେ ମନୁଷ୍ୟ ତରୁଲତାଦିଉଦ୍ଭିଜ୍ଜର ସମଶ୍ରେଣୀସ୍ଥ । ଇନ୍ଦ୍ରିୟଜବୋଧର ଗ୍ରହୀତା ଯେ ମନ, କେବଳ ସେ ମନଃସମ୍ବନ୍ଧେ ବିଚାରିଲେ ମନୁଷ୍ୟ ପଶୁପକ୍ଷୀର ସଦୃଶ । ମନୁଷ୍ୟର ଏକମାତ୍ର ବିଶେଷତ୍ୱ ବା ଶ୍ରେଷ୍ଠତ୍ୱ, ଯାହାଦ୍ୱାରା ସେ ପଶୁତ୍ୱରୁ ମନୁଷ୍ୟ-ପଦବୀକୁ ଏବଂ ମନୁଷ୍ୟପଦବୀରୁ ଦେବପଦବୀକୁ ଅଧିକାର କରେ, ତାହା ତାହାର ଆତ୍ମା, ଅର୍ଥାତ୍ ସାର୍ବଭୌମିକ ଜ୍ଞାନଦ୍ୱାରା ଅନୁପ୍ରାଣିତ ଅହଂଜ୍ଞାନ । ମନୁଷ୍ୟର ଜଡ଼ଭାବ, ଉଦ୍ଭିଜ୍ଜଭାବ ଅଛି, ପଶୁଭାବ ଅଛି ଏବଂ ତଦତିରିକ୍ତ ତାହାର ଯେଉଁ ବିଶେଷତ୍ୱ ଅଛି, ତାହା ଏହି ଯେ ସେ ନିଜେ ଆପଣାକୁ ବହିର୍ବିଷୟରୁ ପୃଥକ କରି ଜାଣିବା ସଙ୍ଗେ ସଙ୍ଗେ ପ୍ରଜ୍ଞା ବା ସାର୍ବଭୌମିକ ଜ୍ଞାନବଳରେ ଆପଣାର ମୂଳକାରଣ ପରମାତ୍ମାଙ୍କୁ ଜାଣିପାରେ । ବେଦାନ୍ତଦର୍ଶନ ମନୁଷ୍ୟକୁ ଅନ୍ନ-ମୟ କୋଷ, ପ୍ରାଣମୟ କୋଷ, ମନୋମୟ କୋଷ, ବିଜ୍ଞାନମୟ କୋଷ ଏବଂ ଆନନ୍ଦମୟ କୋଷ ଏହି ପଞ୍ଚଭାଗରେ ବିଭକ୍ତ କରିଅଛନ୍ତି । ଏହି ପଞ୍ଚଭାଗ ସଙ୍ଗରେ ନିଶ୍ଚେଷ୍ଟ ଜଡ଼, ପ୍ରାଣଧର୍ମୀ ବୃଦ୍ଧିଶୀଳ ଉଦ୍ଭିଦ, ଇନ୍ଦ୍ରିୟବୋଧସର୍ବସ୍ୱ ପ୍ରବୃତ୍ତି-ଚାଳିତ ପଶୁ, ଯୁକ୍ତିପ୍ରୟୋଗଶୀଳ ବୁଦ୍ଧି-ମାନ ମନୁଷ୍ୟ ଏବଂ ସାର୍ବଭୌମିକ ଜ୍ଞାନଦ୍ୱାରା ଅନୁପ୍ରାଣିତ ପରମାତ୍ମନିଷ୍ଠ ଦେବ-ପଦବାଚ୍ୟ ମନୁଷ୍ୟ ଏ ପଞ୍ଚବିଭାଗର ତୁଳନା କରି ଯାଇ-ପାରେ । ବାସ୍ତବରେ ମନୁଷ୍ୟ ସୃଷ୍ଟିର ଉଚ୍ଚତମ ସୋପାନରେ ଅଧିରୂଢ଼ ହୋଇ ନିମ୍ନ-ସୋପାନ-ମାନଙ୍କର ଭାବ ଆପଣା ମଧ୍ୟରେ ଗ୍ରହଣ କରି ଅଖିଳସୃଷ୍ଟିର ପ୍ରତିନିଧିପଦରେ ପ୍ରତିଷ୍ଠିତ ରହିଅଛି ।

ମନୁଷ୍ୟର ଆତ୍ମା ବା ଜୀବାତ୍ମା ଅସତ୍ ନୁହେଁ, ଅର୍ଥାତ୍ ଜୀବାତ୍ମା ଯେ କୌଣସି ସମୟରେ ନ ଥିଲା ଏପରି ନୁହେ; କାରଣ, "ନାସତୋ ବିଦ୍ୟତେ ଭାବଃ ନାଭାବୋ ବିଦ୍ୟତେ ସତଃ"; ଅସତ୍ ଯାହା ଅର୍ଥାତ୍ ନାହିଁ ଯାହା, ତାହାର ଭାବ ବା ହେବା ଅସମ୍ଭବ; ଏବଂ ସତ୍ ଯାହା ଅର୍ଥାତ ଅଛି ଯାହା, ତାହାର ଅଭାବ ବା ନ ହେବା ଅସମ୍ଭବ । ଭାବ ଦ୍ୱିବିଧ, ବ୍ୟକ୍ତଭାବ ଓ ଅବ୍ୟକ୍ତ ଭାବ । ସୃଷ୍ଟି ପୂର୍ବରେ ଜୀବାତ୍ମା ପରମା-ତ୍ମାଙ୍କଠାରେ ଅବ୍ୟକ୍ତଭାବରେ ଥିଲା ଅର୍ଥାତ ତନ୍ମୟୀଭୂତ ଥିଲା, ପରେ ତାହାର ଅଭିବ୍ୟକ୍ତି ବା ଆବିର୍ଭାବ ହୋଇଅଛି । ଭାବ ବା ଅସ୍ତିତ୍ୱ

Digitized by srujanika@gmail.com

ଆବିର୍ଭାବ ବା ପ୍ରକାଶର ନିମନ୍ତେ ପୂର୍ବବର୍ତ୍ତୀ କାରଣ । ଭାବର ଆବିର୍ଭାବର ଅଭିବ୍ୟକ୍ତି ଅବଶ୍ୟମ୍ଭାବୀ । ଆଦିରେ ପୂର୍ଣ୍ଣ ଜ୍ଞାନସ୍ୱରୂପ ନିରାଲମ୍ବ ବ୍ରହ୍ମଜ୍ଞାତାରୂପେ ବିରାଜିତ ଥିଲେ । ଜନନୀଗର୍ଭସ୍ଥ ଶିଶୁ ପ୍ରାୟ ଜୀବାତ୍ମା ତାଙ୍କ ମଧ୍ୟରେ ତନ୍ମୟୀଭୂତ ଥିଲା । ତାହାଙ୍କର ଐଶୀଶକ୍ତିର ପ୍ରଭାବରେ ଜୀବାତ୍ମାରୂପ ବୀଜର ସ୍ୱତନ୍ତ୍ର ଅଭିବ୍ୟକ୍ତି ହେଲା । ଯେପରି ଏକମାତ୍ର ବୀଜରୁ କୋଟିକୋଟି ବୃକ୍ଷ ଉତ୍ପନ୍ନ ହେଉଅଛି, ସେହିପରି ଏକ ଜୀବାତ୍ମାରୂପ ବୀଜରୁ କୋଟିକୋଟି ଜୀବାତ୍ମା ଉତ୍ପନ୍ନ ହେଉଅଛନ୍ତି; କିନ୍ତୁ ମୂଳତଃ ସେମାନେ ପରମାତ୍ମାଙ୍କର ଐଶୀଶକ୍ତି ମଧ୍ୟରେ ଏକୀଭୂତ । ଜୀବାତ୍ମା-ରୂପ ବୀଜର ମୌଳିକ ଉପାଦାନ ପ୍ରଜ୍ଞା ବା ସତ୍ୟନିଷ୍ଠ ବିଶୁଦ୍ଧ ଜ୍ଞାନ ଏବଂ ଏହି ଉପାଦାନରେ ସକଳ ଜୀବାତ୍ମା ଗଠିତ । ସେହି ପ୍ରଜ୍ଞାର ସ୍ୱତନ୍ତ୍ର ଅଭିବ୍ୟକ୍ତି ନିମିତ୍ତ ବିଶେଷ ବିଶେଷ ବ୍ୟକ୍ତିର ପ୍ରୟୋଜନ, ଅର୍ଥାତ ସ୍ୱାତନ୍ତ୍ର୍ୟପ୍ରତିପାଦକ ବା ପ୍ରଭେଦକ ଅହଂଜ୍ଞାନର ପ୍ରୟୋଜନ । ଏଥିରୁ ସହଜରେ ଅନୁମିତ ହେବ ଯେ ପ୍ରଜ୍ଞା ବା ବିଶୁଦ୍ଧ ଜ୍ଞାନ କେବଳ ବ୍ୟକ୍ତିନିଷ୍ଠ ନୁହେ ତାହା ସାର୍ବଜନୀନ । ପ୍ରତିବ୍ୟକ୍ତିର ଆତ୍ମାରେ ପ୍ରଜ୍ଞା ସାଧାରଣରୂପେ ବିରାଜିତ । ଏକ ଜୀବାତ୍ମା ଅନ୍ୟ ଜୀବାତ୍ମାଠାରୁ ଅହଂଜ୍ଞାନଦ୍ୱାରା ସ୍ୱତନ୍ତ୍ରୀଭୂତ, କିନ୍ତୁ ସମସ୍ତ ଜୀବାତ୍ମା ପ୍ରଜ୍ଞାଦ୍ୱାରା ଏକୀଭୂତ । ତୁମ୍ଭର ଏବଂ ମୋର ଯେ ପ୍ରଭେଦ, ତାହା କେବଳ ଅହଂଜ୍ଞାନ ଯୋଗୁଁ; କିନ୍ତୁ ପ୍ରଜ୍ଞାସମ୍ବନ୍ଧରେ ଅର୍ଥାତ ବିଶୁଦ୍ଧ ଜ୍ଞାନ ସମ୍ବନ୍ଧରେ ତୁମ୍ଭେ ଏବଂ ମୁଁ ଏକ ଅଟୁଁ । ପ୍ରଜ୍ଞାର ସ୍ୱତନ୍ତ୍ର ଅଭିବ୍ୟକ୍ତି ନିମିତ୍ତ ଯେପରି ଅହଂଜ୍ଞାନର ପ୍ରୟୋଜନ, ସେହିପରି ଅହଂଜ୍ଞାନର ପୁଷ୍ଟି ବା ବହିଃସ୍ଫୂର୍ତ୍ତି ନିମିତ୍ତ ଜଡ଼ ବିଷୟ ବା ଭୌତିକ ଜଗତର ପ୍ରୟୋଜନ । ସଦ୍ୟଃପ୍ରସୂତ ଶିଶୁର ଅହଂଜ୍ଞାନ ଅବ୍ୟକ୍ତ ଭାବରେ ଥାଏ, ଇନ୍ଦ୍ରିୟ ଏବଂ ମନଦ୍ୱାରା ବିଷୟ ସହିତ ତାହାର ସଙ୍ଗ ହୁଏ, ସେହି ବିଷୟ ସଙ୍ଗରୁ ବା ବିଷୟ ସହିତ ପ୍ରତିଯୋଗିତାରୁ ସେ ଆପଣାକୁ ପୃଥକ୍‌ରୂପେ ଜାଣିବାକୁ ସମର୍ଥ ହୁଏ ଅର୍ଥାତ୍ ଅହଂଜ୍ଞାନ ବିଷୟସଂଯୋଗରେ ବହିଃସ୍ଫୂର୍ତ୍ତି ଲାଭ କରେ ।

ଆମ୍ଭେମାନେ ଉପରେ ଯାହା କହିଲୁଁ, ତାହାର ମର୍ମ ଏହି ଯେ ମୂର୍ତ୍ତ ଅନନ୍ତ ପରମାତ୍ମା ଅପୂର୍ଣ୍ଣ ପରିମିତ ଜୀବାତ୍ମାର ସ୍ରଷ୍ଟା, ପିତା ଏବଂ ମାତା ଅଟନ୍ତି ଏବଂ ସେ ଜୀବାତ୍ମାରୂପ ସନ୍ତାନର ବିକାଶ ଏବଂ ପୁଷ୍ଟି ନିମିତ୍ତ ଜଡ଼ବିଷୟ ବା ଭୌତିକ ଜଗତର ସୃଷ୍ଟି କରିଅଛନ୍ତି । ଊର୍ଦ୍ଧ୍ୱରେ ପରମାତ୍ମା, ନିମ୍ନରେ ଭୌତିକ ଜଗତ ବା ବହିର୍ବିଷୟ, ଏ ଦୁହିଁଙ୍କ ମଧ୍ୟରେ ଜୀବାତ୍ମା । ଜୀବାତ୍ମା ଏକଦିଗରେ ପୂର୍ଣ୍ଣଜ୍ଞାନ ପରମାତ୍ମାଙ୍କ ସଙ୍ଗରେ ସମ୍ବନ୍ଧ, ଅପର ଦିଗରେ ଜ୍ଞାନଶୂନ୍ୟ ବା ଅବିଦ୍ୟାଧର୍ମୀ ଜଡ଼ବିଷୟ ସଙ୍ଗରେ ସମ୍ବନ୍ଧ । ପରମାତ୍ମା ପୂର୍ଣ୍ଣଜ୍ଞାନ, ଜୀବାତ୍ମା ପରିମିତଜ୍ଞାନ ଏବଂ ଜଡ଼ବିଷୟ ଜ୍ଞାନବିବର୍ଜିତ । ଆତ୍ମା ବା ଜ୍ଞାତାର ଅପର ଗୋଟିଏ ନାମ ବିଷୟୀ, କାରଣ ସେ ବିଷୟର ଜ୍ଞାତା ଏବଂ ବିଷୟ ସେ ସେ ଆତ୍ମାର ଜ୍ଞେୟ । ଜୀବାତ୍ମା ବା ମୁଁ ନିଜର ଅସ୍ତିତ୍ୱକୁ ଆତ୍ମପ୍ରତ୍ୟୟଦ୍ୱାରା ଉପଲବ୍ଧି କରେ । "ମୁଁ ଅଛି" ଏ କଥା ସଂଶୟବିବର୍ଜିତ, କାରଣ ମୁଁ ଯଦି ନାହିଁ, "ମୁଁ ନାହିଁ" ଏକଥା ବିଚାରୁ ଅଛି କିଏ ? ଜ୍ଞାତା ବା ବିଷୟୀର ଅସ୍ତିତ୍ୱ ଯେପରି ସଂଶୟରହିତ, ବହିର୍ବିଷୟ ଅର୍ଥାତ୍ ଯାହା ଆତ୍ମା ନୁହେଁ, ତାହାର ଅସ୍ତିତ୍ୱ ମଧ୍ୟ ସେହିପରି ନିଃସଂଶୟ, କାରଣ "ମୁଁ ଅଛି" ଏକଥା ଜାଣିବା ସଙ୍ଗେ ୨ ମୁ ଜାଣିପାରୁ ଅଛି ଯେ ଯାହା ମୁଁ ନୁହେଁ ଅର୍ଥାତ୍ ଅନାତ୍ମ ଜଗତ୍ ବା ବହିର୍ବିଷୟ, ତାହା ମଧ୍ୟ ଅଛି ।

ଆତ୍ମା ମଧ୍ୟରେ ଜ୍ଞାନ, ପ୍ରେମ, ଇଚ୍ଛା ଏହି ତ୍ରିବିଧ ଧର୍ମର କ୍ରିୟା ଦେଖାଯାଏ । ପରମାତ୍ମାର ଜ୍ଞାନ, ପ୍ରେମ, ଇଚ୍ଛା ପୂର୍ଣ୍ଣ । ଜୀବାତ୍ମାର ଜ୍ଞାନ, ପ୍ରେମ, ଇଚ୍ଛା ଅପୂର୍ଣ୍ଣ । ଜୀବାତ୍ମା ନିଜେ ଆପଣାକୁ ଏକ ବୋଲି ଜାଣି ଜ୍ଞାନ ଦ୍ୱାରା ସହସ୍ର ସହସ୍ର ବିଭିନ୍ନ ବିଷୟମାନଙ୍କୁ ଜାଣୁଅଛି, ଆପଣାପ୍ରତି ଅର୍ଥାତ୍

Digitized by srujanika@gmail.com

ଜ୍ଞାନପ୍ରେମଇଚ୍ଛାଯୁକ୍ତ ଆତ୍ମାପୁରୁଷପ୍ରତି ପ୍ରେମବାନ ହୋଇ ବିଷୟ ବା ଅନାତ୍ମ ଜଗତର ବିଜାତୀୟତ୍ୱ ଏବଂ ବୈସାଦୃଶ୍ୟ ଅନୁଭବ କରି ବିଷୟପ୍ରତି ଆପଣାର ଅବିଦ୍ୟାସମ୍ଭୂତ ଆସକ୍ତିରୁ ମୁକ୍ତିକାମନା କରୁଅଛି ଏବଂ ନିଶ୍ଚେଷ୍ଟତା—ଧର୍ମୀ ପରାଧୀନ ଇନ୍ଦ୍ରିୟଗୋଚର ବିଷୟର ଅଧମତା ଉପଲବ୍ଧି କରି ଇଚ୍ଛାଶକ୍ତିଦ୍ୱାରା ଇନ୍ଦ୍ରିୟମାନଙ୍କ ଉପରେ ଏବଂ ଇନ୍ଦ୍ରିୟାର୍ଥ ବିଷୟଉପରେ ନିଜ କର୍ତ୍ତୃତ୍ୱ ସ୍ଥାପନ କରି ପାରୁଅଛି । ଉପରେ ଯାହା କଥିତ ହେଲା, ତାହାର ମର୍ମ ଏହି ଯେ ଜୀବାତ୍ମା ଅପୂର୍ଣ୍ଣ ହେଲେ ହେଁ ଜ୍ଞାତା, ପ୍ରେମବାନ୍ ଏବଂ ଇଚ୍ଛାବାନ୍ ଥିବାରୁ ଏବଂ ବହିର୍ବିଷୟ ଜ୍ଞାନଭାବେଚ୍ଛା ରହିତ ଜଡମାତ୍ର ଥିବାରୁ, ବିଷୟ ସମ୍ବନ୍ଧରେ ଜୀବାତ୍ମା ଏକ, ସ୍ୱାଧୀନ ଏବଂ କର୍ତ୍ତୃତ୍ୱବାନ୍, ଜୀବାତ୍ମା ସମ୍ବନ୍ଧରେ ବିଷୟ ଅନେକାନେକ, ପରାଧୀନ ଏବଂ ନିଶ୍ଚେଷ୍ଟ ।

ଇତିପୂର୍ବେ କହିଅଛୁଁ ଯେ ଜୀବାତ୍ମା ଆପଣାକୁ ପରିମିତ, ଅପୂର୍ଣ୍ଣ ଏବଂ ଆପେକ୍ଷିକ ବୋଲି ଜାଣୁଅଛି ଏବଂ ଆପଣାକୁ ଏପରି ଜାଣିବା ସଙ୍ଗେ ସଙ୍ଗେ ପୂର୍ଣ୍ଣ ଅନନ୍ତ ନିରାଲମ୍ବ ପୁରୁଷର ଅସ୍ତିତ୍ୱ ସହଜରେ ବିଶ୍ୱାସ କରୁଅଛି । କ୍ଷୁଦ୍ରଜ୍ଞାନ, କ୍ଷୁଦ୍ରଶକ୍ତି, କ୍ଷୁଦ୍ରପ୍ରେମ ଯେ ଜୀବାତ୍ମା ସେ ସ୍ୱଭାବତଃ ପୂର୍ଣ୍ଣଜ୍ଞାନ; ପୂର୍ଣ୍ଣଶକ୍ତି, ପୂର୍ଣ୍ଣମଙ୍ଗଳ ପରମାତ୍ମାଙ୍କର ଆଶ୍ରୟଭିକ୍ଷା କରୁଅଛି; କାରଣ ପୂର୍ଣ୍ଣ ବ୍ୟତିରେକେ ଅନ୍ୟ କେହି ଅପୂର୍ଣ୍ଣର ଅଭାବ ମୋଚନ କରି ନ ପାରେ । ଜୀବାତ୍ମା ସମ୍ବନ୍ଧରେ ପରମାତ୍ମା ଅନନ୍ତଭାବପୂର୍ଣ୍ଣ; ପରମାତ୍ମାଙ୍କ ସମ୍ବନ୍ଧରେ ଜୀବାତ୍ମା ନାନା ଅଭାବ ଜଡିତ, ସୁତରାଂ ପରମାତ୍ମାଙ୍କଠାରେ ଅଭାବ ମୋଚନ ନିମିତ୍ତ "ଜୀବ" ନିତ୍ୟ ଶରଣାଗତ । ଦାତା, ପରିତ୍ରାତା, ପରମାତ୍ମା ଧନହୀନ ଜୀବାତ୍ମାର ପରମସଖା । ମହାନ ବ୍ରହ୍ମପକ୍ଷୀ କ୍ଷୁଦ୍ରଜୀବପକ୍ଷୀର ପରମହିତକାରୀ ସଖା ବା ଜୀବାତ୍ମାର ବନ୍ଧୁ ହୋଇ, ତାହାକୁ ଅବିଦ୍ୟାମୟ ବିଷୟର ଶୃଙ୍ଖଳାରୁ ଉଦ୍ଧାର କରି ବିଶୁଦ୍ଧ ଜ୍ଞାନର ଅଧିକାରୀ କରୁଅଛନ୍ତି, ତାହାକୁ ନିତ୍ୟ ନବ ନବ ଆଧ୍ୟାତ୍ମ ଅମୃତସମ୍ପଦ ପ୍ରଦାନ କରି ତାହାର ପ୍ରେମ ଆକର୍ଷଣ କରୁଅଛନ୍ତି ଏବଂ ନିଜର ପୂର୍ଣ୍ଣମଙ୍ଗଳମୟୀ ଇଚ୍ଛାର ପ୍ରଭାବରେ ଜୀବାତ୍ମାର କ୍ଷୁଦ୍ର ଦୁର୍ବଳ ଇଚ୍ଛାର ଅଭ୍ୟନ୍ତରରେ ଅପରାଜିତ ମଙ୍ଗଳଶକ୍ତି ସଞ୍ଚାରିତ କରି ତାହାକୁ କ୍ରମେ କ୍ରମେ ଆପଣାର ସଦୃଶ ସଖାରୂପେ ଅଥବା ଆତ୍ମସଦୃଶ ଆତ୍ମଜ ସନ୍ତାନରୂପେ ଜୀବୋନ୍ନତିର ମଙ୍ଗଳବିଧାନ ଅନୁସାରେ ପରିପୁଷ୍ଟ ଏବଂ ଅଭିବ୍ୟକ୍ତ କରୁଅଛନ୍ତି । 'ଜୀବ' ଓ 'ପରମ' ଏ ଦୁହିଁଙ୍କର ସମ୍ବନ୍ଧତତ୍ତ୍ୱ କି ଅମୃତ ପୁଣ୍ୟ କଥା ! ଜୀବାତ୍ମନ୍ ! ଏ ଦୁଇ ସୁନ୍ଦର ପକ୍ଷିଙ୍କର ପ୍ରେମଚରିତାମୃତ ପ୍ରେମଭରେ ସଂକୀର୍ତ୍ତନ କରି ଧନ୍ୟ ହୁଅ ।

---

# ପାପର ପ୍ରାୟଶ୍ଚିତ୍ତ

ପାପପୁଣ୍ୟବୋଧ ସ୍ୱାଭାବିକ ଓ ସର୍ବଜନୀନ । ଏହା ହେଲେ ସୁଦ୍ଧା ପାପ ଓ ପୁଣ୍ୟର ସ୍ୱରୂପ ସମ୍ବନ୍ଧରେ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଚିରବିବାଦ ଲାଗିଅଛି । ହିନ୍ଦୁମାନେ ଗୋହତ୍ୟାକୁ ପାପ ମନେ କରନ୍ତି । କିନ୍ତୁ ମୁସଲମାନମାନେ ପୁଣ୍ୟାର୍ଜନ ସଙ୍କାଶେ ଅବଲୀଳାକ୍ରମେ ଗୋବଧ କରିଥାନ୍ତି । ଫଳତଃ ଜଣେ ଯାହାକୁ ପୁଣ୍ୟକାର୍ଯ୍ୟ ମନେ କରୁଅଛି, ଅନ୍ୟ ଜଣର ବିବେଚନାରେ ତାହା ପାପ । କେତେକ କାର୍ଯ୍ୟର ଫଳାଫଳ ସମ୍ବନ୍ଧରେ ଏହିପରି ମତଭେଦ ଥିଲେ ସୁଦ୍ଧା ସର୍ବସମ୍ପ୍ରଦାୟସମ୍ମତ କେତେଗୁଡ଼ିଏ ପାପ ଓ ପୁଣ୍ୟକାର୍ଯ୍ୟ ଅଛି । ଦୟା, ପରୋପକାର, ଇନ୍ଦ୍ରିୟ

Digitized by srujanika@gmail.com

ସଂଯମ ପ୍ରଭୃତି ପୁଣ୍ୟକାର୍ଯ୍ୟ ମଧ୍ୟରେ ଓ ନିଷ୍ଠୁରତା, ପରାପକାର, ବ୍ୟଭିଚାର ପ୍ରଭୃତି ପାପକାର୍ଯ୍ୟ ମଧ୍ୟରେ ପରିଗଣିତ। ସୁତରାଂ ପାପ ଓ ପୁଣ୍ୟର ସ୍ୱରୂପ ସମ୍ବନ୍ଧୀୟ ଆଲୋଚନାରୁ କ୍ଷାନ୍ତ ହୋଇ ପାପର ପ୍ରକୃତ ପ୍ରାୟଶ୍ଚିତ କଅଣ ଏ ବିଷୟରେ କିଞ୍ଚିତ୍ ଆଲୋଚନା କରିବା ନିମନ୍ତେ ପ୍ରବୃତ୍ତ ହେଉଅଛୁଁ।

'ପ୍ରାୟଶ୍ଚିତ' ଶବ୍ଦର ଅର୍ଥ "ଯାହା ମନକୁ ନିର୍ମଳ କରେ"। 'ପ୍ରାୟଶ୍ଚିତ୍ତ'ର ଇଂରେଜୀ ପ୍ରତିଶବ୍ଦ Atonement, ଏହି ଶବ୍ଦର ବାକ୍ୟାର୍ଥ ଏହି ଯେ At-one-ment ଏକୀଭୂତ ହେବା, ଅର୍ଥାତ୍ ପାପଲିପ୍ତ ହୋଇ ପବିତ୍ରସ୍ୱରୂପ ପରମେଶ୍ୱରଙ୍କଠାରୁ ବିଚ୍ୟୁତ ହୋଇ ଦୂରରେ ପଡ଼ିଥିଲି,—ବିଚ୍ଛିନ୍ନ ହୋଇଥିଲି, ପୁନଶ୍ଚ ମିଳିତ ହେଲି, ପ୍ରାୟଶ୍ଚିତ୍ତ ସେହି ଦୂରତ୍ୱ ବିନାଶ କରି ଏକୀଭୂତ ବା ମିଳିତ କରି ଦେଲା। ପ୍ରାୟଶ୍ଚିତ୍ତ ଶବ୍ଦର ସ୍ଥୂଳ ଅର୍ଥ ଏହି ଯେ ସେ ଈଶ୍ୱରଙ୍କ ସହିତ ପୁନର୍ମିଳନ ସ୍ଥାପନ କରିଦିଏ। ଖ୍ରୀଷ୍ଟାନ ଧର୍ମଶାସ୍ତ୍ର ବାଇବେଲରେ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟର ଧର୍ମଶାସ୍ତ୍ରମାନଙ୍କରେ ଲିଖିତ ଅଛି ଯେ "ପବିତ୍ରଚିତ୍ତ ବ୍ୟକ୍ତିମାନେ ଧନ୍ୟ, ଯେହେତୁ ସେମାନେ ଈଶ୍ୱରଙ୍କର ଦର୍ଶନଲାଭ କରିବେ,—ଈଶ୍ୱରଙ୍କ ସହିତ ମିଳିତ ହେବେ।" କଥା ପ୍ରକୃତ, ଚିତ୍ତଶୁଦ୍ଧି ନ ହେଲେ ଈଶ୍ୱର ଦର୍ଶନ—ଈଶ୍ୱରଲାଭ ଅସମ୍ଭବ, ସମସ୍ତ ଦେଶର ସକଳ ସମ୍ପ୍ରଦାୟର ଧାର୍ମିକମାନେ ଏକଥା ଏକବାକ୍ୟରେ ସ୍ୱୀକାର କରନ୍ତି। ସୁତରାଂ ପ୍ରାୟଶ୍ଚିତ୍ତର କାର୍ଯ୍ୟକାରିତା ବିଷୟରେ ସନ୍ଦେହ କରିବାର କିଛିମାତ୍ର କାରଣ ନାହିଁ। ବର୍ତ୍ତମାନ ଜିଜ୍ଞାସ୍ୟ, ପାପର ପ୍ରକୃତ ପ୍ରାୟଶ୍ଚିତ କଅଣ?

"ପାପର ପ୍ରକୃତ ପ୍ରାୟଶ୍ଚିତ କଅଣ" ଏହା ନୂତନ ପ୍ରଶ୍ନ ନୁହେ। ସକଳ ଦେଶର, ସକଳ ସମୟର ଏବଂ ସକଳ ସମ୍ପ୍ରଦାୟର ମୁମୁକ୍ଷୁମାନେ ପ୍ରଶ୍ନ କରିଅଛନ୍ତି—କରିଅଛନ୍ତି,—"ପାପମୁକ୍ତ ହେବାର ପ୍ରକୃତ ଉପାୟ କଣ? ପ୍ରକୃତ ପ୍ରାୟଶ୍ଚିତ କଣ?"। ଏହାର ସଦୁତ୍ତର ଲାଭ ନିମନ୍ତେ ସମସ୍ତେ ବ୍ୟାକୁଳ, ପାପବୋଧ ଯାହାର ଯେତେ ପ୍ରବଳ, ଉତ୍ତରଲାଭର ବ୍ୟାକୁଳତା ତାହାର ସେତେ ବେଶି। ଆମ୍ଭେମାନେ ପାପର କୀଟ, ଆମ୍ଭମାନଙ୍କର ପାପବୋଧ ନାହିଁ କହିଲେ ଚଳେ, ତଥାପି ଆମ୍ଭମାନଙ୍କ ପାପକଳୁଷିତ ମନରେ ସମୟ ସମୟରେ ସେହି ପ୍ରଶ୍ନର ଉଦୟ ହୋଇଥାଏ ଏବଂ ସମଧର୍ମୀମାନଙ୍କ ଅନ୍ୟାନ୍ୟଙ୍କ ମୁଖରୁ ସେହି ପ୍ରକାରର ପ୍ରଶ୍ନ ଶୁଣିବାକୁ ପାଉଁ। ସୁତରାଂ ଏହି ସର୍ବଜନୀନ ପ୍ରଶ୍ନର ସଦୁତ୍ତର ଲାଭ ନିମନ୍ତେ କିଞ୍ଚିତ ଆଲୋଚନା, ଅନୁସନ୍ଧାନ କରି ଦେଖିବା ଅଯୌକ୍ତିକ ନୁହେ, ବରଂ ତାହା ମାନବର ଅବଶ୍ୟ କର୍ତ୍ତବ୍ୟ।

ପ୍ରାୟ ସକଳ ସମ୍ପ୍ରଦାୟର ଲୋକମାନଙ୍କ ମତରେ ପାପପୁଣ୍ୟର ଦଣ୍ଡ ଓ ପୁରସ୍କାର ଭୋଗ କରିବା ନିମନ୍ତେ ସ୍ୱର୍ଗ ଓ ନରକ ନାମକ ବିଶେଷ ନିର୍ଦ୍ଦିଷ୍ଟ ସ୍ଥାନ ଅଛି। ସୁତରାଂ ସେମାନଙ୍କ ମତାନୁସାରେ ଯେ ପୁଣ୍ୟ କାର୍ଯ୍ୟ କଲା ସେ ସ୍ୱର୍ଗରେ ବାସକରି ଅନନ୍ତ ସୁଖ ଭୋଗ କରିବ, ଯେ ପାପକାର୍ଯ୍ୟ କଲା ସେ ନରକରେ ବାସ କରି ଅନନ୍ତ ଯନ୍ତ୍ରଣା ଭୋଗ କରିବ। ଲୋକମାନଙ୍କର ସ୍ୱର୍ଗ-ନରକ-ସଂକ୍ରାନ୍ତ ଏହି ବିଶ୍ୱାସ କେତେଦୂର ସତ୍ୟପୂର୍ଣ୍ଣ—ଅଭ୍ରାନ୍ତ, ବର୍ତ୍ତମାନ ଆଲୋଚନା କରିବାର ପ୍ରୟୋଜନ ନାହିଁ। ସେମାନଙ୍କର ଉଲ୍ଲିଖିତ ବିଶ୍ୱାସ ଅଭ୍ରାନ୍ତ ବୋଲି ସ୍ୱୀକାର କଲେ ସୁଦ୍ଧା ମୁମୁକ୍ଷୁମାନଙ୍କର ଉପରୋକ୍ତ ପ୍ରଶ୍ନ ଅଗ୍ରାହ୍ୟ କରି ଯାଇ ନ ପାରେ। ଯେଉଁମାନେ ପାପ କଲେ—ଅଥଚ ପାପମୁକ୍ତ ହେବାର ଚେଷ୍ଟା କଲେ ନାହିଁ, ସେମାନେ ନରକରେ ନିପତିତ ହେବେ, ହେଉନ୍ତୁ, କିନ୍ତୁ ଯେଉଁମାନେ କଳୁଷିତଚିତ୍ତକୁ ପବିତ୍ର କରିବା ନିମନ୍ତେ,—ନିର୍ମଳାତ୍ମା ହେବା ନିମନ୍ତେ,—ପାପର ପ୍ରକୃତ ପ୍ରାୟଶ୍ଚିତ,

Digitized by srujanika@gmail.com

କରିବା ସକାଶେ ଆକାଙ୍କ୍ଷିତ, ସେମାନଙ୍କର ଆକାଙ୍କ୍ଷା ଅବଶ୍ୟ ପୂର୍ଣ୍ଣ ହେବ । ପୂର୍ଣ୍ଣ ହେବ । ବୋଲି ପ୍ରଶ୍ନ କରୁଅଛୁଁ ଏହି ଆକାଙ୍କ୍ଷା ପୂର୍ତ୍ତିର ଉପାୟ କଅଣ ?

କେହି କେହି କହିପାରନ୍ତି "ପାପକାର୍ଯ୍ୟ କଲେ ତନ୍ନିମିତ୍ତ ଗୁରୁତର ଶାସ୍ତି ଅବଶ୍ୟ ଭୋଗ କରିବାକୁ ହେବ । ଏତଦ୍ ବ୍ୟତୀତ ପାପମୁକ୍ତ ହେବାର କିଛିମାତ୍ର ଉପାୟ ନାହିଁ ।" କିନ୍ତୁ ସେମାନଙ୍କର ଏ କଥାରେ ଆମ୍ଭମାନଙ୍କର ମନ ମାନିବ ନାହିଁ । ସ୍ୱୀକାର କଲୁଁ ପାପ କଲେ ଗୁରୁତର ଶାସ୍ତି ଭୋଗ କରିବାକୁ ହେବ, ନରକରେ ନିପତିତ ହେବାକୁ ହେବ, କିନ୍ତୁ

"ଦଣ୍ଡିବା ଶକ୍ତି ଯାର ଥାଇ,
ସେ ପୁଣି କ୍ଷମା ଆଚରଇ ।"

ଏହି ନୀତିବାକ୍ୟ ଅସ୍ୱୀକାର କରିପାରିବୁଁ ନାହିଁ । ଇହଲୋକରେ ମାନବମାନେ ଦୂଷ୍ୟକାର୍ଯ୍ୟ କରି ସ୍ୱାର୍ଥାନ୍ଧ ମାନବ ନିକଟରେ କ୍ଷମାଲାଭ କରୁଥିବା ସ୍ଥଳେ, ପାପୀ ଦୟାମୟ ପରମପିତାଙ୍କ ନିକଟରେ ପ୍ରାର୍ଥୀ ହୋଇ କ୍ଷମାଲାଭ କରି ପାରିବ ନାହିଁ—ପାପମୁକ୍ତ ହୋଇ ପାରିବ ନାହିଁ ଏହା ନିତାନ୍ତ ଅଯୌକ୍ତିକ ଓ ଅଶ୍ରଦ୍ଧେୟ କଥା । ଯଦ୍ୟପି ସେମାନଙ୍କର କଥା ଯଥାର୍ଥରୂପେ ଗ୍ରହଣ କରାଯାଏ ତେବେ ସ୍ୱୀକାର କରିବାକୁ ହେବ ଈଶ୍ୱରଙ୍କର 'ପତିତପାବନ' ନାମଧାରଣ ନିରର୍ଥକ, କିନ୍ତୁ ଆମ୍ଭେମାନେ ପ୍ରକୃତିରାଜ୍ୟରେ କ୍ଷମାର ଶତସହସ୍ର ଦୃଷ୍ଟାନ୍ତ ଦର୍ଶନ କରୁଥିବା ସ୍ଥଳେ ସେମାନଙ୍କ ସହିତ ଏକମତ ହୋଇ ନ ପାରୁଁ । ପାପର ଶାସ୍ତିଭୋଗ ବ୍ୟତୀତ * ପାପମୁକ୍ତିର ଯେ କିଛି ପ୍ରକୃଷ୍ଟ ଉପାୟ ଅଛି ଏ ବିଷୟରେ ଆମ୍ଭମାନଙ୍କର କିଞ୍ଚିନ୍ମାତ୍ର ସନ୍ଦେହ ନାହିଁ । ତେବେ ସେ ଉପାୟ କଅଣ ? ସେ ଉପାୟ ଆଉ କିଛି ନୁହେଁ,—ପାପର ଏକମାତ୍ର ପ୍ରକୃତ ପ୍ରାୟଶ୍ଚିତ୍ତ ଅନୁତାପ । ଏହା ଆମ୍ଭମାନଙ୍କର ମନଗଢ଼ା କଥା ନୁହେଁ, ମହର୍ଷି ମନୁ କହି ଯାଇଅଛନ୍ତି,—

"କୃତ୍ୱା ପାପଂହି ସନ୍ତପ୍ୟ ତସ୍ମାତ୍ ପାପାତ୍ ପ୍ରମୁଚ୍ୟତେ ।
ନୈବଂ କୁର୍ଯ୍ୟାଂ ପୁନରିତି ନିବୃତ୍ତ୍ୟା ପୂୟତେ ତୁ ସଃ ।"

ଏହାର ଅର୍ଥ ଏହି ଯେ "ପାପ କରି ତନ୍ନିମିତ୍ତ ସନ୍ତାପ କଲେ ସେହି ପାପରୁ ସେ ମୁକ୍ତ ହୁଏ । ଏପରି କର୍ମ ଆଉ କରିବି ନାହିଁ ଏହି ପ୍ରତିଜ୍ଞା କରି ତହିଁରୁ ନିବୃତ୍ତ ହେଲେ ସେ ପବିତ୍ର ହୁଏ ।" ଆମ୍ଭମାନଙ୍କ ବିବେଚନାରେ ମହର୍ଷି ମନୁଙ୍କର ଏହି ପ୍ରାୟଶ୍ଚିତ୍ତ ଅବସ୍ଥା ଅତୀବ ସତ୍ୟପୂର୍ଣ୍ଣ, ଏବଂ ସକଳଦେଶୀୟ

---

* ପାପର ଦଣ୍ଡଭୋଗ ବ୍ୟତୀତ ମନୁଷ୍ୟ ପାପମୁକ୍ତ ହେବ, ଏହା ଯଥାର୍ଥ କଥା ନୁହେ । ଛୋଟ ବଡ ପ୍ରତ୍ୟେକ ପାପର ଦଣ୍ଡ ମନୁଷ୍ୟକୁ ଇହକାଳରେ ହେଉ ବା ପରକାଳରେ ହେଉ ଅବଶ୍ୟ ଭୋଗ କରିବାକୁ ହେବ । ପ୍ରାୟଶ୍ଚିତ୍ତ ପାପର ଦଣ୍ଡ ଛଡ଼ା ଆଉ କିଛି ନୁହେ । ପାପୀ ଈଶ୍ୱରବିଚ୍ୟୁତ ହୋଇ ମୋହମୁକ୍ତ ଯେଉଁ ଅଶେଷ ଯନ୍ତ୍ରଣା ଭୋଗ କରେ ତାହା ମଧ୍ୟ ପାପର ଦଣ୍ଡ । ମାତ୍ର ପାପବୋଧ ଜନ୍ମିଲେ ସଜ୍ଞାନରେ ମାନବ ଯେଉଁ ଦଣ୍ଡ ଗ୍ରହଣ କରେ ତାହାହିଁ ପ୍ରାୟଶ୍ଚିତ୍ତ । ଲେଖକ ମହାଶୟ ଏହି ପ୍ରବନ୍ଧରେ ପ୍ରାୟଶ୍ଚିତ୍ତ ସମ୍ବନ୍ଧରେ ଯେଉଁ ମତ ପ୍ରତିପାଦନ କରିବାକୁ ଚେଷ୍ଟା କରିଅଛନ୍ତି ସେଥିରେ ଆମ୍ଭମାନଙ୍କର ମତଭେଦ ନାହିଁ । ଏହି ପ୍ରାୟଶ୍ଚିତ୍ତ ମନୁଷ୍ୟର ଇଚ୍ଛା ଅନିଚ୍ଛା ଉପରେ ନିର୍ଭର କରେ ନାହିଁ—ସମସ୍ତଙ୍କୁ ଏହାର ଭିତର ଦେଇ ମୁକ୍ତିରାଜ୍ୟକୁ ଯିବାକୁ ହେବ । ଜୀବନରେ ପାପର ମାତ୍ରା ଯେତେ ଅଧିକ ହେବ, ପ୍ରାୟଶ୍ଚିତ୍ତରେ ମାତ୍ରା—ଦଣ୍ଡର ମାତ୍ର—ସେତେ କଠିନ ହେବ । ସୁତରାଂ ବେଳହୁଁ ସାବଧାନ ହୋଇ ପ୍ରାଣରେ ପ୍ରବଳ ପାପବୋଧ ଜାଗ୍ରତ ରଖିବାକୁ ଚେଷ୍ଟା କରିବା ବୁଦ୍ଧିମାନର କାର୍ଯ୍ୟ । ଦୁର୍ବଳ ମାନବ ପକ୍ଷରେ ପାପ ଅନିବାର୍ଯ୍ୟ । ମାତ୍ର ପାପ ସଙ୍ଗେ ସଙ୍ଗେ ପ୍ରାୟଶ୍ଚିତ୍ତ ଆରମ୍ଭ ହେଲେ ଏହା ସ୍ୱର୍ଗରାଜ୍ୟର ସୋପାନ ହୁଏ । ସୁତରାଂ ପ୍ରାୟଶ୍ଚିତ୍ତର ଅର୍ଥ ଇଚ୍ଛାମୂଳକ ପାପର ଶାସ୍ତି ଗ୍ରହଣ କରିବା । ଉ. ସା. ସଂ. ।

Digitized by srujanika@gmail.com

ସକଳ ସମ୍ପ୍ରଦାୟର ମୁମୁକ୍ଷୁମାନଙ୍କ ମୁକ୍ତିଲାଭ ପକ୍ଷରେ ଅବ୍ୟର୍ଥ ମହୌଷଧ ସ୍ୱରୂପ ।

"ପାପର ପ୍ରକୃତ ପ୍ରାୟଶ୍ଚିତ୍ତ ଅନୁତାପ" । ଅନେକେ ଏହି ସିଦ୍ଧାନ୍ତ ଅସ୍ୱୀକାର କରନ୍ତି । ସେମାନେ କହନ୍ତି "ଅନୁତାପ ଯେବେ ପାପ-ମୁକ୍ତିର ଉପାୟ, ତେବେ ଆମ୍ଭମାନଙ୍କର ପାପକାର୍ଯ୍ୟରୁ ବିରତ ହେବାର ପ୍ରୟୋଜନ ନାହିଁ । ପାପାଚରଣ ପରେ ଥରେ ଥରେ ଅନୁତାପ କଲେ ହେଲା ।" ଯେଉଁମାନେ ଅନୁତାପକୁ ସହଜବୋଧ କରନ୍ତି ସେମାନଙ୍କ ନିକଟରେ ଉପରୋକ୍ତ ଆପତ୍ତି ଯୁକ୍ତିଯୁକ୍ତ ଏବଂ ସାରବାନ୍ ବିବେଚିତ ହୋଇପାରେ, କିନ୍ତୁ ଯେଉଁମାନେ ଅନୁତାପକୁ ଚିହ୍ନି ଅଛନ୍ତି, ତହିଁର ଭୀଷଣତା, ତୀବ୍ରତା ଉପଲବ୍ଧି କରିଅଛନ୍ତି, ସେମାନଙ୍କ ନିକଟରେ ଉପରୋକ୍ତ ଆପତ୍ତିର ମୂଲ୍ୟ ଏକ କଉଡ଼ାରୁ ନ୍ୟୂନ । ସେପରି ବ୍ୟକ୍ତିଙ୍କ ନିକଟରେ ସେହି ଆପତ୍ତି ଯେ ନିତାନ୍ତ ଅସାର ବିବେଚିତ ହେବ ଏହା କହିବା ବାହୁଲ୍ୟ ମାତ୍ର । ବାସ୍ତବରେ ଅନୁତାପର ପ୍ରଭାବ ସାମାନ୍ୟ ନୁହେଁ, ଅନୁତାପ-ଜନିତ ଯନ୍ତ୍ରଣା ସହସ୍ର ବୃଶ୍ଚିକ ଦଂଶନ-ଜନିତ ଯନ୍ତ୍ରଣାରୁ ବଳି ଭୟଙ୍କର । ମହାତ୍ମା-ମାନଙ୍କର ଜୀବନପ୍ରତି ଦୃଷ୍ଟି ନିକ୍ଷେପ କଲେ ଏଥିର ସତ୍ୟତା ସମ୍ବନ୍ଧରେ ଶତ ସହସ୍ର ଦୃଷ୍ଟାନ୍ତ ମିଳିପାରିବ । ଯେ ଲୋକ ଥରେ ସେହି ଅବ୍ୟକ୍ତ ଯନ୍ତ୍ରଣା ଭୋଗ କରିଅଛି, ତାର ପାପପ୍ରବୃତ୍ତିର ପୁନରୁଦ୍ରେକ ହେବା ନିତାନ୍ତ ଅସମ୍ଭବ କଥା ।

ବର୍ତ୍ତମାନ କେହି କେହି କହିପାରନ୍ତି, "ଯେବେ ପାପର ପ୍ରକୃତ ପ୍ରାୟଶ୍ଚିତ୍ତ ଅନୁତାପ, ଏବଂ ଅନୁତାପର ଯନ୍ତ୍ରଣା ଅତି ଭୟାନକ, ପୁଣି ସେହି ଯନ୍ତ୍ରଣା ଚିରସ୍ଥାୟୀ, ତେବେ ତାଦୃଶ ପ୍ରାୟଶ୍ଚିତ୍ତର ପ୍ରୟୋଜନ ନାହିଁ । 'ନରକ' ନାମକ ଦୁଃଖ ଭୋଗର ସ୍ଥାନ ବିଶେଷ ଅଛି କି ନା ତହିଁର ସ୍ଥିରତା ନାହିଁ, ଥିଲେ ପାପର ଦଣ୍ଡ ଭୋଗ କରିବୁଁ, ନ ଥିଲେ ନିଷ୍କୃତି ଲାଭ କରିବୁଁ, କିନ୍ତୁ ଆପାତତଃ ଅନିଶ୍ଚିତ ନରକଯନ୍ତ୍ରଣାର ଭୟରେ ପାପର ପ୍ରାୟଶ୍ଚିତ୍ତ କରିବାକୁ ଯାଇ ଚିରଜୀବନ ଅନନ୍ତ ଯନ୍ତ୍ରଣା ଭୋଗ କରିବା କେବେହେଁ ଉଚିତ ନୁହେଁ ।" ଯେଉଁମାନେ ଅନୁତାପଜନିତ ଭୀଷଣ ଯନ୍ତ୍ରଣା ଭୟରେ କାତର ହୋଇ ମୂର୍ଖଙ୍କ ପରି ଅସାର ଆପତ୍ତି ଉତ୍ଥାପନ କରନ୍ତି ସେମାନଙ୍କର ସ୍ଥିର ଭାବରେ ବିବେଚନା କରିବା ଉଚିତ ଯେ ମାନବ ଜୀବନର ଉଦ୍ଦେଶ୍ୟ କି ? ଏକମାତ୍ର ଉଦ୍ଦେଶ୍ୟ, ପରମ-ପିତାଙ୍କର ଆଜ୍ଞା ପାଳନ,—ତାଙ୍କର ପ୍ରିୟକାର୍ଯ୍ୟ ସାଧନ । ଉପକାରୀ ବ୍ୟକ୍ତି ନିକଟରେ କୃତଜ୍ଞ ରହିବା ଯେ ଉଚିତ୍ ଏହା ସର୍ବବାଦିସମ୍ମତ ସତ୍ୟ କଥା । ଏଥିରେ ଅନ୍ୟଥାଚରଣ କଲେ ମାନବ କୃତଘ୍ନତା ଦୋଷରେ ଲିପ୍ତ ହୁଏ । ଯେଉଁ ପରମପିତା ସଯତ୍ନରେ ଆମ୍ଭମାନଙ୍କୁ ରକ୍ଷା କରୁ-ଅଛନ୍ତି, ଯେ ଆମ୍ଭମାନଙ୍କର ପୀଡ଼ା ନିବାରଣ ନିମନ୍ତେ ଔଷଧ, ତୃଷା ନିବାରଣ ନିମନ୍ତେ ଜଳ, ଶୀତ ନିବାରଣ ନିମନ୍ତେ ଉତ୍ତାପ, କ୍ଷୁଧା ନିବାରଣ ନିମନ୍ତେ ଅନ୍ନ ସୃଷ୍ଟି କରିଅଛନ୍ତି, ତାଙ୍କ ନିକଟରେ ଅକୃତଜ୍ଞ ହେବା, ତାଙ୍କର ଅପ୍ରିୟ କାର୍ଯ୍ୟ କରିବା କି ଆମ୍ଭମାନଙ୍କର ଉଚିତ କାର୍ଯ୍ୟ ? କଦାପି ନୁହେଁ । କିନ୍ତୁ ଆମ୍ଭେମାନେ ବିବେକକୁ ସ୍ୱାର୍ଥ ନିକଟରେ ବଳି ଦେଇ ଆପାତ ମଧୁର ବିଷୟାନୁରାଗରେ ମୁଗ୍ଧ ହୋଇ ପରମ ପିତାଙ୍କ ପ୍ରତି ଅବଜ୍ଞା ପ୍ରଦର୍ଶନ କରି କର୍ତ୍ତବ୍ୟଭ୍ରଷ୍ଟ ହେଉଅଛୁଁ । ଅହୋ ! ଆମ୍ଭେମାନେ କି ବିଷମ ଭ୍ରମରେ ପତିତ ହୋଇଅଛୁଁ । ଆମ୍ଭେମାନେ ଯେବେ ପାପପ୍ରତି ଘୃଣା ପ୍ରଦର୍ଶନ ନ କରୁଁ—ପାପମୁକ୍ତ ହେବାର ଚେଷ୍ଟା ନ କରୁଁ, ତେବେ ଆମ୍ଭମାନଙ୍କର ଜୀବନଧାରଣ ବୃଥା । ଆମ୍ଭେମାନେ ପାପର ପ୍ରଲୋଭନରେ ମୁଗ୍ଧ ହୋଇ ଯାହାକୁ ପ୍ରକୃତ ସୁଖ ମନେ କରିଅଛୁଁ ତାହା ପ୍ରକୃତ ସୁଖ ନୁହେଁ । ପ୍ରକୃତ ସୁଖର ଦ୍ୱାର ପାପୀମାନଙ୍କ ସକାଶେ ଚିର ରୁଦ୍ଧ । ପ୍ରକୃତ ସୁଖଲାଭ ସକାଶେ, ପଶୁଭି



Digitized by srujanika@gmail.com

ପରିବର୍ତ୍ତେ ଦେବତ୍ୱ ଲାଭ ସକାଶେ, ଉପକାରୀ ନିକଟରେ କୃତଜ୍ଞ ହେବା ଅବଶ୍ୟ କର୍ତ୍ତବ୍ୟ ଥିବା ଜ୍ଞାନରେ ପାପ ପଥ ପରିତ୍ୟାଗ କରି ପୁଣ୍ୟ ମାର୍ଗରେ ଅଗ୍ରସର ହେବା ପ୍ରତ୍ୟେକ ବ୍ୟକ୍ତିର ଏକାନ୍ତ କର୍ତ୍ତବ୍ୟ । କିନ୍ତୁ ପାପର ଭୀଷଣତା ଉପଲବ୍ଧି କରି ନ ପାରିଲେ ପୁଣ୍ୟମାର୍ଗରେ ଅଗ୍ରସର ହେବାର ଅନ୍ୟ ଉପାୟ ନାହିଁ । କିନ୍ତୁ ପାପର ଭୀଷଣତା ଉପଲବ୍ଧି ସକାଶେ ପାପପ୍ରତି ଘୃଣା ଉଦ୍ରେକ କରିବାର୍ଥ ଏବଂ ପାପବୋଧର ପ୍ରବଳତା ନିମନ୍ତେ ଆମ୍ଭମାନଙ୍କୁ ଆତ୍ମଦୋଷଦର୍ଶୀ ହେବାକୁ ହେବ—ଅତୀତ ପାପରାଶି ସ୍ମରଣ କରି ଚିରନିମିତ୍ତ ଅନୁତପ୍ତ ହେବାକୁ ହେବ । ଏ କଥା ସତ୍ୟ ଯେ ପାପବୋଧର ପ୍ରବଳତା ସଙ୍ଗେ ସଙ୍ଗେ ଅନୁତାପର ତୀବ୍ରତା ବୃଦ୍ଧି ଲାଭ କରିବ । ଏହା ବୋଲି ପ୍ରାୟଶ୍ଚିତ୍ତରୁ କ୍ଷାନ୍ତ ହେବା ଉଚିତ ନୁହେଁ । ପୂର୍ବ ପାପ ସ୍ମରଣ କଲେ ଚିରନିମିତ୍ତ ସନ୍ତପ୍ତ ହେଲେ କେବଳ କଷ୍ଟ ଭୋଗ ହେବ, କିଛି ମାତ୍ର ଆନନ୍ଦ ଲାଭ ହେବ ନାହିଁ ଏହା ଭ୍ରମ ବିଶ୍ୱାସ । ପାପ ସ୍ମରଣ କଲେ ଯେପରି ଅନିର୍ବଚନୀୟ କଷ୍ଟ ହୁଏ, ପାପକୁ ଚିହ୍ନିପାରି ତହିଁରୁ ବିରତ ହୋଇଥିବାର ସ୍ମରଣ କଲେ ତତୋଽଧିକ ଆନନ୍ଦ ଲାଭ ହୁଏ । ପରିଶେଷରେ ସେହି ଆନନ୍ଦ କଷ୍ଟକୁ ବିନାଶ କରି ସ୍ୱୟଂ କ୍ରମଶଃ ଉନ୍ନତ, ବର୍ଦ୍ଧିତ ଏବଂ ଦମୀଭୂତ ହୁଏ । ତେତେବେଳେ ମାନବାତ୍ମା ଦୁଃଖ କ୍ଳେଶର ଅସ୍ତିତ୍ୱ ବିସ୍ମୃତ ହୋଇ ଆନନ୍ଦସାଗରରେ ମଗ୍ନ ହୁଏ । ଅତଏବ ଅନୁତାପଜନିତ କଷ୍ଟ ଭୟରେ ଅମୃତୋପମ ଆନନ୍ଦଭୋଗରୁ ବଞ୍ଚିତ ହେବା ବିଧେୟ ନୁହେଁ ।

ଉପସଂହାରରେ ନିବେଦନ କରୁଅଛି ଯେ ଯେଉଁମାନେ ମାନବ ଜୀବନ ସଫଳ କରିବା, ଦେବଦୁର୍ଲ୍ଲଭ ଅଖଣ୍ଡ ଆନନ୍ଦ ଉପଭୋଗ କରିବାର ଇଚ୍ଛା କରନ୍ତି ସେମାନେ ପରର ଗୁଣ, ନିଜର ଦୋଷ ଅନ୍ୱେଷଣ କାର୍ଯ୍ୟରେ ଦତ୍ତମନା ହେଉନ୍ତୁ,--ନିଜ ନିଜର ଅନୁଷ୍ଠିତ ଅତୀତ ପାପରାଶି ସ୍ମରଣ କରି ଲଜ୍ଜିତ ଏବଂ ଅନୁତପ୍ତ ହେଉନ୍ତୁ, ପାପକୁ ଭୀଷଣ ବିଷଧର ପରି ଜ୍ଞାନ କରି ପାପାଚରଣରୁ ନିବୃତ୍ତ ହେଉନ୍ତୁ, ତାହାହେଲେ ସେମାନେ ପ୍ରକୃତ ସୁଖ ଶାନ୍ତି ଲାଭ କରି ପରିଶେଷରେ ପରମପିତାଙ୍କ ଅମୃତମୟ କ୍ରୋଡ଼ରେ ଆଶ୍ରୟ ଲାଭ କରିପାରିବେ ।

ଶ୍ରୀ ନୀଳମଣି ଶର୍ମା

---

## ଆମୋଦ ।

ବାମକେଶୀ ବୃତ୍ତ

ସୀତା କର ଧରି ଶ୍ରୀରାମ
ରମ୍ୟ ମଧୁ ସମୟେ,
ଗୋଦାବରୀକୂଳେ ବୁଲନ୍ତି
ପ୍ରେମପୂର୍ଣ୍ଣ ହୃଦୟେ ।
କର୍ପୂର ଧବଳ ପୁଲିନେ
କେଳିତବେଳେ ଆନନ୍ଦେ,
ଦେଖନ୍ତି ତରଙ୍ଗ ନର୍ତ୍ତନ
ଚାଲି ମନ୍ଥର ପଦେ ।
ମଧୁର ବଚନେ ବୋଲନ୍ତି
ରାମ ନମନେ ନମ୍ର କରି,

ଜାଙ୍ଗଲ ସରିତ ମଧ୍ୟର
ଦୃଶ୍ୟ ଦେଖ ସୁନ୍ଦରୀ !
ହେମପ୍ରଭ ଭାନୁ କିରଣ
ଯୋଗେ ହୋଇ ଦୀପିତ,
ଗୋଦାବରୀ ସ୍ୱଚ୍ଛ ତରଙ୍ଗ-
ଚୟ ହରନ୍ତି ଚିତ୍ତ ।
ସଫରୀ ନର୍ତ୍ତନେ ଉତ୍ଥିତ
ଜଳ ବିନ୍ଦୁନିକର,
ତରଙ୍ଗିଣୀ ଉର ମଣ୍ଡନେ
ଅହା କି ମନୋହର ।

Digitized by srujanika@gmail.com

ବଧୂ ସଙ୍ଗୀ ରାଜହଂସର
ମଧୁମୟ କୂଜନ,
କରୁଅଛି ଶ୍ରୁତିବିବରରେ
ସୁଧାଧାର ପତନ ।
ପୂର୍ଣ୍ଣୋଦର ହୋଇ ପୁଳିନେ
ବକଗଣ ସମ୍ମୁଖେ,
ଉଡ଼ିଯିବାପାଇଁ ପ୍ରମୋଦେ
ରହିଛନ୍ତି ଉନ୍ମୁଖେ ।
ପ୍ରଦୋଷ ସମୀର କାନନ-
ଫୁଲ ସୁବାସ ବହି,
ପ୍ରମୋଦିତ କରେ ହୃଦୟ
ମୃଦୁ ହିଲ୍ଲୋଳେ ବହି ।
ସୁସ୍ନିଗ୍ଧ ଶ୍ୟାମଳ କାନନ
ବେଣୁ କୁଞ୍ଜେ ସୁନ୍ଦର,
ଗୋଟିଏ ଗୋଟିଏ ଯହିଁରେ
ସ୍ୱର୍ଣ୍ଣବର୍ଣ୍ଣ ପତର ।
ଅନୁକରି ଚୋର ପ୍ରବାଳ-
ଜିତ ଅଧର ଛବି,
ପ୍ରବାଳ ସୁନ୍ଦର ପଲ୍ଲବେ
ଦେଖି ହସେ ଅଟବୀ ।
ଶାଳ୍ମଳୀ ପାଦପ ମେଲିଛି
ରଙ୍ଗ ଫୁଲ ପସରା,
ବନଦେବୀ ଶିରଭୂଷଣ
ପଦ୍ମରାଗ ସେ ପରା ।
କିଂଶୁକ କୁସୁମେ ଲୋହିତ
ଯାହା କାନନ ମୁଣ୍ଡ,
ବସନ୍ତ ସମ୍ରାଟ ଦେଇଛି
ତାହା ଅମ୍ବର ଗୁଣ୍ଡ ।
ସେ ଅମ୍ବର ଖଣ୍ଡ ମଣ୍ଡିଛି
ତଳେ ଗୁଞ୍ଜାଙ୍କ ଚୂଳ
ସିନ୍ଦୂରାଭ ଯାହା ଦିଶୁଛି
ନବ ଧାତକୀ ଫୁଲ ।
ବନତଳ ଭୂମେ ପତିତ
ଘନେ ଶୁଷ୍କ ପତର,
ଚମୂରୁ-ଚରଣେ-ଘର୍ଷଣେ
ହେଉଅଛି ମୁଖର ।

ପ୍ରିୟବଧୂ ସଙ୍ଗେ କପୋତ
ଗାଉଅଛି ସଙ୍ଗୀତ,
ଥରେ ଥରେ ପିକ ମିଳାଏ
ତହିଁ ମଧୁର ଗୀତ ।
ବନଯାକ ବୁଲି ବିହଙ୍ଗ-
ଗଣ ଅନେକ ଦିକେ,
ବସିଛନ୍ତି ଏବେ ଯେ ଯାହା
ନୀଡ଼ ପାଦପ ଶିଖେ ।
କରୁଛନ୍ତି ମଧୁ କାକଳି
ଶୁଦ୍ଧ ଆନନ୍ଦେ ବୁଡ଼ି,
ଥରେ ଥରେ ପୁଣି କି ରଙ୍ଗେ
ଊର୍ଦ୍ଧ୍ୱେ ଦିଅନ୍ତି ଉଡ଼ି ।
ମୁଗ୍ଧ ମୃଗବଧୂ ଯାଉଛି
ଡେଇଁ ଡେଇଁ କି ସୁଖେ,
ପ୍ରିୟପତି ସଙ୍ଗେ ସ୍ୱଦଳେ
ନିଜ ବସାଭିମୁଖେ ।
କ୍ଷଣେ କେହି ଘୁଞ୍ଚୁ ନାହାନ୍ତି
ସଙ୍ଗ ପ୍ରିୟ ବଧୂର,
ଆହା ଜଗତରେ ଦମ୍ପତି-
ପ୍ରେମ କେଡ଼େ ମଧୁର ।
ମଧୁର ଗୋଧୂଳି କି ସୁଖ-
ପ୍ରଦ ଜୀବଗଣର,
ସୁଖୀ ମଧ୍ୟେ ଶ୍ରେଷ୍ଠ ଏ ସୁଖ-
ମର୍ମ ବୁଝେ ଯେ ନର ।
ପ୍ରଫୁଲ୍ଲ ପ୍ରସୂନେ ମଣ୍ଡିତ
ତଟ ବ୍ରତତୀପନ୍ତି,
ପୁଳିନକୁ ଶ୍ୟାମ କୋମଳ
କର ବଢ଼ାଇଛନ୍ତି ।
ଦେଉ'ଛନ୍ତି ପରା ଆମ୍ଭଙ୍କୁ
ଫୁଲ ଉପଢୌକନ,
ଉପହାର ଘେନ ତୋଷିବା
ଭୁଲ ତାହାଙ୍କ ମନ ।
ତା ଶୁଣି ଜନକଦୁହିତା
ହୋଇ ସ୍ମିତବଦନା,

Digitized by srujanika@gmail.com

କାନନ କୁସୁମ ଚୟନେ
ହେଲେ ଜନସ୍ତ୍ରୁ କମନା ।
ତଟତଳ ଶୁଭ୍ର ସୈକତେ
ବୁଲି ବୁଲି ଦମ୍ପତି,
ତୋଳିଲେ ବିବିଧ କୁସୁମ
ହୋଇ ହରଷମତି ।
ସେକାଳେ ଜାନକୀ ମାଧୁରୀ
ଆହା! କି ମନୋହର,
ସେ ଶୋଭା ଭାବନା କବିର
ହୃଦ-ପଦ୍ମ-କର ।
"କହନା ତୋ ବାକ୍ୟ ହେବଟି
ଉଷା ମୋର ମହତ୍ତ୍ୱ,"
ବୋଲି କବି ମୁଖେ ମୋ ଶୋଭା
ବଳେ ଦେଉଛି ହସ୍ତ ।
ନିଜ ଦୁଷ୍ଟପଣେ ପ୍ରକାଶ
କରେ ଅଧମ କବି,
ମୂକର ସଙ୍କେତ ପ୍ରକାରେ
ସେହି ଅଚିନ୍ତ୍ୟ ଛବି । (୧)
ଧବଳ ସୈକତେ ବୁଲନ୍ତି
ସୀତା ହରଷମନେ,
ସୌଦାମିନୀ କି ସେ ଖେଳଇ
ଶୁଭ୍ର ଶାରଦ ଘନେ ।
ତୁଷାରମଣ୍ଡିତ ହିମାଦ୍ରି
ଶୁଭ୍ର ଶିଖରେ ଅବା,
ଖେଳଇ ସୁବର୍ଣ୍ଣ ବରନ
ବାଳ-ଅରୁଣ ପ୍ରଭା ।
ପ୍ରସୂନ ଚୟନ କରନ୍ତି
ବୃକ୍ଷେ ବଢ଼ାଇ କର,
ଚନ୍ଦ୍ରିକା ଚୁମ୍ବନ କରେ କି
ଗିରିବର ଶିଖର ।
ଏକ ବୃକ୍ଷୁ ଆନ ବୃକ୍ଷକୁ
କରୁଥାନ୍ତି ଗମନ,
କମଳା ଚଳେ କି ବିକଚ-
ପୁରୁ ଜେତା ଭବନ ।
ଆନନ୍ଦେ ବଢାନ୍ତି କୁସୁମେ
ନତ ଡାଳକୁ କର
କମଳାର ଯଥା ବିନମ୍ର-
ନତ ଜନେ ଆଦର ।
କରପଦ୍ମେ ଆସି କୁସୁମ
ମନୋହର ଦିଶଇ,
ଫୁଲ୍ଲ କୋକନଦ ଦଳେ କି
ନୀର ବିନ୍ଦୁ ଶୋଭଇ ।
ରଖୁଥାନ୍ତି ଭରି ଅଞ୍ଚଳେ
ତୋଳି ଫୁଲ ସକଳ,
ଉଷା କି ସେ ପ୍ରଭା ଗରଭେ
ଭରେ ତାରକା ଦଳ ।
ଜାନକୀର ପର୍ଣ୍ଣ ଶରଧା
ବାଛି ଏମନ୍ତ ଫୁଲ,
ବୁଲି ବୁଲି ରାମ କାନନେ
ତୋଳି କରନ୍ତି ତୂଳ ।
ଫୁଲ ତୋଳୁଁ ତୋଳୁଁ ଦମ୍ପତି
ଅସ୍ତ ହେଲେ ଭାସ୍କର,
ପ୍ରକାଶିତ ହେଲା ବିରଳେ
ଚନ୍ଦ୍ର ଶୀତଳ-କର ।
ଧବଳ କୌମୁଦୀ ସମରେ
ହୋଇ ଆସିଲା ଘନ,

(୧) ମୂକ କଥା କହି ନ ପାରି ଯେପରି ସଙ୍କେତ ଦ୍ୱାରା ମନର ଭାବ ପ୍ରକାଶ କରିଥାଏ, ସେହିପରି ଏଠାରେ କବି ଯାହା ବର୍ଣ୍ଣନା କରୁଅଛି ତାହା ପ୍ରକୃତ ଶୋଭାର ସଙ୍କେତ ତୁଲ୍ୟ ।

Digitized by srujanika@gmail.com

ପଣ୍ଡିତ ହୁଏ ବରଫ-
ରୂପେ ଯେସନେ ବନ । (୨)
ବିପିନ ମଧ୍ୟରୁ ବିଦାୟ
ନେଲେ ମଧୁର ରବ,
ଭୈରବ ରବରେ ଡାକଲେ
ନଉଦଗେ ଫେରବ । (୩)
ଲେଉଟି ଦେଖିଲେ ଜାନକୀ
କାନ୍ତ ନାହାନ୍ତି ପାଶେ,
ଚକତେ ସ୍ୱହାନ୍ତ ପୁଳନେ
ବୁଲି ଚୌଦିକେ ଖାସେ ।
ଶାରଦୀୟ ସ୍ୱଚ୍ଛ କାସାର
ଧୀର କମ୍ପିତ ଜଳେ,
ପ୍ରଭାତ ମଣ୍ଡନ ତାରକା
ପ୍ରତିବିମ୍ବ କି ହେଲେ ।
ଏ ସମୟେ ରଘୁନନ୍ଦନ
ଆସିଗଲେ ସତ୍ୱର,
କି ପ୍ରିୟେ କି ହେଲା କି ହେଲା
ବୋଲି ଧଇଲେ କର ।
ପ୍ରେମ ମୃଦୁମନ୍ଦ ଗତିରେ
ଚଳୁଁ ଯାଇ ଦମ୍ପତି,
ବାଲୁସ୍ତୂପୋପରେ ବସିଲେ
ଜଳପ୍ରବାହ କତି ।
ଫୁଲହାର ଗୁନ୍ଥି ଜାନକୀ
ନିଜ କର-କମଳେ,
ପ୍ରେମାହ୍ଲାଦେ ଦେଲେ ଲମ୍ବାଇ
ପ୍ରାଣନାଥଙ୍କ ଗଳେ ।
ନେଇ ଏକ ଫୁଲ ସ୍ତବକ
ପ୍ରେମେ ରଘୁବର,
ପ୍ରେୟସୀ ଖୋସାରେ ଦିଅନ୍ତେ
ସୀତା ଧଇ ଶ୍ରୀକର ।
ଏ କି ! ଏ କି ! ବୋଲି କଲେକ
ବାରମ୍ବାର ବାରଣ, (୪)
ବାରିତ ହୁଏ କି କୋମଳ
ପଦ୍ମବାତେ ବାରଣ ? (୫)

ଫୁଲ ଖୋସି ଦେଇ ସାଦରେ
କଲ ଗଣ୍ଡ ଚୁମ୍ବନ,
ପ୍ରେମ ଗଦଗଦେ ବୋଲନ୍ତି
ହରଷେ ରଘୁନନ୍ଦନ ।
ସଖି, ଏ ଶୀତଳ କୋମଳ
ଉଚ୍ଚ ବାଲୁକା କୂଦ,
ଅଯୋଧ୍ୟାର ତୁଙ୍ଗ ସଉଧ
ପରି ଦେଉଛି ମୁଦ ।
ଗୋଦାବରୀ ବକ୍ଷମଣ୍ଡନ
ବୀଚି-ବଲ୍ଲୀ ଦର୍ଶନେ,
ପବିତ୍ରସଲିଳା ସରଯୂ
ଆଜ ପଡ଼ଇ ମନେ ।
ପୁରବାଳାଙ୍କର ସେନେହ-
ପୂର୍ଣ୍ଣ ନୟନଭଙ୍ଗୀ,
ମନେ ପଡ଼େ ଦେଖି ଚଞ୍ଚଳ-
ନେତ୍ରା ନବକୁରଙ୍ଗୀ ।
ଯେତେବେଳେ ପ୍ରିୟେ, ମିଥିଳା
ଗଲି ତୋ ଲଭ ଆଶେ,
ପୁରକାମିନୀଏ ଦେଖିଲେ
ମୋତେ ଥାଇ ଚୌପାଶେ ।
କେ ଥାଇ ପ୍ରାସାଦ ଉପରେ
କେବା ଗବାକ୍ଷ ବାଟେ,
ଠିଆ ହୋଇ କେବା ତୋରଣେ
ଦେଖୁଥିଲେ ଉଚ୍ଛାଟେ ।
ସେମାନଙ୍କ ପ୍ରୀତି ପ୍ରଫୁଲ୍ଲ
ମନୋହର ବଦନ,
ମନେ ପଡ଼ୁଅଛି ଗଗନେ
ଦେଖି ତାରକାଗଣ ।
ରାଜଲକ୍ଷ୍ମୀଙ୍କର କୋମଳ-
କୋଳ ବିହାର ସୁଖ,
ଭୁଲାଇଦେଉଛି ଏକା ତୋ
ପୂର୍ଣ୍ଣଚନ୍ଦ୍ରମାମୁଖ ।

(୨) ବନ—ଜଳ । (୩) ଫେରବ—ଶୃଗାଳ । (୪) ବାରଣ—ନିଷେଧ । (୫) ବାରଣ—ହସ୍ତୀ ।

Digitized by srujanika@gmail.com

ତା ଶୁଣି ଜନକନନ୍ଦିନୀ,
ହୋଇ ନତବଦନା,
ବୋଇଲେ ଦାସୀକି ଅଧିକ
ଆଉ ଲାଜ ଦିଅନା ।

ଏହି ରୂପେ ରାଜଦମ୍ପତି
ବନେ ଆମୋଦ କରି,
ହରୁଥାନ୍ତି ଦିନ ଯାମିନୀ
ରାଜସୁଖ ବିସୁରି ।

ଶ୍ରୀ ଲାଲ ନୃପରାଜ ସିଂହଦେବ

---

## ରାଜକର

ବର୍ତ୍ତମାନ ଉତ୍କଳରେ ସରକାରୀ ବନ୍ଦୋବସ୍ତ ଆରମ୍ଭ ହୋଇଅଛି । ଏହି ବନ୍ଦୋବସ୍ତ ସମ୍ବନ୍ଧରେ ଦୁଇ ଚାରି କଥା କହିବାର ପ୍ରୟୋଜନ ବୋଧ ହେଉଅଛି । ଉତ୍କଳଖଣ୍ଡର ଅଧିକାଂଶ ଅଚିର-ସ୍ଥାୟୀ ବନ୍ଦୋବସ୍ତ । ଏଥିରେ ପ୍ରଜାଙ୍କ ସହିତ ଇଂରେଜ ଗଭର୍ଣ୍ଣମେଣ୍ଟ ଭୂମିର କର ନିରୂପଣ କରିଥାନ୍ତି । ଜମିଦାରିମାହାଲମାନଙ୍କରେ ଜମିଦାର ବା ଭୂସ୍ୱାମୀ ଭୂମିର ମାଲିକ ଭାବରେ ବା ସ୍ୱାମିତ୍ୱ ସ୍ୱତ୍ୱରେ ଶତକଡ଼ା ୪୦ ଟଙ୍କା ବା ୫୦ ଟଙ୍କା ଅଂଶ ପ୍ରାପ୍ତ ହୋଇଥାନ୍ତି । ଏହି ବନ୍ଦୋବସ୍ତ ୩୦ ବର୍ଷ ସକାଶେ ସ୍ଥାୟୀ ହୋଇଥାଏ ।

ଇତିମଧ୍ୟରେ କରଦାୟର ଭାର ଜମିଦାରଙ୍କ ହସ୍ତରେ । ଦାୟିତ୍ୱ ଜମିଦାରଙ୍କ ଉପରେ । ଜମିଦାରୀର ଆବାଦୀ ଅନାବାଦୀ ସମସ୍ତ ଜମିଦାରଙ୍କ ଆୟତ୍ତରେ । ବିଶେଷ ବିଶେଷ କାରଣରେ ଓ ସମୟାନୁସାରେ କର ବୃଦ୍ଧି ଓ ହ୍ରାସ କରିବା ଜମିଦାରଙ୍କ କ୍ଷମତା ମଧ୍ୟରେ, ଜମିଦାରୀର କରବୃଦ୍ଧି ସହ ଅନ୍ୟାନ୍ୟ ଲାଭ ଜମିଦାରଙ୍କର ଆୟ ମଧ୍ୟରେ ଗଣ୍ୟ । ଗଭର୍ଣ୍ଣମେଣ୍ଟର ତହିଁରେ କିଛି ଦାବି ଥାଏ ନାହିଁ । ଭୂସ୍ୱାମିମାନେ ଭୂମିର ସ୍ୱାମୀ ଥିବାହେତୁ ଗଭର୍ଣ୍ଣମେଣ୍ଟ ପ୍ରୟୋଜନାନୁସାରେ ଜମିଦାରଙ୍କଠାରୁ ଜମି କ୍ରୟ କରିଥାନ୍ତି ।

ଗଭର୍ଣ୍ଣମେଣ୍ଟ ସମୟ ସମୟରେ ରାଜା ପ୍ରଜା ସମ୍ବନ୍ଧରେ କେତେକ ଆଇନ୍‌କାନୁନ କରି ଜମିଦାର ପ୍ରଜାଙ୍କ ମଧ୍ୟରେ ପ୍ରାୟ ଗୋଳମାଳ ଲଗାଇଦେଇଥାନ୍ତି । ଗଭର୍ଣ୍ଣମେଣ୍ଟ ଜମିଦାର ପ୍ରଜାଙ୍କ ମଧ୍ୟରେ ଶାନ୍ତି ସ୍ଥାପନ କରିବା ଅଭିପ୍ରାୟରେ ନାନାରୂପ ଆଇନ କରିଥାନ୍ତି ସତ୍ୟ, ମାତ୍ର ଫଳରେ ବିପରୀତ ଘଟେ । ଉକ୍ତ ଆଇନର କୂଟାର୍ଥରେ ନାନାରୂପ ମୋକଦ୍ଦମା ବା ଫିସାଦର ଉଦ୍ଭାବନ ହୋଇଥାଏ । ଓକିଲ ମୁକ୍ତାରଙ୍କ ପସାର ସଂଖ୍ୟା ବୃଦ୍ଧି ମଧ୍ୟ ହୋଇଥାଏ । ଆଇନର ମର୍ମରୁ ନାନାରୂପ କାଳ୍ପନିକ ଅର୍ଥ ନିର୍ଗତ ହୋଇ ନଜିର ରୂପରେ ସ୍ୱତନ୍ତ୍ର ନୂତନ ବିଧାନମାନ ସୃଷ୍ଟି କରେ । ଏକ ଆଇନର ବିଧାନ ଭିନ୍ନ ଅର୍ଥ ରୂପରେ ପରିଣତ ହୋଇ ପରସ୍ପର ମର୍ମକୁ ପରସ୍ପର ହନନ କରିଥାନ୍ତି । ପ୍ରାକୃତିକ ଜଗତ୍ ସୃଷ୍ଟିର ପରି, ପ୍ରଳୟ ହେଲା ପରି, ଆଇନ ମଧ୍ୟ ଖଣ୍ଡପ୍ରଳୟ ବା ପୂର୍ଣ୍ଣ ପ୍ରଳୟକୁ ପ୍ରାପ୍ତ ହୁଅନ୍ତି । ପ୍ରାକୃତିକ ଗତି ବିଧିରେ, ଜଗତ୍ ପ୍ରଳୟ ପରେ ପୁନର୍ବାର ସୃଷ୍ଟି ହେଲା ପରି, ଆଇନ ମଧ୍ୟ ନାଶପ୍ରାପ୍ତ ହୋଇ ନୂତନ ଆକାରରେ ସୃଷ୍ଟି ଆରମ୍ଭ କରି ଜଗତ୍ କମ୍ପାଇଥାନ୍ତି । ଏହି ଜଗତର ଯେମନ୍ତ ସମୟ ସମୟରେ ସୃଷ୍ଟିକର୍ତ୍ତା ବା ବିଧାତା କଳ୍ପିତ ହୋଇଥାନ୍ତି, ଆଇନର ମଧ୍ୟ ସେହିପରି ସମୟ ସମୟରେ ନାନା ସେକ୍ରେଟାରୀ ମେମ୍ବରରୂପୀ ବିଧାତା କଳ୍ପିତ ହୋଇ ବହୁବିଧ ବିଧି ଉପବିଧିମାନ ବିଧାନ କରିଥାନ୍ତି । ସୃଷ୍ଟିକର୍ତ୍ତା ବିଧାତା ବା ବ୍ରହ୍ମା ଯେମନ୍ତ ସ୍ୱୟଂ ଆପଣା ସୃଷ୍ଟିର ତତ୍ତ୍ୱ ଅବଗତ ହୋଇ ନ ପାରି ଚାରି ମୁଖରେ ଚାରିଆଡ଼କୁ ଅନାଇ ପରେ ଧ୍ୟାନସ୍ଥ ହୋଇଥାନ୍ତି,

Digitized by srujanika@gmail.com

ଯେତେ କରନ୍ତୁ ମହାକାଳସ୍ୱରୂପ ଭଗବାନ୍ ତେତେ ବିପର୍ଯ୍ୟସ୍ତ ଘଟାଇଥାଆନ୍ତି, ସେହିପରି ଆଇନକର୍ତ୍ତା ବିଧାତାମାନେ ଯେତେ ବିଧିବିଧାନ କରନ୍ତୁ, ସମସ୍ତ ତେତିକ ପରିବର୍ତ୍ତନର ହେତୁ ଉପସ୍ଥିତ କରିଥାଏ । ଆଇନବିଧାତା ସେକ୍ରେଟେରିମାନେ ସ୍ୱରଆଡ଼କୁ ଅନାଇ ଚକ୍ଷୁତ ହୋଇଥାନ୍ତି, ଖଣ୍ଡେ ନାଶ କରନ୍ତି, ଆଉ ଖଣ୍ଡେ ଯୋଗ କରନ୍ତି, ଏହିପରି ସ୍ୱୟଂ ବ୍ରହ୍ମାଙ୍କ ପରି କର୍ମ ପରିତ୍ୟାଗ କରି ମୌନ ହୋଇ ତପସ୍ୟା ଆରମ୍ଭ କରିଥାନ୍ତି, ଅର୍ଥାତ୍ ପେନ୍‌ସେନ୍ ଗ୍ରହଣ କରି ବିଲାତକୁ ଫେରିଯାଆନ୍ତି । ଅତଏବ ଆଇନକର୍ତ୍ତା ବିଧାତା ଓ ସୃଷ୍ଟିକର୍ତ୍ତା ବିଧାତା ପ୍ରାପ୍ତ ମୋହରେ ପଡ଼ି, ସଂସାରରେ ବିପର୍ଯ୍ୟସ୍ତ ଘଟାଇଥାନ୍ତି । ସେ ଯାହାହେଉ ଗଭର୍ଣ୍ଣମେଣ୍ଟ ରାଜସ୍ୱ ନିର୍ଦ୍ଧାରଣ ସମୟରେ ଏକ ବିଧାତାଙ୍କ ଦ୍ୱାରା ଗୋଟିଏ ଆଇନ ବା ସୃଷ୍ଟି କରାଇଥାନ୍ତି । ସୃଷ୍ଟିକର୍ତ୍ତା ଯାହା ସୃଷ୍ଟି କରନ୍ତି, ତାହା ସ୍ୱୟଂ ବୁଝିପାରନ୍ତି କି ନା ସନ୍ଦେହ, ମାତ୍ର ଫଳରେ ମହା ଅନର୍ଥ ଲଗାଇଥାନ୍ତି ।

ବର୍ତ୍ତମାନ ସମୟର ରାଜସ୍ୱ ନିର୍ଦ୍ଧାରଣ ସମ୍ବନ୍ଧରେ ମଧ୍ୟ ତାହାହିଁ ହୋଇଅଛି । କେଉଁ ଭିତ୍ତି ଉପରେ ନିର୍ଭର କରି ରାଜସ୍ୱ ନିର୍ଦ୍ଧାରଣ ହେଉଅଛି, ତାହାର ମର୍ମ ଅନ୍ୟମାନେ ବୁଝିବା ଦୂରକୁ ଥାଉ ସ୍ୱୟଂ ସୃଷ୍ଟିକର୍ତ୍ତା (ଆଇନକର୍ତ୍ତା) ବୁଝିପାରୁଛନ୍ତି କି ନା ସନ୍ଦେହ । କାର୍ଯ୍ୟକଳାପର ସାମୟିକ-ପରିବର୍ତ୍ତନ ତହିଁର ବିଶେଷ ପ୍ରମାଣ ଦେଉଅଛି । ଆଠ ଆଇନ ନାମକ ଏକ ସୃଷ୍ଟି-କର୍ତ୍ତାଙ୍କ ବିଧାନ, ପ୍ରତିପଦରେ ପ୍ରତିବନ୍ଧକ ହୋଇ ରାଜସ୍ୱସମ୍ବନ୍ଧୀୟ କର୍ମଚାରୀଙ୍କୁ ନାନାରୂପ ବିଭ୍ରମରେ ପକାଉଅଛି । କାର୍ଯ୍ୟକଳାପ ଆମୂଳ ବିଭ୍ରାଟରେ ପଡ଼ିଅଛି ।

ପୂର୍ବକାଳରେ ଆମ୍ଭମାନଙ୍କ ଦେଶରେ ଏକ ନିୟମ ଥିଲା ଯେ ରାଜସ୍ୱ ଭୂମିର ଉତ୍ପନ୍ନ ପରି-ମାଣର କୌଣସି ଅଂଶ ଉପରେ ନିର୍ଦ୍ଦିଷ୍ଟ ହେଉଥିଲା । ଅଥଚ ତାଦୃଶ ଗୋଳମାଳ ହେଉ ନ ଥିଲା । କିନ୍ତୁ ଗଭର୍ଣ୍ଣମେଣ୍ଟ ବର୍ତ୍ତମାନ ଯେଉଁ ରାଜସ୍ୱ ନିର୍ଦ୍ଧାରଣ କରୁଅଛନ୍ତି ତହିଁର କିଛି ଭିତ୍ତି ନାହିଁ । ରାଜସ୍ୱସଂକ୍ରାନ୍ତ କର୍ମଚାରୀ ଯାହା ଇଚ୍ଛା ତାହାହିଁ କରୁଛନ୍ତି । ଏଥିରେ କାହାର ସର୍ବନାଶ ବା କାହାର ପୌଷମାସ ହେଉଅଛି । କୌଣସି କୃଷିର ମାଣ ଉପରେ ୨ ଟଙ୍କା କର ସ୍ଥିର ହେଲେ ତନ୍ନିକଟବର୍ତ୍ତୀ କୃଷିମାନଙ୍କର ନ୍ୟୂନାଧିକ ମଧ୍ୟ ହେଉଅଛି । କେଉଁ କେଉଁ ଠାରେ ହାରାହାରିରେ କର୍ମବିଶେଷ କରାହେଉ-ଅଛି । ଧୂଆ ମୂଳା ଅଧୂଆ ମୂଳାର ଦର ସମାନ ହେଉଅଛି । ଏ ବନ୍ଦୋବସ୍ତଟି ନିତାନ୍ତ ଦେବ ବନ୍ଦୋବସ୍ତ ପରି ବୋଧ ହେଉଅଛି ।

ବର୍ତ୍ତମାନ ସମୟରେ ଦେଖାଯାଏ ଯେ କର ସମ୍ବନ୍ଧୀୟ କାର୍ଯ୍ୟ ହେତୁ ରାଜା ପ୍ରଜାଙ୍କ ମଧ୍ୟରେ ପ୍ରାୟ ମନାନ୍ତର ହୋଇଥାଏ । ଏଥିର ହେତୁ କଣ ? କେବଳ ମୁଦ୍ରା ରୂପରେ କର ଗ୍ରହଣହିଁ ଏଥିର ପ୍ରଧାନ ହେତୁ ଅଟେ । ପୂର୍ବ-କାଳରେ ଉତ୍ପନ୍ନ ଦ୍ରବ୍ୟର ଅଂଶ ଉପରେ କର ନିର୍ଭର କରୁଥିଲା, ଏ ହେତୁ କୌଣସି ବିବାଦ ବିସମ୍ବାଦ ଘଟୁ ନ ଥିଲା । ବର୍ତ୍ତମାନ ସମୟରେ ମଧ୍ୟ ଭାରତର କେତେକ ପ୍ରଦେଶରେ ଉତ୍ପନ୍ନ-ଦ୍ରବ୍ୟର ଅଂଶ ଉପରେ କର ନିର୍ଭର କରୁଅଛି । ବୋମ୍ବାଇ ଓ ଦାକ୍ଷିଣାତ୍ୟର ଅଧିକାଂଶ ସ୍ଥଳରେ ରାଜକର ଅଂଶାଂଶରେ ଗୃହୀତ ହୋଇଥାଏ । ଏହି ଉତ୍କଳରେ ମଧ୍ୟ ସ୍ଥାନେ ସ୍ଥାନେ ସଞ୍ଜା ଓ ବଖରାରୂପରେ କର ଗୃହୀତ ହେଉଅଛି । ଏଥିରେ ଯେଉଁ ସମୟରେ ଯେପରି ଉତ୍ପନ୍ନ ହୁଏ, ଭୂସ୍ୱାମୀ ଓ କୃଷକମାନେ ଆପଣା ଆପଣା ସୁବିଧା-ନୁସାରେ ତହିଁର ବନ୍ଦୋବସ୍ତ କରି ନେଇଥାନ୍ତି । ଶୁଣିଅଛୁଁ ବିଲାତରେ ମଧ୍ୟ ଏହି ରୀତିରେ କର ଗୃହୀତ ହୋଇଥାଏ ।

ଶାସ୍ତ୍ରାଦିରୁ ପ୍ରମାଣ ଯେ ପୂର୍ବକାଳର ଭୂମିର ଉତ୍ପନ୍ନ ପରିମାଣର ଚତୁର୍ଥାଂଶ, ପଞ୍ଚମାଂଶ ଓ ଷଷ୍ଠାଂଶ ରାଜକର ନିର୍ଦ୍ଦିଷ୍ଟ ଥିଲା ଅର୍ଥାତ୍ ଉତ୍ପନ୍ନ-ଦ୍ରବ୍ୟର ଲଭ୍ୟାଲଭ୍ୟ ଓ ପରିମାଣ ଏବଂ ପରିଶ୍ରମ

Digitized by srujanika@gmail.com

ବିବେଚନା କରି ଉପରୋକ୍ତ ରୂପ ଅଂଶ ଧାର୍ଯ୍ୟ ହୋଇଥିଲା । ଅର୍ଦ୍ଧାର୍ଦ୍ଧି ବିଭାଗ ପ୍ରଥା ମଧ୍ୟ ପୂର୍ବରୁ ଆଜିପର୍ଯ୍ୟନ୍ତ ପ୍ରଚଳିତ ଅଛି । ଉକ୍ତ ରୂପ ଅଂଶ ନିରୂପଣରେ କୌଣସି ଗୋଳମାଳ ଥାଏ ନାହିଁ, ସୁତରାଂ ବିବାଦ ବିସମ୍ବାଦ ମଧ୍ୟ ଘଟେ ନାହିଁ ।

ମୁଦ୍ରାରୂପୀ କର ଗ୍ରହଣହିଁ ସମସ୍ତ ଅନର୍ଥର ହେତୁ । ଉକ୍ତ କରଟି କୌଣସି ଭିତ୍ତି ଉପରେ ସଂସ୍ଥାପିତ ହେଉ ନ ଥିବାରୁ ଓ ହୋଇ ନ ଥିବାରୁ କର ବିଷୟରେ ରାଜା ଓ ପ୍ରଜାଙ୍କ ମନରୁ ସନ୍ଦେହ ଦୂର ହୁଏ ନାହିଁ । ପ୍ରଜା ମନେ କରନ୍ତି ରାଜା ମୋ ଠାରୁ ବେଶି ନେଲେ, ରାଜା ମନେକରନ୍ତି ପ୍ରଜାର କର କମ୍ ହେଲା । ପ୍ରଜା ମଧ୍ୟ ଆଉ ମନେକରନ୍ତି ମୋର ଯେପରି ଜମି ଅନ୍ୟ ପ୍ରଜାର ମଧ୍ୟ ସେହିପରି ଜମି । ସେ ପ୍ରଜା ତ ମୋ ଠାରୁ କମ୍ କର ଦେଉଅଛି, ମୁଁ କାହିଁକି ବେଶି ଦେବି ? ମାତ୍ର କାହାର ଜମିରୁ କେତେ ଉତ୍ପନ୍ନ ହେଲା ତହିଁର କାହାର ଦୃଷ୍ଟି ବା ବିଚାର ଥାଏ ନାହିଁ, କିଏ କିପରି ବେଶି ଜମି ଦେଇ ନେଲେ ତାହା ମଧ୍ୟ କେହି ବିଚାର କରନ୍ତି ନାହିଁ । ଅଥଚ ଏହି କର ହେତୁ ରାଜା ପ୍ରଜାଙ୍କ ମଧ୍ୟରେ ପ୍ରାୟ ସତତ ବିବାଦ ବିସମ୍ବାଦ ଲାଗି ରହିଥାଏ ।

ଗଭର୍ଣ୍ଣମେଣ୍ଟ ମଧ୍ୟ ଏହି କରସମ୍ବନ୍ଧୀୟ ବିବାଦ ନିବାରଣ ପାଇଁ ସମୟ ସମୟରେ ନୂତନ ନୂତନ ଆଇନ ସଂସ୍ଥାପନ, ସଂଶୋଧନ ଓ ପରିବର୍ତ୍ତନ କରୁଅଛନ୍ତି । କିନ୍ତୁ ବିବାଦ ନିବାରଣ ଦୂରରୁ ଥାଉ ବରଂ ତାହା ନୂତନ ବିବାଦର ହେତୁ ହେଉଅଛି । ଏତେ ପ୍ରକାର ଆଇନ କାନୁନ୍ ନ କରି ଗଭର୍ଣ୍ଣମେଣ୍ଟ ଯଦି ଉତ୍ପନ୍ନ ପରିମାଣର ଅଂଶ ହାରରେ କର ଗ୍ରହଣ କରିବାର ଗୋଟିଏ ବିଧି କରନ୍ତେ ବୋଧହୁଏ ଦେଶରେ ଅନେକ ଶାନ୍ତି ସଂସ୍ଥାପିତ ହୋଇ ପାରନ୍ତା ।

କେହି କେହି କହିପାରନ୍ତି ଏହା ବଡ଼ ଅସୁବିଧାଜନକ ଓ ଅନ୍ୟାୟ ହେବ । ଆମ୍ଭେ କହୁଁ ପ୍ରଧାନ ଅସୁବିଧା ବା ଅନ୍ୟାୟର କୌଣସି ପ୍ରଧାନ ହେତୁ ନାହିଁ । ନ୍ୟାୟକୁ ଅନ୍ୟାୟ ଭାବିଲେ ସେ ଅନ୍ୟାୟପରି ବୋଧ ହୋଇଥାଏ । ଅନ୍ୟାୟକୁ ଲୋକେ ନ୍ୟାୟ ବୋଲି ଆଚ୍ଛାଦନ ଭାବି ଗଲେ ସେ ପୁଣି ଅବଶେଷକୁ ନ୍ୟାୟ ବୋଲି ଗଣ୍ୟ ହୋଇଥାଏ । ସେହିପରି ମଧ୍ୟ ସୁବିଧା ଅସୁବିଧା ବିଷୟ ଅଟେ । ଯଦି ଏକ ସ୍ଥଳରେ ଏହି ଅଂଶାଂଶ ପ୍ରଥାଟି ପ୍ରଚଳିତ ହୋଇ ନ୍ୟାୟାନୁଗତ ଓ ସୁବିଧାଜନକ ହୋଇଅଛି, ଅନ୍ୟତ୍ର ଆପାତତଃ ନହେଉ କ୍ରମରେ ଉକ୍ତ ପ୍ରଥା ପ୍ରଚଳନ ଅବଶ୍ୟ ନ୍ୟାୟସଙ୍ଗତ ଓ ସୁବିଧାଜନକ ବୋଲି ବୋଧ ହେବ, ଏଥିରେ କିଛିମାତ୍ର ସନ୍ଦେହ ନାହିଁ । ବର୍ତ୍ତମାନ ସମୟରେ ବିଲାତର କଥାଟା କେବର ଗାର, ବିଲାତରେ ଯେତେବେଳେ ଅଂଶାଂଶରୂପ କର ଅଛି ତେତେବେଳେ ତାହା କସ୍ମିନ୍‌କାଳେ ଅନ୍ୟାୟ ଓ ଅସୁବିଧାଜନକ ହେବ, ଏପରି ଭାବିବା କଦାପି ଉଚିତ ନୁହେଁ ।

ପୂର୍ବେ କହିଅଛୁଁ, ଅଂଶାଂଶ କର ନିରୂପଣ ପ୍ରଥାଟି ପୂର୍ବକାଳରେ ଆମ୍ଭମାନଙ୍କ ଦେଶରେ ପ୍ରଧାନ ନିୟମ ଥିଲା; ବର୍ତ୍ତମାନ ମଧ୍ୟ ନ୍ୟୂନାଧିକ ଭାବରେ ଭାରତର କେତେକ ସ୍ଥଳରେ ଅଛି । କେବଳ ମୁଦ୍ରାରୂପୀ କରହିଁ ସମସ୍ତ ଅନର୍ଥର ମୂଳ ଅଟେ । ତେବେ ଏହି ମୁଦ୍ରାରୂପୀ କର ଗ୍ରହଣ ପ୍ରଥାଟି କେଉଁ ସମୟରୁ ଆରମ୍ଭ ହେଲା ବା କାହିଁକି ହେଲା ବର୍ତ୍ତମାନ ତାହାହିଁ ବିଚାର୍ଯ୍ୟ ବିଷୟ ଅଟେ ।

ଆମ୍ଭେ ଦେଖୁଅଛୁ ମୁସଲମାନଙ୍କ ସମୟରେ ଏହି ରୀତି ପ୍ରଥମେ ଆରମ୍ଭ ହୋଇଅଛି । ବିନା ଗଣ୍ଡଗୋଳରେ, ନିଶ୍ଚିନ୍ତରେ କୌଣସି ଏକ ନିର୍ଦ୍ଧାରିତ କର ଲାଭ କରି ଆୟ ବ୍ୟୟର ପରିଣାମ ଦୃଷ୍ଟି କରିବାର ବା ନିଶ୍ଚୟ କରିବାର ଏହାର ହେତୁ ଅଟେ । ମୁସଲମାନମାନେ ଥିଲେ ବିଦେଶୀ, ସେମାନେ ସ୍ୱଦେଶୀୟମାନଙ୍କ ଉପରେ ସେମାନଙ୍କର ରାଜ୍ୟଶାସନ ବା ରାଜକାର୍ଯ୍ୟର ଭାର ବିଶେଷ ପରିମାଣରେ ଅର୍ପଣ କରୁଥିଲେ ।

Digitized by srujanika@gmail.com

ଜନ୍ତ ସ୍ୱଦେଶୀୟ ବ୍ୟକ୍ତିମାନେ ନଗଦ ଅର୍ଥ ନ ପାଇଲେ ସେମାନଙ୍କର ଅଭିଳଷିତ କାର୍ଯ୍ୟ ଚଳିବା କଠିନ ହେଉଥିଲା । ସେମାନେ ପ୍ରାୟ ବିଳାସୀ ଥିଲେ । ଏହି ହେତୁରୁ ସେମାନେ ନିର୍ଦ୍ଦିଷ୍ଟ ଓ ନିରୂପିତ ପ୍ରାପ୍ତି କ୍ଷେତ୍ରରେ ବିଶେଷ ଆଶା ଓ ଚେଷ୍ଟା ରଖିଥିଲେ । ମାତ୍ର ଆମ୍ଭର ପୂର୍ବକାଳୀନ ରାଜା ଓ ଭୂସ୍ୱାମିମାନେ ସେପରି ନ ଥିଲେ । ସେମାନେ ସ୍ୱଦେଶବାସୀ ଥିଲେ । ସେମାନେ ଆପଣାର ଅଧିକାର ଅନ୍ତର୍ଗତ ସ୍ଥାନର ନିବାସୀ ବା ସ୍ୱଦେଶୀୟ ଲୋକଙ୍କ ଉପରେ ବିଶେଷ ଭାବରେ ନିର୍ଭର କରୁଥିଲେ । ଏହି କାରଣରୁ ସେମାନେ ଆପଣାର କର୍ମଚାରୀଙ୍କୁ ବେତନସ୍ୱରୂପ ଜାୟଗିର ଜମିମାନ ପ୍ରଦାନ କରୁଥିଲେ । ତହିଁରେ କର୍ମଚାରୀଙ୍କର ମଧ୍ୟ କର୍ମରେ, ବେତନସ୍ୱରୂପ ପ୍ରାପ୍ତ ଭୂଖଣ୍ଡରେ ମମତା ହେଉଥିଲା । ସେମାନେ ପ୍ରାପ୍ତ ଭୂମିର ଉତ୍କର୍ଷ ସାଧନ ଦ୍ୱାରା ବିଶେଷ ଲାଭବାନ୍ ହେବାକୁ ଚେଷ୍ଟା ଓ ଯତ୍ନ କରୁଥିଲେ । ଅଥଚ ଭୂମିର ଉନ୍ନତି ସ୍ୱାଭାବିକ ଗତିରେ ସାଧିତ ହେଉଥିଲା । କିନ୍ତୁ ସେହି ବିଦେଶୀୟ ରାଜାଙ୍କର ଦୃଷ୍ଟାନ୍ତରେ ବର୍ତ୍ତମାନକାଳର ଦେଶୀୟ ସ୍ୱାଧୀନ ଓ ଅର୍ଦ୍ଧସ୍ୱାଧୀନ ଭୂସ୍ୱାମୀ ଓ ରାଜାମାନେ ମୁଦ୍ରାରୂପୀ କର ପ୍ରତି ଦୃଷ୍ଟି କରି ରାଜା ପ୍ରଜାଙ୍କ ମଧ୍ୟରେ ବିବାଦ ସୃଷ୍ଟି କରିଅଛନ୍ତି ।

ଶୁଣିଅଛୁଁ—ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଟେକ୍‌କୋଠ ପ୍ରଭୃତି ବୃହତ ୨ ଭୂଖଣ୍ଡର ଭୂସ୍ୱାମିମାନେ ଭାଗରୂପରେ କର ଗ୍ରହଣ କରିଥାନ୍ତି, ତହିଁରେ କାହାର କିଛି ଅସୁବିଧା ବା ଅସନ୍ତୋଷ ଥାଏ ନାହିଁ । ସେ ଅଞ୍ଚଳର ପ୍ରଜାମାନେ ନିତାନ୍ତ ନିରନ୍ନ ନୁହନ୍ତି । ଅନ୍ୟାନ୍ୟ ସ୍ଥାନରେ ପ୍ରଜାଙ୍କର ଅବସ୍ଥା ଯେପରି, ସେମାନଙ୍କର ଅବସ୍ଥା ମଧ୍ୟ ସେହିପରି । ବିଶେଷ ଭାବରେ ରାଜା ଓ ପ୍ରଜାଙ୍କ ମଧ୍ୟରେ ଗୋଳମାଳ ନାହିଁ, ମାଲି ମାମଲା ନାହିଁ, ଅଥଚ ଫିସାଦ ନାହିଁ । ଆମ୍ଭ ଏ ଦେଶରେ ମଧ୍ୟ ଅନେକାନେକ ଭୂସ୍ୱାମିମାନଙ୍କର ସଞ୍ଜା ବିଶିରି କରଭାଗରେ ଅନେକ ଜମି ଅଛି । ତହିଁରୁ ଭାଗବିଭାଗରେ (Rent in kind) କର ଆଦାୟ ହୋଇଥାଏ । ଉକ୍ତ ପ୍ରକାର ଜମିରେ ରାଜା ପ୍ରଜାଙ୍କ ମଧ୍ୟରେ କୌଣସି ବିବାଦ ବିସମ୍ବାଦ ଘଟି ନ ଥାଏ, ଯାହା ଘଟିଥାଏ କେବଳ ମୁଦ୍ରାରୂପୀ-କରଯୁକ୍ତ ଭୂଖଣ୍ଡରେ ।

ଭୂସ୍ୱାମିମାନଙ୍କର ଅଳସ୍ୟ ଓ ଅମନୋଯୋଗିତାରୁ ପତିତ ଭୂଖଣ୍ଡକୁ ନିର୍ଦ୍ଦିଷ୍ଟ ଓ ନିରୂପିତ ଆୟମୂଳକ ମୁଦ୍ରାରୂପୀ କରରେ ପ୍ରଜାଙ୍କୁ ଦିଆ ହୋଇଥାଏ । କର୍ମଚାରୀଙ୍କ ଅପହରଣ ନିବାରଣ ମଧ୍ୟ ଅନ୍ୟତର ହେତୁ ଅଟେ । ପ୍ରଜାମାନେ କମ୍ ଜାଗାରେ କିଛିକାଳ ଭୂମି ଭୋଗ କରି ସମୟରେ ବୃଦ୍ଧି ଜମା ହେବାକୁ କୁଣ୍ଠିତ ହୋଇଥାଆନ୍ତି । କାରଣ ଉକ୍ତ ଜମିଜମାରେ ସେମାନଙ୍କର ମମତା ଓ ଲୋଭ ଦୃଢ଼ୀଭୂତ ହୋଇଯାଇଥାଏ । ଏହି ହେତୁରୁ କରବୃଦ୍ଧି ସମୟରେ ନାନା ପ୍ରକାର ଗଣ୍ଡଗୋଳ ଓ ବାଦ ବିସମ୍ବାଦ ସଂଘଟିତ ହୋଇଥାଏ ।

କରଗ୍ରାହୀ ଭୂପତିମାନେ ଯଦି ପୂର୍ବରୁ ସାବଧାନ ହୋଇ ଭୂମିକୁ ମୁଦ୍ରାରୂପୀ କରରେ ସଂନ୍ୟସ୍ତ କରୁ ନ ଥାନ୍ତେ, ମୂଳରୁ ଭୂମିର ଉତ୍ପନ୍ନ ଦ୍ରବ୍ୟ ପ୍ରତି ଦୃଷ୍ଟି କରି ବିଚାରପୂର୍ବକ ନିରୂପିତ ଅଂଶାଂଶର ଭାଗ ବିଭାଗରେ କର ଗ୍ରହଣ କରୁଥାଆନ୍ତେ ତେବେ ଆଜ ଏତେଦୂର ମାଲି ମାମଲାରେ ରାଜା ପ୍ରଜାଙ୍କ ମଧ୍ୟରେ ଘୋରତର ଅଶାନ୍ତି ଘଟ ନ ଥାନ୍ତା । ପୂର୍ବେ କହିଅଛୁଁ—ଆଳସ୍ୟ ଓ ଅମନୋଯୋଗିତା ଦୋଷରୁ ଭୂସ୍ୱାମିମାନେ ମୁଦ୍ରାରୂପୀ ଭୂକରରେ ନିର୍ଦ୍ଦିଷ୍ଟ ନିର୍ଭର କରିଥାଆନ୍ତି । ଭୂମିର ଉତ୍ପନ୍ନ ଦ୍ରବ୍ୟର ଭାଗବିଭାଗ ଉପରେ ଚଳିବାକୁ ଗଲେ ଭୂସ୍ୱାମିମାନଙ୍କୁ ଅଗତ୍ୟା ଆଳସ୍ୟ ତ୍ୟାଗ କରିବାକୁ ହେବ, ସୁଖଶଯ୍ୟା ମଧ୍ୟ ତ୍ୟାଗ କରିବାକୁ ହେବ, ନଚେତ୍ କର୍ମଚାରୀମାନେ ମୂଷିକବତ୍ ଶସ୍ୟ ନଷ୍ଟ କରି ପକାଇବେ । ବାଧ୍ୟ ହୋଇ ଭୂମିର ଉନ୍ନତିପକ୍ଷେ ମନୋଯୋଗ କରିବାକୁ ହେବ, ନଚେତ୍

Digitized by srujanika@gmail.com

ଲାଭବାନ୍ ହୋଇପାରିବେ ନାହିଁ । ରାଜା ପ୍ରଜା ଉଭୟରେ ଲାଭବାନ୍ ହେବା ଅଭିପ୍ରାୟରେ ଭୂମିର ଉନ୍ନତିପକ୍ଷେ ଏକମନ ଓ ଏକଯୋଗ ହେବାର ପ୍ରୟୋଜନ ହେବ । ଉଭୟେ କାର୍ଯ୍ୟ-ତତ୍ପର ହେବେ । ସଦ୍ୟ ଯଥାଲାଭ ସଲାମୀ ବା ଉତ୍କୋଚ ଲାଭର ଲୋଭ ରାଜା ବା କର୍ମଚାରୀମାନଙ୍କ ମନରୁ ଅବଶ୍ୟ ଦୂର ହେବ । ଉକ୍ତରୂପ ଉତ୍କୋଚ ଗ୍ରହଣର ସୁବିଧା ମଧ୍ୟ ରହିବ ନାହିଁ । କାରଣ ଭୂମିର ଉତ୍କର୍ଷସାଧକ ବ୍ୟକ୍ତିମାନଙ୍କପ୍ରତି କେବଳ ଭୂସ୍ୱାମିମାନଙ୍କର ବିଶେଷ ଦୃଷ୍ଟି ରହିବ, କୃଷି-କାରକମାନେ ମଧ୍ୟ କାର୍ଯ୍ୟତତ୍ପର ହେବେ । କାରଣ କୃଷିକାର୍ଯ୍ୟ ଯୋଗ୍ୟ ନ ହେଲେ ଭୂମି-ଭୋଗରୁ ବଞ୍ଚିତ ହେବାର ବିଶେଷ ଭୟ ତାହା ମନରେ ଅବଶ୍ୟ ରହିବ ।

ଆମ୍ଭେମାନେ ଯଦି କୌଣସି ସମୟରେ କୌଣସି ବିଷୟରେ କୌଣସି ଅସୁବିଧା ବା ଅସୁଖବୋଧ କରୁଁ ବା ଭୋଗ କରୁଁ ସେ କେବଳ ଆପଣାର ପ୍ରକୃତି ଓ କର୍ମଦୋଷରୁ ବୋଲି ଜ୍ଞାନ କରିବାକୁ ହେବ । ଅନ୍ୟକୁ ଯେ ଦୋଷ ଦେଇଥାଉଁ ତାହାହିଁ ଆମ୍ଭମାନଙ୍କର ପ୍ରଧାନ ଦୋଷ ଅଟେ ।

ଏ ସଂସାରରେ ଯାବତୀୟ ବିଷୟରେ ସୁଖ ଦୁଃଖର ହେତୁ ଆପଣାର ଗୁଣ ଓ କର୍ମ ଅଟେ । ଏହାକୁ ହିଁ ସମସ୍ତ ମାନବପ୍ରାଣୀଙ୍କର ଦୃଷ୍ଟି କରି ଚଳିବାର ଉଚିତ ହେଉଅଛି ।

ଶ୍ରୀ ରାଜନାରାୟଣ ଦାସ ।

---

# ପୁଷ୍ପ

ଆରେ ପୁଷ୍ପ ବନୟର ଅଟୁ ଆଦରଣ,
ତୋର ଦରଶନେ ମନେ ଉପୁଜେ ହରଷ ।
ତୋ ରୂପ ସାଙ୍ଗରେ ନାହିଁ ତୁଳନା ଏ ଭବେ,
ସେଥିପାଇଁ ଗରବ ତ ନାହିଁ ତୋର ଲବେ ।
ନୀରବ ଭାବରେ ଫୁଟି ଜନମନ ହରୁ,
ହସି ହସି ନମ୍ର ଭାବେ ସ୍ୱକରମ କରୁ ।
ଯଥାକାଳେ ହେଉ ପୁଣି ବିଲୟ ପ୍ରାପତ,
ସମସ୍ତ ନଶ୍ୱର ଏହା ଶିଖଇ ଜଗତ ।
ଘଟନାସୂତ୍ରରେ ଆସି ଟେକିଅଛୁଁ ଶିର,
ନ ସାଧି ଜୀବନବ୍ରତ ତେଜିବୁ ଶରୀର ?
ନୁହେଁ କି ଉଦ୍ଦେଶ୍ୟପୂର୍ଣ୍ଣ ଅସ୍ତିତ୍ୱ ତୋହର ?
ନୋହୁ କି ଅତୁଳ ସୃଷ୍ଟି ବିଶ୍ୱକର୍ମାଙ୍କର ?
ଦକ୍ଷିଣରୁ ମନ୍ଦ ମନ୍ଦ ବହୁଛି ପବନ,
ଇତସ୍ତତ କରୁଅଛି ତୋତେ ଆନ୍ଦୋଳନ ।
ସେ ଛବି ଦେଖି ମନକୁ ଏମନ୍ତ ଆସୁଛି,
ଗୁଣେ ମୁଗ୍ଧ ବାୟୁ ପ୍ରେମଭିକ୍ଷା କି କରୁଛି !
ପବନ ଚଞ୍ଚଳଧର୍ମ ପ୍ରବୃତ୍ତିବା ପାଇଁ,
ପବନକୁ ଅଳିପ୍ସିପ୍ସା କରୁ ନାହିଁ ନାହିଁ ।
ସେ ନୀତିରୁ ବୈରାଗ୍ୟରୁ ଶିଖେ ମୂଢ଼ ନର,
ପାପ ପାଇଁ ସୃଷ୍ଟି ନୁହେଁ କେବେ ସୌନ୍ଦର୍ଯ୍ୟର ।
ଦେବୋପମ ଅଟୁ ତୁ ରେ ପବିତ୍ର ସୁମନ,
ସଜନ ସ୍ଥାନରେ ଫୁଟି ମୋହୁ ପ୍ରାଣିମନ ।
କିନ୍ତୁ ପୁଷ୍ପ, କି ଉଦ୍ଦେଶେ ନିର୍ଜନ ପ୍ରଦେଶେ,
ଫୁଟି ତୋଷୁ କାହା ମନ ସୁବାସେ ସୁବେଶେ ?
ଘୋର ଗହନ କାନନେ ପର୍ବତକନ୍ଦରେ,
ଗଭୀର ଗହ୍ୱରେ କିମ୍ବା ସୁଦୂର ପ୍ରାନ୍ତରେ ।
ନାହିଁ ଘର ଗ୍ରାମ ଯହିଁ ସୁସ୍ୱର ଶବଦ,
ଅବା ଯହିଁ ନ ହିଣ୍ଡଇ ତୋ ବନ୍ଧୁ ଷଟ୍‌ପଦ ।
ଢଳ ଢଳ ପ୍ରେମ ତୋର ଉଚ୍ଛୁଳେ କା ପ୍ରତି ?
ନିର୍ଜନ ଭାବରେ କାହା ସଙ୍ଗେ କରୁ ରତି ?
କହ ପୁଷ୍ପ ଅଟେ ତୋର କିଏ ପ୍ରାଣନାଥ,
ବିପଦେ ଆପଦେ ତୋର କିଏ ହୁଏ ସାଥ ?
ବହେ ଯେବେ ଝଞ୍ଜାବାତ ଗମ୍ଭୀରେ ନିନାଦ,
ମାଡ଼େ ଯେବେ ଖରସ୍ରୋତ ବିଶ୍ୱ ପରମାଦ;
ଢଳ ଢଳ ଲୁଚୁ କାହା କୋଳେ କହ ମୋତେ,
ଅଶବଦ ବେଦେ ସେ କି ବୋଧନ୍ତି ତତେ ?
କହ ପୁଷ୍ପ ପ୍ରାଣପତି କାହିଁ ତୋ ଅଛନ୍ତି ?
କି ଭାବେ ସେ ଏ ବିଶ୍ୱର ଶୁଭ ଆଚରନ୍ତି ?

Digitized by srujanika@gmail.com

ଥାଏ କି ରେ ମନେ ତାଙ୍କ ଏ ଦୀନର କଥା,
ଜାଣନ୍ତି କି ଦୟାମୟ ମୋ ମନର ବ୍ୟଥା ?
ଅନ୍ତର୍ଯ୍ୟାମୀ ପୁରୁଷ ସେ କହନ୍ତି ଜଗତେ,
ଅବୋଧ ମନରେ ଏକା ନ ହୁଏ ପରତେ ।
ଭାବେଁ ଯେବେ ଗଢ଼ିଛନ୍ତି ନିଜେ ମୋତେ ସେହି,
ନିକଟତର ମୋହର ନାହିଁ ଆଉ କେହି ।
ଚମକିଉଠେ ପରାଣ ବିସ୍ମୟସାଗରେ
ମଗ୍ନ ହୁଏ ଚିତ୍ତ, ଭାବେଁ ମୁଁ ଏବେ ସ୍ୱର୍ଗରେ ।
ଅପୂର୍ବ ଭାବଲହରୀ ଉଠଇ ମୋ ମନେ,
ହରାଏଁ ସେ ଧନ କିନ୍ତୁ ଏ ଗହନ ବନେ ।
ଆହାରେ ପାରନ୍ତି ରଖି ଯେବେ ମୁଁ ସେ ଧନ,
ଦୁଃଖ ତାପ ତେଜି ସୁଖେ ଯାପନ୍ତି ଜୀବନ ।
ବହୁତ ଦିନରୁ ମୁହିଁ ନିତ୍ୟ ସୁଖ ଇଚ୍ଛି,
ବହୁ ପୁସ୍ତକ ପୁସ୍ତିକା ଯତନେ ପଢ଼ିଛି ।
ପ୍ରକୃତ ବିଶ୍ୱାସ କିନ୍ତୁ କାହିଁ ନ ପାଇଲି,
ଆସି ଏବେ ସୁମନରେ ତୋ ପାଶେ ମିଳିଲି ।
ଭୁଲିଲି ବହୁତ ପ୍ରାଣ ସଂସାର-ଗହନେ,
ଶୁଣିଲି ନିରାଶାବାଣୀ ସର୍ବଦା ଶ୍ରବଣେ ।
ବିଚାର କରି ତୁ ଦେଖ ଆରେ ପ୍ରିୟ ଫୁଲ,
ଏତେ ପରିଶ୍ରମ କଲି କାହିଁ ମୋର ମୂଲ ।
ମୂଲ କଥା ଦୂରେ ଥାଉ ଆଶ୍ୱାସବଚନ,
ନ ଶୁଣିଣ ବ୍ୟାକୁଳରେ ଏ ମୋର ଜୀବନ ।
ସର୍ବଶକ୍ତିମାନ୍ ପ୍ରଭୁ ଭଗବାନ ଯେବେ,
ଦେଖା ଦେଇ ମୋ କଷଣ ଦୂର କରନ୍ତା ତେବେ ।
ନ କରିଣ ଏ ଦୀନକୁ ଆକୁଳ କେବଳ
କରନ୍ତି, ମୋ ପକ୍ଷେ ଶାନ୍ତି ମୃଗ ତୃଷ୍ଣାଜଳ !
କାହିଁ ସେହି ଶାନ୍ତି ମୁକ୍ତି ପ୍ରେମର ଆଧାର,
ଯା ବିହୁନେ ଏ ଜୀବନ ସ୍ୱପନ ଆକାର ।
କାହିଁ ସେ ଅକ୍ଷୟ ଉତ୍ସ ଆରେ ପୁଷ୍ପବର,
ଯହିଁ ସମ୍ଭବଇ ସୃଷ୍ଟି ତୋହର ମୋହର ।

ଶ୍ରୀ ନନ୍ଦକିଶୋର ବଳ

---

## ଆର୍ଯ୍ୟପ୍ରତିଭା

ପ୍ରାଚୀନ ଗ୍ରୀକ୍ ଓ ରୋମକ ସଭ୍ୟତାର ବହୁକାଳପୂର୍ବେ ଭାରତୀୟ ଆର୍ଯ୍ୟସଭ୍ୟତା ଏହି ଧରଣୀମୁଖକୁ ଥରେ ଉଜ୍ଜ୍ୱଳ କରିଥିଲା । ସେତେବେଳେ ସର୍ବତୋମୁଖୀ ଆର୍ଯ୍ୟପ୍ରତିଭା ପ୍ରସ୍ଫୁଟିତ ହୋଇ ଜଗତକୁ ଯେଉଁ ଅମୂଲ୍ୟ ଜ୍ଞାନରାଶି ପ୍ରଦାନ କରିଯାଇଥିଲା, ତାହା ଦେଇ ଆଜିକାଲି ସଭ୍ୟଜାତିମାନେ କେତେ ଉପକୃତ ହୋଇଅଛନ୍ତି ଭାବିଲେ ଅବାକ୍ ହେବାକୁ ହୁଏ । କି ଧର୍ମରେ, କି ବିଜ୍ଞାନରାଜ୍ୟରେ, କି ସାହିତ୍ୟ, କି ରାଜନୀତି ପ୍ରଭୃତି ସକଳ ବିଭାଗରେ ଆର୍ଯ୍ୟ-ଋଷିମାନେ ଯେଉଁ ଅମୂଲ୍ୟ ରତ୍ନନିଚୟ ସଞ୍ଚିତ ରଖିଯାଇଅଛନ୍ତି ତାହା ଏକ ଦିନ ନୁହେଁ, ଦୁଇ ଦିନ ନୁହେଁ, ମାତ୍ର ଯାବଚ୍ଚନ୍ଦ୍ରଦିବାକର ଏହି ପୃଥିବୀକୁ ଉପକୃତ କରୁଥିବ, ଆମ୍ଭମାନଙ୍କର ଏହା ଦୃଢ଼ବିଶ୍ୱାସ । ଏହିରୂପେ ନାନା ବିଭାଗରେ ପ୍ରାଚୀନ ହିନ୍ଦୁମାନେ ଯେଉଁ ସବୁ ଅକ୍ଷୟକୀର୍ତ୍ତି-ମାନ ରଖିଯାଇଅଛନ୍ତି ତନ୍ମଧ୍ୟରୁ ଅଧିକାଂଶର ପ୍ରକୃତ ସୌରଭ ଆଜ ସୁଦ୍ଧା ପୃଥିବୀର ଉନ୍ନତ-ଜାତିମାନେ ସମ୍ୟକ୍ ଆଘ୍ରାଣ କରିବାକୁ ସକ୍ଷମ ହୋଇ ନାହାନ୍ତି ।

ଏହି ପ୍ରତିଭାର ଗତି ପ୍ରତିହତ ହୋଇ ନ ଥିଲେ ତାହା ଯେ ଆଜ ଏହି ଧରଣୀମୁଖକୁ କି ପ୍ରକାରେ ପରିବର୍ତ୍ତିତ କରିଥାଆନ୍ତା ତାହା କିଏ କହିପାରେ ? ମାତ୍ର ତାହା ହେଲା ନାହିଁ । ଈଶ୍ୱରଙ୍କ ଅବୋଧ୍ୟ ବିଧାନ ଫଳରେ ଏହି ପ୍ରତିଭା କ୍ରମଶଃ ନିଷ୍ପ୍ରଭ ହେବାକୁ ଲାଗିଲା ଏବଂ ଏମନ୍ତ ଏକ ସମୟ ଆସିଲା ଯେତେବେଳେ ପୃଥିବୀର ଏହି ସର୍ବପ୍ରାଚୀନ ଓ ଶ୍ରେଷ୍ଠଜାତି ମାନବସମାଜ ସମ୍ମୁଖରେ ଘୃଣିତ ହେବାକୁ ଲାଗିଲା; କିନ୍ତୁ ବିଧାତାଙ୍କ ବିଧି ଅଦ୍ଭୁତ । ତୁମ୍ଭେ କି ମନେ କରୁଅଛ ପୃଥିବୀର ଏଡ଼େ ବଡ଼ ପ୍ରତିଭା-ଶାଳୀ ଗୋଟାଏ ଜାତି ଧରଣୀମୁଖରୁ ଏକା-

Digitized by srujanika@gmail.com

କେଳକେ ଲୁପ୍ତ ହୋଇଯିବ ? ତାହା କଦାପି ସମ୍ଭବପର ନୁହେଁ । ହାୟ (?) ଘୋର ଅସହାୟ ଅବସ୍ଥାରେ ପଡ଼ି କେତେକକାଳ ମହାସମୁଦ୍ର ମଧ୍ୟରେ ବିପଦାପନ୍ନ ରହିବା ପରେ ପଶ୍ଚିମ ଦିଗରୁ ଖଣ୍ଡିଏ ତରଣୀ ଆସି ତାହାକୁ ଆସନ୍ନ ବିପଦରୁ ଉଦ୍ଧାର କଲା— କେବଳ ଉଦ୍ଧାର କରି କ୍ଷାନ୍ତ ହେଲା ନାହିଁ । ଦୟାର୍ଦ୍ର ହୋଇ ତାହା ସହିତରେ ଶୁଭପରିଣୟସୂତ୍ରରେ ଆବଦ୍ଧ ହେଲା । (ଆମ୍ଭମାନଙ୍କ ପ୍ରାଣର ପୂର୍ଣ୍ଣ ଆକାଂକ୍ଷା ଯେ ଏହି ପବିତ୍ର ସମ୍ବନ୍ଧର ବିଚ୍ଛେଦ କଦାପି ନ ଘଟୁ ) ଏହି ପାଶ୍ଚାତ୍ୟ ତରଣୀ ମଧ୍ୟରେ ଥିଲେ ସେହି କ୍ଷଣଜନ୍ମା ପୁରୁଷ ମହାତ୍ମା ଲର୍ଡ଼ ଉଇଲିୟମ୍ ବେଣ୍ଟିକ । ସେ ଅଶେଷ ଦୟା ବହି, ତାଙ୍କ ସଙ୍ଗରେ ଆଣିଥିବା ଏକ ପ୍ରକାର ମହାବଳକାରକ ଓ ନୈରାଶ୍ୟନାଶକ ବୁଟି ଏହି ଓଷ୍ଠାଗତ ପ୍ରାଣ ଜୀବମାନଙ୍କର ଗଳାଧଃକରଣ କରାଇବାରୁ ସେମାନେ କ୍ରମେ କ୍ରମେ ସୁସ୍ଥ ଓ ବଳିଷ୍ଠ ହେବାକୁ ଲାଗିଲେ । ପାଠକେ ! ଏହି ତେଜସ୍କର ବୁଟିର ନାମ ଶୁଣିବାକୁ ଉତ୍କଣ୍ଠା ଜନ୍ମୁଅଛି କି ? ତାହା ଆଉ କିଛି ନୁହେଁ —ତାହା "ଇଂରାଜୀ ଶିକ୍ଷା" । ଏହିରୂପେ କ୍ରମେ ସ୍ୱାସ୍ଥ୍ୟଲାଭ କଲାରୁ ଦେଖାଗଲା ଯେ ସେମାନଙ୍କ ମଧ୍ୟରେ ରାମମୋହନ ରାୟ* — କେଶବଚନ୍ଦ୍ର ସେନ; ରାମଗୋପାଳ ଘୋଷ ଦିଗମ୍ବର ମିତ୍ର — ହରିଶ୍ଚନ୍ଦ୍ର ସରକାର — କୃଷ୍ଣ ଦାସ ପାଲ; ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ରାଜେନ୍ଦ୍ର ଲାଲ ମିତ୍ର; ଦ୍ୱାରକାନାଥ ମିତ୍ର — ରମେଶ ଚନ୍ଦ୍ର ମିତ୍ର; ଉମେଶଚନ୍ଦ୍ର ବନ୍ଦୋପାଧ୍ୟାୟ — ମନମୋହନ ଘୋଷ; ସୁରେନ୍ଦ୍ର ନାଥ ବନ୍ଦୋପାଧ୍ୟାୟ — ଲାଲମୋହନ ଘୋଷ; ରମେଶ ଚନ୍ଦ୍ର ଦତ୍ତ-କୃଷ୍ଣ ଗୋବିନ୍ଦ ଗୁପ୍ତ; ଅକ୍ଷୟକୁମାର ସରକାର — ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ( ପାଠକେ ! କେତେ ନାମ କହିବୁଁ ? ଏହା କେବଳ ଏକ ପ୍ରଦେଶର ନାମ ମାତ୍ର) ପ୍ରଭୃତି ଉଜ୍ଜ୍ୱଳ ରତ୍ନମାନ ଦୀପ୍ତି ବିସ୍ତାର କରୁଅଛନ୍ତି । ଇଂରେଜଜାତି ତ ଏହା ଦେଖି ଅବାକ୍ । ସେମାନେ ଦେଖିଲେ ଯେ ଏ ଜାତି କଦାପି ଗୋଟିଏ ସାମାନ୍ୟ ଜାତି ହୋଇ ନ ପାରେ । ଏହି ମହାପ୍ରତିଭାଶାଳୀ ଜାତିର ଚରଣତଳରେ ବସି ସେମାନଙ୍କର ଅନେକ ଶିକ୍ଷା କରିବାର ଅଛି ଏବଂ ସେମାନେ କ୍ରମେ କ୍ରମେ ଅଧ୍ୟାପକ ସାର ଉଇଲିୟମ୍ ଜୋନ୍ସ, ମୋକ୍ଷମୂଲର ପ୍ରଭୃତିଙ୍କ ପ୍ରମୁଖାତ୍ ଏହି ପତିତ ଜାତିର ଯେଉଁ ସବୁ ଅମୂଲ୍ୟ ରତ୍ନରାଶିର ସମ୍ବାଦ ପ୍ରାପ୍ତ ହେଲେ ତହିଁରେ ସେମାନଙ୍କର ବିଶ୍ୱାସ ସମ୍ପୂର୍ଣ୍ଣ ପରିବର୍ତ୍ତିତ ହୋଇଗଲା ଏବଂ କ୍ରମେ କ୍ରମେ ସେମାନେ ଏହି ନିର୍ଜୀବ ଜାତିପ୍ରତି ଶ୍ରଦ୍ଧାବାନ୍ ହେବାକୁ ଲାଗିଲେ । ତହିଁର ଶୁଭଫଳ ଯାହା ହେଉଅଛି ତାହା ବର୍ଣ୍ଣନା କରିବାର ସ୍ଥାନ ଏ ନୁହେଁ ।

ମାନବାବିଷ୍କୃତ ସକଳପ୍ରକାର ଆବିଷ୍କ୍ରିୟା ଓ ଉନ୍ନତି ମଧ୍ୟରେ ଜଡ଼ବିଜ୍ଞାନର ଆବିଷ୍କ୍ରିୟା ଓ ଉନ୍ନତି ଯେ ପ୍ରକାର ଆଶୁଫଳପ୍ରଦ ଓ ସମସ୍ତ ମାନବସମାଜର ଉପକାରକ ବୋଧହୁଏ ଏମନ୍ତ ଆଉ କେହି ନୁହେଁ । ଲୋକେ ଖ୍ରୀଷ୍ଟ ବା ଚୈତନ୍ୟ; ଶଙ୍କରାଚାର୍ଯ୍ୟ ବା ଡାରଉଇନ୍‌ଙ୍କ ଆବିଷ୍କ୍ରିୟାମାନଙ୍କଦ୍ୱାରା ଉପକୃତ ହେବାକୁ ଇତସ୍ତତଃ ହୋଇପାରନ୍ତି, ମାତ୍ର ଷ୍ଟିଫେନସନ୍

* ମହାତ୍ମା ରାମ ମୋହନ ରାୟ ଭାରତରେ ଇଂରାଜୀ ଶିକ୍ଷାର ଫଳ ନୁହନ୍ତି— ବରଂ ଏହାର ଅନ୍ୟତମ ପ୍ରବର୍ତ୍ତକ । ରାମମୋହନ ମନୁଷ୍ୟ ସଂସାରର ଯେଉଁ ଶ୍ରେଣୀର ଅନ୍ତର୍ଭୁକ୍ତ, ସେମାନେ କୌଣସି କାଳେ କୌଣସି ଶିକ୍ଷାର ଫଳ ନୁହନ୍ତି । ଇଂରାଜୀ ଶିକ୍ଷା ଓ ଇଂରାଜୀ ଭାବ ଗ୍ରହଣ କରିବାର ବହୁ ପୂର୍ବରୁ ସେ ନିଜ ଜୀବନର ମହୋଚ୍ଚ କର୍ତ୍ତବ୍ୟ ଅନୁଭବ କରି ସମଗ୍ର ପ୍ରାଣ ତାହାର ସାଧନାରେ ଉତ୍ସର୍ଗ କରିଥିଲେ । ତେବେ ପରବର୍ତ୍ତୀ କାଳରେ ପାଶ୍ଚାତ୍ୟ ଭାବ ଯେ ତାଙ୍କର ଅନେକ ସହାୟତା କରିଥିଲା, ଏହା ଅବଶ୍ୟ ସ୍ୱୀକାର କରିବାକୁ ହେବ । ଉ. ସା. ସ.

Digitized by srujanika@gmail.com

ବା ଓଡ଼ସନ୍ ପ୍ରଭୃତି ଜଡ଼ବିଜ୍ଞାନରାଜ୍ୟର ଆବିଷ୍କର୍ତ୍ତାମାନଙ୍କର ଆବିଷ୍କ୍ରିୟାର ସୁବିଧା ଗ୍ରହଣ କରିବାକୁ ତିଳେମାତ୍ର ଇତସ୍ତତଃ ହେବେ ନାହିଁ । ରକ୍ଷଣଶୀଳ ନିରକ୍ଷର ଓଡ଼ିଆ ପୁଏ ଉତ୍କଳଭୂମିରେ ରେଳ ପଦାର୍ପଣ କରିବା ସଙ୍ଗେ ସଙ୍ଗେ ମହାଆନନ୍ଦରେ ଚଢ଼ିବାର ସୁବିଧା ଗ୍ରହଣ କରୁଅଛନ୍ତି । ବାଷ୍ପୀୟପୋତରେ ଦେଶ ବିଦେଶ ଗମନାଗମନ କରୁଅଛନ୍ତି — ତାରଡାକରେ ଆପଣା ଆପଣାର ସମ୍ବାଦମାନ ପ୍ରେରଣ କରୁଅଛନ୍ତି । ଆତ୍ମା ଅପେକ୍ଷା ଶରୀର, ଚେତନ ଅପେକ୍ଷା ଜଡ଼, ଅନ୍ତର ଅପେକ୍ଷା ବାହ୍ୟ ଉପରେ ମନୁଷ୍ୟର କେତେ ମମତା !

ଏତାବତ୍ କାଳ ପାଶ୍ଚାତ୍ୟଜାତି ଜଡ଼-ରାଜ୍ୟରେ ପ୍ରାୟ ଏକପ୍ରକାର ଏକାଧିପତ୍ୟ କରି ଆସୁଥିଲେ । ସେମାନଙ୍କର ବିଶ୍ୱାସ ନ ଥିଲା ଯେ ସେମାନଙ୍କର ଏହି ଏକାଧିପତ୍ୟ ଉପରେ ଅନ୍ୟ କେହି ହସ୍ତକ୍ଷେପ କରିପାରିବ । କିନ୍ତୁ ସହସା ଏକି ହେଲା ! ପ୍ରାଚ୍ୟ ଆକାଶରେ ହଠାତ୍ ଏକ ନକ୍ଷତ୍ର ଉଦିତ ହେଲା ! ଜଗଦୀଶଚନ୍ଦ୍ର କଲିକତା ପ୍ରେସିଡେନ୍ସି କଲେଜର ଜଣେ ନିମ୍ନଶ୍ରେଣୀସ୍ଥ ଜଡ଼--ବିଜ୍ଞାନାଧ୍ୟାପକ — ବୟସରେ ଯୁବା । କ୍ରମାଗତ କେତେକ ବର୍ଷ ପର୍ଯ୍ୟନ୍ତ କଲେଜର ବିଜ୍ଞାନ ବିଭାଗର ଗୃହ ମଧ୍ୟରେ ଆବଦ୍ଧ ଥାଇ ନିର୍ଜନରେ ଅକ୍ଳାନ୍ତ ପରିଶ୍ରମ ଓ ପ୍ରତିଭାଶାଳୀ ମସ୍ତିଷ୍କ ପରିଚାଳନା କରି ତଡ଼ିତ୍ ସମ୍ବନ୍ଧରେ ସେ ଏକ ନୂତନ ଆବିଷ୍କ୍ରିୟା କରି ଜଡ଼ବିଜ୍ଞାନ ରାଜ୍ୟରେ ଏକ ଅଦ୍ଭୁତ ବିପ୍ଳବ ଉପସ୍ଥିତ କଲେ । କ୍ରମେ ତାହା ଗଭର୍ଣ୍ଣମେଣ୍ଟଙ୍କ କର୍ଣ୍ଣଗୋଚର ହେଲା । ଇଂରାଜଜାତି ଯେତେ ଅଭିମାନୀ ହେଉନ୍ତୁ ପଛକେ ପ୍ରକୃତ ଗୁଣର ଆଦର କରିବାକୁ ସେମାନେ କଦାପି ପଶ୍ଚାତ୍ପଦ ନୁହନ୍ତି । ଆଉ କାଳବିଳମ୍ବ ନ କରି ମହାମାନ୍ୟ ବଙ୍ଗ ଗଭର୍ଣ୍ଣମେଣ୍ଟ ଅଧ୍ୟାପକ ଜଗଦୀଶ ବାବୁଙ୍କୁ ପାଶ୍ଚାତ୍ୟରାଜ୍ୟର କେନ୍ଦ୍ରସ୍ଥଳୀ ଲଣ୍ଡନ ନଗରକୁ ପଠାଇଦେଲେ । ସେଠାରେ ଅଧ୍ୟାପକ ବସୁଜ ମହାଶୟ "ରଏଲ ସୋସାଇଟୀ" ସମ୍ମୁଖରେ ଆପଣାର ଆବିଷ୍କ୍ରିୟା ସମ୍ବନ୍ଧରେ ବକ୍ତୃତା ପ୍ରଦାନ କରି ପୃଥିବୀର ସର୍ବଶ୍ରେଷ୍ଠ ବୈଜ୍ଞାନିକ ମଣ୍ଡଳୀକୁ ଚମତ୍କୃତ କରିଦେଲେ । ଏମନ୍ତ କି ଇଂଲଣ୍ଡର କୌଣସି କୌଣସି ସମ୍ପ୍ରଦାୟ ଅଧ୍ୟାପକ ବସୁଜ ମହାଶୟଙ୍କୁ ବରାବର ଇଂଲଣ୍ଡରେ ରହିବାକୁ ମଧ୍ୟ ସାଗ୍ରହ ଅନୁରୋଧ କରିଥିଲେ । "ରଏଲ ସୋସାଇଟୀ" ସମ୍ମୁଖରେ ବକ୍ତୃତା ପ୍ରଦାନ ଯେପରି ସେପରି ଲୋକର କାର୍ଯ୍ୟ ନୁହେଁ । ଏହା ଯେ ଆଧୁନିକ ସଭ୍ୟଜଗତରେ କେଡ଼େ ବଡ଼ ଗୋଟିଏ ସମ୍ମାନ ତାହା ଶିକ୍ଷିତ ବ୍ୟକ୍ତି-ମାନେ ଅବଗତ ଅଛନ୍ତି । ଏହିରୂପେ ଇଂଲଣ୍ଡର ପ୍ରଧାନ ପ୍ରଧାନ ବୈଜ୍ଞାନିକ ସମାଜମାନଙ୍କ ଦ୍ୱାରା ଅଶେଷ ପ୍ରକାରେ ସମ୍ମାନିତ ହୋଇ ବସୁଜ ମହାଶୟ ୟୁରୋପ ମହାଦେଶର ପ୍ରଧାନ ପ୍ରଧାନ ବୈଜ୍ଞାନିକ ସମିତିମାନଙ୍କର ସମ୍ମୁଖରେ ଆପଣାର ନବ ଆବିଷ୍କ୍ରିୟା ସମ୍ବନ୍ଧରେ ବକ୍ତୃତା ଓ ନବ ଆବିଷ୍କୃତ ବୈଜ୍ଞାନିକ ଯନ୍ତ୍ର ପ୍ରଦର୍ଶନ କରି ଚଳିତ ମାସର ତା ୧୯ ରେ କଲିକତା ମହାନଗରୀରେ ପଦାର୍ପଣ କରିଅଛନ୍ତି । ସେଠାରେ ତାଙ୍କର ଯେ ପ୍ରକାର ଅସୀମ ସମ୍ମାନର ସହିତ ଅଭ୍ୟର୍ଥନା ହୋଇ ଯାଇଅଛି ତାହା ସମ୍ବାଦପତ୍ର ପାଠକମାନେ ଅବଗତ ଅଛନ୍ତି । ତାଙ୍କର ଆବିଷ୍କୃତ ଯନ୍ତ୍ରର ପ୍ରତିଲିପି ପ୍ରସ୍ତୁତ କରିବା କାରଣ ଫ୍ରାନ୍ସ, ଜର୍ମାନୀ ପ୍ରଭୃତି ଦେଶର ପ୍ରଧାନ ପ୍ରଧାନ ବିଜ୍ଞାନ ବ୍ୟବସାୟୀମାନେ ଅନୁମତି ପ୍ରାର୍ଥନା କରିଥିଲେ । ସେମାନେ ଏହି ନବାବିଷ୍କୃତ ଯନ୍ତ୍ରର ପ୍ରତିଲିପି ପ୍ରସ୍ତୁତ କରିବାର ଅଧିକାର ଲଭିକରି ଆପଣା ଆପଣାକୁ ସମ୍ମାନିତ କରିବାକୁ ଅଭିଳାଷୀ । ଧନ୍ୟ ପାଶ୍ଚାତ୍ୟ ଭୂମି ! ଧନ୍ୟ ତୁମର ଗୁଣ ଗ୍ରାହିତା !

ଜନନୀ ଜନ୍ମଭୂମିର ସୁସନ୍ତାନ ଜଗଦୀଶ ! ଆଜି ତୁମ୍ଭ ସକାଶେ 'ଜନନୀ'ର ମୁଖ ଉଜ୍ଜ୍ୱଳ ଓ ପ୍ରଫୁଲ୍ଲ ହୋଇଅଛି । ନୈରାଶ୍ୟାକାଶରେ ଆଶାର ଦୀପ୍ତିରେଖା ପ୍ରତିଭାତ ହୋଇଅଛି । ଥରେ

Digitized by srujanika@gmail.com

କର୍ଣ୍ଣଡେରେ ଶୁଣ, ଦୁଃଖିନୀ ଭାରତମାତାର ଯାବନ୍ତ ସନ୍ତାନ ତୁମର ମଙ୍ଗଳ ଓ ଦୀର୍ଘଜୀବନ ନିମନ୍ତେ ପ୍ରାର୍ଥନା କରୁଅଛନ୍ତି । ଥରେ ଦିବ୍ୟ ଚକ୍ଷୁ ଫେଡ଼ି ଦେଖ, ସ୍ୱର୍ଗକନ୍ୟାମାନେ ତୁମ୍ଭ ଉପରେ ପୁଷ୍ପବର୍ଷଣ କରୁଅଛନ୍ତି । ହେ ଜଗଦୀଶ ! ତୁମେ ଦୀର୍ଘ ଜୀବନ ଲାଭ କରି ଏହିପରି ନବ ନବ ଆବିଷ୍କ୍ରିୟାମାନ ସମ୍ପାଦନ କରି ଦୁଃଖିନୀ ଜନନୀର ଭଣ୍ଡାରକୁ ପୂର୍ତ୍ତି କରୁଥାଅ ଏହା ଆମ୍ଭମାନଙ୍କର ଏକାନ୍ତ ପ୍ରାର୍ଥନା । ତୁମ୍ଭପରି ସୁପୁତ୍ର ଲାଭକରି ଭାରତମାତା ଯେ ବାସ୍ତବିକ ଧନ୍ୟା ହୋଇଅଛି ତାହା ବୋଲିବା ବାହୁଲ୍ୟ ମାତ୍ର । ଗର୍ବସ୍ଫୀତ ପାଶ୍ଚାତ୍ୟଭୂମି ଯେ ଏକା ତୁମ୍ଭର ସକାଶେ ଭବିଷ୍ୟତରେ ପତିତ ଭାରତକୁ ଶ୍ରଦ୍ଧା କରିବ ସେଥିରେ ଆଉ ସନ୍ଦେହ ମାତ୍ର ନାହିଁ । ଆଉ, ହେ ମହାମାନ୍ୟ ଭାରତ ଗଭର୍ଣ୍ଣରମେଣ୍ଟ ! ତୁମ୍ଭକୁ ଆଉ ଅଧିକ କି କହିବୁ, ତୁମ୍ଭେ ତ ସେହି ଗୁଣଗ୍ରାହୀ ଇଂରାଜ ଜାତିର ଅଂଶ । ତୁମେ ଏପରି ଗୁଣବାନ୍ ପୁରୁଷର ସମାଦର ନ କରିବ ତ ଆଉ କରିବ କାହାର ? ଛି ! ଏଠାରେ କି ମଧ୍ୟ ସେହି କଳା ଧଳାର ବିଚାର ଅପ୍ରତିହତ ରଖିବ ? ସର୍ବଶେଷରେ ହେ ନିଶ୍ଚେଷ୍ଟ ଭାରତବାସୀ ! କର୍ଣ୍ଣ ଡେର—ଶୁଣ, ଆଖି ଫେଡ଼ି—ଦେଖ ! ଆଉ କୁମ୍ଭକର୍ଣ୍ଣ ନିଦ୍ରାରେ ଅଭିଭୂତ ରହନାହିଁ ଆଉ ସମସ୍ତ ସଦୁପଦେଶ ପ୍ରତି ବଧିର ହୁଅନାହିଁ । ଥରେ ତୁମ୍ଭମାନଙ୍କର ପତନର ବିଷୟ ଚିନ୍ତାକରି ଦେଖ— ସଭ୍ୟଜାତିବୃନ୍ଦ ତୁମ୍ଭମାନଙ୍କୁ କି ପ୍ରକାର ଅବଜ୍ଞା କରୁଛନ୍ତି ଥରେ ତାହା ଭାବ । ଜାଗ୍ରତ ହୁଅ— ସଚେଷ୍ଟ ହୁଅ— କାର୍ଯ୍ୟ କ୍ଷେତ୍ରରେ ଅବତୀର୍ଣ୍ଣ ହୁଅ । ଊନବିଂଶ ଶତାବ୍ଦୀର ତିରୋଭାବ ସଙ୍ଗେ ସଙ୍ଗେ ସମସ୍ତ ସଭ୍ୟଜାତିର ଅଭିଧାନରୁ "ଆଳସ୍ୟ" ଶବ୍ଦ ଯେ ଏକାବେଳକେ ନିର୍ବାସିତ ହୋଇ ଯାଉଅଛି, ତାହା କି ତୁମ୍ଭେମାନେ ଦେଖି ପାରୁନାହିଁ ? ବାସ୍ତବିକ କହୁଅଛୁଁ ତୁମ୍ଭେମାନେ ଯଦି ଜଗଦୀଶଙ୍କର ସମ୍ୟକ ଆଦର କରିବାକୁ ଶିକ୍ଷା ନ କର ( ମନେରଖ କେବଳ ଫମ୍ପା ବକ୍ତୃତାରେ ସମ୍ୟକ ଆଦର ହୁଏ ନାହିଁ ) ଏବଂ ତାହାଙ୍କର ପଶ୍ଚାଦ୍‌ଗାମୀ ହେବାକୁ ଚେଷ୍ଟା ନ କର ତାହାହେଲେ ତୁମ୍ଭମାନଙ୍କର ଉଦ୍ଧାର ଅସମ୍ଭବ ହେବ । ତୁମ୍ଭେମାନେ ଚିରକାଳ କୃପାପାତ୍ର ହୋଇ ରହିବ ।

ଶ୍ରୀ କୃଷ୍ଣପ୍ରସାଦ ଚୌଧୁରୀ

---

## ଜୀବନ ସମସ୍ୟା*

ସଂସାର କ୍ଷେତ୍ରରେ ପ୍ରବେଶକରି ଜୀବନର ବିଷୟ ପର୍ଯ୍ୟାଲୋଚନା କରିବାକୁ ପ୍ରବୃତ୍ତ ହେଲେ ଗୋଟିଏ ବିଷୟ ଲକ୍ଷ୍ୟ କରି ମନୁଷ୍ୟର ପ୍ରାଣ ନିତାନ୍ତ ଅବସନ୍ନ ହୋଇପଡ଼େ — ସ୍ଥିରଅନ୍ତେ ଦୃଷ୍ଟିପାତକରି ସେ ଦେଖେ ଯେ ସଂସାରର ସକଳ ବସ୍ତୁ ଅନିତ୍ୟ ଓ କ୍ଷଣ ଭଙ୍ଗୁର । ତେବେ ଏ ଅନିତ୍ୟ ସଂସାରରେ ତାହାର ଜୀବନର ଲକ୍ଷ୍ୟ କଣ ? ଏହି ପ୍ରଶ୍ନ ତାହାର ପ୍ରାଣର ଅନ୍ତସ୍ଥଳରୁ ଉତ୍‌ଥିତ ହୁଏ । ଏହି ଗମ୍ଭୀର ପ୍ରଶ୍ନର ଉତ୍ତର ସ୍ୱରୂପ ମାନବସମାଜ ମଧ୍ୟରେ ସାଧାରଣତଃ ଦୁଇଟି ବିଭିନ୍ନ ମତ ପ୍ରଚଳିତ ହୋଇ ଆସୁଅଛି । ବର୍ତ୍ତମାନ ଏଠାରେ ଉକ୍ତ ଦୁଇଗୋଟି ମତର ସଂକ୍ଷିପ୍ତ ଆଲୋଚନା କରିଯାଉ ।

ପ୍ରଥମତଃ ଏକ ଶ୍ରେଣୀର ଲୋକେ ମନେ କରନ୍ତି ସଂସାରର ସକଳ ବସ୍ତୁ ଅନିତ୍ୟ ଓ ଅସାର ଏବଂ ଏ ଜୀବନଟା ମଧ୍ୟ ଅନିତ୍ୟ ଓ ଅସାର, ସୁତରାଂ ଯେତେଦିନ ଏ ସଂସାରରେ ରହିବାକୁ ହେବ କୌଣସି ପ୍ରକାରେ ସୁଖରେ, ଆନନ୍ଦରେ, ନାନା ଭୋଗବିଳାସରେ ଦିନଟା

* ବିଗତ ମାର୍ଚ୍ଚ ମାସ ତା ୧୪ରିଖରେ ସିଦ୍ଧେଶ୍ୱରପୁରସ୍ଥ ହରିଭକ୍ତି ପ୍ରଦାୟିନୀ ଓ ଶିକ୍ଷା ବିବର୍ଦ୍ଧିନୀ ସଭାର ତୃତୀୟ ସାମ୍ବତ୍ସରିକ ଉତ୍ସବରେ ପ୍ରଦତ୍ତ ବକ୍ତୃତାର ସ୍ଥୂଳମର୍ମ ଏହି ପ୍ରବନ୍ଧରେ ସନ୍ନିବିଷ୍ଟ ହେଲା । ସଂ

Digitized by srujanika@gmail.com

କଟାଇଯିବା ଶ୍ରେୟସ୍କର । ସଂସାରଟା ଯେ ଅନିତ୍ୟ ଏହା କେହି ଅସ୍ୱୀକାର କରି ପାରିବେ ନାହିଁ । ମନୁଷ୍ୟ ଦେଖୁଅଛି, ତାହାର ଅତି ଆଦରର ବସ୍ତୁଗୁଡ଼ିକ ଗୋଟି ଗୋଟି ହୋଇ ସମ୍ମୁଖରୁ ଅନ୍ତର୍ହିତ ହୋଇ ଯାଉଅଛି—ଆଜି ସେ ଯାହା ଉପରେ ନିର୍ଭର କରି ଯାହାର ମୁଖକୁ ଅନାଇ ନିର୍ଭୟରେ ନିଶ୍ଚିନ୍ତ ମନରେ କାଳ ହରଣ କରୁଅଛି, ମୁହୂର୍ତ୍ତକେ ସେ ସନ୍ଧାନର ଅଜ୍ଞାତ, କଳ୍ପନାର ଅଜ୍ଞାତ କେଉଁ ରାଜ୍ୟକୁ ଚାଲିଯାଉଅଛି ଅଥବା ବିଲୟ ପ୍ରାପ୍ତ ହେଉଅଛି—କେହି ଥରେ ତା ଆଡ଼କୁ ଫେରି ଅନାଉ ନାହିଁ ବା ତାହାର ହାହାକାର ଓ ଉଚ୍ଚ ରୋଦନଧ୍ୱନିପ୍ରତି କର୍ଣ୍ଣପାତ କରୁନାହିଁ । ସେହିସବୁ ପ୍ରାଣପ୍ରିୟ ଧନ କେଉଁଠାରେ ବା କି ଅବସ୍ଥାରେ ରହିଲ ତାହାର ବିନ୍ଦୁ ବିସର୍ଗ ସେ ବୁଝିପାରିଲା ନାହିଁ । ଏହାକି ସାମାନ୍ୟ ହୃଦୟ ବିଦାରକ କଥା ! ହାୟ ! କେତେ ଆଶା ପ୍ରାଣରେ ଧରି ମନୁଷ୍ୟ ଏ ସଂସାରରେ ଇତସ୍ତତଃ ଧାବମାନ ହେଉଅଛି । କିନ୍ତୁ ମୁହୂର୍ତ୍ତକେ ସବୁ ଉନ୍ମୂଳିତ ହେଉଅଛି । ସାର ହେଉଅଛି କେବଳ ହାହାକାର—କେବଳ ବ୍ୟାକୁଳ କ୍ରନ୍ଦନ ! ଏ ବିଡ଼ମ୍ବନା ସଂସାରରେ କିଏ ଭୋଗକରି ନାହିଁ ବା କରୁନାହିଁ ଏହିପରି ମହା ଅସ୍ଥିରତା ମଧ୍ୟରେ ମାନବପ୍ରାଣ ନିତାନ୍ତ ହତାଶ ହୋଇପଡ଼େ—ସେ ଆଉ ଭବିଷ୍ୟତ ଉପରେ ଆସ୍ଥାରଖି ନ ପାରି ନିର୍ମମ ଓ ଜଗତ୍ ସଙ୍ଗେ ସମ୍ପର୍କ ରହିତ ହୋଇପଡ଼େ । ଏ ଅବସ୍ଥାରେ ଯାହାଦ୍ୱାରା ଯେତିକି ସ୍ୱାର୍ଥ ସଂସାଧିତ ହୋଇ-ପାରେ, ସେ କେବଳ ତେତିକି ଅନ୍ୱେଷଣ କରେ ଏବଂ କୌଣସି ଉପାୟରେ ହେଲେ ଆନନ୍ଦରେ ଦିନଟା କଟାଇ ପାରିଲେ ତାହା ପକ୍ଷରେ ଯଥେଷ୍ଟ ହେଲା ବୋଲି ମନେକରେ । ଧର୍ମ ନାହିଁ, ନୀତି ନାହିଁ, ବିଧି ନିଷେଧ ନାହିଁ—ଅଛି କେବଳ ସ୍ୱାର୍ଥ ! କେବଳ ଶରୀରସେବା ! ତେବେ କି ମାନବଜୀବନ ଦୁଇ ଦିନ ପାଇଁ ? ମୃତ୍ୟୁ କି ଏହାର ଶେଷ ? ଶ୍ମଶାନଭସ୍ମ କି ଏହାର ପରିଣାମ ? ପ୍ରାଣରେ ଏତେ ଆଶା, ଏତେ ଆକାଂକ୍ଷା କାହିଁକି ଅନନ୍ତ ଆଡ଼କୁ ପ୍ରଧାବିତ ? ମାତୃ ଗର୍ଭସ୍ଥ ଶିଶୁର ହସ୍ତ ପଦାଦି ଦେଖିଲେ କଣ ଅନୁମିତ ହୁଏ ? ସେ ଯେ ସେହି ସଂକୀର୍ଣ୍ଣ ଅନ୍ଧକାରମୟ ସ୍ଥାନରେ ବାସ କରିବା ପାଇଁ ସୃଷ୍ଟ ହୋଇନାହିଁ, ସତ୍ୱର ତାହାକୁ ବିସ୍ତୀର୍ଣ୍ଣ କର୍ମଭୂମି ଧରଣୀ ପୃଷ୍ଠରେ ଅବତୀର୍ଣ୍ଣ ହେବାକୁ ପଡ଼ିବ, ଏହା ସହଜରେ ପ୍ରତୀୟମାନ ହୁଏ । ଅଣ୍ଡବିନିଃସୃତ ପକ୍ଷିଶାବକର ନବୋଦ୍‌ଗତ ପକ୍ଷପ୍ରତି ଦୃଷ୍ଟିପାତ କଲାମାତ୍ରକେ ତାହାର ଗଗନ ବିହାର ସୁସ୍ପଷ୍ଟରୂପେ ଅନୁମିତ ହୁଏ । ମାନବ ପ୍ରାଣର ଆଶା, ଆକାଂକ୍ଷା, ପ୍ରବୃତ୍ତିନିଚୟ ନିଃସଂଶୟରେ ତାହାର ଅନନ୍ତ ଜୀବନ ପ୍ରମାଣିତ କରିଦିଏ—ସେ ଯେ ସଂକୀର୍ଣ୍ଣ ପୃଥିବୀ ଗୁଡ଼ି, କ୍ଷୁଦ୍ର ଇନ୍ଦ୍ରିୟଗୋଚର ବିଷୟ ପରିତ୍ୟାଗ କରି ଅତୀନ୍ଦ୍ରିୟ ଅସୀମ ରାଜ୍ୟରେ ବିଚରଣ କରିବ ଓ ଅତୀନ୍ଦ୍ରିୟ ବସ୍ତୁ ସମ୍ଭୋଗ କରି ପ୍ରାଣର ପିପାସା ପରିତୃପ୍ତ କରିବ, ଏହା ସହଜରେ ବୁଝାଯାଏ । ଅନନ୍ତ ତାହାର ଲକ୍ଷ୍ୟ ସ୍ଥଳ । ସୁତରାଂ ଯେଉଁମାନେ ଏହାକୁ ଦୁଇଦିନ ନିମିତ୍ତ ବିଷୟଭୋଗରେ ବ୍ୟାପୃତ ରଖି ତୃପ୍ତିଲାଭ କରିବାର ଆଶା କରନ୍ତି, ସେମାନେ ଅନ୍ଧ—ସେମାନଙ୍କର ଆଶା କୌଣସିକାଳେ ପରିତୃପ୍ତ ହୁଏ ନାହିଁ । ଏ କ୍ଷଣେ ବୁଝାଯାଉଅଛି ଯେ ଏହି ଶ୍ରେଣୀର ସିଦ୍ଧାନ୍ତ ସମ୍ପୂର୍ଣ୍ଣ ଭ୍ରମାତ୍ମକ । ଅଥଚ ଏହା ଯେ ନିତାନ୍ତ ମୂର୍ଖ ଓ ଅଜ୍ଞ ଜନସାଧାରଣଙ୍କ ମତ, ତାହା ନୁହେଁ—ଅନେକ ମହାମହୋପାଧ୍ୟାୟ ପଣ୍ଡିତ ଏହି ମତାବଲମ୍ବୀ, ଏହି ଶ୍ରେଣୀର କୌଣସି କୌଣସି ଜ୍ଞାନୀ ଏହି ଭ୍ରମାତ୍ମକ ବିଶ୍ୱାସ ବା ସିଦ୍ଧାନ୍ତ ଉପରେ ଧର୍ମ ଓ ନୀତିକୁ ସଂସ୍ଥାପନ କରିବାକୁ ଚେଷ୍ଟା କରିଅଛନ୍ତି । ସେମାନଙ୍କ ମତରେ ସଂସାରଟା ଯେତେବେଳେ ସର୍ବସ୍ୱ, ତେତେ-ବେଳେ ଯେଉଁ ଉପାୟରେ ଷୋଳଅଣା ସଂସାରିକ ସୁଖ ସଂସାଧିତ ହୁଏ, ତାହାହିଁ ଧର୍ମ ଓ ନୀତି । ଏହି ଧର୍ମ ଓ ନୀତିକୁ ଜନସମାଜରେ ପ୍ରତିଷ୍ଠିତ କରିବାପାଇଁ ଉଠିଛି ଗୋଟିଏ ଦର୍ଶନ

Digitized by srujanika@gmail.com

ଶାସ୍ତ୍ରର ଅବତାରଣା ହୋଇଅଛି ଏବଂ ନାନା ଯୁକ୍ତିଜାଲ ବିସ୍ତାର କରାହୋଇଅଛି *। କିନ୍ତୁ ହାୟ ! ମାନବପ୍ରାଣ ଏଥିରେ ପରିତୃପ୍ତ ହୋଇନାହିଁ—କଦାପି ହେବନାହିଁ । ମନୁଷ୍ୟ ଯେଉଁ ରାଜ୍ୟର ଜୀବ, ଏ ଦର୍ଶନ, ଧର୍ମ ଓ ମତ ସେ ରାଜ୍ୟ ସଙ୍ଗେ କିଛି ସମ୍ପର୍କ ରଖେ ନାହିଁ ଏବଂ ସେ ରାଜ୍ୟର ସମାଚାର କିଛି ଦେଇ ପାରେ ନାହିଁ । କିଏ କହିପାରେ ସେ ଏହି ମତାବଲମ୍ବି-ମାନଙ୍କ ପ୍ରାଣରେ ସମୟ ସମୟରେ ଗଭୀର ଅତୃପ୍ତି ଓ ବିଷୟ ସମ୍ଭୋଗଜନିତ ଅବସାଦ ସଞ୍ଜାତ ହୁଏ ନାହିଁ ବା ସେମାନଙ୍କୁ ସଂସାରର ଅତୀତ ବସ୍ତୁ ଅନ୍ୱେଷଣ କରିବାକୁ ପ୍ରବୃତ୍ତ କରେ ନାହିଁ ?

ଅପର ଶ୍ରେଣୀ କହନ୍ତି, ଯେତେବେଳେ ଦେଖାଯାଉଅଛି ସଂସାରଟା ଅନିତ୍ୟ, ତେତେବେଳେ ଏଥିରେ ଆସକ୍ତ ହେବା କଦାପି ବୁଦ୍ଧିମାନର କାର୍ଯ୍ୟ ନୁହେ । ଜଗତର ସବୁ ଅନିତ୍ୟ, ଏ ଦେହ ଅନିତ୍ୟ, କିନ୍ତୁ ଜଡ଼ାତୀତ ଆତ୍ମା ନିତ୍ୟ ସତ୍ୟବସ୍ତୁ; ଅବଶ୍ୟ ଏହାର କୌଣସି ଧ୍ରୁବ ଆଶ୍ରୟ ଭୂମି ଅଛି। ସେହି ଧ୍ରୁବ ଆଶ୍ରୟଭୂମି ଲାଭ କରିବାପାଇଁ ଆପଣାକୁ ପ୍ରସ୍ତୁତ କର । ସଂସାରର ସମସ୍ତ ପରିତ୍ୟାଗ କର—ଧନ, ମାନ, ସ୍ତ୍ରୀ, ପୁତ୍ର, ଭାଇ, ବନ୍ଧୁ କେହି ତୁମ୍ଭର ନୁହନ୍ତି ବା କେହି ତୁମ୍ଭ ସଙ୍ଗେ ଯିବେନାହିଁ । ତୁମ୍ଭେ ମଧ୍ୟ କାହାର ନୁହଁ । ସୁତରାଂ ସମସ୍ତଙ୍କ ମାୟା ପରିତ୍ୟାଗ କରି ସକଳ ଆସକ୍ତିର ବନ୍ଧନ ଛେଦନ କରି ସେହି ପରମ ସତ୍ୟ ବସ୍ତୁ ଲାଭ କର । ଏହି ମତଟିରେ ଗଭୀର ସତ୍ୟ ନିହିତ ଅଛି ସତ୍ୟ, କିନ୍ତୁ ଏଥିରେ ଗୋଟିଏ ମାରାତ୍ମକ ଭ୍ରମ ରହିଅଛି । ଅନିତ୍ୟ ସଂସାରରେ ବାସ କରି ମାନବ ପ୍ରାଣ ନିତ୍ୟ ସତ୍ୟବସ୍ତୁ ଲାଭ କରିବାପାଇଁ ସ୍ୱଭାବତଃ ବ୍ୟାକୁଳ ହୋଇଉଠେ । ପଦତଳେ ଯାହାକିଛି ଅଛି ସମସ୍ତ ଟଳମଳ । ଉର୍ଦ୍ଧ୍ୱ ଦେଶରେ ବା ପାର୍ଶ୍ୱରେ ଧରିବାର ଉପଯୋଗୀ କିଛିନାହିଁ । ଅଥଚ ପ୍ରାଣ ଗୋଟିଏ ସ୍ଥିର ଭୂମି—ଗୋଟିଏ ଧ୍ରୁବ ଆଶ୍ରୟ ଅନ୍ୱେଷଣ କରେ । ଏ ଅବସ୍ଥା ମାନବଜୀବନ ପକ୍ଷରେ ସ୍ୱାଭାବିକ ଏବଂ ଏହି ସମସ୍ୟା ପୂରଣ କରିପାରିଲେ ତାହାର ଜୀବନର ସକଳ ସମସ୍ୟା ପୂରଣ ହୋଇଯାଏ । ଏହି ସଂକଟପୂର୍ଣ୍ଣ ସ୍ଥଳରେ ଦଣ୍ଡାୟମାନ ହୋଇ ମନୁଷ୍ୟ ଯଥାର୍ଥ ବସ୍ତୁ ଧରି ନ ପାରିଲେ ଆପଣାକୁ ସର୍ବସ୍ୱ ମଣି ଅପର ସକଳ ବସ୍ତୁର ଅସ୍ତିତ୍ୱ ପର୍ଯ୍ୟନ୍ତ ଉଡ଼ାଇ ଦେବାକୁ ଚେଷ୍ଟା କରେ । ସେ କହେ 'ମୁଁ' କେବଳ ସତ୍ୟ; ପରିଦୃଶ୍ୟମାନ ଅନ୍ୟ ସକଳ ବସ୍ତୁ କେବଳ ମାୟା—କେବଳ ଛଳନା ! ମୁହିଁ ମୋହର ଦେବତା । ଏହାହିଁ ଜ୍ଞାନର ଚରମ ସୀମା—ସାଧନାର ଚରମ ଲକ୍ଷ୍ୟ *। କିନ୍ତୁ ଏହି ମତ ନିତାନ୍ତ ସ୍ୱବିରୋଧୀ । ଏତଦ୍ୱାରା ମନୁଷ୍ୟ ମାୟାଜାଲ କାଟିବାକୁ ଯାଇ ଆଉ ଗୋଟିଏ ସ୍ୱରଚିତ ସୁଦୃଢ଼ ନୂତନ ମାୟାଜାଲରେ ଆପଣାକୁ ଆବଦ୍ଧ କରେ । ସେ ଯାହାହେଉ ଏହା କେବଳ ଗୋଟିଏ ମତ ମାତ୍ର—ଶୁଣିବାକୁ

---

* ଆମ୍ଭମାନଙ୍କ ଦେଶର ଚାର୍ବାକମତ ଓ ୟୁରୋପୀୟ Epicurean ମତ ଏହି ସୁଖବାଦ-ମୂଳକ । ପୁଣି ଏହି ସୁଖବାଦ କିଞ୍ଚିତ୍ ଉନ୍ନତ ଆକାର ଧାରଣ କରି Utilitarianism ବା ହିତବାଦମତରେ ପରିଣତ ହୋଇଅଛି ।

* ଶାସ୍ତ୍ରର ଜଟିଳ କୁଟିଳ ଅର୍ଥ ଦ୍ୱାରା ସେ ଯାହା ପ୍ରତିପାଦନ କରିବାକୁ ଚେଷ୍ଟା କରନ୍ତୁ, ଦେଶ ପ୍ରଚଳିତ ଅଦ୍ୱୈତବାଦ ବା ମାୟାବାଦର ସ୍ଥୂଳମର୍ମ ଏହି ।

Digitized by srujanika@gmail.com

ଆପାତତଃ ଅତି ମନୋହର ହେଲେହେଁ କାର୍ଯ୍ୟତଃ ଜୀବନ ସଙ୍ଗେ ଏହାର କିଛିମାତ୍ର ସଂପର୍କ ନାହିଁ । କେଉଁ ପ୍ରକୃତିସ୍ଥ ମନୁଷ୍ୟ ବିଶ୍ୱାସ କରି ପାରେ ଯେ ମୋ ଛଡ଼ା ବ୍ରହ୍ମାଣ୍ଡ ମଧ୍ୟରେ ଆଉ କିଛି ନାହିଁ ଅଥବା 'ମୁଁ' ବୋଲି ସ୍ୱତନ୍ତ୍ର କିଛି ନାହିଁ, ସେହି ବ୍ରହ୍ମହିଁ ସର୍ବସ୍ୱ । ପୁଣି ଏହାଦ୍ୱାରା ପାପପୁଣ୍ୟ ଓ ଧର୍ମାଧର୍ମର କିଛି-ମାତ୍ର ପ୍ରଭେଦ ରହେ ନାହିଁ, ଅତଏବ ତର୍କ ସ୍ଥଳରେ ଏହା ଯେତେ ମନୋହର ହେଉପଛକେ ପ୍ରାଣର ଅନ୍ତଃସ୍ଥଳ କଦାପି ସ୍ପର୍ଶ କରିପାରେ ନାହିଁ । ଆହୁରି ଦେଖାଯାଏ ଏକ ଶ୍ରେଣୀର ଲୋକେ ନିଜ ବୁଦ୍ଧି ବିଚାର ଦ୍ୱାରା ସେହି ପରମ ସତ୍ୟକୁ ଜାଣିବାକୁ ଚେଷ୍ଟାକରି କ୍ଷୁଦ୍ରତାପ୍ରଯୁକ୍ତ ବିଫଳମନୋରଥ ହୋଇ ଘୋର ସଂଶୟରେ ନିମଗ୍ନ ହୁଅନ୍ତି । କ୍ଷୁଦ୍ର ହୋଇ ଯେଉଁମାନେ ଅନନ୍ତଙ୍କର ସକଳ ତତ୍ତ୍ୱ ନିଜ ବୁଦ୍ଧିରେ ଆୟତ୍ତ କରିବାକୁ ବସନ୍ତି, ସେମାନଙ୍କ ଭାଗ୍ୟରେ ଏହିପରି ବିଡ଼ମ୍ବନା ସୁନିଶ୍ଚିତ ! ଅନନ୍ତଙ୍କୁ ଯେବେ ମନୁଷ୍ୟ ସମ୍ପୂର୍ଣ୍ଣରୂପେ ଜାଣିପାରିବ, ତେବେ ଆଉ ଅନନ୍ତଙ୍କର ଅନନ୍ତତ୍ୱ ରହିଲା କେଉଁଠାରେ ? ଯାହାହେଉ ଏ ସମସ୍ତ ମତର ଆଲୋଚନାରେ ଅଧିକ କାଳକ୍ଷେପ କରିବା ନିଷ୍ପ୍ରୟୋଜନ । ଯେଉଁମାନେ ଆତ୍ମାର ଚିର ଆଶ୍ରୟ ଭୂମି ସତ୍ୟ ସନାତନଙ୍କୁ ଲାଭ କରିବା-ପାଇଁ ସଂସାରର ସକଳ ବନ୍ଧନ ଛେଦ କରିଯାନ୍ତି ବା ଯିବାକୁ ଅନ୍ୟକୁ ଉପଦେଶ ଦିଅନ୍ତି ସେମାନଙ୍କ ମତ କିଞ୍ଚିତ ଆଲୋଚନା କରିଯାଉ । ସଂସାର ଛାଡ଼ିଯିବା ଯେବେ ମାନବଜୀବନର ଲକ୍ଷ୍ୟ ହେଲା, ତେବେ ସମାଜବଦ୍ଧ ହୋଇ ରହିବାର ଅଦମ୍ୟ ଆକାଂକ୍ଷା ତାହାର ପ୍ରାଣରେ କାହିଁକି ? ସୁକୋମଳ ଅପତ୍ୟ ସ୍ନେହ, ପରମ ପବିତ୍ର ପିତୃମାତୃ ଭକ୍ତି, ସୁମଧୁର ଦାମ୍ପତ୍ୟ ପ୍ରେମ, ପରମ ପ୍ରୀତିକର ସୁହୃତ୍‌ପ୍ରଣୟ, ମହୋଦାର ଜନାନୁରାଗ ମାନବ ପ୍ରାଣରେ ବିଧାତା ରୋପଣ କରିଅଛନ୍ତି କାହିଁକି ? ପରର ଭାବନା ଭାବି, ପରହିତ ସାଧନ ପାଇଁ ମନୁଷ୍ୟ ଅକାତରେ ଆତ୍ମଜୀବନ ବଳି ଦିଏ କାହିଁକି ? ପୁଣି ସେପରି ହେଲେ ଇତର ପ୍ରାଣୀ ସଙ୍ଗେ ମନୁଷ୍ୟର ପ୍ରଭେଦ ରହିଲା କେଉଁଠାରେ ? ପକ୍ଷିଶାବକ ଉଡ଼ି ପାରିଲେ—ଆହାର ସଂଗ୍ରହ କରିବାର ଶକ୍ତିଲାଭ କଲେ ମାତୃସଙ୍ଗ ପରିତ୍ୟାଗ କରେ । ସେହି ଅଭିନୟ ଦେଖାଇବାକୁ କି ମନୁଷ୍ୟ ସୃଷ୍ଟ ହୋଇଅଛି ? ଏହି ମତ ଅନୁଯାୟୀ ସମସ୍ତେ କାର୍ଯ୍ୟକଲେ ସଂସାରଟା ଅଚିରେ ଗୋଟିଏ ପ୍ରକାଣ୍ଡ ଶ୍ମଶାନ ରୂପରେ ପରିଣତ ହେବ ଏଥିରେ ସଂଶୟ ନାହିଁ ! ମାତ୍ର ତାହା ଅସମ୍ଭବ । କେତେଜଣ ଲୋକ ଏ ସଂସାରରେ ସ୍ୱଭାବ ଅତିକ୍ରମ କରି ଚଳି ପାରନ୍ତି ? ଯେଉଁମାନେ ସେପରି ଦୁଶ୍ଚେଷ୍ଟା କରନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ନାନା ବିଡ଼ମ୍ବନା ଭୋଗ କରିବାକୁ ହୁଏ ! ବଳପୂର୍ବକ ପ୍ରବୃତ୍ତି ରୋଧ କରିବା—ପ୍ରଲୋଭନ ନିକଟରୁ ପଳାୟନ କରି ଆତ୍ମରକ୍ଷା କରିବା କେତେଜଣଙ୍କ ପକ୍ଷରେ ସୁସାଧ୍ୟ ହୋଇ ପାରେ ? ଏ ପ୍ରକାର ସ୍ଥଳରେ ସାମାନ୍ୟ ପ୍ରଲୋଭନରେ ପ୍ରବୃତ୍ତିସକଳ ମନ ମଧ୍ୟରେ ପ୍ରବଳ ହୋଇ କ୍ଷଣକେ ମନୁଷ୍ୟକୁ ଘୋର ବିପାକରେ ନିକ୍ଷେପ କରନ୍ତି । ଏହାର ଶତ ଶତ ପ୍ରମାଣ ପ୍ରାଚୀନ ଏବଂ ଆଧୁନିକ କାଳରେ ପ୍ରତ୍ୟକ୍ଷ ହୋଇପାରେ । ଅସ୍ୱାଭାବିକ ଉପାୟ ଅତି ଅଳ୍ପସ୍ଥଳରେ କାର୍ଯ୍ୟକାରୀ ହୋଇଥାଏ । ସେ ଯାହାହେଉ ଏହି ମତ ଦ୍ୱାରା ଆଉ ଗୋଟିଏ ବିଶେଷ ଅନିଷ୍ଟକର ମତ ଆମ୍ଭମାନଙ୍କ ସମାଜରେ ପ୍ରଚଳିତ ହୋଇଅଛି । ସଂସାର ତ୍ୟାଗ ପରମ ପୁରୁଷାର୍ଥ ଏବଂ ତାହା ନ ହେଲେ ଜୀବନର ଲକ୍ଷ୍ୟ ସାଧନ ହୁଏ ନାହିଁ, ଏହି ଭ୍ରାନ୍ତ ବିଶ୍ୱାସ ଅନେକଙ୍କ ହୃଦୟରେ ସ୍ଥାନ ପାଇ ସେମାନଙ୍କୁ ଯଥାର୍ଥ ଧର୍ମ ସାଧନରେ ଉଦାସୀନ କରି ପକାଇଅଛି । ସେମାନଙ୍କର ଧାରଣା ଆମ୍ଭେମାନେ ସଂସାରୀ ଜୀବ, ଧର୍ମାଧର୍ମ, ସତ୍ୟ, ମିଥ୍ୟା, ପାପପୁଣ୍ୟ ମିଶାମିଶି ହୋଇ ଆମ୍ଭମାନଙ୍କ ମଧ୍ୟରେ ରହିବା ସ୍ୱାଭାବିକ ।

Digitized by srujanika@gmail.com

ସମୟାନୁସାରେ କଳ୍ପିତ ଧର୍ମକାର୍ଯ୍ୟର ଅନୁଷ୍ଠାନ କରିବୁଁ — ଅଥଚ ପ୍ରୟୋଜନାନୁସାରେ ଅଧର୍ମ, ମିଥ୍ୟା ପ୍ରବଞ୍ଚନାର ଆଶ୍ରୟ ମଧ୍ୟ ଗ୍ରହଣ କରିବୁଁ, ଏହା ଆମ୍ଭମାନଙ୍କ ପକ୍ଷରେ ବିଧି । ଉଚ୍ଚ ଧର୍ମ ପାଳନ ଯୋଗୀ, ସନ୍ନ୍ୟାସୀ ପ୍ରଭୃତିଙ୍କ ପକ୍ଷରେ ସମ୍ଭବ ହୋଇପାରେ--ମାତ୍ର ସଂସାରୀ ପକ୍ଷରେ ତାହାର ସମ୍ଭାବନା ନାହିଁ । ଏଗୁଡ଼ିକ କଳ୍ପନାର କଥା ନୁହେଁ । ସହସ୍ର ସହସ୍ର ବ୍ୟକ୍ତି ଅକୁଣ୍ଠିତ-ଚିତ୍ତରେ ଏହିପରି ମତ ବ୍ୟକ୍ତ କରିଥାନ୍ତି । ପୁଣି ଏହା କେବଳ ଅଜ୍ଞ ଜନସାଧାରଣଙ୍କର ମତ ନୁହେଁ—ଅନେକ ଗଣ୍ୟମାନ୍ୟ ଶିକ୍ଷିତ ବ୍ୟକ୍ତି ମଧ୍ୟ ପ୍ରାଣରେ ଏହି ମତ ପୋଷଣ କରିଥିବାର ଦେଖାଯାଇଅଛି । ଅନେକ ସ୍ଥଳରେ ଏହି ବିଷମ ଭ୍ରାନ୍ତିର ହସ୍ତରୁ ଉଦ୍ଧାର ପାଇବା ନିତାନ୍ତ କଠିନ ହୋଇ ପଡ଼ିଅଛି ।

-କ୍ରମଶଃ-

---

# ରଙ୍ଗରସ

୧

[ ସ୍ଥାନ—ବୈଠକଖାନା ]

ସାହେବ—ଚପରାସି ! ତୁମ ଜାଣ୍ଟା ହେ କଲ ମେମ୍ ସାହେବକା ଏକ ଲଡ଼କା ହୁଆ ?

ଚପରାସୀ— ( ଦୁଇହସ୍ତ ଯୋଡ଼ି ) ଖୋଦାବନ୍ଦ ! ବନ୍ଦାକୁ ମାଲୁମ ହେ । ବନ୍ଦା ଶୁନ୍‌କେ ବଡ଼ା ଖୁସ୍ ହୋଗେୟା ।

ସାହେବ—ବହୁତ୍ ଆଚ୍ଛା, ଅଭି ତୁମ୍ କ୍ୟା ମାଙ୍ଗଟା ?

ଚପରାସୀ—କୁଛ ନେଇ, ଖୋଦାବନ୍ଦ, ବନ୍ଦା ସଲମ୍ ଦେନେକୋ ଆୟା — ଆର ମାଙ୍ଗେଗା କ୍ୟା, ଲଡ଼କା ହୁଆ, ମିଠାଇ ମାଙ୍ଗତା ।

ସାହେବ—ଆଚ୍ଛା ସବୁର କରେ । ମିଠାଇ ପାଏଗା, ହାମାର ଏକ ଗଡ଼୍ଡା ଦରକାର ହେ, ଇହାଁ କାହାଁ ମିଲେଗା ?

ଚପରାସୀ—(ଗଡ଼୍ଡା କଅଣ ବୁଝି ନ ପାରି) ହଜୁର ଗଡ଼୍ଡା କ୍ୟା ?

ସାହେବ—ଏଇଓ ଡ୍ୟାମ୍ ସୁଆର କା ବଚ୍ଚା, ଗଡ଼୍ଡା କ୍ୟା ବୁଝନେ ନେହିଁ ସକତା ।

ଚପରାସୀ—ହଜୁର ମା ବାପ୍, ସବ କୁଛ ବୋଲନେ ସକ୍‌ତେ । ଆପ କ୍ୟା ଗଧା ମାଙ୍ଗତେ ହେଁ ?

ସାହେବ—Yes, Yes (ହଁ ହଁ) ଗଡ଼୍ଡା, ଗଡ଼୍ଡା ।

ଚପରାସୀ—ହଁ । ଗଧା ମିଲେଗା, ଆପକା କ୍ୟା ରକମକା ଗଧା ଦରକାର ହେ ?

ସାହେବ—(ମାଇ ଗଧକୁ କପର ହିନ୍ଦିରେ କହିବେ ବୁଝି ନ ପାରି)
ହାମାର ଏସା ଗଡ଼୍ଡା ମତ୍ ଲାଓ, ମେମ ସାହେବକା ଏସା ଗଡ଼୍ଡା ଲାଓ ।

ଚପରାସୀ—( ସ୍ୱଗତଃ ) ସାହେବକା ବଡ଼ା ଅକଲ । ହାମକୁ ଡ୍ୟାମ ସୁଅର କା ବଚ୍ଚା ବୋଲତା, ନିଜମେ ଅକଲ ମେ ସୁଅରକା ଲେଣ୍ଡି ସେ ଛୋଟା ଆଦ୍‌ମି ହେ ! (ଦୁଇ ହାତ ସଲମ ପକାଇ) ହଜୁର ବନ୍ଦା ଅଭି ଗଧା ଲତା ହେଁ ।

୨

[ସ୍ଥାନ--ନେପାଳୀ ସରଦାର ଛତ୍ରର ସିଂହଙ୍କ କଲିକତାସ୍ଥ ବସାଗୃହ । ଛତ୍ରର ସିଂହ, ଛତ୍ରରସିଂହଙ୍କ ପୁତ୍ର ଧନପତ୍ ଓ ଜ୍ଞାନେନ୍ଦ୍ର ବାବୁ ଆସୀନ ]

ଛତ୍ରରସିଂହ— (ଜ୍ଞାନେନ୍ଦ୍ର ବାବୁଙ୍କୁ ଅନାଇ) ବାବୁଜି, ଧନପତ୍‌କା ଓମର ଅଭି ବାରେ ବରଷ ଚଲତା, ଥୋଡ଼ା ବହୁତ୍ ନେପାଳୀ ଜାନ୍‌ତା । ହାମାର ଇରଦା, ଉସକୋ

Digitized by srujanika@gmail.com

ଥୋଡ଼ା ଅଂରେଜ ଶିଖାଏଗା । ହାମାର ଅରଜ୍, ଆପ ଏକ ଭଲ ମାଷ୍ଟର ହାମକୁ ଦେଙ୍ଗେ ।

ଜ୍ଞାନେନ୍ଦ୍ର—ବହୁତ ଆଚ୍ଛା, କ୍ୟା ତଲବ ଦେଙ୍ଗେ ?

ଛତରସିଂହ—ଫଜର ଦୋ ଘଣ୍ଟା ପଢ଼ାୟେଗା, ଦସ୍ ରୁପେୟା ଦେଙ୍ଗେ ।

ଜ୍ଞାନେନ୍ଦ୍ର—ଆଚ୍ଛା, କଲ୍ ଫଜର୍ ଏକ ଭଲ ମାଷ୍ଟର ଲେକେ ହାଜର କରେଙ୍ଗେ ।

( ପରଦିନ ପ୍ରାତଃକାଳରେ ଜ୍ଞାନେନ୍ଦ୍ର ବାବୁଙ୍କର ମାଷ୍ଟର ସହିତ ପ୍ରବେଶ )

ଜ୍ଞାନେନ୍ଦ୍ର—ସରଦାରଜୀ, ଏ ବାବୁ ଧନପତ୍‌କା ମାଷ୍ଟର—ଏ ବହୁତ ଆଚ୍ଛା ଆଦ୍‌ମି, ଏମେ ପାସ୍ କିନ୍ ।

ଛତରସିଂହ—(ଧନପତକୁ ପାଖକୁ ଡକାଇ) ଧନପତ୍, ତୁମ ଆଜସେ ବରବର ଫଜର ଦୋ ଘଣ୍ଟା ଏ ବାବୁକା ନଜିକ ଅଂରେଜି ପଢ଼ୋ — ଭଲ ପଢ଼ନେସୁ ବକସିସ୍ ପାଓଗେ ।

(କିଛୁଦିନ ଧନପତ ମାଷ୍ଟର ନିକଟରେ ଇଂରାଜି ଶିକ୍ଷା କରିବା ପରେ )

ଧନପତ୍—ମାଷ୍ଟରଜି But (ବଟ୍) ମାନେ କ୍ୟା ?

ମାଷ୍ଟର—ଅଗର୍

ଛତରସିଂହ—(ଯେ କି କିଛି ଦୂରରେ ବସି ପୁତ୍ରର ପଢ଼ା ଶ୍ରବଣ କରୁଥିଲେ, ମାଷ୍ଟରଙ୍କୁ ନିକଟକୁ ଡାକି) "ମାଷ୍ଟର ସାହେବ, ଧନପତ୍ ସିପାହିକା ଲଡ଼କା, ସିପାହିକା ଧରମ୍ ମାରେ ଔର ମରେ, ଏ ଦୋନୋ ବାତ୍ ସେ ଏକ ବାତ୍ ସିପାହି ଅଲବତ୍ କରେଗା, ନହିଁ କରେଗା ଯବ୍ ତବ୍ ଓ ରଣ୍ଡି ହେ । ଯବ୍ କୁଛ୍ ଶିଖାନେକା ହେ ତୋ ଭଲ କରକେ ଶିଖାଓ, 'ଅଗର ମଗର' ମତ୍ ଶିଖାଓ ।"

ମାଷ୍ଟର—(ଛତରସିଂହଙ୍କ ଗରଜନୋଚିତ ବାକ୍ୟ ଶ୍ରବଣ କରି ପରଦିନ ପଢ଼ାଇବାକୁ ଆଉ ଆସିଲେ ନାହିଁ, ଜ୍ଞାନେନ୍ଦ୍ର ବାବୁଙ୍କ ସହିତ ସାକ୍ଷାତ୍ କରି କହିଲେ)

"ମଶାୟ ଆମି ଛତରସିଂହେର ଛେଲେକେ ପଡ଼ାତେ ପାରବ ନା । Butଏର ମାନେ ଅଗର୍ ବଲେଦେଓଆତେ ସରଦାର ଚଟେ ମଟେ ଗରଜନ କରେ ବଲିଲ 'ଧନ୍‌ପତ୍ ସିପାହିକା ଲଡ଼କା, ଇସକୁ 'ଅଗରମଗର' ମତ୍ ଶିଖଲାଓ ।' ବେଟା ଏକ ତରବାରି କାଛେ ରେଖେଛେ, କୋନ୍ ଦିନ୍ କଖନ୍ ଆବାର ଅଗର ବଲେ ଫେଲବ, ତାହଲେ ବେଟା ଆମାକେ କେଟେ ଫେଲବେ— ଆର ଆମି ତାର ବାଡ଼ି ଯାଚ୍ଛି ନା ।

ଜ୍ଞାନେନ୍ଦ୍ର—କି ବଲ ! ଆମିଓ ତାର କାଛେ ଆର ଯାଚ୍ଛି ନା !

ଶ୍ରୀ ପଞ୍ଚାନନ

---

## ବିବିଧ ପ୍ରସଙ୍ଗ

ଡାୟମଣ୍ଡ ଜୁବିଲି—ଇଂଲଣ୍ଡେଶ୍ୱରୀ, ଭାରତ-ସାମ୍ରାଜ୍ଞୀ ମାତୃସମା ମହାରାଣୀ ଭିକ୍ଟୋରିୟାଙ୍କ ରାଜତ୍ୱକାଳ ଆଗାମୀ ଜୁନ ମାସରେ ୬୦ ବର୍ଷ ଅତିକ୍ରମ କରିବ । ଇଂଲଣ୍ଡର କୌଣସି ରାଜା ବା ରାଣୀ ଏତେ ଦୀର୍ଘକାଳ ରାଜତ୍ୱ କରି ନ ଥିଲେ । ଏହି ଘଟଣା ସ୍ମରଣୀୟ କରିବାପାଇଁ ମହାରାଣୀଙ୍କ ଅଧିକାର ମଧ୍ୟରେ ସର୍ବତ୍ର ମହୋତ୍ସବ ଅନୁଷ୍ଠିତ ହେବ । ଭିକ୍ଟୋରିୟା କେବଳ ଯେ ଇଂଲଣ୍ଡର ଅତୀତ ରାଜନ୍ୟବୃନ୍ଦଙ୍କ ଅପେକ୍ଷା ଦୀର୍ଘକାଳ ରାଜତ୍ୱ କଲେ ତାହା ନୁହେ—ତାଙ୍କ ରାଜତ୍ୱ-କାଳରେ ଅଗଣିତ ପ୍ରଜାବୃନ୍ଦ ଯେପରି ସୁଖସମୃଦ୍ଧିର ଅଧିକାରୀ ହୋଇଅଛନ୍ତି, ଯେପରି ଶାନ୍ତିରେ ଏବଂ ଆନନ୍ଦରେ କାଳ କଟାଇବାକୁ ସକ୍ଷମ ହୋଇ-ଅଛନ୍ତି, ଅନ୍ୟ କାହାରି ଶାସନକାଳରେ ସେପରି

Digitized by srujanika@gmail.com

ହୋଇ ନଥିଲା କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ପରନ୍ତୁ ତାଙ୍କ ପରି ଗୁଣବତୀ, ବୁଦ୍ଧିମତୀ, ଦୟାଶୀଳା, କର୍ମକୁଶଳା, ଧର୍ମପରାୟଣା, ରମଣୀ ସଂସାରରେ ବିରଳ । ଯଥାର୍ଥ ସେ ତାଙ୍କର ପ୍ରଜାପୁଞ୍ଜର ମାତୃସ୍ଥାନୀୟା । ପ୍ରଜାମାନଙ୍କ ଦୁଃଖରେ ତାଙ୍କର ସୁକୋମଳ ନାରୀ ହୃଦୟ ସର୍ବଦା ବ୍ୟଥିତ । ପ୍ରଜାର ସୁଖରେ ସର୍ବଦା ସେ ଉତ୍‌ଫୁଲ୍ଲ । ପ୍ରଜାବର୍ଗ ଏପରି ସାମ୍ରାଜ୍ଞୀଙ୍କୁ ଭକ୍ତି ନକରି ଆଉ କାହାକୁ ଭକ୍ତି କରିବେ ? ବିଶେଷତଃ ଭାରତବାସୀଙ୍କର ସ୍ୱଭାବସିଦ୍ଧ ରାଜଭକ୍ତି ଏହାଙ୍କ ନାମରେ ଉଚ୍ଛ୍ୱସିତ ନ ହୋଇ ରହିପାରିବ କିପରି ? ସତ୍ୟ କଥା, ରାଜପୁରୁଷମାନଙ୍କ ଭ୍ରମପ୍ରମାଦରୁ ବା କୁଟନୀତି ପ୍ରଭାବରୁ ଆମ୍ଭମାନଙ୍କୁ ଅନେକ ସମୟରେ ଦୁଃଖ, ବିଡ଼ମ୍ବନା ଓ ଲାଞ୍ଛନା ଭୋଗ କରିବାକୁ ହେଉଅଛି, କିନ୍ତୁ ତାହା ବୋଲି ଭିକ୍ଟୋରିଆଙ୍କ ପ୍ରତି କେହି ବୀତରାଗ ହୋଇ ନ ପାରନ୍ତି ଏବଂ ନୁହନ୍ତି । ଡାୟମଣ୍ଡ ଜୁବିଲି ଉପଯୁକ୍ତରୂପେ ପ୍ରତିପାଳିତ ହେଉ ଏହାହିଁ ଆମ୍ଭମାନଙ୍କର ଆନ୍ତରିକ କାମନା । ଦୁର୍ଭାଗ୍ୟର ବିଷୟ ଭାରତ ପକ୍ଷରେ ଏବର୍ଷ ନିତାନ୍ତ ଦୁର୍ବର୍ଷ — ଭାରତବାସୀ ମନ ପୂରାଇ ଉତ୍ସବ ଅନୁଷ୍ଠାନ କରିବାକୁ ଏପରି ଦୁଃସମୟରେ ଏକାନ୍ତ ଅସମର୍ଥ । ସେ ଯାହାହେଉ, ଜୁନମାସ ୨୦ ତାରିଖ ଈଶ୍ୱରଙ୍କ ଚରଣରେ କୃତଜ୍ଞତା ଅର୍ପଣର ଦିବସରୂପେ ନିର୍ଦ୍ଧାରିତ ହୋଇଅଛି । ଆମ୍ଭେମାନେ ଆଶାକରୁ ଭାରତବାସୀ ସକଳ ସମ୍ପ୍ରଦାୟର ଲୋକେ ନିଜ ନିଜ ଭାବରେ ଉକ୍ତ ବିଧାନ ପ୍ରତିପାଳନ କରିବାକୁ ତ୍ରୁଟି କରିବେ ନାହିଁ । ଦୁଃଖୀ ଦରିଦ୍ର ସେବା ଏହି ଉତ୍ସବର ସର୍ବପ୍ରଧାନ ଅଙ୍ଗ ହେବ ବୋଲି ସ୍ୱୟଂ ମହାରାଣୀ ଘୋଷଣା କରିଅଛନ୍ତି । କି ସୁନ୍ଦର ବିଧାନ ! କି ଧର୍ମନିଷ୍ଠା ଓ ସହୃଦୟତା ! ଏପରି ରାଜ୍ଞୀଙ୍କ ଶାସନର ଗୌରବ କିଏ ନ କରିବ ? ଏହି ଉତ୍ସବ ଉପଲକ୍ଷରେ ଭାରତବର୍ଷର ନାନା ସ୍ଥାନରୁ ଅଭିନନ୍ଦନ ପତ୍ରମାନ ପ୍ରେରିତ ହେବାର ଆୟୋଜନ ଲାଗିଅଛି । ସେଥିରେ ଭାରତର ନାନା ଅଭାବର କଥା ଉଲ୍ଲେଖ କରାଯିବ ଏବଂ ଉକ୍ତ ଅଭାବମାନ ମୋଚନ କରିବା ନିମିତ୍ତ ପ୍ରାର୍ଥନା କରାଯିବ । ଆଶା ଅଛି ଭାରତବାସୀ ଏହି ସୂତ୍ରରେ କେତେକ ସ୍ଥାୟୀ ମଙ୍ଗଳ ଲାଭ କରିବାକୁ ସକ୍ଷମ ହେବେ—କେତେକ ନୂତନ ଅଧିକାର ଲାଭ କରି ପାରିବେ । ଈଶ୍ୱର ଏ ଆଶା ପୂରଣ କରନ୍ତୁ । ଆଉ ଭାରତର ନାନା ନଗର ଓ ଉପନଗରମାନଙ୍କରେ ଉତ୍ସବର ସ୍ମୃତି ଚିହ୍ନସ୍ୱରୂପ ମଙ୍ଗଳକର କୀର୍ତ୍ତିମାନ ସ୍ଥାପିତ ହୋଇ ଭାରତେଶ୍ୱରୀଙ୍କ ନାମକୁ ଅକ୍ଷୟ କରୁ — ରାଜା ପ୍ରଜା ଉଭୟଙ୍କ ଗୌରବ ବର୍ଦ୍ଧିତ ହେଉ ।

ଦୁର୍ଭିକ୍ଷ—କ୍ରମେ ଦୁର୍ଭିକ୍ଷର ପ୍ରକୋପ ବଢ଼ିଅଛି । ନାନା ସ୍ଥାନରେ ଏହାର ଭୀଷଣ ଛବି ନୂତନ ଭାବରେ ପ୍ରକାଶ ପାଉଅଛି । ଏଣେ ଦୁର୍ଭିକ୍ଷ ଦମନର ଚେଷ୍ଟାରେ ମଧ୍ୟ ତ୍ରୁଟି ନାହିଁ । ଦେଶର ଅନେକ ସହୃଦୟ ବ୍ୟକ୍ତି ସ୍ୱତଃ ପ୍ରବୃତ୍ତ ହୋଇ ଅକ୍ଲାନ୍ତ ପରିଶ୍ରମ ସହକାରେ ଦୁର୍ଦ୍ଦଶାଗ୍ରସ୍ତ ନରନାରୀଙ୍କର ପରିଚର୍ଯ୍ୟାରେ ନିଯୁକ୍ତ ହୋଇଅଛନ୍ତି । ଇତିମଧ୍ୟରେ ଏକ କୋଟିରୁ ଅଧିକ ଅର୍ଥ ସଂଗୃହୀତ ହୋଇଅଛି—ଏଥିମଧ୍ୟରୁ ଅଧିକାଂଶ ଇଂଲଣ୍ଡର ଦାନ । ଦୁଃଖର ବିଷୟ ଅନେକ ସ୍ଥଳରେ ସାହାଯ୍ୟଦାନ କାର୍ଯ୍ୟ ଆଶାନୁରୂପ ଶୃଙ୍ଖଳାର ସହିତ ହେଉ ନାହିଁ । ଗଭର୍ଣ୍ଣମେଣ୍ଟଙ୍କ ନିଯୁକ୍ତ କର୍ମଚାରୀମାନେ ଲୋକମାନଙ୍କର ଯଥାର୍ଥ ଅବସ୍ଥା ଅନୁସନ୍ଧାନ କରି ଅବସ୍ଥାନୁରୂପ ବ୍ୟବସ୍ଥା କରିବାକୁ ଚେଷ୍ଟେ ବ୍ୟାକୁଳ ନୁହନ୍ତି । ଯଥାର୍ଥ ହୃଦୟବାନ ବ୍ୟକ୍ତି ନିର୍ବାଚିତ ନ ହେଲେ ଏ କାର୍ଯ୍ୟ କଦାପି ସୁଚାରୁରୂପେ ସମ୍ପନ୍ନ ହୋଇ ନ ପାରେ । ମୁକ୍ତିଫୌଜର ସେନାମାନେ ଏ ସମୟରେ ଅଦମ୍ୟ ଉତ୍ସାହ ସହକାରେ କାର୍ଯ୍ୟ କ୍ଷେତ୍ରରେ ପ୍ରବେଶ କରିଅଛନ୍ତି । ଅନ୍ୟାନ୍ୟ ଖ୍ରୀଷ୍ଟୀୟ ପ୍ରଚାରକ ଦଳ ମଧ୍ୟ ନିଶ୍ଚିନ୍ତ ନାହାନ୍ତି । ବ୍ରାହ୍ମସମାଜ ପକ୍ଷରୁ କେତେକ କର୍ମୀଙ୍କ ବିଭିନ୍ନ ସ୍ଥାନରେ କାର୍ଯ୍ୟ

Digitized by srujanika@gmail.com

କରୁଅଛନ୍ତି । ଭଗବାନ ଏ ବିପଦ ଉପସ୍ଥିତ କରିଅଛନ୍ତି ଏବଂ କୋଟି କୋଟି ପ୍ରାଣୀରେ ସ୍ୱର୍ଗୀୟ ଦୟାବୃତ୍ତି ଉଦ୍ରେକ କରି ତାଙ୍କର ମଙ୍ଗଳମୟୀ ପାଳନୀ ଶକ୍ତିର ପରିଚୟ ପ୍ରଦାନ କରୁଅଛନ୍ତି । ଏହି ସୂତ୍ରରେ ଦେଶ ମଧ୍ୟରେ ଯେ କେତେ ଉନ୍ନତିକର କାର୍ଯ୍ୟର ଆୟୋଜନ ଲାଗିଅଛି ତାହାର ସଂଖ୍ୟା ନାହିଁ । ମାତ୍ର ଏ ସମସ୍ତ ସାମୟିକ ଆୟୋଜନ । ଭଗବାନ ଅନେକ ସମୟରେ ନିଦ୍ରିତ ମାନବର ଚେତନା ନିମନ୍ତେ ବଜ୍ର ପ୍ରେରଣ କରିଥାନ୍ତି । ଯେଉଁ ମନୁଷ୍ୟ ବା ଯେଉଁ ଜାତି ସେଥିରେ ସୁଦ୍ଧା ଚେତନା ଲଭି ନ କରେ ଉଚିତ ଶିକ୍ଷା ଗ୍ରହଣ କରି କାର୍ଯ୍ୟରେ ପ୍ରବୃତ୍ତ ନ ହୁଏ ସେ ଅତି କୃପାପାତ୍ର—ତାହାର ଦୁର୍ଦ୍ଦଶା କୌଣସିକାଳେ ଘୁଞ୍ଚେ ନାହିଁ । ଦୁର୍ଭିକ୍ଷ ସଙ୍ଗେ ସଙ୍ଗେ ଆମ୍ଭମାନଙ୍କର ଜାଗରଣ ଯେବେ ଲୁପ୍ତପାଏ, ସମସ୍ତ ଚେଷ୍ଟା, ଉଦ୍ୟମ ପରିତ୍ୟାଗ କରି ଆମ୍ଭେମାନେ ଯେବେ ପୁନର୍ବାର ଘୋର ନିଦ୍ରାଭିଭୂତ ହେଉଁ ତାହେଲେ ଆମ୍ଭମାନଙ୍କ ଅବସ୍ଥା ଆହୁରି ଶୋଚନୀୟ ହୋଇ ଉଠିବ ଏଥିରେ ସଂଶୟ ନାହିଁ । ଏତେବେଳେ ଜାଗ୍ରତ ହୋଇ ଦୁର୍ଭିକ୍ଷର ଯଥାର୍ଥ କାରଣ ଅନୁସନ୍ଧାନ କରିବାକୁ ହେବ—ଦେଶ ମଧ୍ୟରେ ଯହିଁରେ ଦୁର୍ଭିକ୍ଷ ଅସମ୍ଭବ ହେବ, ତାହାର ଉପାୟ ବିଧାନ କରିବାକୁ ହେବ । ବର୍ତ୍ତମାନ ଜିଜ୍ଞାସା ଏହି, ବର୍ତ୍ତମାନ ଆମ୍ଭମାନଙ୍କ ଦେଶରେ ଘନ ଘନ ଦୁର୍ଭିକ୍ଷ ଦେଖାଦେଉଅଛି କାହିଁକି ? ଶସ୍ୟହାନି କି ଏହାର କାରଣ ? ଅତି ବୃଷ୍ଟି, ଅନାବୃଷ୍ଟି ପ୍ରଭୃତି ଯୋଗୁ ପୂର୍ବେ କି ଶସ୍ୟହାନି ହେଉ-ନ ଥିଲା ? ଅବଶ୍ୟ ହେଉଥିଲା, କିନ୍ତୁ ଏପରି ହାହାକାର, ଏପରି ପ୍ରାଣବିନାଶ ତ ଘଟୁ ନ ଥିଲା ? କେହି କେହି କହନ୍ତି ବିଦେଶୀ ରାଜା ଆମ୍ଭମାନଙ୍କ ଦେଶରୁ ପ୍ରଚୁର ଅର୍ଥ ଶୋଷଣ କରି ଆମ୍ଭମାନଙ୍କୁ ନିତାନ୍ତ ଦରିଦ୍ର କରି ପକାଇଅଛନ୍ତି । ସୁତରାଂ ଆମ୍ଭେମାନେ ପ୍ରକୃତିର ସାମାନ୍ୟ ଆଘାତରେ ଜର୍ଜ୍ଜର ହୋଇ ଦୁଃସହ କ୍ଳେଶ ଭୋଗ କରୁଅଛୁଁ ଏବଂ ଅନେକ ସ୍ଥଳରେ ପ୍ରାଣ ପର୍ଯ୍ୟନ୍ତ ହରାଇ-ଅଛୁଁ । କଥାଟା ନିତାନ୍ତ ଅସଙ୍ଗତ ନୁହେଁ । ଇଂରାଜ ଗଭର୍ଣ୍ଣମେଣ୍ଟ ଭାରତର ଅର୍ଥରେ ସ୍ୱଦେଶରେ ପ୍ରକାଣ୍ଡ କାର୍ଯ୍ୟାଳୟ ସ୍ଥାପନ କରି ବଡ଼ ବଡ଼ ବେତନଭୋଗୀ କର୍ମଚାରୀ ପ୍ରତିପାଳନ କରୁଅଛନ୍ତି, ସ୍ୱଦେଶୀୟମାନଙ୍କ ଉପକାରାର୍ଥେ ବଣ୍ଟାଭତ୍ତା ସ୍ୱରୂପ ଗଣି ଗଣି ଅର୍ଥ ବର୍ଷକୁବର୍ଷ ବ୍ୟୟ କରୁଅଛନ୍ତି । ସୀମାନ୍ତ ପ୍ରଦେଶ ରକ୍ଷା ନିମନ୍ତେ ଅକାରଣରେ ଭାରତର ରାଜକୋଷ ଶୂନ୍ୟ କରି ପକାଉଅଛନ୍ତି । ବିଦେଶର ଯୁଦ୍ଧ ବ୍ୟୟ ଭାରତର ମସ୍ତକରେ ଲଦି ଦେଇ ତାହାର ଭାରାକ୍ରାନ୍ତ ମସ୍ତକକୁ ଅଧିକ ଭାରାକ୍ରାନ୍ତ କରୁଅଛନ୍ତି; ଦୁର୍ଭିକ୍ଷ ପାଣ୍ଠିର ଅପବ୍ୟବହାର କରି ଆଜି ଦେଶବିଦେଶରେ ଭିକ୍ଷା ଝୁଲି ଘେନି ବୁଲୁଅଛନ୍ତି, ଇତ୍ୟାଦି ସମସ୍ତ କାର୍ଯ୍ୟ ଗଭର୍ଣ୍ଣମେଣ୍ଟଙ୍କ ପକ୍ଷରେ ନିତାନ୍ତ ନ୍ୟାୟବିରୁଦ୍ଧ ଓ ନିନ୍ଦନୀୟ । ଏହି ସମସ୍ତ ଅପକର୍ମର ଫଳରୁ ଆଜି ଗଭର୍ଣ୍ଣମେଣ୍ଟ ୪ କୋଟି ଟଙ୍କା ଦୁର୍ଭିକ୍ଷର ନାମରେ ଋଣ ଗ୍ରହଣ କରିବାକୁ ପ୍ରବୃତ୍ତ ହୋଇଅଛନ୍ତି । ଏହାର ନାମ ପୁଣି ଭାରତର ମଙ୍ଗଳ ନିମନ୍ତେ ଭାରତ ଶାସନ ! କିନ୍ତୁ ଏଥିରୁ ଏତିକି ପ୍ରତିପନ୍ନ ହେଉଅଛି ଯେ ଗଭର୍ଣ୍ଣ-ମେଣ୍ଟ ଏହିପରି ନାନା ଅସଦ୍‌ବ୍ୟୟ କରୁ ନ ଥିଲେ ରାଜକୋଷ ଏପରି ଶୂନ୍ୟଗର୍ଭା ହୋଇ ନ ଥାନ୍ତା ଏବଂ ଦୁର୍ଭିକ୍ଷ ସାହାଯ୍ୟ ନିମନ୍ତେ ଗଭର୍ଣ୍ଣମେଣ୍ଟଙ୍କୁ ଏଡ଼େ ଲଣ୍ଡଭଣ୍ଡ ହେବାକୁ ପଡ଼ୁ ନ ଥାନ୍ତା । କିନ୍ତୁ ତହିଁରେ ତ ପ୍ରଜା ଜନସାଧାରଣଙ୍କର ଧନବୃଦ୍ଧି ହୁଅନ୍ତା ନାହିଁ ? ଶସ୍ୟହାନି ନିବାରିତ ହୁଅନ୍ତା-

Digitized by srujanika@gmail.com

ନାହିଁ ? ମୁହଁରେ ହଜାରେ ଉଚିତ କଥା କୁହନ୍ତୁ, ବଣିକବୃତ୍ତିକାପନ୍ନ ଇଂରେଜ ଜାତି ପକ୍ଷରେ ନିଃସ୍ୱାର୍ଥଭାବରେ ଭାରତ ଶାସନ କରିବା ନିତାନ୍ତ ଅସଙ୍ଗତ ଓ ଅସମ୍ଭବ କଥା । ବିଦେଶୀ ଇଂରେଜଙ୍କ କଥା କଏ ପଚାରେ ? ସ୍ୱଦେଶୀୟ ରାଜାମାନଙ୍କ ଶାସନନୀତି କି ନିଷ୍କଳଙ୍କ ଓ ସମ୍ପୂର୍ଣ୍ଣ ସ୍ୱାର୍ଥବିରହିତ ? ତେବେ ସତ୍ୟ, ତ୍ରେତା, ଦ୍ୱାପର ଯୁଗର ଦୋହାଇ ଦେଇ ପୁରାଣରୁ ଦୃଷ୍ଟାନ୍ତ ସଂଗ୍ରହ କଲେ ଆମ୍ଭମାନଙ୍କୁ ନୀରବ ରହିବାକୁ ହେବ ! ସେ କଥା ଯାଉ । ଗଭର୍ଣ୍ଣମେଣ୍ଟଙ୍କ ଅପକର୍ମର ତୀବ୍ର ପ୍ରତିବାଦ ହେବା ଉଚିତ ଏବଂ ତାହା ନାନା ପ୍ରକାରେ ହେଉଅଛି । ବ୍ରିଟିଶ ଜାତିର ମୂଳନୀତି ପ୍ରଭାବରେ ଏହି ସବୁ ଅନିଷ୍ଟ କାଳକ୍ରମେ ନିବାରିତ ହେବାର ଆଶା ମଧ୍ୟ ରହିଅଛି । କିନ୍ତୁ ଜିଜ୍ଞାସ୍ୟ ଏହି, ଏତିକରେ କି ଆମ୍ଭମାନଙ୍କ କର୍ତ୍ତବ୍ୟ ଶେଷ ହେବ ବା ଦେଶର ଦାରିଦ୍ର୍ୟ ଘୁଞ୍ଚିଯିବ ? ଆମ୍ଭମାନଙ୍କର ଦାରିଦ୍ର୍ୟର ମୂଳ ଅନୁସନ୍ଧାନ କରି ତାହାର ପ୍ରତିବିଧାନ କରିବା ଆବଶ୍ୟକ । ସେ ମୂଳ କଅଣ ? ଆମ୍ଭମାନଙ୍କ କ୍ଷୁଦ୍ର ବୁଦ୍ଧିରେ ଭାରତବାସିଙ୍କର ଔଦାସିନ୍ୟ ବା ଜଡ଼ତା ଏହାର ମୂଳ । ଆମ୍ଭେମାନେ ଧନାଗମର ପ୍ରକୃଷ୍ଟ ପନ୍ଥା ବାଣିଜ୍ୟ ବିଷୟରେ ଏକାନ୍ତ ପରାଙ୍ମୁଖ—ଏହାର ଫଳ ସ୍ୱରୂପ ଦେଶୀୟ ପ୍ରାଚୀନ ଶିଳ୍ପମାନ ସମ୍ପୂର୍ଣ୍ଣରୂପେ ବିଲୁପ୍ତ ହୋଇ ସାରିଲାଣି । ଆଉ ଗୋଟିଏ ପନ୍ଥା କୃଷି—ତାହା ମଧ୍ୟ ଦରିଦ୍ର ଅଜ୍ଞ କୃଷକସମ୍ପ୍ରଦାୟ ହସ୍ତରେ ଛାଡ଼ି ଦେଇ ଆମ୍ଭେମାନେ ନିଶ୍ଚିନ୍ତ । ଧନିମାନେ ବିଳାସରେ ଏବଂ ଶିକ୍ଷିତଗଣ ଦାସତ୍ୱରେ ଉନ୍ମତ୍ତ । ଦେଶର ଦୁର୍ଦ୍ଦଶା ଦୂର ହେବ କିପରି ? ପ୍ରକୃତପକ୍ଷେ ଇଂରେଜ ଗଭର୍ଣ୍ଣମେଣ୍ଟ କର ପ୍ରଭୃତି ଆକାରରେ ଯେଉଁ ଅର୍ଥ ଭାରତରୁ ନେଉଅଛନ୍ତି, ତାହା ଅତି ସାମାନ୍ୟ—ବାଣିଜ୍ୟ ସୂତ୍ରରେ ଦେଶର କେତେ ଅର୍ଥ ଯେ ବିଦେଶକୁ ଚାଲି ଯାଉଅଛି, ତାହାର ପରିମାଣ ନିରୂପଣ କରିବା ଦୁଃସାଧ୍ୟ, ପ୍ରୟୋଜନ ବା ପ୍ରଲୋଭନର ପ୍ରବର୍ତ୍ତନାରେ ଆମ୍ଭେମାନେ ଏହି ଧନରାଶି ଆଗ୍ରହ ସହକାରେ ବିଦେଶୀୟଙ୍କ ହସ୍ତରେ ଅର୍ପଣ କରି ଅନଶନରେ ବା ଅର୍ଦ୍ଧାଶନରେ ଜୀବନ ଅତିବାହିତ କରୁଅଛୁ । ଦେଶର ଧନ ଦେଶରେ ରହିବାକୁ ନାହିଁ ବା ଦେଶୀୟ ଦ୍ରବ୍ୟର ବିନିମୟରେ ବିଦେଶର ଅର୍ଥ ପ୍ରଚୁର ପରିମାଣରେ ଦେଶକୁ ଆସିବାକୁ ନାହିଁ । ଏଥିରେ ଆମ୍ଭେମାନେ ଦରିଦ୍ର ନ ହେବୁ କାହିଁକି ? ଦେଶରେ ଯଥେଷ୍ଟ ଧନ ଥିଲେ ସାମୟିକ ଶସ୍ୟହାନିରେ ଏତେ ହାହାକାର ବା ପ୍ରାଣବିନାଶ ଘଟନ୍ତା କି ? ବର୍ତ୍ତମାନ ତ ସାତସମୁଦ୍ର, ତେର ନଈ ପାର ହୋଇ ରାଶି ରାଶି ଖାଦ୍ୟଶସ୍ୟ ଦେଶରେ ଉପସ୍ଥିତ ହେବାର ଉପାୟ ହୋଇଅଛି ? ଏପରି ସୁଯୋଗ ପୂର୍ବେ କେଉଁଠାରେ ଥିଲା ? ଇଂରେଜ ଗଭର୍ଣ୍ଣମେଣ୍ଟ ଅର୍ଥ ବିନିମୟରେ ଆମ୍ଭମାନଙ୍କପାଇଁ କେତେ ସୁବିଧା କରି ଦେଇଅଛନ୍ତି ? କିନ୍ତୁ ତଦ୍ୱାରା କେବଳ ବାଣିଜ୍ୟ-କୁଶଳ ବିଦେଶୀୟମାନେ ଲାଭବାନ ହେଉଅଛନ୍ତି—ଆମ୍ଭେମାନେ ବରଂ ଅଧିକ ଦରିଦ୍ର ହେଉଅଛୁ । କି ଦୁର୍ଭାଗ୍ୟ ! କି ଶୋଚନୀୟ ଅବସ୍ଥା ! ଧନୀ ହେବାର ଇଚ୍ଛାଟି ଏ ସଂସାରରେ ସମସ୍ତଙ୍କର ଅଛି, ମାତ୍ର ତାହା କି ସହଜସାଧ୍ୟ ? ବ୍ରିଟିଶ ଜାତି ଯେ ମହାକୌଶଳରେ ନାନା ଦେଶର ଅର୍ଥ ଶୋଷଣ କରି ଏଡ଼େ ସୌଭାଗ୍ୟଶାଳୀ ହୋଇଅଛି, ତାହା କି ସାମାନ୍ୟ ଚେଷ୍ଟାର ଫଳ ? ଏହାର ପଶ୍ଚାଦ୍ଦେଶରେ ଯେ ବିପୁଳ ଶକ୍ତି ଓ ଅର୍ଥ ବ୍ୟୟିତ ହୋଇଅଛି

Digitized by srujanika@gmail.com

ତାହାର ପରିମାଣ କିଏ କରିପାରେ ? ଦାସତ୍ୱ ଦ୍ୱାରା, ପରମୁଖାପେକ୍ଷିତା ଦ୍ୱାରା, ବିଳାସିତା ଦ୍ୱାରା କେହି କେବେ ସୌଭାଗ୍ୟର ମୁଖ ଦେଖି ନାହିଁ ବା ଦେଖି ପାରିବ ନାହିଁ । ସମୟ ଥିଲା, ଯେବେ ସାମାନ୍ୟ ଶ୍ରମଲବ୍ଧ ଅର୍ଥଦ୍ୱାରା ସୁଖରେ ଆମ୍ଭମାନଙ୍କର କାଳ କାଟି ଯାଉଥିଲା —ସେ ଦିନ ଗଲାଣି—ଆଜ ନିମୀଳିତ-ନେତ୍ରରେ କଳ୍ପନା ସାହାଯ୍ୟରେ ସେ ସୁଖର ଛବି ଅଙ୍କନ କଲେ କିଛି ଫଳ ଲାଭ ହେବ ନାହିଁ । ବିଧାତାଙ୍କ ସଙ୍କେତ ଅନୁସରଣ କରି କାଳର ଗତି ପର୍ଯ୍ୟବେକ୍ଷଣ କରି କଠୋର ଜୀବନସଂଗ୍ରାମରେ ପ୍ରବୃତ୍ତ ହେବା ଏକାନ୍ତ ପ୍ରୟୋଜନ । ଦାସତ୍ୱର ମୋହ ପରିତ୍ୟାଗ କରି ବିଦେଶୀୟ ଗୁରୁଙ୍କ ପଦତଳେ ବସି ବାଣିଜ୍ୟ-ନୀତି, ଶ୍ରମଶୀଳତା, ଯଥାର୍ଥ ସ୍ୱଦେଶାନୁରାଗ ଓ ମନୁଷ୍ୟତ୍ୱ ଶିକ୍ଷା କରିବାକୁ ହେବ—ଅନ୍ୟଥା ଆମ୍ଭମାନଙ୍କୁ ଘୋରତର ବିପାକରେ ପଡ଼ିବାକୁ ହେବ । ଆଜ ଏତି ପର୍ଯ୍ୟନ୍ତ ।

ଓଡ଼ିଶାର ବନ୍ଦୋବସ୍ତ— ଉପସ୍ଥିତ ବନ୍ଦୋବସ୍ତରେ ଜମିଦାର ଓ ପ୍ରଜାମାନଙ୍କ ମଧ୍ୟରେ କି ପ୍ରକାର ସମ୍ବନ୍ଧ ରହିବ ଏବଂ ଉଭୟଙ୍କର ସ୍ୱାର୍ଥ କିପରି ରକ୍ଷିତ ହେବ, ଏହା ବାସ୍ତବିକ ଗୋଟିଏ ଗୁରୁତର ସମସ୍ୟା । ଏହି ସମୟରେ ଓଡ଼ିଶାର ଜମିଦାରମଣ୍ଡଳୀ ଜାଗ୍ରତ ଏବଂ ସଚେଷ୍ଟ ହୋଇ କାର୍ଯ୍ୟ ନ କଲେ ଭବିଷ୍ୟତରେ ହୁଏତ ଅତ୍ୟନ୍ତ ମନସ୍ତାପ ଭୋଗ କରିବାକୁ ପଡ଼ିପାରେ । ସୁଖର ବିଷୟ ସେମାନେ କର୍ତ୍ତବ୍ୟ ବିସ୍ମୃତ ହୋଇ ନାହାନ୍ତି । ବାରମ୍ବାର ବନ୍ଦୋବସ୍ତ ଜମିଦାର ଓ ପ୍ରଜା ଉଭୟଙ୍କ ପକ୍ଷରେ ଏକ ପ୍ରକାର ଉତ୍ପୀଡ଼ନ—ପୁଣି ଏଥିପାଇଁ ଯେ ଗଭର୍ଣ୍ଣମେଣ୍ଟଙ୍କୁ କମ ଲଣ୍ଡଭଣ୍ଡ ହେବାକୁ ପଡ଼େ ତାହା ନୁହେ—ଲାଭର ପରିମାଣ ଯାହା ହେଉ ବ୍ୟୟଟା ମଧ୍ୟ ନିତାନ୍ତ ସାମାନ୍ୟ ନୁହେଁ । ବିଶେଷତଃ ଦରିଦ୍ର ଉତ୍କଳମଣି ପକ୍ଷରେ ଏହା ଗୋଟିଏ ବିଷମ ଏବଂ ଅନାବଶ୍ୟକ ଭାର ମାତ୍ର । ଏହି ବନ୍ଦୋବସ୍ତର ଅସୁବିଧା ନିବାରଣ ଏବଂ କର ନିର୍ଦ୍ଧାରଣ ବିଷୟରେ ଓଡ଼ିଶାର ଜମିଦାର ସଭା ଗୋଟିଏ ଦୀର୍ଘ ଆବେଦନପତ୍ର ମାନ୍ୟବର ଛୋଟଲାଟଙ୍କ ନିକଟକୁ ପ୍ରେରଣ କରିଅଛନ୍ତି । କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ଯେ ଆମ୍ଭେମାନେ ଉକ୍ତ ଆବେଦନ ପତ୍ରର ଖଣ୍ଡିଏ ହସ୍ତଲିପି ସଭାର ସମ୍ପାଦକ ମହାଶୟଙ୍କ ନିକଟରୁ ପାଇଅଛୁଁ । ସେଥିରେ ଓଡ଼ିଶାରେ ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରବର୍ତ୍ତନ ସମ୍ବନ୍ଧରେ ଅକାଟ୍ୟଯୁକ୍ତି ପ୍ରଦର୍ଶନ ସଙ୍ଗେ ସଙ୍ଗେ ଗଭର୍ଣ୍ଣମେଣ୍ଟଙ୍କର ଉକ୍ତ ବିଷୟକ ପ୍ରତିଜ୍ଞାର କଥା ସ୍ମରଣ କରାଇ ଦିଆଯାଇ ଅଛି । ଆମ୍ଭେମାନେ ଯୁକ୍ତିଗୁଡ଼ିକ ପାଠ କରି ଆବେଦନପତ୍ରର ଲେଖକଙ୍କୁ ବାରମ୍ବାର ଧନ୍ୟବାଦ ପ୍ରଦାନ କରିଅଛୁଁ । ବିସ୍ତୀର୍ଣ୍ଣ ଭାରତ ସାମ୍ରାଜ୍ୟ ମଧ୍ୟରେ ଉତ୍କଳଭୂମି ଅତ୍ୟନ୍ତ ଦରିଦ୍ର । ଏଠାରେ ରାଜା ପ୍ରଜା ଉଭୟଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ— ଅନେକ ଜମିଦାର, କେବଳ ନାମରେ ଜମିଦାର । କୃଷି ଉତ୍କଳବାସୀଙ୍କର ପ୍ରଧାନ ଉପଜୀବ୍ୟ । ପ୍ରଧାନ କାହିଁକି, ଏକମାତ୍ର ଉପଜୀବ୍ୟ କହିଲେ କିଛି ଅସଂଗତ ହେବ ନାହିଁ । ପୁଣି ଏହି କୃଷିର ପରିସର ବୃଦ୍ଧିର ସମ୍ଭାବନା ମଧ୍ୟ ଆଉ ନାହିଁ କହିଲେ ଚଳେ । ଏଥିରେ ଗଭର୍ଣ୍ଣମେଣ୍ଟ କେଉଁ ଆଶାରେ ଅନ୍ୟ ବନ୍ଦୋବସ୍ତ ପ୍ରତି ମନ ବଳାଇବେ, ଆମ୍ଭେମାନେ ବୁଝି ପାରୁନାହୁଁ । ଆମ୍ଭମାନଙ୍କର ଛୋଟଲାଟ୍ ମେକେଞ୍ଜି ବାହାଦୁର ଅତ୍ୟନ୍ତ ସହୃଦୟ ଏବଂ ସେ ଯେ ଚିରସ୍ଥାୟୀ ବନ୍ଦୋବସ୍ତର ପକ୍ଷପାତୀ, ଏହା ତାଙ୍କର ସ୍ଥଳବିଶେଷର

Digitized by srujanika@gmail.com

ଉକ୍ତିରୁ ଜଣାଯାଇଅଛି । ସୁତରାଂ ଆଶା ହେଉଅଛି ଯେ ସଭାର ପ୍ରାର୍ଥନା ଅଗ୍ରାହ୍ୟ ହେବ ନାହିଁ । ତେବେ ଚିରସ୍ଥାୟୀ ବନ୍ଦୋବସ୍ତର ପ୍ରାର୍ଥନା ସଙ୍ଗେ ସଙ୍ଗେ ୩୦ ବର୍ଷ କାଳ ସ୍ଥାୟୀ-ବନ୍ଦୋବସ୍ତର ପ୍ରାର୍ଥନାଟା ଆମ୍ଭମାନଙ୍କ ସଂଗତ ବୋଧ ହେଲା ନାହିଁ—ଏହା ଦ୍ୱାରା ଆବେଦନପତ୍ରର ବଳ କର୍ପୂର ପରିମାଣରେ କମିଯାଇଅଛି । ଗଭର୍ଣ୍ଣମେଣ୍ଟ ଯେ ଅନେକ ସ୍ଥଳରେ ଅକାଟ୍ୟ ଓ ଅଲଂଘ୍ୟ ଯୁକ୍ତିପ୍ରତି ଉପେକ୍ଷା ପ୍ରଦର୍ଶନ କରି ନିଜର ମତ ବା ଖେୟାଲ ବଜାଏ ରଖିଥାନ୍ତି ଏ କଥା ସତ୍ୟ । ବୋଧହୁଏ ସଭା ସେହିପରି ଆଶଙ୍କା କରି ଗୋଟିଏ "ନଚାନ୍ତ ପକ୍ଷେ" ଲଗାଇ ଦେଇଅଛନ୍ତି । କିନ୍ତୁ ଏ କଥା ସମସ୍ତଙ୍କର ଜାଣି ରଖିବା ଉଚିତ ଯେ, ନ୍ୟାଯ୍ୟ ପ୍ରାର୍ଥନା ସ୍ଥଳରେ ଏ ପ୍ରକାର "ନଚାନ୍ତ ପକ୍ଷେ" ବଡ଼ କ୍ଷତିକାରକ । ଆଉ ଗୋଟିଏ କଥା ଆମ୍ଭମାନଙ୍କୁ ଅସଙ୍ଗତ ବୋଧ ହେଲା । ଓଡ଼ିଶାର ଜମିଦାରମାନଙ୍କର ଅବସ୍ଥା ବୁଝାଇଦେବାକୁ ଯାଇ ସଭା ଯେପରି କାତରୋକ୍ତି ପ୍ରକାଶ କରିଅଛନ୍ତି ଏବଂ ବିଶେଷତଃ ହରିଶପୁର ବିଷୟ ସମ୍ବନ୍ଧରେ ଯାହା କହିଅଛନ୍ତି, ତାହା ଆମ୍ଭମାନଙ୍କୁ ଭଲ ଲାଗିଲା ନାହିଁ । ଓଡ଼ିଶାର ଜମିଦାରମାନଙ୍କ ମଧ୍ୟରେ ସକଳ ବିଷୟରେ ଉନ୍ନତିର ଆଶଙ୍କା ଅତି ଅଳ୍ପ ଦେଖାଯାଏ; ସେ ଦୋଷ କାହାର ? ଜମିଦାରମାନଙ୍କର ? ନା ଅବସ୍ଥାର ? ପ୍ରତିକୂଳ ଅବସ୍ଥା ମଧ୍ୟରେ ଉନ୍ନତିର ପଥ ପରିଷ୍କାର କରିବା ପୁରୁଷୋଚିତ କାର୍ଯ୍ୟ । ପରନ୍ତୁ ଅପରିମିତ ଓ ଅସଙ୍ଗତ ବ୍ୟୟ ଏବଂ ତୁଚ୍ଛ ବିବାଦ କଳହରେ ଯେ ସ୍ରୋତ ବଢ଼ି ଅନେକ ଜମିଦାର ଉଚ୍ଛନ୍ନଦଶା ଲଭିଲେଣି ଓ ଅନେକେ ଲଭିବାକୁ ବସିଅଛନ୍ତି, ତାହାର ପ୍ରତିକାରର ଚେଷ୍ଟା ବା କିଏ କଅଣ କରିଅଛି ? ଏହି ସମସ୍ତ ଆଭ୍ୟନ୍ତରିକ ଅବସ୍ଥା ପ୍ରତି ଦୃଷ୍ଟି ସ୍ଥାପନ କରି ଅମଙ୍ଗଳ ନିବାରଣ ଓ ମଙ୍ଗଳ ସାଧନ ନ କଲେ କି କୌଣସି କାଳେ ଦେଶର ଅବସ୍ଥା ଉନ୍ନତ ହୋଇ ପାରିବ ? ନିଜର ଅବସ୍ଥା ଭଲ ହେଲେ ଗଭର୍ଣ୍ଣମେଣ୍ଟ ଯେବେ ସେଥିରୁ ଗୃହ ପଇସା ଲାଭ ପାଆନ୍ତି, ସେଥିରେ କ୍ଷତି କଣ ? ସଭାର ଉତ୍ସାହୀ ଓ ଉଦ୍ୟମଶାଳୀ ସଭ୍ୟମାନଙ୍କ ନିକଟରେ ଆମ୍ଭମାନଙ୍କର ବକ୍ତବ୍ୟ ଏହି ଯେ ସେମାନେ ନାନା ପ୍ରକାରରେ ଆତ୍ମୋନ୍ନତି ପାଇଁ ବିଶେଷ ଯତ୍ନଶୀଳ ହେଉନ୍ତୁ ଏବଂ ଦୁର୍ଦ୍ଦଶା-ଗ୍ରସ୍ତ ଓ ବିପନ୍ନ ଜମିଦାର ଭ୍ରାତାମାନଙ୍କ ଉଦ୍ଧାର ସାଧନର ଉପାୟ କରନ୍ତୁ । ଯେପରି ସମସ୍ତ ଉଦ୍ବେଳିତ ହୋଇଅଛି ସଭାର ଆଳସ୍ୟ ଓ ଔଦାସୀନ୍ୟ ପରିତ୍ୟାଗ କରି ପୁରୁଷକାର ଅବଲମ୍ବନ ନ କଲେ ଅବସ୍ଥା ଆହୁରି ଶୋଚନୀୟ ହୋଇ ଉଠିବ ।

ଅଭିନୟ—ମାନବହୃଦୟ ସ୍ୱଭାବତଃ ଆମୋଦପ୍ରିୟ । କର୍ମନିରତ ଜୀବନର ସରସତା ନିମିତ୍ତ ସାମୟିକ ଆମୋଦ ବ୍ୟବସ୍ଥା ଏକାନ୍ତ ପ୍ରୟୋଜନ । ଏହି ସ୍ୱାଭାବିକ ପ୍ରବୃତ୍ତିର ସଙ୍କେତରେ ମନୁଷ୍ୟ ସଂସାରରେ ଆମୋଦ ପ୍ରମୋଦର ନାନାବିଧ ଆୟୋଜନ ହୋଇଅଛି । ଦିବସର କଠୋର ପରିଶ୍ରମ ଉତ୍ତାରେ ସାୟଂକାଳରେ ସୁମଧୁର ବାଦ୍ୟ ସଂଯୋଗରେ ଗୋଟିଏ ସରସ ସଙ୍ଗୀତ ଶ୍ରବଣ କଲେ ପ୍ରାଣ ଯେ ଶାନ୍ତି ଅନୁଭବ କରେ, ତାହା ବର୍ଣ୍ଣନାତୀତ । କିନ୍ତୁ ଆମୋଦ ପ୍ରମୋଦ ପବିତ୍ରତା ସମ୍ପର୍କଶୂନ୍ୟ ହେଲେ ମହା ଅନିଷ୍ଟର କାରଣ ହୋଇଉଠେ । ନାଟକା-ଭିନୟ ଆମୋଦ ସମ୍ଭୋଗର ଗୋଟିଏ ଉତ୍କୃଷ୍ଟ ଉପାୟ—ଏହା ମାନବର ଶିକ୍ଷାର ମଧ୍ୟ ଗୋଟିଏ

Digitized by srujanika@gmail.com

ଉତ୍କୃଷ୍ଟ ଦ୍ୱାରସ୍ୱରୂପ । ଉପାୟର ସଦ୍‌ବ୍ୟବହାର ମନୁଷ୍ୟର ବୁଦ୍ଧି ଓ ବିବେଚନା ଉପରେ ନିର୍ଭର କରେ । ବୁଦ୍ଧି ଓ ବିବେଚନାର ତ୍ରୁଟିରୁ ଏ ସଂସାରରେ ଅନେକ ଉତ୍କୃଷ୍ଟ ଉପାୟ ବିଷମୟ ଫଳ ଉତ୍ପାଦନ କରିଅଛି ଓ କରୁଅଛି । ଆମ୍ଭମାନଙ୍କ ଦେଶରେ ଗୀତ, ବାଦ୍ୟ ଓ ଅଭିନୟ ସଙ୍ଗରେ ଯେପରି ଅପବିତ୍ରତାର ସୂତ୍ରପାତ ହୋଇଅଛି ଏବଂ ତଦ୍ୱାରା ଯେପରି ସମାଜ ମଧ୍ୟରେ ଦୁର୍ନୀତିର ସ୍ରୋତ ପ୍ରବାହିତ ହେଉଅଛି, ତାହା କାହାରିକୁ ଅବିଦିତ ନାହିଁ । ଦୁର୍ଭାଗ୍ୟର ବିଷୟ ଭାରତସନ୍ତାନ ଆଖି ଥାଉଁ ଥାଉଁ ଅନ୍ଧ, କର୍ଣ୍ଣ ଥାଉ ଥାଉ ବଧିର । ଆମ୍ଭମାନଙ୍କ ଦେଶର ଜଣେ ରାଜାଙ୍କ ନିକଟରୁ ଗୋଟାଏ ବାରବନିତା ବହୁଶତ ମୁଦ୍ରା ନେବାର ଦେଖି ଜଣେ ରସିକ ପଣ୍ଡିତ କହିଥିଲେ "ତାହାହେଲେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛି, ଜନ୍ମାନ୍ତରେ ଯେପରି ବେଶ୍ୟା ଜନ୍ମ ଲାଭ କରେ !" କି ବିଡ଼ମ୍ବନା ! ଗତବର୍ଷ ଏହି ଗ୍ରୀଷ୍ମକାଳରେ ଏହି କଟକ ନଗରୀର ବକ୍ଷରେ କି ହଳାହଳମୟ ଅଭିନୟ ପ୍ରଦର୍ଶିତ ନ ହେଲା । ତାହାର ଫଳସ୍ୱରୂପ ଆଜ ଗୋଟିଏ ବେଶ୍ୟା ସମ୍ପୃକ୍ତ ରଙ୍ଗଭୂମି ସ୍ଥାପିତ ହୋଇଅଛି । ଆମ୍ଭେମାନେ ଶୁଣି ସୁଖି ହେଲୁ ଯେ କେତେଗୁଡ଼ିଏ ଭଦ୍ରବ୍ୟକ୍ତିଙ୍କ ଯତ୍ନରେ ଏ ନଗରର ଆଉ ଗୋଟିଏ ରଙ୍ଗଭୂମି ଏହି ଘୃଣିତ ସମ୍ପର୍କରୁ ମୁକ୍ତ ହୋଇଅଛି । ଅଳ୍ପଦିନ ହେଲା ବଙ୍ଗଦେଶରୁ ଗୋଟିଏ ସର୍କସ ଦଳ ଉତ୍କଳ ଭୂମିକୁ ଆସି ନାନା ସ୍ଥାନରେ ଅଦ୍ଭୁତ କ୍ରୀଡ଼ା ଓ କୌଶଳମାନ ପ୍ରଦର୍ଶନ କରୁଅଛନ୍ତି । ଆଶ୍ଚର୍ଯ୍ୟର ବିଷୟ ଏ ଦଳରେ ସୁଦ୍ଧା ବାରବନିତାର ଲୀଳା ! ବିଜ୍ଞାପନ ଜାରି ହେଉଅଛି, "ଚତୁର୍ଦ୍ଦଶବର୍ଷୀୟା ଯୁବତୀର ଅପରୂପ ନୃତ୍ୟ ।" ଯେଉଁମାନେ ନାଟକ ବର୍ଣ୍ଣିତ ସ୍ତ୍ରୀ ଚରିତ୍ରର ଅଭିନୟ ନିମିତ୍ତ ବେଶ୍ୟା ସାହାଯ୍ୟ ଗ୍ରହଣର ପୋଷକତା କରନ୍ତି, ସେମାନେ ଏ ସ୍ଥଳରେ କି ଯୁକ୍ତି ଦେଖାଇବେ ? ଯେଉଁମାନେ ଆତ୍ମଜ୍ଞାନବିରହିତ ହୋଇ ଏହି ପ୍ରକାର ଅପବିତ୍ର ଆମୋଦପ୍ରମୋଦକୁ ଆଶ୍ରୟ ଦିଅନ୍ତି ସେମାନେ ଦେଶର ଓ ସମାଜର ପରମ ଶତ୍ରୁ ।

ସାଧୁ ଚେଷ୍ଟା — ପ୍ରାୟ ଦୁଇବର୍ଷ ପୂର୍ବେ କଟକ କଲେଜର କେତେଗୁଡ଼ିଏ ଉତ୍ସାହୀ ଛାତ୍ର ସେକ୍‌ସପିୟରଙ୍କର ଦୁଇଖଣ୍ଡି ପ୍ରସିଦ୍ଧ ଇଂରାଜୀ ନାଟକର ଅଂଶବିଶେଷର ଅଭିନୟ ପ୍ରଦର୍ଶନ କରି ପ୍ରଥମ ଉଦ୍ୟମରେ ଯେପରି ନିପୁଣତା ଦେଖାଇଥିଲେ ତାହା ଅତ୍ୟନ୍ତ ପ୍ରଶଂସନୀୟ ହୋଇଥିଲା । ଏ ବର୍ଷ କେତେଗୁଡ଼ିଏ ଛାତ୍ର ମିଳିତ ହୋଇ ସେକ୍‌ସପିୟରଙ୍କର 'ମେକ୍‌ବେଥ' ନାମକ ପ୍ରସିଦ୍ଧ ନାଟକର ପୂର୍ଣ୍ଣାଙ୍ଗ ଅଭିନୟ ପ୍ରଦର୍ଶନ କରିଥିଲେ । ଦେଶୀୟ ଯୁବକମାନଙ୍କର ଇଂରାଜୀ ନାଟକାଭିନୟ କଟକରେ ଏହି ପ୍ରଥମ । ମହାକବି ସେକ୍‌ସପିଅରଙ୍କର ନାଟକଗୁଡ଼ିକ ମହାଭାବପୂର୍ଣ୍ଣ—ଲୋକଚରିତ୍ରର ଏପରି ସୁନିପୁଣ ଚିତ୍ରକର ବୋଧହୁଏ ପୃଥିବୀରେ ଦ୍ୱିତୀୟ ନାହିଁ । ନାଟକ ପାଠ ଅପେକ୍ଷା ଅଭିନୟ ଦର୍ଶନଦ୍ୱାରା ଅମୋଦ ଅନୁଭବ ସଙ୍ଗେ ସଙ୍ଗେ ତାହାର ଅନ୍ତର୍ନିହିତ ଶିକ୍ଷା ହୃଦୟରେ ଦୃଢ଼ତର ରୂପେ ମୁଦ୍ରିତ ହୁଏ । ଆମ୍ଭେମାନେ ଏ ପ୍ରକାର ଅଭିନୟର ଏକାନ୍ତ ପକ୍ଷପାତୀ । ଜଣେ ଦୁଇ ଜଣଙ୍କ ଛଡ଼ା ସମସ୍ତ ଅଭିନେତାମାନେ ସ୍ୱ ସ୍ୱ ଅଂଶ ବିଶେଷ ନିପୁଣତା ସହକାରେ ସମ୍ପାଦନ କରିଥିଲେ—ତନ୍ମଧ୍ୟରେ ପୁଣି ମେକ୍‌ବେଥ ଓ ଲେଡ଼ି ମେକ୍‌ବେଥଙ୍କ ଅଂଶ ସର୍ବାପେକ୍ଷା ସୁନ୍ଦର ରୂପେ ଅଭିନୀତ ହୋଇଥିଲା । Witch ମାନଙ୍କର ଅଂଶ ଅତ୍ୟନ୍ତ ଆମୋଦପ୍ରଦ ହୋଇଥିଲା । ଦର୍ଶକବୃନ୍ଦ ଅଭିନୟ ଦର୍ଶନ କରି ଘନ ଘନ ଆନନ୍ଦଧ୍ୱନି କରୁଥିଲେ । ଦୁଃଖର ବିଷୟ ସହରର ପ୍ରାୟ ସମସ୍ତ ମାନ୍ୟଗଣ୍ୟ ଭଦ୍ରବ୍ୟକ୍ତି ମାନଙ୍କୁ ନିମନ୍ତ୍ରଣପତ୍ର ଦିଆ ହୋଇଥିଲେ ସୁଦ୍ଧା ଅତି ଅଳ୍ପସଂଖ୍ୟକ ଭଦ୍ରଲୋକ ଅଭିନୟ ସ୍ଥଳରେ ଉପସ୍ଥିତ ହୋଇଥିଲେ । କେବଳ ଛାତ୍ରମାନଙ୍କର ସଂଖ୍ୟା ଅଧିକ ଥିଲା । ଗତବର୍ଷ ଅଭିନୟର ଉପଯୋଗିତା ଲୋକଙ୍କୁ ବୁଝାଇଦେବାପାଇଁ ଯେଉଁମାନେ ବକ୍ତୃତାର ଆୟୋଜନ କରିଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଦର୍ଶନ ଏ ସ୍ଥଳରେ ନ ପାଇ ବିସ୍ମିତ ହେଲୁଁ । ଶୁଣିଲୁଁ

Digitized by srujanika@gmail.com

କଲେଜର ଭୂତପୂର୍ବ ଅଧ୍ୟକ୍ଷ ଶ୍ରୀଯୁକ୍ତ ହଲଓଆର୍ଡ ସାହେବଙ୍କ ସମ୍ମାନାର୍ଥେ ଆନନ୍ଦଦନେ ଅଭିନୟ ପ୍ରଦର୍ଶିତ ହୋଇଥିଲା—ସାହେବ ମହୋଦୟ ଦୁଇଜଣ ଇଉରୋପୀୟ ବନ୍ଧୁଙ୍କ ସମଭିବ୍ୟାହାରରେ ଅଭିନୟ ଦର୍ଶନ କରି ଅତ୍ୟନ୍ତ ପ୍ରୀତ ହୋଇଥିଲେ ଏବଂ ଅଭିନେତାମାନଙ୍କ ଗୋଟି ଗୋଟି କରି ଡାକି ମଧୁର ଓ ସସ୍ନେହ ସମ୍ଭାଷଣରେ ଆପ୍ୟାୟିତ କରିଥିଲେ । ଛାତ୍ରମାନେ ମଧ୍ୟ ପୁଷ୍ପମାଳାଦ୍ୱାରା ସାହେବଙ୍କ ଅଭ୍ୟର୍ଥନା କରି ଯଥେଷ୍ଟ ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରିଥିଲେ । ହଲଓଆର୍ଡ ସାହେବ ପରା ଛାତ୍ରହନ୍ତା, ନିର୍ମମ ରାକ୍ଷସ ? ତାଙ୍କ ପ୍ରତି ଛାତ୍ରମାନଙ୍କର ଏ କିପରି ବ୍ୟବହାର ? ସେ ଯାହାହେଉ, ଏ ଅଭିନୟର ଉଦ୍ୟୋଗକର୍ତ୍ତାମାନେ ସାଧାରଣଙ୍କପାଇଁ ବିଶେଷତଃ ଏ ନଗରର ଛାତ୍ରମାନଙ୍କ ପାଇଁ ଗୋଟିଏ ବିଶୁଦ୍ଧ ଆମୋଦର ବ୍ୟବସ୍ଥା କରିଥିବାରୁ ଆମ୍ଭେମାନେ ସେମାନଙ୍କୁ ଅନ୍ତରର ସହିତ ଧନ୍ୟବାଦ ପ୍ରଦାନ କରୁଅଛୁଁ ।

ସ୍ୱାମୀ ବିବେକାନନ୍ଦ—ସ୍ୱାମୀ ବିବେକାନନ୍ଦଙ୍କ ନାମ ବର୍ତ୍ତମାନ ଏ ଦେଶରେ ସର୍ବତ୍ର ବ୍ୟାପ୍ତ ହୋଇପଡ଼ିଅଛି—ନାନା ସ୍ଥାନରେ ବହୁ ମାନ୍ୟଗଣ୍ୟ ଲୋକ ଏକତ୍ର ହୋଇ ତାଙ୍କୁ ପ୍ରଭୂତ ସମ୍ମାନ ଦେଉଅଛନ୍ତି ଏବଂ ତାଙ୍କଠାରୁ ଧର୍ମୋପଦେଶ ଶ୍ରବଣ କରୁଅଛନ୍ତି—ଅନେକ ତାଙ୍କୁ ହିନ୍ଦୁଧର୍ମର ଦିଗ୍‌ବିଜୟୀ ବୀର ବୋଲି ମନେକରୁ ଅଛନ୍ତି । ବିବେକାନନ୍ଦ ବି. ଏ. ଉପାଧିଧାରୀ ବଙ୍ଗୀୟ ଯୁବା, ସନ୍ୟାସବ୍ରତାବଲମ୍ବୀ କ୍ଷମତାଶାଳୀ ବକ୍ତା, ଆମେରିକା ଏବଂ ଇଂଲଣ୍ଡରେ ତିନିବର୍ଷରୁ ଅଧିକକାଳ ଅବସ୍ଥାନ କରି ହିନ୍ଦୁଧର୍ମର ନାମରେ ଅନେକ ବକ୍ତୃତା କରିଅଛନ୍ତି । ବିଦେଶୀୟମାନଙ୍କ ମଧ୍ୟରୁ କେହି କେହି ତାଙ୍କର ଶିଷ୍ୟତ୍ୱ ସ୍ୱୀକାର କରିଅଛନ୍ତି, ସୁତରାଂ ସ୍ୱଦେଶରେ ତାଙ୍କୁ ଏପରି ସମ୍ମାନ ହେବା କିଛି ଅସଙ୍ଗତ ବା ଅନ୍ୟାୟ ନୁହେଁ—ବରଂ ନ ହୋଇଥିଲେ ଦୁଃଖର ବିଷୟ ହୋଇଥାନ୍ତା । ମାତ୍ର ଯେବେ ହିନ୍ଦୁଧର୍ମର ପ୍ରଚାରକ ବୋଲି ତାଙ୍କର ଏତେ ସମ୍ମାନ ହୋଇଥାଏ, ତେବେ ସେ କିପରି ହିନ୍ଦୁଧର୍ମ ବିଦେଶରେ ପ୍ରଚାର କରି ସମ୍ମାନ ଲାଭ ଓ ଶିଷ୍ୟ ସଂଗ୍ରହ କରିଅଛନ୍ତି, ତାହା ବିଶେଷ ଭାବରେ ଚିନ୍ତା କରି ଦେଖିବା ଆବଶ୍ୟକ ଏବଂ ତାହାହିଁ ଯେବେ ପ୍ରକୃତ ହିନ୍ଦୁଧର୍ମ ହୁଏ ତେବେ ଶ୍ରଦ୍ଧାସହକାରେ ତାହା ସମସ୍ତଙ୍କର ଗ୍ରହଣ କରିବା ଉଚିତ । ବିବେକାନନ୍ଦ କହିଅଛନ୍ତି, "ଉପନିଷଦ ହିନ୍ଦୁର ଏକମାତ୍ର ଶାସ୍ତ୍ର—ପୁରାଣ ତନ୍ତ୍ର ପ୍ରଭୃତି କିଛି ନୁହେଁ—ଅସାର କର୍ମକାଣ୍ଡଦ୍ୱାରା ଧର୍ମଲାଭ ହୁଏ ନାହିଁ—ଜାତିଭେଦ ବର୍ଣ୍ଣଭେଦ ପରିତ୍ୟାଜ୍ୟ—କୌଳିକ ଗୁରୁବାଦ ଦୂଷଣୀୟ—ଇତ୍ୟାଦି ।" ଋଷିକୁଳ ପ୍ରବର୍ତ୍ତିତ ବିଶୁଦ୍ଧ ବ୍ରହ୍ମଜ୍ଞାନ ଏବଂ ବ୍ରହ୍ମୋପାସନାହିଁ ଉପନିଷଦର ପ୍ରାଣ । ଅତଏବ ଉପନିଷଦ ଏକମାତ୍ର ହିନ୍ଦୁଧର୍ମ ଶାସ୍ତ୍ର ହେଲେ ବ୍ରହ୍ମୋପାସନାହିଁ ଯଥାର୍ଥ ହିନ୍ଦୁଧର୍ମ । ତେବେ ଦେଖାଯାଉଅଛି ଆମ୍ଭମାନଙ୍କ ଦେଶର ପ୍ରଚଳିତ ହିନ୍ଦୁଧର୍ମ ମିଥ୍ୟା । ଏହି ମିଥ୍ୟାଧର୍ମ, କୁସଂସ୍କାର ଓ କୁରୀତି ପରିତ୍ୟାଗ କରି ବିଶୁଦ୍ଧ ସତ୍ୟଧର୍ମର ଅବଲମ୍ବନ କରି ନ ପାରିଲେ ବିବେକାନନ୍ଦଙ୍କ ସମ୍ମାନାର୍ଥ ଉନ୍ମତ୍ତ ହେବା—ଅଶ୍ୱମୋଚନ କରି ତାଙ୍କ ଗାଡ଼ି ନିଜ ହସ୍ତରେ ଟାଣିବା—ତାଙ୍କର ଗମନମାର୍ଗରେ ପୂର୍ଣ୍ଣକୁମ୍ଭ ସ୍ଥାପନ କରିବା—ତାଙ୍କ ମସ୍ତକରେ ପୁଷ୍ପବୃଷ୍ଟି କରିବା—ହୁଳହୁଳି ବା କରତାଳିଦ୍ୱାରା ଆକାଶ କମ୍ପାଇବା ସମସ୍ତ ବୃଥା ! ଅତ୍ୟନ୍ତ ପରିତାପର ବିଷୟ ଏ ଦେଶର ଲୋକଙ୍କ ଦୃଷ୍ଟି ଯଥାର୍ଥ ଜୀବନ ଆଡ଼କୁ—କାର୍ଯ୍ୟ ଆଡ଼କୁ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ—କେବଳ ଅସାର ପ୍ରଶଂସା କେବଳ ବାକ୍ୟାଡ଼ମ୍ବର ଯେମନ୍ତ ସର୍ବସ୍ୱ ହୋଇପଡ଼ିଅଛି ! ଏଥିରେ କି ଯଥାର୍ଥ ମଙ୍ଗଳ ବା ଉନ୍ନତି ସାଧିତ ହୋଇପାରେ ? ଯାହା ମୁହଁରେ ବା ଆକାର ଇଙ୍ଗିତରେ ସ୍ୱୀକାର କରାହେଉଅଛି ତାହା ଜୀବନରେ ପାଳନ କରିବାର ଆକାଂକ୍ଷା ନାହିଁ—ମନୁଷ୍ୟ ଯେମନ୍ତ ବାକ୍ୟ ବଳରେ ବୈକୁଣ୍ଠଲାଭ କରିବ ! ସଂସାରର ଚକ୍ଷୁରେ ଧୂଳି ଦେଲପରି ଅନ୍ତର୍ଯ୍ୟାମୀ ପରମେଶ୍ୱରଙ୍କୁ ମଧ୍ୟ ଫାଙ୍କି ଦେଇ ମୁକ୍ତିରାଜ୍ୟରେ ଅନାୟାସରେ ପ୍ରବେଶ କରିପାରିବ ! ହା ବିଡ଼ମ୍ବନା ! ହା ଦୁର୍ବୁଦ୍ଧି ! ଈଶ୍ୱର କରନ୍ତୁ, ଦେଶର ଲୋକଙ୍କ ଦୃଷ୍ଟି ଯଥାର୍ଥ ଜୀବନ ଉପରେ ପତିତ ହେଉ—ଅସାର ପରିତ୍ୟାଗ କରି ସାର ସତ୍ୟବସ୍ତୁ ଗ୍ରହଣ କରିବାର ପ୍ରବୃତ୍ତି ଏ ଦେଶବାସିଙ୍କ ହୃଦୟରେ ଜାଗ୍ରତ ହେଉ ।

Digitized by srujanika@gmail.com

# ଉତ୍କଳ ସାହିତ୍ୟ

## ଅଭିବାଦନ

ମହାରାଣୀ ଭିକ୍ଟୋରିୟାଙ୍କର "ଡାୟମଣ୍ଡ ଯୁବିଲି" ମହାମହୋତ୍ସବ ଶେଷ ହୋଇଅଛି । ପୃଥିବୀର କେତେ ସ୍ଥାନରେ କେତେ କୋଟି ୨ ନରନାରୀ ଏଥିରେ ଯୋଗ ଦେଇଅଛନ୍ତି, କେତେ ପ୍ରକାରେ ଆନନ୍ଦ ଉତ୍ସବରେ ମତ୍ତ ହୋଇଅଛନ୍ତି, ତାହା କଳନାର ଅତୀତ । ପରନ୍ତୁ ଏଥିରେ କିଏ କେତେ ପରିମାଣରେ ଅକୃତ୍ରିମ ରାଜଭକ୍ତି ପ୍ରଦର୍ଶନ କରିଅଛି, କିଏ କେତେଦୂର ସ୍ୱାର୍ଥର ସେବା କରିଅଛି, ବା କିଏ କପଟ ଭଦ୍ରତା ବା ନିୟମ ରକ୍ଷାକରି କାର୍ଯ୍ୟ ଶେଷ କରିଅଛି ତାହା ମଧ୍ୟ ଧାରଣାର ଅତୀତ । କିନ୍ତୁ ଏହା ନିଶ୍ଚିତ କଥା ଯେ ଏ ପ୍ରକାର ଗୋଟିଏ ଦେଶ-ଦେଶାନ୍ତର-ବ୍ୟାପୀ ମହୋତ୍ସବର ବ୍ୟାପାର କଳ୍ପନା କଲି ମାତ୍ରକେ ହୃଦୟରେ ଅପାର ଆନନ୍ଦ ସଞ୍ଜାତ ହୁଏ—ବକ୍ଷସ୍ଫୀତ ହୁଏ । ଈଦୃଶ ଅଭୂତପୂର୍ବ ଦୃଶ୍ୟ କି ପୃଥିବୀ କେବେ ପ୍ରତ୍ୟକ୍ଷ କରିଥିଲା ? ଧନ୍ୟ ଭିକ୍ଟୋରିୟା, ଧନ୍ୟ ତୁମର ଜୀବନ, ଧନ୍ୟ ତୁମର ସୁପବିତ୍ର ନାମ ! ଧନ୍ୟ ଆମ୍ଭେମାନେ ଯେ, ତୁମ୍ଭର ମହାମଙ୍ଗଳକର ଶାସନରେ ବାସକରି ଏହି ଅତୁଳ ଆନନ୍ଦର ଅଂଶଭାଗୀ ହୋଇଅଛୁଁ । ଏହି ଊନବିଂଶ ଶତାବ୍ଦୀରେ ନିଜ ଜୀବନର ମହୋଚ୍ଚ ଆଦର୍ଶ ଦେଖାଇ ତୁମ୍ଭେ ଯେପରି ନାରୀଜାତିର ସମ୍ମାନ ଓ ଗୌରବ ବଢ଼ାଇଅଛ, ଏ ସଂସାରରେ କେତେଜଣ ସେପରି କରି ପାରିଅଛନ୍ତି ? ତୁମ୍ଭର ଏହି ସୁଦୀର୍ଘ ଶାସନକାଳ ମଧ୍ୟରେ ତୁମ୍ଭର ସୁବିସ୍ତୀର୍ଣ୍ଣ ସାମ୍ରାଜ୍ୟର ସୁଖସମୃଦ୍ଧି ଓ ସର୍ବାଙ୍ଗୀନ ଉନ୍ନତି ଯେପରି ସଂସାଧିତ ହୋଇଅଛି, ଜନସାଧାରଣଙ୍କର ସ୍ୱତ୍ତ୍ୱ ଯେପରି ସୁରକ୍ଷିତ ହୋଇଅଛି, ରାଜନୀତି, ଧର୍ମନୀତି, ସମାଜନୀତି ସକଳ ବିଷୟରେ ବ୍ୟକ୍ତିଗତ ସ୍ୱାଧୀନତା ଯେପରି ବର୍ଦ୍ଧିତ ହୋଇଅଛି, ସେପରି ଆଉ କେବେ କାହାର ରାଜତ୍ୱରେ ହୋଇଥିଲା ? ସ୍ୱାଧୀନତାର ଅବତାର ବ୍ରିଟିଶଜାତି ତୁମ୍ଭର ଗୁଣଗରିମାରେ ମୋହିତ ହୋଇ ଆଜି ତୁମ୍ଭଙ୍କୁ ହୃଦୟର ଓ ସମଗ୍ର ରାଜ୍ୟର ଅଧିଷ୍ଠାତ୍ରୀ ଦେବୀରୂପରେ ପୂଜା କରୁଅଛନ୍ତି—ସହସ୍ର ୨ ସ୍ଫୀତବକ୍ଷ ଉନ୍ନତମସ୍ତକ ପୁରୁଷ ତୁମ୍ଭର ସିଂହାସନତଳେ ଜାନୁପାତ କରି ପ୍ରଗାଢ଼ଭକ୍ତି ସହକାରେ ତୁମ୍ଭଙ୍କୁ ଅଭିବାଦନ କରୁଅଛନ୍ତି—କୋଟି ୨ କଣ୍ଠରୁ ତୁମ୍ଭର ଗୌରବାନ୍ୱିତ ନାମର ଜୟଧ୍ୱନି ଉତ୍ଥିତ ହୋଇ ଆକାଶକୁ କମ୍ପିତ କରୁଅଛି—ଜାତିନିର୍ବିଶେଷରେ, ସମ୍ପ୍ରଦାୟନିର୍ବିଶେଷରେ ତୁମ୍ଭର ଅଗଣିତ ସନ୍ତାନ ତୁଲ୍ୟ ପ୍ରଜାବୃନ୍ଦ ତୁମ୍ଭର ମଙ୍ଗଳକାମନା କରି ସ୍ୱୀୟ ୨ ଇଷ୍ଟଦେବତାଙ୍କ ନିକଟରେ ପ୍ରାର୍ଥନା କରୁଅଛନ୍ତି—କେତେ ଦୀନ ଦରିଦ୍ର ନର ନାରୀ ତୁମ୍ଭର ନାମରେ ଆଜି ଅନ୍ନ, ବସ୍ତ୍ର ଲଭକରି ହସ୍ତୋତ୍ତୋଳନପୂର୍ବକ ତୁମ୍ଭର ଜୟଘୋଷଣା କରୁଅଛନ୍ତି, ଏ ସମସ୍ତ ଭାବିଲେ ହୃଦୟ ମନ ସ୍ତମ୍ଭିତ ହୋଇଯାଏ । ତୁମ୍ଭେ ଯଥାର୍ଥ ମନସ୍ୱିନୀ ବ୍ରହ୍ମକନ୍ୟା । ସକଳ ବିଷୟରେ ତୁମ୍ଭେ ନାରୀଜାତିର ଉନ୍ନତ ଆଦର୍ଶ ଜଗତକୁ ଦେଖାଇଅଛ—ନାରୀଶକ୍ତିର ପରିଚୟ ପ୍ରଦାନ କରି ବହୁଶତପ୍ରାଣରୁ କୁସଂସ୍କାର ବିଦୂରିତ କରିଅଛ—ଷଷ୍ଟି ବର୍ଷବ୍ୟାପୀ ଜୀବନର କାର୍ଯ୍ୟକ୍ଷେତ୍ରରେ କୋମଳ ଓ କଠୋରଭାବର, ଦୟା ଓ ନ୍ୟାୟପରତାର, ସ୍ନେହ ଓ ଶାସନର, ଭୋଗ ଓ ବୈରାଗ୍ୟର, ପ୍ରେମ ଓ ପବିତ୍ରତାର, ସୌଭାଗ୍ୟ

Digitized by srujanika@gmail.com

ଓ ବିନୟର, ସଂସାର ଓ ଧର୍ମର ଅପୂର୍ବ ସାମଞ୍ଜସ୍ୟ ବିଧାନ କରିଅଛ । ଯେ କହେ, ତୁମ୍ଭେ ରାଜସିଂହାସନର ଭୂଷଣମାତ୍ର, ସେ ଅନ୍ଧ ! ଆମ୍ଭେମାନେ ଏହି ମହାମହୋତ୍ସବ ଉପଲକ୍ଷରେ କ୍ଷୁଦ୍ର ହୃଦୟର ପୂର୍ଣ୍ଣ ରାଜଭକ୍ତି ତୁମ୍ଭର ଚରଣପ୍ରାନ୍ତରେ ଅର୍ପଣ କରି ପୂର୍ଣ୍ଣପ୍ରାଣରେ ତୁମ୍ଭକୁ ଅଭିବାଦନ କରୁଅଛୁଁ । ମହିମାମୟ ପରମେଶ୍ୱରଙ୍କ ଇଚ୍ଛା ତୁମ୍ଭର ଜୀବନରେ ନିରନ୍ତର ଜୟଯୁକ୍ତ ହେଉ । ଆଉ ତୁମ୍ଭର ଉନ୍ନତ ଦୃଷ୍ଟାନ୍ତରେ ଦୀନହୀନ ଭାରତବାସୀଙ୍କର ନାରୀଜାତି ସମ୍ବନ୍ଧୀୟ ଅନ୍ଧସଂସ୍କାର ବିଦୂରିତ ହେଉ-ଭାରତକନ୍ୟାଙ୍କର ଅଧିକାର ପ୍ରସାରିତ ହେଉ—ଶକ୍ତି ବିକଶିତ ହେଉ । ଏହାହିଁ ଆମ୍ଭମାନଙ୍କର ହୃଦ୍‌ଗତ ପ୍ରାର୍ଥନା ।

---

# ହେମମାଳା

## କ୍ଷୁଦ୍ର ଉପନ୍ୟାସ

ଆମ୍ଭମାନଙ୍କ ଗ୍ରାମ୍ ରାମେଶ୍ୱର ଗଡ଼ର ଉତ୍ତରରେ ଦ୍ରୁତଗାମିନୀ ମହାକାଳୀ ଶିବକୂଟ-ଗିରିପାଦ ପ୍ରକ୍ଷାଳନ କରି ମୃଦୁକଳନାଦରେ ପ୍ରବାହିତ ହୋଇ ଯାଉଅଛି । ତୀରର ଅନତିଦୂରରେ ଗୋଟିଏ ଶିବମନ୍ଦିର । ମନ୍ଦିର ସମ୍ମୁଖରେ ଗୋଟିଏ ପୁଷ୍ପିତ ବକୁଳବୃକ୍ଷ । ମଧୁମୟ ନବବସନ୍ତପ୍ରଭାତର କନକକିରଣପ୍ରବାହରେ ସ୍ନାତା ଧରଣୀ ଅନନ୍ତ ଆକାଶର ପ୍ରସନ୍ନ ପବିତ୍ର ମୁଖ ଆଡ଼କୁ ଅନାଇ ଆନନ୍ଦରେ ହସୁଅଛି । ପ୍ରଭାତଗାୟକ କଜ୍ଜ୍ୱଳପକ୍ଷୀର ପବିତ୍ର ସ୍ୱରତରଙ୍ଗ ସଙ୍ଗରେ କୋକିଳର ମନୋହର ତାନଲହରୀ ଅଦୂରବର୍ତ୍ତୀ କାନନକୁଞ୍ଜରୁ ଭାସିଆସୁଅଛି । ଏହି ସମୟରେ ମୁଁ ନଦୀରେ ସ୍ନାନ ସମାପନ କରି ଶିବମନ୍ଦିର ଆଡ଼କୁ ଅଗ୍ରସର ହେଲି । ଦେବାଳୟର ସମ୍ମୁଖସ୍ଥ ବକୁଳମୂଳକୁ ଆସି ତାହାର ଏକପାର୍ଶ୍ୱରେ ଛିଡ଼ା ହୋଇଅଛି ଏମନ୍ତ ସମୟରେ ଦେଖିଲି, ମନ୍ଦିର ମଧ୍ୟରୁ ଗୋଟିଏ ପରମାସୁନ୍ଦରୀ ଷୋଡ଼ଶୀ ଯୁବତୀ ଦୁଇଜଣ ପ୍ରୌଢ଼ା ରମଣୀଙ୍କ ସଙ୍ଗରେ ବାହାରି ଆସି ସେହି ବୃକ୍ଷର ଅପର ପାର୍ଶ୍ୱରେ ଛିଡ଼ା ହୋଇ ସତୃଷ୍ଣ ନୟନରେ ପୁଷ୍ପିତ ତରୁର ଶୋଭା ଦେଖୁଅଛି । ବୋଲିବା ବାହୁଲ୍ୟ ଯେ ଯୁବତୀ ମୋତେ ଦେଖି ନାହିଁ, ମୁଁ ଦେଖିଲାକ୍ଷଣି ଚିହ୍ନିଲି ମୋର ବାଲ୍ୟସଖୀ ହେମମାଳା । କ୍ଷଣେ ଆତ୍ମବିସ୍ମୃତ ହୋଇ ଅନାୟତ୍ତ ଭାବରେ ଡାକିଲି 'ହେମମାଳା' । ହେମମାଳା ଲଜ୍ଜିତ ଓ ବିସ୍ମିତ ହୋଇ ଥରେ ମୋ ଆଡ଼କୁ ଅନାଇଲା, ଦୁହିଙ୍କର ଦୃଷ୍ଟି କ୍ଷଣେ ସମ୍ମିଳିତ ହେଲା, କିନ୍ତୁ ପୁଣି କ୍ଷଣକେ ତାହାର ନୟନଦ୍ୱୟ ଆନତ ହେଲା ଏବଂ କପୋଳଦ୍ୱୟ ଲଜ୍ଜାର ପାଟଳିମାରେ ରଞ୍ଜିତ ହେଲା । ଗୁହୁଁ ଗୁହୁଁ ସେ ପ୍ରୌଢ଼ାଙ୍କ ସଙ୍ଗରେ ଚାଲିଗଲା ।

---

୨

ସେହିଦିନ ସାୟଂକାଳରେ ହେମମାଳାର ଜନନୀ ମୋ ଜନନୀଙ୍କ ସଙ୍ଗରେ ସାକ୍ଷାତ୍ କରିବାକୁ ଆସିଲେ । ତହିଁ ଆରଦିନ ଶୁଣିଲି ଯେ ହେମମାଳା ସଙ୍ଗରେ ମୋର ବିବାହର ପ୍ରସ୍ତାବ ହୋଇଅଛି, କିନ୍ତୁ ମୋହର ପିତା ସମ୍ମତ ଦେଇ ନାହାନ୍ତି । ଅଧିରହୃଦୟ ଉଦ୍‌ବେଗ ଓ ଆଶଙ୍କାରେ ପୂର୍ଣ୍ଣ ହେଲା, କିନ୍ତୁ ମାତାଙ୍କର ବ୍ୟାକୁଳ ପ୍ରାର୍ଥନା ପିତା ଅତିକ୍ରମ କରି ପାରିଲେ ନାହିଁ । ସପ୍ତାହ ମଧ୍ୟରେ ସମ୍ମତି ପ୍ରଦାନ କଲେ । ଆସନ୍ନା ବୈଶାଖରେ ବିବାହ ହେବାର ନିର୍ଦ୍ଧାରିତ ହେଲା । ସେ ସମୟରେ ମୋହର ବୟସ ୨୧ ବର୍ଷ । କିନ୍ତୁ ଇତିମଧ୍ୟରେ ଉତ୍କଳସମ୍ରାଟ ଗଙ୍ଗବଂଶାବତଂଶ ମହାଯଶା ଶ୍ରୀ ପୁରୁଷୋତ୍ତମ ଦେବ କାଞ୍ଚିନପତିଙ୍କ

Digitized by srujanika@gmail.com

ସଙ୍ଗରେ ଯୁଦ୍ଧ ଘୋଷଣା କରି ସେନା ସଂଗ୍ରହ କରିବାକୁ ଲଗିଲେ, ବୃଦ୍ଧ ପିତାଙ୍କ ପରିବର୍ତ୍ତରେ ମୋତେ ଗ୍ରାମସ୍ଥ ସୈନିକ ମାନଙ୍କର ଦଳପତି ହୋଇ ଯୁଦ୍ଧକୁ ଯିବା ନିମିତ୍ତ ହୁକୁମ ଆସିଲା । କ୍ଷଣକେ ମୋର ସକଳ ସୁଖର ଆଶା ନିର୍ମୂଳ ହେଲା । ଗ୍ରାମର ପ୍ରତ୍ୟେକ ଖଣ୍ଡାୟତ ଗୃହ ହାହାକାରରବରେ ପୂର୍ଣ୍ଣ ହେଲା ।

---

୩

ଗ୍ରାମରେ ସମରବାଦ୍ୟ ବାଜିଉଠିଲା । ପିତାମାତାଙ୍କର ଆଶିର୍ବାଦ ଘେନି ଗ୍ରାମ ସେନାର ଅଗ୍ରଣୀରୂପେ ଗୃହ ତ୍ୟାଗ କଲି । ପ୍ରେକ୍ତ ଶିବମନ୍ଦିର ନିକଟରେ ଗ୍ରାମର ନାରୀବୃନ୍ଦ ସମ୍ମିଳିତ ହୋଇ ଆମ୍ଭମାନଙ୍କ ମଙ୍ଗଳକାମନାରେ ଶିବପୂଜା କରି ସୈନ୍ୟ ଦର୍ଶନ ଅପେକ୍ଷାରେ ଛିଡ଼ା ହୋଇ ଅଛନ୍ତି । ସୈନ୍ୟଦର୍ଶନ ମାତ୍ରକେ ଶତଶତ ରମଣୀଙ୍କ ଶୁଭ ଶଙ୍ଖଧ୍ୱନିରେ ଗଗନ ପୂର୍ଣ୍ଣ ହେଲା । ସୈନ୍ୟମାନେ ପ୍ରତ୍ୟୁତ୍ତରରେ 'ଜୟ ମହାରାଜ' ନାଦରେ ଆକାଶ ନିନାଦିତ କଲେ । ଏହି ସମୟରେ କାହାର ଅଶ୍ରୁପୂର୍ଣ୍ଣ ନୟନଶୋଭିତ ଆନନଶ୍ରୀ ମୋହର ଦୃଷ୍ଟିପଥର ପଥିକ ହେଲା, କାହାର ନୀରବନୟନର ଅମୃତ ଭାଷା ଏ ପ୍ରାଣକୁ ସୁଧାସିକ୍ତ କରି ଏ ହୃଦୟର ସାହସକୁ ଶତଗୁଣିତ କଲା । ମନେ ମନେ କହିଲି, ଅୟି ପ୍ରେମାଶ୍ରୁମୟି, ତୁମ୍ଭର ଏହି ଅମୃତମୂର୍ତ୍ତିକୁ ହୃଦୟମନ୍ଦିରର ଅଧିଷ୍ଠାତ୍ରୀଦେବୀରୂପେ ସର୍ବଦା ରଣ କ୍ଷେତ୍ରରେ ପୂଜା କରୁଥିବି ।

---

୪

ଆମ୍ଭେମାନେ ସମରମଦରେ ମାତି ମହୋଲ୍ଲାସରେ କଳିଙ୍ଗସୀମା ପାର ହୋଇ ଶତ୍ରୁରାଜ୍ୟର ସୀମାନ୍ତରେ ଶିବିର ସନ୍ନିବେଶ କଲୁଁ । ମୁଁ ଥରେ ପଛକୁ ଦୃଷ୍ଟି ନିକ୍ଷେପ କଲି । ସ୍ୱର୍ଗାଦପି ଗରୀୟସୀ ଜନ୍ମଭୂମିର ଶୈଳକୂଟତଟବାହିନୀ ମହାନଦୀତୀରବର୍ତ୍ତୀ ଶିବମନ୍ଦିରର ବିଦାୟ ଦିନର ସେହି ଦୃଶ୍ୟ—ହେମମାଳାର ସେହି ଅଶ୍ରୁମୟୀ ମୋହିନୀମୂର୍ତ୍ତି ମନୋନୟନରେ ନିରୀକ୍ଷଣ କଲି ।

---

୫

କ୍ରମେ ୨ ଉତ୍କଳର ଚତୁର୍ଦ୍ଦିଗରୁ ସେନାଦଳ ଆସି ସୀମାନ୍ତ ପ୍ରଦେଶରେ ଠୁଳ ହୁଅନ୍ତେ ମହାରାଜ ପୁରୁଷୋତ୍ତମ ଦେବ ନିଜେ ସମସ୍ତ ସୈନ୍ୟର ଅଗ୍ରଣୀ ହୋଇ ଶତ୍ରୁରାଜ୍ୟ ମଧ୍ୟକୁ ଅଗ୍ରସର ହେବାର ଆଜ୍ଞା ପ୍ରଦାନ କଲେ । ଆମ୍ଭେମାନେ ସୀମାନ୍ତ ଅତିକ୍ରମ କରି ପ୍ରାୟ ଶତକ୍ରୋଶ ଉତ୍ତୀର୍ଣ୍ଣ ହେଲୁ ଉତ୍ତାରେ ଅଦୂରରେ ବିପକ୍ଷସେନା ସନ୍ନିବେଶିତ ଥିବାର ସମ୍ବାଦ ପାଇଲୁଁ । କୋଲେର ହ୍ରଦତଟରେ ଆମ୍ଭମାନଙ୍କର ଶିବିର ସନ୍ନିବେଶିତ ହେଲା । ଆମ୍ଭେମାନେ ସେଠାରେ ଯୁଦ୍ଧର ପ୍ରତୀକ୍ଷା କରି ରହିଲୁଁ । ହଠାତ୍ ଏକଦିନ କୃଷ୍ଣପକ୍ଷର ତ୍ରୟୋଦଶୀ ରାତ୍ରିର ନିଶୀଥକାଳରେ ଆମ୍ଭେମାନେ ନିଦ୍ରିତ ଥିବା ସମୟରେ ବିଶ୍ୱାସଘାତକ ବିପକ୍ଷସେନା ଅଲକ୍ଷିତଭାବରେ ଗୋପନରେ ଆମ୍ଭମାନଙ୍କ ଶିବିର ଆକ୍ରମଣ କଲେ । ଏହା ଦେଖି ଆମ୍ଭମାନଙ୍କ ନେତୃବର୍ଗ ହଠାତ୍ ହତବୁଦ୍ଧି ହୋଇଗଲେ । ଯାହାହେଉ, ଆମ୍ଭମାନଙ୍କ ମଧ୍ୟରୁ କେତେକ ଦଳ ଯଥାସମ୍ଭବ କ୍ଷିପ୍ରକାରିତା ସହକାରେ ସସଜ୍ଜ ହୋଇ ଶତ୍ରୁର ସମ୍ମୁଖୀନ ହେଲେ, ଏବଂ ଅନ୍ୟ କେତେକ ବିଭୀଷିକାଗ୍ରସ୍ତ ହୋଇ ପଳାୟନର ପଥ ଅନ୍ୱେଷଣ କରିବାକୁ ଲଗିଲେ । ଶତ୍ରୁସେନା ଏବଂ ଆମ୍ଭମାନଙ୍କ ସଜ୍ଜୀଭୂତ ଦଳ ମଧ୍ୟରେ ଘୋର ରଣ ଉପସ୍ଥିତ ହେଲା । ଆମ୍ଭେମାନେ ପ୍ରାଣପଣେ ଯୁଦ୍ଧ କରି ଶତଶତ ଶତ୍ରୁ ଯମାଳୟକୁ ପ୍ରେରଣ କଲୁଁ, କିନ୍ତୁ ଶତ୍ରୁସୈନ୍ୟଙ୍କର ସଂଖ୍ୟା ଆମ୍ଭମାନଙ୍କର ଚତୁର୍ଗୁଣ ଥିଲା; ସୁତରାଂ ଅବଶେଷରେ ଏହି ଅସମ-

Digitized by srujanika@gmail.com

ସଂଗ୍ରାମରେ ଆମ୍ଭେମାନେ ପରାସ୍ତ ହେଲୁଁ । ମୁଁ ଏହି ଯୁଦ୍ଧରେ ଦାରୁଣ ଆଘାତ ପାଇ ସଂଜ୍ଞାହୀନ ହୋଇ ଭୂତଳଶାୟିତ ହୋଇଥିବାରୁ ମୋହର ସଙ୍ଗିବର୍ଗ ମୋତେ ମୃତ ବୋଲି ପରିତ୍ୟାଗ କରି ଚାଲିଗଲେ ।

---

୬

ଦୁଇଦିନ ଉତ୍ତାରେ ସଂଜ୍ଞା ଲାଭ କରି ଦେଖିଲି ଯେ ମୁଁ ଗୋଟିଏ ପର୍ଣ୍ଣକୁଟୀର ମଧ୍ୟରେ ରହିଅଛି ଏବଂ ମୋ ମସ୍ତକ ନିକଟରେ ଜଣେ ଦେବୋପମ ଦୀର୍ଘାକାର ପ୍ରଶାନ୍ତାକୃତି ସନ୍ନ୍ୟାସୀ ସେହି କୁଟୀର ମଧ୍ୟରେ ଧ୍ୟାନସ୍ତିମିତଲୋଚନ ହୋଇ ଗମ୍ଭୀର ସ୍ତବପାଠ କରୁଅଛନ୍ତି । ଏ ଦୃଶ୍ୟ ଦର୍ଶନରେ ମୁଁ ବିସ୍ମିତ ପୁଲକାଞ୍ଚିତ କଳେବର ଏବଂ ଅବାକ୍ ହୋଇ ରହିଲି । ଆରାଧନାନ୍ତେ ସନ୍ନ୍ୟାସୀ ବ୍ୟାଘ୍ରଚର୍ମାସନ ତ୍ୟାଗପୂର୍ବକ କି ଅମୃତମନ୍ତ୍ର ଉଚ୍ଚାରଣ କରି ମୋ ମସ୍ତକ ଓ ଲଲାଟକୁ ସ୍ନେହ-କୋମଳ ହସ୍ତରେ ସ୍ପର୍ଶ କଲେ ଏବଂ ମୋର ଚକ୍ଷୁ ଉନ୍ମୀଳିତ ଥିବାର ଦେଖି ଶୀତଳଜଳ ଦ୍ୱାରା ମୋ ମୁଖ ପ୍ରକ୍ଷାଳିତ କରି ଦୟାବିଗଳିତ-ସ୍ୱରରେ କହିଲେ 'ବତ୍ସ, ଭୟ ନାହିଁ,' ମୁଁ କ୍ଷୀଣ ଅସ୍ପଷ୍ଟସ୍ୱରରେ ପଚାରିଲି, 'ମୁଁ ଏଠାକୁ କିପରି ଆସିଲି ?' ସନ୍ନ୍ୟାସୀ କହିଲେ "ମୁଁ ତୁମ୍ଭକୁ ଯୁଦ୍ଧକ୍ଷେତ୍ରରୁ ଏଠାକୁ ଆଣିଅଛି । ଭୟ କରନା, ଶୀଘ୍ର ସୁସ୍ଥ ହେବ ।"

---

୭

ସନ୍ନ୍ୟାସିଙ୍କ କୁଟୀରରେ ପରମଯତ୍ନରେ ଶୁଶ୍ରୂଷିତ ହୋଇ ମୁଁ କ୍ରମେ ୨ ପୂର୍ବ ବଳ ଓ ସ୍ୱାସ୍ଥ୍ୟ ଲାଭ କରିବାକୁ ଲାଗିଲି । ଦିନକରେ ସନ୍ନ୍ୟାସୀ ଆତ୍ମପରିଚୟ ଦେଇ କହିଲେ, "ମୁଁ ଦଶବର୍ଷ ତଳେ ତୁମ୍ଭ ଗ୍ରାମର ଶିବମନ୍ଦିରରେ ଚତୁର୍ମାସ୍ୟ ଯାପନ କରିଥିଲି । ତୁମ୍ଭେ ସେତେବେଳେ ଅଳ୍ପବୟସ୍କ ଥିଲ । ତୁମ୍ଭ ଗ୍ରାମର ବାଳକ ବାଳିକାମାନଙ୍କର ମୁଖ ଆଜଯାଏ ମୋ ସ୍ମୃତିପଟରେ ଅଙ୍କିତ ଅଛି । ହେମମାଳା ନାମରେ ଗୋଟିଏ ଛଅ ସାତ ବର୍ଷର ପରମାସୁନ୍ଦରୀ କନ୍ୟା ଦେଖିଥିଲି, ସେ ବିବାହିତା ହେଲାଣି କି ?" ଏ ପ୍ରଶ୍ନ ଶୁଣି ମୁଁ ଲଜ୍ଜାସଙ୍କୁଚିତ ହୋଇ ଉତ୍ତର କଲି "ନାହିଁ" । କିଛି ଦିନ ଉତ୍ତାରେ ସେହି ପୁଣ୍ୟାତ୍ମା ସନ୍ନ୍ୟାସିଙ୍କଠାରୁ ଶୁଣିଲି ଯେ ମହାରାଜ ପୁରୁଷୋତ୍ତମ ଦେବ ଯୁଦ୍ଧର ବିଷମ ପରିଣାମ ଉତ୍ତାରେ ଭଗ୍ନମନୋରଥ ହେଲେହେଁ ଏକାବେଳକେ ନିରାଶ ନ ହୋଇ କତିପୟ ସୈନ୍ୟ କଳିଙ୍ଗପତନ ନିକଟରେ ରଖାଇ ନୂତନ ସୈନ୍ୟ ସଂଗ୍ରହ ନିମିତ୍ତ ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କରିଅଛନ୍ତି । ଅଳ୍ପକାଳ ମଧ୍ୟରେ ପୁନର୍ବାର ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ ହେବେ । ମୁଁ ଏହି ସଂବାଦ ଶୁଣି କଳିଙ୍ଗପତନ ଯିବାର ଆକାଙ୍କ୍ଷା ପ୍ରକାଶ କରି ପରମଭକ୍ତିଭାଜନ ସନ୍ନ୍ୟାସିଙ୍କଠାରୁ ବିଦାୟ ଗ୍ରହଣ କଲି ଏବଂ ଏକ ପକ୍ଷ ଉତ୍ତାରେ ସ୍ୱଦେଶୀୟ ସୈନ୍ୟଶିବିରରେ ଉପସ୍ଥିତ ହେଲି । ମୋର ପରିଚିତ ଲୋକେ ମୋତେ ଦେଖି ସହସା ନିଜ ଚକ୍ଷୁକୁ ବିଶ୍ୱାସ କରି ପାରିଲେ ନାହିଁ । ମୁଁ କିପରି ସନ୍ନ୍ୟାସିଙ୍କ କରୁଣାରେ ଜୀବନ ଲାଭ କରିଥିଲି, ତାହା ସେମାନଙ୍କୁ ଜଣାଇଲି । ସେମାନେ ବିସ୍ମିତ ହୋଇ କହିଲେ, "କି ଅଦ୍ଭୁତକଥା ! ଭୟ ହେଉଅଛି, ତୁମ୍ଭ ମୃତ୍ୟୁସଂବାଦ ତୁମ୍ଭ ଗୃହ ପର୍ଯ୍ୟନ୍ତ ଚାଲିଯାଇଥିବ ।" ମୁଁ ଏକଥା ଶୁଣି ସ୍ତମ୍ଭିତ ହୋଇଗଲି, ହେମମାଳା ଏବଂ ବୃଦ୍ଧ ପିତା ମାତାଙ୍କ କଥା ମନରେ ପଡ଼ି ହୃଦୟକୁ ଆକୁଳ କରିବାକୁ ଲାଗିଲା , କଣ କରିବି କିଛି ସ୍ଥିର କରି ପାରିଲି ନାହିଁ । ଏହି ସମୟରେ ଶିବିରର ଅଧ୍ୟକ୍ଷ ମୋର ଆଗମନବାର୍ତ୍ତା ପାଇ ମୋତେ ଡକାଇ ପୁନର୍ବାର ସେନାଭୁକ୍ତ କରି ଶତସୈନ୍ୟର ନାୟକତ୍ୱ ପ୍ରଦାନ କଲେ । ପରଦିନ ମହାରାଜ ପୁନର୍ବାର ଜୈତ୍ରଯାତ୍ରାରେ ବାହାରିଥିବାର ସଂବାଦ ଏବଂ ଯୁଦ୍ଧଯାତ୍ରା ନିମିତ୍ତ

Digitized by srujanika@gmail.com

ଆମ୍ଭମାନଙ୍କର ପ୍ରସ୍ତୁତ ହୋଇ ରହିବାର ଆଦେଶ ଶିବିରରେ ଉପଗତ ହେଲା । ଅଠଦିନ ମଧ୍ୟରେ ମହାରାଜ ସସୈନ୍ୟ ଆମ୍ଭମାନଙ୍କ ସଙ୍ଗେ ମିଳିତ ହେଲେ । ଆମ୍ଭେମାନେ ପୁଣି ଶତ୍ରୁରାଜ୍ୟରେ ଘୋର ଭୈରବରବରେ ପ୍ରବେଶ କଲୁଁ । ପ୍ରଥମଥର ମହାରାଜ ପୁରୁଷୋତ୍ତମ ଦେବ ପରାସ୍ତ ହୋଇ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାକୁ ବାଧ୍ୟ ହୋଇଥିବାରୁ, କାଞ୍ଚିନୃପତି ଜୟୋଲ୍ଲାସରେ ମାତି ଉତ୍କଳାଧିପତି ଏବଂ ତାହାଙ୍କର ସୈନ୍ୟଙ୍କୁ ଅକିଞ୍ଚିତ୍କର ମଣି ନିଶ୍ଚିନ୍ତ ଥିଲେ । ଏବେ ଆମ୍ଭେମାନେ ତାଙ୍କ ରାଜ୍ୟ ଆକ୍ରମଣ କରିଥିବାର ବାର୍ତ୍ତା ପାଇଁ, ନିଜ ରାଜଧାନୀର ରକ୍ଷା ନିମିତ୍ତ ଯଥୋଚିତ ଆୟୋଜନ କରି ଆମ୍ଭମାନଙ୍କୁ ଯୁଦ୍ଧରେ ଭେଟିବା ନିମିତ୍ତ ଉତ୍ତରାଭିମୁଖରେ ଯାତ୍ରା କଲେ । ପଥମଧ୍ୟରେ ଯୁଦ୍ଧ ହେଲା, ସେଥିରେ ସେ ପରାସ୍ତ ହୋଇ ରାଜଧାନୀକୁ ପଳାୟନ କଲେ । ଆମ୍ଭେମାନେ ଗୋଡ଼ାଇ ଆସି କାଞ୍ଚିନଗର ଅବରୋଧ କଲୁଁ । ମାସାଧିକ କାଳ ଘୋରଯୁଦ୍ଧ ହେଲା । ଅବଶେଷରେ ଆମ୍ଭେମାନେ ବହୁବାର ନିଷ୍ଫଳପ୍ରୟାସ ହେଲା ଉତ୍ତାରେ ନଗର ମଧ୍ୟରେ ପ୍ରବେଶ କଲୁଁ । କାଞ୍ଚୀନୃପତି ଶରଣ ପ୍ରାର୍ଥନା କରି ତାଙ୍କର ଭୁବନମୋହିନୀ କନ୍ୟା ପଦ୍ମାବତୀଙ୍କୁ ମହାରାଜଙ୍କ ହସ୍ତରେ ସମର୍ପଣ କଲେ । ଦୟାର୍ଦ୍ରଚିତ୍ତ ମହାମନା ଶ୍ରୀ ପୁରୁଷୋତ୍ତମ ଦେବ ଶତ୍ରୁର-ଦୁର୍ଗତି ଦେଖି ତାହାଙ୍କୁ କ୍ଷମା କରି, ସମସ୍ତ କାଞ୍ଚୀରାଜ୍ୟ ପ୍ରତ୍ୟର୍ପଣ କରି ଏବଂ ପଦ୍ମାବତୀଙ୍କୁ ସଙ୍ଗରେ ଘେନି ନିଜ ରାଜଧାନୀକୁ ରଥଯାତ୍ରା ସମୟକୁ ବାହୁଡ଼ି ଆସିଲେ । ଆମ୍ଭେମାନେ ମହାରାଜଙ୍କ ଗହଣରେ ଶ୍ରୀକ୍ଷେତ୍ରକୁ ଆସିଲୁଁ । ରଥୋପରି ପ୍ରତିଷ୍ଠିତ ଜଗନ୍ନାଥମୂର୍ତ୍ତି ସମ୍ମୁଖରେ ସମ୍ମାର୍ଜନକାର୍ଯ୍ୟରେ ନିଯୁକ୍ତ ମହାରାଜ ପୁରୁଷୋତ୍ତମ ଦେବଙ୍କ ହସ୍ତରେ ପଦ୍ମାବତୀ ଅର୍ପିତ ହୋଇ ଉତ୍କଳନରପତିଙ୍କର ମହିଷୀରୂପେ ରାଜସିଂହାସନ ଉଜ୍ଜ୍ୱଳ କଲେ । ପୁରୀନଗରୀରେ ଯୁଗପତ୍ ଜୟୋତ୍ସବ, ବିବାହୋତ୍ସବ, ରଥୋତ୍ସବରୂପ ମହାମହୋତ୍ସବ ଲାଗିଗଲା । ଯୁଦ୍ଧରୁ ପ୍ରତ୍ୟାବୃତ୍ତ ସମସ୍ତ ସାମନ୍ତ ସେନାପତି ଓ ସୈନିକ ଯଥାଯୋଗ୍ୟ ପୁରସ୍କାର ପାଇ ଉଲ୍ଲସିତହୃଦୟରେ ଯେଝା ଘରକୁ ଚଳିଉଠି ଗଲେ । ମୁଁ ମଧ୍ୟ ପୁରସ୍କୃତ ହୋଇ ଗୃହକୁ ବାହୁଡ଼ିଲି ।

---

## ୮

ଇତିପୂର୍ବେ କହିଅଛି ଯେ ପ୍ରଥମଯୁଦ୍ଧର ପରାଜୟ ଉତ୍ତାରେ କଳିଙ୍ଗପତନକୁ ନେଉଠି ଆସିଲି ପରେ ମୋର ମୃତ୍ୟୁସଂବାଦ ଗ୍ରାମକୁ ଯାଇଥିବ ବୋଲି ମନରେ ଆଶଙ୍କା ହୋଇଥିଲି । ବାସ୍ତବରେ ସେ ସମ୍ବାଦ ପ୍ରଥମଯୁଦ୍ଧର କେତେଦିନ ପରେ ଗ୍ରାମରେ ଉପସ୍ଥିତ ହୋଇଥିଲା । ଘୋର ଶୋକବାତ୍ୟାର ଭୟାବହ ଆବର୍ତ୍ତ ମଧ୍ୟରେ ପଡ଼ି ଜନନୀ ଜୀବଲୀଳା ସମ୍ବରଣ କଲେ । ପିତା ଜୀବନ୍ମୃତ ହୋଇ ନୈରାଶ୍ୟଜର୍ଜରିତ ହୃଦୟରେ ଦିନାତିପାତ କରିବାକୁ ଲାଗିଲେ । ଆଉ ହେମମାଳାର କଥା କ'ଣ କହିବି ? ତାହାର ସୁକୁମାର ହୃଦୟରେ ନିଦାରୁଣ ବଜ୍ର ପଡ଼ି ତାହାକୁ ରୋଗଶଯ୍ୟାରେ ଶୟନ କରାଇଲା । ତାହାର ହୃଦୟର ଅନ୍ତଃସ୍ଥଳରେ ଯେଉଁ ଶଲ୍ୟବିଦ୍ଧ ହୋଇଥିଲା ତାହା ତାହାର ଜୀବନଶୋଣିତ ଶୋଷଣ କରିବାକୁ ଲାଗିଲା । ସେହି ସୁଧାଂଶୁବଦନୀ ଲଳିତଶରୀର ଦିନକୁ ଦିନ ଭୟାବହ କ୍ଷୟରୋଗର ନିଦାରୁଣ ପ୍ରବାହରେ କୃଷ୍ଣପକ୍ଷର ଚନ୍ଦ୍ରମସୀକଳା ତୁଲ୍ୟ ଦିନକୁ ଦିନ କ୍ଷୀଣ ହେବାକୁ ଲାଗିଲା । ଏହି ସମୟରେ ମୋର ସେହି ପୂର୍ବକଥିତ ପ୍ରାଣରକ୍ଷକ ପରମବନ୍ଦନୀୟ ସନ୍ନ୍ୟାସୀ ଆମ୍ଭମାନଙ୍କ ଗ୍ରାମରେ ଆସି ମୋର ମୃତ୍ୟୁସଂବାଦ ମିଥ୍ୟା ଥିବାର ଏବଂ ମୁଁ ଜୀବିତ ଥାଇ ଦ୍ୱିତୀୟ ଯୁଦ୍ଧର ମହାଜୟ ଉତ୍ତାରେ ମହାରାଜଙ୍କ ଗହଣରେ ପ୍ରତ୍ୟାବର୍ତ୍ତନ

Digitized by srujanika@gmail.com

କରୁଥିବାର ବାର୍ତ୍ତା ପ୍ରଚାର କଲେ । ଏ ସମ୍ବାଦ ଯଥାସମୟରେ ହେମମାଳାର କର୍ଣ୍ଣଗୋଚର ହେଲା । କିନ୍ତୁ ସେ ମୃତ୍ୟୁପଥରେ ବହୁଦୂର ଅଗ୍ରସର ହୋଇଥିଲା । ସେ ବୁଝି ପାରିଥିଲା ଯେ ତାହାର ମୃତ୍ୟୁ ନିକଟବର୍ତ୍ତୀ । ତଥାପି ମରଣପୂର୍ବରୁ ଥରେ ମୋତେ ଦେଖିବ, ଏତିକି ମାତ୍ର ତାହାର ହୃଦ୍‌ଗତ ପ୍ରାର୍ଥନା ଥିଲା । ଇତିପୂର୍ବେ ତାହାର ଆତ୍ମୀୟବର୍ଗ ତାହାର ଚିକିତ୍ସା କରାଇଥିଲେ, କିନ୍ତୁ କିଛି ପ୍ରତିକାର ନୋହିବାରୁ ନିରାଶ ହୋଇ ପଡ଼ିଥିଲେ । ବର୍ତ୍ତମାନ ସନ୍ନ୍ୟାସୀ ମହାତ୍ମାଙ୍କ ଆଗମନ ଦେଖି, ତାହାଙ୍କୁ ହେମମାଳାର ପ୍ରାଣରକ୍ଷାର୍ଥ ପ୍ରାର୍ଥନା କଲେ । ସନ୍ନ୍ୟାସୀ ହେମମାଳାକୁ ଦେଖିବାକୁ ଗଲେ ଏବଂ ନାନା କଥା ପଚାରୁ ପଚାରୁ ହେମମାଳା ସାଙ୍ଗରେ ମୋର ବିବାହ ନିର୍ବନ୍ଧ ହୋଇଥିବାର ସମ୍ବାଦ ଅବଗତ ହେଲେ । ସନ୍ନ୍ୟାସୀ ଏହି ପ୍ରକାରେ ରୋଗର ନିଗୂଢ଼ କାରଣ—ଯାହା ଅଦ୍ୟାପି ଅନ୍ୟ କେହି ବୁଝି ପାରି ନ ଥିଲେ—ତାହା ଜାଣି ପାରିଲେ । ହେମମାଳାର ଅବସ୍ଥା ଦେଖି ଆରୋଗ୍ୟ ଆଶା ନ ଥିବାର ଜାଣି ମନେ ମନେ ଦୁଃଖିତ ହେଲେ, କିନ୍ତୁ ଅଜଣାର ମନୋଗତ ଭାବ ବ୍ୟକ୍ତ ନ କରି କହିଲେ "ତିନଦିନ ପରେ ଔଷଧ ଦିଆଯିବ, ଇତି ମଧ୍ୟରେ ମୁଁ ପ୍ରତିଦିନ ଆସି ଶାନ୍ତିଜଳଦ୍ୱାରା ହେମମାଳାର ଲଲାଟ ଧୋଇ ଦେଇ ଯାଉଥିବି," ଏହା କହି ସେହି ପ୍ରଶାନ୍ତାତ୍ମା ସନ୍ନ୍ୟାସୀ କମଣ୍ଡଳୁରୁ ଜଳ ଗ୍ରହଣ କରି ହେମମାଳାର ଲଲାଟ ଧୋଇଦେଲେ ଏବଂ ମସ୍ତକରେ ଜଳ ସିଞ୍ଚି ଦେଲେ ଏବଂ କହିଲେ "ମା, ହେମମାଳା, ତୁ ଓ ବିନୋଦ ପିଲାଦିନରେ ମୋ ନିକଟରେ ଶିବମନ୍ଦିରରେ ଖେଳୁଥିଲ, ମନେ ଅଛି କି ?" ହେମମାଳା କିଛି କହିଲା ନାହିଁ, କିନ୍ତୁ ସେହି ପ୍ରଶାନ୍ତମୂର୍ତ୍ତି ସନ୍ନ୍ୟାସୀଙ୍କ ସନ୍ନିଧାନ ହେତୁ ଅଥବା ବାଲ୍ୟକାଳର ସେହି ପବିତ୍ର ସ୍ମୃତିର ପ୍ରଶାନ୍ତ ପ୍ରଭାବଦ୍ୱାରା ତାହାର ଚକ୍ଷୁ ଓ ଲଲାଟ ଅପୂର୍ବ ସ୍ନିଗ୍ଧକାନ୍ତିରେ ଅନୁରଞ୍ଜିତ ହେଲା ।

---

୯

ସନ୍ନ୍ୟାସୀ ଦ୍ୱିତୀୟଦିନ ସାୟଂକାଳରେ ଶିବମନ୍ଦିରରେ ସନ୍ଧ୍ୟା ସମାପନ କରି ବକୁଳମୂଳରେ ଏକାକୀ ବସିଅଛନ୍ତି ଏହି ସମୟରେ ମୁଁ ଦୀର୍ଘପ୍ରବାସ ପରେ ନିଜ ପ୍ରଣାଧିକ ଗ୍ରାମସୀମାରେ ଉପନୀତ ହେଲି । ଗୃହକୁ ଯିବା ପୂର୍ବେ ମହାଦେବମନ୍ଦିରରେ ପ୍ରଣାମ କରିବା ଆଶୟରେ ଘୋଟକରୁ ଓହ୍ଲାଇ ନଦୀଜଳରେ ଶରୀରଶୌଚବିଧାନ କରି ମନ୍ଦିର ଆଡ଼କୁ ଅଗ୍ରସର ହୋଇ ନାନା ସ୍ନିଗ୍ଧ-ପୁଣ୍ୟ ମନୋହର ସ୍ମୃତିବିଜଡ଼ିତ ସେହି ବକୁଳମୂଳରେ ସହସା ମୋର ଜୀବନରକ୍ଷକ ସେହି ଦେବୋପମ ସନ୍ନ୍ୟାସୀଙ୍କୁ ଆସୀନ ଦେଖି ବିସ୍ମୟାନନ୍ଦରେ ନିମଗ୍ନ ହୋଇ ତାଙ୍କର ଚରଣ ବନ୍ଦନା କଲି । ସନ୍ନ୍ୟାସୀ ସ୍ୱର୍ଗୀୟ ବାତ୍ସଲ୍ୟସହକାରେ ମୋତେ ଆଶିର୍ବାଦ କରି କହିଲେ "ବତ୍ସ, ଦେବବନ୍ଦନା କରି ଆସ" । ମୁଁ ମନ୍ଦିରରେ ପ୍ରଣାମ କରି ପୁଣି ତାଙ୍କ ନିକଟରେ ଉପସ୍ଥିତ ହେଲି । ସନ୍ନ୍ୟାସୀ ମୋତେ ନିକଟରେ ବସାଇ କହିଲେ " ବତ୍ସ, ତୁମ ପ୍ରେମବ୍ୟାକୁଳ ହୃଦୟର ଆକାଂକ୍ଷା ମୁଁ ବୁଝିପାରିଅଛି, କିନ୍ତୁ ତାହା ଇହଲୋକରେ ପୂର୍ଣ୍ଣ ହେବାର ସମ୍ଭାବନା ଦିଶୁ ନାହିଁ ।" ଏହା କହି ହେମମାଳାର ପୀଡ଼ାର ବୃତ୍ତାନ୍ତ ମୋତେ ଜଣାଇଲେ ।

---

୧୦

ମୁଁ ସନ୍ନ୍ୟାସୀଙ୍କ କଥାଶୁଣି କ୍ଷଣକାଳ ସ୍ତମ୍ଭିତ ହୋଇ ରହିଲି, ପରେ ତାହାଙ୍କୁ ପ୍ରଣାମ କରି ଗ୍ରାମଆଡ଼କୁ ଯିବାକୁ ଉଦ୍ୟତ ହୁଅନ୍ତେ, ସନ୍ନ୍ୟାସୀ କହିଲେ "ରହ, ମୁଁ ତୁମ୍ଭ ସାଙ୍ଗରେ ଯିବି" ।

ସେ ଦିନ ବାହୁଡ଼ା ପୂର୍ଣ୍ଣିମା, କିନ୍ତୁ ପ୍ରଦୋଷରେ ନିବିଡ଼ ମେଘରାଜି ଘୋଟି ରହିଥିଲା, ମଧ୍ୟେ ମଧ୍ୟେ ବିଦ୍ୟୁତର ତୀକ୍ଷ୍ଣ ଚକିତ ଛଟା ଏବଂ ବଜ୍ରର

Digitized by srujanika@gmail.com

ଘୋର ଗମ୍ଭୀର ଗର୍ଜନଦ୍ୱାରା ଆସନ୍ନ ବୃଷ୍ଟି ସୂଚିତ ହେଉଥିଲା । ଆମ୍ଭେ ଦୁହେଁ ଗ୍ରାମ ଆଡ଼କୁ ଘୋର ଅନ୍ଧକାର ମଧ୍ୟରେ ଅଗ୍ରସର ହେଲୁଁ । ପଥି ମଧ୍ୟରେ ବୃଷ୍ଟିର ଆରମ୍ଭ ହେଲା । ଗ୍ରାମ ମଧ୍ୟରେ ପ୍ରବେଶ କଲା ବେଳକୁ ମୁଷଳଧାରରେ ବୃଷ୍ଟି ପଡ଼ିବାକୁ ଲାଗିଲା । ହେମମାଳାର ଗୃହସମୀପରେ ସନ୍ନ୍ୟାସୀ ଛିଡ଼ା ହେଲେ ଏବଂ ମୋତେ ମଧ୍ୟ ସେହି ଗୃହର ପିଣ୍ଡାରେ ଛିଡ଼ା ହେବାପାଇଁ ଆଦେଶ କଲେ । ଏହିସମୟରେ ମୋର ଅଧୀରହୃଦୟର ଉଦ୍‌ବେଗ ଓ ଉତ୍କଣ୍ଠା ଶତଗୁଣିତ ହୋଇଗଲା । ସନ୍ନ୍ୟାସୀ ଦ୍ୱାରରେ ଆଘାତ କରନ୍ତେ ଦ୍ୱାର ଉଦ୍‌ଘାଟିତ ହେଲା । ସନ୍ନ୍ୟାସୀଙ୍କ ଇଙ୍ଗିତଅନୁସାରେ ମୁଁ ତାଙ୍କ ସଙ୍ଗରେ ଗୃହ ମଧ୍ୟରେ ପ୍ରବେଶ କଲି । ଗୃହମଧ୍ୟରେ ଗୋଟିଏ ଶଯ୍ୟା ଉପରେ ମୂର୍ଚ୍ଛିତା ହେମମାଳା ଶୟିତା କରିଅଛି । ପାର୍ଶ୍ୱରେ ତାହାର ଜନନୀ ବସି ରୋଦନ କରୁଅଛନ୍ତି । ସନ୍ନ୍ୟାସୀ ହେମମାଳାର ଲଲାଟ ଧୌତ କରି ଦେଲେ । କିଛିକ୍ଷଣ ପରେ ହେମମାଳାର ମୂର୍ଚ୍ଛା ଅପସାରିତ ହେଲା ଏବଂ ସେ ଅବଶ ଲୋଚନଯୁଗ ଧୀରେ ଉନ୍ମୀଳନ କଲା । କିଛିକ୍ଷଣ ପରେ ସନ୍ନ୍ୟାସୀ କହିଲେ, "ମା ହେମମାଳା, ଦେଖ, ବିନୋଦ ଆସିଛନ୍ତି ।" ବିହ୍ୱଳହୃଦୟା ବାଳିକା ମୋ ଆଡ଼କୁ କ୍ଷଣେ ସ୍ଥିରଦୃଷ୍ଟିରେ ଅନାଇଲା, ପରେ ନେତ୍ରଦ୍ୱୟ ଅଶ୍ରୁପୂର୍ଣ୍ଣ ହେଲା, ଶେଷରେ ବିଷାଦକ୍ଲିଷ୍ଟ ମଳିନ ଆନନ ପ୍ରଶାନ୍ତ ସ୍ୱର୍ଗୀୟ ଜ୍ୟୋତିରେ ପ୍ରଫୁଲ୍ଲ ଏବଂ ଉଜ୍ଜ୍ୱଳଭାବ ଧାରଣ କଲା । ପୁଣି ପର କ୍ଷଣରେ ପରିବର୍ତ୍ତନ ଉପସ୍ଥିତ ହେଲା । କ୍ରମେ କ୍ରମେ ନେତ୍ରଦ୍ୱୟ ନିମୀଳିତ ହୋଇ ଆସିଲା, ହୃତ୍‌ସ୍ପନ୍ଦନ ସ୍ତମ୍ଭିତ ହୋଇଗଲା ଏବଂ ପ୍ରାଣପକ୍ଷୀ ଶରୀର ପିଞ୍ଜରରୁ ଉଡ଼ିଗଲା ! ସନ୍ନ୍ୟାସୀ 'ଓଁ ଶାନ୍ତିଃ' କହି ହେମମାଳାର ଜନନୀକୁ ପ୍ରବୋଧ ଦେଇ ମୋର ହସ୍ତ ଆକର୍ଷଣ କରି ବାହାରକୁ ଚାଲି ଆସିଲେ । ମୋର ସମସ୍ତ ସୁଖସ୍ୱପ୍ନ ମୁହୂର୍ତ୍ତିକେ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଗଲା । ମୁଁ ସେହି ରାତିରେ ପିତୃଚରଣ ବନ୍ଦନା କରି ସଂସାର ପରିତ୍ୟାଗ କଲି ଏବଂ ସେହି ଦିନୁ ସନ୍ନ୍ୟାସୀଙ୍କ ସଙ୍ଗରେ ଉଦାସହୃଦୟରେ ହେମମାଳାର ସ୍ମୃତିକୁ ସଙ୍ଗୀନୀ କରି ବୁଲୁଅଛି ।

---

## ଉର୍ବଶୀ

---

[କବିବର ଶ୍ରୀଯୁକ୍ତ ରାଧାନାଥ ରାୟ ମହାଶୟ "ଉର୍ବଶୀ" ନାମକ ଖଣ୍ଡିଏ କାବ୍ୟର ଅତି ଅଳ୍ପାଂଶ ମାତ୍ର ଲେଖିଥିଲେ । ସେହି ଅଂଶ ୧୮୯୫ ସାଲ ମାର୍ଚ୍ଚ ତା ୨୦ ରିଖରେ 'ଓଡ଼ିଆ ନବସମ୍ବାଦ'ରେ ପ୍ରକାଶିତ ହୋଇଥିଲା । ତାହା ମଧ୍ୟ ଉତ୍କଳର ଅଧିକାଂଶ ସାହିତ୍ୟରସିକମାନଙ୍କର ଦୃଷ୍ଟିପଥରେ ପଡ଼ିଥିଲା କି ନାହିଁ, ସନ୍ଦେହର ବିଷୟ । ବର୍ତ୍ତମାନ ଆମ୍ଭମାନଙ୍କର ବିଶେଷ ଅନୁରୋଧରେ କବିବର ଦୟା କରି "ଉତ୍କଳସାହିତ୍ୟ"ରେ ପ୍ରକାଶ କରିବାପାଇଁ ପରବର୍ତ୍ତୀ ଅଂଶମାନ କ୍ରମଶଃ ଲେଖିଦେବାକୁ ପ୍ରତିଶ୍ରୁତ ହେବାରୁ ଆମ୍ଭେମାନେ ତାଙ୍କ ଅନୁମତିକ୍ରମେ 'ଓଡ଼ିଆ ନବସମ୍ବାଦ'ରେ ପ୍ରକାଶିତ ଅଂଶ ପୁନର୍ମୁଦ୍ରିତ କଲୁଁ । ଉଃ,ସାଃ,ସଂଃ । ]

### ପ୍ରଥମ ସର୍ଗ

ଅତି ମନୋହର— କାଳ, ଶୀତ ଋତୁ
ଧରା ଛାଡ଼ି ଛାଡ଼ି ନାହିଁ,
ପଲ୍ଲବ-ପାଟଳ— ଋତୁରାଟ ମଧୁ
ଧରା ମାଡ଼ି ମାଡ଼ି ନାହିଁ;
ନଦୀଙ୍କର ସ୍ୱର୍ଣ୍ଣ— ବର୍ଣ୍ଣ ରମଣ୍ଡଳା
ସର୍ଷପକୁସୁମେ ହସେ,

Digitized by srujanika@gmail.com

ମଧ୍ୟେ ନୀର-ବେଣୀ, ସନ୍ଧ୍ୟା ମେଘରନ୍ଧ୍ରେ
ମିଳନର ରେଖା କି ସେ ?
ଖଳା ଅଗଣାରେ କଳେଇ-ଗଦାର
ଆମୋଦ ସଙ୍ଗତେ ମିଶି,
ବବୁର ପ୍ରସୂନ— [ବାସ ଜନପଦେ
ପ୍ରସରଇ ଅହର୍ନିଶି;
ଥରେ ଥରେ ଫେରି ମଳୟ ଫେରଇ
ଆସି ଚୁମ୍ବି ଯାଏ ଧରା,
ଛାୟାରେ ଲାଗଇ ଶୀତ, ପୁଣି ଗଲେ
ଖରାକୁ କାଟଇ ଖରା,
ଖରାବେଳେ ପାନ୍ଥ— ଭ୍ରାନ୍ତ ଜନମାଏ
ନଦୀଢ-ଅଗ୍ର ଦୂତିକା,
ସମୟେ-ସମୟେ- ଭରତ-କୁହକ
ଦିଗନ୍ତେ ମୃଗତୃଷ୍ଣିକା,
କୁହେଳିକା ଡର ଡାଳୁଁ କମଳିନୀ
ଟେକି ପାରୁ ନାହିଁ ମୁଣ୍ଡ,
ମୁକୁଳ-ଉଦ୍‌ଗମ ଲାଗି ଚୂତ ଡାଳେ
ବାନ୍ଧୁଅଛି ପର୍ଣ୍ଣକୁଣ୍ଡ,
ମଧୁସ୍ରାବ-ପୁଷ୍ପ— ସ୍ତବକେ ସବୁରେ
ମଣ୍ଡିବାକୁ ନିଜ ଅଙ୍ଗ,
ଡେମ୍ଫ ଡେମ୍ଫ କ୍ଷୁଦ୍ର କ୍ଷୁଦ୍ର ପର୍ଣ୍ଣକୋଷ
ସଜାଉଅଛି ବାମାଙ୍ଗ,
ହିମ ଯୋଗୁଁ ଅଳି— ସଂଯୋଗ ବନ୍ଧନେ
ସୁଧେଶ ରଜନ-ଛବି,
କୁନ୍ଦ ସୁନ୍ଦରୀଙ୍କ କଟାକ୍ଷ ଲକ୍ଷ୍ମୀର
ଲୀଳା ପାର ନାହିଁ ଲଭି;
ଚୌଦିଗେ ଶୁଭଇ ସିନ୍ଦୂର-ମୁଣ୍ଡିର
ସ୍ୱାଗତ ଋତୁ-ନାୟକେ,
ମଧୁ ଚୂଷି ଚୂଷି ପ୍ରଜାପତି ବୁଲେ
ଗେଣ୍ଡୁ ଫୁଲେ କୁରବକେ ;
ଯାମେ ଯାମେ ଆମ୍ର— କୁଞ୍ଜେ ନଦୀଖରେ
ସମସ୍ୱରେ ଢୋଲ ଧ୍ୱନି,
ହୁଳହୁଳି ହର୍ଷେ ଦିଅନ୍ତି ସଘନେ
ଘଟରଧୂମା-ଘରଣୀ ;

କାନନେ ଅସ୍ଫୁଟେ ଶୁଭେ କେବେ କେବେ
କଳଗୀତ କୋକିଳାର,
ଝଙ୍କାର ଚଢାଉ ଅଛି କି ସେ ନିଜ
କଣ୍ଠଯନ୍ତ୍ର ନୂଆଁତାର ?
କାନନେ କାନନେ ଠାବେ ଠାବେ ଶ୍ୱେତ
ପଲ୍ଲବେ ସ୍ୱବପୁ ମଣ୍ଡି,
କାନନ-ଲକ୍ଷ୍ମୀର ଚନ୍ଦନରଚନ
ଫଗୁସ୍ୟେ ଶୋଭେ ଅତଣ୍ଡୀ ;
ନିଆଳୀ ବସନ୍ତ— ପୂଜା ଇଚ୍ଛି କଳି—
ଗୁଚ୍ଛକୁ କରୁଅଛି ସଜ,
ବଉଳଟି ବନେ ପିଆଳବଟପୀ
ମାନ ବାନ୍ଧି ନାହିଁ ରଜ,
ସୁଖ ଆଶେ ଖେଳ ସରଟବ ଏକାଳେ,
ସୁଖତ ଭବେ କ୍ଷଣିକ,
କିଏ ନ ଜାଣଇ ସୁଖଠାରୁ ସୁଖ-
ଆଶାରେ ସୁଖ ଅଧିକ ?
ହିମାଦ୍ରି-କାନ୍ତାରେ ମୃଗୟା ରଚନ୍ତି
ହସ୍ତେ ଧରି ଧନୁଶର,
ପ୍ରଦୋଷେ ଏକାଳେ ଯୁବା ପୁରୁରବା
ବଙ୍ଗ-ଦେଶ-ଅଧୀଶ୍ୱର ;
ସୁପଣ୍ଡିତ ଶସ୍ତ୍ରେ ଶାସ୍ତ୍ରେ ମହାବୀର
ନିଖିଳ-ସଦ୍‌ଗୁଣ ଧାମ,
ରୂପ ଦେଖି ଚନ୍ଦ୍ରେ ଆସଇ ମର୍ତ୍ତ୍ୟେ କି
ମୂର୍ତ୍ତି ଧରି ବନେ କାମ !
ସିଂହ ବ୍ୟାଘ୍ର ମାରି ଭ୍ରମନ୍ତି ଏକାକୀ
ନରେନ୍ଦ୍ର ନିର୍ଭୀକ ମନେ,
ମଦକଳ ପକ୍ଷି— ରୁତେ ଝଙ୍କାରିତ
ସେ ଘୋର ନିର୍ଜନବନେ ;
ନିର୍ଝର ଶୀକରେ ଶ୍ୟାମଳ ସେ ବନ
ଚିର ପକ୍ୱ ପର୍ଣ୍ଣଜାଳେ,
ଉତ୍ପୁଚ୍ଛେ ବରହୀ ନାଚୁଥାନ୍ତି ଯହିଁ
ମତ୍ତକାଶୀ କର୍ଣ୍ଣତାଳେ ;
ଗୁଞ୍ଜରଇ କାହିଁ ମଧୁଚକ୍ରେ ମଧୁ-
ମକ୍ଷିକା ଚରୁକୋଟରେ,

Digitized by srujanika@gmail.com

କାହିଁ ଝରେ ଝର ଝର୍ଝରେ, ଝିଙ୍କାର
କାହିଁ ଗାଏ ଝିଁ ଝିଁ ସ୍ୱରେ ;
କବି ପ୍ରାୟେ ସଦା କୋଳାହଳଦ୍ୱେଷୀ
ବନକୁଞ୍ଜଳୀ ବିଳାସୀ,
ମୃଦୁନାଦେ କାହିଁ ରଟେ ଟିକ୍ ଟିକ୍
ବିହଙ୍ଗ ଜାଙ୍ଗଲବାସୀ ;
ଭ୍ରମୁ ଭ୍ରମୁ ଠାବେ ଠାବେ ଉଭା ହୋଇ
ସ୍ତମ୍ଭିତେ ରହନ୍ତି ଯାତ୍ରେ,
ସ୍ୱମର୍ଦ୍ଦିତ-ଶୁଷ୍କ— ପତ୍ର-ଖଣ୍ଡଖଣ୍ଡ
ଚମକି ପଡ଼ନ୍ତି ପ୍ରାୟେ ;
ଗୋଟିଏ ଗୋଟିଏ ପତ୍ର ତରୁ ଡାଳୁଁ
ଖସାଇଣ ପବମାନ,
ମଧ୍ୟେ ମଧ୍ୟେ ଆସି ଶ୍ରୀଗୁମ୍ଫରେ ଭେଟି
ହେଉଅଛି ଅନ୍ତର୍ଦ୍ଧାନ;
ପାଦଗିରି ଇନ୍ଦ୍ର— ନୀଳ-ବେଦୀ ପରେ
ଅଗ୍ରେତ ହିମଶିଖରୀ,
କୈବେଶ୍ୟ-ଲଲାଟେ ଶୋଭେ କୋଟି ମଣି-
ଶିଳା ଚନ୍ଦ୍ରଶାଳା ପରି; ✽
ଶାଶ୍ୱତ ଦର୍ପଣ— ବିମାନେ ବିମାନ—
ଗୃହିଣୀ ସୁରବାଳାର,
ସୁର-ତରଙ୍ଗିଣୀ ଗଙ୍ଗାର ଶାଶ୍ୱତ-
ତୁଷାର ସୂତିକାଗାର;
ବିଶାଳ ମୂରତି ବ୍ୟୋମକେଶଗିରି
କୋଟି କୋଟି ସାନୁମାନ,
ଭେଦି ଉଠିଅଛି ଊର୍ଦ୍ଧ୍ୱେ, ତାହା କି ସେ
ସ୍ଫଟିକ ସ୍ୱର୍ଗସୋପାନ ।
କୋଟି ଇନ୍ଦ୍ରଗୃହ— ଲାଞ୍ଛିତ-ପ୍ରପାତେ
ମଣ୍ଡିତ ବପୁ ବିଶାଳ,
କୋଟି ରତ୍ନପୂର୍ଣ୍ଣ ଗୃହକୁଞ୍ଜ ବିଶ୍ୱେ କି
ବିଶ୍ୱକର୍ମା ଶିଳ୍ପଶାଳ ?
ଝଟକେ ଆଲୋକେ ଧଳା ମେହେରିବ
ହିମର ହିମାଦ୍ରି ଶିଖେ,

ଗଢ଼ା ହୋଇଛି କି ବିରାଟ ବିମାନ
ଦିଗ୍‌ବନ୍ତ-ଦନ୍ତ-ମୌକ୍ତିକେ ?
ଠାବେ ଠାବେ ଘୃଷ୍ଟ— ମସୃଣ ରଜତ-
ଧବଳ ମେଳମାଳିକା,
ଲଭଇ ବିଶ୍ରାମ— ସୁଖ-ଆଶ୍ରି-ପାଦ-
ଗିରି-କୋଡ଼-ପର୍ଯ୍ୟଙ୍କିକା;
ଏ ଅଦ୍ଭୁତ ଶୋଭା- ନିରୀକ୍ଷଣେ ଲୋଭା ।
ସହସା ନେଇ ନୃପର,
ରନ୍ଧ୍ରରେ ଓଟାରି ନେଲା ପ୍ରାପ୍ତ ନେଲା
ସ୍ତ୍ରୀକଣ୍ଠ ସଂଭବ ସ୍ୱର !
ଅତୁଳନା ଭବେ ସେ ସ୍ୱରମାଧୁରୀ,
ଭୁଲିବାର ସପ୍ତସ୍ୱରୀ—
ସ୍ୱର ସଙ୍ଗେ ତାହା ଭୁଲିବାର ସିନା
କର୍କରୀ ସଙ୍ଗେ ଶର୍କରୀ !
ଖଣ୍ଡେ ଦୂର ଯାଇ ଦେଖିଲେ ଭୂପତି
ଭୂତଳେ ଏକ ସୁନ୍ଦରୀ,
ପଡ଼ିଛି ଅଚେତେ, ବାତାହତ, ଆହା,
କନକଲତିକା ପରି;
ଦୂରପତନର ବେଗବଶେ ପଡ଼ି
ନିସ୍ପନ୍ଦେ ରହିଛି ଅବା,
ନରେନ୍ଦ୍ର-ବିହାରୀ— ମେଘକୋଳୁଁ ଖସି
ମହୀରେ ଅଚିର-ପ୍ରଭା;
ସଖୀ ଅନବଦ୍ୟାଙ୍ଗୀ କାନ୍ଦେ ପାର୍ଶ୍ୱେ ବସି
ସୌନ୍ଦର୍ଯ୍ୟ କାନନ ଦ୍ୟୋତି,
କଳେ-ନୟନୁ ଅବିରଳେ ଝରେ
ଅମଳ କରୁଣା ମୋତି;
ଅଶ୍ରୁସିକ୍ତ-ମୁଖେ ନିରୁପମ ଶୋଭା
ବହି ସେ ମତ୍ତକାଶିନୀ,
ହିମ-ବିନ୍ଦୁ-ସ୍ରବ— କଳି-ଅମ୍ଭୋଜିନୀ
ଶୋଭା ପାଇଥିଲା ଜିଣି;
ଦପୂର୍ଦ୍ଧ ବଦନ ନରେନ୍ଦ୍ରର ଦେଖି—
ସୁନ୍ଦରୀ ହୃଦ ଆଶ୍ୱାସେ,

✽ ମଣିଶିଳା—ମାରବଲ୍ ପ୍ରସ୍ତର

Digitized by srujanika@gmail.com

ଶ୍ରାନ୍ତମୂର୍ତ୍ତିରେ ଦୁଃଖ— କାହାଣୀ ଏ ରୂପେ
ବୋଇଲା ଗଦ୍‌ଗଦଭାଷେ;
"ହେ ଦେବ, ନିଶାନ୍ତେ ଦିବାକର ବନେ
ହେଲେ ଏକଚକ୍ରରଥେ,
ଇନ୍ଦ୍ରାଦେଶେ ନୃତ୍ୟ ଗୀତ କରି ଯାଉଁ
ଆମ୍ଭେ ସେ ରଥ ଅଗ୍ରତେ;
ବ୍ୟୋମେ ଆମ୍ଭ ପଥେ ହରୁଥାଇ ଖର-
ତାପ ଖରାଧିଷ୍ଠିତର,
ସୁରଗଜମଦ— ସୁରଭିସୁଗନ୍ଧି—
ଶୀକରଶୀତସମୀର;
ତିଳୋତ୍ତମା (୧) ବିଶ୍ୱ-- ରମା, ଏଣୀନେତ୍ରା
ମେନା, ରମ୍ଭା ରମ୍ଭୋରୁ,
ସୁକେଶୀନୀ ମିଶ୍ର-- କେଶୀ ଯା ସଙ୍ଗୀତ--
ଆଚାର୍ଯ୍ୟ ନଜେ ତୁମ୍ବୁରୁ (୨);
ସହଜନ୍ୟା ରୂପ — ଧନ୍ୟା, ପ୍ରେମଶିଳା
ପ୍ରେମଲେଶ୍ୟ ସୁମଧ୍ୟମା,
ଅଣୁଦ୍ରସ୍ଥ ଅନୁ-- ମ୍ଲୋଚ୍ଚା, ଦ୍ୱିଜରାଜ —
ଜିତମୁଖୀ ଦ୍ୱିଜୋତ୍ତମା;
ବିଶ୍ୱନେତ୍ର-ରୁଚି ଘୃତାଚୀ, ବିଶ୍ୱାଚୀ
ବିଶ୍ୱମନୋମୃଗପାଶ,
ଚିତ୍ରଲେଖା ମୂର୍ତ୍ତି, ଏ ସଖୀ ମୋହର
ଉର୍ବଶୀ, ହେ ମହେଶ୍ୱାସ;
ବଜ୍ରର ଅସାଧ୍ୟ, ତ୍ରିଦିବସମ୍ପଦ
ଲୋଭେ ଶକ୍ର---ତପସ୍ୱୀଙ୍କ
ଶମ୍ଭୁ ଜିଣିବାକୁ ସୁକୁମାର ଅସ୍ତ୍ର
ଶକ୍ରର ଏ ସୁକୁମାରୀ ;
ହେମ ବଲ୍‌ଗାଧାରୀ ଅନୂରୁ ଗୁମ୍ଫୁରୁ (୩)
ବେନିଏ ମେଲାଣି ମାଗି,
ଖଟଣି ବଢ଼ାଇ ଆସିଥିଲୁଁ ଆଜ
ଏ ବନେ ଭ୍ରମିବା ଲାଗି;
ମହୋଲ୍ଲାସେ ମିଳ— ବ୍ୟୋମୁ ଅବତରି
ନଗରଙ୍କ ମଣି ବନ,
ନିଃଶଙ୍କେ ବେନିଏ ନିକାଞ୍ଚନେ ଏଥି
କରୁଥିଲୁଁ ବିଚରଣ ;
ସହସା ଦାନବ— ଯୁବା ଜଣେ ଏହି
କନ୍ଦରୁ ହୋଇ ବାହାର,
ବଳେ ଘେନି ଯାଉ— ଥିଲା ସଜମାକ
ପାପ ପାଞ୍ଚ ଦୁରାଚାର ;
ଚାରଚନ୍ଦ୍ରା ମାନେ ପାପଦଣ୍ଡଦାତା
ତୁମ୍ଭଙ୍କୁ ଦେଖି ସେ ଡରେ
କମଳିନୀସଖା ଆଗେ ତମ ପ୍ରାୟେ,
ପଳାଇଲା ଦୁଷ୍ଟ ଖରେ ;
ତ୍ରିଦିବ ଚନ୍ଦ୍ରମା ମୁକ୍ତ କଲ ଆଜ
ଦାରୁଣ ଦାନବ ହସ୍ତୁ—
ମୁଖୁଁ ମିନା, ଖାର, ଅଭୟ-ଦକ୍ଷିଣା—
ଦାନଦକ୍ଷ ତୁମ୍ଭ ବାହୁ ;
ନାମେ ମୂର୍ଚ୍ଛା ଭଜ କ ବକଲେ, ଆହା,
ଭୂତଳେ·ପଡନ୍ତୁ ବାଳା !
ହୃଦକମ୍ପ ଯୋଗୁଁ ଦେଖ ଉଠେ ପଡେ
ବକ୍ଷେ ପାରିଜାତ ମାଳା ;
ଅମଙ୍ଗ ହେଲେହେଁ ଯୁଝିବାକୁ ମୋର
ଶକତ କାହିଁଛୁ ପୁଣ,
ଶରଣ ପଞ୍ଜର ହେ ଦେବ, ତୁମ୍ଭର
କାତରେ ଏ ଦୟା-ଋଣ ?"
ଅଚେତେ ଅବଶା ସେ ତ୍ରିଦଶ-ଯୋଷା-
ମଣ୍ଡଳକୁସୁମଗନ୍ଧ
ଉର୍ବଶୀକୁ ଦେଖି ଅବଶେ ସେ ରୂପେ
ମୁଗ୍ଧ ହେଲେ ପୁରୁରବା ;
ଭାଳିଲେ "ଅମରେ ଅପଲକ କରି
ଗଢ଼ିଲା ବିଶ୍ୱ କ ସତେ,

(୧) ତିଳୋତ୍ତମା ପ୍ରଭୃତି ୧୨ ଅପ୍‌ସରା ସୂର୍ଯ୍ୟଙ୍କ ରଥ ସମ୍ମୁଖରେ ନୃତ୍ୟ ଗୀତ କରିବାର କଥା ପୁରାଣରେ ପ୍ରସିଦ୍ଧ । ୧୨ ଅପ୍‌ସରା ନାମ ମୂଳରେ ଦେଖ । (୨) ତୁମ୍ବୁରୁ—ଦେବତାମାନଙ୍କ ସଂଗୀତାଚାର୍ଯ୍ୟ । (୩) ଅନୂରୁ—ସୂର୍ଯ୍ୟସାରଥି ।

Digitized by srujanika@gmail.com

ଏ ରୂପନିର୍ଝରୁ ନୟନେ ରୂପାମୃତ
ପିଇବାକୁ ଅବିରତେ ?"
କଣ୍ଠୀରବ ନିର୍ଝରୁ ନୀର ଆଣି ରାଜା
ସିଞ୍ଚିଲା ସଜନୀ ହାତେ,
ଚେଷ୍ଟା କରାଇଲେ ଉର୍ବଶୀକି ନବ-
ପଲ୍ଲବବିଞ୍ଜଣାବାତେ;
ଚେତନା ପ୍ରବେଶେ ଉର୍ବଶୀର କାନ୍ତି
ଫୁଟିଲା ଅଭିରାମେ,
ସେ ଚେତନା ଯଥା ଭଜେ ନିର୍ମଳତା
ଯାମିନୀ ଅନ୍ତିମଯାମେ ;*
ଯାମିନୀର ଅଙ୍ଗ ରସାଣିଲା, ଆହା,
ଉଇଁ କି ନବ ଚନ୍ଦ୍ରିକା ?
କିବା ସେ ଯାମିନୀ— ଯୋଗେ ଉଜ୍ଜ୍ୱଳେ କି
ଜଳିଲା ଅନଳ ଶିଖା ?
ବିଶ୍ୱତ୍ରାସକର ବିଷମେଷୁଣର
ଖାଳିକି ତ ରକ୍ଷା ନାହିଁ,
ସେ ଶରକୁ ଦେଲା ମାର କି ସେ ତୀବ୍ର
ବିସର୍ପିବିଷେ ବିଷାଇ ?
"ବରାରୋହା, ନେତ୍ର ଫେଡ଼ ଗୃହାଁ, ଦୈତ୍ୟ-
ତସ୍କର ଭସ୍ମ ଗଲାଣି,
ତୋ ଭାଗ୍ୟ ପ୍ରହରୀ— ରୂପେ ଅଗ୍ରେ ଉଭା
ପୁରୂରବା ଧନୁଷ୍ପାଣି ;
ମର୍ତ୍ତ୍ୟଲୋକ-ପାଳ ତ୍ରିଦଶ-ବାନ୍ଧବ
ଚନ୍ଦ୍ରପ୍ରଭ ଚନ୍ଦ୍ରବଂଶୀ,
ତରୁଣୀ-ନଳିନୀ— ବିକାଶିତରଣୀ
ହତସୁତଧ୍ୱାନ୍ତ ଧ୍ୱଂସୀ;"
ଏ ଆଶ୍ୱାସ ଗିରେ ସଖୀର ନୟନ
ଫେଡ଼ିଲା ନାକ-ନାଗରୀ,
ମୁଦ୍ରିତ ପଙ୍କଜ ମୋଦେ ପଙ୍କଜିନୀ
ପ୍ରାତେ ଫୁଟାଇଲା ପରି ;
ରାଜମୁଖ ଦେଖି ଲାଜେ ଚନ୍ଦ୍ରମୁଖୀ
ଆଡ଼ କଲା ଚନ୍ଦ୍ରମୁଖ,

ମାତ୍ର ଅନାୟତ୍ତେ ମନ ହେଲା ତାର
ମନୋଜ କ୍ରୀଡ଼ା କନ୍ଦୁକ;
ରାଗେ ପାଟଳିତ ହୋଇ ଗଣ୍ଡସ୍ଥଳ
ପୁଲକ ବହିଲା ପୁଣ,
ମନୋଜ ଚନ୍ଦ୍ରରେ ପଲ୍ଲବ କଅଁଳ
ଫୁଟିଲା ପରା ପ୍ରସୂନ ?
ଉଚ୍ଛ୍ୱାସର ବ୍ୟାଜେ ଦ୍ରବୀଭୂତ ହୃଦ
ଅଜାଡ଼ି ଦେଲା ଅବଳା
ସୁରଭି ସମୀର ମୂର୍ଚ୍ଛିଲା କି ହରି
ଦକ୍ଷିଣା ସିନ୍ଧୁମେଖଳା;
ଭଣିଲା ସୁନ୍ଦରୀ "ଭଲ ପ୍ରହରୀତ
ଦଇବ ଦେଲା ଭେଟାଇ !
ନସ୍ୱର ଥିଲା ଭଲ, ଏଭଳି ପ୍ରହରୀ
ହସ୍ତଚ୍ୟୁତ ରକ୍ଷା ନାହିଁ !
ବଳାତ୍କାରେ ଦେହ ମାତ୍ର ବନ୍ଦୀ କରି
ଥିଲା ଦୈତ୍ୟ ଦୁରାଶୟ,
ଦେହ ମୁକୁଳାଇ, ପ୍ରହରୀ ହୋଇ ଏ
ଚୋରାଇ ନେଲା ହୃଦୟ !
ଅବା ଏ ଭ୍ରମଇ ମରତେ କପଟ-
କିରାତରୂପେ ଅନଙ୍ଗ,
ବାଗୁରରେ ଯାର ମନକୁ ପଡ଼ଇ
ଅବଳାମନବିହଙ୍ଗ;
ଜାଣିଲି ନଷ୍ଟେ ସେ ଦୈତ୍ୟ ଆସି ମୋତେ
ହରିଥିଲା ଶୁଭକ୍ଷଣେ,
ସେ ବିପଦ ଯୋଗୁଁ ଏ ରୂପସମ୍ପଦ
ଦେଖିଲି ସିନା ନୟନେ !
ନିଜ ସ୍ଥଳୀ ବୋଲି ସ୍ୱର୍ଗ ଠେକ ସିନା
ବଡ଼ାନ୍ତି ଅମରଗଣ,
ଏ ମୂର୍ତ୍ତିକି କରି ଉତ୍ସଙ୍ଗେ, ସ୍ୱରଗ
ସ୍ୱର୍ଗ ଏ ମର୍ତ୍ତ୍ୟଭୁବନ !"
ପ୍ରେମାବେଶେ ବାଳୀ ଏହିରୂପେ ଭଣି
ଅପାଙ୍ଗେ ନୃପଙ୍କୁ ଚାହିଁ,

* ରାତ୍ର ଶେଷ ପ୍ରହରରେ ମନୁଷ୍ୟର ଚୈତନ୍ୟ ଅର୍ଥାତ୍ ବୁଦ୍ଧିବୃତ୍ତି ନିର୍ମଳ ହୁଏ ।

Digitized by srujanika@gmail.com

ଲଜ୍ଜାବେଶେ ଆଣୁ— ଥାଇ ସେ ଗୃହିଣୀ
ମୁହୁର୍ମୁହୁ ବାହୁଡ଼ାଇ;
ସାଧୁବାଦ ନୃପେ ଦେବା ଲାଗି ଧନୀ
ମନାସିଲା ବାରମ୍ବାର,
ମାତ୍ର ସାଧୁବାଦ ହୃଦୁଁ ଉଠି ତାର
ରହିଲା ଲାଖି ଗଳାର;
ମନ-ପ୍ରାଣ-ଦାନ— ସ୍ଥଳେ ଶିଷ୍ଟାଚାର
କି ଛାର ଅବା ସମ୍ପତ୍ତି ?
ରତ୍ନ ଦେଇ, ପୁଣି ବରାଟକ ଦାନେ
ବଳେ କି କାହାର ମତି ?
ସାରଥି ଏ କାଳେ ବନେ ବନେ ଭ୍ରମି
ରାଜାଙ୍କ ପାଇ ସନ୍ଧାନ,
ଶ୍ରୀଛାମୁରେ ଆଣି ରଥ କଲା ଉଭା
ହେବା ଜାଣି ଅବସାନ;
ଦିଗ୍‌ବଳୟ ପାରେ ରବିରଥ ଏଣେ
ନେବାରୁ ବାହି ଅନୂରୁ,
ଅଭିନବମୂର୍ତ୍ତି ପ୍ରକଟିଲେ ଗିରି
ଚକ୍ରବର୍ତ୍ତୀ ଗୌରୀ ଗୁରୁ,
ସନ୍ଧ୍ୟାତପ ଅର୍ଦ୍ଧ— ଅଙ୍ଗେ, ଅର୍ଦ୍ଧ ଅଙ୍ଗେ
ଜ୍ୟୋତ୍ସ୍ନା-ପ୍ରଭବମ୍ବ ଲଭି,
ପ୍ରତିଶୃଙ୍ଗ ବଢ଼— ମିଳିଲା ମାହେଶ୍ୱରୀ
ଅର୍ଦ୍ଧନାରୀଶ୍ୱର ଛବି;
ଆସି-ଶ୍ୟାମବ୍ୟୋମ— ଭିତ୍ତିରେ ଏ ଚିତ୍ର
ଦେଖି ସର୍ବେ ଭକ୍ତିଭରେ,
ଗିରିଜାଗିରିଶ— ମୂର୍ତ୍ତି ମଣି ତାଙ୍କୁ
ପ୍ରଣମିଲେ ଯୋଡ଼ିକରେ;
ବନସ୍ପତି ଡାଳେ ପକ୍ଷୀ ବୃନ୍ଦ ଦେଖି
ହୃଦୟେ ହେଲା ପ୍ରତୀତି,
ଦିନର ଚରିତ— ଜଳ୍ପନା ଲାଗି କି
ବସିଲା ପକ୍ଷିସମିତି ?
ଗାଇଲେ ସ୍ୱାଗତ କଳରୁତେ ପ୍ରେମ—
ଅନୁକୂଳା ରଜନୀଙ୍କି
ନନ୍ଦିତ କୀଚକ— କୁଞ୍ଜେ ମଦକଳ
କଳକଣ୍ଠ କଳକଣ୍ଠୀ;

ପ୍ରବେଶିଲେ ଶୈଳେ ମୃଦୁପଦେ ଆସି
ଶଶିଗୁରୁବିଳାସିନୀ
ତାରାସୀମନ୍ତିନୀ— ସନ୍ଧ୍ୟା ପଛେ ପଛେ
ତାରାହାର ନିଶୀଥିନୀ;
ଝାରୁଶୀଳା ଚନ୍ଦ୍ର— ଲେଖା ଅଗ୍ରେ ଦେଖି
ଉପସ୍ଥିତ ବିଭାବରୀ,
ସ୍ୱର୍ଗେ ବାହୁଡ଼ିବା ଲାଗି ହେଲା ବ୍ୟଗ୍ର
ସଙ୍ଗେ ଘେନି ସହଚରୀ;
ରଥେ ତହୁଁ ବେନି ବାଳିକା ବସାଇ
ସ୍ୱହସ୍ତେ ସେ ରଥ ବାହି,
ଦାନବ ଅଗମ୍ୟ ହେମକୂଟ ଶୈଳେ
ଦେଲେ ରାଜା ପହୁଞ୍ଚାଇ;
ସଂକଳ୍ପରମଣୀ— ସଙ୍ଗେ ଗଲେ ଉଲ୍ଲାସେ
ବାହିଲେ ନୃମଣି ରଥ,
ସଂକଳ୍ପଘୋଡ଼ାରେ ଦଉଡ଼ିଲା ସଙ୍ଗେ
ରଙ୍ଗେ ତାଙ୍କ ମନୋରଥ;
ପଥେ ରଥକ୍ଷୋଭୁଁ ଭେଟିବାରୁ ନିଜ
ଖୁଆରେ ଖୁଆ ପ୍ରିୟାର,
ସେ ସ୍ପର୍ଶ ମଣିଲେ ନରେଶ ଶ୍ରମର
କୋଟିଗୁଣ ପୁରସ୍କାର;
ନେତ୍ରଭଙ୍ଗୀ, ସ୍ମିତ, ସ୍ପର୍ଶ ଆଦି ମୁଦ୍ରା
ହୁଏ ଯାହା ପ୍ରଚଳନ,
ପ୍ରେମବିପଣୀରେ ଚିହ୍ନିବ ଗ୍ରାହକ
ତାର ସିନା ପ୍ରେମିଜନ !
ମୋହନ ପରଶେ ନରେନ୍ଦ୍ରର ବପୁ
ସ୍ୱେଦେ ହେଲା ଜରଜର,
ସଞ୍ଚରିଲା ପ୍ରତି— ଶିରାରେ ପ୍ରେମର
ବୈଦ୍ୟୁତ ସ୍ରୋତ ପଖର;
ମୋହନ ପରଶେ ଉର୍ବଶୀର ମନ
ତରଳି ଗଲା ନିତାନ୍ତ,
ତରଳିଲା ଗିରି— ତଟ ସେହିକାଳେ
ଯଥା ମଣି ଚନ୍ଦ୍ରକାନ୍ତ,
କ୍ରମେ ନଭେ ଶଶୀ ଉଠନ୍ତେ, କନ୍ଦରେ
ତମସ୍ତୋମ ବସିଗଲା,

Digitized by srujanika@gmail.com

ସହସ୍ର-ସ୍ଫଟିକ— ଶୃଙ୍ଗେ ଚମକିଲା
ଜ୍ୟୋତ୍ସ୍ନା ଜାଲ-ଝଲଝଲ;
ଶଶି-କରଜାଳେ ତରଳି ଗଇଲେ
ଶଶିମଣି ପ୍ରେମାନନ୍ଦେ,
କନ୍ଦଳିଲା ପୁଣି ଚନ୍ଦ୍ରିକା କି ସେହି
ଶଶିମଣିମକରନ୍ଦେ ?
କଳ୍ପପାଦପର ହୀରାଶାଖାପୁଞ୍ଜ
ମୁକ୍ତାଗଣେ ଯଥା ଶୋହେ,
ମଞ୍ଜୁଳ ଦଶିଲା ପ୍ରତିଶୃଙ୍ଗ ସେହି
ଉଜ୍ଜ୍ୱଳ ଜ୍ୟୋତିପ୍ରରୋହେ;
ଚନ୍ଦ୍ରିକା ସ୍ପନ୍ଦନେ ଗିରୀନ୍ଦ୍ରର ଶୋଭା
ଅପ୍ସରୀଏ ଅନୁଭବି,
ସ୍ମରିଲେ ସ୍ୱଜନ୍ମ— କାଳୀନ ମନ୍ଦର—
କ୍ଷୁଭିତକ୍ଷୀରୋଦଛବି;
ହେମକୂଟ ଗିରି--- ନିତମ୍ବେ ପ୍ରବେଶି
ସ୍ୱପୁରେ ଯିବା ସକାଶେ,
ଘେନିଲେ ମେଳାଣି ଦେବ ନିତମ୍ବିନୀ
ବନସ୍ଥ ମଧୁର ଭାଷେ;
ବନସ୍ଥ ମଧୁର— ଭାଷେ ସୁନ୍ଦରୀଙ୍କି
ମେଳାଣି ଦେଲେ ରାଜନ,
ମାନ ପ୍ରୀୟା ପଛେ ପଛେ ଦଉଡ଼ିଲା
ପ୍ରେମାଚ୍ଛନ୍ନ ଯୁବା ମନ,
ଉପୁଜାଉଥିଲା ଏକାଳେ ବିରହ-
ବିଟେ୍ୱଣୀ-କର୍ଣ୍ଣଜ୍ୱର
କୌମୁଦୀ-ମୁଦିତ— ଚକୋର-ଚକୋରୀ—
ସ୍ୱରହର୍ଷ ବିକସ୍ୱର;
ଯାଉଁ ଯାଉଁ ମୁଖ ପଛକୁ ବୁଲାଇ
କାନ୍ତକୁ ମିଳନ୍ଦମାଳା-
ରମ୍ୟ ନେନେ ବନେ ଗୃହୁଁ ଥିଲା ଖେଳା—
ଖଞ୍ଜନଲୋଚନା ବାଳା;
ଶୃଙ୍ଗେ ଉଠୁଁ ଉଠୁଁ ଉର୍ବଶୀର ମଠ
ଦେଖି ଡାକିବାରୁ ସଖୀ,
କଣ୍ଠାବଟନେ ଲଗି ମଣନ୍ତ ବାଳାର
ସହସା ଗଲା ଅଟକି;
ବିଳମ୍ବର ବ୍ୟାଜ ଯୋଡନ୍ତ ଏପରି
ଧୀର ହୋଇ କାମବାଣେ
କାମିନୀଏ ସବୁ ହନେ, ଏ କଥାତ
ପ୍ରସିଦ୍ଧ ପ୍ରୀତିପୁରାଣେ;
"ରହ, ଅଟକିଲା କଣ୍ଠାରେ ବସନ"
ବୋଲିବାରୁ ଉରୁବଶୀ,
"ଅଟକିବ,ଜାଣି— ଥିଲି, ଛଟକିନ"
ସଜନୀ ବୋଇଲା ହସି;
ଶୃଙ୍ଗୁ ଉଠି ସଖୀ ସଙ୍ଗେ ଶଶିମୁଖୀ
ମିଶିଗଲା ନଭସ୍ତଳେ,
ଏକଦୃଷ୍ଟେ ତାର ପ୍ରୟାଣ ଦେଖିଲେ
ନରେନ୍ଦ୍ର ଗିରିମେଖଳେ;
ରାଜ ଦେହୁଁ ମନ ଓଟାରୁଣ ଥିଲା
ଉର୍ଦ୍ଧ୍ୱ ଉଠି ସୁର ବାଳୀ,
ଛିନ୍ନ ମୃଣାଳରୁ ଥନ୍ତେ ସୂତ୍ର ଯଥା
ଓଟାର ଉଡ଼େ ମରାଳୀ ।

ଶ୍ରୀ ରାଧାନାଥ ରାୟ ।

---

## ସମାଲୋଚନା

ମନୁଷ୍ୟ ଯାହା ଦେଖେ ବା ଶୁଣେ ତାହାକୁ ଠିକ୍ ସେହିପରି ଗ୍ରହଣ କରିବାକୁ ରାଜି ହୁଏ ନାହିଁ । ସେ ପ୍ରଥମେ ତହିଁର ଦୋଷ-ଗୁଣ ବିଚାର କରି ଦେଖେ, ପରେ ତାହାର ଯାହା ଗ୍ରହଣୀୟ କେବଳ ତାହା ଗ୍ରହଣ କରେ । ମନୁଷ୍ୟର ଏହି ପ୍ରବୃତ୍ତିକୁ ଆମ୍ଭେମାନେ ତାହାର ସମାଲୋଚନ-ପ୍ରବୃତ୍ତି ଆଖ୍ୟା ଦେଇପାରୁଁ ।

କୌଣସି ବିଷୟର ସମାଲୋଚନା କରିବା ବଡ଼ ସହଜବ୍ୟାପାର ନୁହେ । ସର୍ବପ୍ରଥମେ, ଯେଉଁ ବିଷୟରେ ସମାଲୋଚନା କରିବାକୁ ହେବ

Digitized by srujanika@gmail.com

ସେ ବିଷୟରେ ସମାଲୋଚକର ଅଗାଧ ପାଣ୍ଡିତ୍ୟ ଏବଂ ବିଷୟ-ଜ୍ଞାନ ଥିବା ଆବଶ୍ୟକ, ନଚେତ୍ କୌଣସି ବିଷୟ ସମାଲୋଚନା କରିବାକୁ ଚେଷ୍ଟା କରିବା ବିଡ଼ମ୍ବନା ମାତ୍ର । ମୁଁ, ଇଂରାଜ-ସମାଜ ସମ୍ବନ୍ଧରେ ସଂପୂର୍ଣ୍ଣ ଅନଭିଜ୍ଞ ବା ଅଳ୍ପ ଅଭିଜ୍ଞ, କିନ୍ତୁ, ମୁଁ ଉକ୍ତ ସମାଜ ସମ୍ବନ୍ଧରେ ଦୀର୍ଘ ସମାଲୋଚନା କରିବାକୁ ପ୍ରୟାସୀ ! ମୁଁ ବାତୁଳ ନୁହେଁତ ଆଉ କଅଣ ? ବିଷୟଟିକୁ ଚତୁର୍ଦ୍ଦିଗରୁ ସମ୍ୟକ୍ ରୂପେ ଦେଖିବାର ଶକ୍ତି ନ ଥିଲେ ତାହାର ସମାଲୋଚନାରେ ପ୍ରବୃତ୍ତ ହେବା ନିତାନ୍ତ ଅବିବେଚକର କାର୍ଯ୍ୟ ।

ସମାଲୋଚକର ଆସନ ଅତି ପବିତ୍ର ଓ ଅତି ଉଚ୍ଚରେ ଅବସ୍ଥିତ । ସେଠାରେ ଆତ୍ମ ପର ବା ଭେଦାଭେଦ ଜ୍ଞାନ ନାହିଁ । ସମସ୍ତେ ସମାନ । କାହାରି ଭ୍ରୂଭଙ୍ଗି ବା ମଧୁର ବଚନରେ ତାହାଙ୍କର ବିଚଳିତ ହେବା ବାଞ୍ଛନୀୟ ନୁହେ । ତାହାଙ୍କୁ ସ୍ଥିର ଧୀର ଦୃଢ଼ ପ୍ରତିଜ୍ଞ ହୋଇ ଅଚଳ ଅଟଳ ଭାବରେ ଆପଣାର ସ୍ୱର୍ଗୀୟ ରତ୍ନ-ସିଂହାସନରେ ଅଧିଷ୍ଠିତ ଥାଇ ତୁଳାଦଣ୍ଡରେ ବିଚାରକାର୍ଯ୍ୟ ନିଷ୍ପନ୍ନ କରିବାକୁ ହେବ । ତିଳେମାତ୍ର ଏଣେ ତେଣେ ହେଲେ ଚଳିବ ନାହିଁ । ନିରପେକ୍ଷତା ସମାଲୋଚକର ଏକମାତ୍ର ମୂଳମନ୍ତ୍ର ହେବା ଏକାନ୍ତ ଆବଶ୍ୟକ । ଚକ୍ଷୁ ଲଜ୍ଜା ପରିତ୍ୟାଗ କରି ନ ପାରିଲେ ସମାଲୋଚକର ଉଚ୍ଚାସନରେ ବସିବାକୁ ପ୍ରୟାସୀ ହେବା ଘୋର ବିଡ଼ମ୍ବନାର କାର୍ଯ୍ୟ । ତୋଷାମୋଦ, କାକୁତିମିନତି, ଉପରୋଧ-ଅନୁରୋଧ ପ୍ରଭୃତି ସମାଲୋଚକର ଘୋର ଶତ୍ରୁ, ସେମାନଙ୍କୁ ନିରନ୍ତର ଦୂରରୁ ଜୁହାର କରିବା ବିଧେୟ । ନଚେତ୍ ନିରପେକ୍ଷ ସମାଲୋଚନା ଏକାବେଳକେ ଅସମ୍ଭବ ।

ସଭ୍ୟତାର ବୃଦ୍ଧି ସଙ୍ଗେ ୨ ମନୁଷ୍ୟର ସମାଲୋଚନ ପ୍ରବୃତ୍ତି ବୃଦ୍ଧି ଲଭୁଅଛି । କେବଳ ବୃଦ୍ଧି ଲଭୁଅଛି ତାହା ନୁହେଁ । ମନୁଷ୍ୟ ଦିନକୁ ଦିନ କ୍ଷୁଦ୍ର ୨ ବିଷୟମାନ ପରିତ୍ୟାଗ କରି ଉଚ୍ଚ ଉଚ୍ଚ ଓ ମାନବସମାଜର ମଙ୍ଗଳଜନକ ବିଷୟମାନଙ୍କର ସମାଲୋଚନାରେ ପ୍ରବୃତ୍ତ ହେବାକୁ ଶିକ୍ଷା କରୁଅଛି । ମାନବସଭ୍ୟତାର ଇତିହାସ ପାଠ କଲେ ଏହି ଉକ୍ତିଟି ସୁସ୍ପଷ୍ଟ ବୁଝାଯିବ । ସଭ୍ୟତାର ପ୍ରଥମ ସ୍ତରରେ ମନୁଷ୍ୟ କ୍ଷୁଦ୍ର ଓ ନୀଚ ବିଷୟମାନଙ୍କର ଆଲୋଚନାରେ ପ୍ରବୃତ୍ତ ଥାଏ । ମାତ୍ର ଯେତେ ସେ ସଭ୍ୟତାର ଆଲୋକକୁ ଆନୀତ ହୁଏ—ମାନବଜୀବନର ଉଚ୍ଚାକାଂକ୍ଷାମାନ ଯେତେ ତାହାର ପ୍ରାଣରେ ଜାଗରୂକ ହୁଏ—ସେ ସେତେ ଉପରକୁ ଉଠିବାକୁ ଚେଷ୍ଟା କରେ—ଜଗତର ହିତକର ବିଷୟମାନଙ୍କର ଆଲୋଚନାରେ କାଳ କ୍ଷେପଣ କରିବାକୁ ଚେଷ୍ଟା କରେ । ଇଉରୋପୀୟ ଜାତିମାନଙ୍କର ଏହି ମାର୍ଜିତ ସମାଲୋଚନାପ୍ରବୃତ୍ତି ପାଶ୍ଚାତ୍ୟସାହିତ୍ୟକୁ କେତେ ଉଚ୍ଚ ସ୍ତରରେ ଅବସ୍ଥାପିତ କରିଅଛି ତାହା ସେମାନଙ୍କର ସାହିତ୍ୟ ଆଲୋଚନା କଲେ ଜଣାଯିବ । ପ୍ରତ୍ୟେକ ବିଷୟରେ ସମାଲୋଚନା—ସମାଲୋଚନା ବ୍ୟତୀତ କୌଣସି ବିଷୟ ଗ୍ରହଣୀୟ ବା ଅନୁମୋଦନୀୟ ନୁହେ । କି ସମାଜ, କି ଧର୍ମ, କି ରାଜନୀତି କି ବାଣିଜ୍ୟ—ବ୍ୟବସାୟ, କି କ୍ରୀଡ଼ା କୌତୁକ ପ୍ରତ୍ୟେକ ବିଭାଗରେ ହିଁ ସମାଲୋଚନା । ନିର୍ବିଘ୍ନରେ କୌଣସି ମତ ବା ନୀତି ସମାଜମଧ୍ୟରେ ତିଷ୍ଠି ପାରେ ନାହିଁ । ଅନୁକ୍ଷଣ କେବଳ ଅସାରର ବର୍ଜ୍ଜନ ଓ ସାରପଦାର୍ଥର ପରିଗ୍ରହଣ କାର୍ଯ୍ୟ ଚାଲିଅଛି । ଆମ୍ଭମାନଙ୍କ ଦେଶର ଯେ ଏତେ ଦୁରବସ୍ଥା ତାହାର କାରଣ ଆଉ କିଛି ନୁହେ—କେବଳ ଆମ୍ଭମାନଙ୍କ ପ୍ରାଣରେ ସମାଲୋଚନାସ୍ପୃହାର ଅଭାବ—ଭଲ-ମନ୍ଦ, ମଙ୍ଗଳ ଅମଙ୍ଗଳ ବିଚାରର ସ୍ପୃହାର ଅଭାବ ।

ଅତି ଶୈଶବାବସ୍ଥାରୁହିଁ ମନୁଷ୍ୟ ସମାଲୋଚନାର ପକ୍ଷପାତୀ । ଏଇଟା ନେବି, ସେଇଟା ନେବି ନାହିଁ, ଏହା ଖାଇବି, ତାହା ଖାଇବି ନାହିଁ, ଏହା କରିବି, ତାହା କରିବି ନାହିଁ

Digitized by srujanika@gmail.com

ପ୍ରଭୃତି ଶିଶୁମାନଙ୍କର ଇତ୍ୟାକାର ସମାଲୋଚନା ଶୁଣିଲେ ହାସ୍ୟ ସମ୍ବରଣ କରି ହୁଏ ନାହିଁ। ପୁଣି ଆମ୍ଭମାନଙ୍କ ଦେଶର ଅନ୍ତଃପୁର ନିବଦ୍ଧା, ଅଜ୍ଞାନାନ୍ଧକାରମଗ୍ନା ସ୍ତ୍ରୀଲୋକମାନଙ୍କର ନାନା-ବିଷୟକ ସମାଲୋଚନା ଶୁଣିଲେ ସମାଲୋଚନା-ବୃତ୍ତି ମନୁଷ୍ୟର କେତେ ପ୍ରବଳ ତାହା ସହଜରେ ଉପଲବ୍ଧ ହୁଏ । ସଭ୍ୟସମାଜରେ ଏହି ସମାଲୋଚନ କାର୍ଯ୍ୟ ନାନା ଉପାୟରେ ସାଧିତ ହୁଏ । ତନ୍ମଧ୍ୟରୁ ପ୍ରଧାନ କେତୋଟି ଆମ୍ଭେମାନେ ଏଠାରେ ବିବୃତ କରିବୁଁ ।

ସମାଲୋଚନାର ପ୍ରଥମ ଉପାୟ ସଭାସମିତି, ଦ୍ୱିତୀୟ ଉପାୟ ବକ୍ତୃତା, ତୃତୀୟ ସମ୍ବାଦପତ୍ର, ଏବଂ ଚତୁର୍ଥ ପୁସ୍ତକାଦି । ଆମ୍ଭେମାନେ କ୍ରମେ ୨ ସେମାନଙ୍କର ଉପାଦେୟତା ପ୍ରତିପନ୍ନ କରିବାକୁ ଚେଷ୍ଟା କରିବୁଁ ।

ସଭାସମିତି ଦ୍ୱାରା ସମାଜର ଅଶେଷ କଲ୍ୟାଣ ସଂସାଧିତ ହୁଏ। ସାମାଜିକ-ରୀତି-ନୀତି, ଆଚାର ବ୍ୟବହାର, ଧର୍ମ, ରାଜନୀତି, ସାହିତ୍ୟ ପ୍ରଭୃତି ସକଳ ପ୍ରକାର ବିଷୟ ସଭାସମିତି ମାନଙ୍କରେ ଆଲୋଚିତ ହୋଇଥାଏ ଏବଂ ସେହି ଆଲୋଚନାରେ ଯାହା ସର୍ବବାଦୀସମ୍ମତିକ୍ରମେ ଅନୁମୋଦିତ ହୁଏ ତାହା ଗ୍ରହଣ କଲେ ଉତ୍ତରୋତ୍ତର ସମାଜର ମଙ୍ଗଳ ସାଧିତ ହେଉଥାଏ । କୌଣସି କୁରୀତି ବା କୁସଂସ୍କାର ସମାଜରେ ପ୍ରାବଲ୍ୟ ଲାଭ କଲେ ସଭ୍ୟଦେଶୀୟ ଲୋକେ ସମାଜବଦ୍ଧ ହୋଇ ଉପଯୁକ୍ତ ଆଲୋଚନା ଉତ୍ତାରେ ତାହାର ଉଚ୍ଛେଦସାଧନ କରି ତତ୍ପରିବର୍ତ୍ତିରେ ସୁନୀତି ଓ ସୁସଂସ୍କାର ପ୍ରବର୍ତ୍ତନ କରନ୍ତି । ତଦ୍ୱାରା ଲୋକ-ଶିକ୍ଷାର ମଧ୍ୟ ଯେ ପ୍ରଭୂତ ସହାୟତା କରିହୁଏ, ତାହା ବୋଲିବା ବାହୁଲ୍ୟ ।

ସୁବକ୍ତାମାନେ ଆପଣା ୨ ର ଓଜସ୍ୱିନୀ ବକ୍ତୃତା ଦ୍ୱାରା ଅସଂଖ୍ୟ ଶ୍ରୋତୃମଣ୍ଡଳୀର ହୃଦୟରେ ଅଗ୍ନି ଜ୍ୱାଳି ଦିଅନ୍ତି । ସେମାନେ ଆପଣା ୨ ର ବକ୍ତୃତାର ବିଷୟମାନଙ୍କୁ ଏ ପ୍ରକାର ନୈପୁଣ୍ୟସହକାରେ ସରଳ ଅଥଚ ତେଜୋ-ମୟ ଭାଷାରେ ବିଶ୍ଳେଷଣ କରି ବୁଝାଇ ଦିଅନ୍ତି ଯେ ଶ୍ରୋତୃମଣ୍ଡଳୀ ସେମାନଙ୍କର ପ୍ରତିପାଦିତମତ ଗ୍ରହଣ ନ କରି ରହି ପାରନ୍ତି ନାହିଁ । ପୁଣି ଏହି ବକ୍ତୃତାଦିଦ୍ୱାରା ଯେତେ ଅଧିକ ଫଳ ଲାଭ ହୁଏ ଏମନ୍ତ ଆଉ କୌଣସି ଉପାୟଦ୍ୱାରା ଲାଭ ହୁଏ ନାହିଁ । ଅଧିକନ୍ତୁ ଅଶିକ୍ଷିତ ବା ଅଳ୍ପଶିକ୍ଷିତ ଲୋକମାନଙ୍କର ଏତଦ୍ୱାରା ପ୍ରଭୂତ ଉନ୍ନତି ସାଧିତ ହୁଏ । ପାଶ୍ଚାତ୍ୟ ଦେଶମାନଙ୍କରେ ଅଶିକ୍ଷିତ ଲୋକମାନଙ୍କୁ ଏକତ୍ର କରି ସେମାନଙ୍କ ସମ୍ମୁଖରେ ନାନା ବିଷୟ ସମାଲୋଚନ କରି ଦେଖାଇ ଦେବାର ରୀତି ପ୍ରଚଳିତ ଅଛି ।

ସମାଲୋଚନା ସମ୍ବାଦପତ୍ରର ପ୍ରଧାନ ଅଙ୍ଗ । ସମାଲୋଚନା ବ୍ୟତୀତ ସମ୍ବାଦପତ୍ର ଅସମ୍ପୂର୍ଣ୍ଣ । ସମାଜ, ନୀତି, ଧର୍ମ ପ୍ରଭୃତି ସକଳ ବିଷୟର ସମାଲୋଚନାରେ ସମ୍ବାଦପତ୍ରର ତୁଲ୍ୟ ଅଧିକାର ଅଛି । ସମାଜରେ ସନ୍ନୀତିର ପ୍ରଚଳନ, ସଦ୍ଧର୍ମସ୍ଥାପନ ସମ୍ବାଦପତ୍ରର ପ୍ରଧାନ କାର୍ଯ୍ୟ । ଯେଉଁ ସମ୍ବାଦପତ୍ର ତାହା କରେ ନାହିଁ ତାହା ଆଦୌ ତନ୍ନାମର ଯୋଗ୍ୟ ନୁହେଁ । ସଭ୍ୟଦେଶ-ମାନଙ୍କରେ ପ୍ରତିଦିନ, ପ୍ରତି ସପ୍ତାହ, ପ୍ରତିପକ୍ଷ, ପ୍ରତିମାସରେ ନିୟମିତ ରୂପେ ରାଶି ୨ ସମ୍ବାଦ-ପତ୍ରିକାମାନ ପ୍ରକାଶିତ ହୋଇ ନିରନ୍ତର ସମାଲୋଚନ କାର୍ଯ୍ୟରେ ପ୍ରବୃତ୍ତ ଅଛନ୍ତି । ସମସ୍ତ ପ୍ରକାର ସମ୍ବାଦପତ୍ରମାନଙ୍କ ମଧ୍ୟରେ ମାସିକ ତ୍ରୈମାସିକ ପ୍ରଭୃତି ପତ୍ରିକାମାନଙ୍କରେ ସମାଲୋଚନା କାର୍ଯ୍ୟ ସୁଚାରୁରୂପେ ନିର୍ବାହିତ ହୁଏ । ସ୍ଥାନ ଓ ସମୟରେ ଆଧିକ୍ୟ ହେତୁ ଚିନ୍ତାଶୀଳ ଲେଖକମାନେ ଗବେଷଣାପୂର୍ଣ୍ଣ ସମା-ଲୋଚନମାନ ଲେଖି ଉକ୍ତ ପତ୍ରିକା ମାନଙ୍କରେ ପ୍ରକାଶ କରନ୍ତି ଏବଂ ସେହି ସବୁ ସମାଲୋଚନା ପାଠ କରି ଲୋକେ ଉପକୃତ ହୁଅନ୍ତି । ଏ ସମ୍ବନ୍ଧରେ ଅଧିକ ବୁଝାଇବା ନିଷ୍ପ୍ରୟୋଜନ । ଇଂରାଜୀ ଶିକ୍ଷା ବିସ୍ତାର ସଙ୍ଗେ ୨ ଆମ୍ଭମାନଙ୍କ ଦେଶର ଲୋକ

Digitized by srujanika@gmail.com

ସମ୍ବାଦପତ୍ରର ଉପଯୋଗିତା ଉପଲବ୍ଧି କରି ପାରୁଅଛନ୍ତି । ଆମ୍ଭମାନଙ୍କ ଦେଶରେ ପ୍ରଥମ-ଶ୍ରେଣୀର ସମ୍ବାଦପତ୍ରର ସଂଖ୍ୟା ଯେତେ ବୃଦ୍ଧି ହେବ, ଆମ୍ଭମାନଙ୍କର ତେତେ ମଙ୍ଗଳ ସାଧିତ ହେବ ।

ସମାଲୋଚନପ୍ରବୃତ୍ତି ଯେତେ ବୃଦ୍ଧି ଲଭୁଥିବ ସାହିତ୍ୟର ଉନ୍ନତି ସେତେ ଅଗ୍ରସର ହେଉଥିବ । ଆଜକାଲି ସଭ୍ୟଦେଶମାନଙ୍କରେ ଯେଉଁ ରାଶି ୨ ପୁସ୍ତକ ପୁସ୍ତିକାମାନ ପ୍ରକାଶିତ ହେଉଅଛି ତାହାର କାରଣ ଅନୁସନ୍ଧାନ କଲେ ଜଣା ଯିବ ଯେ ତଦ୍ଦେଶୀୟ ନରନାରୀମାନଙ୍କ ହୃଦୟରେ ସମାଲୋଚନପ୍ରବୃତ୍ତି କ୍ରମଶଃ ବୃଦ୍ଧି ଲାଭ କରୁଅଛି । ଅବଶ୍ୟ ସମସ୍ତ ପୁସ୍ତକ ଯେ ଉଚ୍ଚଶ୍ରେଣୀର ପୁସ୍ତକ ଆମ୍ଭେମାନେ ତାହା କହୁ ନାହୁଁ । ତଥାପି ଏହା ଠିକ୍ କଥା ଯେ, ଯେଉଁ ସାହିତ୍ୟଭଣ୍ଡାର ଯେତେ ଅଧିକ ସଦ୍‌ଗ୍ରନ୍ଥରେ ପୂର୍ଣ୍ଣ ସେହି ସାହିତ୍ୟ ସେତିକି ପରିମାଣରେ ଉନ୍ନତ । କେବଳ ପୁସ୍ତକର ସଂଖ୍ୟାବୃଦ୍ଧି ହେଲେ କିଛି ହେବ ନାହିଁ । କେଉଁ ପୁସ୍ତକ କି ପରିମାଣରେ ସମାଜ ବା ସାହିତ୍ୟର ଉପଯୋଗୀ ତାହା ସମ୍ୟକ୍‌ରୂପେ ଆଲୋଚିତ ହେବା ଆବଶ୍ୟକ । ସେହି ହେତୁରୁ ଦେଖାଯାଏ ସଭ୍ୟଦେଶର ସାହିତ୍ୟ ଭଣ୍ଡାର ଏହିପରି ସମାଲୋଚନ ପୁସ୍ତକମାନଙ୍କରେ ପରିପୂର୍ଣ୍ଣ । ଫଳକଥା, ମୂଳଗ୍ରନ୍ଥମାନଙ୍କଠାରୁ ଏହି ଶ୍ରେଣୀର ପୁସ୍ତକମାନଙ୍କ-ଦ୍ୱାରା ବିଶେଷ ଉପକାର ସାଧିତ ହୁଏ । ଏହି ଶ୍ରେଣୀର ପୁସ୍ତକମାନ ସାହିତ୍ୟଭଣ୍ଡାରର କଷ୍ଟିପଥରସ୍ୱରୂପ ।

ଉଚ୍ଚଶ୍ରେଣୀର ଲେଖକମାନେ ସର୍ବଦା ନିରପେକ୍ଷ ସମାଲୋଚନାର ପକ୍ଷପାତୀ । ସେମାନଙ୍କ ପ୍ରାଣର ଆକାଂକ୍ଷା ଯେ ସେମାନଙ୍କର ପୁସ୍ତକମାନ ନିରପେକ୍ଷ ଓ ସରଳଭାବରେ ସମାଲୋଚିତ ହେଉ । ସେମାନେ କଦାପି ସମାଲୋଚକର ଅପ୍ରିୟ ମନ୍ତବ୍ୟରେ ରୁଷ୍ଟ ହୁଅନ୍ତି ନାହିଁ । ପରନ୍ତୁ ନ୍ୟାୟାନୁମୋଦିତ ସମାଲୋଚନା-ଦ୍ୱାରା ବିଶେଷରୂପେ ଉପକୃତ ହୁଅନ୍ତି । ସେମାନେ ବୁଝିପାରନ୍ତି ଯେ ସେମାନଙ୍କର ପୁସ୍ତକର ପ୍ରକୃତ ମୂଲ୍ୟ କେତେ ଏବଂ ତାହା ସାହିତ୍ୟଭଣ୍ଡାରରେ ସ୍ଥାୟୀ ହୋଇ ରହିବାର କେତେଦୂର ଉପଯୋଗୀ ।

ପ୍ରସଙ୍ଗାନୁକ୍ରମେ ଉତ୍କଳସାହିତ୍ୟ ସମ୍ବନ୍ଧରେ ଦୁଇ ଗୋଟି କଥା କହିବାକୁ ପଡ଼ିଲା । ଉତ୍କଳସାହିତ୍ୟର ବର୍ତ୍ତମାନ ଉଷାକାଳ । ସୁତରାଂ ସମାଲୋଚନାର ଆଦୌ ଅଭାବ । ଅନେକ ଶିକ୍ଷିତଯୁବକ ତ ଆଦୌ ଓଡ଼ିଆ ପୁସ୍ତକ ପଢ଼ନ୍ତି ନାହିଁ; ପୁଣି ଯେଉଁମାନେ ଟିକିଏ ଅଧେ ପଢ଼ନ୍ତି ସେମାନେ ମନେ କରନ୍ତି ଯେ ଓଡ଼ିଆ ଲେଖକମାନଙ୍କ କଥାରେ ଶିକ୍ଷଣୀୟ ବା ଗ୍ରହଣୀୟ ବିଷୟ କିଛି ନାହିଁ । ତେଣୁ ତାହା ସମାଲୋଚନାର ଅନୁପଯୁକ୍ତ ଅଟେ । ଏ ପ୍ରକାର ଅନାଦର ବା ହତାଦର ସାହିତ୍ୟୋନ୍ନତିର କେତେଦୂର ଅନୁକୂଳ ପାଠକମାନେ ତାହା ବୁଝିପାରିବେ । ସାହିତ୍ୟ ଯେତେ ଅନୁନ୍ନତ ବା ଅପକ୍ୱ ହେଉ ପଛକେ ସମାଲୋଚନା ସର୍ବଦା ଆବଶ୍ୟକ । ସମାଲୋଚନା ନ ହେଲେ ଲେଖକ ତାହାର ଦାୟିତ୍ୱଜ୍ଞାନ ବୁଝିପାରେ ନାହିଁ—ତାହାର ମନକୁ ଯାହା ଆସେ ସେ ତାହା ଲେଖିଯାଏ । ତାହା ବାଞ୍ଛନୀୟ ନୁହେ । ଯେଉଁମାନଙ୍କର ଓଡ଼ିଆସାହିତ୍ୟପ୍ରତି କିଞ୍ଚିନ୍ମାତ୍ର ଅନୁରାଗ ଓ ଶ୍ରଦ୍ଧା ଅଛି ସେମାନଙ୍କର ଏ ବିଷୟରେ ଉଦାସୀନ ରହିବା କଦାପି ଉଚିତ ନୁହେ । ଓଡ଼ିଆସାହିତ୍ୟକୁ ଗୋଟିଏ ଉଚ୍ଚଶ୍ରେଣୀର ସାହିତ୍ୟ ବୋଲି ପୃଥିବୀର ଅନ୍ୟାନ୍ୟ ଉଚ୍ଚଶ୍ରେଣୀର ସାହିତ୍ୟର ପାର୍ଶ୍ୱରେ ବସାଇବାକୁ ଯେଉଁମାନଙ୍କର ଇଚ୍ଛା ଥାଏ ସେମାନଙ୍କୁ ଆମ୍ଭମାନଙ୍କର ବିନୀତ ପ୍ରାର୍ଥନା ଯେ ଆଜଠାରୁ ସେମାନେ କି ପୁରାତନ କି ନୂତନ ଉଭୟବିଧ ଓଡ଼ିଆପୁସ୍ତକମାନଙ୍କ ନିରପେକ୍ଷ ସମାଲୋଚନାରେ ପ୍ରବୃତ୍ତ ହେଉନ୍ତୁ ।

ଶ୍ରୀ କୃଷ୍ଣପ୍ରସାଦ ଚୌଧୁରୀ

———

Digitized by srujanika@gmail.com

# ଗୁରୁ ନାନକ ଏବଂ ଦୁଇଜଣ ବ୍ରାହ୍ମଣ

ସ୍ଥାନ—ଗଙ୍ଗାତଟ, ସ୍ନାନଘାଟ ।

(୧ମ ପରିଚ୍ଛେଦ)

ବ୍ରାହ୍ମଣ—(ନାନକଙ୍କୁ ଲକ୍ଷ୍ୟ କରି ) ତୁ ବିଧର୍ମୀ, ହିନ୍ଦୁ ସନ୍ତାନ ହୋଇ ମୁସଲମାନ ସଙ୍ଗରେ ମିଶି ପାନାହାର କରୁ, ପ୍ରତିଦିନ ହିନ୍ଦୁସ୍ନାନଘାଟରେ ସ୍ନାନ କରିବାର ତୋହର ଅଧିକାର ନାହିଁ, ଅନ୍ୟ ଘାଟକୁ ଚାଲିଯା, ନୋହିଲେ ଏକପାର୍ଶ୍ୱରେ ସ୍ନାନ କର-ତୋର ସ୍ନାନପାଣି ଆମ୍ଭମାନଙ୍କ ଉପରେ ପଡ଼ିଲେ ଆମ୍ଭମାନଙ୍କୁ ପ୍ରାୟଶ୍ଚିତ କରିବାକୁ ହେବ, ଏହା ତୁ ଜାଣୁନାହିଁ ?

ନାନକ—ମୁଁ ଏକପାର୍ଶ୍ୱରେ ସ୍ନାନ କରୁଅଛି, ତୁମ୍ଭମାନଙ୍କ ଉପରେ କାହିଁକି ପାଣି ପଡ଼ିବ ? ତୁମ୍ଭେମାନେ ପେଟରେ ଗୋଟିଏ ୨ ପାଇଖାନା ଲୁଚାଇ ରଖିଛ, ସେଥିପାଇଁ ପ୍ରାୟଶ୍ଚିତ ବିଧି ଅଛି କି ? ତୁମ୍ଭେମାନେ ପରି କହିଥାଅ "ମନ ଶୁଦ୍ଧ ଥିଲେ ଗାଡ଼ୁଆ ଗଙ୍ଗା ହୁଏ" ଚିତ୍ତଶୁଦ୍ଧି ପ୍ରତି ଦୃଷ୍ଟି ନ ରଖି କେବଳ ଶରୀରଶୁଦ୍ଧି ପ୍ରତି ଦୃଷ୍ଟି ରଖିଲେ କି ଫଳ ? ତୁମ୍ଭମାନଙ୍କ କଥାରୁ ଜଣାପଡ଼ୁଅଛି ତୁମ୍ଭମାନଙ୍କ ମନ ଅଶୁଦ୍ଧ—ମନ ଶୁଦ୍ଧ ଥିଲେ ମୋତେ ଅପବିତ୍ର କହି ନ ଥାନ୍ତ ।

ବ୍ରାହ୍ମଣ ୨ ଜଣ—( ଏକବାକ୍ୟରେ ) ବିଧର୍ମୀ ! ତୁ କିପରି ଜାଣିଲୁ ଆମ୍ଭମାନଙ୍କ ମନ ପବିତ୍ର ନୁହେଁ—ଦେବାର୍ଚ୍ଚନା, ତର୍ପଣ; ନାମଜପ କରି୨ କେଶ ପକ୍ୱ ହୋଇଗଲା, ଆମ୍ଭେମାନେ ଅପବିତ୍ର, ଆଉ ତୁ ପବିତ୍ର ! ଆଉ ଏପରି କହିବୁ ନାହିଁ ।

ନାନକ—(ପ୍ରଶ୍ନର ଉତ୍ତର ନ ଦେଇ ଜଣେ ବ୍ରାହ୍ମଣ ଯେ କି ପିତୃପୁରୁଷଙ୍କୁ ଊର୍ଦ୍ଧ୍ୱଦୃଷ୍ଟିରେ ଅଞ୍ଜଳି ୨ ଜଳ ପ୍ରଦାନ କରୁଥିଲା, ତାକୁ ସମ୍ବୋଧନ କରି ) ଗୋସାଇଁ ! ଏ କଣ କରୁଅଛ ? କାହାକୁ ପାଣି ଦେଉଅଛ ?

ବ୍ରାହ୍ମଣ—ତୁ କେତେଦିନ ହେଲା ଧର୍ମ ପରିତ୍ୟାଗ କଲୁ କି ? ଯଦ୍ୟପି ଧର୍ମ ପରିତ୍ୟାଗ କରିଅଛୁ । ହିନ୍ଦୁରକ୍ତ ଏହି ମୁହୂର୍ତ୍ତରେ ତୋହର ଶିରା ପ୍ରଶିରାରେ ପ୍ରବାହିତ ହେଉଅଛି । ଆମ୍ଭେମାନେ କାହାକୁ ଜଳ ଦେଉଅଛୁଁ ଏହା କି ଜାଣୁ ନାହିଁ ? ଆମ୍ଭେମାନେ ସ୍ନାନାନ୍ତେ ଦେବ ଦେବୀ ଓ ପିତୃପୁରୁଷଙ୍କୁ ଜଳ ପ୍ରଦାନ କରୁଅଛୁଁ ।

ନାନକ—ପିତୃପୁରୁଷ କାହାନ୍ତି ?

ବ୍ରାହ୍ମଣ—ବ୍ରାହ୍ମଣର ପିତୃପୁରୁଷ ସ୍ୱର୍ଗଛଡ଼ା ଆଉ କେଉଁଠି ଥାଇ ପାରନ୍ତି ?

ନାନକ—ସ୍ୱର୍ଗ କେଉଁଠି ?

ବ୍ରାହ୍ମଣ—(କ୍ରୋଧାନ୍ଧ ହୋଇ) ମେଘ ଉପରେ ।

ନାନକ—ପିତୃପୁରୁଷମାନେ ଏତେଦୂର ଉଚ୍ଚ ପ୍ରଦେଶରେ ଥାଇଁ ତୁମ୍ଭ ପ୍ରଦତ୍ତ ଜଳାଞ୍ଜଳି ପ୍ରାପ୍ତ ହେଉଅଛନ୍ତି କି ? ବ୍ରାହ୍ମଣଙ୍କ ପିତୃପୁରୁଷମାନେ ସ୍ୱର୍ଗକୁ ଗଲେ ସେମାନଙ୍କ ହସ୍ତ କି ଏଡ଼େ ଲମ୍ବ ହୋଇଯାଏ ଯେ ସେମାନେ ହସ୍ତ ବଢ଼ାଇ ତୁମ୍ଭମାନଙ୍କ ପ୍ରଦତ୍ତ ଜଳ ଗ୍ରହଣ କରିପାରନ୍ତି ?

ବ୍ରାହ୍ମଣ—କାହିଁକି ପାରିବେ ନାହିଁ—ମନ୍ତ୍ରପୂତ-ଜଳ ମନ୍ତ୍ରବଳରେ ଊର୍ଦ୍ଧ୍ୱକୁ ଉଠିଯାଏ—ତୋହର ମନ୍ତ୍ରରେ ବିଶ୍ୱାସ ଥିଲେ ବୁଝି-ପାରନ୍ତୁ, ମନ୍ତ୍ରର ବଳ କେତେ !

ନାନକ—ମନ୍ତ୍ରର ବଳ ଯେବେ ଏତେ ବେଶୀ, ମୋହର ଟୋପାଏ ପାଣି ତୁମ୍ଭ ଉପରେ

Digitized by srujanika@gmail.com

ପଢ଼ିବାରୁ ଏତେ ଭୟ ଓ ପ୍ରାୟଶ୍ଚିତ୍ତ କାହିଁକି ?

---

୨ୟ ପରିଚ୍ଛେଦ ।

ସ୍ଥାନ—ସ୍ନାନଘାଟ ।

[କିଛିଦିନ ପରେ ବ୍ରାହ୍ମଣମାନେ ସ୍ନାନ କରିବାକୁ ଆସିବା ପୂର୍ବରୁ ଗୁରୁ ନାନକ ନଦୀରୁ ଅଞ୍ଜଳି ୨ ଜଳ ନେଇ ନଦୀକୂଳ ଭୂମି ଉପରେ ଢାଳୁଥିବାର ଦେଖି]

ବ୍ରାହ୍ମଣମାନେ—କିରେ ବିଧର୍ମୀ ! ଆଜି ଏ ତୋର କଣ ? ଏତେ ପରିଶ୍ରମ କରି ଏଠାରେ କାହିଁକି ବୃଥାରେ ପାଣିଗୁଡ଼ାଏ ଢାଳୁଅଛୁ ?

ନାନକ—ମୋହର ବାଇଗଣ କିଆରିକୁ ପାଣି ଦେଉଅଛୁ ।

ବ୍ରାହ୍ମଣମାନେ—ତୋହର ବାଇଗଣ କିଆରି କାହିଁ ?

ନାନକ—ଏଠାରୁ ପ୍ରାୟ ଅର୍ଦ୍ଧକ୍ରୋଶ ହେବ ।

ବ୍ରାହ୍ମଣ—ତୁ ଉଚ୍ଚଧର୍ମ ପ୍ରଚାର କରି ଉଚ୍ଚ ୨ ସତ୍ୟ କଥା କହିବୁଲୁ ସତ୍ୟ, ମାତ୍ର ତୋହର ବୁଦ୍ଧି ହେତେବେଳେ ଅତି ଅଳ୍ପ । ବାଇଗଣ କିଆରି ଯାଇ କାହିଁ, ଅଞ୍ଜୁଳାଏ ୨ ପାଣି ଏଠାରେ ଢାଳିଲେ ତୋହର ବାଇଗଣ କିଆରିକୁ ଯିବ ? ତୋହପରି ଦ୍ୱିତୀୟ ମୂର୍ଖ ନାହିଁ ।

ନାନକ—ସ୍ୱର୍ଗ କେତେଦୂରରେ—ପୂର୍ବପୁରୁଷ ଯାହିଁ କାହାନ୍ତି—ସେମାନେ ତୁମ୍ଭମାନଙ୍କ ପ୍ରଦତ୍ତ ଜଳାଞ୍ଜଳି ପାଇପାରନ୍ତି, ମୋହର ବାଇଗଣ କିଆରିଟି ଅର୍ଦ୍ଧକ୍ରୋଶ ଦୂରରେ ଅଛି, ସେଠାକୁ ମୋହର ଜଳାଞ୍ଜଳି ଯାଇ ପାରିବ ନାହିଁ କାହିଁକି ? ତୁମ୍ଭେ ଯେପରି ମନ୍ତ୍ର ପାଠ କରି ପାଣି ଦିଅ ମୁଁ ମଧ୍ୟ ସେହିପରି କରୁଅଛି—ତୁମ୍ଭେମାନେ ମୂର୍ଖ ହୋଇଥିଲେ ମୁଁ ମୂର୍ଖ ହେବ ।

ବ୍ରାହ୍ମଣ—(କ୍ରୋଧାନ୍ଧ ହୋଇ)ନବଂଶିଆ ପାଷାଣ୍ଡ ! ବ୍ରାହ୍ମଣର ଧର୍ମକୁ ଅପମାନ କରୁଅଛୁ, ଏହାର ପ୍ରତିଫଳ ତୁ ଅବଶ୍ୟ ପାଇବୁ—ତୁ ନରକଗାମୀ ହେବୁ । (ଜଣେ ବ୍ରାହ୍ମଣ ଅପର ବ୍ରାହ୍ମଣଙ୍କୁ ସମ୍ବୋଧନ କରି) ନନା ଚାଲଆସ, ସେଇଟା ଛୋଟଲୋକ, କୁକୁରକୁ ମୁଣ୍ଡିଦେଲେ ସେ ଉପରକୁ ଉଠେ ।

ନାନକ—(ସ୍ୱଗତଃ) ସତ୍ୟର ମୂଲ୍ୟ କେହି ବୁଝନ୍ତି ନାହିଁ—ପ୍ରକୃତ ସତ୍ୟକଥା କହିଲେ ସମସ୍ତେ ରାଗିଯାନ୍ତି । (ବ୍ରାହ୍ମଣମାନଙ୍କୁ ଲକ୍ଷ୍ୟକରି) ତୁମ୍ଭେମାନେ ସେଦିନ ଯେପରି କହିବାରୁ ମୁଁ କହିଲି—ମୋହର କିଛି ଦୋଷ ନାହିଁ, ଠିକଏ ବିଚାର କରି ଦେଖିଲେ ବୁଝି ପାରିବ ତୁମ୍ଭେମାନେ ପ୍ରକୃତ ସତ୍ୟପଥ ପରିତ୍ୟାଗ କରି ନରକଗାମୀ ହେଉଅଛ, ସମୟ ଆସିବ ଯେତେବେଳେ ନିଶ୍ଚୟ ନିଜର ଭ୍ରମ ନିଜେ ବୁଝି ପାରିବ ! (ଏହା କହି ନାନକ ଚାଲିଗଲେ । ଆଶ୍ଚର୍ଯ୍ୟର ବିଷୟ କିଛିଦିନ ପରେ ପୂର୍ବୋକ୍ତ ଦୁଇଜଣ ବ୍ରାହ୍ମଣମାନଙ୍କ ପ୍ରବର୍ତ୍ତିତ ଧର୍ମ ଗ୍ରହଣ କରି ଉକ୍ତ ଧର୍ମର ପ୍ରଚାରରେ ପ୍ରବୃତ୍ତ ହେଲେ । )

ଶ୍ରୀ ସାଧୁଚରଣ ରାୟ ।

---

# ଜୀବନ ସମସ୍ୟା

(ପୁନରାବୃତ୍ତି)

---

ଏ ପର୍ଯ୍ୟନ୍ତ ଯାହା ଉକ୍ତ ହୋଇଅଛି ସେଥିରୁ ଏହି ବୁଝା ଯାଉଅଛି ଯେ ବର୍ତ୍ତମାନବରେ ସଂସାର ଓ ଧର୍ମ ଉଭୟର ସାଧନ ଅପ୍ରାକୃତ ଓ ଅସଙ୍ଗତ । ମନୁଷ୍ୟ ଅନନ୍ତରାଜ୍ୟର ଯାତ୍ରୀ—

Digitized by srujanika@gmail.com

ଲକ୍ଷ୍ୟ ଭୁଲି ସଂସାରରେ ଆବଦ୍ଧ ହେଲେ ତାହାକୁ ଅଶେଷ ବିଡ଼ମ୍ବନା ଭୋଗ କରିବାକୁ ହୁଏ ! ପୃଥିବୀ ବିଧାତାଙ୍କ ବିଧାନରେ, କର୍ତ୍ତୃତ୍ୱ ନିମିତ୍ତ ହେଲେହେଁ, ସେ ଯେଉଁଠାରେ ଅବସ୍ଥାପିତ— ଯେଉଁମାନଙ୍କ ସଙ୍ଗେ ସମ୍ବନ୍ଧସୂତ୍ରରେ ସମ୍ବଦ୍ଧ, ତତ୍‌ପ୍ରତି ଅବଜ୍ଞା ପ୍ରଦର୍ଶନ କଲେ ତାହାକୁ ଘୋର ପ୍ରତ୍ୟବାୟଭାଗୀ ହେବାକୁ ପଡ଼େ । ସୁତରାଂ ଏ ସଂସାର ଗୋଟିଏ ବିରାଟ ଶିକ୍ଷାଳୟ । ହୃଦୟର କୋମଳବୃତ୍ତି ଉଚ୍ଚବୃତ୍ତିର ପରିଚାଳନା ଓ ସାଧନାର ଏପରି ପ୍ରଶସ୍ତକ୍ଷେତ୍ର ଆଉ ନାହିଁ । ସୁତରାଂ ଶରୀର ଏବଂ ଆତ୍ମା, ସଂସାର ଏବଂ ଧର୍ମ, ଇହକାଳ ଏବଂ ପରକାଳ ଏହି ଉଭୟର ସମ୍ମିଳନ ମାନବଜୀବନର ମହାସମସ୍ୟା—ଏହି ସମସ୍ୟାପୂରଣହିଁ ତାହାର ଏ ସଂସାରରେ ଶ୍ରେଷ୍ଠ କର୍ତ୍ତବ୍ୟ—ଜୀବନର ସକଳ ପ୍ରକାର କର୍ତ୍ତବ୍ୟର ମୂଳ ଏହି । କିନ୍ତୁ ଏ ବଡ଼ ବିଷମ ସମସ୍ୟା ! ମନୁଷ୍ୟର କ୍ଷୁଦ୍ରଜ୍ଞାନ, କ୍ଷୁଦ୍ରଶକ୍ତି, କ୍ଷୁଦ୍ରଚେଷ୍ଟା, ଏହି ସମସ୍ୟାସାଧନ କରିବାକୁ ଯାଇ ପଡ଼େ ? ବିଫଳ ପରିଶ୍ରମ ଏବଂ ଅବସନ୍ନ ହୋଇ ପଡ଼ୁଅଛି ! ସଂସାରକୁ ଧରିବାକୁ ଯାଇ ମନୁଷ୍ୟ ଧର୍ମପଥରୁ ବିଚ୍ୟୁତ ହୋଇ ପଡ଼ୁଅଛି—ପୁଣି ଧର୍ମପଥରେ ଅଗ୍ରସର ହେଉଁ ହେଉଁ ସଂସାର ତାହାକୁ ନାନାପ୍ରକାରେ ନିପୀଡ଼ିତ ଓ ଯନ୍ତ୍ରଗ୍ରସ୍ତ କରୁଅଛି-- —ଏଥିରେ ତାହାର ଲକ୍ଷ୍ୟ ସ୍ଥିର ରହିବା ଅତି କଠିନ ହୋଇ ପଡ଼ୁଅଛି । ଏହିକାରଣରୁ ତ ଲୋକଙ୍କ ମନରେ ଧାରଣା ହୋଇଅଛି ଯେ ସଂସାରରେ ରହି ଧର୍ମସାଧନ କରିବା ଅସମ୍ଭବ । ତେବେ ଉପାୟ କଣ ? ପ୍ରତିକାର କଣ ? ଉପାୟ ଅବଶ୍ୟ ଅଛି — ତାହା ନୂତନ ଆବିଷ୍କାର କରିବାକୁ ହେବ ନାହିଁ । ଯୁଗେ ଯୁଗେ ଦେଶେ ଦେଶେ ସାଧୁ ମହାଜନଗଣ ଜଗତକୁ ସେହି ଉପାୟ ଶିକ୍ଷାଦେଇ ଯାଇଅଛନ୍ତି ଏବଂ ନିଜ ନିଜ ଜୀବନରେ ତାହାର ଜୀବନ୍ତ ଆଦର୍ଶ ଦେଖାଇ ଯାଇଅଛନ୍ତି । ସ୍ୱୟଂ ପ୍ରଭୁ ପରମେଶ୍ୱର ଜିଜ୍ଞାସୁପ୍ରାଣରେ ସେହି ଉପାୟ ପ୍ରକାଶ କରିଅଛନ୍ତି ଏବଂ ଆଜି ସୁଦ୍ଧା କରୁଅଛନ୍ତି । ସେ ଉପାୟଟି ଏହି—"Seek ye at first the Kingdom of Heaven and everything shall be added unto you". 'ସର୍ବାଗ୍ରେ ପ୍ରଭୁ ପରମେଶ୍ୱରଙ୍କୁ ଅନ୍ୱେଷଣ କର, ତାଙ୍କର ହସ୍ତରେ ଆତ୍ମସମର୍ପଣ କର, ଜୀବନର ସମସ୍ତ ଅଭାବ ପୂରଣ ହେବ ।" ପୃଥିବୀର ଜଣେ ଶ୍ରେଷ୍ଠ ମହାଜନ ଏହି କଥା କହି ଯାଇଅଛନ୍ତି ଏବଂ ଅନୁସନ୍ଧାନ କରି ଦେଖିଲେ ଜଣାଯିବ ଯେ ଏହାହିଁ ସକଳ ଶାସ୍ତ୍ର ଏବଂ ସକଳ ମହାଜନଙ୍କର ଉପଦେଶର ସାର । ମନୁଷ୍ୟ କେବଳ ନିଜର ବୁଦ୍ଧିଦୋଷରୁ ଯଥାର୍ଥ ପଥ ହୋଇ ଆପେ ଆପଣାର ବିନାଶସାଧନ କରୁଅଛି । ବିଧାତାଙ୍କ ବିଧି ଓ ଆଦେଶ ବୁଝିବାକୁ ଚେଷ୍ଟା ନ କରିବାକୁ ଅଥବା ତାହା ବୁଝି ସୁଦ୍ଧା ନିଜର ଇଚ୍ଛା ବଜାଏ ରଖିବାକୁ ଚେଷ୍ଟା କରିବାରୁ ତ ମାନବସଂସାରରେ ଏତେ ବିଭ୍ରାଟ ଘଟୁଅଛି — ଏତେ ଦ୍ୱନ୍ଦ୍ୱ, ଏତେ ଅନର୍ଥ ଉପସ୍ଥିତ ହେଉଅଛି ! ମନୁଷ୍ୟ ନିଜର ବୁଦ୍ଧି ଓ ବିଚାର-- ଦ୍ୱାରା ସଂସାର ଓ ଧର୍ମ ମଧ୍ୟରେ ଗୋଟିଏ ସନ୍ଧି ସଂସ୍ଥାପନ କରି ନେବାକୁ ଚେଷ୍ଟା କରେ — ଏତଦୁଭୟର ଗୋଟିଏ କାଳ୍ପନିକ ସୀମା ନିରୂପଣ କରି ଆପଣାର ଜୀବନକୁ ଚଳାଇବାକୁ ଚେଷ୍ଟାକରେ କିନ୍ତୁ ଏ ଚେଷ୍ଟା ବୃଥା ! ଏହାର ଫଳ ଏହି ହେଉଅଛି ଯେ କେହି ଧନକୁ, କେହି ମାନକୁ, କେହି ଇନ୍ଦ୍ରିୟକୁ, କେହି ବିଦ୍ୟାକୁ, କେହି ସ୍ତ୍ରୀକୁ, କେହି ସ୍ୱାମୀକୁ, କେହି ପିତାକୁ, କେହି ଭ୍ରାତାକୁ, ପ୍ରଭୁପଦରେ ବରଣ କରି ସେହିମାନଙ୍କ ନିକଟରେ ଆତ୍ମବଳି ଦେଇ ଜୀବନକୁ କଳଙ୍କିତ ଓ ଅନ୍ତଃସାରଶୂନ୍ୟ କରି ପକାଉଅଛନ୍ତି — ଏ ସଂସାରରେ ଯଥାର୍ଥରେ ଦେଖାଯାଏ ନାନା ଜନରେ ନାନା ପ୍ରଭୁ — ଧର୍ମକୁ — ସେହି ଧର୍ମାବହପୁରୁଷଙ୍କୁ କେତେ ଜଣ ପ୍ରଭୁ ପଦରେ ପ୍ରତିଷ୍ଠିତ କରିବାକୁ ସକ୍ଷମ ହେଉଅଛନ୍ତି ? ଆତ୍ମା ଅପେକ୍ଷା ଜଡ଼ର, ଅଦୃଶ୍ୟ

Digitized by srujanika@gmail.com

ଅପେକ୍ଷା ଦୃଶ୍ୟର ମାୟାରେ ମନୁଷ୍ୟ ଅଧିକ ଆକୃଷ୍ଟ—ଅଧିକାଂଶ ସ୍ଥଳରେ ଧର୍ମ କେବଳ ନାମରେ ମାତ୍ର ରହିଅଛି ! କି ଶୋଚନୀୟ ଅବସ୍ଥା !

ଉପରେ ଯେଉଁ ମହାପୁରୁଷଙ୍କ ଉକ୍ତି ଉଦ୍ଧାର କରା ହୋଇଅଛି ସେହି ମହାପୁରୁଷ କହିଅଛନ୍ତି, "No me can serve two masters," "ଏ ସଂସାରରେ କେହି ଦୁଇଟି ପ୍ରଭୁଙ୍କ ମନ ଯୋଗାଇ ସେବା କରି ପାରିବ ନାହିଁ ।" ସଂସାରକୁ ଷୋଳଅଣା ପ୍ରଭୁ କରିବାକୁ ହେବ ଏବଂ ଈଶ୍ୱରଙ୍କୁ ମଧ୍ୟ ଷୋଳଅଣା ପ୍ରଭୁ କରିବାକୁ ହେବ, ଏହା ଅସମ୍ଭବ କଥା । ଜଣେ ପ୍ରଭୁ—ଜୀବନର ଯାହାକିଛି କାର୍ଯ୍ୟ ସମସ୍ତ ତାଙ୍କର ଆଦେଶରେ ସାଧିତ ହେବ । ନିଜର ଇଚ୍ଛା ସେଠାରେ ବିନ୍ଦୁମାତ୍ର ରହି ନ ପାରେ ।

ମନୁଷ୍ୟ ସ୍ୱାଧୀନ ଜୀବ । ଇତରପ୍ରାଣୀମାନେ କେବଳ କେତେଗୁଡ଼ିଏ ସ୍ୱାଭାବିକ ପ୍ରବୃତ୍ତିଦ୍ୱାରା ଚାଳିତ ହୋଇ ଜୀବନଯାତ୍ରା ନିର୍ବାହ କରନ୍ତି । କିନ୍ତୁ ମନୁଷ୍ୟର କ୍ଷୁତ୍ପିପାସାଦି ପାଶବବୃତ୍ତି ଛଡ଼ା କେତେଗୁଡ଼ିଏ ଉଚ୍ଚତର ବୃତ୍ତି ଅଛି । ସେହି ବୃତ୍ତିଗୁଡ଼ିକର ପରିଚାଳନା ମନୁଷ୍ୟର ସ୍ୱାଧୀନ-ଚେଷ୍ଟା ଉପରେ ନିର୍ଭର କରେ । ଏହି ସ୍ୱାଧୀନତା ଅଛି ବୋଲି ମାନବର ମାନବତ୍ୱ ଏବଂ ଏହାର ଉପଯୁକ୍ତ ଚାଳନାଦ୍ୱାରା ସେ ଦେବତ୍ୱ ଲାଭ କରିବାକୁ ସକ୍ଷମ ହୁଏ । କିନ୍ତୁ ମନୁଷ୍ୟ ସ୍ୱାଧୀନ ହୋଇ ସୁଦ୍ଧା ଅପୂର୍ଣ୍ଣ । ଅପୂର୍ଣ୍ଣ କ୍ଷୁଦ୍ର ଜୀବ ପକ୍ଷରେ ଏପରି ସ୍ୱାଧୀନତା—ଏତେ ବଡ଼ ଉଚ୍ଚ ଅଧିକାର କି ବିଷମ ଅନର୍ଥର ମୂଳ ନୁହେଁ ? ଏହି ଶକ୍ତିର ଅପବ୍ୟବହାର କରି ପଦେ ପଦେ ବିଡମ୍ବିତ ହେବା କି ତାହା ପକ୍ଷରେ ନିତାନ୍ତ ସମ୍ଭବପର ନୁହେଁ ? ତେବେ ବିଧାତା କାହିଁକି ତାହାକୁ ଏହି ଅଧିକାର ପ୍ରଦାନ କଲେ ? ସେ କି ଏତେ ନିଷ୍ଠୁର ଯେ, ଦୁର୍ବଳ ପ୍ରାଣୀକୁ ଗୋଟିଏ ଉଚ୍ଚ ଅଧିକାର ଦେଇ ତାହାର ଦୁର୍ବଳତା ନିମିତ୍ତ ତାକୁ କଠୋର ଶାସ୍ତି ପ୍ରଦାନ କରିବେ ? ପାପ ଆଉ କଅଣ ? ସ୍ୱାଧୀନତାର ଅପବ୍ୟବହାର ପାପ ଏବଂ ମାନବାତ୍ମାର ଅପୂର୍ଣ୍ଣତା ତାହାର ମୂଳ । ସ୍ୱାଧୀନତା ଏବଂ ଅପୂର୍ଣ୍ଣତା ଦୁହେଁ ମିଳିତ ହୋଇ ମାନବାତ୍ମାରେ ପାପର ଅସ୍ତିତ୍ୱ ସମ୍ଭବ କରିଅଛନ୍ତି । ଅଥଚ ଏହି ଦୁଇଟି ତାହାର ଶ୍ରେଷ୍ଠତ୍ୱର ହେତୁ । ସ୍ୱାଧୀନ ଇଚ୍ଛା ନ ଥିଲେ ମନୁଷ୍ୟ ଓ ପଶୁ ମଧ୍ୟରେ କିଛି ମାତ୍ର ଭେଦ ନ ଥାନ୍ତା । ପୁଣି ଅପୂର୍ଣ୍ଣତା ହିଁ ତାହାର ପୂର୍ଣ୍ଣତାପ୍ରାପ୍ତିର ସୋପାନ—ମନୁଷ୍ୟ ଆପଣାର ଅପୂର୍ଣ୍ଣତା ଅନୁଭବ କରି ଅନନ୍ତକାଳ ସେହି ପୂର୍ଣ୍ଣ ଆଦର୍ଶ ଆଡ଼କୁ ଅଗ୍ରସର ହେଉଥିବ । ଏହାହିଁ ବିଧାତାଙ୍କ ବିଧାନ । ଏଣୁ ବିଧାତାଙ୍କ ହସ୍ତରେ ଆତ୍ମସମର୍ପଣ ଦ୍ୱାରା ଏହି ଉଦ୍ଦେଶ୍ୟ ସାଧିତ ହୁଏ ଏବଂ ମାନବ ଜୀବନର ସାର୍ଥକତା ଲାଭ ହୁଏ ।

ବର୍ତ୍ତମାନ ଜିଜ୍ଞାସ୍ୟ ଏହି ଯେ ତାଙ୍କୁ ଜାଣିବାର ଉପାୟ କଣ ? କେଉଁଠାରେ ମନୁଷ୍ୟ ତାଙ୍କୁ ଅନ୍ୱେଷଣ କରିବ ? କିପରି ତାଙ୍କର ଦର୍ଶନ-ଲାଭ କରିବ ? ମନୁଷ୍ୟର ଜ୍ଞାନ, ଶକ୍ତି କେତେ ? ଅତି ସାମାନ୍ୟ, ଅତି କ୍ଷୁଦ୍ର, ଅତି ତୁଚ୍ଛ ! ସେ କିପରି ସେହି ଭୂମା, ମହାନ ପରମେଶ୍ୱରଙ୍କୁ ଜାଣିବ ? ଏହାର ଉତ୍ତରରେ ଏତିକି ବୋଲିଯାଇ ପାରେ ଯେ ତାଙ୍କୁ ଜାଣିବାର ଏକମାତ୍ର ଉପାୟ ସରଳ ବିଶ୍ୱାସ ଓ ବ୍ୟାକୁଳ ପ୍ରାର୍ଥନା । ବିଶ୍ୱାସ ଅର୍ଥ କଳ୍ପନା ନୁହେଁ—ଗୋଟାଏ କିଛି ମାନି ନେବା ନୁହେଁ—ଏହା ପ୍ରତ୍ୟକ୍ଷଦୃଷ୍ଟି ଓ ପୂର୍ଣ୍ଣନିର୍ଭର । ଏହି ଦୃଷ୍ଟି ଓ ନିର୍ଭରଭାବ ଲାଭ କରିବାକୁ ହେଲେ ମନୁଷ୍ୟକୁ ଆତ୍ମଦୃଷ୍ଟିସମ୍ପନ୍ନ ହେବାକୁ ହେବ । ପୃଥିବୀର ଜଣେ ମହାଜ୍ଞାନୀ ପୁରୁଷ କହିଯାଇଅଛନ୍ତି "Know thyselt" "ଆପଣାକୁ ଜାଣ" । ଆତ୍ମଦୃଷ୍ଟିଦ୍ୱାରା ମନୁଷ୍ୟ ଦେଖିପାରେ ତାହାର କ୍ଷୁଦ୍ରଜ୍ଞାନ ସେହି ମହାଜ୍ଞାନର ଛାୟାମାତ୍ର—ତାହାର କ୍ଷୁଦ୍ରଶକ୍ତିର ପଶ୍ଚାଦ୍ଦେଶରେ ସେହି ମହାଶକ୍ତି

Digitized by srujanika@gmail.com

ବିଦ୍ୟମାନ—ତାହାର କ୍ଷୁଦ୍ର ଇଚ୍ଛାର ପାର୍ଶ୍ୱଦେଶରେ ସେହି ମହାଇଚ୍ଛା ଦଣ୍ଡାୟମାନ । କେବଳ ଏତିକ ନୁହେଁ—ମନୁଷ୍ୟ ଯେତେବେଳେ ଚରାଚର ବ୍ରହ୍ମାଣ୍ଡ ମଧ୍ୟରେ ସର୍ବତ୍ରସେହି ଶକ୍ତି,ସେହି ଜ୍ଞାନ, ସେହି ଇଚ୍ଛାର କାର୍ଯ୍ୟ ଦେଖି ସ୍ତମ୍ଭିତ ହୋଇଯାଏ । ସେତେବେଳେ ତାହାର

ଭିଦ୍ୟତେ ହୃଦୟଗ୍ରନ୍ଥିଶ୍ଛିଦ୍ୟନ୍ତେ ସର୍ବସଂଶୟାଃ ।

ଏହି ପ୍ରକାର ଆତ୍ମଦୃଷ୍ଟିଦ୍ୱାରା ସେହି ପରମପୁରୁଷଙ୍କ ପ୍ରାଚୀନ ଋଷି ସୁପବିତ୍ର ଓ ସୁଗମ୍ଭୀର ସ୍ୱରରେ ଗାଇ ଅଛନ୍ତି ।

ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରା ଯେ ଧାମାନି ଦିବ୍ୟାନି ତସ୍ଥୁଃ । ବେଦାହମେତଂ ପୁରୁଷଂ ମହାନ୍ତଂ ଆଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍ ତମେବ ବିଦିତ୍ୱାତିମୃତ୍ୟୁମେତି ନାନ୍ୟଃପନ୍ଥା ବିଦ୍ୟତେ ଅୟନାୟ ।

ଆଜି ସୁଦ୍ଧା ସେହି ଅମୃତବାଣୀ ବିଶ୍ୱାସିର ପ୍ରାଣରେ ପ୍ରବେଶକରି ନବଜୀବନ ସଞ୍ଚାର କରୁଅଛି—ନବ ଆଶାରେ ପ୍ରାଣକୁ ଉଦ୍ଭାସିତ କରୁଅଛି—କିଏ ଅଛ ଅମୃତର ପୁତ୍ର, ତାଙ୍କୁ ଲଭ କରି ମୃତ୍ୟୁର ହସ୍ତରୁ ଉଦ୍ଧାର ଲାଭ କର । ଆହା ! ହରିପଦ ଛଡ଼ା ଆଉ ଏମନ୍ତ ନିରାପଦସ୍ଥାନ କାହିଁ ? ଆଉ କେଉଁଠାରେ ପ୍ରାଣର ସକଳ ଆଶା ପରିତୃପ୍ତ ହେବ ? ସକଳ ପିପାସା ନିବୃତ୍ତ ହେବ ?

ଏହି ପ୍ରକାର ଅବସ୍ଥା ଲାଭ କଲେ, ଏହି-ପରି ପରମାତ୍ମାଙ୍କ ଦର୍ଶନ ଲାଭ କଲେ ମନୁଷ୍ୟ ଆଉ ଏ ସଂସାରରେ କୌଣସି ସ୍ଥଳରେ ଅସାମଞ୍ଜସ୍ୟ ବା ବିରୋଧ ଦେଖି ବ୍ୟାକୁଳ ହୁଏ ନାହିଁ । ତାହାର ଦୃଷ୍ଟିରେ ସଂସାରଟା ସେତେବେଳେ ପ୍ରେମମୟ ପ୍ରଭୁଙ୍କର ଲୀଳାସ୍ଥଳ, ଆନନ୍ଦମୟଙ୍କ ଆନନ୍ଦରାଜ୍ୟରୂପେ ପ୍ରତିଭାତ ହୁଏ ।

ଆନନ୍ଦାଦ୍ଧ୍ୟେବ ଖଳ୍ୱିମାନି ଭୂତାନି ଜାୟନ୍ତେ
ଆନନ୍ଦେନ ଜାତାନି ଜୀବନ୍ତି
ଆନନ୍ଦଂ ପ୍ରୟନ୍ତ୍ୟଭିସଂବିଶନ୍ତି ।

ଆନନ୍ଦମୟ ପ୍ରଭୁଙ୍କଠାରୁ ଭୂତସକଳ ଉତ୍ପନ୍ନ ହୋଇ ତାଙ୍କଦ୍ୱାରା ଜୀବିତ ରହିଅଛନ୍ତି ଏବଂ ଶେଷରେ ଆନନ୍ଦମୟ ରାଜ୍ୟରେ ପ୍ରବେଶକରି ବାସ କରୁଅଛନ୍ତି । ପ୍ରତିପ୍ରାଣରେ, ପ୍ରତିଗୃହରେ, ପ୍ରତ୍ୟେକ ଜାତି ବା ସମାଜମଧ୍ୟରେ ସେହି ପ୍ରେମମୟଙ୍କର ଲୀଳା । ପୂର୍ବେ ଯାହା ତାହାଙ୍କଠାରେ କଠୋର ବିଧି ଥିଲା ବର୍ତ୍ତମାନ ତାହା ପ୍ରେମମୟ ପ୍ରଭୁଙ୍କର ସୁମଧୁର ଆଦେଶ ବାଣୀ । ସମସ୍ତ ଘଟନା ସେହି ପ୍ରେମମୟଙ୍କର ପ୍ରେମବିଧାନଦ୍ୱାରା ନିୟମିତ ହେଉଅଛି । ଜୀବନର ସର୍ବବିଧ କାର୍ଯ୍ୟ ତାଙ୍କର ବିଧାନ, ସୁତରାଂ ସେହି ଇଚ୍ଛା ଅନୁସରଣ କରି ମନୁଷ୍ୟକୁ ଜୀବନର ସକଳ ପ୍ରକାର କର୍ତ୍ତବ୍ୟ ତାଙ୍କର ଉଦ୍ଦେଶ୍ୟରେ ସାଧନ କରିବାକୁ ହେବ । ଏଠାରେ ଆଉ ସଂସାର ଓ ଧର୍ମ ମଧ୍ୟରେ ଭାଗ ବିଭାଗ ନାହିଁ—ସମସ୍ତ କାର୍ଯ୍ୟ ଧର୍ମମୟ—ସମସ୍ତ ଜୀବନ ଧର୍ମମୟ । ଆହାର, ବିହାର, ଅଧ୍ୟୟନ, ଧନୋପାର୍ଜନ, ପରିବାରପ୍ରତିପାଳନ, ସ୍ୱଦେଶ ସେବା, ସମସ୍ତ ଧର୍ମକାର୍ଯ୍ୟ । ଜଣେ ଧର୍ମଗତପ୍ରାଣ ଜୀବିତ ସାଧୁପୁରୁଷଙ୍କର ଜୀବନର ଗୋଟିଏ ଘଟନା ଏଠାରେ ଉଲ୍ଲେଖ କରାଯାଉଅଛି । ଦିନେ ପାରିବାରିକ ଉପାସନା ସମୟରେ ପରିବାରସ୍ଥା କୌଣସି ରମଣୀ ଅନୁପସ୍ଥିତ ଥିବାର ଦେଖି ତାଙ୍କୁ ଅନ୍ୱେଷଣ କରିବାକୁ ଯାଇ ଦେଖିଲେ ଯେ ରମଣୀ ଆପଣା ସନ୍ତାନକୁ ସ୍ତନ୍ୟପାନ କରାଉ-ଅଛନ୍ତି । ତଦବସ୍ଥାରେ ବୃଦ୍ଧଙ୍କୁ ନିକଟରେ ଦେଖି ରମଣୀ ଆଗମନର କାରଣ ଜିଜ୍ଞାସା କରିବାରେ ସେ କହିଲେ, "ମୁଁ ତୁମ୍ଭକୁ ଉପାସନାସ୍ଥାନକୁ ଡାକିବାକୁ ଆସିଥିଲି—କିନ୍ତୁ ତୁମ୍ଭେତ ଉପାସନା କରୁଅଛ—ତୁମ୍ଭର ଆଉ ସେଠାକୁ ଯିବାର ପ୍ରୟୋଜନ କଣ ?" କି ସୁନ୍ଦର ଭାବ ! କି ସରଳ ବିଶ୍ୱାସ ! କି ଅମାୟିକ ଭାବ ! ଏହାହିଁ ଯଥାର୍ଥ ଧର୍ମଗତ ଜୀବନ । ଏହାହିଁ ସଂସାର ଓ ଧର୍ମର ସମ୍ମିଳନ । ମାନବ ଜୀବନରେ ଏହା ସମ୍ଭବ । ଯେଉଁ ଦୃଷ୍ଟାନ୍ତଟି ଦିଆଗଲା, ତାହା ପୁରାଣ ବା

Digitized by srujanika@gmail.com

ଇତିହାସରୁ ଉଦ୍ଧୃତ ନୁହେଁ—ଜଣେ ଜୀବିତ ସାଧୁ-ପୁରୁଷଙ୍କର ଜୀବନର ଘଟଣା । ପରମେଶ୍ୱରଙ୍କ ଉପରେ ସ୍ଥିର ଦୃଷ୍ଟି ସ୍ଥାପନ କରି ତାଙ୍କରି ଆଦେଶରେ ଯେଉଁ କାର୍ଯ୍ୟ ସାଧନ କରିବ ତାହାହିଁ ଧର୍ମକାର୍ଯ୍ୟ—ତାହାହିଁ ତୁମ୍ଭକୁ ଉର୍ଦ୍ଧ୍ୱକୁ ଉତ୍ତୋଳିତ କରିନେବ ।

ପୂର୍ବେ ଉକ୍ତ ହୋଇଅଛି ମନୁଷ୍ୟ ଅତି କ୍ଷୁଦ୍ର—ଅତି ଦୁର୍ବଳ । କାର୍ଯ୍ୟକାଳରେ ତାହାର ଇଚ୍ଛା ଓ ଶକ୍ତି ପଦେ ପଦେ ପ୍ରତିହତ ହୁଏ—ଦିବ୍ୟଜ୍ଞାନ ଓ ପ୍ରତ୍ୟକ୍ଷ ଦୃଷ୍ଟି ଲାଭ କରି ସୁଦ୍ଧା ଅପୂର୍ଣ୍ଣଶକ୍ତି ଯୋଗୁଁ ତାହାର ସମସ୍ତ ଚେଷ୍ଟା ମୁହୂର୍ତ୍ତକେ ବିଫଳ ହୋଇଯାଏ—ପରୀକ୍ଷା ଓ ପ୍ରଲୋଭନରେ ବାରମ୍ବାର ତାହାର ପଦସ୍ଖଳନ ହୁଏ । ଏ ଅବସ୍ଥାରେ ତାହାର ଏକମାତ୍ର ସହାୟ ପ୍ରାର୍ଥନା । ଦୁର୍ବଳ ଅସହାୟ ଯେ, କ୍ରନ୍ଦନ ଛଡ଼ା ତାହାର ଅନ୍ୟ ଉପାୟ କଣ ଅଛି ? ବଡ଼ ଆଶାର ସମାଚାର ! ଆମ୍ଭେମାନେ ଦୁର୍ବଳ—କିନ୍ତୁ ସେହି ଦୁର୍ବଳର ବଳ, ଅସହାୟର ସହାୟ ପ୍ରଭୁ ପରମେଶ୍ୱର ଚିରସହାୟ 'ନିକଟସ୍ଥ ସଖା'ରୂପେ ଆମ୍ଭମାନଙ୍କ ପାର୍ଶ୍ୱରେ ଦଣ୍ଡାୟମାନ—କେବଳ ଆମ୍ଭମାନଙ୍କ ଦୁର୍ବଳ ହସ୍ତ ଦିଓଟି ତାଙ୍କରି ଆଡ଼କୁ ପ୍ରସାରିତ କରି କାତରପ୍ରାଣରେ ଥରେ ଡାକିବାକୁ ହେବ—ଏହା ଛଡ଼ା ଆଉ କିଛି ନାହିଁ । ଏହାହିଁ ପ୍ରାର୍ଥନା । ଏହି ପ୍ରାର୍ଥନା ସ୍ୱର୍ଗର ଦେବତାଙ୍କୁ ନରକର କୀଟସଙ୍ଗେ ସମ୍ମିଳିତ କରେ—ଏହାରି ବଳରେ ଦୁର୍ବଳ ବଳବାନ୍ ହୁଏ—ପାପୀ ପୁଣ୍ୟାତ୍ମା ହୁଏ—ନରକ ସ୍ୱର୍ଗରେ ପରିଣତ ହୁଏ । ସତ୍ୟକଥା, ପ୍ରାର୍ଥନା ବଳରେ ଅଧ୍ୟାତ୍ମ-ରାଜ୍ୟରେ ସକଳ ଅସମ୍ଭବ ସମ୍ଭବ ହୁଏ—ସମସ୍ତ ଦୁର୍ଭାବନା ବିଦୂରିତ ହୁଏ ।

ଏତେବେଳ ପର୍ଯ୍ୟନ୍ତ ଆଲୋଚନା କରି ଆମ୍ଭେମାନେ ଯେଉଁ ସିଦ୍ଧାନ୍ତରେ ଉପନୀତ ହେଲୁଁ ତାହାର ସ୍ଥୂଳମର୍ମ ଏହି; ସଂସାରର ଦାସତ୍ୱ, ରିପୁସେବା, ଭୋଗବିଳାସ ଜୀବନର ଲକ୍ଷ୍ୟ ନୁହେଁ—ସଂସାରରୁ ଅବସୃତ ହୋଇ ନିର୍ମମ ଜୀବନ ଯାପନ କରିବା ମଧ୍ୟ ଆମ୍ଭମାନଙ୍କର ଧର୍ମ ନୁହେଁ—ମାନବଜୀବନଟା ମାୟା ବା ଛାୟା ନୁହେଁ—ଅସାର ପଶୁଜୀବନ ଯାପନ କରିବା ପାଇଁ ମନୁଷ୍ୟ ସୃଷ୍ଟି ହୋଇନାହିଁ—ଏହା ମହତ୍ ଉଦ୍ଦେଶ୍ୟପୂର୍ଣ୍ଣ—ଅନନ୍ତଙ୍କୁ ଲାଭ କରିବା, ଅନନ୍ତ ଉନ୍ନତି ପଥରେ ଅଗ୍ରସର ହେବା ଏହାର ଲକ୍ଷ୍ୟ । ଏ ସଂସାର ଧର୍ମସାଧନର ଉପଯୁକ୍ତ କ୍ଷେତ୍ର—ସଂସାରରେ ଥାଇ ଜୀବନକୁ ଧର୍ମମୟ କରିବାକୁ ହେବ—ଧର୍ମ ନିମିତ୍ତ ସଂସାର, ସଂସାର ନିମିତ୍ତ ଧର୍ମ ନୁହେ—ଜୀବନର ସର୍ବବିଧ ବ୍ୟାପାରରେ ଧର୍ମର ଆଦେଶ ଅନୁସରଣ କରି କାର୍ଯ୍ୟ କରିବାକୁ ହେବ । ଧର୍ମର ଆଦେଶ ବୁଝିବାକୁ ହେଲେ ଅଗ୍ରେ ସମଗ୍ର ପ୍ରାଣଟି ସେହି ଧର୍ମାବହ ପ୍ରଭୁଙ୍କ ହସ୍ତରେ ସମର୍ପଣ କରିବା ଆବଶ୍ୟକ । ମନୁଷ୍ୟ ଆତ୍ମଦୃଷ୍ଟି ଦ୍ୱାରା ପ୍ରଭୁ ପରମେଶ୍ୱରଙ୍କ ଦର୍ଶନ ଲାଭ କଲେ ଏ ସଂସାର ତାହା ନିକଟରେ ସେହି ପ୍ରେମମୟ ପ୍ରଭୁଙ୍କ ଲୀଳାକ୍ଷେତ୍ରରୂପେ ପ୍ରତିଭାତ ହୁଏ । ସେତେବେଳେ ତାହାର ସମସ୍ତ କାର୍ଯ୍ୟ କେବଳ ପ୍ରଭୁଙ୍କ କାର୍ଯ୍ୟ । ମନୁଷ୍ୟ ଦୁର୍ବଳ, କିନ୍ତୁ ବ୍ୟାକୁଳପ୍ରାର୍ଥନା ବଳରେ ସେ ଦୁର୍ଜୟ ବଳ ଲାଭ କରି ସକଳ ପ୍ରକାର ପରୀକ୍ଷା ଓ ପ୍ରଲୋଭନରେ ଜୟଲାଭ କରେ ଏବଂ ନିରନ୍ତର ସ୍ୱର୍ଗରାଜ୍ୟର ପଥରେ ଅଗ୍ରସର ହେବାକୁ ସକ୍ଷମ ହୁଏ । ଏହାହିଁ ବିଧାତାଙ୍କର ବିଧି—ଏହାହିଁ ମାନବଜୀବନର ମହାସମସ୍ୟା । ଏହି ସମସ୍ୟା ପୂରଣ କରିବା ପ୍ରତ୍ୟେକ ମାନବର ସର୍ବଶ୍ରେଷ୍ଠ କର୍ତ୍ତବ୍ୟ । ନତୁବା ମାନବଜୀବନ ଧାରଣ ବିଡ଼ମ୍ବନା ମାତ୍ର ।

———

Digitized by srujanika@gmail.com

# ରଙ୍ଗରସ

୧। ଦିନେ ପଣ୍ଡିତ ସଦାନନ୍ଦ ଶିରୋମଣିଙ୍କ ଗୃହରେ ହଳଧର ମିଶ୍ର ନାମକ ଜଣେ ମୂର୍ଖ ବ୍ରାହ୍ମଣ ପଣ୍ଡିତଙ୍କ ସଙ୍ଗେ କଥୋପକଥନ କରୁଅଛନ୍ତି । ଏମନ୍ତ ସମୟରେ ଗଦାଧର ବିଦ୍ୟାଭୂଷଣ ନାମକ ଅନ୍ୟ ଜଣେ ପଣ୍ଡିତ ଉପସ୍ଥିତ ହୋଇ ହଳଧରଙ୍କୁ ଲକ୍ଷ୍ୟକରି ଶିରୋମଣିଙ୍କୁ ପଚାରିଲେ "ଅୟଂ କଃ" । (ଏ କିଏ) ଶିରୋମଣି ସଂସ୍କୃତ ଭାଷାରେ ଉତ୍ତର ଦେଲେ, ପରେ ଅନ୍ୟାନ୍ୟ କଥା ହେଲା ଏବଂ ବିଦ୍ୟାଭୂଷଣ ଚାଲିଗଲେ । ହଳଧର "ଅୟଂ କଃ" ଏ କଥାର ଅର୍ଥ ବୁଝି ନ ପାରି କୌତୁହଳାକ୍ରାନ୍ତ ହୋଇ ଶିରୋମଣିଙ୍କୁ ପଚାରିଲେ "ପଣ୍ଡିତେ, "ଅୟଂ କଃ" କଥାର ଅର୍ଥ କଣ ?"

ଶିରୋମଣି—ସେ କଥାରୁ କଣ ମିଳିବ ? ତୁନି ହୁଅ ଯା, !

ହଳଧର—କାହିଁକି ?

ଶି—ସେ ବଡ଼ ମନ୍ଦକଥା । ଏପରି ଖରାପ ଗାଳି ଆଉ ନାହିଁ । କିନ୍ତୁ ପଣ୍ଡିତଲୋକ, କହିଦେଇ ପକେଇଲେଣି, ସେ କଥା ଧରିଲେ ଆଉ କଅଣ ହେବ ?

ହଳଧର—ତା ପଣ୍ଡିତପଣିଆ ତା ଘରେ ! ମୁଁ ତାକୁ ଛାଡ଼ିବି ? (ଏହା କହି ପଣ୍ଡିତଙ୍କ ପଛରେ ଊର୍ଦ୍ଧ୍ୱଶ୍ୱାସରେ ଦଉଡ଼ି) ହେ ପଣ୍ଡିତ, ତୁ 'ଅୟଂକଃ', ତୋ ବାପ 'ଅୟଂକଃ' ତୋ ସାତପୁରୁଷ 'ଅୟଂକଃ' ତୋ ଚୌଦ ପୁରୁଷ 'ଅୟଂକଃ' ତୋର ଯେ ଯେଉଁଠି ଅଛନ୍ତି ସମସ୍ତେ 'ଅୟଂକଃ' !!!!

———

୨) ଗୋଟିଏ ଗ୍ରାମରେ ଜଣେ ପଣ୍ଡିତ ଥିଲେ । ଶାସ୍ତ୍ରବାଦ ଶୁଣିବା ପାଇଁ ଗ୍ରାମର ସମସ୍ତେ ମିଳିତ ହୋଇ ତାଙ୍କୁ ବେତନ ଦେଉଥିଲେ । ସେମାନଙ୍କ ମନରେ ଧାରଣା ଥିଲା ଯେ ଉକ୍ତ ପଣ୍ଡିତଙ୍କ ପରି ଯୋଗ୍ୟଲୋକ ଆଉ ନାହିଁ । ଇତି ମଧ୍ୟରେ ସେହି କୃଷକ ଗ୍ରାମରେ ଆଉ ଜଣେ ପଣ୍ଡିତ ଆସି ଉପସ୍ଥିତ ହେଲେ । ତାଙ୍କ ସଙ୍ଗେ ଲୋକବାକ, ଜିନିଷପତ୍ର ଅନେକ । ଗ୍ରାମର ଲୋକମାନେ ଶୁଣିଲେ ଯେ ସେ ଜଣେ ଦିଗ୍‌ବିଜୟୀ ପଣ୍ଡିତ—ଅନେକ ପଣ୍ଡିତଙ୍କୁ ଶାସ୍ତ୍ରବିଚାରରେ ପରାସ୍ତ କରି ସେମାନଙ୍କର ଯଥାସର୍ବସ୍ୱ ହରଣ କରିଅଛନ୍ତି । କୃଷକମାନେ ସେମାନଙ୍କ ପଣ୍ଡିତଙ୍କ ସଙ୍ଗେ ଶାସ୍ତ୍ରବିଚାରର ଆୟୋଜନ କଲେ । ଗ୍ରାମର ମଣ୍ଡପରେ ଦିଗ୍‌ବିଜୟୀ ପଣ୍ଡିତ ବସିଅଛନ୍ତି—ଅନେକ ଲୋକ ଜମା ହୋଇଅଛନ୍ତି, ନିରୂପିତ ସମୟରେ ଗ୍ରାମର ପଣ୍ଡିତ ସଭାରେ ଉପସ୍ଥିତ ହେଲେ—ମନେ ମନେ ମହାଭୟ—ନିତାନ୍ତ ନମ୍ରଭାବରେ ପଣ୍ଡିତଙ୍କୁ ଅଭିବାଦନ କରି 'ନମସ୍କାର' ଶବ୍ଦ ଉଚ୍ଚାରଣ କଲା ମାତ୍ରକେ ଦିଗ୍‌ବିଜୟୀ ଉଚ୍ଚ ସ୍ୱରରେ କହିଲେ 'ନମସ୍କାର', 'ଧପସ୍କାର', 'ପଚସ୍କାର', 'ବଚସ୍କାର' କୃଷକମାନେ ତ ଶୁଣି ଅବାକ୍ ! ନିଗାଁର ପଣ୍ଡିତ ବିଚାର ମନେ ମନେ ପଣ୍ଡିତଙ୍କ ବିଦ୍ୟା ବୁଝିପାରି ପ୍ରମାଦ ଗଣିଲେ, କିନ୍ତୁ ପ୍ରକାଶ୍ୟରେ କିଛି କହିଲେ ନାହିଁ । କିଛିକ୍ଷଣ ପରେ ଆଗନ୍ତୁକ ପଣ୍ଡିତ ପଚାରିଲେ "ଝାମର ଝାଲିକ ଝଂମରଝାଇଁ" ଏ ଶ୍ଳୋକର ଅର୍ଥ କଣ ? ପଣ୍ଡିତ ଆଉ ଅର୍ଥ କହିବେ କଣ ? ବିନା ବିଚାରରେ ପରାଭବ ସ୍ୱୀକାର କଲେ । ତାଙ୍କର ଯଥାସର୍ବସ୍ୱ ଦିଗ୍‌ବିଜୟୀ ପଣ୍ଡିତଙ୍କୁ ପ୍ରଦତ୍ତ ହେଲା—ସେ ଏକବସ୍ତ୍ର ହୋଇ ଗ୍ରାମରୁ ବାହାରି ଗଲେ ।

ଘରେ ପଣ୍ଡିତଙ୍କର ଜଣେ ମୂର୍ଖ ଭାଇ ଥିଲା—ସେ ସମସ୍ତ କଥା ଅବଗତ ହୋଇ ତତ୍‌କ୍ଷଣାତ୍ ଜଣେ ଭୃତ୍ୟ ସଙ୍ଗରେ ଘେନି ଦିଗ୍‌ବିଜୟୀ ପଣ୍ଡିତଙ୍କ ସଙ୍ଗରେ ବିଚାର କରିବାକୁ ବାହାରିଲା । ବାଟରେ ବିଲରୁ ଟେକା ଗୁଡ଼ି

Digitized by srujanika@gmail.com

ଗୋଟାଇ ଚୋଟିଏ ଚଣ୍ଡିର କରି ଭୃତ୍ୟ ମୁଣ୍ଡରେ ଦେଲ—ଯଥା ସମୟରେ ଦୁଇଜଣ ଉକ୍ତ କୃଷକ ଗ୍ରାମରେ ପହଞ୍ଚିଲେ ଏବଂ ପଣ୍ଡିତଙ୍କ ସଙ୍ଗେ ଶାସ୍ତ୍ରବିଚାର କରିବାକୁ ପ୍ରାର୍ଥନା କଲେ । ଗ୍ରାମର ଲୋକମାନେ ମହା ଆନନ୍ଦରେ ସଭାର ଆୟୋଜନ କଲେ, ଯଥା ସମୟରେ ଉଭୟ ପଣ୍ଡିତଙ୍କର ସାକ୍ଷାତ୍ ହେଲା । ଦିଗ୍‌ବିଜୟୀ ପଣ୍ଡିତ ପ୍ରଥମେ ଅଭିବାଦନ କରି କହିଲେ ନମସ୍କାର, ଧମସ୍କାର, ପଚସ୍କାର, ବଚସ୍କାର । ତଦୁତ୍ତରରେ ଅପର ପଣ୍ଡିତ ସେହିପରି ଆଉରି ଦଶ ବାରଟା 'ସ୍କାର' ଯୋଗକରି ଅଭିବାଦନ କଲେ । ଦିଗ୍‌ବିଜୟୀଙ୍କ ମୁଖ ମଳିନ ହେଲା ! ତତ୍ପରେ ସେ ପଦ ଶ୍ଳୋକର ଅର୍ଥ ପଚାରିଲେ । ପଚାରିବା ମାତ୍ରକେ ଅପର ପଣ୍ଡିତ ଗୋଟିଏ କାନମୂଳଆ ଗୁଆଡ଼ା ଦେଇ ଗମ୍ଭୀର ସ୍ୱରରେ କହିଲେ, ମୂର୍ଖ ଅଧାଶ୍ଳୋକ ପଢ଼ୁଛୁ ?

"ଅଟକନ୍ ମଟକନ୍ ସଟକନ୍ ସାଇଁ
ଝାମରଝାଇଁ କ ଝାମରଝାଇଁ ।"

ଏତିକାରେ ଦିଗ୍‌ବିଜୟୀ ପଣ୍ଡିତ ବୁଝିପାରିଲେ ଯେ ନବାଗତ ପଣ୍ଡିତ ତାଙ୍କଠାରୁ ବଡ଼, ସୁତରାଂ ଆଉ ବାକ୍ୟବ୍ୟୟ ନ କରି ଆପଣାର ସର୍ବସ୍ୱ ଗୁଡ଼ି ବିଷଣ୍ଣ ଚିତ୍ତରେ ସେ ସ୍ଥାନରୁ ପଳାୟନ କଲେ ।

---

## ସଂକ୍ଷିପ୍ତ ସମାଲୋଚନା ।

ସମାଲୋଚନା ମାସିକପତ୍ରିକାର ବିଶିଷ୍ଟ ଅଙ୍ଗ । ସମାଲୋଚନା ବ୍ୟତୀତ ମାସିକପତ୍ର ଅସମ୍ପୂର୍ଣ୍ଣ । ଆମ୍ଭେମାନେ ଏତାବତ୍ "ଉତ୍କଳସାହିତ୍ୟ" ରେ କୌଣସି ପୁସ୍ତକର ସମାଲୋଚନା କରି ନାହୁଁ । ବର୍ତ୍ତମାନ ସେହି ଗୁରୁତର କାର୍ଯ୍ୟରେ ହସ୍ତକ୍ଷେପ କଲୁଁ । ଆମ୍ଭେମାନେ ସେହି ଗୁରୁତର ଓ ପବିତ୍ର କାର୍ଯ୍ୟ କେତେଦୂର ନିରପେକ୍ଷ ଭାବରେ ସାଧନ କରିପାରିବୁଁ ତାହା ପାଠକମଣ୍ଡଳୀଙ୍କ ଆଲୋଚନାର ବିଷୟ ହେବ । ଆମ୍ଭେମାନେ କେଉଁ ମାର୍ଗ ଅବଲମ୍ବନ କରି ଏହି ପବିତ୍ର କାର୍ଯ୍ୟ ସାଧନ କରିବୁଁ ତାହା ଏଠାରେ କହି ରଖିବାର ଉଚିତ ବୋଧ କରୁଅଛୁଁ ।

(୧) "ହରିଆରତୀ" "ବୋହୂନାଟ" ଠାରୁ "ମହାଯାତ୍ରା" ପର୍ଯ୍ୟନ୍ତ ଯେ କୌଣସି ପୁସ୍ତକ ଆମ୍ଭମାନଙ୍କର ହସ୍ତଗତ ହେବ ସେ ସକଳ ପୁସ୍ତକର ସମାଲୋଚନା କରିବାକୁ ଯେ ଆମ୍ଭେମାନେ ବାଧ୍ୟ ହେବୁଁ ତାହା ମନେ କରିବା ଭୁଲ ।

(୨) ସମାଜ, ନୀତି, ଧର୍ମ, ଶିକ୍ଷା ପ୍ରଭୃତିର ଉନ୍ନତିକଳ୍ପେ ଆମ୍ଭେମାନେ କୌଣସି ୨ ପୁସ୍ତକର ବିସ୍ତୃତ ସମାଲୋଚନା ମଧ୍ୟ କରିବୁଁ । ଏଥି ନିମିତ୍ତ କୌଣସି ପୁସ୍ତକ ବିଶେଷ ସମାଲୋଚନାର୍ଥ ଆମ୍ଭମାନଙ୍କ ନିକଟକୁ ପ୍ରେରିତ ନ ହେଲେ ମଧ୍ୟ ଆମ୍ଭେମାନେ ତହିଁର ସମାଲୋଚନାରେ ପ୍ରବୃତ୍ତ ହେବୁ ।

(୩) ଉତ୍କଳ ସାହିତ୍ୟର ପୁଷ୍ଟି ଓ ଉନ୍ନତି ନିମିତ୍ତ ଆମ୍ଭେମାନେ ସମୟ ୨ ରେ ଉତ୍କୃଷ୍ଟ ବଙ୍ଗଳା, ଇଂରାଜି ପୁସ୍ତକ ମାନଙ୍କର ସମାଲୋଚନାରେ ମଧ୍ୟ ହସ୍ତକ୍ଷେପ କରିବାକୁ ପଶ୍ଚାତ୍‌ପଦ ହେବୁ ନାହିଁ । ଏହି ଉଦ୍ଦେଶ୍ୟରେ ଆମ୍ଭେମାନେ ଉତ୍କଳସାହିତ୍ୟ ଭଣ୍ଡାରର ପ୍ରାଚୀନ ରତ୍ନମାନଙ୍କୁ ମଧ୍ୟ କାର୍ଯ୍ୟକ୍ଷେତ୍ରକୁ ଟାଣି ଆଣିବାକୁ ଭୁଲିବୁଁ ନାହିଁ ।

୧) ପାରିଜାତ ମାଳା—ଶ୍ରୀମତୀ ସୁଲକ୍ଷଣା ଦେବୀଙ୍କ ବିରଚିତ କବିତା ପୁସ୍ତକ । ରଚୟିତ୍ରୀଙ୍କର ଯୋଗ୍ୟପୁତ୍ର ଶ୍ରୀଯୁକ୍ତ ଦାମୋଦର ପଟ୍ଟନାୟକ ଗୋଟିଏ ଦୀର୍ଘ ଭୂମିକା ଲେଖି ଭକ୍ତଭାଜନ ଶ୍ରୀଯୁକ୍ତ ମଧୁସୂଦନ ରାଓ ମହାଶୟଙ୍କ ମନ୍ତବ୍ୟ ସହ ପୁସ୍ତକ ଖଣ୍ଡି ପ୍ରକାଶ କରିଅଛନ୍ତି । ଏଥିରେ 'ବଡ଼ଦେଉଳ

Digitized by srujanika@gmail.com

ରଚନା,', ଛତ୍ରଭୁର ବର୍ଣ୍ଣନା' ଓ 'ଦୀନବନ୍ଧୁ କୋଇଲ' ଏହି କେତୋଟି କବିତା ଏବଂ ଶେଷରେ କେତେଗୋଟି ଜଣାଣ ସନ୍ନିବେଶିତ ହୋଇଅଛି । ଆମ୍ଭେମାନେ ପୁସ୍ତକ ଖଣ୍ଡି ପାଠ କରି ଅତ୍ୟନ୍ତ ପ୍ରୀତ ହୋଇଅଛୁଁ । ଦାମୋଦର ବାବୁ ଭୂମିକାରେ ସୁଲକ୍ଷଣା ଦେବୀଙ୍କର ପବିତ୍ର ଜୀବନର ଯେଉଁ ଚିତ୍ର ଦେଇଅଛନ୍ତି, "ପାରିଜାତ ମାଳା"ର ପ୍ରତ୍ୟେକ ପୃଷ୍ଠାରେ ତାହାର ଆଭାସ ମିଳୁଅଛି । କବିତା ଗୁଡ଼ିକ ଯଥାର୍ଥରେ "ଶୁଦ୍ଧସତ୍ତ୍ୱଭାବରେ ପରିପୂର୍ଣ୍ଣ, ନିର୍ମଳ ଧର୍ମାନୁରାଗଦ୍ୱାରା ଅନୁପ୍ରାଣିତ, ସରଳ ବିଶ୍ୱାସ ଓ କୋମଳ ପ୍ରୀତିର ସ୍ୱର୍ଗୀୟ ସୌରଭରେ ପ୍ଲାବିତ" । ସୁଲକ୍ଷଣା ଦେବୀ 'ଗୃହଶାଳୀ'ର ସାମାନ୍ୟ ଶିକ୍ଷା ପ୍ରାପ୍ତା ଅନ୍ତଃପୁରନିବାସିନୀ ହିନ୍ଦୁରମଣୀ ହୋଇ ସୁଦ୍ଧା ଯେଉଁ ମଧୁର ପଦାବଳୀ ଗାଇଅଛନ୍ତି, ତାହା ସ୍ୱଭାବୋକ୍ତିରେ ପରିପୂର୍ଣ୍ଣ ଏବଂ ତାଙ୍କର ସ୍ୱାଭାବିକ କବିତ୍ୱଶକ୍ତିର ପରିଚାୟକ ଅଟେ । ସ୍ଥାନେ ୨ ଯେପରି ନୂତନ କଳ୍ପନା ଓ ଅଳଙ୍କାରର ସମାବେଶ ହୋଇଅଛି ଓ ବର୍ଣ୍ଣନା ଯେପରି ମଧୁର ହୋଇଅଛି, ତାହା ଯେ କୌଣସି ଉଚ୍ଚଶ୍ରେଣୀର କବିପକ୍ଷରେ ଗୌରବାବହ ହୁଅନ୍ତା । 'ପାରିଜାତ ମାଳା'ର ବହୁଅଂଶ ଉଦ୍ଧାରଯୋଗ୍ୟ;ମାତ୍ର ସ୍ଥାନାଭାବ। ତଥାପି କେତେକ ସ୍ଥଳ ପାଠକମାନଙ୍କୁ ଉପହାର ନ ଦେଇ ରହି ପାରିଲୁ ନାହିଁ ।

ବଡ଼ଦେଉଳର ବାନାକୁ ଲକ୍ଷ୍ୟକରି କବି କହିଅଛନ୍ତି ।

ନୀଳଚକ୍ରରେ　　ଯେଉଁ ବାନା ଉଡ଼ୁଛି
　　ପାପିଙ୍କି ଡ଼ାକୁଛି ସେହି
ଆସ ଆସ ଜନେ　　ଶରଣ ପଶିବ
　　ଶମନଙ୍କୁ ଭୟ ନାହିଁ ।

ବସନ୍ତ ବର୍ଣ୍ଣନାରେ'—

　　ଡାଳଫଳ କାନ୍ଧି କାନ୍ଧି ହୋଇଲା,
　　ଛବି ପ୍ରାୟ ପରି ଶୋଭା ପାଇଲା ।

ଅନ୍ୟତ୍ର:—

　　ଶିରୀଷ କୁସୁମ ବୃକ୍ଷରେ ଅଛି,
　　ଝରି ଝୁମ୍ପା ପ୍ରାୟ ଶୋଭା ଦିଶୁଛି ।

ଗ୍ରୀଷ୍ମ ବର୍ଣ୍ଣନାରେ:—

ସର୍ପ ପାଣି ଖାଇ ଚଲେ　ଲେଉଟି ଆସିବାବଳେ
　　ତପତ ବାଲିରେ ପୋଡ଼ି ରହିଲରେ,
ମୃତକଙ୍କୁ ଯେଉଁ ପରି　ଜଳ ଦେଉଛନ୍ତି ହରି
　　ସେହିପରି ଦିଅ, କେହି କହିଲେରେ

ବର୍ଷା ବର୍ଣ୍ଣନାରେ:—

ହଂସ ହଂସାଳୀ　　ଜଳେ କଲେ କେଳି
　　ଗେଲ୍ହାଇ ଗେଲ୍ହାଇ ହୋଇ,
ରସାଇ ରସାଇ　　ଜଳରେ ଝସାଇ
　　କ୍ଷଣକେ ଉଠି ବୁଡ଼ଇ ।
ଗୋଲାପ ଫୁଟିଲା　　ବାସ ଚହଟିଲା
　　ଭ୍ରମରେ ହୋଇଲେ ମତ୍ତ,
ପୁଷ୍ପବନ୍ତୁ ଧୀରେ　　ପାଖୁଡ଼ା ଖସଇ
　　ମହୀଦେବୀ ପୂଜା ସତ ।

ଏକ ସ୍ଥାନରେ ଅଛି—

ବରଷା ଋତୁକୁ　　ଯେତେ ରଚିଥିବ
　　ରଚନା ନୋହିବ ଶେଷ
କବି ସତ ମିଛ　　ମିଶାଇ ଲେଖନ୍ତି
　　ମୋ ଗ୍ରୁର ଜାଣିବ କିସ ?

ଯଥାର୍ଥରେ ସୁଲକ୍ଷଣା ଦେବୀ 'ସତ ମିଛ ମିଶାଇ' ଲେଖିବାକୁ ଶିଖି ନାହାନ୍ତି । ତାଙ୍କର ସରଳ ଦୃଷ୍ଟି ନିକଟରେ ଜଡ଼ ଜୀବ ସମସ୍ତେ କବିତ୍ୱପୂର୍ଣ୍ଣ ହୋଇ ପ୍ରତିଭାତ ହୋଇଅଛନ୍ତି—ସେ କେବଳ ସରଳ ହୃଦୟର ଉଚ୍ଛ୍ୱାସ ସରଳଭାବରେ ବ୍ୟକ୍ତ କରି ଅଛନ୍ତି । ସେହି ସରଳ ପ୍ରାଣର 'ବିନୟପୂର୍ଣ୍ଣ ଉକ୍ତି ଶୁଣନ୍ତୁ.—

ବିଷ୍ଣୁଭକ୍ତଜନେ　　ଯେମନ୍ତ ଉଦ୍ଧାର
　　ପାପିଜନଙ୍କୁ କରନ୍ତି,
ଧର୍ମଭାଗ ଦେଇ　　ପାତକ ଛଡ଼ାଇ
　　ବୈକୁଣ୍ଠେ ନେଇ ରଖନ୍ତି ।

Digitized by srujanika@gmail.com

ସୁଖୀ ଜନଙ୍କର     ବଶ୍ୟର ହୋଇଲେ
ପଛରେ ଚଳିବ ଏହି,
କ୍ଷମତା ଲୁହାଇ     ଆଗେ ଚଳିବାକୁ
ରଖିଦେଲେ ଥିବ ରହି ।

ଶରତ ବର୍ଣ୍ଣନାରେ:—
ବୃକ୍ଷ ଗହଳେ ଚନ୍ଦ୍ରଛାଇ ମିଶି,
ମୃଗଚର୍ମ ପ୍ରାୟେ ମହି ଦିଶି ।

ଅନ୍ୟତ୍ର:—
ଶରଦ ତୁଳସୀ ବଡ଼ ଦୁର୍ଲ୍ଲଭ,
ପତ୍ର କଳା, ମଞ୍ଜରୀ ଶୁକ୍ଳପ୍ରଭ ।
ରାଧାକୃଷ୍ଣ ପ୍ରାୟ ଦିଶଇ ଶୋଭା,
ଚାହିଁଲେ ମନ ନେତ୍ର ହୁଏ ଲୋଭା ।

ଅଗସ୍ତି ଫୁଲର ଉପମାରେ:—
ବ୍ୟାଘ୍ରନଖ ପଦକ ପ୍ରାୟେ ସେହି
ପ୍ରଭୁହୃଦୟକୁ କି ଶୋଭା ପାଇ ।

ଉପମାଗୁଡ଼ିକ କବିଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଆଉ ଅଧିକ ଉଦ୍ଧାର କରିବାର ସ୍ଥାନ ଆମ୍ଭମାନଙ୍କର ନାହିଁ—ପ୍ରୟୋଜନ ମଧ୍ୟ ନାହିଁ । ପୁସ୍ତକର ଅଧିକାଂଶ ବର୍ଣ୍ଣନା ଏହିପରି ସରଳ ଓ ମଧୁର । 'ଜଣାଣ' ଗୁଡ଼ିକ ଭକ୍ତର ପୂର୍ଣ୍ଣ ଉଚ୍ଛ୍ୱାସ । "ଦୀନବନ୍ଧୁ କୋଇଲି" ସୁକୋମଳ ନାରୀହୃଦୟର ମର୍ମଭେଦୀ ଶୋକୋଚ୍ଛ୍ୱାସ । ଦୀନବନ୍ଧୁ ମହୀନ୍ଦ-ବାହାଦୁରଙ୍କ ପରଲୋକ ଗମନ ସୁଲକ୍ଷଣାଙ୍କ ହୃଦୟର କେତେ ଗଭୀର ପ୍ରଦେଶକୁ ଆଲୋଡ଼ିତ କରିଥିଲା, ତାହା କବିତାପାଠରେ ସହଜରେ ଅନୁମିତ ହେଉଅଛି ।

ଆମ୍ଭେମାନେ ପାରିଜାତ ମାଳାର କେବଳ ଗୁଣର ଆଭାସ ଦେଲୁ—ଦୋଷର କଥା କହିବା ନିଷ୍ପ୍ରୟୋଜନ । ଯଥାର୍ଥ ସମାଲୋଚକଚକ୍ଷୁରେ ଦେଖିଲେ, ପାରିଜାତମାଳା ଯେପରି ଗୁଣର ଆକାର ସେହିପରି ଦୋଷର ଖଣି । କିନ୍ତୁ ସୁଲକ୍ଷଣା ଦେବୀଙ୍କର ଶିକ୍ଷା ଓ ଅବସ୍ଥା ବିବେଚନାରେ ସେଗୁଡ଼ିକ ଧର୍ତ୍ତବ୍ୟ ନୁହେଁ । ଆମ୍ଭେମାନେ ମୁକ୍ତ କଣ୍ଠରେ କହିପାରୁଁ ପାରିଜାତମାଳା ପାଠରେ କାହାରି ଅର୍ଥ ଓ ସମୟର ବ୍ୟୟ ନିଷ୍ଫଳ ହେବ ନାହିଁ । ଦାମୋଦର ବାବୁ ଜନନୀ ଦେବୀଙ୍କର କବିତା ଗୁଡ଼ିକ ପୁସ୍ତକାକାରରେ ପ୍ରକାଶ କରି ଉତ୍କଳ ସାହିତ୍ୟର ବିଶେଷ ଉପକାର ସାଧନ କରିଅଛନ୍ତି—ଆମ୍ଭେମାନେ ତାଙ୍କୁ ଅନ୍ତରର ସହିତ ଧନ୍ୟବାଦ ଦେଉଅଛୁଁ ।

୨) ଜୀବନସଙ୍ଗୀତ:—ଶ୍ରୀଯୁକ୍ତ ଅନଙ୍ଗମୋହନ ଚକ୍ରବର୍ତ୍ତୀଙ୍କ ପ୍ରଣୀତ । ଏଥିରେ ସାତ୍ତ୍ୱିକଭାବର ନାନା ରାଗରାଗିଣି ଯୁକ୍ତ ପ୍ରାୟ ୪୦ଟି ସଙ୍ଗୀତ ଅଛି । ସଙ୍ଗୀତ ସାହିତ୍ୟର ଗୋଟିଏ ଅତି ଉତ୍କୃଷ୍ଟ ଅଙ୍ଗ—ଏହା ଯେପରି ନୀରସ କଠିନ ପ୍ରାଣକୁ ଦ୍ରବୀଭୂତ କରେ—ନିରାଶ ଅବସନ୍ନ ପ୍ରାଣରେ ଯେପରି ଜୀବନୀଶକ୍ତି ସଞ୍ଚାର କରେ ସେପରି ଅନ୍ୟ କାହିଁରେ ସହଜରେ ହୁଏ ନାହିଁ । ସଙ୍ଗୀତର ମାହାତ୍ମ୍ୟ ବୁଝାଇ ଦେବା ପାଇଁ ଅନଙ୍ଗ ବାବୁ ଗୋଟିଏ ଅତି ଦୀର୍ଘ ଓ ଆଡ଼ମ୍ବରପୂର୍ଣ୍ଣ ସୂଚନା ଲେଖିଅଛନ୍ତି । ସୂଚନାର ଏକ ସ୍ଥାନରେ ଲେଖାଅଛି "ଅଶ୍ଳୀଳ ବୃତ୍ତି" (?) ବିଶେଷକୁ ଅବଲମ୍ବନ କରି କୌଣସି ୨ ସଙ୍ଗୀତ ବିରଚିତ ହୋଇଥିବାରୁ ସୁରୁଚିଧ୍ୱଜ ପାଠକମାନେ ବିରକ୍ତ ହୋଇ ପାରନ୍ତି ଏହାପରେ ଗୋଟିଏ ଦୀର୍ଘ କୈଫିୟତ ! ଏହାକୁ କହନ୍ତି ଉପରେ ପଡ଼ି କଳି କରିବା । ଆମ୍ଭେମାନେ ପଚାରୁଁ "ବୃତ୍ତିକୁ" 'ଅଶ୍ଳୀଳ' କିଏ କେଉଁ ଯୁଗରେ କହିଥିଲା ? ବିନା କାରଣରେ ବ୍ୟକ୍ତି ବିଶେଷ ବା ଦଳବିଶେଷ ଉପରେ ଏପରି କଟାକ୍ଷପାତ କାହିଁକି ? ଦୁଃଖର ବିଷୟ ଏପରି ଅମାନ ନତ୍ତ କଳି କରିବା ବା ବିନା କାରଣରେ ତୀବ୍ର କଟାକ୍ଷପାତ କରିବା କାହାରି ୨ ଅଭ୍ୟାସ ଓ ଅତି ପ୍ରିୟକାର୍ଯ୍ୟ ହୋଇ ପଡ଼ିଛି । ସେ ଦିନ ଦେଖିଲୁଁ, ଜଣେ ଲେଖକ ଶିଳ୍ପର କଥା ଲେଖୁଁ ୨ ନିତାନ୍ତ ଅପ୍ରାସଙ୍ଗିକ ଭାବରେ ବାତୁଳ ପରି ଏଣୁ ତେଣୁ ଗୁଡ଼ାଏ ବକି ଏକ ଶ୍ରେଣୀର ଲୋକଙ୍କ ପ୍ରତି

Digitized by srujanika@gmail.com

ଚିରପୋଷିତ ବିଦ୍ୱେଷ ବିଷ-ଉଦ୍‌ଗୀରଣ କରି ଅଛନ୍ତି ! ସେ ଯାହାହେଉ, ଅନଙ୍ଗବାବୁଙ୍କର ସଙ୍ଗୀତ ଗୁଡ଼ିକ ସଦ୍ଭାବ ପୂର୍ଣ୍ଣ । ଏଥିରେ ସଂଶୟ ନାହିଁ । ରଚନା ସରଳ ଓ ମଧୁର । ବିଶେଷରେ ଏହା ବାଳକ ଓ ଯୁବକମାନଙ୍କ ପକ୍ଷରେ ଅତ୍ୟନ୍ତ ଉପଯୋଗୀ ହୋଇଅଛି । ସ୍ଥାନେ ୨ ସାମାନ୍ୟ ଭାଷାଦୋଷ ଲକ୍ଷିତ ହେଲା । ଯେପରି "ଯାଚନେ ପୋଡ଼ି", "ଦୟାର ହରି", "ଭଲ ବାସି", "ନିର୍ଝରିଣୀ ତୃଷିତପିପାସୁ ମମ""ଗୁଣୁ ଝୁଣୁ ଝୁଣୁ ସ୍ୱନ" "ବ୍ରହ୍ମଶାପେ ଶାପଗ୍ରସ୍ତ" ଇତ୍ୟାଦି । କୌଣସି ୨ ସ୍ଥଳରେ ବଙ୍ଗଳା ବ୍ରହ୍ମସଙ୍ଗୀତର କୌଣସି ୨ ପଂକ୍ତିର ସୁସ୍ପଷ୍ଟ ଅନୁବାଦ ସଙ୍ଗୀତ ମଧ୍ୟରେ ସନ୍ନିବେଶିତ ହୋଇଅଛି । ଏ ସମସ୍ତ ସାମାନ୍ୟ ତ୍ରୁଟି ସତ୍ତ୍ୱେ "ଜୀବନ ସଙ୍ଗୀତ" ଯେ ଓଡ଼ିଆ ଭାଷାରେ ଖଣ୍ଡିଏ ଉପାଦେୟ ପୁସ୍ତକ, ଏ କଥା ଆମ୍ଭେମାନେ ମୁକ୍ତ କଣ୍ଠରେ ସ୍ୱୀକାର କରୁଅଛୁଁ । ପୁସ୍ତକଖଣ୍ଡି ବିତରଣ ଉଦ୍ଦେଶ୍ୟରେ କାଉପୁରର ପରଲୋକଗତ ଦାନଶୀଳ ଜମିଦାର ରାୟ ଗୋବିନ୍ଦବଲ୍ଲଭ ରାୟ ମହାଶୟ ବାହାଦୁରଙ୍କ ଆନୁକୂଲ୍ୟରେ ପ୍ରକାଶିତ ହୋଇଥିଲା ।

କ୍ରମଶଃ—

# ଉତ୍କଳ ସାହିତ୍ୟ

## ଯୋଗ ଶାସ୍ତ୍ର । *

(ପାତଞ୍ଜଳ ଦର୍ଶନ)

ଅତି ପ୍ରାଚୀନ କାଳରୁ ଭାରତବର୍ଷରେ 'ଯୋଗ' ଏହି ଶବ୍ଦ ପ୍ରଚଳିତ ଅଛି । ହିନ୍ଦୁ ମାତ୍ରକେ ଯୋଗର ମହାତ୍ମ୍ୟ ବିଶ୍ୱାସ କରନ୍ତି । ଯୋଗ ବଳରେ ପୂର୍ବତନ ମହର୍ଷିମାନେ ଯେ ସହସ୍ର ସହସ୍ର ବର୍ଷ ଜୀବିତ, ଗଗନଗାମୀ ପ୍ରାଣୀମାନଙ୍କ ସହିତ ମିଳିତ ଏବଂ ଅନ୍ୟ ଲୋକର ହୃଦ୍‌ଗତ-ଭାବ ଜାଣିବାକୁ ସକ୍ଷମ ହେଉଥିଲେ, ଏଥିର ପ୍ରଚୁର ପ୍ରମାଣ ବିଦ୍ୟମାନ ରହିଅଛି । ଆଜି କାଲି କୌଣସି ୨ ଯୋଗୀ ବିନା ଅନ୍ନଜଳରେ ମାସେ ଯାଏ ମାଟିତଳେ ରହିଥିବାର ଶୁଣାଯାଏ । ଲାହୋର ସହରରେ ଏପରି ଜଣେ ଫକୀରକୁ ତତ୍ରତ୍ୟ ବଡ ବଡ ସାହେବମାନେ ପ୍ରତ୍ୟକ୍ଷ କରିଥିବାର ଆମ୍ଭେମାନେ ସମ୍ବାଦ ପତ୍ରିକାରେ ପାଠ କରିଅଛୁଁ । ବଙ୍ଗଦେଶର ପୂର୍ବପାନ୍ତସ୍ଥିତ ସୁନ୍ଦରବନ ଜମି ଆବାଦସମୟରେ ମାଟିମଧ୍ୟରୁ ଜଣେ ଯୋଗୀ ବାହାରିଥିଲେ; ତାହାଙ୍କୁ କଲିକତା ଉପକଣ୍ଠ ଖିଦିରପୁର ନାମକ ସ୍ଥାନକୁ ଅଣାଯାଇଥିଲା । ସେ ସ୍ଥାନରେ ଉକ୍ତ ମହାତ୍ମା ୩ ଦିନ ମାତ୍ର ଜୀବିତ ଥିଲେ । ଅନେକ ଯତ୍ନରେ ତାହାଙ୍କର ଯୋଗ ଭଗ୍ନ କରାଗଲା ଉତ୍ତାରେ ପ୍ରାଣତ୍ୟାଗ କଲେ । ଆମ୍ଭେମାନେ ଗୋଟିଏ ଯୋଗୀଙ୍କୁ ଦେଖିଅଛୁଁ ସେ ଏକମାସ କାଳ ଅତି ସଙ୍କୀର୍ଣ୍ଣ ଗୁମ୍ଫା ମଧ୍ୟରେ ବିନା ଅନ୍ନ ଜଳରେ ବାସ କରୁଥିଲେ । ୭୦ ବର୍ଷ ସମୟରେ ସେ ଯୁବକ ସମାନ ପ୍ରତୀୟମାନ ହେଉଥିଲେ । ମୟୂରଭଞ୍ଜର ସୀମାନ୍ତସ୍ଥାନ କାନ୍ଥି ମଠରେ ବୋଧକରୁଁ ଅଦ୍ୟାବଧି ତାହାଙ୍କର ମଠ ବିଦ୍ୟମାନ ଅଛି ।

ଯୋଗିମାନେ ଅନ୍ୟଲୋକର ମନର ଭାବ ଜାଣିବାକୁ ସକ୍ଷମ ହୁଅନ୍ତି । ଏହା ଅସମ୍ଭବ ବୋଲି ଆମ୍ଭମାନଙ୍କୁ ଜଣା ଯାଉନାହିଁ । ସଚରାଚର ଆମ୍ଭେମାନେ ଅନ୍ୟ ଲୋକର ନେତ୍ର ଦେଖି ସେହି ଲୋକର ମନର ଭାବ ଜାଣିବାକୁ ସକ୍ଷମ ହେଉଁ । ଜଣେ ହିନ୍ଦୁସ୍ଥାନୀ ପଣ୍ଡିତ ବୋଲି ଯାଇଅଛନ୍ତି—

"ଯୋଗୀକା ଭୋଗୀକା ରୋଗୀକା ନିଶାନ୍
ଆଁଖସେ ଜାନ ଆର ଆଁଖସେ ପହ୍ଚାନା"

ସେହିପରି ଜଣେ ଇଂରେଜ ପଣ୍ଡିତ ମଧ୍ୟ କହିଅଛନ୍ତି—The face is an index of the mind ଅପରିଚିତ ଲୋକର ନୟନଭଙ୍ଗୀ ଦେଖି ସେହି ଲୋକର ମନର ଭାବ ଅଳ୍ପାଧିକ ପରିମାଣରେ ସମସ୍ତେ ବୁଝିବାକୁ ସକ୍ଷମ ହୁଅନ୍ତି । ଏମନ୍ତ କି ଗୋଟିଏ ଶିଶୁକୁ ଆଖି ଘୂରାଇ ଚାହିଁ, ସେ କାନ୍ଦି ପକାଇବ ଏମନ୍ତ ଅବସ୍ଥାରେ ମନୋବିଜ୍ଞାନବିତ୍ ଯୋଗୀମାନେ ହୃଦଗତ ଭାବ ଯେ ବିଶେଷ ରୂପେ ଜାଣିବାକୁ ସକ୍ଷମ ହେବେ, ଏଥିରେ ବିଚିତ୍ର କ'ଣ ଅଛି ? ଆମ୍ଭେମାନେ ଏ ସମ୍ବନ୍ଧରେ ଦୁଇଗୋଟି ପୌରାଣିକ ଉପାଖ୍ୟାନ ଏଠାରେ ଉଲ୍ଲେଖ କରୁଅଛୁଁ ।—

"ଯୋଗିନୀ ସୁଲଭା ଶୁଣିଲେ ରାଜର୍ଷି ଜନକ ଜଣେ ମୁକ୍ତ ପୁରୁଷ ଓ ପରମ ଯୋଗୀ । ଏହା

* ଏହି ପ୍ରବନ୍ଧଟି ଅତ୍ୟନ୍ତ ଦୀର୍ଘ ହେବାର ସମ୍ଭାବନା—ବିଷୟଟି ଗୁରୁତର । ପ୍ରବନ୍ଧ ଶେଷହେଲେ ସେ ସମ୍ବନ୍ଧରେ ଆମ୍ଭମାନଙ୍କର ମତ ବ୍ୟକ୍ତ କରିବାର ବାସନା ରହିଲା । ଉଃ ସାଃ ସଃ ।

Digitized by srujanika@gmail.com

ପ୍ରତ୍ୟକ୍ଷ କରିବା ନିମନ୍ତେ ସେ ସ୍ୱୟଂ ମିଥିଳା ନଗରୀରେ ଉପସ୍ଥିତ ହେଲେ । ତହିଁ ଉତ୍ତାରେ ଆପଣାର ବୁଦ୍ଧିମତ୍ତା ଯୋଗେ ରାଜାଙ୍କ ଅନ୍ତଃକରଣରେ ପ୍ରବେଶ କଲେ । ଅର୍ଥାତ୍ ଆପଣାର ଦୁଇନେତ୍ର ରାଜାଙ୍କ ଦୁଇ ନେତ୍ର ଅଭିମୁଖରେ ଠିକ୍ ସମ ସୂତ୍ରପାତରେ ସ୍ଥାପନ କରି ଉଭୟ ନେତ୍ରଶକ୍ତି ସଂଯୋଗଦ୍ୱାରା ତାହାଙ୍କ ଆତ୍ମାକୁ ଯୋଗରୂପରେ ବନ୍ଧନ କରିବାକୁ ଲାଗିଲେ । ରାଜର୍ଷି ଜନକ ମଧ୍ୟ ଏହା ଦେଖି ସୁଲଭାଙ୍କ ଅଭିପ୍ରାୟ ଜାଣିବାକୁ ଉତ୍ସୁକ ହେଲେ । ଆଉ ଗୋଟିଏ ଘଟଣା ଏହି କି—

ପୂର୍ବକାଳରେ ଜଣେ ଋଷି ଶିଷ୍ୟ ପ୍ରତି ଅଗ୍ନି ସେବାର ଭାର ଅର୍ପଣ କରି ପ୍ରବାସ ଯାତ୍ରା କରିଥିଲେ । କିଛିକାଳ ଉତ୍ତାରେ ଅଗ୍ନିଦେବ ସନ୍ତୁଷ୍ଟ ହୋଇ ଶିଷ୍ୟଙ୍କୁ ବ୍ରହ୍ମଜ୍ଞାନ ଉପଦେଶ ଦେଲେ । ତହିଁ ଉତ୍ତାରେ ଗୁରୁଦେବ ଗୃହାଗତ ହୋଇ ଦେଖିଲେ ଶିଷ୍ୟର ମୁଖଜ୍ୟୋତି ଓ ନେତ୍ରକାନ୍ତିରେ ଆଉ ଅଜ୍ଞାନ ଭାବ ନାହିଁ । ଋଷି ବିସ୍ମୟଯୁକ୍ତ ହୋଇ ଶିଷ୍ୟଙ୍କୁ ପଚାରିଲେ ।

"କଥଂସୌମ୍ୟ ବ୍ରହ୍ମବିଦିବ
ଭାସତେ ତେମୁଖଂ ।"

ମନୁଷ୍ୟ ଅନ୍ତଃକରଣର ଭାବ ଓ ଇଚ୍ଛାଶକ୍ତି ସକଳ ନେତ୍ରମାର୍ଗ ଦ୍ୱାରା ବହିର୍ଗତ ହୁଏ । ସେଥି ସକାଶେ ବିଜ୍ଞ ଲୋକମାନେ ନେତ୍ର ମାତ୍ର ଦେଖି ହୃଦଗତ ଭାବ ସକଳ ଜାଣିବାକୁ ସକ୍ଷମ ହୁଅନ୍ତି ।

ଯେଉଁ ବିଦ୍ୟାଦ୍ୱାରା ନେତ୍ର ନିରୀକ୍ଷଣ କରି ମନୁଷ୍ୟ ମନର ଭାବ ଜଣାଯାଏ ତାହାର ନାମ ଚକ୍ଷୁର୍ବିଦ୍ୟା । ଯୋଗୀମାନେ ଉଚ୍ଚକ୍ଷମତା ଲାଭ ନିମନ୍ତେ ଦୃଷ୍ଟିବିଜ୍ଞାନ ଅର୍ଥାତ୍ ଚକ୍ଷୁର୍ବିଦ୍ୟା ଶିକ୍ଷା କରିଥାଆନ୍ତି । ଯୋଗଶାସ୍ତ୍ରରେ ତ୍ରାଟକ ନାମକ ଯେଉଁ ଯୋଗର ଉଲ୍ଲେଖ ଅଛି, ତାହା ଏହି ଦୃଷ୍ଟିବିଜ୍ଞାନ ବା ଚକ୍ଷୁର୍ବିଦ୍ୟାର ଗୋଟିଏ ଶାଖା ଅଟେ । ଦୃଷ୍ଟିଶକ୍ତି ପ୍ରସାରଣ, ସୂକ୍ଷ୍ମତମ ବସ୍ତୁ ଦର୍ଶନ, ସିଦ୍ଧ ଗନ୍ଧର୍ବାଦି ଅମାନବ ପ୍ରାଣୀମାନଙ୍କ ସାକ୍ଷାତ୍ ଏବଂ ଚକ୍ଷୁର ଜ୍ୟୋତି ସ୍ୱାୟତ୍ତ କରିବା ନିମନ୍ତେ ଯୋଗୀମାନେ ପ୍ରଥମରେ ତ୍ରାଟକ ଯୋଗ ଶିକ୍ଷା କରିଥାଆନ୍ତି । ତ୍ରାଟକଯୋଗ ଶିକ୍ଷା ନିମନ୍ତେ ଶାସ୍ତ୍ରକାରମାନେ ଏହିପରି ଉପଦେଶ ଦେଇଅଛନ୍ତି କି "ଗୋଟିଏ ନେତ୍ରତୃପ୍ତିକର ଜ୍ୟୋତିବିଶିଷ୍ଟ (ଧାତୁ କିମ୍ବା ପାଷାଣ ନିର୍ମିତ) ପଦାର୍ଥକୁ ସମ୍ମୁଖରେ ରଖିବ ଏବଂ ଯୋଗାସନରେ ବସି କେବଳ ଏକ ଧ୍ୟାନରେ ସେହି ପଦାର୍ଥକୁ ଚାହିଁ ରହିବ । ଚକ୍ଷୁରେ ଜଳ ପରିପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଚାହିଁ ରହିଥିବ, ଯେପରି ଶରୀର ଦୋହଲିବ ନାହିଁ, ପଲକ ପଡ଼ିବ ନାହିଁ ମନ ବିଚଳିତ ହେବ ନାହିଁ । ଏହି ନିୟମରେ କିଛିକାଳ ଲକ୍ଷ୍ୟ ପଦାର୍ଥକୁ ଚାହିଁ ରହିଲେ ଦୃଷ୍ଟିଶକ୍ତି ବୃଦ୍ଧିପ୍ରାପ୍ତ, ଚକ୍ଷୁର ଦୋଷ ସମସ୍ତ ନଷ୍ଟ ଏବଂ ନିଦ୍ରା ତନ୍ଦ୍ରାଦି ସ୍ୱାଧୀନ ହୁଏ । ଯୋଗୀମାନେ ଦୀର୍ଘକାଳ ପର୍ଯ୍ୟନ୍ତ ଅନିଦ୍ରାରେ ରହିପାରନ୍ତି । ଅର୍ଜ୍ଜୁନ ଗୁଡ଼ାକେଶ ଅର୍ଥାତ ନିଦ୍ରାବିଜୟୀ ଥିଲେ । ପରମଯୋଗୀ ଲକ୍ଷ୍ମଣ ବନବାସ କାଳରେ ଚତୁର୍ଦ୍ଦଶ ବର୍ଷ ଶୋଇ ନ ଥିଲେ । ଏକଥା ଅବିଶ୍ୱାସ କରିବାର ଆମ୍ଭେମାନେ କାରଣ ଦେଖୁନାହୁଁ । ଶାଳଗ୍ରାମ ଶିଳା ଓ ଧାତୁନିର୍ମିତ ମୂର୍ତ୍ତି ଆଗରେ ରଖି ପୂଜା କରିବାର ପଦ୍ଧତି ଯେ ପ୍ରଚଳିତ ଅଛି ସେଥିର ମୂଳକାରଣ ତ୍ରାଟକଯୋଗ ଶିକ୍ଷା । ମାତ୍ର ମୂଳ କାରଣ ଲୋକମାନେ ପାସୋରି ଦେଲେଣି । ତଦ୍ଧେନ୍ୟ ଜ୍ଞାନ ନ ଥିବାରୁ ଶାଳଗ୍ରାମ ଶିଳା ଏବଂ ଧାତୁମୟ ମୂର୍ତ୍ତି ପୂଜା ସମସ୍ତେ ନିଷ୍ଠିତ ରହୁଅଛନ୍ତି । ଆଜିକାଲି ପୂଜା ମଧ୍ୟ ତ୍ରାଟକ ଫଳରୁ ବଞ୍ଚିତ ହେବା ଅବଶ୍ୟ ପରିତାପର କଥା । ତ୍ରାଟକ ଯୋଗ ଶିକ୍ଷା ନିମନ୍ତେ ଆହୁରି ମଧ୍ୟ କେତୋଟି ବିଧି ଯୋଗଶାସ୍ତ୍ରରେ ଉଲ୍ଲେଖ ଥିବାର ଦେଖାଯାଏ । ପ୍ରଚଣ୍ଡ ଖରବେଳେ ଆପଣ ଛାୟାକୁ ଲକ୍ଷକରି ଅକାଶକୁ ତରଟି ଚାହିଁ ରହିବ । ଏହିପର କିଛିଦିନ କଲା ଉତ୍ତାରେ ଭୂମିରେ ଯେପରି

Digitized by srujanika@gmail.com

ଆପଣାର ଛାୟା ପଡ଼ିଥାଏ, ଆକାଶରେ ମଧ୍ୟ ସେହିପରି ଛାୟା ଦେଖି ପାରିବ । ଏହି କ୍ରିୟା ସିଦ୍ଧ ହେଲେ । ଯୋଗିମାନେ ଗଗନସ୍ଥିତ ସିଦ୍ଧପୁରୁଷମାନଙ୍କୁ ଦେଖିବା ନିମନ୍ତେ ସକ୍ଷମ ହୁଅନ୍ତି । ଦୃଷ୍ଟିର ସ୍ଥିରତା ନିମନ୍ତେ ଅନ୍ୟହିଁ ମଧ୍ୟ ଏପରି ବିଧି ନିର୍ଦ୍ଦେଶ ଅଛି କି ସର୍ବଦା ନାସାଗ୍ର, ଭ୍ରୂମଧ୍ୟ, ଏବଂ ଲଲାଟବିନ୍ଦୁ ଦର୍ଶନ କରିବ ଏଥିରେ ସାଧକ ବିଦ୍ୟା ଲାଭ ଛଡ଼ା ମନ ମଧ୍ୟ ସ୍ଥିର ହୁଏ । ଏଥି ସକାଶେ ନାସାଗ୍ର, ଭ୍ରୂମଧ୍ୟ ଓ ଲଲାଟରେ ତିଳକ ଧାରଣ କରିବାର ପ୍ରଥା ପ୍ରଚଳିତ ଅଛି, ଅର୍ଥାତ ରେଖାର ଲକ୍ଷ୍ୟ ସ୍ଥିର ରଖିବା ନିମନ୍ତେ ଉକ୍ତ ସ୍ଥାନମାନଙ୍କରେ ବିନ୍ଦୁ ସ୍ଥାପନ କରିବ । ଏହାର ଉଦ୍ଦେଶ୍ୟ କେହି ସନ୍ଧାନ କରିବାକୁ ନାହିଁ, ଏଣେ ତିଳକ ଉନ୍ନତି ଲାଭ କରି ବାହୁ, ଗ୍ରୀବା, ପୃଷ୍ଠ ପର୍ଯ୍ୟନ୍ତ ଅଧିକାର କରି ବସିଲାଣି । ତିଳକ-ରସିକ, ଶ୍ୟାମକଳେବର ନେକଟା ବାଘର (?) ଅନୁରୂପ ଭଙ୍ଗୀ ବୈଷ୍ଣବ ଦ୍ୱାରା କେବେ ହେଲେ ମାତ୍ର ମହାଶୟ ଉକ୍ତ୍ୟକ୍ତ ହୋଇଥିବେ । ଆଜିକାଲି ଶିକ୍ଷିତ ନବ୍ୟସମ୍ପ୍ରଦାୟଙ୍କ ମସ୍ତକରୁ ତିଳକ କ୍ରମଶଃ ଅଧିକାରଚ୍ୟୁତ ହେଉଅଛି । ଅସଭ୍ୟତାର ଚିହ୍ନ ବୋଲି ହେଉ ଅଥବା ପ୍ରକୃତ ମର୍ମ ଜାଣି ଶିକ୍ଷିତ ସମ୍ପ୍ରଦାୟ ତିଳକ ଲଗାଉ ନାହାନ୍ତି । ଅବଶ୍ୟ ଏହା ସହିତ କ୍ଷତି ବୃଦ୍ଧିର ସମ୍ବନ୍ଧ ନାହିଁ । ମାତ୍ର ଯୋଗର ମାହାତ୍ମ୍ୟ ଯେ ଦିନକୁ ଦିନ ହିନ୍ଦୁସମାଜରୁ ଲୁପ୍ତ ହେଉଅଛି ଏହାହିଁ ପରିତାପର କଥା । ଅଥବା ଆଜିକାଲି ଇଂରେଜପ୍ଲାବିତ ଦେଶରେ ଇଂରେଜିଶିକ୍ଷିତ ଲୋକମାନଙ୍କର ଏମନ୍ତ ମତି ହେବା ବିଚିତ୍ର ନୁହେଁ । ମାଞ୍ଜନ ମିଳମିଶି (କମ୍ପାନ ହୋଇ) କର୍ମ କରିବା ଇଂରେଜମାନଙ୍କର ମୂଳମନ୍ତ୍ର ଅଟେ । ଆମ୍ଭେମାନେ ଇଂରେଜମାନଙ୍କୁ ଅନୁକରଣ କରିବାକୁ ଯାଇ ଧର୍ମଚର୍ଚ୍ଚା ନିମନ୍ତେ ସଙ୍ଘ କରି ବସୁଅଛୁଁ । ମାତ୍ର ଆମ୍ଭମାନଙ୍କ ଶାସ୍ତ୍ର-କାରମାନେ ବୋଲି ଅଛନ୍ତି "ଏକୋଧ୍ୟାନଂ" ଏକାକୀ ବସି ଆତ୍ମଚିନ୍ତା କରିବ । ଭଗବାନ-ରୂପୀ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ବୋଲି ଅଛନ୍ତି ।

"ଯୋଗୀ ଯୁଞ୍ଜୀତ ସତତ ମାତ୍ମାନଂ ରହସି ସ୍ଥିତଃ"
"ଏକାକୀ ଯତଚିତ୍ତାତ୍ମା ନିରାଶୀର ପରିଗ୍ରହଃ ।"
("ଭଗ—ଗୀ—ଷଷ୍ଠ ଅ, ୧୦ ଶ୍ଳୋକ")

ଯୋଗାରୂଢ଼ ବ୍ୟକ୍ତି ନିର୍ଜ୍ଜନରେ ଏକାକୀ ବସି ଦେହ ଓ ମନକୁ ବଶୀଭୂତ କରି ଆଶା ଓ ପରିଗ୍ରହ ତ୍ୟାଗ କରି ସମାଧିରେ ମନକୁ ଲଗାଇବେ ।

ଅଧ୍ୟାତ୍ମଚିନ୍ତା ବିଶେଷ ଗୁରୁତର ବିଷୟ । ଅନ୍ୟାନ୍ୟ ବିଷୟରେ ଦେଖ । ଯୋଗୀ ନ ହେଲେ କାହାରି ଦ୍ୱାରା ପୃଥିବୀ ସାମାନ୍ୟ କାର୍ଯ୍ୟ ସିଦ୍ଧ ହେବା ମଧ୍ୟ ଅସମ୍ଭବ । ଏହି ଯେ ମହାରଣା କାଠ ରଦା କରୁଅଛି, ସେ ଯୋଗୀ । ଲୁଗାବୁଣା ତନ୍ତି ଯୋଗୀ । ଯୋଗୀ ନ ହେଲେ ସ୍କୁଲ୍ ପିଲା କ୍ଷେତ୍ରତତ୍ତ୍ୱ ପ୍ରତିଜ୍ଞା ସାଧି ନ ପାରେ । ତେବେ ଅତି ମହାବିଦ୍ୟା ଯେ ଅଧ୍ୟାତ୍ମ ବିଜ୍ଞାନ ତାହା ବିନା-ଯୋଗବଳେ କି ସାଧିତ ହୋଇପାରେ ?

ଯୋଗ—ଏହି ଶବ୍ଦଟିକୁ ଆମ୍ଭେମାନେ ସାଧାରଣତଃ ଦୁଇ ଅର୍ଥରେ ବ୍ୟବହାର କରୁଅଛୁଁ । ଭୌତିକ ଯୋଗ ଏବଂ ଅଧ୍ୟାତ୍ମ ଯୋଗ । ଆମ୍ଭେମାନେ ରେଲ, ଟେଲିଗ୍ରାଫ ପ୍ରଭୃତି ଯେଉଁ ଅଦ୍ଭୁତ ପଦାର୍ଥମାନ ଦେଖୁଅଛୁ ସେ ସମସ୍ତ ଜଡ଼ଯୋଗୀମାନଙ୍କର ଉଦ୍ଭାବିତ ଫଳ ଅଟେ ଅର୍ଥାତ୍ ଜ୍ଞାନୀଲୋକମାନେ ଜଡ଼ ପଦାର୍ଥର ଗୁଣାଗୁଣ ଆଲୋଚନା ଦ୍ୱାରା ସେମାନଙ୍କ ଶକ୍ତି ନିର୍ଦ୍ଧାରଣ କରି ହୋଇ ଉଲ୍ଲିଖିତ ଅତ୍ୟାଶ୍ଚର୍ଯ୍ୟ ପଦାର୍ଥମାନ ସୃଷ୍ଟି କରି ପାରୁଅଛନ୍ତି । ଗଛରୁ ପାଚିଲା ଫଳ ଖସି ପଡ଼ିବାର କିଏ ଅବା ନ ଦେଖିଅଛି ? କିନ୍ତୁ ନିଉଟନ ତାହା ଦେଖି ବିଶାଳ ବିଜ୍ଞାନ ଶାସ୍ତ୍ରର ମୂଳଦୁଆ ବାନ୍ଧିଦେଲେ । ନିଉଟନ ବଡ଼ ଯୋଗୀ । ମାତ୍ର ଅଧ୍ୟାତ୍ମ ଯୋଗ ସ୍ୱତନ୍ତ୍ର ବିଷୟ ଅଟେ । ଜଡ଼ ଜଗତ ସହିତ ଏହାର ସମ୍ପର୍କ ନାହିଁ । ଅତଏବ ଏହାର ଆଲୋଚ୍ୟ

Digitized by srujanika@gmail.com

ବିଷୟ ଅଟେ । ଜଡ଼ଯୋଗ ସାଧନ ନିମିତ୍ତେ ଆମ୍ଭମାନଙ୍କର ଦୁଇ ଚର୍ମ ଚକ୍ଷୁର ସୂକ୍ଷ୍ମ ଦୃଷ୍ଟି ଆବଶ୍ୟକ । ମାତ୍ର ଅଧ୍ୟାତ୍ମ ଯୋଗ ସାଧନ ନିମନ୍ତେ ଚର୍ମଚକ୍ଷୁ ନିଷ୍ପ୍ରୟୋଜନ । ଯୋଗୀମାନେ କହନ୍ତି, ମନୁଷ୍ୟମାନଙ୍କ ଚର୍ମଚକ୍ଷୁ ଭିନ୍ନ ଆଉ ଗୋଟିଏ ଚକ୍ଷୁ ଅଛି, ସେ ଚକ୍ଷୁ ପ୍ରଜ୍ୱଳିତ ନ ହେଲେ ତାହା ଥିବା ନ ଥିବା ପରି । ସେହି ଚକ୍ଷୁର ନାମ ଦିବ୍ୟଚକ୍ଷୁ ବା ଜ୍ଞାନଚକ୍ଷୁ । ଆମ୍ଭେମାନେ ଚର୍ମ ଚକ୍ଷୁରେ ସମ୍ମୁଖବର୍ତ୍ତୀ ପଦାର୍ଥମାନ ଦେଖିପାରୁଁ ମାତ୍ର ଜ୍ଞାନ ଚକ୍ଷୁରେ ସୂକ୍ଷ୍ମ ଦୂରବର୍ତ୍ତି ଏବଂ ଆଭ୍ୟନ୍ତରିଣ ପଦାର୍ଥମାନ ଦୃଷ୍ଟିଗୋଚର ହୁଏ । ଏହି ନେତ୍ରର ଅବସ୍ଥିତି ସ୍ଥାନ ଭ୍ରୂସନ୍ଧି ଉପରିସ୍ଥ ଲଲାଟର ଅଭ୍ୟନ୍ତର ଅଟେ । ଲଲାଟ ଅଭ୍ୟନ୍ତରରେ ତୃତୀୟ ଚକ୍ଷୁ ଅଛି, ଏହା ଜଣାଇବା ନିମନ୍ତେ ଆମ୍ଭମାନଙ୍କର ପରମ ଯୋଗୀ ସଦାଶିବ ତ୍ରିନେତ୍ର ଏବଂ ଶିବାଣୀ ତ୍ରିନେତ୍ରା । ଜ୍ଞାନଚକ୍ଷୁ ଉନ୍ମୀଳିତ ହେଲେ ଆମ୍ଭମାନଙ୍କର ଚର୍ମଚକ୍ଷୁର ବହିର୍ଦୃଷ୍ଟିବୃତ୍ତି ଅର୍ଥାତ୍ ଦର୍ଶନେଚ୍ଛା ଆଉ ରହେ ନାହିଁ । ତେଣୁ ଯୋଗୀମାନଙ୍କର ଚର୍ମଚକ୍ଷୁଦ୍ୱୟ ସର୍ବଦା ଶକ୍ତିହୀନ ଓ ଢଳଢଳ ଅବସ୍ଥାରେ ଥାଏ । ଚର୍ମଚକ୍ଷୁ ଦ୍ୱାରା ଦେଖିବା ଓ ଦିବ୍ୟଚକ୍ଷୁରେ ଦେଖିବା ପ୍ରଣାଳୀ ସମାନ ନୁହେଁ । ଯୋଗୀମାନେ କୌଣସି ଇନ୍ଦ୍ରିୟାତୀତ ବସ୍ତୁ ଦେଖିବାକୁ ଇଚ୍ଛା କଲେ ପ୍ରଥମେ ଇଚ୍ଛାଶକ୍ତିରେ ସମସ୍ତ ଇନ୍ଦ୍ରିୟଦ୍ୱାର ନିରୋଧଦ୍ୱାରା ସମସ୍ତ ବହିର୍ଦୃଷ୍ଟିବୃତ୍ତି ପୁଞ୍ଜୀକୃତ କରି ଲଲାଟ ଅଭ୍ୟନ୍ତର ସ୍ଥିତ ଦିବ୍ୟଚକ୍ଷୁ ପ୍ରତି ନିର୍ଭର କରନ୍ତି । ଯେଉଁଥିରେ ଚିତ୍ତ ଏକତାନ ହୁଏ ଏବଂ ଚର୍ମଚକ୍ଷୁର ସମସ୍ତ ଶକ୍ତି କେନ୍ଦ୍ରୀଭୂତ ହୋଇ ସେଥିରେ ସମସ୍ତ ଶକ୍ତି ଲଲାଟ ଅଭ୍ୟନ୍ତରସ୍ଥ ଦିବ୍ୟନେତ୍ରରେ ପତିତ ହୁଏ ଏବଂ ନିରୁଦ୍ଧ ଇନ୍ଦ୍ରିୟମାନଙ୍କର ସମସ୍ତ ବଳ ମଧ୍ୟ ତାହା ସହିତ ସମ୍ମିଳିତ ହୋଇ ତହିଁର ସମସ୍ତ ଶକ୍ତି ଅର୍ପିତ ହେବା ମାତ୍ର ଜ୍ଞାନଚକ୍ଷୁ ହଠାତ୍ ଜଳଉଠେ ଅର୍ଥାତ୍ ସେ ସ୍ଥାନରୁ ଏକ ସ୍ୱର୍ଗୀୟ ଆଲୋକ ବହିର୍ଗତ ହୁଏ । ଯୋଗୀମାନେ ସେହି ଆଲୋକବଳରେ ଦୂରବର୍ତ୍ତୀ ପଦାର୍ଥମାନ ଦେଖିବାକୁ ସକ୍ଷମ ହୁଅନ୍ତି । ପୃଥିବୀର ପ୍ରାନ୍ତସ୍ଥିତ ପଦାର୍ଥ ଦେଖିବାର ପ୍ରୟୋଜନ ହେଲେ ସେମାନଙ୍କୁ ସେଠାକୁ ଯିବାକୁ ହୁଏ ନାହିଁ । ସ୍ୱସ୍ଥାନରେ ବସି ଅବନୀମଣ୍ଡଳ ଏବଂ ଗଗନସ୍ଥିତ ଯାବତୀୟ ପଦାର୍ଥ ନଖ ଦର୍ପଣ ପରି ଦେଖନ୍ତି । ଭୂତ ଭବିଷ୍ୟତ୍ ଘଟନାମାନ ମଧ୍ୟ ସେମାନଙ୍କଠାରେ ବର୍ତ୍ତମାନ ପରି ଜଣାଯାଏ । ଯୋଗୀମାନେ ଧ୍ୟାନ ବଳରେ ସମସ୍ତ ପଦାର୍ଥ ଦେଖୁଥିବା ଓ ମନୁଷ୍ୟର ହୃଦଗତଭାବ ଜାଣୁଥିବା ବିଷୟ ପାଠକମାନେ ସହସ୍ର ସହସ୍ର ସ୍ଥାନରେ ପାଠ କରିଥିବେ । ଏହା ଯେ କଳ୍ପନାପ୍ରସୂତ ନୁହେଁ, ଧ୍ରୁବସତ୍ୟ, ପାଠକମାନେ କିଞ୍ଚିତ ଅନୁଧାବନ କଲେ ସହଜରେ ହୃଦୟଙ୍ଗମ କରିପାରିବେ । ଆମ୍ଭେମାନେ ନାନାସ୍ଥାନ ଓ ନାନା ଘଟନାରେ ଦେଖିଅଛୁଁ ବହୁ ବିସ୍ତୃତ ସ୍ଥାନ ବ୍ୟାପୀ କୌଣସି ପଦାର୍ଥ ବା ବଳ ପୁଞ୍ଜୀକୃତ ଓ କେନ୍ଦ୍ରୀଭୂତ ହେଲେ ତାହାର ଶକ୍ତି ବହୁଗୁଣରେ ବୃଦ୍ଧି ପ୍ରାପ୍ତ ହୁଏ । ଦୃଷ୍ଟାନ୍ତସ୍ୱରୂପ ଆମ୍ଭେମାନେ କେତୋଟି କଥା କହୁଅଛୁଁ । ଖଣ୍ଡିଏ ସୂର୍ଯ୍ୟକାନ୍ତ ମଣି ବା ଆତସ ପଥର ଖରାରେ ଧରି ତାହା ତଳେ ତୁଳା ରଖ, କିଞ୍ଚିତ ସମୟ ଉତ୍ତାରେ ସେହି ତୁଳା ପୋଡ଼ି ଯାଉଥିବାର ଦେଖିବ । ତାହାର କାରଣ ସୂର୍ଯ୍ୟରଶ୍ମିର ଉଷ୍ଣତା ପୁଞ୍ଜୀକୃତ ହୋଇ ଅଗ୍ନିରୂପରେ ପରିଣତ ହେବା ଅଟେ ।

୨ୟ—କିଞ୍ଚିତ ବାରୁଦ ତଳେ ରଖି ତାହା ଉପରେ ଗୋଟିଏ ସୀସକ ଗୋଲୀ ଥୋଇଦିଅ । ବାରୁଦରେ ନିଆଁ ଲଗାଇ ଦେଲେ ସେହି ଅଗ୍ନିବଳରେ ଗୁଳିଟା ୨।୪ ହାତ ମାତ୍ର ଗଡ଼ିଯିବ । ମାତ୍ର ସେହି ପରିମାଣ ବାରୁଦ ଯଦି ଗୋଟିଏ ନଳଯନ୍ତ୍ର ଅର୍ଥାତ୍ ବନ୍ଧୁକ ମଧ୍ୟରେ ରଖି ଅଗ୍ନି ସଂଯୋଗ କରାଯାଏ ତେବେ ସେହି ଗୁଳିଟି ସହସ୍ର ସହସ୍ର ହସ୍ତ ଦୂରକୁ ନିକ୍ଷିପ୍ତ ହେବ । ବାହୁର

Digitized by srujanika@gmail.com

ସମସ୍ତ ବଳ ଏକୀକୃତ ହୋଇ ମୁଦ୍‌ଗର ମୁଣ୍ଡରେ ଅର୍ପିତ ହେଲେ ଶରକୁ ସହସ୍ର ହସ୍ତ ଦୂରରେ ନିକ୍ଷେପ କରେ ।

ସେହିପରି ଇନ୍ଦ୍ରିୟମାର୍ଗଦ୍ୱାରା ନିର୍ଗତ ନାନା ବିଷୟରେ ବିକ୍ଷିପ୍ତ ଏବଂ ବହୁସ୍ଥାନବ୍ୟାପୀ ବୁଦ୍ଧି-ସତ୍ତ୍ୱକୁ ଯତ୍ନରେ ନିରୋଧ କଲେ ତାହା କ୍ରମଶଃ ସଂକୋଚପ୍ରଣାଳୀରେ ଏକୀକୃତ ଓ କେନ୍ଦ୍ରୀଭୂତ ହୋଇ ତାହାର ଲକ୍ଷ୍ୟବସ୍ତୁକୁ ଭେଦ କରିପାରେ ଅର୍ଥାତ୍ ତାହାକୁ ପ୍ରକାଶ କରି ଦିଏ । ଏହି କାରଣରୁ ଯେ ସମସ୍ତ ବିଷୟ ସହଜରେ ବୁଝା ନ ଯାଏ ତାହା ବୁଝିବା ନିମନ୍ତେ ଲୋକେ ଏକାଗ୍ର-ଚିତ୍ତ ହୁଅନ୍ତି । କିଛିକାଳ ଏକାଗ୍ରଚିତ୍ତ ହୋଇ ଭାବନା କଲେ କଠିନ ବିଷୟମାନଙ୍କର ମର୍ମ ସହଜରେ ପ୍ରକାଶ ହୋଇ ପଡନ୍ତି । ତେବେ ଯୋଗୀମାନେ ଆଜୀବନ ପରିଶ୍ରମ ଓ ଜୀବନବ୍ୟାପୀ ଏକାଗ୍ରତାଦ୍ୱାରା ଯେ ଅସାଧାରଣ କାର୍ଯ୍ୟମାନ ସାଧନ କରିବାକୁ ସକ୍ଷମ ହେବେ, ଏଥିରେ ବିଚିତ୍ର କ'ଣ ଅଛି ?

ପାଶ୍ଚାତ୍ୟ ବୈଜ୍ଞାନିକ ପଣ୍ଡିତମାନେ ଜଡ଼-ବିଜ୍ଞାନ ବିଦ୍ୟାରେ ଯେ ପରାକାଷ୍ଠା ଲାଭ କରି-ଅଛନ୍ତି ସେଥିର ଦୃଷ୍ଟାନ୍ତ ଶତସହସ୍ର ଆମ୍ଭମାନଙ୍କ ନେତ୍ରଗୋଚର ହେଉଅଛି । ମାତ୍ର ଅଧ୍ୟାତ୍ମ-ବିଦ୍ୟାରେ ହିନ୍ଦୁମାନେ ଜଗତର ଗୁରୁଆସନ ଅଧିକାର କରିବାକୁ ଯୋଗ୍ୟ, ଆମ୍ଭେମାନେ ଏହା ସାହାସ କରି କହିବାକୁ ସକ୍ଷମ ଅଟୁଁ ।

ଗଣିତ, ଜ୍ୟୋତିଷ, ଜଡ଼ବିଜ୍ଞାନ ସମସ୍ତ ପ୍ରକାର ବିଦ୍ୟା ଅଧ୍ୟାତ୍ମ ବିଦ୍ୟାଠାରୁ ଅକିଞ୍ଚିତ୍-କର । ପ୍ରଥମୋକ୍ତ ବିଦ୍ୟାମାନଙ୍କର କେବଳ ଜଡ଼ଦେହ ସହିତ ସମ୍ପର୍କ । ମାତ୍ର ଆତ୍ମତତ୍ତ୍ୱ ବିଦ୍ୟା ଆମ୍ଭମାନଙ୍କ ଅବିନାଶୀ ଆତ୍ମାର ଇହପରକାଳର ଶୁଭଦାୟୀ ଅଟେ । ସର୍ବବ୍ୟାପି ପରମେଶ୍ୱର ଆମ୍ଭମାନଙ୍କ ଚର୍ମଚକ୍ଷୁର ବିଷୟୀ-ଭୂତ ନୁହନ୍ତି, ଜ୍ଞାନବଳରେ ଆମ୍ଭେମାନେ ତାହାଙ୍କ ସତ୍ତା ଅନୁଭବ କରିବାକୁ ସକ୍ଷମ ହେଉଁ । ସେହି ପରମାତ୍ମାଙ୍କୁ ନିଜ ଆତ୍ମାରେ ଧାରଣ କରି ନ ପାରିଲେ ତତ୍ତ୍ୱପ୍ରାପ୍ତି ସମ୍ଭାବନା ନିତାନ୍ତ ବିରଳ । ତୃଷାର୍ତ୍ତଲୋକ ଲକ୍ଷ ଲକ୍ଷ ଥର ଜଳ ନାମ ଉଚ୍ଚାରଣ କଲେ ମଧ୍ୟ ତାହାର ତୃଷା ଦୂର ହୋଇ ନ ପାରେ । ସେହିପରି ଶ୍ରୀହରିଙ୍କୁ ଯଦି ନିଜଆତ୍ମାରେ ଧାରଣ କରି ନ ପାରି, କେବଳ ନାମ ଉଚ୍ଚାରଣରେ ଫଳ କଣ ? ଯୋଗବିନା ଭଗବତ୍ତତ୍ତ୍ୱପ୍ରାପ୍ତିର ସମ୍ଭାବନା ନାହିଁ, ଏହା ସର୍ବଶାସ୍ତ୍ର ସମ୍ମତ ଅଟେ । ଏମନ୍ତ କି ପୂଜାପଦ୍ଧତି-ସର୍ବସ୍ୱ ପୌତ୍ତଳିକମାନେ ମଧ୍ୟ କାର୍ଯ୍ୟାରମ୍ଭ ପୂର୍ବେ ଆସନ ଶୁଦ୍ଧି, ଭୂତଶୁଦ୍ଧି ପ୍ରାଣାୟାମ, ଅଙ୍ଗନ୍ୟାସ, କରନ୍ୟାସ ପ୍ରଭୃତି ଯୋଗାନୁଷ୍ଠାନର କ୍ରିୟା-କଳାପ ମାନଆଚରଣ କରିଥାନ୍ତି, ଭଗବାନ୍ ଶ୍ରୀକୃଷ୍ଣ ବୋଲି ଅଛନ୍ତି—

"ଯେଣୁ ସର୍ବାଣି କର୍ମାଣି ମୟି ସନ୍ନ୍ୟସ୍ୟ-
ମତ୍ପରାଃ
ଅନନ୍ୟେନୈବ ଯୋଗେନ ମାଂ ଧ୍ୟାୟନ୍ତ
ଉପାସତେ ।

ଅଥଚିତ୍ତଂ ସମାଧାତୁଂ ନଶକ୍ନୋଷି ମୟି ସ୍ଥିରଂ
ଅଭ୍ୟାସ ଯୋଗେନ ତତୋ ମାମିଚ୍ଛାପ୍ତୁଂ ଧନଞ୍ଜୟ ।

ସୁତରାଂ ମୁମୁକ୍ଷୁଲୋକମାନଙ୍କ ପକ୍ଷରେ ଆତ୍ମତତ୍ତ୍ୱ ବିଦ୍ୟା ଅନୁଶୀଳନ ବିନା ଗତ୍ୟନ୍ତର ନାହିଁ । ସେହି ପରମା ବିଦ୍ୟାଲାଭ ନିମନ୍ତେ ଯୋଗାଭ୍ୟାସ ଓ ତତ୍ତ୍ୱସମ୍ବନ୍ଧୀୟ ଗ୍ରନ୍ଥ ଅଧ୍ୟୟନ କରିବା ନିତାନ୍ତ ଆବଶ୍ୟକ । ପୂର୍ବେ ବୋଲିଅଛୁଁ ଆମ୍ଭମାନଙ୍କ ପୂର୍ବତନ ମହର୍ଷିମାନେ ଅଧ୍ୟାତ୍ମ ବିଦ୍ୟାର ଶିକ୍ଷା-ଗୁରୁ ଅଟନ୍ତି । ସେମାନେ ତତ୍ତ୍ୱସମ୍ବନ୍ଧରେ ବିବିଧ-ପ୍ରକାର ଉପଦେଶ ଦେଇ ଅଛନ୍ତି । ସେମାନଙ୍କ ମଧ୍ୟରୁ ଯୋଗୀବର ହିରଣ୍ୟଗର୍ଭ, ମହେଶ୍ୱର, ଶିବାନୀ, ମହର୍ଷି କପିଳ, ତାହାଙ୍କ ଶିଷ୍ୟ ପଞ୍ଚଶିଖ ମୁନି, ରାଜର୍ଷି ଜନକ, ବ୍ରହ୍ମର୍ଷି ବଶିଷ୍ଠ, ଯୋଗୀବର ଦତ୍ତାତ୍ରେୟ ଜୈଗୀଷବ୍ୟ ଯୋଗୀଶ୍ୱର

Digitized by srujanika@gmail.com

ଯାଜ୍ଞବଲ୍କ୍ୟ ଏବଂ ପତଞ୍ଜଳି ପ୍ରଭୃତି ଯୋଗୀମାନେ ଯୋଗଶବ୍ଦର ସ୍ୱତନ୍ତ୍ରପ୍ରକାର ଅର୍ଥ କରି ତତ୍-ସମ୍ବନ୍ଧରେ ନାନାପ୍ରକାର ଉପଦେଶ ଦେଇ ଯାଇଅଛନ୍ତି। ସେମାନଙ୍କ ପ୍ରକାଶିତ ଅର୍ଥ ଏହି;--

୧) ଆତ୍ମାକୁ ଆତ୍ମାରେ ସଂଯୋଗ କରିବାର ନାମ ଯୋଗ।

୨) ବସ୍ତୁ ବିଷୟକ ଚିନ୍ତା ପ୍ରବାହ ଉତ୍ଥାପନ କରିବାର ନାମ ଯୋଗ।

୩) ସମସ୍ତ ମନୋବୃତ୍ତି ନିରୋଧର ନାମ ଯୋଗ।

୪) ଚିତ୍ତକୁ ଏକତାନ ବା ଏକାଗ୍ର କରିବାର ନାମ ଯୋଗ।

ଯୋଗୀବର ପତଞ୍ଜଳି ଏ ସମ୍ବନ୍ଧରେ ଯେଉଁ ସୂତ୍ରମାନ ପ୍ରକାଶ କରି ଯାଇଅଛନ୍ତି ଆମ୍ଭେ ଅନୁବାଦ ସହିତ ତାହା ପ୍ରକାଶ କରିବାକୁ ପ୍ରବୃତ୍ତ ହେଉଅଛୁଁ। ମହାତ୍ମା ପତଞ୍ଜଳିଙ୍କ ପ୍ରକାଶିତ ଗ୍ରନ୍ଥର ନାମ ପାତଞ୍ଜଳ ଦର୍ଶନ। ଏହା ଷଡ୍‌ଦର୍ଶନର ଅନ୍ୟତମ ଦର୍ଶନ ଅଟେ। ଆମ୍ଭେମାନେ ଯୋଗୀ ନୋହୁଁ ମଧ୍ୟ ଯୋଗ ଶାସ୍ତ୍ରରେ ଆମ୍ଭମାନଙ୍କର ଜ୍ଞାନ ନିତାନ୍ତ ଅଭାବ। ଏପରି ସ୍ଥଳରେ ଆମ୍ଭେମାନେ ଏହି ଗୁରୁତର ବିଷୟରେ ହସ୍ତକ୍ଷେପ କରି ନିତାନ୍ତ ଅଦୂରଦର୍ଶିତା ଓ ଅସମସାହସିକତାର କାର୍ଯ୍ୟ କରିଅଛୁଁ, ସନ୍ଦେହ ନାହିଁ। ତେବେ ଏହି ପାତଞ୍ଜଳ ଦର୍ଶନ ପାଠ କରି ଏତେ ଦୂର ଆନନ୍ଦିତ ହୋଇଅଛୁଁ ଯେ ତାହା ଦେଶୀୟ ଭ୍ରାତାମାନଙ୍କ-ଠାରେ ପ୍ରକାଶ ନ କରି କ୍ଷାନ୍ତ ହୋଇପାରିଲୁ ନାହିଁ।

ପାତଞ୍ଜଳ ଦର୍ଶନ ୪ ଭାଗରେ ବିଭକ୍ତ। ଗୋଟିଏ ୨ ଭାଗର ନାମ ପାଦ। ଆମ୍ଭେମାନେ ପାଦସ୍ଥିତ ମୂଳସୂତ୍ର ଓ ତାହାର ଅନୁବାଦ ଓ ସରଳ ବ୍ୟାଖ୍ୟା ପ୍ରକାଶ କରିବାକୁ ପ୍ରବୃତ୍ତ ହେଉଅଛୁଁ।

ଶ୍ରୀ ଫକୀର ମୋହନ ସେନାପତି

## ଜାତୀୟ ସାହିତ୍ୟ

ଏହି ଅସାର ସଂସାରରେ ଯେମନ୍ତ ଧର୍ମ ଓ ନୀତିବଳବିନା ମନୁଷ୍ୟଜୀବନ ଅବଲମ୍ବନଶୂନ୍ୟ ହୋଇ କ୍ଷଣକାଳ ପର୍ଯ୍ୟନ୍ତ ଅସ୍ତିତ୍ୱ ରକ୍ଷା କରିବାରେ ଅସମର୍ଥ ହୁଏ ଏବଂ ତତ୍କ୍ଷଣାତ୍ ସଂସାରର ଅନ୍ୟାନ୍ୟ ପରମାଣୁ ସହିତ ବିଲୀନ ହୁଏ, ସେହିପ୍ରକାର ଜାତୀୟ ସାହିତ୍ୟ ଧର୍ମ ଓ ନୀତିର ସୁପବିତ୍ର ଭାବ ଏବଂ ମାଧୁର୍ଯ୍ୟର ଆକର୍ଷଣ ବିନା କେତେକ ଦିବସ ମଧ୍ୟରେ ପାଠକଗଣର ଧ୍ୟାନ, ସନ୍ତୋଷ ଓ ଅନୁରାଗକୁ ଦୂର କରି କାଳଗହ୍ୱରରେ ଯାଇ ଲୁକ୍କାୟିତ ହୁଏ, ଯେଉଁ ଦେଶର ଜାତୀୟସାହିତ୍ୟ ଯେ ପର୍ଯ୍ୟନ୍ତ ସୁନୀତିର ଭିତ୍ତିଉପରେ ପ୍ରତିଷ୍ଠିତ, ସେହି ଦେଶର ଜାତୀୟ-ସାହିତ୍ୟ ସେପର୍ଯ୍ୟନ୍ତ ସୁଦୃଢ଼ ଓ ମନୁଷ୍ୟର କଲ୍ୟାଣକର।

ଜାତୀୟସାହିତ୍ୟ ଓ ଧର୍ମନୀତି ମଧ୍ୟରେ ଏପରି ଅକାଟ୍ୟ ସମ୍ବନ୍ଧ ଅଛି ଯେ ଏକର ବିନା ଅନ୍ୟଟି ନିତାନ୍ତ ନୀରସ ଓ ତେଜୋହୀନ ହୋଇଥାଏ। ଧର୍ମ-ନୀତି ଶୋଭା ବିରହିତ ଜାତୀୟସାହିତ୍ୟ ଭୋଗ-ବିଳାସପ୍ରିୟ ଓ ଅର୍ଦ୍ଧଶିକ୍ଷିତମାନଙ୍କର ପ୍ରିୟ ହେଲେହେଁ ଚରିତ୍ରବାନ ଓ ଜ୍ଞାନୀଜନଙ୍କର ତତ୍ପ୍ରତି ସଦା ଘୃଣା ଦୃଷ୍ଟି ପଡ଼ିଥାଏ। ଯେଉଁ ସାହିତ୍ୟ ଆମ୍ଭମାନଙ୍କର ସର୍ବସାଧାରଣଙ୍କ ସେବାର ଯୋଗ୍ୟ ନୁହେଁ, ସେହି ସାହିତ୍ୟ କଦାପି ଜାତୀୟ-ସାହିତ୍ୟର ଆସନ ପାଇ ନ ପାରେ। ମନୁଷ୍ୟଗଣର ଚିରକଲ୍ୟାଣକର ଓ ଚିରକାଳ ନିମନ୍ତେ ଆଦରଣୀୟ ଧର୍ମ-ନୀତି-ଗ୍ରନ୍ଥ-ବିବର୍ଜିତ ଜାତୀୟ-ସାହିତ୍ୟ ଦେଖି ଅଦୂରଦର୍ଶୀଜନ ପ୍ରଫୁଲ୍ଲିତ ହୁଅନ୍ତି। ଏହା ମୂଢ଼ତା ସହିତ କୁହାଯାଇପାରେ

Digitized by srujanika@gmail.com

ଯେ ଯେଉଁ ଗ୍ରନ୍ଥମାନଙ୍କରେ ଅଯୋଗ୍ୟପ୍ରେମ ଓ ଅଶ୍ଳୀଳତା ଛଡ଼ା ଆଉ କିଛି ନାହିଁ—ଯହିଁରେ ନୀତିର ସମୁଜ୍ଜ୍ୱଳ ଭାବମାନଙ୍କର ଅଭାବ, ସେ ଗ୍ରନ୍ଥମାନ କେବଳ ସାରବିହୀନ, ଉପଦେଶଶୂନ୍ୟ ଓ ବାକ୍ୟାଡ଼ମ୍ବରପୂର୍ଣ୍ଣ ଅଟନ୍ତି । କବିତା ଓ ଗାନ ବିଷୟକ ଗ୍ରନ୍ଥ ଅଶ୍ଳୀଳଶୃଙ୍ଗାରରେ ପୂର୍ଣ୍ଣ ହେଲେ ଶିକ୍ଷିତ ସଭ୍ୟସମାଜ ତାହାକୁ ଗ୍ରହଣ କରି ପାରନ୍ତି ନାହିଁ । ଯେଉଁ ଗ୍ରନ୍ଥ ନିଜ ପରିବାରବର୍ଗ ଓ ଗୁରୁଜନଙ୍କ ସମ୍ମୁଖରେ ପଢ଼ା ଯାଇ ନ ପାରେ ତାହା ଅଶ୍ଳୀଳତାପୂର୍ଣ୍ଣ, ଏଥିରେ ସନ୍ଦେହ କଣ ? ବିଦ୍ୱାନ ଓ ଜ୍ଞାନୀଜନ ଏକଥା ଅବଶ୍ୟ ସ୍ୱୀକାର କରିବେ ଯେ ଯେଉଁ ଗ୍ରନ୍ଥମାନଙ୍କ ଦ୍ୱାରା ମନୁଷ୍ୟ ମାନବଦେହର ସାଫଲ୍ୟସାଧନ କରିବା ଛାଡ଼ି ବିପରୀତ ପଥାବଲମ୍ବନ କରେ, ଏପରି ଗ୍ରନ୍ଥ ସକଳ ସେ ପର୍ଯ୍ୟନ୍ତ ସମାଜରେ ଆଦୃତ ହୁଏ, ଯେ ପର୍ଯ୍ୟନ୍ତ ସେହି ସମାଜ ପରିପକ୍ୱଅବସ୍ଥାକୁ ପାଇ ନାହିଁ । ଯେଉଁ ସମାଜରେ ନୀତି ବିରହିତ ଓ ଉପଦେଶ ଶୂନ୍ୟ ଗ୍ରନ୍ଥ ଅପ୍ରତିହତ ପ୍ରଭାବରେ ସର୍ବଜନ ସମାଦରଣୀୟ ହୁଏ, ସେହି ଦେଶ କିମ୍ବା ସେହି ସମାଜ ଚିରକାଳ ନିମନ୍ତେ କୁସଂସ୍କାରାନ୍ଧକାରରେ ମଗ୍ନହୋଇ ଜଗତର ଉଚ୍ଚଶିକ୍ଷିତ ସମାଜର ଦୃଷ୍ଟିରେ ନିନ୍ଦନୀୟ ହୁଏ । ଯେଉଁ ଦେଶ ବା ସମାଜରେ ବୁଦ୍ଧି, ପ୍ରତିଭା, ସତ୍ୟ, ନ୍ୟାୟ, ଜ୍ଞାନ ଓ ପ୍ରେମ ଅଛି, ସେହି ଦେଶ ବା ସମାଜରେ ନୀତିବର୍ଜିତ ଗ୍ରନ୍ଥ କଦାପି ଜାତୀୟସାହିତ୍ୟ ବୋଲି ଗଣ୍ୟ ହୋଇ ପାରିବ ନାହିଁ । ତାହାହିଁ ଯଥାର୍ଥ ଜାତୀୟସାହିତ୍ୟ, ଯେ ଚିରକାଳ ଜାତୀୟ ଶ୍ରୀବୃଦ୍ଧି ସାଧନ ଓ ଉନ୍ନତିର ମୂଳପୁଷ୍ଟି କରିଥାଏ ଏବଂ ଯାହାବଳରେ ମୃତ, ନିସ୍ତେଜ ଓ କ୍ଷୀଣ ଜୀବନରେ ବୀର୍ଯ୍ୟ ସଞ୍ଚାର ହୁଏ, ପୁଣି ହୃଦୟରେ ସାହାସ ଉଦ୍ଦୀପ୍ତ ହୁଏ ଓ ମାନବ କର୍ତ୍ତବ୍ୟ ପାଳନରେ ଉତ୍ସାହିତ ହୁଏ । କିଏ କହିପାରେ ଯେ ଖଡ୍ଗକମାଣ ପ୍ରଭୃତିର ବଳଅପେକ୍ଷା ସୁକୋମଳ ଲେଖନୀର ବଳ ନ୍ୟୂନ ? କିଏ ନ ଜାଣେ ଯେ ଲେଖନୀହିଁ ନବରସର ଆଧାର ? ଲେଖନୀର ଏପରି ସାମର୍ଥ୍ୟ ଅଛି ଯେ, ତାହା ଭୀରୁକୁ ରଣୋନ୍ମତ୍ତ କରି ସଂଗ୍ରାମରେ ଯୁଝାଇ ଦିଏ ଏବଂ କ୍ରୋଧାନ୍ଧକୁ ଶାନ୍ତ କରି ଦିଏ ଆଉ ପାଷାଣକୁ ମୃଦୁ ଓ ମୃଦୁକୁ କଠୋର କରିଦିଏ, ପୁଣି ଶୁଷ୍କ ହୃଦୟକୁ ସରସ ଓ ସରସକୁ ନୀରସ କରି ପକାଏ ।

ଇତିହାସ ଗ୍ରନ୍ଥ ସମୁଦାୟ ଏହି କଥାର ସାକ୍ଷ ପ୍ରଦାନ କରୁଅଛି ଯେ ଜାତୀୟ ସାହିତ୍ୟ ବିନା କେତେବେଳେ ସୁଦ୍ଧା କୌଣସି ମାନବଜାତିର ଉନ୍ନତି ହୋଇ ନାହିଁ ଏବଂ ନୀତିରହିତ ସାହିତ୍ୟ ଦ୍ୱାରା କୌଣସି ସମାଜର ସୁଦ୍ଧା ହିତ ହୋଇ ନାହିଁ । ଜାତୀୟ ଉନ୍ନତି ଓ ଜାତୀୟ ସାହିତ୍ୟର ଉନ୍ନତି ପରସ୍ପର ସମସାମୟିକ । ଏକର ଉନ୍ନତି ବିନା ଅନ୍ୟର ଉନ୍ନତି ଅସମ୍ଭବ । ଯେତେବେଳେ ଯେଉଁ ସମାଜର ଯେପରି ଅବସ୍ଥା ହୁଏ, ସେତେବେଳେ ସେହି ସମାଜର ସାହିତ୍ୟର ସେହିପରି ଅବସ୍ଥା ଅବଶ୍ୟମ୍ଭାବୀ ଏବଂ ଯେତେବେଳେ ଜାତୀୟ ସାହିତ୍ୟର ଯେଉଁ ଅବସ୍ଥା ହୁଏ, ତାହା ସେହି ସମାଜକୁ ମଧ୍ୟ ସେହିପରି କରିଥାଏ । ପରସ୍ପର ଏକ ଅନ୍ୟର ଗ୍ରାହ୍ୟ । ସାହିତ୍ୟ ଉନ୍ନତି ବିନା ଜାତୀୟ ଉନ୍ନତି କଦାପି ହୋଇ ନ ପାରେ । ସାହିତ୍ୟର ଉନ୍ନତି ଓ ଗୌରବ ସେତେବେଳେ ପ୍ରକାଶ ପାଏ, ଯେତେବେଳେ ତାହା ଉଚ୍ଚନୀତି, ବିଶଦଭାବ, ଓ ଗମ୍ଭୀର ଆଶୟପୂର୍ଣ୍ଣ ଲେଖାମାନଙ୍କରେ ଅଳଂକୃତ ହୁଏ । ଯେପର୍ଯ୍ୟନ୍ତ ଜାତୀୟସାହିତ୍ୟରେ ଧର୍ମ, ନୀତି, ଜ୍ଞାନ, ବିଜ୍ଞାନ, କଳା ଓ କୌଶଳ ପ୍ରଭୃତି ମହାନ୍ ଓ ଗମ୍ଭୀର ଆଶୟମାନଙ୍କର ପ୍ରବେଶ ହୋଇନାହିଁ, ସେପର୍ଯ୍ୟନ୍ତ ସେହି ସାହିତ୍ୟ ସୂର୍ଯ୍ୟାତପତପ୍ତା ପତ୍ରପୁଷ୍ପବିରହିତା ଲତା ତୁଲ୍ୟ ମ୍ରିୟମାଣ ଅବସ୍ଥାକୁ ପାଇ ଶୋଭାହୀନ ହୋଇ ପଡ଼ିଥାଏ । ଯେଉଁ ଦେଶର ଲୋକେ ବିଦ୍ୱାନ, ଜ୍ଞାନୀ, ନ୍ୟାୟବାନ୍ ଓ ବିଜ୍ଞାନବିତ୍ ହୁଅନ୍ତି,

Digitized by srujanika@gmail.com

ସେହି ଦେଶ ଉନ୍ନତ ଓ ସେହିଦେଶର ସମାଜ ଜଗତରେ ପୂଜ୍ୟ, ଏବଂ ତଦ୍ଦେଶୀୟ ସାହିତ୍ୟ ମନୁଷ୍ୟଚିତ୍ତରେ ଅଲୌକିକ ବଳ ସଞ୍ଚାର କରିଇବାରେ ସମର୍ଥ । ଜଗତରେ ଇଂରେଜମାନେ ଏତାଦୃଶ ପ୍ରବଳ ଓ ମାନ୍ୟ କିପରି ହେଲେ ? କେବଳ ଉଚ୍ଚଜ୍ଞାନପୂର୍ଣ୍ଣ ଜାତୀୟସାହିତ୍ୟ ହେତୁରୁ । କେବଳ ସାହିତ୍ୟବଳରୁ ଆଜି ସେମାନେ ମାନବ-ହୃଦୟରେ ଅଲୌକିକ ଆଧିପତ୍ୟ ବିସ୍ତାର କରିବାକୁ ସମର୍ଥ ହୋଇଅଛନ୍ତି । ସେହିସମୟରେ ଆର୍ଯ୍ୟଭୂମିର ଉନ୍ନତି ହୋଇଥିଲା, ଯେଉଁ-ସମୟରେ ଏହାର ପୂଜ୍ୟପାଦ ଗ୍ରନ୍ଥକାରଗଣ ଧର୍ମଭାବଯୁକ୍ତ ଓ ଜ୍ଞାନବିଜ୍ଞାନପୂର୍ଣ୍ଣ ଗ୍ରନ୍ଥସମୂହମାନ ସ୍ୱ ସ୍ୱ ମାତୃଭାଷାରେ ପ୍ରକାଶ କରିଥିଲେ ।

ଯେଉଁ ଭାରତକୁ ଯବନ ପ୍ରଭୃତି ଅସଭ୍ୟମାନେ ଆକ୍ରମଣ କରି ମହାଶ୍ମଶାନରୂପେ ପରିଣତ କରି ଅଛନ୍ତି, ସେହି ଭାରତ ଆଜି ସୁଦ୍ଧା ଜଗତ୍‌ପୂଜ୍ୟ ଓ ଶ୍ରେଷ୍ଠ ବୋଲି କାହିଁକି ମାନ୍ୟ ହେଉଅଛି ? ଏଠାରେ ସମ୍ପ୍ରତି ସେ ବିଦ୍ୟା, ବଳ, ଧନ, କଳା ଓ କୌଶଳ କିଛି ନାହିଁ; କିନ୍ତୁ ଯାହା ଅଛି ତାହା କେବଳ ଅତିକଷ୍ଟରେ ରକ୍ଷିତ କେତେକ ପ୍ରାଚୀନ ଗ୍ରନ୍ଥ ମାତ୍ର । ଏହା ସେହି ଗ୍ରନ୍ଥମାନଙ୍କର ପ୍ରତାପ ଓ ଏହା ସେହି ଗ୍ରନ୍ଥମାନଙ୍କର ବଳ ଏବଂ ଏହା ସେହି ଗ୍ରନ୍ଥମାନଙ୍କର ପ୍ରଭାବ, ଯାହା ପାଖରେ ପ୍ରସିଦ୍ଧ ୨ ବିଦେଶୀୟ ବିଦ୍ୱାନ୍‌ଗଣ ନତଗ୍ରୀବ ହେଉଅଛନ୍ତି । ଯଦି ଆମ୍ଭମାନଙ୍କ ପୂର୍ବପୁରୁଷଗଣ । ନିଜ ରଚିତ ଗ୍ରନ୍ଥ ସମୁଦାୟ ରଖି ଯାଇ ନ ଥାନ୍ତେ ଓ ଆପଣା ୨ ଅଲୌକିକ ବିଦ୍ୟାର ପରିଚୟ ଦେଇ ନ ଥାନ୍ତେ, ତେବେ ଜଗତରେ ଆଜି ଆମ୍ଭେମାନେ କିପରି ମୁଖ ଦେଖାଉଥାନ୍ତୁ ଏବଂ କେଉଁ ଭରସାରେ ଆପଣାକୁ ଆର୍ଯ୍ୟ ବୋଲି କୁହାନ୍ତୁ ଆଉ ଭାରତର ବିଗତ ପୂର୍ଣ୍ଣ ଗୌରବର ପରିଚୟ କାହାଦ୍ୱାରା ଦିଅନ୍ତୁ ?

ପ୍ରିୟପାଠକେ ! ବର୍ତ୍ତମାନ ଆମ୍ଭମାନଙ୍କର ଉତ୍କଳ ସାହିତ୍ୟ ଯଥାର୍ଥରୂପେ ଜାତୀୟ ସାହିତ୍ୟ ଆଖ୍ୟାର ଯୋଗ୍ୟ ହୋଇଅଛି କି ? ଉତ୍କଳରେ ଏତାଦୃଶ୍ୟ ସାହିତ୍ୟସେବକ କେତେ ଜଣ ଅଛନ୍ତି, ଯେ ନିଜ ଉଦାସୀନ ନୋହି ଗୁରୁତର ପ୍ରଯତ୍ନସହକାରେ ନିଜସାହିତ୍ୟର ସର୍ବାଙ୍ଗୀନ ସୌଷ୍ଠବ ସମ୍ପାଦିବାରେ ପ୍ରୟାସୀ ? ଯେତେବେଳେ ଉତ୍କଳର ସକଳ କବି ଓ ଲେଖକଗଣ ନିଜେ ମାତୃପରାୟଣ ହୋଇ ଧର୍ମପୂର୍ଣ୍ଣ, କୁରୁଚିବର୍ଜିତ ଓ ସାରଗର୍ଭ ଗ୍ରନ୍ଥ ସମୁଦାୟ ଲେଖିବାକୁ ଯତ୍ନବାନ୍ ହେବେ, ଏବଂ ଇଂରାଜୀ ଓ ସଂସ୍କୃତ ପ୍ରଭୃତି ଭାଷାମାନଙ୍କର ଉଚ୍ଚଆଶୟପୂର୍ଣ୍ଣ ଓ ଜ୍ଞାନ ବିଜ୍ଞାନମୟ ଗ୍ରନ୍ଥ କଳାପର ଅନୁବାଦ କରିବେ ଆଉ ନିଜ ମାତୃଭାଷାର ଉନ୍ନତିକୁ ନିଜର ଗୌରବ ବୋଧ କରି ନିଜସାହିତ୍ୟର ସର୍ବାଙ୍ଗୀନ ସୌଷ୍ଠବ ସମ୍ପାଦିବାରେ ତତ୍ପର ହେବେ, ସେତେବେଳେ ଉତ୍କଳ ସାହିତ୍ୟ ଏକ ଅଲୌକିକ ଶୋଭା ଧାରଣ କରି ଆମ୍ଭମାନଙ୍କର ଅଶେଷ କଲ୍ୟାଣକର ହେବ ।

ଶ୍ରୀ ସଦାଶିବ ବିଦ୍ୟାଭୂଷଣ ।

## ପର୍ଯ୍ୟଟନ

ସମ୍ପ୍ରତି ଦେଶ ପର୍ଯ୍ୟଟନର ମାନବୋଦ୍ଭାବିତ ପ୍ରକୃଷ୍ଟ ଉପାୟ ଆମ୍ଭମାନଙ୍କର ଏହି ଉତ୍କଳ-ଭୂମିକୁ ଆନୀତ ହୋଇଅଛି । କାଳେ ଏହା ଯେ ଉତ୍କଳରେ ଗୋଟିଏ ନବ ଯୁଗର ପ୍ରବର୍ତ୍ତନ କରିବ, ତାହା ଭବିଷ୍ୟଦ୍ରଷ୍ଟା ମାତ୍ରେ ବୁଝିପାରିବେ । ଯେଉଁ ବାଷ୍ପୀୟ ଶକଟ ପାଶ୍ଚାତ୍ୟ ଭୂଖଣ୍ଡରେ ବାଣିଜ୍ୟ ଜଗତରେ ଯୁଗ ପ୍ରଳୟ ଉପସ୍ଥିତ କରିଅଛି, ଯାହାର ପ୍ରଭାବରେ ଏକମାସର ପଥ ଏକ ଦିନରେ ଅତିକ୍ରମ କରି ହେଉଛି; ଆମ୍ଭେମାନେ ତାହାକୁହିଁ ଦେଶ ପର୍ଯ୍ୟଟନର ପ୍ରକୃତ ଉପାୟ

Digitized by srujanika@gmail.com

ବୋଲି ନିର୍ଦ୍ଦେଶ କରିଅଛୁଁ । ଆମ୍ଭେମାନେ ଏହି ପ୍ରବନ୍ଧରେ ବାଷ୍ପୀୟ ଶକଟ ସମ୍ବନ୍ଧରେ କିଛି ନ କହି ଦେଶ ପର୍ଯ୍ୟଟନର ଉପକାରିତା ସମ୍ବନ୍ଧରେ କିଞ୍ଚିତ୍ ଆଲୋଚନା କରିବୁଁ ।

ମନୁଷ୍ୟ ସ୍ୱାଧୀନ ଜୀବ । ସେ କାହାରିକୁ ତାହାର ଶରୀର ଓ ମନ ଉପରେ ରାଜତ୍ୱ କରିବାକୁ ଦିଏ ନାହିଁ । ସ୍ୱେଚ୍ଛାକ୍ରମେ ଶରୀର ଓ ମନ ଚାଳନା କରିବା ମନୁଷ୍ୟ ପକ୍ଷରେ ସ୍ୱାଭାବିକ ଏହି ସ୍ୱାଧୀନତାରୁହିଁ ମନୁଷ୍ୟର ପର୍ଯ୍ୟଟନ ପ୍ରବୃତ୍ତିର ଉଦ୍ଭବ । ମନୁଷ୍ୟ କଦାପି ଆପଣା ଗୃହର ଚତୁଷ୍କୋଣ ମଧ୍ୟରେ ଆବଦ୍ଧ ରହିବାକୁ ଭଲପାଏ ନାହିଁ । ସେ ପ୍ରଥମେ ତାହାର ଗୃହର ଚତୁର୍ଦ୍ଦିଗ, କ୍ରମେ ତାହାର ଗ୍ରାମ ବା ପଲ୍ଲୀ, ତତ୍ପରେ ନିଜର ଦେଶ-ମହାଦେଶ ଏବଂ କ୍ରମେ କ୍ରମେ ସମସ୍ତ ଭୂମଣ୍ଡଳ ପର୍ଯ୍ୟଟନ କରି ଦେଖିବାକୁ ସ୍ୱଭାବତଃ ପ୍ରୟାସୀ ।

ମନୁଷ୍ୟ ନିତାନ୍ତ ବର୍ବରାବସ୍ଥାରେ ସୁଦ୍ଧା ପର୍ଯ୍ୟଟନ-ପ୍ରିୟ ଥିଲା । ଭାରତବର୍ଷର ଅନାର୍ଯ୍ୟ-ମାନେ ଆପଣା ୨ ର ଗୋସମ୍ପତ୍ତିକୁ ଘେନି ନାନା ସ୍ଥାନରେ ଭ୍ରମଣ କରି ବୁଲୁଥିଲେ । ସେମାନେ କଦାପି ଏକ ସ୍ଥାନରେ ଅଧିକକାଳ ଅବସ୍ଥାନ କରୁ ନ ଥିଲେ । ମନୁଷ୍ୟ କ୍ରମେ ଯେତେ ସଭ୍ୟ ହେବାକୁ ଲାଗିଲେ ପର୍ଯ୍ୟଟନ-ସ୍ପୃହା ତାହାର ସେତେ ବୃଦ୍ଧି ଲଭିଲା । ପୁଣି ଏହି ଅଦମ୍ୟ ପର୍ଯ୍ୟଟନ-ସ୍ପୃହା ଚରିତାର୍ଥ କରିବା ନିମନ୍ତେ ସେ କ୍ରମେ କ୍ରମେ ନାନା ପ୍ରକାର ସହଜ ଉପାୟମାନ ଆବିଷ୍କାର କରିବାକୁ ଲାଗିଲା । ତାହାର ଫଳ ଏହି ହେଲା ଯେ, ପୂର୍ବେ ମନୁଷ୍ୟ ଆମରଣ କାଳ ଆପଣା ପାଦ ଦ୍ୱାରା ଯେତେ ଭ୍ରମଣ କରିପାରୁ ନ ଥିଲା ଆଜି କାଲି ଅଳ୍ପ ସମୟ ମଧ୍ୟରେ ସୁଦ୍ଧା ସେ ତାହା କରିବାକୁ ସକ୍ଷମ ହେଉଅଛି । ଏହାଦ୍ୱାରା ଯେ ମାନବସମାଜର କି ଅଦ୍ଭୁତ ଉନ୍ନତି ସାଧିତ ହୋଇଅଛି, ତାହା ଭାବିଲେ ହୃଦୟ ସ୍ତବ୍ଧ ହୋଇଯାଏ । ପୃଥିବୀର ଯାବତୀୟ ଉନ୍ନତି ମୂଳରେ ଏହି ପର୍ଯ୍ୟଟନ-ସ୍ପୃହା ବିରାଜମାନ, ମନୁଷ୍ୟ ଯଦି ପର୍ଯ୍ୟଟନ-ପ୍ରିୟ ହୋଇ ନ ଥାନ୍ତା—କେବଳ ନିଜ କ୍ଷୁଦ୍ର ଗୃହର ଚତୁଷ୍କୋଣମଧ୍ୟରେ ଆବଦ୍ଧ ରହି କାଳକ୍ଷେପଣ କରୁଥାନ୍ତା—ତାହା ହେଲେ ଆଜି ପୃଥିବୀ ସଭ୍ୟତାର ଇତିହାସ ଯେ କେବଳ ଦୁଇ ତିନି ପତ୍ରରେ ନିବଦ୍ଧ ହୋଇଥାନ୍ତା ସେଥିରେ ସନ୍ଦେହ ନାହିଁ ।

ପର୍ଯ୍ୟଟନ ମାନବ ଶିକ୍ଷାର ଅର୍ଦ୍ଧାଙ୍ଗ । ପର୍ଯ୍ୟଟନ ବ୍ୟତୀତ ଆମ୍ଭମାନଙ୍କର ଶିକ୍ଷା କଦାପି ସମ୍ପୂର୍ଣ୍ଣ ଓ ସର୍ବାଙ୍ଗସୁନ୍ଦର ହୋଇ ନ ପାରେ । ପୁସ୍ତକ-ନିହିତ ଉପଦେଶାବଳୀକୁ କେବଳ ଶୁକପକ୍ଷୀ ପରି କଣ୍ଠସ୍ଥ କରି ରଖିଲେ ତଦ୍ୱାରା ଆମ୍ଭମାନଙ୍କର କୌଣସି ଉପକାର ସାଧିତ ହୁଏ ନାହିଁ । ଆମ୍ଭେମାନେ ପୁସ୍ତକାଦିରେ ଯାହା ପାଠ କରୁଁ, ବିସ୍ତୀର୍ଣ୍ଣ ସଂସାର କ୍ଷେତ୍ରରେ ସେ ସମୁଦାୟକୁ ପ୍ରମାଣ କରି ଅଭିଜ୍ଞତା ଲାଭ କରିବା ଆବଶ୍ୟକ ଏବଂ ତାହା କରିବାକୁ ହେଲେ ଆମ୍ଭମାନଙ୍କର ଅଦୌ ଦେଶ-ବିଦେଶ ଭ୍ରମଣ କରିବା ଆବଶ୍ୟକ । ଆଗ୍ନେୟଗିରି ଭାରତବର୍ଷରେ ନାହିଁ । ସୁତରାଂ ବର୍ଷାନ୍ତରରେ ବିଚରଣ ନ କଲେ ଆଗ୍ନେୟଗିରିର ଭୀଷଣତା ଆମ୍ଭମାନଙ୍କର ଉପଲବ୍ଧ ହୁଏ ନାହିଁ । ମୂକ ବଧିରମାନଙ୍କୁ ଶିକ୍ଷା ଦେବା ନିମିତ୍ତ ପାଶ୍ଚାତ୍ୟ ଦେଶମାନଙ୍କରେ ନବ ୨ ପ୍ରଣାଳୀମାନ ଆବିଷ୍କୃତ ହେଉଅଛି । ଯଦି ଆମ୍ଭେମାନେ ଉକ୍ତ ପ୍ରଣାଳୀମାନ ଶିକ୍ଷା କରିବାକୁ ଇଚ୍ଛା କରୁଁ, ତାହାହେଲେ ଆମ୍ଭମାନଙ୍କୁ ସେହି ଦେଶମାନ ପର୍ଯ୍ୟଟନ କରି ଉକ୍ତ ପ୍ରଣାଳୀମାନ ଶିକ୍ଷା କରି ଆସିବାକୁ ହେବ । ଏହିରୂପେ କି ବିଜ୍ଞାନ, କି ବାଣିଜ୍ୟ, କି ରାଜନୀତି, କି ଶିକ୍ଷାପ୍ରଣାଳୀ ପ୍ରଭୃତି ପ୍ରତ୍ୟେକ ବିଷୟରେ ଅଭିଜ୍ଞତା ଲାଭ କରିବାକୁ ହେଲେ ଦେଶାନ୍ତରରେ ଭ୍ରମଣ କରିବା ବ୍ୟତୀତ ଗତ୍ୟନ୍ତର ନାହିଁ ।

ଦେଶର ବହିର୍ବାଣିଜ୍ୟର ଉନ୍ନତି ନିମନ୍ତେ ପର୍ଯ୍ୟଟନ ଏକାନ୍ତ ଆବଶ୍ୟକ । ଭିନ୍ନ ଦେଶ-

Digitized by srujanika@gmail.com

ଜାତ ଶସ୍ୟ, ଶିଳ୍ପ ପ୍ରଭୃତି ବିଦେଶକୁ ଘେନିଯାଇ ବିକ୍ରୟ ନ କଲେ କିଏ ଆସି ତାହା ତୁମ୍ଭମାନଙ୍କ ଗୃହରୁ ନେଇଯିବ ? ପୁଣି ଅନ୍ୟ ଦେଶର ପଣ୍ୟଦ୍ରବ୍ୟମାନ ଆଣିବାକୁ ହେଲେ ତୁମ୍ଭଙ୍କୁ ଅଗତ୍ୟା ବିଦେଶ ଭ୍ରମଣ କରିବାକୁ ହେବ । ସଭ୍ୟଦେଶମାନଙ୍କରେ ଭ୍ରମଣ ନ କଲେ ବାଣିଜ୍ୟ-ସମ୍ବନ୍ଧୀୟ ନୂତନ ୨ ପ୍ରଣାଳୀମାନଙ୍କରେ ବହୁଦର୍ଶିତା ଲାଭ କରି ପାରିବ ନାହିଁ । ପୃଥିବୀର ସର୍ବଶ୍ରେଷ୍ଠ ବ୍ୟବସାୟୀ ଇଂରାଜଜାତି ପୃଥିବୀର ସର୍ବତ୍ର ବିଚରଣ କରି ବାଣିଜ୍ୟୋନ୍ନତିର ନୂତନ ୨ ପନ୍ଥାମାନ ଆବିଷ୍କାର କରି ବୁଲୁଅଛନ୍ତି । ଘରେ ବସି କେହି କେବେ ବାଣିଜ୍ୟୋନ୍ନତି ସାଧନ କରି ପାରି ନାହିଁ । ଭାରତବାସିମାନେ ଦେଶାନ୍ତର ପର୍ଯ୍ୟଟନରେ ବହିର୍ଗତ ନ ହେଲେ କୌଣସି କାଳେ ସେମାନଙ୍କର ଆର୍ଥିକ ଉନ୍ନତି । ସାଧିତ ହେବ ନାହିଁ । କେବଳ ଆଟକ ନଗରର ସୀମା ମଧ୍ୟରେ ଅଟକ ରହିଲେ ସେମାନଙ୍କର ଦୁଃଖ କ୍ରମଶଃ ବୃଦ୍ଧି ଲଭୁଥିବ—ଜୀବନ ସଂଗ୍ରାମ ଦିନକୁଦିନ କଠୋର ହୋଇ ଆସୁଥିବ ।

ବିଦେଶ ପର୍ଯ୍ୟଟନଦ୍ୱାରା ପୃଥିବୀର ବିଭିନ୍ନ-ଜାତୀୟ ମନୁଷ୍ୟମାନଙ୍କ ମଧ୍ୟରେ ଏକତା ଓ ସୌହାର୍ଦ୍ଦ୍ୟ ସ୍ଥାପିତ ହୁଏ । ଦୁଇଶତ ବର୍ଷ ପୂର୍ବେ ଆମ୍ଭେମାନେ ଯେଉଁ ବିଦେଶୀୟମାନଙ୍କୁ ମ୍ଳେଚ୍ଛ ବୋଲି ଘୃଣା କରୁଥିଲୁ, ଆଜି ସେମାନଙ୍କ ସହିତ ଏକାସନରେ ବସି ସେମାନଙ୍କର କରମର୍ଦ୍ଦନ କରୁଅଛୁଁ । ସୁଦୂର ଆମେରିକାବାସୀମାନେ ଆଜି ଆମ୍ଭମାନଙ୍କର ଦୁଃଖରେ କାତର । କୌଣସି ଦେଶ ବିପଦରେ ପଡ଼ିଲେ ଅନ୍ୟ ଦେଶବାସି-ମାନେ ସ୍ୱତଃପ୍ରବୃତ୍ତ ହୋଇ ତାହାର ସାହାଯ୍ୟରେ ଅଗ୍ରସର ହେଉଅଛନ୍ତି । ପ୍ରବଳର ମୁଖରୁ ଦୁର୍ବଳକୁ ରକ୍ଷା କରିବା ନିମନ୍ତେ ସମସ୍ତେ ଏକତା ସୂତ୍ରରେ ଆବଦ୍ଧ ହୋଇ କାର୍ଯ୍ୟ କରିବାକୁ ସଦା ଯତ୍ନବାନ । ଯଦି ଲୋକେ ଦେଶ ବିଦେଶ ପର୍ଯ୍ୟଟନକରି ପରସ୍ପର ମଧ୍ୟରେ ସଦ୍ଭାବ ସଂସ୍ଥାପନ କରୁ ନ ଥାନ୍ତେ ତାହାହେଲେ ଆଜି ଆମ୍ଭମାନେ ଏ ପ୍ରକାର ସୁଖ ଶାନ୍ତିରେ ବାସ କରିବାକୁ ସକ୍ଷମ ହେଉଥାନ୍ତୁ କି ନାହିଁ ଘୋର ସନ୍ଦେହର ସ୍ଥଳ ।

ପର୍ଯ୍ୟଟନ ବ୍ୟତୀତ ଆମ୍ଭମାନଙ୍କର ଭୌଗଳିକ ଜ୍ଞାନ ପରିସ୍ଫୁଟ ହେବାର ଉପାୟ ନାହିଁ । ମହାତ୍ମା କଲମ୍ବସ ଯଦ୍ୟପି ପର୍ଯ୍ୟଟନରେ ବହିର୍ଗତ ହୋଇ ନ ଥାନ୍ତେ ତାହାହେଲେ ଆଜି ପୃଥିବୀର ପ୍ରାୟ ଅର୍ଦ୍ଧାଂଶ ଆମ୍ଭମାନଙ୍କ ନିକଟରେ ଅପ୍ରକାଶିତ ଥାଆନ୍ତା । ଆଜସୁଦ୍ଧା ଭୌଗୋଳିକମାନେ ଆଫ୍ରିକା ମହାଦେଶ ଓ ପୃଥିବୀର ମେରୁ ପ୍ରଦେଶମାନ ଆବିଷ୍କାର କରିବାରେ ନିଯୁକ୍ତ ରହିଅଛନ୍ତି । ବାରମ୍ବାର ପର୍ଯ୍ୟଟନ କରି ମନୁଷ୍ୟ ମହାସମୁଦ୍ରମାନଙ୍କ ବକ୍ଷୋପରି ନିରାପଦଜନକ ମାର୍ଗମାନ ନିର୍ଣ୍ଣୟ କରି ତହିଁ ଉପରେ ସ୍ୱଚ୍ଛନ୍ଦରେ ପୋତ ଚଳାଉ-ଅଛି । ପ୍ରତିଦିନ ପର୍ଯ୍ୟଟକମାନେ କେତେ ଅନାବିଷ୍କୃତ ସ୍ଥାନମାନ ଆବିଷ୍କାର କରୁଅଛନ୍ତି ତାହା କିଏ କଳନା କରିବ ? ମହାସମୁଦ୍ର ମଧ୍ୟରେ କେଉଁଠାରେ କେଉଁ ଦ୍ୱୀପ ଅଛି ତାହା ପର୍ଯ୍ୟଟନ କରି ଆବିଷ୍କାର ନ କଲେ ସେମାନଙ୍କର ଅସ୍ତିତ୍ୱ ଚିରକାଳ ଆମ୍ଭମାନଙ୍କ ଚକ୍ଷୁର ଅଗୋଚରରେ ରହିବ ।

ଦେଶାଟନ ନ କଲେ ବିଭିନ୍ନଦେଶୀୟ ଲୋକ ଚରିତ୍ର ଅଧ୍ୟୟନ କରି ହୁଏ ନାହିଁ । ପୁଣି ସେମାନଙ୍କର ପାରିବାରିକ ଓ ସମାଜିକ ଆଚାର, ବ୍ୟବହାର, ରୀତି, ନୀତି, ପ୍ରଭୃତି ଶିକ୍ଷା କରିବାକୁ ହେଲେ ସେମାନଙ୍କ ସଂଘର୍ଷଣରେ ଆସିବା ନିତାନ୍ତ ଆବଶ୍ୟକ । ବିଭିନ୍ନ ଦେଶୀୟ ରାଜନୀତିରେ ନୈପୁଣ୍ୟ ଲାଭ କରିବାକୁ ହେଲେ ସେହି ୨ ଦେଶର ଅଧିକ କାଳ ଅବସ୍ଥାନ କରି ତାହା ଆଲୋଚନା କରି ଦେଖିବାକୁ ହେବ ।

Digitized by srujanika@gmail.com

କେବଳ ଘରେ ବସି ପୁସ୍ତକଗତ କେତେଗୁଡ଼ିଏ ବିଷୟ କଣ୍ଠସ୍ଥ କରି ରଖିଲେ କୌଣସି ଉପକାର ହେବ ନାହିଁ ।

କ୍ଷୁଦ୍ର ସୀମା ମଧ୍ୟରେ ଆବଦ୍ଧ ହୋଇ ରହିଲେ ମନୁଷ୍ୟର ହୃଦୟ ଓ ମନ ପ୍ରସାରିତ ହୁଏ ନାହିଁ । ସେହି କ୍ଷୁଦ୍ର ସୀମା ମଧ୍ୟରେ ସେ ଯାହା ଦେଖେ କେବଳ ତାହାରି ଉପରେ ତାହାର ମମତା ଜାତ ହୁଏ, ତାହା ଛଡ଼ା ଅନ୍ୟ ଯାହା କିଛି ଦେଖେ ବା ଶୁଣେ ତାହା ଉପରେ ତାହାର ଗୋଟାଏ ବିଜାତୀୟ ଘୃଣା ଜାତ ହୁଏ । ମାତ୍ର ଦେଶ ବିଦେଶ ଭ୍ରମଣ କରି ଦେଖିଲେ ତାହାର ସେ ଘୃଣା ରହେ ନାହିଁ । ଅଖିଳ ବିଶ୍ୱସଂସାରକୁ ଏକ ଈଶ୍ୱରଙ୍କ ସୃଷ୍ଟି ଜ୍ଞାନ କରି ସେ ତନ୍ମଧ୍ୟସ୍ଥ ସମସ୍ତ ପଦାର୍ଥକୁ ଭଲ ପାଇବାକୁ ଶିକ୍ଷାକରେ । ବହୁକାଳ ଭାରତବର୍ଷର କ୍ଷୁଦ୍ର ସୀମା ମଧ୍ୟରେ ଆବଦ୍ଧ ରହିବାରୁ ଆମ୍ଭମାନଙ୍କର ସଙ୍କୀର୍ଣ୍ଣତା ପୌରାଣିକ ଖ୍ୟାତି ଲଭିଅଛି । ମାତ୍ର ଯେଉଁ ପାଶ୍ଚାତ୍ୟ ଜାତିମାନେ ସର୍ବଦା ନାନା ଦେଶ ଭ୍ରମଣ କରି ବୁଲୁଅଛନ୍ତି, ସେମାନଙ୍କର ଉଦାରତା କି ମହାନ କି ବିଶ୍ୱବ୍ୟାପୀ !

ଆଜକାଲି ଆମ୍ଭମାନଙ୍କ ଦେଶରେ ଯେଉଁ ମହା ଦୁର୍ଭିକ୍ଷ ପଡ଼ିଅଛି ସେଥିରେ ପୃଥିବୀର ସୁଦୂରବର୍ତ୍ତୀ ଆମେରିକା, ଅଷ୍ଟ୍ରେଲିଆ, ପ୍ରଭୃତି ଦେଶବାସିମାନେ ଯେଉଁ ଅସୀମ ଉଦାରତା ପ୍ରଦର୍ଶନ କରିଅଛନ୍ତି ତାହା ଭାବିଲେ ଅଶ୍ରୁ-ବିସର୍ଜ୍ଜନ ନ କରି ରହି ହୁଏ ନାହିଁ । ଇଂରାଜ ଆମ୍ଭମାନଙ୍କର ରାଜା । ସୁତରାଂ ଅମ୍ଭମାନଙ୍କୁ ରକ୍ଷା କରିବା ନିମନ୍ତେ ଧର୍ମତଃ ବାଧ୍ୟ । ମାତ୍ର ଯେଉଁମାନଙ୍କର ଆମ୍ଭମାନଙ୍କ ସହିତ କୌଣସି ସମ୍ପର୍କ ନାହିଁ ( ଏମନ୍ତ କି ଯେଉଁମାନେ ବାଣିଜ୍ୟ-ସୂତ୍ରରେ ମଧ୍ୟ ଭାରତ ସହିତ ସମ୍ବଦ୍ଧ ନୁହନ୍ତି ) ସେମାନେ କାହିଁକି ଆମ୍ଭମାନଙ୍କ ଦୁଃଖରେ ଏତେ କାତର ? ସେମାନଙ୍କର ଏହି ସ୍ୱର୍ଗୀୟ ନିଃସ୍ୱାର୍ଥ-ପରତା ଓ ବିଶ୍ୱବ୍ୟାପି ଉଦାରତାର ହେତୁ କଅଣ ? ଏ ପ୍ରକାର ସାର୍ବଜନୀନ ଭାବରେ ନିଃସ୍ୱାର୍ଥପର ଓ ଉଦାର ହେବାକୁ ସେମାନଙ୍କୁ କିଏ ଶିଖାଇଲା ? ବିଦେଶ ପର୍ଯ୍ୟଟନ ହିଁ ଏହି ଶିକ୍ଷାର ମୂଳ । ତାହାର ଅଭାବରେ ସେମାନେ କଦାପି ଏପ୍ରକାର 'ଉଦାରତା ପ୍ରଦର୍ଶନ କରିବାକୁ ସକ୍ଷମ ହୋଇ ନ ଥାନ୍ତେ । ପୃଥିବୀର ନାନା ଦେଶରେ ନାନା ସମୟରେ ଦୁର୍ଭିକ୍ଷ, ମହାମାରୀ ପ୍ରଭୃତି ଦେଖା ଦେଇଅଛି । କାହିଁ, କେବେତ ଭାରତବାସିମାନେ ସେଥିସକାଶେ ବେଦନା ଅନୁଭବ କରିଥିବାର ଶୁଣା ଯାଇନାହିଁ ? ପର୍ଯ୍ୟଟନଦ୍ୱାରା ମନୁଷ୍ୟ ଧର୍ମ, ନୀତି, ରାଜନୀତି ପ୍ରଭୃତି ସକଳ ବିଷୟରେହିଁ ଉଦାର ହେବାକୁ ଶିକ୍ଷା କରେ, ତାହାର ସଂକୀର୍ଣ୍ଣତା ବିନଷ୍ଟ ହୋଇଯାଏ ।

ଦେଶ ପର୍ଯ୍ୟଟନଦ୍ୱାରା ଜାତୀୟ ସାହିତ୍ୟର ମଧ୍ୟ କମ୍ ଉନ୍ନତି ସାଧିତ ହୁଏ ନାହିଁ । ନାନା ଦେଶରେ ଭ୍ରମଣ କରି ଆମ୍ଭେମାନେ ତତ୍ତତ୍ ଦେଶର ଭାଷା ଶିକ୍ଷାକରୁଁ ଏବଂ ତାହା କରିବା ପରେ ୨ ସେହି ଦେଶର ସାହିତ୍ୟ ପାଠ କରି ଆମ୍ଭେମାନେ ନୂତନ ୨ ବିଷୟମାନ ଅବଗତ ହେଉଁ ଏବଂ ତଦ୍ୱାରା ନିଜ ୨ ଜାତୀୟ ସାହିତ୍ୟର ଶରୀରକୁ ପୁଷ୍ଟ କରିବାକୁ ସକ୍ଷମ ହେଉଁ । ଯେଉଁ ଇଂରାଜୀ ସାହିତ୍ୟ ଆଜିକାଲି ପୃଥିବୀରେ ସର୍ବୋପରି ଶ୍ରେଷ୍ଠତା ଲାଭ କରିଅଛି ତାହାର ଏହି ଅସୀମ ଉନ୍ନତିର ବିଷୟ ଆଲୋଚନା କଲେ ଦେଖାଯାଏ ଯେ ତାହା କେବଳ ବିଦେଶୀୟ ସାହିତ୍ୟ ଭଣ୍ଡାରର ରତ୍ନନିଚୟ ଦ୍ୱାରା ଏତେ ହୃଷ୍ଟପୁଷ୍ଟ ହୋଇଅଛି । ଇଂରାଜ ସାହିତ୍ୟରଥୀମାନେ ପୃଥିବୀର ଯେଉଁଠାରେ ଯାହା ଭଲ ପାଉଅଛନ୍ତି ତାହା ନେଇ ଆପଣାର ସାହିତ୍ୟ ଭଣ୍ଡାରରେ ସାଦରେ ସଂଗ୍ରହ କରି ରଖିଅଛନ୍ତି । କାହିଁ ଆମ୍ଭମାନଙ୍କ ଦେଶରେ ସେପ୍ରକାର ଚେଷ୍ଟାତ ଆଦୌ ପରିଲକ୍ଷିତ ହେଉ ନାହିଁ ? ହେବ

Digitized by srujanika@gmail.com

କପର ? ଆମ୍ଭେମାନେତ କୌଣସି ଦେଶକୁ ଯାଉନା, କୌଣସି ବିଦେଶୀୟ ଭାଷା ଶିକ୍ଷା କରିବାକୁ ଚେଷ୍ଟା କରୁନା, କେଉଁଠାରୁ, କିରନ୍ତ ସଂଗ୍ରହ କରିବୁଁ ?

ସର୍ବୋପରି ଦେଶାଟନଦ୍ୱାରା ମନୁଷ୍ୟ ସର୍ବ-
-ଜନୀନ ଧର୍ମଶିକ୍ଷା ଲାଭ କରିବାକୁ ସକ୍ଷମ ହୁଏ । ମନୁଷ୍ୟର ଏହି ପର୍ଯ୍ୟଟନ ପ୍ରବୃତ୍ତି ଯେତେ ବୃଦ୍ଧି ଲଭୁଅଛି ସେ ସେତେ ସଙ୍କୀର୍ଣ୍ଣତା ଓ କୁସଂସ୍କାରର ଦୃଢ଼ ମୁଷ୍ଟିରୁ ମୁକ୍ତ ଲାଭ କରି ଉଦାର ଧର୍ମଭୂମି ଉପରକୁ ଆନୀତ ହେଉଅଛି । ଖ୍ରୀଷ୍ଟିୟାନ ବୌଦ୍ଧର ଧର୍ମମନ୍ଦିରରେ, ମୁସଲମାନ ଖ୍ରୀଷ୍ଟିୟାନର ଧର୍ମ ମଣ୍ଡପରେ ବସି ଈଶ୍ୱରୋପା-
-ସନା କରିବାକୁ କୁଣ୍ଠିତ ହେଉ ନାହିଁ । ପ୍ରତ୍ୟେକ ପରସ୍ପରର ଧର୍ମାଲୋଚନା କରି କ୍ରମେ କ୍ରମେ ଏକ ସାଧାରଣ ଧର୍ମ ଭୂମିଆଡ଼କୁ ଅଗ୍ରସର ହେଉଅଛନ୍ତି ।

ଶ୍ରୀ କୃଷ୍ଣପ୍ରସାଦ ଚୌଧୁରୀ

## ପରମାତ୍ମାଙ୍କ ପ୍ରକାଶ *

ବକ୍ତୃତାର ବିଷୟ ଅତ୍ୟନ୍ତ ଗୁରୁତର—ଏପରି ଗୁରୁତର ବିଷୟ ବୋଧହୁଏ ଆଉ କିଛି ନାହିଁ । ମୋ ପରି କ୍ଷୁଦ୍ରବ୍ୟକ୍ତି ପକ୍ଷରେ ଏମନ୍ତ ବିଷୟ ନିର୍ବାଚନ କରିବା ନିତାନ୍ତ ଧୃଷ୍ଟତା ଛଡ଼ା ଆଉ କିଛି ନୁହେଁ । ତଥାପି ଯେ ଏପରି ବିଷୟ ନିର୍ବାଚନ କରିଅଛି, ତାହାର କାରଣ ଏହି ଯେ ମାନବଜୀବନ ଓ ମାନବସମାଜ ପକ୍ଷରେ ଏପରି ପ୍ରୟୋଜନୀୟ ବିଷୟ ଆଉ କିଛି ନାହିଁ—ଏହାର ଆଲୋଚନା ଯେତେ ଅଧିକ ପରିମାଣରେ ହେବ, ସେତିକି ମନୁଷ୍ୟର ମଙ୍ଗଳ । ପରନ୍ତୁ ସେହି ପରମାତ୍ମାଙ୍କ କୃପାରେ ତାଙ୍କ ବିଷୟରେ ଯେ ଯେତିକି ଅନୁଭବ କରିଅଛି, ତାହା ଅପର ସାଧାରଣଙ୍କ ନିକଟରେ ବ୍ୟକ୍ତ କରିବାର ସମ୍ପୂର୍ଣ୍ଣ ଅଧିକାର ତାହାର ଅଛି । ଆଶା ଓ ଆକାଂକ୍ଷା ଏହି ଯେ ଆମ୍ଭମାନଙ୍କ ମଧ୍ୟରେ ପରମାତ୍ମାଙ୍କ ବିଷୟର ଆଲୋଚନା ବହୁଳ ପରିମାଣରେ ହେଉ ।

ଈଶ୍ୱର ମହାନ୍ ଅନନ୍ତ, ତାଙ୍କର ତତ୍ତ୍ୱ ମାନବ ହୃଦୟର ଧାରଣାର ଅତୀତ । ଯେ ଏହି କୋଟି ବ୍ରହ୍ମାଣ୍ଡର ଅଧିପତି, ସେ କେଡ଼େ ବଡ଼, ତାଙ୍କର ଶକ୍ତି କେତେ, କିଏ କଳନା କରି ପାରିବ ? ପୁଣି ମନୁଷ୍ୟ ଏ ବ୍ରହ୍ମାଣ୍ଡ ମଧ୍ୟରେ କେଡ଼େ କ୍ଷୁଦ୍ର—ଏହି ପ୍ରକାଣ୍ଡ ବ୍ରହ୍ମାଣ୍ଡପ୍ରତି ଦୃଷ୍ଟିନିକ୍ଷେପ କରି ଭାବିଲେ ମନୁଷ୍ୟ ସାମାନ୍ୟ ଧୂଳିକଣାଠାରୁ ହୀନ ବୋଲି ପ୍ରତୀୟମାନ ହୁଏ । ବ୍ରହ୍ମାଣ୍ଡପତିଙ୍କର ଅନନ୍ତତ୍ୱ ଓ ମନୁଷ୍ୟର କ୍ଷୁଦ୍ରତ୍ୱ ଚିନ୍ତା କରି ଅନେକ ବଡ଼ ବଡ଼ ପଣ୍ଡିତ ଈଶ୍ୱରଙ୍କୁ ଅଜ୍ଞାତ ଓ ଅଜ୍ଞେୟ ବୋଲି ଘୋଷଣା କରିଅଛନ୍ତି । ସେମାନେ ଭୟରେ ବିସ୍ମୟରେ ସ୍ତବ୍ଧ ହୋଇ ଏପ୍ରକାର ମତ ଜନସାଧାରଣରେ ପ୍ରଚାର କରିବାକୁ ବାଧ୍ୟ ହୋଇଛନ୍ତି । କିନ୍ତୁ ତାହା କହିଲେ କଣ ହେବ ? ମାନବ ହୃଦୟର ଆକାଂକ୍ଷା ଅତି ଉଚ୍ଚ—ସେ ଏହି ଘୋର ବୈଷମ୍ୟ ଅନୁଭବ କରି ସୁଦ୍ଧା ତାଙ୍କୁ ଜାଣିବାପାଇଁ ବ୍ୟାକୁଳ ହୋଇଉଠେ । ଏହି ଆକାଂକ୍ଷା ପୂରଣ କରିବା ପାଇଁ ମନୁଷ୍ୟ ଯେପ୍ରକାର କଠୋର ସାଧନାରେ ପ୍ରବୃତ୍ତ ହୁଏ ଏବଂ ଯେପରି ଅକାତରେ ଜୀବନର ସର୍ବସ୍ୱ ଉତ୍ସର୍ଗ କରେ ଅନ୍ୟ କୌଣସି ବିଷୟ ପାଇଁ ସେପରି କରେ ନାହିଁ । ପରମ ସୌନ୍ଦର୍ଯ୍ୟର ବିଷୟ ମନୁଷ୍ୟର

* ଉତ୍କଳ ବ୍ରାହ୍ମସମାଜର ଅଷ୍ଟାବିଂଶତି ସାମ୍ବତ୍ସରିକ ଉତ୍ସବ ଉପଲକ୍ଷରେ ୩।୨।୧୭ ତାରିଖରେ ପ୍ରଦତ୍ତ ବକ୍ତୃତାର ସାର ଏହି ପ୍ରବନ୍ଧରେ ସନ୍ନିବେଶିତ ହେଲା । ଉଃ ସାଃ ସଂ ।

Digitized by srujanika@gmail.com

ରୂପରେ ସେ ଆକାଂକ୍ଷା ପୂରଣ କରିଅଛନ୍ତି ଓ କରୁଅଛନ୍ତି । ପରମାତ୍ମା ସ୍ୱପ୍ରକାଶ ବୋଲି—ସର୍ବସ ବ୍ୟକ୍ତି ଥାଇ ପିପାସୁପ୍ରାଣ ନିକଟରେ ଏପ୍ରକାର ଚେଷ୍ଟା କଦାପି ବିଫଳ ହୋଇନାହିଁ । କରୁଣାମୟ ପରମେଶ୍ୱର ମାନବ ପ୍ରାଣରେ ଏପ୍ରକାର ଆକାଂକ୍ଷା ପ୍ରଦାନ କରି ନିଜେ ସ୍ୱପ୍ରକାଶ-ଆତ୍ମସ୍ୱରୂପ ପ୍ରକାଶ କରୁଅଛନ୍ତି ବୋଲି, ମନୁଷ୍ୟ ତାଙ୍କୁ ଜାଣିବାକୁ ସମର୍ଥ ହୋଇଅଛି । ନତୁବା ତାହାର ଶକ୍ତି, ସାମର୍ଥ୍ୟ, ବିଦ୍ୟା, ବୁଦ୍ଧି, ଭାବନା, କଳ୍ପନା, ସମସ୍ତ ଏଠାରେ ନିଷ୍ଫଳ । ପରମାତ୍ମାଙ୍କର ଏହି ଆତ୍ମପ୍ରକାଶକୁ ତିନିଭାଗରେ ବିଭକ୍ତ କରି ଯାଇ ପାରେ ।

ପ୍ରଥମତଃ ପ୍ରକୃତିରେ ପରମାତ୍ମାଙ୍କ ପ୍ରକାଶ । ଆଦିମ ଅବସ୍ଥାରେ ଯେତେବେଳେ ମନୁଷ୍ୟର ଜ୍ଞାନ ବିକଶିତ ହୋଇ ନ ଥିଲା ତେତେବେଳେ ତାହାର ଦୃଷ୍ଟି ଜଡ଼ଜଗତରେ ନିବଦ୍ଧ ଥିଲା । ଏହି ପ୍ରକୃତି ପର୍ଯ୍ୟବେକ୍ଷଣଦ୍ୱାରା ମନୁଷ୍ୟ ସର୍ବସ ଶକ୍ତିର ଲୀଳା ଦର୍ଶନ କରି ସ୍ତମ୍ଭିତ ଓ ମୋହିତ ହେଲା । ଏହି ଶକ୍ତି ଭିନ୍ନ ୨ ସ୍ଥଳରେ ଭିନ୍ନ ୨ କାର୍ଯ୍ୟ ସାଧନ କରୁଥିବାର ଅବଲୋକନ କରି ଆଦିମ ମନୁଷ୍ୟମାନେ ପ୍ରତ୍ୟେକରେ ସ୍ୱତନ୍ତ୍ର ଦେବତ୍ୱ ଆରୋପ କରି ସେମାନଙ୍କର ପୂଜା ବନ୍ଦନା କରିବାକୁ ଆରମ୍ଭ କଲେ । ଏହିପରି ସୂର୍ଯ୍ୟ, ଚନ୍ଦ୍ର, ତାରା, ଅଗ୍ନି, ବାୟୁ, ଜଳ ପ୍ରଭୃତି ଜଡ଼ ବସ୍ତୁନିଚୟ ଦେବତାର ସ୍ଥାନ ଅଧିକାର କଲେ । ମାତ୍ର କ୍ରମେ ଜ୍ଞାନୋନ୍ନତିର ପ୍ରଭାବରେ ଖଣ୍ଡ ଶକ୍ତି ପୂଜାର ଭାବ ହ୍ରାସପ୍ରାପ୍ତ ହେଲା—ମନୁଷ୍ୟ ସମାଜ ବ୍ରହ୍ମାଣ୍ଡମଧ୍ୟରେ ଏକଶକ୍ତିର ଲୀଳା ଦର୍ଶନ କରି ତାହାର ପୂଜାରେ ପ୍ରବୃତ୍ତ ହେଲା । ଆଉ ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି, ବାୟୁ ପ୍ରଭୃତି ସ୍ୱତନ୍ତ୍ର ଦେବତା ହୋଇ ରହିଲେ ନାହିଁ । ମାତ୍ର ସମସ୍ତଙ୍କ ମଧ୍ୟରେ ଜଣେ ଦେବତାଙ୍କର କାର୍ଯ୍ୟ-କୌଶଳ ଓ ମହିମା ମନୁଷ୍ୟ ପ୍ରାଣରେ ପ୍ରକାଶିତ ହୋଇ ତାହାକୁ ଉଚ୍ଚତର ଅବସ୍ଥାକୁ ଉନ୍ନୀତ କଲା । ଏହିଠାରୁ ପ୍ରକୃତିରେ ବ୍ରହ୍ମଦର୍ଶନର ସୂତ୍ରପାତ ହେଲା । ପ୍ରକୃତିରାଜ୍ୟରେ ପରମାତ୍ମାଙ୍କ ପ୍ରକାଶ କେବଳ ଯେ ଆମ୍ଭମାନଙ୍କ ଦେଶରେ ଆଦିମ ଅବସ୍ଥାରେ ଅନୁଭୂତ ହୋଇଥିଲା ତାହା ନୁହେଁ । ସର୍ବସ ମନୁଷ୍ୟର ଆଦିମ ଅବସ୍ଥା ଏହି ପ୍ରକାର । ୟିହୁଦୀଧର୍ମ ପ୍ରବର୍ତ୍ତକ ମହାତ୍ମା ମୋସେସ Burning bush ( ପ୍ରଜ୍ୱଳିତ ଗୁଳ୍ମରାଶି ) ମଧ୍ୟରେ ଈଶ୍ୱରଙ୍କୁ ଦର୍ଶନ ଲାଭ କରିଥିଲେ । ଏବଂ ସେହିଠାରୁ ପ୍ରତ୍ୟାଦେଶ ଲାଭ କରିଥିଲେ । ଏକ ଶକ୍ତିର ପରିଚୟ ପାଇ ଏକ ଦେବତାର ପୂଜାରେ ପ୍ରବୃତ୍ତ ହୋଇ ସୁଦ୍ଧା ମନୁଷ୍ୟର ଦୃଷ୍ଟି ବହୁକାଳ ପର୍ଯ୍ୟନ୍ତ ବହିର୍ଜଗତରେ ନିବଦ୍ଧ ଥିଲା । ପ୍ରକୃତିରେ ବ୍ରହ୍ମଦର୍ଶନ, ପ୍ରକୃତିର ସାହାଯ୍ୟରେ ବ୍ରହ୍ମବାଣୀ ଶ୍ରବଣ ସେ ସମୟର ପ୍ରଧାନ ଭାବ ଥିଲା । ଉଷାର ରମଣୀୟତା ଦର୍ଶନ କରି ତାହାର ଭିତରେ ବ୍ରହ୍ମଙ୍କର ପ୍ରକାଶ ଉପଲବ୍ଧି କରି ଆମ୍ଭମାନଙ୍କ ଦେଶର ଋଷିବୃନ୍ଦ ମହାଭାବରେ ଅନୁପ୍ରାଣିତ ହେଉଥିଲେ—ହିମା-ଚଳର ବିସ୍ମୟକର ଶୋଭାର ସମକ୍ଷରେ ସେମାନଙ୍କ ପ୍ରାଣରେ ମହାଭାବର ଲହରୀ ଉଚ୍ଛୁଳି ଉଠୁଥିଲା । ପ୍ରାଚୀନକାଳର ଦୈବବାଣୀ ବା Oracles ପ୍ରକୃତିର ସାହାଯ୍ୟରେ ବ୍ରହ୍ମବାଣୀ ଶ୍ରବଣ ବା ପ୍ରତ୍ୟାଦେଶ ଲାଭର ସୁସ୍ପଷ୍ଟ ପ୍ରମାଣ ଛଡ଼ା ଆଉ କିଛି ନୁହେଁ ।

ବର୍ତ୍ତମାନ ଜ୍ଞାନବିଜ୍ଞାନର ଅଶେଷ ଉନ୍ନତି ସାଧିତ ହୋଇଅଛି—ଦିନକୁଦିନ ବିଜ୍ଞାନର ପ୍ରଭାବ ବଢ଼ୁଅଛି, ନିତ୍ୟ ନୂତନତତ୍ତ୍ୱ ପ୍ରକାଶିତ ହେଉଅଛି, ନୂତନ ଆବିଷ୍କ୍ରିୟା ସମ୍ପାଦିତ ହେଉଅଛି । ମାତ୍ର ତଦ୍ଦ୍ୱାରା ପ୍ରକୃତିରେ ବ୍ରହ୍ମ-ଦର୍ଶନର ଭାବ କ୍ରମେ ତିରୋହିତ ନ ହୋଇ ବରଂ ବୃଦ୍ଧିପ୍ରାପ୍ତ ହେଉଅଛି । ସ୍ଥୂଳଦୃଷ୍ଟିରେ ବିଜ୍ଞାନ-ଧର୍ମ ମଧ୍ୟରେ ଅତ୍ୟନ୍ତ ବିରୋଧ ଥିବାର ପ୍ରତୀୟମାନ ହୋଇପାରେ । ମାତ୍ର ପ୍ରକୃତପକ୍ଷେ ବିଜ୍ଞାନ ଧର୍ମର ଚିରସହଚର—ଧର୍ମ ଓ ବିଜ୍ଞାନ ମଧ୍ୟରେ ପୂର୍ଣ୍ଣ-

Digitized by srujanika@gmail.com

ସାମଞ୍ଜସ୍ୟ ବିରାଜିତ ଅଛି । ବିଜ୍ଞାନ ପ୍ରକୃତିରାଜ୍ୟ ତନ୍ନ ତନ୍ନ ଅନୁସନ୍ଧାନ କରି ମହା ଆବିଷ୍କ୍ରିୟାମାନ ସଂସାଧନ କରି ମାନବପ୍ରାଣରେ ବିସ୍ମୟକୁ ଉତ୍ତରୋତ୍ତର ବର୍ଦ୍ଧିତ କରୁଅଛି ମାତ୍ର । ବିଜ୍ଞାନ ପ୍ରତ୍ୟକ୍ଷ ପ୍ରମାଣାଦିଦ୍ୱାରେ ସର୍ବତ୍ର ଏକଶକ୍ତିର ଲୀଳା ଓ ଅପୂର୍ବ କୌଶଳ ଓ ଅଚିନ୍ତ୍ୟ ମହିମା ପ୍ରଦର୍ଶନ କରି ମାନବପ୍ରାଣକୁ ସେହି ମହିମାମୟ ପୁରୁଷଙ୍କ ଆଡ଼କୁ ଅଧିକ ଆକୃଷ୍ଟ କରୁଅଛି । ପ୍ରାଚୀନକାଳରେ ଲୋକେ ବିଶ୍ୱାସ କରୁଥିଲେ ପୃଥିବୀକୁ ବାସୁକୀ ନାମକ ସର୍ପ ଧାରଣ କରିଅଛି—ମାତ୍ର ବିଜ୍ଞାନ ପ୍ରତ୍ୟକ୍ଷ ପ୍ରମାଣ ହସ୍ତରେ ଘେନି ଦଣ୍ଡାୟମାନ ହୋଇ କହିଲା "ପୃଥିବୀ ସର୍ପର ମୁଣ୍ଡରେ ନାହିଁ, ଶୂନ୍ୟରେ ଅବସ୍ଥାନ କରୁଅଛି—କୋଟିଯୋଜନ ଦୂରବର୍ତ୍ତୀ ସୂର୍ଯ୍ୟ ଏହାକୁ ଧରି ରଖିଅଛି !" ଏହାଦ୍ୱାରା ଈଶ୍ୱର ବିସ୍ମୟ ବଢ଼ିଲା ନା କମିଲା ? ଏହିପରି ନାନାବିଷୟରେ ବିଜ୍ଞାନ କେବଳ ଭ୍ରାନ୍ତବିଶ୍ୱାସ ଓ ଅନ୍ଧସଂସ୍କାର ବିନାଶ କରି ସତ୍ୟ ଓ ସୁସଂସ୍କାରର ପ୍ରତିଷ୍ଠା କରୁଅଛି । ତତ୍ପରେ ପୃଥିବ୍ୟାଦିର ଗଠନ, ଉପାଦାନ ଓ ଆଭ୍ୟନ୍ତରିକ କ୍ରିୟା ଇତ୍ୟାଦି ସମସ୍ତ କେବଳ ବିସ୍ମୟର ବ୍ୟାପାର ! କି କୌଶଳରେ ପୃଥିବୀର ରାଶି ୨ ଜଳ ଆକାଶକୁ ନୀତ ହେଉଅଛି, ସେଠାରେ ମେଘଆକାର ଧାରଣ କରି ସୁଶୀତଳ ବାରିଧାରାରୂପେ ଭୂପୃଷ୍ଠକୁ ଆନୀତ ହେଉଅଛି, ତଦ୍ୱାରା ନାନା ଉଦ୍ଭିଦ ଓ ଶସ୍ୟ ଉତ୍ପନ୍ନ ହୋଇ ଅଗଣ୍ୟ ପ୍ରାଣୀଙ୍କର ଜୀବନ-ରକ୍ଷା କରୁଅଛି ! ଏଥିରେ ଇନ୍ଦ୍ରଦେବତାଙ୍କର ଅସ୍ତିତ୍ୱ ବିଲୁପ୍ତ ହେଲା ସତ୍ୟ, ମାତ୍ର ସେହି ସତ୍ୟ-ସ୍ୱରୂପ ପରମଦେବତାଙ୍କର ମହିମା ଉଜ୍ଜ୍ୱଳତର ଓ ସୁସ୍ପଷ୍ଟତରରୂପେ ପ୍ରକାଶିତ ହେଲା । କି ଅପୂର୍ବ ବିଧାନରେ ଅନ୍ଧକାରମୟ ମାତୃଗର୍ଭ ମଧ୍ୟରେ ଶୁକ୍ରଶୋଣିତର ସମ୍ମିଶ୍ରଣରେ ପରମ-ସୁନ୍ଦର ଦେହ ସୃଷ୍ଟି, ପରିପୁଷ୍ଟି ଓ ପୂର୍ଣ୍ଣତା ପ୍ରାପ୍ତ ହେଲା, କି ସୁନିୟମରେ ପୁଣି ଯଥା ସମୟରେ ଜୀବ ଧରଣୀରେ ଅବତୀର୍ଣ୍ଣ ହେଲା, ତତ୍ପରେ ମାତୃହୃଦୟର ଶୋଣିତ ଅମୃତମୟ ସ୍ତନ୍ୟ ରୂପରେ ପରିଣତ ହେଲା, ସମସ୍ତ କେବଳ ଜ୍ଞାନମୟୀ ଆଦ୍ୟାଶକ୍ତିର ଅପୂର୍ବ ଲୀଳା । ସେ ଲୀଳାରହସ୍ୟ ଭେଦ କରିବା କ୍ଷୁଦ୍ରମନୁଷ୍ୟର କାର୍ଯ୍ୟ ନୁହେ । ଏତେ ବଡ଼ ବ୍ରହ୍ମାଣ୍ଡ କି ଶୃଙ୍ଖଳାରେ କି କୌଶଳରେ ପରିଚାଳିତ ହେଉଅଛି, ଥରେ ଚିନ୍ତାକଲେ ପ୍ରାଣ ମନ ବିମୋହିତ ହୋଇଯାଏ । ପୃଥିବୀର ଏକ କୋଣରେ କ୍ଷୁଦ୍ର ଭାରତ—ଗୋଟିଏ ବର୍ଷ ସୁପାଳକ ଅଭାବରୁ ଦୁର୍ଭିକ୍ଷ ଉପସ୍ଥିତ ହେଲା—କେତେ ଦେଶର କେତେ ଲୋକ ଭାବନାରେ, ଉଦ୍‌ବେଗରେ ଅସ୍ଥିର ହୋଇ ଉଠିଲେ—କେତେ ବଡ଼ ୨ ମସ୍ତିଷ୍କ ଉପାୟଚିନ୍ତାରେ ଆଲୋଡ଼ିତ ହୋଇଗଲା—ତଥାପି ନିରନ୍ନ ଦୁଃସ୍ଥଜନ ସାଧାରଣଙ୍କର ଦୁଃଖ, କଷ୍ଟ ଓ ମୃତ୍ୟୁ କେହି ସମ୍ପୂର୍ଣ୍ଣ ନିବାରଣ କରି ପାରିଲେ ନାହିଁ ! ଅଥଚ ଅନନ୍ତକାଳ ଅସଂଖ୍ୟ ପ୍ରାଣୀ ନିତ୍ୟ ପ୍ରୟୋଜନୀୟ ସକଳ ବସ୍ତୁ ଲାଭ କରି ପରମ-ସୁଖରେ ଆନନ୍ଦରେ କାଳ ହରଣ କରୁଅଛନ୍ତି—କୌଣସି ପ୍ରକାର ଆଡ଼ମ୍ବର ନାହିଁ, ଆନ୍ଦୋଳନ ନାହିଁ, ଚହଳ ନାହିଁ—ନୀରବରେ ସମସ୍ତ କାର୍ଯ୍ୟ ନିର୍ବାହିତ ହୋଇ ଯାଉଅଛି ।

ଜୀବଜଗତରେ ସେହି କୌଶଳ ଓ ଶୃଙ୍ଖଳାର ପରିଚୟ ଅଧିକ ସ୍ପଷ୍ଟତର । ନାନାସ୍ଥାନର ଓ ନାନଜାତିର ଜୀବମାନଙ୍କର ଶାରୀରିକ ଗଠନ ଓ ଯନ୍ତ୍ରାଦିର କ୍ରିୟା ସେହି ପରମାତ୍ମାଙ୍କର ଅନନ୍ତ ଜ୍ଞାନ, ଶକ୍ତି ଓ କୌଶଳର ଜୀବନ୍ତସାକ୍ଷିରୂପେ ବିରାଜିତ ରହିଅଛି । ଯେଉଁଠାରେ ଯେଉଁଟିର ପ୍ରୟୋଜନ, ଠିକ ସେହିଠାରେ ସେଇଟିର ସଂସ୍ଥାନ । ଯେଉଁଦେଶ ଯେ ଜନ୍ତୁର ଉପଯୋଗୀ, ସେହି ଦେଶରେ ତାହାର ଅବସ୍ଥାନ ଓ ତଦୁପ-ଯୋଗୀ ଆୟୋଜନ । ସର୍ବତ୍ର କେବଳ

Digitized by srujanika@gmail.com

ଉପଯୋଗିତା । ସ୍ଥୂଳଦୃଷ୍ଟି, ଅବିଶ୍ୱାସୀ ସଂଶୟବାଦୀ ବୈଜ୍ଞାନିକ ଏ ଗୁଡ଼ିକୁ ନିୟମର କାର୍ଯ୍ୟ ବୋଲି ମନେକରି ନିଶ୍ଚିନ୍ତ ହୋଇପାରନ୍ତି । ମାତ୍ର ବିଶ୍ୱାସୀ ବ୍ୟକ୍ତି ଏହାରି ମଧ୍ୟରେ ସେହି ବିଶ୍ୱନିୟନ୍ତା ପରମ ପ୍ରଭୁଙ୍କର ଲୀଳା ଓ ପ୍ରତ୍ୟକ୍ଷ ହସ୍ତ ଦର୍ଶନ କରି ମୋହିତ ଓ ପୁଲକିତ ହୁଅନ୍ତି—ତାଙ୍କପକ୍ଷରେ ସମଗ୍ର ବ୍ରହ୍ମାଣ୍ଡ ପରମାତ୍ମାଙ୍କ ପ୍ରକାଶଭୂମି ।

ପରମାତ୍ମାଙ୍କର ବିଶିଷ୍ଟ ପ୍ରକାଶ ଆତ୍ମାମଧ୍ୟରେ । ମନୁଷ୍ୟର ଆତ୍ମଜ୍ଞାନ ଜାତ ହେଲେ, ଅନ୍ତର୍ଦୃଷ୍ଟି ଜାଗ୍ରତ ହେଲେ ସେ ସ୍ୱୀୟ ଆତ୍ମାର ମୂଳ ଦେଶରେ ସେହି ପରମାତ୍ମାଙ୍କ ପ୍ରକାଶ ଅନୁଭବ କରି ପୁଲକିତ ହୁଏ । ମାନବାତ୍ମାର ଜ୍ଞାନ, ଭାବ, ଇଚ୍ଛାର ମୂଳରେ ସେହି ପରମାତ୍ମାଙ୍କର ଜ୍ଞାନ, ଭାବ, ଇଚ୍ଛା ବିଦ୍ୟମାନ—ତାହାର ପ୍ରତ୍ୟେକ ଉନ୍ନତ ଭାବର ପ୍ରେରୟିତା ସେହି ପରମାତ୍ମା । ଏତେବେଳ ପର୍ଯ୍ୟନ୍ତ ତାହା ପକ୍ଷରେ ଯେଉଁ ପରମାତ୍ମା ବହିର୍ଜଗତରେ ଆବଦ୍ଧ ଥିଲେ, ଯାହାଙ୍କୁ ସେ "ଯଶ୍ଚାୟ ମସ୍ମିନ୍ନାକାଶେତେଜୋମୟୋ ମୃତମୟଃ ପୁରୁଷଃ ସର୍ବାନୁଭୂଃ" (ଯେ ତେଜୋମୟ ଅମୃତମୟ ପୁରୁଷ ଏହି ଆକାଶ ପରିପୂର୍ଣ୍ଣ କରି ରହିଅଛନ୍ତି ଏବଂ ସମସ୍ତ ଅନୁଭବ କରୁଅଛନ୍ତି) ବୋଲି ଉପଲବ୍ଧି କରୁଥିଲା ବର୍ତ୍ତମାନ ନିଜ ଆତ୍ମା ମଧ୍ୟରେ ତାହାଙ୍କର ପ୍ରତ୍ୟକ୍ଷ ଦର୍ଶନ ଲାଭ କରି ତାହାଙ୍କୁ "ଯଶ୍ଚାୟମସ୍ମିନ୍ନାତ୍ମନି ତେଜୋମୟୋଽମୃତମୟଃ ପୁରୁଷଃ ସର୍ବାନୁଭୂଃ" ରୂପରେ ଅନୁଭବ କରି କୃତାର୍ଥ ହେଲା । ଆତ୍ମାରେ ବ୍ରହ୍ମଦର୍ଶନ ହେଲେ ମନୁଷ୍ୟ ପ୍ରତ୍ୟକ୍ଷ ଭାବରେ ବ୍ରହ୍ମବାଣୀ ଶ୍ରବଣ କରିବାକୁ ସମର୍ଥ ହୁଏ । ଯଥାର୍ଥରେ ସେହି ପରମାତ୍ମା ପ୍ରତ୍ୟେକ ମନୁଷ୍ୟର ପ୍ରାଣରେ ଆପଣାର ଜୀବନ୍ତ ଜାଗ୍ରତସତ୍ତା ପ୍ରକାଶ କରୁଅଛନ୍ତି, ପ୍ରତ୍ୟେକ ପ୍ରାଣରେ ତାଙ୍କର ଅମୃତବାଣୀ ଉଚ୍ଚାରଣ କରୁଅଛନ୍ତି । ଯେ ଥରେ ଅନ୍ତରରାଜ୍ୟରେ ପ୍ରବେଶ କରୁଅଛି, ସେ ବାଣୀ ଶ୍ରବଣ କରିବାକୁ ଉତ୍କର୍ଣ୍ଣ ହୋଇଅଛି ସେହି ତାଙ୍କୁ ଦେଖୁଅଛି, ତାଙ୍କର ବାଣୀ ଶୁଣୁଅଛି । ଏହାରି ନାମ ବିବେକ ବା ବ୍ରହ୍ମବାଣୀ । ଛଅବର୍ଷର ଶିଶୁ ଥିଓଡ଼ରପାର୍କର ନିର୍ଜନ ପ୍ରଦେଶରେ ଗୋଟିଏ କଚ୍ଛପକୁ ଆଘାତ କରିବାକୁ ଯାଇ ଏହାର ନିଷେଧାଜ୍ଞା ଶ୍ରବଣ କରି ସ୍ତମ୍ଭିତ ହୋଇଥିଲେ । ଜନନୀଙ୍କ ନିକଟରେ ଏହା ବ୍ୟକ୍ତ କରିବାରୁ ସେହି ଧର୍ମଶିଳା ରମଣୀ ପୁତ୍ରମୁଖ ଚୁମ୍ବନ କରି କହିଲେ, "ଲୋକେ ଏହାକୁ ବିବେକ ବୋଲି କହନ୍ତି, କିନ୍ତୁ ମୁଁ କହେ, ଏହା ମାନବାତ୍ମାରେ ପ୍ରତ୍ୟକ୍ଷ ବ୍ରହ୍ମବାଣୀ ଯେ ଚିରଦିନ ଏହି ବାଣୀଶ୍ରବଣ କରେ ଏବଂ ଏହାର ଅନୁସରଣ କରେ ସେହି ଧନ୍ୟ ।" ପାର୍କର ଚିର ଜୀବନ ଏହି ବାଣୀ ଶ୍ରବଣ କରି, ତାହାର ଅନୁସରଣ କରି ଧନ୍ୟ ହୋଇଥିଲେ । ମହାତ୍ମା ସକ୍ରେଟିସ କହିଅଛନ୍ତି "ମୁଁ ଏ ସଂସାରରେ ବିଚରଣ କରୁଅଛି, ଆଉ ଗୋଟିଏ ଆତ୍ମା ନିରନ୍ତର ଅଦୃଶ୍ୟ ଭାବରେ ମୋ ସଙ୍ଗେ ୨ ବିଚରଣ କରୁଅଛି ।" ଏ ସଂସାରରେ କେହି ଏକାକୀ ନୁହେଁ—ସେହି ପରମାତ୍ମା ପ୍ରତିମୁହୂର୍ତ୍ତରେ ପ୍ରତ୍ୟେକ ବ୍ୟକ୍ତି ନିକଟରେ ଉପସ୍ଥିତ ରହି ଅଛନ୍ତି ।

ଏହିପରି ବ୍ରହ୍ମସତ୍ତା ଓ ବ୍ରହ୍ମବାଣୀ ପ୍ରକାଶିତ ହେଲେ ମାନବପ୍ରାଣରେ ପ୍ରେମ ଓ ପୁଣ୍ୟ ବିକାଶ ଲାଭ କରେ । ଅର୍ଥାତ୍ ସେହି ପରମାତ୍ମା ଜୀବାତ୍ମା ମଧ୍ୟରେ ପ୍ରେମପୁଣ୍ୟର ଦେବତାରୂପରେ ଆବିର୍ଭୂତ ହୁଅନ୍ତି । ତେତେବେଳେ ପ୍ରାଣମଧ୍ୟରେ ଦୁଇଟି ବିରୋଧୀ ଭାବମଧ୍ୟରେ ପ୍ରବଳ ସଂଗ୍ରାମ ଉପସ୍ଥିତ ହୁଏ । ଏକଆଡ଼େ ନୀଚ ପ୍ରବୃତ୍ତିମାନଙ୍କର ଆକର୍ଷଣ, ଅନ୍ୟଆଡ଼େ ପ୍ରେମପୁଣ୍ୟର ପ୍ରବର୍ତ୍ତନା ବା ବିବେକର ଆଦେଶ । ଯେ ଏହି ସ୍ୱର୍ଗୀୟ ଆଦେଶ ଅନୁସରଣ କରେ, ସେହି ପରମପ୍ରଭୁଙ୍କ ହସ୍ତରେ ଆତ୍ମସମର୍ପଣ କରେ, ସେ ଦୁର୍ଜ୍ଜୟବଳ, କୋଟି ସିଂହର

Digitized by srujanika@gmail.com

ପରାକ୍ରମ ଲାଭ କରେ । ପୁଣ୍ୟବଳ ନିକଟରେ ପାଶବବଳ ଅତି ତୁଚ୍ଛ, ଅତି ଅକିଞ୍ଚିତ୍କର । ଏହି ବଳରେ ବଳୀୟାନ୍ ହୋଇ ଅବଳା ରମଣୀ ପର୍ଯ୍ୟନ୍ତ ଏ ସଂସାରରେ ଯେପରି ତେଜ ଓ ବିକ୍ରମର ପରିଚୟ ଦେଇ ଯାଇଅଛନ୍ତି, ତାହା ଭାବିଲେ ହୃଦୟ ମନ ସ୍ତମ୍ଭିତ ହୋଇଯାଏ । ସ୍ୱୀୟ ପ୍ରାଣମଧ୍ୟରେ ସେହି ପରମପବିତ୍ର ଦେବତାଙ୍କର ପ୍ରକାଶ ଉପଲବ୍ଧି ନ କଲେ ମନୁଷ୍ୟ ପକ୍ଷରେ ପ୍ରବଳ ରିପୁସଂଗ୍ରାମରେ ଜୟଲାଭ କରିବା ଅସମ୍ଭବ ହୋଇ ଉଠେ । ତାଙ୍କର ବାଣୀ ନ ଶୁଣିଲେ କିଏ ତାହାକୁ ଏ ଅନ୍ଧକାରମୟ ସ୍ଥାନରେ ପଥ ଦେଖାଇବ ? କିଏ ତାହାର ନିରାଶ ପ୍ରାଣରେ ଆଶାର ସଞ୍ଚାର କରିବ ? ସେହି ପରମଦେବତା ପ୍ରାଣର ପ୍ରାଣରୂପରେ ପ୍ରକାଶିତ ରହିଅଛନ୍ତି—ନିରନ୍ତର ପ୍ରାଣକୁ ଉଦ୍‌ବୋଧିତ କରୁଅଛନ୍ତି । ମୋହନିଦ୍ରା ତ୍ୟାଗ କରି ଚକ୍ଷୁ ଉନ୍ମୀଳନ କରି ଥରେ ତାଙ୍କୁ ଦେଖ, ଜୀବନ ସାର୍ଥକ ହେବ ।

ପରମାତ୍ମାଙ୍କର ତୃତୀୟ ପ୍ରକାଶ ମାନବ-ଇତିବୃତ୍ତ ମଧ୍ୟରେ । ଜନସମାଜର ଇତିହାସ ମଧ୍ୟରେ ତାଙ୍କର ମଙ୍ଗଳଭାବ ଓ ନେତୃତ୍ୱ ଉଜ୍ଜ୍ୱଳଭାବରେ ପ୍ରକାଶିତ ରହିଅଛି । ବ୍ୟକ୍ତିଗତ-ଜୀବନର ସମଷ୍ଟିରେ ଜାତି ବା ସମାଜ । ଏହି ବ୍ୟକ୍ତିଗତଜୀବନର ଘଟଣାବଳୀଦ୍ୱାରା ସମାଜ-ମଧ୍ୟରେ ବିଭିନ୍ନ ଭାବର ସଞ୍ଚାର ହେଉଅଛି, ସମାଜର ଗତି ନିୟମିତ ହେଉଅଛି । ଏହିପରି ଅପୂର୍ବ କୌଶଳ ସହକାରେ ସମଗ୍ରଭାବରେ ମାନବଜାତି ନିତ୍ୟ ମଙ୍ଗଳପଥରେ, ଉନ୍ନତି ପଥରେ ଅଗ୍ରସର ହେଉଅଛି । ଏହା ସମ୍ୟକ୍ ଉପଲବ୍ଧି କରିବାକୁ ହେଲେ ମହାପୁରୁଷ-ମାନଙ୍କର ଜୀବନ ଆଲୋଚନା କରିବା ଆବଶ୍ୟକ । ସେମାନେ ବିଶେଷ ୨ ସତ୍ୟ ଓ ଭାବ ଘେନି ଜନସମାଜରେ ଅବତୀର୍ଣ୍ଣ ହୁଅନ୍ତି ଏବଂ ସେହି ବିଧାତାଙ୍କ ନେତୃତ୍ୱରେ ନିଜ ଜୀବନଦ୍ୱାରା ଜନସମାଜର ଜୀବନକୁ ପରିବର୍ତ୍ତିତ କରି ଦିଅନ୍ତି । ସେମାନେ ବିଧାତାଙ୍କ କର୍ତ୍ତୃକ ପ୍ରେରିତ ଏବଂ ସେମାନଙ୍କ ଜୀବନରେ ତାଙ୍କର ଲୀଳା ପ୍ରକାଶିତ । ରାଜପୁତ୍ର ବୁଦ୍ଧଙ୍କର ବିଷୟ ଥରେ ଆଲୋଚନା କରନ୍ତୁ । କାହାର ପ୍ରବର୍ତ୍ତନାରେ ସେ ଏତେ ସମ୍ପଦ, ଏତେ ସୁଖଭୋଗ, ପିତା, ଭାର୍ଯ୍ୟା, ପୁତ୍ର ସମସ୍ତଙ୍କୁ ଛାଡ଼ି ଅରଣ୍ୟଗାମୀ ହେଲେ ? ତାଙ୍କୁ ବିଷୟ ସୁଖରେ ବ୍ୟାପୃତ ରଖିବାପାଇଁ, ଲକ୍ଷ୍ୟ-ଭ୍ରଷ୍ଟ କରିବାପାଇଁ ମନୁଷ୍ୟର ଯେତେଦୂର ସାଧ୍ୟ ସମସ୍ତ ଆୟୋଜନ, ଅନୁଷ୍ଠାନ ହୋଇଥିଲା । କିନ୍ତୁ ହାୟ ! ସମସ୍ତ ବିଫଳ ହେଲା ! କାହାର ଅଙ୍ଗୁଳି-ସଙ୍କେତରେ, କାହାର ଆହ୍ୱାନ ଶ୍ରବଣ କରି ଘୋରରଜନୀରେ ରାଜୈଶ୍ୱର୍ଯ୍ୟ, ଆତ୍ମୀୟସ୍ୱଜନ-ଙ୍କର ମାୟାମମତା ପରିତ୍ୟାଗ କରି ରାଜକୁମାର ପଥର ଭିକାରୀ ହେଲେ ? କି ଆଶାରେ ଦରିଦ୍ରର ଶତଗ୍ରନ୍ଥିଯୁକ୍ତ ମଳିନବସ୍ତ୍ର ପରିଧାନ କରି ଦୁଃସାହ କଷ୍ଟଭୋଗ କଲେ ? ଏହିପରି କଠୋର ବୈରାଗ୍ୟ ଓ ସ୍ୱାର୍ଥତ୍ୟାଗଦ୍ୱାରା ସେ ଯେଉଁ ପରମଧନ ଲାଭ କଲେ, ଆଜି ଜଗତ୍ ତାହା ଭୋଗ କରୁଅଛି । କାହାର ପ୍ରବର୍ତ୍ତନାରେ ନଦିଆର ଶ୍ରୀ ଚୈତନ୍ୟ ବୃଦ୍ଧାମାତା ଓ ଯୁବତୀ ଭାର୍ଯ୍ୟାଙ୍କୁ ସଂସାରରେ ଅସହାୟ ଅବସ୍ଥାରେ ପରିତ୍ୟାଗ କରି ଉନ୍ମତ୍ତ ହୋଇ ଘୋର ରଜନୀରେ ଗୃହତ୍ୟାଗ କରି ଚାଲିଗଲେ ? ତାଙ୍କର ପ୍ରେମରେ ଶତ ୨ ପାଷଣ୍ଡ ପ୍ରାଣ ବିଗଳିତ ହୋଇଗଲା—ଭାରତବର୍ଷ ହରି-ପ୍ରେମରେ ପ୍ଲାବିତ ହୋଇଗଲା । ସେହି ସୂତ୍ରଧର ସନ୍ତାନ ଯିଶୁ ପୃଥିବୀରେ କି ଅଭିନୟ ନ ଦେଖାଇଲେ ? ପରମାତ୍ମାଙ୍କର ଆଦେଶ ଶିରୋଧାର୍ଯ୍ୟ କରି ଆପଣାର କ୍ଷୁଦ୍ରଇଚ୍ଛା ସେହି ମହତୀ ଇଚ୍ଛା ସଙ୍ଗେ ମିଳାଇ ଅକାତରେ କ୍ରୁଶରେ ପ୍ରାଣବିସର୍ଜ୍ଜନ କଲେ ! ଜଗତ ଦେଖି ଶୁଣି ଅବାକ୍ ହୋଇଗଲା । ସେହି ଜଣଙ୍କର ଜୀବନବଳିଦାନରେ ଖ୍ରୀଷ୍ଟଧର୍ମର ପ୍ରଭାବ ଆଜି ପୃଥିବୀମୟ ବ୍ୟାପି

Digitized by srujanika@gmail.com

ଯାଉଅଛି—ସହସ୍ର ୨ ବ୍ୟକ୍ତି ସତ୍ୟର ନାମରେ, ଧର୍ମର ନାମରେ ଅକାତରେ ଜୀବନଦାନ କରି ସ୍ୱର୍ଗରାଜ୍ୟ ସଂସ୍ଥାପନ କରୁଅଛନ୍ତି । କି ଅଦ୍ଭୁତ ବ୍ୟାପାର ! କି ଅପୂର୍ବ ଲୀଳା ! ଏଥିରେ ଯେବେ ମଙ୍ଗଳମୟ ବିଧାତାଙ୍କ ପ୍ରତ୍ୟକ୍ଷ ହସ୍ତ ନ ଦେଖିବ, ଆଉ ଦେଖିବ କେଉଁଠାରେ ? ଏହିପରି ନାନା-ବିଷୟରେ, ନାନା ସ୍ଥାନରେ ବିଶେଷ ୨ ବ୍ୟକ୍ତିଙ୍କ ଜୀବନଦ୍ୱାରା ଜନସମାଜରେ କେତେ ଅମୂଲ୍ୟ ସତ୍ୟ ପ୍ରକାଶିତ ହେଉଅଛି, କେତେ ମଙ୍ଗଳ ଓ ଉନ୍ନତି ସଂସାଧିତ ହେଉଅଛି । ସମସ୍ତ ତାଙ୍କରି ଲୀଳା !

ମହାପୁରୁଷମାନେ ସମାଜ ମଧ୍ୟରେ ନୂତନ-ଭାବ ଓ ସତ୍ୟ ପ୍ରଚାର କଲେ ପୁରାତନ ଓ ନୂତନ, ଅସତ୍ୟ ଓ ସତ୍ୟ, ପାପ ଓ ପୁଣ୍ୟ ମଧ୍ୟରେ ପ୍ରବଳ ସଂଗ୍ରାମ ଉପସ୍ଥିତ ହୁଏ । ସମାଜ ପୁରାତନ ତ୍ୟାଗକରି ନୂତନ ଗ୍ରହଣ କରିବାକୁ ସହଜରେ ପ୍ରସ୍ତୁତ ହୁଏ ନାହିଁ—ଅଭ୍ୟସ୍ତ ପାପର ମୋହ ସହଜରେ ଛାଡ଼ିପାରେ ନାହିଁ । କିନ୍ତୁ ସର୍ବତ୍ର ଦେଖାଯାଏ, ପରିଣାମରେ ଧର୍ମର ଜୟ, ପାପର ପରାଜୟ । ବିଧାତା ସ୍ୱୟଂ ସତ୍ୟର ପକ୍ଷ, ପୁଣ୍ୟର ପ୍ରବର୍ତ୍ତକ, ଧର୍ମର ନେତା । ବହିର୍ଦୃଷ୍ଟିରେ ପାପର ନାନା ଅଧମ ଅବସ୍ଥା ଅପେକ୍ଷା ବର୍ତ୍ତମାନ ଅଧିକ ଲକ୍ଷିତ ହେଉଅଛି ସତ୍ୟ, ମାତ୍ର ଭିତରେ ପ୍ରବେଶ କରି ଦେଖିଲେ ଉନ୍ନତ ଧର୍ମ ଭାବ, ଉଚ୍ଚନୀତି ଜନସମାଜରେ କ୍ରମେ ଆଧିପତ୍ୟ ବିସ୍ତାର କରୁ-ଥିବାର ସ୍ପଷ୍ଟରୂପେ ଅନୁଭୂତ ହେବ । ଯେଉଁଠାରେ ଧର୍ମ, ସେଉଁଠାରେ ସତ୍ୟ, ଯେଉଁଠାରେ ପୁଣ୍ୟ, ସେହିଠାରେ ଉନ୍ନତି । ପାପର ପ୍ରାବଲ୍ୟରେ ପତନ ଅନିବାର୍ଯ୍ୟ । ପ୍ରବଳପରାକ୍ରାନ୍ତ ରୋମକ ଜାତିର ପତନ ହେଲା କାହିଁକି ? ଯେତେବେଳେ ରୋମ ରାଜ୍ୟରେ ବିଳାସିତା ସୁରାପାନ, ବ୍ୟଭିଚାର ଇତ୍ୟାଦି ପ୍ରବଳ ହୋଇ ଉଠିଲା, ସେ ସ୍ୱଦେଶାନୁରାଗ, ସେ ସାହାସ, ସେ ବୀର୍ଯ୍ୟ କେଉଁଆଡ଼େ ଅନ୍ତର୍ହିତ ହୋଇଗଲା—କେହି ରୋମ ରାଜ୍ୟକୁ ରକ୍ଷା କରି ପାରିଲେ ନାହିଁ । ଭାରତର ଅବନତିର ହେତୁ କିଣ ? ପ୍ରବଳ ପରାକ୍ରାନ୍ତ ରାଜପୁତ ଜାତି ଥାଉଁ ଥାଉଁ ଭାରତ ପଦପଦାନତ ହେଲା କାହିଁକି ? ସେମାନଙ୍କର ତେଜ ବୀର୍ଯ୍ୟର ତୁଳନା କେଉଁ-ଠାରେ ଅଛି ? କିନ୍ତୁ କିଣ ହେବ ? ଜାତିଭେଦ, କୁସଂସ୍କାର, ଅଭିମାନ, ହିଂସା, ଦ୍ୱେଷ, ଅସତ୍ୟ ଭାରତକୁ ଅନ୍ତଃସାରଶୂନ୍ୟ କରି ପକାଇଲା । ଆଉ ଭାରତକୁ ରକ୍ଷା କରନ୍ତା କିଏ ? ଅଧର୍ମରେ, ଅନ୍ୟାୟରେ, ଦୁର୍ନୀତିଦୁରାଚାରରେ କୌଣସି ଜାତିକି କେବେ ଉନ୍ନତିଲାଭ କରିବାକୁ ସକ୍ଷମ ହୋଇଅଛି ? ପକ୍ଷାନ୍ତରେ ଯେଉଁ ଜାତିର ଜୀବନ ସତ୍ୟ, ନ୍ୟାୟ, ସୁନୀତି, ସଦ୍ଧର୍ମର ଭିତି-ଉପରେ ପ୍ରତିଷ୍ଠିତ, ସେ ଜାତି ପର୍ବତ ପ୍ରମାଣ ବାଧାବିଘ୍ନ ଅତିକ୍ରମ କରି ଅବଲୀଳାକ୍ରମେ ଉନ୍ନତି ପଥରେ ଅଗ୍ରସର ହୋଇ ଚାଲିଯାଏ । ଧର୍ମ ଏବଂ ଧର୍ମାତ୍ମା ପୁରୁଷ ଯାହାର ନେତା ସେହି ଜୟୀ ।

ଜଗତରେ ସେହି ବିଧାତାଙ୍କ ନେତୃତ୍ୱରେ ଅପୂର୍ବ କୌଶଳରେ ମାନବଜାତିର ସାର୍ବ-ଭୌମିକ ମିଳନର ଦିନ କ୍ରମେ ନିକଟବର୍ତ୍ତୀ ହେଉ-ଅଛି । ଜାତିଗତ କ୍ଷୁଦ୍ର ସଂକୀର୍ଣ୍ଣଭାବ କ୍ରମେ ବିନାଶପ୍ରାପ୍ତ ହେଉଅଛି— ସମସ୍ତେ ଅଜ୍ଞାନରେ ବା ସଜ୍ଞାନରେ ସେହି ଉନ୍ନତ ସମଭୂମିଆଡ଼କୁ ଅଗ୍ରସର ହେଉ-ଅଛନ୍ତି । ପୃଥିବୀରୁ ବିଜାତୀୟ ଘୃଣା, ବିଦ୍ୱେଷ ଓ ରକ୍ତପାତ କ୍ରମେ ବିଲୁପ୍ତ ହେଉଅଛି । ପୂର୍ବେ ଯେଉଁଠାରେ କଥାକେ କଥାକେ ଯୁଦ୍ଧ, ବିବାଦ, ରକ୍ତପାତ ହେଉଥିଲା, ବର୍ତ୍ତମାନ ସେଠାରେ ଶାନ୍ତିର ଜୟ, ପ୍ରେମର ଜୟ ସଂସ୍ଥାପିତ ହେଉଅଛି । ପୂର୍ବେ ଲୋକେ ସ୍ୱୀୟ ପଲ୍ଲୀର କ୍ଷୁଦ୍ର ସୀମାରେ ଆବଦ୍ଧ ଥାଇ ଅପର ସମସ୍ତଙ୍କୁ ଶତ୍ରୁ ବୋଲି ମଣୁଥିଲେ; ବର୍ତ୍ତମାନ ତାଙ୍କର ବଂଶଧରମାନେ ସମଗ୍ର ପୃଥିବୀକୁ ଆପଣାର ମନେକରି ସମସ୍ତ ନରନାରୀଙ୍କୁ ପ୍ରେମର ଚକ୍ଷୁରେ ଦର୍ଶନ କରୁଅଛନ୍ତି । ପୃଥିବୀରୁ ଯୁଦ୍ଧ, କଳହ ଉଠାଇ ଦେଇ ପ୍ରେମ ଓ ଶାନ୍ତି ସଂସ୍ଥାପନ

Digitized by srujanika@gmail.com

କରିବାପାଇଁ ପ୍ରବଳପରାକ୍ରାନ୍ତ ଇୟୁରୋପୀୟ ଜାତିସମୂହର ବହୁ ଉନ୍ନତମନା ବ୍ୟକ୍ତି ସମ୍ମିଳିତ ଭାବରେ କେତେ ଯତ୍ନ କରୁଅଛନ୍ତି । ବେଶିଦିନର କଥା ନୁହେଁ । ବିଗତ ଗ୍ରୀସ୍-ତୁରୁଷ୍କ ଯୁଦ୍ଧରେ ଇୟୁରୋପୀୟ ଶକ୍ତିପୁଞ୍ଜ ଶାନ୍ତିସ୍ଥାପନ କରିବାପାଇଁ କିପରି ଉଦ୍‌ବିଗ୍ନ ହୋଇ ଉଠିଲେ । କେହି କହିପାରନ୍ତି ଏଥିରେ ସେମାନଙ୍କର ସ୍ୱାର୍ଥ ଅଛି । ଥାଇପାରେ । ମାତ୍ର ଏହି ସ୍ୱାର୍ଥର ଭିତର ଦେଇ ଯେ ବିଧାତା ତାହାଙ୍କର ମହାମଙ୍ଗଳଉଦ୍ଦେଶ୍ୟ ସାଧନ କରିନେଉଅଛନ୍ତି, ଏହାହିଁ ବିଚିତ୍ର ! ସ୍ୱାର୍ଥଦ୍ୱାରା ଚାଳିତ ହୋଇ କେତେଲୋକ ଏ ସଂସାରରେ କେତେ କାର୍ଯ୍ୟ କରୁଅଛନ୍ତି, ଅଥଚ ତାହାର ଭିତରେ ଅଲକ୍ଷିତଭାବରେ ବିଧାତାଙ୍କ ହସ୍ତ ବିଦ୍ୟମାନ ଥାଇ ଲକ୍ଷ୍ୟସାଧନ କରୁଅଛି । ଜ୍ଞାନବୃଦ୍ଧି, ବାଣିଜ୍ୟୋନ୍ନତି, ରାଜ୍ୟବିସ୍ତାର ଇତ୍ୟାଦି ନାନା ଉଦ୍ଦେଶ୍ୟରେ ମନୁଷ୍ୟ ଦେଶ ବିଦେଶରେ ଭ୍ରମଣ କରୁଅଛି— ଏହାଦ୍ୱାରା ବିଭିନ୍ନଜାତି ମଧ୍ୟରେ ପ୍ରେମର ମିଳନ ସଂସ୍ଥାପିତ ହେଉଅଛି —ବିଭିନ୍ନଜାତିର ସଭ୍ୟତା ପରସ୍ପର ମଧ୍ୟରେ ସଞ୍ଚାରିତ ହେଉଅଛି—ଏକ ପରିବାର ସଂସ୍ଥାପନର ଦିନ ନିକଟବର୍ତ୍ତୀ ହେଉଅଛି । ବିଧାତା ଏକ, ତାଙ୍କର ସକଳ ସନ୍ତାନ ଏକ ପରିବାରଭୁକ୍ତ, ସେ ସମସ୍ତଙ୍କୁ ଏକ ପ୍ରେମସୂତ୍ରରେ ଆବଦ୍ଧ କରି ସ୍ୱର୍ଗର ଛବି ପୃଥିବୀରେ ପ୍ରକାଶ କରିବେ । ତାଙ୍କର ଅଲକ୍ଷିତ ଆକର୍ଷଣରେ ସମସ୍ତେ ଏକ ଆଡ଼କୁ ଅଗ୍ରସର ହେଉଅଛନ୍ତି । ଦିନେ ସମସ୍ତେ ଏମନ୍ତ ଏକ ସ୍ଥାନରେ ସମ୍ମିଳିତ ହେବେ, ଯାହାର କଥା କେହି ସ୍ୱପ୍ନରେ ସୁଦ୍ଧା ଭାବି ନାହାନ୍ତି । ସେତେବେଳେ ପରସ୍ପରଙ୍କ ମୁଖଆଡ଼କୁ ଅନାଇଁ ସମସ୍ତେ କେବଳ ଅବାକ୍ ହେବେ । ଧନ୍ୟ ସେହି ବ୍ୟକ୍ତି, ଯେ ଏହି ସଙ୍କେତ ଅନୁଭବ କରି ସେହି ମହାଲକ୍ଷ୍ୟ ସାଧନରେ ପ୍ରାଣ ମନ ସମର୍ପଣ କରିପାରେ ।

ଅସ୍ମମାନଙ୍କର ଏହି ଭାରତଭୂମିର କଥାଟିକି ଆଲୋଚନା କରିଯାଉ । ଭାରତରେ ଇଂରେଜ ସିଂହାସନ କିଏ ପ୍ରତିଷ୍ଠିତ କଲା ? ମୁଷ୍ଟିମେୟ ଇଂରେଜ ବାଣିଜ୍ୟ କରିବାକୁ ଆସି ପ୍ରବଳପରାକ୍ରାନ୍ତ ମୁସଲମାନ ସାମ୍ରାଜ୍ୟର ବିଲୋପସାଧନ କରି, ବହୁ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି କିପରି ଏ ଦେଶରେ ପ୍ରଭୁତ୍ୱ ସ୍ଥାପନ କଲେ ? ଦେଖୁ ଦେଖୁ ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ଇଂରେଜ ପତାକା ଉଡ୍ଡୀନ ହେଲା କିପରି ? ସ୍ୱୟଂ ବିଧାତାପୁରୁଷ ବିଚ୍ଛିନ୍ନ ବିଭିନ୍ନ ଭାରତଭୂମିକୁ ଏକ କରିବା ପାଇଁ—ସକଳଧର୍ମର ମହା ସମନ୍ୱୟ ସଂସ୍ଥାପନ କରିବାପାଇଁ ଉଦାର ବ୍ରିଟିଶ ଜାତିକୁ ଭାରତର ସିଂହାସନରେ ବସାଇଅଛନ୍ତି । ନାନା ଧର୍ମସମନ୍ୱୟର ଏପରି ଉପଯୁକ୍ତ କ୍ଷେତ୍ର ଆଉ କେଉଁଠାରେ ଅଛି ? ଏକା ହିନ୍ଦୁଜାତି ମଧ୍ୟରେ କେତେ ଶାଖା, ପ୍ରଶାଖା, ସମସ୍ତଙ୍କ ମଧ୍ୟରେ ବିଶେଷ ୨ ଭାବ ନିହିତ ଅଛି । କିନ୍ତୁ ତାହାର ସଙ୍ଗେ ତାହାର ମିଳନ ନାହିଁ—ବରଂ ପରସ୍ପର ପରସ୍ପରଙ୍କ ନିନ୍ଦାରେ ରସନାତୃପ୍ତ କରୁଥିଲେ । ଶାକ୍ତ ବୈଷ୍ଣବକୁ ଘୃଣାର ଚକ୍ଷୁରେ ଦେଖୁଥିଲା, ବୈଷ୍ଣବ ଶୈବର ନିନ୍ଦା କରି ଆନନ୍ଦିତ ହେଉଥିଲା । ପୁଣି ଏକ ସମ୍ପ୍ରଦାୟ ମଧ୍ୟରେ ନାନା ଶାଖାର ପରସ୍ପର ବିରୋଧ, କଳହ, ବିଚ୍ଛେଦ ! ବର୍ତ୍ତମାନ ଜାତିବିଦ୍ୱେଷ ସଙ୍ଗେ ୨ ଧର୍ମବିଦ୍ୱେଷ ତିରୋହିତ ହେଉଅଛି— ହିନ୍ଦୁଜାତି ସମ୍ପ୍ରଦାୟ ଭୁଲି, ଶାଖା ଭୁଲି ପରସ୍ପରର ପ୍ରେମାଲିଙ୍ଗନ କରୁଅଛନ୍ତି । ଅଦ୍ଭୁତ ଦେଖନ୍ତୁ ବହୁକାଳରୁ ନିର୍ବାସିତ ବୌଦ୍ଧଧର୍ମ ନୂତନବେଶରେ ପୁଣି ଆସି ଜନ୍ମଭୂମିରେ ଉପସ୍ଥିତ ହୋଇଅଛି—ଯେଉଁ ହିନ୍ଦୁ ବୌଦ୍ଧ ରକ୍ତ ସ୍ରୋତରେ ଭାରତବର୍ଷକୁ କଳଙ୍କିତ କରିଥିଲା, ସେହି ହିନ୍ଦୁର ସନ୍ତାନ ପରମସମାଦରରେ ବୌଦ୍ଧଶ୍ରମଣଙ୍କୁ ଆଜି ଅଭ୍ୟର୍ଥନା କରୁଅଛି । ଆରବର ମରୁଭୂମିରୁ ମହମ୍ମଦୀୟ ଧର୍ମ ଏ ଦେଶକୁ ବହୁ [illegible]

Digitized by srujanika@gmail.com

ଆସିଅଛି । ଖ୍ରୀଷ୍ଟଧର୍ମର ଉନ୍ନତଭାବ ଭାରତରେ ନୂତନ ବିସ୍ତାର ଲାଭ କରୁଅଛି । ସମସ୍ତେ ଧୀରେ ଧୀରେ ଏହି ମହାମିଳନ ଭୂମିଆଡ଼କୁ ଅଗ୍ରସର ହେଉଅଛନ୍ତି । ଭାରତସନ୍ତାନ ଜାତିବିଦ୍ୱେଷ ଭୂଲି ରାଜନୈତିକ କ୍ଷେତ୍ରରେ ପ୍ରେମରେ ମିଳିତ ହେଉଅଛନ୍ତି—ସେହି ସୂତ୍ରରେ କ୍ରମେ ଜାତିଗତ, ଧର୍ମଗତ ସଙ୍କୀର୍ଣ୍ଣତା ଖର୍ବ ହୋଇ ଆସୁଅଛି । କିଏ ଏହି ଅପୂର୍ବମିଳନର ଆୟୋଜନ କରୁଅଛି ? ଯେ ଏଥି ମଧ୍ୟରେ ସେହି ପରମାତ୍ମାଙ୍କ ହସ୍ତ ଦେଖି ନପାରେ ସେ ନିତାନ୍ତ ଅନ୍ଧ ! ଅସ୍ୱୀକାର କରିବ କି ? କର, କ୍ଷତି ନାହିଁ । କିନ୍ତୁ ସେ ହସ୍ତ ଏଡ଼ାଇ ଚାଲିଯିବା, ତୁମ୍ଭର ସାଧ୍ୟ ନାହିଁ । ମୁହଁରେ ଯାହା କହ, ତୁମ୍ଭର ଭାବ, ତୁମ୍ଭର କାର୍ଯ୍ୟକଳାପ ତୁମ୍ଭର କଥାର ପ୍ରତିବାଦ କରୁଅଛି ।

ସ୍ୱପ୍ରକାଶ ପରମାତ୍ମାଙ୍କର ଏହି ବିବିଧ ପ୍ରକାଶ ଦେଦୀପ୍ୟମାନ ରହିଅଛି । ପ୍ରକୃତିରାଜ୍ୟରେ ତାଙ୍କର ଶକ୍ତି, ଜ୍ଞାନ, ଓ କୌଶଳର ମାହାତ୍ମ୍ୟ; ଆତ୍ମାରାଜ୍ୟରେ ତାଙ୍କର ପ୍ରେମ ଓ ପୁଣ୍ୟର ବିକାଶ, ମାନବ ଇତିବୃତ୍ତିରେ ତାଙ୍କର ମଙ୍ଗଳ ଭାବ ଓ ନେତୃତ୍ୱର ପ୍ରଭାବ ଦର୍ଶନ କରି ବିଶ୍ୱାସୀ ଭକ୍ତଗଣ ଚିରଦିନ ମୋହିତ ଓ ପୁଲକିତ ହେଉଅଛନ୍ତି । ମହିମାମୟ ପରମେଶ୍ୱର ସ୍ୱୀୟ ଅନନ୍ତ ମହିମାରେ ପ୍ରକାଶିତ ଥାଇ ସମସ୍ତଙ୍କର ପ୍ରାଣର ଅଭାବ ପୂରଣ କରୁଅଛନ୍ତି ଏବଂ ପ୍ରତ୍ୟେକ ମାନବସନ୍ତାନକୁ ସ୍ୱୀୟ ପ୍ରେମକ୍ରୋଡ଼କୁ ଆହ୍ୱାନ କରୁଅଛନ୍ତି । ତାଙ୍କର 'ମୁଁ ଅଛି' ରବରେ ଜଗତ୍ ପରିପୂର୍ଣ୍ଣ—ଯାହାର କର୍ଣ୍ଣ ଅଛି ସେ ଶ୍ରବଣ କରୁଅଛି, ଯାହାର ଚକ୍ଷୁ ଅଛି ସେ ଦେଖୁଅଛି । ସେହି ଏକା ସକଳ ବ୍ରହ୍ମାଣ୍ଡର କାରଣ, ଜଡ଼ଜୀବ ସମସ୍ତଙ୍କର ଆଶ୍ରୟଭୂମି, ଆତ୍ମାର ଏକମାତ୍ର ଅବଲମ୍ବନ, ଗତି, ମୁକ୍ତି, ଭରସା । ଜଗତର ପ୍ରତ୍ୟେକ ପରମାଣୁ ତାଙ୍କର ମହା ଅସ୍ତିତ୍ୱର ସମାଚାର ଘୋଷଣା କରୁଅଛି । ତାଙ୍କୁ ନ ପାଇଲେ ଏ ଜୀବନ ବ୍ୟର୍ଥ ।

ବର୍ତ୍ତମାନ ଆଉ ଗୋଟିଏ ବିଷୟରେ ଦୁଇ ଚାରୋଟି କଥା କହି ମୋର ବକ୍ତବ୍ୟ ଶେଷ କରିବି । ଅନେକେ ଜିଜ୍ଞାସା କରନ୍ତି ଈଶ୍ୱରଦର୍ଶନର ଅବଲମ୍ବନ କଣ ? ଅନନ୍ତ ପରମେଶ୍ୱରଙ୍କୁ ଜାଣିବାର ଉପାୟ କଣ ? ବିଶେଷତଃ ଆଜି କାଲି ଆମ୍ଭମାନଙ୍କ ଦେଶରେ ଏ ପ୍ରକାର ପ୍ରଶ୍ନ ସର୍ବଦା ଶୁଣା ଯାଉଅଛି । ଆମ୍ଭେମାନେ କହୁଁ ଏହା ଅତି ସହଜ, ଅତି ସ୍ୱାଭାବିକ । ଯେଉଁ ପରମାତ୍ମା ଅନନ୍ତ ବ୍ରହ୍ମାଣ୍ଡର ପ୍ରତ୍ୟେକ ପରମାଣୁରେ, ହୃଦୟର ପ୍ରତ୍ୟେକ ଭାବ ଓ ଚିନ୍ତାରେ, ମାନବସମାଜର ପ୍ରତ୍ୟେକ ଘଟନା, ମଧ୍ୟରେ ଆତ୍ମସ୍ୱରୂପ ପ୍ରକାଶ କରି ରହିଅଛନ୍ତି, ତାଙ୍କୁ ଜାଣିବା ପାଇଁ ଯୁକ୍ତି, ତର୍କ, ବିଦ୍ୟା, ବୁଦ୍ଧିର ପ୍ରୟୋଜନ କଣ ? ସରଳ ବିଶ୍ୱାସ ଛଡ଼ା ଏ ପଥରେ ଅନ୍ୟ ସହାୟ ନାହିଁ । ପ୍ରାଣର ଐକାନ୍ତିକ ନିଷ୍ଠାସହକାରେ ଥରେ ତାଙ୍କ ହସ୍ତରେ ଆତ୍ମସମର୍ପଣ କରି ପାରିଲେ ହେଲା । ଆଉ କିଛି କରିବାକୁ ହେବ ନାହିଁ । ଶ୍ୱାସ ପ୍ରଶ୍ୱାସ ରୋଧ କରି ଭୂମିରୁ ଚାରିଖଣ୍ଡେ ବା ହାତେ ଊର୍ଦ୍ଧ୍ୱକୁ ଉଠିବାର ପ୍ରୟୋଜନ ନାହିଁ, ନାନାପ୍ରକାର ମୂର୍ତ୍ତି ଗଠନର ଆବଶ୍ୟକତା ନାହିଁ, ମନୁଷ୍ୟ ନିକଟରେ ଆତ୍ମ ବିକ୍ରୟ କରିବାର ପ୍ରୟୋଜନ ନାହିଁ, ବହୁଶାସ୍ତ୍ର ଆଲୋଚନାର ପ୍ରୟୋଜନ ମଧ୍ୟ ନାହିଁ । ଅନେକ ସ୍ଥଳରେ ଏ ସମସ୍ତ ଈଶ୍ୱରଦର୍ଶନର କେବଳ ପ୍ରତିବନ୍ଧକସ୍ୱରୂପ ହୋଇ ଉଠେ । ଗୁରୁର ପ୍ରୟୋଜନ ? ତାଙ୍କପରି ଅଭ୍ରାନ୍ତ ଗୁରୁ କିଏ ଅଛି ? ସେ ଯେପରି ପ୍ରାଣର ସକଳ ବିଭାଗ ଦର୍ଶନ କରି ସମସ୍ତ ଅଭାବ ବୁଝୁଅଛନ୍ତି ସେପରି ଆଉ କିଏ ପାରେ ? ଶାସ୍ତ୍ରର ପ୍ରୟୋଜନ ? ଏହି ଅନନ୍ତ ପ୍ରକୃତି ତାଙ୍କର ଅନନ୍ତ ଶାସ୍ତ୍ରରୂପରେ ସମ୍ମୁଖରେ ମୁକ୍ତ ରହିଅଛି । ପୃଥିବୀର ଶାସ୍ତ୍ରମାନ କେବଳ ସେହି ମହାଶାସ୍ତ୍ରର ଅସ୍ଫୁଟ ଭାଷ୍ୟମାତ୍ର—ତାହା କେବଳ ସେହି ଶାସ୍ତ୍ର ଅଧ୍ୟୟନ ପକ୍ଷରେ

Digitized by srujanika@gmail.com

ସହାୟ ମାତ୍ର । ତାହାଙ୍କ ଅଭ୍ରାନ୍ତ ଓ ପୂର୍ଣ୍ଣ ମତି ମନୁଷ୍ୟସମାଜ କେତେ ଅନର୍ଥ ଏ ସଂସାରରେ ଘଟାଇଅଛି ଓ ଘଟାଉଅଛି ! ମନୁଷ୍ୟଙ୍କୁ ମଧ୍ୟସ୍ଥଳରେ ଦଣ୍ଡାୟମାନ କରି ମନୁଷ୍ୟ ଚିରଦିନ ଈଶ୍ୱରଙ୍କଠାରୁ ଦୂରରେ ଅବସ୍ଥାନ କରୁଅଛି — ମନୁଷ୍ୟଙ୍କୁ ଈଶ୍ୱରଜ୍ଞାନରେ ପୂଜା କରୁଅଛି । ଈଶ୍ୱରଙ୍କ ସଙ୍ଗେ ମାନବାତ୍ମାର ସାକ୍ଷାତ୍‌ସମ୍ବନ୍ଧ— ସେ ସମ୍ବନ୍ଧ ଅନୁଭବ କରି ପାରିଲେ ଆଉ କୌଣସି ଗଣ୍ଡଗୋଳ ରହେ ନାହିଁ । ସାକ୍ଷାତ୍ ଭାବରେ, ଶାସ୍ତ୍ର, ଗୁରୁ, ମଧ୍ୟବର୍ତ୍ତୀ, କାଳ୍ପନିକ ମୂର୍ତ୍ତିର ସାହାଯ୍ୟ ବ୍ୟତିରେକ ମନୁଷ୍ୟ ତାଙ୍କ ନିକଟକୁ ଯାଇପାରେ, ତାଙ୍କ ନିକଟରେ ପ୍ରାଣର ସକଳ ଅଭାବ ଓ ବେଦନା ଜଣାଇ ପାରେ, ତାଙ୍କଠାରୁ ଅଭୟବାଣୀ ଓ ଆଦେଶ ଲାଭ କରିପାରେ, ନାନାଦେଶର ନାନା ଯୁଗର ସାଧୁ ମହାଜନ ଗଣ ଜୀବନରେ ଏହାର ସାକ୍ଷ୍ୟ ଦେଇ ଯାଇଅଛନ୍ତି । ପ୍ରାୟ ସତୁରି ବର୍ଷ ହେଲା ବ୍ରାହ୍ମସମାଜ ଏତଦେଶରେ ଦଣ୍ଡାୟମାନ ହୋଇ ଜଗତ ନିକଟରେ ସେହି ସାକ୍ଷ୍ୟ ପ୍ରଦାନ କରୁଅଛି । ଋଷି ଭକ୍ତମାନେ ବ୍ୟକ୍ତିଗତ ଭାବରେ ଯେଉଁ ସାକ୍ଷ୍ୟ ଦେଇ ଯାଇଅଛନ୍ତି, ବ୍ରାହ୍ମସମାଜ ସମଷ୍ଟିଗତ ଜୀବନରେ ସେହି ସାକ୍ଷ୍ୟ ଦେଉଅଛି—ଜଗତକୁ ସେହି ଆଶାର ସମାଚାର ଶୁଣାଉଅଛି—ସାକ୍ଷାତ୍ ଭାବରେ ସରଳପ୍ରାଣରେ ସେହି ଅନନ୍ତ ବ୍ରହ୍ମାଣ୍ଡପ୍ରତି ପ୍ରାଣର ପରମ ପ୍ରଭୁଙ୍କ ପୂଜା କରିବା ପାଇଁ ସକଳ ଶ୍ରେଣୀର ନରନାରୀଙ୍କୁ ଆହ୍ୱାନ କରୁଅଛି । ଏଠାରେ ଅଧିକାରୀ ଭେଦ ନାହିଁ । ଯାହାର ସରଳ ବିଶ୍ୱାସ ଅଛି, ସେହି ବ୍ରହ୍ମପୂଜାର ଅଧିକାରୀ— ସତ୍‌ସ୍ୱରୂପ ପରମେଶ୍ୱରଙ୍କର ସ୍ୱପ୍ରକାଶରୂପ ସନ୍ଦର୍ଶନ ଦେଖିବାକୁ ସେଇ ସକ୍ଷମ । ଈଶ୍ୱର ଆଶୀର୍ବାଦ କରନ୍ତୁ ସମସ୍ତେ ତାଙ୍କର ସେହି ଅରୂପରୂପମାଧୁରୀ ସନ୍ଦର୍ଶନ ଦର୍ଶନ କରି ଜୀବନ ସାର୍ଥକ କରନ୍ତୁ ।

## ସଂଗୀତ

(୧)

ଭାଇ ଭଗିନୀ ସରବେ ବିଶ୍ୱାସର ଜୟରବେ
ଆସ ଆସ ପୁଣ୍ୟ ବ୍ରହ୍ମୋତ୍ସବେ,
ବିଶ୍ୱାସ ନୟନେ ଦେଖି ନିରଞ୍ଜନେ
ପ୍ରେମେ ପୂଜ ପରମ ବାନ୍ଧବେ ।
ଦେଖ ଦେଖ ନେତ୍ର ଫେଡ଼ି, ଆନନ୍ଦେ ଅଛନ୍ତି ବେଢ଼ି
ସେ ଶ୍ରୀପଦ କୋଟି କୋଟି ଦେବେ,
କିବା ସେ ଅମୃତ ଧନ କି ସୁଧାମୟ ରତନ
ଦେଖ ହେ ପ୍ରତ୍ୟକ୍ଷ ଅନୁଭବେ ।
ଆହା କି ଆନନ୍ଦ ଧ୍ୱନି ଉଠଇ ଭେଦି ଅବନୀ
ସେହି ସତ୍ୟନାମର ଗୌରବେ,
ଧରି ସେହି ସତ୍ୟନାମ ହୋଇ ସର୍ବେ ସତ୍ୟକାମ
ବୁଡ଼ଯାଅ ସତ୍ୟର ଅର୍ଣ୍ଣବେ ।
ବୁଡ଼ି ସତ୍ୟସିନ୍ଧୁ ଜଳେ ପବିତ୍ର ପ୍ରାଣେ ସକଳେ
ବାରେ ଡାକ ମିଳଣ ସରବେ,
ବିରାଜିବେ ପ୍ରାଣେ ହରି ଉତ୍ସବ ସ୍ୱରୂପ ଧରି
ଭୁଞ୍ଜ ସେହି ସ୍ୱର୍ଗ-ବିଭବେ ।

---

(୨)

(ଗୋଟିଏ ଇଂରାଜୀ କବିତାର ଅନୁକରଣରେ)

ଏ ପ୍ରାଣବାଜର ଅଟ ହେ ସବିତା,
ତୁମ୍ଭ ପ୍ରେମାଲୋକେ ବିନା
ହେବ ଅଙ୍କୁରିତ ପୁଷ୍ପିତ ଫଳିତ,
କାହିଁ ଗତି ତୁମ୍ଭ ବିନା ।
ମନ ଲୋଚନର ଜ୍ଞାନାଲୋକ ତୁମ୍ଭେ
ସଦ୍‌ଦର୍ଶନ ବିଧାନ,
ହୃଦେ ପରିପୂର୍ଣ୍ଣ ଆନନ୍ଦ ସ୍ୱରୂପ
ମୁଁ ସେ ଆନନ୍ଦ ପ୍ରାନ

Digitized by srujanika@gmail.com

ମୁହିଁ କ୍ଷୁଦ୍ର ଊର୍ମି    ତୁମ୍ଭେ ମହାସିନ୍ଧୁ
ଊର୍ମି ସିନ୍ଧୁ ଏକାକାର,
ଅନନ୍ତ ମଙ୍ଗଳ —    ସଂକଳ୍ପ ସମ୍ଭୂତ
ମୁହିଁ ତୁମ୍ଭ ମହିମାର ।
ବିହଙ୍ଗମ ମୁହିଁ    ଅନ୍ତରୀକ୍ଷ ତୁମ୍ଭେ
ତୁମ୍ଭ ବିନା କାହିଁ ପ୍ରାଣ,
ତୁମ୍ଭର ସ୍ୱରୂପେ    କରିବି ବିହାର
ଗାଇ ତବ ଜୟଗାନ ।

ମୁଁ ତ କ୍ଷୁଦ୍ର ଶିଶୁ    ତୁ ପ୍ରାଣଜନନୀ
ଅଚ୍ଛେଦ୍ୟ ନାଡ଼ୀ ବନ୍ଧନ,
ତୋ ପ୍ରେମ ନୟନ    ନିରୁପମ ସ୍ନେହେ
ଅନାଇଛୁ ଅନୁକ୍ଷଣ ।
ଏ କ୍ଷୁଦ୍ର ପ୍ରାଣର    ପ୍ରେମ ପ୍ରତିଦାନ
ପାଦପଦ୍ମେ ପ୍ରାଣ-ବଳି,
ଅର୍ପିଲି ଆନନ୍ଦେ    ନେଇ ମହାପ୍ରଭୁ
ନେଇ ଏ ଦୁଃଖିର ଅଳି ।

ଶ୍ରୀ ମଧୁସୂଦନ ରାଓ

## ବିବିଧ ପ୍ରସଙ୍ଗ

ରମଣୀର ଅଧିକାର—ଅସଭ୍ୟାବସ୍ଥାରେ ମନୁଷ୍ୟର ଦୃଷ୍ଟି ପାଶବବଳ ଆଡ଼କୁ ଅଧିକ ଆକୃଷ୍ଟ ହୁଏ—ପାଶବବଳର ସମ୍ମାନ ଓ ଆଦର ଅଧିକ ପରିଲକ୍ଷିତ ହୁଏ—ପାଶବବଳ ସମାଜକୁ ଶାସନ କରେ । ଏହି କାରଣରୁ ଅସଭ୍ୟ ଜାତିମାନଙ୍କ ମଧ୍ୟରେ ନାରୀଜାତିର ସମ୍ମାନ ଓ ଆଦର ଅତ୍ୟଳ୍ପ ମାତ୍ରାରେ ଦୃଷ୍ଟ ହୁଏ । ଉନ୍ନତିଶୀଳ ଜାତିମାନଙ୍କ ମଧ୍ୟରେ ନାରୀର ଅଧିକାର କ୍ରମଶଃ ପ୍ରସାରିତ ହେଉଅଛି—ସକଳ ବିଭାଗରେ ଉନ୍ନତଚରିତ୍ରା ରମଣୀଗଣ ପ୍ରବେଶ କରି ଅଦମ୍ୟ ହୃଦୟବଳ ଓ ଚରିତ୍ରର ପବିତ୍ର ପ୍ରଭାବ ପ୍ରଦର୍ଶନ କରିବାକୁ ସକ୍ଷମ ହେଉଅଛନ୍ତି—ନାରୀପ୍ରତିଭା ଦେଖି ପୁରୁଷଗଣ ବିମୋହିତ ଓ ଚମତ୍କୃତ ହେଉଅଛନ୍ତି । ପ୍ରାଚୀନ ଭାରତରେ—ଭାରତର ସେହି ଉନ୍ନତଯୁଗରେ ନାରୀ କ୍ଷମତା ବହୁ ପରିମାଣରେ ବର୍ଦ୍ଧିତ ହୋଇଥିଲା । କିନ୍ତୁ ଦୁର୍ଭାଗ୍ୟ ଭାରତର ସେଦିନ ଆଉ ନାହିଁ—ସୀତା, ସାବିତ୍ରୀ, ଦମୟନ୍ତୀ, ଦ୍ରୌପଦୀ, ଗାର୍ଗୀ, ମୈତ୍ରେୟୀ କେବଳ ପୁରାଣ ବା ଉପକଥାର ବିଷୟ ହୋଇଅଛନ୍ତି—ପତିତ ଭାରତସନ୍ତାନ ସେମାନଙ୍କର ଯଥାର୍ଥ ଅସ୍ତିତ୍ୱରେ ବିଶ୍ୱାସ କରନ୍ତି କି ନାହିଁ, ସନ୍ଦେହର ବିଷୟ ! ସେ କଥା ଦୂରରେ ଥାଉ, ଲକ୍ଷ୍ମୀବାଈ, ଦୁର୍ଗାବତୀ ପ୍ରଭୃତି ମନସ୍ୱିନୀ ରମଣୀମାନଙ୍କର କଥା ମଧ୍ୟ ଭାରତବାସୀ ଭୁଲି ଯାଇଅଛନ୍ତି । ଭାରତର ଅଧୋଗତି ସଙ୍ଗେ ୨ କେତେଗୁଡ଼ିଏ କୁଳାଙ୍ଗାର ନାରୀଜାତି ସମ୍ବନ୍ଧରେ ଯେ ଘୋର କୁସଂସ୍କାର ଘୋଷଣା କଲେ, ତାହାହିଁ ବର୍ତ୍ତମାନ ଭାରତସନ୍ତାନଙ୍କର ଅସ୍ଥିମଜ୍ଜାଗତ ହୋଇଅଛି—ସେମାନେ ପାଶ୍ଚାତ୍ୟ ରମଣୀମାନଙ୍କର ପ୍ରଭାବ ଓ କ୍ଷମତା ସମ୍ମୁଖରେ ଦେଖି ସୁଦ୍ଧା ସେ କୁସଂସ୍କାର ଛାଡ଼ିପାରୁ ନାହାନ୍ତି—ନାରୀଜାତି ଉପରେ ପାଶବବଳର ପ୍ରଭାବ ଅକ୍ଷୁର୍ଣ୍ଣ ରଖିବାକୁ ପ୍ରୟାସୀ ରହିଅଛନ୍ତି—ଆଜନ୍ମବୃଦ୍ଧା ନାରୀଜାତିକୁ କ୍ରୀଡ଼ାସାମଗ୍ରୀ ବା ସେବାଦାସୀ ବୋଲି ମନେ କରୁଅଛନ୍ତି ! କି ଘୋର ଅବନତି ! ନାରୀ ବ୍ରହ୍ମକନ୍ୟା, ତାହାର କୌଣସି ପ୍ରକାର ଉଚ୍ଚ ବିଷୟରେ ଅଧିକାର ନାହିଁ ? ଜୀବନର ପ୍ରଧାନ ଲକ୍ଷ୍ୟ ଜ୍ଞାନ ଧର୍ମରୁ ମଧ୍ୟ ସେ ବଞ୍ଚିତ ହେବ ? ତାହାକୁ କୌଣସି ଅଧିକାର ନଦେଇ ତାହାର ଅକ୍ଷମତାର କଥା ପ୍ରଚାର କରିବ ? ଅନ୍ୟ କଥା କହିବାର ଅନ୍ୟ ଦୃଷ୍ଟାନ୍ତ ଦେଖାଇବାର ପ୍ରୟୋଜନ ନାହିଁ । ବିଧାତା ୬୦ ବର୍ଷ କାଳ ଜଣେ ମହିମାନ୍ୱିତା

Digitized by srujanika@gmail.com

ରମଣୀଙ୍କୁ ପୃଥିବୀର ସର୍ବଶ୍ରେଷ୍ଠ ସାମ୍ରାଜ୍ୟର ଅଧିଶ୍ୱରୀ କରି ଜଗତକୁ କି ଶିକ୍ଷା ଦେଉଅଛନ୍ତି ? ବିଶେଷତଃ ଭାରତର ରାଜରାଜେଶ୍ୱରୀ ପଦରେ ପ୍ରତିଷ୍ଠିତ କରି ଭାରତବାସୀଙ୍କୁ କି ଆଦେଶ ଦେଉଅଛନ୍ତି ? ବାଳିକା ବୟସରେ ତାଙ୍କର ଅସାଧାରଣଶକ୍ତି ଦେଖି ମହା ରାଜ୍ଞ ମନ୍ତ୍ରୀପ୍ରବର ମେଲବୋର୍ଣ୍ଣ କହିଥିଲେ "ଦଶଜଣ ରାଜାଙ୍କୁ ଚଳାଇବା ସହଜ, ମାତ୍ର ଏପରି ଜଣେ ରାଣୀଙ୍କୁ ଚଳାଇବା ବଡ଼ କଠିନ ?" କିନ୍ତୁ ତଥାପି ସଭ୍ୟତମ ଇଂରାଜଜାତି ରମଣୀଙ୍କୁ ରାଜନୈତିକ କ୍ଷେତ୍ରରେ ପ୍ରବେଶାଧିକାର ଦେବାକୁ କୁଣ୍ଠିତ ! ଧନ୍ୟ ପୁରୁଷ ଜାତି ! ଧନ୍ୟ ତୁମ୍ଭର ଅନ୍ଧତା ! ଭାରତବାସୀ, ତୁମେ କି ଚିରଦିନ ଅନ୍ଧ ହୋଇଥିବ ? ଥରେ ତୁମର ଅତୀତ ଗୌରବ ଆଡ଼କୁ ଦୃଷ୍ଟି ପକାଇବ ନାହିଁ ? ସମ୍ମୁଖରେ କିଛି ମଧ୍ୟ ଦେଖିବ ନାହିଁ ? ରାଜରାଜେଶ୍ୱରୀଙ୍କର ଯୁବିଲି ମହୋତ୍ସବରେ ତ ଖୁବ୍ ମାତିଲ ! ସେଥିରୁ କିଛି ଶିକ୍ଷା ପାଇଲ ? ନା, ବୃଥା ଗଣ୍ଡଗୋଳ କରି, ମିଥ୍ୟା ରାଜଭକ୍ତିର ଆଡ଼ମ୍ବର ଦେଖାଇ ବା ରାଜପୁରୁଷମାନଙ୍କର ହୁକୁମ ତାମିଲ କରି କାର୍ଯ୍ୟ ଶେଷ କଲ ? ତୁମର ସ୍ତ୍ରୀ, ଭଗିନୀ, କନ୍ୟାମାନଙ୍କର କଥା ଚିନ୍ତା କରିଅଛ ? ସେମାନଙ୍କର ହୀନତା, ନିର୍ଜୀବତା, ଅଜ୍ଞାନତା ମୋଚନ କରିବାର କିଛି ଆୟୋଜନ କରୁଅଛ ? ସେମାନଙ୍କର ନ୍ୟାର୍ଯ୍ୟ ଅଧିକାର ଦେବାପାଇଁ ପ୍ରସ୍ତୁତ ହୋଇଅଛ ? ଏଥିରେ ତୁମ୍ଭର ପରମ ଲାଭ । ମନେ କରିଅଛ, ସ୍ୱାର୍ଥହାନି ହେବ ! ତାହା ନୁହେଁ—ଯଥାର୍ଥରେ ଏହିଦ୍ୱାରା ସ୍ୱାର୍ଥ ସାଧିତ ହେବ ନାରୀଜାତିର ଅଧିକାର ପ୍ରସାରିତ ନ ହେଲେ, ନାରୀଜାତିର ଅବସ୍ଥା ଉନ୍ନତ ନହେଲେ, ସମାଜ କଦାପି ପ୍ରକୃତ ଉନ୍ନତି ପଥରେ ଅଗ୍ରସର ହେବ ନାହିଁ—ସମାଜରେ ପ୍ରେମ ପୁଣ୍ୟର ପ୍ରଭାବ ବର୍ଦ୍ଧିତ ହେବ ନାହିଁ, ସୁଗୃହିଣୀ, ସୁଜନନୀର ଅଭାବରେ ' ସମାଜର ଜୀବନସଞ୍ଚାର ହେବ ନାହିଁ । ପଣ୍ଡିତ ଇଟାଲୀର ଅନ୍ୟତମ ଉଦ୍ଧାରକର୍ତ୍ତା ମହାତ୍ମା ମ୍ୟାଜିନୀ ଯାହା କହିଅଛନ୍ତି, ଥରେ ଶ୍ରବଣ କର:—

"Love and respect woman. Seek in her not merely a comfort, but a force, an inspiration, the redoubling of your intellectual and moral faculties. Cancel from your minds every idea of superiority over woman you have none, whatsover. Long prejudice, an inferior justice, have created that apparent intelnectual inferiority which has been converted into an argument of continued oppression. Consider woman, therefore, as the partner and companion, not merely of your joys and sorrows, but of your thoughts, your aspirations and your endeavours after social amelioration Consider her your equal in your civil and political life. Beye the two human wings that lift the soul towords the ideal we are destined to attain"

ଏହାର ସ୍ଥୂଳମର୍ମ ଏହି ଯେ "ନାରୀଙ୍କୁ ପ୍ରୀତି ଓ ସମ୍ମାନ କର । ନାରୀ କେବଳ ତୁମର ସୁଖସାଧନର ଉପାୟ ନୁହେଁ--ସେ ତୁମ୍ଭର ଶକ୍ତି, ପ୍ରତିଭା, ମାନସିକ ଓ ନୈତିକ ଉତ୍କର୍ଷ ବିଧାନର ସହାୟ ଅଟେ । ତୁମ୍ଭେ ନାରୀଠାରୁ କୌଣସି ଅଂଶରେ ଶ୍ରେଷ୍ଠ ନୁହଁ—ସେ ପ୍ରକାର ଧାରଣା ମନରୁ ଦୂରୀଭୂତ କର । ବହୁକାଳସ୍ଥାୟୀ ସଂସ୍କାର ଏବଂ ଅବିଚାର ନାରୀଜାତିର ମାନସିକ ଶକ୍ତିର ଦୃଶ୍ୟମାନ ହୀନତାର କାରଣ ଅଟେ ଏବଂ ସେହି ହେତୁରୁ ନାରୀଜାତି ଦୀର୍ଘକାଳସ୍ଥାୟୀ ଅତ୍ୟାଚାର ଭୋଗ କରି ଆସୁଅଛନ୍ତି । ନାରୀଙ୍କୁ କେବଳ ତୁମ୍ଭର ସୁଖଦୁଃଖର ସହଚରୀ ମନେ ନକରି ତୁମ୍ଭର ଚିନ୍ତା, ତୁମ୍ଭର ଆକାଂକ୍ଷା, ତୁମ୍ଭର ଶିକ୍ଷା, ତୁମ୍ଭର ସର୍ବ ପ୍ରକାର ସାମାଜିକ ଉନ୍ନତି ଚେଷ୍ଟାର ପଥରେ ସହାୟସ୍ୱରୂପ ମନେକର । ସାମାଜିକ ଏବଂ ରାଜନୈତିକ କ୍ଷେତ୍ରରେ ମଧ୍ୟ ସେ ତୁମ୍ଭର

Digitized by srujanika@gmail.com

ସମକକ୍ଷ । ଉଭୟେ ଜୀବନର ମହୋଚ୍ଚ ଲକ୍ଷ୍ୟ ସାଧନର ପଥରେ ଦୁଇପକ୍ଷ ସ୍ୱରୂପ କାର୍ଯ୍ୟ କର ।"

କଥାଗୁଡିକ ଅକ୍ଷରେ ୨ ସତ୍ୟ । ନାରୀ-ଶିକ୍ଷାର ପ୍ରଶସ୍ତ ଉପାୟ ଉଦ୍ଭାବନ କର, ନାରୀ-ଜାତିକୁ ପିଞ୍ଜରମୁକ୍ତ କର, ନାରୀର କାର୍ଯ୍ୟକ୍ଷେତ୍ର ପ୍ରସାରିତ କର, ଦେଖିବ, ଅଚିରେ ସମାଜର ମୁଖଛବି ପରିବର୍ତ୍ତିତ ହୋଇଯିବ, ସମାଜ ମଧ୍ୟରେ ନବଜୀବନ ସଞ୍ଚାର ଅନୁଭୂତ ହେବ ।

———

ସୁସମ୍ବାଦ:—ଭାରତରମଣୀର ଉଚ୍ଚଶିକ୍ଷା ବିଷୟରେ ଏ ଦେଶର ଅଧିକାଂଶ ଲୋକେ ଘୋର ବିରୋଧୀ—ଉଚ୍ଚଶିକ୍ଷାପ୍ରାପ୍ତା ରମଣୀ-ମାନଙ୍କର ନିନ୍ଦା ଯଥା ତଥା—ଦେଶର ଅଧିକାଂଶ ସମ୍ବାଦପତ୍ର ପର୍ଯ୍ୟନ୍ତ ପଦମର୍ଯ୍ୟାଦା ଓ ଦାୟିତ୍ୱଜ୍ଞାନ ହରାଇ ସେମାନଙ୍କର କୁତ୍ସା ରଟାଇବାକୁ ବିନ୍ଦୁ-ମାତ୍ର କୁଣ୍ଠିତ ନୁହନ୍ତି । ଏହି ନିନ୍ଦକମାନଙ୍କ ମଧ୍ୟରେ ଦୁଇଶ୍ରେଣୀର ଲୋକ ଦୃଷ୍ଟ ହୁଅନ୍ତି । ଏକ ଶ୍ରେଣୀର ଲୋକଙ୍କର ହୃଦ୍‌ଗତ ବିଶ୍ୱାସ ଯେ ନାରୀଜାତି ପକ୍ଷରେ ଉଚ୍ଚଶିକ୍ଷା ଘୋର ଅନିଷ୍ଟକର —ଏହି ଶ୍ରେଣୀରେ ଅଧିକାଂଶ ପାଶ୍ଚାତ୍ୟ ଶିକ୍ଷା-ବିରହିତ ଓ ପ୍ରାଚୀନତାପ୍ରିୟ । ଅପର ଶ୍ରେଣୀ "ଉଡ଼ ନଜାଣି ପୋଷା ମାନିବା" ଦଳ ! ଏମାନେ ଯେ ନାରୀଜାତିର ଉଚ୍ଚଶିକ୍ଷାର ଆନ୍ତରିକ ବିରୋଧୀ, ତାହା ନୁହେଁ—କେବଳ ସମାଜ ଭୟରେ ଲୋକନିନ୍ଦା ଭୟରେ ଅସ୍ଥିର—ହୃଦୟର ଦୁର୍ବଳତା ଯୋଗୁଁ ବିଶ୍ୱାସାନୁଯାୟୀ କାର୍ଯ୍ୟ କରିବାକୁ ଅକ୍ଷମ ! ସୁତରାଂ ନିଜର ଦୁର୍ବଳତା ଘୋଡ଼ାଇ ରଖିବା ପାଇଁ ବାଧ୍ୟତଃ ବିରୋଧୀ—ଫଳତଃ ଅସହାୟ ! ଆମ୍ଭମାନଙ୍କ ଦେଶର ଶିକ୍ଷିତସମ୍ପ୍ରଦାୟ ମଧ୍ୟରେ ଅଧିକାଂଶ ପ୍ରାୟ ଏହି କାରଣରୁ ସକଳପ୍ରକାର ସଂସ୍କାର ବିରୋଧୀ ! ଏହା କିନ୍ତୁ ମନୁଷ୍ୟତ୍ୱ ଲାଭର ମାରାତ୍ମକ ଅନ୍ତରାୟ ! ଯାହାହେଉ, ଏ ଦେଶର ଖ୍ରୀଷ୍ଟିୟାନ ଓ ବ୍ରାହ୍ମସମ୍ପ୍ରଦାୟ ସକଳ ପ୍ରକାର ନିନ୍ଦା, ଘୃଣା, ଅପମାନ ଅଗ୍ରାହ୍ୟ କରି ରମଣୀ-ମାନଙ୍କୁ ଉଚ୍ଚଶିକ୍ଷା ଦେବା ବିଷୟରେ ବ୍ରତୀ ରହିଅଛନ୍ତି । ସେମାନଙ୍କ ସାଧୁ ଦୃଷ୍ଟାନ୍ତରେ ବିରୋଧୀ ଦଳର ଭ୍ରାନ୍ତ ଓ କୁସଂସ୍କାର କ୍ରମେ ତିରୋହିତ ହୋଇଯିବ, ଏପରି ଆଶା କରିବା ଅସଂଗତ ନୁହେଁ । ସମ୍ବାଦପତ୍ରରେ ପାଠକଙ୍କୁ ସମ୍ପ୍ରତି ଦୁଇଟି ବ୍ରାହ୍ମଯୁବତୀ କଲିକତାର ପ୍ରେସିଡେନ୍‌ସି କଲେଜର ବି, ଏ, ଶ୍ରେଣୀରେ ଭର୍ତ୍ତି ହୋଇ ଅଛନ୍ତି । ଏ ପର୍ଯ୍ୟନ୍ତ ସ୍ତ୍ରୀ ପୁରୁଷଙ୍କର ଏକତ୍ର ଅଧ୍ୟୟନ କେବଳ ମେଡିକେଲ କଲେଜ ଓ ସ୍କୁଲ ଛଡ଼ା ଏ ଦେଶରେ ଅନ୍ୟତ୍ର ପ୍ରାୟ ହୋଇ ନ ଥିଲା । କଲିକତାରେ ସ୍ତ୍ରୀଶିକ୍ଷା ନିମିତ୍ତ ବେଥୁନ କଲେଜ ଏବଂ ଅନ୍ୟାନ୍ୟ କେତେକ ସ୍ୱତନ୍ତ୍ର ବିଦ୍ୟାଳୟ ଅଛି । ମାତ୍ର ଶିକ୍ଷାର ବିଶେଷ ସୁବିଧା ନିମିତ୍ତ ଯୁବତୀଦ୍ୱୟ ପ୍ରେସିଡେନ୍‌ସି କଲେଜର ଆଶ୍ରୟ ଗ୍ରହଣ କରିଅଛନ୍ତି । ଉଭୟେ ସମ୍ଭ୍ରାନ୍ତ-ବଂଶୀୟା । କଲେଜର ଅଧ୍ୟକ୍ଷ ଓ ଅଧ୍ୟାପକଗଣ ଅତ୍ୟନ୍ତ ଆଗ୍ରହସହକାରେ ଏମାନଙ୍କର ଶିକ୍ଷାର ସୁବନ୍ଦୋବସ୍ତ କରିଦେଇ ଅଛନ୍ତି ଏବଂ ଏମାନଙ୍କ ପ୍ରତି ସସମ୍ଭ୍ରମ ବ୍ୟବହାର କରିବା ପାଇଁ ସମଶ୍ରେଣୀର ଛାତ୍ରମାନଙ୍କୁ ସମୁଚିତ ଉପଦେଶ ପ୍ରଦାନ କରିଅଛନ୍ତି । ଆମ୍ଭେମାନେ ଶୁଣି ଅତ୍ୟନ୍ତ ଆନନ୍ଦିତ ହେଲୁ ଯେ ଏ ବିଷୟରେ କଟକ କଲେଜ ପ୍ରେସିଡେନ୍‌ସି କଲେଜର ସମକକ୍ଷ ହୋଇଛି । ଏ ବର୍ଷ ଏଠାରେ ମଧ୍ୟ ବି, ଏ, ଶ୍ରେଣୀରେ ଦୁଇଟି ଯୁବତୀ ଭର୍ତ୍ତି ହୋଇଅଛନ୍ତି । ଜଣେ ଦେଶୀୟ-ଖ୍ରୀଷ୍ଟିୟାନ୍ କୁମାରୀ ଶୈଳବାଳା ହାଜରା, ଅପରଟି ଇଉରେସିୟାନ କୁମାରୀ ଇଶାବେଲ ସାମୁଏଲ । କଲେଜର ଅଧ୍ୟକ୍ଷ ମହାଶୟ ଛାତ୍ରୀଦ୍ୱୟଙ୍କୁ ଶ୍ରେଣୀରେ ପ୍ରବେଶ କରାଇ ଛାତ୍ରମାନଙ୍କୁ ସମ୍ବୋଧନ କରି କେତେଗୁଡ଼ିଏ ସମୟୋଚିତ ଉପଦେଶ ପ୍ରଦାନ କରିଥିଲେ । ଆଶାକରୁଁ ଛାତ୍ରଗଣ ତାଙ୍କର ଉପଦେଶ ଗୁଡ଼ିକ ଅକ୍ଷରେ ଅକ୍ଷରେ ପାଳନ କରି

Digitized by srujanika@gmail.com

ଯଥାର୍ଥ ମନୁଷ୍ୟତ୍ୱର ପରିଚୟ ହେବ । ସାଧାରଣ ଚକ୍ଷୁରେ ଏହା ସାମାନ୍ୟ ଘଟନା ବୋଲି ପ୍ରତୀୟମାନ ହୋଇପାରେ, ମାତ୍ର ଆମ୍ଭେମାନେ ଏହାକୁ ଗୋଟିଏ ନବଯୁଗର ପାରମ୍ଭ ବୋଲି ମନେ କରୁଅଛୁଁ । ଏଥିରେ ବର୍ତ୍ତମାନ ଯୁଗର ସଙ୍କେତ ମୁଦ୍ରିତ ହୋଇଅଛି । ଏହାଦ୍ୱାରା ନାରୀଜାତିର ଅଧିକାର ପ୍ରସାରିତ ହେଲା ଏବଂ ପୁରୁଷ ଶିକ୍ଷାର ପୂର୍ଣ୍ଣତାପ୍ରାପ୍ତିର ମାର୍ଗ ଉନ୍ମୁକ୍ତ ହେଲା । ଦେଶର ଅବସ୍ଥା, ସମାଜର ଅବସ୍ଥା ଦିନକୁ ଦିନ ଯେପରି ଆକାର ଧାରଣ କରୁଅଛି, କାଳର ପ୍ରଭାବରେ ନରନାରୀ ସମ୍ମିଳନର ଦିନ ଯେପରି ନିକଟବର୍ତ୍ତୀ ହୋଇ ଆସୁଅଛି, ସେଥିରେ ବିଦ୍ୟାଳୟର ଛାତ୍ରମାନଙ୍କର ନାରୀଜାତିପ୍ରତି ସସମ୍ଭ୍ରମ ବ୍ୟବହାର ଶିକ୍ଷା କରିବା ନିତାନ୍ତ ପ୍ରୟୋଜନୀୟ—ପବିତ୍ର ବିଦ୍ୟାମନ୍ଦିରରେ ତାହା ଯେପରି ସୁସମ୍ପନ୍ନ ହେବାର ସମ୍ଭାବନା, ସେପରି ଅନ୍ୟ କେଉଁଠାରେ ଅଛି ? ରମଣୀକୁ ବ୍ରହ୍ମ-ଜନ୍ୟା ମନି ଯେଉଁ ପୁରୁଷ ପବିତ୍ର ଚକ୍ଷୁରେ ଦେଖି ନପାରେ, ସେ ପଶୁଠାରୁ ଅଧମ—ନରକର କୀଟ ! ଏବଂ ଯେଉଁ ରମଣୀ ସ୍ୱୀୟ ପବିତ୍ର ଚରିତ୍ରର ପ୍ରଭାବରେ ଅନ୍ୟର ପ୍ରାଣରେ ପବିତ୍ରତା ସଞ୍ଚାର କରି ନ ପାରେ ସେ ଅତି କୃପାପାତ୍ର । ରମଣୀକୁଳମଣ୍ଡନ, ରାଜରାଜେଶ୍ୱରୀ ଭିକ୍ଟୋରିଆଙ୍କର ଡାୟମଣ୍ଡ ଯୁବିଲି ସମୟରେ ବଙ୍ଗୋତ୍କଳ ପ୍ରଦେଶରେ ଏହି ପରିବର୍ତ୍ତନ ଦେଖି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ଲାଭ କରିଅଛୁଁ । ଏହା ଭିତରେ ବିଧାତାଙ୍କ ଶୁଭଇଚ୍ଛା ପୂର୍ଣ୍ଣ ହେଉ ।

———

ଘୋର କପଟାଚାର:—ମନୁଷ୍ୟର ଭିତର ବାହାର ସମାନ ନ ହେଲେ, ସେ ନିଶ୍ଚୟ ମନୁଷ୍ୟତ୍ୱଠାରୁ ବହୁଦୂରରେ ଅବସ୍ଥିତ—ପଶୁପ୍ରକୃତିରେ ସୁଦ୍ଧା ଏ ପ୍ରକାର ଅସାମଞ୍ଜସ୍ୟ ପରିଲକ୍ଷିତ ହୁଏ ନାହିଁ । ଭିତରେ ବିଶ୍ୱାସ ଏକ ପ୍ରକାର, କିନ୍ତୁ ବାହାରକୁ ଦେଖାଇବାକୁ ହେବ ଅନ୍ୟ ପ୍ରକାର, ଏହା କେବଳ ବୁଦ୍ଧିମାନ, ସ୍ୱାର୍ଥପର, ବିଷୟୀ ମନୁଷ୍ୟସମାଜରେ ଦୃଷ୍ଟ ହୁଏ ! ଯେଉଁମାନେ ମନୁଷ୍ୟତ୍ୱର ମୂଲ୍ୟ ବୁଝିଅଛନ୍ତି, ସେମାନେ ପ୍ରାଣାନ୍ତେ ସୁଦ୍ଧା ଏପ୍ରକାର କପଟାଚାର ଦ୍ୱାରା ଜୀବନକୁ କଳଙ୍କିତ କରନ୍ତି ନାହିଁ । ଆମ୍ଭମାନଙ୍କ ଦେଶରେ ସଭ୍ୟତାବିକାଶ ସଙ୍ଗେ ସଙ୍ଗେ ଏହି ଭାବ କ୍ରମେ ବୃଦ୍ଧିପ୍ରାପ୍ତ ହେଉଅଛି—ଶିକ୍ଷିତ ବ୍ୟକ୍ତିମାନଙ୍କ ଜୀବନରେ ପଦେ ପଦେ ଏହି ଅସାମଞ୍ଜସ୍ୟ ଲକ୍ଷିତ ହେଉଅଛି ! ଦେଶର ପ୍ରାଚୀନତନ୍ତ୍ରର ଲୋକମାନଙ୍କ ମଧ୍ୟରେ ଏ ପ୍ରକାର ଭାବ ପ୍ରାୟ ଦେଖାଯାଏ ନାହିଁ—ସେମାନେ ଆଧୁନିକ ମାର୍ଜିତ ରୁଚି (?) ଅନୁସାରେ ଅସଭ୍ୟ ବୋଲି ବିବେଚିତ ହୋଇପାରନ୍ତି, ମାତ୍ର ସେମାନେ ଈଦୃଶ କପଟାଚାରରୁ ମୁକ୍ତ । ସେମାନେ ଯାହା ବିଶ୍ୱାସ କରନ୍ତି, କାର୍ଯ୍ୟରେ ବା ବାକ୍ୟରେ ତାହାର ବିପରୀତ ଭାବ ପ୍ରକାଶ କରନ୍ତି ନାହିଁ । ପାଶ୍ଚାତ୍ୟ ଶିକ୍ଷାପ୍ରାପ୍ତ ବ୍ୟକ୍ତି-ମାନଙ୍କ ଜୀବନରେ ଏ ପ୍ରକାର ବିରୋଧର ହେତୁ କଣ ? ହେତୁ ସତ୍ସାହସର ଅଭାବ, ମାନସିକ ଶିକ୍ଷା ସଙ୍ଗେ ୨ ଉଚ୍ଚନୀତି ଏବଂ ଉପଯୋଗୀ ଧର୍ମଶିକ୍ଷାର ଅଭାବ, ଉଚ୍ଚ ଆଦର୍ଶର ଅଭାବ ! ମାନସିକ ଶିକ୍ଷା ଜୀବନର ପରିବର୍ତ୍ତନ ସଂସାଧନ କରିବାକୁ ଅକ୍ଷମ—ସେଥିପାଇଁ ହୃଦୟର ଶିକ୍ଷା ପ୍ରୟୋଜନ । କୌଣସି ପ୍ରକାରେ ସବୁ ଆଡ଼ ବଜାୟେ ରଖି ସାଂସାରିକ ସୁବିଧାଟା କରିପାରିଲେ ହେଲା; ସାଧାରଣତଃ ଆଜିକାଲି ଶିକ୍ଷିତ ବ୍ୟକ୍ତି-ମାନଙ୍କ ମନର ଭାବ ଏହିପରି—ଶିକ୍ଷାର ଉଦ୍ଦେଶ୍ୟ ମଧ୍ୟ ଏହି । ଏହି ହେତୁରୁ ଯେଉଁଠାରେ ସାଂସାରିକ ସ୍ୱାର୍ଥରେ ବିଘ୍ନ ଘଟିବାର କିଞ୍ଚିନ୍ମାତ୍ର ସମ୍ଭାବନା ରହିଅଛି, ସେଠାରେ ଏମାନେ ପଶ୍ଚାତ୍ପଦ ! ସଂସାର ଉଦ୍ଦେଶ୍ୟରେ ଧର୍ମନୀତି ପର୍ଯ୍ୟନ୍ତ ବଳି ଦେବାକୁ ପ୍ରସ୍ତୁତ ! ଏଥିରେ କପଟାଚାରର ମାତ୍ରା ଦିନକୁ ଦିନ ନ ବଢ଼ିବ

Digitized by srujanika@gmail.com

କାହିଁକି ? ବ୍ୟକ୍ତିବିଶେଷ ବା ଦଳ ବା ସମାଜର ଅନୁରୋଧରେ ବିଶ୍ୱାସବିରୁଦ୍ଧ, ମତ ବିରୁଦ୍ଧ କାର୍ଯ୍ୟ କରିବା ଅଥବା ସ୍ୱାଧୀନତାନୁଗାମୀ କାର୍ଯ୍ୟ କରିବାରୁ କ୍ଷାନ୍ତ ହେବାର ଦୃଷ୍ଟାନ୍ତ ଶିକ୍ଷିତ ଦଳରେ ନିତାନ୍ତ ବିରଳ ନୁହେଁ । ଅନ୍ୟ ଜଣେ ବ୍ୟକ୍ତି ଯେଉଁ କାର୍ଯ୍ୟପ୍ରତି ତୀବ୍ର ଘୃଣା ପ୍ରକାଶ କରୁଅଛନ୍ତି, କାଲି ଦେଖ, ସେହି ବ୍ୟକ୍ତି ବିନା ବାକ୍ୟବ୍ୟୟରେ ତାହାର ଅନୁଷ୍ଠାନ କରୁଅଛନ୍ତି ! ପୁଣି ଗୋଟିଏ କାର୍ଯ୍ୟ ଗଭୀର ଅନୁରାଗର ସହିତ ସମ୍ପନ୍ନ କରୁଥିବାର ସାଧାରଣଙ୍କୁ ଦେଖାଇ ଆସିଲେ, ପରମୁହୂର୍ତ୍ତରେ ବନ୍ଧୁମାନଙ୍କ ନିକଟରେ ସେହି କାର୍ଯ୍ୟର ନିନ୍ଦା ଘୋଷଣା କଲେ ! ହାୟ ! ତେବେ ଜୀବନଟାର ମୂଲ୍ୟ କଣ ରହିଲା ? କି ବିଶ୍ୱାସରେ ତୁମ୍ଭେ ମନୁଷ୍ୟ ପଦବାଚ୍ୟ ହେବ ? ଜୀବନର ଗୋଟିଏ ମୂଳନୀତି (Princile) ନଥିଲେ ତୁମ୍ଭର ମନୁଷ୍ୟତ୍ୱ କେଉଁଠାରେ ? ତୁମ୍ଭେ ରାଜକର୍ମଚାରୀ, ନୀତିବିରୁଦ୍ଧ, ରୁଚିବିରୁଦ୍ଧ, ମତବିରୁଦ୍ଧ, ରାଜାଜ୍ଞା ଅକୁଣ୍ଠିତ ଚିତ୍ତରେ ପାଳନ କଲ । ତୁମ୍ଭେ ଅର୍ଥର ଦାସ, ଚାକିରୀର ଦାସ, ପଦଗୌରବର ଦାସ, ପ୍ରତିବାଦ କରିବାର ସାହାସ ତୁମ୍ଭର ନାହିଁ । ତୁମ୍ଭେ କି ମନୁଷ୍ୟ ? ମନୁଷ୍ୟ ହେଲେ ତାହା କଦାପି କରି ପାରନ୍ତ ନାହିଁ । ମହାତ୍ମା ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ମନୁଷ୍ୟ ଥିଲେ କେବଳ ତାହା ପାରିଲେ ନାହିଁ । ଯୁବଲ ଉତ୍ସବ ହୋଇଗଲା । ତୁମ୍ଭେ ରାଜଭକ୍ତ (?) ଦେଖାଇଲ କେବଳ ଉତ୍ସବରେ ବା ଲେକ୍ଚରରେ ! ଉତ୍ସବର କୌଣସି ୨ ପଣ୍ଡାଙ୍କ କଥାରୁ ପ୍ରମାଣ ପାଇଅଛୁ ଯେ ସେମାନଙ୍କର ରତ୍ତିମାନ ଅନୁରାଗ ଏଥିରେ ନଥିଲା—ଅଥଚ କୌଣସି ଅନୁଷ୍ଠାନର ତ୍ରୁଟି ହେଲା ନାହିଁ ! ଯଥାର୍ଥ ରାଜଭକ୍ତି ନାହିଁତ ବାହାରେ ଦେଖାଉଅଛ କାହିଁକି ? ଆଜିକାଲି ରାଜନୈତିକ ଦଳ ମନ ହୃଦୟର ବଳ ଦେଖାଅ, ତେବେ ଜାଣିବି ଯେ ତୁମ୍ଭଠାରେ ମନୁଷ୍ୟତ୍ୱ ଅଛି । କୌଣସିଟା ମାନିବ ନାହିଁ ? ସବୁପ୍ରକାର ମନୁଷ୍ୟତ୍ୱ ସ୍ୱାର୍ଥ ନିକଟରେ ବଳି ଦେଇ ନିଶ୍ଚିନ୍ତ ! ଏଥିରେ କି ଜାତୀୟ ଜୀବନ ଗଠିତ ହେବ ? ଯଥାର୍ଥ ଜାତୀୟ ଉନ୍ନତି ସାଧିତ ହେବ ? ଅସମ୍ଭବ କଥା ! କୌଣସିଠାରେ ହୋଇ ନାହିଁ । ଧର୍ମ, ନୀତି, ସମାଜ, ରାଜକାର୍ଯ୍ୟ, ସର୍ବତ୍ର କପଟାଚାର—ସର୍ବତ୍ର ଦୁଇ ଭାବ— ଭିତର ଓ ବାହାର ! ଏପରି ସ୍ଥଳରେ ବିଧାତାଙ୍କ କରୁଣା ଓ ଆଶୀର୍ବାଦ ଅବତୀର୍ଣ୍ଣ ହୋଇ ନପାରେ ! ସୁତରାଂ ଅଧଃପତିତ ଜାତିର ଘୋରତର ଅଧଃପତନ ଅନିବାର୍ଯ୍ୟ ! ହେ ଶିକ୍ଷିତ, ସମ୍ମାନିତ, ପଦସ୍ଥ ଭ୍ରାତୃବୃନ୍ଦ, ବିନୀତଭାବରେ ପ୍ରାର୍ଥନା କରୁଅଛୁ, ଟିକିଏ ସ୍ୱାର୍ଥର ମାୟା ପରିତ୍ୟାଗ କର, ମନୁଷ୍ୟତ୍ୱ ସାଧନରେ ତତ୍ପର ହୁଅ, କପଟାଚାର ପରିହାର କରି ସରଳ ବ୍ୟବହାର କର, ସତ୍‌ସାହସର ପରିଚୟ ଦିଅ, ତୁମ୍ଭର ଓ ଦେଶର କଲ୍ୟାଣ ସାଧିତ ହେବ ।

---

## ସଂକ୍ଷିପ୍ତ ସମାଲୋଚନା

ସାଥୀ—ଶ୍ରୀଯୁକ୍ତ ଅନଙ୍ଗମୋହନ ଚକ୍ରବର୍ତ୍ତୀଙ୍କ କର୍ତ୍ତୃକ ସଙ୍କଳିତ । ଏଥିରେ ୧୧ଟି ସାଧୁଜୀବନର ବିବରଣ ସନ୍ନିବେଶିତ ହୋଇଅଛି —ତନ୍ମଧ୍ୟରେ 'ବିଲ୍ୱମଙ୍ଗଳ' ଓ 'ରଘୁନାଥ' ନାମକ ପ୍ରସ୍ତାବ ଦ୍ୱୟ ଗ୍ରନ୍ଥକାରଙ୍କର ଭ୍ରାତା ପରଲୋକଗତ ଶ୍ରୀଯୁକ୍ତ ଲଳିତମୋହନ ଚକ୍ରବର୍ତ୍ତୀଙ୍କ କର୍ତ୍ତୃକ ଲିଖିତ ହୋଇଥିଲା । ସାଧୁଜୀବନ ମନୁଷ୍ୟର ଏ ସଂସାରରେ ଅତି ଉତ୍କୃଷ୍ଟ ସହାୟ—ବିପଦରେ, ପରୀକ୍ଷାରେ ପ୍ରଲୋଭନରେ ସାଧୁଜୀବନର ବିଶେଷ ୨ ଘଟନା ସ୍ମରଣ କରି ମନୁଷ୍ୟ ହୃଦୟରେ ଆଶା ଓ ଉତ୍ସାହ ପ୍ରାପ୍ତ ହୁଏ—ସାଧୁ ଜୀବନ ପାଠ କରୁ ୨ ମନୁଷ୍ୟପ୍ରାଣ

Digitized by srujanika@gmail.com

ମର୍ମପଥ ଆଡ଼କୁ ଆକୃଷ୍ଟ ହୁଏ । ସାଧୁଙ୍କର ପାଠ ଏକପ୍ରକାର ସାଧୁସଙ୍ଗ । ଓଡ଼ିଆଭାଷାରେ ପ୍ରାଚୀନ ପୁରାଣାଦି ଛଡ଼ା ଏ ପ୍ରକାର ପୁସ୍ତକର ଏକାନ୍ତ ଅଭାବ । ଅନଙ୍ଗ ବାବୁ ଏ ପୁସ୍ତକ ଖଣ୍ଡି ପ୍ରକାଶ କରି ଉକ୍ତ ଅଭାବ କେତେକ ପରିମାଣରେ ଦୂର କରିଅଛନ୍ତି । ଶ୍ରଦ୍ଧାସ୍ପଦ ଶ୍ରୀଯୁକ୍ତ ଦୀନାନାଥ ବାବୁ ମହାଶୟ ଏ ପୁସ୍ତକର ବ୍ୟୟଭାର ବହନ କରିଥିବାରୁ ଆମ୍ଭେମାନେ ତାଙ୍କୁ ଅନ୍ତର ସହିତ ଧନ୍ୟବାଦ ଦେଉଅଛୁଁ । ପୁସ୍ତକର କଳେବର ବିବେଚନାରେ ମୂଲ୍ୟ (୫୦ ।ଚାରିଅଣା) ମଧ୍ୟ ନିତାନ୍ତ ସାମାନ୍ୟ ହୋଇଅଛି । ତଥାପି ଉତ୍କଳର ବର୍ତ୍ତମାନ ସାଧାରଣ ରୁଚି ଯେପ୍ରକାର ରହିଅଛି, ସେଥିରେ ଏ ପୁସ୍ତକ ଯେ ଲୋକେ ଅଧିକ ରୁଚି କରି ପାଠ କରିବେ, ଏ ବିଷୟରେ ଆମ୍ଭମାନଙ୍କର ଗଭୀର ସନ୍ଦେହ ରହିଅଛି ! ଏ ପ୍ରକାରୀ ଅବସ୍ଥାରେ ଯେଉଁମାନେ ଉନ୍ନତ ଭାବ ଓ ସଂସ୍କୃତ ରୁଚିର ପକ୍ଷପାତୀ ହୋଇ ସେପ୍ରକାର ପୁସ୍ତକ ପ୍ରସ୍ତୁତିରେ ବ୍ରତୀ, ସେମାନେ ବିଶେଷ ଧନ୍ୟବାଦାର୍ହ ।

ସାଧୁଚରିତର ଏକପ୍ରକାର ସ୍ୱର୍ଗୀୟ ସୌରଭ ଅଛି—ସେହି ଗୁଣରେ ତାହା ଅବଶ୍ୟ ପାଠକର ପ୍ରାଣକୁ ବିମୋହିତ କରିବ ଏବଂ ଅଲକ୍ଷିତ ଭାବରେ ହେଲେ ତାହାକୁ ଉର୍ଦ୍ଧ୍ୱଦେଶକୁ ଉଠାଇ ନେବ । ସେ ସମ୍ବନ୍ଧରେ ଆମ୍ଭମାନଙ୍କର କହିବାର କିଛି ନାହିଁ । ମାତ୍ର ଅନଙ୍ଗ ବାବୁଙ୍କର ଲେଖା ଆଶାନୁରୂପ ହୋଇ ନାହିଁ । ତାଙ୍କର ଲିଖିତ ପ୍ରସ୍ତାବ ମଧ୍ୟରୁ 'ହରିଦାସ' ଓ ଲଳିତବାବୁଙ୍କ ଲିଖିତ ପ୍ରସ୍ତାବଦ୍ୱୟ ଛଡ଼ା ଅନ୍ୟଗୁଡ଼ିକ ନିତାନ୍ତ ଅସମ୍ପୂର୍ଣ୍ଣ ହୋଇଅଛି । 'ଚନ୍ଦ୍ରହାସ' ନାମକ ପ୍ରସ୍ତାବ ଆଦୌ ଏ ପୁସ୍ତକର ଉପଯୋଗୀ ନୁହେଁ । ସେଥିରେ ଚନ୍ଦ୍ରହାସର କି ସାଧୁତା ବା ମହତ୍ତ୍ୱ କେଉଁଠାରେ ପ୍ରକାଶ ପାଇଲା, ଆମ୍ଭେମାନେ ବୁଝି ପାରିଲୁଁ ନାହିଁ । 'କୁଶଧ୍ୱଜ' ପ୍ରସ୍ତାବଟି ମଧ୍ୟ ଅନେକ ପରିମାଣରେ ସେହିପରି । 'ଶଙ୍କରାଚାର୍ଯ୍ୟ' ପ୍ରସ୍ତାବରେ ତାଙ୍କ ଜୀବନର ମହତ୍ତ୍ୱ ଅତି ଅଳ୍ପ ମାତ୍ର ପ୍ରକାଶିତ ହୋଇଅଛି—କେବଳ କେତେଗୁଡ଼ିଏ ଅର୍ଥଶୂନ୍ୟ ଅଲୌକିକ ଘଟଣାର ସମାବେଶହିଁ ଅଛି—ସେ ଗୁଡ଼ିକର ଯେ କି ନିଗୂଢ଼ ଅର୍ଥ ଅଛି, ଆମ୍ଭେମାନେ ବୁଝିବାକୁ ଅକ୍ଷମ । ସେଥିରେ ତୁମ୍ଭ ଆମ୍ଭ ପରି ସାଧାରଣ ମାନବର ଉପକାର ବା କଣ ? ବରଂ ଆମ୍ଭମାନଙ୍କ ମତରେ ପ୍ରତ୍ୟେକ ଭକ୍ତଙ୍କର ଉପଦେଶବାଣୀ କେତେଗୁଡ଼ିଏ ସଂଗ୍ରହ କରି ପ୍ରବନ୍ଧମାନଙ୍କରେ ସନ୍ନିବେଶିତ କରିଥିଲେ ପୁସ୍ତକ ଖଣ୍ଡି ଅଧିକ ଉପାଦେୟ ହୋଇଥାଆନ୍ତା ।

ତତ୍ପରେ ପୁସ୍ତକର ଭାଷା—ଭାଷାଟି ବିଷୟର ଆଦୌ ଉପଯୋଗୀ ହୋଇନାହିଁ । ସରଳ ଓ ମଧୁର ଭାଷାରେ ଲିଖିତ ହୋଇଥିଲେ ଅଧିକ ଚିତ୍ତାକର୍ଷକ ହୋଇଥାଆନ୍ତା ଏବଂ ସକଳ ଶ୍ରେଣୀର ପାଠକମାନଙ୍କର ଉପଯୋଗୀ ହୋଇଥାନ୍ତା । ଅନଙ୍ଗ ବାବୁ ଭାରି ସମାସପ୍ରିୟ ଓ ଆଡ଼ମ୍ବର-ପ୍ରଧାନ--ଭାଷାକୁ ସୁନ୍ଦର କରିବାକୁ ଯାଇ ଅନେକ ସ୍ଥଳରେ ନିତାନ୍ତ ଅସୁନ୍ଦର କରି ପକାଇଅଛନ୍ତି । 'ଅଧୀରତ୍ୟମିଶ୍ରିତା ହେଲେ', 'ଗାଲଗୁଲା ସହ ଅର୍ଦ୍ଧଚନ୍ଦ୍ର ଦେଇ', 'ଭକ୍ଷ୍ୟଭୋଜ୍ୟ ଲେହ୍ୟା-ପଭୋଗାଦି', 'ଧନ୍ୟ ୨ କରି ଉଠିଲେ ତାନସେନ୍ ସହ ସମ୍ରାଟ ଆକବର', 'ଅନୁଚ୍ଚା ମୋଦ୍‌ଗାରାସାରସିକ୍ତ', 'ନମ୍ରସ୍ତୋପଚ୍ୟକାରେ', 'ତଦାଗମନ କାରଣ ଜିଜ୍ଞାସୁ ହେଲେ', 'ବିକସିତେନ୍ଦୀବର ସଦୃଶ', 'ଶତନେମୀ-ମାଳା', 'ବଧାର୍ଥୋତ୍ଥିତଶାଣିତ ଖଡ୍ଗ ଛୁର-ଦଂଷ୍ଟ୍ରମାଳାରେ ଝକମକ୍ କରି ଉଠିଲା', 'ହରିଧ୍ୱନି କରି ଉଠିଲେ ବସୁଧାଭିଭୂତ ଦର୍ଶକ-ବୃନ୍ଦ' ଇତ୍ୟାଦି । ବେଶି ଉଦ୍ଧାର କରିବାର ସ୍ଥାନ ଆମ୍ଭମାନଙ୍କର ନାହିଁ । ପୁଣି 'ଝକମକ୍ କରି ଉଠିଲା', 'ହାଗନିଧି', 'କେ ଜାଣେ', 'ଥିଲା ନାହିଁ', 'ଗଡ଼ାଗଡ଼ି ଦିବାକୁ ଲାଗିଲା', 'ଭୁମ୍ଭେଇଛ'

Digitized by srujanika@gmail.com

ନିତାନ୍ତ ଅପଶବ୍ଦ ମଧ୍ୟ ସ୍ଥାନେ ୨ପ୍ରୟୋଗ କରିବାକୁ ଛାଡ଼ି ନାହାନ୍ତି । ସେ ଯାହାହେଉ ପୁସ୍ତକର ବିଷୟ ମନ୍ଦ ହୋଇ ନାହିଁ—ଏଥିରେ ଓଡ଼ିଆ ଝିଅଙ୍କର ସଂସାର କରିବାର ଉପଯୋଗୀ ଅନେକ ଉପଦେଶ ଅଛି । କିନ୍ତୁ ଭାଷା ଶୁଦ୍ଧ, ସୁନ୍ଦର ଓ ଉପଯୋଗୀ ହୋଇନାହିଁ ।

———

## ଭୂଗୋଳ ବିଦ୍ୟା ।

( କଟକ ଆଲୋଚନା ସଭାରେ ପଠିତ । )

ସୂର୍ଯ୍ୟ ଚନ୍ଦ୍ର ବୃହସ୍ପତି ପ୍ରଭୃତି ଜଡ଼ସୃଷ୍ଟିର ଯାବତୀୟ ବୃହତ୍ ବୃହତ୍ ଅଙ୍ଗଗୁଡ଼ିକ ଗୋଲ ବା ପ୍ରାୟ ଗୋଲ । ତନ୍ମଧ୍ୟରେ ଆମ୍ଭେମାନେ ଯେଉଁ ପୃଥିବୀରେ ବାସ କରୁଁ ତାହାକୁ ଭୂ ବା ଭୂଗୋଳ କହନ୍ତି । ଯହିଁରେ ଏହି ଭୂ ବା ଭୂଗୋଳର ପୃଷ୍ଠଦେଶର ବା ତାହାର ଅଂଶବିଶେଷର ପ୍ରାକୃତିକ ଅବସ୍ଥା, ବୈଚିତ୍ର୍ୟ ଏବଂ ନୈସର୍ଗିକ ଓ କୃତ୍ରିମ ପରିବର୍ତ୍ତନର ଶୃଙ୍ଖଳାବଦ୍ଧ ଆଲୋଚନା ଥାଏ, ତାହାକୁ ଭୂଗୋଳବିବରଣୀ, ଭୂଗୋଳବିଦ୍ୟା ବା ଭୂଗୋଳବିଜ୍ଞାନ କହନ୍ତି; ବିଦ୍ୟାଳୟର ବାଳକ ଓ ଶିକ୍ଷକମାନେ ଏବଂ ପୁସ୍ତକରଚୟିତାମାନଙ୍କ ମଧ୍ୟରୁ ଅନେକେ ଏହାକୁ କେବଳ ଭୂଗୋଳ ବୋଲି ମଧ୍ୟ କହନ୍ତି ।

ଆଧୁନିକ ଭୂଗୋଳବେତ୍ତାମାନେ ଭୂଗୋଳବିଜ୍ଞାନକୁ ଗାଣିତିକ, ରାଜନୈତିକ ଓ ପ୍ରାକୃତିକ ଏହି ତିନିଭାଗରେ ବିଭକ୍ତ କରିଅଛନ୍ତି । କୌଣସି ୨ ପଣ୍ଡିତ ବାଣିଜ୍ୟବିଭାଗ ବୋଲି ଗୋଟିଏ ଚତୁର୍ଥଭାଗ ନିର୍ଦ୍ଦେଶ କରିଅଛନ୍ତି । ଭୂଗୋଳବିଦ୍ୟାର ଯେଉଁ ଅଂଶରେ ସୌର ଓ ନାକ୍ଷତ୍ରଜଗତ୍ ସହିତ ପୃଥିବୀର ସମ୍ବନ୍ଧ ବର୍ଣ୍ଣିତ ଥାଏ, ତାହାର ନାମ ଗାଣିତିକ; ଯେଉଁ ଅଂଶରେ ପ୍ରାକୃତିକ ଅବସ୍ଥା ଓ ନୈସର୍ଗିକ ପରିବର୍ତ୍ତନ କାରଣ ସହିତ ବିବୃତ ହୋଇଥାଏ ତାହାର ନାମ ପ୍ରାକୃତିକ; ଏବଂ ଯେଉଁ ଅଂଶରେ ମାନବସମାଜର ଆଚାର ବ୍ୟବହାର, ଶିକ୍ଷା ସମୃଦ୍ଧି ଓ ଶାସନପ୍ରଣାଳୀର, ଏବଂ ମାନବକୃତ ଭୂପୃଷ୍ଠର ବୈଚିତ୍ର୍ୟ ଓ ପରିବର୍ତ୍ତନର ବିବରଣ ଥାଏ, ତାହାର ନାମ ରାଜନୈତିକ ।

ଜ୍ଞାନତୃଷ୍ଣା ମନୁଷ୍ୟର ସ୍ୱଭାବସିଦ୍ଧ । ମନୁଷ୍ୟ ଆପଣାକୁ ଓ ଆପଣା ସହିତ ଯେଉଁମାନେ ସମ୍ପୃକ୍ତ ସେମାନଙ୍କୁ ନାନାପ୍ରକାରେ ଜାଣିବାପାଇଁ ସର୍ବଦା କୁତୂହଳୀ ଏହି କୌତୂହଳବଶତଃ ମନୁଷ୍ୟ ଅନ୍ୟାନ୍ୟ ବିଦ୍ୟା ପରି ଭୂଗୋଳବିଦ୍ୟାର ଆଲୋଚନାରେ ସ୍ୱତଃ ପ୍ରବୃତ୍ତ ହୁଏ । ଦିବାରାତ୍ରିର ଆଲୋକ ଓ ଅନ୍ଧକାରର ବୈଚିତ୍ର୍ୟ, ଋତୁମାନଙ୍କର ପାରମ୍ପର୍ଯ୍ୟ, ସାଗରଗର୍ଭରେ ଲହରୀଲୀଳା ଆକାଶରେ ଜ୍ୟୋତିଷ୍କମାନଙ୍କର ଆବିର୍ଭାବ ଓ ଜଳଦାବଳୀର ରୂପସୁନ୍ଦର ବିକାଶ, ବାୟୁ ଓ ବୃଷ୍ଟିର କ୍ୱଚିତ୍ ବିଧ୍ୱଂସିକାମୟୀ ଲୀଳା, ପର୍ବତାବଳୀରେ ଶିଶିରପଟଳ, ଭୂପୃଷ୍ଠର କାଦାଚିତ୍କ କମ୍ପନ ଓ ଗିରିମୁଖରୁ ନାନାପ୍ରକାର ପଦାର୍ଥର ଉଦ୍‌ଗମନ ପ୍ରଭୃତି ଦର୍ଶନ କରି ସେମାନଙ୍କ ବିଷୟ ଆଲୋଚନା କରିବାପାଇଁ ମନୁଷ୍ୟ ମନରେ ସ୍ୱଭାବତଃ ପ୍ରବୃତ୍ତି ଜନ୍ମେ । ଏହି ଆଲୋଚନାର ଫଳ ଭୂଗୋଳବିଦ୍ୟାର ସୃଷ୍ଟି ।

ଏହି ବିଦ୍ୟା ଇତିହାସ, ଜ୍ୟୋତିର୍ବିଦ୍ୟା, ଭୂତତ୍ତ୍ୱବିଦ୍ୟା, ଉଦ୍ଭିଦବିଦ୍ୟା, ଜୀବତତ୍ତ୍ୱବିଦ୍ୟା ପ୍ରଭୃତି ଜ୍ଞାନର ଅନ୍ୟାନ୍ୟ କେତେଗୁଡ଼ିଏ

Digitized by srujanika@gmail.com

ଅଙ୍ଗ ସହିତ ନ୍ୟୂନାଧିକ ଘନିଷ୍ଠଭାବରେ ସମ୍ବନ୍ଧ । ଏମାନଙ୍କ ମଧ୍ୟରୁ ଇତିହାସ ସହିତ ଭୂଗୋଳବିଦ୍ୟାର ସମ୍ବନ୍ଧ ସର୍ବାପେକ୍ଷା ଅଧିକ । ଭୂପୃଷ୍ଠ ମାନବର ଆବାସ, ଏବଂ ଭୂପୃଷ୍ଠର ନାନା ସ୍ଥାନ ଇତିହାସର ରଙ୍ଗଭୂମି । ଭିନ୍ନ ଭିନ୍ନ ବିଷୟରେ ମାନବଜାତିର ନେତାମାନେ ଏହି ଭୂପୃଷ୍ଠସ୍ଥ କୌଣସି ୨ ସ୍ଥାନରେ ଜନ୍ମଗ୍ରହଣ କରି ଏବଂ ଜୀବନର ଉଦ୍ଦେଶ୍ୟ ସାଧନ କରିବାପାଇଁ ନାନାସ୍ଥାନରେ ବିଚରଣ ଓ ଅବସ୍ଥାନ କରି ଇତିହାସ ସହିତ ଭୂଗୋଳର ଏବଂ ଅତୀତ ସହିତ ବର୍ତ୍ତମାନର ସମ୍ବନ୍ଧ ସ୍ଥାପନ କରି ଯାଇଅଛନ୍ତି । ଏଥିପାଇଁ ମନୁଷ୍ୟ ସ୍ଥାନବିଶେଷରେ ଉପସ୍ଥିତ ହେଲାକ୍ଷଣି, ତାହାର ନାମ ଶ୍ରବଣ କଲାକ୍ଷଣି, ଅଥବା ଭୂପୃଷ୍ଠର କୃତ୍ରିମଚିତ୍ରରେ ଉକ୍ତ ସ୍ଥାନର ଅବସ୍ଥାନ ଦର୍ଶନ କଲାକ୍ଷଣି, ତାହା ମନରେ ତତ୍ ସମ୍ପୃକ୍ତ ଅତୀତ ଇତିହାସର ବିଷୟମାନ ଉଦ୍‌ବୋଧିତ ହୁଏ । ଏହି କାରଣରୁ ଗୟା, ନବଦ୍ୱୀପ, ଜେରୁସାଲମ, ମକ୍କା, ମଦିନା, ରାମେଶ୍ୱର, ପଞ୍ଚବଟୀ, ମଥୁରା, ବୃନ୍ଦାବନ, ଦ୍ୱାରକା, ପ୍ରଭୃତି ତୀର୍ଥସ୍ଥାନରେ ପରିଣତ ହୋଇଅଛି । ପ୍ରସିଦ୍ଧ ଇଂରାଜପଣ୍ଡିତ ଅର୍ନଲଡ୍ ଭୂପୃଷ୍ଠର ଚିତ୍ର ଖଣ୍ଡିଏ ଦେଖିଲେ ନାନାଯୁଗର ଅତୀତ ଇତିହାସକୁ ପ୍ରତ୍ୟକ୍ଷ ମଣି ମୋହିତ ଓ ମଧୁର ବିସ୍ମୟରସରେ ଅଭିଭୂତ ହେଉଥିଲେ । ଭୂତତ୍ତ୍ୱ, ଉଦ୍ଭିଦ୍‌ତତ୍ତ୍ୱ ଓ ଜୀବତତ୍ତ୍ୱ ସ୍ୱତନ୍ତ୍ର ବିଜ୍ଞାନର ବିଷୟ ହେଲେହେଁ, ମୃତ୍ତିକା ବାଲୁକା ଓ ପ୍ରସ୍ତର ପ୍ରଭୃତି ଏବଂ ଉଦ୍ଭିଦ ଓ ଜୀବମାନେ ଭୂପୃଷ୍ଠର ସୌନ୍ଦର୍ଯ୍ୟ ଓ ବୈଚିତ୍ର୍ୟ ସମ୍ପାଦନ କରିବାରୁ ଭୂଗୋଳଗ୍ରନ୍ଥରେ ସେମାନଙ୍କର ଯଥାଯୋଗ୍ୟ ଉଲ୍ଲେଖ ଦେଖାଯାଏ । ଏହିରୂପେ ଉକ୍ତ ବିଜ୍ଞାନନିଚୟ ସହିତ ଭୂଗୋଳବିଦ୍ୟାର ସମ୍ବନ୍ଧ ସ୍ଥାପିତ ହୋଇଅଛି । ପୃଥିବୀ ସୌରଜଗତର ଗୋଟିଏ ଅଙ୍ଗ, ସୌରଜଗତର ଅନ୍ୟାନ୍ୟ ଅଙ୍ଗ ପରି ଏହା ମଧ୍ୟ ବିଧିନିର୍ଦ୍ଦିଷ୍ଟ ନିୟମ ଦ୍ୱାରା ଚାଳିତ । ଏହାର ଗତି ଓ ସୂର୍ଯ୍ୟ ସହିତ ଏହାର ସମ୍ବନ୍ଧ ହେତୁରୁ ଦିବାରାତ୍ରିର କ୍ଷୟବୃଦ୍ଧି ଓ ଋତୁମାନଙ୍କର ଆବର୍ତ୍ତନ ହେଉଅଛି, ଜ୍ୟୋତିଷ୍କମାନଙ୍କର ଦର୍ଶନ ଓ ପ୍ରତୀୟମାନ ଗତି ସହକାରେ ମନୁଷ୍ୟ ଦିଗ ନିର୍ଦ୍ଧାରଣ କରି ତଦ୍ୱାରା ଆପଣାର ପ୍ରୟୋଜନ ସାଧନ କରୁଅଛି । ଏହିରୂପେ ଦେଖାଯାଏ ଯେ ଜ୍ୟୋତିର୍ବିଦ୍ୟା ସହିତ ଭୂଗୋଳବିଦ୍ୟା ସମ୍ବଦ୍ଧ । ପୂର୍ବୋକ୍ତ ବିଜ୍ଞାନ ଭିନ୍ନ ଅନ୍ୟାନ୍ୟ କତିପୟ ବିଜ୍ଞାନ ସହିତ ଭୂଗୋଳବିଜ୍ଞାନର ନ୍ୟୂନାଧିକ ସମ୍ବନ୍ଧ ଅଛି ।

ଭୂଗୋଳବିଜ୍ଞାନରେ କେଉଁ କେଉଁ ବିଷୟ କିପରି ଆଲୋଚିତ ହୋଇଥାଏ, ଅଭିଜ୍ଞ ଶ୍ରୋତାମାନେ ଅବଗତ ଥିବାରୁ, ସେଗୁଡିକର ବିଶେଷ ଆଲୋଚନାରୁ ଏଠାରେ ନିବୃତ୍ତ ହେଲି ।

ଜ୍ଞାନ ମନୁଷ୍ୟର ବଳ । ମନୁଷ୍ୟ ଯେତେବେଳେ ଆଉ କିଛି ଅବଲମ୍ବନ ନ ପାଏ, ସେତେବେଳେ ଜ୍ଞାନକୁ ଅବଲମ୍ବନ କରି ଚଳେ । ବହୁରୂପୀ ମନୁଷ୍ୟ ନାବିକରୂପରେ ନାନା ନଦୀ ସମୁଦ୍ରରେ ବିଚରଣ କରୁଅଛି, ବଣିଗ୍‌ବେଶରେ ନାନା ସ୍ଥାନରେ ବାଣିଜ୍ୟ କରୁଅଛି, ଶିଳ୍ପିରୂପରେ ନାନାପ୍ରକାର ମନୋଜ୍ଞଶିଳ୍ପର ଅନୁଷ୍ଠାନ କରୁଅଛି, ହୃତ୍‌କମ୍ପୋତ୍ପାଦକ ଜଗଝମ୍ପ ବଜାଇ ବୀରବେଶରେ ଦିଗ୍‌ବିଜୟ କରୁଅଛି, ନାନା ପ୍ରଦେଶରେ ଆଧିପତ୍ୟ ବିସ୍ତାର କରି ସାମ୍ରାଜ୍ୟ ଶାସନଲାଳସା ଚରିତାର୍ଥ କରୁଅଛି, ସାଗର ଓ ଧରାର ଗର୍ଭରୁ ରତ୍ନ ଆକର୍ଷଣ କରି ଭୂଷଣଲାଳସା ଓ ବିଭବସ୍ପୃହା ଚରିତାର୍ଥ କରୁଅଛି । ଏହି କାର୍ଯ୍ୟମାନଙ୍କରେ ବହୁରୂପୀର ବହୁବିଧ ବଳ ମଧ୍ୟରେ ଭୂଗୋଳଜ୍ଞାନ ଗୋଟିଏ ପ୍ରଧାନ ବଳ । ଏହି ବଳ ଅଭାବରୁ ଅନ୍ୟଥା ପ୍ରବଳ ବହୁ ନରେଶ୍ୱର ପରାଜୟରେ ରାଜ୍ୟଧନପ୍ରାଣ

Digitized by srujanika@gmail.com

ଅର୍ପଣ କରିଅଛନ୍ତି । ଭୂଗୋଳଜ୍ଞାନ ସ୍ୱୀୟ ଆପେକ୍ଷିକ ଗୁରୁତ୍ୱ, ବରଂ ସ୍ୱୀୟ ଆପେକ୍ଷିକ ଲଘୁତ୍ୱ, ମନୁଷ୍ୟର ହୃଦୟଙ୍ଗମ କରାଇ ତାହାର ହୃଦୟକୁ ପ୍ରଶସ୍ତ କରେ, ଏବଂ ତାହାର ମନରୁ ଅଶେଷମଙ୍କର ଅହଙ୍କାର ନ୍ୟୂନାଧିକ ପରିମାଣରେ ତିରୋହିତ କରେ । ଭୂଗୋଳ-ବିଦ୍ୟାର ସମ୍ୟକ୍ ଆଲୋଚନାଦ୍ୱାରା ମନୁଷ୍ୟ ମନରେ ଭ୍ରାତୃଭାବ ଓ ଉପଚିକୀର୍ଷା ପ୍ରବୃତ୍ତି କିଅଦ୍ ପରିମାଣରେ ହେଲେ ମାର୍ଜିତ ଓ ବିସ୍ତୃତ ହୁଏ । ଭୂଗୋଳଜ୍ଞାନବିହୀନତା ଆର୍ଯ୍ୟଖଣ୍ଡର ଦୁର୍ଦ୍ଦଶାର ଏକତମ କାରଣ ଅଟେ । ଯେଉଁ ମୂଢ଼ ଭୂପୃଷ୍ଠର ଏକସହସ୍ରାଂଶର କ୍ଷଣିକ ଓ ଆଂଶିକ ଅଧିକାର ପାଇ ଅହଂମଦରେ ମନେ କରେ ଯେ ସମଗ୍ର ଇଉରୋପରେ ଦଶସହସ୍ରରୁ ଅଧିକ ଲୋକ ନାହାନ୍ତି, ରସାତଳରେ କେଉଁ ସ୍ଥାନ ବିଧାତା ସେହି ବିବେକ ପାଇଁ ନିର୍ଦ୍ଦିଷ୍ଟ କରିଅଛନ୍ତି । ଅଭିଜ୍ଞ ଶ୍ରୋତାମାନେ ତାହା ଅନୁମାନ କରି ନିଅନ୍ତୁ । ଆଲସ୍ୟପର-ହେବ ଯେଉଁ ଲୋକ ଶିଳ୍ପବାଣିଜ୍ୟ, ମାନବସମାଜ ଓ ମାନବର ବିଭବ ସହିତ ଭୂପୃଷ୍ଠର ସମ୍ବନ୍ଧ ଆଲୋଚନା କରି ନାହିଁ ତାହା ଲଲାଟରେ ଜୀର୍ଣ୍ଣ ପର୍ଣ୍ଣକୁଟିରବାସ ଓ ପରାଧୀନତାଶୃଙ୍ଖଳା ଭିନ୍ନ ବିଧାତା ଆଉ କଅଣ ଲେଖିଛନ୍ତି ? ଯେଉଁମାନେ ଆଧୁନିକ ଇଉରୋପୀୟ ସାହିତ୍ୟର ଆଲୋଚନା କରିଥାନ୍ତି ସେମାନେ ଜାଣିଥିବେ ଯେ ଭୂଗୋଳଜ୍ଞାନ ଓ ଭୌଗୋଳିକ ଆବିଷ୍କାର ଅଧ୍ୟବସାୟ ଓ ଚରିତ୍ରବଳ ସହିତ ସମନ୍ୱିତ ହୋଇ ଇଉରୋପୀୟ ସାହିତ୍ୟିକ ଓ ବୈଷୟିକ ଅବସ୍ଥାରେ ନବଯୁଗର ଅବତାରଣା କରିଅଛି । ସମ୍ବାଦପତ୍ରପ୍ରିୟ ଆଧୁନିକ ସମୟରେ ଭୂଗୋଳଜ୍ଞାନବିହୀନ ଲୋକ ସମ୍ବାଦପତ୍ର ପାଠର ସୁଖରୁ ବହୁପରିମାଣରେ ବଞ୍ଚିତ ହେବ । ପିଞ୍ଜରବଦ୍ଧ ବା ନିବଦ୍ଧ ଦ୍ୱିପଦ ବା ଚତୁଷ୍ପଦ ଭିନ୍ନ ଅପରପ୍ରାଣୀ ପକ୍ଷରେ ଭୂଗୋଳଜ୍ଞାନ କେତେଦୂର ମୂଲ୍ୟବାନ, ସ୍ୱଗ୍ରାମ ଓ ସ୍ୱଦେଶ ଛାଡ଼ି କେତେ ଦୂର ଗଲେ ମନୁଷ୍ୟ ତାହା ଅନୁଭବ କରିପାରିବ ।

ସଂସ୍କୃତ ଭାଷାର ଅଭିଧାନରେ ଭୂଗୋଳ ଶବ୍ଦର ଉଲ୍ଲେଖ ଦୃଷ୍ଟ ହେଲେହେଁ, ଏବଂ ସଂସ୍କୃତ-ଭାଷାରେ ଭୂଗୋଳ ନାମଧେୟ ଗ୍ରନ୍ଥ ଥିଲେହେଁ, ବର୍ତ୍ତମାନ ଯୁଗରେ ଯାହା ଭୂଗୋଳବିଦ୍ୟା ନାମରେ ଅଭିହିତ, ପ୍ରାଚୀନକାଳରେ ଭାରତୀୟ ପଣ୍ଡିତମାନଙ୍କ କଳ୍ପନାରେ ତାହା ସମ୍ୟକରୂପେ ଉଦିତ ହୋଇଥିଲା ବୋଲି ପ୍ରମାଣୀଭୂତ ହୁଏ ନାହିଁ । ବିଶ୍ୱକୋଷନାମକ ବଙ୍ଗଳା ଅଭିଧାନର ସମ୍ପାଦକ, ସଂସ୍କୃତଭାଷାରେ ରଚିତ ଖଣ୍ଡିଏ ଭୂଗୋଳଗ୍ରନ୍ଥ ତାହାଙ୍କର ହସ୍ତଗତ ହୋଇଅଛି ବୋଲି, ତାଙ୍କ ସହିତ ଆଳାପକାଳରେ କହିଥିଲେ । କିନ୍ତୁ ସେ ସଂକ୍ଷେପରେ ଗ୍ରନ୍ଥ ଖଣ୍ଡିକର ଯେପରି ପରିଚୟ ଦେଲେ, ତହିଁରୁ ସେ ଖଣ୍ଡିକ ଭୂଗୋଳବିଜ୍ଞାନ ପରିବର୍ତ୍ତେ ଭୂଗୋଳ-କାବ୍ୟ ବୋଲି ଅନୁମାନ ହେଲା । ପ୍ରାଚୀନ କାଳରେ ସଂସ୍କୃତ ଭିନ୍ନ ଆଉ କୌଣସି ଭାଷାରେ ସୁଦ୍ଧା ଏହାର ଚର୍ଚ୍ଚା ଥିଲା ବୋଲି ବୋଧହୁଏ ନାହିଁ । ସୁତରାଂ ଭୂଗୋଳବିଜ୍ଞାନ ତରୁଣବୟସ୍କ ବୋଲିବାକୁ ହେବ । ଏହି ଅର୍ଦ୍ଧଶତାବ୍ଦୀ ମଧ୍ୟରେ ସୁପଥ୍ୟରେ ପୁଷ୍ଟ ହୋଇ ଏହା ଅଙ୍ଗ-ସୌଷ୍ଠବ ଲାଭ କରିଅଛି । ଆଧୁନିକ ଭୂଗୋଳ ଗ୍ରନ୍ଥ ସହିତ ଚତ୍ୱାରିଂଶଦବର୍ଷ ପୂର୍ବବର୍ତ୍ତୀ ଗ୍ରନ୍ଥର ତୁଳନା କଲେ, ଶେଷୋକ୍ତ ହୀନାଙ୍ଗ ବୋଲି ସ୍ପଷ୍ଟ ପରିଲକ୍ଷିତ ହେବ । ଆଧୁନିକ ଇଉରୋପୀୟ-ମାନେ ରାଜ୍ୟ ଓ ବାଣିଜ୍ୟର ବିସ୍ତାର, ଧନବୃଦ୍ଧି, ଧର୍ମପ୍ରଚାର, ଅନୁନ୍ନତ ମାନବସମାଜ ମାନଙ୍କର ଉନ୍ନତିବିଧାନ ଓ ଜ୍ଞାନପିପାସା ତର୍ପଣର ଲାଳସାରେ ନାନାବିଧ ଦେଶ ପର୍ଯ୍ୟଟନ କରି ଓ ନାନା ଆବିଷ୍କାର କରି ଏହି ବିଜ୍ଞାନର ପୁଷ୍ଟି-ସାଧନ କରି ଅଛନ୍ତି ।

ଶ୍ରୀ ଚନ୍ଦ୍ରମୋହନ ମହାରଣା ।

Digitized by srujanika@gmail.com

# ପାରିବାରିକ ଧର୍ମସାଧନ ।

ଧର୍ମୋନ୍ନତି ବ୍ୟତୀତ ଜାତୀୟ ଉନ୍ନତି ଏକାବେଳକେ ଅସମ୍ଭବ । ଇତିହାସର ପ୍ରତ୍ୟେକ ପୃଷ୍ଠାରେ ଏହି ସତ୍ୟଟି ଉଜ୍ଜ୍ୱଳ ଅକ୍ଷରରେ ପ୍ରତିଫଳିତ । ଯେ କୌଣସି ଜାତିର କ୍ରମୋନ୍ନତିର ବିବରଣ ପର୍ଯ୍ୟାଲୋଚନା କରି ଦେଖିଲେ ଏହି ସତ୍ୟ ସବିଶେଷ ପରିସ୍ଫୁଟ ହେବ । ଆଧୁନିକ ଜଗତରେ ସର୍ବଶ୍ରେଷ୍ଠ ଧର୍ମାବଲମ୍ବୀ ଖ୍ରୀଷ୍ଟିୟାନ-ଜାତି ଏହାର ଉତ୍କୃଷ୍ଟ ପ୍ରମାଣସ୍ଥଳ । ଖ୍ରୀଷ୍ଟଧର୍ମାବଲମ୍ବୀ ଇୟୁରୋପୀୟ ଜାତିମାନଙ୍କର ଅସାଧାରଣ ଉନ୍ନତି ମୂଳରେ ଯେ ସେମାନଙ୍କର ନୈତିକ ଉନ୍ନତି, ରାଜନୈତିକ ଉନ୍ନତି,ଧର୍ମସମ୍ବନ୍ଧୀୟ ଉନ୍ନତି ପ୍ରଭୃତି ବିଦ୍ୟମାନ ତାହା ଚିନ୍ତାଶୀଳ ବ୍ୟକ୍ତି ମାତ୍ରେକ ବୁଝିପାରିବେ । ଯେଉଁମାନେ ଇୟୁରୋପୀୟ ଜାତିମାନଙ୍କର କେବଳ ପାଶବବଳକୁ ଏହି ଉନ୍ନତିର ଏକମାତ୍ର କାରଣ ବୋଲି ନିର୍ଦ୍ଦେଶ କରନ୍ତି ସେମାନେ ଘୋର ଅଜ୍ଞ । ଧର୍ମଶୂନ୍ୟ. ନୀତିବିହୀନ ଜାତି ପୃଥିବୀରେ ଏତେ ଶ୍ରେଷ୍ଠତ୍ୱ ଲାଭ କରିଥିବାର ଦୃଷ୍ଟାନ୍ତ ଇତିହାସରେ ଏକାନ୍ତ ବିରଳ । ପକ୍ଷାନ୍ତରେ ଯେଉଁ ଜାତି ବା ଜାତିସମୂହ ପୃଥିବୀରେ ସର୍ବୋପରି ଶ୍ରେଷ୍ଠତ୍ୱ ଲାଭ କରିଅଛନ୍ତି ବା କରୁଅଛନ୍ତି ସେମାନେ ଯେ କେତେ ପୀଡ଼ା, ଦୁର୍ଗତି ସହିତ ଯୁଦ୍ଧ କରି ଅବଶେଷରେ ଆପଣା ୨ ର ଶ୍ରେଷ୍ଠତ୍ୱ ଲାଭ କରିବାକୁ ସକ୍ଷମ ହୋଇଅଛନ୍ତି ତାହା ଚିନ୍ତାକରି ଦେଖିଲେ ଅବାକ୍ ହେବାକୁ ହୁଏ । ଉନ୍ନତିଶୀଳ ଜାତିର ଧର୍ମ ଏହି । ତାହା ଅନୁକ୍ଷଣ ପାପରାଶିର ଧ୍ୱଂସସାଧନ ଧର୍ମସଂସ୍ଥାପନ କାର୍ଯ୍ୟରେ ରତ । ଜିଜ୍ଞାସ୍ୟ ହୋଇପାରେ, ଏହି ଦୁଇ କାର୍ଯ୍ୟ ସାଧନର କି କୌଣସି ବିଶେଷ କାଳ ବା ସ୍ଥାନ ନିର୍ଦ୍ଦିଷ୍ଟ ଅଛି ? ଉତ୍ତର—ନାହିଁ । ତେବେ କେଉଁ ସମୟ ଓ ସ୍ଥାନରେ ଏହି କାର୍ଯ୍ୟ ସାଧନ କରିବାକୁ ହେବ ? ଉତ୍ତର—ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଓ ନିଜ ୨ ର ପରିବାର ମଧ୍ୟରେ । କେବଳ ବ୍ୟବସ୍ଥା ପ୍ରଣୟନ କରି ତାହା ଶାସ୍ତ୍ରରେ ନିବଦ୍ଧ କରି ରଖିଲେ କୌଣସି ଫଳ ହେବ ନାହିଁ, ବ୍ୟକ୍ତିଗତ ଜୀବନ ଓ ଚରିତ୍ରରେ ତାହା ପାଳନ କରିବାକୁ ହେବ । ନିୟମିତରୂପେ ଧର୍ମମନ୍ଦିରକୁ ଗମନ ବା ଶାସ୍ତ୍ରବିଧି ପାଳନ ମଧ୍ୟ ଫଳପ୍ରଦ ନୁହେଁ । ଅନେକେ ଧର୍ମମନ୍ଦିରରେ ଉପଦେଶ ଶ୍ରବଣ ଓ ଶାସ୍ତ୍ରବିଧି ପାଳନ କରି ସୁଦ୍ଧା ଘୋର ବ୍ୟଭିଚାରର କ୍ରୋଡ଼ରେ ଆଶ୍ରୟ ଗ୍ରହଣ କରିଥାନ୍ତି । ସୁତରାଂ ବାଲ୍ୟକାଳରୁ ପରିବାର ମଧ୍ୟରେ ଥାଇଁ ଧର୍ମସାଧନରେ ପ୍ରବୃତ୍ତି ନ ହେଲେ କୌଣସି କାଳରେ ଧର୍ମୋନ୍ନତି ହେବ ନାହିଁ —ହେବା ଅସମ୍ଭବ । ଅତଏବ ପ୍ରତ୍ୟେକ ନର ନାରୀର ସର୍ବଦା ପାରିବାରିକ ଧର୍ମସାଧନରେ ସଚେଷ୍ଟ ହେବା ଆଦୌ କର୍ତ୍ତବ୍ୟ ।

ଏହି ପାରିବାରିକ ଧର୍ମସାଧନ ହିନ୍ଦୁଧର୍ମର ଗୋଟିଏ ବିଶେଷତ୍ୱ । ପ୍ରାଚୀନକାଳର ହିନ୍ଦୁ ପରିବାରର ଧର୍ମସାଧନପ୍ରଣାଳୀ ସନ୍ଦର୍ଶନ କରି ଅନେକ ବିଦେଶୀୟ ପରିବ୍ରାଜକ ମୁଗ୍ଧ ହୋଇଥିଲେ । ସେ କାଳର ହିନ୍ଦୁମାନେ ଏଡ଼େ ସରଳ, ଧର୍ମଭୀରୁ ଶୁଦ୍ଧ-ଚରିତ୍ର ଥିଲେ ଯେ ସେମାନେ କ୍ୱଚିତ୍ ପାପାଚରଣ କରୁଥିଲେ । ପିତା, ମାତା, ପୁତ୍ର, କନ୍ୟା, ପ୍ରଭୃତି ପରିବାରର ସବିଶେଷ ଲୋକ ଏକତ୍ର ହୋଇ ଧର୍ମାଚରଣ କରୁଥିଲେ । ପିତା, ମାତା ପ୍ରଭୃତି ଗୁରୁଜନମାନେ ସ୍ୱୀୟ ସନ୍ତାନମାନଙ୍କୁ ଏକତ୍ରିତ କରି ଧର୍ମୋପଦେଶ ପ୍ରଦାନ କରୁଥିଲେ । କି ଉପାୟ ଅବଲମ୍ବନ କଲେ ସେମାନଙ୍କର ଚରିତ୍ର ସଂଗଠିତ ହେବ ତତ୍ପ୍ରତି ସବିଶେଷ ଦୃଷ୍ଟି ରଖୁଥିଲେ । ବର୍ତ୍ତମାନ ଘର ସମାଜ ମଧ୍ୟରେ

Digitized by srujanika@gmail.com

ସୁରାପାନ, ବ୍ୟଭିଚାର ପ୍ରଭୃତି ଜଘନ୍ୟ ପାପରାଶି ଅବାଧରେ ରାଜତ୍ୱ କରି ପାରୁ ନ ଥିଲା । ବାଳକ ବାଳିକା ଯୁବକ ଯୁବତୀ ମୁକ୍ତଭାବରେ ଯଥା ତଥା ବିଚରଣ କରି ପାରୁଥିବେ—କୌଣସି ପ୍ରକାର ପାପ ବା ଦୁରାଚାରର ଭୀଷଣ ଆକ୍ରମଣରେ ପତିତ ହେବାର ଭୟ ନ ଥିଲା । ଏହିପରି ନିର୍ବିଘ୍ନରେ ଧର୍ମ୍ମସାଧନ କରିବାକୁ ସକ୍ଷମ ହୋଇ ଆପଣା ୨ ପରିବାରକୁ ବିଶୁଦ୍ଧ ରଖିବାକୁ ଯତ୍ନବାନ ହେଉଥିଲେ । ସେମାନଙ୍କର ପ୍ରତ୍ୟେକ ସାମାଜିକ କ୍ରିୟା ପ୍ରଭୃତିରେ ବିଶୁଦ୍ଧ ଧର୍ମ୍ମ ଓ ନୀତି ଅନୁଷ୍ଠିତ ହେଉଥିଲା । ଏହି ଚିତ୍ର ପାର୍ଶ୍ୱରେ ବର୍ତ୍ତମାନ ସମାଜର ଚିତ୍ର ସ୍ଥାପନ କଲେ କି ଅସୀମ ପ୍ରଭେଦ ଲକ୍ଷିତ ହୁଏ ! ଆଜିକାଲି ହିନ୍ଦୁପରିବାର ପୂର୍ବଶ୍ରୀ ହରାଇ କିମ୍ଭୂତକିମାକାର ହୋଇ ପଡ଼ିଅଛି ! ବାଳକ ବାଳିକାଠାରୁ ବୃଦ୍ଧ ବୃଦ୍ଧା ପର୍ଯ୍ୟନ୍ତ ସମସ୍ତେ ପ୍ରତ୍ୟେକ ବିଷୟରେ ଶିଥିଳ । କେହି କାହାରି ପ୍ରତି ଦୃଷ୍ଟିକ୍ଷେପ କରେ ନାହିଁ । ସମସ୍ତେ ସ୍ୱେଚ୍ଛାଚାରୀ । ପୁତ୍ର ପିତାକୁ ଆନ୍ତରିକ ଭକ୍ତି କରେ ନାହିଁ; ପିତା ପୁତ୍ରକୁ ବିଶୁଦ୍ଧ ସ୍ନେହର ପାତ୍ର ବୋଲି ଜ୍ଞାନ କରେ ନାହିଁ । ରମଣୀମାନେ ଅନ୍ତଃପୁରନିବଦ୍ଧା ଶିକ୍ଷାବିହୀନା ହୋଇ ନାନାପ୍ରକାର ଦୁଷ୍କାର୍ଯ୍ୟର ଅନୁଷ୍ଠାନ କରନ୍ତି । ଜ୍ଞାନାଲୋକ ପ୍ରାପ୍ତ କରିବାକୁ ସୁଦ୍ଧା ସେମାନଙ୍କର ଅଧିକାର ନାହିଁ । ପରିବାର ମଧ୍ୟରେ କେହି ଅତି ଜଘନ୍ୟ ପାପାଚରଣ କଲେ ସୁଦ୍ଧା ତାହାକୁ କେହି ବାଧା ଦିଅନ୍ତି ନାହିଁ କିମ୍ବା ସଂଶୋଧନ କରିବାକୁ ଚେଷ୍ଟା କରନ୍ତି ନାହିଁ । ଏତାଦୃଶ ଭୟଙ୍କର ପତନର କାରଣ କଣ ? ଏହାର କାରଣ ଆଉ କିଛି ନୁହେଁ—କେବଳ ପାରିବାରିକ ଧର୍ମ୍ମ ସାଧନର ଅଭାବ । ଆମ୍ଭେମାନେ ଏଥି ସଙ୍ଗେ ଆଉ ଗୋଟିଏ କାରଣ ନିର୍ଦ୍ଦେଶ କରିବାକୁ ଇଚ୍ଛା କରୁ । ତାହା ଆମ୍ଭମାନଙ୍କର ସମାଜରେ ସ୍ତ୍ରୀଶିକ୍ଷାର ଅଭାବ ।

ଆଜିକାଲି ହିନ୍ଦୁମାନେ ଯେ ପୂର୍ବ ପ୍ରାୟ ଧର୍ମ୍ମାନୁଷ୍ଠାନ କରନ୍ତି ନାହିଁ ଏମନ୍ତ ନୁହେଁ । ବରଂ ପାଶ୍ଚାତ୍ୟ ବିଳାସ · ପ୍ରଭାବରୁ ତାହା ଶତଗୁଣ ଆଡ଼ମ୍ବରର ସହିତ ଅନୁଷ୍ଠାନ କରିଥାନ୍ତି । ମାତ୍ର ତାହା କେବଳ ବାହ୍ୟାଡ଼ମ୍ବରରେ ପର୍ଯ୍ୟବସିତ ରହେ । ତାହାଦ୍ୱାରା ଧର୍ମ୍ମାନୁଷ୍ଠାନର ପ୍ରକୃତ ଫଳ ଆଦୌ ଲବ୍ଧ ହୁଏ ନାହିଁ । ହେବ କପରି ? ଆମ୍ଭମାନଙ୍କର ସେପ୍ରକାରର ଶିକ୍ଷା କାହିଁ ? ଧର୍ମ୍ମ ସହିତ ବିଳାସର ଯୋଗ ହୋଇଥିବାରୁ ଆମ୍ଭେମାନେ ଧର୍ମ୍ମଚ୍ୟୁତ କେବଳ ବିଳାସର ପାଶ୍ଚାଦ୍‌ଗାମୀ ହୋଇଥାଉଁ । ଏହି ବିଳାସର ମୋହନମାୟାରୁ ରକ୍ଷା ପାଇବାକୁ ହେଲେ ସର୍ବାଦୌ ଆମ୍ଭମାନଙ୍କର ପାରିବାରିକ ଶିକ୍ଷାପ୍ରଣାଳୀର ପରିବର୍ତ୍ତନ କରିବାକୁ ହେବ—ସମାଜରେ ସ୍ତ୍ରୀଶିକ୍ଷା ପ୍ରଚଳନ କରିବାକୁ ହେବ । ଯାବତ୍ ଆମ୍ଭମାନଙ୍କର ମହିଳାମାନେ ଉପଯୁକ୍ତ ରୂପେ ଶିକ୍ଷିତା ନହେବେ ତାବତ୍ ଆମ୍ଭମାନଙ୍କର କୌଣସି ମଙ୍ଗଳ ସଂସାଧିତ ହେବ ନାହିଁ । କପରି ଭାବରେ ଆମ୍ଭମାନଙ୍କର ପାରିବାରିକ ଶିକ୍ଷାପ୍ରଣାଳୀର ପରିବର୍ତ୍ତନ ସଂସାଧନ କରିବାକୁ ହେବ, ତାହାର ଆଲୋଚନାରେ ବର୍ତ୍ତମାନ ପ୍ରବୃତ୍ତ ହେଉଅଛୁଁ ।

ସର୍ବାଦୌ ପ୍ରତିଦିନ ପ୍ରାତଃ ସନ୍ଧ୍ୟାରେ ପରିବାରସ୍ଥ ସମସ୍ତ ନରନାରୀ ଓ ଭୃତ୍ୟଗଣ ଏକତ୍ରିତ ହୋଇ ସାଧାରଣ ଭାବରେ ଈଶ୍ୱରୋପାସନା କରିବା ଉଚିତ । ତଦ୍ୱାରା ସମସ୍ତଙ୍କ ମନରେ ଧର୍ମ୍ମଭାବ ଜାଗରୂକ ରହି ସେମାନଙ୍କୁ ସତ୍‌ମାର୍ଗରେ ବିଚରଣ କରିବା ନିମନ୍ତେ ପ୍ରବୃତ୍ତ କରାଏ ଏବଂ ପ୍ରତିଦିନ ଏହିପରି ସମ୍ମିଳିତ ଭାବରେ ପ୍ରାର୍ଥନା କରୁ ୨ ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଏକ ଈଶ୍ୱରଙ୍କର ସନ୍ତାନ ମଣି ସ୍ନେହଚକ୍ଷୁରେ ଦେଖିବାକୁ ଶିକ୍ଷା କରନ୍ତି । ବାଳକ ବାଳିକାଗଣ ହୃଦୟରେ ନବବଳର ସଞ୍ଚାର ଅନୁଭବ କରନ୍ତି ।

Digitized by srujanika@gmail.com

ସ୍ୱାମୀ ସ୍ତ୍ରୀକୁ ବିଶୁଦ୍ଧ ଭାବରେ ପ୍ରେମ କରିବାକୁ ଶିକ୍ଷା କରେ; ପୁତ୍ର ପିତାକୁ ଭକ୍ତି, ପିତା ପୁତ୍ରକୁ ସ୍ନେହ ଓ ଭୃତ୍ୟମାନେ ପ୍ରଭୁଙ୍କୁ ଭକ୍ତି କରିବାକୁ ଶିକ୍ଷା କରନ୍ତି । ଏହା ପ୍ରାଚୀନ ହିନ୍ଦୁ ପରିବାରର ଚିତ୍ର । ଇତିହାସର ପୃଷ୍ଠା ଉଦ୍ଘାଟନ କଲେ ଏହା ଦୃଷ୍ଟ ହେବ । ଚେଷ୍ଟା କଲେ ଯେ ପୁନର୍ବାର ଆମ୍ଭେମାନେ ଏହି ପ୍ରଣାଳୀ ଆମ୍ଭମାନଙ୍କ ପରିବାର ମଧ୍ୟରେ ପ୍ରଚଳନ କରିପାରୁଁ ସେଥିରେ ସନ୍ଦେହ ନାହିଁ । ମାତ୍ର କରନ୍ତୁ କିଏ ? ଏହି ପ୍ରସ୍ତାବଟି ଶୁଣିଲେ କ୍ଷଣି ଦେଶର ଶିକ୍ଷିତଗଣ ଆମ୍ଭମାନଙ୍କୁ "ବାତୁଳ" ବୋଲି ଉପହାସରେ ଉଡ଼ାଇ ଦେବେ । ହାୟ ! ଆମ୍ଭମାନଙ୍କର ଶିକ୍ଷା !

ଦ୍ୱିତୀୟତଃ ପରିବାର ମଧ୍ୟରେ କୌଣସି ଧର୍ମ୍ମକାର୍ଯ୍ୟର ଅନୁଷ୍ଠାନ ହେଲେ ସମସ୍ତ ବ୍ୟକ୍ତିର ସମ୍ମିଳିତ ଭାବରେ ସେଥିରେ ଯୋଗଦାନ କରିବା ଉଚିତ । ଆଜକାଲି ଅନେକ ଧର୍ମ୍ମ-କାର୍ଯ୍ୟର ଅନୁଷ୍ଠାନ ସମୟରେ ଆମ୍ଭମାନଙ୍କ ସମାଜରେ ତାହା ହୁଏ ନାହିଁ । ବାଳକ ବାଳିକା-ମାନେ ପର୍ବାଦିକୁ ଆମୋଦ ପ୍ରମୋଦର ଉତ୍ସବ ମନେକରି ଇତସ୍ତତଃ କ୍ରୀଡ଼ା କୌତୁକରେ ରତ ଥାନ୍ତି । ଯୁବକମାନଙ୍କର କଥାତ ଗୁପ୍ତ । ସେମାନଙ୍କର ଅପାର ଆନନ୍ଦ ! ମହା ସୁଯୋଗ ! କେହି ସୁରାଦେବୀର କେହି ଅବା ବ୍ୟଭିଚାରର ଷୋଡ଼ଶୋପଚାରରେ ପୂଜା କରିବା ନିମିତ୍ତ ବ୍ୟସ୍ତ । ପର୍ବପାର୍ବଣୀରେ ସେମାନେ ଧର୍ମକୁ ସର୍ଗଜ୍ଞାନ କରନ୍ତି । ପର୍ବପାର୍ବଣର ଧର୍ମଭାବ ସେମାନଙ୍କ ମନରେ ଆଦୌ ସ୍ଥାନ ପାଏ ନାହିଁ । ଗୋଟିଏ ୨ ପର୍ବ ଆଜକାଲି ଆମ୍ଭମାନଙ୍କ ଯୁବକମାନଙ୍କର ଏକ ୨ ପାପର ଅଧଃପତନର କାରଣ ସ୍ୱରୂପ ହୋଇଅଛି । ଅତଏବ କହୁଥିଲୁଁ ଯଦ୍ୱାରା ପର୍ବପାର୍ବଣାଦିରେ ଆମ୍ଭମାନଙ୍କର ଅଧଃପତନ ନହୋଇ ଧର୍ମ୍ମୋନ୍ନତି ସାଧିତ ହୁଏ ତହିଁର ବ୍ୟବସ୍ଥା କରିବା ସମସ୍ତଙ୍କର ଏକାନ୍ତ କର୍ତ୍ତବ୍ୟ ।

ତୃତୀୟତଃ ଆମ୍ଭମାନଙ୍କ ସମାଜରେ ଯେତେ ପ୍ରକାର ଆମୋଦ ଅନୁଷ୍ଠିତ ହୁଏ ତାହା ଏପରି ଦୂଷିତ ଯେ ସେଥିରେ ପିତା ପୁତ୍ର, ଭ୍ରାତା ଭଗିନୀ, ସ୍ୱାମୀ ସ୍ତ୍ରୀ, ଏକତ୍ର ଯୋଗଦେଇ ପାରନ୍ତି ନାହିଁ । ଏହି କଳୁଷିତ ପ୍ରଥାକୁ ଏକାବେଳକେ ସମୂଳେ ଉତ୍ପାଟିତ କରିବା ବିଧେୟ । ଆମୋଦ ପ୍ରମୋଦ ଦ୍ୱାରା ବାଳକ ବାଳିକାମାନଙ୍କର ଚରିତ୍ରସଂଗଠନ ଯେତେ ସହଜରେ ହୁଏ ସେପରି ଆଉ କାହିଁରେ ହୁଏ ନାହିଁ, ମାତ୍ର ପରିବାର ମଧ୍ୟରେ ବିଶୁଦ୍ଧ ଆମୋଦ ପ୍ରଚଳିତ ନ ହେଲେ ପରିବାରସ୍ଥ ବ୍ୟକ୍ତିବର୍ଗର ନୈତିକ ଉନ୍ନତି ଆଦୌ ସମ୍ଭବ ନୁହେଁ । ଯେଉଁ ଆମୋଦରେ ଆବାଲବୃଦ୍ଧ-ବନିତା ଏକତ୍ର ଯୋଗଦାନ କରି ନିର୍ମଳ ଧର୍ମାମୋଦ ଉପଭୋଗ କରି ପାରନ୍ତି, ତହିଁର ଅନୁଷ୍ଠାନ କରିବା ଉଚିତ ।

ଚତୁର୍ଥତଃ, ପ୍ରତ୍ୟେକ ଦିବସ କୌଣସି ନିର୍ଦ୍ଦିଷ୍ଟ ସମୟରେ ପରିବାରସ୍ଥ ସକଳ ନରନାରୀ ଏକତ୍ରିତ ହୋଇ କିଛିକ୍ଷଣ ଧର୍ମାଲୋଚନା କରିବା ବାଞ୍ଛନୀୟ । ପୂର୍ବକାଳରେ ଆମ୍ଭମାନଙ୍କ ପରିବାର ମଧ୍ୟରେ ଏହି ପ୍ରଥାଟି ବିଶେଷରୂପେ ପ୍ରଚଳିତ ଥିଲା । ଆଜକାଲି ଆମ୍ଭମାନଙ୍କ ପରିବାର ମଧ୍ୟରେ କେବଳ ବୟସ୍କ ନରନାରୀମାନେ ସମୟସମୟରେ ଅନ୍ୟଦ୍ୱାରା ପଠିତ କେତେକ ଧର୍ମଗ୍ରନ୍ଥ ଶ୍ରବଣ କରିଥାନ୍ତି । ମାତ୍ର ତାହା ପୁଣି ନାନାବିଧ ସାଂସାରିକ କାର୍ଯ୍ୟର ଅନୁଷ୍ଠାନ ମଧ୍ୟରେ !! କି ବିଡ଼ମ୍ବନା !! ଏହାଠାରୁ ବଳି ଅଧଃପତନର ମାର୍ଗରେ ଯିବାର ଉତ୍କୃଷ୍ଟ ଉପାୟ ଆଉ କି ଅଛି ?

ପଞ୍ଚମତଃ, ଯଦ୍ୱାରା ପ୍ରତ୍ୟେକ ବିଷୟରେ ଆମ୍ଭମାନଙ୍କର ବାଳକବାଳିକାମାନଙ୍କର କର୍ତ୍ତବ୍ୟ-ଜ୍ଞାନ ପ୍ରତିଷ୍ଠିତ ହୁଏ, ତତ୍ପ୍ରତି ତୀକ୍ଷ୍ଣଦୃଷ୍ଟି ରଖିବା ଏକାନ୍ତ କର୍ତ୍ତବ୍ୟ । ଶିକ୍ଷାଭାବରୁ ଆମ୍ଭ-ମାନଙ୍କର ବାଳକବାଳିକାମାନେ ଅଳ୍ପ ବୟସରେ ଉଚ୍ଛୃଙ୍ଖଳ ହୋଇ ପଡ଼ନ୍ତି ଏବଂ କର୍ତ୍ତବ୍ୟା-

Digitized by srujanika@gmail.com

କର୍ତ୍ତବ୍ୟ ବିଷୟର କରି କାର୍ଯ୍ୟ କରିବା ଦୂରରେ ଥାଉ, ଅନେକ ସମୟରେ କେବଳ ଅକର୍ତ୍ତବ୍ୟ କାର୍ଯ୍ୟମାନଙ୍କର ଅନୁଷ୍ଠାନ କରି ବସନ୍ତି । ଏହା କଦାପି ବାଞ୍ଛନୀୟ ନୁହେଁ ।

ଷଷ୍ଠତଃ, ବାଳକବାଳିକାମାନଙ୍କର ଦୟା, ଦାକ୍ଷିଣ୍ୟ, ପରୋପକାର ପ୍ରଭୃତି ଧର୍ମବୃତ୍ତିମାନ ଯେ ପ୍ରକାରେ ସମ୍ୟକ୍‌ରୂପେ ଅନୁଶୀଳିତ ହେବ, ସେଥିପ୍ରତି ଆମ୍ଭମାନଙ୍କର ସଦା ଯତ୍ନବାନ ହେବା ଉଚିତ । ପରିବାର ମଧ୍ୟରେ ଥାଇ ଏ ସବୁର ଅନୁଶୀଳନ ନକଲେ ବୟଃପ୍ରାପ୍ତ ସଂସାରକ୍ଷେତ୍ରରେ ପ୍ରବେଶ କରି ମନୁଷ୍ୟ କେବଳ ସ୍ୱାର୍ଥପର ହୋଇପଡ଼େ । ସୁତରାଂ ତାହାର ଧର୍ମପ୍ରବୃତ୍ତିମାନ ଆଉ ପ୍ରସ୍ଫୁଟିତ ହୋଇ ପାରେ ନାହିଁ । ତାହାହେଲେ ପଶୁ ଓ ତାହା ମଧ୍ୟରେ ଆଉ ପ୍ରଭେଦ କଅଣ ରହିଲା ? ମନୁଷ୍ୟତ୍ୱ ପଶୁତ୍ୱରେ ବୁଡ଼ିଗଲା ନାହିଁକି ?

ପ୍ରତ୍ୟେକ ଧର୍ମପ୍ରବୃତ୍ତି ଉଦ୍ରେକ କରିବାବେଳେ ସେହି ୨ ବୃତ୍ତିର ଅବତାରସ୍ୱରୂପ ମୃତ ବା ଜୀବନ୍ତ ଗୋଟିଏ ୨ ଚିତ୍ର ବାଳକ ବାଳିକାମାନଙ୍କ ସମ୍ମୁଖରେ ଧରିବା ଉଚିତ । ଏ ପ୍ରକାର ଚିତ୍ରର ଅଭାବ ଆମ୍ଭମାନଙ୍କ ଦେଶରେ ନାହିଁ । କିନ୍ତୁ ଛଳରେ ଆମ୍ଭମାନଙ୍କର ପ୍ରବୀଣ ପ୍ରବୀଣାମାନେ ବାଳକ ବାଳିକାମାନଙ୍କ ସମ୍ମୁଖରେ ଏହି ସବୁ ଚିତ୍ର ଧାରଣ କରନ୍ତି । ମାତ୍ର ଶିକ୍ଷାଭାବରୁ ସେହି ସବୁ ଚିତ୍ରକୁ ସମ୍ୟକ୍‌ରୂପେ ବିଶ୍ଳେଷଣ କରି ତାହା ସେମାନଙ୍କ ହୃଦୟପଟରେ ଦୃଢ଼ରୂପେ ମୁଦ୍ରିତ କରିପାରନ୍ତି ନାହିଁ । କିନ୍ତୁ ଶୁଣି ବାଳକବାଳିକାମାନେ କେବଳ ଅଜ୍ଞାନ ଓ ଅସମୟରେ ଆପଣ ୨ ର ଉକ୍ତ ଧର୍ମପ୍ରବୃତ୍ତିମାନଙ୍କର ଚରିତାର୍ଥତା ସମ୍ପାଦନ କରଥାନ୍ତି, ତାହା ଅନୁଚିତ । ଉପଯୁକ୍ତ ସମୟ ଓ ସ୍ଥଳରେ ଚରିତାର୍ଥ ନ ହେଲେ ତଦ୍ୱାରା ପ୍ରକୃତ ଫଳ ଲବ୍ଧ ହୁଏ ନାହିଁ । ପରନ୍ତୁ ତଦ୍ୱାରା ଚରିତ୍ରର ଅପକାର ସାଧିତ ହୁଏ । ଏହିଠାରେ ଶିକ୍ଷାର ପ୍ରଭାବ କେତେଦୂର କାର୍ଯ୍ୟକର ତାହା ସୁସ୍ପଷ୍ଟରୂପେ ଅନୁମିତ ହେବ । ପୁରୁଷମାନଙ୍କର ଶିକ୍ଷାଠାରୁ ସ୍ତ୍ରୀ ଶିକ୍ଷାର ପ୍ରୟୋଜନୀୟତା ଏଠାରେ ସମଧିକ ବେଶି । କାରଣ, ବାଳକବାଳିକାମାନଙ୍କର ଚରିତ୍ରସଂଗଠନ କାର୍ଯ୍ୟ ପୁରୁଷମାନଙ୍କଠାରୁ ସ୍ତ୍ରୀମାନଙ୍କ ଉପରେ ଅଧିକ ନିର୍ଭର କରେ ।

ଆଉ ତାଲିକା ବଢ଼ାଇବା ନିଷ୍ପ୍ରୟୋଜନ । ଏହିପରି ପ୍ରତ୍ୟେକ ବିଷୟରେ ବାଳକବାଳିକାମାନଙ୍କୁ ସତ୍‌ଶିକ୍ଷା ପ୍ରଦାନ କରି ସେମାନଙ୍କର ଉତ୍କୃଷ୍ଟ ପ୍ରବୃତ୍ତିମାନଙ୍କୁ ସଦା ଈଶ୍ୱରୋନ୍ମୁଖୀ କରି ଦେବା ଉଚିତ । ବାଳକବାଳିକାମାନଙ୍କ ଧର୍ମଶିକ୍ଷା ପ୍ରତି ଆଜିକାଲି ଆମ୍ଭମାନଙ୍କ ଦେଶର ଲୋକେ ସମ୍ପୂର୍ଣ୍ଣ ଉଦାସୀନ । ଏହାଠାରୁ ବଳି ଆଉ ପରିତାପର ବିଷୟ କଣ ହୋଇପାରେ ? ଯେଉଁ ଶିକ୍ଷା ଲଭ କଲେ ମନୁଷ୍ୟ ସଂସାରର ସକଳ ବିଭାଗରେ ସୁଚାରୁରୂପେ କାର୍ଯ୍ୟ କରିପାରେ; ଏବଂ ଯେଉଁ ଶିକ୍ଷା ଉପରେ ମାନବାତ୍ମାର କଲ୍ୟାଣ ସମ୍ପୂର୍ଣ୍ଣ ନିର୍ଭର କରେ; ଯାହାର ଅଭାବରେ ମାନବଜୀବନ ପଶୁଜୀବନ ସହିତ ତୁଲ୍ୟ ହୁଏ, ଏ ପ୍ରକାର ମଙ୍ଗଳପ୍ରଦ ଶିକ୍ଷାପ୍ରତି ଉଦାସୀନ ରହିବା କିଦୃଶ ଦୁଃଖର ବିଷୟ ତାହା ଜ୍ଞାନୀଲୋକ ମାତ୍ରେ ସ୍ୱୀକାର କରିବେ । ଅତଏବ ହେ ଭାରତବାସୀ—ହେ ଆର୍ଯ୍ୟସନ୍ତାନ ! ଆଉ ଅଳସୁଆ ହୋଇ ବସିରହ ନାହିଁ—ଜାଗ୍ରତ ହୁଅ । କେବଳ ଏକମାତ୍ର ପାରିବାରିକ ଶିକ୍ଷା ଅଭାବରୁ ଆମ୍ଭମାନଙ୍କର ସମାଜ ଯେ ଦିନକୁଦିନ ଅଧଃପତନର ସ୍ରୋତରେ ଭାସି ଯାଉଅଛି, ତାହା ବୋଲିବା ନିଷ୍ପ୍ରୟୋଜନ । ଯଦି କଦାପି ଆମ୍ଭମାନଙ୍କର ପୁନରାୟ ଜାତୀୟ ଉନ୍ନତି ସାଧିତ ହୁଏ ତାହାହେଲେ ତାହା ଏହି ପାରିବାରିକ ଉନ୍ନତି ମଧ୍ୟ ଦେଇ ହେବ । ଆମ୍ଭମାନଙ୍କ ଅଧଃପତନ ଯେ କେବଳ ଏହି ପାରିବାରିକ ଶିକ୍ଷା ଅଭାବରୁ

Digitized by srujanika@gmail.com

ଘଟିଅଛି ସେଥିରେ ଆଉ ସନ୍ଦେହମାନ ନାହିଁ । ମୁସଲମାନ ଶାସନପ୍ରଣାଳୀ କେତେକ ପରିମାଣରେ ଆମ୍ଭମାନଙ୍କ ଧର୍ମଶିକ୍ଷାର ପ୍ରତିକୂଳ ଥିଲା । ସେ କାଳ ଯାଇଅଛି । ବ୍ରିଟିଶ ଶାସନର ଅଭ୍ୟୁଦୟ ସଙ୍ଗେ ସଙ୍ଗେ ଆମ୍ଭମାନଙ୍କ ହୃଦୟରେ ନବଜୀବନର ସଞ୍ଚାର ହୋଇଅଛି । ଏହି ଉଦାର ଶାସନପ୍ରଣାଳୀର ଅଧୀନରେ ଥାଇଁ ଆମ୍ଭେମାନେ ଧୀରେ ଧୀରେ ଆମ୍ଭମାନଙ୍କ ସମାଜକୁ ପୁନର୍ଗଠନ କଲେ କ୍ଷତି କଣ ଅଛି ? ତାହାହେଲେ କି ପୁନର୍ବାର ଭାରତର ମୁଖ ଉଜ୍ଜ୍ୱଳ ହେବ ନାହିଁ—ଆଉ ଥରେ କି ସନାତନ ଆର୍ଯ୍ୟଧର୍ମ ସ୍ୱୀୟ ପ୍ରଭା ବିସ୍ତାର କରିବ ନାହିଁ ? ଅବଶ୍ୟ କରିବ ! ଅତଏବ ହେ ଭାରତସନ୍ତାନ ? ଆଉ ବିଳମ୍ବ କର ନାହିଁ । ଆପଣା ଆପଣା ପବିତ୍ର କର୍ତ୍ତବ୍ୟ ହୃଦୟଙ୍ଗମ କରି ଏହି ମୁହୂର୍ତ୍ତଠାରୁ କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହୁଅ ।

ଶ୍ରୀ କୃଷ୍ଣପ୍ରସାଦ ଚୌଧୁରୀ

---

## ଭ୍ରମ ଭଞ୍ଜନ

ରାଗ କାଳୀ

ହରିଭଜନ     କରରେ ମନ
   ବୃଥା ଅଭିମାନ ଛାଡ଼ି ।
ଦାରୁଣ ଯମ     ନିଷ୍ଠୁରତମ
   ନେବ ଝିଙ୍କି ମାଡ଼ି ।୧।
ଦାରା ନନ୍ଦନ     ଧନ ଯୌବନ
   ହେବା ସ୍ୱପନ ସଣି ।
ସଚ୍ଚିଦାନନ୍ଦ     ମୁକୁନ୍ଦ ନନ୍ଦ
   ଜୟ ଗୋବିନ୍ଦ ଭଣି ।୨।
ଡର ନାହିଁ କି     ଜନ୍ତୁ ସାଇଁକି
   ବୃଥା ବାହିଁକି ଭୁଲୁ ।
ମରୀଚିକାରେ     ବାରି ଆଶାରେ
   ମୋହି ୧ ନିଶାରେ ବୁଲୁ ।୩।
"ମୁହିଁ ମୋହର"     ଜାଣୁ ତୋହର
   ମାୟା ସଂସାର ସୃଷ୍ଟି ।
ସାର ଅସାର     ବସ୍ତୁରେ ତୋର
   ନାହିଁ ସୁନ୍ଦର ଦୃଷ୍ଟି ।୪।
କାଚେ କାଞ୍ଚନ     ମତିରେ ମନ !
   ଯେଣୁ ମଗନ ଭ୍ରମେ ।
ତୁଟିଲେ ଭ୍ରାନ୍ତି     ଲଭିବୁ ଶାନ୍ତି
   ଉଇଁବ ଭକ୍ତି କ୍ରମେ ।୫।
ଯହିଁ ମୋହର     ବୋଲି ତୋହର
   ଏତେ ପ୍ରଖର ଅଶ ।
ସେ ତ ସଜଳ     ଅତି ଦୁର୍ବଳ
   ପ୍ରବଳ କାଳ ଗ୍ରାସ ।୬।
ଘଟ ଭୁଟିଲେ     ପ୍ରାଣ ଛୁଟିଲେ
   ଦେହ ଟଳିଟିଲେ ମହୀ ।
ପ୍ରିୟ ସ୍ୱଜନେ     ନେଇ ବିଜନେ
   ଦେବେ ଶ୍ମଶାନେ ଦହି ।୭।
ଏଡ଼େ ମମତା     ଥିଲା ତୋର ତା
   ସୁତ ଦାରୁଣୀମାନ
ହେବେ ବିସ୍ମୃତ     ତୋର ଦେହେଁତ
   କରି ପରେତ ୨ ଜ୍ଞାନ ।୮।
ହେମ ରଜତ     ଶାଲ ବନାତ
   ଜମି ଜମାତ ଥିବ ।
ଠଙ୍କା କଉଡ଼ି     ସକଳ ଛାଡ଼ି
   ପରାଣ ଉଡ଼ି ଯିବ ।୯।
ପଡ଼ି ମୋହରେ     ଛାରି ଦେହରେ
   ଏଡ଼େ ସ୍ନେହରେ ତୋର ।
ଛାଡ଼ି ଆସକ୍ତି     ଲଭ ମୁକତି
   ତର ବିପତ୍ତି ଘୋର ।୧୦।

---

(୧) ମୋହି—ମତ୍ତ ହୋଇ ।   (୨) ପରେତ—ପ୍ରେତ ।

Digitized by srujanika@gmail.com

ପ୍ରକୃତିନଟୀ ମାୟାବିମୋହି
ଠକ ଦେଉଛି ହେଳେ ।
ପୁରୁଷ ସଙ୍ଗେ ଏ ଭବରଙ୍ଗେ
ବିବିଧ ରଙ୍ଗେ ଖେଳେ ।୧୧।

ତାର ବିକାଶ ବିଶ୍ୱ ଅଶେଷ
ବିଧି ମହେଶ ଆଦି ।
ଇନ୍ଦ୍ରିୟବାର ୧ କିଙ୍କର ତାର
ପ୍ରାଣୀ ନିକର ବାଧୀ ୨ ।୧୨।

କରଣ ଗଣ ୩ ଜଣକୁ ଜଣ
ପରତାରଣ ପରି ।
ହୋଇବେ ବଶ ଗାଢ଼ ଧରଷ
ଜ୍ଞାନ ଅଙ୍କୁଶ ଧରି । ୧୩

ଭୂତ-ନଟନଟ କାମିନୀରତେ
ନାସ୍ତିକମତେ ବୁଲୁ ।
ସାଧୁ ସଙ୍ଗରେ ବସି ରଙ୍ଗରେ
ଧନ ନଅରେ ଉଲ୍ଲୁ ।୧୪।

ମାନ-ଗରବ ଗୁଡ଼ ସରବ
ସାରଦ୍ରବ୍ୟ୪ ଭାଲ ।
ମୋଦ ଲଭିବୁ ଭବୁଁ ତରିବୁ
ହେଳେ ଲଂଘିବୁ କାଳ ।୧୫।

ଶ୍ରୁତିସୁନ୍ଦର ପଦପନ୍ଦର
ମାନମନ୍ଦର ପବି୫ ।
ହରିଚରଣ କର ଶରଣ
ଭଣଇ ଦୀନ କବି ।୧୬।

( ଶ୍ରୀ ନୀଳମଣି ମିଶ୍ର, ଯାଜପୁର )

## ବାସନ୍ତୀ ଉଷା ।

ରାଗ ଆଷାଢ଼ ଶୁକ୍ଳ

ଦିଶା ଅଚଳାନେ ଆସୁଛି ଉଷା ,
ଭଲ ଦେଖିବା ତା ବସନ୍ତଭୂଷା ।
ସୁରଙ୍ଗ ପ୍ରାଚୀ୬ ପ୍ରକୋଷ୍ଠ ଦୁଆର,
ଫେଇ ସୁରବାଳା ହେଉଁ ବାହାର ।
ସେ ଶୋଭା ମାଧୁରୀ ।
ବର୍ଣ୍ଣିବାକୁ କାହିଁ କବିଚାତୁରୀ ।୧।
ରକ୍ତ ଅଙ୍ଗେ ରମା ରଙ୍ଗ ଦୁକୂଳ ,
ପିନ୍ଧି ଦିଶୁଅଛି କେଡ଼େ ମଞ୍ଜୁଳ ।
ବରଞ୍ଚି ଅଖିଳ ସୃଷ୍ଟି ସୁଷମା ,
ଲଭି ନ ପାରିବ ତାହା ଉପମା ।
ଲପନର୭ ଝଳ
କବି କବିତ୍ୱ ପ୍ରସାର ଅର୍ଗଳୀ ।୨।

ରକ୍ତକୁନ୍ତଳାଳ ଭାଲଫଳକେ ,
ଅରୁଣ୮ ସିନ୍ଦୂରବିନ୍ଦୁ ଝଟକେ ।
ଅଙ୍ଗଶୋଭା ରଙ୍ଗ ଜବା ଜିଣାଇ ,
ରକ୍ତ ସ୍ମିତଭଙ୍ଗୀ ମନ କିଣଇ ।
ତା ପ୍ରଭା ବିସ୍ତାର ,
କୁଙ୍କୁମ ପ୍ରଲେପ ହେଲା ଧରାର ।୩।
ବାଳାମଣି ବିଜେ ଜାଣି ବସନ୍ତ,
ପିକଦୂତ ହାତେ ଦେଲା ଉଦନ୍ତ୯ ।
ମନୋଜ୍ଞ ରସାଳଦ୍ରୁମ ଶିଖରେ,
କୁହୁ କୁହୁ ରବେ ପିକ କୁହରେ ।
ଛଳ ତା କୂଜନ,
ପ୍ରଚାର କରୁଛି ଉଷାଗମନ ।୪।

---

୧ ବାର—ସମୂହ । ୨ ପ୍ରାଣିନିକରବାଧୀ—ଇନ୍ଦ୍ରିୟବାରର ବିଶେଷଣ । ୩ କରଣଗଣ—ଇନ୍ଦ୍ରିୟସମୂହ । ୪ ସାରଦ୍ରବ୍ୟ—ଈଶ୍ୱରତତ୍ତ୍ୱ । ମାନମନ୍ଦରପବି—ଅହଙ୍କାରରୂପ ମନ୍ଦରପର୍ବତର ବଜ୍ରସ୍ୱରୂପ । ୬ ପ୍ରାଚୀ—ପୂର୍ବଦିଗ । ୭ ଲପନ—ମୁଖ । ୮ ଅରୁଣ—ଯେ ସେ ସିନ୍ଦୂର ବିନ୍ଦୁ ତୁଲ୍ୟ । ୯ ଉଦନ୍ତ—ଖବର ।

Digitized by srujanika@gmail.com

ଉଷାଦେବୀ ଶୁଭ ଆଗମ ଲକ୍ଷି,
ମଙ୍ଗଳଗୀତ ଆରମ୍ଭିଲେ ପକ୍ଷୀ ।
ମଧୁର ବିହଙ୍ଗକୁଳ କାକଳୀ,
ଶୁଣି ଜନମନ ଗଲା ତରଳି ।
ସଙ୍ଗୀତତରଙ୍ଗ,
ଚଳୁଁ ଦୂର କଲା ଦୁଃଖପ୍ରସଙ୍ଗ ।୫।
ସୁବେଶ ନିପୁଣ ବସନ୍ତରାଣୀ,
ସଙ୍ଗେ ଘେନି ସଖା କୁସୁମବାଣ ।
ଉଷା ଅଭ୍ୟର୍ଥନା ପାଇଁ ଯତନେ,
ମଣ୍ଡିଲା ଧରାକୁ ପୁଷ୍ପମଣ୍ଡନେ,
ବେଶ ପରିପାଟୀ,
ବର୍ଣ୍ଣି ପାରିବ କି ସହସ୍ର ପାଠି ।୬।
ନବପଲ୍ଲବ କୁସୁମେ ବିରାଜି,
ଧାଡ଼ି ଧାଡ଼ି ଉଭା ପାଦପରାଜି ।
ଗୁରୁପଲ୍ଲବିନୀ ଲତାସୁନ୍ଦରୀ,
ବିବିଧ କୁସୁମସ୍ତବକ ଧରି ।
ହରଷିତମନେ,
ବାଟ ଜଗିଛନ୍ତି ଉଷାଗମନେ ।୭।
ସେହି ମହୀରୁହ ସେହି ବଲ୍ଲରୀ,
ରଜନୀରେ ଥିଲେ ଦୁଃଖ ଆଦରି ।
ଏକ୍ଷଣି କପାଇଁ ଏଡ଼େ ହରଷ,
କାହା ଦରଶନେ ଚିତ୍ତ ସରସ ?
କାହା ସଙ୍ଗ ଲଭି,
ଧରଣୀର ଏହି ମୋହିନୀ ଛବି ।୮।
କହ କି ବିଦ୍ୟା ମୃତସଞ୍ଜୀବନୀ,
ସଙ୍ଗେ ଆଣିଥାଉ ଗୁରୁହାସିନି !
ନିଷ୍ଫଳ ନୀରବ ଜଡ଼ ଅବନୀ,
ଯାହା ବଳରେ ଚେତି ଉଠେ ଧନି !
ଏହି ଶୁଣ ଶୁଣ,
ଆଗନ୍ତୁ ବାୟସ ରଟେ ତା ଗୁଣ ।୯।
ଉଷାସୀମନ୍ତିନୀ: ଭୂଷା ତିଳକ,
ଗୁରୁପଙ୍କଜନୀ ପ୍ରାଣନାୟକ ।

ତିମିର ବାରଣ ଦାରଣ-ହରି-୧,
ତୁହିନପଟଳ୨ ଅଟଳ ଅରି !
ତରୁଣ ଅରୁଣ,
ପ୍ରଭା ପ୍ରକାଶିଲେ ହୋଇ କରୁଣ ।୧୦।
ନୀହାର ମଣ୍ଡିତ ହିମାଦ୍ରି ଶିରେ,
ଊର୍ମ୍ମିମାଳା କୁଳ ଉଦଧିନୀରେ ।
ମଞ୍ଜୁଲତାକୁଞ୍ଜେ ତରୁଶିଖରେ,
ନବୀନପଲ୍ଲବେ କୁସୁମୋଦରେ ।
ଅରୁଣ କିରଣ,
ଗୋଳି ଲାକ୍ଷାରସ କଲା ବର୍ଷଣ ।୧୧।
ହିମ ହିମାଂଶୁର କରନିକର,
ମଣୁଥିଲା ଯେ ବହ୍ନିସହୋଦର ।
ବିରହସନ୍ତାପେ ତପ୍ତ ନିତାନ୍ତ,
ଦେଖ କୋକବଧୂ୩ ପାଇ ସ୍ୱକାନ୍ତ ।
ଆନନ୍ଦ ମନରେ
ବାଳଭାନୁକରେ ସୁଖେ ବିହରେ ।୧୨।
ଏହିପରି ସିନା ଚିତ୍ତର ରୀତି,
ଅବସ୍ଥାବିଭେଦେ ପ୍ରୀତି ଅପ୍ରୀତି ।
ପ୍ରିୟା ସମାଗମେ ରୁଚଇ ଯାହା,
ବିପ୍ରଯୋଗେ୪ ବିଷ ମଣଇ ତାହା ।
ଏହି ଉଷାଗମ,
ଏକେ ସୁଖଦ ଅନ୍ୟେ ବିଷସମ ।୧୩।
ରାତି ପାହିଲେ ଯା ହୃଦୟଧନ,
ଦୂରବିଦେଶେ କରିବେ ଗମନ ।
ତାହା ପକ୍ଷେ ଉଷା ରୂପମାଧୁରୀ,
ହେବ ସିନା ମର୍ମକଣ୍ଟା କତୁରୀ ।
ତରୁଣ ଅରୁଣ,
ମଣିବ ତରୁଣୀ ଯମ ଦାରୁଣ ।୧୪।
ଯେଉଁ ଅକର୍ମୀକୁ ନିଶାବସାନେ,
ରାଜାଦେଶ ଶ୍ରୀମଦ୍ଧାନ୍ତକମାନେ ।
ଫାଶିକାଠେ ନେଇ ଦେବେ ଝୁଲାଇ,
ଉଷା ସୁଷମା କି ତାକୁ ଭୁଲାଇ ?

୧ ଅନ୍ଧକାରରୂପ ଗଜ ବିଦାରଣ ପକ୍ଷରେ ସିଂହତୁଲ୍ୟ । ୨ ତୁହିନ—ହିମ । ୩ କୋକବଧୂ—ଚକ୍ରବାକୀ
୪ ବିପ୍ରଯୋଗ—ବିଚ୍ଛେଦ ।

Digitized by srujanika@gmail.com

ଶବ୍ଦ କଲେ କାକ,
ଯେହ୍ନେ ମଣିବ ଯମଦୂତ ଡ଼ାକ । ୧୫ ।
ସରୋବରରେ ଦେଖ ଫୁଲ୍ଲ ପଙ୍କଜ ,
କାନ୍ତ ଅଭ୍ୟର୍ଥନେ ହେଲାଣି ସଜ ।
ଗୁରୁବଦନେ ନ ଧରଇ ହାସ ,
ଭୁବନମୋହନ କାନ୍ତି ପ୍ରକାଶ ।
କଳେବର ବାସ ,
କେତେ ମଧୁକରେ କଲାଣି ଦାସ । ୧୬ ।
ଏଣେ କୁମୁଦିନୀ ହତଭାଗିନୀ ,
ସୁଧାକର ବିନା ଅତି ଦୁଃଖିନୀ ।
ତା ଚନ୍ଦ୍ରବଦନେ ବିଷାଦରେଖା ,
ଊଷା ଆଗମନେ ଦେଲାଣି ଦେଖା ।
ନାହିଁ ସେ ସୁହାସ ,
ତ୍ରିଯାମା ସଙ୍ଗେ ଲଭିଲାଣି ନାଶ ।୧୭।
ଚପଳାବିଳାସ ସୁଖ ଆଗମ,
ନିୟତିର ଗତି ବଡ଼ ବିଷମ ।
ଯେଉଁ କୁମୁଦିନୀ କାଲି ରାତିରେ,
ସୁଖେ ଭାସୁଥିଲା ବିଧୁକାନ୍ତିରେ ।
ଆଜି ଅନାଥିନୀ,
ଦେଖି ତାହାକୁ ହସୁଛି ପଦ୍ମିନୀ ।୧୮।
ତରଣି୧ କିରଣ ବାହାର ତମ,
ବିନାଶନ ପକ୍ଷେ ଅଟେ ସକ୍ଷମ ।
ଭିତରେ ଘୋଟିଛି ଅନ୍ଧାରରାତି,
ଭେଦି ପାରିବକି ତପନକାନ୍ତି ।
ହୃଦୟ-ଆକାଶ,
ଅବିଦ୍ୟାନିଶା୨ ଯୋଗେ ଅପ୍ରକାଶ ।୧୯।

ଏ ତମ ସେ ତମ ନୁହଇ ସମ,
ଅଜ୍ଞାନ-ଅନ୍ଧାର ଘୋର ବିଷମ ।
ଜ୍ଞାନ-ଚଣ୍ଡଭାନୁ୩ ନୋହିଲେ ଉଦେ,
ଅନନ୍ତ ନିଶା ଘୋଟିଥିବ ହୃଦେ ।
ଅନାଦୃତେ ଜୀବ,
ମୋହ-ଶର୍ଯ୍ୟାରେ ପଡ଼ି ଶୋଇଥିବ ।୨୦।
କେବେ ହେବ ଜ୍ଞାନ-ଭାନୁ ଉଦୟ,
ଖଣ୍ଡିବ ଅବିଦ୍ୟା-ରଜନୀ ଭୟ ।
ଭକ୍ତି-କମଳିନୀ ଫୁଟି ଉଠିବ,
ରିପୁ-ଉଲୂକଙ୍କ ଦର୍ପ ତୁଟିବ ।
ନିଦ୍ରା ତେଜି ଜୀବ,
ଆପଣା ଉଦ୍ଧାର ବାଟ ଖୋଜିବ ।୨୧।
ପତିତପାବନ ଶିବନିଧାନ,
ଜୀବପ୍ରତି କର ଦୟା ବିଧାନ ।
କେତେଦିନ ପଡ଼ି ଅନ୍ଧତମସେ୪
ଘାଣ୍ଟି ହେଉଥିବ ଅବିଦ୍ୟା ବଶେ ।
କରୁଣାବାରିଧି !
ଦୟା ଉଷା ହେଲେ ହେବ ଅବଧି ।୨୨।
ଯାହା ଜ୍ୟୋତିଃକଣା ନେଇ ପତନ,
ଜଗତ ଅନ୍ଧାର କରେ ଖଣ୍ଡନ ।
କୋଟି ପ୍ରଭାକର ପ୍ରଭାପହାରୀ,
ସେ ପ୍ରଭୁ ମୋହାନ୍ଧକାରବିହାରୀ ।
ମୁଁ ଏଡ଼େ ଅକର୍ମୀ,
ଖୋଜି ନ ପାଇଲି ସେ ବିଶ୍ୱକର୍ମା ।୨୩।

ଶ୍ରୀ ନୀଳମଣି ମିଶ୍ର ।

## ଅପଚୟ । (୪)

ସମୟର ଅପଚୟ—ବ୍ୟସନରେ ଯେପରି ସମୟର ଅପଚୟ ହୁଏ ଏପରି ଅନ୍ୟ କାହିଁରେ ନୁହେ । ଅଳସ କଥା ଗୁଡ଼ିଏ । ଯେଉଁମାନେ କର୍ମଠ ବୁଦ୍ଧିମାନ, କେହି ୨ ସଂସ୍କୃତଜ୍ଞ ଏପରି ଅସଂଖ୍ୟ ଉତ୍କଳବ୍ରାହ୍ମଣ ପଶାଖେଳରେ ପ୍ରମତ୍ତ ଥିବାର ଦେଖାଯାଏ । ପଶାଖେଳଟା ଯେମନ୍ତ

୧ ତରଣି – ସୂର୍ଯ୍ୟ । ୨ ଅବିଦ୍ୟା – ମାୟା । ୩ ଚଣ୍ଡଭାନୁ – ସୂର୍ଯ୍ୟ । ୪ ଅନ୍ଧତମସ – ଗାଢ଼ାନ୍ଧକାର ।

Digitized by srujanika@gmail.com

କୁଳପ୍ରଥା । "ଚଷା କି ଜାଣେ ପଶାର କଥା" ଅର୍ଥାତ୍ ଯେ ନିର୍ବୋଧ, ନିରକ୍ଷର; ନିରନ୍ତର କୃଷିକର୍ମରେ ରତ ସେ ଲୋକଟା ପଶାର କଥା କାହୁଁ ଜାଣିବ ? ପଶାଖେଳ ଉଚ୍ଚଜାତିର କର୍ମ ! କାରଣ ପୂର୍ବକାଳରେ ଆର୍ଯ୍ୟକୁଳଧୂରନ୍ଧର କୁରୁପାଣ୍ଡବମାନେ ସଭା କରି ପଶା ଖେଳୁଥିଲେ ! ଏହି ପଶାଖେଳରେ ସେହି ଆର୍ଯ୍ୟକୁଳର ଯେ କି ଦଶା ହୋଇଥିଲା—ରାଜ୍ୟଧନନାଶ— ବନବାସ —ଭାରତବ୍ୟାପୀ ମହାଯୁଦ୍ଧ ବିପ୍ଳବ—ବହୁତର ରାଜାପ୍ରଜାଧ୍ୱଂସ—ଅବଶେଷରେ ଆର୍ଯ୍ୟକୁଳର ମହାନିପାତ ଘଟନା ହୋଇଥିଲା, ତାହାର ବର୍ଣ୍ଣନାହିଁ ମହାଭାରତ । ସେହି ମହାଭାରତ ପୋଥି ତାଳପତ୍ରରେ ଲେଖା ହୋଇ ଆମ୍ଭମାନଙ୍କ ଗୃହରେ ଆମ୍ଭମାନଙ୍କୁ ଜ୍ଞାନ ଦେବା ଲାଗି ଦେବତା ରୂପେ ପୂଜା ପାଉଅଛି । ପଶାଖେଳ ଯେ ନିନ୍ଦନୀୟ କାର୍ଯ୍ୟ ଏହା ଉତ୍କଳବାସୀଙ୍କ ଜ୍ଞାନରେ ଉଦିତ ହେଲା ନାହିଁ । ଉତ୍କଳଗ୍ରାମମାନ ଭ୍ରମଣ କରି ଦେଖ—ଯେ ଗ୍ରାମରେ ଦଶଘର ବ୍ରାହ୍ମଣ ବାସ କରନ୍ତି—ଯେଉଁମାନଙ୍କର କିଛି ଆହାରର ସଂସ୍ଥାନ ଅଛି—ଯଜମାନିକା ବୃତ୍ତି ଅଛି —ସେମାନେ ପଶାଖେଳକୁ ଅଙ୍ଗଭୂଷଣ କରି-ଅଛନ୍ତି । କଲିକତା ମହାନଗରୀରେ ଅନେକ ବ୍ରାହ୍ମଣ ଓ ଖଣ୍ଡାୟତ ଶାରୀରିକ ପରିଶ୍ରମ କରି ଜୀବନୋପାୟ କରୁଅଛନ୍ତି । ରବିବାର ଦିନ ସବୁ ଅଫିସ ଓ ହାଉସର କର୍ମ ବନ୍ଦ ହୁଏ । ଯେଉଁ ପଡ଼ାରେ ଏମାନେ ବାସକରନ୍ତି ସେ ପଡ଼ାର ଗଳିବାଟମାନଙ୍କରେ ପଶାପାଲି ହୋଇଥାଏ । ଓଡ଼ିଆମାନେ ଦଳ ଦଳ ହୋଇ ପଶାଖେଳର ମାତନ୍ତି । ଆତ୍ମଜ୍ଞାନ ନାହିଁ —ସମୟ ଜ୍ଞାନ ନାହିଁ—ସ୍ଥାନ ଜ୍ଞାନ ନାହିଁ— ଖେଳରେ ଅଜ୍ଞାନ ହୋଇ ଚିତ୍କାର କରୁ ଅଛନ୍ତି —ଗୋଟି ଉପରେ ଗୋଟି କରିଡ଼ ପରାକ୍ରମର ପରାକାଷ୍ଠା ଦେଖାଉଅଛନ୍ତି । ଯିବ ବୋଲି ରାସ୍ତାରେ ବସି ପଶାଖେଳ କିମ୍ପାଇ ? ଘର କାହିଁ ? ପିଣ୍ଡା ପ୍ରାଙ୍ଗଣ କାହିଁ ? କଲିକତାରେ ସ୍ଥାନର ମୂଲ୍ୟ କେତେ ? ଖପର ଘର— ନିମ୍ନତଳ—ଜଳସିକ୍ତ ଅତିକ୍ଷୁଦ୍ର ପ୍ରକୋଷ୍ଠ —ଘୁସୁରିପଲଠାରୁ ହୀନ—ଏହିପରି ବାସ-ଗୃହରେ ଓଡ଼ିଆ ପୁଞ୍ଜ୨ ହୋଇ ବାସ କରନ୍ତି— ଗୋଡ଼ ମୋଡ଼ିବାକୁ ସ୍ଥାନ ନାହିଁ—ଖେଳିବାକୁ ସ୍ଥଳ କାହିଁ ? କି ନିର୍ଲଜ—ନିର୍ବୋଧ ଜାତି । ନାନା ଦିଗ୍‌ଦେଶରୁ ନାନା ଜାତି—ନାନା ବ୍ୟବସାୟୀ ଲୋକ—ନିଃସମ୍ବଳ—ମୂଳଧନ କେବଳ ବୁଦ୍ଧି ଓ ଦେହବଳ ଘେନି ଏ ନଗରୀକୁ ଆସୁଅଛନ୍ତି—ଦେଖୁ ୨ ଅବସ୍ଥାର ଉନ୍ନତି କରୁଅଛନ୍ତି । ଓଡ଼ିଆମାନେ—ଯେଉଁମାନଙ୍କର ସଂଖ୍ୟା ନ୍ୟୂନାଧିକ ପ୍ରାୟ ଏକଲକ୍ଷ—କଲି-କତାର ଲୋକସଂଖ୍ୟାର ପ୍ରାୟ ଦଶମାଂଶ— ଦୀର୍ଘକାଳ ଏହି ବିଭବଶାଳୀ ମହାନଗରୀରେ ବାସ କରି ଯେଉଁ ଓଡ଼ିଆକୁ ସେହି ଓଡ଼ିଆ —ଅତି ଘୃଣିତ ଜାତି ବୋଲି ବଙ୍ଗାଳିଙ୍କଠାରେ ଅନାଦୃତ ହେଉଅଛନ୍ତି । "ଯ୍ୟେ, ଉଡ଼େ ବେଟା ?" ଅତି ସାମାନ୍ୟ ଲୋକ ପର୍ଯ୍ୟନ୍ତ ଏହି ବାକ୍ୟରେ ଏମାନଙ୍କୁ ସମ୍ବୋଧନ କରନ୍ତି । ଏମାନେ ଅମ୍ଳାନବଦନରେ ଏହି ସମ୍ବୋଧନ ଗ୍ରହଣ କରନ୍ତି । ଯେ ଜାତିର ଆତ୍ମାଦର ନାହିଁ ସେ କି ମନୁଷ୍ୟ ଜାତି !!

ଯେଉଁ ଲୋକମାନେ ଯାହା ଆୟ କରନ୍ତି ତାହା ବ୍ୟୟ କରନ୍ତି—କାଲି ଲାଗି ଭାବନ୍ତି ନାହିଁ —ଭବିଷ୍ୟତ୍ ସଞ୍ଚୟ ଜାଣନ୍ତି ନାହିଁ —ଯେତେ-ବେଳେ ଅବସ୍ଥା ନିତାନ୍ତ ମନ୍ଦ ହୁଏ ତେତେ-ବେଳେ ଭିକ୍ଷାବୃତ୍ତି ଅବଲମ୍ବନ କରିବାକୁ ଲଜ୍ଜା ବୋଧ କରନ୍ତି ନାହିଁ — ( ବିଶେଷତଃ ବ୍ରାହ୍ମଣ ) ସେ ଲୋକମାନଙ୍କର ଉନ୍ନତି କି ସମ୍ଭବ ? ଆତ୍ମମର୍ଯ୍ୟାଦାଜ୍ଞାନ ଊଣା ହେଲେ ମନୁଷ୍ୟର ମନୁଷ୍ୟତ୍ୱ ରହେ କି ?

ଯେଉଁ ଜାତି ବା ଯେଉଁ ଲୋକ ସମୟର ମୂଲ୍ୟ ଜାଣନ୍ତି ନାହିଁ ସେମାନଙ୍କର ସମୁନ୍ନତି

Digitized by srujanika@gmail.com

କାହୁଁ ଆସିବ ? "Each day is a little life" " ପ୍ରତ୍ୟେକ ଦିନ ଗୋଟିଏ ? କ୍ଷୁଦ୍ର ଜୀବନ କାଳ ।" ସମୟକୁ ଧନ ବୋଲି ହୁଏ —ଏହା ତାହାଠାରୁ ଅଧିକ — ଏହା ଜୀବନ । ଯେ ଲୋକ ସମୟର ମୂଲ୍ୟ ଜାଣେ ନାହିଁ—ସମୟର ସଦ୍‌ବ୍ୟବହାର କରେ ନାହିଁ—ସେ ମୃତ ! ଜ୍ଞାନୀବ୍ୟକ୍ତିଙ୍କ ପସ୍ୱର—ସେ କଣ କହନ୍ତି ?

"The moments we forego
Eterity itself can not retrieve"

"ଯେ ମୁହୂର୍ତ୍ତମାନ ଆମ୍ଭେମାନେ ଅପଚୟ କରୁଁ —ଅନନ୍ତକାଳ ତାହା ଆମ୍ଭମାନଙ୍କୁ ଆଉ ଫେରାଇ ଦେଇ ପାରେ ନାହିଁ ।"

"ବହିଯା ଜୀବନ ସ୍ରୋତ କାଳ-ସିନ୍ଧୁ ପାନେ ଧାୟ ଫିରିବ କେମନେ ?"

ଅସମ୍ଭବ ! ଅସମ୍ଭବ ! ବହିଗଲା ମୁହୂର୍ତ୍ତକୁ କେତେବେଳେ ଫେରାଇ ପାରିବ ନାହିଁ ।

ଜୀବନ ଧାରଣର ପ୍ରଧାନ ଉଦ୍ଦେଶ୍ୟ ଉନ୍ନତି । ଉନ୍ନତିର ପ୍ରଧାନ ହେତୁ ପରିଶ୍ରମ । ସୁତରାଂ ପରିଶ୍ରମରୁ କଦାଚ ବିମୁଖ ହୁଅନାହିଁ । ପରିଶ୍ରମ ସମୟ ସାପେକ୍ଷ । ସମୟ ସୀମାବଦ୍ଧ । କାରଣ ଜୀବନ ଅଳ୍ପକାଳସ୍ଥାୟୀ । ଅଳ୍ପ ହେଲେ ସୁଦ୍ଧା ଜୀବିତକାଳ କାହାର ପକ୍ଷରେ ଅପ୍ରଚୁର ନୁହେଁ । ଯଦି ଜୀବନର ଅପଚୟ ନିବାରଣ କରିପାର, ନିଶ୍ଚୟ ପ୍ରଚୁର ଲାଭ କରି ପାରିବ । ଜୀବନର ବ୍ୟାପକତା ଯେତେ ଦିନ, ସମୟ ତେତେ ଦିନ । ଜୀବନ—ସମୟ, ସମୟ—ଜୀବନ । ଏହାଠାରୁ ତୁମର ଅଧିକ ସମୟର କି ପ୍ରୟୋଜନ ଅଛି ? ଥିଲେ ପାଇବ କି ? ଶତବର୍ଷ ତୁମର ଜୀବନ-ସମୟ । ଦୁଇଶତ ବର୍ଷ ଇଚ୍ଛା କଲେ ପାଇବ କି ? ସମୟର ମୂଲ୍ୟ ତୁମ୍ଭେ ଜାଣ କି ?

"For who kuows most, him
loss off time most grives"

ଯେ ସମୟର ମୂଲ୍ୟ ଜାଣେ ସେ ସମୟର ଅପଚୟ ସକାଶେ ବ୍ୟାକୁଳ ହୁଏ ।

ଜଣେ ଜ୍ଞାନୀ କହି ଅଛନ୍ତି—ମୁହୂର୍ତ୍ତର ପକ୍ଷ ଅଛି—ସେ ତାହାର ନିର୍ମାତା ବିଧାତା ନିକଟକୁ ଆମ୍ଭମାନଙ୍କ ବ୍ୟବହାରର ଖବର ନେଇ ଯାଉଅଛି । ଆମ୍ଭମାନଙ୍କ ସହସ୍ର ପ୍ରାର୍ଥନାରେ ତାହାର ଗତି ଫେରେନାହିଁ ବା ଶିଥିଳ ହୁଏ ନାହିଁ । ଆମ୍ଭମାନଙ୍କର ପ୍ରତିମୁହୂର୍ତ୍ତ ଅପଚୟର ନୂତନ ହିସାବ ବିଶ୍ୱବିଧାତାଙ୍କ ଖାତାଭୁକ୍ତ ହେଉଅଛି । ଯଦି ଆମ୍ଭମାନେ ଏକଥା ନିଶ୍ଚୟ ଜାଣିଥାନ୍ତୁ ତେବେ ଆମ୍ଭମାନଙ୍କ ମୁହୂର୍ତ୍ତକୁ ସୁ-ଖବର ଦେଇ ଛାଡ଼ି ଦେଇ ଥାଆନ୍ତୁ । ମୁହୂର୍ତ୍ତମାନଙ୍କୁ ଖାଲି ଛାଡ଼ିଦେବା ବା ଆମ୍ଭମାନଙ୍କ ଅପକର୍ମର ସମ୍ବାଦ ନେଇ ଯିବାକୁ ଦେବା କି ଭୟଙ୍କର ବିପଦ ! ! ସମୟର ଅପବ୍ୟବହାର ସକାଶେ ବିଧାତାଙ୍କ ଗୌରବାନ୍ୱିତ ସିଂହାସନ ସମ୍ମୁଖରେ ଆମ୍ଭମାନଙ୍କର ଜବାବଦେହି ଅଛି—ଦଣ୍ଡ ଅଛି ! ! ଯେ ସମୟର ସଦ୍‌ବ୍ୟବହାର କରନ୍ତି— ମୁହୂର୍ତ୍ତମାନ ସେ କେବଳ ତାଙ୍କ ସୁ-ଖବର ନେଇଯାଏ ଏମନ୍ତ ନୁହେଁ—ତାହାର ଫଳ ମଧ୍ୟ ନେଇଯାଏ—ସେହି ଫଳର ଗୁଣ ଓ ପରିମାଣ ଦେଖି କର୍ମର ଆଦର ହୁଏ ।

ସମୟ କି ପଳାଉଅଛି ? ନା, ତାହା ନୁହେଁ, ଯେ ସମୟର ଉପରେ ଆମ୍ଭେମାନେ କର୍ମର ବୋଝ ଲଦି ଦେଉଁ, ସେ ଆଉ ପଳାଇଲା କିପରି ? ସେତ କର୍ମ ବୋଝ— କର୍ମଫଳ ନେଇ ଗମନ କରୁଅଛି । ଯାହା ଅପଚୟ ହେଉଅଛି ତାହା ପଳାଉ ଅଛି ।

'Waste time is worse than no time atall.
ଦ୍ୱିତୀୟ ରିଚାର୍ଡ଼ କହିଥିଲେ "ମୁଁ ସମୟ ନଷ୍ଟ କରିଥିଲି ମୋତେ ଏତେବେଳେ ସମୟ ନଷ୍ଟ କରୁଅଛି ।" ଯେ ସମୟକୁ ନଷ୍ଟ କରେ— ସମୟ ତାକୁ ନଷ୍ଟ କରେ ।

ଜ୍ଞାନୀପ୍ରବର (Lamb) ଲେମ୍ବ କହିଥିଲେ ମୁଁ ନାମମାତ୍ର ପଞ୍ଚାଶ ବର୍ଷ ବଞ୍ଚିଅଛି । ତହିଁରୁ

Digitized by srujanika@gmail.com

ବାଳେ ବ୍ୟାପାରରେ ଯେ ସମସ୍ତ ଅତିବାହିତ ହୋଇଅଛି ତାହା ବାଦ ଦେଲେ ମୋର ବୟସ ଅତି ଅଳ୍ପ ବୋଧ ହେବ । ସ୍ୱର୍ଗରୁ ଯେ ପ୍ରପଞ୍ଚ-ପାତ ହୁଏ ତାହାର ପ୍ରତିକାର ଅଛି—ନିଜକୃତ ପ୍ରପଞ୍ଚର ପ୍ରତିକାର ନାହିଁ । "ଆପଣା କଆକୁ ଇଲାଜ କଆ ?"

ସମସ୍ତ ଭଗବାନଙ୍କ ପ୍ରଦତ୍ତ ଅମୂଲ୍ୟନିଧି —କଳ୍ପବୃକ୍ଷ—କାମଧେନୁ । ତୁମ୍ଭେ କହ ମୋର ସମସ୍ତ ଅଛି କାର୍ଯ୍ୟ ଯୁଟିଲା କାହିଁ ? କଣ, କାର୍ଯ୍ୟ ନାହିଁ ? ତୁମ୍ଭେ ଅଳସ ! ଜ୍ଞାନିଗଣାଗ୍ରଗଣ୍ୟ Sir Arthur Help କହିଅଛନ୍ତି—ଅଳସ ! କି ! ଅଳସ ! ତୁମ୍ଭେ ଜାଣ ନା କିଏ ଏହି ପଦ୍ମ ଓ ଗୋଲାପ ଫୁଲରେ ରମଣୀୟ ରୂପ, ରଙ୍ଗ ଓ ଗନ୍ଧ ଦେଉଅଛି ! ଜଳ, ବାୟୁ, ପୃଥିବୀ ଅନୁକ୍ଷଣ ଅଦ୍ଭୁତ କ୍ରିୟାରେ କାହା ଦ୍ୱାରା କ୍ରିୟାବାନ ! ତୁମ୍ଭ ଚତୁର୍ଦ୍ଦିଗରେ ଏହି ଯେ ପ୍ରକୃତିର ପ୍ରଚୁରତା ତୁମ୍ଭ ଅଭାବମାନ ପୂରଣ କରିବାକୁ ହସ୍ତପ୍ରସାରଣ କରି ରହିଅଛି—ଅନୁରାଗ ସହକାରେ ତୁମ୍ଭକୁ ଆହ୍ୱାନ କରୁଅଛି—ତୁମ୍ଭର ବଶୀଭୂତ ହୋଇ ଉପକାର କରିବାକୁ ଲୋଡ଼ୁଅଛି—ଏହା କଣ ତୁମ୍ଭେ ଦେଖିଲ ନାହିଁ !! ଧିକ୍ ତୁମ୍ଭକୁ ! ଯାଅ କିଛି ଶିଖ, କିଛି ବୁଝ, କିଛି କର । ଆଉ ତୁମର ଅଳସତାର ଦୁର୍ନାମ ଶୁଣିବାକୁ ହେବ ନାହିଁ ।

ଶାରୀରିକ, ମାନସିକ ଏବଂ ଆର୍ଥିକ ସର୍ବପ୍ରକାର ଅପଚୟ ନିବାରଣର ଚେଷ୍ଟା କର, ଅବଶ୍ୟ ଉନ୍ନତି ମାର୍ଗରେ ଅଗ୍ରସର ହେବ । ଅପଚୟ ସର୍ବ ପ୍ରକାର ଦାରିଦ୍ର୍ୟର ମୂଳ । Weste not want not "ଅପଚୟ କର ନାହିଁ ଅଭାବ ହେବ ନାହିଁ ।"

କ୍ରମଶଃ ——

ଶ୍ରୀ ଭୋଳାନାଥ ସାମନ୍ତରାୟ ।

---

# ସ୍ୱକର୍ମ

"ତେହ୍ଲାଦ ପରିତାପଫଳାଃ
ପୁଣ୍ୟାପୁଣ୍ୟ ହେତୁ ତ୍ୱାତ୍ ।"

ପାତଞ୍ଜଲେ ।

ଆମ୍ଭମାନଙ୍କର ଯେଉଁ ଆହ୍ଲାଦ ଓ ପରିତାପ ହୋଇଥାଏ ତାହା ଆମ୍ଭମାନଙ୍କର ପୁଣ୍ୟ ଓ ପାପର ଫଳ ଅଟେ ।

ବର୍ତ୍ତମାନ ଆମ୍ଭଦେଶରେ ପ୍ଲେଗ ଆଦି ସଂହାମକ ରୋଗ ମହାନ୍ ଉପଦ୍ରବ ଆରମ୍ଭ କରିଅଛି, ସେଥି ସକାଶ ଲୋକେ ଭୟାନକ ଶଙ୍କିତ ଓ ଆତଙ୍କିତ ହୋଇଅଛନ୍ତି ।

ଏ ତାପରୋଗ—ଏ ତ୍ରିତାପରୋଗ କାହା ଦୋଷରୁ ? ପ୍ରତ୍ୟେକ ଜୀବ ଆପଣାର ପାପ ପୁଣ୍ୟର ଫଳ ଭୋଗ କରୁଅଛନ୍ତି; ବିଧାତା ଫଳଦାତା, କର୍ମକର୍ତ୍ତା । କେହି କାହାର ଅନିଷ୍ଟ କରେ ନାହିଁ କି ଇଷ୍ଟ କରେ ନାହିଁ । ପ୍ରାଣିମାନେ ସ୍ୱକର୍ମ ବଳରେ ପରସ୍ପର ପରସ୍ପରର ଇଷ୍ଟାନିଷ୍ଟର ହେତୁ ମାତ୍ର ହୁଅନ୍ତି । କିନ୍ତୁ ପ୍ରତ୍ୟେକ ଜୀବ ଆପଣାର ପୂର୍ବାର୍ଜ୍ଜିତ ବା ଇହଜନ୍ମାର୍ଜ୍ଜିତ କର୍ମଫଳହିଁ ଭୋଗ କରିଥାନ୍ତି । ଏ କଥା ନିତାନ୍ତ ସତ୍ୟ ।

ସଂସର୍ଗରେ ଜୀବମାନଙ୍କର ପାପ ପୁଣ୍ୟ କଥଞ୍ଚିତ୍ ପରସ୍ପରରେ ସଞ୍ଚରଣ କରିଥାଏ ତଦ୍ରୂପ ଫଳାଫଳ ଭୋଗାଭୋଗ ହୋଇଥାଏ । ଏ ହେତୁ ସଂସର୍ଗ ମଧ୍ୟ ଗୋଟିଏ ପାପ ପୁଣ୍ୟ ।

ତ୍ରିତାପକଳ୍ପିତ-ଆଧିଭୌତିକ ଅତ୍ୟାଚାରର ବା ଦୋଷ କଣ ? ଆମର ଦୁର୍ଯୋଗ ଉପସ୍ଥିତ ନ ହେଲେ ଚୌର ବା ଅତ୍ୟାଚାରୀ ଆମ୍ଭର ଅନିଷ୍ଟ କରିବାକୁ ବା କାହିଁକି ପ୍ରବୃତ୍ତ

Digitized by srujanika@gmail.com

ହେବ ? ଏହି ଲୋକସମାଜରେ ଦେଖାଯାଏ ଯେ କେହି କାହାର ପ୍ରତି ଦୈବାତ୍ ଦର୍ଶନ ମାତ୍ରରେ ବା ବାକ୍ୟମାତ୍ର ଶ୍ରବଣରେ ପ୍ରସନ୍ନ ହୋଇଥାନ୍ତି, କେହି ମଧ୍ୟ କାହାର ପ୍ରତି ସେହିପରି ବିନା କାରଣରେ କେବଳ ଦର୍ଶନ ଓ ଶ୍ରବଣ ଯୋଗେ ମହାବିରକ୍ତ ହୋଇଥାଆନ୍ତି । ଏଥିର ହେତୁ କଣ ? ଉପରୋକ୍ତ ବ୍ୟକ୍ତିଦ୍ୱୟ ତ କାହାର ଇଷ୍ଟ ବା ଅନିଷ୍ଟ କରି ନାହାନ୍ତି, ତେବେ ଲୋକେ ସେମାନଙ୍କ ପ୍ରତି ଅକାରଣ ଅନୁରକ୍ତ ବା ବିରକ୍ତ ହୁଅନ୍ତି କାହିଁକି ? ସୂକ୍ଷ୍ମରୂପେ ବିଚାର କରି ଦେଖିଲେ ରୂପ ବା ବଚନ ମୂଳକାରଣ ନୁହେଁ, ମୂଳକାରଣ ଆପଣାର ପୂର୍ବାର୍ଜ୍ଜିତ ସ୍ୱକର୍ମ ।

ବିଦ୍ୟାଳୟରେ ଶିକ୍ଷକ ସମସ୍ତଙ୍କୁ ସମାନରୂପେ ଶିକ୍ଷାପ୍ରଦାନ କରିଥାଆନ୍ତି । ଅଧିକାଂଶ ପାଠକ ପ୍ରାୟ ସମଭାବରେ ମନଯୋଗ କରିଥାଆନ୍ତି । ମାତ୍ର ପାଶପଥରେ କେହି ଉତ୍ତୀର୍ଣ୍ଣ ହୁଅନ୍ତି, କାହାର ପୁଣି ପତନ ହୁଏ । ଏହାର ହେତୁ କଣ ? ଏହାର ହେତୁ କେବଳ ଭାଗ୍ୟମୂଳ ସ୍ୱକର୍ମ ।

ସେହି ଉତ୍ତୀର୍ଣ୍ଣ ଛାତ୍ରମାନଙ୍କ ମଧ୍ୟରୁ କେହି ଉଚ୍ଚପଦ ପାଇଥାଆନ୍ତି, କେହି ବା ନିତାନ୍ତ ନିମ୍ନପଦରେ ରହି ଯାଆନ୍ତି, କେହି ଘାସ କାଟେ, କେହି କୃଷି କରେ, କେହି ହାକିମ ହୋଇ ହୁକୁମ ଦିଅନ୍ତି, କେହି ପିଆଦା ହୋଇ ଆଜ୍ଞା ପାଳନ କରନ୍ତି, ଏହାର ହେତୁ କଣ ? ଏହାର ହେତୁ କେବଳ ପୂର୍ବାର୍ଜ୍ଜିତ ସ୍ୱକର୍ମ ।

କାର୍ଯ୍ୟକ୍ଷେତ୍ରର ଗତି ମଧ୍ୟ ସେହି ପ୍ରକାର । ବାଲ୍ୟକାଳରେ ଯେଉଁମାନେ ସମବୟସରେ ସମାନ ଭାବ ଘେନି ଏକତ୍ର କ୍ରୀଡ଼ା କରୁଥିଲେ, ଆଜି ତହିଁ ମଧ୍ୟରୁ କେହି ଉପରକୁ ଉଠିଯାଇଅଛି, କେହି ତଳେ ପଡ଼ିଅଛି, କେହି ଦୈବାତ୍ ରାଜା ମହାରାଜା ବା ସମ୍ରାଟ ପଦ ଲାଭ କରିଅଛନ୍ତି, କାହାର ବା ଭକ୍ଷ୍ୟାନ୍ନ ଯୁଟୁନାହିଁ, କେହି ସୁପଥଗାମୀ ହୋଇ ପ୍ରତିଷ୍ଠିତ ହୋଇଅଛନ୍ତି, କେହି ବିପଥଗାମୀ ହୋଇ ନିନ୍ଦନୀୟ ହୋଇ ଅଛନ୍ତି, ନିର୍ଦ୍ଦୋଷୀ ମଧ୍ୟ ସମୟରେ କଷ୍ଟଭୋଗ କରୁଅଛି, ଏହାର ହେତୁ କଣ ? ଏହାର ହେତୁ କେବଳ ସ୍ୱକର୍ମ ।

ଉଦ୍ୟମୀ ଲୋକମାନଙ୍କର ଗତି ମଧ୍ୟ ସେହିପରି ପର୍ଯ୍ୟାଲୋଚନା କର । କେହି ଶତ ଉଦ୍ୟମରେ କୌଣସି ଗୋଟିଏ ମାତ୍ର କର୍ମ ସାଧନ କରି ପାରୁ ନାହିଁ । କେହି ଅଳ୍ପାୟାସରେ ଦୁରୂହ କାର୍ଯ୍ୟମାନ ସମ୍ପାଦନ କରି ଲୋକସମାଜକୁ ସ୍ତମ୍ଭୀଭୂତ କରୁଅଛନ୍ତି, ଏହାର ହେତୁ କଅଣ ? ଏହାର ହେତୁ କେବଳ ସ୍ୱକର୍ମ ।

ସ୍ୱକର୍ମଟି କଣ ? ଏହି ପ୍ରଶ୍ନ ବଡ଼ କଠିନ । ଏ ସମସ୍ୟା ବୁଝାଇବା ନିତାନ୍ତ ସହଜ ନୁହେଁ, ତେବେ ଅଳ୍ପାକ୍ଷରରେ ଏହିମାତ୍ର କହିବୁଁ ସ୍ୱକର୍ମ ଈଶ୍ୱରେଚ୍ଛା । ସ୍ୱକର୍ମ ପୂର୍ବ ୨ କର୍ମାନୁସାରେ, କର୍ମସୂତ୍ରରେ ଗ୍ରଥିତ । ସ୍ୱକର୍ମ ମହା ପ୍ରକୃତିର ଗୁଣାଗୁଣରେ ଆବଦ୍ଧ । ମାତ୍ର ଜୀବ ଏଥିର ଫଳାଫଳ ଭୋଗକରେ, ଏହାର ହେତୁ କଣ ? ଏହାର ହେତୁ ଈଶ୍ୱରେଚ୍ଛା । ଏପରି ଈଶ୍ୱରେଚ୍ଛାର ହେତୁ କଣ, ତାହା ବୁଝା ଯାଇ ପାରେ ନାହିଁ, ଏହେତୁ ପରମେଶ୍ୱରଙ୍କ ଶକ୍ତି ଅଚିନ୍ତନୀୟ ।

ପ୍ରଭୁ ଯେମନ୍ତ ଆପଣାର ଅନୁଚରମାନଙ୍କୁ କର୍ମରେ ନିଯୁକ୍ତ କରନ୍ତି, ଅନୁଚରମାନେ ସ୍ୱେଚ୍ଛାରେ କର୍ମ କରି ପାରନ୍ତି ନାହିଁ, ସ୍ୱାମୀଙ୍କର ଆଦେଶାନୁସାରେ କର୍ମ କରନ୍ତି । ମାତ୍ର କର୍ମକାରକମାନେ ତନ୍ମୟ ହୋଇ ଉକ୍ତ କର୍ମଜନିତ ସୁଖ ଦୁଃଖ ଭୋଗ କରିଥାଆନ୍ତି । କିନ୍ତୁ କର୍ମ ସେମାନଙ୍କର ଆୟତ୍ତାଧୀନ ନୁହେଁ, କାରଣ ସ୍ୱାମୀଙ୍କର ଇଚ୍ଛାରେ କର୍ମ କରିବାକୁ ବାଧ୍ୟ ସେହିପରି ପରମେଶ୍ୱରଙ୍କ ଇଚ୍ଛା— ପ୍ରକୃତିର କ୍ଷେତ୍ର, ଜୀବନର କର୍ମଭୋଗ ଜାଣିବ ।

Digitized by srujanika@gmail.com

ଈଶ୍ୱରେଚ୍ଛା ନିରଙ୍କୁଶ । ଭଗବାନଙ୍କ ଇଚ୍ଛାର ମର୍ମ ଗ୍ରହଣ କରିବାର କ୍ଷମତା କାହାରି ସୁଦ୍ଧା ନାହିଁ । ସୂକ୍ଷ୍ମଭାବରେ ଦୂରଦର୍ଶନରେ ବିଚାର କରି ଦେଖିଲେ ବୋଧ ହେବ ସମସ୍ତ ହିଁ ସେହି ମହାକାଳରୂପୀ ଭଗବାନଙ୍କର ଗୂଢ଼ ଇଚ୍ଛା । ତାଙ୍କର ଅନ୍ତ କାହାରି ପାଇବାର ଶକ୍ତି ନାହିଁ । ସେହି ହେତୁ ସେ ଅନନ୍ତ ।

ଜୀବ ସ୍ୱାଧୀନ ନୁହନ୍ତି—ପ୍ରକୃତିର ନିତାନ୍ତ ଆୟତ୍ତାଧୀନ । ପ୍ରକୃତିର ଗୁଣାଗୁଣରେ ସେ ଚାଳିତ । ଗୁଣାନୁସାରେ କର୍ମାକର୍ମ । ମାତ୍ର ଜୀବ କର୍ମର ଫଳାଫଳସ୍ୱରୂପ ସୁଖ ଦୁଃଖ ଭୋଗ କରୁଅଛି ।—ହେତୁ—ସେ ସ୍ୱାଧୀନ ନଥାଇ ଆପଣାକୁ କର୍ତ୍ତା ବୋଲି ଅଭିମାନ କରିଥାଏ । ଯେମନ୍ତ ନାଟ୍ୟାଳୟର ରାଜା ଆପଣାକୁ ପ୍ରକୃତ ରାଜା ଜ୍ଞାନକରି ଅଭିନୟ ପ୍ରକାଶ କରେ, ସେହିପରି ଜୀବ ଆପଣାକୁ ସ୍ୱୀୟ କର୍ମର କର୍ତ୍ତା ବୋଧ କରି ତହିଁର ଫଳାଫଳ ଭୋଗରେ ସୁଖ ଦୁଃଖ ବୋଧ କରିଥାଏ । ଏହି ହେତୁ ଜୀବ ସୁଖୀ ଓ ଦୁଃଖୀ । ଏହି ଜୀବର ଅହଂଭାବନା ଦୂର ହେଲେ—ଆପଣାର କର୍ତ୍ତୃତ୍ୱାଭିମାନ ଦୂର ହେଲେ ତାହାର କର୍ମଜନିତ ସୁଖଦୁଃଖାନୁଭାବନା ଦୂର ହେବ । ସେ ପରମା ଶାନ୍ତି ଲାଭ କରି ପାରିବ । ତେବେ ତାହା ହେଉ ନାହିଁ କାହିଁକି ? ହୋଇପାରୁ ନାହିଁ କାହିଁକି ? ଯଦିଚ ଅନୁମାନ କରାଯାଏ ଯେ କାହାରି ୨ ହେଉଅଛି, ତେବେ ସମସ୍ତଙ୍କର ନ ହୁଏ କାହିଁକି ? ଏହା ସେହି ମହାକାଳରୂପୀ ଭଗବାନଙ୍କର ପରମେଚ୍ଛା ।

ଅତଏବ ଆମ୍ଭେ କହୁଁ ଯେ ଆମ୍ଭମାନଙ୍କର ସୁଖ, ଦୁଃଖର ହେତୁ ଆମ୍ଭେମାନେ, ଆମ୍ଭର କର୍ମ, ଆମ୍ଭର ପ୍ରକୃତି—ସବୁ ମୂଳରେ ଈଶ୍ୱରେଚ୍ଛା ।

ଆମ୍ଭେମାନେ ଅକାରଣ ଅନୁମାନ କରୁ ଯେ ଆମ୍ଭେ ଜଗତର ଉପକାର କରୁଅଛୁଁ ବା କରିବୁଁ ନା ଅମୁକଦ୍ୱାରା ଜଗତର ଏହି ଅପକାର ହେଲା ବା ହେବ, ଏ ଅନୁମାନ ସତ୍ୟ ପରି ପ୍ରତିଭାତ ହେଲେ ସୁଦ୍ଧା ଯଥାର୍ଥ ନୁହେଁ । କାରଣ ଏହି ଜଗତ୍ ଆମ୍ଭେ ସୃଜନ କରିନାହୁଁ । ଉପକରଣ ମଧ୍ୟ ଆମ୍ଭର ସୃଷ୍ଟ ନୁହେଁ । ଦୈବଘଟନା ମଧ୍ୟ ଆମ୍ଭମାନଙ୍କର ଆୟତ୍ତାଧୀନ ନୁହେଁ, ତେବେ ଆମ୍ଭମାନଙ୍କଯୋଗେ କି ଉପକାର ବା ଅପକାର ହୋଇପାରେ ? ଆମ୍ଭେ ଭଗବାନଙ୍କର ସୃଷ୍ଟିରେ, ତାହାଙ୍କର ସୃଷ୍ଟପଦାର୍ଥରେ, ତାହାଙ୍କର ଇଚ୍ଛାନୁସାରେ, ତାହାଙ୍କର ନିୟମାନୁସାରେ କର୍ମ କରୁଅଛୁଁ । ମାତ୍ର ତାହାଙ୍କୁ ନ ଚିହ୍ନି, ସ୍ୱାମିଙ୍କୁ ଭୁଲିଯାଇ, କୃତଘ୍ନ କର୍ମଚାରୀ ପରି ଆପଣାକୁ ସ୍ୱାଧୀନ ମଣି, କର୍ତ୍ତା ଜ୍ଞାନକରି, ସାଂସାରିକ ସୁଖ ଦୁଃଖ ଭୋଗ କରୁଅଛୁଁ, ଏ ମଧ୍ୟ ଭଗବାନଙ୍କ ଇଚ୍ଛାର ଏକାଂଶ ଅଟେ । ତୁମ୍ଭେ ଯଦି କର୍ତ୍ତା ତେବେ ଅନାବୃଷ୍ଟି ଓ ସୁବୃଷ୍ଟି କାହାଯୋଗେ ? ସୁଭିକ୍ଷ ଦୁର୍ଭିକ୍ଷ କାହା ଯୋଗେ ? ଭୂମିକମ୍ପରେ ଅନିଷ୍ଟପାତ କାହା ଯୋଗେ ? ମହା ବାତ୍ୟାରେ, ମହା ବନ୍ୟାରେ, ସଂକ୍ରାମକ ରୋଗାବଳୀରେ—ମହାମାରୀରେ ଅନିଷ୍ଟପାତ କାହାଯୋଗେ ? ଏକି ତୁମ୍ଭମାନଙ୍କର ଇଚ୍ଛାରେ ? ନା ଜଗତର କୌଣସି ଶକ୍ତି ଏହା କରୁଅଛି ? ଏହି ଯେ ସ୍ଥାନେ ୨ ଆଗ୍ନେୟ ପର୍ବତ ସଂଜାତ ହୋଇ ଖଣ୍ଡପ୍ରଳୟ ଆରମ୍ଭ କରିବାକୁ ବସିଅଛି, ଏହି ଯେ ମହା ଭୂକମ୍ପନ ପୃଥିବୀର କୌଣସି ଅଂଶକୁ ପାତାଳକୁ ନେବାକୁ ବସିଅଛି, ପୁନରପି ମହାସାଗରର ଗର୍ଭରେ ନୂତନ ସୃଷ୍ଟିର ସମ୍ଭାବନା ହେଉଅଛି, ଏହା କି ତୁମ୍ଭ ଇଚ୍ଛାରେ ନା ତୁମ୍ଭର କୌଣସି ଶକ୍ତିର ଇଚ୍ଛାରେ ହେଉଅଛି ? ଏହା କେବଳ ସେହି ପରମକର୍ତ୍ତା ମହାକାଳ-ସ୍ୱରୂପ ଭଗବାନଙ୍କର ନିଗୂଢ଼ ଇଚ୍ଛାନୁସାରେ ହେଉଅଛି ବୋଲି କି ବିଶ୍ୱାସ ହେଉ ନାହିଁ ? ଏଥିରେ କି କିଛି ସନ୍ଦେହ ରହିଅଛି ? ଆହୁରି ଦେଖାଯାଏ ଯେ ଏ ପୃଥିବୀରେ—ପାପ

Digitized by srujanika@gmail.com

ପୃଥିବୀରେ ହିଂସାହିଁ ଯେମନ୍ତ ପ୍ରଧାନ, ହିଂସାହିଁ ଧର୍ମ, ନଚେତ୍ ସିଂହ ବ୍ୟାଘ୍ର ସର୍ପାଦି ବହୁବିଧ ହିଂସ୍ରପ୍ରକୃତିର ଜୀବର ସୃଷ୍ଟି କାହିଁକି ? କିଏ କରିଅଛି ?

ଏତେ ଯତ୍ନରେ—ଏତେ ସାବଧାନରେ ଆମ୍ଭେମାନେ ରହି ସୁଦ୍ଧା ଦିବାଭାଗରେ ପିପିଲିକା ଓ ରାତରେ ମଶକ ପ୍ରଭୃତି କ୍ଷୁଦ୍ର କ୍ଷୁଦ୍ର ହିଂସ୍ରଜୀବଙ୍କ ଦ୍ୱାରା ପ୍ରାୟ ବ୍ୟତିବ୍ୟସ୍ତ ହୋଇଥାଉଁ। ଏମାନେ କାହିଁକି ହୋଇଅଛନ୍ତି ? କାହାଲାଗି ହୋଇଅଛନ୍ତି ? କିଏ କରିଅଛି ? କାହିଁକି ପରସ୍ପର ଘାତ ପ୍ରତିଘାତ ହେଉଅଛି ? ସତ୍ୟାନୁସନ୍ଧାନ କଲେ କେବଳ ପ୍ରତୀତ ହୁଏ ଯେ—ଜୀବମାନଙ୍କର କର୍ମଫଳ ଭୋଗ କରାଇବା କାରଣ ପରମେଶ୍ୱର ଯେମନ୍ତ ଏହି ସଂସାରକୁ ସୃଜନ କରିଅଛନ୍ତି, ଏ ସଂସାରରେ ସୁଖାଂଶଠାରୁ ଦୁଃଖାଂଶହିଁ ଅଧିକ ବୋଧ ହୋଇଥାଏ। ଏ ହେତୁ ପୃଥିବୀକୁ ପାପପୃଥିବୀ ବୋଲିଯାଏ।

ଯଦି ଆମ୍ଭେମାନେ ଜ୍ଞାନ କରୁଁ ଯେ ଆମ୍ଭେମାନେତ ଏଥିର ପ୍ରତିକାର କରିବାକୁ କଥଞ୍ଚିତ୍ ସକ୍ଷମ ହେଉଅଛୁଁ—ଏ ଜ୍ଞାନ ମଧ୍ୟ ଅହଂଭାବରେ ଧାରଣ କରିବା ଭ୍ରମଜନକ ଅଟେ। ଅନିଷ୍ଟ ଯେତେବେଳେ ତୁମ୍ଭର ଆତ୍ମତନ୍ତ୍ରାଧୀନ ନୁହେଁ, ଇଷ୍ଟସାଧନର କର୍ତ୍ତା ତୁମ୍ଭେ କିପରି ହୋଇ ପାରିବ ? ସେହି ସଂହାରକର୍ତ୍ତା ଭଗବାନଙ୍କର ଯେତେବେଳେ ବିନଷ୍ଟ ବସ୍ତୁର ପୁନଃସଂସ୍କାର କରିବାର ବାସନା ହୁଏ ତେତେବେଳେ ସେହି ସ୍ୱତନ୍ତ୍ର ପୁରୁଷ ଜୀବହୃଦୟରେ ନାନାରୂପ ବୁଦ୍ଧିର ପରିଚାଳନା ଦ୍ୱାରା ଉପାୟ ଉଦ୍ଭାବନା କରାଇ ଥାଆନ୍ତି; ଅତଏବ ଜୀବଜଗତର ଇଷ୍ଟାନିଷ୍ଟର ହେତୁ ହୋଇପାରେ ନାହିଁ। କଦାଚ ନା।

ତେବେ ଜୀବନର ସୁଖଦୁଃଖ ରୂପ ଫଳଭୋଗ କାହିଁକି ? ଏହା କେବଳ କର୍ତ୍ତାଙ୍କୁ ନ ଚିହ୍ନି, ଆପଣାକୁ କର୍ତ୍ତା ମଣିବାରୁ ଜନ୍ମ ବନ୍ଧନ ମହାବନ୍ଧନରୂପ ମନ୍ତ୍ରଭ୍ରଂଶର କୁଫଳ ଭୋଗ ମାତ୍ର। ଅନ୍ୟ କିଛି ନୁହେଁ।

ତେବେ ଏଥିର ପରମ ଓ ଚରମ ଉପାୟ କଣ ? ଉପାୟ ଜୀବର ଅହଂଭାବ ପରିତ୍ୟାଗ। ସର୍ବୀକର୍ମର ଆମ୍ଭେ କର୍ତ୍ତା ଏ ଭାବ ପରିତ୍ୟାଗ କଲେ ଜୀବ ଶାନ୍ତିଲାଭ କରିପାରେ। ସୁଖ ଦୁଃଖ ଅନିତ୍ୟ ଓ ଅସାର—ମନର ବିକାର ମାତ୍ର, ମୋହର ଫଳ ମାତ୍ର, ଏ ଧାରଣାକୁ ମନରେ ଦୃଢ଼ରୂପେ ସଂସ୍ଥାପନ କଲେ ଶାନ୍ତି ଅଛି, ମନର ଶାନ୍ତିହିଁ ସକଳପ୍ରକାର ଉପଦ୍ରବର ଉପଶମକାରକ। କେହି କହି ପାରନ୍ତି ଯେତେବେଳେ ସେହି ପରମେଶ୍ୱରଙ୍କ ବାସନାନୁସାରେ ଜୀବର ଅହଂଭାବ ହୋଇଅଛି, ଜୀବ ପ୍ରକୃତିର ବଶ ହୋଇ କର୍ମପାଶରେ ଆବଦ୍ଧ ଅଛି, ତହିଁର ଫଳସ୍ୱରୂପ ଅନିତ୍ୟ ସୁଖ ଦୁଃଖରେ କ୍ଷଣେ କ୍ଷଣେ ବିଚଳିତ ହେଉଅଛି, ତେତେବେଳେ ଜୀବ ଅହଂଭାବାଦି କିପରି ବା ପରିତ୍ୟାଗ କରିପାରେ ?

ସତ୍ୟ, ଅନାୟତ୍ତ କର୍ମାଧୀନ ଜୀବ ସେହି ପରମକର୍ତ୍ତାଙ୍କ ବିନା ଇଚ୍ଛାରେ ଏହି ମହାମୋହରୂପ ବନ୍ଧନରୁ ମୁକ୍ତିଲାଭ କରିପାରିବ ନାହିଁ। ଏହା ଧ୍ରୁବ ଓ ପରମସତ୍ୟ, ମାତ୍ର ଏହି ସନ୍ତାପିତ ଜୀବ ଯେତେବେଳେ ନିତାନ୍ତ ନିରୁପାୟ ଭାବରେ, ଆପଣାର ସ୍ୱାମିଠାରେ ଏକାନ୍ତରେ ଏକାଗ୍ରରେ ଚିତ୍ତ ସଂଯୋଗ କରିବ ବା କରିବାକୁ ଚେଷ୍ଟା କରିବ ଇଚ୍ଛା କରିବ ବା କରିବାକୁ ଅଭ୍ୟାସ କରିବ ତେତେବେଳେ ଅବିଲମ୍ବେ ବା ବିଲମ୍ବରେ ବା କ୍ରମଶଃ ଏ ଜୀବ ଶାନ୍ତିରୂପୀ ପରମପଦାର୍ଥକୁ ଲାଭ କରିବାକୁ ସକ୍ଷମ ହୋଇପାରେ। ପ୍ରଶାନ୍ତମାନସର ସହସ୍ର ଉପଦ୍ରବରେ ବିଚଳିତ ହେବାର ତାଦୃଶ ସମ୍ଭାବନା ନାହିଁ। ଅତଏବ ଆମ୍ଭମାନଙ୍କର ସେହି ପରମକର୍ତ୍ତାଙ୍କର କରୁଣା ପ୍ରତି ଆଶା ଭରସା ଦୃଷ୍ଟି ଓ ଚେଷ୍ଟା

Digitized by srujanika@gmail.com

ରଖିବାର ନିତାନ୍ତ ପ୍ରୟୋଜନୀୟ କର୍ତ୍ତବ୍ୟ କର୍ମ ଅଟେ ।

ବହୁ କର୍ମକାରର ଚିତ୍ତ ସଂଯମ ହୁଏ ନାହିଁ । ବହୁ ବିଷୟାଭିଳାଷୀ ଲୋକର ଏକାଗ୍ରତା ଲାଭ ହୁଏ ନାହିଁ । ବହୁଯାଜୀ ଏକ ମାତ୍ର ପରମେଶ୍ୱରଙ୍କୁ ଜାଣିବାକୁ ସକ୍ଷମ ହୁଏ ନାହିଁ । ଐକାନ୍ତିକତା ବିନା ଚିତ୍ତ ସଂଯମ ହୁଏ ନାହିଁ । ଏହିମାନଙ୍କର ଚିତ୍ତ ବିଚଳିତ ହୋଇଥାଏ । ବିଚଳିତ ଚିତ୍ତକୁ ସଂଯମ ଉପାୟ ଦ୍ୱାରା ଏକାଗ୍ରତାରେ ପରିଣତ ନ କଲେ ଶାନ୍ତି ଲାଭ ନାହିଁ, ଶାନ୍ତି ବିନା ଆତ୍ମାର ମୋକ୍ଷ ନାହିଁ, ମୋକ୍ଷବିନା ପରମାନନ୍ଦ ପ୍ରାପ୍ତି ନାହିଁ, ଏହା ଧ୍ରୁବ ଓ ପରମସତ୍ୟ ।

ଆମ୍ଭେମାନେ ନିତାନ୍ତ କାମନାପରବଶ ହୋଇ ଆପଣାର ସ୍ୱାମୀ ପରମାତ୍ମାଙ୍କୁ ନ ଚିହ୍ନି ତାହାଙ୍କର ଶକ୍ତିରୂପୀ ନାନା ଦେବ ଦେବୀଙ୍କଠାରେ କ୍ଷଣିକ ସୁଖର ପ୍ରାର୍ଥୀ ହୋଇଥାଉଁ । ଅତଏବ ଆମ୍ଭମାନଙ୍କର ଅହଂଭାବ ତ୍ୟାଗ ତ ହୁଏ ନାହିଁ, ବରଂ ଇଷ୍ଟଦେବଙ୍କଠାରେ ବାଞ୍ଛିନୀୟ ପଦାର୍ଥର କେବଳ ଭିକ୍ଷାର୍ଥୀ ମାତ୍ର ହୋଇଥାଉଁ ।

ସେହି ଦେବତାମାନେ ଉପଯାଚକମାନଙ୍କ ପ୍ରତି ଧନୀମାନେ ଭିକ୍ଷାର୍ଥୀମାନଙ୍କ ପ୍ରତି କୋପ ଓ କରୁଣା ବା କୋପମିଶ୍ରିତ କରୁଣା ପ୍ରଦାନ ବା ବର୍ଷଣ କଲାପରି ବ୍ୟବହାର କରିଥାଆନ୍ତି ।

ଅତଏବ ଐକାନ୍ତିକ ଭାବରେ ଏକାଗ୍ରତାଦ୍ୱାରା ସେହି ଏକତତ୍ତ୍ୱ (ପରମାତ୍ମା) ର ଆଶ୍ରୟ ଭିନ୍ନ ପରମାନନ୍ଦ ରୂପ ପରମଶାନ୍ତି ଲାଭର ଅନ୍ୟ ଉପାୟ ନାହିଁ, ଅନ୍ୟ ଉପାୟ ନାହିଁ ।

ଏଠାରେ ଗୋଟିଏ ରହସ୍ୟ ପ୍ରକାଶ କରି ପ୍ରବନ୍ଧ ଶେଷ କରିବୁଁ । ବୋମ୍ବାଇରେ ପ୍ଲେଗ ଓ ପ୍ଲେଗ ହେତୁ ନାନାରୂପ କଷ୍ଟାନୁଭବ ହେଉଅଛି । ବର୍ତ୍ତମାନ ବିଜ୍ଞାନବିତ୍ ପଣ୍ଡିତମାନେ ନିଷ୍ପତ୍ତି କରିଅଛନ୍ତି ଯେ ପ୍ଲେଗରୂପ ସଂକ୍ରାମକ ମହାମାରିର ଉପକ୍ରମ ମୂଷିକଙ୍କଠାରୁ ଆରମ୍ଭ ହୋଇଅଛି ।

ଏଥିରୁ ଆମ୍ଭର ଏପରି ସନ୍ଦେହ ଜାତ ହୁଏ ଯେ ଆମ୍ଭେମାନେ ବିଘ୍ନକୃତ, -ବିଘ୍ନେଶ,-ବିଘ୍ନରାଜ ଓ ବିଘ୍ନନାଶନ ଗଣପତିଙ୍କର ଅଗ୍ରପୂଜା କରିଥାଉଁ । ଗଣପତିଙ୍କର କେବଳ ବିଘ୍ନନାଶ କରିବାର ଶକ୍ତି ନୁହେଁ, ବିଘ୍ନ କରିବାର ମଧ୍ୟ ଗୁଣଟି ଅଛି । ଦାକ୍ଷିଣାତ୍ୟର ଲୋକେ କିନ୍ତୁ ବିଶେଷ ଗଣପତିଭକ୍ତ । ସେଥି ସକାଶ ସେମାନେ ବିଶେଷ ଉତ୍ସାହରେ ଉତ୍ସବ କରିଥାଆନ୍ତି । ମାନସିକ ଚର୍ଚ୍ଚାଠାରୁ ବାହ୍ୟ ଆଡ଼ମ୍ବରରେ ତାମସିକ ଓ ରାଜସିକ ଭାବରେ ଉପାସନା କରିଥାଆନ୍ତି । ସେହି ହେତୁରୁ ଗଣନାଥ କୋପକରି ଆପଣାର ବାହନ ଇନ୍ଦୁରରାଜାଙ୍କ ଦ୍ୱାରା ଅନିଷ୍ଟ ଘଟନା କରୁଅଛନ୍ତି କି ? ଗଣେଶଙ୍କର ଶିରୋଗଣ୍ଡରୂପୀ-ପ୍ଲେଗ-ରୋଗଚିହ୍ନ ଗଳ, କାଖ ପ୍ରଭୃତି ସନ୍ଧି ଗଣ୍ଡମାଳା ଦ୍ୱାରା ମହାରୋଗ ଓ ମହାମାରୀ ସଂକ୍ରମଣ କରି ଅଛନ୍ତି କି ?

ପ୍ରିୟ ପାଠକେ, ଏ ରହସ୍ୟ ପ୍ରକାଶରେ ଆମ୍ଭପ୍ରତି କୋପାନ୍ୱିତ ହେବେ ନାହିଁ । ଦୋଷ ଜ୍ଞାନ ହେଲେ କ୍ଷମା କରିବେ । ମନୁଷ୍ୟମାନେ ପ୍ରାୟ କୁସଂସ୍କାରପନ୍ନ । ମନୁଷ୍ୟମାନେ କୌଣସି ବିଷୟର ବିଶେଷ ହେତୁ ନ ପାଇଲେ ଗୋଟାଏ କୌଣସି ସଂସ୍କାରର ବଶୀଭୂତ ହୋଇଥାଆନ୍ତି— ଅତଏବ ଆମ୍ଭେ ସ୍ୱାଭାବିକ ସଂସ୍କାରର ନିତାନ୍ତ ବଶୀଭୂତ ହୋଇ ଉପରୋକ୍ତ କଳ୍ପନା ସମ୍ଭାବନା କଲୁଁ, ଅତଏବ ତ୍ରୁଟି ଅବଶ୍ୟ ମାର୍ଜ୍ଜନୀୟ ।

ପରନ୍ତୁ ଆମର ଉପରୋକ୍ତ ମନ୍ତବ୍ୟର ସ୍ଥୂଳ ଅଭିପ୍ରାୟ ଏହି ଯେ ଆମ୍ଭମାନଙ୍କର ଉପାସନା ସାତ୍ତ୍ୱିକ ଭାବକୁ ପରିତ୍ୟାଗ କରି ନିତାନ୍ତ ରାଜସିକ ଓ ତାମସିକ ଭାବକୁ ଆଶ୍ରୟ କରୁଅଛି, ସେହି ଯୋଗୁଁ ସେମନ୍ତ ଦେବ ଦେବୀଙ୍କର କୋପଦୃଷ୍ଟିରେ ପଡ଼ିଅଛୁଁ, ନାନାରୂପ ନୈସର୍ଗିକ

Digitized by srujanika@gmail.com

ବିପଦ ସଂଘଟନ କରିଲ ଦେବତାମାନେ ପ୍ରକାରାନ୍ତରେ ଯେମନ୍ତ ଉପଦେଶ ପ୍ରଦାନ କରୁଅଛନ୍ତି, ଆମ୍ଭର ଏହି ସନ୍ଦେହ ।

ଅନେକ ସ୍ଥଳରେ ଦେଖାଯାଏ ଯେ ମୁସଲମାନ ପ୍ରଭୃତି ଭିନ୍ନଧର୍ମାବଲମ୍ବିଏ ଆମ୍ଭମାନଙ୍କ ଧର୍ମାଚରଣରେ ବାଧାଚରଣ କରୁଅଛନ୍ତି । ଆମ୍ଭମାନଙ୍କର ବାହ୍ୟ ଧର୍ମାଡମ୍ବର ସେମାନଙ୍କର ଦୃଷ୍ଟିକଟୁ ହେଉଅଛି । ବାହ୍ୟ ଧର୍ମାଡମ୍ବରକୁ ଶାସ୍ତ୍ରକାରମାନେ ମଧ୍ୟ ଧର୍ମଧ୍ୱଜୀ ବୋଲି ଘୃଣା କରିଅଛନ୍ତି । ତାହା ମଧ୍ୟ ରାଜସିକ ତାମସିକ ଭାବଯୁକ୍ତ ବୋଲି ପ୍ରକାଶ କରିଅଛନ୍ତି; ଅତଏବ ତାହା ହେୟ ଅଟେ । ମାତ୍ର ଆମ୍ଭମାନେ ତାହାରି ଉପରେ ନିତାନ୍ତ ନିର୍ଭର କରି ଆଧ୍ୟାତ୍ମିକ ଭାବକୁ ପରିତ୍ୟାଗ କରି, ଅନ୍ତଃସାରଶୂନ୍ୟ ହୋଇଅଛୁଁ । ଏହି ହେତୁ ଏହି ସାରହୀନ ସୃଷ୍ଟିକୁ ନାଶ କରିବା କାରଣ କାଳପ୍ରତି ଯେମନ୍ତ ପରମାତ୍ମାଙ୍କର ଆଦେଶ ହୋଇଅଛି, ଏହିପରିତ ଅନୁମାନ ହେଉଅଛି ।

ଶାସ୍ତ୍ରାଦିରୁ ପ୍ରମାଣ ମିଳେ ଯେ—ପୂର୍ବକାଳରେ ଯଜ୍ଞାଦି ବାହ୍ୟ ବିଷୟରେ ଅସୁରମାନେ ବିଘ୍ନକାରକ ଥିଲେ, ମୁନି ଋଷିମାନେ ସେହି ହେତୁ ତପସ୍ୟାଦିରୂପ ଆଧ୍ୟାତ୍ମିକ ଚର୍ଚ୍ଚାରେ ବିଶେଷ ମନୋନିବେଶ କରି ପରମାର୍ଥତତ୍ତ୍ୱର ଅନୁସନ୍ଧାନରେ ପ୍ରବୃତ୍ତ ହେଉଥିଲେ । ବେଦାନ୍ତ, ଉପନିଷଦାଦିର ଉଦ୍ଭାବନା କରି ତାହା ସମ୍ୟକ୍ ଆଶ୍ରୟ କରି ପରମାର୍ଥପ୍ରାପ୍ତିର ବିଶେଷ ଚେଷ୍ଟା କରୁଥିଲେ ଏବଂ ତାହାକୁହିଁ ସାରତତ୍ତ୍ୱସାର ବୋଲି ଜ୍ଞାନ କରିଥିଲେ ।

ଅତଏବ ଆମ୍ଭମାନଙ୍କର ଏକାନ୍ତ ବାଞ୍ଛନୀୟ ଓ କର୍ତ୍ତବ୍ୟକର୍ମ ଯେ—ଅନ୍ୟେ ଯେ କୌଣସି ଦେବଶକ୍ତିର ଆରାଧନା ବା ଉପାସନା କରନ୍ତୁ ପଛକେ, ତହିଁରୁ ରାଜସିକ ଓ ତାମସିକ ଭାବ ସମ୍ୟକ୍ ବିଦୂରିତ କରିବାକୁ ସଚେଷ୍ଟ ହେବୁଁ । ଐକାନ୍ତିକ ଭାବକୁ ଆଶ୍ରୟ କରି ଏକାଗ୍ରତା ସ୍ଥାପନ କରିବୁଁ । ଯମ ନିୟମାଦିର ଲକ୍ଷଣମାନଙ୍କୁ ସମ୍ୟକ୍ ଆଶ୍ରୟ କରିବୁଁ ।

ମହର୍ଷି ପତଞ୍ଜଳି କହିଅଛନ୍ତି —

ଅହିଂସା ସତ୍ୟାସ୍ତେୟ ବ୍ରହ୍ମଚର୍ଯ୍ୟା ପରିଗ୍ରହା ଯମାଃ
ଶୌଚ ସନ୍ତୋଷ ତପଃ ସ୍ୱାଧ୍ୟାୟ ଈଶ୍ୱରପ୍ରଣିଧାନାନି ନିୟମାଃ ।

ଅହିଂସା, ପରଦ୍ରବ୍ୟ ଅପହରଣ ନକରିବା, ସତ୍ୟ, ବ୍ରହ୍ମଚର୍ଯ୍ୟ ଅର୍ଥାତ୍ ନିତାନ୍ତ ରେତଃପାତ ନିବାରଣ ଓ ପ୍ରୟୋଜନୀୟ ପଦାର୍ଥର ଅତିରିକ୍ତ ସଂଗ୍ରହ ନ କରିବାକୁ ଯମ ବୋଲିଯାଏ ।

ବାହ୍ୟ ଓ ଆଭ୍ୟନ୍ତର ଶୌଚ, ସନ୍ତୋଷ, ତପ, ସ୍ୱାଧ୍ୟାୟ, ବା ସତ୍ ଶାସ୍ତ୍ର ଅଧ୍ୟୟନ ଓ ଈଶ୍ୱରୋପାସନାକୁ ନିୟମ ବୋଲାଯାଏ । ଉପରୋକ୍ତରୂପ ଯମ ନିୟମର ଆଶ୍ରୟରେ, ଐକାନ୍ତିକ ଭାବରେ, ପରମେଶ୍ୱର ବା ଇଷ୍ଟଦେବଙ୍କର ଧ୍ୟାନଧାରଣା ସମାଧିରୂପ ସଂଯମ ଦ୍ୱାରା ଆରାଧନା କଲେ ଆମ୍ଭମାନଙ୍କର ସକଳ ପ୍ରକାର ଅନ୍ତରାୟ ବା ବିଘ୍ନ ଦୂର ହେବ ଏହା ମହାଜନଙ୍କର ପରମାଦେଶ ।

ବ୍ୟାଧିସ୍ତ୍ୟାନ ସଂଶୟ
ପ୍ରମଦାଲସ୍ୟା ବିରତି ଭ୍ରାନ୍ତିଦର୍ଶନ ।
ଅଲବ୍ଧ ଭୂମିକତ୍ତ୍ୱ ଅନବସ୍ଥିତତ୍ୱାନି
ଚିତ୍ତ ବିକ୍ଷେପାସ୍ତେ ଅନ୍ତରାୟାଃ ॥

ପାତଞ୍ଜଳେ ।

ବ୍ୟାଧିସ୍ତ୍ୟାନ ଅର୍ଥାତ୍ ମନର ଅକର୍ମଣ୍ୟତା, ପ୍ରମାଦ, ସଂଶୟ, ଆଳସ୍ୟ ଅର୍ଥାତ୍ ଶରୀର ଓ ମନର ଗୁରୁଭାବ, ନିତାନ୍ତ ବିଷୟାସକ୍ତି, ଭ୍ରାନ୍ତି, ଉଦ୍ୟମନାଶ, ଚିତ୍ତର ଚାଞ୍ଚଲ୍ୟ ଏମାନଙ୍କୁ ଅନ୍ତରାୟ ବା ବିଘ୍ନ ବୋଲିଯାଏ ।

ଏମାନଙ୍କୁ ନାଶ କରିବାକୁ ହେଲେ ଏକତତ୍ତ୍ୱ ଅର୍ଥାତ୍ ପରମାତ୍ମାଙ୍କର ଆଧ୍ୟାତ୍ମିକ ଚର୍ଚ୍ଚା ଅଭ୍ୟାସ କରିବାକୁ ହେବ ଯଥା—

ତତ୍ପ୍ରତିଷେଧାର୍ଥଂ ଏକତତ୍ତ୍ୱାଭ୍ୟାସଃ ।

ଶ୍ରୀ ରାଜନାରାୟଣ ଦାସ ।

Digitized by srujanika@gmail.com

# ଯୋଗଶାସ୍ତ୍ର

## ପାତଞ୍ଜଳଦର୍ଶନ

### ସମାଧିପାଦ

ଯାଦୃଶୀ ଭାବନା ଯସ୍ୟ ସିଦ୍ଧିର୍ଭବତି ତାଦୃଶୀ ।

ଯାହାର ଯେମନ୍ତ ଭାବନା ସେ ତଦନୁରୂପ ସିଦ୍ଧିଲାଭ କରେ ଅର୍ଥାତ୍ ସେ ଯାହା ଭାବେ ସେ ତାହାହିଁ ପାଏ । ଏ କଥାର ଅର୍ଥ କଅଣ ? ପରୀକ୍ଷା ଏବଂ ଘଟନାବଳୀ ସଙ୍ଗରେ ମିଳାଇ ନ ଦେଖିଲେ ଭଲ ବୁଝା ଯିବ ନାହିଁ ।

ଭାବନାର ମୂଳକାରଣ ଇଚ୍ଛା । ଇଚ୍ଛାର ଉଦ୍ରେକ ନ ହେଲେ ଭାବନାପ୍ରବାହ ଉତ୍ପନ୍ନ ହୁଏ ନାହିଁ । ଏଥିକୁ ଏହାର ମୂଳକାରଣ ଇଚ୍ଛା ବୋଲି ମାନିବାକୁ ହେବ । ଇଚ୍ଛାର ଯେ କେତେ ବଳ ଭାବନାପ୍ରବାହର ଯେ କି ପ୍ରକାର ଅସାଧାରଣ ମହିମା ସାଧାରଣ ମନୁଷ୍ୟ ତାହା ଜାଣନ୍ତି ନାହିଁ । ବାହ୍ୟଜଗତର ଶିଳ୍ପ ସମସ୍ତ ମନଃପ୍ରସୂତ ଅଟେ । ଆର୍ଯ୍ୟମାନେ ଯାହାକୁ ଯୋଗ ବୋଲି ବ୍ୟାଖ୍ୟା କରନ୍ତି ତାହା ମଧ୍ୟ ମନଃପ୍ରସୂତ ଶିଳ୍ପବିଶେଷ । "ଯୋଗଃ କର୍ମସୁ କୌଶଳମ୍" ଅର୍ଥାତ୍ କାର୍ଯ୍ୟ କୌଶଳର ନାମହିଁ ଯୋଗ । ବାହ୍ୟଜଗତର କାର୍ଯ୍ୟକୌଶଳ ଯେମନ୍ତ ଯୋଗ, ଅନ୍ତର୍ଜଗତର କାର୍ଯ୍ୟକୌଶଳ ମଧ୍ୟ ସେହିପରି ଯୋଗ । ଉପସ୍ଥିତ ଗ୍ରନ୍ଥରେ ଏହି ଯୋଗ ବିଷୟ ବ୍ୟାଖ୍ୟା କରାଯିବ । ଯୋଗିମାନେ ବୋଲନ୍ତି ଯୋଗ ଅର୍ଥାତ୍ ମାନସଶିଳ୍ପର କ୍ଷମତା ବା ପ୍ରଭାବ ଏତେ ଅଧିକ ଯେ ତାହା ଯୋଗାବସ୍ଥା ବ୍ୟତୀତ ବୋଧଗମ୍ୟ ହୋଇ ନ ପାରେ । ଲୌକିକ ଜଗତରେ ଯୋଗନାମକ ମାନସଶିଳ୍ପର ଅସାଧ୍ୟ କିଛି ନାହିଁ । ଏହି ଅସାଧ୍ୟସାଧକ ଅଦ୍ଭୁତ ମାନସଶିଳ୍ପର ଅର୍ଥାତ୍ ଯୋଗର ଆଦିବକ୍ତା ହିରଣ୍ୟଗର୍ଭ (ବ୍ରହ୍ମା) ଯୋଗୀଶ୍ୱର ଯାଜ୍ଞବଲ୍କ୍ୟ ଏବଂ ପତଞ୍ଜଳି ପ୍ରଭୃତି ଯୋଗିମାନେ ତାହାଙ୍କ ଉପଦେଶ ଅନୁସାରେ କାର୍ଯ୍ୟ କରି ସିଦ୍ଧିଲାଭ କରିଥିଲେ ଏବଂ ତାହାଙ୍କ ଉପଦେଶସମୂହ ବିଶଦ କରି ବୁଝାଇବା ନିମନ୍ତେ ବିବିଧ ଗ୍ରନ୍ଥ ରଚନା କରି ଯାଇଅଛନ୍ତି । ସେହି ସମସ୍ତ ଗ୍ରନ୍ଥ ମଧ୍ୟରେ ପାତଞ୍ଜଳଙ୍କ ରଚିତ ଗ୍ରନ୍ଥ ଉତ୍କୃଷ୍ଟ ଅଟେ । ଆମ୍ଭେମାନେ ବର୍ତ୍ତମାନ ଏହି ଗ୍ରନ୍ଥ ପ୍ରକାଶ କରୁଅଛୁଁ । ଦର୍ଶନଶାସ୍ତ୍ରର ଅନ୍ତର୍ଗତ ଥିବାରୁ ଏହା ପାତଞ୍ଜଳ ଦର୍ଶନ ନାମରେ ଖ୍ୟାତ ଅଟେ ।

ଏହି ଦର୍ଶନଶାସ୍ତ୍ରର ପ୍ରଥମ ସୂତ୍ର—

(୧) ଅଥ ଯୋଗାନୁଶାସନମ୍ ।

ଯୋଗଶାସ୍ତ୍ର ଆରମ୍ଭ କରା ଯାଉଅଛି ।

(୨) ଯୋଗଶ୍ଚିତ୍ତବୃତ୍ତି ନିରୋଧଃ ।

ମନର ବୃତ୍ତିସମୂହକୁ ରୁଦ୍ଧ କରିବାର ନାମ ଯୋଗ । ଯୋଗ ନାମକ ମାନସଶିଳ୍ପ ବିଷୟ ଜାଣିବାକୁ ହେଲେ ସର୍ବାଗ୍ରେ ମାନସବୃତ୍ତି କଅଣ ଏହା ଜାଣିବା ନିତାନ୍ତ ଆବଶ୍ୟକ । ମନୋବୃତ୍ତି ଅସଂଖ୍ୟ ଏବଂ ଅଶେଷ ପ୍ରକାର, ମାତ୍ର ସେମାନଙ୍କର ଅବସ୍ଥା ଅଶେଷ ପ୍ରକାର ନୁହେଁ । ଯୋଗିମାନେ ସେହି ଅବସ୍ଥାକୁ ପାଞ୍ଚ ଭାଗରେ ବିଭକ୍ତ କରିଅଛନ୍ତି । ସେହି ପାଞ୍ଚ ଭାଗର ନାମ କ୍ଷିପ୍ତ, ମୂଢ଼, ବିକ୍ଷିପ୍ତ, ଏକାଗ୍ର ଏବଂ ନିରୁଦ୍ଧ । ମନୁଷ୍ୟମାନଙ୍କର ସମସ୍ତ ପ୍ରକାର ମନୋବୃତ୍ତି ଏହି ପାଞ୍ଚ ଅବସ୍ଥାର ଅନ୍ତର୍ଗତ ଅଟନ୍ତି । ସେହି ପାଞ୍ଚ ଅବସ୍ଥାର ସଂକ୍ଷିପ୍ତ ବ୍ୟାଖ୍ୟା ଏହି ।

୧। କ୍ଷିପ୍ତ—ମନର ଅସ୍ଥିରତା ଅର୍ଥାତ୍ ଚଞ୍ଚଳାବସ୍ଥାର ନାମ କ୍ଷିପ୍ତାବସ୍ଥା । ମନ ଯେତେବେଳେ ସ୍ଥିର ନ ଥାଏ, କୌଣସି ଗୋଟିଏ ବିଷୟରେ ଦୀର୍ଘକାଳ ସଂଲଗ୍ନ ହୋଇ ନପାରେ, ଯୋକ

Digitized by srujanika@gmail.com

ପର ଗୋଟିଏ ବିଷୟ୍ନୁ ଛାଡ଼ି ଆଉ ଗୋଟିଏ ଧରୁଥାଏ ଏବଂ କୌଣସି ଗୋଟିଏ ବିଷୟରେ ସନ୍ତୁଷ୍ଟ ହୋଇ ରହି ନ ପାରେ, ତାହାର ନାମ କ୍ଷିପ୍ତାବସ୍ଥା ।

୨। ମୂଢ଼—ମନ ଯେତେବେଳେ କର୍ତ୍ତବ୍ୟାକର୍ତ୍ତବ୍ୟ ଅଗ୍ରାହ୍ୟ କରି କାମ କ୍ରୋଧାଦିର ବଶୀଭୂତ ହୁଏ ଏବଂ ନିଦ୍ରା ତନ୍ଦ୍ରାଦିର ଅଧୀନ ହୁଏ ଏବଂ ଆଲସ୍ୟାଦି କିମ୍ବା ଅଜ୍ଞାନମୟ ଅବସ୍ଥାରେ ଥାଏ ତାହାର ନାମ ମୂଢ଼ାବସ୍ଥା ।

୩। ବିକ୍ଷିପ୍ତ—କ୍ଷିପ୍ତ ଅବସ୍ଥା ସହିତ ବିକ୍ଷିପ୍ତ ଅବସ୍ଥାର କିଞ୍ଚିତ୍ ପାର୍ଥକ୍ୟ ଅଛି । କ୍ଷିପ୍ତାବସ୍ଥାରେ ମନ ସଦା ଚଞ୍ଚଳ ଥାଏ, ମାତ୍ର ବିକ୍ଷିପ୍ତାବସ୍ଥାରେ କ୍ଷଣେ ଚଞ୍ଚଳ କ୍ଷଣେ ସୁସ୍ଥିର ହୁଏ, ସଚରାଚର ଦୁଃଖ ବିଷୟ୍ନୁ ତ୍ୟାଗ କରି ସୁଖରେ ମଗ୍ନ ହୋଇଯାଏ ।

୪। ଏକାଗ୍ର—ଚିତ୍ତ ଯେଉଁ ସମୟରେ କୌଣସି ବାହ୍ୟବସ୍ତୁ ଅଥବା ଆଭ୍ୟନ୍ତରୀଣ ବସ୍ତୁ ଅବଲମ୍ବନ କରି ନିବାତସ୍ଥାନର ଦୀପଶିଖା ପରି ସ୍ଥିର ହୋଇଥାଏ କିମ୍ବା ରଜସ୍ତମୋବୃତ୍ତି ପରିତ୍ୟାଗପୂର୍ବକ କେବଳ ସାତ୍ତ୍ୱିକବୃତ୍ତି ଅବଲମ୍ବନ କରି ସ୍ଥିର ହୋଇଥାଏ ସେତେବେଳେ ତାହା ଏକାଗ୍ର ଅବସ୍ଥାରେ ଅଛି ବୋଲି ଜାଣିବାକୁ ହେବ ।

୫। ନିରୁଦ୍ଧ—ଚିତ୍ତ ଯେଉଁ ସମୟରେ ନିରବଲମ୍ବନ ଅର୍ଥାତ୍ କୌଣସି ବସ୍ତୁ ଅବଲମ୍ବନ ନ କରି ଆପଣା ଭିତରେ ଆପେ ମଗ୍ନ ହୋଇ ନିଶ୍ଚିନ୍ତ ହୋଇଥାଏ ସେ ସମୟର ଅବସ୍ଥାକୁ ନିରୁଦ୍ଧାବସ୍ଥା ବୋଲିଯାଏ ।

ଚିତ୍ତର ଯେଉଁ ପଞ୍ଚପ୍ରକାର ଅବସ୍ଥାର ବିଷୟ ଉପରେ ଉଲ୍ଲେଖ କରାଗଲା ସେଥି ମଧ୍ୟରୁ ୧ମ, ୨ୟ, ୩ୟ, ଏହି ତିନି ଅବସ୍ଥା ସହିତ ଯୋଗର କୌଣସି ପ୍ରକାର ସମ୍ପର୍କ ନାହିଁ । ଏକାଗ୍ର ଏବଂ ନିରୁଦ୍ଧ ଏହି ଦୁଇ ଅବସ୍ଥା ଯୋଗସାଧନର ଉପଯୋଗୀ ଅଟେ । ଏହି ଦୁଇ ଅବସ୍ଥା ମଧ୍ୟରୁ ପୁଣି ରୁଦ୍ଧ ଅବସ୍ଥାହିଁ ଯୋଗାବସ୍ଥା ବୋଲି ବୁଝିବାକୁ ହେବ । ଚିତ୍ତ ସହଜରେ ନିରୁଦ୍ଧାବସ୍ଥାକୁ ଆସେ ନାହିଁ । ଯୋଗିମାନେ ଯତ୍ନଦ୍ୱାରା ଅନ୍ୟାନ୍ୟ ଅବସ୍ଥା ଚିତ୍ତ ମଧ୍ୟରୁ ଦୂର କରି ଏହି ଅବସ୍ଥାକୁ ପ୍ରାପ୍ତ ହୁଅନ୍ତି ।

୩। ତଦା ଦ୍ରଷ୍ଟୁଃ ସ୍ୱରୂପେଽବସ୍ଥାନମ୍ ।

୪। ବୃତ୍ତିସାରୂପ୍ୟମିତରତ୍ର ।

ସେହି ସମୟରେ ଅର୍ଥାତ୍ ଚିତ୍ତ ନିରୁଦ୍ଧାବସ୍ଥା ପ୍ରାପ୍ତ ହେଲେ ଆତ୍ମା ସ୍ୱକୀୟରୂପରେ ଅବସ୍ଥାନ କରନ୍ତି । ଏଥିରେ ତାତ୍ପର୍ଯ୍ୟ ଏହି କି ସେ କାଳରେ ଆତ୍ମା କେବଳ ଆପଣାକୁ ଆପେ ଅବଲମ୍ବନ କରି ରହନ୍ତି । ଅନ୍ୟ ଅବସ୍ଥାରେ ଆତ୍ମା ସହିତ ଜ୍ଞାନବୃତ୍ତିର ସଂଯୋଗ ଥିବା ହେତୁରୁ ବହିର୍ବିଷୟପ୍ରକାଶୀ ଜ୍ଞାନ ଚଞ୍ଚଳ ଜଳରେ ପ୍ରତିବିମ୍ବ ପରି ଆତ୍ମାକୁ ସେହି ବିଷୟରେ ରଞ୍ଜିତ କରୁଥାଏ । ସେହି କାରଣରୁ ମନୁଷ୍ୟ ଅଯୋଗୀ ଅବସ୍ଥାରେ ଥାଇ ଆତ୍ମଜ୍ଞାନରୁ ବଞ୍ଚିତ ହୁଅନ୍ତି । ଦେଖା ଯାଉଅଛି— ନିରୁଦ୍ଧବସ୍ଥାରେ ମନ ଲୟ ବା ବିନାଶପ୍ରାପ୍ତ ହୁଏ । ମନ ଯଦି ବିନାଶପ୍ରାପ୍ତ ହେଲା ତେବେ ଯୋଗ ସାଧନ କିଏ କରିବ ? କିନ୍ତୁ ତାହା ନୁହେ, ମନ ଏବଂ ଆତ୍ମା ସ୍ୱତନ୍ତ୍ର ୨ ପଦାର୍ଥ ଅଟନ୍ତି । ଯେଉଁ ସମୟରେ ମନୋବୃତ୍ତି ସମସ୍ତ ବିନଷ୍ଟ ହୋଇଯାଏ, ଆତ୍ମା ଆପଣାର ପ୍ରକୃତ ରୂପରେ ପ୍ରତିଷ୍ଠିତ ଥାଆନ୍ତି ତାହାହିଁ ପ୍ରକୃତ ଯୋଗାବସ୍ଥା ।

୫। ବୃତ୍ତୟଃ ପଞ୍ଚ ତୟ୍ୟଃ କ୍ଲିଷ୍ଟ ଅକ୍ଲିଷ୍ଟାଃ ।

ଯେଉଁ ପାଞ୍ଚପ୍ରକାର ମନୋବୃତ୍ତିର ଉଲ୍ଲେଖ କରାଯାଇଅଛି ତାହା ପୁଣି ଦୁଇଭାଗରେ ବିଭକ୍ତ, ଯଥା—କ୍ଲିଷ୍ଟ ଅର୍ଥାତ୍ କ୍ଳେଶଦାୟକ, ଅକ୍ଲିଷ୍ଟ ଅର୍ଥାତ୍ (ସଂସାରର) ଦୁଃଖନାଶକ ।

କୌଣସି ବିଷୟ ସହିତ ସମ୍ପର୍କ ହେଲେ ଚିତ୍ତ ସେହି ବିଷୟାକାର ପ୍ରାପ୍ତ ହୁଏ । ସେହି ବିଷୟାକାର ପ୍ରାପ୍ତିର ନାମ ବୃତ୍ତି । ଦେହସ୍ଥ

Digitized by srujanika@gmail.com

ଇନ୍ଦ୍ରିୟ ଏବଂ ବହିସ୍ଥ ବିଷୟ ଏହି ଦୁହିଁଙ୍କର ସମ୍ବନ୍ଧ ହେଉଥିବାରୁ ମନ ବିବିଧ ପ୍ରକାର ପରିଣାମ ପ୍ରାପ୍ତ ହେଉଅଛି । ଏହି ପରିଣାମର ନାମ ବୃତ୍ତି । ବିଷୟ ଅସଂଖ୍ୟ ସୁତରାଂ ବୃତ୍ତି ସମସ୍ତ ସଂଖ୍ୟାତୀତ । ଏହି ଅସଂଖ୍ୟ ବୃତ୍ତି ଶ୍ରେଣୀବିଭାଗରେ ଏକ ଅଂଶରେ ପଞ୍ଚ ଅନ୍ୟ ପ୍ରକାରରେ ଦୁଇରୁ ଅଧିକ ନୁହେଁ । ଦୁଇଭାଗରେ ବିଷୟ ଏହି—

କ୍ଲିଷ୍ଟବୃତ୍ତି—ରାଗ, ଦ୍ୱେଷ, ହିଂସା, କାମ, କ୍ରୋଧ ପ୍ରଭୃତି ବୃତ୍ତି ସକଳର ନାମ କ୍ଲିଷ୍ଟ ଅର୍ଥାତ୍ ଦୁଃଖଦାୟକ ବୃତ୍ତି । କାରଣ ଏମାନେ ଦୁଃଖର କାରଣ ଅଟନ୍ତି ।

ଶ୍ରଦ୍ଧା, ଭକ୍ତି, ବୈରାଗ୍ୟ, ମୈତ୍ରୀ ପ୍ରଭୃତି ବୃତ୍ତି ସକଳ ଅକ୍ଲିଷ୍ଟ ଅର୍ଥାତ୍ ଦୁଃଖନାଶକ ଏବଂ ସୁଖଦାୟକ ବୃତ୍ତି ଅଟନ୍ତି । ସହଜଜ୍ଞାନରେ ଦେଖା ଯାଉଅଛି । କ୍ଲିଷ୍ଟ ବୃତ୍ତିସକଳ ହେୟ, ଅକ୍ଲିଷ୍ଟ ବୃତ୍ତିସକଳ ଉପାଦେୟ ଅଟେ । ମାତ୍ର ଯୋଗ ସମୟରେ କି ହେୟ କି ଉତ୍କୃଷ୍ଟ ସମସ୍ତ ବୃତ୍ତିକୁ ନିରୋଧ କରିବା ଆବଶ୍ୟକ । ଅନ୍ୟକଳ୍ପେ ପଞ୍ଚ ଭାଗର ନାମ ବୋଲାଯାଉଅଛି ।

୬) ପ୍ରମାଣ-ବିପର୍ଯ୍ୟୟ-ବିକଳ୍ପ ନିଦ୍ରା ସ୍ମୃତୟଃ ।

ପ୍ରମାଣବୃତ୍ତି, ବିପର୍ଯ୍ୟୟବୃତ୍ତି, ବିକଳ୍ପବୃତ୍ତି, ନିଦ୍ରାବୃତ୍ତି ଏବଂ ସ୍ମୃତିବୃତ୍ତି । ଏହି ପଞ୍ଚ ପ୍ରକାର ବୃତ୍ତିର ଲକ୍ଷଣ ବୋଲା ଯାଉଅଛି ।

ପ୍ରମାଣ ବୃତ୍ତି—

୭) ପ୍ରତ୍ୟକ୍ଷାନୁମାନାଗମାଃ ପ୍ରମାଣାନି ।

ପ୍ରତ୍ୟକ୍ଷ ଅନୁମାନ ଆଗମ ଏହି ତିନି ପ୍ରକାରକୁ ପ୍ରମାଣବୃତ୍ତି ବୋଲାଯାଏ ।

ଇନ୍ଦ୍ରିୟ ସହିତ ବାହ୍ୟବସ୍ତୁର ସଂଯୋଗ ହେବାମାତ୍ରକେ ସେହି ବସ୍ତୁର ସ୍ୱରୂପବୋଧକ ଯେଉଁ ପ୍ରକୃତ ଜ୍ଞାନ ଜନ୍ମେ ତାହାର ନାମ ପ୍ରତ୍ୟକ୍ଷ । ଗୋଟିଏ ବସ୍ତୁ ପ୍ରତ୍ୟକ୍ଷ ହେଲା ଉତ୍ତାରେ ତତ୍ସହଚର ଅନ୍ୟ ଅପ୍ରତ୍ୟକ୍ଷ ବସ୍ତୁର ଯେଉଁ ଜ୍ଞାନ ତାହାର ନାମ ଅନୁମାନ । ଯେମନ୍ତ କି ପର୍ବତରୁ ଧୂଆଁ ବାହାରୁଅଛି । ସେହି ଧୂଆଁ ଦେଖି ଆମ୍ଭେମାନେ ଜାଣିଲୁ ତାହାର ସହଚର ଅଗ୍ନି (ଆମ୍ଭମାନଙ୍କ ଦୃଷ୍ଟି ଅଗୋଚରରେ) ପର୍ବତ ମଧ୍ୟରେ ରହିଅଛି ।

ବିଶ୍ୱସ୍ତ ବାକ୍ୟ ଶ୍ରବଣ କରିବା ଉତ୍ତାରେ ତଦ୍ବାକ୍ୟବୋଧକ ପଦାର୍ଥର ଜ୍ଞାନ ଜନ୍ମିବାର ନାମ ଆଗମ ।

୮) ବିପର୍ଯ୍ୟୟୋ ମିଥ୍ୟାଜ୍ଞାନମତଦ୍ରୂପ ପ୍ରତିଷ୍ଠଂ ।

ଯେ ଜ୍ଞାନ ମିଥ୍ୟା ଅର୍ଥାତ ପ୍ରଥମରେ ଯେଉଁ ଜ୍ଞାନ ଜନ୍ମିଥିଲା କ୍ଷଣକ ଉତ୍ତାରେ ତାହା ଅନ୍ୟ ରୂପରେ ଜଣାଗଲା ତାହାର ନାମ ବିପର୍ଯ୍ୟୟ । ଯଥା—ପ୍ରଥମରେ ଖଣ୍ଡେ ଦଉଡ଼ି ଦେଖି ସାପ ଜ୍ଞାନ କରି ଚମକି ଉଠିଲୁ, ମାତ୍ର ପରକ୍ଷଣରେ ଜଣାଗଲା, ତାହା ସାପ ନୁହେ ଦଉଡ଼ି । ମରୁଭୂମିରେ ଗୋଟିଏ ଜଳପ୍ରବାହ ଦୃଷ୍ଟିଗୋଚର ହେବାରୁ ମନେହେଲା ଗୋଟିଏ ନଦୀ ପ୍ରବାହିତ ହେଉଅଛି, ମାତ୍ର ପରକ୍ଷଣରେ ଜାଣିଲୁଁ ଏହା ନଦୀ ନୁହେ ମରୀଚିକା ।

୯) ଶବ୍ଦଜ୍ଞାନାନୁପାତୀ ବସ୍ତୁଶୂନ୍ୟୋ ବିକଳ୍ପଃ ।

ପ୍ରକୃତରେ ବସ୍ତୁ ନାହିଁ ଅଥଚ ଶବ୍ଦମାତ୍ର ଶୁଣି ମନରେ ଏକପ୍ରକାର ବୃତ୍ତି ଜନ୍ମିଲା ତାହାର ନାମ ବିକଳ୍ପ । ଯେମନ୍ତ ଆକାଶକୁସୁମ ବୋଲି କୌଣସି ପଦାର୍ଥ ନାହିଁ ଅଥଚ ଶବ୍ଦମାତ୍ର ଶୁଣି ମନରେ ବୃତ୍ତି ଜନ୍ମିଲା ଅର୍ଥାତ୍ ବସ୍ତୁର ଯଥାର୍ଥସ୍ୱରୂପ ବିବେଚନା ନ କରି ଶବ୍ଦମାତ୍ର ଶ୍ରବଣଦ୍ୱାରା କଳ୍ପନାତ୍ମକ ବୃତ୍ତିର ନାମ ବିକଳ୍ପ ।

୧୦) ଅଭାବ ପ୍ରତ୍ୟୟାଲମ୍ବନା ବୃତ୍ତିର୍ନିଦ୍ରା ।

ଯହିଁରେ ସମସ୍ତ ବୃତ୍ତି ବିଲୀନ ହୁଏ ସେ ଅଜ୍ଞାନକୁ ଅବଲମ୍ବନ କରି ଯେତେବେଳେ ମନୋବୃତ୍ତି ଉଦିତ ଥାଏ ସେତେବେଳେ ତାହା ନିଦ୍ରା ବା ସୁଷୁପ୍ତି ନାମରେ କଥିତ ହୁଏ । ବସ୍ତୁତଃ ନିଦ୍ରା ମଧ୍ୟ ଏକ ପ୍ରକାର ମନୋବୃତ୍ତି । ସତ୍ତ୍ୱଗୁଣର ଆଚ୍ଛାଦକ ଏବଂ ତମୋ-

Digitized by srujanika@gmail.com

ଗୁଣର ଉତ୍ପାଦକ ଅବସ୍ଥାକୁ ଆମ୍ଭେମାନେ ନିଦ୍ରା ବୋଲୁଁ । ଅଜ୍ଞାନତାହିଁ ନିଦ୍ରାବୃତ୍ତିର ଅବଲମ୍ବନ । ତମୋମୟ ନିଦ୍ରାବୃତ୍ତିର ଉଦୟ ହେଲେ ସର୍ବ-ପ୍ରକାଶକ ସତ୍ତ୍ୱଗୁଣଟି ଲୁପ୍ତ ହୋଇଯାଏ । ଲୋକମାନେ କହନ୍ତି ମୁଁ ଶୋଇପାଇଥିଲି ମୋହର ଜ୍ଞାନ ନଥିଲା । ମାତ୍ର ସେତେବେଳେ ଯେ ଜ୍ଞାନ ନଥିଲା ଏମନ୍ତ ନୁହେଁ, ଅଜ୍ଞାନ ବିଷୟକ ଜ୍ଞାନ ଥିଲା । ସେଥିପାଇଁ ଜାଗ୍ରତ ହୋଇ ନିଦ୍ରା ସମୟର ଅଜ୍ଞାନବୃତ୍ତିକୁ ସ୍ମରଣ କରନ୍ତି ।

ଶ୍ରୀ ଶଙ୍କର ମୋହନ ସେନାପତି ।

---

## ବିବିଧ ପ୍ରସଙ୍ଗ

୧। ଜାତିଗତ ବିଭିନ୍ନତା—ସଭ୍ୟତା ବିସ୍ତାର ସଙ୍ଗେ ୨ ଜାତିଗତ ବିଭିନ୍ନତା କ୍ରମେ ଖର୍ବ ହୋଇ ଆସୁଅଛି, ଏ କଥା ଚିନ୍ତାଶୀଳ ବ୍ୟକ୍ତି ମାତ୍ରକେ ଅନୁଭବ କରି ପାରୁଅଛନ୍ତି । ଏ କଥା ସତ୍ୟ ଯେ ମନୁଷ୍ୟ ପ୍ରାଣରୁ ବଦ୍ଧସଂସ୍କାର ସମୂଳରେ ଉତ୍ପାଟିତ ହେବା ସହଜ ନୁହେଁ ଏବଂ ଅଜି ଏହି ଊନବିଂଶ ଶତାବ୍ଦୀର ଶେଷଭାଗରେ ସୁଦ୍ଧା ଶ୍ୱେତ କୃଷ୍ଣଚର୍ମର ପ୍ରଭେଦ ଏମନ୍ତ କି ଏକ ଜାତି ମଧ୍ୟରେ ନାନା ବିଭାଗ ଓ ଉପ-ଗର ପ୍ରଭେଦ ପ୍ରଚୁର ପରିମାଣରେ ଲକ୍ଷିତ ହେଉଅଛି । ଏହି କ୍ଷୁଦ୍ର ସଂକୀର୍ଣ୍ଣଭାବର ପ୍ରଭାବରୁ ଅନେକ ନିତାନ୍ତ ଅପ୍ରୀତିକର ଘଟଣା ମଧ୍ୟ ଘଟୁଅଛି । ତଥାପି ପ୍ରତ୍ୟେକ ଜାତିର ଉଦାର ଓ ଉନ୍ନତଚେତା ବ୍ୟକ୍ତିମାନେ ଏହି ପ୍ରଭେଦ ଦୂର କରିବା ପାଇଁ ପ୍ରାଣପଣେ ଚେଷ୍ଟା କରୁଅଛନ୍ତି ଏବଂ କ୍ରମେ ଏହି ଶ୍ରେଣୀର ଲୋକଙ୍କ ସଂଖ୍ୟା ବୃଦ୍ଧିପ୍ରାପ୍ତ ହେଉଅଛି । ଏହି ବିଚ୍ଛିନ୍ନ, ବିଭିନ୍ନ, ଜାତିଭେଦ ପ୍ରପୀଡ଼ିତ ଭାରତଭୂମିରେ, ଘୋର ରକ୍ଷଣଶୀଳ ହିନ୍ଦୁ ଜାତି ମଧ୍ୟରେ ଏପ୍ରକାର ଚେଷ୍ଟା ଦେଖିଲେ ପ୍ରାଣରେ ଅତ୍ୟନ୍ତ ଆନନ୍ଦ ଜାତହୁଏ । ସମ୍ପ୍ରତି ବିଗତ ତା ୨୪ ରିଖ ଜୁଲାଇ ଶନିବାର ସାୟଂକାଳରେ କଟକ କଲେଜର ଅଧ୍ୟକ୍ଷ ଶ୍ରୀଯୁକ୍ତ ନୀଳକଣ୍ଠ ମଜୁମଦାର ମହାଶୟ "ଜାତିଗତ ବିଭିନ୍ନତା" ବିଷୟରେ ଗୋଟିଏ ସୁଦୀର୍ଘ ବକ୍ତୃତା ପ୍ରଦାନ କରିଥିଲେ । ବକ୍ତା ନାନା ପ୍ରମାଣ ପ୍ରଦର୍ଶନ କରି ଏ ପ୍ରକାର ପ୍ରଭେଦର ଅସ୍ୱାଭାବିକତା ଓ ଏହାର ଅନିଷ୍ଟକାରିତା ପ୍ରତିପାଦନ କରିଥିଲେ । ମାନବ ପ୍ରକୃତି ମୂଳତଃ ଏକ ଏବଂ ଅଭିନ୍ନ—ବାହ୍ୟ ଅବସ୍ଥାର ପ୍ରଭାବ ଲକ୍ଷିତ ପ୍ରଭେଦର କାରଣ । ଉଦ୍ଭିଦଜଗତ ଓ ପ୍ରାଣୀଜଗତରେ ଯେପରି ପ୍ରକୃତିଗତ ପ୍ରଭେଦ ଲକ୍ଷିତ ହୁଏ ମନୁଷ୍ୟ ସମାଜରେ ସେପରି କିଛି ନାହିଁ । ଏକ ଶ୍ରେଣୀର ଉଦ୍ଭିଦ ଓ ପ୍ରାଣୀ ଅପର ଶ୍ରେଣୀକୁ କଦାପି ଉନ୍ନୀତ ହୋଇ ନପାରେ । କିନ୍ତୁ ସକଳଜାତୀୟ ମନୁଷ୍ୟ ସଭ୍ୟତାର ଉଚ୍ଚତମ ଶିଖର ଅଧିକାର କରିବାକୁ ସକ୍ଷମ—ଅଜି ଯେ ଘୋର ଅସଭ୍ୟ, କାଲି ସେ ସଭ୍ୟତମ ବୋଲି ପରିଗଣିତ ହୋଇପାରେ—ଏପ୍ରକାର ଘଟଣା ମାନବ ଇତିହାସରେ ଚିରକାଳ ଘଟୁଅଛି । ସମସ୍ତେ ଏକ ଈଶ୍ୱରଙ୍କ ସନ୍ତାନ, ସମସ୍ତେ ତାଙ୍କର ମଙ୍ଗଳ ସମ୍ପଦର ଅଧିକାରୀ, ତାଙ୍କର ନେତୃତ୍ୱାଧୀନରେ କାର୍ଯ୍ୟକଲେ ସମସ୍ତେ ତାହା ସମ୍ଭୋଗ କରିବାକୁ ସକ୍ଷମ ହେବେ । ସୁତରାଂ ବୃଥା ଅଭିମାନ, ବିଜାତୀୟ ଘୃଣା ଓ ଜାତିଗତ ସଂକୀର୍ଣ୍ଣତା ପରିହାର କରି ପରସ୍ପର ପ୍ରେମାଲିଙ୍ଗନ କରିବା ଏବଂ ଆଶାପୂର୍ଣ୍ଣ ହୃଦୟରେ କାର୍ଯ୍ୟକ୍ଷେତ୍ରରେ ଅଗ୍ରସର ହେବା ସକଳମାନବର କର୍ତ୍ତବ୍ୟ । ଏହା ଅତି ସତ୍ୟକଥା ଏବଂ ସମଗ୍ର ମାନବଜାତି ପକ୍ଷରେ ଏହା ଅତ୍ୟନ୍ତ କଲ୍ୟାଣକର । କିନ୍ତୁ ମନୁଷ୍ୟ ଜାଣିଶୁଣି କ୍ଷୁଦ୍ର ସଂକୀର୍ଣ୍ଣଭାବକୁ

Digitized by srujanika@gmail.com

ହୃଦୟରେ ପୋଷଣ କରେ, ଏହାହିଁ ପରିତାପର ବିଷୟ ! ଅନେକ ସମୟରେ ଦେଖାଯାଏ ମନୁଷ୍ୟ ନିଜେ ଉନ୍ନତ ଦୃଷ୍ଟାନ୍ତ ଦେଖାଏ ନାହିଁ ଏବଂ ଅପର କେହି ଦେଖାଇଲେ ସେ ତାହା ସହିପାରେ ନାହିଁ। ପୁଣି ଅପରଠାରୁ ସେ ଯାହା ପ୍ରତ୍ୟାଶା କରେ ନିଜେ ତାହା ଅପରକୁ ଦେବାକୁ କୁଣ୍ଠିତ ! ଏଣୁ କହିବାକୁ ଇଚ୍ଛା ହୁଏ, ମାନବ ଚରିତ୍ର ଗୋଟିଏ ବିଷମ ପ୍ରହେଳିକା ! ଇଂରାଜପ୍ରଭୁମାନଙ୍କର ବିଜାତୀୟ ଘୃଣା ଏବଂ ଅନାଦର ଦେଖି ଆମ୍ଭେମାନେ ଅତ୍ୟନ୍ତ ବ୍ୟଥିତ । କିନ୍ତୁ ପରସ୍ପରଙ୍କ ମଧ୍ୟରେ ଘୃଣା ବିଦ୍ୱେଷ ପରିତ୍ୟାଗ କରି ଏକ ଅଖଣ୍ଡ ଭାରତୀୟ ଜାତି ରୂପରେ ପରିଣତ ହୋଇ ପାରିଅଛୁଁ କି ? ଏକ ଭାରତମାତାର ସ୍ତନ୍ୟ ପାନ କରି ହିନ୍ଦୁ ମୁସଲମାନ ମଧ୍ୟରେ କି ବିଜାତୀୟ ବିଦ୍ୱେଷ—କେତେ ମରାମରି—କେତେ ରକ୍ତପାତ । ବଙ୍ଗାଳୀ ଓଡ଼ିଆଙ୍କ ମଧ୍ୟରେ କି କମ୍ ବିଦ୍ୱେଷ ? ଏକ ଓଡ଼ିଆ ଜାତି ମଧ୍ୟରେ ବା ଏକତା ଓ ପ୍ରୀତି କାହିଁ ? ଗୋଟିଏ ଗୋଟିଏ ଜିଲ୍ଲା ବା ସବ୍‌ଡିଭିଜନର ଅଧିବାସୀ ଗୋଟିଏ ଗୋଟିଏ ଜାତି ! ଏହି ସମସ୍ତ କ୍ଷୁଦ୍ର ଅସାର କାଳ୍ପନିକ ଜାତିଗତବିଭିନ୍ନତା ଭାଙ୍ଗି ନ ପାରିଲେ ଆମ୍ଭେମାନେ କି ଭିନ୍ନ ଦେଶବାସୀମାନଙ୍କୁ ଭ୍ରାତୃଭାବରେ ଆଲିଙ୍ଗନ କରି ପାରିବୁ ? ଆଗେ ଘର ସଜାଡ଼ି ପଛେ ପଦାକୁ ବାହାରିବା ଉଚିତ । ଭାରତ ପକ୍ଷରେ ଯେପରି ଦୁଃସମୟ ଉପସ୍ଥିତ, ସେଥିରେ ଘର ସଜାଡ଼ିବାର ନିତାନ୍ତ ଆବଶ୍ୟକ ହୋଇ ପଡ଼ିଅଛି । ଯେ ଯେତିକି ଏ କ୍ଷେତ୍ରରେ କାର୍ଯ୍ୟ କରି ପାରିବେ, ସେ ସେତିକି ଧନ୍ୟବାଦର ପାତ୍ର । ଆଉ ଗୋଟିଏ କଥା ଏଠାରେ କହିବା ଆବଶ୍ୟକ । ଉପରୋକ୍ତ ପ୍ରକାରର ଜାତିଭେଦ ଅପେକ୍ଷା ହିନ୍ଦୁସମାଜରେ ବ୍ରାହ୍ମଣ, କ୍ଷତ୍ରିୟ, କରଣ, ଶୂଦ୍ର ପ୍ରଭୃତି ଯେ ଜାତିଭେଦ ପ୍ରଚଳିତ ଅଛି ତାହା ଅଧିକ ଅନିଷ୍ଟକର ଓ ସଂକୀର୍ଣ୍ଣତର । ତାହାକୁ ଧର୍ମର ନାମରେ ଅଧର୍ମର ରାଜତ୍ୱ ବୋଲାଯାଇପାରେ । ସୁତରାଂ ତାହାର ଉଚ୍ଛେଦସାଧନ ଭାରତୀୟଜାତିର କଲ୍ୟାଣ ପକ୍ଷରେ ଏକାନ୍ତ ଆବଶ୍ୟକ । ପରନ୍ତୁ ଏହା ବର୍ତ୍ତମାନ ଥାଉଁ, ଥାଉଁ ପ୍ରଥମୋକ୍ତ ପ୍ରକାରର ଜାତିଭେଦର ବିଲୋପ ଏକପ୍ରକାର ଅସମ୍ଭବ କହିଲେ ଚଳେ । ପ୍ରଥମେ ଶ୍ରେଷ୍ଠ ବାଡ଼ଟି ଭାଙ୍ଗି ଯାଅ, ପରେ ବଡ଼ ବାଡ଼ ଭାଙ୍ଗିବାକୁ ଚେଷ୍ଟା କରିବ । ତାହା ନ ହେଲେ ତୁମ୍ଭର ସମସ୍ତ ଚେଷ୍ଟା ବିଫଳ ହେବ, ତୁମ୍ଭେ ଜଗତ ନିକଟରେ କେବଳ ହାସ୍ୟାସ୍ପଦ ହେବ ମାତ୍ର ।

୭। ରାଜବିଦ୍ରୋହର ମକଦ୍ଦମା—ଏ ବର୍ଷଟା ଯଥାର୍ଥରେ ଭାରତ ପକ୍ଷରେ ଦୁର୍ବର୍ଷ ! ଭାରତବ୍ୟାପୀ ଦୁର୍ଭିକ୍ଷ, ମହାମାରୀ ଓ ଉତ୍ପାତାନୁସର୍ଗଙ୍କ ଅତ୍ୟାଚାର, ଭୟଙ୍କର ଭୂମିକମ୍ପ ଭାରତକୁ ଥରହରି କରି ପକାଇ ଅଛି—ଏହି ସମସ୍ତ ଆକସ୍ମିକ ବିପତ୍‌ପାତରେ ଭାରତ କଣ୍ଠାଗତ ପ୍ରାଣ ହୋଇ ପଡ଼ିଅଛି । ତହିଁ ଉପରେ ପୁଣି ରାଜବିଦ୍ରୋହର ଅଭିଯୋଗ, ରାଜନୈତିକ ଆନ୍ଦୋଳନର ମୂଳରେ କୁଠାରାଘାତ, ସଂବାଦପତ୍ରରେ ସ୍ୱାଧୀନତା ହରଣର ଅୟୋଜନ, ରାଜପୁରୁଷମାନଙ୍କର ବିରାଗ ଇତ୍ୟାଦି ନାନା ଅଶୁଭକର ଲକ୍ଷଣମାନ ଭାରତବାସିଙ୍କ ପ୍ରାଣକୁ ଆତଙ୍କାକୁଳ କରୁଅଛି । ବାସ୍ତବିକ ରାଜାପ୍ରଜାମଧ୍ୟରେ ପରସ୍ପର ଅସଦ୍ଭାବ ଦେଶ ପକ୍ଷରେ ବଡ଼ ଅନିଷ୍ଟକର—ପୁଣି ତାହା ବିନା କାରଣରେ ବା ସାମାନ୍ୟ କାରଣରେ ଉପସ୍ଥିତ ହେବା ଅତ୍ୟନ୍ତ କଷ୍ଟଦାୟକ । ବାଣିଜ୍ୟସୂତ୍ରରେ ବ୍ରିଟିଶଜାତି ପ୍ରକାଣ୍ଡ ଭାରତସାମ୍ରାଜ୍ୟ ଅଧିକାର କରି ନିରାପଦରେ ଏହାକୁ ଶାସନ କରୁଅଛନ୍ତି—ନିଜ ଉଦାରତା ଓ ନ୍ୟାୟପରାୟଣତା ଗୁଣରେ ଭାରତ ବାସିଙ୍କୁ ସୁଶିକ୍ଷା ଓ ତହିଁ

Digitized by srujanika@gmail.com

ସଙ୍ଗେ ସଙ୍ଗେ ସଭ୍ୟତା ବିସ୍ତାରର ନାନା ସୁଯୋଗ ଓ ନାନା ବିଷୟରେ ଅଧିକାର ପ୍ରଦାନ କରୁଅଛନ୍ତି—ଭାରତବାସୀ ବ୍ରିଟିଶଶାସନ ପ୍ରଭାବରେ ଶାନ୍ତିରେ ନିରୁପଦ୍ରବରେ ବାସ କରି ପୂର୍ଣ୍ଣପ୍ରାଣରେ ଏହାର ସ୍ଥାୟିତ୍ୱ କାମନା କରୁଅଛନ୍ତି । ନିତାନ୍ତ ଉନ୍ମତ୍ତ ଓ ବାତୁଳ ଛଡ଼ା କିଏ ବ୍ରିଟିଶଶାସନର ବିରୋଧୀ ହେବ ? କିନ୍ତୁ କୌଣସି ବ୍ୟକ୍ତି ବା ଜାତି ଅଭ୍ରାନ୍ତ ନୁହେଁ—ମାନବପ୍ରତିଷ୍ଠିତ କୌଣସି ବିଧି ବ୍ୟବସ୍ଥା ନିର୍ଦ୍ଦୋଷ ହୋଇ ନ ପାରେ—ଶୁଭଇଚ୍ଛା ପ୍ରାଣରେ ଥିଲେ ସୁଦ୍ଧା ଅପୂର୍ଣ୍ଣ ଭାବଶତଃ ମନୁଷ୍ୟର କାର୍ଯ୍ୟକଳାପରେ ନାନା ତ୍ରୁଟି ଲକ୍ଷିତ ହୋଇଥାଏ—ଏହା ରାଜା ପ୍ରଜା ଉଭୟଙ୍କ ପକ୍ଷରେ ସମ୍ଭବପର । ମନୁଷ୍ୟ ସହଜରେ ଆପଣାର ଦୋଷ ଦେଖିପାରେ ନାହିଁ—କେହି ଦେଖାଇ ଦେଲେ ସେ ତାହା ସହିପାରେ ନାହିଁ—ପୁଣି ଉଚ୍ଚ ଅଧିକାର ଓ କ୍ଷମତା ହାତରେ ଥିଲେ ଏହି ଅନ୍ଧତା ଓ ଅସହିଷ୍ଣୁତା କିଛି ଅଧିକ ହୋଇଥାଏ । ଆମ୍ଭମାନଙ୍କର ବିଦେଶୀୟ ଶାସନକର୍ତ୍ତାମାନଙ୍କର ଠିକ୍ ତାହାହିଁ ହୋଇଅଛି । ପୁଣି ଭାରତ ନିତାନ୍ତ ଅସଭ୍ୟ ବର୍ବରମାନଙ୍କର ବାସସ୍ଥାନ ନୁହେଁ—ଭାରତରେ ପୂର୍ବ ଗୌରବ ଅଛି—ପ୍ରାଚ୍ୟ ସଭ୍ୟତା ଅଛି—ପ୍ରଚ୍ଛନ୍ନ ମହତ୍ତ୍ୱ ଓ ଶକ୍ତି ଅଛି—ବାହ୍ୟତଃ ଯେତେ ଅବଜ୍ଞା ପ୍ରଦର୍ଶନ କରନ୍ତୁ ପଛକେ ସୁଚତୁର ଇଂରାଜ ଏହା ବୁଝି ପାରୁଅଛନ୍ତି । ସୁତରାଂ ଏକଶ୍ରେଣୀର ଇଂରାଜଙ୍କର ମନରେ ଭାରତବାସୀର ସକଳପ୍ରକାର ଚେଷ୍ଟା ଓ କାର୍ଯ୍ୟରେ ଗୋଟାଏ କିଛି ସନ୍ଦେହ ଜାତ ହୁଏ—ଦୁର୍ଭାଗ୍ୟର ବିଷୟ ଏ ସନ୍ଦେହ ଦୂର କରିବା ପାଇଁ ଅପର ପକ୍ଷରୁ ଯେତେ ଚେଷ୍ଟା ହେଉଅଛି, ସନ୍ଦେହର ମାତ୍ରା ସେତେ ଅଧିକ ହେଉଅଛି । ହାୟ ! ଶ୍ୱେତାଙ୍ଗ ପ୍ରଭୁଙ୍କଠାରୁ ସାମାନ୍ୟ ଉପକାର ବା ଆଦର ପାଇଲେ ଆମ୍ଭମାନେ କେତେ କୃତଜ୍ଞ ହେଉଁ—କପରି ତାଙ୍କର ଜୟ ଜୟକାରରେ ଆକାଶ କମ୍ପିତ କରୁଁ ? ତଥାପି ଆମ୍ଭେମାନେ ବିଶ୍ୱାସର ଅଯୋଗ୍ୟ । ଏହାଠାରୁ ବଳି ପରିତାପର ବିଷୟ କଣ ହୋଇପାରେ ? ଘୋର ଦୁର୍ଦ୍ଦିନରେ ସୁଦ୍ଧା ଭାରତବାସୀ ଜୁବିଲି ମହୋତ୍ସବରେ ମତ୍ତ ଶତ ସହସ୍ର ପ୍ରକାରେ ରାଜଭକ୍ତି ପ୍ରଦର୍ଶନ କଲେ—ରାଜରାଜେଶ୍ୱରୀଙ୍କ ସିଂହାସନପ୍ରାନ୍ତରେ ଭକ୍ତିର ଉପହାର ଉପସ୍ଥିତ କଲେ—ମାତ୍ର ଦେଶର କେଉଁ କୋଣରେ ଦୁଇଜଣ ଇଂରାଜପୁରୁଷ କୌଣସି ଅଜ୍ଞାତକୁଳଶୀଳ ନରାଧମଦ୍ୱାରା ନିହତ ହେଲେ ବୋଲି ସମଗ୍ର ଭାରତବାସୀଙ୍କ ଉପରେ ସନ୍ଦେହ ପଡ଼ିଲା—ଭାରତବାସୀ ଅବିଶ୍ୱାସୀ ଓ ଅଭକ୍ତ ହେଲେ ! ସମ୍ବାଦପତ୍ର ପାଠକମାନେ ଅବଗତ ଅଛନ୍ତି ଯେ ପୁନାର ନୃଶଂସ ରାଣ୍ଡ-ଏୟାର୍ଷ୍ଟ-ହତ୍ୟାକାଣ୍ଡ ଉପଲକ୍ଷେ ସନ୍ଦେହର ବଶୀଭୂତ ହୋଇ ଗବର୍ଣ୍ଣମେଣ୍ଟ ପୁନାସହରରେ ଅତିରିକ୍ତ ପୋଲିସଫୌଜ ସଂସ୍ଥାପିତ କରିଅଛନ୍ତି—ଏବଂ ସେହି ସନ୍ଦେହରେ ଅନେକଗୁଡ଼ିଏ ଲୋକଙ୍କ ନାମରେ ଓ୍ୱାରେଣ୍ଟ ଜାରି କରିଅଛନ୍ତି । ମାନନୀୟ ଗଙ୍ଗାଧର ତିଲକ ଓ ଶ୍ରୀଯୁକ୍ତ କେଲକାର ସମ୍ବାଦପତ୍ରରେ ରାଜଦ୍ରୋହସୂଚକ ପ୍ରବନ୍ଧାଦି ପ୍ରକାଶ କରିଅଛନ୍ତି ବୋଲି ଅଭିଯୁକ୍ତ ହୋଇଅଛନ୍ତି । ରାଜଦ୍ରୋହୀମାନଙ୍କର ବିଚାର ହେବ—ବିଚାରରେ ଦୋଷ ପ୍ରମାଣିତ ହେଲେ ସେମାନେ ଉପଯୁକ୍ତ ଶାସ୍ତି ଭୋଗ କରିବେ ଏଥିରେ ସଂଶୟ ନାହିଁ—ସେଥିପାଇଁ ବିଶେଷ ଉଦ୍‌ବିଗ୍ନ ହେବାର କାରଣ ଆମ୍ଭେମାନେ ଦେଖିପାରୁ ନାହୁଁ । ତେବେ ଏତିକି କହି ପାରୁଁ ଯେ ତିଲକ ବା କେଲକାର ଯେବେ ଅସାବଧାନତାରେ ହେଉ ବା ଜାଣି ଶୁଣି ହେଉ କୌଣସି ଅପରାଧ କରିଥାନ୍ତି, ତେବେ ଗବର୍ଣ୍ଣମେଣ୍ଟ ଏ ସ୍ଥଳରେ କ୍ଷମାର ଦୃଷ୍ଟାନ୍ତ ପ୍ରଦର୍ଶନ କରିଥିଲେ ଇଂରାଜଶାସନର ଗୌରବ ବଢ଼ିଥାନ୍ତା ଏବଂ ଭାରତବାସୀ ସେଥି-

Digitized by srujanika@gmail.com

ପାଇଁ ଇଂରାଜ ଜାତିପ୍ରତି ଅଧିକ ଶ୍ରଦ୍ଧାବାନ ଓ ଅନୁରକ୍ତ ହୋଇଥାନ୍ତେ । ବିଶେଷତଃ ବର୍ତ୍ତମାନ ଉତ୍ତେଜନାର ସମୟରେ ଏବଂ ପ୍ରବନ୍ଧ ପ୍ରକାଶର ୪।୫ ମାସ ଉତ୍ତାରେ ଅଭିଯୋଗ ହେବାରୁ ଅନେକେ ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟରେ ଅନେକ ପ୍ରକାର ଅଭିସନ୍ଧି ଆରୋପ କରିପାରନ୍ତି—ସେପରି କରିବା ନିତାନ୍ତ ଅସଙ୍ଗତ ବା ଅନ୍ୟାୟ ହେବ ନାହିଁ ! ସେ ଯାହା ହେଉ, ଜଣେ ଅଧେ ସମ୍ପାଦକ ସମୟବିଶେଷରେ ବ୍ରିଟିଶଶାସନପ୍ରତି ଅଭକ୍ତି ବା ବିରାଗ ପ୍ରକାଶ କଲେ ବୋଲି ସମଗ୍ର ଭାରତର ସମ୍ବାଦପତ୍ରର ମୁଖ ବନ୍ଦ କରି ଦେବା କିପରି ନ୍ୟାୟସଙ୍ଗତ କାର୍ଯ୍ୟ ହେବ ? ଗବର୍ଣ୍ଣ-ମେଣ୍ଟଙ୍କର ବିଶେଷ କୌଣସି ନୀତି ବା କାର୍ଯ୍ୟର ପ୍ରତିକୂଳ ସମାଲୋଚନା କଦାଚ ରାଜଦ୍ରୋହ ହୋଇ ନପାରେ—ବ୍ରିଟିଶ ଜାତି ଯେ ଅଧିକାର ଭାରତବାସୀଙ୍କୁ ଦେଇଅଛନ୍ତି । ଏ ଦେଶରେ ସମ୍ବାଦପତ୍ରର ସ୍ୱାଧୀନତା ଇଂରାଜରାଜତ୍ୱର ଗୋଟିଏ ପ୍ରଧାନ ଗୌରବ ଏବଂ ଦେଶର ସୁଶାସନ ପକ୍ଷରେ ପ୍ରଧାନ ସହାୟ—ଏଥିରେ ହସ୍ତକ୍ଷେପ କରିବା କଥା ଉଦାର ବ୍ରିଟିଶ ଜାତିର ମୁଖରେ ଆଦୌ ଶୋଭା ପାଏ ନାହିଁ । ତଥାପି ଭାରତସଚିବ ଲର୍ଡ ଜର୍ଜ ହେମିଲ୍‌ଟନ୍ ଅମ୍ଳାନ-ବଦନରେ ଏକଥା ପ୍ରକାଶ କରିଅଛନ୍ତି । ଡାଏମଣ୍ଡ ଜୁବିଲି ଉପଲକ୍ଷରେ ଭାରତବାସୀ ଯେ ନୂତନ ଅଧିକାର ଲାଭ କରିବାର ଆଶା ରଖିଥିଲେ, ଶେଷରେ ସେମାନଙ୍କ ଭାଗ୍ୟରେ କି ଏହାହିଁ ଘଟିବ ? ବର୍ତ୍ତମାନ ଆଇନ ଅନୁସାରେ ରାଜ-ବିଦ୍ରୋହର ଦଣ୍ଡ ଦେବାର ସମ୍ପୂର୍ଣ୍ଣ କ୍ଷମତା ଥିବା ସ୍ଥଳେ ଏପରି ଅସଙ୍ଗତ, ଅନୁଦାର ଓ ନିଷ୍ଠୁର ବିଧି ପ୍ରବର୍ତ୍ତନ କରିବାର କି ପ୍ରବଳ କାରଣ ଥାଇପାରେ ଆମ୍ଭମାନଙ୍କ କ୍ଷୁଦ୍ରବୁଦ୍ଧିର ଅଗୋଚର ! ପୁଣି ସେହି ସନ୍ଦେହର ବଳରେ ଗବର୍ଣ୍ଣମେଣ୍ଟ ବିନା ବିଚାରରେ ପୁନାର ସର୍ଦ୍ଦାର ନାଥୁ ଭ୍ରାତୃଦ୍ୱୟଙ୍କୁ କାରାରୁଦ୍ଧ କରି ସେମାନଙ୍କର ସମସ୍ତ ସମ୍ପତ୍ତି ହସ୍ତଗତ କରିଅଛନ୍ତି—ଏହିଟି ସର୍ବାପେକ୍ଷା ନିଷ୍ଠୁର ଓ ନ୍ୟାୟବିରୁଦ୍ଧ କାର୍ଯ୍ୟ ହୋଇଅଛି—କି କାରଣରୁ ସେମାନେ ଏହି କଠୋର ଦଣ୍ଡ ପାଇଲେ, ଏ କଥା ସେମାନେ କିମ୍ବା କୌଣସି ଭାରତବାସୀ ଜାଣି ପାରିଲେ ନାହିଁ—ଏଥିରେ ଲୋକଙ୍କ ପ୍ରାଣରେ ମହାଆତଙ୍କ ଉପସ୍ଥିତ ହୋଇ ଅଛି—ବ୍ରିଟିଶ ଶାସନରେ ଯେ ଲୋକଙ୍କର ଧନ ମାନ ପ୍ରାଣ ସମ୍ପୂର୍ଣ୍ଣ ନିରାପଦ ଏ ଧାରଣା ଅନେକଙ୍କ ମନରୁ ତିରୋହିତ ହୋଇଅଛି ! ଦୁରନ୍ତ ଦସ୍ୟୁ, ତସ୍କର, ନରହନ୍ତା-ମାନେ ଅଦାଲତରେ ନ୍ୟାୟବିଚାରର ଅଧିକାର ପାଉଅଛନ୍ତି ଆପଣାର ନିର୍ଦ୍ଦୋଷିତା ପ୍ରମାଣ କରି-ବାର ସୁଯୋଗ ଲାଭ କରୁଅଛନ୍ତି ଅଥଚ ଏମାନେ କେବଳ ସନ୍ଦେହରେ ନିର୍ବାସିତ ଓ ଆତ୍ମୀୟ-ସ୍ୱଜନ, ଧନ ମାନ ସବୁଥିରୁ ବଞ୍ଚିତ ହେଲେ ! ଇଂରେଜରାଜତ୍ୱରେ ଏହା ସମ୍ଭବ ହେଲା ? ପ୍ରବଳ ପରାକ୍ରାନ୍ତ ବ୍ରିଟିଶ ଜାତି ପକ୍ଷରେ ଏହା କି ଶୋଭନୀୟ ହୋଇଅଛି ? ଏହା କେବଳ ଦୁର୍ଭାଗ୍ୟ ଭାରତରେ ସମ୍ଭବ ହେଲା । ସାମାନ୍ୟ ଜଣେ ଇଂରେଜପ୍ରତି ଏପରି ଅବିଚାର ହୋଇ-ଥିଲେ ଆଜ ସମଗ୍ର ଇଂଲଣ୍ଡ, ସ୍କଟଲଣ୍ଡ, ଆୟ-ର୍ଲଣ୍ଡରେ ଭୂମୁଳକାଣ୍ଡ ଉପସ୍ଥିତ ହୋଇଥାନ୍ତା ! ଆମ୍ଭମାନଙ୍କ ମତରେ ଏହି ଶାନ୍ତିଶାସନର ସମଗ୍ର ଭାରତବ୍ୟାପୀ ତୀବ୍ର ପ୍ରତିବାଦ ହେବା ବାଞ୍ଛନୀୟ—ଏହି କେବଳ ନାଥୁ ପରିବାରର ହିତ ଉଦ୍ଦେ-ଶ୍ୟରେ ନୁହେଁ—ସମଗ୍ର ଭାରତବାସୀଙ୍କର ମଙ୍ଗଳ କାମନାରେ । ଆମ୍ଭମାନଙ୍କର ଦୃଢ଼ ଧାରଣା ଯେ ନ୍ୟାୟପରାୟଣ ବ୍ରିଟିଶଜାତି ମଧ୍ୟରୁ ଏହାର ତୀବ୍ର ପ୍ରତିବାଦ ଉଥିତ ହେବ—ତାହାର ଆଭାଷ ମଧ୍ୟ ମିଳୁଅଛି । ମାତ୍ର ଭାରତ-ବାସୀ କେବଳ ନୀରବରେ ଅଶ୍ରୁପାତ କରି ଗୃହର କୋଣରେ ବସି ରହିଥିବେ, ଏହା

Digitized by srujanika@gmail.com

ଆଦୌ ମନୁଷ୍ୟୋଚିତ କାର୍ଯ୍ୟ ନୁହେଁ । ମାତ୍ର ଗବର୍ଣ୍ଣମେଣ୍ଟ ପକ୍ଷରୁ ଉତ୍ତେଜନାର ଲକ୍ଷଣ ପ୍ରକାଶ ପାଉଅଛି ବୋଲି ପ୍ରଜାପକ୍ଷ ଯେପରି କୌଣସି ପ୍ରକାରେ ଉତ୍ତେଜିତ ନ ହୁଅନ୍ତି—ଧୀର ଏବଂ ସହିଷ୍ଣୁ ଭାବରେ ସକଳ କାର୍ଯ୍ୟ ନିର୍ବାହିତ ହେବା ଉଚିତ । ପରିଣାମରେ ଧୈର୍ଯ୍ୟ ଓ ସହିଷ୍ଣୁତାର ଜୟ ସୁନିଶ୍ଚିତ ।

ପ୍ଲେଗନିବାରଣ ଓ ଉପଦ୍ରବ—କି କୁକ୍ଷଣରେ ପ୍ଲେଗ ଏ ଦେଶକୁ ଆସିଥିଲା, ସହସ୍ର ୨ ବ୍ୟକ୍ତିର ପ୍ରାଣ ବିନାଶ ସଙ୍ଗେ ଭାରତରେ ଏହା ନାନା ଅଶାନ୍ତି ଓ ଉପଦ୍ରବ ଘଟାଇଅଛି । ଗବର୍ଣ୍ଣମେଣ୍ଟ ପ୍ରଜା ପ୍ରାଣରକ୍ଷା ନିମନ୍ତେ ବିହିତ ଉପାୟ ଓ ସତର୍କତା ଅବଲମ୍ବନ କଲେ—ଦୁଷ୍ଟଲୋକେ ସୁଯୋଗ ପାଇ ସର୍ବପ୍ରକାରେ ଆପଣାର ଦୁଷ୍ପ୍ରବୃତ୍ତି ଚରିତାର୍ଥ କରିବାର ଉପାୟ ଲଗାଇଲେ—ପ୍ରାଣ ଯେପରି ପ୍ରିୟତର ରମଣୀର ସତୀତ୍ୱ ପର୍ଯ୍ୟନ୍ତ ବିଲୁପ୍ତ ହେଲା ! ସ୍ଥଳବିଶେଷରେ ଲୋମହର୍ଷଣକାରୀ ପାଶବ ଅତ୍ୟାଚାରର କଥା ଶୁଣିଲେ ବା ସମ୍ବାଦପତ୍ରରେ ପାଠ କଲାବେଳେ ଶରୀରର ଶୋଣିତ ଉଷ୍ଣ ହୋଇ ଉଠେ—ଧୈର୍ଯ୍ୟ ବିଚଳିତ ହୋଇଯାଏ । ଉଚ୍ଚପଦସ୍ଥ କର୍ମଚାରୀମାନଙ୍କର ଏଥିରେ ଅବଶ୍ୟ କିଛି ଦୋଷ ନାହିଁ ମାତ୍ର ଅତ୍ୟାଚାରର ଉପଯୁକ୍ତ ଅନୁସନ୍ଧାନ ସବୁସ୍ଥଳରେ ନ ହେବା ଗଭୀର ପରିତାପର ବିଷୟ ! ଉପଯୁକ୍ତ ଅନୁସନ୍ଧାନ ନ କରି ଅତ୍ୟାଚାରର ଅଭିଯୋଗକୁ ଉଡ଼ାଇ ଦେବାକୁ ଚେଷ୍ଟା କରିବା ବଡ଼ ନିର୍ମମ କାର୍ଯ୍ୟ ! ଆମ୍ଭମାନଙ୍କ ଶାସନକର୍ତ୍ତାମାନେ ଏତିକି ବୁଝୁନ୍ତି ନାହିଁ ଯେ ବୃଥା ଗଣ୍ଡଗୋଳ କରିବାରେ ଲୋକଙ୍କର କିଛି ସ୍ୱାର୍ଥ ନାହିଁ । ପୁନାରେ ପ୍ଲେଗ ଅନୁସନ୍ଧାନରେ ନିଯୁକ୍ତ ସୈନିକକର୍ମଚାରୀମାନଙ୍କ ବିରୁଦ୍ଧରେ ବହୁଶତ ନଗରବାସୀ ଅଭିଯୋଗ ଉପସ୍ଥିତ କଲେ, ମାତ୍ର ତାହାର ଅନୁସନ୍ଧାନ ହେଲାନାହିଁ—ବା ନାମରେ ମାତ୍ର ହୋଇ ସମସ୍ତ ମିଥ୍ୟା ବା ବିଦ୍ୱେଷମୂଳକ ଉକ୍ତି ବୋଲି ପ୍ରମାଣିତ ହେଲା ! ଏହାହିଁ ରାଜା ପ୍ରଜା ମଧ୍ୟରେ ମନୋମାଳିନ୍ୟର ପ୍ରଧାନ ହେତୁ । ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟରେ ନିଯୁକ୍ତ ପିଆଦା, ଚୌକିଦାର ପର୍ଯ୍ୟନ୍ତ ସମସ୍ତେ କି ସାଧୁ, ନ୍ୟାୟପରାୟଣ ଧର୍ମନିଷ୍ଠ ? ଆଉ ବାହାରର ଲୋକଗୁଡ଼ାକ ସମସ୍ତେ ବଦ୍, ବିବେଚନାଶୂନ୍ୟ, ଈର୍ଷ୍ୟାପରତନ୍ତ୍ର ? ଶାସନକର୍ତ୍ତାମାନଙ୍କ ମନରେ ଏ ପ୍ରକାର ଧାରଣା ଜନ୍ମିବା ଦେଶର ସୁଶାସନ ପକ୍ଷରେ ଭୟାନକ ପ୍ରତିକୂଳ । ପକ୍ଷାନ୍ତରେ ଏପ୍ରକାର ଧାରଣା ଜନ୍ମିବାର ସୁଯୋଗ ଦେବା ମଧ୍ୟ ଆଦୌ ଉଚିତ ନୁହେ—ଏ ସମ୍ବନ୍ଧରେ ଭାରତବାସୀଙ୍କର ବିଶେଷତଃ ସମ୍ବାଦପତ୍ର ସମ୍ପାଦକମାନଙ୍କର ଓ ରାଜନୈତିକ ଆନ୍ଦୋଳନର ନେତାମାନଙ୍କର ଅତ୍ୟନ୍ତ ସତର୍କ ଭାବରେ କାର୍ଯ୍ୟକରିବା ଆବଶ୍ୟକ । ଘଟନାର ତଥ୍ୟ ଯଥାଯଥରୂପେ ଅଗ୍ରେ ଅନୁସନ୍ଧାନ କରି ପରେ ପ୍ରକାଶ କରିବା, ସର୍ବପ୍ରକାର ଅତ୍ୟୁକ୍ତି ଓ ଅତିରଞ୍ଜନ ପରିହାର କରିବା ଏବଂ ଭୟରେ ବା ପ୍ରଲୋଭନରେ ବିଚଳିତ ନ ହେବା ସର୍ବଥା କର୍ତ୍ତବ୍ୟ । ପୁନାକାଣ୍ଡରେ ଅଧ୍ୟାପକ ଶ୍ରୀଯୁକ୍ତ ଗୋଖେଲେ ଏବଂ ଅଞ୍ଜୁମାନ ସଭାର ସଭ୍ୟ ମୁସଲମାନଗଣ ଯେ ପ୍ରକାର ଅସତର୍କତା ଓ ଅବିବେକତାର ପରିଚୟ ପ୍ରଦାନ କରିଅଛନ୍ତି, ତାହା ବାସ୍ତବିକ ଶୋଚନୀୟ । ଅଧ୍ୟାପକ ମହାଶୟଙ୍କ ତ୍ରୁଟି ମାର୍ଜନୀୟ—କେବଳ ତାଙ୍କପରି ଜଣେ ପଦସ୍ଥ ଓ ସମ୍ମାନିତ ବ୍ୟକ୍ତିଙ୍କ ପକ୍ଷରେ ଟିକିଏ ଅଧିକ ସାବଧାନ ହୋଇ କଥାଟା ପ୍ରକାଶ କରିବା ଉଚିତ ଥିଲା—ତାଙ୍କ କଥା ଉପରେ ନିର୍ଭର କରି ମହାମାନ୍ୟ ଉଏଡ଼ରବର୍ଣ୍ଣ ସାହେବ ମହୋଦୟ ପୁନାର ଦୁଇଜଣ ରମଣୀଙ୍କର ସତୀତ୍ୱନାଶ ଓ ତନ୍ମଧ୍ୟରୁ ଜଣଙ୍କର ଆତ୍ମହତ୍ୟାର କଥା ପାର୍ଲିଆମେଣ୍ଟ ମହାସଭାରେ ଉତ୍ଥାପନ କରି ଶେଷରେ ବଡ଼ ଅପଦସ୍ଥ ହୋଇଅଛନ୍ତି ! ଏହା କି ସାମାନ୍ୟ ପରିତାପର ବିଷୟ ? ମାତ୍ର

Digitized by srujanika@gmail.com

ମୁସଲମାନଗଣଙ୍କର ଆବେଦନପତ୍ରରେ ସ୍ୱାକ୍ଷର କରି ଏତେବେଳକୁ ଅସ୍ୱୀକାର କରିବା ନିତାନ୍ତ କାପୁରୁଷୋଚିତ କାର୍ଯ୍ୟ ! ଏହି ପ୍ରକାର କାର୍ଯ୍ୟ ଯୋଗୁ ଓ ଦେଶର ଉତ୍ସନ୍ନଦଶା ଘଟିଅଛି ଓ ଘଟୁଅଛି । ଭାରତବାସୀ ଆଉ କେବେ ମନୁଷ୍ୟତ୍ୱ ଶିକ୍ଷା କରିବେ ? ବୋମ୍ବାଇର ଗଭର୍ଣ୍ଣର ମହୋଦୟ ପୁନାର ଅତ୍ୟାଚାର ସମ୍ବନ୍ଧୀୟ ସମସ୍ତ ବିବରଣକୁ ବିଦ୍ୱେଷମୂଳକ ବୋଲି ଉଡ଼ାଇ ଦେଇଅଛନ୍ତି । ପଣ୍ଡିତା ରମାବାଈ ସାରଦା ସଦନର ଗୋଟିଏ ଯୁବତୀ ସମ୍ବନ୍ଧରେ ଯେଉଁ ହୃଦୟବିଦାରକ ବିବରଣ ପ୍ରକାଶ କରିଅଛନ୍ତି, ଲର୍ଡ ସାଣ୍ଡହର୍ଷ୍ଟ ତାହାକୁ ମଧ୍ୟ ମିଥ୍ୟା ବୋଲି କହିଅଛନ୍ତି । ମାତ୍ର ପଣ୍ଡିତା ତାଙ୍କ ଉକ୍ତିର ଏକ ବର୍ଣ୍ଣ ସୁଦ୍ଧା ପ୍ରତ୍ୟାହାର କରିବାକୁ ପ୍ରସ୍ତୁତ ନୁହନ୍ତି । ସେ ତାଙ୍କର ପ୍ରତ୍ୟେକ ଉକ୍ତି ପ୍ରମାଣିତ କରିବାକୁ ପ୍ରସ୍ତୁତ ଅଛନ୍ତି ଏବଂ ପ୍ରତିମୁହୂର୍ତ୍ତରେ ସରକାରୀ ସମନକୁ ଅପେକ୍ଷା କରି ବସିଅଛନ୍ତି । ଗବର୍ଣ୍ଣମେଣ୍ଟ ଗୋଖେଲେ ମହୋଦୟଙ୍କୁ ଜାହାଜ ଉପରେ ଧରି ତାଙ୍କଠାରୁ କ୍ଷମାପ୍ରାର୍ଥନାପତ୍ର ଲେଖାଇ ନେଲେ, ମାତ୍ର ରମାବାଈଙ୍କୁ ତ ସାହାସ କରି କୌଣସି କଥା କହିପାରୁ ନାହାନ୍ତି । ରମାବାଈ ତାଙ୍କ ପଦମର୍ଯ୍ୟାଦାର ଉଚିତ କାର୍ଯ୍ୟ କରିଅଛନ୍ତି —ଏହାହିଁ ଯଥାର୍ଥ ମନୁଷ୍ୟତ୍ୱ । ଈଶ୍ୱରଙ୍କ କୃପାରୁ ଏହି ଅତ୍ୟାଚାର ଓ ଅଶାନ୍ତି ଶୀଘ୍ର ନିବାରିତ ହେଉ ଏହି ପ୍ରାର୍ଥନା ।

---

## ରାଜନୀତି

ବ୍ରହ୍ମନୀତି, ରାଜନୀତି, ଧର୍ମନୀତି ଓ ସମାଜନୀତିର ଭୂମି । ସେ ରାଜନୀତି ଅରାଜନୀତି, ସେ ସମାଜନୀତି ସ୍ୱେଚ୍ଛାଚାରନୀତି, ସେ ଧର୍ମନୀତି ଅଧର୍ମନୀତି ଯାହାର ମୂଳନୀତି ବ୍ରହ୍ମନୀତି ନୁହେ । ସାମ୍ୟ, ମୈତ୍ରୀ, ସ୍ୱାଧୀନତା ବ୍ରହ୍ମନୀତି; ଏହି ନୀତିଦ୍ୱାରା ବ୍ରହ୍ମ ବିଶ୍ୱ ବ୍ରହ୍ମାଣ୍ଡକୁ ଶାସନ କରୁଅଛନ୍ତି ଓ କରୁଥିବେ । ବ୍ରହ୍ମପ୍ରେମ ସମସ୍ତଙ୍କୁ ସମାନଭାବରେ ପ୍ରେମ ପ୍ରଦାନ କରି ପ୍ରେମରେ ସମସ୍ତଙ୍କୁ ସଜୀବ ରଖି ପୁନର୍ବାର ସେହି ପ୍ରେମରେ ସମସ୍ତଙ୍କୁ ତାଙ୍କର ପ୍ରେମନିକେତନକୁ ଆହ୍ୱାନ କରୁଅଛନ୍ତି । ବ୍ରହ୍ମ ଆମ୍ଭମାନଙ୍କୁ ବୁଦ୍ଧି ବିବେକ ଦେଇ ଏ ଜଗତରେ ସ୍ୱାଧୀନଭାବରେ ବିଚରଣ କରିବାକୁ ଛାଡ଼ିଦେଇ ଅଛନ୍ତି । ସେ ଆମ୍ଭମାନଙ୍କର କୌଣସି କାର୍ଯ୍ୟରେ ବାଧା ଦିଅନ୍ତି ନାହିଁ । ସେ ସ୍ୱାଧୀନ, ସୁତରାଂ ସମସ୍ତଙ୍କୁ ସ୍ୱାଧୀନତା ପ୍ରଦାନ କରିଅଛନ୍ତି । ଆମ୍ଭେମାନେ ଧର୍ମାନୁଷ୍ଠାନ କଲେ ତାଙ୍କର ଆନନ୍ଦର ସୀମା ପରିସୀମା ରହେ ନାହିଁ, ଆମ୍ଭେମାନେ ପାପାନୁଷ୍ଠାନ କଲେ ତାଙ୍କର ଅସନ୍ତୋଷ ହୁଏ ସତ୍ୟ, ମାତ୍ର ସେଥିନିମିତ୍ତ ସେ ଆମ୍ଭମାନଙ୍କ ଉପରେ କ୍ରୋଧ ପ୍ରକାଶ କରନ୍ତି ନାହିଁ । ଆମ୍ଭେମାନେ ପାପରତ ହେଲେ ସେ ହୃଦୟରେ ଥାଇ ଆମ୍ଭମାନଙ୍କ ପାପର ସମାଲୋଚନା କରନ୍ତି, ଆମ୍ଭେମାନେ ପାପ କରୁଅଛୁଁ ତାହା ବୁଝାଇ ଦେଇ ଉକ୍ତ ପାପରୁ ବିରତ ରହିବାକୁ ପ୍ରତିମୁହୂର୍ତ୍ତରେ ଉପଦେଶ ଦିଅନ୍ତି, ପାପର ଫଳ ଦିନେ ଭୋଗ କରିବାକୁ ହେବ, ସେଥିନିମିତ୍ତ କେବଳ ପୂର୍ବରୁ ଆମ୍ଭମାନଙ୍କୁ ସାବଧାନ କରିଦିଅନ୍ତି, ମାତ୍ର ଆମ୍ଭେମାନେ ତାଙ୍କର ଆଦେଶାନୁସାରେ କାର୍ଯ୍ୟ କଲୁ ନାହିଁ ବୋଲି ସେ ଖଡ୍ଗ ଧରି ଆମ୍ଭମାନଙ୍କର ଶିରଚ୍ଛେଦନ କରନ୍ତି ନାହିଁ । ତାଙ୍କର ନିନ୍ଦା କରି ବକ୍ଷରେ ପଦାଘାତ କଲେ ମଧ୍ୟ ସେ ନିଜର ପ୍ରେମ ଓ ଦୟାଗୁଣରେ ଆମ୍ଭମାନଙ୍କୁ କ୍ଷମା

Digitized by srujanika@gmail.com

ହଉନ୍ତୁ, ରାଜବିଦ୍ରୋହୀ ବୋଲି ଆମ୍ଭମାନଙ୍କୁ ତାଙ୍କର ପୋଲିସ ହସ୍ତରେ ଅର୍ପଣ କରନ୍ତି ନାହିଁ ।

ରାଜନୀତିର ଭିତ୍ତି ବ୍ରହ୍ମନୀତି । ସେହି ପ୍ରକୃତ ରାଜନୀତି ଯାହାର ଭିତ୍ତି ବ୍ରହ୍ମନୀତି ! ସେହି ପ୍ରକୃତ ପ୍ରସ୍ତାବେ ରାଜା ଯେ ବ୍ରହ୍ମନୀତି ଅନୁସରଣ କରି ରାଜ୍ୟ ଶାସନ କରେ । ପିତା ପୁତ୍ରର ଶାସନ ନିମିତ୍ତ କେବଳ ଭୀଷଣରୂପ ଧାରଣ କରନ୍ତି, ମାତ୍ର ପୁତ୍ରର ବିନାଶ କାମନା କରନ୍ତି ନାହିଁ । ସେହିପରି ରାଜା କେବଳ ପ୍ରଜାଙ୍କୁ ଶାସନରେ ରଖିବା ଉଦ୍ଦେଶ୍ୟରେ ରୁଦ୍ରମୂର୍ତ୍ତି ଧାରଣ କରିବେ । ପ୍ରଜାର ବଂଶବୃଦ୍ଧି ଉପରେ ରାଜାର ସୁଖ, ଶାନ୍ତି, ଉନ୍ନତି ନିର୍ଭର କରେ, ପ୍ରଜା ଯେବେ ରାଜା, ଏ କଥା ରାଜାଙ୍କର ମନେ ରଖିବା ଉଚିତ । ମାତା ଯେପରି ସ୍ନେହରେ ବିଚଳିତ ହୋଇ ପୁତ୍ରକୁ ପିତାର ଶାସନଠାରୁ ଟାଣିଆଣି କୋଳରେ ବସାଇ ତାହାକୁ ନିର୍ଭୟ କରନ୍ତି, ତଦ୍ରୂପ ରାଜା ମଧ୍ୟ ସମୟେ ୨ ମାତାରୂପରେ ପ୍ରଜାଙ୍କୁ ଶାସନର କଠିନ ନ୍ୟାୟଦଣ୍ଡଠାରୁ ରକ୍ଷା କରିବେ । ପ୍ରଜାଙ୍କୁ ଶାସନରେ ରଖିବା ରାଜାଙ୍କର ଉଦ୍ଦେଶ୍ୟ, ପ୍ରଜାର ଉତ୍ପୀଡ଼ନ ରାଜାଙ୍କର ଉଦ୍ଦେଶ୍ୟ ନୁହେ—ଯେ ରାଜାର ଉଦ୍ଦେଶ୍ୟ କେବଳ ପ୍ରଜାପୀଡ଼ନ, ସେ ରାଜା ପ୍ରଜାର ଶାସନକର୍ତ୍ତା ହୋଇ ବେଶିଦିନ ରହି ପାରିବେ ନାହିଁ । ତାଙ୍କର ରାଜ୍ୟ ଅନ୍ୟ ରାଜାର ରାଜ୍ୟ ହେବ । ବ୍ରହ୍ମନୀତିର ଅବମାନନା କରି ଆସିରିଆ, ରୋମ, ଗ୍ରୀସ, କାର୍ଥେଜ ପ୍ରଭୃତି ରାଜ୍ୟର ବିନାଶ ହୋଇଅଛି । କେତେ ନିରୋ, କେତେ ନେବୁକାଡ଼୍ ଉ ନେଜର, କେତେ ଅଷ୍ଟମ ହେନେରି, କେତେ ପ୍ରଥମ ଚାର୍ଲସ, କେତେ ଚତୁର୍ଦ୍ଦଶ ଲୁଇ, କେତେ ସିରାଜଉଦ୍ଦୌଲ ପ୍ରଜା ପ୍ରପୀଡ଼କ ହୋଇ ଯେଉଁ ପ୍ରତିଫଳ ପ୍ରାପ୍ତ ହୋଇ ଅଛନ୍ତି ତାହା କାହାକୁ ଅବିଦିତ ନାହିଁ । ରାଜା ପିତା, ରାଜାମାତା, ରାଜା ଭ୍ରାତା ରାଜା ଗୁରୁ, ରାଜା ପରମାତ୍ମୀୟ ବନ୍ଧୁ । ରାଜା ପିତା ହୋଇ ପ୍ରଜାର ମଙ୍ଗଳୋଦ୍ଦେଶ୍ୟରେ ପ୍ରଜାଙ୍କୁ ଶାସନ କରିବେ, ମାତା ହୋଇ ଦୟାର୍ଦ୍ର ଚିତ୍ତରେ ପ୍ରଜାର ଦୋଷକ୍ଷମାକରି ତାହାର ମୁଖ ଚୁମ୍ବନ କରିବେ । ପ୍ରଜା ବିପଦରେ ପଡ଼ିଲେ ରାଜା ଭ୍ରାତାରୂପରେ ପ୍ରଜାଙ୍କୁ କନିଷ୍ଠ ଭ୍ରାତା ଜାଣି ତାହାର ସହାୟ ହେବେ । ଗୁରୁ ହୋଇ ପ୍ରଜାଙ୍କୁ ବିଦ୍ୟା, ଜ୍ଞାନ, ନୀତି, ଧର୍ମ ଶିକ୍ଷାଦେବେ । ଆତ୍ମୀୟ ବନ୍ଧୁ ହୋଇ ରାଜା ପ୍ରଜା ସହିତରେ ଏକାସନରେ ବସି ତାହାର ସୁଖରେ ସୁଖୀ, ଦୁଃଖରେ ଦୁଃଖୀ ହେବେ, ପ୍ରଜାର ଗୃହକୁ ରାଜା ଆପଣାର ଗୃହ ମନେକରି ସେଠାରେ ଉପସ୍ଥିତ ହୋଇ ପ୍ରଜା ସହିତରେ ପ୍ରଜାର ସୁଖ ଦୁଃଖ ସମ୍ବନ୍ଧରେ କଥୋପକଥନ କରିବେ । ଯେଉଁ ରାଜା ଏପରି କରି ପାରନ୍ତି ସେ ଆଦର୍ଶ ରାଜା ରାଜରାଜେଶ୍ୱର ବିଶ୍ୱବ୍ରହ୍ମାଣ୍ଡପତି ପ୍ରଭୁ ପରମେଶ୍ୱର ଈଦୃଶ ରାଜାଙ୍କ ଦକ୍ଷିଣ ହସ୍ତରେ ନ୍ୟାୟ, ବାମ ହସ୍ତରେ ଦୟାରୂପ ଧାରଣ କରି ସ୍ୱୟଂ ରାଜାର ରାଜ୍ୟକୁ ଶାସନ ଓ ପାଳନ କରନ୍ତି । ଏହିପରି ରାଜ୍ୟକୁ ଆମ୍ଭମାନେ ( God ordained,) ଈଶ୍ୱରଭକ୍ତି ରାଜା କହୁଁ । ଯେଉଁ ରାଜା ବ୍ରହ୍ମନୀତି ଅବଲମ୍ବନ କରି ରାଜ୍ୟଶାସନ କରନ୍ତି, ତାଙ୍କର ସହାୟ ସ୍ୱୟଂ ବ୍ରହ୍ମ, ତାଙ୍କର ରାଜ୍ୟରେ ଶତତ ଶାନ୍ତି ବିରାଜିତ, ବିଦ୍ରୋହାନଳ ଅଦୃଷ୍ଟ, ରାଜଭକ୍ତି ଉଚ୍ଛ୍ୱସିତ । ଈଶ୍ୱରଭକ୍ତି ରାଜା ଯେତେକାଳ ପର୍ଯ୍ୟନ୍ତ ବ୍ରହ୍ମନୀତି, ଅର୍ଥାତ୍ ସାମ୍ୟ, ମୈତ୍ରୀ, ସ୍ୱାଧୀନତା ଏହି ପ୍ରଧାନ ତ୍ରିନୀତିକୁ ରାଜ-ଶାସନର ମୂଳସୂତ୍ର କରି ରାଜ୍ୟଶାସନ କରୁଥିବେ ସେତେକାଳ ପ୍ରଜାବର୍ଗଙ୍କର ଆଶୀର୍ବାଦ ଲାଭ କରି ଦୀର୍ଘାୟୁ ହେବେ, ତାଙ୍କର ରାଜ୍ୟ "ରାମରାଜ୍ୟ" ହେବ । ରାଜା ଅନ୍ୟାୟୀ, ରାଜା ଅତ୍ୟାଚାରୀ ରାଜା ପ୍ରଜାପୀଡ଼କ ଇତ୍ୟାଦି କୁଖ୍ୟାତି ଅଶ୍ରୁତ ହେବ ।

ଆମ୍ଭମାନଙ୍କ ଭାରତେଶ୍ୱରୀ ମହାରାଣୀ ଭିକ୍ଟୋରିୟା ଆଦର୍ଶ ରାଜ୍ଞୀ "Deo et mon

Digitized by srujanika@gmail.com

d'roit" (ଈଶ୍ୱର ଆମ୍ଭମାନଙ୍କର ଦକ୍ଷିଣ-ପାର୍ଶ୍ୱରେ) ଯାହାଙ୍କର ମୁକୁଟ ଭୂଷଣ, ଯେ "ସୁଦୁହିତା, ସୁଜନନୀ, ପତ୍ନୀସତୀ ଶିରୋମଣୀ", ଯାହାଙ୍କର ରାଜଦଣ୍ଡ ବ୍ରହ୍ମଦଣ୍ଡ ଉପରେ ଅବସ୍ଥାପିତ, ବ୍ରହ୍ମଦଣ୍ଡ ଅବଲମ୍ବନ କରି ଯେ ଆମ୍ଭେମାନଙ୍କୁ ଷଷ୍ଟି ବର୍ଷ ସୁଖ ଶାନ୍ତିରେ ଶାସନ କଲେ, ତାଙ୍କର ଷଷ୍ଟିତମ ଜୁବିଲି ଉତ୍ସବ ଦିନ କପାଇଁ ଭାରତ ପକ୍ଷରେ ନିରାନନ୍ଦର ଦିନ ହେଲା ? କପାଇଁ ସ୍ଥାନେ ସ୍ଥାନେ ଅଶାନ୍ତିର ଚିତ୍କାର ଉଥିତ ହେଉଅଛି, ଏହାର କାରଣ କିଏ ନିର୍ଦ୍ଦେଶ କରିପାରେ ?

ମାତା ବୃଦ୍ଧା ହେଲେ ସନ୍ତାନ ସନ୍ତତିମାନେ ଜନନୀକୁ ଅଧିକତର ସ୍ନେହ ଭକ୍ତି କରନ୍ତି—ବୃଦ୍ଧା ମାତାକୁ ଛାଡ଼ି ଦୂରକୁ ଗମନ କରନ୍ତି ନାହିଁ—ଆମ୍ଭମାନଙ୍କ ରାଜରାଜେଶ୍ୱରୀ ଜନନୀ ବର୍ତ୍ତମାନ ବୃଦ୍ଧା, ଏତେକାଳ ସେ ଆମ୍ଭମାନଙ୍କୁ ସୁଖ ଶାନ୍ତିରେ ପାଳନ କଲେ, ଆଜି ତାଙ୍କର ଏ ବୃଦ୍ଧାବସ୍ଥାରେ କି ଆମ୍ଭେମାନେ ତାଙ୍କର ବିରୁଦ୍ଧରେ ବିଦ୍ରୋହୀ ହୋଇ ମହାପାପର ଅନୁଷ୍ଠାନ କରିବୁଁ ? "ମୋହର ପ୍ରଜାମାନଙ୍କର ଭକ୍ତିରେ ମୁଁ ଅତ୍ୟନ୍ତ ପ୍ରୀତ ଅଛି, ଈଶ୍ୱରଙ୍କଠାରେ ମୋହର ଏକାନ୍ତ ପ୍ରାର୍ଥନା ଏହି ଯେ, ସେମାନେ ସର୍ବଦା ସୁଖଶାନ୍ତିରେ କାଳ ହରଣ କରନ୍ତୁ ।" ଯେଉଁ ରାଜ୍ଞୀ ଓ ଯେଉଁ ଜନନୀଙ୍କର ଆଶୀର୍ବାଣୀ ଏପରି, ସେ କି ଈଶ୍ୱରାଭିଷିକ୍ତା ନୁହନ୍ତି ? ତାଙ୍କର ଦକ୍ଷିଣ ଓ ବାମ କରରେ ଈଶ୍ୱରର ନ୍ୟାୟ ଓ ଦୟାରୂପ ଧାରଣ କରି ବିରାଜମାନ ନୁହନ୍ତି ? ୬୦ ବର୍ଷ ହେଲା ଥିଲେ ବର୍ତ୍ତମାନ କି ନାହାନ୍ତି? ସମସ୍ତ ପୂର୍ବପରି ରହିଅଛି, ସେହି ବ୍ରହ୍ମପରାୟଣା ରାଜ୍ଞୀ ଭିକ୍ଟୋରିଆ, ସେହି ରାଜଭକ୍ତ ଭାରତସନ୍ତାନ କିଛି ପରିବର୍ତ୍ତିତ ହୋଇନାହିଁ—ତେବେ କି ନିମିତ୍ତ ବର୍ତ୍ତମାନ ଭାରତସନ୍ତାନ ରାଜବିଦ୍ରୋହୀ ଏହି ଦୋଷରେ ଅଭିଯୁକ୍ତ ? ଭାରତବାସୀ ଜୁବିଲିଉତ୍ସବକୁ ଇଂରାଜ ରକ୍ତରେ କଳଙ୍କିତ କଲା, ଏ ଅପବାଦ କାହିଁକି ?

ଭାରତସନ୍ତାନ ପିତୃମାତୃଭକ୍ତ—ଭକ୍ତପାଇଁ ଭାରତ ବିଖ୍ୟାତ—ପିତୃମାତୃଭକ୍ତି ପାଇଁ ଭାରତ ସନ୍ତାନ ଗର୍ବିତ—ତେବେ କି ନିମିତ୍ତ ବର୍ତ୍ତମାନ ଭାରତ ସନ୍ତାନ ଉପରେ ଏ ବଜ୍ରପାତ ? ଭାରତ-ବାସୀ କ୍ରନ୍ଦନ କରିବା ଛଡ଼ା ଅନ୍ୟ କିଛି ଜାଣେ ନାହିଁ, ଉଦର ପୂର୍ତ୍ତିକରି ଆହାର ପାଇଲେ ହାସ୍ୟ କରେ । ଅନାହାରରେ ରହିଲେ କ୍ରନ୍ଦନ କରେ । ବ୍ରିଟନବାସୀ ଭାରତବାସୀଙ୍କୁ ପଦାଘାତ କଲେ ଧୈର୍ଯ୍ୟଧରି ଅପମାନ ସହ୍ୟ କରି ସେ କେବଳ ନିର୍ଜନରେ କ୍ରନ୍ଦନ କରେ—କେତେବେଳେ ମର୍ମବରେ ଶରୀର ଶୋଣିତକୁ ଅଶ୍ରୁରେ ପରିଣତ କରେ, କେତେବେଳେ ଯନ୍ତ୍ରଣା ଅସହ୍ୟ ହେବାରୁ ଚିତ୍କାର କରେ—ଏହି ଚିତ୍କାରକୁ ଯେବେ ରାଜବିଦ୍ରୋହ ବିଚାର କରାଯାଏ, ତେବେ ଭାରତ ସନ୍ତାନ ନାଚାର—ଏହି କ୍ରନ୍ଦନର ଚିତ୍କାର ଯେବେ ରାଜବିଦ୍ରୋହ ହୁଏ, ଏହି ନିମିତ୍ତ ଭାରତବାସୀ ଦୋଷୀ ନୁହେ—ତେବେ କିଏ ? ବ୍ରିଟନବାସୀ ! ଭାରତବାସୀ ଚିତ୍କାର କରି କ୍ରନ୍ଦନ କଲା କାହିଁକି ? ଏହି ପ୍ରଶ୍ନର ଉତ୍ତର ଦେବାକୁ ଗଲେ ଏହାହିଁ ପ୍ରତିପନ୍ନ ହେବ ଯେ ଭାରତବାସୀ ରାଜବିଦ୍ରୋହୀ ନୁହନ୍ତି—ଇଲଣ୍ଡ-ବାସୀ ଯେଉଁମାନଙ୍କର ହସ୍ତରେ ଆମ୍ଭମାନଙ୍କର ଧନ, ମାନ ଜୀବନ ଓ ଦେଶର ଭାର ନ୍ୟସ୍ତ ଅଛି, ସେହିମାନେ ରାଜବିଦ୍ରୋହୀ—ସେମାନେ ଯେପରି ବ୍ରହ୍ମଦଣ୍ଡପରାୟଣା ରାଜ୍ଞୀଙ୍କର ପ୍ରଜା, ଆମ୍ଭେମାନେ ମଧ୍ୟ ସେହିପରି, ଆମ୍ଭମାନଙ୍କୁ ଯେତେବେଳେ ରାଜରାଜେଶ୍ୱରୀ ଦୟାରେ ଶାସନ କରି ପାଳନ କରୁଅଛନ୍ତି, ସେମାନେ ଆମ୍ଭମାନଙ୍କୁ ଅପମାନ କରିବାଦ୍ୱାରା କି ରାଜବିଦ୍ରୋହିତାର କାର୍ଯ୍ୟ କରୁ ନାହାନ୍ତି ?—ସେମାନେ ଆମ୍ଭମାନଙ୍କୁ ପ୍ରହାର କରିବେ, ଆମ୍ଭେମାନେ କ୍ରନ୍ଦନ କଲେ ଆମ୍ଭମାନଙ୍କୁ

Digitized by srujanika@gmail.com

ରାଜବିଦ୍ରୋହୀ ବୋଲି ପୋଲିସ ହସ୍ତରେ ଅର୍ପଣ କରିବେ, ଏହା କି ଘୋର ଅନ୍ୟାୟର କାର୍ଯ୍ୟ ନୁହେ ? ପ୍ରଥମେ ବ୍ରିଟିନବାସୀ ରାଜବିଦ୍ରୋହୀ, ତତ୍ପରେ ଭାରତବାସୀ (ଯେବେ ସେମାନଙ୍କୁ ରାଜବିଦ୍ରୋହ କହନ୍ତି) ଇଂଲଣ୍ଡ ନିକଟରେ ଭାରତ ସର୍ବବିଷୟରେ ଋଣୀ । ଯେପରି ଭାରତ ଇଂଲଣ୍ଡଠାରୁ ବିଦ୍ୟା, ଜ୍ଞାନ, ବିଜ୍ଞାନ, ଦର୍ଶନ, ନୀତି, ଧର୍ମ ଶିକ୍ଷା କରୁଅଛି, ସେହି ପରିମାଣରେ ଇଂଲଣ୍ଡର ଦୁର୍ନୀତି ଦୁର୍ଗୁଣ ମଧ୍ୟ କ୍ରମେ କ୍ରମେ ଶିକ୍ଷା କରୁଅଛି । ସେଥିନିମିତ୍ତ ମୁଁ କହେଁ ଭାରତର ଅଶାନ୍ତି ନିମିତ୍ତ ଭାରତବାସୀକି ଆମ୍ଭମାନଙ୍କର ଦୟାମୟୀ ରାଜରାଜେଶ୍ୱରୀ ଦୋଷୀ ନୁହନ୍ତି ଦୋଷୀ ଇଂରାଜ । ଭାରତବାସୀ ମୁହୂର୍ତ୍ତିକପାଇଁ ଇଚ୍ଛାକରେ ନାହିଁ ଇଂଲଣ୍ଡ ରବି ଭାରତ ଆକାଶରୁ ଅସ୍ତ ହେଉ—ଯଦି କେବେ ଅସ୍ତ ହୁଏ ତାହା ବ୍ରିଟିନବାସୀଙ୍କ ଅନ୍ୟାୟ, ଅତ୍ୟାଚାର ଓ ନିର୍ଦ୍ଦୟ ଭାବରୁ ଅସ୍ତ ହୋଇପାରେ, ମାତ୍ର ଭାରତବାସୀର କି ରାଣୀଙ୍କ ଦୋଷରୁ ସେପରି କେବେହେଁ ଘଟିବ ନାହିଁ—ଏବଂ ଆମ୍ଭେମାନେ ମଧ୍ୟ ତାହା ଇଚ୍ଛା ନ କରୁ । ଆମ୍ଭମାନଙ୍କର ରାଣୀଙ୍କର ରାଜନୀତିକୁ ଅନୁସରଣ କରି ଯେବେ ତାଙ୍କର ପ୍ରତିନିଧିମାନେ ଶାସନ କରୁଥାନ୍ତେ, ରାଣୀଙ୍କ କର୍ଣ୍ଣରେ ଯେବେ ଆମ୍ଭମାନଙ୍କର କ୍ରନ୍ଦନଧ୍ୱନି ପ୍ରବେଶ କରିପାରୁଥାନ୍ତା, ଭାରତବାସୀ ଚିରକାଳ ସୁଖ ଶାନ୍ତିରେ ଆପଣାକୁ ସୌଭାଗ୍ୟବାନ ମନେ କରୁଥାନ୍ତେ । ରାଜନୀତିର ବ୍ୟତିକ୍ରମ ସର୍ବପ୍ରକାର ଅଶାନ୍ତିର ମୂଳକାରଣ—କଳାକୁ ଗୋରା ମାଇଲେ ଦଣ୍ଡ ନାହିଁ—ଗୋରାକୁ କଳା ମାଇଲେ ନିସ୍ତାର ନାହିଁ—ଜଗଦୀଶ୍ୱରଙ୍କଠାରେ ଆମ୍ଭମାନଙ୍କର ଏକାନ୍ତ ପ୍ରାର୍ଥନା ଏହି ଯେ ଭାରତର ଶାସନକର୍ତ୍ତାମାନେ ରାଜରାଜେଶ୍ୱରୀଙ୍କ ରାଜନୀତି ଅନୁସରଣ କରି ଆମ୍ଭମାନଙ୍କୁ ଶାସନ ଓ ପାଳନ କରନ୍ତୁ, ରାଜରାଜେଶ୍ୱରୀଙ୍କ ହୃଦୟ ରାଜପ୍ରତିନିଧିଙ୍କ ହୃଦୟ ହେଉ, ବ୍ରହ୍ମମଣ୍ଡ ଭିକ୍ଟୋରିୟାଙ୍କର ଚିରକାଳ ମୁକୁଟ ଭୂଷଣ ହେଉ—ସେ ଦୀର୍ଘଜୀବିନୀ ହୋଇ ସତତ ଆମ୍ଭମାନଙ୍କ ମଙ୍ଗଳ ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତୁ । ଜୟ ରାଜରାଜେଶ୍ୱରୀ ଭିକ୍ଟୋରିୟାଙ୍କ ଜୟ, ତାଙ୍କର ବ୍ରହ୍ମନୀତିମୂଳକ ରାଜନୀତିର ଜୟ, ତାଙ୍କର ଏକାନ୍ତ ଭକ୍ତ ଭାରତବାସୀଙ୍କର ଜୟ ! !

ଶ୍ରୀ ସାଧୁଚରଣ ରାୟ ।

## ଆତ୍ମରକ୍ଷା

"ଉଦ୍ଧରେଦାତ୍ମନାତ୍ମାନଂ ନାତ୍ମାନମବସାଦୟେତ୍ ।
ଆତ୍ମୈବ ହ୍ୟାତ୍ମନୋବନ୍ଧୁ ରାତ୍ମୈବ
ରିପୁରାତ୍ମନଃ ॥"

ଭଗବଦ୍ଗୀତା ।

ଅତଏବ ଆମ୍ଭେମାନେ ଆପେ ଆପଣାର ଶତ୍ରୁ ଓ ଆପେ ଆପଣାର ମିତ୍ର ।

ଭାଷାଭାଗବତେ ।

"ତୋହରି ମନ ତୋର ଗୁରୁ"

ଇଂରାଜୀ ଉପଦେଶ

God helps those who help themselves,

ଯେ ନିଜେ ସାବଧାନ ହୁଏ, ତାକୁ ପରମେଶ୍ୱର ରକ୍ଷା କରନ୍ତି ।

ମହାଜନ ବାକ୍ୟ ।

"ଅତଏବ ଜୀବଃ ସ୍ୱକର୍ମଭୋଗୀ ।"

ଜୀବ ଆପଣାର କର୍ମହିଁ ଭୋଗ କରିଥାଏ ।

ଏହେତୁ ଅନ୍ୟର ଦୋଷାଦୋଷ ଦେଖିବାଠାରୁ ଅଗ୍ରେ ଆପଣାର କର୍ମାକର୍ମ ଆଲୋଚନା

Digitized by srujanika@gmail.com

କର, ତାହା ପ୍ରତିକାର ଚେଷ୍ଟା କରିବାହିଁ ସର୍ବଥା ଉଚିତ୍ ବିଷୟ ଅଟେ ।

ଆମ୍ଭେମାନେ ସମୟସମୟରେ ସମାଜଦ୍ୱାରା ବା ଅତ୍ୟାଗୃହୀଙ୍କଦ୍ୱାରା ତାଡ଼ିତ ହୋଇ ସେମାନଙ୍କପ୍ରତି ମୁଖଭଙ୍ଗୀ କରିଥାଉଁ । ଏହା କି ଆମ୍ଭମାନଙ୍କର ଉଚିତ ।

ଅଗ୍ରେ ବ୍ୟାଧିର ନିଦାନ ଦେଖି ପରେ ରୋଗପ୍ରତିକାରର ଚେଷ୍ଟା କରିବାର ଉଚିତ ହେଉଅଛି । ସର୍ବାଗ୍ରେ ଏପରି ସ୍ୱାସ୍ଥ୍ୟରକ୍ଷା ପ୍ରତି ଦୃଷ୍ଟି ରଖିବା ଉଚିତ୍ ଯେ ଯହିଁରେ ରୋଗର ହେତୁ ଉତ୍ପନ୍ନ ନ ହୁଏ । ରୋଗ ଶରୀରସ୍ଥ ଦୂଷିତ ଧାତୁମାନ ନାଶ କରିବାକୁ ଜାତ ହୋଇଥାଏ । ବାଧା ଲୋକଙ୍କର ଶିକ୍ଷା ପାଇଁ ଉପସ୍ଥିତ ହୋଇଥିବା ବାଧା ପାଇ ଯହିଁର ପ୍ରତିବିଧାନ ଯଦି ଲୋକେ ଚେଷ୍ଟା ନ କରନ୍ତି, ତେବେ ଉକ୍ତ ବାଧା ତାହାଙ୍କୁହିଁ ନାଶ କରିଥାଏ । ଅତଏବ ବାଧା ବିଟେମ୍ବ ଦକ୍ତ ମନୁଷ୍ୟପ୍ରାଣୀ ଗୁରୁଜ୍ଞାନ କଲେ ତହିଁରୁ ଅନେକ ଉପକାର ଲାଭ କରିବେ । ବାଧାର ପ୍ରତିକାର ଚେଷ୍ଟା କରିବା ଉଚିତ । ବାଧାପ୍ରତି ବିରକ୍ତ ହେବା ଉଚିତ ନୁହେ । ଏହେତୁ ଆତ୍ମରକ୍ଷାର ନିଶ୍ଚିତ ଉପାୟ ଉଦ୍ଭାବନ କରିବାର ନିତାନ୍ତ ଆବଶ୍ୟକ ଅଟେ ।

ଦୃଷ୍ଟାନ୍ତ ସ୍ୱରୂପ ଏଠାରେ ଗୋଟିଏ ବିଷୟରେ ଉଲ୍ଲେଖ କରିବୁଁ । ବର୍ତ୍ତମାନ ସମୟରେ ସମ୍ବାଦ ପତ୍ର ମାନଙ୍କରୁ ଜଣାଯାଏ ଯେ ଭାରତୀୟ କୌଣସି କୌଣସି ନାରୀମାନଙ୍କ ପ୍ରତି କେତେ କେତେ ଦୁଷ୍ଟ-ପ୍ରକୃତିର ଲୋକମାନେ ପ୍ରାୟ ଅତ୍ୟାଚାର କରୁ-ଅଛନ୍ତି, ସେଥି ସକାଶ ଜନସାଧାରଣ ନିତାନ୍ତ ବିରକ୍ତଭାବ ପ୍ରକାଶ କରୁଅଛନ୍ତି । ଆମ୍ଭେ କହୁଁ ଏ କାହାର ଦୋଷ ? ଆମ୍ଭେମାନେ କି କାରଣ ସ୍ତ୍ରୀଲୋକମାନଙ୍କୁ ଏକାକୀ ରେଳପଥରେ ଭ୍ରମଣ କରିବାକୁ ସୁବିଧା ଦେଇଥାଉଁ ? ଭୟସ୍ଥଳରେ କି କାରଣ ସାବଧାନ ନ ହୋଇ କାର୍ଯ୍ୟ କରି-ଥାଉଁ ?

ବଙ୍ଗୋତ୍କଳନାରୀକୁଳ ପ୍ରାୟ ଏକବସ୍ତ୍ରା, ତହିଁରେ ସେମାନେ ଯେପରି ଅନାବୃତ୍ତ ବା ଅର୍ଦ୍ଧାବୃତ୍ତ ଅବସ୍ଥାରେ ବିଚରଣ କରିଥାନ୍ତି, ସେଥିରେ ଦୁଷ୍ଟଲୋକମାନଙ୍କର କୁପ୍ରବୃତ୍ତି ଉତ୍ତେଜିତ ହେବା ସ୍ୱାଭାବିକ । ଏ କାହାର ଦୋଷ ? ଦୋଷ କି ଆମ୍ଭମାନଙ୍କର ନୁହେ ? ଆମ୍ଭେମାନେ ଯଦି ସେମାନଙ୍କୁ ସମ୍ୟକ୍ ବସ୍ତ୍ରାବୃତ କରି ବହିର୍ଦ୍ଦେଶକୁ ବାହାର କରନ୍ତୁ ତେବେ ବୋଧହୁଏ ଏପରି ଦୁର୍ଘଟନାର ସମ୍ଭାବନା ଅତି ଅଳ୍ପହିଁ ରହିଥାଆନ୍ତା । ତାହା ନ କରି, ଆପଣାର ଦୋଷ ଆପେ ନ ବାଛି, ଅନ୍ୟକୁ ଦୋଷ ଦେବାର କି ଅନୁଚିତ ନୁହେ ? ଭାରତର ଦକ୍ଷିଣାଞ୍ଚଳର ନାରୀମାନଙ୍କର ବସ୍ତ୍ର ପରିଧାନପ୍ରଣାଳୀ, ଆର୍ଯ୍ୟା-ବର୍ତ୍ତର ପରିଧାନ ପ୍ରଣାଳୀଠାରୁ ଅନେକାଂଶରେ ଉତ୍କୃଷ୍ଟ । ଆମ୍ଭେମାନେ ଆହୁରି ବିଶେଷ ସାରଲ୍ୟ ଓ ବିଳାସିତାକୁ ଆଶ୍ରୟ କରି କେବଳ ନାମମାତ୍ର ବସ୍ତ୍ରାବୃତ ହୋଇ ଥାଉଁ । ଏ ଦୋଷ କାହାର ? ଆମ୍ଭମାନଙ୍କର ନୁହେ କି ? ଏଥିରୁ ବାଧାପାଇଁ ତହିଁର ପ୍ରତିକାରର କିଛି ଉପାୟ କରିଅଛୁଁ କି ? ସ୍ୱାଭାବିକ ଶକ୍ତି ଅବଶ୍ୟ କାର୍ଯ୍ୟ କରିବ । ଦୁର୍ବଳପ୍ରତି ବଳବାନ୍ ଅବଶ୍ୟ ବଳ ପ୍ରକାଶ କରିବ । ଏଥିରେ ଯେଉଁମାନଙ୍କର ବିବେକବଳ ବେଶିଥିବ ସେହିମାନେ ସିନା ପାଶବବଳକୁ ଅତିକ୍ରମ କରିବେ । ଯଦି ଉଭୟ ପାଶବବଳର ସଂଘର୍ଷଣ ହୁଏ, ତେବେ ଯାହାର ବଳ ବେଶୀ ହେବ ସେହି ଜୟ ଲାଭ କରିବ । ଏପରି ସ୍ଥଳରେ ଏରୂପ ଉପାୟ ବା ସାବଧାନତାରୂପ ଅସ୍ତ୍ର ପ୍ରୟୋଜନ, ଯହିଁରେ ଦୁର୍ବଳସୁଦ୍ଧା ବଳବାନ୍ ଉପରେ ଆଧିପତ୍ୟ ସ୍ଥାପନ କରିପାରେ । ସେ ଅସ୍ତ୍ର କଣ ଦେଖିବାକୁ ହେବ । ସେ ଅସ୍ତ୍ର କେବଳ ବୁଦ୍ଧି ଓ ବିଚାର । ସାମାନ୍ୟ ବଳଧାରୀ

Digitized by srujanika@gmail.com

ମାନବ ବିଶାଳବଳୀ ହସ୍ତିକୁ ବଶୀଭୂତ କରୁଅଛି । ଦୁର୍ବଳା ନାରୀ, କେବଳ ବୁଦ୍ଧି ଓ ବିଚାରବଳରେ କ୍ଷମତାଶାଳୀ ପୁରୁଷମାନଙ୍କୁ ବଶୀଭୂତ କରି ରଖିଅଛି । କେବଳ ବୁଦ୍ଧି ଓ ବିଚାର ଦ୍ୱାରା ରକ୍ତମାଂସ ଶରୀରଧାରୀ ହିତାପାନ୍ତର୍ଗତ ସମଧର୍ମୀ ଏକ ମନୁଷ୍ୟ, କୋଟି ମନୁଷ୍ୟ ଉପରେ ଆଧିପତ୍ୟ ସ୍ଥାପନ କରୁଅଛି । ଅତଏବ ବୁଦ୍ଧି ଓ ବିଚାରହିଁ ମନୁଷ୍ୟପ୍ରାଣୀର ପ୍ରଧାନ ବଳ ଅଟେ । ଦେଶ, କାଳ, ପାତ୍ରକୁ ଦୃଷ୍ଟି କରି ସ୍ୱପକ୍ଷ ଓ ପରପକ୍ଷର ବଳାବଳକୁ ଲକ୍ଷ୍ୟ କରି, କାର୍ଯ୍ୟ କରିବାହିଁ ମନୁଷ୍ୟର ଉପଯୁକ୍ତ ବୁଦ୍ଧି ଓ ବିବେକ । ଆପଣାର ଓ ଅପରର ବଳାବଳକୁ ଲକ୍ଷ୍ୟ ନ କରି, ଭୂତ, ଭବିଷ୍ୟତ, ବର୍ତ୍ତମାନକୁ ବିଚାର ନ କରି ଦେଶକାଳପାତ୍ର ଭେଦରେ କାର୍ଯ୍ୟ ନ କଲେ ପଦେ ପଦେ ବିଘ୍ନ ଘଟିଥାଏ । ଅତଏବ ଉପରୋକ୍ତ ସମସ୍ତ ବିଷୟପ୍ରତି ବିଚାର କରି ସାବଧାନ ହୋଇ କର୍ମ କରିବାହିଁ ପ୍ରକୃତ ଆତ୍ମରକ୍ଷା ।

ସୃଷ୍ଟିକର୍ତ୍ତା ପ୍ରତ୍ୟକ୍ଷରେ ସଂସାରୀ ପ୍ରାଣୀମାନଙ୍କୁ କିଛି ମାତ୍ର ଉପଦେଶ କରୁ ନାହାନ୍ତି । ମାତ୍ର ପ୍ରାଣୀମାନଙ୍କୁ ସେମାନଙ୍କର କର୍ମାକର୍ମର ଫଳାଫଳ ଦର୍ଶାଇ ପ୍ରକାରାନ୍ତରେ ଉପଦେଶ ଦେଉଅଛନ୍ତି । ତାହାକୁ ହିଁ ବୁଦ୍ଧି ଦ୍ୱାରା ବିଚାର କରିବା ମନୁଷ୍ୟପ୍ରାଣୀର ଆତ୍ମରକ୍ଷା ।

ଆପଣାର ମାନସିକ ଓ ଶାରୀରିକ ଯେ ସମସ୍ତ ବେଗ ଅର୍ଥାତ୍ କାମ କ୍ରୋଧାଦି ଅନିଷ୍ଟକାରୀ ବୃତ୍ତିମାନ ଅଛନ୍ତି, ସେମାନଙ୍କୁ ସମ୍ୟକ୍ ବଶୀଭୂତ କରିବାର ଚେଷ୍ଟାହିଁ ମନୁଷ୍ୟପ୍ରାଣୀର ଆତ୍ମରକ୍ଷା ।

ଦେଶ, କାଳ ଓ ପାତ୍ର ଭେଦରେ ସମାଜ ବନ୍ଧନକୁ ପ୍ରତିପାଳନ କରି ନିରୁପଦ୍ରବରେ ଶାନ୍ତିଲାଭର ଚେଷ୍ଟାହିଁ ପ୍ରଧାନ ଆତ୍ମରକ୍ଷା ।

କ୍ଷୁରଧାର ସ୍ୱକଳ୍ପନାଠାରୁ ସତ୍‌ଶାସ୍ତ୍ର ଆଲୋଚନାହିଁ ପ୍ରଧାନ ଆତ୍ମରକ୍ଷା ।

ପ୍ରେୟାବଲମ୍ବଠାରୁ ଶ୍ରେୟାନୁସନ୍ଧାନହିଁ ପ୍ରକୃତ ଆତ୍ମରକ୍ଷା ।

ହାତେ ମାପି ଗୃହଖଣ୍ଡକରେ ପଥ ଚାଲିବା ଅର୍ଥାତ୍ ଅତି ସାବଧାନରେ କାର୍ଯ୍ୟ କରିବାହିଁ ଆତ୍ମରକ୍ଷା ।

ଆତ୍ମାନୁସନ୍ଧାନ ବା ଆତ୍ମବିଚାର, ଆତ୍ମର ଉତ୍କର୍ଷ ଓ ମହତ୍ତ୍ୱ ସ୍ଥାପନକୁ ଆତ୍ମରକ୍ଷା ବୋଲଯାଏ ।

ପାର୍ଥିବ ବିଷୟରେ ନିତାନ୍ତ ଆସକ୍ତ ନ ହେବା ଓ ପରମାର୍ଥ ଚିନ୍ତା କରିବାହିଁ ଯଥାର୍ଥ ଓ ଶ୍ରେଷ୍ଠତମ ଆତ୍ମରକ୍ଷା ଅଟେ ।

ଉପରୋକ୍ତ କ୍ଷୁଦ୍ର ପ୍ରସଙ୍ଗଟି ଗୋଟିଏ ସାମାନ୍ୟ ସଙ୍ଗୀତରେ ଶେଷ କରିବୁଁ ।

## ସଙ୍ଗୀତ

ପାର୍ଥିବ ଓ ପରମାର୍ଥିକ ପ୍ରେମ ।

ପ୍ରେମ ଅନ୍ଧକୂପରେ ପଡ଼ିଲୁ ବୁଡ଼ିଲୁ,
ପ୍ରକୃତ ପଦାର୍ଥକୁ ନ ଚିହ୍ନି ହୁଡ଼ିଲୁ । ଘୋଷା ।
ପର ପ୍ରୀତିପଥରେ ପଦ ପ୍ରସାରି ଥରେ,
ପରମାଦରେ ପରମାଦରେ ପଡ଼ିଲୁ ।୧।
ପାଇଲୁ ନାହିଁ କୂଳ, ପ୍ରାଣ ହେଲା ଆକୁଳ,
ପୀୟୂଷ ଭ୍ରମେ ବିଷ ଆଲୋଡ଼ି ଲୋଡ଼ିଲୁ ।୨।
ପାତାଳ ଏଭବ କୂପ, ପାଷାଣଯୂପ-ରୂପ,
ପିପାସା ଗଲା ନାହିଁ, ପଡ଼ିଲୁ ପୋଡ଼ିଲୁ ।୩।
ପ୍ରେୟ ସଙ୍ଗତେ ଶ୍ରେୟ, ପାପରେ ହୁଏ ହେୟ,
ପରମ ତତ୍ତ୍ୱକୁ ଯା ହୁଡ଼ିଲୁଁ ଗୁଡ଼ିଲୁ ।୪।
ପରମାନନ୍ଦେ ତ୍ୟଜି, ପାର୍ଥିବ ଭାବ ଭଜି,
ପରେଶର ସ୍ୱରୂପକୁ ପାପପଙ୍କେ ଗଡ଼ିଲୁଁ ।୫।

ଶ୍ରୀ ରାଜନାରାୟଣ ଦାସ ।

# ସୁଖ-ସ୍ୱପ୍ନ

ଧନ୍ୟରେ ସ୍ୱପନ    ଧନ୍ୟ ତୋ ମହିମା
ଶକ୍ତିମନ୍ତ ତୋର ଧନ୍ୟ,
ବିଧାତା ଶକ୍ତିକି    ବଳ ନ କରୁ କି
ଅଦ୍ଭୁତ କର୍ମସାଧନ ?
ଦୂରସ୍ଥ ବନ୍ଧୁର    ଦରଶନ ପାଇଁ
ବ୍ୟାକୁଳିତ ହୁଏ ମନ,
ଶତଶତ କୋଶ    ଗମନ ନ କଲେ
ନ ମିଳଇ ଦରଶନ,
ନିମେଷ ମଧ୍ୟରେ    ସେ ପ୍ରିୟ ବନ୍ଧୁର
ସଙ୍ଗେ କରି ସମାଗମ,
ଦେଉ ଯେଉଁ ସୁଖ,    ଏ ବିଶ୍ୱ ମଧ୍ୟରେ
କେଉଁ ସୁଖ ତାର ସମ ?
ପରଲୋକବାସୀ    ପ୍ରିୟଜନଙ୍କର
ଦରଶନ ଦୂରେ ଥାଉ,
ଭାବିଲେ ଯା ରୂପ    ସମ୍ପୂର୍ଣ୍ଣ ପ୍ରକାରେ
ଭାବନାୟ ନୁହେ ଆଉ ।
ତୋହର ପ୍ରସାଦରେ    ପ୍ରାପତ ହୁଅଇ
ସଜୀବ ଶରୀରେ ତାର,
ଏମନ୍ତ ଶକତି    ଦେଖୁ ନାହିଁତ ମୁଁ
ବିଶ୍ୱସ୍ରଷ୍ଟା ବିଧାତାର ।
ପରଲୋକୀ ପ୍ରିୟ    ବନ୍ଧୁର ପ୍ରସନ୍ନ
ଶ୍ରୀମୁଖ ସାକ୍ଷାତକାର,
ରାଜସୁଖ ଛାଡ଼ି    ଇନ୍ଦ୍ର ସମ୍ପତ୍ତିକୁ
କରଇ ଶତଧିକ୍କାର ।
ବିରହୀକି ଦେଇ    ସମାଗମ ସୁଖ
ବଢ଼ାଇ ପାରୁ ଆନନ୍ଦ,
ଦେଇ ପାରୁ ମହା    ଦରିଦ୍ରେ କ୍ଷଣକେ
ରାଜରାଜେଶ୍ୱର ପଦ ।
କଳ୍ପଦ୍ରୁମ ଆଉ    କାହାକୁ କହନ୍ତି
ବୁଝି ପାରୁ ନାହିଁ ମୁହିଁ,
ଆଶୁ କଳପିତ    ଫଳ ପ୍ରଦାୟକ
କଳ୍ପଦ୍ରୁମ ଏକା ତୁହି ।
ମନ ସନ୍ଧ୍ୟତରେ    ଗତି କରିବାକୁ
କେ ଅଛୁ ଶକ୍ତି ସମ୍ପନ୍ନ,
ଦେଖୁଅଛୁ ଏକା    ନେଇ ପାରୁ ତୁହି
ପ୍ରାଣିମାନଙ୍କୁ ସ୍ୱପନ ।
ଜୀବନରେ ଦୀର୍ଘ—    ସହବାସେ ଲବ୍ଧ
ହୋଇ ନଥାଏ ଯେ ସୁଖ,
ସେ ଅମୂଲ୍ୟ ସୁଖ    ଦେଉ ତୁ ଦେଖାଇ
ମୃତପ୍ରିୟବନ୍ଧୁ ମୁଖ ।
ଯେ ବୋଲିବ ତାହା    ସ୍ୱପ୍ନ କଥା ସିନା
ନିଦ୍ରାସହ ଭଙ୍ଗଶୀଳା,
ଅଭଙ୍ଗୁର ତାର    ଅଟଇ କି ଏହି
ସୁଖମୟ ଭବଲୀଳା ?
ଥରେ ଯେଉଁ ସୁଖ    ଦେଇଥାଉ ପୁଣି
ଦେଇପାରୁ ଆଉ ଥରେ,
ସେହି ସୁଖଲାଗି    ଶୀଳାଗାର ପରି
ରହିଯାଏ ହୃଦୟରେ ।
ଭବ-ସୁଖ ସବୁ    ସାଙ୍ଗ ହେଲେ ଅନ୍ୟ
ଜନ୍ମେ ନ ପଡ଼ଇ ମନେ,
ଭବ ସୁଖାପେକ୍ଷା    ତୋ ଦତ୍ତ ସୁଖକୁ
ଏଣୁ ମୁହିଁ ଶ୍ରେଷ୍ଠ ମଣେ ।

ଶ୍ରୀ ଗଙ୍ଗାଧର ମେହେର ।

# ଯୋଗଶାସ୍ତ୍ର

(ପାତଞ୍ଜଳ ଦର୍ଶନ)

ପୂର୍ବାନୁବୃତ୍ତି

୧୧। ଅନୁଭୂତ ବିଷୟାସମ୍ପ୍ରମୋଷଃ ସ୍ମୃତିଃ।

ବସ୍ତୁ ଥରେ ମାତ୍ର ଅନୁଭୂତ ଅର୍ଥାତ୍ ପ୍ରମାଣ ବୃତ୍ତିରେ ଆରୂଢ଼ ହେଲେ ତାହା ଆଉ ଯାଏ ନାହିଁ। ସଂସ୍କାରରୂପରେ ପ୍ରତିଷ୍ଠିତ ଥାଏ। ସେହି ରହିବାର ନାମ ସ୍ମୃତି। ଏହାର ତାତ୍ପର୍ଯ୍ୟ ଏହି ଯେ ଜାଗ୍ରତ ଅବସ୍ଥାରେ ଆମ୍ଭେମାନେ ଯାହା ଦେଖୁଁ, ଶୁଣୁ କିମ୍ବା ଅନୁଭବ କରୁଁ ଚିତ୍ତମଧ୍ୟରେ ସେଥିର ସଂସ୍କାର ଆବଦ୍ଧ ହୋଇ ରହେ। ଉତ୍ତେଜନାର କାରଣ ଉପସ୍ଥିତ ହେଲେ ସେହି ସଂସ୍କାର ପ୍ରବଳ ହୋଇ ଚିତ୍ତରେ ସେହି ପୂର୍ବାନୁଭୂତ ବସ୍ତୁର ସ୍ୱରୂପକୁ ପୁନରୁଦିତ କରିଦିଏ। ସେହି ସମୁଦିତ ମନୋବୃତ୍ତିର ନାମ ସ୍ମୃତି ବା ସ୍ମରଣ। ଯେଉଁ ପାଞ୍ଚ ପ୍ରକାର ମନୋବୃତ୍ତିର ବିଷୟ ଉଲ୍ଲେଖ କରାଗଲା ଯୋଗ ସମୟରେ ସେହି ସମସ୍ତ ମନୋବୃତ୍ତିକୁ ରୁଦ୍ଧ କରିବାକୁ ହୁଏ। ରୁଦ୍ଧ କରିବାର ଦୁଇଗୋଟି ଉପାୟ ଅଛି—ପ୍ରଥମ ଅଭ୍ୟାସ, ଦ୍ୱିତୀୟ ବୈରାଗ୍ୟ।

୧୨। ଅଭ୍ୟାସ ବୈରାଗ୍ୟାଭ୍ୟାଂ ତନ୍ନିରୋଧ।

ଅଭ୍ୟାସ ଏବଂ ବୈରାଗ୍ୟଦ୍ୱାରା ଉଲ୍ଲିଖିତ ସମସ୍ତ ବୃତ୍ତିର ନିରୋଧ ହୋଇଥାଏ। ବୈରାଗ୍ୟ ଜନମିଲେ ଚିତ୍ତର ବହିର୍ଗତି ଓଲଟି ଯାଇ ଅନ୍ତର୍ଗତି ହୁଏ। ଅର୍ଥାତ୍ କେବଳ ଆତ୍ମାପ୍ରତି ତାହାର ଅଭିନିବେଶ ଜନ୍ମେ। କ୍ରମରେ ଏକାଗ୍ରତା ଏବଂ ନିରୁଦ୍ଧାବସ୍ଥା ଉପସ୍ଥିତ ହୁଏ। ଏହି ଏକାଗ୍ରତା ଏବଂ ନିରୁଦ୍ଧତ୍ୱ ସ୍ଥାୟୀ କରିବା ନିମନ୍ତେ ଅଭ୍ୟାସର ପ୍ରୟୋଜନ। ଏହାକୁ ସ୍ଥାୟୀ ଓ ଦୃଢ଼ କରିବାକୁ ଅଭ୍ୟାସ ବିନା ଅନ୍ୟ କୌଣସି ଉପାୟ ନାହିଁ।

ଯାହାର ଯେ ବସ୍ତୁ ପ୍ରତି ବିରାଗ ଜାତ ହୁଏ, ଚିତ୍ତ କେତେବେଳେ ସେ ବସ୍ତୁ ନିମନ୍ତେ ଚଞ୍ଚଳ ହୁଏ ନାହିଁ, କିମ୍ବା ସେ ବସ୍ତୁକୁ ଲୋଡ଼େ ନାହିଁ। ସେହିପରି ବାହ୍ୟ ଜଗତରେ ସମସ୍ତ ବସ୍ତୁପ୍ରତି ଯଦି ବୈରାଗ୍ୟ ଜାତ ହୁଏ, ତେବେ ସେ ସମସ୍ତ ବସ୍ତୁପ୍ରତି ଚିତ୍ତର ଅବଶ୍ୟ ବୈରାଗ୍ୟ ଜାତ ହେବ ଅର୍ଥାତ୍ ସେହି ସମସ୍ତ ବସ୍ତୁ ପାଇବା ପାଇଁ ଚିତ୍ତ କଦାଚ ଚଞ୍ଚଳ ହେବ ନାହିଁ। ମାତ୍ର ବୈରାଗ୍ୟଠାରୁ ଅଭ୍ୟାସର କ୍ଷମତା ଅତ୍ୟନ୍ତ ଅଧିକ। ଅଭ୍ୟାସ ପ୍ରବଳ ହେଲେ ତାହା ସ୍ୱଭାବର ସମାନ ବଳବାନ୍ ହୁଏ। ଜୀବର ମନ ଚିରକାଳ ଚଞ୍ଚଳତା ଅଭ୍ୟାସ କରିଅଛି, ତେଣୁ ସେ ସ୍ଥିର ହୋଇ ରହି ପାରେ ନାହିଁ। ପୁଣି ଯେବେ ତାହାର ସ୍ଥିରତା ଅଭ୍ୟାସ କରିବ, ତେବେ ସେ କାହିଁକି ସ୍ଥିର ହୋଇ ନ ରହିବ? ଅତଏବ ସ୍ପଷ୍ଟ ଜଣା ଯାଉଅଛି, ବୈରାଗ୍ୟ ଏବଂ ଅଭ୍ୟାସଦ୍ୱାରା ଚିତ୍ତର ଏକତାନ ବୃତ୍ତି ସ୍ଥାୟୀ ହୋଇ ରହିପାରେ।

୧୩। ତତ୍ରସ୍ଥିତୌ ଯତ୍ନୋଽଭ୍ୟାସଃ।

ଚିତ୍ତକୁ ସ୍ଥିର କରିବା ନିମନ୍ତେ ଯତ୍ନ ଅର୍ଥାତ୍ ଯହିଁରେ ରାଜସ ତାମସ ବୃତ୍ତି ଉଦିତ ନ ହୁଏ ସେ ପରି ଯତ୍ନକୁ ଅଭ୍ୟାସ ବୋଲାଯାଏ। ଅଭ୍ୟାସର ସଂକ୍ଷିପ୍ତ ଲକ୍ଷଣ ଏହି—ଅନ୍ୟ ବିଷୟ ଚିନ୍ତା ତ୍ୟାଗ କରି ଚିତ୍ତକୁ ଯତ୍ନପୂର୍ବକ ବାରମ୍ବାର ଏକାଗ୍ର ବା ଏକତାନ କରିବା ଏବଂ ସେଥିର ପୂର୍ବସାଧକ ଯମନିୟମାଦି ସାତପ୍ରକାର ଯୋଗାଙ୍ଗର ଅନୁଷ୍ଠାନ କରିବା ସ୍ଥୂଳ କଥା ଏହି ଯେ ଯେଉଁ ଯତ୍ନଦ୍ୱାରା ଚିତ୍ତର ଏକାଗ୍ରତା ପ୍ରତିଷ୍ଠିତ ହୁଏ, ସେହିରୂପ ଯତ୍ନ ଏବଂ ତଦ୍ରୂପ ଅନୁଷ୍ଠାନ କରିବାର ନାମ ଅଭ୍ୟାସ। ଅଭ୍ୟାସ ଦୃଢ଼ ହେଲେ ଚିତ୍ତକୁ ଯେତେବେଳେ ଇଚ୍ଛା ସେତେବେଳେ

Digitized by srujanika@gmail.com

ଏକତାନ କରି ପାରିବ ।

ବିଷୟରୁ ଏକାବେଳକେ ସମ୍ପୂର୍ଣ୍ଣରୂପେ ନିସ୍ପୃହ ହେଲେ ବଶୀକାରନାମକ ବୈରାଗ୍ୟ ଜନ୍ମେ, ଅର୍ଥାତ୍ ଐହିକ ଏବଂ ପାରଲୌକିକ ସୁଖ ଭୋଗେଚ୍ଛା ପରିତ୍ୟାଗ କଲେ କ୍ରମରେ ଉତ୍କୃଷ୍ଟ ବୈରାଗ୍ୟ ଜନ୍ମେ ।

ବାସ୍ତବିକ ବୈରାଗ୍ୟ ଜନ୍ମିବା ଅତ୍ୟନ୍ତ କଠିନ ଅଟେ । ଭୋଗସ୍ପୃହା ପରିତ୍ୟାଗର ନାମ ବୈରାଗ୍ୟ । ପରନ୍ତୁ ତାହା ବସ୍ତୁ ଏବଂ ବିବେକର ଅଧୀନ । ଯେବେ ଅନୁସନ୍ଧାନ କରି ପ୍ରତ୍ୟେକ ବସ୍ତୁ ଓ ଦୋଷ ବିଶେଷ ରୂପେ ଅନୁଭବ କରିପାରିବ ତେବେ ସେଥିରୁ ସ୍ପୃହା ନିବୃତ୍ତ ହେବ ନଚେତ୍ କଦାଚ ହେବ ନାହିଁ । ଅନୁସନ୍ଧାନ ଦ୍ୱାରା ଶତ-ଶତ ବସ୍ତୁର ଦୋଷ ଦେଖି ସେଥିର ସ୍ପୃହାରୁ ନିବୃତ୍ତ ହେଲେ ସହସ୍ର ୨ ବସ୍ତୁର ଦୋଷ ସହ-ଜରେ ଦୃଷ୍ଟ ହେବ ଏବଂ ସେଥିର ସ୍ପୃହା ସହଜରେ ନିବୃତ୍ତ ହେବ । ଅତଏବ ସାହାଯ୍ୟରେ ପ୍ରତ୍ୟେକ ବସ୍ତୁର ଦୋଷ ଏବଂ ଦୁଃଖପ୍ରଦ ଗୁଣ ସନ୍ଧାନ କଲେ ସହଜରେ ସେହି ସମସ୍ତ ବସ୍ତୁର ପ୍ରକୃତ ଗୁଣ ଜଣାପଡ଼ିବ ଏବଂ ସେଥିରେ ସହଜରେ ବୈରାଗ୍ୟ ଜାତ ହେବ ।

୧୪ । ସତୁ ଦୀର୍ଘକାଳ ନୈରନ୍ତର୍ଯ୍ୟ ସତ୍କାର ସେବିତୋ ଦୃଢ଼ଭୂମିଃ ।

ସେହିପରି ଅଭ୍ୟାସ ଦୀର୍ଘକାଳ ପର୍ଯ୍ୟନ୍ତ ସର୍ବଦା ଯତ୍ନସହିତ ସମ୍ପନ୍ନ କଲେ କ୍ରମଶଃ ତାହା ଦୃଢ଼ ଏବଂ ଅବିଚଳିତ ହୁଏ ।

ବାସ୍ତବରେ ଉକ୍ତ ପ୍ରକାର ଅଭ୍ୟାସ ଦୁଇଚାରି ଦିନରେ ଦୃଢ଼ ହୁଏ ନାହିଁ ଏବଂ ଅଯତ୍ନରେ କଲେ ମଧ୍ୟ ହୁଏ ନାହିଁ । ଶ୍ରଦ୍ଧାଭକ୍ତି ଏବଂ ଉତ୍ସାହ ସହିତ ସର୍ବଦା ଅଭ୍ୟାସ କରିପାରିଲେ ତାହା ଦୀର୍ଘକାଳରେ ସିଦ୍ଧ ହୁଏ । ସେପରି ଯୋଗାଭ୍ୟାସ ଦୃଢ଼ ହେଲେ ତୁମ୍ଭ ମନ ତୁମ୍ଭର ଅଧୀନ ହୋଇ ରହିବ । ସାଧାରଣ ଲୋକେ ଯେମନ୍ତ ମନର ଅଧୀନ ତୁମ୍ଭେ ସେପରି ହେବନାହିଁ । ସେ ସମୟରେ ତୁମ୍ଭର ସ୍ୱାଧୀନ ଚିତ୍ତକୁ ଯେଉଁଠିକେଲେ ଇଚ୍ଛା ରଖିଦେଇପାରିବ ଏବଂ ଯେଠାରେ ଇଚ୍ଛା ସେଠାରେ ଆବେଶ କରିପାରିବ । ଅଭ୍ୟାସ ଯେମନ୍ତ ଅତ୍ୟଧିକ ଯତ୍ନସାଧ୍ୟ, ବୈରାଗ୍ୟ ପୁଣି ତତୋଧିକ ତ୍ୟାଗ-ସାଧ୍ୟ ।

୧୫ । ଦୃଷ୍ଟାନୁଶ୍ରବିକ ବିଷୟ ବିତୃଷ୍ଣସ୍ୟ ବଶୀକାର ସଂଜ୍ଞା ବୈରାଗ୍ୟମ୍ ।

ଦେଖିବା ଏବଂ ଶାସ୍ତ୍ରରେ କଥିତ ଥିବା ଏହି ଦୁଇଟି ବୈରାଗ୍ୟର ବିଷୟ ଅର୍ଥାତ୍ ପରିତ୍ୟକ୍ତ ବସ୍ତୁ ଦୁଇ ପ୍ରକାର । ଦୃଷ୍ଟ ଏବଂ ଅଦୃଷ୍ଟ । ଯାହା ଦେଖିବାକୁ ପାଉଁ ତାହା ଦୃଷ୍ଟ ଏବଂ ଯାହା ଦେଖିବାକୁ ନ ପାଉଁ ତାହା ଅଦୃଷ୍ଟ । ସ୍ତ୍ରୀ, ଅନ୍ନ, ପାନ ଏବଂ ଅନୁଲେପନ ପ୍ରଭୃତି ବର୍ତ୍ତମାନ ଭୋଗସାଧନ ବସ୍ତୁ ସମସ୍ତ ଦୃଷ୍ଟ ଏବଂ ସ୍ୱର୍ଗ, ଅମୃତ, ଅପ୍ସରା, ଅମର ରତ୍ନ ଏ ସମସ୍ତ ପାର-ଲୌକିକ ଭୋଗ୍ୟବସ୍ତୁ ଅଦୃଷ୍ଟ । ଯେହେତୁ ଏହି ସମସ୍ତ ବସ୍ତୁର ଅସ୍ତିତ୍ୱ କିମ୍ବା ଭୋଗ ବର୍ତ୍ତମାନ ଶରୀରରେ ଅନୁଭୂତ ହୁଏ ନାହିଁ । ଏଥି ଉତ୍ତାରେ ଭୋଗ କରିବାକୁ ହେବ, ଏପରି ପ୍ରତ୍ୟାଶାଦ୍ୱାରା ଆମ୍ଭେମାନେ ଏହାର ଆକାର ଏବଂ ଅସ୍ତିତ୍ୱ କଳ୍ପନା କରି ନେଉଁ । ଶାସ୍ତ୍ର ପ୍ରତି ବିଶ୍ୱାସ କରୁଁ ବୋଲି ଆମ୍ଭମାନଙ୍କର ଏପରି ପ୍ରତ୍ୟାଶା ଜାତ ହୁଏ । ଯାହାହେଉ ଯେବେ ଉକ୍ତ ଦୁଇ ବିଷୟ ଅର୍ଥାତ୍ ଐହିକ ଏବଂ ପାରତ୍ରିକ ସୁଖର କ୍ଷଣସ୍ଥାୟିତ୍ୱ ଦୋଷ ଅନୁଭବ କରିପାରୁଁ ତେବେ ସେ ସମସ୍ତ ପ୍ରତି ସହଜରେ ବୈରାଗ୍ୟ ଜାତ ହେବ । ବୈରାଗ୍ୟର ଅଙ୍କୁରାବସ୍ଥାଠାରୁ ତାହାର ପୂର୍ଣ୍ଣତାପ୍ରାପ୍ତିର ଅବସ୍ଥା ପର୍ଯ୍ୟନ୍ତ ଆଲୋଚନା କରି ଦେଖିଲେ ତାହାର ଚାରିପ୍ରକାର ଅବସ୍ଥା ଦୃଷ୍ଟ ହେବ । ପ୍ରଥମ-ଯତମାନ, ଦ୍ୱିତୀୟ-ବ୍ୟତିରେକ, ତୃତୀୟ-ଏକେନ୍ଦ୍ରିୟ, ଚତୁର୍ଥ-

Digitized by srujanika@gmail.com

ବଶୀକାର । ଚିତ୍ତର ବିଷୟାନୁରାଗ ନଷ୍ଟ କରିବାର ଚେଷ୍ଟା କରିବାର ନାମ ଯତମାନ । ଏହାହିଁ ବୈରାଗ୍ୟର ପ୍ରଥମାବସ୍ଥା । କେଉଁ ଅନୁରାଗ ନଷ୍ଟ ହେଲା, କେଉଁ ! ଅନୁରାଗ ଜାଗ୍ରତ ଅଛି ଏପରି ପରୀକ୍ଷା କରିବା ଉତ୍ତାରେ ସଜୀବ ଅନୁରାଗ ସମୂହଙ୍କୁ ବିନାଶ କରିବାକୁ ଚେଷ୍ଟା କରିବାର ନାମ ବ୍ୟତିରେକ । ଏହା ବୈରାଗ୍ୟର ଦ୍ୱିତୀୟ ଅବସ୍ଥା ଅଟେ । ଚିତ୍ତ କୌଣସି ବିଷୟ ପ୍ରତି ଅନୁରକ୍ତ ନହୋଇ ସମୟ ୨ ରେ କୌଣସି ବିଷୟ ପ୍ରତି ଉତ୍ସୁକ ହେବାର ନାମ ଏକେନ୍ଦ୍ରିୟ । ଏହା ବୈରାଗ୍ୟର ତୃତୀୟାବସ୍ଥା । କ୍ରମଶଃ ସମସ୍ତ ବିଷୟ ପ୍ରତି ଯେତେବେଳେ ଅନୁରାଗ ବା ଔତ୍ସୁକ୍ୟ ଛାଡ଼ିଯାଇ ମନ ଏକତାନ ହେବ ସେତେବେଳେ ଜାଣିବ ବୈରାଗ୍ୟ ଚତୁର୍ଥ ଅର୍ଥାତ୍ ପୂର୍ଣ୍ଣ ଅବସ୍ଥା ପ୍ରାପ୍ତ ହୋଇ ଅଛି । ଏହି ବଶୀକାର ଜ୍ଞାନ ଜାତ ହେଲେ ସ୍ୱର୍ଗଲୋକ କଥା ସେଠିକି ଥାଉ ବ୍ରହ୍ମଲୋକ ପ୍ରତି ମଧ୍ୟ ତୁଚ୍ଛ ଜ୍ଞାନ ଜାତ ହୁଏ । ଏହି ବୈରାଗ୍ୟ ଯୋଗଜ୍ଞାନର ଚରମ ସୀମା, ଯୋଗ ବା ସମାଧିର ଅସାଧାରଣ ଉପକରଣ ।

୧୬। ତତ୍ପରଂ ପୁରୁଷ ଖ୍ୟାତେର୍ଗୁଣବୈତୃଷ୍ଣଂ ।

• ସେଥିର ଅବ୍ୟବହିତ ପରେ ଅର୍ଥାତ୍ ସେପରି ବୈରାଗ୍ୟ ଜନ୍ମିଲା ଉତ୍ତାରେ ଆପେ ୨ ପୁରୁଷ ଖ୍ୟାତି ଅର୍ଥାତ୍ ପ୍ରକୃତି ପୁରୁଷର ପାର୍ଥକ୍ୟ ଜ୍ଞାନ ଜାତ ହୁଏ । ସେ ସମୟରେ ତାହାଙ୍କର ଗୁଣ ପ୍ରତି ଅର୍ଥାତ୍ ପ୍ରକୃତି ପ୍ରତି ମଧ୍ୟ ବିତୃଷ୍ଣା ଜାତ ହୁଏ । ପ୍ରାକୃତିକ ଐଶ୍ୱର୍ଯ୍ୟ ସେ କାଳରେ ଆଉ ତାହାଙ୍କୁ ମୋହିତ କରିପାରେ ନାହିଁ । ତେଣୁ ସେ ସେତେବେଳେ ନିର୍ବିଘ୍ନରେ ନିରୋଧ ସମାଧିର ଆଶ୍ରୟ ନେଇ କାଳାତିପାତ କରିବାକୁ ସମର୍ଥ ହୁଅନ୍ତି ।

ଯୋଗର ବିଶେଷ ୨ ଲକ୍ଷଣ ବା ଅବସ୍ଥା ଯାହା ଶାସ୍ତ୍ରରେ ବର୍ଣ୍ଣିତ ଅଛି ସେ ସମସ୍ତ ବିଷୟ ଶ୍ରବଣ କରନ୍ତୁ ।

୧୭। ବିତର୍କ ବିଚାରାନନ୍ଦାସ୍ମିତାନୁଗମାତ୍ ସମ୍ପ୍ରଜ୍ଞାତଃ ।

ବିତର୍କ, ବିଚାର, ଆନନ୍ଦ, ଅସ୍ମିତା ଏହି ଚାରିପ୍ରକାର ଅବସ୍ଥା ବା ପ୍ରଭେଦ ଥିବାରୁ ସମ୍ପ୍ରଜ୍ଞାତ ସମାଧି ବା ଯୋଗ ଚାରିପ୍ରକାର ବୋଲି କଥିତ ହୋଇଅଛି । ଏହି ବିଷୟଟି ପରିଷ୍କାର ରୂପେ ବୁଝାଇବାକୁ ହେଲେ ଅନେକ କଥା ବୋଲିବାକୁ ହୁଏ । ଯଥା—ଏକ ବସ୍ତୁର ଭାବ ଭାବନା ବା ଉତ୍କଟ ଚିନ୍ତା ପ୍ରୟୋଗର ନାମ ଯୋଗ ଓ ସମାଧି । ସର୍ବବୃତ୍ତି ନିରୋଧ ଅର୍ଥାତ୍ ଚିତ୍ତର ନିରାଲମ୍ବ ଅବସ୍ଥା ମଧ୍ୟ ଯୋଗ ଓ ସମାଧି । ଶେଷୋକ୍ତ ସମାଧିର ପ୍ରଥମାବସ୍ଥାରେ ଭାବ୍ୟ ପଦାର୍ଥ ଅର୍ଥାତ୍ ଯାହାକୁ ଭାବୁଥାଉ ତହିଁର ଜ୍ଞାନ ଥାଏ ସତ୍ୟ, ମାତ୍ର କ୍ରମଶଃ ସେ ଜ୍ଞାନର ଅଭାବ ହୋଇଯାଏ । ଚିତ୍ତ ସେତେବେଳେ ବୃତ୍ତିଶୂନ୍ୟ ବା ନିରାଲମ୍ବ ହୋଇ କେବଳ ଅସ୍ତିତ୍ୱ ମାତ୍ରରେ ଅବସ୍ଥିତ ଥାଏ । ସେହି ସମସ୍ତ ଆଲୋଚନା କରି ଯୋଗୀମାନେ ବୋଲିଅଛନ୍ତି ଯୋଗ ଦୁଇ ପ୍ରକାର । ସମ୍ପ୍ରଜ୍ଞାତ ସମାଧି ଓ ଅସମ୍ପ୍ରଜ୍ଞାତ ସମାଧି । ଅର୍ଥାତ୍ ଭାବ୍ୟ ପଦାର୍ଥର କିଞ୍ଚିତ ଜ୍ଞାନ ଥାଏ ବୋଲି ତାହାର ନାମ ସମ୍ପ୍ରଜ୍ଞାତ ସମାଧି । କୌଣସି ପ୍ରକାର ବୃତ୍ତି ବା ଜ୍ଞାନ ଥାଏ ନାହିଁ ବୋଲି ତାହାର ନାମ ଅସମ୍ପ୍ରଜ୍ଞାତ ସମାଧି ।

ବାଣୁଆମାନେ ଯେମନ୍ତ ପ୍ରଥମେ ସ୍ଥୂଳଲକ୍ଷ୍ୟ ବିନ୍ଧିବାକୁ ଶିକ୍ଷା କରନ୍ତି ପୁଣି କ୍ରମେ କ୍ରମେ ସୂକ୍ଷ୍ମ ସୂକ୍ଷ୍ମତର ବସ୍ତୁକୁ ଲକ୍ଷ୍ୟ କରି ବିନ୍ଧିବାକୁ ଅଭ୍ୟାସ କରନ୍ତି, ସେହିପରି ଯୋଗିମାନେ ପ୍ରଥମେ ସ୍ଥୂଳତର ଶାଳଗ୍ରାମ କିମ୍ବା ଅନ୍ୟ କୌଣସି କଳ୍ପିତ ଦେବମୂର୍ତ୍ତି ଅଥବା କୌଣସି

Digitized by srujanika@gmail.com

ଭୌତିକ ପଦାର୍ଥ ଅବଲମ୍ବନ କରି ତାହା ଉପରେ ଭାବନାସ୍ରୋତ ପ୍ରବାହିତ କରିବାକୁ ଶିକ୍ଷା କରନ୍ତି । କ୍ରମେ ସୂକ୍ଷ୍ମଠାରୁ ସୂକ୍ଷ୍ମତମ ପଦାର୍ଥ ପ୍ରତି ଧ୍ୟାନ ପ୍ରବାହ ପ୍ରବାହିତ କରନ୍ତି । ଏଥିରୁ ଜଣାଗଲା ଯେ ଧ୍ୟେୟ ଅର୍ଥାତ୍ ଧ୍ୟାନ କରିବାର ବସ୍ତୁ ଦୁଇପ୍ରକାର ସ୍ଥୂଳ ଓ ସୂକ୍ଷ୍ମ । ଏହି ସ୍ଥୂଳ ସୂକ୍ଷ୍ମ ମଧ୍ୟ ଦୁଇପ୍ରକାର ଯଥା, ବାହ୍ୟ ସ୍ଥୂଳ ଏବଂ ବାହ୍ୟ ସୂକ୍ଷ୍ମ, ଆଧ୍ୟାତ୍ମିକ ସ୍ଥୂଳ ଏବଂ ଆଧ୍ୟାତ୍ମିକ ସୂକ୍ଷ୍ମ । କ୍ଷିତି, ଜଳ, ତେଜ, ପବନ ଓ ଆକାଶ ଏହି ପଞ୍ଚ ପ୍ରକାର ପଦାର୍ଥ ୯। ୟସ୍ଥୂଳ ନାମରେ କଥିତ ହୁଏ ଏବଂ ଇନ୍ଦ୍ରିୟମାନେ ଆଧ୍ୟାତ୍ମିକ ସ୍ଥୂଳ ନାମରେ କଥିତ ହୁଅନ୍ତି । ଏମାନଙ୍କର କାରଣୀଭୂତ ପରମାଣୁ ସମସ୍ତ ଏବଂ ଅହଂତତ୍ତ୍ୱ ଓ ବୁଦ୍ଧି ତତ୍ତ୍ୱନାମକ ମୂଳ ପଦାର୍ଥକୁ ଯଥାକ୍ରମେ ବାହ୍ୟ ସୂକ୍ଷ୍ମ ଓ ଆଧ୍ୟାତ୍ମିକ ସୂକ୍ଷ୍ମ ନାମ ଦିଆଯାଏ । ଏମାନଙ୍କୁ ଛାଡ଼ି ଆଉ ଆତ୍ମା ଏବଂ ଈଶ୍ୱର ଏହି ଦୁଇ ଦ୍ରବ୍ୟ ବସ୍ତୁ ଅଛନ୍ତି । ଏହି ସମସ୍ତ ଦ୍ରବ୍ୟ ଅବଲମ୍ବନ କରି ଭାବନା ପ୍ରବାହ ପ୍ରବାହିତ କରିପାରିଲେ ଦ୍ରବ୍ୟ ବସ୍ତୁର କ୍ଷମତା ଅନୁସାରେ ଭିନ୍ନ ଭିନ୍ନ ପ୍ରକାର ଫଳ ଲବ୍ଧ ହୁଏ । ସମାଧି ଆରମ୍ଭରେ ବାହ୍ୟ ସ୍ଥୂଳରେ ଆବେଗ ଅର୍ଥାତ୍ ସାକ୍ଷାତ୍କାର ସ୍ୱରୂପିଣୀ ପ୍ରଜ୍ଞା ଜନ୍ମେ, ତେବେ ତାହାକୁ ବିତର୍କ ବୋଲାଯାଏ ଏବଂ ବାହ୍ୟ ସୂକ୍ଷ୍ମର ସାକ୍ଷାତ୍କାର ଲାଭହେଲେ ତାହା ବିଚାର ନାମରେ ଆଖ୍ୟାତ ହୁଏ । କୌଣସି ଆଧ୍ୟାତ୍ମିକ ସ୍ଥୂଳ ଯେବେ ସମାଧିର ଅବଲମ୍ବନ ହୁଏ ଆଉ ସେଥିରେ ଧ୍ୟାନଜ ପ୍ରଜ୍ଞା ଜନ୍ମେ, ତେବେ ସେ ଅବସ୍ଥାର ନାମ ଆନନ୍ଦ । ଏବଂ ବୁଦ୍ଧି ସମ୍ବଳିତ ଜୀବାତ୍ମାରେ ଯେବେ ସେପରି ଆବେଗ ଜନ୍ମେ ତେବେ ତାହାର ନାମ ଅସ୍ମିତା । ଏହି ପ୍ରକାରେ ଚାରିପ୍ରକାର ଯୋଗର ନାମ ସବିତର୍କ, ସବିଚାର, ସାନନ୍ଦ ଏବଂ ସାସ୍ମିତା ଏମାନଙ୍କୁ ଛାଡ଼ି ଈଶ୍ୱରଙ୍କ ଠାରେ ଯେଉଁ ସମ୍ପ୍ରଜ୍ଞାତ ଯୋଗ ସାଧିତ ହୁଏ, ତାହା ସ୍ୱତନ୍ତ୍ର ଏବଂ ସେଥିର ଫଳ ମଧ୍ୟ ଭିନ୍ନ ଅଟେ । ଈଶ୍ୱର ଓ ଆତ୍ମାରେ ସମ୍ପ୍ରଜ୍ଞାତ ଯୋଗ ସିଦ୍ଧ କରିପାରିଲେ ମନୁଷ୍ୟର ଆଉ କୌଣସି କର୍ତ୍ତବ୍ୟ ବାକି ରହେ ନାହିଁ । ସେତେବେଳେ ପୂର୍ଣ୍ଣକାମ ହୋଇ କୃତ୍ୟ ତୃପ୍ତ ଅବସ୍ଥାରେ କଳ୍ପକଳ୍ପାନ୍ତ ଅତିବାହନ କରିବାକୁ ସକ୍ଷମ ହୁଏ । ଉପରଲିଖିତ ଦ୍ରବ୍ୟ ସମୂହରୁ ଯେ କୌଣସି ଦ୍ରବ୍ୟ ଉପରେ ଭାବନା ପ୍ରବାହ ପ୍ରବାହିତ କରିବ—କ୍ରମଶଃ ଧ୍ୟାନ ପରିପକ୍ୱ ବା ପ୍ରଗାଢ଼ ହେଲେ ଚିତ୍ତ ସେ କାଳରେ ସେହି ଧ୍ୟେୟ ବସ୍ତୁର ସାରୂପ୍ୟ ପ୍ରାପ୍ତ ଅର୍ଥାତ୍ ତନ୍ମୟ ହୋଇଯାଇ ଅବିଚଳିତରୂପେ ପ୍ରତିଷ୍ଠିତ ଥାଏ। ସେ କାଳରେ ଅନ୍ୟ କୌଣସି ଜ୍ଞାନ ବା ମନୋବୃତ୍ତି ଉଦିତ ଥାଏ ନାହିଁ । ଉଦିତ ହେଲେ ମଧ୍ୟ ଧ୍ୟେୟ ବସ୍ତୁଠାରୁ ବିଚଳିତ ହୁଏ ନାହିଁ । ସେ ସମୟରେ ସମ୍ପ୍ରଜ୍ଞାତ ସମାଧି ଉଦିତ ହୋଇ ଅଛି ବୋଲି ଜାଣିବ । ସେହି ସମ୍ପ୍ରଜ୍ଞାତ ସମାଧି ସମ୍ବନ୍ଧରେ ଆହୁରି ମଧ୍ୟ ଜ୍ଞାତବ୍ୟ କିଛି କଥା ଅଛି; ତାହା ଏହି—ଚିନ୍ତାକରି ଦେଖ ଯେତେବେଳେ ତୁମ୍ଭେ ଘଟ କି ପଟର ଧ୍ୟାନ କର ତେତେବେଳେ ସେହି ଘଟ ବା ପଟ ସହିତରେ ମୃତ୍ତିକା ବା ବସ୍ତ୍ରର ଜ୍ଞାନ ଅବଶ୍ୟ ଥାଏ ସେହି ସମୟରେ ଅହଂଜ୍ଞାନ ମଧ୍ୟ ଥାଏ । ପୁଣି କେବେ କେବେ ଏମନ୍ତ ହୁଏ ଯେ ଘଟଜ୍ଞାନ ଲୁପ୍ତ ହୋଇ ଯାଇ କେବଳ ଅହଂଜ୍ଞାନ ଓ ମୃତ୍ତିକାଜ୍ଞାନ ପରସ୍ପର ଜଡ଼ିତ ହୋଇଯାଇ ହରିହରମୂର୍ତ୍ତି ପରି ଏକ ଅଭିନ୍ନ ଆକାରରେ ବର୍ତ୍ତମାନ ଥାଏ ପୁଣି ଏମନ୍ତ ମଧ୍ୟ ହୁଏ ଯେ ଉକ୍ତ ଦୁଇଜ୍ଞାନ ପରସ୍ପର ପୃଥକ ଥାଏ କିନ୍ତୁ ଅଶ୍ୱିନୀକୁମାର ପରି ଅତ୍ୟନ୍ତରିକ ସମ୍ବନ୍ଧ ବିଚ୍ଛିନ୍ନ ହୁଏ ନାହିଁ । କେବେ ୨ ଏମନ୍ତ ମଧ୍ୟ ଘଟେ ଯେ ଅନ୍ୟାନ୍ୟ ସମସ୍ତ ଜ୍ଞାନ ଲୁପ୍ତ ହୋଇ ଯାଇ କେବଳ ଘଟଜ୍ଞାନ ଅଥବା ମୃତ୍ତିକାଜ୍ଞାନ ଅଥବା କେବଳ ଅହଂଜ୍ଞାନ ବର୍ତ୍ତମାନ

Digitized by srujanika@gmail.com

ଥାଏ । ଏହା ହୁଏ କି ନାହିଁ କଳ୍ପିତ ଚିନ୍ତା କଲେ ଜାଣିପାରିବ । ଯେଉଁ ଲୋକ କେବେ ଖାବୁ ୨ ହତଜ୍ଞାନ ହୋଇଅଛନ୍ତି ଅନ୍ୟମନସ୍କ ହୋଇ-ଅଛନ୍ତି ସେ ବୁଝିପାରିବେ ଏହା ହୁଏ କି ନାହିଁ । କେବଳ ସେହି ଲୋକ ଉକ୍ତ ବିଷୟର ସତ୍ୟତା ବୁଝି ପାରିବେ ଅନ୍ୟଲୋକ ପାରିବେ କି ନାହିଁ ସନ୍ଦେହର ବିଷୟ ଅଟେ । ଯାହାହେଉ ଉକ୍ତ ଦୃଷ୍ଟାନ୍ତରେ ଧ୍ୟାନ ବା ସମାଧିର ପରିପାକ ଅବସ୍ଥାରେ ଯେବେ ଧ୍ୟେୟ ବସ୍ତୁଜ୍ଞାନ ବିନା ଅନ୍ୟ ବସ୍ତୁର ଜ୍ଞାନ ନ ଥାଏ ଅର୍ଥାତ୍ ଅହଂଜ୍ଞାନ କିମ୍ବା ଧ୍ୟେୟ ବସ୍ତୁର ଉପାଦାନଜ୍ଞାନ କିମ୍ବା ତାହାର ନାମଜ୍ଞାନ ନଥାଏ (ପ୍ରତିମାକାରଜ୍ଞାନ ବିନା ସେହି ପ୍ରତିମା ନିର୍ମାଣର ଉପାଦାନ ପ୍ରସ୍ତର କି ମୃତ୍ତିକାର ଜ୍ଞାନ ନଥାଏ) ଅର୍ଥାତ ଚିତ୍ତ ଯେତେବେ ଧ୍ୟେୟ ବସ୍ତୁରେ ତନ୍ମୟ ହୋଇ ଯାଏ ତେବେ ସେ ପ୍ରକାର ସମାଧିକୁ ସବିତର୍କ ସମାଧି ବୋଲି ନ ଯାଇ ଅବିତର୍କ ସମାଧି ବୋଲଯାଏ । ସବିସ୍ତର ସ୍ଥଳରେ ଉକ୍ତପ୍ରକାର ତନ୍ମୟତା ଘଟିଲେ ତାହାକୁ ନିର୍ବିଚାର ବୋଲଯିବ । ସାନନ୍ଦ ଓ ଅସ୍ମିତା ନାମକ ସମାଧିରେ ଉକ୍ତବିଧ ତନ୍ମୟୀ-ଭାବ ଜନ୍ମିଲେ ଯଥାକ୍ରମେ ବିଦେହଲୟ ଓ ପ୍ରକୃତି ଲୟ ବୋଲଯିବ । ଆତ୍ମା ଓ ଈଶ୍ୱର ବିଷୟକ ସମ୍ପ୍ରଜ୍ଞାତ ସମାଧିର ପରିପାକ ଦଶାରେ ଉକ୍ତବିଧ ଏକତାନତା ଜନ୍ମିଲେ ଯଥାକ୍ରମେ ନିର୍ବାଣ ଓ ଈଶ୍ୱରସାୟୁଜ୍ୟପ୍ରାପକ ସମାଧି ବୋଲଯିବ ।

କୌଣସି କୌଣସି ଯୋଗୀ ବୋଲନ୍ତି ଯେ, ଯେ ଯୋଗୀ କୌଣସି ଭୂତ ବା ଇନ୍ଦ୍ରିୟ ପ୍ରତି ତନ୍ମୟୀ ଭାବର ଭାବନା ପ୍ରବାହ ଉତ୍ଥାପିତ କରି ଚିତ୍ତକୁ ସର୍ବୋତଭାବରେ ତନ୍ମୟ କରି ପଞ୍ଚତ୍ୱପ୍ରାପ୍ତ ହୁଅନ୍ତି, ମରଣ ଉତ୍ତାରେ ମଧ୍ୟ ଯେବେ ତାହାଙ୍କର ସେହି ତନ୍ମୟତା ବର୍ତ୍ତମାନ ଥାଏ ତେବେ ତାହାକୁ ବିଦେହ ଲୟ ବୋଲଯିବ । ପ୍ରକୃତି ଏବଂ ମହତତତ୍ତ୍ୱ ଅହଙ୍କାରତତ୍ତ୍ୱ ଅଥବା କୌଣସି ତନ୍ମାତ୍ରାରେ ଲୀନ ହେଲେ ତାହାକୁ ଆମ୍ଭେମାନେ ପ୍ରକୃତି ଲୟ ବୋଲି ଉଲ୍ଲେଖ କରିବୁଁ । ସମ୍ପ୍ରଜ୍ଞାତ ସମାଧି କଥା ବୋଲଗଲା । ଏବେ ଆମ୍ଭେମାନେ ଅସମ୍ପ୍ରଜ୍ଞାତ କଥା କହିବୁଁ ।

କ୍ରମଶଃ

ଶ୍ରୀ ଫକୀରମୋହନ ସେନାପତି

---

## ମହାପୂଜା ଓ ସ୍ତ୍ରୀ ଶିକ୍ଷା

ସମ୍ମୁଖରେ ମହାପୂଜା ଉପସ୍ଥିତ । ଏହା-ଠାରୁ ବଳି ହିନ୍ଦୁର ଆଉ ଉତ୍କୃଷ୍ଟ ପୂଜା ବା ପର୍ବଣି ନାହିଁ । ସାମାନ୍ୟ କୁଟୀରବାସୀଠାରୁ ଆରମ୍ଭ କରି ରାଜା ମହାରାଜା ପର୍ଯ୍ୟନ୍ତ ମାନଙ୍କ ବ୍ରତ ଉଦ୍‌ଯାପନ କରିବା ନିମିତ୍ତ ଛ ମାସ ପୂର୍ବରୁ ଆୟୋଜନ କରୁ ଅଛନ୍ତି । ଏତେ ଆୟୋଜନ ଏତେ ଭାବନା ଓ ଚିନ୍ତା ହିନ୍ଦୁର ଅନ୍ୟ କୌଣସି ପର୍ବାଦରେ ଦୃଷ୍ଟିଗୋଚର ହୁଏନାହିଁ । ବାଳକ ବାଳିକା, ଯୁବକ ଯୁବତୀ, ପ୍ରୌଢ଼ ପ୍ରୌଢ଼ା, ପୁତ୍ର ବଧୂ, ଶ୍ୱଶୁର ଜାମାତା, ଭାଇ ଭଗ୍ନି ପ୍ରଭୃତି ଦେଶର ପ୍ରତ୍ୟେକ ହିନ୍ଦୁ ଆପଣା ୨ ଶକ୍ତ୍ୟ-ନୁସାରେ ଏହି ମହାବ୍ରତ ଉଦ୍‌ଯାପନ କରିବା ନିମନ୍ତେ ଅହୋରାତ୍ର ପରିଶ୍ରମ କରିଥାନ୍ତି । ଉତ୍କଳୀୟ ପାଠକମଣ୍ଡଳୀ ମଧ୍ୟରୁ ଯେଉଁମାନେ କିଛି ଦିନ ବଙ୍ଗଳାରେ ବାସ କରିଅଛନ୍ତି କିମ୍ବା ଯେଉଁମାନଙ୍କ ଗୃହ ଉତ୍କଳର କୌଣସି ବଙ୍ଗାଳୀ-ପଲ୍ଲୀ ନିକଟବର୍ତ୍ତୀ ସେମାନେ ଅବଶ୍ୟ ଆମ୍ଭମାନଙ୍କ ଉଲ୍ଲିଖିତ ଉକ୍ତିର ସାକ୍ଷ୍ୟ ଦେବେ । କାରଣ ବଙ୍ଗ ଦେଶରେ ହିଁ ଏହି ମହାପୂଜାର ଘନଘଟା ସମଧିକ ପ୍ରବଳ । ସେଥି ନିମିତ୍ତ ଏତେ ଉତ୍ସାହ,

Digitized by srujanika@gmail.com

ଏତେ ବ୍ୟୟ ଅନ୍ୟ କୌଣସି ପ୍ରଦେଶ ବା ଅଞ୍ଚଳରେ ଦେଖାଯାଏ ନାହିଁ । ଯେଉଁମାନଙ୍କର ଜଗଜ୍ଜନନୀଙ୍କର ମୂର୍ତ୍ତି ନିର୍ମାଣ କରାଇ ପୂଜା କରିବାର ଅର୍ଥବଳ ନାହିଁ; (ଅହୋ ! ଅର୍ଥ ନ ହେଲେ ପୁଣି ହିନ୍ଦୁ ଈଶ୍ୱରୋପାସନା କରିବାକୁ ଅସମର୍ଥ !!) ଯେଉଁମାନେ ବ୍ରାହ୍ମଣ ପୂଜକ ମାନଙ୍କର ଉଦର ପୂରଣ କରିବାକୁ ଅପାରଗ, ସେମାନେ ଖଣ୍ଡେ ୨ ନବବସ୍ତ୍ର ପରିଧାନ କରି ଏବଂ ଆପଣା ୨ କୁଟୀର ଦ୍ୱାରରେ ରମ୍ଭାତରୁ ଓ ପୂର୍ଣ୍ଣକଳସ ସ୍ଥାପନକରି ପର୍ବ ପାଳନ କରିଥାନ୍ତି । ପ୍ରକୃତ ଈଶ୍ୱରୋପାସନା ହେଉ ବା ନ ହେଉ—ଅଧ୍ୟାତ୍ମିକ ଉନ୍ନତିର ମାତ୍ରା ବଢୁ ବା ନ ବଢୁ—ବାହ୍ୟାନୁଷ୍ଠାନରେ କେତେଗୁଡ଼ିଏ ମୁଦ୍ରା ନଷ୍ଟପ୍ରାୟ ବ୍ୟୟ କରିବାକୁ ହେବ । ଗୁରୁଅଣା ଠାରୁ ଆରମ୍ଭ କରି ଦୁଇ ହଜାର ବା ତତୋଧିକ ମୁଦ୍ରା ପର୍ଯ୍ୟନ୍ତ ଲୋକେ ଏହି ପର୍ବରେ ଅକାତରେ ବ୍ୟୟ କରିବାକୁ କୁଣ୍ଠିତ ହୁଅନ୍ତି ନାହିଁ । ପୁଣି ଯାହାର ବ୍ୟୟର ଫର୍ଦ୍ଦ ଯେତେ ଦୀର୍ଘ ସେ ତେତିକି ପରିମାଣରେ ଆପଣାକୁ ପୁଣ୍ୟବାନ ମନେ କରି ଉତ୍ଫୁଲ୍ଲ ହୁଏ । ଫର୍ଦ୍ଦର ଟିକିଏ ନମୁନା ଏଠାରେ ଦେଲେ ଅସୁନ୍ଦର ହେବ ନାହିଁ ।

୧। ବିଲାତି କାଗଜର ହାତ ପ୍ରସ୍ତୁତ ମହାମାୟାଙ୍କର ଚାରକସିମାଜ ଟ ୪୦୦
୨। ବନାରସୀବାଈର ନାଚ ଟ ୧୦୦୦
୩। ଇଉରୋପୀୟ ସୁଧା ଟ ୨୦୦
୪। ଗୃହିଣୀଙ୍କ ସାଜ—
ହେମିଲ୍ଟନ କୋମ୍ପାନୀଙ୍କ ଅଲଙ୍କାର ଟ ୫୦୦
ବି. କେ. ଦାସ,କୋମ୍ପାନୀଙ୍କ ପ୍ରସ୍ତୁତ କନଖ୍ୟାପ, ସାଟିନ ପ୍ରଭୃତି ଲୁଗାର ବଡ଼ି, ସେମିଜ ପ୍ରଭୃତି ଟ ୧୫୦
ଢାକା ବା ବନାରସର ଉତ୍କୃଷ୍ଟ ଶାଢ଼ୀ ଟ ୫୦
୫। ସନ୍ତାନାଦିର ପୋଷାକ ପରିଚ୍ଛଦ ଟ ୧୦୦
୬। ଗରିବସେବା ପ୍ରାୟ ଟ ୫୦ (
୭। ଧର୍ମାର୍ଥେ ଦାନ ପ୍ରାୟ ଟ ୦ (

ଇତ୍ୟାଦି ଇତ୍ୟାଦି, ଇତ୍ୟାଦି । ପାଠକ ! ଆଉ କେତେ ତାଲିକା ବଢ଼ାଇବୁଁ ?

ଏ ତ ଗଲା ବଙ୍ଗାଳୀଙ୍କ କଥା । ଅସ୍ମମାନଙ୍କର ଉତ୍କଳୀୟମାନଙ୍କର ପୂଜା ପଦ୍ଧତିଟା ଟିକିଏ ଆଲୋଚନା କରି ଦେଖାଯାଉ । ଉତ୍କଳର କେତେକ ପ୍ରଧାନ ଜାତି ଛଡ଼ା ଅନ୍ୟାନ୍ୟ ଇତର ଜାତି ମାନଙ୍କ ମଧ୍ୟରେ ମହାମାୟାଙ୍କ ପୂଜା ପ୍ରଚଳିତ ନାହିଁ । ପୁଣି ଯେଉଁମାନେ ଆଦ୍ୟାଶକ୍ତିର ପୂଜା କରିଥାନ୍ତି, ସେମାନେ ମହାଆଡ଼ମ୍ବରରେ ମୂର୍ତ୍ତି ନିର୍ମାଣ ନ କରାଇ, କେବଳ ଘଟ-ସ୍ଥାପନ କରି ପୂଜା ସାଙ୍ଗ କରିଥାନ୍ତି । ଅବଶ୍ୟ ସେଥିରେ ବ୍ୟୟାଧିକ୍ୟ ଘଟେ ନାହିଁ । କିନ୍ତୁ ଆଧ୍ୟାତ୍ମିକ ଉନ୍ନତିର ମାତ୍ରା ଯେ କୌଣସି ପ୍ରକାରେ ବୃଦ୍ଧି ଲାଭ କରେ ତାହା ନୁହେଁ । ଉତ୍କଳୀୟ ଭ୍ରାତା ମାନେ ମଧ୍ୟ ଆଜିକାଲି ବଙ୍ଗାଳୀମାନଙ୍କ ଅନୁକରଣରେ ମୂର୍ତ୍ତି ନିର୍ମାଣ, ବିଲାତି ସାଜ ବ୍ୟବହାର ପ୍ରଭୃତି ବିଳାସିତାରେ ଆସକ୍ତ ହେଲେଣି—ତାମସିକ ଭାବରେ ଅଜସ୍ର ବ୍ୟୟ କରିବାକୁ କୁଣ୍ଠିତ ନୁହନ୍ତି । ନବ୍ୟୋତ୍କଳର ଗୃହିଣୀବୃନ୍ଦ ମଧ୍ୟ ସେମାନଙ୍କ ବଙ୍ଗ ଭଗିନୀମାନଙ୍କୁ ଆଦର୍ଶ କରି ହ୍ୟାମିଲଟନ ଅଲଂକାର, ବି, କେ, ଦାସଙ୍କର ପୋଷାକ ପରିଚ୍ଛଦ ପ୍ରଭୃତି ନିମିତ୍ତ ଆପଣା ଆପଣା ସ୍ୱାମୀମାନଙ୍କ ସ୍ୱଳ୍ପାର୍ଜନ ଉପରେ ହସ୍ତକ୍ଷେପ କରିବାକୁ ଛାଡ଼ୁ ନାହାନ୍ତି । ଧନ୍ୟ ହିନ୍ଦୁର ସାକାର ବାଦ ! ଯେଉଁ ସାକାରବାଦ ପ୍ରଭାବରେ ହିନ୍ଦୁ ଆପଣାକୁ ସର୍ବଶ୍ରେଷ୍ଠ ଧାର୍ମିକ ଜାତି ବୋଲି

Digitized by srujanika@gmail.com

ଘୋଷଣା କରେ ସେହି ସାକାରବାଦ ଆଜ ତାହାଙ୍କୁ କି ଉପଯୁକ୍ତରୂପେ ସାରସ୍ଥାନ କରି ପକାଇ ଅଛି ! ସାକାରବାଦର ସୃଷ୍ଟିକର୍ତ୍ତା ସେହି ପୁରାଣକାରମାନେ ଆଜ କାହାନ୍ତି ? ଯଦି ସେମାନେ ଆଜ ହିନ୍ଦୁମାନଙ୍କର ଏହି ଧର୍ମ-ଶୂନ୍ୟ ବିଳାସପୂର୍ଣ୍ଣ ତାମସିକ ସାକାରୋପାସନା ଥରେ ଦେଖନ୍ତେ ତାହାହେଲେ ସେମାନଙ୍କର ଉଦ୍ଦେଶ୍ୟ କେତେଦୂର ଫଳପ୍ରଦ ହୋଇଅଛି ତାହା ସହଜରେ ବୁଝିପାରି ନିଶ୍ଚୟ ସ୍ୱହସ୍ତ-ରୋପିତ ବୃକ୍ଷମୂଳରେ କୁଠାରଘାତ କରିବାକୁ ତିଳେମାତ୍ର ଦ୍ୱିଧା କରନ୍ତେ ନାହିଁ । ବର୍ତ୍ତମାନ-ସୁଦ୍ଧା ଯେଉଁମାନେ ସାକାରୋପାସନା ପକ୍ଷରେ ଅକାଟ୍ୟ (!) ଯୁକ୍ତି ପ୍ରଦର୍ଶନ କରି ଗର୍ବ ଓକାଲତି କରିଥାନ୍ତି ସେମାନେ ଯଦ୍ୟପି ଆମ୍ଭମାନଙ୍କୁ ବିଳାସିତା ଓ ଆଧ୍ୟାତ୍ମିକତା ମଧ୍ୟରେ ଶେଷୋକ୍ତର ପରିମାଣାଧିକ୍ୟ ବୁଝାଇ ଦେଇ ପାରନ୍ତି ତାହାହେଲେ ଆମ୍ଭେମାନେ ସେମାନଙ୍କ ନିକଟରେ ଚିରଋଣୀ ରହିବୁ ।

ଆମ୍ଭେମାନେ ପ୍ରକୃତ ବିଷୟ ଛାଡ଼ି ଅନେକ ଦୂରକୁ ଚାଲି ଆସିଅଛୁଁ । ପ୍ରବନ୍ଧର ବିଷୟ "ମହାପୂଜା ଓ ସ୍ତ୍ରୀ ଶିକ୍ଷା । ମହାପୂଜା ସହିତରେ ସ୍ତ୍ରୀ ଶିକ୍ଷାର ସମ୍ବନ୍ଧ ଆଲୋଚନା କରିବାହିଁ ଆମ୍ଭମାନଙ୍କ ଉଦ୍ଦେଶ୍ୟ । ସୁତରାଂ ବର୍ତ୍ତମାନ ଆମ୍ଭେମାନେ ପ୍ରକୃତ ବିଷୟ ଆଲୋଚନା କରିବାରେ ପ୍ରବୃତ୍ତ ହେଉଅଛୁଁ ।

ଯେଉଁ ସାମରିକ ଘଟନାକୁ ଲକ୍ଷ୍ୟକରି ହିନ୍ଦୁ ପୁରାଣକାର ଦୁର୍ଗାପୂଜାର ସୃଷ୍ଟି କରିଅଛନ୍ତି ତାହା ଏଠାରେ ବର୍ଣ୍ଣନ କରି ପ୍ରବନ୍ଧର କଳେବର ସ୍ଫୀତ କରିବାର ପ୍ରୟୋଜନ ନାହିଁ । ତାହା ହିନ୍ଦୁ-ମାତ୍ରେ ଅବଗତ ଅଛନ୍ତି, କେବଳ ଏଠାରେ ଏତିକି ମାତ୍ର କହିଲେ ଯଥେଷ୍ଟ ହେବ ଯେ ତାହା ହିନ୍ଦୁ ଲଳନାର ଅବଳା (ମାନସିକ ଓ ଶାରୀରିକ) ଆଖ୍ୟାର ତୀବ୍ର ପ୍ରତିବାଦ କରୁଅଛି । ପାର୍ବତୀ, ସରସ୍ୱତୀ, ଲକ୍ଷ୍ମୀ ପ୍ରଭୃତି ପୌରାଣିକ ଦେବାଙ୍ଗନାମାନେ ଯେଉଁ ଜାତିର ଆଦର୍ଶ ସେ ଜାତିର ନାରୀମାନଙ୍କର ଏ ପ୍ରକାର ଦୁର୍ଦ୍ଦଶା କାହିଁକି ? ଯୁଗଯୁଗାନ୍ତର ବ୍ୟାପୀ ଏ ପ୍ରକାର ଆଦର୍ଶ ନାରୀ-ମାନଙ୍କର ପୂଜା କରି ହିନ୍ଦୁ ଲଳନାର ଟିକିଏ ମାତ୍ର ଉନ୍ନତି ଲକ୍ଷିତ ନ ହେବାର କାରଣ କଣ ? ହିନ୍ଦୁର ସାକାରବାଦର ସପକ୍ଷରେ ଓକାଲତି କରିବାକୁ ଯାଇ ଆଜ କାଲି ଏକ ଦଳ ଲୋକ ହିନ୍ଦୁର ପ୍ରତ୍ୟେକ ଦେବ ଦେବୀର ପୂଜାରେ ଗୋଟିଏ ୨ ଗଭୀର ଆଧ୍ୟାତ୍ମିକ ଅର୍ଥ ଥିବାର ପ୍ରଚାର କରୁଅଛନ୍ତି । ସେମାନଙ୍କୁ ଆମ୍ଭମାନଙ୍କର ଜିଜ୍ଞାସ୍ୟ ଏହି କି ବାସ୍ତବିକ୍ କି ହିନ୍ଦୁ ନରନାରୀ ପ୍ରତ୍ୟେକ ଦେବ ଦେବୀର ପୂଜା କରିବା ସମୟରେ ସେମାନଙ୍କର ଆଧ୍ୟାତ୍ମିକ ତତ୍ତ୍ୱ ଉଦ୍‌ଘାଟନ-କରି ତହିଁରେ ତନ୍ମୟ ହୁଅନ୍ତି ? ନା କେବଳ କେତେଗୁଡ଼ିଏ ତାମସିକ ଉପଚାରର ଅୟୋଜନ କରି ଆପଣା ୨ର ପତନର ମାର୍ଗ ପରିଷ୍କାର କରିଥାନ୍ତି ? ସେମାନେ ଏଥିର କି ଉତ୍ତର ଦେବେ ଶୁଣିବାର ବାସନା ରହିଲା ।

ମହିଷାସୁର ପରି ଦୁର୍ଜ୍ଜୟ ଓ ମହାବଳୀ ରାକ୍ଷସକୁ ଯେଉଁ ନାରୀ ଅକ୍ଳେଶରେ ଜୟ କରି ପାରନ୍ତି, ପଶୁରାଜ ସିଂହର ଅସୀମ ପାଶବ ବଳ ଯାହାଙ୍କ ନିକଟରେ ପରାଭୂତ, ମହାପଣ୍ଡିତ ଗଣେଶ ଏବଂ ଦୁର୍ଦ୍ଧର୍ଷ କାର୍ତ୍ତିକେୟ ଯାହାଙ୍କର ଉପଯୁକ୍ତ ପୁତ୍ରଦ୍ୱୟ, ଧନର ଅଧିଷ୍ଠାତ୍ରୀ ଦେବୀ ଲକ୍ଷ୍ମୀ ଓ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ ସରସ୍ୱତୀ ଯାହା-ଙ୍କର ସର୍ବଗୁଣ ସମ୍ପନ୍ନା ସହଚରୀ, ତାହାଙ୍କର ପୂଜାକରି ହିନ୍ଦୁ ଲଳନାର କି କିଛି ଶିକ୍ଷା ହୋଇ ଅଛି ? ସୁଦୂର ଅତୀତ କାଳରୁ ଦୁର୍ଗା ପୂଜା ଆମ୍ଭ-ମାନଙ୍କ ଦେଶରେ ଚଳି ଆସୁଛି । କାହିଁ, ତଦ୍ୱାରା ଆମ୍ଭମାନଙ୍କ ନାରୀମାନେ କୌଣସି ରୂପେ ଉପକୃତ ହୋଇଥିବାର ଦେଖିନାହୁଁ ? ତେବେ ନିରର୍ଥକ ପ୍ରତିବର୍ଷ ଏତେ ଆଡ଼ମ୍ବର ସହକାରେ ମହାପୂଜାର ଧୂମ କରିବାର ଆବ-ଶ୍ୟକ କଣ ? ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀଙ୍କ ପୂଜା

Digitized by srujanika@gmail.com

କରି ଆମ୍ଭମାନଙ୍କ ଦେଶର କେତେଜଣ ନାରୀ ଆପଣା ୨ ଚରିତ୍ରୋନ୍ନତି ସାଧନ କରିବାକୁ ସକ୍ଷମ ହୋଇଅଛନ୍ତି ? ଆଜି, ଯେଉଁମାନେ ପ୍ରତ୍ୟେକ ବିଷୟରେ ଆଧ୍ୟାତ୍ମିକତତ୍ତ୍ୱ ଆବିଷ୍କାର କରିବାକୁ ପ୍ରୟାସୀ, ସେମାନେ କି ମନେକରନ୍ତି ବିନା ଶିକ୍ଷାରେ ସାକାରୋପାସନା-ଦ୍ୱାରା ଆମ୍ଭମାନଙ୍କର ଏବଂ ଆମ୍ଭମାନଙ୍କର ସ୍ତ୍ରୀଜାତିର ଧର୍ମୋନ୍ନତି ସାଧିତ ହେବ ? ଯେଉଁମାନେ ସ୍ତ୍ରୀଶିକ୍ଷାର ଘୋର ବିରୋଧୀ ସେମାନେ ଆମ୍ଭମାନଙ୍କୁ କି ଉତ୍ତର ପ୍ରଦାନ କରିବେ ? ସ୍ତ୍ରୀଶିକ୍ଷାର ବିରୋଧୀ ? ଏକଥା ଶୁଣିଲା-କ୍ଷଣି ହୁଏତ ସମସ୍ତେ କହିବେ ଆମ୍ଭେମାନେ କାହିଁକି ସ୍ତ୍ରୀଶିକ୍ଷାର ବିରୋଧୀ ହେବୁ —ଆମ୍ଭେମାନେ କେବଳ ଇଂରାଜୀ ରୀତିରେ ସ୍ତ୍ରୀମାନଙ୍କର ଶିକ୍ଷା ହେବାର ବିରୋଧୀ ।' ଅଚ୍ଛା, ତାହା ସ୍ୱୀକାର କଲୁଁ । କିନ୍ତୁ ଭାଇ ! କହ ଦେଖି ତୁମ୍ଭେ ହିନ୍ଦୁ ରୀତିରେ କେତେଜଣ ସ୍ତ୍ରୀଙ୍କୁ ଶିକ୍ଷା ଦେଉଅଛ ? ମହାପୂଜାର ଚହଳରେ ତ ଭାରି ବ୍ୟସ୍ତ ହୋଇ ବୁଲୁଅଛ । ଅପଦମସ୍ତକ ପ୍ୟାରିସ ଫେସନରେ ଆବୃତ୍ତ କରିଅଛ । ନାନାପ୍ରକାର ଦୁଷ୍କାର୍ଯ୍ୟର ଅନୁଷ୍ଠାନ କରିବାର ସୁଯୋଗ ଅନ୍ୱେଷଣ କରି ବୁଲୁଅଛ, ତୁମ୍ଭେ ଆଧ୍ୟାତ୍ମିକ ଚିନ୍ତା କଲ କେତେବେଳେ ? ତୁମ୍ଭର ବାଳକବାଳିକା ମାନଙ୍କୁ ପବିତ୍ର ଆଧ୍ୟାତ୍ମିକତତ୍ତ୍ୱ ଶିକ୍ଷା ଦେଲ କେତେବେଳେ ? ବଡ଼ ଜୋର ତୁମ୍ଭେ ଦୁର୍ବୋଧ ଓ ମୂଳକ ବ୍ରାହ୍ମଣୋଚ୍ଚାରିତ କେତେକ ଶ୍ଳୋକ ପେଟାଇ ତିନ ଥରର, ଅଞ୍ଜଳୀପୂର୍ଣ୍ଣ ବିଲ୍ୱପତ୍ର ମାଙ୍କ ଶ୍ରୀଚରଣରେ ପ୍ରଦାନ କରି କୃତାର୍ଥ ହୋଇ ଆସିଲ । ସ୍ତ୍ରୀମାନଙ୍କର ସେ ଅଧିକାର ସୁଦ୍ଧା ନାହିଁ । (ଦେବାର୍ଚ୍ଚନାରେ ସୁଦ୍ଧା ସ୍ତ୍ରୀମାନଙ୍କର ସ୍ୱାଧୀନତା ନାହିଁ !!) ତାହାହେଲେ ଆଉ ସେମାନଙ୍କର ଆଧ୍ୟାତ୍ମିକ ଉନ୍ନତି ହେଲା କିପରି ? ଯାହାର ନାମ ହେଲା ଆଦ୍ୟାଶକ୍ତି । ଯାହାର ମଧ୍ୟ ଦେଇ ସୌନ୍ଦର୍ଯ୍ୟ, ବୀର୍ଯ୍ୟ, ଜ୍ଞାନ, ଐଶ୍ୱର୍ଯ୍ୟ, ସତୀତ୍ୱ, ଚରିତ୍ର-ବଳ ପ୍ରଭୃତି ପ୍ରସ୍ଫୁଟିତ କରାଇଲ ସେହି ନାରୀଜାତିକୁ ପୁଣି ଅନ୍ତଃପୁର ନିବଦ୍ଧା ଏବଂ ଅଜ୍ଞାନ ଅନ୍ଧକାରାଚ୍ଛନ୍ନା କରି ରଖିଲ ? ଓଃ କି ବିଚକ୍ଷଣ ବୁଦ୍ଧି !! ତୁମ୍ଭେମାନେ ଅଧୋଗତି ନ ଲଭିବତ ଆଉ ଲଭିବ କିଏ ?

ଜ୍ଞାନରେ ସରସ୍ୱତୀ, ଐଶ୍ୱର୍ଯ୍ୟ ଓ ଚରିତ୍ରରେ ଲକ୍ଷ୍ମୀ, ସତୀତ୍ୱରେ ସାବିତ୍ରୀ ପ୍ରାୟ ହେବାକୁ ଏବଂ ଆପଣା ୨ ସନ୍ତାନାଦିମାନଙ୍କୁ ଗଣେଶ, କାର୍ତ୍ତିକେୟ, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ପ୍ରାୟ ହେବାକୁ ଶିକ୍ଷା ଦେବାକୁ ଯଦ୍ୟପି ଆମ୍ଭମାନଙ୍କ ନାରୀମାନଙ୍କୁ ଶିକ୍ଷା ଦିଆଯାଏ ତେବେ କି କିଛି ଉନ୍ନତି ହେବ ନାହିଁ ? କେବଳ କାଷ୍ଠ ପାଷାଣର ଆଦର୍ଶ ସେମାନଙ୍କ ସମ୍ମୁଖରେ ଧାରଣ କଲେ କୌଣସି ଫଳ ହେବ ନାହିଁ । ମୁସଲମାନ ଅତ୍ୟାଚାର ଭୟରେ ନାରୀଜାତିକୁ ଅନ୍ତଃପୁର-ନିବଦ୍ଧା କରି ତୁମ୍ଭେମାନେ ଅବଶ୍ୟ ପୁରୁଷୋଚିତ କାର୍ଯ୍ୟ କରିଥିଲ ସନ୍ଦେହ ନାହିଁ ! କିନ୍ତୁ ଇଂରାଜର ସୁଶାସନରେ ବାସକରି ପ୍ରତିବେଶୀ ଦେଶୀୟ ଖ୍ରୀଷ୍ଟିୟାନ୍ ଓ ବ୍ରାହ୍ମ-ରମଣୀ ମାନଙ୍କର ନବ୍ୟପଦରେ ସବିଶେଷ ଉନ୍ନତି ହେଉଥିବାର ଦେଖି ସୁଦ୍ଧା କାହିଁକି ତୁମ୍ଭେମାନେ ତୁମ୍ଭମାନଙ୍କର ନାରୀଜାତିର କଲ୍ୟାଣ ନିମନ୍ତେ ଉଦାସୀନ ରହିଥିବ ତାହା ଆମ୍ଭମାନଙ୍କ ବୁଦ୍ଧିର ସମ୍ପୂର୍ଣ୍ଣ ଅଗମ୍ୟ । ଆଉ, ହେ ଉତ୍କଳବାସୀ ! 'ସ୍ତ୍ରୀମାନେ ପାଠ ପଢ଼ିଲେ କି ହେବ ? ସେମାନେତ ଧନଉପାର୍ଜ୍ଜନ କରିବାକୁ ଯିବେ ନାହିଁ ।' ଏହି ଅସାର ବୋଲି ତ୍ୟାଗ କରି କେବଳ ତୁମ୍ଭମାନଙ୍କର ଅସଂଖ୍ୟ ବାର ବ୍ରତର ଆଧ୍ୟାତ୍ମିକ ତତ୍ତ୍ୱ ବୁଝିପାରି ତଦ୍ୱାରା ଉପକୃତ ହେବାଭଳି ଶିକ୍ଷା ପ୍ରଦାନ କରି ତୁମ୍ଭମାନଙ୍କର କନ୍ୟାମାନଙ୍କର କଲ୍ୟାଣସାଧନ କର ଭାଇ !

Digitized by srujanika@gmail.com

ଯଦି ତାହା କରିବାକୁ ପରାଙ୍ମୁଖ ହୁଅ, ତେବେ ବୃଥାରେ ଧନକ୍ଷୟ କରି ଏତେ ବାର ବ୍ରତ ପାଳନ କଲେ କଣ ହେବ ? ତୁମ୍ଭେମାନେ କି ଜାଣ ନାହିଁ ଅଧିକାଂଶ ବାରବ୍ରତ ତୁମ୍ଭମାନଙ୍କ ରମଣୀମାନଙ୍କଦ୍ୱାରା ଅନୁଷ୍ଠିତ ହୋଇଥାଏ ?

ଶ୍ରୀ କୃଷ୍ଣପ୍ରସାଦ ଚୌଧୁରୀ

---

## ରଙ୍ଗରସ

---

୧। ରାମ—କି ହେ ହରି, ତୁମର ଆଜ କଣ ହୋଇଅଛି କି ? ମୁହଁଟ ଶୁଖି ଯାଇଚ ?

ହରି—ଭାଇ, ଆଜ ସକାଳୁ ମୁଣ୍ଡ ବଥାଉଛି—ବଡ଼ କଷ୍ଟ ହେଉଚ !

ରାମ—ଚିଲମେ ଗଞ୍ଜାଇ ଟାଣି ଦିଅତ ? ଏହିକ୍ଷଣି ମୁଣ୍ଡବ୍ୟଥା କୁଆଡ଼େ ଗୁଡ଼ିଯିବ ।

ହରି (ଈଷତ ହାସ୍ୟକରି) ଗଞ୍ଜାଇ ଖାଇଲେ ମୁଣ୍ଡବ୍ୟଥା ଗୁଡ଼ିଯିବ ! ଏଡ଼େ ସୁନ୍ଦର ଔଷଧ କୋଉଁଠୁ ଶିଖିଲ ?

ରାମ—ଆରେ ହସୁଚ କଣ ? ପରୀକ୍ଷା କରି ଦେଖ, ନେତେବେ କହିବ, ଗଞ୍ଜାଇରେ ମୋର ଲକ୍ଷ୍ମୀ ଛାଡ଼ିଗଲା, ତୁମର ମୁଣ୍ଡବଥା କି ଛାରି ଯେ ଛାଡ଼ିବ ନାହିଁ ।

୨। ସରଦାର ରାମସିଂହ ଉର୍ଦ୍ଧ୍ୱଶ୍ୱାସରେ ପଳାଇ ଯାଉଥିବାର ଦେଖି ଗୋବିନ୍ଦ ପଚାରିଲେ "କି ସରଦାରେ, ଏଡ଼େ ବେଗରେ ଦୌଡ଼ିଚ କାହିଁକି ?" ସରଦାର ହଠାତ୍ ସ୍ଥିର ହୋଇଯାଇ ଥରେ ପଛକୁ ଅନାଇ ସଦର୍ପରେ କହିଲେ, "ଦେଖନା ଗୋବିନ୍ଦ, ବଦ୍ରିସିଂହ ମତେ ମାରିବାକୁ ଆସୁଥିଲା—ମୁଁ ପଳାଇ ଆସିବି ନାହିଁ କଣ ଉରିବି ? ମୋର କଣ ଟିକିଏ ସାହସ ନାହିଁ ? ମୁଁ ବଡ ସରଦାର ପିଲା ।"

୩। ଗୋଟିଏ ମକଦ୍ଦମାରେ ଜଣେ ଉକିଲ ମୁନସଫଙ୍କ ଏଜଲାସରେ ବକ୍ତୃତା କରୁଥିଲେ । ମୁନସଫ ବାବୁ ଉକିଲଙ୍କ ବକ୍ତୃତାରେ ବିରକ୍ତ ହୋଇ କହିଲେ "ଆପଣତ ଗୋଟିଏ ଗର୍ଦ୍ଦଭ !" ଏହା ଶୁଣି ଉକିଲ କହିଲେ "ତାହେଲେ ମୁଁତ ମୁନସଫ ହୋଇଥାନ୍ତି, ଓକିଲାତି କରନ୍ତି କିପରି ?"

୪। ଭୂମିକମ୍ପର ଉପଦ୍ରବରେ ଅସ୍ଥିର ହୋଇ ଜଣେ ମୁସଲମାନ ବାଦସା ବହୁତସଂଖ୍ୟକ ହିନ୍ଦୁ ପଣ୍ଡିତଙ୍କୁ ଡକାଇ ପଚାରିଲେ "ଭୂମିକମ୍ପର ସମସ୍ତ ସ୍ଥିରକରି ଆମ୍ଭଙ୍କୁ କହ, ତାହାହେଲେ ଆମ୍ଭେ ପୂର୍ବରୁ ସାବଧାନ ହେବା ।" ପଣ୍ଡିତମାନଙ୍କର ବୁଦ୍ଧିଶୁଦ୍ଧି ହଜିଗଲା ! ଏଣେ ବାଦଶା ଉତ୍ତର ନ ପାଇ ମହାବିରକ୍ତ ହୋଇ ସମସ୍ତଙ୍କୁ ଜେଲଖାନାକୁ ପଠାଇବାର ହୁକୁମ ଦେଲେ ଏବଂ ଏକସପ୍ତାହ ମଧ୍ୟରେ ଉତ୍ତର ନ ପାଇଲେ ସମସ୍ତଙ୍କୁ ଶୂଳରେ ବସାଇବାର ଭୟ ମଧ୍ୟ ଦେଖାଇଲେ ! ପଣ୍ଡିତମାନଙ୍କର ବିପଦର କଥା ଶୁଣି ଜଣେ ଚତୁର ବ୍ରାହ୍ମଣ ସାହି ବାଦଶାହଙ୍କ ନିକଟରେ ଉପସ୍ଥିତ ହେଲେ ଏବଂ କହିଲେ "ମହାରାଜ, ଅକାରଣରେ କାହିଁକି ଗରିବ ବ୍ରାହ୍ମଣଗୁଡ଼ିକଙ୍କୁ କଷ୍ଟ ଦେଉଅଛନ୍ତି ! ସେମାନେ କେବଳ ଆସମାନର କଥା କହି ପାରିବେ; ମାଟିଭିତରର କଥା ସେମାନେ କାହୁଁ ଜାଣିବେ ?" ବାଦଶା କିଞ୍ଚିତ୍ ବିରକ୍ତ ହୋଇ କାରଣ ଜିଜ୍ଞାସ କରନ୍ତେ ବ୍ରାହ୍ମଣ କହିଲେ "ଏ ସମସ୍ତ ସମାଚାର ପୂର୍ବପୁରୁଷମାନଙ୍କଠାରୁ ଜଣାଯାଏ । ବ୍ରାହ୍ମଣମାନଙ୍କ ପିତୃପୁରୁଷ ମୃତ୍ୟୁ ପରେ ଅଗ୍ନିରେ ଦଗ୍ଧ ହୋଇ

Digitized by srujanika@gmail.com

ଅଗ୍ନିଶିଖା ସଙ୍ଗେ ଊର୍ଦ୍ଧ୍ୱକୁ ଉଠିଯାନ୍ତି ଓ ଆକାଶରେ ବୁଲୁଥାନ୍ତି । ସୁତରାଂ ଉପରର ଖବର ସେମାନଙ୍କୁ ଜଣା । ମୁସଲମାନମାନଙ୍କ ଆତ୍ମା କବରର ଭିତରକୁ ଯାଏ ଓ ଭୂମି ଭିତରେ ବିଚରଣ କରୁଥାଏ, ସୁତରାଂ ଭୂମିକମ୍ପର ବୃତ୍ତାନ୍ତ ମୁସଲମାନ କାଜୀମାନେ କହିପାରନ୍ତି ।" କଥାଟା ବାଦଶାହଙ୍କ ମନକୁ ବଡ଼ ମାନିଲା ! ସେ ତତ୍‌କ୍ଷଣାତ୍ ବ୍ରାହ୍ମଣଙ୍କୁ ଯଥେଷ୍ଟ ପୁରସ୍କାର ଦେଇ ବିଦାୟ କରିଦେଲେ ଓ ପଣ୍ଡିତମାନଙ୍କୁ ମୁକ୍ତି ଦେଲେ । ଚତୁର ବ୍ରାହ୍ମଣ ଏଣେ ପଣ୍ଡିତମାନଙ୍କଠାରୁ ମଧ୍ୟ ପଣେ ଗଣ୍ଡାଏ ଲାଭ କରି ମହାନନ୍ଦରେ ଘରକୁ ଚାଲିଗଲା ।

ଶ୍ରୀ ପଞ୍ଚାନନ

---

# ସଂକ୍ଷିପ୍ତ ସମାଲୋଚନା

୨। ଭାବନା—ଶ୍ରୀଯୁକ୍ତ ସାଧୁଚରଣ ରାୟଙ୍କ ପ୍ରଣୀତ କବିତାପୁସ୍ତକ । ଏଥିରେ ୨୯ଟି ସଂସାର କ୍ଷୁଦ୍ରକବିତା ଅଛି । ସାଧୁବାବୁ ଉତ୍କଳସାହିତ୍ୟରେ ପରିଚିତ ଏଥି ପୂର୍ବରୁ ତାଙ୍କର କେତେକ ଖଣ୍ଡି କ୍ଷୁଦ୍ର ପୁସ୍ତକ ପ୍ରକାଶିତ ହୋଇଥିଲା । ମାତ୍ର 'ଭାବନା' ଦ୍ୱାରା ସେ ଯଥାର୍ଥ କବିନାମର ଯୋଗ୍ୟ ହୋଇଅଛନ୍ତି । ଆମ୍ଭେମାନେ ଉକ୍ତ ପୁସ୍ତକ ଖଣ୍ଡି ପାଠକରି ଅତ୍ୟନ୍ତ ସୁଖୀ ହୋଇଅଛୁଁ । ଆଜିକାଲି ଉତ୍କଳଖଣ୍ଡରେ କବିତା ଲେଖିବାର ପ୍ରୟାସ ବହୁପରିମାଣରେ ଦୃଷ୍ଟ ହେଉଅଛି—ମାତ୍ର ଏଥିମଧ୍ୟରେ କୃତୀ ଲେଖକଙ୍କ ସଂଖ୍ୟା ଅତି ଅଳ୍ପ । ଲୋକେ କବିତା ଲେଖିବାଟାକୁ ଯେତେ ସହଜ ମନେ କରନ୍ତି, ପ୍ରକୃତରେ ତାହା ସେପରି ନୁହେ । ସୌନ୍ଦର୍ଯ୍ୟଜ୍ଞାନ, ଉନ୍ନତଭାବ ଓ ପ୍ରକାଶକ୍ଷମତା ଏ ତିନୋଟି ନ ଥିଲେ କବିତା ଲେଖିବାର ପ୍ରୟାସ ବିଡମ୍ବନା ! ତେବେ ପରିମାଣର ତାରତମ୍ୟ ଅନୁସାରେ କବିତାର ଗୁଣାଗୁଣର ତାରତମ୍ୟ ଘଟିଥାଏ । ଦୁଃଖର କଥା ଅନେକ କବି ନାମପ୍ରୟାସିଙ୍କଠାରେ ଏହି ତିନୋଟି ଗୁଣର ଉପଯୁକ୍ତ ସମ୍ମିଶ୍ରଣ ନ ଥିବାରୁ ସେମାନଙ୍କ କବିତା (?) ସାହିତ୍ୟ ରାଜ୍ୟରେ ଆସନ ପାଇବାର ଏକାନ୍ତ ଅଯୋଗ୍ୟ । ଭାବନା ଏ ଶ୍ରେଣୀର କବିତା ନୁହେ । ସାଧୁବାବୁଙ୍କ କବିତାରେ ସୌନ୍ଦର୍ଯ୍ୟ, ଉଚ୍ଚଭାବ ଓ କଳ୍ପନାର ବିକାଶ ଲକ୍ଷିତ ହୁଏ । ମାତ୍ର ପ୍ରକାଶକ୍ଷମତାର କିଞ୍ଚିତ୍ ନ୍ୟୂନତାବଶତଃ ଅନେକ ସ୍ଥଳରେ ତାଙ୍କର କବିତା କଠିନ, ଦୁର୍ବୋଧ ଓ ନୀରସ ବୋଧହୁଏ । ଦୃଷ୍ଟାନ୍ତସ୍ୱରୂପ କେତେକ ସ୍ଥଳ ଏଠାରେ ଉଦ୍ଧାର କରୁଅଛୁଁ ।

୧। ପ୍ରେମେ ଯେମାନଙ୍କୁ ପ୍ରେମ ଢ଼ାଳିବାକୁ
ଜୀବନ ଉପରେ କରି ବୃଦ୍ଧି ତାକୁ,

୨। ପ୍ରେମର ବିରହ ସଦା ଅପ୍ରସ୍ତୁତ ।

୩। ଭ୍ରମର ଯେସନେ ଥାଏ ସୁଖେ କମଳ
ସପ୍ନନେ ମକରନ୍ଦ ପାନେ ମଗ୍ନ
ଗୁପ୍ତ ସୌରଭସଦନ,
ସ୍ୱର୍ଗ ଅତି ନିକଟରେ ମାତୃକୋଡ଼େ ଶିଶୁ
ତେସନେ

୪। ଅସୀମ ଅନ୍ଧାରେ ଗୀତ ମୀତ ଧାରା ଧାର
ଦେଖାଇଲୁ ଦୀପ ହୋଇ ସୃଷ୍ଟି ଊଷାକାଳେ ।

୫। ବିଚାର ବଧିର ବିଧି-ଏ ପାପ ସଂସାରେ,
ବଜ୍ରର ପ୍ରତାପେ କ୍ଷୁଦ୍ର ଅସ୍ଥିର ସତତ,
ଧୀର ନମ୍ର ଶାନ୍ତ ସାଧୁ—ତିଷ୍ଠି କି ସେ ପାରେ
ଉଗ୍ର ରୁଦ୍ରମୂର୍ତ୍ତି ପାଶେ ବ୍ରହ୍ମନିଷ୍ଠ ଭକ୍ତ ?.

ଟିକିଏ ସୂକ୍ଷ୍ମଦୃଷ୍ଟିର ଅଭାବରୁ କବିତା ମଧ୍ୟରେ ସ୍ଥାନେ ୨ ଅସଙ୍ଗତ ଉପମା ପ୍ରୟୋଗ ଲକ୍ଷିତ ହେଲା । କବି ଶୁକତାରାକୁ ଲକ୍ଷ୍ୟ କରି କହିଅଛନ୍ତି,—

Digitized by srujanika@gmail.com

ହିନ୍ଦୁକୁଳ ବାଳା ଯଥା ଦ୍ୱାରଦେଶେ ଥାଏ,
ପତି ଆଗମନ ଦୂରୁ ଦେଖିଣ ଗୃହର
ଭିତରକୁ ତର ତର ହୋଇ ଚାଲିଯାଏ,
ତେସନେ ସୂର୍ଯ୍ୟଙ୍କୁ ଦେଖି ହେଉ କି ଅନ୍ତର ?
ଉପମାଟା ଠିକ୍ ହେଲାକି ?

ପୁଣି କେତେକ ସ୍ଥଳରେ କବିତାର ଉପଯୁକ୍ତ ଭାଷା ପ୍ରୟୋଗରେ ତ୍ରୁଟି ହୋଇଅଛି—

ସ୍ୱଗୃହତ୍ୟାଗି ମହାପ୍ରେମରେ, ଉର୍ଦ୍ଧେ ଦୁଇବାହୁ ଉତ୍ତୋଳି ଉତ୍ତୋଳାଇ ତେଜ, ହେବି [illegible] ଶ୍ରମ କାର୍ଯ୍ୟ ଦୁହିଙ୍କର, ଚଳିବ ତୋ ସ୍ନେହା-ଦେଶେ ‘ହେଇ ପ୍ରେମ ହେଇ’ ‘ଦେଖିଲେ ବିଶ୍ୱ’ ପ୍ରେମେ ନାଚଇ, ହେବୁ ନବବକ୍ତ୍ର ଅଜ୍ଞାନ, ଉତ୍ତୋଳନ କର ଶିର-ଅବନତ, ଉପତ୍ୟକା ଅଭାବରେ—ଉଚ୍ଚତା ବିଷୟେ, ଇତ୍ୟାଦି ।

ସେ ଯାହାହେଉ ଭାବନାର ଅଧିକାଂଶ କବିତା ଯେ ସୁନ୍ଦର ଓ ସୁଖପାଠ୍ୟ ଏଥିରେ ସଂଶୟ ନାହିଁ । ବିଶେଷତଃ ‘ନିର୍ଝରଣୀର ସିନ୍ଧୁ ଗର୍ଭରେ ଆତ୍ମବିସର୍ଜନ’, ‘ପୁଣି କିପାଁ ଡାକେ ବଂଶୀ’, ‘ଆଜି ଥାଉ’ ‘ଉଡ଼ି ଗଲା’ ‘ଆଜି ହସିବ ନାହିଁ’ ‘ଦୁଇଦଣ୍ଡ’ ‘ନଇହିଲା’ ଓ ‘ଉତ୍କଳ-ପ୍ରତି’ ଏହି କେତୋଟି ବିଶେଷ ହୃଦୟଗ୍ରାହୀ ହୋଇଅଛି । ଏଥିରେ ନୂତନତ୍ୱ ଅଛି, ବିଶେ-ଷତ୍ୱ ଅଛି । ଭାବୁକ ପାଠକ ଏଗୁଡ଼ିକ ପାଠ କରି ନିଶ୍ଚୟ ମୋହିତ ହେବେ ।

ସାଧୁବାବୁଙ୍କ କବିତାରେ ଆଉ ଗୋଟିଏ ବିଶେଷତ୍ୱ ଦେଖି ଆମ୍ଭେମାନେ ଦୁଃଖିତ ହେଲୁଁ— ସେ ସଂସାର ଓ ମାନବସମାଜକୁ କେବଳ ବିଷାଦମୟ, ଅନ୍ଧକାରମୟ ପାପମୟ ଓ ସ୍ୱାର୍ଥ-ଦ୍ୱେଷପୂର୍ଣ୍ଣ ଦେଖୁଅଛନ୍ତି ! ସଂସାରରେ ଏ ଗୁଡ଼ିକର ଅଧିଷ୍ଠାନ ଅଛି ସତ୍ୟ, ମାତ୍ର କବି ଯେମନ୍ତ କି ଟିକିଏ ଅତିରିକ୍ତ ମାତ୍ରାରେ ଏହି ସମସ୍ତ ବିଷୟପ୍ରତି ଦୃଷ୍ଟି ଦେଇଅଛନ୍ତି। ଜଗ-ତରେ ଯେ ଯେଉଁ ଆନନ୍ଦମୟ ଛବି ଦେଖି-ଅଛନ୍ତି ମାନବ ସଂସାରରେ କି ତାହାଠାରୁ କୋଟି ଗୁଣ ଅଧିକ ସୁନ୍ଦର ଛବି ନାହିଁ ? ଆଉ ଯେ ଯେଉଁ ମନୁଷ୍ୟଙ୍କଠାରେ କାଳିମା ଦେଖିଅଛନ୍ତି ସେହି ସବୁ ସ୍ଥଳରେ କି ଉଜ୍ଜ୍ୱଳ ମାଧୁରୀ ନାହିଁ ? ବସ୍ତୁତଃ ଏ ସଂସାର ଉଭୟର ମିଳନଭୂମି— ମାତ୍ର ସୂକ୍ଷ୍ମଭାବରେ ଆଲୋଚନା କଲେ ପୁଣ୍ୟ ଓ ସୌନ୍ଦର୍ଯ୍ୟର ମାତ୍ରାହିଁ ଅଧିକ ଦୃଷ୍ଟ ହେବ । ଏକଆଡ଼ରେ ପ୍ରକୃତିଗୁଣର ଅବଧି ଯେପରି କେହି ନାହିଁ, ଅନ୍ୟଆଡ଼େ ପ୍ରକୃତିଦୋଷର ଆଧାର ମଧ୍ୟ କେହିନାହିଁ ।

କବି କୌଣସି କୌଣସି ସ୍ଥଳରେ ବିଶେଷ-ମତ ବା ମତ ପ୍ରଖ୍ୟାପନ କରିବାକୁ ଚେଷ୍ଟା କରି-ଅଛନ୍ତି । କବିତା ମଧ୍ୟରେ ଏ ପ୍ରକାର ଚେଷ୍ଟା ସୁସଙ୍ଗତ ନୁହେ, ତଦ୍ଦ୍ୱାରା କବିତ୍ୱର ମାତ୍ରା ହ୍ରାସ ପ୍ରାପ୍ତ ହୁଏ । ‘ସୁଖୀ ଜୀବନ’ ନାମକ କବିତାଟି ଏହାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ଅଟେ ।

‘ଆଶା’ ନାମକ କବିତାର ପ୍ରଥମ ଅଂଶରେ ଭକ୍ତକବି ରାଧାନାଥ କବିଙ୍କ ‘ଆଶା’ କବିତାର ଛାୟା ପଡ଼ିଅଛି । ‘କୁଆଁତରା’ର ଅନେକ ସ୍ଥଳ ଉକ୍ତ କବିଙ୍କର ‘ଆକାଶପ୍ରତି’ର ଅନୁକରଣରେ ଲିଖିତ । କୌଣସି ୨ ଟିରେ ବଙ୍ଗଳାର କୌଣସି କୌଣସି କବିତାର ଅନୁକରଣ ଲକ୍ଷିତ ହେଲା । ତନ୍ମଧ୍ୟରେ ‘ପକ୍ଷୀ’ କବିତାଟି ଉଲ୍ଲେଖ-ଯୋଗ୍ୟ ।

ପୁସ୍ତକର ଶେଷଭାଗରେ ସନ୍ନିବିଷ୍ଟ ଚତୁର୍ଦ୍ଦ-ଶପଦୀ କବିତାଗୁଡ଼ିକ ସ୍ଥଳରେ ଉତ୍ତମ ହୋଇଅଛି । ତନ୍ମଧ୍ୟରେ ‘ମାତା’ କବିତାଟି ଅତି ମଧୁର, ଅତିପ୍ରାଣସ୍ପର୍ଶୀ, ‘ସିନ୍ଧୁ’ ଓ ‘ସିଡ଼ି’ କିଞ୍ଚିତ ଅସଂଗତ ଦୋଷରେ ଦୁଷ୍ଟ । ‘ରମେଶଚନ୍ଦ୍ର’ କବିତାଦ୍ୱୟ ସତ୍ୟର ସୀମା ଲଂଘନ କରିଅଛି । ବ୍ୟକ୍ତିବିଶେଷ ସମ୍ବନ୍ଧରେ ଲେଖିବାକୁ ହେଲେ

Digitized by srujanika@gmail.com

ଲେଖମାଙ୍କୁ ଅତ୍ୟନ୍ତ ସଂଯତ କରିବା ଆବଶ୍ୟକ ।

୮। ସାହିତ୍ୟସୁନ୍ଦରୀ—ଶ୍ରୀଯୁକ୍ତ ଲକ୍ଷ୍ମଣ ମିଶ୍ର ଜ୍ୟୋତିଷାଳଙ୍କାରଙ୍କ ପ୍ରଣୀତ । ପୁସ୍ତକ ପାଠ କରି ଆମ୍ଭେମାନେ ତୃପ୍ତିଲାଭ କରିପାରିଲୁ ନାହିଁ । ପୁସ୍ତକର ଭାଷା ବିଶୁଦ୍ଧ ଓ ପ୍ରାଞ୍ଜଳ ହୋଇନାହିଁ—ଭାବ ମଧ୍ୟ ସୁସ୍ପଷ୍ଟ ଓ ସଙ୍ଗତ ହୋଇନାହିଁ । ଲେଖକ ଆପଣାର ପାଣ୍ଡିତ୍ୟ ଦେଖାଇବାକୁ ବିଶେଷ ଚେଷ୍ଟା କରିଅଛନ୍ତି । ଯାହାହେଉ ପୁସ୍ତକରୁ ପ୍ରଣେତାଙ୍କର ସାହିତ୍ୟାନୁରାଗର ପରିଚୟ ମିଳୁଅଛି, ଏଥିରେ ସନ୍ଦେହ ନାହିଁ ।

୯। ଭକ୍ତୋଚ୍ଛ୍ୱାସ—ବିଗତ ଡ଼ାୟମଣ୍ଡ ଯୁବିଲି ଉପଲକ୍ଷରେ ଶ୍ରୀଯୁକ୍ତ ଜଗଦାନନ୍ଦ ଦାସଙ୍କ ପ୍ରଣୀତ ପଦ୍ୟ ପୁସ୍ତକ । ଏହା ରାଜଭକ୍ତିର ନିଦର୍ଶନ । ପୁସ୍ତକ ମଧ୍ୟରେ କବିତ୍ୱ ଅତି ଅଳ୍ପ ଲକ୍ଷିତ ହେଲା । ତେବେ ସ୍ଥାନେ ସ୍ଥାନେ ଲେଖା ନିତାନ୍ତ ମନ୍ଦ ହୋଇନାହିଁ ।

୧୦। ମଧୁମାଳତୀ—ଶ୍ରୀଯୁକ୍ତ ମୋହନ ନାୟକଙ୍କ ବିରଚିତ ପଦ୍ୟରେ ଲିଖିତ ଗୋଟିଏ ଉପଖ୍ୟାନ । ଗଳ୍ପଟି ସରସ ଓ ଶିକ୍ଷାପ୍ରଦ । ମାତ୍ର ଲେଖାରେ କବିତ୍ୱ କିଛି ନାହିଁ । ତେବେ ଗଳ୍ପଟି ପାଠ କରି ସାଧାରଣ ଲୋକେ ଉପଦେଶ ଓ ଆନନ୍ଦ ପାଇପାରିବେ ।

କ୍ରମଶଃ

Digitized by srujanika@gmail.com

# ଉତ୍କଳ ସାହିତ୍ୟ

## ମହାଯାତ୍ରା ଓ ରାଧାନାଥ

"A man's genius is always at the beginning of life as much unknown to himself as to others."

ବ୍ୟକ୍ତିବିଶେଷର ପ୍ରତିଭା ତାହାଙ୍କର ଜୀବନ-ପ୍ରାଙ୍ଗଣରେ ପଦାର୍ପଣ କଲା ମାତ୍ରକେ ଆରମ୍ଭ ହୁଏ ତାହା ସେ ବ୍ୟକ୍ତିଙ୍କୁ ବା ଅନ୍ୟ ଲୋକଙ୍କୁ ଜଣା ନ ଥାଏ ।

ରାୟ କବିଙ୍କର କିଶୋର ବୟସରେ ଆମ୍ଭେମାନେ ତାଙ୍କ ସଙ୍ଗ ଅନୁସରଣ କରୁଥିଲୁଁ । ଅବକାଶ ସମୟରେ, ପଲ୍ଲୀ, ପ୍ରାନ୍ତର, ଦୀର୍ଘିକା, କୁମୁଦକହ୍ଲାରଶୋଭିତ ସରୋବର ସମୀପ, ତଟିନୀତଟ ଏବଂ ବେଳାଭୂମି ପ୍ରଭୃତି ସ୍ଥାନରେ ଭ୍ରମଣସୁଖ ଭୋଗ କରୁଥିଲୁଁ । ସ୍ମରଣ ହେଉଅଛି, ସେ ସଙ୍ଗରେ ଥାଇ ସ୍ୱଚ୍ଛନ୍ଦ ହେଉଥିଲେ । ତାଙ୍କ ପ୍ରତିଭାର ବିକାଶ ଆରମ୍ଭ ହୋଇଥିଲା । ତାଙ୍କ ପ୍ରକୃତି ଆମ୍ଭମାନଙ୍କ ପ୍ରକୃତିଠାରୁ କୋମଳ ଓ ଉଦାର ଥିଲେହେଁ ଆମ୍ଭେମାନେ ଅଲକ୍ଷିତ-ଭାବରେ ତାଙ୍କଦ୍ୱାରା ଆକୃଷ୍ଟ ହେଉଥିଲୁଁ । ଆମ୍ଭେମାନେ ଦେଖିଥିଲୁଁ ପ୍ରକୃତିର ସ୍ଥୂଳଶରୀର କବିଙ୍କର କିଶୋର ପ୍ରତିଭାପ୍ରକୃତିର କୋମଳତା, କମନୀୟତା ଓ ମଧୁରତା ଦେଖିବା ଓ ଅନୁଭବ କରିବାରେ ନିରନ୍ତର ରତ ଥିଲା । ଘାସ, ଫୁଲ, ପଦ୍ମ ଓ କୁମୁଦବନ ଦିନମଣିର ଉଦୟ ଅସ୍ତ, ଆମ୍ଭମାନଙ୍କ ଚକ୍ଷୁରେ ନିତ୍ୟ ଘଟନା—ପ୍ରତିଭା-ଚକ୍ଷୁରେ ଏମାନ ନିତ୍ୟ ନୂତନ—କବିତା-ପୂର୍ଣ୍ଣ—ଭାବପୂର୍ଣ୍ଣ କବି ସଙ୍ଗୀମାନଙ୍କଠାରୁ ସ୍ୱତନ୍ତ୍ର ହୋଇ—ପ୍ରକୃତିର ସୌନ୍ଦର୍ଯ୍ୟ ଦେଖୁଥିଲେ—ଭାବରେ ନିମଗ୍ନ ହେଉଥିଲେ—ଭାବଦ୍ୱାର ଗୁନ୍ଥୁଥିଲେ । ଆମ୍ଭେମାନେ କବିଙ୍କୁ ଦେଖୁଥିଲୁ—ତାଙ୍କ ପ୍ରତିଭାକୁ ଦେଖି ନ ଥିଲୁଁ । ଆଜି ଏହି ମହାଯାତ୍ରା ।ପ୍ରତିଭାର ପରିଣତି ।

ମହାଯାତ୍ରାରେ କବି କି ରୂପ ଅସାଧାରଣ ପ୍ରତିଭାର ପରିଚୟ ଦେଇଅଛନ୍ତି, ଉଦ୍ଧୃତାଂଶରେ ତାହାର ଦେଦୀପ୍ୟମାନ ପ୍ରମାଣ ।

"ଯଦୁବଂଶ ଧ୍ୱଂସ ଶୁଣି କୁରୁକୁଳ ମଣି
ଯୁଧିଷ୍ଠିର, କଣ୍ଠିକି କହିଲେ ସମ୍ବୋଧି
"ହେ ବୀର, ଦୁସ୍ତର କୁରୁ ସମର-ସାଗରେ
(ତିମି ତିମିଙ୍ଗିଳ-ରୂପେ ଭ୍ରମିଲେ ଭୈରବେ
ଯହିଁ ମହାରଥିପତି ଭୀଷ୍ମ ଦ୍ରୋଣ ଆଦି)
ଯେ ମହାପୁରୁଷ ନିଜ କୃପ -ତରଣୀରେ
ପାର କଲେ ପାଣ୍ଡବଙ୍କୁ କର୍ଣ୍ଣଧାରରୂପେ,
ଚଳୁଥିଲେ ଅନୁକ୍ଷଣ ଶ୍ରୀଚରେ ଯାଙ୍କର
ନ୍ୟାୟବଳ-ବଳରୂପେ କୋଟି କୋଟି ପ୍ରାଣୀ,
ଗଲେ ମର୍ତ୍ତ୍ୟଧାମ ତେଜି, ନିଜଧାମ ସେହି
କେଶବ, କି ସୁଖେ ଆଉ ରହିବା ସଂସାରେ ?
ସଂସାରର ଲୀଳାଖେଳା ସରିଲା ଆମ୍ଭର,
ସଂସାରବିଷୟ-ବିଷେ ଜର ଜର ହୋଇ
ସାରସ୍ୱତ ପାଶୋରିଣ, ସାରିଲୁ ଆୟୁଷ;
ଦୁଃଖମୟ ଭବ ସିନା, ମହାସୁଖ ବୋଲି
ବୋଲନ୍ତି ଜଗତେ ଯାକୁ, ଜଡ଼ିତ ସେ ସଦା

Digitized by srujanika@gmail.com

ମହାଦୁଃଖ, ଆଲୋକ ମେ ଜଡ଼ିତ ତମସେ;
ହତ ହେଲେ ସୁଯୋଧନ କୁରୁକ୍ଷେତ୍ର ରଣେ,
ଜୟୀ ହୋଇ ଆମ୍ଭେ ତହିଁ ହେଲୁ ଜୀବନ୍ମୃତ;
ପୁତ୍ର ମିତ୍ର-ରକ୍ତ-ସ୍ରୋତେ ସନ୍ତରି ସନ୍ତାପେ
ସନ୍ତାପିତ ସିଂହାସନ ହେଲା ସିନା ଲବ୍ଧ;
ଭଙ୍ଗୁର ଅନ୍ତର, ଶାନ୍ତି ସୁଖ ଏହିପରି।

× ×

ଏ ଜୀବ ଜୁହର ସ୍ଥିର, ସ୍ଥିରତି ମରଣ,
ମାଟିର ଏ ଘଟ ନିଶ୍ଚେ ମିଶିବ ମାଟିରେ,
ସର୍ବହର କାଳ ମହାବଳୀଠାରୁ ବଳୀ !
କଠୋର ଏ ଧନୁ ତୋର, କଠୋର ଶାୟକ
ମହାଗଦା, ଶାଣିତ ଏ ଖଡ୍ଗଲମ୍ବା ଫର !
ଲଗାଇଛି ଫାଶ ସେହୁ ସମସ୍ତଙ୍କ ଗଳେ—
କି ରାଜା, କି ପ୍ରଜା, କିବା ବୀର, କିବା ଭୀରୁ,
ଗୁଣୀ, ଗୁଣହୀନ ଅବା ମୂଢ଼, କୁମତି,
ଧନିକ, ନିର୍ଦ୍ଧନ ଅବା ପ୍ରବଳ ଦୁର୍ବଳ,
ସେ ଗୁପତ ଫାଶୁ କେହି ନୁହଁନ୍ତି ମୁକତ,
ଜନ୍ମିବା ଆଗରୁ ସେହି ଫାଶ ପିନ୍ଧି ଗଳେ
ଭୂମିଷ୍ଠ ହୁଅଇ ଜୀବ ଜନନୀ-ଜଠରୁ,
ନିଜ ଦିନ କ୍ଷଣ ଦେଖି ଦୁରନ୍ତ ସଂହାରୀ
ଅତର୍କିତେ ସଂହାରିବ ଓଟାରି ସେ ଫାଶ,
କାହାରି ବୋଲକୁ କାଳ ଅନାଇ ନ ବସେ,
ପାସୋରିଲେ ତାକୁ ସେହି କେବେ ନ ପାସୋରେ,
ସେ ଆସି ଖୋଜିବା ଆଗୁଁ, ଏ ଭବର ମାୟା
ତେଜ, ହେ ବୀରେନ୍ଦ୍ର, ଚାଲ ଖୋଜିବା କାଳକୁ।"

କ୍ଷଣଭଙ୍ଗୁର ସଂସାରସୁଖରେ ପାଣ୍ଡବମାନେ ବୀତରାଗ। ମହାପ୍ରସ୍ଥାନ ସନ୍ଦେଶ ଜ୍ଞାନଗର୍ଭ ଆଲୋଚନା—ପ୍ରୟୋଜନ ! କବି ଅଦ୍ଭୁତ ପ୍ରତିଭା ବଳରେ ତାହାର ଚିତ୍ର ଅଙ୍କିତ କରିଅଛନ୍ତି। କାଳ ଏ ଚିତ୍ର କେତେବେଳେ ଲିଭାଇ ପାରିବ ନାହିଁ।

ସତ୍‌କାବ୍ୟ ଯୁଗଯୁଗାନ୍ତର ଜ୍ଞାନ-ସମଷ୍ଟି। କବି ମରଣଶୀଳ। ଭାବ ଓ କାବ୍ୟ ଅମର। ସତ୍‌ଭାବ କେବେ ବିନଷ୍ଟ ହୁଏ ନାହିଁ; କାବ୍ୟ, ସଙ୍ଗୀତ, ଗଳ୍ପ, କଥା ବା ପରିହାସରେ ଚିରକାଳ ରହିଥାଏ। ସ୍ମରଣାତୀତ କାଳ ପୂର୍ବରେ ଜ୍ଞାନୀଗଣ ଯେଉଁ ଜ୍ଞାନଭଣ୍ଡାର ଗ୍ରନ୍ଥାକାରରେ ସଂଗ୍ରହ କରି ଯାଇଅଛନ୍ତି, ବର୍ତ୍ତମାନ ଆମ୍ଭେମାନେ ତାହାର ଉତ୍ତରାଧିକାରୀ। ବ୍ୟାସ, ବାଲ୍ମୀକି ଭବଭୂତି, ମାଘ, ଭାରବି, କାଳିଦାସ ପ୍ରଭୃତି କବିକୁଳ ଅତୀତ ଗର୍ଭରେ ବିଲୀନ ହୋଇଅଛନ୍ତି; ପାଶ୍ଚାତ୍ୟ କବି ସେକ୍ସପିୟର, ମିଲ୍‌ଟନ, ଡ୍ରାଇଡନ୍, ପୋପ୍, ସେରିଡନ, ବଙ୍ଗ ଓ ଉତ୍କଳର କବି ମଧୁସୂଦନ ଓ ଉପେନ୍ଦ୍ର ଭଞ୍ଜ ମର୍ତ୍ତ୍ୟଭବନ ଦୀର୍ଘକାଳ ତ୍ୟାଗ କରିଅଛନ୍ତି, କିନ୍ତୁ ଆଜି ଏମାନେ ଅମର ହୋଇ ଜଗତର ଗୁରୁରୂପେ ଗୃହେ ଗୃହେ ବିରାଜିତ। ତୁଳସୀଦାସ କେବେ ଜନ୍ମ ହୋଇଥିଲେ, କେବେ ଅତୀତ କାଳରେ ଲୀନ ହୋଇଅଛନ୍ତି—କିମ୍ବଦନ୍ତୀ କହେ, ସେ ଥିଲେ ପୁଣି ଅଛି। ସେହି କିମ୍ବଦନ୍ତୀ ତାଙ୍କର ଜ୍ଞାନଗର୍ଭ ବାକ୍ୟକୁ ଏ କାଳ ପର୍ଯ୍ୟନ୍ତେ ବହି ଆଣିଅଛି—ଅନନ୍ତକାଳ ବହି ନେଇଯିବ। "ତୁଳସୀ କହେ, ପୁକାରକେ ଶୁନୋ ସକଲ ଦେ କାନ, ହେମ ଦାନ ଯାଗ ଦାନ ହେ ବଡ଼ ଦାନ ସନମାନ" ସ୍ୱର୍ଣ୍ଣ ଦାନ କର, ଯାଗ କର, ସହସ୍ର ୨ ଦାନ କର, ଏମାନ ଦାନ ହୋଇ ପାରେ, କିନ୍ତୁ ସବୁଠାରୁ ବଡ଼ ଦାନ ସମ୍ମାନ ଦାନ।

ଅନ୍ଧକବିଙ୍କର ଏହି ପଦକ ଯୁଗ ଯୁଗାନ୍ତରରେ ଅମୂଲ୍ୟ ଜ୍ଞାନରତ୍ନ ବୋଲି ଜ୍ଞାନୀଗଣଙ୍କର ନିଜସ୍ୱ ସମ୍ପତ୍ତିରୂପେ ଆଦୃତ ହେବ ଏବଂ ସହାନୁଭୂତି ଓ ଏକତା ଶୃଙ୍ଖଳରେ ପରସ୍ପରକୁ ଶୃଙ୍ଖଳିତ କରାଉଥିବ। ପରନ୍ତୁ ଆତ୍ମାଭିମାନୀ ମୃତବ୍ୟକ୍ତିର ଅଜ୍ଞାନାନ୍ଧକାର ନାଶନକୁ ପ୍ରଦୀପ ହେବ।

Digitized by srujanika@gmail.com

ଦେବୀ ଦ୍ରୁପଦନନ୍ଦିନୀ ବାନପ୍ରସ୍ଥ ବ୍ରତରେ ପାଣ୍ଡବମାନଙ୍କ ସହଚରୀ ହେବାପାଇଁ ପାଣ୍ଡବ-ଶ୍ରେଷ୍ଠଙ୍କୁ ସମ୍ବୋଧନ କରି କହିଅଛନ୍ତି :—

"ପାଣ୍ଡବର ବନ୍ଧୁ ବୋଲି ବାନ୍ଧିଥିଲେ ବାନା
ଭୁବନେ ଯେ ମହାପ୍ରଭୁ ସେ ପ୍ରଭୁ ବହୁଦିନ
କେଉଁ ଲୋଡ଼ା ପାଣ୍ଡବର, ନାଥ, ଏ ସଂସାରେ ?
କେଉଁ ଲୋଡ଼ା ଏ ସଂସାରେ ପାଣ୍ଡବ ବହୁଦିନେ
ପାଣ୍ଡବ-ଶରଣା ଦୀନା ଦ୍ରୁପଦ କନ୍ୟାର ?
କି ଲୋଡ଼ା ମୋହର ଅଶ୍ରୁସିକ୍ତ ରାଜଭୋଗେ ?
କି ସୁଖ, ହେ ପାଣ୍ଡୁନାଥ, ଏ ଦଗ୍ଧ ପରାଣେ
ଗୃହେ ଥାଇ ? ଥାଉ ଗୃହ ଗୃହସୁଖ ଦେଇ,
ରାଜା ରାଜ୍ୟସୁଖ ନେଇ, ଏ ଦେବୀଙ୍କ ଗୃହ
ସୁପ୍ରୀ ପ୍ରାପ୍ତ ତୁମ୍ଭ ସଙ୍ଗେ ବିଚରିବି ବନେ,
ସୁଖୀ ଥିଲି ବନେ, ଦୁଃଖୀ ହେଲି ସିଂହାସନେ,
ଦୁଃଖୀ ପାଇଁ ସ୍ଥାନ କାହିଁ ସଂସାର ଗହନେ ?
ଦୁଃଖୀ ଲୋଡ଼େ ନିକାଞ୍ଚନ, ଦୁଃଖିର ନୟନେ
ସଂସାର ସମ୍ପଦ ଯିନା ମହାବିଡମ୍ବନା !
ନଳିନୀ-ନୟନେ, ନାଥ, ଯେସନ ଚନ୍ଦ୍ରିକା;
ଅକ୍ଷମ, ସମ୍ପଦ, ଦୁଃଖ ମେଣ୍ଟାଇବା ପାଇଁ
ପକାଏ କେବଳ ମାତ୍ର କଣ୍ଟକ ସେ ପଥେ
ସମବେଦନାର, ନାଥ, ଏହି ତାର ରୀତି !
ଭେଦାଭେଦ ବାଛିବାର ପ୍ରାସାଦେ କୁଟୀରେ,
ସରିଛି ସେ ଧନ ମୋର ଚିରଦିନ ଲାଗି;
ନୁହଇ କେବଳ ମୁହିଁ ସମ୍ପଦସଙ୍ଗିନୀ
ପାଣ୍ଡବର, ପୂର୍ବେ ଯଥା ସେବୁଥିଲି ଦୀନ
ଚରଣେ ତୁମ୍ଭର, ଏବେ ସେବିବି ସେମନ୍ତେ
ଏହି ଭିକ୍ଷା ମାଗେ ଦାସୀ ଶ୍ରୀପାଦେ ଗୋସାଇଁ,"
"କାରୁଣ୍ୟସ୍ୟ ମୂର୍ତ୍ତିରଥବା ଶରୀରିଣୀ
ବିରହବ୍ୟଥୈବ ବନମେତି ଜାନକୀ ।"

କବିଗୁରୁ ବାଲ୍ମୀକି ରାମଚନ୍ଦ୍ରଙ୍କ ସହିତ ଦେବୀ ଜନକତନୟାଙ୍କର ବନଗମନ ସମୟରେ ଏହି କରୁଣଚିତ୍ର ଅଙ୍କିତ କରିଅଛନ୍ତି । କରୁଣାମୟୀ ବିରହବ୍ୟଥିତା ଦ୍ରୁପଦନନ୍ଦିନୀଙ୍କର ବନଗମନ—କି କରୁଣାମୟ-ଚିତ୍ର । ସାଧୁ କବି । ତୁମ୍ଭର ଏ କରୁଣଚିତ୍ର ଉତ୍କଳ ସାହିତ୍ୟର ସମ୍ପଦରୂପେ ଚିର ବିରାଜମାନ ହେବ ।

ପ୍ରତିଭାକୁ ଅବଜ୍ଞା କରେ କିଏ ?

"Speak not of genius baffled,
Genius is master of man
Genius does what it will
Talent does what is can'.'

ପ୍ରତିଭାର ଅବଜ୍ଞା କରନା, ପ୍ରତିଭା ନରଜଗତରେ ପ୍ରଭୁ । କ୍ଷମତା ଯାହା ପାରେ ତାହା କରେ, ପ୍ରତିଭା ଯାହା ଇଚ୍ଛା କରେ ତାହା କରେ । କାର୍ଯ୍ୟ ଓ ଚିନ୍ତା ଏ ଦୁଇ ପ୍ରତିଭା ଓ କ୍ଷମତାର କ୍ରୀଡ଼ାକ୍ଷେତ୍ର । କ୍ଷମତା ଅର୍ଜିତ—ପ୍ରତିଭା ଦେବଦତ୍ତ । କ୍ଷମତା ସସୀମ, ପ୍ରତିଭା ଅସୀମ । କ୍ଷମତା ନଦୀ—ପ୍ରତିଭା ଅତଳସ୍ପର୍ଶ ସାଗର । ପ୍ରତିଭାର ସହିତ କ୍ଷମତାର ତୁଳନା ହେବାର ନୁହେ । ବାମନର ଚନ୍ଦ୍ରକୁ ଧରିବାର ପ୍ରୟାସ ଯେମନ୍ତ ବାତୁଳତା, କ୍ଷମତା ସହିତ ପ୍ରତିଭାର ତୁଳନା ସେହିପରି ବାତୁଳତା ।

କାର୍ଯ୍ୟ ଓ ଚିନ୍ତାର ଦେବତା ପ୍ରତିଭା । ଏହି ପ୍ରତିଭାରୂପୀ ନରଦେବତା ମହାପୁରୁଷରୂପେ କାର୍ଯ୍ୟ-ପ୍ରତିଭାସମ୍ପନ୍ନ ମହାପୁରୁଷମାନଙ୍କର ଜୀବନ-କାଳରେ କାର୍ଯ୍ୟାବଳୀ ଅକ୍ଷୟ କୀର୍ତ୍ତିସ୍ତମ୍ଭରୂପେ ନରଜଗତରେ ଚିରରକ୍ଷିତ । ମହାପୁରୁଷର ମୃତ୍ୟୁ ଅଛି, ମହାପୁରୁଷର ଶରୀର ବିନାଶୀ, କିନ୍ତୁ କାଳ ଓ ଚିନ୍ତା ଅବିନାଶୀ । ପଞ୍ଚଭୌତିକ ଶରୀର ମାଟିର ଶରୀର ପଞ୍ଚଭୂତରେ ମିଶିଯାଏ—ମାଟିରେ ମିଶିଯାଏ, ମହାପୁରୁଷର କାର୍ଯ୍ୟ ଓ ଚିନ୍ତା ସମସ୍ତ ଉପରେ—ଜାତି ଉପରେ ଅକ୍ଷୟ ଚିହ୍ନ ଅଙ୍କିତ କରେ । ସେହି ଜୀବନ-ପ୍ରତିଭା ଅନନ୍ତଜୀବୀ ହୋଇ ଅନନ୍ତକାଳ ନିମନ୍ତେ ଅନ୍ୟର ଚିନ୍ତା ଓ ଇଚ୍ଛାକୁ ଗଠନ କରେ । ପ୍ରତିଭା ମାନବଜାତିର ଉନ୍ନତିର ପଥପ୍ରଦର୍ଶକ ଆଲୋକ । ଅନ୍ଧକାରମୟୀ ରଜନୀରେ ପର୍ବତର ଶିଖରଦେଶସ୍ଥ ପ୍ରଦୀପ୍ତ

Digitized by srujanika@gmail.com

ଅଲୌକିକ ଯେପରି ବିଶୃଙ୍ଖଳ ଆନ୍ଦୋଳନ କରେ- ଆଲୋକମଞ୍ଚ ସମୁଦ୍ରବାହୀ ବନ୍ଦନ ସମୂହକୁ ଯେମନ୍ତ ଜନପଦ ପ୍ରବେଶ ମାର୍ଗ ଦେଖାଇଦିଏ, ସେହିପରି ପ୍ରତିଭା ଅଜ୍ଞାନତିମିର ନାଶନର ପ୍ରଦୀପ ଏବଂ ଜାତି ଉନ୍ନତିର ପଥଦର୍ଶକ ଆଲୋକମଞ୍ଚ (କର୍ଲାଇଲ) ।

ପ୍ରକୃତ ପ୍ରତିଭାଶାଳୀ ବ୍ୟକ୍ତିକୁ ସମ୍ମାନ ଦାନ କରିବା ସ୍ୱାଭାବିକ । କାରଣ ସେ ଯେଉଁ ଦେଶରେ ବା ଜାତିରେ ଜନ୍ମଗ୍ରହଣ କରନ୍ତି ସେ ଦେଶ ବା ସେ ଜାତି ତାଙ୍କ ଯୋଗେ ଉନ୍ନତ ହୁଏ—ପବିତ୍ର ହୁଏ । ତାହାଙ୍କ ଜୀବନ କାଳ ମଧ୍ୟରେ ଯେଉଁମାନେ ଜୀବିତ ଥାଆନ୍ତି ସେମାନଙ୍କୁ ସେ ସେ ଉନ୍ନତିପଥରେ ଅଗ୍ରସର କରାଇ ଦିଅନ୍ତି ତାହା ନୁହେଁ । ତାହାଙ୍କର ପରବର୍ତ୍ତୀ କାଳର ଲୋକେ ତାଙ୍କର ଦୃଷ୍ଟାନ୍ତରୂପ ସୋପାନ ଆଶ୍ରୟ କରି ଉନ୍ନତିଶୈଳାରୋହଣ କରିବାକୁ ସକ୍ଷମ ହୋଇଥାନ୍ତି । ପ୍ରତିଭାସମ୍ପନ୍ନ ବ୍ୟକ୍ତିର କାର୍ଯ୍ୟ ଓ ଚିନ୍ତା ସାଧାରଣ ସମ୍ପତ୍ତି ଏବଂ ସେହି କାର୍ଯ୍ୟ ଓ ଚିନ୍ତା ଯେତେ ଉଚ୍ଚ ହୁଏ ସେତେବେଳେ ତାହା ମନୁଷ୍ୟ ଜାତିର ଗୌରବାନ୍ୱିତ ଉଜ୍ଜଳତର ସମ୍ପତ୍ତି-ସ୍ୱରୂପ ବିବେଚ୍ୟ ହୁଏ । ଉକ୍ତରୂପ କାର୍ଯ୍ୟ ଓ ଚିନ୍ତା ବର୍ତ୍ତମାନ ସହିତ ଭବିଷ୍ୟତର ଘନିଷ୍ଠ ସମ୍ବନ୍ଧ ସଂଘଟନ କରାଏ ଏବଂ ଭବିଷ୍ୟତର ଚିନ୍ତା ଓ କାର୍ଯ୍ୟାବଳୀକୁ ନିୟନ୍ତ୍ରିତ କରାଏ । ନୀତି, ବ୍ୟବସ୍ଥା ଅଥବା ମନୁଷ୍ୟଚରିତ୍ରରେ ଯେ କୌଣସି ଜ୍ଞାନ ବା ମହତ୍ତ୍ୱ ଅଛି, ପ୍ରତିଭାଦ୍ୱାରା ତାହା ସୁପ୍ରଶସ୍ତ ଓ ସୁନିୟମିତ ହୁଏ । ପ୍ରତିଭାଶାଳୀ ଚିନ୍ତାଶୀଳ ବ୍ୟକ୍ତିର ନିର୍ଜ୍ଜନଚିନ୍ତା ବହୁଶତବର୍ଷ ମାନବ-ମନୋରାଜ୍ୟରେ ଆଧିପତ୍ୟ କରି ଅବଶେଷରେ ଦୈନିକ ଜୀବନ ଓ ଅଭ୍ୟାସରେ କାର୍ଯ୍ୟକାରୀ ଶକ୍ତି ରୂପେ ପରିଣତ ହୁଏ । ପ୍ରତିଭାଶାଳୀ ବ୍ୟକ୍ତି ସହସ୍ର ୨ ବର୍ଷ ପୂର୍ବେ ନରଦେହ ତ୍ୟାଗ କରି-ଅଛନ୍ତି, ତାଙ୍କର ସେହି ମହାନୁଭବୀ ଶକ୍ତି ଜୀବନ୍ତ-ଭାବରେ ଆମ୍ଭମାନଙ୍କ ମନ ଉପରେ ଏ କାଳ ପର୍ଯ୍ୟନ୍ତ ଆଧିପତ୍ୟ କରୁଅଛି । ମୋଜେସ, ଜେନୋଫନ, ସିନେକା, ସିସିରୋ, ଏପିକ୍ଟେଟସ, ବ୍ୟାସ, ବାଲ୍ମୀକି ବର୍ତ୍ତମାନ ଯେମନ୍ତ ସମାଧି ସ୍ଥାନରୁ ଉଠି ଆମ୍ଭମାନଙ୍କ ସହିତ ଆଳାପ କରୁଅଛନ୍ତି ଏବଂ ଆମ୍ଭମାନଙ୍କୁ ଜ୍ଞାନୋପଦେଶ ଦେଉଅଛନ୍ତି । ସେମାନଙ୍କର ଚିନ୍ତା ଭାଷାରୂପ—ମନୋବେଗଗାମୀ ଯାନରେ ଆରୋହଣ କରି ଜଗତର ସଭ୍ୟଜନ-ପଦରେ ବିଚରଣ କରୁଅଛି ଏବଂ ମାନବମାନଙ୍କୁ ନୀତିପଥରେ ଚଳାଉଅଛି । କ୍ଷମତାଶାଳୀ ରାଜା ଜୀବନକାଳରେ ଆଂଶିକ ନରଜଗତର ଶାସକ, ପ୍ରତିଭାଶାଳୀ ବ୍ୟକ୍ତି ଅନନ୍ତକାଳ ସାର୍ବଜନିକ ମାନବ-ମନୋରାଜ୍ୟର ଶାସକ ଓ ଚାଳକ । ପ୍ରତିଭାଶାଳୀ ବ୍ୟକ୍ତିର ନାମ ଉଚ୍ଚାରଣ କଲାମାତ୍ରକେ ନାଗରା ବାଜିଉଠେ । ତାଙ୍କର ନାମୋଚ୍ଚାରଣ ମାତ୍ରକେ ବିରୋଧୀ ବ୍ୟକ୍ତିର ହୃତ୍କମ୍ପ ଉପସ୍ଥିତ ହୁଏ । ମହାତ୍ମା କର୍ଲାଇଲ କହିଅଛନ୍ତି "Universal History is, at bottom, but the history of great men" ଜଗତରେ ଇତିହାସ ପ୍ରତିଭାଶାଳୀ ବ୍ୟକ୍ତିମାନଙ୍କର ଇତିହାସ ଭିନ୍ନ ଆଉ କିଛି ନୁହେଁ ।

ଆମ୍ଭେମାନେ ସାହସ କରି କହିପାରୁଁ କବି ରାଧାନାଥ ରାୟ ସାଧାରଣ କବି ନୁହନ୍ତି-ଏ ଜଣେ ପ୍ରତିଭାଶାଳୀ କବି । ଉତ୍କଳସାହିତ୍ୟାକାଶରେ ଏହାଙ୍କର ଉଦୟଦିନଠାରୁ ଉତ୍କଳ ବାଗ୍‌ଦେବୀଙ୍କର ନବକଳେବରର ଦିନ ଗଣନା କରିବାକୁ ହେବ । ମହାଯାତ୍ରା ସମାଲୋଚନାରେ କବିଙ୍କର ପ୍ରତିଭା ଦେଖାଇବା ମୁଖ୍ୟ ଉଦ୍ଦେଶ୍ୟ । ଶବ୍ଦଶାସ୍ତ୍ର, ପୌରାଣିକ ଘଟଣାବଳୀ, ପ୍ରତିଭାଶାଳୀ କବି ପକ୍ଷରେ ଅତି ତୁଚ୍ଛ । ସୌନ୍ଦର୍ଯ୍ୟସୃଷ୍ଟି କବିର ସମ୍ପଦ । ଦେଖାଯାଉ ଉକ୍ତ ସମ୍ପଦରେ ରାୟକବି କିପରି ସମ୍ପଦବାନ୍ ।

Digitized by srujanika@gmail.com

"''ରାଜ୍ୟ ଦେଇ ଯିବେ ରାଜା' ଏବାର୍ତ୍ତା ନବରେ,
ନଗରୁ ନଗରେ, ଚହୁଁ ବ୍ୟାପି ଜନପଦେ,
ବୁଡ଼ାଇଲା ଶୋକୋଚ୍ଛ୍ୱାସେ ସମଗ୍ର ମେଦିନୀ।"

× × × ×

ହେ ଧର୍ମ୍ମ, ହେ ସତ୍ୟ, ତୁମ୍ଭେ ହେଲଟି ଅନାଥ !
କେ ଆଜ ନିଷ୍କାମେ ଧନ ପ୍ରାଣ ମାୟା ତେଜି,
ତୁମ୍ଭଙ୍କୁ, ତୁମ୍ଭର ଲାଗି, ଭଜିବ ଏ ଭାବେ ?
ଦୟା, କ୍ଷମା ତୁମ୍ଭେ ଏବେ ହେଲଟି ଅଧୀର !
ଅଧୀର ମା ବସୁନ୍ଧରା ! ଅଧୀର ସନ୍ତତି
ହେଲେ ସିନା ଏତେ ଦିନେ ଦୀନହୀନ ପ୍ରଜା;

× × × ×

"ଶୋଭନା-ହସ୍ତିନା ରୌପ୍ୟ-ରସନା-ଜାହ୍ନବୀ-
ଜଳେ ପଞ୍ଚାନନ ଚହୁଁ କଲେ ଜଳପାତ;
କୃଷ୍ଣା ସଙ୍ଗେ ପଞ୍ଚଭାଇ ବାହାରିଲେ ପୁରୁ,
ଦିଶିଲା ଅନାଥା ପ୍ରାୟ ହସ୍ତିନା ନଗରୀ
ବିକଳା, ଯେସନ ରାହୁଗ୍ରସ୍ତ ଶଶିକଳା;
ଦିଗେ ଦିଗେ ଉଠିଲା ମହା ଶୋକର ତହଳ;
ଉଦ୍‌ବେଳ ସାଗର ପ୍ରାୟେ ଲକ୍ଷ ଲକ୍ଷ ପ୍ରଜା
ଗଳଦଶ୍ରୁ ନେତ୍ରେ, ପୁଣି ଦୀନହୀନ-ବେଶେ
ଉଚ୍ଚୈଃସ୍ୱରେ କାନ୍ଦି ସର୍ବେ ଚଳିଲେ ଗହନେ"

※ ※ ※ ※

"ଯେଣୁ ସେହି ସର୍ବଜୟୀ ଧନୁ ତ୍ରାଣମାୟା
ତୁଟି ନ ପାରଣ; ସଙ୍ଗେ ଆଣିଥିଲେ ବଳୀ
ସେହି ଧନୁ, ସେ ତୂଣୀର ବୈରାଗ୍ୟ ବିବୋଧୀ,
ଜ୍ୱଳନ୍ତ ଫାଲଗୁନୀ ପଛେ ମାଦ୍ରୀସୁତ ଦେବ,
ତାଙ୍କ ପଛେ ଯାଜ୍ଞସେନୀ ଗଜେନ୍ଦ୍ରଗାମିନୀ,
ରମଣୀସୀମନ୍ତ-ରେଖା ରାମା ମହୀତଳେ,
ସ୍ନେହଗୁଣେ ବନ୍ଧ-ଶ୍ୱାନ ଗଲେ ସର୍ବ ପଛେ,"

※ ※ ※ ※

"ନାନାତୀର୍ଥ ସେବି, ଶରେ ଆସିଣ ମିଳିଲେ
ଉତ୍କଳର ପ୍ରାଚ୍ୟ-ନୀର-ପ୍ରାଚୀର-ଆବୃତ,
ନୀଳ-ଫେନାକୁଳ-ତୁଙ୍ଗ-ତରଙ୍ଗ ଭଙ୍ଗୁର,
ନୀଳାଚଳ ତଟେ ଯହିଁ ଲୋଟେ ବାରିନିଧି
ଗମ୍ଭୀର ନିର୍ଘୋଷେ ଘୋଷ ବିଶ୍ୱ ଚରାଚରେ
ଗର୍ଜ୍ଜନ୍ତି କି ନିଜ ବିଷଜ୍ୱାଳା ଅସହନେ
ଫଣୀନ୍ଦ୍ର ବାସୁକି, ଅବା ଫଣାଶ୍ରେଣୀ ତୋଳି;
ଅନନ୍ତ ନୀଳମାମୟ ସେ ଜଳକାନ୍ତାରେ
ଉତ୍କଳୋକଲ୍ଲୋଳଲୀଳା ହେରି କୁତୂହଳେ
ବୀରବୃନ୍ଦ, ସର୍ବେ ହେଲେ ସ୍ତବ୍ଧ ବିସ୍ମୟେ।"

※ ※ ※ ※

"ପୁଣ୍ୟତମ ଏ ସୈକତ ବିଶ୍ୱଚରାଚରେ
ବାଛି ନେଇଛନ୍ତି ଯାହା ନିଜ ଲୀଳାମୟ
ପୁଣି ମର୍ତ୍ତ୍ୟଲୀଳା ଲାଗି, ଅଖିଳ ଆରାଧ୍ୟ;
ପତ୍ରଦଳେ ଶ୍ରେଷ୍ଠ ଯେହ୍ନେ ପ୍ରସୂନ ଲୋକେତ,
ଶ୍ରେଷ୍ଠ ଏ ଉତ୍କଳ ଭୂମି ଗୁଣେ ତପସ୍ୱିନୀ
ଯାମ୍ୟେ ଯାର ଋଷିକୁଲ୍ୟା, କପିଶା ଉତ୍ତରେ,
ପଶ୍ଚିମେ ଭାର୍ଗବାଶ୍ରମ ମହେନ୍ଦ୍ର ଶିଖରୀ
ତରଙ୍ଗକୋଳାହଳମୟ ପୂର୍ବେ ପୟୋନିଧି,
ପୁଷ୍ପକୁଞ୍ଜେ ଶ୍ରେଷ୍ଠ ତାର କେଶର ଯେସନେ
ଶ୍ରେଷ୍ଠ ଏ ନୀଳାଦ୍ରିଧାମ ସମଗ୍ର ଉତ୍କଳେ
ନିବସନ୍ତି ନାନାସ୍ଥାନେ ଦେବ ଦେବୀ ଯେତେ,
ଭାରତ, ଭରତଖଣ୍ଡ. ଆସି ଏ ପ୍ରଦେଶେ
ବିହରିବେ ଠାବେ ଠାବେ ନିଜ ରୁଚିମତେ,
ଠୁଳ ହେବେ ଅବଶେଷେ ପୁଣି ଏ ସ୍ଥଳନେ
ଅଖିଳଭାରତ-ତୀର୍ଥ-ଭ୍ରମଣ- ସୁକୃତ
ଲଭିବେ କଳିର ଲୋକେ ଏହି ସ୍ଥଳେ ଭ୍ରମି;
ମାନସୁ କଲୁଷ-ମଳ ଯିବ ଅପସରି,"

"Poetry is a speaking picture, and painting is a mute poetry."

କବିତା ବାଣୀଯୁକ୍ତ ଚିତ୍ର ଏବଂ ଶିଳ୍ପ ନୀରବ କବିତା। ସେହି କବିତା ପ୍ରକୃତ କବିତା, ଯାହାର ଉଚ୍ଚାରଣ ମାତ୍ରେକ ପ୍ରକୃତିର ପ୍ରକୃତ ଚିତ୍ର ଅଙ୍କିତ ହୁଏ।

ନୀଳ-ଫେନାକୁଳ-ତୁଙ୍ଗ-ତରଙ୍ଗ-ଭଙ୍ଗୁର ବାରିନିଧି ନୀଳାଚଳତଟରେ ଲୋଟୁଥିବାର ଦେଖି ପାଣ୍ଡବ ବୀରକୁଳ ଯେପରି ସ୍ତବ୍ଧ ଓ ବିସ୍ମିତ ହୋଇଥିଲେ, ଆମ୍ଭେମାନେ କବିଙ୍କର ସୌନ୍ଦର୍ଯ୍ୟ-

Digitized by srujanika@gmail.com

ସୃଷ୍ଟି ଦେଖି ସେକ୍ସପିଅର ସ୍ତବ୍ଧ ଓ ବିସ୍ମିତ ହୋଇଅଛନ୍ତି । ଏହି ପ୍ରତିଭାଶାଳୀ କବିଙ୍କର ସୌନ୍ଦର୍ଯ୍ୟ ସୃଷ୍ଟିର ଗରିମା ବୁଝିବାକୁ ଆମ୍ଭମାନଙ୍କର ସାଧ୍ୟ ଅଳ୍ପ । ୨ୟ ସର୍ଗ ପର୍ଯ୍ୟନ୍ତ ସମାଲୋଚନା କରି କ୍ଷାନ୍ତ ହେଲୁଁ । ଅନ୍ୟଥର ଅବଶିଷ୍ଟାଂଶ ସମାଲୋଚନା କରିବାକୁ ମାନସ ରହିଲା ।

କ୍ରମଶଃ

ଶ୍ରୀ ଭୋଳାନାଥ ସାମନ୍ତରାୟ

# ଜନ୍ମୋତ୍ସବ-ଉପହାର

ସଂସାର ଦୁଃଖ କଷ୍ଟରେ,
ଭୁଲଇ ମା ତୋ ଆନନେ,—
କି ଅଛି ଜଗତେ ମୋର ତୋ ପରି ସୁନ୍ଦର ?
ସଂସାର ଭୟ ଭାବନା,
ବିଷୟ-ବିଷ-ବାସନା,
ସ୍ପର୍ଶି ନାହିଁ ତୋ ହୃଦୟ—ତୁ ଅଟୁ ସ୍ୱର୍ଗର ।
ପାପକୀଟ ସଂସାରର
ପବିତ୍ର ହୃଦେ ତୋହର
କରି ବାସ ତୋ ଶରୀର-ବୃକ୍ଷ ଅନ୍ତଃସାର,—
ଖାଇ ନାହିଁ ଅଜ୍ଞାତରେ,—
ଫୁଟି ହାସ୍ୟ ସେ ଅଧରେ
ଭିତର ସୌନ୍ଦର୍ଯ୍ୟ ତବ କରୁଛି ପ୍ରଚାର ।
ପ୍ରକୃତିର ଅଭ୍ୟନ୍ତରେ,
ଜନପଦ ଅରଣ୍ୟରେ
ଯେତେବେଳେ ଯେଉଁ ଶୋଭା ଦର୍ଶନ କରଇ;
ସେ ଶୋଭା ଉଡ଼ାଇ କରି,
ନିଜ ଶୋଭା ଅଗ୍ରେ ଧରି,
ହେଉ ଠିଆ ଅନ୍ୟ ଶୋଭା ଦେଖି ନ ପାରଇ ।
ଧନ ରତ୍ନ ମୋର ନାହିଁ,
କିନ୍ତୁ ତୋ ମୁଖ ଅନାଇଁ
ମନେ କରେ ମୋହ ପରି କିଏ ଅଛି ଧନୀ;
ତୁହି ମା ମୋର ଇନ୍ଦିରା,
ମୁ କିପାଁ ହେବି ଅଧୀରା,—
ଧନ ରତ୍ନ ଅଭାବରେ ?— ତୁ ମୋ ସ୍ୱର୍ଣ୍ଣମଣି
ତୋର ଜନ୍ମ ଉତ୍ସବରେ,
ଗୃହ ଛାଡ଼ି ବିଦେଶରେ,
କି ଦେବି କି ଅଛି ମୋର ତୋ କ୍ଷୁଦ୍ର କରରେ;
ଯାହା ଲଭି ସଂସାରରେ,
ଧନୀ ସେ ବୋଲନ୍ତି ନରେ,
ସ୍ୱଗୃହେ ପ୍ରବାସେ ତାହା ନାହିଁ ମୋ ହସ୍ତରେ ।
ରତନ-ମଣି-ଜଡ଼ିତ,
ଅଳଙ୍କାରେ ମୋର ଚିତ୍ତ,
ମାନି ଅଥବା ନ ମାନି ତାହା ମୋର ନାହିଁ;
ଥିଲେ ହେ ଦିଅନ୍ତି ତାହା,—
ମାଟିର ପଦାର୍ଥ ଯାହା,
କି କରନ୍ତୁ ନେଇ ତାହା—ମାଟି ଯିବ ଖାଇ ।
ତୁହି ଅମରଦୁହିତା
ଅମୃତ ତୋହର ପିତା,
ଜଗତରେ ଯାହା ନୁହେଁ ତୋର ଉପହାର;
ତୋ ହୃଦୟ-ପବିତ୍ରତା,
ତୋ ହୃଦୟ—ମଧୁରତା,
ଯା ଦେଖାଇ ଏ ମୋ ପ୍ରାଣ ମୋହୁ ବାରବାର ।
ଚିରକାଳ ତା ତୋହର,
ହେଉ ପ୍ରାଣ ସହଚରୀ,
ଏହି ଇଚ୍ଛା ଉପହାର ଦେଉଛି ଜନନୀ;
କରନ୍ତୁ ବିଭୁ ଆଶୀଷ
ତବ ଯଶେ ଦଶଦିଶ
ହେଉ ପୂର୍ଣ୍ଣ ମା ଇନ୍ଦିରା ! ପ୍ରାଣସ୍ୱର୍ଣ୍ଣମଣି ।
ପୁଣ୍ୟ ପବିତ୍ରତା ହାର
ଅଟେ ଶ୍ରେଷ୍ଠ ଅଳଙ୍କାର,
ହୃଦୟେ ସଞ୍ଚୟ କରି ରଖ ତୁ ଯତନେ;
ଏହି ଶ୍ରେଷ୍ଠ ଅଳଙ୍କାରେ;
ବିଭୂଷିତା ହୋଇ ପରେ,
ହୋଇବୁ ଆଦୃତା ପତି ଶ୍ରୀହରି ଚରଣେ ।

Digitized by srujanika@gmail.com

ପିନ୍ଧ ଏହି ଅଳଙ୍କାର,
ଗୃହରେ ପିତା ମାତାର,
ଆନନ୍ଦ କର ବର୍ଦ୍ଧନ ନିତି ଆନନ୍ଦରେ—
ସାନ ବଡ଼ ସହୋଦର,
ସଙ୍ଗେ ମିଶି ନିରନ୍ତର,
ତୁମ୍ଭେମାନେ ହୁଅ ସୁଖୀ ବିଭୁ ଆଶିଷରେ ।
ଯାହାର କୃପାରେ ଧବ,
ଦେଖିଲୁ ତୁ ମା ଇନ୍ଦିରା,
ଯାର ଆଶୀର୍ବାଦ ବଳୁ କରିଲୁ ଦର୍ଶନ,—
ଦ୍ୱିତୀୟ ଜନ୍ମ ଉତ୍ସବ,
ନମସ୍ତି ନାଥ ପ୍ରାଣବଲ୍ଲଭ,
ତାର ସହବାସେ ସୁଖୀ ହେଉ ତୋ ଜୀବନ,
ତାର ଇଚ୍ଛା ହେଉ ତୋର ଜୀବନେ ପୂରଣ ।

ଶ୍ରୀମତୀ ରେବା ରାୟ

---

## ଛମାଣ ଆଠଗୁଣ୍ଠ

ରାମଚନ୍ଦ୍ର ମଙ୍ଗରାଜ ଜଣେ ମଫସଲର ଜମିଦାର, ମଧ୍ୟ ମହାଜନ—ନଗଦ ଟଙ୍କା କାରବାର ଠାରୁ ଧାନର ମହାଜନୀ ବେଶି । ଶୁଣାଯାଏ ଆଡ଼େ ପାର୍ଶ୍ୱେ ୪ କୋଶ ମଧ୍ୟରେ ଆଉ କାହାର କାରବାର ଚଳେ ନାହିଁ । ଲୋକଟି ବଡ଼ ଧାର୍ମିକ; ବରଷ ମଧ୍ୟରେ ୨୪ଟା ଏକାଦଶୀ, ୫୦ଟା ଥିଲେ ମଧ୍ୟ ଗୋଟାଏ ଯେ ଛାଡ଼ ପଡ଼ନ୍ତା ଏ କଥା ଆମ୍ଭେମାନେ କହିବାକୁ ଅକ୍ଷମ । ଏକାଦଶୀ ଦିନ ତୁଳସୀ ପତ୍ର ଜଳ ମାତ୍ର ଅବଲମ୍ବନ । ସେ ଦିନ ଉପର ଓଳି ମଙ୍ଗରାଜଙ୍କର ଜଗା ଭଣ୍ଡାରୀ କଥା କହୁ କହୁ କହି ପକାଇଥିଲା, ପ୍ରତି ଏକାଦଶୀ ଦିନ ସଞ୍ଜବେଳେ ଦ୍ୱାଦଶୀ ପାରଣା ସକାଶେ ସାଆନ୍ତଙ୍କ ଶୋଇବା ଘରେ ଶେଯରେ ଦୁଧ, ହଣ୍ଡୁ ଖଇ, ନବାତ, ପାଚିଲା କଦଳୀ ରଖା ଯାଇଥାଏ । ସେ (ଜଗା) ଦ୍ୱାଦଶୀ ଦିନ ବଡ଼ି ସକାଳେ ତୁଚ୍ଛା ବାସନ ମାଜେ । ଏକଥା ଶୁଣି ଜଣକେତେ ମୁହାଁ ମୁହିଁ ହୋଇ ମୁରୁକି ମୁରୁକି ହସିଥିଲେ । ଜଣେ କହି ପକାଇଲା, ଡୁବ ପାଣି ପିଇଲେ ମହାଦେବଙ୍କ ବାପ ମଧ୍ୟ ଜାଣି ପାରିବେ ନାହିଁ । ଏ କଥାର ଅର୍ଥ ସଫା ବୁଝାଗଲା ନାହିଁ ମାତ୍ର ଆମ୍ଭେମାନେ ଅନୁମାନ କରିନେଲୁ, ଏହା ନିନ୍ଦୁକର କଥା । ସେ କଥା ଗୁଡ଼ା, ତେଣୁ ଆମ୍ଭେମାନେ ସାଆନ୍ତଙ୍କ ମହତ୍ୱରେ ଉକଳଣି କରିପାରୁଁ । ଭିତ୍ତିଶୂନ୍ୟ ହେବା କାର୍ଯ୍ୟଟା ଯେ ମଙ୍ଗରାଜଙ୍କ ଦ୍ୱାରା ଅନୁଷ୍ଠିତ ହୋଇଅଛି, ଏଥିର ପ୍ରତ୍ୟକ୍ଷ ସାକ୍ଷୀ କାହିଁ ? ଶୁଣିବା କଥା ବା ଅନୁମାନ କଥା ପ୍ରମାଣ ରୂପେ ଗ୍ରହଣ କରିବାକୁ ଆମ୍ଭେମାନେ ନିହାଏତ ନାରାଜ । ଅଦାଲତର ହାକିମମାନଙ୍କର ମଧ୍ୟ ଏହି ରାୟ । ଆଉ ଗୋଟିଏ କଥା ଦେଖ-ବିଜ୍ଞାନଶାସ୍ତ୍ର କହେ ଜଳୀୟ ପଦାର୍ଥ ସବୁ ବାଷ୍ପାକାର ହୋଇ ଉଡ଼ିଯାଏ । ଦୁଧ ତ ଜଳୀୟ ପଦାର୍ଥ, ଜମିଦାର ଘରଦୁଧ ବୋଲି ବିଜ୍ଞାନ ବିଧି ଉଠିବ ପରା । ପୁଣି ସେ ଘରେ ମୂଷା ଥିଲେ ଛୁଞ୍ଚୁନ୍ଦ୍ରା ଥିଲେ, ଚଟିଆ ଥିଲେ, ଗୁରୁପୋକ, ମଶା, ମାଛି ଅବା କେଉଁ ଘରେ ନ ଥାନ୍ତି ? ପେଟ ପାଇଁ ଜଗତର ସମସ୍ତ ପ୍ରାଣୀ ଧାଇଁ ଅଛନ୍ତି ? ବିଶେଷତଃ ସେମାନେ ମଙ୍ଗରାଜଙ୍କ ପରି ଭକ୍ତିବିଳାସ ଗ୍ରନ୍ଥ ମାହାତ୍ମ୍ୟ ଶୁଣି ନାହାନ୍ତି । ସୁତରାଂ ମଙ୍ଗରାଜଙ୍କ ଧର୍ମନିଷ୍ଠା ପ୍ରତି ସନ୍ଦେହ କରିବା ମହାପାପ ବୋଲି ବିଚାର କରୁଁ । ଆହୁରି ମଧ୍ୟ ପାର୍ଶ୍ୱବର୍ତ୍ତୀ ଘଟଣା ମାନଙ୍କ ପ୍ରତି ନଜର ରଖିବା ନିମନ୍ତେ ପ୍ରମାଣ ଆଇନରେ

Digitized by srujanika@gmail.com

ବସ୍ତୁରକମାନଙ୍କ ପ୍ରତି ବିଶେଷ ଦୟା ଅଛି । ମଙ୍ଗରାଜେ ଉପୂନା ଛୁଅନ୍ତି ନାହିଁ—ମାନ୍ଦ ଶୁଳୁଆ କଥା ଛାଡ଼ ! ଦ୍ୱାଦଶୀ ଦିନ ବ୍ରାହ୍ମଣ ଭୋଜନ କରାଇ ତହିଁ ଉତ୍ତାରେ ପାରଣା କରନ୍ତି । ମଙ୍ଗରାଜେ ଭାରି ହୁସିଆର ଲୋକ । ଏହି ବ୍ରାହ୍ମଣ ଭୋଜନରୂପ ମହତ କାର୍ଯ୍ୟରେ କେବେ ବିଘ୍ନ ଘଟିପାରେ, ଏଥି ସକାଶେ ଜଣେ କେଉଟକୁ ମାଣେ ଓ ଜଣେ ଗୁଡ଼ିଆକୁ ମାଣେ ଏପରି ଦୁଇ ମାଣ ଜମି ଖଞ୍ଜି ଦେଇଅଛନ୍ତି । ଦ୍ୱାଦଶୀ ଦିନ ଭୋର କେଉଟ ଦୁଇ ନଉତି ଚୂଡ଼ା ଓ ଗୁଡ଼ିଆ କୋଡ଼ିଏ ପଲ ଗୁଡ଼ ଦାଖଲ କରିଯାଏ । ଗୋବିନ୍ଦପୁର ଶାସନ ୨୭ ଘର ବ୍ରାହ୍ମଣ ସମସ୍ତେ ନିମନ୍ତ୍ରିତ ହୋଇ ଆସନ୍ତି । ବେଳ ଛଘଡ଼ି ମଧ୍ୟରେ ବ୍ରାହ୍ମଣ ଭୋଜନ ହୋଇଯାଏ । ମଙ୍ଗରାଜେ ସ୍ୱୟଂ ବ୍ରାହ୍ମଣମାନଙ୍କୁ ପରିବେଶଣ କରନ୍ତି । ଥରେ ପତରରେ ଚୂଡ଼ାଗୁଡ଼ ଲଗାଇ ଦେଇ ମଙ୍ଗରାଜେ ଉଚ୍ଚପାଟି କରି ହାତ ଯୋଡ଼ି କହନ୍ତି, ଗୋସାଇଁମାନେ କହନ୍ତୁ ଆଉ କିଛି ଲୋଡ଼ା କି ନାହିଁ, ଢେର ଜଳପାନ ଢେର ଗୁଡ଼ ଅଛି । ମାତ୍ର ମୁଁ ଜାଣେ ଆପଣମାନଙ୍କ ଆଖି ବଡ଼ ପେଟ ଛୋଟ, ଆପଣମାନଙ୍କ ପେଟକୁ ବଳି ପଡ଼ିଲାଣି । ଏଥି ଉତ୍ତାରେ କୌଣସି ବ୍ରାହ୍ମଣ ଜଳପାନ ମାଗି ବସିଲେ ସାଆନ୍ତେ ତିନି ଆଙ୍ଗୁଳରେ ପାଞ୍ଚ ସାତ ପୃଞ୍ଜା ଚୂଡ଼ା ଧରି ପତରକୁ ଫୋପାଡ଼ି ଦିଅନ୍ତି । ତହିଁ ଉତ୍ତରରେ ଗୋସାଇଁମାନେ ପରିତୃପ୍ତ ହେଲୁ, ପରିତୃପ୍ତ ହେଲୁ କହି ଲମ୍ବା ଲମ୍ବା ହାକୁଟି ମାରି ଆଶୀର୍ବାଦ କରି ପଥ ଛାଡ଼ନ୍ତି । ବ୍ରାହ୍ମଣ ଭୋଜନ ଉତ୍ତାରେ ଯେଉଁ ଏକ ନଉତି ଚୂଡ଼ା ଓ ଅଧ ଅଧ ଗୁଡ଼ ବଳିପଡ଼େ ତାହା ଭକ୍ତି ପୂର୍ବକ ମଙ୍ଗରାଜେ ସେବା କରନ୍ତି । ପାଠକ, ଆପଣ ପଚାରିବେ ନଉତିଏ ଚୂଡ଼ାରେ ସତେଇଶ ଜଣ ବ୍ରାହ୍ମଣଙ୍କର ପେଟ କିପରି ପୂରିଲା ? ହରିବୋଲ ଭାଇ ହରିବୋଲ । ଏସବୁ କଥାର ଉତ୍ତର ଦେବାକୁ ଗଲେ ଆମ୍ଭମାନଙ୍କର ଆଉ ଲେଖା ଚଳିବ ନାହିଁ । ଯିଶୁଖ୍ରୀଷ୍ଟ ଦୁଇଖଣ୍ଡ ରୁଟିରେ ୧୨ ଶହ ଲୋକ ଖୁଆଇଲେ, ପୁଣି ଗୁରି ପାଚିଆ ବଳି ପଡ଼ିଲା । କାମ୍ୟକ ବନରେ ଶ୍ରୀକୃଷ୍ଣ ଦୁର୍ବାସାଙ୍କ ବାରହଜାର ଶିଷ୍ୟଙ୍କର ପେଟ ଟିକିଏ ଶାଗରେ ପୂରାଇ ଦେଇଥିଲେ । ଏହି ମହାପୁରୁଷଙ୍କର ହସ୍ତମହିମା ପ୍ରତି ଯଦି ଆପଣଙ୍କର ବିଶ୍ୱାସ ନ ଥାଏ, ତେବେ ଆମ୍ଭମାନଙ୍କ ମଙ୍ଗରାଜଚରିତ ପଢ଼ିବା ନିମନ୍ତେ ଅନୁରୋଧ କରିବାକୁ ଆମ୍ଭେମାନେ ସାହସ କରି ପାରିବୁ ନାହିଁ । ଏପରି ଶୁଣା ଅଛି ତାଙ୍କର ମାଉସୀପୁଅ ଭାଇ ଶ୍ୟାମ ମଲ୍ଲି ସହରକୁ ଯାଇଥିଲେ—ପାପ ଛପା ରହେ ନାହିଁ—ସେ କୁସଙ୍ଗରେ ପଡ଼ି ପିଆଜମିଶା କୋବି ଖାଇଥିବାର ସାଆନ୍ତଙ୍କ ନିକଟରେ ଅଜଣା ରହିଲା ନାହିଁ । ଆଜିଯାଏ ହୁକ୍କା ବନ୍ଦି ରହି ଥାଆନ୍ତା । ମଙ୍ଗରାଜେ ଖୁବ୍ କମ ଖରଚରେ ଅର୍ଥାତ୍ ଶ୍ୟାମଙ୍କ ଭେଡ଼ିବାଟି ପୈତୃକ ନିଖରାଜରୁ ୧୫ ମାଣ ଜମି ମାତ୍ର ନେଇ ଖଲାସ କରି ଦେଲେ । ମଙ୍ଗରାଜେ ଦିନେ ଶ୍ୟାମକୁ ଡାକି ମୁରବିପଣିଆ କରି କହିଲେ, ଦେଖ ଶ୍ୟାମ, ଏଣିକି ହୁସିଆର ହୁଅ, ମୁଁ ଥିଲି ବୋଲି ମୋ ମୁଲକର ପାଞ୍ଚଜଣ ତୋତେ ଟେକି ନେଲେ, ନୋହିଲେ ତୁ ଏକାବେଳକେ କିରସ୍ତାନ ହୋଇ ଯାଇଥାନ୍ତୁ—ତୋ ସାତପୁରୁଷ ଅନ୍ଧାନରକରେ ପଡ଼ିଥାନ୍ତେ । ଆଉ ମୁଁ ବୋଲି ସିନା ତୋର ଜମି ମାଣ ୫ ଟଙ୍କାରେ ନେଲି, ଆଉ କେହି ଦୁଇ ଟଙ୍କାରେ ଛୁଅନ୍ତା ନାହିଁ । ଯେତେହେଲେ ତୁ ତ ଭାଇ, କିଏ ତୋତେ ଫୋପାଡ଼ି ଦେବ ? ହେଲେ ବିପଦ ଆପଦ ବେଳକୁ ମୁଁ—ଭଲରେ କେହି ନୁହେଁ ! ଏହି ସେ ଦିନ ଖୁମା ଗଉଡ଼ର ଫୌଜଦାରୀ ମକଦ୍ଦମାରେ ତୋତେ ଗୁଆ ହେବାକୁ କହିଲି, ତୋର ଲୁଚିଲୁ ଦେଖା ଦେଲୁ ନାହିଁ । ହାପୁ ହାପୁ ! ଯେଉଁ [illegible]ମାନେ

Digitized by srujanika@gmail.com

ହାଇଷ୍ଟଙ୍କୁ ହସ୍ତରେ ଚଢାଇଲେ, ପରମା ସତୀ ସୀତାଙ୍କୁ ବଣକୁ ପଠାଇଲେ, ସେମାନଙ୍କ ବଂଶଧରମାନେ ଯେ ହରିବାସର ଉପବାସୀ, ପରୋପକାରୀ ମଙ୍ଗରାଜଙ୍କ ଅଖ୍ୟାତି ରଟନା କରିବେ ଏହା କିଛି ବିଚିତ୍ର ନୁହେଁ ! ନିନ୍ଦକମାନେ ଯେଉଁ କଥା କହି ବୁଲିଲେ ଆମ୍ଭେମାନେ କାହିଁକି ଲୁଚାଇ ରଖିବୁ ? ସେମାନେ କହନ୍ତି ମଙ୍ଗରାଜେ ଘରେ କୋଣ ମଧ୍ୟରେ କାହାର ଗୋଖୋଜରୁ ଖୋଜେ ଜମି ରଖିଲେ ନାହିଁ ! ବାକି ଥିଲା ଭାଇ, ଓର ଖୋଜ ୨ ଏତେଦିନେ ପାଇଲେ । ଶ୍ୟାମ ପିଆଜ ଖାଇ ବ୍ରାହ୍ମଣ ଭୋଜନ କରାଇଲା, ମଙ୍ଗରାଜଙ୍କ ଘର ମାଇକିନିଆମାନେ ଯେ ଚମ୍ପାକୁ ପଠାଇ ହାଟରୁ ପିଆଜ କିଣି ଆଣନ୍ତି ? କଥା ଛଳରେ ଆମ୍ଭେମାନେ ମାନି-ଗଲୁ ଚମ୍ପା ପିଆଜ କିଣି ଆଣିଲା । ଖାଇବାର ପ୍ରମାଣ କାହିଁ ? "ପଲଣ୍ଡୁ ଗୃଞ୍ଜନଂଚୈବ" —ମନୁରେ ଖାଇବାକୁ ସିନା ମନା, କିଣିଲେ ପତିତ ହେବ , ଏ ବିଧି କାହିଁ ? ମହ ଭଦ୍ରଲୋକ ଘର ମହିଳାମାନଙ୍କ ଦୋଷାଦୋଷ ସମାଲୋଚନାକାରୀ ନିନ୍ଦୁକମାନଙ୍କ କଥାର ଉତ୍ତର ଦେବାକୁ ଆମ୍ଭେମାନେ ସମ୍ପୂର୍ଣ୍ଣ ନାରାଜ ।

———

୨

ସ୍ୱନାମାପୁରୁଷୋଧନ୍ୟଃ

ମଙ୍ଗରାଜ ଗରିବର ପୁଅ ଶୁଣା ଅଛି ୭ ବରଷ ବୟସରେ ସେ ଟୁଙ୍ଗୁଣ୍ଡା ହୋଇ ବୁଲୁଥିଲେ । ପଇସା ଅଭାବରୁ ବାପର ଶ୍ରାଦ୍ଧ ହୋଇନାହିଁ । ସ୍କୁଲକୁ ନଡ଼ା ନ ଜୁଟିବାରୁ କାନ୍ଥ ପଡ଼ି ଯାଇଥିଲା । ଏହାଙ୍କ ବାଲ୍ୟଜୀବନ, ବିଦ୍ୟାଶିକ୍ଷା; କର୍ମକ୍ଷେତ୍ରରେ ପ୍ରବେଶ ପ୍ରଭୃତି ଘଟନାମାନ ବିଚିତ୍ର ରକମର । ଜଗତର କୌଣସି ପ୍ରଧାନ ଲୋକଙ୍କ ଜୀବନଚରିତ ଅଲୌକିକ ଘଟନାଶୂନ୍ୟ ନୁହେଁ । ସେ ସବୁ କଥା ଲେଖିବାକୁ ଗଲେ ଢେର କାଗଜ କଲମ, ଢେର ସମୟ ଆବଶ୍ୟକ । ମାତ୍ର ପରିମିତ-ବ୍ୟୟିତା ଯେ ଗୋଟିଏ ମହତ୍ତ୍ୱଗୁଣ, ଏ ବିଷୟରେ ଆମ୍ଭମାନଙ୍କର ଶିକ୍ଷାଗୁରୁ ମଂଗରାଜେ । ଅର୍ଥନୀତି ସମ୍ବନ୍ଧରେ ମହାପଣ୍ଡିତ ବେଞ୍ଜାମିନ ଫ୍ରାଙ୍କଲିନ ଯେଉଁ ଉପଦେଶ ଦେଇ ଯାଇଅଛନ୍ତି, ସେଥିର ମର୍ମ ଆମ୍ଭେମାନେ ଏହିପରି ବୁଝିଅଛୁ । କାଗଜ ବଜାରରୁ କିଣି ଆଣିବା ସହଜ, ବ୍ୟବହାର କରିବା ବଡ଼ କଠିନ । ସୁତରାଂ ଆମ୍ଭେମାନେ ଠିକେ ଠିକେ ସବୁ କଥା ଲେଖି ମଙ୍ଗରାଜୀ ଅର୍ଥନୀତିର ମର୍ଯ୍ୟାଦା ରକ୍ଷା କରିବାକୁ ଚେଷ୍ଟା କରିବୁ । ମଙ୍ଗରାଜଙ୍କ ଜମିଦାରୀର ନାମ ଫତେପୁର ସରସ୍ୱତୀ ଖଣ୍ଡ, ସଦର ଜମା ପାଞ୍ଚ ହଜାର, ଅଠେଇଶ ବାଟି ବାହାଲ ଲଖରାଜ, ତିରିଶ ବାଟି ବାଜେଆପ୍ତି ପନ୍ଦରବାଟି ସତେଇଶ ମାଣ— ସତେଇଶ ମାଣ କଥା ଜାଣ ଏଥିର ଜଣେ ୭୨ ମଣିଆ ସରିକଦାର ଥିବାର ଜଜ୍ ଅଦାଲତରେ ଅପିଲ ଦାଏର ଅଛି । ଲୋକେ କହନ୍ତି ଚାଳିଶ ପଚାଶ ହଜାର ଟଙ୍କା ମହାଜନରେ ଖେଳୁଅଛି । ବଡ଼ଲୋକ ଘର କଥା ବଡ଼ ଗୁପ୍ତ । ଆମ୍ଭେମାନେ ଅନୁମାନ କରୁ ୧୫ ହଜାରରୁ ବେଶି ନୁହେ । ମିଥ୍ୟା କଥା କହିବା ଆମ୍ଭମାନଙ୍କର ଧର୍ମ ନୁହେଁ । ଇନକମଟେକ୍ସ ଏଲକା ପିଆଦା ଠାରୁ ଶୁଣି ଏକଥା କହୁଅଛୁଁ । ଧାନ ମହାଜନି କାଗଜ ୨୦ ବରଷ ହେଲା ରଫା ହୋଇନାହିଁ, ସୁତରାଂ ସଠିକ ହିସାବ ଦେବାକୁ ଅକ୍ଷମ । ଗଲାଅଙ୍କ ସୁନିଆ ବାହାରେ ଧାନଘରିଆ ଯେଉଁ ପାଞ୍ଜି ଦାଖଲ କରିଥିଲା, ସେଥି ମଧ୍ୟରୁ ଆମ୍ଭେମାନେ ଜାଣୁଅଛୁଁ ଯେ ଦୁଇ ହଜାର ସାତଭରଣ ପନ୍ଦର ନୌତି ଛ ବିଶି ଦୁଇ କାଣି ଧାନ ଅମାରରେ ଜମା ଅଛି । ଘର ୫ ପରସ୍ତ, ତିନି ପରସ୍ତରେ ତିନି ପୁଅ, ଏକ ପରସ୍ତରେ

Digitized by srujanika@gmail.com

ସାଆନ୍ତ, ସାଆନ୍ତାଣୀ ଓ ସାନଝିଅ ମାନଙ୍କ ଥାଆନ୍ତି, ବାହାର ପରସ୍ତ କରେସ୍ତ । କଟକସ୍ତ ଘର ପାଞ୍ଚଶେଣିଆ, ଶେଣିପଟାନ୍ତର ବାଘ, ହାତୀ ବଗଡ଼, ରାଧାକୃଷ୍ଣ ମାନଙ୍କର ଖୋଳା ପାଇଅଛି । କାନ୍ଥ ସବୁରେ ନୀଳ ଶୁକ୍ଳ ରକ୍ତ ହରିତ ପାଟଳ ବିବିଧ ରଙ୍ଗରେ ପଦ୍ମ କହ୍ଲାର କୁମୁଦ ମାନଙ୍କ ପୁଷ୍ପମାଳ, ବାନର ଯୂଥ ରାକ୍ଷସ ଶ୍ରେଣୀ ସମ୍ବଳିତ ରାମ ରାବଣ ଯୁଦ୍ଧ ପ୍ରଭୃତି ପୌରାଣିକ ଘଟନାମାନ ଅଙ୍କିତ ରହିଅଛି । ରାଜପୁତାନାର କୌଣସି ସ୍ଥାନରେ ଗୋଟିଏ ଉଲଗ୍ନ ସ୍ତ୍ରୀ ମୂର୍ତ୍ତି ଦେଖି ଟଡ ସାହେବ ଅନୁମାନ କରି ଅଛନ୍ତି, ଭାରତରେ ପୂର୍ବକାଳର ଅଙ୍ଗନାମାନେ ଉଲଙ୍ଗ ଥିଲେ । ହାୟ ! ହାୟ ! ଆମ୍ଭେମାନେ ମଙ୍ଗରାଜଙ୍କ କାନ୍ଥର ଚିତ୍ର ଦେଖାଇ ସାହେବଙ୍କ ମୂର୍ଖତା ଦୂର କରି ପାରିଲୁ ନାହିଁ । ଭିତ୍ତିଚିତ୍ରିତ ସଖୀମଣ୍ଡଳୀ ପରିବେଷ୍ଟିତ ରାଧିକାଙ୍କର ଗେରୁରଙ୍ଗରେ ହାଣ୍ଡିକଳା ବୃନ୍ଦାବନର ଘାଗରା ଦେଖିଥିଲେ ଅବଶ୍ୟ ସାହେବଙ୍କର ମୂର୍ଖତା ଓ ଭ୍ରାନ୍ତି ବିଦୂରିତ ହୋଇ ଥାଆନ୍ତା । କୌଣସି ପାଠକ ମନେ କରି ପାରନ୍ତି ଏହି ସବୁ ଚିତ୍ରକାର୍ଯ୍ୟ ନିର୍ବାଚନ ନିମନ୍ତେ ମଙ୍ଗରାଜେ ଗ୍ରୀସଦେଶରୁ ଅବା ନିତାନ୍ତ ପକ୍ଷେ କଲିକତାର ଆର୍ଟସ୍କୁଲରୁ ଚିତ୍ରକର ଅଣାଇଥିଲେ । ତାହା ନୁହେଁ, ଏହି ସମସ୍ତ କାର୍ଯ୍ୟ ଚମ୍ପାଙ୍କର ସ୍ୱହସ୍ତସମ୍ପାଦିତ ଅଟେ । ଚମ୍ପା ଏତେ ପ୍ରକାର ପଶୁର ଛବି ଚିତ୍ର କରି ପାରେ ଯେ ସେପରି ପଶୁ କଲିକତା ଯାଅଲଜିକେଲ ଉଦ୍ୟାନରେ ତୁମ୍ଭେ ଖୋଜି ପାଇବ ନାହିଁ । ଘର ଲଗାଲଗି ପଛରେ ଗୋଟିଏ ବଗିଚା, ବାଡ଼ ଦୁଆର ପାଖରେ ଭଲ ଗୋଟିଏ ପୋଖରୀ—ପୋଖରୀ ତୁଠପାଖରେ ନଡ଼ିଆ ଗଛ, ତା ପଛକୁ କଦଳୀ, ଆମ୍ବ, ପଣସ, ଓ ଆଉ ଗଛ । ବଗିଚା ପଦାର ଚଉପାଖ ସୁନାର ଖାଇ ବାଉଁଶ ବାଡ଼ ପାଚେରୀ ପରି ବେଢ଼ି ରହିଅଛି । ମଙ୍ଗରାଜଙ୍କ ପରି ନିଃସ୍ୱାର୍ଥ ଲୋକ ଦୁନିଆରେ ଅଳ୍ପ ଦେଖିବ । ତାଙ୍କର ସବୁକାର୍ଯ୍ୟ ପରୋପକାର ନିମନ୍ତେ । ସାଆନ୍ତଙ୍କର ଏହି ବଡ଼ ବଗିଚାଟି ଗୋବିନ୍ଦପୁର ହାଟର ସ୍ଥିତି ଓ ଉନ୍ନତିର ମୂଳାଧାର ଅଟେ । ବଗିଚାର ନଡ଼ିଆ, କଦଳୀ, ବାଇଗଣ, କଖାରୁ, ଖଡ଼ାଠାରୁ ଲଙ୍କା ମରିଚ ପର୍ଯ୍ୟନ୍ତ ନ ଯାଉଥିଲେ ହାଟରେ ଏତେ ଜନ ଦେଖନ୍ତ ନାହିଁ । ସାଆନ୍ତଙ୍କ ବଗିଚାର ପରିବା ବିକା ନ ସରିଲେ ଆଉ କାହାରି ବିକିବାର ଅଧିକାର ନାହିଁ । ସେ ତ ଠିକ୍ କଥା ! ଭଲ ଜିନିଷଗୁଡ଼ାକ ପଡ଼ିରହିବ, ଖରାପ ଜିନିଷ ଆଗେ ବିକି ହେବ, ଏହାତ ଉଚିତ ନୁହେ । ହାଟ ଯେ ନିଜ ଜମିଦାରୀ ମଧ୍ୟରେ, ଅନ୍ୟ ଲୋକର ହୋଇଥିଲେ ଅନ୍ୟକଥା । ସୁନିଆ ଓ ପର୍ବ ପର୍ବାଦିରେ ଯେ ସବୁ କଖାରୁ, ବାଇଗଣ, କଦଳୀ ଭେଟି ଆସେ ସେ ସବୁ ହାଟର ଉନ୍ନତି କଳ୍ପେ ଉତ୍ସୃଷ୍ଟ ହୁଏ । ଚୀନ ଦେଶର ପ୍ରାଚୀର ତୟାର ହେଲା ଉତ୍ତାରେ ସମ୍ରାଟ ଦେଶର ସମସ୍ତ ଇତିହାସ ଲେଖକଙ୍କୁ ଧରି ଆଣି ହତ୍ୟା କରିଥିଲେ, କାରଣ ପ୍ରାଚୀରରେ କେତେ ଟଙ୍କା ଖରଚ ହେଲା କାଳେ ସେମାନେ ଲେଖି ପକାଇବେ । ଏଥକୁ ଆମ୍ଭେମାନେ ସମ୍ରାଟଙ୍କୁ ନିରହଙ୍କାରୀ ପୁରୁଷ ବୋଲି କହୁଁ । ମହତ୍ ଲୋକମାନେ ମହତ କାର୍ଯ୍ୟ ସାଧନ କରି, ସେଥିରେ କେତେଟଙ୍କା ଖରଚ ହେଲା, କହି ବୁଲନ୍ତି ନାହିଁ । ମଙ୍ଗରାଜଙ୍କୁ ପଚାର ଆପଣଙ୍କ ନଅର ବନାରେ କେତେ ଟଙ୍କା ଲାଗିଲା ? ଉତ୍ତର ଢେର ଟଙ୍କା ଢେର ଟଙ୍କା । ମୁଁ ତ ସେଥିରେ ପଶିଗଲି । ପାଠକ ନିରାଶ ହେବେ ନାହିଁ, ଅଧୀର ହେବେ ନାହିଁ ।

ପ୍ରତ୍ନତତ୍ତ୍ୱ ବିଦ୍ୟାଳୟରେ ସବୁ ପ୍ରଚ୍ଛନ୍ନ କଥାର ଠିକଣା ଲାଗିଯାଏ । ନଅଶ ବରଷ ଉତ୍ତାରେ ଜଣେ ସାହେବ ଆସି ପୁସ୍ତ ମହଲ ତୟାରରେ କେତେ ଟଙ୍କା ଖରଚ ହେଲା ତାହା

Digitized by srujanika@gmail.com

ହିସାବ କରି ଦେଖାଇଲେ, ମଂଗରାଜଙ୍କର କିନେଇଟିଆଶାଗ ବଢ଼ୀ ପର୍ଯ୍ୟନ୍ତ ପର ରହିଅଛୁ, ଘର ତିଆରି ଖରଚର କି ହିସାବ ମିଳିବ ନାହିଁ ? ଦେଉୟାନ ଗଙ୍ଗାଗୋବିନ୍ଦ ସିଂହଙ୍କ ମାଈକିରିଆ ପରି କିରିଆ ଭାରତବର୍ଷରେ ଆଜଯାଏ କେହି କରିନାହିଁ, କରିବ ନାହିଁ । ବଙ୍ଗଳାହିତାର ସମୁଦାୟ ଜିଲ୍ଲାର କଲେକ୍ଟର ସାହେବ ଡାଲି, ଚାଉଳ, ମଇଦା, ତେଲ, ଘିଅ, ନଡ଼ିଆ, କଦଳୀ କଣି ପଠାଇବେ ବୋଲି ବଡ଼ ଲାଟ ସାହେବ ସେମାନଙ୍କ ଉପରେ ଗସ୍ତି ଜାରି କରିଥିଲେ । ନବଦ୍ୱୀପର ରାଜା ଶିବଚନ୍ଦ୍ର ସେହିପରି ମାତୃକିରିଆ କରିବାକୁ ଇଚ୍ଛା କରି ଖରଚର ତାଲିକା ମାଗି ପଠାଇଥିଲେ । ଦେଉୟାନ ଗଙ୍ଗାଗୋବିନ୍ଦ କେବଳ ଗଞ୍ଜେଇ, ଆପୁ, ଧୂଆଁପତ୍ରର ଖରଚର ତାଲିକା ପଠାଇ ଦେଇ ତାହା ଅନୁପାତରେ ସମସ୍ତ ଖରଚ ଠିକଣା ଲଗାଇବାକୁ ସଙ୍କେତ କରି ଲେଖା ଲେଖିଲେ । ଏହି ସବୁ ଜିନିଷ ଖରିଦରେ ବାଉର ହଜାର ଟଙ୍କା ଖରଚ ପଡ଼ିଥିଲା । ନଗଦର ଖରିଦ ଛଡ଼ା ସମସ୍ତ ଜମିଦାର ଭେଟିରେ ଅନେକ ଜିନିଷ ଦେଇଥିଲେ । ଆମ୍ଭେମାନେ ଘର ତିଆରି ଖରଚର ଗୋଟିଏ ହିସାବ ଦେଉଅଛୁ—ବୁଦ୍ଧିମାନ ପାଠକମାନେ ତାକୁ ଧରି ମୋଟ ଖରଚ କଥା ବୁଝି ପାରିବେ । ଧାନ ଘର ପାଞ୍ଜିରୁ ଆମ୍ଭେମାନେ ଠିକ୍ ହିସାବ ପାଇଅଛୁ । ବଢ଼ଇ କମାର ବେଠିଆଙ୍କ ପେଟ ପାଦର ଭରଣ ବାଲିଶି ନଉତି ଧାନ ଖରଚ ପଡ଼ିଥିଲା ।

ମଂଗରାଜଙ୍କ ମୁହଁରୁ ଅନେକ ଥର ଶୁଣାଯାଇଅଛି ସେ କେବଳ ପରର ବିକଳ ସହି ନ ପାରି ଧାନ ଟଙ୍କା କରଜ ଦିଅନ୍ତି, ନୋହିଲେ ସେଥିରେ ତାଙ୍କର ନିଜର ଲାଭ କିଛି ନାହିଁ । ଆମ୍ଭେମାନେ କହୁ ବଳିଷ୍ଠ ଲୋକସାନ ! ଧାନ ଦେଢ଼ିରୁ ବେଶୀ କରଜ ନାହିଁ· ଏଥିରେ ଲାଭ କଣ ? ଦିଅନ୍ତି ଶୁଖିଲା ପୁରୁଣା ଧାନ, ନେବା ବେଳକୁ ନୂଆ, କଞ୍ଚା । ଆସ୍ତୁ, ପାଠକ, ଆପଣଙ୍କ ଓଦା ଲୁଗାଟା ଆଗେ ଓଜନ କରନ୍ତୁ, ଦେଖିବେ ଓଦା ଶୁଖିଲାର କେତେ ପ୍ରଭେଦ । ଗଲା ଅଙ୍କ ପାଞ୍ଜିଆ ନେଇ ସାଲତମାମି ଦାଖଲ କରିଥିଲା, ସେଥିରେ ମହାଜନ କରଜାରେ ଆଠଟଙ୍କା ଛଅଣା ସତର ଗଣ୍ଡା ଦୁଇ କଉଡ଼ା ଦୁଇକାନ୍ତି ଛାଡ଼ି ଦେଲେ ପଡ଼ି ଥିବାର ଦେଖା ଯାଇଅଛୁ । ଏତେ ଗୁଡ଼ାଏ ଟଙ୍କା ଛୁଡ଼ ସକାଶେ ପାଞ୍ଜିଆ ଗାଳି ଖାଇ ଯେଉଁପରି କୈଫିଅତ୍ ଦେଇଥିଲା, ସେଥିର ସାରମର୍ମ ଏହି,—ଲକ୍ଷ୍ମୀପଣ୍ଡା କରଜ ନେବାରେ ମୂଳ ପାଞ୍ଚଟଙ୍କା ସେଥିର ସୁଧ ଚକ୍ରବୃଦ୍ଧି ପ୍ରମାଣେ ବାରଟଙ୍କା ପାଞ୍ଚଅଣା ଏଗାର ଗଣ୍ଡା ଦୁଇକଉଡ଼ା, ଗାଏ ଦୁଇ ପଦକୁ ମୋଟ ଓ ଆଦାୟ ସତର ଟଙ୍କା ପାଞ୍ଚଅଣା ଦୁଇପଇସା ବାଦେ ବାକି ଛୁଡ଼ ଦେଢ଼ଗଣ୍ଡା ।

---

୩

"ବାଣିଜ୍ୟେ ବସତେ ଲକ୍ଷ୍ମୀ
ସ୍ତଦର୍ଦ୍ଧଂ କୃଷିକର୍ମଣି ।"
ଅସ୍ୟାର୍ଥଃ
ବାଣିଜ୍ୟ ଲକ୍ଷ୍ମୀଙ୍କ ବାସ
ତହିଁ ଅଧେ କଲେ ଚାଷ ।

ଆମ୍ଭେମାନେ ଅନୁମାନ କରୁ ଜଣେ ମରହଟି କବି ଏହି କବିତାଟି କହି ଅଛନ୍ତି ! ଆଜିକାଲିକାର କବି ହୋଇଥିଲେ ଏପରି କହନ୍ତେ—

ବାଣିଜ୍ୟେ ଲକ୍ଷ୍ମୀଙ୍କ ବାସ
ତହିଁ ଅଧେ ବି, ଏଲ୍, ପାଶ ।

ମଙ୍ଗରାଜଙ୍କ ନଅର ଦେଖି କେହି କେହି ଅନଭିଜ୍ଞ ଲୋକ ଅନୁମାନ କରି ପାରନ୍ତି ଏହା

Digitized by srujanika@gmail.com

ଗୋଟିଏ ଜଜ୍ ଅଦାଲତରେ ବି, ଏଲ, ପାଶୀୟା ଓକିଲଙ୍କ ଘରୁ-ବାଷଠି ଘର ଭଗ୍ନାଂଶର ସମଷ୍ଟି । ମାନ କଥା କ'ଣ ଜାଣନ୍ତି, "ଭାଗ୍ୟ ଫଳତି ସର୍ବତ୍ର" ଏହି ଯେ ଅଦାଲତ ଓକିଲରେ ଗଣ୍ଡା ଗଣ୍ଡା ଶାଳପାଗିଆ ବୁଲୁଅଛନ୍ତି । ମଙ୍ଗରାଜଙ୍କ ପଛରେ ପଚିଶ ଘର ଭଗ୍ନାଂଶ ଗାଏ କରିବାକୁ କେତେଜଣ ମିଳିବେ ? ସାଆନ୍ତେ ଆପେ କହନ୍ତି ସେ କାହାର ଗୋଟାଏ ମଉସା ଜାଣନ୍ତି ନାହିଁ, ନିଜ ବୁଦ୍ଧି ନିଜ ବାହୁ ବଳରେ ମାଟିରୁ ସୁନା ପଇଦା କରିଅଛନ୍ତି, ଏପରି ଶୁଣାଅଛି-ଶୁଣା କଥା ଆମ୍ଭେମାନେ ଠିକ୍ କଥା କହୁଁ-ମଙ୍ଗରାଜ ପ୍ରଥମେ ଟାଁ ପଧାନଠାରୁ ଦୁଇମାଣ ଜମି ଭାଗରେ ଧରିଥିଲେ । ବର୍ତ୍ତମାନ ଗୃହଜମି ଚବିଶ ଦସ୍ତି ପଦାକାରେ ଗୁରିବାଟି ଛମାଣ । ଏଡ଼ା ଗୁଡ଼ି ତିନିବାଟି ସତରମାଣ ଭାଗରେ ଲାଗିଅଛି । ଜମି ସବୁ ଲଖରାଜ, କିଛି ନିସ୍ପୀ ବାଜିଆପ୍ତି । ଅଧିକାଂଶ ଖରିଦା ବ୍ରହ୍ମୋତ୍ତର । ଗୃହ ବଳଦ ୧୫ ହଳ । ହଳିଆ ବାରଜଣ, ଏମାନେ ବାରମାସିଆ । ଜାତିରେ ବାଉରି—୩ ଜଣ ପାଣ, ଗୃହ ଓ ବଗିଚା ଏମାନଙ୍କ ଜିମା । ମଙ୍ଗରାଜଙ୍କ ଶିକ୍ଷା ଓ ଉତ୍ସାହରେ ଏମାନେ କର୍ମଠ ଓ ଉତ୍ସାହୀ । ବ୍ରହ୍ମ ମୁହୂର୍ତ୍ତରେ ଶଯ୍ୟା ତ୍ୟାଗ କରିବା ସ୍ୱାସ୍ଥ୍ୟ-ବିଧାନ ଶାସ୍ତ୍ରର ବିଧି । ଖରା ହେଉ, ବରଷା ହେଉ, ତୋଫାନ ହେଉ, ଝଡ଼ ହେଉ, ମଙ୍ଗରାଜେ ଏହି ବିଧି ଲଙ୍ଘନ କରିଥିବାର କେବେ କେହି ଦେଖିନାହିଁ । ଶାସ୍ତ୍ରରେ ଲେଖା ଅଛି—

"ଯେତେକ ଦେଖ ନଦ ନଦୀ
ସମସ୍ତେ ମିଳନ୍ତି ଜଳଧି,
ଆପଣା ଗୁଣ ପାସୋରନ୍ତି
ଲବଣ ଗୁଣକୁ ଭଜନ୍ତି ।"

ଠିକକଥା ! ସେହିପରି ସ୍ତ୍ରୀ, ଦାସ, ଦାସୀ ସମସ୍ତେ ସାଆନ୍ତଙ୍କ ଗୁଣକୁ ଊଣା ଅଧିକରେ ଲାଭ କରି ଥାଆନ୍ତି, ଆମ୍ଭେମାନେ ସାଆନ୍ତଙ୍କ ଘର ଦାସ ଦାସୀମାନଙ୍କୁ ଦେଖି ଏହି ଶିକ୍ଷାଲାଭ କରିଅଛୁଁ । ମଙ୍ଗରାଜେ ବ୍ରାହ୍ମମୁହୂର୍ତ୍ତରେ ଉଠି ଦନ୍ତ ଘଷିପକାନ୍ତି । କଲିକତା ସହରରେ ଦୁଇଥର ତୋପ ପଡ଼େ । ପ୍ରାତଃକାଳ ତୋପ ରାତ୍ରିଶେଷଜ୍ଞାପକ । ମଙ୍ଗରାଜେ କଚେରୀ ପିଣ୍ଡାରେ ଛିଡ଼ା ହୋଇ ହଳିଆକୁ ଡାକ ଦେଲେ ଗ୍ରାମର ଲୋକେ ଆଖିବୁଜି ମଧ୍ୟ ଜାଣିପାରନ୍ତି ରାତି ପାହିଲାଣି, ବନ୍ଧୁ ଭୁଆଶୁଣୀଏ ବାସି ପାଇଟିରେ ଲାଗିଯାନ୍ତି । ମଫସଲର ଲୋକେ ଘଣ୍ଟା ଫଣ୍ଟା ବୁଝନ୍ତି ନାହିଁ । ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିଲେ ବଳଦ କାନ୍ଧରୁ ଜୁଆଳି ବାହାରେ । ଆଖପାଖର ଚାଷିମାନେ ଦୂରରୁ ଅନାଇ ଦେଖନ୍ତି, ମଙ୍ଗରାଜଙ୍କ ବଡ଼ ତାଳପତ୍ର ଛତା ହିଡ଼ ଉପରୁ ଉଠିଲାଣି କି ନାହିଁ । ମଙ୍ଗରାଜେ ତାଙ୍କର ହଳିଆମାନଙ୍କୁ ପୁଅପରି ପାଳିଅଛନ୍ତି । ମା ବାପ ପିଲାମାନଙ୍କ ଖିଆ ପିଆ ନିଜେ ନ ଦେଖିଲେ ସେମାନଙ୍କ ମନ ମାନେ ନାହିଁ । ହଳିଆମାନେ ଧାଡ଼ି ହୋଇ ଖାଇବାକୁ ବସିଗଲେ ସାଆନ୍ତେ ରାନ୍ଧୁଣିଆକୁ ଉଚ୍ଚସ୍ୱରରେ ଡାକିଦିଅନ୍ତି ଆରେ ତୋରାଣି ଆଣ, ତୋରାଣି ଆଣ, ଏମାନଙ୍କ ତଣ୍ଟି ଶୁଖି ଯାଉଅଛି । ରାନ୍ଧୁଣିଆ ଅଭ୍ୟସ୍ତ-ବିଦ୍ୟା ପ୍ରଭାବରେ ଫି ଜଣକୁ ଦୁଇକଂସା କରି ତୋରାଣି ଆଣିଦିଏ, କେହି ହଳିଆ ଏତେ-ଗୁଡ଼ାଏ ତୋରାଣି ପିଇବାକୁ ନାରାଜ ହେଲେ ସାଆନ୍ତେ ତାହାର ଉପକାରିତା ଓ ବଳକାରିତ୍ୱ ସମ୍ବନ୍ଧରେ କ୍ଷୁଦ୍ର ଏକ ବକ୍ତୃତା କରି ତାହା ପିଆଇ ଦେଇ ତହିଁ ଉତ୍ତାରେ ଭାତର ବ୍ୟବସ୍ଥା କରି ଆପେ ସ୍ନାନ କରିବାକୁ ବାହାରି ଯାଆନ୍ତି । ସାଆନ୍ତଙ୍କ ବଗିଚାରେ ସତରଟା ସଜନାଗଛ । ସଜନାଶାଗ ହଜମୀ, ବଳକର, ରୋଗନାଶକ, ମୁଖରୋଚକ, ରୋଗର ପଥ୍ୟ । ନିର୍ଘଣ୍ଟରେ ସଜନାର ଏପରି ଗୁଣ ବର୍ଣ୍ଣନା ଅଛି କି ନାହିଁ ଆମ୍ଭେମାନେ ଜାଣୁ ନାହିଁ, କାରଣ ସେ ବିଦ୍ୟାରେ ଆମ୍ଭେମାନେ ନିତାନ୍ତ ଅନଭିଜ୍ଞ, କିନ୍ତୁ ସାଆନ୍ତଙ୍କ ମୁଖରୁ

Digitized by srujanika@gmail.com

'ଯଥା ଶ୍ରୁତଂ ତଥା ଲିଖିତଂ ।'' ସେଥି ସକାଶେ ବଗିଚ୍ଚର ସଜନାଶାଗ କେବଳ ମଧ୍ୟ ହାଟକୁ ଯାଏ ନାହିଁ, ହଳିଆମାନଙ୍କ ବଳବର୍ଦ୍ଧନ ଓ ପୋଷଣ ନିମନ୍ତେ ସମସ୍ତ ଉତ୍ସର୍ଗୀକୃତ ! ଏହି ଯେ ଫୁଲ ଦେଖୁଅଛ, ଏପରି ଉପାଦେୟ ପଦାର୍ଥ ପୃଥିବୀରେ ନାହିଁ । ପୁଞ୍ଜାଏ ଗଲ ଯଦି ସେଥିରେ ମିଶେ, ତା କଥା ଗୁଡ଼ । ପରମେଶ୍ୱରଙ୍କ ସୃଷ୍ଟିରେ କେତେ ଭଲ ଅଛି—ଭଲ ମନ୍ଦ ମିଶାମିଶି ! ଦେଖ, ପଣସ ଖୋଷା ଗୁଡ଼ିକ କେଡ଼େ ମଧୁର, କିନ୍ତୁ ତାହା ଭିତରେ ସୁତା ଗୁଡ଼ାକ ବଦହଜମୀ । କିନ୍ତୁ ଜ୍ଞାନ ଲୋକଙ୍କଠାରେ କିଛି ଅଖଣ୍ଡ ରହେ ନାହିଁ—ଭଲକୁ ଭଲ ମନ୍ଦକୁ ମନ୍ଦ ବାଛି ଦିଅନ୍ତି । ସଜନାର ସବୁ ଭଲ, କେବଳ ଛୁଇଁଗୁଡ଼ାକ ଖରାପ ! ଓ ବଦହଜମୀ ସେଥିପାଇଁ ହଳିଆ କିମ୍ବା ଗୃହର ମାନଙ୍କ ପେଟ ଛୁଇଁ ପାରେ ନାହିଁ । ବାହାରେ ବାହାରେ ହାଟକୁ ଯାଏ ।

କ୍ରମଶଃ
ଶ୍ରୀ ଧୂର୍ଜଟି

---

# ଉତ୍କଳର ସାହିତ୍ୟ ସେବକ

---

ସାହିତ୍ୟ ସେବା ସ୍ୱଦେଶସେବା ଓ ମାନବ-ସେବାର ଗୋଟିଏ ସହଜ ଓ ପ୍ରକୃଷ୍ଟ ଉପାୟ—ଏହାଦ୍ୱାରା ମନୁଷ୍ୟ ସ୍ୱଜାତିଯୁମାନଙ୍କର ଏମନ୍ତ କି ସମଗ୍ର ମାନବ ସମାଜର ଯଥାର୍ଥ କଲ୍ୟାଣ ସାଧନ କରିବାକୁ ସକ୍ଷମ ହୁଏ—ତେବେ ଶକ୍ତିର ତାରତମ୍ୟ ଅନୁସାରେ ପରିମାଣର ତାରତମ୍ୟ ହୋଇପାରେ । ସାହିତ୍ୟ ସେବକ ଲୋକାନ୍ତର ଗମନ କରି ସୁଦ୍ଧା ଯୁଗଯୁଗାନ୍ତର ପର୍ଯ୍ୟନ୍ତ ମାନବସମାଜ ଉପରେ କର୍ତ୍ତୃତ୍ୱ କରୁଥାନ୍ତି—ଚିରକାଳ ମାନବର ଚିତ୍ତବିନୋଦନ ଓ ମନଃ-ପ୍ରସାରଣ କାର୍ଯ୍ୟରେ ନିଯୁକ୍ତ ଥାନ୍ତି । ଦୃଷ୍ଟାନ୍ତ ଦେଇ ଏ କଥା କାହାରିକୁ ବୁଝାଇ ଦେବାର ପ୍ରୟୋଜନ ନାହିଁ । ସାହିତ୍ୟବିହୀନ ମନୁଷ୍ୟ-ସମାଜ ଅରଣ୍ୟେଚର ପଶୁମାନଙ୍କ ସଙ୍ଗେ ତୁଳନୀୟ ହୋଇବାର ଯୋଗ୍ୟ ! ଧର୍ମ, ନୀତି, ବିଜ୍ଞାନ, ଦର୍ଶନ, ଶିଳ୍ପ, ବାଣିଜ୍ୟ ସମସ୍ତ ସାହିତ୍ୟ-ସୂତ୍ରରେ ଜନସମାଜରେ ପ୍ରଚାରିତ ହୁଏ । ମାତୃଭାଷାର ପୁଷ୍ଟିକାମନା ଏବଂ ହୃଦୟର ଭାବ ଓ ଚିନ୍ତା ଜନସାଧାରଣରେ ପ୍ରଚାର କରିବାର ଆକାଂକ୍ଷା ମନୁଷ୍ୟଙ୍କୁ ଯଥାର୍ଥ ସାହିତ୍ୟସେବକ ପଦରେ ପ୍ରତିଷ୍ଠିତ କରେ । ଏ ଦୁଇଟି ମଧ୍ୟରୁ କୌଣସି ଗୋଟିଏ ଭାବ ମନରେ ପ୍ରବଳ ହେଲେ, ମନୁଷ୍ୟ ଆଉ ସ୍ଥିର ରହି ପାରେ ନାହିଁ ଏବଂ ସେ ଯାହା କରିବାକୁ ବସେ, ସେଥିରେ ସମଗ୍ର ପ୍ରାଣଟି ଅର୍ପଣ କରେ । ସେଥିରେ ତାହାର ନିଜର ବାହ ଦୁଃଖ ଥାଏ ନାହିଁ, କିମ୍ବା ସ୍ୱାର୍ଥ, ଉପରୋଧ, ଅନୁରୋଧ, ଯଶୋଲିପ୍ସା କିଛି ସ୍ଥାନ ପାଏ ନାହିଁ । ଜାତୀୟ ସାହିତ୍ୟର ପ୍ରାଥମିକ ଅବସ୍ଥାରେ ଅନ୍ତତଃ କେତେଗୁଡ଼ିଏ ବ୍ୟକ୍ତି ଏହି ପ୍ରକାର ଉଚ୍ଚ ଭାବଦ୍ୱାରା ଅନୁ-ପ୍ରାଣିତ ହୋଇ ସାହିତ୍ୟ ସେବାରେ ମନ ଓ ପ୍ରାଣ ଉତ୍ସର୍ଗ ନ କଲେ ସାହିତ୍ୟରେ ଜୀବନ ସଞ୍ଚାର ହୁଏ ନାହିଁ ବା ଅପର ସାଧାରଣଙ୍କ ପ୍ରାଣରେ ସାହିତ୍ୟ ସେବାର ଭାବ ଜାଗ୍ରତ ହୁଏ ନାହିଁ । ଏହି ଶ୍ରେଣୀର ଲୋକ ସାହିତ୍ୟରେ ନବଯୁଗର ପ୍ରବର୍ତ୍ତକ—ଦେଶର ସୁସନ୍ତାନ । ମାତ୍ର ଏହି ସୁସନ୍ତାନମାନଙ୍କୁ ଅନେକ ବିଡ଼ମ୍ବନା ଭୋଗ କରିବାକୁ ହୁଏ—ନାନା ପ୍ରତିକୂଳ ଅବସ୍ଥା ସଙ୍ଗେ ସଂଗ୍ରାମ କରି ଆପଣାର ସ୍ୱାର୍ଥ ଓ ସୁବିଧାର କଥା ବିସ୍ମୃତ ହୋଇ ଅନେକ

Digitized by srujanika@gmail.com

ସମୟରେ ଲାଞ୍ଛନା ଓ ଅପମାନ ସହ୍ୟ କରି ନିଃସ୍ୱାର୍ଥ ସାହିତ୍ୟସେବାର ଉନ୍ନତ ଦୃଷ୍ଟାନ୍ତ ସ୍ଥାପନ କରିବାକୁ ହୁଏ ।

ପ୍ରାୟ ୫ ବର୍ଷ ପୂର୍ବେ ମାସିକପତ୍ରିକା ସମ୍ବନ୍ଧରେ ଆଲୋଚନା କରୁ କରୁ ଆମ୍ଭେମାନେ ଏକ ସ୍ଥଳରେ ଲେଖିଥିଲୁଁ ଯେ, "ଲେଖକର ଅଭାବରେ ଆମ୍ଭମାନଙ୍କ ଦେଶର କୌଣସି ପତ୍ରିକା ଉଠି ଯାଇ ନାହିଁ—ଏବଂ ଏହା ହେବା ଅସମ୍ଭବ । କାରଣ ସମୟ ତାହାର ଉପଯୋଗୀ ଲେଖକଦଳ ପ୍ରସ୍ତୁତ କରି ନିଏ ।" ଏକଥା ଲେଖିବା ବେଳେ ଆମ୍ଭମାନଙ୍କ ମନରେ ଧାରଣା ଥିଲା ଯେ, ଉତ୍କଳସନ୍ତାନମାନଙ୍କ ମଧ୍ୟରେ ନିଃସ୍ୱାର୍ଥ ସାହିତ୍ୟ ସେବାର ଭାବ ଜାଗ୍ରତ ହୋଇଅଛି । କିନ୍ତୁ ହାୟ ! ବର୍ତ୍ତମାନ ଆମ୍ଭମାନଙ୍କର ସେ ଧାରଣା ଅନେକ ପରିମାଣରେ ବିଚଳିତ ହୋଇଅଛି ! ଅନ୍ତତଃ ଆମ୍ଭେମାନେ ଏତିକି ବୁଝି ପାରିଅଛୁଁ ଯେ ଉପରୋକ୍ତ କଥା ଅନ୍ୟ ଦେଶ ପକ୍ଷରେ ସତ୍ୟ ଓ ସ୍ୱାଭାବିକ ହେଲେ ହେଁ ଦୁର୍ଭାଗ୍ୟ ଉତ୍କଳଭୂମି ପକ୍ଷରେ ଠିକ୍ ସେପରି ନୁହେ । ଉତ୍କଳତନୟମାନଙ୍କର ଔଦାସୀନ୍ୟ, ଆଳସ୍ୟ ଓ କର୍ତ୍ତବ୍ୟବିମୁଖତା ବିଦୂରିତ ହେବା ପାଇଁ ଆହୁରି ଅନେକ ଦିନ ଲାଗିବ ! ବିସ୍ତୀର୍ଣ୍ଣ ଉତ୍କଳଭୂମିରେ ସୁଯୋଗ୍ୟ ଓ ଚିନ୍ତାଶୀଳବ୍ୟକ୍ତି ଯଥେଷ୍ଟ ନ ଥିଲେ ହେଁ ସେ ଶ୍ରେଣୀର ଲୋକଙ୍କର ନିତାନ୍ତ ଅଭାବ ନାହିଁ । କିନ୍ତୁ ପବିତ୍ର ନିଃସ୍ୱାର୍ଥ ସାହିତ୍ୟସେବାର ଭାବ କେତେଜଣଙ୍କ ମନରେ ପ୍ରବଳ ହୋଇଅଛି—ଉତ୍କଳଭୂମି ଓ ଉତ୍କଳଭାଷା ପାଇଁ କେତେ ଜଣଙ୍କର ପ୍ରାଣ କାନ୍ଦିବାକୁ ଶିକ୍ଷା କରିଅଛି, କହି ନ ପାରୁଁ । ପ୍ରତିକୂଳ ଅବସ୍ଥା ସଙ୍ଗେ ସଂଗ୍ରାମ କରି ବ୍ୟକ୍ତିଗତ ସ୍ୱାର୍ଥ ଓ ସୁବିଧା ଅଗ୍ରାହ୍ୟ କରି କେତେଜଣ ଉତ୍କଳସନ୍ତାନ ମାତୃଭାଷାର ଶୋଭା ଓ ସମ୍ପଦ ବୃଦ୍ଧି କରିବା ପାଇଁ ବ୍ୟାକୁଳ ? ନିର୍ଜ୍ଜନଚିନ୍ତା ଓ ସାଧନାର ଫଳ ସ୍ୱଦେଶୀୟ ଭ୍ରାତୃମଣ୍ଡଳୀ ମଧ୍ୟରେ ପ୍ରଚାର କରିବାର ପ୍ରବଳ ଆକାଂକ୍ଷା କେତେ ଜଣଙ୍କ ମନରେ ଜାଗ୍ରତ ହୋଇଅଛି ?-ଶୁଣିଅଛୁଁ ସ୍ୱର୍ଗୀୟ ଅକ୍ଷୟକୁମାର ଦତ୍ତ ମହାଶୟ ଅନ୍ତିମଦଶାରେ ରୋଗଶଯ୍ୟାରେ ଶୟନ ଥାଇ ସ୍ୱରଚିତ ଖଣ୍ଡିଏ ପୁସ୍ତକ ପ୍ରକାଶ କରିବା ପାଇଁ ବ୍ୟାକୁଳ ହୋଇ ଉଠିଥିଲେ—ରୋଗଯନ୍ତ୍ରଣା ଅଗ୍ରାହ୍ୟ କରି ସେହି ଭାବନାରେ ଅସ୍ଥିର ହୋଇଥିଲେ—ପୁସ୍ତକର ପରବର୍ତ୍ତୀ ଅଂଶ ପ୍ରକାଶ କରିବାର ଆଶା ନ ଦେଖି ପ୍ରାଣରେ ଗଭୀର ବେଦନା ଅନୁଭବ କରିଥିଲେ । ଏହିପରି ଆହୁରି କେତେ ନିଃସ୍ୱାର୍ଥ ସାହିତ୍ୟ-ସେବକଙ୍କ କଥା ଶୁଣିଅଛୁଁ—ପଢ଼ିଅଛୁଁ । କୌଣସି ୨ ପ୍ରସିଦ୍ଧ ଇଂରାଜୀ ଗ୍ରନ୍ଥକାର ସ୍ୱରଚିତ ପୁସ୍ତକର ପାଣ୍ଡୁଲିପି ଘେନି ଦ୍ୱାର ଦ୍ୱାର ବୁଲି ଉପେକ୍ଷିତ ଓ ଉପହସିତ ହୋଇ ସୁଦ୍ଧା ନିରାଶ ହୋଇ ନାହାନ୍ତି ବା କର୍ତ୍ତବ୍ୟ ପଥ ପରିତ୍ୟାଗ କରି ନାହାନ୍ତି । କିନ୍ତୁ ଆମ୍ଭେମାନେ କ'ଣ କରୁଅଛୁଁ ? ମାତୃଭାଷା ପାଇଁ କି ପର୍ଯ୍ୟନ୍ତ ସ୍ୱାର୍ଥ ତ୍ୟାଗ କରିଅଛୁଁ ? ସେପରି ଦୃଷ୍ଟାନ୍ତ ଆମ୍ଭମାନଙ୍କ ମଧ୍ୟରେ କାହିଁ ? ଟିକିଏ ଅସୁବିଧା, ଟିକିଏ ପ୍ରତିକୂଳ ଅବସ୍ଥା, ଟିକିଏ ରୋଗ ଓ ଶୋକର ତାଡ଼ନା ଆମ୍ଭମାନଙ୍କର ସମସ୍ତ ଉତ୍ସାହ ଓ ଉଦ୍ୟମକୁ ମୁହୂର୍ତ୍ତକେ କେଉଁଆଡ଼େ ଅଦୃଶ୍ୟ କରି ଦେଉଅଛି ! ଉତ୍କଳରେ ଯେଉଁମାନେ ମାନ୍ୟ, ଗଣ୍ୟ, ସୁଯୋଗ୍ୟ ସାହିତ୍ୟସେବକ ବୋଲି ପରିଚିତ, ସେମାନଙ୍କ ପାଖକୁ ଯାଅ—ସାହିତ୍ୟସେବାର କଥା ଉତ୍ଥାପନ କର, କେବଳ ନିରାଶାର ଅନୁଷ୍ଣବାଣୀ ଛଡ଼ା ଆଉ କିଛି ଶୁଣି ପାରିବ ନାହିଁ । ହାୟ ! କି ଭ୍ରାନ୍ତି ! ସେମାନଙ୍କ ମତରେ ସଂସାରଟା ସୁଖଶଯ୍ୟା ହୋଇଥାନ୍ତା—ହେବା ଏଣି ସେମାନେ ସେଥିରେ ଗଡ଼ୁଥାନ୍ତେ ଓ ଅବସରକ୍ରମେ ସୁବିଧା ବୃକ୍ଷରୁ ଦୁଇ ଗୁଚ୍ଛେଟି ସୁନ୍ଦର ପୁଷ୍ପ ଚୟନ କରି

Digitized by srujanika@gmail.com

ବୀଣାପାଣୀଙ୍କର ଚିତ୍ତବିନୋଦନ କରୁଥାନ୍ତେ ! ଏହା କି ଅସମ୍ଭବ ! କୌଣସି ଦେଶରେ, କୌଣସି ଯୁଗରେ ଏହା କି ସମ୍ଭବ ହୋଇଅଛି ? ପ୍ରତିକୂଳ ଅବସ୍ଥା ସଙ୍ଗେ ସଂଗ୍ରାମ କରି ଜୟଲାଭ କରି ନ ପାରିଲେ ତୁମ୍ଭର ବହାଦୂରୀଟା କଅଣ ରହିଲା ? ଯେଉଁମାନେ ଏହିପରି କରି ପାରି ଅଛନ୍ତି, ସେହି-ମାନେତ ଜଗତର ଯଥାର୍ଥ ହିତ ସାଧନ କରିବାକୁ ସମର୍ଥ ହୋଇଅଛନ୍ତି ? ଏବଂ ପୃଥିବୀରେ ଅକ୍ଷୟ କୀର୍ତ୍ତି ସ୍ଥାପନ କରିପାଇଅଛନ୍ତି ? କିନ୍ତୁ ଏ ଦୁର୍ଭାଗ୍ୟ ଦେଶରେ କଣ ହେଉଅଛି ? ଭଲରେ ଭଲରେ ଯେତିକ ହୋଇ ପାରେ, ଜଣକେତେ କୃତବିଦ୍ୟବ୍ୟକ୍ତି ସେତିକ କୌଣସି ପ୍ରକାରେ ସମ୍ପାଦନ କରି ମାତୃଭାଷାପ୍ରତି କର୍ତ୍ତବ୍ୟ ଯଥେଷ୍ଟ ପରିମାଣରେ ସାଧନ କଲେ ବୋଲି ମନେ କରୁଅଛନ୍ତି ! ଶିକ୍ଷିତଦଳ ମଧ୍ୟରେ ଅଧିକାଂଶ ଯେ ଏହି ପବିତ୍ର କର୍ତ୍ତବ୍ୟସାଧନରେ ଏକାନ୍ତ ଉଦାସୀନ ବା ବୀତସ୍ପୃହ ଏଥିରେ ସନ୍ଦେହ ନାହିଁ । କୌଣସି ଜାତି ପକ୍ଷରେ ଏହା ଆଦୌ ଗୌରବ କଥା ନୁହେଁ ।

ଏପରି ହେବାର ହେତୁ କଣ ? ହେତୁ ଆଉ କିଛି ନୁହେ—ଆମ୍ଭମାନେ ଯଥାର୍ଥ ବ୍ୟକ୍ତିତ୍ୱ ବା ଜାତିତ୍ୱଠାରୁ ବହୁଦୂରରେ ଅବସ୍ଥିତ ! ଜ୍ଞାନର ଉଦ୍ଦେଶ୍ୟରେ ଜ୍ଞାନଚର୍ଚ୍ଚା କରିବାକୁ ଆମ୍ଭେମାନେ ଏପର୍ଯ୍ୟନ୍ତ ଶିକ୍ଷା କରି ନାହୁଁ । ସୁତରାଂ ଆମ୍ଭମାନଙ୍କର ସକଳ କାର୍ଯ୍ୟ ସ୍ୱାର୍ଥଦୂଷିତ—ଅଥବା କିଞ୍ଚିତ୍ ସ୍ୱାର୍ଥହାନି ବା ଅସୁବିଧା ଘଟିଲେ ଆମ୍ଭେମାନେ କର୍ତ୍ତବ୍ୟପଥରୁ ବିଚଳିତ ହେଉଁ । କେବଳ ଗୋଟିଏ ପ୍ରବଳ ଜୀବନ୍ତ ଜାତିର ସଂସ୍ପର୍ଶରେ ଆମ୍ଭମାନଙ୍କ ମୃତକଳ୍ପ ଶୀତଳ-ଶରୀରରେ କିଞ୍ଚିତ୍ ଉଷ୍ଣତାର ସଞ୍ଚାର ସମ୍ପ୍ର ସମୟରେ ହେଉଥିବାରୁ ଆମ୍ଭେମାନେ କଥଞ୍ଚିତ୍ ଅଙ୍ଗ ସଞ୍ଚାଳନ କରୁଅଛୁଁ ମାତ୍ର—ସେହି ଅଙ୍ଗ-ସଞ୍ଚାଳନ ମଧ୍ୟରେ ପୁଣି ଶୈଶବସୁଲଭ ଅନୁକରଣ-ପ୍ରିୟତାର ମାତ୍ରାହିଁ ଅଧିକ—ଯୌବନସୁଲଭ ସଜୀବତା ବା ପ୍ରବୀଣଜନୋଚିତ ଗମ୍ଭୀରତା ପ୍ରାୟ ଲକ୍ଷିତ ହୁଏ ନାହିଁ । ଏହି କାରଣରୁ ଏକ ସମୟରେ ଯେଉଁମାନେ ଅତ୍ୟନ୍ତ ଶ୍ରଦ୍ଧା ସହକାରେ ସାହିତ୍ୟସେବାରେ ପ୍ରବୃତ୍ତ ହୋଇଥିଲେ, ଆଜି ସେମାନଙ୍କ ଦର୍ଶନ ମିଳିବା ଦୁର୍ଘଟ—ଶତ-ଚେଷ୍ଟାରେ ସୁଦ୍ଧା କି ହାରି ? ନିଦ୍ରା ଭଙ୍ଗାଇବା ଦୁଷ୍କର ହୋଇ ଉଠିଅଛି ! ଅନ୍ୟ କଥା ଦୂରେ ଥାଉ, ଉତ୍କଳଗୌରବ କବି ଶ୍ରୀ ରାଧାନାଥ ଓ ଶ୍ରୀ ମଧୁସୂଦନଙ୍କୁ ଉତ୍କଳଭୂମିକୁ ଅନେକ ପରି-ମାଣରେ ନିରାଶ କରି ନାହାନ୍ତି ? କୃତଜ୍ଞଚିତ୍ତରେ ଏ କଥା ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ, କବି ଶ୍ରୀ ରାଧାନାଥ କେତେ ଖଣ୍ଡି ଉଚ୍ଚଶ୍ରେଣୀର କାବ୍ୟ ପ୍ରଣୟନ କରି ଉତ୍କଳ ସାହିତ୍ୟକୁ ଗୌରବାନ୍ୱିତ କରିଅଛନ୍ତି । କିନ୍ତୁ ଏହାହିଁ କି ତାଙ୍କ ପ୍ରତିଭାର ଉପଯୁକ୍ତ କାର୍ଯ୍ୟ ? ସେ ଯେବେ ଅବସ୍ଥାର ଅନୁଗତ ହୋଇ ନ ଥାନ୍ତେ, ତେବେ କି ଆଜି 'ପାର୍ବତୀ' ଓ 'ମହାଯାତ୍ରା' ଅସମ୍ପୂର୍ଣ୍ଣ ଆକା-ରରେ ଆମ୍ଭମାନଙ୍କର କ୍ଷୋଭ ବୃଦ୍ଧି କରୁଥାନ୍ତା ? ଆଉ କବି ଶ୍ରୀ ମଧୁସୂଦନ ? ଉତ୍କଳସାହିତ୍ୟ ତାଙ୍କଠାରୁ ଯେ କେତେ ଅମୂଲ୍ୟରତ୍ନ ପାଇବାର ଆଶା କରିଥିଲା, କଣ ପାଇଲା ? ସମଗ୍ର ଉତ୍କଳ-ଭୂମିରେ "ଋଷିପ୍ରାଣେ ଦେବାବତରଣ" ରୂପ 'ଗମ୍ଭୀରଧ୍ରୁପଦ' ଗାଇବାର ଲୋକ ତାଙ୍କ ଛଡ଼ା ଅନ୍ୟ କେହି ଅଛି କି ? କିନ୍ତୁ ସେ କଣ୍ଠର ନୀରବ ? ଅବସ୍ଥାର ପ୍ରତିକୂଳରେ ସେ ଉଠି ପାରିଲେ ନାହିଁ ? (ଅବଶ୍ୟ ଆମ୍ଭେମାନେ ତାଙ୍କର ବର୍ତ୍ତମାନ ଶାରୀରିକ ଅବସ୍ଥା ପ୍ରତି ଦୃଷ୍ଟି କରି କିଛି କହୁ ନାହୁଁ—ଏ ପ୍ରକାର ଶୋଚନୀୟ ଅବସ୍ଥାରେ ତାଙ୍କଠାରୁ କିଛି ଆଶା କରିବା ବିଡ଼ମ୍ବନା) । ଆଉ ଅଧିକ ନାମୋଲ୍ଲେଖ କରିବାର ପ୍ରୟୋଜନ କଣ ? ହାୟ ! ପାରିବାରିକ, ବୈଷୟିକ, ରାଜକୀୟ ସକଳ କାର୍ଯ୍ୟରେ ଲୋକ

Digitized by srujanika@gmail.com

ସୁଗ୍ରନ୍ଥରୂପେ ସମ୍ପାଦନ କରି ଚାଲି ଯାଉଅଛନ୍ତି —ସାହିତ୍ୟସେବା ବେଳକୁ ଏତେ ଓଜର ଆପତ୍ତି କାହିଁକି? ଓଡ଼ିଶାର କୌଣସି ବ୍ୟକ୍ତି ତ ଏପର୍ଯ୍ୟନ୍ତ ସାହିତ୍ୟର ଅଙ୍ଗବିଶେଷର ଉନ୍ନତି ନିମିତ୍ତ ନିଷ୍ଠା ଓ ଦୃଢ଼ ଅଧ୍ୟବସାୟ ଦେଖାଇ ପାରିଲେ ନାହିଁ? ଏହା କି ସାମାନ୍ୟ ପରିତାପର ବିଷୟ?

ପ୍ରସଙ୍ଗକ୍ରମେ ଏଠାରେ ଆଉ ଗୋଟିଏ କଥା ଉଲ୍ଲେଖ କରୁଅଛୁଁ— "ଉତ୍କଳସାହିତ୍ୟ" ପତ୍ରିକାରେ ପ୍ରବନ୍ଧ ଲେଖିବା ପାଇଁ ବହୁ ବିଜ୍ଞ-ବ୍ୟକ୍ତିଙ୍କୁ ବାରମ୍ବାର ଅନୁରୋଧ କରି ସୁଦ୍ଧା ଆଶାନୁରୂପ ଫଳ ପାଇନାହୁଁ—ଲବ୍ଧପ୍ରତିଷ୍ଠ ଲେଖକମାନଙ୍କର ଔଦାସୀନ୍ୟ ଓ ଆଳସ୍ୟ ଦେଖି ଅନେକ ସମୟରେ ଦୁଃଖରେ, ନିରାଶାରେ ପ୍ରାଣ ଅବସନ୍ନ ହୋଇ ପଡ଼ୁଅଛି! ସତର ଥର ଚାଲିଲେ ସୁଦ୍ଧା କାହାରି ୨ ଠାରୁ ଗୋଟିଏ ପ୍ରବନ୍ଧ ମିଳିବା କଠିନ! କି ଦୁର୍ଭାଗ୍ୟ! କେହି ୨ ପୁଣି ପତ୍ରର ଉତ୍ତର ସୁଦ୍ଧା ଦେବାକୁ କୁଣ୍ଠିତ! ଏହା କି ସୁଶିକ୍ଷା, କର୍ତ୍ତବ୍ୟନିଷ୍ଠା ଓ ସାହିତ୍ୟାନୁରାଗର ପରିଚାୟକ? ସମଗ୍ର ଉତ୍କଳଭୂମିରେ ଖଣ୍ଡିଏ ମାତ୍ର ନିୟମିତ ମାସିକ ପତ୍ରିକା—ତାହାର କ୍ଷୁଦ୍ରକଳେବର ପୂର୍ଣ୍ଣ କରିବା ପାଇଁ ଉପଯୁକ୍ତ ପ୍ରବନ୍ଧର ଅଭାବ! ଏହା କି ଉତ୍କଳର ସାହିତ୍ୟସେବକମାନଙ୍କ ପକ୍ଷରେ ଘୋର ନିନ୍ଦାର କଥା ନୁହେଁ? ଏପରି ଅବସ୍ଥାରେ ଆମ୍ଭେମାନେ କେଉଁ ସାହସରେ ଏହାର କଳେବର ବଢ଼ାଇବାକୁ ମନ ବଳାଇବୁଁ? ବିଭିନ୍ନଶ୍ରେଣୀର ଲେଖକମାନଙ୍କର ବିଭିନ୍ନବିଷୟକ ପ୍ରବନ୍ଧ ନ ଥିଲେ କି ମାସିକ-ପତ୍ରିକା ସୁପାଠ୍ୟ ଓ ଚିତ୍ତାକର୍ଷକ ହୋଇ ପାରିବ?

ସେ କଥା ଥାଉ। ବର୍ତ୍ତମାନ ଆଉ ଏକ ଶ୍ରେଣୀର ସାହିତ୍ୟସେବକ (?) ବାହାରିଅଛନ୍ତି—ଯେମାନେ ବିନା ସାଧନାରେ ସିଦ୍ଧ! ସେମାନଙ୍କ ମତରେ ସେମାନଙ୍କ ଲେଖାଗୁଡ଼ିକ "ବ୍ରହ୍ମା ବିନିର୍ଗତ ବେଦ!" ଭାଷା ଓ ଭାବ କୌଣସି ବିଷୟରେ ନିୟମ ନାହିଁ, ଅଙ୍କୁଶ ନାହିଁ! ତୁମ୍ଭେ ଯେବେ ପ୍ରକୃତ କଥା କହିବ—ଦୋଷ ଦେଖାଇ ଦେବ, ଲଗୁଡ଼ାଘାତରେ ସେମାନେ ତୁମ୍ଭର ମସ୍ତକ ଚୂର୍ଣ୍ଣ କରି ଦେବେ! ଓଡ଼ିଶାର କୌଣସି ୨ ନାମଜାଦା ଲେଖକଙ୍କର ଏପରି ଭାବ ଦେଖି ଆମ୍ଭେମାନେ ଅତ୍ୟନ୍ତ ବ୍ୟଥିତ ହୋଇଅଛୁଁ। ତୁମ୍ଭେ ବଡ଼ ପଣ୍ଡିତ ହେଲ ବୋଲି ତୁମ୍ଭ ଲେଖାରେ ବା କଥାରେ କିଛିମାତ୍ର ଦୋଷ ଥିବ ନାହିଁ, କିମ୍ବା ତୁମ୍ଭ ମତ ସଙ୍ଗେ ଅନ୍ୟ ସମସ୍ତଙ୍କ ମତ ମିଳିବ ଏପରି କିଛି କଥା ନାହିଁ। ବର୍ତ୍ତମାନ ସ୍ୱାଧୀନତାର ଯୁଗ—ମାତ୍ର ଆମ୍ଭମାନଙ୍କ ଦେଶରେ ସ୍ୱାଧୀନତାର ଅର୍ଥ ଆତ୍ମପ୍ରାଧାନ୍ୟ ସଂସ୍ଥାପନ। ପ୍ରତ୍ୟେକେ ମନେ କରନ୍ତି, ସେହି ଏକା ସ୍ୱାଧୀନ—ଅନ୍ୟ ସମସ୍ତେ ତାଙ୍କ ମତର ଅଧୀନ ହେବେ! ତହିଁ ଉପରେ ଯେବେ କୌଣସି ପ୍ରକାର ପଦଗୌରବ ଥାଏ, ତେବେ ତ ଆଉ ରକ୍ଷା ନାହିଁ! ଏ ଦୁର୍ଭାଗ୍ୟ ଦେଶରେ ପଦଗୌରବ ଦେଖି ମନ ଯୋଗାଇବା—ଧଳାକୁ କଳା, କଳାକୁ ଧଳା କହିବା ପାଇଁ ଲୋକର ଅଭାବ ନାହିଁ। ସାହିତ୍ୟ କ୍ଷେତ୍ରରେ ମତଭେଦ-ଜନିତ ବ୍ୟକ୍ତିଗତ ଆକ୍ରମଣ ଓ ବିଦ୍ୱେଷର ପରାକାଷ୍ଠା ଉତ୍କଳଭୂମିରେ ଦେଖା ଯାଇଅଛି ଏବଂ ଆଜି ପର୍ଯ୍ୟନ୍ତ ତାହାର ନିଦର୍ଶନ ମଧ୍ୟ ରହି-ଅଛି। ପୁଣି ଗ୍ରନ୍ଥକାର ହେବାର ଆକାଂକ୍ଷାଟା ମଧ୍ୟ ଅନେକ ଉତ୍କଳସନ୍ତାନମାନଙ୍କ ମନରେ ବେଜାଏ ପ୍ରବଳ ହୋଇ ପଡ଼ୁଅଛି। ଦୁଇ ଚାରି ପତ୍ରର ଖଣ୍ଡେ ପୁସ୍ତକ କୌଣସି ପ୍ରକାରେ ଛପାଇ ପାରିଲେ ହେଲା—ପୁସ୍ତକର ମୂଲ୍ୟ କିଛି ଥାଉ ବା ନ ଥାଉ, ତେଣିକି କାହାରି ଦୃଷ୍ଟି ନାହିଁ। "ଉପରୋଧରେ, ଅନୁରୋଧରେ ବା ବୃଥା ମନୋମାଳିନ୍ୟ ନିବାରଣ ଉଦ୍ଦେଶ୍ୟରେ" ଅଯଥା ପ୍ରଶଂସାପତ୍ର ଲେଖି ଦେବା ପାଇଁ ଅନେକଙ୍କର ଲେଖନୀ ଆଦୌ ସଙ୍କୁଚିତ

Digitized by srujanika@gmail.com

ନୁହେ ! ଏଥିରେ ସାହିତ୍ୟର ଗତି କେଉଁ ଆଡ଼କୁ ହେବ, ତାହା ସହଜରେ ବୁଝି ଯାଉଅଛି । ଏକ ଆଡ଼େ ସାଧନା ନାହିଁ, ଅନ୍ୟ ଆଡ଼େ ଧୈର୍ଯ୍ୟ ବା ସହିଷ୍ଣୁତା ନାହିଁ । ଏପରି ଅବସ୍ଥାରେ ମନୁଷ୍ୟ କିପରି ସାହିତ୍ୟସେବାର ଉପଯୁକ୍ତ ହେବ ? ଲୋକେ ବଡ଼ ବଡ଼ ଲେଖକଙ୍କର ଗୋଟାକାତେ ଭାବ ଗ୍ରହଣ କରି ଓ ଭାଷାର ବିକୃତ ଅନୁକରଣ କରି କବି ହୋଇ ପଡ଼ୁଅଛନ୍ତି—ଲୋକଚରିତ ଅଧ୍ୟୟନ ନ କରି, ଚରିତ୍ର ଅଙ୍କନରେ ନିପୁଣତା ଲାଭ ନ କରି କାବ୍ୟକାର ଓ ଔପନ୍ୟାସିକ ହେବାକୁ ବସିଅଛନ୍ତି ! ହାୟ ! କି ବିଡ଼ମ୍ବନା ! ପୃଥିବୀର ସକଳ ବିଷୟରେ ଶିକ୍ଷା ଅଛି, ସାଧନା ଅଛି, କ୍ରମବିକାଶ ଅଛି—ନାହିଁ କେବଳ ସାହିତ୍ୟକ୍ଷେତ୍ରରେ ? ସାହିତ୍ୟଟା କ'ଣ ଏତେ "ନକଡ଼ା ଛକଡ଼ାର" ଜିନିଷ ? ଉତ୍କଳସାହିତ୍ୟର 'ମା ବାପ' ନାହିଁ—ଉତ୍କଳ ସାହିତ୍ୟ ପାଇଁ ଚିନ୍ତା କରିବାର ଲୋକ ନାହିଁ—ସମସ୍ତେ 'ହାମବଡ଼ା' ଜ୍ଞାନୀ-'ଓଳିଆରୁ ଗଜା !' କହିବ କିଏ କାହାକୁ ?

କହିବାର ଅନେକ ଅଛି, ଲେଖିବାର ଅନେକ ଅଛି । କିନ୍ତୁ ଅଧିକ କିଛି କହିବାକୁ ପ୍ରବୃତ୍ତି ହେଉ ନାହିଁ । କାହାରିକୁ ନିରୁତ୍ସାହ କରିବା ଆମ୍ଭମାନଙ୍କର ଆଦୌ ଉଦ୍ଦେଶ୍ୟ ନୁହେଁ । ଯଥାର୍ଥ ଅନୁରାଗ ଓ ଉପଯୁକ୍ତ ସାଧନାର ଅଭାବ ଦେଖି ନିତାନ୍ତ ଅନିଚ୍ଛାସତ୍ତ୍ୱେ ଗମ୍ଭୀର ଖେଦର ସହିତ ଦୁଇ ଚାରି କଥା କହିବାକୁ ବାଧ୍ୟ ହେଲୁଁ । ଯେଉଁମାନେ ଚିରକାଳ ଆମ୍ଭମାନଙ୍କର ଭକ୍ତି ଓ ଶ୍ରଦ୍ଧାର ପାତ୍ର, ସେମାନଙ୍କ ବିରୁଦ୍ଧରେ ଯେ କଥା କହିବାକୁ ହେଲା ଏହା କେବଳ ଆମ୍ଭମାନଙ୍କର ଦୁରଦୃଷ୍ଟ । ଜାଣୁ ନାହିଁ, ଆମ୍ଭମାନଙ୍କ କାତରୋକ୍ତି କାହାରି କର୍ଣ୍ଣରେ ପ୍ରବେଶ କରିବ କି 'ଅରଣ୍ୟରେ ରୋଦନ' ଉପରେ ପରିଣତ ହେବ ।

## ରାଜଶକ୍ତି ଓ ପ୍ରଜାଶକ୍ତି (୧)

"It is Swedenborg's theory, that every organ is made up of homogeneous particles; or, as it is sometimes expressed, every whole is made of similars, that is, the lungs are composed of infinitely small lungs, the liver, of infinitely small livers; the kidney, of little kidneys, & c. Following this analogy if any man is found to carry with him the power and affections of vast numbers, if Napoleon is France, if Napoleon ig Europe, it is because the poeple whom he sways are little Nepoleons" Emreson.

ଏକ ଶକ୍ତି-ଏକ ମହାନଶକ୍ତି—ବିଶ୍ୱବିଜୟୀ-ଶକ୍ତି—ବ୍ରହ୍ମଶକ୍ତି । ଏପରି କାର୍ଯ୍ୟର ଅନୁଷ୍ଠାନ ହୋଇନାହିଁ କି ହେଉନାହିଁ, ଯାହାର ମୂଳରେ ଏହି ଶକ୍ତି କାର୍ଯ୍ୟ କରୁନାହିଁ-ଏହି ଭୂମା ମହାନ ଶକ୍ତି ଦୁଇଭାଗରେ ବିଭକ୍ତ—ଏକ ରାଜଶକ୍ତି, ଅପର ପ୍ରଜାଶକ୍ତି । କି ଜଡ଼ଜଗତରେ କି ଜୀବଜଗତରେ କି ଅଧ୍ୟାତ୍ମଜଗତରେ ଏହି ଦୁଇଶକ୍ତିର ଲୀଳା ସର୍ବତ୍ର ଦୃଷ୍ଟ ହୁଏ—ଏହି ଦୁଇ ଶକ୍ତିର ମିଳନ ଓ ସଂଘର୍ଷଣରୁ ଅମୃତ ଓ ବିଷ ଜାତ ହେଉଅଛି, ଏହି ଦୁଇ ଶକ୍ତି ମଧ୍ୟରେ ଜୟ ପରାଜୟ ନିତ୍ୟ ଲାଗିଅଛି । ଜଡ଼ଜଗତରେ

Digitized by srujanika@gmail.com

ପ୍ରତ୍ୟେକ ଜଡ଼ପଦାର୍ଥର ଅଭ୍ୟନ୍ତରରେ ଏହି ଶକ୍ତି ପ୍ରଜାଶକ୍ତିରୂପରେ ବର୍ତ୍ତମାନ ଥାଇ ଜଡ଼ପଦାର୍ଥକୁ ଗତି-ଶକ୍ତି ପ୍ରଦାନ କରୁଅଛି— ରାଜଶକ୍ତି ମାଧ୍ୟାକର୍ଷଣ ନାମ ଧରି ସମସ୍ତ ଜଡ଼-ପିଣ୍ଡର ସ୍ୱେଚ୍ଛାଚାରୀ ଗତିକୁ ନିୟମିତ କରୁଅଛି । ପ୍ରଜାଶକ୍ତି ବଳରେ ଗ୍ରହ ନକ୍ଷତ୍ରାଦି ଅନ୍ତରୀକ୍ଷରେ ଗତି କରୁଅଛନ୍ତି, ରାଜଶକ୍ତି ସୂର୍ଯ୍ୟର ଅଭ୍ୟନ୍ତରରେ ବିଦ୍ୟମାନ ଥାଇ ପ୍ରଜା-ଗ୍ରହନକ୍ଷତ୍ରାଦିର ପ୍ରଜାଶକ୍ତିକୁ ବିପଥଗାମୀ ହେବାକୁ ଦେଉ ନାହିଁ । ପ୍ରାଣୀଜଗତରେ ଶକ୍ତି ପ୍ରଜାଶକ୍ତିରୂପରେ ବର୍ତ୍ତମାନ ଥାଇ ପ୍ରତ୍ୟେକ ପ୍ରାଣୀକୁ ଗତି ମୁକ୍ତିର ପଥ ଦେଖାଇ ଜୀବନ୍ତ ରଖିଅଛି । ରାଜଶକ୍ତି ସର୍ବୋପରି ବିଦ୍ୟମାନ ଥାଇ ରାଜାରୂପରେ ସେମାନଙ୍କୁ ଲାଳନ ପାଳନ ଓ ଶାସନ କରୁଅଛି । ମନୁଷ୍ୟ ମଧ୍ୟରେ ପ୍ରଜାଶକ୍ତି ଆତ୍ମାରୂପଧାରୀ ବିବେକର ସାହାଯ୍ୟରେ ମନୁଷ୍ୟ-ଜୀବନକୁ ପାପରୁ ଉଦ୍ଧାର କରି ସେହି ଭୂମା ମହାନ ବିଶ୍ୱବିଜୟୀ ରାଜଶକ୍ତି ଆଡ଼କୁ ତାକୁ ପଥ ଦେଖାଉଅଛି, ରାଜଶକ୍ତି କେଶବର୍ଷଣ କରି ସମସ୍ତଙ୍କୁ ସ୍ୱନିକେତନକୁ ଆକର୍ଷଣ କରୁଅଛି । ରାଜଶକ୍ତି ପରମାତ୍ମା ନାମ ଧରି ମନୁଷ୍ୟ ଆତ୍ମାର ସ୍ୱେଚ୍ଛାଚାରୀ ଭାବକୁ ଦମନ କରି ନିଜର ଜୟ ଘୋଷଣା କରୁଅଛି ।

ସମସ୍ତ ପ୍ରଜାଶକ୍ତିର ସମଷ୍ଟି ରାଜଶକ୍ତି । ରାଜଶକ୍ତିକୁ ବିଶ୍ଳେଷଣ କରି ଦେଖିଲେ କେବଳ ଅସଂଖ୍ୟ ପ୍ରଜାଶକ୍ତି ଦୃଷ୍ଟ ହୁଏ । ସମସ୍ତ ପ୍ରଜାଶକ୍ତିର ସଂଶ୍ଳେଷଣରେ ରାଜଶକ୍ତି ଗଠିତ ହୁଏ । ଏହି ରାଜଶକ୍ତିର ଦର୍ଶକ ପ୍ରଜା ରାଜଭକ୍ତ—ପ୍ରଜାଶକ୍ତିର ଦର୍ଶକ ରାଜା ପ୍ରଜା-ବତ୍ସଳ । ଯେଉଁ ପ୍ରଜା ରାଜା ଭିତରେ ନିଜଶକ୍ତି ଦର୍ଶନ କରେ, ସେ କେବେ ରାଜବିଦ୍ରୋହୀ ହୋଇ ପାରିବ ନାହିଁ । ଯେଉଁ ରାଜା ପ୍ରଜାପୁଞ୍ଜ-ମଧ୍ୟରେ ନିଜର ରାଜଶକ୍ତି ଦର୍ଶନ କରନ୍ତି ସେ କେବେହେଁ ପ୍ରଜାପୀଡ଼କ ହୋଇ ପାରିବେ ନାହିଁ । ରାଜଶକ୍ତି ଓ ପ୍ରଜାଶକ୍ତି ଉଭୟ ଉଭୟର ସମୟରେ ମିତ୍ର, ଏବଂ ସମୟରେ ଶତ୍ରୁ । ଦୁଇ-ଶକ୍ତି ଅନ୍ୟୋନ୍ୟାପେକ୍ଷଶକ୍ତି ।

ଏକର ଅସ୍ତିତ୍ୱ ଅନ୍ୟର ଅସ୍ତିତ୍ୱ ଉପରେ ନିର୍ଭର କରେ—ପ୍ରଜାଶକ୍ତି ନ ଥିଲେ ରାଜଶକ୍ତିର ଆଦର ନାହିଁ—ରାଜଶକ୍ତି ନ ଥିଲେ ପ୍ରଜାଶକ୍ତିର ମଙ୍ଗଳ ନାହିଁ—ଯେକୌଣସି ପ୍ରକାରେ ଉଭୟ-ଶକ୍ତି ଅବଶ୍ୟ ଥିବ—ନଥିଲେ କେବଳ ଅରାଜକତା, ବିଶୃଙ୍ଖଳତା (Chaos) ରାଜତ୍ୱ କରିବ ।

ଏହି ଦୁଇ ଶକ୍ତି ମଧ୍ୟରେ ଏକ ରାଜା ଅପର ପ୍ରଜା, ଏକ ପିତା ଓ ଅପର ପୁତ୍ର । ଏକ ଗୁରୁ ଅପର ଶିଷ୍ୟ, ଏକ ସେନାପତି ଅପର ସେନା, ଏକ ଗୃହକର୍ତ୍ତା ଅପର ଗୃହସ୍ଥ-ବ୍ୟକ୍ତି । ଏହି ଦୁଇ ଶକ୍ତି ନ ଥିଲେ ଏହି ଶୋଭା-ସୁଖପୂର୍ଣ୍ଣ ବିଶ୍ୱ ନିୟମରେ ପରିଚାଳିତ ହୋଇ ନଥାନ୍ତା, ପ୍ରଜା ରାଜାର ଶାସନରୁ ପଳାୟନ କରନ୍ତା, ପୁତ୍ର ପିତାର ଅବାଧ୍ୟ ହୁଅନ୍ତା, ଶିଷ୍ୟ ଗୁରୁର ଆଜ୍ଞା ଲଙ୍ଘନ କରନ୍ତା, ଛାତ୍ର ଶିକ୍ଷକର ଶିକ୍ଷାରେ ଅମନଯୋଗୀ ହୁଅନ୍ତା, ସମରକ୍ଷେତ୍ରରେ ସେନା ସେନାପତିର ଆଦେଶାନୁଯାୟୀ କାର୍ଯ୍ୟ କରନ୍ତା ନାହିଁ ଗ୍ରହ ନକ୍ଷତ୍ରାଦ ସୌରଜଗତରୁ ପଳାୟନ କରି କେଉଁଠାରେ ନିପତିତ ହୁଅନ୍ତା । ରାଜଶକ୍ତି ରାଜାର ଭିତରେ ରହି ଅସଂଖ୍ୟ ପ୍ରଜାଙ୍କୁ ଶାସନ କରୁଅଛି, ପିତାର ଅଭ୍ୟନ୍ତରରେ ଥାଇ ପୁତ୍ର କନ୍ୟାଙ୍କୁ ସତ୍ପଥରେ ରଖି ସେମାନଙ୍କୁ ସଂସାରର ଉପଯୋଗୀ କରୁ-ଅଛି, ଗୁରୁ ହୋଇ ଶିଷ୍ୟକୁ ନାନା ପ୍ରକାର ଗଭୀର ତତ୍ତ୍ୱ ଶିକ୍ଷା ଦେଉଅଛି, ଶିକ୍ଷକ ହୋଇ ଛାତ୍ରମାନଙ୍କୁ ଅଧ୍ୟାପନା କରୁଅଛି, ଗୃହକର୍ତ୍ତା ହୋଇ ପରିବାରସ୍ଥ ପ୍ରତ୍ୟେକ ଲୋକଙ୍କୁ ସୁଖ ଶାନ୍ତିରେ ରକ୍ଷା କରୁଅଛି, ସମରକ୍ଷେତ୍ରରେ ସେନାପତି ହୋଇ ଯୁଦ୍ଧରେ ଜୟୀ ହେବା ନିମିତ୍ତ ସେନାମାନଙ୍କୁ ନାନାପ୍ରକାର ଯୁଦ୍ଧକୌଶଳ ଶିକ୍ଷା

Digitized by srujanika@gmail.com

ଦେଉଛି—ପବିତ୍ର ଦୁଇ ଶକ୍ତିର କ୍ରୀଡ଼ା, ଦୁଇ ଶକ୍ତିର କାର୍ଯ୍ୟ—ଦୁଇ ଶକ୍ତିର ମିଳନରେ ଶାନ୍ତି, ସୁଖ, ମଙ୍ଗଳ ଅଛି—ଦୁଇ ଶକ୍ତିର ଅମିଳନ, ଅଶାନ୍ତି, ବିଦ୍ରୋହ, ଅରାଜକତା, ପାପ ଓ ମୃତ୍ୟୁର କାରଣ ।

ରାଜା ଜଣେ—ପ୍ରଜା ଅସଂଖ୍ୟ । ଈଶ୍ୱର ଯେବେ ମନୁଷ୍ୟ ମଧ୍ୟରେ ରାଜଶକ୍ତି ଦେଇ ତାକୁ ରାଜା କରି ନ ଥାନ୍ତେ ଏବଂ ପ୍ରଜାମାନଙ୍କ ଭିତରେ ପ୍ରଜାଶକ୍ତି ଦେଇ ସେମାନଙ୍କୁ ରାଜାର ଅଧୀନ ନ କରିଥାନ୍ତେ, କି ସାଧ୍ୟ ଜଣେ ମନୁଷ୍ୟ ଅସଂଖ୍ୟ ପ୍ରଜାବର୍ଗଙ୍କର ନେତା, ଶାସନକର୍ତ୍ତା ହୋଇ ସେମାନଙ୍କୁ ଶାସନରେ ରଖିପାରନ୍ତା । କୌଣସି ମନୁଷ୍ୟ ପକ୍ଷରେ ନିଜର ବାହୁବଳରେ ଅସଂଖ୍ୟ ପ୍ରଜାଙ୍କ ଉପରେ ରାଜା ହେବା ଅସମ୍ଭବ କଥା—ପ୍ରତ୍ୟେକ ଦେଶର ପ୍ରତ୍ୟେକ ରାଜା ଈଶ୍ୱରପ୍ରେରିତ ଓ ଈଶ୍ୱରାଭିଷିକ୍ତ । ଯେପରି ପାପୀମାନଙ୍କ ଉଦ୍ଧାର ନିମିତ୍ତ ମହର୍ଷି ଈଶା, ପ୍ରେମିକ ଚୈତନ୍ୟ ପ୍ରଭୃତି ଈଶ୍ୱରପ୍ରେରିତ ସେହିପରି ପ୍ରଜାମାନଙ୍କୁ ପାଳନ କରିବା ନିମିତ୍ତ ରାଜା ପ୍ରେରିତ ଏଥିରେ ସନ୍ଦେହ ନାହିଁ ।

ପୂର୍ବରେ ଉଲ୍ଲେଖ କରା ହୋଇଅଛି ପ୍ରଜାଶକ୍ତିର ସମଷ୍ଟି ରାଜଶକ୍ତି । ସମସ୍ତ ପ୍ରଜାଶକ୍ତିର ସମଷ୍ଟି ସହିତ ରାଜଶକ୍ତି ସମାନ । ପ୍ରଜାଙ୍କ ପ୍ରଜାଶକ୍ତିର ସମଷ୍ଟି ସହିତ ଯେତେବେଳେ ରାଜଶକ୍ତି ସମାନ ଥାଏ, ସେତେବେଳେ ରାଜ୍ୟରେ ସୁଖ ଶାନ୍ତି ବିରାଜୁ ଥାଏ । ମନେକର କୌଣସି ଏକ ରାଜ୍ୟର ପ୍ରଜାସଂଖ୍ୟା ୧୦୦୦, ସୁତରାଂ ପ୍ରଜାଶକ୍ତିର ସମଷ୍ଟି ୧୦୦୦ । ରାଜଶକ୍ତିର ପରିମାଣ ୧୦୦୦ । ରାଜା ଯେବେ ଦୁରାଚୃଷ୍ଟ, ପ୍ରଜାପୀଡ଼କ ହୋଇ ନିଜର ସ୍ୱାର୍ଥ ସେବନ ରତ ହୁଅନ୍ତି, ଈଶ୍ୱର ତାଙ୍କର ରାଜଶକ୍ତିର ପରିମାଣ ହ୍ରାସ କରି ଦିଅନ୍ତି—ମନେକର ରାଜଶକ୍ତିର ପରିମାଣ ପାପାନୁଷ୍ଠାନ ହେତୁରୁ ୮୦୦ ହେଲା, କିନ୍ତୁ ପ୍ରଜାଶକ୍ତିର ପରିମାଣ ପୂର୍ବପରି ୧୦୦୦ ରହିଅଛି, ତାହାହେଲେ ପ୍ରଜାଶକ୍ତି ରାଜଶକ୍ତିକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରି ହୁଏତ ଅନ୍ୟକୁ ରାଜସିଂହାସନରେ ଅବସ୍ଥାପିତ କରିବ, ନୋହିଲେ ପ୍ରଜାତନ୍ତ୍ର ଶାସନପ୍ରଣାଳୀ ପ୍ରବର୍ତ୍ତିତ କରିବ । ଅନ୍ୟ ପକ୍ଷରେ ପ୍ରଜାମାନେ ଯେବେ ପାପାଚାରୀ ହୋଇ ଅନ୍ୟାୟରେ ରାଜଶକ୍ତିର ବିରୁଦ୍ଧରେ ହସ୍ତୋତ୍ତୋଳନ କରିବେ, ରାଜଶକ୍ତି ନିକଟରେ ମସ୍ତକ ଅବନତ ନ କରି ସ୍ୱୟଂ ପ୍ରଧାନ ହେବାକୁ ଚେଷ୍ଟା କରିବେ ତେବେ ସେମାନଙ୍କ ପ୍ରଜାଶକ୍ତିକୁ ଈଶ୍ୱର କର୍ତ୍ତନ କରି ୮୦୦ ରଖିବେ, ତାହାହେଲେ ରାଜଶକ୍ତି ସେମାନଙ୍କୁ ପଦଦଳିତ କରି ପୂର୍ବପରି ଶାସନରେ ରଖିବେ—ଏହା ଈଶ୍ୱରଙ୍କର ଅଲଙ୍ଘ୍ୟ ବିଧାନ । ରାଜଶକ୍ତି ହ୍ରାସର ଫଳ ରାଷ୍ଟ୍ରବିପ୍ଳବ—ଫରାସୀ ରାଷ୍ଟ୍ରବିପ୍ଳବ—ବିପ୍ଳବ ଓ ଇଂଲଣ୍ଡର ପ୍ରଥମ ଚାର୍ଲସ ସମୟର ଅନ୍ତର୍ଜାତୀୟ ଯୁଦ୍ଧ ଏହାର ଜ୍ୱଳନ୍ତ ଉଦାହରଣ । ପ୍ରଜାଶକ୍ତିର ହ୍ରାସରୁ ଯେ ମନ୍ଦଫଳ ଜାତ ହୁଏ ତାହାର ଉଦାହରଣ ବର୍ତ୍ତମାନ ଆମ୍ଭମାନଙ୍କ ଦେଶରେ ଜୀବନ୍ତ ରହିଅଛି—ଦୂରଦେଶରେ ଅନ୍ୱେଷଣ କରିବାକୁ ହେବ ନାହିଁ । ଫ୍ରାନସର ରାଜା ଦୁଷ୍ଟଚରିତ୍ର ହୋଇ ପ୍ରଜାଶକ୍ତିର ଅବମାନନା କଲେ—ସର୍ବଶକ୍ତିର ମୂଳାଧାର ପ୍ରଭୁ ପରମେଶ୍ୱର ଲୁଇଙ୍କର ଅତ୍ୟାଚାର ସହ୍ୟ ନ କରି ପାରି ରାଜଶକ୍ତି ବା ରାଜଶ୍ରୀ ତାଙ୍କ ହସ୍ତରୁ କାଢିନେଲେ । ପ୍ରଜାଶକ୍ତିର ସମଷ୍ଟି ରାଜଶକ୍ତି ଉପରେ ପାଦସ୍ଥାପନପୂର୍ବକ ସାମ୍ୟ, ମୈତ୍ରୀ ଓ ସ୍ୱାଧୀନତାର ପତାକା ଉଡ୍ଡୀନ କଲା—ପ୍ରଜାତନ୍ତ୍ର ଶାସନପ୍ରଣାଳୀ ପ୍ରତିଷ୍ଠିତ ହେଲା—ପ୍ରଜାଶକ୍ତିର ସମଷ୍ଟି ରାଜଶକ୍ତି ହୋଇ ରାଜ୍ୟଶାସନ କଲା ।

ରାଜଶକ୍ତି ଓ ପ୍ରଜାଶକ୍ତି ଦୁଇ ଦୁର୍ଜ୍ଜୟ ଶକ୍ତି—କେହି କାହା ଅପେକ୍ଷା ନ୍ୟୂନ ନୁହେ—ସମୟରେ ରାଜଶକ୍ତି ପ୍ରଜାଶକ୍ତିକୁ ପାଦଦଳିତ କରୁଅଛି ଏବଂ ପ୍ରଜାଶକ୍ତି ରାଜଶକ୍ତିକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରୁଅଛି—ଦୁଇଶକ୍ତି ଈଶ୍ୱରପ୍ରଦତ୍ତ—ଈଶ୍ୱର ଇଚ୍ଛାରେ ଗୋଟିଏ ଅନ୍ୟଟିର ଉପରେ ଜୟୀ

Digitized by srujanika@gmail.com

ପରାଜୟ ଘୋଷଣା କରୁଅଛି । ସୃଷ୍ଟି ଆଦ୍ୟରୁ ଦୁଇଶକ୍ତିର ଉତ୍ଥାନ ପତନ ଲାଗିଅଛି—ଉତ୍ଥାନ ଓ ପତନର କାରଣ ଆଉ କିଛି ନୁହେଁ,କେବଳ ପୁଣ୍ୟ ଓ ପାପର ଅଳ୍ପାଧିକ୍ୟ ।

ବାହାରକୁ ରାଜା ପ୍ରଜା ଦୁଇ ସ୍ୱତନ୍ତ୍ର ବ୍ୟକ୍ତି—କିନ୍ତୁ ଭିତରେ ଏକ ବ୍ୟକ୍ତି—ଯେହେତୁ ଏକ ମହାନ୍ ଶକ୍ତିର ଅଂଶ ପ୍ରତ୍ୟେକଙ୍କ ଭିତରେ ବିଦ୍ୟମାନ—ପାର୍ଥକ୍ୟ ଏତିକି ଯେ ଜଣେ ବୃହତ୍, ଅନ୍ୟଜଣ କ୍ଷୁଦ୍ରକାୟ। ପ୍ରତ୍ୟେକ ପ୍ରଜା ଗୋଟିଏ ୨ କ୍ଷୁଦ୍ର ରାଜା—ସମରକ୍ଷେତ୍ରରେ ସେନାପତିର ବଳବୀର୍ଯ୍ୟ, ଉଦ୍ୟମ, ସାହସର ଏକ ଏକ ଅଂଶ ଯେବେ ସେମାନଙ୍କ ଭିତରେ ନ ଥାନ୍ତା, ସେମାନେ ସେନାପତିଙ୍କ ଆଦେଶ ପାଇବା ମାତ୍ରେ ବୀରରସରେ ଉନ୍ମତ୍ତ ହୋଇ ଯୁଦ୍ଧକୁ ଅଗ୍ରସର ହେଉ ନ ଥାନ୍ତେ—ଯେପରି ସେନାମାନେ ଗୋଟିଏ ୨ କ୍ଷୁଦ୍ର ସେନାପତି, ସେହିପରି ପ୍ରଜାମାନେ ଗୋଟିଏ ୨ କ୍ଷୁଦ୍ରରାଜା । ଭୂମା ମହାନ ଶକ୍ତିର ଅଂଶ ଯେପରି ଆତ୍ମାରୂପରେ ପ୍ରତ୍ୟେକ ମନୁଷ୍ୟ ଭିତରେ ବର୍ତ୍ତମାନ—ସେହିପରି ରାଜଶକ୍ତି ପ୍ରଜା ମଧ୍ୟରେ, ସେନାପତି ଶକ୍ତି ସେନା ମଧ୍ୟରେ ବର୍ତ୍ତମାନ । ପ୍ରଜାଶକ୍ତି ରାଜଶକ୍ତି ଭିତରେ, ରାଜଶକ୍ତି ପ୍ରଜାଶକ୍ତି ଭିତରେ । ରାଜା ଯେତେକାଳ ପର୍ଯ୍ୟନ୍ତ ପ୍ରଜା ମଧ୍ୟରେ ଆପଣାର ରାଜଶକ୍ତିର ଅଂଶ ଦର୍ଶନ କରି ପ୍ରତ୍ୟେକ ପ୍ରଜାକୁ କ୍ଷୁଦ୍ର ୨ ଭ୍ରାତୃରାଜ ଜ୍ଞାନ କରି ପ୍ରଜାଶକ୍ତିର ସମ୍ମାନ କରୁଥିବେ ତେତେକାଳ ପର୍ଯ୍ୟନ୍ତ ରାଜଶକ୍ତି ଅଟଳ ଥିବ । ପ୍ରଜାବୃନ୍ଦ ଯେତେକାଳ ପର୍ଯ୍ୟନ୍ତ ରାଜଶକ୍ତି ଭିତରେ ସେମାନଙ୍କ ପ୍ରଜାଶକ୍ତିକୁ ଦର୍ଶନ କରି ରାଜଭକ୍ତିରେ ଉଚ୍ଛ୍ୱସିତ ହେଉଥିବେ ସେମାନେ ରାଜଶାସନରେ ନିର୍ଭୟରେ ସୁଖଶାନ୍ତି ଭୋଗକରି ରାଜ୍ୟର କଲ୍ୟାଣକର କାର୍ଯ୍ୟରେ ବ୍ରତୀ ଥିବେ । ଯେଉଁ ରାଜା ପ୍ରଜାଶକ୍ତିର ଅବମାନନା କରନ୍ତି, ସେ ନିଜର ରାଜଶକ୍ତିର ମଧ୍ୟ ଅବମାନନା କରନ୍ତି । ଏକ ସମୟରେ କଲିକତାସ୍ଥ କତିପୟ ଇଂରାଜ କର୍ମଚାରୀ ଗ୍ଲେଟ ଲାଟସାହେବଙ୍କୁ ଭୋଜନରୁ ନିମନ୍ତ୍ରଣ କରିଥିଲେ । ଗ୍ଲେଟଲାଟ ନିମନ୍ତ୍ରଣ ପତ୍ର ଉପରେ ଦେଖିଲେ କଲିକତାର ସମସ୍ତ ସିବିଲିଆନଙ୍କ ନାମ ଅଛି, କେବଳ ଜଣେ କଳା ସିବିଲିଆନଙ୍କ ନାମ ନାହିଁ—ତତ୍‌କ୍ଷଣାତ୍ ଗ୍ଲେଟ ଲାଟ ବାହାଦୁର ନିମନ୍ତ୍ରଣକାରୀମାନଙ୍କ ନିକଟକୁ ଏହି ମର୍ମରେ ପତ୍ର ଲେଖିଲେ ଯେ ସେ ନିମନ୍ତ୍ରଣକାରୀମାନଙ୍କ ଦ୍ୱାରା କୌଣସି ଏକ ବିଷୟରେ ଅପମାନିତ ହୋଇଅଛନ୍ତି । ଅତଏବ ସେ ସେମାନଙ୍କ ନିମନ୍ତ୍ରଣ ରକ୍ଷା କରିବାକୁ କୁଣ୍ଠିତ । ନିମନ୍ତ୍ରଣକାରୀମାନେ ପତ୍ର ପାଠ କରି ଆଶ୍ଚର୍ଯ୍ୟାନ୍ୱିତ ହୋଇ ତତ୍‌କ୍ଷଣାତ୍ ଗ୍ଲେଟଲାଟଙ୍କ ଭବନକୁ ଦଉଡ଼ିଲେ--ସେଠାରେ ଉପସ୍ଥିତ ହୋଇ କହିଲେ ଯେ ସେମାନେ ତାଙ୍କୁ କେବେ କୌଣସି ବିଷୟରେ ଅପମାନିତ କରି ନାହାନ୍ତି, ଯେବେ କେବେ ଅଜ୍ଞାତରେ କରିଥାନ୍ତି, ସେଥି ନିମିତ୍ତ କ୍ଷମା ପ୍ରାର୍ଥନା କଲେ—ଗ୍ଲେଟଲାଟ ସେମାନଙ୍କୁ କହିଲେ "ମୁଁ ପୂର୍ବେ ଜଣେ ଅଳ୍ପବେତନ ଭୋଗୀ ସିବିଲିଆନ ଥିଲି, ଯେତେ ସିବିଲିଆନ ସମସ୍ତେ ଏକ ଭ୍ରାତୃମଣ୍ଡଳୀର ଅନ୍ତର୍ଗତ—ଯେତେବେଳେ ଜଣେ ସିବିଲିଆନକୁ ନିମନ୍ତ୍ରଣ ନକରି ତାକୁ ଅପମାନିତ କରିଅଛ, ତେତେବେଳେ (Civilian brotherhood) ·ସିବିଲିଆନ ଭ୍ରାତୃମଣ୍ଡଳୀର ଅବମାନନା କରିଅଛ । ପ୍ରଥମେ ତାଙ୍କୁ ନିମନ୍ତ୍ରଣ କର, ନିମନ୍ତ୍ରଣ କରି ନ ଥିଲ ବୋଲି ତାଙ୍କ ନିକଟରେ କ୍ଷମା ପ୍ରାର୍ଥନା କର, ତତ୍ପରେ ମୋତେ ନିମନ୍ତ୍ରଣ କରିବାକୁ ଆସିବ—ନିମନ୍ତ୍ରଣକାରୀମାନେ ତଦ୍ରୂପ କଲେ, ତେବେ ଯାଇ ଗ୍ଲେଟଲାଟ ଭୋଜନ କରିବାକୁ ବାହାରିଲେ—ଏହି ଦୃଷ୍ଟାନ୍ତରୁ କ'ଣ ପ୍ରତିପନ୍ନମାନ ହୁଏ ! କ୍ଷୁଦ୍ର ରାଜା ଅପମାନିତ ହେଲେ ମହାନ ରାଜା ତଦ୍ୱାରା ଅପମାନିତ ହୁଅନ୍ତି, ପୂର୍ବୋକ୍ତ ଘଟନାରୁ ଏହା

Digitized by srujanika@gmail.com

ପ୍ରମାଣିତ ହେଉନାହିଁ କି ? ପ୍ରଜାମଣ୍ଡଳୀ କ୍ଷୁଦ୍ର ରାଜମଣ୍ଡଳୀର ପ୍ରତିଶବ୍ଦ—ଗୋଟିଏ ୨ ପ୍ରଜାରେ ପ୍ରଜାମଣ୍ଡଳୀ ଗଠିତ—ପ୍ରଜା ଶକ୍ତି ଭିତରେ କ୍ଷୁଦ୍ର ରାଜଶକ୍ତି ବର୍ତ୍ତମାନ—କ୍ଷୁଦ୍ର କ୍ଷୁଦ୍ର ରାଜଶକ୍ତିର ସମଷ୍ଟି ମହାନ୍ ରାଜଶକ୍ତି ସହିତ ସମାନ । କ୍ଷୁଦ୍ର ପ୍ରଜାଶକ୍ତି ବା ରାଜଶକ୍ତିର ସମ୍ମାନ ଯେଉଁ ରାଜା ନକରନ୍ତି ସେ ଆତ୍ମସମ୍ମାନ କରିବା ପକ୍ଷରେ ଅକ୍ଷମ—ଏବଂ ପ୍ରଜାଶକ୍ତିର ଅବମାନନା ଦ୍ୱାରା ରାଜଶକ୍ତିକୁ ବିପଦଗ୍ରସ୍ତ କରନ୍ତି—ରାଜଶକ୍ତି ବା ରାଜଶ୍ରୀ ତାଙ୍କୁ ପରିତ୍ୟାଗ କରି ସ୍ଥାନାନ୍ତରକୁ ଗମନ କରିବାକୁ ଉଦ୍ୟତ ହୁଅନ୍ତି—ରାଜଶକ୍ତିର ମୁଖ କ୍ରମେ କ୍ରମେ ମଳିନ ହୁଏ—ସର୍ବଶକ୍ତିର ଆଧାର ରାଜ୍ୟକୁ "Comnonwealth" ସାଧାରଣ ସମ୍ପତ୍ତିରେ ପରିଣତ କରନ୍ତି—ସାମାନ୍ୟ ପ୍ରଜା Wath Tyler, Hampden ପ୍ରଭୃତି ଦଳପତି ହୋଇ ରାଜଶକ୍ତି ବିରୁଦ୍ଧରେ ପ୍ରଜାଶକ୍ତିକୁ ଚାଳିତ କରନ୍ତି । ପ୍ରଜାଶକ୍ତି ରକ୍ଷା ନିମିତ୍ତ ରାଜଶକ୍ତିର ସୃଷ୍ଟି—ପ୍ରଜାଶକ୍ତି ନ ଥିଲେ ରାଜଶକ୍ତିର ଆବଶ୍ୟକତା କଣ ? ରାଜା ପ୍ରଜା ଉପରେ । ରାଜଶ୍ରୀର ଉନ୍ନତି ପ୍ରଜା-ଶ୍ରୀ-ଉନ୍ନତି ଉପରେ ନିର୍ଭର କରେ । ପ୍ରଜାର ଶ୍ରୀହୀନତା ରାଜଶ୍ରୀହୀନତାର ପୂର୍ବଲକ୍ଷଣ । ପ୍ରଜାର ସୌନ୍ଦର୍ଯ୍ୟ ରାଜାର ସୌନ୍ଦର୍ଯ୍ୟ ବୃଦ୍ଧିକରେ । ପ୍ରଜା ଯେନି ରାଜା, ପ୍ରଜାଶକ୍ତିର ବିନାଶ ରାଜଶକ୍ତି ବିନାଶର କାରଣ । ଯେପରି ଉପତ୍ୟକା ନିକଟରେ ପର୍ବତର ଶୋଭା ସେହିପରି ପ୍ରଜା ନିକଟରେ ରାଜାର ଶୋଭା । ସେହି ଯେ ଛିନ୍ନକନ୍ଥପରିହିତ ପାନହୀନ କୃଷକ ଶରୀରର ରକ୍ତକୁ ଜଳ କରି ଦିବା ଦ୍ୱିପ୍ରହର ସମୟରେ ଭୂମି କର୍ଷଣ କରୁଅଛି, ତାହାର ସେ ପରିଶ୍ରମର ଫଳର ଅଂଶ କି ରାଜକୋଷକୁ ବୃଦ୍ଧିକରେ ନାହିଁ ? ତାହାର ପ୍ରଜାଶ୍ରୀ କି ରାଜଶ୍ରୀର ମୁକୁଟକୁ ଉଜ୍ଜ୍ୱଳ କରେ ନାହିଁ ? ତାହାର ପ୍ରଜାଶକ୍ତି ରାଜ-ଶକ୍ତିର ସମ୍ମାନାର୍ଥ ଭକ୍ତି କରି ଯଦି ନିଜ ପରିଶ୍ରମୋପାର୍ଜ୍ଜିତ ଫଳର ଅଂଶ ରାଜଶକ୍ତିର ପାଦତଳେ ଅର୍ପଣ ନ କରେ ରାଜକୋଷ ଅପୂର୍ଣ୍ଣ ରହିବ ନାହିଁ କି ? ପ୍ରଜା ଯେବେ ବର୍ଷଶେଷରେ ରାଜଦେୟ ଟଙ୍କା ରାଜାଙ୍କୁ ନ ଦିଏ, ରାଜାର ରାଜଗୌରବ ରକ୍ଷିତ ହୋଇ ପାରିବ କି ? ଯେଉଁ ପ୍ରଜା ଭକ୍ତିରେ ରାଜା ଭିତରେ ଥିବା ରାଜଶକ୍ତି ଦର୍ଶନ କରି ତାହାର ଭକ୍ତିର ମୂଲ୍ୟସ୍ୱରୂପ ରାଜଦେୟ ରାଜାଙ୍କୁ ପ୍ରଦାନ କରେ ସେ ଆଦର୍ଶ ପ୍ରଜା—ଯେଉଁ ରାଜା ପ୍ରଜା ଭିତରେ ପ୍ରଜାଶକ୍ତି ଦର୍ଶନ କରି ପ୍ରଜାଶକ୍ତିର ପ୍ରତିବଦଳରେ ପ୍ରଜାକୁ ସୁଖ ଶାନ୍ତିରେ ରକ୍ଷା କରନ୍ତି, ପ୍ରଜାର ଦୁଃଖରେ ରାଜକୋଷରୁ ଅର୍ଥ ପ୍ରଦାନ କରି ସାହାଯ୍ୟ କରେ ସେ ପ୍ରଜାବତ୍ସଳ ଆଦର୍ଶ ରାଜା-ରାଜଶକ୍ତି ଓ ପ୍ରଜାଶକ୍ତି ମଧ୍ୟରେ ଏହି ସମ୍ବନ୍ଧ-ଏହି ସମ୍ବନ୍ଧ ଛିନ୍ନ ହେଲେ ରାଜଶକ୍ତି ଓ ପ୍ରଜାଶକ୍ତିର ବନ୍ଧନରଜ୍ଜୁ ଛିନ୍ନ ହୁଏ-ପ୍ରଜା ରାଜା—ବିଦ୍ରୋହୀ, ରାଜା ପ୍ରଜାପୀଡ଼କ ହୁଅନ୍ତି । ଯେଉଁ ରାଜା ପ୍ରଜାବତ୍ସଳ ତାହାର ବିରୋଧୀ ହେବା ପ୍ରଜା ପକ୍ଷରେ ମହାପାପ, ଯେଉଁ ପ୍ରଜାମାନେ ରାଜଶକ୍ତିର ପୂଜା ନିମିତ୍ତ ସତତ ଉଦ୍ୟତ ସେମାନଙ୍କ ଅଧିକାରରେ ହସ୍ତକ୍ଷେପ କରିବା ରାଜପକ୍ଷରେ ମହାପାପ—ଏହି ମହାପାପର ଫଳ ଉଚ୍ଛୃଙ୍ଖଳତା, ଅରାଜକତା, ପରିଶେଷରେ ରାଜଶକ୍ତିର ହୀନତା ଓ ପତନ । ଯେପରି ରାଜାସମ୍ବନ୍ଧରେ ରାଜଶକ୍ତିର ପତନ, ତଦ୍ରୂପ ଅନ୍ୟ ପକ୍ଷରେ ପ୍ରଜାର ପାପର ଫଳ ପ୍ରଜାଶକ୍ତିର ହୀନତା, ପତନ ଓ ମୃତ୍ୟୁ ।

ଶ୍ରୀ ସାଧୁଚରଣ ରାୟ

———

Digitized by srujanika@gmail.com

# ପୁଷ୍କରିଣୀ

ଧନ୍ୟ ଧନ୍ୟ ପୁଷ୍କରିଣୀ ସୌନ୍ଦର୍ଯ୍ୟ ଶାଳିନୀ,
ଭାବୁକ-ଜନ-ହୃଦୟ-ଅହ୍ଲାଦଦାୟିନୀ ।
ଦେଖାଉ ଅଛୁ ଭିନ୍ନ ଭିନ୍ନ ଶୋଭା କ୍ଷଣେ କ୍ଷଣେ,
ଆହା କେତେ ପ୍ରୀତି ଦେଉ ଜୀବଙ୍କ ନୟନେ ।
ଏକା ନା ଦେଖାଉ ତାହା ସୌନ୍ଦର୍ଯ୍ୟ ବିଶେଷ,
ପ୍ରତ୍ୟେକ ବିଷୟରେ ଥାଏ ହିତ ଉପଦେଶ ।
ମୂକଗୁରୁ ରୂପେ ବସି ଦେଖାଉ ସଙ୍କେତ,
ବାରମ୍ବାର ବୋଲୁଅଛୁ ଶିଖି ଜ୍ଞାନ ଚେତ ।
ରୂପ ଗୁଣ କ୍ୱଚିଦ୍ଦୃଷ୍ଟ ହୁଏ ଏକାଧାରେ,
ନାନାରୂପ ନାନାଗୁଣ ଦେଖୁଅଛୁ ତୋଠାରେ,
ତୋର ରୂପ ଗୁଣ କିନ୍ତୁ କରୁଛୁ ପ୍ରକାଶ,
ଯେତେବେଳେ ଯାହା ଦେଖି ଲଭୁଛି ଉଲ୍ଲାସ ।
ଘନ ନିପତିତ ଜଳେ ପୂରାଉ ଉଦର,
ଭୂମିପ୍ରବାହରେ ତୋର ନ ଥାଏ ଆଦର ।
ସଞ୍ଚୟ କରନ୍ତି ନିଜ ଉପାର୍ଜିତ ଧନ,
ନ କରନ୍ତି ଲୋଭ ପରଦ୍ରବ୍ୟେ ସାଧୁଜନ ।
ସ୍ୱଚ୍ଛଭାବେ ରଖିଥାଉ ଆପଣା ଜୀବନ,
ବୋଲୁ ନାହିଁ କି ତା, ଏହିପରି କର ଜନ ।
ବାଷ୍ପରୂପେ ଜଳଦକୁ କରୁ ଜଳଦାନ,
ଗୋପନେ କରନ୍ତି ଦାନ ଉତ୍ତମ ବଦାନ୍ୟ ।
ତାରା ଚନ୍ଦ୍ରେ ବକ୍ଷ ପ୍ରଦ ହେଲେ ସୁଶୋଭିତ,
ନିଜ ହୃଦେ କରୁ ସେହି ସୁଦୃଶ୍ୟ ଚିତ୍ରିତ ।
ଯେତେବେଳେ ହୁଏ ନଭ ଜଳଦେ ଆଚ୍ଛନ୍ନ,
ସେ ଦୃଶ୍ୟହିଁ ଅକାତରେ କରୁ ତୁ ଗ୍ରହଣ ।
ସନ୍ତୁଜନ ଯେଉଁପରି ପର ସୁଖେ ସୁଖୀ,
ସେହିପରି ହୋଇଥାନ୍ତି ପର ଦୁଃଖେ ଦୁଖୀ ।
ଲକ୍ଷ ଲକ୍ଷ ଜୀବ ତୋଷ ଦେଇ ସୁଜୀବନ,
ଏଥି ବଳି ଜଗତରେ ଅଛି କି ସୌଜନ୍ୟ ।
ବିକସଇ ତୋ ନିର୍ମଳ ଜଳେ ପଦ୍ମବନ,
ସୁଜନର ଯଶ ଉଦେ ଦେଖ ନିଦର୍ଶନ ।
ପଦ୍ମଗନ୍ଧେ ଚଉଦିଗ ହୁଏ ଆମୋଦିତ,
ଯଶଃ ପ୍ରକଟରେ ହୁଏ ଭୁବନ ମୋହିତ ।

ତୋ ଅଙ୍ଗରେ ବିଚରନ୍ତି ଆସି ଅଳିଗଣ,
ସଜ୍ଜନ ପାଶକୁ ଯେସନ୍ତେ ଆସନ୍ତି ସଜ୍ଜନ ।
ଆନନ୍ଦେ କରନ୍ତି ଅଳି ସୁମଧୁର ସ୍ୱନ,
କହ କେବେ ହେବ କାହିଁ ସାଧୁଙ୍କ ବଚନ ।
ପଦ୍ମିନୀ ଶ୍ୟାମଳ ସ୍ନିଗ୍ଧ ପଲ୍ଲବନିଚୟ ।
ଶୋଭା ପ୍ରକାଶଇ ମଧ୍ୟେ ତୋହର ବିଗ୍ରହ ।
ଯଥା ସ୍ୱଚ୍ଛ ନଭେ ଶ୍ୟାମ ଘନର ଉଦୟ,
କିମ୍ବା ସ୍ନେହପ୍ରବୃତ୍ତି ଯଥା ସଜ୍ଜନ ହୃଦୟ ।
ଆନନ୍ଦେ ଖେଳନ୍ତି ତୋର ଜଳେ ମୀନଗଣ,
ସୁରାଜ୍ୟରେ ବିଳସନ୍ତି ଆନନ୍ଦେ ସୁଜନ ।
ଝମ୍ପନୃତ୍ୟସମୁତ୍ଥିତ ଶୀକର ନିକର,
ନଳିନୀ ଦଳରେ ପଡ଼ି ଦିଶେ ମନୋହର ।
କେତେ ଜଳବିନ୍ଦୁ ଜଳେ ହୁଅନ୍ତି ମିଳିତ,
କେତେ ଅବା ନବବିନ୍ଦୁ ହୁଅନ୍ତି ଗଠିତ ।
ଯେଉଁ ରାଜ୍ୟେ ବୁଧଗଣ ବିହରନ୍ତି ତୋଷେ,
ସଞ୍ଚିତ ହୁଅଇ ନାନାରତ୍ନ ରାଜକୋଷେ ।
ହେଉଥାଏ ସଂଗୃହୀତ ରତ୍ନ ବିତରିତ,
ରାଜ୍ୟଧନ ରାଜ୍ୟେ ବ୍ୟୟ ହୋଇ ସାଧେ ହିତ ।
ନବୋଦିତ ବିଭାବସୁ ହେମପ୍ରଭାକର,
ପତନରେ ଜଳବିନ୍ଦୁ ଅଧିକ ସୁନ୍ଦର ।
କି କରଇ ପଦ୍ମରାଗ ମଣିକି ଧିକ୍କାର,
କାହା କାନ୍ତି ବ୍ରହ୍ମଜାତ ହୀରକ ପ୍ରକାର ।
ଉପରେ ତୋହର ପଦ୍ମଷଣ୍ଡ ମଧ୍ୟେ ହଂସଗଣ,
ଶ୍ରେଣୀବଦ୍ଧ ହୋଇ କରୁଥାନ୍ତି ସନ୍ତରଣ ।
କୁଚବନ୍ଧୁରିତ ଉରେ ନବଯୋଷିତର,
ମୋତି ମାଳ ପରି ଦିଶୁଥାନ୍ତି ମନୋହର ।
ଉଦିତ ଯଶ ନରେଶ ସୁରମ୍ୟ ରାଜ୍ୟରେ,
ବୁଧେ ବିଳସନ୍ତି ଏହିପରି ପ୍ରମୋଦରେ ।
ହଂସାବଳୀ ଚକ୍ରବାକ ସହ କାରଣ୍ଡବ,
ଆନନ୍ଦରେ କରୁଥାନ୍ତି ତୋ ଜଳେ ତାଣ୍ଡବ ।
ବଣିକମଣ୍ଡଳ ଲଭେ ଉଲ୍ଲାସ ପୂରିତ,
ବିପଣି ମଧ୍ୟରେ ଯଥା ପଣ୍ୟେ ଥାନ୍ତି ମାତି ।

Digitized by srujanika@gmail.com

ଉପରେ ଉପରେ ସ୍ୱାର୍ଥେ ବୁଲୁଥାଏ ବକ,
ସ୍ୱଭାବତଃ ଏହିପରି ବିଦେଶୀୟ ଠକ ।
ପ୍ରତ୍ୟହ ସକାଳ ତିନ ଘଟିକା ସମୟୁ,
ତୋ ପବିତ୍ର ତୁଠ ହୋଇଯାଏ ନାରୀମୟ ।
ମାଜ ମୃଦୁତନୁ ନାନା କେଳି କୌତୁକରେ,
କରନ୍ତି ଆନନ୍ଦେ ସ୍ନାନ ତୋ ପୂତ ଜଳରେ ।
ହରିଦ୍ରା ଲେପିତତନୁ ପୁରବଧୂ କୁଳ,
ସ୍ନାନଶେଷେ ଉଭା ହୋଇ ମଣ୍ଡନ୍ତି ତୋ କୂଳ ।
ପଡ଼ିଲେ ଏ ସ୍ଥଳୁ ଦୃଶ୍ୟ ନୟନପଥରେ,
ଉଦିତ ହୁଏ ଏମନ୍ତ ଭାବ ହୃଦପୁରେ ।
ନିହିବାର ଅଳଙ୍କାର ସୁରବଧୂଗଣ,
ସ୍ୱର୍ଣ୍ଣଘାଟରେ କରୁଛନ୍ତି କି ଅବଗାହନ
ନିର୍ମଳଗଗନେ କିମ୍ବା ତାରକାମଣ୍ଡଳ,
ଉଦେ ହୋଇ କରୁଛନ୍ତି ଜଳୁଧି ଉଜ୍ଜ୍ୱଳ ।
ଚମ୍ପା ଫୁଲ ସବୁ କିମ୍ବା ଚମ୍ପା ତରୁଡ଼ାଳେ,
ତ୍ୱରିତରେ ବିକସିତ ହେଲେ ଏକକାଳେ ।
ବାମା ହେମଗୌରଗଣ୍ଡେ ରବି ହେମକର,
ଲଗିବାରୁ ଦିଶୁଥାଏ ଅତି ମନୋହର ।
ଏହିରୂପେ ସଜ୍ଜନ ପବିତ୍ର ହୃଦମଧ୍ୟେ,
ଦୟା କ୍ଷମା ଶାନ୍ତି ଆଦି ମିଳନ୍ତି ଆନନ୍ଦେ ।
ପୁଣ୍ୟ-ଆଲୋକରେ ତାଙ୍କ କାନ୍ତି ପ୍ରକାଶଇ,
ସେ କାନ୍ତି ମାଧୁରୀ ବିଶ୍ୱମାନସ ରଞ୍ଜଇ ।

ଏହିରୂପେ ଯେତେ ଅଛି ଶୋଭା ଗୁଣ ତୋର,
ତାହା ସବୁ ବର୍ଣ୍ଣିବାକୁ ଶକ୍ତି ନାହିଁ ମୋର ।
ହୋଇ ନାହିଁ ମୋର ଜ୍ଞାନ ନେତ୍ର ବିକସିତ,
ତା ସବୁ ଦର୍ଶନେ ଏଣୁ ହୋଇଛୁ ବଞ୍ଚିତ ।
ଯାହା ଦେଖେ ତାହା ପୁଣି କହିବା ଶକତି,
ପ୍ରଦାନ ନାହାନ୍ତି ମୋତେ ଉତ୍କଳ-ଭାରତୀ ।
ନ ଜାଣଇ ଭାରତୀଙ୍କୁ ପୂଜନ୍ତି କି ମତେ,
ଦୁର୍ଲଭ ପ୍ରସାଦ ତାଙ୍କ ଲଭିବି କେମନ୍ତେ ।
ସୁଦୃଶ୍ୟକୁ ନ ଜାଣିଲେ ଛବି ଚିତ୍ରକର,
ଶୋଭା ତାର ନଷ୍ଟ ହୋଇ ଦିଶଇ ଅସାର ।
ସାଧାରଣ ଦୃଶ୍ୟ ଯାହା ପଡ଼ିଯାଏ ଥରେ,
ଚିତ୍ରବିଶାରଦ ରଙ୍ଗ ଶାବର ହାତରେ ।
ମୂଳଦୃଶ୍ୟ ପ୍ରତି ପଛେ ନଥାଏ ଆଦର,
ଚିତ୍ର ଆକର୍ଷଇ ସେହି ଚିତ୍ର ଜନଙ୍କର ।
ଶୋଭାର ଭଣ୍ଡାର ତୁହି ଗୁଣର ଆଧାର,
ଚିତ୍ର ତୋର ହୋଇଥାନ୍ତା ଅତି ମନୋହର ।
ଅଭାଗ୍ୟେ ପଡ଼ିଲୁ ଅଜ୍ଞ ଚିତ୍ରକର କରେ,
ଟେକି ଆସି ନାହିଁ ମୂଳ ଦୃଶ୍ୟ ଶତାଂଶରେ ।
ଦେଖୁଛନ୍ତି ପ୍ରତିଦିନ ତୋତେ ସର୍ବଜନ
ଅଧିକ ଅଛଇ କିବା ମୋହର ବର୍ଣ୍ଣନ ।

ଶ୍ରୀ ଲଲ ନୃପରାଜସିଂହ ଦେବ

---

## କଳ୍ପିବଣ୍ଟ-ହିନ୍ଦୁଧର୍ମ୍ମ

---

ସଂସ୍କାର ସର୍ବବିଧ ଉନ୍ନତିର ପ୍ରଧାନ ଉପାଦାନ । ମାନବୋନ୍ନତିର ପ୍ରତ୍ୟେକ ବିଭାଗରେ ସଂସ୍କାର ଓ ପରିବର୍ତ୍ତନ ସଂଘଟିତ ହୋଇଅଛି । ଏହି ସଂସ୍କାର ଓ ପରିବର୍ତ୍ତନହିଁ ମାନବଜାତିକୁ ଏତେ ଉନ୍ନତ କରିଅଛି ଏବଂ କ୍ରମେ କ୍ରମେ ଅସୀମ ଉନ୍ନତି ଆଡ଼କୁ ନେଇ ଯାଉଅଛି । ମନୁଷ୍ୟ ଯେତିକି ପରିମାଣରେ ସତ୍ୟର ଆଲୋକ ପ୍ରାପ୍ତ ହୁଏ, ସେତିକି ପରିମାଣରେ ସେ ସଂସ୍କାରପ୍ରିୟ ହୋଇ ଉଠେ । ସୂର୍ଯ୍ୟୋଦୟ ହେଲେ ଯେପରି ଅନ୍ଧକାର ପୃଥିବୀ ଛାଡ଼ି ପଳାୟନ କରେ, ସେହିପରି ସତ୍ୟ ପ୍ରକାଶିତ ହେଲେ ଅସତ୍ୟ ଆଉ ଦଣ୍ଡେମାତ୍ର ତିଷ୍ଠି ପାରେ ନାହିଁ; ଯେଉଁ ଲୋକ ସତ୍ୟର ଆଲୋକ ପାଇ ସୁଦ୍ଧା ଅସତ୍ୟର ମୋହରେ ଆଚ୍ଛନ୍ନ ରହିବାକୁ ଭଲପାଏ, ସେ ନିତାନ୍ତ କୃପାପାତ୍ର ।

Digitized by srujanika@gmail.com

ଧର୍ମସଂସ୍କାର ମାନବୋନ୍ନତି ପକ୍ଷରେ ନିତାନ୍ତ ଆବଶ୍ୟକ । ପୂର୍ଣ୍ଣସତ୍ୟ ଯେନି ଆଜି-ପର୍ଯ୍ୟନ୍ତ କୌଣସି ମହାପୁରୁଷ ପୃଥିବୀ ପୃଷ୍ଠରେ ଆବିର୍ଭୂତ ହୋଇ ନାହାନ୍ତି; ସୁତରାଂ ଅଭ୍ରାନ୍ତ-ଶାସ୍ତ୍ର ମଧ୍ୟ ପ୍ରଣୀତ ହୋଇ ନାହିଁ । ସତ୍ୟ ଓ ଅସତ୍ୟ ମଧ୍ୟରେ ଯୁଦ୍ଧ ଚିରକାଳ ଲାଗି ରହିଅଛି । କେବେ ଏହି ଯୁଦ୍ଧ ଶେଷ ହେବ କିଏ କହିପାରେ ? ପୃଥିବୀରେ ଆମ୍ଭେମାନେ ଯେଉଁ ରାଶି ରାଶି ଶାସ୍ତ୍ର-ଗ୍ରନ୍ଥମାନ ଦେଖିବାକୁ ପାଉଁ, ତାହା ଏହି ଯୁଦ୍ଧର ଇତିହାସ ବ୍ୟତୀତ ଆଉ କିଛି ନୁହେ । ଏହି ଇତିହାସ ଗ୍ରନ୍ଥ ଯେଉଁମାନେ ଅଭିନିବେଶପୂର୍ବକ ଆଲୋଚନା କରିଅଛନ୍ତି ସେମାନେ ଅବଶ୍ୟ ସ୍ୱୀକାର କରିବେ ଯେ ଆଜିପର୍ଯ୍ୟନ୍ତ କୌଣସି ମହାପୁରୁଷପ୍ରବର୍ତ୍ତିତ ଧର୍ମପ୍ରଣାଳୀ ପୂର୍ଣ୍ଣତ୍ୱ ପ୍ରାପ୍ତ ହୋଇ ନାହିଁ ଏବଂ କାଳକ୍ରମେ ପ୍ରତ୍ୟେକ ଧର୍ମ-ପ୍ରଣାଳୀରେ ହିଁ କେତେ ଗୁଡ଼ିଏ ଅପଧର୍ମର ଆବିର୍ଭାବ ହୋଇ ଗୋଟିଏ ପ୍ରତିକ୍ରିୟା ଉତ୍ପନ୍ନ କରିଅଛି । ପୁରାଣ, ଉପପୁରାଣ ପ୍ରଭୃତିର ସୃଷ୍ଟି ସଙ୍ଗେ ସଙ୍ଗେ ଏହି ପ୍ରତିକ୍ରିୟା ଆମ୍ଭମାନଙ୍କ ଦେଶରେ ଆରମ୍ଭ ହୋଇଅଛି ଏବଂ ତାହାର ଫଳ ଯାହା ହୋଇଅଛି ତାହା ଆମ୍ଭମାନେ "ଉତ୍କଳ ସାହିତ୍ୟ"ର ପ୍ରଥମ ଖଣ୍ଡ ୧ମ ସଂଖ୍ୟାରେ ପ୍ରକାଶିତ "ହିନ୍ଦୁଧର୍ମର ପୁନରୁତ୍ଥାନ" ନାମକ ପ୍ରବନ୍ଧରେ ସ୍ଥୂଳରେ ବ୍ୟକ୍ତ କରିଅଛୁଁ । ଏହି ପୌରାଣିକ ଉପଧର୍ମ ଯେ ହିନ୍ଦୁଧର୍ମର ସନାତନ ଟିକିକ ବିନଷ୍ଟ କରି ଦେଇଅଛି, ତାହା ଚିନ୍ତା-ଶୀଳ ବ୍ୟକ୍ତିମାନେ ବୁଝି ପାରିବେ । କଠୋର ଚିନ୍ତା ଓ ତପସ୍ୟାଦ୍ୱାରା ଉପନିଷଦ ଯେଉଁ ଅମୂଲ୍ୟ ସତ୍ୟ ଟିକିକ ଆମ୍ଭମାନଙ୍କୁ ପ୍ରଦାନ କରୁଥିଲା, ପୁରାଣ ତାହା ଆମ୍ଭମାନଙ୍କଠାରୁ ଅପହରଣ କରି ନେଇଅଛି । ସେହି ସତ୍ୟର ପୁନରୁଦ୍ଧାର ସାଧନ କରିବା ପ୍ରତ୍ୟେକ ବ୍ୟକ୍ତିର ଏକାନ୍ତ କର୍ତ୍ତବ୍ୟ । ଅନ୍ୟାନ୍ୟ ଧର୍ମସମ୍ପ୍ରଦାୟ ମଧ୍ୟରେ ଏହି ଉଦ୍ଧାରସାଧନ କ୍ରିୟା ଯେତେ ତୀବ୍ରଭାବରେ ଆରମ୍ଭ ହୋଇଅଛି ଆମ୍ଭମାନଙ୍କ ମଧ୍ୟରେ ସେପରି ହୋଇନାହିଁ; ନ ହେବାର ଅନେକ କାରଣ ଅଛି । ପ୍ରଧାନ କାରଣ ଶିକ୍ଷାର ଅଭାବ । କ୍ରମେ କ୍ରମେ ଆମ୍ଭମାନଙ୍କ ଦେଶରେ ଯେପରି ଶିକ୍ଷାର ବିସ୍ତାର ହେଉଅଛି, ଏହି ଉଦ୍ଧାର ସାଧନ କ୍ରିୟା ମଧ୍ୟ ସେତିକି ପ୍ରବଳବେଗରେ ସାଧିତ ହେଉଅଛି । ଆମ୍ଭେମାନେ ମଧ୍ୟ ଆମ୍ଭମାନଙ୍କ କ୍ଷୁଦ୍ର ଚେଷ୍ଟା ତଦର୍ଥେ ନିୟୋଜିତ କରିବାକୁ କୁଣ୍ଠିତ ନୋହୁଁ ଏବଂ ଏହି ଉଦ୍ଦେଶ୍ୟରେ ଆମ୍ଭେମାନେ "ଉତ୍କଳ-ସାହିତ୍ୟ"ରେ ଅବସର-କ୍ରମେ ଆମ୍ଭମାନଙ୍କ ମତ ସରଳଭାବରେ ବ୍ୟକ୍ତ କରିଥାଉଁ । ଅବଶ୍ୟ, ଆମ୍ଭମାନଙ୍କ କଥାରେ ଯେ କୌଣସି ବିଶେଷ କାର୍ଯ୍ୟ ସାଧିତ ହୋଇ-ପାରିବ ତାହା ନୁହେ । ଏକଥା ଆମ୍ଭେମାନେ ଉତ୍ତମରୂପେ ଜାଣୁଁ । ତଥାପି ଆମ୍ଭେମାନେ କେବଳ କର୍ତ୍ତବ୍ୟ-ଜ୍ଞାନ-ପ୍ରଣୋଦିତ ହୋଇ ଦୁଇ ଚାରିକଥା କହୁଥାଉଁ ମାତ୍ର ଏବଂ ତାହା କହିବାରେ ଆମ୍ଭମାନଙ୍କର ଧର୍ମାନୁମୋଦିତ ସ୍ୱାଧୀନତା ଥିବାର ଆମ୍ଭେମାନେ ସମ୍ପୂର୍ଣ୍ଣ ବିଶ୍ୱାସ କରୁଁ ।

"ଉତ୍କଳସାହିତ୍ୟ" ୧ମ ଭାଗ, ୧ମ ସଂଖ୍ୟାରେ ଆମ୍ଭମାନଙ୍କ "ହିନ୍ଦୁଧର୍ମର ପୁନରୁତ୍ଥାନ" ପ୍ରବନ୍ଧ ପାଠ କରି "ଉତ୍କଳସାହିତ୍ୟ"ର କୌଣସି କୌଣସି ହିତୈଷୀ ବନ୍ଧୁ ସମ୍ପାଦକ ଓ ଆମ୍ଭମାନଙ୍କ କୌଣସି ଭକ୍ତିଭାଜନ ବନ୍ଧୁଙ୍କୁ ବିରକ୍ତି ସୂଚକ ପତ୍ର ଲେଖିଥିଲେ । ୧ମ ଭାଗ, ୯ମ ସଂଖ୍ୟକ "ଉତ୍କଳସାହିତ୍ୟ"ରେ ପ୍ରକାଶିତ ଆମ୍ଭମାନଙ୍କ "ମହାପୂଜା ଓ ସ୍ତ୍ରୀଶିକ୍ଷା" ଶୀର୍ଷକ ପ୍ରସ୍ତାବ "କଣ୍ଟିକ୍ ପାଠ କରି" ଆମ୍ଭମାନଙ୍କର ଜନୈକ ହିତୈଷୀ ବନ୍ଧୁ ଆମ୍ଭମାନଙ୍କୁ ଯେଉଁ ପତ୍ରଖଣ୍ଡିକ ଲେଖିଅଛନ୍ତି, ତାହା ଆମ୍ଭେମାନେ ନିମ୍ନରେ ଅବିକଳ ଉଦ୍ଧାର କଲୁଁ । ବିଶେଷ

Digitized by srujanika@gmail.com

କାରଣରୁ ନାମ, ଧାମ ପ୍ରକାଶରୁ ବିରତ ହେଲୁଁ । ବନ୍ଧୁ ମହାଶୟଙ୍କ ପତ୍ରଖଣ୍ଡିକ ଏହି :— "—

୨୮।୫।୧୬

କୃଷ୍ଣ ବାବୁ,

"ଉତ୍କଳସାହିତ୍ୟ"ରେ ଆପଣଙ୍କ ଲେଖା କଞ୍ଚିତ ପାଠ କରି ଆମ୍ଭେମାନେ ନିତାନ୍ତ ବିରକ୍ତ ହୋଇଅଛୁଁ । ଆପଣଙ୍କ ପରି ସହସ୍ର କୋଟି ଲୋକଙ୍କର ଏପରି ପ୍ରଳାପ ବାକ୍ୟରେ ମହାନ କଳ୍ପବୃକ୍ଷ ସଦୃଶ ହିନ୍ଦୁଧର୍ମର କିଛି ମନ୍ଦ ଅନିଷ୍ଟ ହେବନାହିଁ । ଆଉ କାହିଁକି । ଚୁପ କରନ୍ତୁ ଓ ଆପଣ ନିଜର ମଙ୍ଗଳ ଚେଷ୍ଟା କରନ୍ତୁ । ଇତି ।

ଶ୍ରୀ ଗ୍ରାହକ"

ପାଠକ ! ପତ୍ର ଖଣ୍ଡିକ ପାଠ କଲେ? "ମହାପୂଜା ଓ ସ୍ତ୍ରୀ ଶିକ୍ଷା" ଧର୍ମଧ୍ୱଂସିନୀ ପ୍ରସ୍ତାବ ନୁହେ । ସୁଶ୍ରୀ ଗ୍ରାହକ ମହାଶୟ ସେଥିରୁ "କଞ୍ଚିତ" ପାଠ କରିଅଛନ୍ତି ମାତ୍ର । ସେଥିରେ ତାଙ୍କର ଆମ୍ଭମାନଙ୍କ ଉପରେ ଏତେ ବିରକ୍ତ ହେବାର କାରଣ କ'ଣ ଅଛି ଆମ୍ଭମାନେ ଆଦୌ ବୁଝିପାରୁ ନାହୁଁ । ପାଠକମଣ୍ଡଳୀଙ୍କ ମଧ୍ୟରୁ କେହି ଆମ୍ଭମାନଙ୍କୁ ବୁଝାଇ ଦେବେ କି ? ପ୍ରବନ୍ଧର "ଆମୂଳଚୂଳ" ପାଠ ନ କରି ଏ ପ୍ରକାର ମନ୍ତବ୍ୟ ପ୍ରକାଶ କରିବା ଗ୍ରାହକ ମହାଶୟଙ୍କର କେତେଦୂର ଉଚିତ ହୋଇଅଛି ତାହାର ବିଚାରଭାର ମଧ୍ୟ ପାଠକମଣ୍ଡଳୀଙ୍କ ଉପରେ ନ୍ୟସ୍ତ ହେଲା । ଅବଶ୍ୟ ଗ୍ରାହକ ମହାଶୟ ଯେ ସରଳ ଭାବରେ ଆପଣା ମନ୍ତବ୍ୟ ପ୍ରକାଶ କରିଅଛନ୍ତି ସେଥିରେ କିଛି ସନ୍ଦେହ ନାହିଁ, ଏବଂ ସେଥି ନିମିତ୍ତ ଆମ୍ଭେମାନେ ତାଙ୍କୁ ମୁକ୍ତକଣ୍ଠରେ ଧନ୍ୟବାଦ ପ୍ରଦାନ କରୁଅଛୁଁ ।

ହିନ୍ଦୁଧର୍ମ ମହାନ କଳ୍ପବୃକ୍ଷ ସଦୃଶ ସନ୍ଦେହ ନାହିଁ । କଳ୍ପବୃକ୍ଷ ଯେପରି "ବାଞ୍ଛାକଳ୍ପତରୁ" ହିନ୍ଦୁଧର୍ମ ମଧ୍ୟ ସେହିପରି । ବିଭିନ୍ନ ଋଷିମାନଙ୍କଦ୍ୱାରା ଆବିଷ୍କୃତ ବିଭିନ୍ନ ପନ୍ଥା ପ୍ରଚଳିତ ଥିବାରୁ ଯେ ଯେଉଁ ପନ୍ଥା ଅବଲମ୍ବନ କରିବାକୁ ଅଭିଳାଷୀ, ସେ ସେହିପନ୍ଥା ଅବଲମ୍ବନ କରି ସତ୍ୟାଲୋକ ପ୍ରାପ୍ତ ହୋଇପାରେ । ହିନ୍ଦୁଧର୍ମର ବିଶାଳତ୍ୱ ଓ ଉଦାରଭାବ ବାସ୍ତବିକ୍ ଚମତ୍କାର ! ତୁମ୍ଭେ ଖ୍ରୀଷ୍ଟିୟାନ, ଆସ, ହିନ୍ଦୁଧର୍ମ ମଧ୍ୟରେ ବାଇବେଲ ପାଠ କରିବ । ତୁମ୍ଭେ ମୁସଲମାନ, ଆସ, ହିନ୍ଦୁଧର୍ମରୂପ ମହାନ କଳ୍ପବୃକ୍ଷର ଛାୟାରେ ବସି କୋରାନ ପାଠ କରିବ । ତୁମ୍ଭେ ପାରସି, ଆସ, ହିନ୍ଦୁଧର୍ମରୂପ ଅତଳ ସମୁଦ୍ର ଭିତରୁ ତୁମ୍ଭର ଜେନ୍ଦାଭେସ୍ତା ଉଦ୍ଧାର କରିବ । ଯେ ଯେଉଁ ଧର୍ମାବଲମ୍ବୀ ହେଉନ୍ତୁ ହିନ୍ଦୁଧର୍ମ ମଧ୍ୟରେ ନିଶ୍ଚୟ ଆପଣାର ଧର୍ମମତ ନିହିତ ଥିବାର ଦେଖିବେ । ହିନ୍ଦୁଧର୍ମ ଏହିପରି ଉଦାର ଏବଂ ବିଶାଳ । ଏ ଗଲା ହିନ୍ଦୁଧର୍ମର ଏକ ଅର୍ଥରେ କଳ୍ପବୃକ୍ଷର ସାଦୃଶ୍ୟ ।

ହିନ୍ଦୁଧର୍ମ ଅନ୍ୟ ଏକ ଅର୍ଥରେ ମଧ୍ୟ ମହାନ କଳ୍ପବୃକ୍ଷ ସଦୃଶ ଅଟେ । ପୁରାଣ ତାହାକୁ ଏହି ସାଦୃଶ୍ୟ ପ୍ରଦାନ କରିଅଛି । ତୁମ୍ଭେ ଏକମାତ୍ର ସତ୍ୟ ସ୍ୱରୂପଙ୍କ ପୂଜା କରିବ ? ଆସ, ଅସତ୍ୟ ପ୍ରତିମା ନିର୍ମାଣ କର, ତାହାର ପୂଜା କର, ଧର୍ମ ତୁମ୍ଭଙ୍କୁ ବାଧା ଦେବନାହିଁ । ଅଥଚ ତୁମ୍ଭଙ୍କୁ "ଏକମେବାଦ୍ୱିତୀୟମ"ଙ୍କର ପୂଜକ ବୋଲି ଘୋଷଣା କରିବ । ତୁମ୍ଭେ ନରହତ୍ୟା କରିବାକୁ ଅଭିଳାଷୀ ? ଆସ, ଏଠାରେ ତୁମ୍ଭେ ଧର୍ମର ପବିତ୍ର ନାମରେ ସ୍ୱଚ୍ଛନ୍ଦରେ ତାହା କରି ପାରିବ । ତୁମ୍ଭେ ପରସ୍ତ୍ରୀ ହରଣ କରିବାକୁ ଇଚ୍ଛୁକ ? ଆସ, ଶାସ୍ତ୍ର ଫିଟାଇ ଦେଖ, ତୁମ୍ଭ ଇଚ୍ଛାର ପରିପୋଷକ ଓ ଅନୁମୋଦକ ବିଧି ସେଠାରେ ସ୍ୱର୍ଣ୍ଣାକ୍ଷରରେ ଅଙ୍କିତ ରହିଅଛି ! ଏହିପରି ଯେ ଯେଉଁ ଅପକାର୍ଯ୍ୟ କରିବାକୁ ଇଚ୍ଛା କରନ୍ତୁ ସେ ଧର୍ମର ନାମରେ ନିର୍ଭୟରେ ତାହା କରି ପାରିବେ।

Digitized by srujanika@gmail.com

ଏହିରୂପେ ଏବଂ ଅନ୍ୟଭାବରେ ହିନ୍ଦୁଧର୍ମରୂପ ମହାନ୍ କଳ୍ପବଟରେ କେତେଗୁଡ଼ିଏ ବନ୍ୟଗୁଳ୍ମ ଜାତ ହୋଇଅଛି । ସେଗୁଡ଼ିକର ବିନାଶସାଧନ ନ କଲେ ଧର୍ମବଟର ବୃଦ୍ଧିରେ ବ୍ୟାଘାତ ଘଟିବ । ବହୁପରିମାଣରେ ଘଟୁଅଛି । ସେଥି ନିମିତ୍ତ ଧର୍ମରୂପ ପବିତ୍ରଭୂମିକୁ ସର୍ବଦା ଆବର୍ଜ୍ଜନାଶୂନ୍ୟ କରିବା ଏକାନ୍ତ ବିଧେୟ । କେବଳ ଯେ ହିନ୍ଦୁଧର୍ମରେ ଆବର୍ଜନା ଅଛି ଅନ୍ୟ କୌଣସି ଧର୍ମରେ ନାହିଁ, ଏମନ୍ତ ନୁହେ । ପ୍ରତ୍ୟେକ ଧର୍ମରେ ଅଳ୍ପାଧିକ ପରିମାଣରେ ଆବର୍ଜ୍ଜନା ଅଛି । ଆମ୍ଭେମାନେ ହିନ୍ଦୁ, ହିନ୍ଦୁଧର୍ମରୁ ଆବର୍ଜ୍ଜନା ବାହାର କରିଦେବାକୁ ଚେଷ୍ଟା କରିବା ଆମ୍ଭମାନଙ୍କ ପକ୍ଷରେ ପବିତ୍ର କାର୍ଯ୍ୟ । ଆମ୍ଭେମାନେ ତାହା କରିଅଛୁଁ । ଏଥିରେ ବନ୍ଧୁ ମହାଶୟ ବିରକ୍ତ ହେବେ କାହିଁକି ?

"ଆପଣଙ୍କ ପରି ସହସ୍ର କୋଟି ଲୋକଙ୍କର ଏପରି ପ୍ରଳାପବାକ୍ୟରେ ମହାନ କଳ୍ପବଟ ସଦୃଶ୍ୟ ହିନ୍ଦୁଧର୍ମର କିଛିମାତ୍ର ଅନିଷ୍ଟ ହେବନାହିଁ ।" ବନ୍ଧୁଙ୍କର ଏ ଉକ୍ତିର ମର୍ମ କଣ ? ଆମ୍ଭମାନଙ୍କର ବାକ୍ୟ ଯଦି ବାସ୍ତବିକ ପ୍ରଳାପ ବାକ୍ୟ ହୁଏ ତାହାହେଲେ ଆମ୍ଭେମାନେ ଯେତେ ଅଧିକ ସେ ପ୍ରକାର ପ୍ରଳାପବାକ୍ୟ ବକି ପାରିବୁ ଆମ୍ଭେମାନେ ସେତେ ଅଧିକ ନିଜକୁ ଭାଗ୍ୟବାନ ବୋଲି ମଣିବୁଁ । ଆଜି ହିନ୍ଦୁଧର୍ମର ଅନିଷ୍ଟ ? ସେ କି ରୂପ ? ଆମ୍ଭେମାନେ ସ୍ତ୍ରୀଶିକ୍ଷା ସମ୍ବନ୍ଧରେ ପ୍ରବନ୍ଧ ଲେଖିଲୁଁ । କିନ୍ତୁ ବନ୍ଧୁ ମହାଶୟ ଆମ୍ଭମାନଙ୍କୁ ହିନ୍ଦୁଧର୍ମର ଅନିଷ୍ଟକାରୀ ବୋଲି ପ୍ରତିପନ୍ନ କରି ବସିଲେ ! କି ବିଚାର ! ଅନିଷ୍ଟଟା କେଉଁଠାରେ ହେଲା, ବନ୍ଧୁ ମହାଶୟ ଆମ୍ଭମାନଙ୍କୁ ଦେଖାଇ ଦେଇ ପାରିବେ କି ? "ଉତ୍କଳସାହିତ୍ୟ" ବ୍ୟକ୍ତି ବା ସମ୍ପ୍ରଦାୟବିଶେଷର ମୁଖପାତ୍ର ନୁହେ । ତାହା ସର୍ବସାଧାରଣର ସମ୍ପତ୍ତି । ବନ୍ଧୁ ମହାଶୟ ଇଚ୍ଛାକଲେ ସ୍ୱୀୟ ମତ ବ୍ୟକ୍ତ କରି ଆମ୍ଭମାନଙ୍କ ପ୍ରସ୍ତାବର ସମାଲୋଚନା କରିପାରନ୍ତି, ସେଥିରେ ତାଙ୍କର ପୂର୍ଣ୍ଣ ସ୍ୱାଧୀନତା ଅଛି । ପରନ୍ତୁ, ବନ୍ଧୁ ମହାଶୟ ଯଦ୍ୟପି ସରଳଭାବରେ ଆମ୍ଭମାନଙ୍କ ଭ୍ରମ ନିର୍ଦ୍ଦେଶ କରି ଦିଅନ୍ତେ ତାହାହେଲେ ଆମ୍ଭେମାନେ ତଦ୍ଦ୍ୱାରା ବହୁପରିମାଣରେ ଉପକୃତ ହୁଅନ୍ତୁ । ଆଶାକରୁଁ ସେ ଆମ୍ଭମାନଙ୍କ ଅନୁରୋଧ ରକ୍ଷାକରିବାକୁ କୁଣ୍ଠିତ ହେବେ ନାହିଁ ।

ବନ୍ଧୁମହାଶୟ ଆମ୍ଭମାନଙ୍କୁ ଚୁପ୍ ହେବାକୁ ଓ ଆମ୍ଭମାନଙ୍କ ନିଜର ମଙ୍ଗଳ ଚେଷ୍ଟା କରିବାକୁ ଉପଦେଶ ଦେଇଅଛନ୍ତି । ଆମ୍ଭେମାନେ ବନ୍ଧୁ ମହାଶୟଙ୍କ ଉପଦେଶର ସାରବତ୍ତା ହୃଦୟଙ୍ଗମ କରିବାକୁ ଅସମର୍ଥ । ଆମ୍ଭମାନଙ୍କର ମଙ୍ଗଳାମଙ୍ଗଳ ସମ୍ପୂର୍ଣ୍ଣ ଆମ୍ଭମାନଙ୍କ ଉପରେ ନିର୍ଭର କରେ । ସେଥି ନିମିତ୍ତ ବନ୍ଧୁ ମହାଶୟଙ୍କୁ ଚିନ୍ତିତ ହେବାକୁ ହେବନାହିଁ; ତଥାପି ସେ ଆମ୍ଭମାନଙ୍କ ହିତୋଦ୍ଦେଶ୍ୟରେ ବାକ୍ୟବ୍ୟୟ କରିଥିବାରୁ ଆମ୍ଭେମାନେ ତାଙ୍କ ନିକଟରେ ଚିର କୃତଜ୍ଞ ରହିଲୁଁ ।

ବର୍ତ୍ତମାନ ଆମ୍ଭମାନଙ୍କ ଦେଶରେ ପ୍ରତ୍ୟେକ ବିଷୟରେ ପରିବର୍ତ୍ତନ ସଂଘଟିତ ହେଉଅଛି । ପାଶ୍ଚାତ୍ୟ ଜ୍ଞାନାଲୋକର ବିସ୍ତାର ସଙ୍ଗେ ସଙ୍ଗେ ଆମ୍ଭମାନଙ୍କ ଦେଶର ଶିକ୍ଷିତସମ୍ପ୍ରଦାୟର ହୃଦୟରୁ ପ୍ରାଚୀନ କୁସଂସ୍କାରମାନ ବିଦୂରିତ ହୋଇ ଯାଉଅଛି । ଆମ୍ଭେମାନେ ସାହସପୂର୍ବକ କହି ପାରୁଁ ବନ୍ଧୁ ମହାଶୟ ମଧ୍ୟ ଏହି ପରିବର୍ତ୍ତନର ସୀମା ବହିର୍ଭୂତ ନୁହନ୍ତି । ନିଶ୍ଚୟ ସେ ପିତୃପୁରୁଷମାନଙ୍କ ଦ୍ୱାରା ଅନୁଷ୍ଠିତ ଅନେକ କ୍ରିୟାକଳାପ ଓ ଧର୍ମମତରେ ଆନ୍ତରିକ ଆସ୍ଥା ସ୍ଥାପନ କରିପାରନ୍ତି ନାହିଁ । ସଭ୍ୟତାଲୋକର ବିକାଶ ସଙ୍ଗେ ୨ ଆମ୍ଭମାନଙ୍କ ଦେଶର କେତେ କୁସଂସ୍କାର ବିନଷ୍ଟ ହୋଇ ଯାଉଅଛି ଏବଂ ଆମ୍ଭମାନଙ୍କ ପ୍ରିୟ ସନାତନ ହିନ୍ଦୁଧର୍ମ ଉଜ୍ଜ୍ୱଳତର ବସନରେ ଭୂଷିତ ହେଉ-

Digitized by srujanika@gmail.com

ଅଛୁ । ଯେଉଁ ଉପାୟରେ ଆମ୍ଭେମାନେ ଆମ୍ଭମାନଙ୍କ ପ୍ରିୟ ଧର୍ମକୁ ଅଧିକତର ସଂସ୍କୃତ କରି ପାରିବୁଁ ସେ ବିଷୟରେ ଯତ୍ନବାନ ହେବା ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତିଙ୍କର କର୍ତ୍ତବ୍ୟ ନୁହେ କି ?

ଆଉ ଗୋଟିଏ କଥା କହି ଆମ୍ଭେମାନେ ପ୍ରବନ୍ଧର ଉପସଂହାର କରିବୁଁ । ଆଜିକାଲି ଦେଖାଯାଏ ଆମ୍ଭମାନଙ୍କର ଶିକ୍ଷିତସମ୍ପ୍ରଦାୟର ଅଧିକାଂଶ ଯୁବକ ଆନ୍ତରିକ ବିଶ୍ୱାସ ନକଲେହେଁ (କରିବା ଅସମ୍ଭବ) ଅନେକ କୁସଂସ୍କାରର ପକ୍ଷପାତୀ ହେଉଅଛନ୍ତି । ବିଶ୍ୱାସ ଓ କାର୍ଯ୍ୟମଧ୍ୟରେ ଆକାଶ ପାତାଳ ପ୍ରଭେଦ । ଲୋକଭୟ, ଉପଧର୍ମ, କୁସଂସ୍କାର, ଯଥେଚ୍ଛାଚାର ଓ ଦେଶାଚାର ଆମ୍ଭମାନଙ୍କ ଶିକ୍ଷିତମଣ୍ଡଳୀଙ୍କ ଉପରେ ପ୍ରଭୂତ ଆଧିପତ୍ୟ ବିସ୍ତାର କରି ବସିଅଛନ୍ତି । "ଯାହା ଉଚିତ ତାହା କରିବି; କଷ୍ଟ, କୌଣସି ବିପଦ, କୌଣସି ପ୍ରକାର ଲୋକଭୟ ଗ୍ରାହ୍ୟ କରିବି ନାହିଁ" ଏ ଭାବ ଆଦୌ ଆମ୍ଭମାନଙ୍କ ଯୁବକମାନଙ୍କ ହୃଦୟରେ ସ୍ଥାନ ପାଉନାହିଁ । କେବଳ ଶାସ୍ତ୍ରର ଦୋହି ଏବଂ ପ୍ରାଚୀନତାର ଆଦର ! ଶାସ୍ତ୍ରକୁ ଆମ୍ଭେମାନେ ନିନ୍ଦା କରୁ ନାହୁଁ କିନ୍ତୁ ତାହାବୋଲି ଶାସ୍ତ୍ରରେ ଯାହା କିଛି ଲେଖାଅଛି, ତାହା ସବୁ ଆଖି ବୁଜି ମାନିବାକୁ ହେବ ଏପରି ହୋଇ ନପାରେ । ଯଥାର୍ଥ ଧର୍ମ, ଯଥାର୍ଥ ଜ୍ଞାନ ଶିକ୍ଷା ହେଉଅଛି କି ନା, ଏହାହିଁ ଦେଖିବା ଆବଶ୍ୟକ, କେବଳ ଶାସ୍ତ୍ର ବା ଶାସ୍ତ୍ରକାରଙ୍କ ନାମ ଶୁଣି ସେଥିରେ ଅବିଚଳିତ ବିଶ୍ୱାସ ସ୍ଥାପନ କଲେ ହେବ ନାହିଁ । ବେଦ ବେଦାନ୍ତରେ ଯଦି ଭୁଲ ଥାଏ ତାହା ମଧ୍ୟ ପରିତ୍ୟାଜ୍ୟ ଏବଂ ରସକଲ୍ଲୋଳ, ପ୍ରେମସୁଧାନିଧିରେ ଯଦି ସାର ଥାଏ ତାହା ଆଦରର ସହିତ ଗ୍ରହଣୀୟ । ସଭ୍ୟଜାତିମାନେ ତାହା କରିବାକୁ ଶିଖିଅଛନ୍ତି ବୋଲି ଆଜି ସେମାନଙ୍କର ଧର୍ମ ଏତେ ଜାଗ୍ରତ—ଏତେ ଉନ୍ନତ । ଏକ ସମୟ ଥିଲା ଯେତେବେଳେ ଆମ୍ଭମାନଙ୍କ ପୂର୍ବପୁରୁଷମାନେ ତାହା କରୁଥିଲେ ବୋଲି ବେଦାନ୍ତ, ଉପନିଷଦ, ଦର୍ଶନ ପ୍ରଭୃତି ଅମୂଲ୍ୟ ଓ ଅତୁଲ୍ୟ ଗ୍ରନ୍ଥମାନ ଆମ୍ଭମାନଙ୍କୁ ପ୍ରଦାନ କରି ଯାଇଅଛନ୍ତି । ସେମାନଙ୍କ ଧର୍ମ ସହିତ ଆମ୍ଭମାନଙ୍କ ଧର୍ମର କି ଅସୀମ ପ୍ରଭେଦ ! ଆମ୍ଭମାନଙ୍କର କି ଭୟଙ୍କର ଅଧୋଗତି ହୋଇଅଛି !! କି ଶୋଚନୀୟ ଅବସ୍ଥା !! ଚିନ୍ତାଶୀଳ ବ୍ୟକ୍ତିଏ କିରୂପେ ଏହା ଅସ୍ୱୀକାର କରି ପାରିବେ ? ବନ୍ଧୁ ମହାଶୟ ଯଦ୍ୟପି ଅନୁଗ୍ରହପୂର୍ବକ ଆମ୍ଭମାନଙ୍କ ଦେଶର ଅବସ୍ଥା ସମ୍ବନ୍ଧରେ ସମୟ ୨ରେ ଚିନ୍ତା କରିବେ ଓ ଆପଣାର ଅଭିଜ୍ଞତା "ଉତ୍କଳସାହିତ୍ୟ"ରେ ପ୍ରକାଶ କରିବେ ତାହାହେଲେ ଆମ୍ଭେମାନେ ନିଜର ବକ୍ତବ୍ୟ ଓ ମନ୍ତବ୍ୟ ସହ ତାହାଙ୍କ ସଙ୍ଗେ ଯୁକ୍ତିଯୁକ୍ତ ତର୍କରେ ପ୍ରବୃତ୍ତ ହେବାକୁ ପଶ୍ଚାତ୍ପଦ ହେବୁନାହିଁ । ବରଂ ତାହା କରିପାରିଲେ ନିଜକୁ ଭାଗ୍ୟବାନ ମଣିବୁଁ । କାରଣ, ବନ୍ଧୁ ମହାଶୟଙ୍କ ଠାରୁ ଆମ୍ଭମାନଙ୍କର ଶିକ୍ଷା କରିବାର ଅନେକ ବିଷୟ ଥାଇପାରେ । ଆଜି ଏହି ପର୍ଯ୍ୟନ୍ତ ।

ଶ୍ରୀ ଲକ୍ଷ୍ମୀ ପ୍ରସାଦ ଚୌଧୁରୀ

---

## ଆଶା

ଜଗତମୋହନ ଆଗେ କହତ ପିଟାଇ,
ଏତେ ରୂପ ଜନ ଆଗେ ଦେଖିଉ କହାଇଁ ।
ମୁହୂର୍ତ୍ତେ ଦେଖାଉ ରୂପ ପ୍ରସନ୍ନ ପାବନ,
ଅପରେ ହୁଅଇ ତାହା ତମିସ୍ର ଭୀଷଣ ।
କ୍ଷଣେ ପ୍ରାବୃଷେଣ୍ୟ ଘୋର ଅମା ରଜନୀର,
ଅପରେ ଶାରଦଜ୍ୟୋତ୍ସ୍ନାତ ଧରଣୀର ।

Digitized by srujanika@gmail.com

କ୍ଷଣେ ନେଉ କ୍ଷୁଦ୍ରଜନେ ଗଗନପଥରେ,
ପରକ୍ଷଣେ ପଦାଘାତେ ଫିଙ୍ଗ ପାତାଳରେ ।
ଗଢ଼ ତୁମ୍ଭ ଭାଙ୍ଗ ତୁମ୍ଭ ପୁଣି ଗଢ଼ି ଦେଉ,
ନିମିଷ ମାତ୍ରକେ ପୁଣି ନିଜେ ହରି ନେଉ ।
ଲବକେ ପ୍ରାସାଦ ତୋଳୁ ମହାଶୂନ୍ୟପଥେ,
ଅଷ୍ଟନିଧି ନବରତ୍ନ ରଖାଉ ଗୃହେ ।
ରଚି ମନ-ଅଭିରାମ ମଞ୍ଜୁଳ ଉଦ୍ୟାନ,
ରୋପୁ ତହିଁ କଳ୍ପ ପାରିଜାତର ସନ୍ତାନ ।
ଚତୁରସ୍ର ସରୋବରେ ସ୍ଫଟିକ ପାବଚ୍ଛ,
ଲଗାଉ ମୁହୂର୍ତ୍ତେ ତହିଁ କମଳ ନିଚୟ ।
କଳହଂସ କାରଣ୍ଡବ ମଧୁର କୂଜନ,
ବିଷୟୀ ବିରାଗିଙ୍କର ଶ୍ରବଣ ତର୍ପଣ ।
ବାସନ୍ତ ଅନିଳ ଧୀରେ ଧୀରେ ପ୍ରସରଇ,
ଚମସ୍ତ ଚମସ୍ତବଳ ତରଙ୍ଗେ ନଚ୍ଚଇ ।
ମୁରଲୀ ମୁରଜ ବୀଣାତାନେ ଗାନ କରି,
ଅବିରତ ରତ ଯହିଁ ସୁର ବିଦ୍ୟାଧରୀ ।
ଏପରି ପ୍ରାସାଦେ ନେଉ ଧନହୀନ ନରେ,
ପରକ୍ଷଣେ ଠେଲିଦେଉ ସୁନୀଚ କୁଟୀରେ ।
ଆତପତ୍ର ତୃଣ ଯହିଁ ନାହିଁ ସ୍ଥାନେ ସ୍ଥାନେ,
ରକ୍ଷାନ୍ତି କେବଳ ଦୟା କଲେ ଋତୁମାନେ ।
ନିଦାଘରେ ଶୈତ୍ୟ ପୁଣି ଶୀତରେ ଆତପ,
ପାପୀ ହୃଦେ ପୁଣ୍ୟ ତୁମ୍ଭ ଧାର୍ମିକର ପାପ ।
ସୃଷ୍ଟି ସ୍ଥିତି କରୁ ତୋର ମନ ଥିଲେ ଥୟ,
ଅସ୍ଥିରେ କରି ତୁ ପାରୁ କ୍ଷଣକେ ପ୍ରଳୟ ।
କାୟା କିବା ଛାୟା ତୁମ୍ଭ ଭାବଇ ମନରେ,
ଅବସନ୍ନ ମନ ଜାଣି ନ ପାରଇ ଥରେ ।
କ୍ଷଣେ ଧରୁ ଦେହ କ୍ଷଣେ ହୋଇଯାଉ ଛାୟା,
ଅନାଦରେ ଏଡ଼ି ଦେଲେ ପୁଣି ଧରୁ କାୟା ।
କେତେ ରୂପେ କେତେଭାବେ ପଶୁ ମୋର ମନେ,
ଦୁର୍ବଳମାନବ ରୋଧି ପାରିବ କେସନେ ।
ଯାଅ ଯାଅ ପ୍ରତାରକେ ଯାଅ ଦୂରେ ଯାଅ,
କୁହୁକ ଜାଲରେ ମୋତେ ଛନ୍ଦ ନ ପକାଅ ।
ଶେଷେ ଆଶାଦେବି, ଧ୍ୟାନ କରଇ ବିନତ,
ଗୋଟିଏ ରୂପରେ ତବ ଅଛି ମୋ ଭକତ ।
ଏହି ସେହି ରୂପ ଦେବି ଧରିଅଛ ଏବେ,
ହୃଦବେଦୀପରେ ବସ ପରମ ଗୌରବେ ।
ଯେବେ ଯିବ ଦିନେ ପର ସେ ଅମର ପୁରେ,
ଦୁଃଖ ନିର୍ଯ୍ୟାତନ ଶୋକ ଯହୁଁ ରହେ ଦୂରେ ।
ଅମରସଖା ମାନବ ଯହିଁ ରହି ସୁଖେ,
ଆଶ୍ରାକରି ବିଭୁ ପାଦ ଭୁଲେ ଭବଦୁଃଖେ ।
ଯେତେ ଦିନ ଥିବି ଏବେ ହେ ଆଶା-ସୁନ୍ଦରି,
ଏ ତବ ଅମୃତ ରୂପ ହୃଦେ ଥିବ ଧରି ।
କହୁଛି ଶପଥ ଦେଇ ପୁଣି ଆଉ ଥରେ,
ଦେଖା ଦିଅନାହିଁ ମୋତେ ଅପର ରୂପରେ ।

ଶ୍ରୀ ବଳଭଦ୍ର କର ।

Digitized by srujanika@gmail.com

## ପରମ ପ୍ରମାଣ

୧

ହେ ଧୀମନ୍ତ ବୁଧକୁଳ ! ଲୋଡ଼ୁଅଛ ଧ୍ୟାନେ;
କେମନ୍ତ ଯୁକତିସେତୁ ନିର୍ମି ସୁକୌଶଳେ,
ନାଶି ଦୃଶ୍ୟ ଅଦୃଶ୍ୟର ମହାବ୍ୟବଧାନେ,
ଏକତ୍ର କରିବ ସର୍ବ ଧରଣୀମଣ୍ଡଳେ ।
ହେ ପଣ୍ଡିତ ! କ୍ଷୁଦ୍ର ତବ ବୁଦ୍ଧି-ମାନଦଣ୍ଡେ
ବସିଛ, ମାପିବ ହେ ଅନନ୍ତ ଆକାଶେ;
ତୀକ୍ଷ୍ଣ ତର୍କକ୍ଷୁରଧାରେ ଖଣ୍ଡିଣ ଅଖଣ୍ଡେ
ମାତିବହେ କଳ୍ପୋଲ୍ଲାସେ ବୌଦ୍ଧ * ଅହଙ୍କାରେ ।
ସେ ମଦାନ୍ଧ, ସେ ଅମିତ ଅହଙ୍କାରବଳେ
ସାଧିବ ହେ ସ୍ୱତଃସିଦ୍ଧେ —ଅସାଧ୍ୟ ସାଧନା,
ଦାରୁରେ ଦହିବ ଦାରୁଦହନ ଅନଳେ,
ନୁହେ କି ଏ ବାତୁଳର ନିରର୍ଥ ଭାବନା ?
ପରମ ପ୍ରମାଣ ଯେହୁ ସର୍ବପ୍ରମାଣର,
ନକର ପ୍ରମାଣ ନକେ, ନାହିଁ ତଦୁତର ।

୨

କ୍ଷୁଦ୍ର ପରିମିତ ଯାହା, ଦୂରେ ସ୍ଥିତ ଯାହା
ବାହାରେ ଅଛଇ ଯାହା, ଦେଶକାଳାଶ୍ରିତ,
ତାହାର ପ୍ରମାଣ ସିନା ଲୋଡ଼ିବା ଉଚିତ,
ବୁଦ୍ଧିର ଆଲୋକେ ଅନୁସରି ଯୁକ୍ତିରାହା ।
କ୍ଷୁଦ୍ର ବିଷୟର ଭୋଗେ ଅତୃପ୍ତ ଏକାନ୍ତ
ବଧିର ପରାଣ କାନ୍ଦେ ବିଚ୍ଛେଦେ ଯାହାର,
ସତ୍ୟରୂପ ସେ ଅନନ୍ତ, ନାଶି ମୋହଧ୍ୱାନ୍ତ
ଅନ୍ତରେ ଅନ୍ତରତମ' ଛନ୍ତି ମୂଳାଧାର ।
ଶାସ୍ତ୍ର ଯୁକ୍ତି ପ୍ରମାଣର ଅତୀତ, ଅଗାଧ
ସେ ଅନ୍ତରତମ, ବୁଡ଼ି ଯାଅ ସେ ଅତଳେ ।
ଦୂରେ ଫିଙ୍ଗି ଅଭିମାନ ପ୍ରମାଣ ପ୍ରମାଦ,
ପଡ଼ ଆସି ସେ ଅନନ୍ତ ପାଦପଦ୍ମତଳେ ।
ହେ ତତ୍ତ୍ୱ ସୁଧୀ ! ଛାଡ଼ି ବହିରଙ୍ଗ ଭୂଷା
ଭୁଞ୍ଜି ମହାନନ୍ଦେ ମହାବିଶ୍ୱାସ ମାଧୁରୀ ।

ଶ୍ରୀ ମଧୁସୂଦନ ରାଓ ।

## ଛ ମାଣ ଆଠ ଗୁଣ

ବୃକ୍ଷ ତଦାରଖ ।

ଅୟଂ ନିଜଃ ପରୋବେତି
ଗଣନା ଲଘୁଚେତସାଂ

ମଙ୍ଗରାଜେ ନିଜ ପର ବୃକ୍ଷ ବୁଝନ୍ତି ନାହିଁ । ଶାସ୍ତ୍ରରେ ପାଠ ଡାକୁଛି—ଲଘୁଚେତାମାନେ ଆପଣା ଓ ପର ଏହିପରି ବୁଝନ୍ତି । ସାଆନ୍ତଙ୍କ ଆପଣା ବୃକ୍ଷ ପ୍ରତି ଯେପରି ନଜର, ପର ବୃକ୍ଷ ପ୍ରତି ମଧ୍ୟ ସେହିପରି ଦୃଷ୍ଟି । ଆମ୍ଭେମାନେ ଦିନକର କଥା କହିଲେ ଜ୍ଞାନୀ ପାଠକମାନେ ସେଥିରୁ ସବୁ ଜାଣିନେବେ । ଭାତ ହାଣ୍ଡିରୁ ଗୋଟାଏ ଚିପିଲେ ସବୁ ଜଣାଯାଏ । ସରଦାର ହଳିଆ ଗୋବିନ୍ଦ ପ୍ରଧାନ ସକାଳେ ଆସି ଜଣାଇଲ୍ "ଆଜ୍ଞା ଦେଢ଼ମାଣ ବିଲ ଅରୁଆ ରହିଲ୍ ତଳ ଅଣ୍ଟିଲ୍ ନାହିଁ", ସାଆନ୍ତେ "ହୁଁ" କହି ତୁନି ହେଲେ । ହଳିଆ-ହାତଯୋଡ଼ି ଦ୍ୱାରରେ ଛିଡ଼ାହେଲ୍ ।

ସାଆନ୍ତେ ବିଲ ବୁଲି ବାହାରି ଅଛନ୍ତି । ପରିଧାନ ଖଣ୍ଡିଏ ମଠାଲୁଗା, ଅଣ୍ଟାରେ

* ବୌଦ୍ଧ—ବୁଦ୍ଧିଗତ ।

Digitized by srujanika@gmail.com

ଗାମୁଛା ଭିଡ଼ା, କାନ୍ଧରେ ବିଶାଳ ତାଳପତ୍ର ଛତା । ପଛରେ ଗୋବିନ୍ଦ ପୁହାଣ ବଳଦ ହାଲଗୋଟିଏ କଞ୍ଚା ଗୋଡ଼ାଉଅଛି । ଆଉ ଜଣେ ହଳିଆ କାନ୍ଧରେ ଯୋଡ଼ାଏ ଜୁଆଳ ପକାଇ ଚାଲୁଅଛି, ତାହାର ନାମ ପାଣ୍ଡିଆ । ଗାଆଁର ସବୁ ଲୋକ ଉଠି ନାହାନ୍ତି—ଶିବୁ ପଣ୍ଡିତଙ୍କ ସଙ୍ଗେ ଭେଟ ହେଲା ।

ପଣ୍ଡିତେ ନାସ ଶୁଙ୍ଘି ୨ ବାଁ ହାତରେ ଡ଼ାଳଟିଏ ଧରି ପୋଖରୀପାଣି ବାହାରୁଅଛନ୍ତି । ସାଆନ୍ତଙ୍କୁ ହଠାତ୍ ପଛରେ ଦେଖି ତର ତର ହୋଇ ସାତେ ସାତହାତ ଆଡ଼ ହୋଇଗଲେ ଏବଂ ଡ଼ାଳଟା ତଳେ ଥୋଇ ଦେଇ ଧନୁକାକାର ଧାରଣପୂର୍ବକ "ଅଞ୍ଜଳିବନ୍ଧୋ ଭୂତ୍ଵା" ସାଆନ୍ତଙ୍କର "କୀର୍ତ୍ତିମାୟୁର୍ଯଶଃଶ୍ରିୟଂ—"କାମନା କଲେ । ସାଆନ୍ତଙ୍କର ସେଣିକି ଦୃଷ୍ଟି ନାହିଁ, ଏକମୁହାଁ ଚାଲିଅଛନ୍ତି । ସାଆନ୍ତେ ଖଣ୍ଡେ ବାଟ ଚାଲିଗଲା ବାଦ ପଣ୍ଡିତେ ଧୀରେ ଧୀରେ ଡ଼ାଳଟି ଉଠାଇ ଶ୍ଳୋକଟିଏ ପଢ଼ିଲେ "ଅଦ୍ୟ ପ୍ରାତରେବାନିଷ୍ଟ ଦର୍ଶନଂ ନ ଜାନେ କମନଭିମତଂ ଦର୍ଶୟିଷ୍ୟତି ।" ପଣ୍ଡିତମାନଙ୍କର ଶ୍ଳୋକ ପଢ଼ିବା ଅଭ୍ୟାସ, ସେଥିରୁ ଆମ୍ଭେମାନେ କଣ ପାଇବୁଁ ?

ଶ୍ୟାମ ଗୋଛାଇତ ଜାତିରେ ବାଉରି, ବଳ ଗାଁ ଚଳେ, ସେ ବଳ ଆଗରୁଆ, ଶୁଆପକ୍ଷିଆ ବୁଲି ଗଲାଣି । ଶ୍ୟାମ ନଇଁପଡ଼ି ହିଡ଼ ବାନ୍ଧୁ ଅଛି, ସାଆନ୍ତେ ପାଖରେ ଛିଡ଼ା ହୋଇ ଯାଇ କଅଁଳ ଭାଷାରେ କହିଲେ, "କିରେ ବାପା ଶ୍ୟାମ !"—ଶ୍ୟାମ ହଠାତ୍ ସାଆନ୍ତଙ୍କୁ ଦେଖି ଚମକି ପଡ଼ିଲା । ଚହାତ ଦୂରକୁ କୋଡ଼ଟା ଫୋପାଡ଼ି ଦେଇ ଲମ୍ବକରି କାଦୁଅରେ ଶୋଇପଡ଼ି ଓଳଗି ହେଲା । "ଆରେ ଉଠ,ଆରେ ଉଠ,ଆରେ ଉଠ" ବୋଲି ସ୍ନେହରେ ସାଆନ୍ତେ ସମ୍ବୋଧନ କଲେ । ତହୁଁ ଉତ୍ତାରେ ଶ୍ୟାମ ହାତ ଯୋଡ଼ି ଦଶହାତ ଦୂରରେ ଛିଡ଼ା ହେଲା । ତାହାବାଦ ଶ୍ୟାମ ଓ ସାଆନ୍ତଙ୍କ ମଧ୍ୟରେ ଢ଼େର ବେଳଯାଏଁ ଦୁଃଖ ସୁଖ କଥାବାର୍ତ୍ତା ହେଲା । ସବୁ କଥାଗୁଡ଼ାକ ଲେଖିଲେ ପାଠକମାନେ ବିରକ୍ତ ହୋଇ ପାରନ୍ତି । ସେଥି ସକାଶ ସାରାଂଶ ମାତ୍ର ଲେଖୁଅଛୁଁ—ଅର୍ଥାତ୍ ଶ୍ୟାମବଂଶ ଉପରେ ସାଆନ୍ତଙ୍କର ଭାରି ଅନୁଗ୍ରହ । ଶ୍ୟାମ ବାପ ଅପର୍ତ୍ତିଆ ରୋଜ ୨ ସଞ୍ଜବେଳେ ସାଆନ୍ତଙ୍କ ପାଖକୁ ଯାଇ ବଳବାଡ଼ିର ହାଲଚାଲ ଜଣାଉଥିଲା ଏବଂ କପରି ଚାଷ କଲେ ଧାନ ଖୁବ୍ ଫଳିବ ଏସବୁ କଥା ପଚାରୁଥିଲା ଇତ୍ୟାଦି ଇତ୍ୟାଦି । ମାତ୍ର ଶ୍ୟାମ ସେପରି କରେ ନାହିଁ । ଇତ୍ୟବସରେ ବଳ ଉପରେ ସାଆନ୍ତଙ୍କର ନଜର ଅକସ୍ମାତ ପଡ଼ିଗଲା । ଚମକି ପଡ଼ିଲା ପରି ମୁରବିପଣିଆ କରି କହିଲେ "ଆରେ ଶ୍ୟାମା, ତୁ କଣ କରିଛୁ, ତୁଟା ତ ନହାତି ଓଲୁ । ଚାଷ କରୁଛୁ ନ ଶୁନାହିଁ । ଆରେ ଏତେ ନଘଞ୍ଚ କରି ରୋଇଲେ କଣ ଧାନ ଫଳେ ? ଗଛ ନିଶ୍ୱାସ ମାରିବାକୁ ବାଟ ରଖିନାହୁଁ ! ଉପାଡ଼ ଉପାଡ଼, ଅଧେ ଉପାଡ଼ିପକା ।" ଗୋବିନ୍ଦ ଭଲକରି ଅନାଇ ସାଆନ୍ତଙ୍କର ପୋଷକତା କଲା । ଶ୍ୟାମ ଥରି ଥରି ହାତ ଯୋଡ଼ି କହିଲା "ଆଜ୍ଞା ମୁ ତ ସବୁ ବରଷ ଏହିପରି ରୁଏଁ, ସମସ୍ତେ ରୁଅନ୍ତି ।" ସାଆନ୍ତେ ବିରକ୍ତ ହୋଇ କହିଲେ "ଆରେ ଓଲୁଁ, ଭଲ କହିଲେ ଶୁଣୁ ନାହୁଁ ?" ଗୋବିନ୍ଦ ଆଡ଼କୁ ଚାହିଁ କହିଲେ, "ଆରେ ଗୋବିନ୍ଦା, ଦେଖାଇ ଦେ ତ ।"ଏହି କଥା ମୁହଁରୁ ନ ବାହାରୁଣୁ ଗୋବିନ୍ଦା ଏବଂ ପାଣ୍ଡିଆ ଦୁଇଜଣଯାକ ବଳ ଅଧା ପଦା କରି ପକାଇଲେ । ଶ୍ୟାମ ଉବୁକାପାଡ଼ି ସାଆନ୍ତଙ୍କ ଗୋଡ଼ତଳେ ଗଡ଼ୁଥାଏ । ସାଆନ୍ତେ ରାଗିଯାଇ ସାଆନ୍ତାଣୀଙ୍କ ସହିତ ଶ୍ୟାମର ଭାଇଲେଖା ସମ୍ବୋଧନ କରି କହିଲେ "ତୁ ବଳ କରି ଜାଣି ନଜାଣି, କରଜା ଧାନର ମୂଳ କଳନ୍ତର ବିଶ୍ୱାଏ ରଖିଲେ ଜାଣିବୁ ।" ଶ୍ୟାମ ଉପ୍ପରେ କାଠ ପିତୁଳାଟି ପରି ଛିଡ଼ା ହୋଇଥାଏ, ସାଆନ୍ତେ

Digitized by srujanika@gmail.com

"ଆରେ, ଗୋବିନ୍ଦନାଥ କି ଥାଉ, ସେ ଯାହା ଇଚ୍ଛା କରୁ" ଏହା କହିଆପଣା ଅରୁଆ ଚାଉଳ ଆଉଟିକୁ ଦୁଇ ହାତରେ ଟେକି ଧରି ବାହାରିଗଲେ ।

---

## ମଙ୍ଗରାଜଙ୍କ କୁଟୁମ୍ବ

ରାମଚନ୍ଦ୍ର ମଙ୍ଗରାଜେ ଜଣେ ବହୁଦର୍ଶୀ ଲୋକ । ଘରେ ଖାଇବାକୁ କୁଟୁମ୍ବ ଢେର । ନିଜ ସାଆନ୍ତ ସାଆନ୍ତାଣୀଙ୍କୁ ଛାଡ଼ି ତିନି ପୁଅ ସପରିବାରରେ ତିନି ବାହୁ, ପୋଇଲି ପରିବାର କୋଡ଼ିଏ କି ବାଇଶି—ଏହିପରି ତିରିଶ ଲଗାଲଗି । ପ୍ରତି-ଜଣର କଥା ଲେଖିବାକୁ ଗଲେ ଢେର ଲେଖି-ବାକୁ ହୁଏ । ମାତ୍ର ଅନେକ ଅମ୍ଭମାନଙ୍କ ସ୍ୱଭାବ ଜାଣନ୍ତି, ମିଛକଥା ଲେଖିବା, କଥା ବଢ଼େଇ ଲେଖିବା, ଅକାରଣ କଥା ଲେଖିବା, ଅମ୍ଭ-ମାନଙ୍କ ଧାତୁରେ ଚଳେ ନାହିଁ । ମଧ୍ୟ "ନା-ଲିଖେତ୍ ସତ୍ୟମପ୍ରିୟଂ"—ଅର୍ଥାତ୍ ସତକଥାରୁ ମଧ୍ୟ ଅଧାଅଧି ଛାଡ଼ି ଦେବାକୁ ହୁଏ । ଉଆସ ମଧ୍ୟରେ ସ୍ତ୍ରୀ ସଂଖ୍ୟା ବେଶି, ରାମା ଭଣ୍ଡାରୀକୁ ଛାଡ଼ି ପୁରୁଷ ଭୃତ୍ୟ ପ୍ରାୟ ଶୁଭେନାହିଁ । ସାଆନ୍ତେ ତ ଧନ୍ଦାରେ ଲଗିଥାଅନ୍ତି । ତିନିପୁଅ ଜୁଆନ, ଚଉପଟ ଖେଳିବା, ଗୋବରା ଚଢ଼ାଇ ଧରିବା, ଲୋକଙ୍କ ସହିତ ଦଙ୍ଗାଫସାଦ କରିବାରେ ସେମାନଙ୍କୁ ବେଳ ଅଣ୍ଟେନାହିଁ । ଗଞ୍ଜେଇପତ୍ର ଖାଇବାକୁ ମଧ୍ୟ କିଛି ବେଳ ଦରକାର । ଗୋବିନ୍ଦପୁର ହାଟର ଗଞ୍ଜେଇଦୋକାନୀ ଜଣେ ଗହକ ଉପରେ ଖପା ହୋଇ କହିଲା, "ଆରେ ଯା ମ ! ମାଲ ନାହିଁ, ଏକା ସାଆନ୍ତଘର ବାବୁମାନଙ୍କ ପାଇଁ ମାଲ ନାଅଣ୍ଟେ ।" ବାପ-ପୁଅଙ୍କର ପ୍ରାୟ ଭେଟ ହୁଏନାହିଁ । ଜଣେ ମୁରବି ଭଲଆ ଲୋକ କହିଥିଲା, "ଆହେ ମଙ୍ଗରାଜେ, ପୁଅମାନଙ୍କୁ କାହିଁ ପାଖ ପୁରାଅ ନାହିଁ ?" ମଙ୍ଗରାଜେ ଉତ୍ତର ଦେଲେ, "ଆହେ ତୁମ୍ଭେ କି ଶାସ୍ତ୍ର ଶୁଣିନାହିଁ ?"

ଲାଳୟେତ୍ ପଞ୍ଚବର୍ଷାଣି
ଦଶବର୍ଷାଣି ତାଡ଼ୟେତ୍ ।
ପ୍ରାପ୍ତେତୁ ଷୋଡ଼ଶେ ବର୍ଷେ
ପୁତ୍ରଂ ମିତ୍ରବଦାଚରେତ୍ ।

ଅର୍ଥାତ୍ ପୁଅମାନଙ୍କୁ ପାଞ୍ଚିରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ଲାଳ ବାଳ, ଦଶବର୍ଷ ପର୍ଯ୍ୟନ୍ତ ସେମାନଙ୍କୁ ପିଟିବ, ଷୋଳବର୍ଷ ହେଲା ଉତ୍ତାରେ ସେମାନଙ୍କ ସହିତ ଆଉ ମିତ୍ରମାନଙ୍କ ସହିତ ପରି ଅର୍ଥାତ୍ ଖାତିର ଆଚରଣ କରିବ । ବାସ୍ତବିକ ଦେଖାଯାଉଅଛି, ସାଆନ୍ତେ କାହାରି କାହାରି ମଙ୍ଗଳ ସଙ୍କାର ଟିକି ବସି ମଙ୍ଗଳପଦେମା କରି ସେମାନଙ୍କ କମିଜମା ହସ୍ତାନ୍ତର ଦେଲେଣି । ମାତ୍ର ସାଆନ୍ତେ ପୁତ୍ରମାନଙ୍କ ସମ୍ବନ୍ଧରେ ସେହି ଶାସ୍ତ୍ରୀୟ ପ୍ରମାଣ ପ୍ରୟୋଗ କଲେ, ତାହା ଠିକ ବୋଲି ବୋଧ ହେଉନାହିଁ । ଶୁଣାଯାଏ ପୁଅମାନେ ଦଶା-ମଣିର କଟା ଉଡ଼ାଇ ଦେବାରୁ ବାପପୁଅ-ଙ୍କର ଅଡ଼ି । ଉଆସମଧ୍ୟରେ ସାଆନ୍ତାଣୀ ଗୋଟାଏ କୋଠରିରେ ପଡ଼ିଥାଅନ୍ତି, କାହାରି ସହିତ କଥା ନାହିଁ । କେବଳ ଭାଟ, ଭିକାରୀ, ଜ୍ୟୋତିଷୀ, ଶାସ୍ତ୍ରୀ ଆସିଲେ ତାହାଙ୍କୁ ଖୋଜନ୍ତି । ବହୁମାନଙ୍କ କଥା ଲେଖିବା ଅନୁଚିତ । ବଡଲୋକ ଘରର ବହୁ ଭୂଅଶୁଣି କଥା ଦାଣ୍ଡରେ ପକା-ଇଲେ ଲୋକେ ଅମ୍ଭମାନଙ୍କୁ କଣ କହିବେ ? ସେମାନେ ସେପରି ଦିନ ପହରକରେ ବିଛଣାରୁ ଉଠି ଦୁଇ ତିନିଘଣ୍ଟା ମଧ୍ୟରେ ଦାନ୍ତପରି ଘଷି ମର୍ଦ୍ଦନ ସ୍ନାନସାରି ଭୋଜନକରି ଦିନ ବେଳେ ବେଳ ବୁଡ଼ି ଯାଏ ଶୋଇପଡ଼ନ୍ତି, ସେ କଥାଗୁଡ଼ାକ ଲେଖିଲେ କଣ ହେବ ? ବେଳବୁଡ଼ ସରକୁ ପୁଣି ଉଠି ପଖାଳ ହଣ୍ଡି ହଣ୍ଡି ସାରି ତାହାବାଦ ଗାଁକଥା ଶୁଣିବା, କାହାଣୀ ଶୁଣିବା, ପୋଇଲିମାନଙ୍କ ମଧ୍ୟରେ କଳି ଲଗାଇ ଦେବା, କଳି ଭାଙ୍ଗିବା, ହସିବା, ବସିବାରେ ଅଧରାତି ହୋଇଯାଏ । ରୁକ୍ମଣି, ମରୁଆ, ଗେମୀ, ନାକଫୋଡ଼ି, ଚେଙ୍ଗା,

Digitized by srujanika@gmail.com

ଶ୍ୟାମଳୀ, ଶୁକ୍ଳା, ପାଟ, କୌଶଲ୍ୟାଙ୍କୁ ଛାଡ଼ି ଆହୁରି କେତେଗୁଡ଼ିଏ ସେଇଳି ଅଛନ୍ତି । ସେମାନଙ୍କ ନାମ ଆମ୍ଭମାନଙ୍କୁ ଅଜଣା, କେହି ବାଳବିଧବା, କେହି ଯୁବତୀବିଧବା, କେହି ଆଜନ୍ମବିଧବା, କେହି ବା ସଧବା । ନାନାପକ୍ଷୀ ଏକ ବୃକ୍ଷରେ ବାସ କଲାପରି ମଙ୍ଗରାଜଙ୍କ ଘରେ ଆଶ୍ରୟ ନେଇଅଛନ୍ତି । ମଧ୍ୟ କେତେ ଆସୁଅଛନ୍ତି କେତେ ଯାଉଅଛନ୍ତି ତାହାର ଠିକଣା ନାହିଁ । ଅନେକ ଗୁଡ଼ିଏ ସ୍ତ୍ରୀଲୋକ ଯୋଟିଲେ ଗୁଣ ହେଲେ ପୃଥିବୀର କଳି ଜାତହୁଏ, ପୃଥିବୀର ଅଳିଆ ଜମାହୁଏ, ମଙ୍ଗରାଜ ଉଆସ ଏହି ସନାତନ ବିଧିକୁ ଛାଡ଼ି ନଥିଲା । ରାତି ଅଧ ଏ ଉଆସ ମଧ୍ୟରେ ମାଛହାଟ ବସିଲା ପରି ଘୋଘୋ ଶବ୍ଦ ଶୁଭୁଥାଏ । ପାଠ ଡାକୁଅଛୁ ।

ବହୁତ ରଣ୍ଡ ଯହିଁ ମେଳ
ଅବଶ୍ୟ ଉପୁଜଇ କଳି ।

ଉଆସ ମଧ୍ୟରେ ଯେତେ ଲୋକ ଅଛନ୍ତି, ସେଥି ମଧ୍ୟରୁ ଚମ୍ପା ଓରଫେ ଚମ୍ପା ଯାଆନ୍ତାଣୀ ଓରଫେ ହରକଲା ହେଉଛି ମଙ୍ଗରାଜଙ୍କର କି ସମ୍ପର୍କ, ଏ କଥା କାହାରିକୁ ଜଣା ନାହିଁ । ତାହାର ଜାତି, କୁଳ, ପିତୃବଂଶ ସମ୍ବନ୍ଧରେ ମଧ୍ୟ ସମସ୍ତେ ଅନଭିଜ୍ଞ । ଚମ୍ପା ମଙ୍ଗରାଜ ଘରେ ଦାସୀ କି ଯାଆନ୍ତାଣୀ, ବ୍ୟବହାର ଦେଖି ବୁଝିବାର କାହାର ଶକ୍ତି ନାହିଁ । କେବଳ ଏତିକି ମାତ୍ର କହିପାରୁଁ ଯେ ମଙ୍ଗରାଜଙ୍କ ଉଆସ ମଧ୍ୟରେ ଚମ୍ପାର କ୍ଷମତା ଅସୀମ । ଅଧିକ କଣ, ସାଆନ୍ତାଣୀଙ୍କ କ୍ଷମତାଠାରୁ ଢେର ବେଶି । ବାହାରର ହଳିଆ, ମୁଲିଆ, କଚେରି କରଣ-ମାନେ ପର୍ଯ୍ୟନ୍ତ ତାହାଠାରେ ହାତ ଯୋଡ଼ି ଥାଆନ୍ତି । ଚମ୍ପାର ଗୋଟିଏ ନାମ ହରକଲା, ସତକଥା କହିବାକୁ ଗଲେ ଏହି ନାମ ଧରି ତାହାକୁ କେହି ଡାକିବାର ଶୁଣିନାହୁଁ । ହରକଲା ଶବ୍ଦର ବ୍ୟୁତ୍ପତ୍ତି କଣ, ଏହି ନାମଟି ନିନ୍ଦ୍ୟ କି ପ୍ରଶଂସନୀୟ ଏହା ବୋଲିବାକୁ ଆମ୍ଭେମାନେ ନିତାନ୍ତ ଅକ୍ଷମ । ମାତ୍ର ଚମ୍ପା କାନରେ ଦିନେ କିଏ ମନ୍ତ୍ର ଦେଲା, ଲୋକମାନେ ତାହାକୁ "ହର କଲା" ବୋଲନ୍ତି । ସେ ଶୁଣି ଭାରି ଖପା ହେଲା, ଯାଇ ସିଧା ମଙ୍ଗରାଜଙ୍କ ଠାରେ ଗୁହାରି କଲା—ଖବର୍ ଧରପଗଡ଼ ହେଲା, ଦୁଇଦିନ ପର୍ଯ୍ୟନ୍ତ ଖୋଜତଲାସ ହେଲା. ମାତ୍ର ହରକଲା ନାମର କେଉଁଠାରୁ ଉତ୍ପତ୍ତି, କେତେଦୂର ବିସ୍ତୃତି କିଛି ଠିକଣା ମିଳିଲା ନାହିଁ । ଅବଶେଷରେ ମାଆନ୍ତେ କହିଲେ, ହେଉ ହେଉ ଦେଖିବି । ଖବରଦାର, ଚମ୍ପାକୁ କେହି ହରକଲା କହିବ ନାହିଁ । ସେହିଦିନ ଗ୍ରାମର ଏମୁଣ୍ଡ ଠାରୁ ସେମୁଣ୍ଡ ଯାଏ ଏବଂ ଆଖ ପାଖ ଦୁଇ ତିନି ଗାଁରେ ସମସ୍ତଙ୍କୁ ସମସ୍ତେ ସାବଧାନ କରିଦେଲେ ଖବରଦାର ଚମ୍ପାକୁ କେହି ହରକଲା କହିବ ନାହିଁ, ମାସେ ଦୁଇମାସ ଗ୍ରାମ-ମାନଙ୍କରେ ନେଣ୍ଟାଠାରୁ ବୁଢ଼ୀ, ଟୋକାଠାରୁ ବୁଢ଼ାଏ, ସଙ୍ଗ ମନମିଳାପୀ ଲୋକ ଦେଖିଲେ ଲୁଚିଆଖିକି ଅନେକ ମୁରୁକି ମୁରୁକି ହସି ପରସ୍ପରକୁ ସାବଧାନ କରିଦେଉଅଛନ୍ତି, "ଖବରଦାର ଚମ୍ପାକୁ କେହି ହରକଲା କହିବ ନାହିଁ ।" କ୍ରମଶଃ ସେହି କଥା ସଂକ୍ଷିପ୍ତ ରୂପ ଧାରଣ କଲା, ଯଥା—ଖବରଦାର କେହି ଚମ୍ପାକୁ—ଖବରଦାର କେହି—ଖବରଦାର—ଇତ୍ୟାଦି । ପିଲାଗୁଡ଼ାକ ହାତତାଳି ଦେଇ ଦାଣ୍ଡରେ ନାଚନ୍ତି ।

ଖବରଦାର,
ଗୋବିନ୍ଦ ଜେନା ଚୌକିଦାର ।

ପିଲାଗୁଡ଼ାକ ସବୁଦିନେ ଦୁଷ୍ଟ, ସେମାନଙ୍କ କଥା କିଏ ଧରିବ । ଯାଉ, ସେ ବାଜେ କଥାରୁ କଣ ହେବ ? ମାତ୍ର ମାଆନ୍ତଙ୍କ ଘର ସହିତ ଚମ୍ପାର ଖୁବ ଘନିଷ୍ଠ ସମ୍ବନ୍ଧ ଥିବାରୁ ପାଠକମାନେ ତାହାର ନାମ ଅନେକ ଥର ଶୁଣିବାକୁ ପାଇବେ । ସୁତରାଂ ତାହାର ରୂପଗୁଣ ସମ୍ବନ୍ଧରେ ସମସ୍ତ କଥା ଫେଡ଼ି

Digitized by srujanika@gmail.com

କହିଦେବା ଆମ୍ଭମାନଙ୍କ ପକ୍ଷରେ ନିତାନ୍ତ କର୍ତ୍ତବ୍ୟ ହେଉଅଛି । ଆଜି ଗ୍ରନ୍ଥସ୍ଥ ନାୟକ ନାୟିକାମାନଙ୍କର ରୂପଗୁଣ ବର୍ଣ୍ଣନା କରିବାକୁ ଲେଖକମାନେ ସାହିତ୍ୟ ଆଇନାନୁସାରେ ବାଧ୍ୟ । ସୁତରାଂ ଏହି ସନାତନରୀତି ପାଳନ କରିବାକୁ ଆମ୍ଭେମାନେ ଅସମ୍ମତ ହୋଇ ନ ପାରୁଁ । ପୁଣି ଗ୍ରନ୍ଥକାରମାନେ ଗୋଟିଏ ନାୟିକାକୁ ପାଇଲେ ଛେନାଗୁଡ଼ ପାଇଲା ପରି ସବୁକଥା ଭୁଲିଯାଇ ଯାଇଁ ତାହାର ରୂପବର୍ଣ୍ଣନା କରିବାକୁ ବସିଯାଆନ୍ତି । ଆମ୍ଭେମାନେ ଯେ ରୂପବର୍ଣ୍ଣନା କରିବା ବିଷୟରେ ଅକ୍ଷମ, ତାହା ନୁହେ । ଏହି ଦେଖ-କଦଳୀ ପଣସ ରମ୍ଭ; କମ୍ବା ଡାଳିମ୍ବ, ଟିଭ ଏହିପରି କେତେ ବୃକ୍ଷର ଛା ପତ୍ର, ଫଳ, ଫୁଲ ଅଛି ଚମ୍ପାର ବିଶେଷ ବିଶେଷ ଅଙ୍ଗସହିତ ବିଶେଷ ବିଶେଷ ପଦାର୍ଥ ମିଳାଇ ଦେଲେ ତ ରୂପବର୍ଣ୍ଣନା ହେଲା । ମାତ୍ର ଆଜିକାଲି ସେପରି ମରହଟ୍ଟୀ ବର୍ଣ୍ଣନା ଚଳିବ ନାହିଁ । ଇଂରାଜୀ ପଢ଼ୁଆ ପାଠକମାନଙ୍କ ମନୋରଞ୍ଜନ ସକାଶେ ଇଂରାଜୀ ଧରଣରେ ବର୍ଣ୍ଣନା ଆବଶ୍ୟକ । ସଂସ୍କୃତର କବିମାନେ ସୁନ୍ଦରୀ ସ୍ତ୍ରୀକୁ କହନ୍ତି 'ଗଜେନ୍ଦ୍ର ଗମନୀ' । ଇଂରାଜୀ କବି କହିଲେ ଛି ଛି ! ତାହା ତ ନୁହେ, ଘୋଡ଼ାପରି ଯେ "ଗେଲପ" ଚାଲିବାର ସେହି ସିନା ପରମା ସୁନ୍ଦରୀ । ଆମ୍ଭେମାନେ ଦେଖୁଅଛୁଁ, ଆଜିକାଲି ପଶ୍ଚିମରୁ ଆଷାଢ଼ର ମେଘ-ମାଳାରେ ବଢ଼ିପାଣି ପରି ଏ ଦେଶକୁ ଇଂରାଜୀ-ସଭ୍ୟତା ଯେପରି ପେଲି ଆସୁଅଛି, ସେଥିରେ ଖୁବ୍ ସମ୍ଭବ ନବ୍ୟସଭ୍ୟ ଶିକ୍ଷିତ ବାବୁମାନେ ଆପଣା ଆପଣା ଅଙ୍କଲକ୍ଷ୍ମୀମାନଙ୍କୁ "ଗେଲପ" ଚାଲି ଶିଖାଇବା ନିମନ୍ତେ ଚାବୁକ ସଓ୍ୟାର ନିଯୁକ୍ତ କରିବାକୁ ପ୍ରସ୍ତାବ କରି ବସିବେ । ସେ କଥା ଯାହାହେଉ, ଆମ୍ଭମାନେ କହୁଁ ସୁନ୍ଦରୀମାନଙ୍କ ଚାଲିର ଉପମେୟ ବସ୍ତୁ କୌଣସି କବି ଠିକ୍ କରି ପାରି ନାହାନ୍ତି । ବିଚାର କରନ୍ତୁ ଘୋଡ଼ା ଆଉ ହାତୀମାନେ ଚାରିଗୋଡ଼ରେ ଚାଲନ୍ତି । ମାତ୍ର ଆମ୍ଭମାନଙ୍କ ଚମ୍ପାର ଦୁଇଗୋଟି ଗୋଡ଼ରୁ ବେଶି ନାହିଁ । ସୁତରାଂ ତାହାକୁ ଗଜେନ୍ଦ୍ର ଗମନୀ ବା ଅଶ୍ୱବରଗମନୀ ବୋଲିବା ନିତାନ୍ତ ଅସଙ୍ଗତ ଅଟେ । ତେବେ ଚମ୍ପା ହାମୁଡ଼ି ହାମୁଡ଼ି ଚାଲିଲେ କପରି ଦିଶନ୍ତା, ସେକଥା ଅନୁମାନ କରି କହିବାକୁ ଆମ୍ଭେମାନେ ସମ୍ପୂର୍ଣ୍ଣ ଅକ୍ଷମ । ତେବେ ପଦସଂଖ୍ୟା ସମ୍ବନ୍ଧରେ ମରାଳ ସହିତ ସାମଞ୍ଜସ୍ୟ ଥିବାରୁ ତାହାକୁ ମରାଳ-ଗମନା ବୋଲିବା ଅସଙ୍ଗତ ନୁହେଁ । ଅଳଙ୍କାର ଶାସ୍ତ୍ରର ମର୍ଯ୍ୟାଦା ରକ୍ଷା ପାଇଁ ଉପମାନ ଉପ-ମେୟ ଠିକ୍ ରଖି କହିବାକୁ ଗଲେ ମରାଳ କେତେବେଳେ ଖାଲି ଗୋଡ଼ରେ କେତେବେଳେ ଡେଣା ମେଲାଇ ଖଣ୍ଡିଏ ଉଡ଼ା ଦେଲାପରି ଚାଲେ, ଆମ୍ଭମାନଙ୍କ ଚମ୍ପା ଗୋହିରୀ ମଝିରେ ମାଣିଆବନ୍ଧ ପଣତ କାନି ଉଡ଼ାଇ ଗାଇଲା ଡେଣା ଦୋହଲାଇ ଚାଲିବା ବେଳେ ଠିକ୍ ତାକୁ ମରାଳଗମନୀ ବୋଲିଯାଇ ପାରେ । ଚମ୍ପାର ବୟସ ଆମ୍ଭେମାନେ ଅନୁମାନ କରୁ ତିରିଶରୁ ବେଶି ହେବନାହିଁ । ମାତ୍ର ତାହାର ନିଜ ମୁହଁରେ ଅନେକ ଥର ଶୁଣା ଯାଇଅଛି, ସାଆନ୍ତାଣୀଙ୍କ ମଙ୍ଗଳକୃତ୍ୟ ଦିନ ତାହାର ଏକେଇଶା ହୋଇଥିଲା । ଏ ହିସାବରେ ଚମ୍ପାର ବୟସ ଢେର କମ୍ । ଏପରି ଯୁବତୀର ରୂପ ବର୍ଣ୍ଣନା କରିବାକୁ ହେଲେ ଖୁବ୍ ସାବଧାନତା ଖୁବ୍ ବିଜ୍ଞତା, ଖୁବ୍ ବହୁଦର୍ଶିତା ଆବଶ୍ୟକ । ବିଲାତି ଜିନିଷମାନଙ୍କ ସହିତ ରୁଚି ନାମଧେୟ ପଦାର୍ଥ ବିଶେଷ ଏ ଦେଶକୁ ନୂଆ ଆମଦାନି ହୋଇଅଛି । ତାହା ପ୍ରତି ନଜର ରଖି ନ ଚଳିଲେ ତୁମ୍ଭର ଗୀତ ସରିଲା । ତୁମ୍ଭେ ମୂର୍ଖ ଅସଭ୍ୟ ହେଲେ ଗଲ ! ସେଦିନ ଉପେନ୍ଦ୍ରଭଞ୍ଜଙ୍କ ଦୁର୍ଦ୍ଦଶା ଦେଖି ଆମ୍ଭେମାନେ ଏହି ଶିକ୍ଷା ପାଇଅଛୁଁ । ବାପା ମା ପୁଣ୍ୟବଳରୁ ସେ ବଡ଼ଗିରି ଖସି ଯାଇଅଛି, ନୋହିଲେ ଇସ୍ତକ ମହାପାତକଠାରୁ ମହାରାଜ ଯାଏ ଯେପରି ପିଛା ଧରିଥିଲେ ତାହା କପାଳରେ

Digitized by srujanika@gmail.com

ସେ କଅଣ ଘଟିଥାଆନ୍ତା, ଠାକୁରଙ୍କୁ ଜଣା । ଏପରି ମହାରଥୀର ତ ଏହି ଦଶା । ଆମ୍ଭେମାନେ ବା କେତେ ଜଳାରେ ଗଣ୍ଡାଏ । "ଗୁରୁଦେବପ୍ର-ପ୍ରସାଦେନ" ଆମ୍ଭେମାନେ ସୁରୁଚି କବିତା କିଛି କିଛି ରଚନା କରିବାକୁ ସକ୍ଷମ । ଆପଣ ମନରେ କରିବେ, ଏଟା ମିଛୁଆ, କିଛି ଜାଣେ ନାହିଁ । ଆଗୁ ନମୁନା ଦେଖନ୍ତୁ—

"ଅର୍ଦ୍ଧବକ୍ଷ ଉଲ୍ଲଙ୍ଗିନୀ, ମୁରୁକି ହାସିନୀ,
ବସ୍ତ୍ରଶୂନ୍ୟ ଶକ୍ତିହସ୍ତା, ଭୁଜଙ୍ଗ ଗାମିନୀ ।
ମାର୍ଜାରନୟନା, ତାମ୍ରକେଶା, ଅଣ୍ଡାଭର୍ତ୍ତା,
ସ୍ୱାଧୀନଭର୍ତ୍ତୃକା, ପାଞ୍ଚଜଣ ଆଗେ ଛଡ଼ା ।
ପରପୁରୁଷକୁ ଧର ନର୍ତ୍ତକୀ ସୁନ୍ଦରୀ
ଆହା ଆହା ଅପରୂପ ସ୍ୱର୍ଗ ବିଦ୍ୟାଧରୀ ।"

ଆଉ କୁରୁଚିପୂର୍ଣ୍ଣ ଉପେନ୍ଦ୍ରଭଞ୍ଜ ଶୁଣିବ ?

ଉଲଟ କଦଳୀ ପ୍ରାପ୍ତ ଜାନୁ ।
ନିତମ୍ବ ଯୁଗଳ ଜିଣି ସନୁ ॥

ଆଉ ଲେଖିବାକୁ ସାହସ ହେଉନାହିଁ । କେଜାଣି ବଜ୍ରୀଳ ପୁଣି ଚମକି ଉଠିବେ । ଆମ୍ଭେମାନେ ସୁରୁଚି କବିତା ଲେଖିବାକୁ ଜାଣୁ ସତ୍ୟ, ମାତ୍ର ଦିନ ଦୁଇପ୍ରହରେ ଲୁଚ୍ଛା ମିଛ ଲେଖିବାକୁ ସାହସ ହେଉନାହିଁ । ଇସ୍ତକ ବାଲିପାଟଣା ବାଳିକା ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ଛାତ୍ରୀ ଶ୍ରୀ ଚେମ୍ପୀ ଭେଦବତୀଠାରୁ ବେଥୁନଇସ୍କୁଲର ଉଚ୍ଚତମ ଶ୍ରେଣୀର ଛାତ୍ରୀ ମିସ ଏସ, ଏମ, ରେ—ଓରଫେ କୁମାରୀ ଶଶୀ-ମୁଖୀ ସାହୁ ପର୍ଯ୍ୟନ୍ତ ଦେଖିଲୁଁ କେହି ସୁରୁଚି-ସମ୍ପନ୍ନ ସୌନ୍ଦର୍ଯ୍ୟ ବଢ଼ାଇ ବଗଡ଼ ଆଖି ପର କରି ପାରି ନାହାନ୍ତି । ଏଣେ ସତ ଲେଖିଲେ ଅସଭ୍ୟ ହେଲେ ଯିବୁଁ, ମିଛ କଥାତ କଲ-ମରୁ ବାହାରିବ ନାହିଁ, ଉପାୟ କଣ ? କାଳିଦାସ ରଘୁବଂଶ ଲେଖିଲା ବେଳେ, କଲମ ଅଚଳ ହେବାରୁ କହି ବସିଲେ—

"ଅଥବା କୃତବାଗ୍‌ଦ୍ୱାରେ ବଂଶେଽସ୍ମିନ
ପୂର୍ବସୂରିଭିଃ
ମଣୌ ବଜ୍ରସମୁତ୍କୀର୍ଣ୍ଣେ ସୂତ୍ରସ୍ୟେବାସ୍ତି ମେ
ଗତିଃ ।

ଏବେତ ବାଟ ଦିଶିଗଲା, ନିଜେ କାଳି-ଦାସେ ଚମ୍ପା ରୂପ ବର୍ଣ୍ଣନାର ନମୁନା ରଖି ଯାଇ ଅଛନ୍ତି । ସେ କହିଲେ,

ତନ୍ୱୀ ଶ୍ୟାମା ଶିଖରଦଶନା ପକ୍ୱବିମ୍ବାଧରୋଷ୍ଠୀ ।

ଅନ୍ୱୟାର୍ଥ—ତନୁ ବୋଲନ୍ତେ ଶରୀର, ଚମ୍ପାର ତନୁ ଥିବାରୁ ସେ ତନ୍ୱୀ । ଶ୍ୟାମା ବୋଲନ୍ତେ କାଳିଆ ନୁହେ, ଗୋରୀ ନୁହେଁ, ଶ୍ୟାମଳ ବର୍ଣ୍ଣ, ଚମ୍ପା ଶ୍ୟାମଳବର୍ଣ୍ଣା । ଶିଖରଦଶନା—ଶିଖରୀ ବୋଲନ୍ତେ ପାହାଡ଼, ଦଶନ ବୋଲନ୍ତେ ଦାନ୍ତ, ଚମ୍ପାର ଗ୍ରାମ୍ୟଦାନ୍ତ ଦୁଇଗୋଟି ବାହାରି ହୋଇ ଗୋଟାକ ଉପରେ ଗୋଟାଏ ଚଢ଼ି ଯାଇ ପର୍ବତଶୃଙ୍ଗ ପରି ଦେଖା ଯାଉଥିବାରୁ ସେ ଶିଖରଦଶନା । ଆଉ ପକ୍ୱବିମ୍ବାଧରୋଷ୍ଠୀ, ପକ୍ୱ ବୋଲନ୍ତେ ପାଚିଲା, ବିମ୍ବ ବୋଲନ୍ତେ କୁଆମଇଦା, ଅଧରୋଷ୍ଠ ବୋଲନ୍ତେ ତଳ-ଉପର ଓଠ ଅର୍ଥାତ୍ ପାନବୋଳରେ ଚମ୍ପାର ଦୁଇଓଠ ନାଲି ହୋଇଥିବାରୁ ସେ ପକ୍ୱ-ବିମ୍ବାଧରୋଷ୍ଠୀ ଇତ୍ୟାଦି ।

ଦାସେ—"ମଧ୍ୟେ କ୍ଷାମା—ସ୍ତୋକନମ୍ରା" ପ୍ରଭୃତି ଢ଼େର କଥା କହିଅଛନ୍ତି, ମାତ୍ର ଚମ୍ପାର ଯେ ସବୁ ଅଙ୍ଗ ଗୁପ୍ତ, ଅର୍ଥାତ୍ ଆମ୍ଭେମାନେ ଯେ ସବୁ ଅଙ୍ଗ ଦେଖିନାହୁଁ, ସେ ସମସ୍ତ ଅଙ୍ଗ ବର୍ଣ୍ଣନା କରିବାକୁ ନିତାନ୍ତ ନାରାଜ । ଦାସେତ ଦାସେ, ଯାହା ନଦେଖିଛୁଁ ଦୁଇନୟନେ, ତାହା ନ ଲେଖିବୁ ଗୁରୁବଚନେ— ତେବେ ଦେଖା-ସ୍ଥାନଗୁଡ଼ିକ ବର୍ଣ୍ଣନା କରିବାକୁ ଛାଡ଼ିବା ପାତ୍ର ଆମ୍ଭେମାନେ ନୋହୁଁ—

ଯଥା—

"କଜ୍ଜଳ ପୂରିତ ଲୋଚନ ଭାଲେ"

Digitized by srujanika@gmail.com

ଗୁଣ୍ଡି ମିଶା ଖିଲ୍ଲୀ ପୂରିତ ଗାଲେ ।
ତୈଳ ହରିଦ୍ରା ବୋଳିତ ଦେହେ
କୁକ୍କୁରୀବ ଶୀଘ୍ର ଧାବନ୍ତି ଗେହେ ।
ଷୋଳହାତି ଶାଢ଼ୀ ଭୂଷିତ କଚ୍ଛେ ।
ଥୋପ ଭଡ଼ା ଯୁଡ଼ା ଶୋଭିତ ପଚ୍ଛେ ।
ଦୁମୁ ଦୁମୁ ଗୁମୁ ଗୁମୁ ଚଳନଂ ତସ୍ୟା ।
ଚଳନ୍ତି ବା ଧାବନ୍ତି ବିଷମ ସମସ୍ୟା ।
ଇତି ରୂପବର୍ଣ୍ଣନ ପଞ୍ଚଟୀ ଛନ୍ଦେ ।
ଅତଃ ଗୁଣ ବର୍ଣ୍ଣ୍ୟତେ ବିବିଧପ୍ରବନ୍ଧେ ।

କ୍ରମଶଃ

ଶ୍ରୀ ଧୂର୍ଜଟି ।

---

ଉତ୍କଳ

## ସାହିତ୍ୟ-ସନ୍ଦର୍ଭ

ରାଣୀ କର୍ମଦେବୀ । (୧)

ଊନବିଂଶ ଶତାବ୍ଦୀର ପରିବର୍ତ୍ତନଶୀଳ ବିଚିତ୍ର ଅଙ୍କରେ ଭାରତୀୟ କାମିନୀକୁଳର ଯେଉଁ ଚରିତ୍ରଚିତ୍ର ପ୍ରଦର୍ଶିତ ହେଉଅଛି, ତାହା ପୂର୍ବ-କାଳର ଆର୍ଯ୍ୟନାରୀମାନଙ୍କ ସ୍ୱଭାବ-ଚିତ୍ର ସମୀପରେ ଯେ ନିତାନ୍ତ ତୁଚ୍ଛ ଏବଂ ଅପଦାର୍ଥ ବୋଲି ପ୍ରତିପନ୍ନ ହେବ, ସେଥିରେ ଲେଶମାତ୍ର ସନ୍ଦେହ ନାହିଁ । ଆଧୁନିକ ଭାରତୀୟ ମହିଳା-କୁଳର ଦୁରବସ୍ଥା ଅବଲୋକନ କରି, ପ୍ରାଚୀନ-କାଳର ଲଳନାବୃନ୍ଦର ମହାପ୍ରାଣତା ଉପଲବ୍ଧି କରିବା ସାଧାରଣ ସାଧ୍ୟାୟତ୍ତ ନୁହେ, ଯେଉଁମାନଙ୍କ ବୀରତ୍ୱଗାଥା ଏବଂ ସଚ୍ଚରିତ୍ର ସଙ୍ଗୀତ ଗ୍ରନ୍ଥକାରମାନଙ୍କ ଛନ୍ଦୋମୟୀ ଅମିୟମଧୁର କବିତାରେ ଦିଗନ୍ତ ପ୍ରଗୁଞ୍ଜିତ; ଯେଉଁ ଆର୍ଯ୍ୟମହିଳା ମାନଙ୍କ ପବିତ୍ର ଜୀବନ ଚରିତ ଇତିହାସର ପ୍ରତିପତ୍ରରେ ବିଦ୍ୟମାନ ଥାଇ, ଦିବ୍ୟଜ୍ୟୋତି ବିସ୍ତାର-ପୂର୍ବକ ନୈରାଶ୍ୟତମସାବୃତ ନିର୍ଜୀବ ଭାରତ ମନରେ ସୁଧା ମୃତସଞ୍ଜୀବନୀ ଆଶାର ହେମୋ-ଜ୍ଜ୍ୱଳ ପ୍ରଭା ପାତିତ କରୁଅଛି, ଏବଂ ଯେଉଁମାନଙ୍କ ଯଶସ୍ତରଙ୍ଗ ସଙ୍କୀର୍ତ୍ତନକୁତୂହଳୀ କାଳ ପାରା-ବାରର ଦୁର୍ଘଟନାମୟ ଭୀଷଣ ତରଙ୍ଗାଘାତ ବକ୍ଷପ୍ରତି ଭ୍ରୂକୁଟି କଟାକ୍ଷରେ ଉପେକ୍ଷା ପ୍ରଦର୍ଶନ କରି, ଭାଷାଦାସ କବିମାନଙ୍କ ଉଦାର ମାନସପ୍ରସୂତ କାବ୍ୟସିନ୍ଧୁ ମଧ୍ୟରେ ନୃତ୍ୟ କରୁଅଛି; ସେହି ମନସ୍ୱିନୀ ବୀରବାଳାମାନଙ୍କ ବିଷୟ ଆଧୁନିକ ଅନ୍ତଃପୁରବନ୍ଦିନୀ ଲଜ୍ଜାନମ୍ର-ମୁଖୀ ଭୟବିହ୍ୱଳା ବିଳାସିନୀ ରମଣୀମାନଙ୍କ ଚରିତ୍ରାଲୋଚନା ଦ୍ୱାରା ଉପଲବ୍ଧ ନ ହେଲେ-ହେଁ, ଏହା ଧ୍ରୁବ ନିଶ୍ଚିତ ଯେ "ଭାରତୀୟ ବୀରବାଳା" ଏହି ବାକ୍ୟଟି "ଆକାଶକୁସୁମ" କିଅବା ତତ୍ତୁଲ୍ୟ ଅନ୍ୟ କୌଣସି ବାକ୍ୟପରି ଅସାର କଳ୍ପନା-ପ୍ରସୂତ ନୁହେ । ଏକ ସମୟରେ ଏହି ପବିତ୍ର ଭାରତଭୂମି ବୀରବାଳା-ମାନଙ୍କର କୋମଳ ଶାସନାଶ୍ଳେଷରେ ପ୍ରଫୁଲ୍ଲ ହୋଇଥିଲା । ସେମାନଙ୍କ ମଧ୍ୟରୁ ଆମ୍ଭମାନଙ୍କ ଆଲୋଚ୍ୟ ପ୍ରବନ୍ଧର ନାୟିକା ସମରବିଳାସିନୀ ରାଜସ୍ଥାନ ପ୍ରଧାନ ରାଣୀ କର୍ମଦେବୀ ଇତିହାସରେ ବିଶେଷ ମର୍ଯ୍ୟାଦାନ୍ୱିତା ଅଟନ୍ତି ।

ସୁପବିତ୍ର ରାଜପୁତାନାର ଅନ୍ତର୍ଗତ ମିବାର ନାମକ ଗୋଟିଏ ସୁବିସ୍ତୀର୍ଣ୍ଣ ରାଜ୍ୟ ଅଛି । ତାହାର ପ୍ରାକୃତିକ ଦୃଶ୍ୟ ଅତୀବ ରମଣୀୟ । ଶ୍ୟାମଳ ଶସ୍ୟକ୍ଷେତ୍ର ପରିବୃତ କୃଷକବସତିରାଜି, ଗଗନସ୍ପର୍ଶୀ ଗୁଳ୍ମଜଟିଳ ଭୂଧରବୃନ୍ଦ, ଫଳ-ପୁଷ୍ପାଲଙ୍କୃତ ତରୁଲତାପୂର୍ଣ୍ଣ କାନନଶ୍ରେଣୀ, ବେତସକୁଞ୍ଜପୁଳିନା ସ୍ରୋତସ୍ୱିନୀନିଚୟ, ଉତ୍ତୁଙ୍ଗ-ସୌଧସୁଶୋଭିତା ନଗରୀମାଳା, ପ୍ରାଚୀର ପରି-ବେଷ୍ଟିତ ଦୁର୍ଗମ ଗିରିଦୁର୍ଗ ବୃନ୍ଦ, କୁସୁମାସ-ବପାୟୀ ଭ୍ରମରକୁଳର ଶ୍ରୁତିମଧୁର ଚଟୁଳ-ଝଙ୍କାରପୂର୍ଣ୍ଣ ଉପବନମାନ, ମରାଳସ୍ୱନ-ସଙ୍କୁଳ ନଳିନୀସଂବୃତ ତଡ଼ାଗରାଜି, ସଂବାସ-

Digitized by srujanika@gmail.com

ସ୍ଥାପନୋପଯୋଗୀ ନବଦୂର୍ବାଶ୍ୟାମଳ ଅନନ୍ତ ପ୍ରାନ୍ତରନିଚୟ ଏବଂ ଶୋଣିତପାଟଳ ରଙ୍ଗ-ପ୍ରାଙ୍ଗଣ ସବୁ ଉକ୍ତ ସାମ୍ରାଜ୍ୟ ମେବାରରାଜ୍ୟର ସର୍ବାଞ୍ଚଳରେ ବିଦ୍ୟମାନ । ପଶ୍ଚିମପ୍ରାନ୍ତରେ ଗିରିପୁଙ୍ଗବ ଆରାବଳୀ ଶୁଭ୍ର ମୁକୁଟବିଭୂଷିତ ସମୁନ୍ନତଶୀର୍ଷ ଉତ୍ତୋଳନ କରି ଯେପରି ମେବାରର ଯଶୋଗୌରବ ପ୍ରଚାର କରୁଅଛି । ଯେଉଁ-ବେଳେ ଦିଲ୍ଲୀର ସର୍ବପ୍ରଥମ ମୁସଲମାନସମ୍ରାଟ ଦୁରନ୍ତ କୁତୁବୁଦ୍ଦିନ ଘୋରୀ, ରାଜପୁତନାରେ ପ୍ରବେଶ କରି, ସ୍ୱୀୟ ଆଧିପତ୍ୟ ବିସ୍ତାରର ଚେଷ୍ଟା କରୁଥିଲା, ରାଣୀ କର୍ମଦେବୀ ସେତେବେଳେ ବୀର ଭୂମି ମେବାରର ଅଧୀଶ୍ୱରୀ ଥିଲେ ।

ରାଣୀ କର୍ମଦେବୀ ଚୌହାନକୁଳୋଦ୍ଭବ ଆଜମୀରର ନରପତି ପୃଥ୍ୱୀରାଜଙ୍କ ଭଗିନୀ ଥିଲେ । ମେବାର ଅଧିପତି ବୀରକେଶରୀ ସମର ସିଂହଙ୍କ ସହିତ ତାଙ୍କର ପରିଣୟ ସମ୍ପାଦିତ ହୋଇଥିଲା । ୧୧୯୩ ଖ୍ରୀଷ୍ଟାବ୍ଦରେ ଯେଉଁ ସମୟରେ ଭାରତର ଅଦୃଷ୍ଟ ଆକାଶରୁ ସୌଭାଗ୍ୟ-ରବି ଚିର ଅସ୍ତମିତ ହେଲେ; ଯେଉଁ ସମୟରେ ଭାରତ ଆତ୍ମବିଚ୍ଛେଦର ସଚଳଦୋଳାରେ ଦୋଦୁଲ୍ୟମାନ ହେଉଥିଲା; ସେହି ସମୟରେ ମେବାର ଅଧିପତି ସମରସିଂହ ପୃଥ୍ୱୀରାଜଙ୍କ ସହିତ ମିଳିତ ହୋଇ ଦେଶରକ୍ଷା ସକାଶେ ମୁସଲମାନଙ୍କ ସଙ୍ଗରେ ଭୀଷଣ ଯୁଦ୍ଧରେ ପ୍ରବୃତ୍ତ ହୋଇଥିଲେ । ମାତ୍ର ସେମାନଙ୍କର ପବିତ୍ର ସଂକଳ୍ପ ସିଦ୍ଧ ହେଲା ନାହିଁ । କ୍ଷତ୍ରିୟମାନଙ୍କ ଚିରପରି-ଚିତା ବିଜୟଲକ୍ଷ୍ମୀ ଭାରତର ଭାଗ୍ୟଦୋଷରେ ବିଧର୍ମୀ ମୁସଲମାନ କୁତୁବୁଦ୍ଦିନଙ୍କ ଅଙ୍କଶାୟିନୀ ହେଲେ । ଦିଲ୍ଲୀହର୍ମ୍ୟର ଚନ୍ଦ୍ରଶାଳାରେ ଅର୍ଦ୍ଧ-ଚନ୍ଦ୍ରଲାଞ୍ଛିତ ଯବନବାନା ପ୍ରୋଥିତ ହେଲା । ଏହି ଭୀଷଣ ଯୁଦ୍ଧରେ ପୃଥ୍ୱୀରାଜ, ସମର ସିଂହ ଏବଂ ତାହାଙ୍କର ଜ୍ୟେଷ୍ଠପୁତ୍ର ଯଥୋଚିତ ବୀରଧର୍ମ ପ୍ରତିପାଳନ କରି ମାନବଲୀଳା ସମ୍ବରଣ କଲେ ।

ରାଣୀ ଏହି ଅବାଞ୍ଛିତ ଶୋକବାର୍ତ୍ତା ଶ୍ରବଣ କରି ଯତ୍ପରୋନାସ୍ତି ମର୍ମାହତ ହୋଇଥିଲେ ହେଁ, ସ୍ୱୀୟ ଅନ୍ତର୍ନିହିତ ବୀରତ୍ୱର ଅବମାନନା କରି ନ ଥିଲେ । ବିସ୍ରସ୍ତବସନା ଆଲୁଳାୟିତ-କେଶା ରାଣୀ କର୍ମଦେବୀଙ୍କ ଶୋକସନ୍ତପ୍ତହୃଦୟ ବିପଦର ବିଭୀଷିକା ଅଥବା ନୈରାଶ୍ୟର ମରୀ-ଚିକାରେ ବିଚଳିତ ନ ହୋଇ, ସ୍ୱୀୟ କର୍ତ୍ତବ୍ୟ ଚିନ୍ତା ସ୍ରୋତରେ ଆର୍ଦ୍ର ହେଲା । ଆହା ! ଏହି ନବଭାବର ଆବର୍ତ୍ତରେ ରାଣୀଙ୍କର ଶୋକ-ଶ୍ରୀହୀନ ମୁଖକମଳ ଯେ କି ପ୍ରକାରେ ଅପୂର୍ବ ଶ୍ରୀ ଧାରଣ କରିଥିଲା, ତାହା ପ୍ରକୃତ ବୀର-ପୁରୁଷମାନେ ହିଁ ହୃଦୟଙ୍ଗମ କରି ପାରିଥିବେ; ସେ ଅପୂର୍ବ ସୌନ୍ଦର୍ଯ୍ୟର ମୂଲ୍ୟ ନିରୂପଣ କରିବାକୁ ଲେଖନୀମାତ୍ର ସମ୍ବଳ କ୍ଷୁଦ୍ରପ୍ରାଣ କବି ସର୍ବଥା ଅକ୍ଷମ । ରାଣୀ କର୍ମଦେବୀ ଖଣ୍ଡିଏ ଶାଣିତ କୃପାଣ ଧାରଣ କରି ଊର୍ଦ୍ଧ୍ୱଦୃଷ୍ଟିପୂର୍ବକ ମୃତ ସ୍ୱାମୀଙ୍କୁ ଲକ୍ଷ୍ୟ କରି ଧୀର ଗମ୍ଭୀରସ୍ୱରରେ କହିଥିଲେ "ହେ ସ୍ୱାମିନ୍ ! ବୀରଧର୍ମ ପ୍ରତି-ପାଳନ କରି ତୁମ୍ଭେ ପ୍ରକୃତ ଧର୍ମଯୁଦ୍ଧରେ ପ୍ରାଣ-ପାତ କରିଅଛ । ତୁମ୍ଭର ବିଶାଳ ଯଶୋବୃତ୍ତାନ୍ତ ବୈଜୟନ୍ତିକା ଦୃଶଦ୍ୱତୀ ନଦୀର ତରଙ୍ଗାଭି-ଘାତରେ ଉଦ୍ଘୋଷିତ ହୋଇ, ଅନନ୍ତକାଳ ଯାଏ ଭାରତବାସୀ ମାନଙ୍କ ହୃଦୟରେ ବଳ ପ୍ରଦାନ କରିବ । ସ୍ୱର୍ଗରାଜ୍ୟରେ ମଧ୍ୟ ତୁମ୍ଭର ଦେଶହି-ତୈଷିତାର ପୁରସ୍କାର ସ୍ୱରୂପ, ଦେବଯୋଗ୍ୟ ଅପାର୍ଥିବ ଐଶ୍ୱର୍ଯ୍ୟମାନ ପୁଞ୍ଜୀକୃତ ହୋଇ ରହି-ଅଛି । ମାତ୍ର ମତେ ଇହଲୋକରେ ଆହୁରି କେତେ କାର୍ଯ୍ୟ ସାଧନ କରିବାକୁ ହେବ । ଏହି ନିଷ୍କୋ-ଷିତ ଅସି ସାହାଯ୍ୟରେ ତୁମ୍ଭର ପରିତ୍ୟକ୍ତ ରାଜ୍ୟ ଏବଂ ଅପ୍ରାପ୍ତବୟସ୍କ ପୁତ୍ରର ଶତଶତ ଅରିଷ୍ଟ ନିପାତ କରିବାକୁ ପଡ଼ିବ । କେବଳ ଏହି ଗୁରୁକର୍ତ୍ତବ୍ୟର ଅନୁରୋଧରେ ମୁଁ ସହମରଣରୂପ ଆନନ୍ଦରୁ ବଞ୍ଚିତା ହୋଇଅଛି ।"

Digitized by srujanika@gmail.com

ପୁଣି ଯୁଦ୍ଧନିହତ ଯୁବରାଜଙ୍କ ଉଦ୍ଦେଶ୍ୟରେ ପ୍ରୀତିବିକମ୍ପିତ ଗଦ୍‌ଗଦସ୍ୱରରେ କହିଥିଲେ, "ବତ୍ସ ! ଏହି କ୍ଷୁଦ୍ରାଦପି କ୍ଷୁଦ୍ର ମିବାରପ୍ରଦେଶ ତୁମ୍ଭର ପ୍ରଶସ୍ତହୃଦୟର ଅନୁପଯୁକ୍ତ ଥିଲା । ସ୍ୱର୍ଗର ଦେବତାମାନେ ତୁମ୍ଭର ହୃଦୟର ପ୍ରଶସ୍ତତା ଏବଂ ଉଦାରତାର ଅନୁରୂପ କୌଣସି ଉତ୍କୃଷ୍ଟ ଅଧିକାର ପ୍ରଦାନ କରିବେ । ତୁମ୍ଭେ ଅସ୍ତ୍ରାଙ୍କିତପୃଷ୍ଠରେ ସମରକ୍ଷେତ୍ରରୁ ବାହୁଡ଼ି ଆସିଥିଲେ, ମୁଁ ଯେତିକି ଅସନ୍ତୁଷ୍ଟ ହୋଇଥାନ୍ତି, ଆଜି ତୁମ୍ଭର ବୀରୋଚିତ କାର୍ଯ୍ୟଦ୍ୱାରା ତାହାର ଶତଗୁଣ ମର୍ଯ୍ୟାଦାନ୍ୱିତା ହୋଇଅଛି ।" ଏହା କହି ରାଜ୍ଞୀ ଅପ୍ରାପ୍ତବୟସ୍କ କନିଷ୍ଠପୁତ୍ର କର୍ଣ୍ଣଙ୍କୁ ମିବାରର ସିଂହାସନ ଅର୍ପଣ କରି ସ୍ୱୟଂ ତାଙ୍କର ରାଜ୍ୟରକ୍ଷାର ଭାର ଗ୍ରହଣ କଲେ ।

କେତେକ ଦିନ ଅତିବାହିତ ହେଲା । କ୍ରମେ ୨ ଆର୍ଯ୍ୟାବର୍ତ୍ତ ମୁସଲମାନମାନଙ୍କ ପଦତଳଦଳିତ ହୋଇ ନିର୍ଦ୍ଦୟଭାବରେ ଉତ୍ପୀଡ଼ିତ ହେବାକୁ ଲାଗିଲା । ହୃତସର୍ବସ୍ୱ ପ୍ରଜାମାନଙ୍କ ହାହାକାର ରବରେ ବିଧର୍ମ୍ମୀ ମୁସଲମାନମାନଙ୍କ ଅପଯଶ ପ୍ରଚାରିତ ହେବାକୁ ଲାଗିଲା । ଅଣ[illegible] ଆଧାରର ଦୁରାତ୍ମା କୁତୁବୁଦ୍ଦିନ ଘୋରୀ [illegible] ହୋଇ ରାଜସ୍ଥାନ ଆକ୍ରମଣ କରିବାରୁ, ମିବାରରାଜ୍ଞୀ କର୍ମ୍ମଦେବୀ ତାଙ୍କର ଗତିରୋଧ କରିବା ସକାଶେ ସମରସଜ୍ଜା କଲେ । କର୍ମ୍ମଦେବୀ ବର୍ମ୍ମ ଧାରଣ କରି ଅସ୍ତ୍ରଶସ୍ତ୍ରଦ୍ୱାରା ବିଭୂଷିତା ହେଲେ । କୋମଳତାରେ କାଠିନ୍ୟର ସମାବେଶ ହେଲା, [illegible]ର-କବଚପରିହିତା ବୀରାଙ୍ଗନାର ଚତୁର୍ଦ୍ଦିଗରେ ସୌରରଶ୍ମି ପ୍ରତିଫଳିତ ହୋଇ, ଗୋଟିଏ ଅଗ୍ନିମୟୀ ପରିଧିରୂପେ ପ୍ରତିଭାତ ହେଲା । ବହୁସଂଖ୍ୟକ ରାଜପୁତ ବୀରମାନେ ଏକତ୍ରିତ ହେବାକୁ ଲାଗିଲେ । ବିପୁଳ ଆଡ଼ମ୍ବର ସହକାରେ ଚତୁରଙ୍ଗଦଳ ସଂଗଠିତ ହେଲା । ହ୍ରେଷାରବ, ବୃଂହିତଧ୍ୱନି, ସ୍ୟନ୍ଦନମାନଙ୍କର ଘୋର ଘର୍ଘର ନିର୍ଘୋଷ ଏବଂ ପଦାତିକମାନଙ୍କର ବିକଟ କଳକଳା ଶବ୍ଦରେ ସଜ୍ଜାଭୂମି ମୁଖରିତ ହୋଇ ବୀରାଙ୍ଗନାଙ୍କ ବୀରତ୍ୱମହିମା ପ୍ରଚାର କରିବାକୁ ଲାଗିଲା । ଯେଉଁ ପାପାତ୍ମା ଚକ୍ରାନ୍ତ ଦ୍ୱାରା ଆଦର୍ଶବୀର ସମରସିଂହଙ୍କୁ ଏବଂ ତାହାଙ୍କ ଉପଯୁକ୍ତ ପୁତ୍ରଙ୍କୁ ନିହତ କରିଅଛି; ଆଜି ସେହି ସ୍ୱାମୀପୁତ୍ର-ବୈରୀ କୁତୁବୁଦ୍ଦିନ ଘୋରୀ ଦ୍ୱାର ଦେଶରେ ଉପସ୍ଥିତ । ରାଣୀ କର୍ମ୍ମଦେବୀ ଏ ସୁଯୋଗ ଛାଡ଼ିବାର ପାତ୍ରୀ ନୁହନ୍ତି । ସେ ବିପୁଳ ସାହସ ଏବଂ ଅପ୍ରତିହତ ଉତ୍ସାହ ସହକାରେ ବିରାଟର ଅଧିନେତ୍ରୀ ହୋଇ ଯୁଦ୍ଧାର୍ଥ ଅଗ୍ରସର ହେଲେ ।

ହେ ଭାରତବାସୀବୃନ୍ଦ ! ଜନୈକ ଅବଳାର ଏପରି ବେଶଭୂଷାରେ ତୁମ୍ଭେମାନେ ବିସ୍ମିତ ହୋଇଥିବ, ଜଣେ ମହିଳାର ଏବମ୍ବିଧ ଔଦ୍ଧତ୍ୟ ଦର୍ଶନ କରି ତାହାକୁ ହୁଏତ ଘୃଣାଚକ୍ଷୁରେ ଅବଲୋକନ କରିପାର; କିନ୍ତୁ ଆମ୍ଭେମାନେ କହୁଁ, ଅବଶ୍ୟ ହେଲେ ଯେଉଁ ଦେଶର ରମଣୀକୁଳ ସେମାନଙ୍କର ଚିରପ୍ରସିଦ୍ଧ ଅବଳା ଅପବାଦର ବିପରୀତମୁଖୀ ହୋଇ, ସ୍ୱ ସ୍ୱ ଅଧିକାର ଏବଂ ବଂଶମର୍ଯ୍ୟାଦା ରକ୍ଷା କରିବାକୁ ଯତ୍ନଶାଳୀ ହୁଅନ୍ତି, ସେ ଦେଶ କଦାପି ପରପଦାନତ ହୁଏନାହିଁ । ସେ ଦେଶର ଜାତୀୟ ଜୀବନ ଅକାଳରେ ବିନଷ୍ଟ ନ ହୋଇ ଉତ୍ତରୋତ୍ତର ଶ୍ରୀସମ୍ପନ୍ନ ହୁଏ ।

ଏଣେ ଦୁରାତ୍ମା କୁତୁବୁଦ୍ଦିନ ଘୋରୀ ମଧ୍ୟ ନିଶ୍ଚେଷ୍ଟ ନ ଥିଲା । ଭୀମଦର୍ଶନ ଆଫଗାନ-ସେନା ପରିବୃତ ହୋଇ କୁତୁବୁଦ୍ଦିନ ଉତ୍ତର ଦିଗରୁ ଯୁଦ୍ଧାର୍ଥ ଅଗ୍ରସର ହେଲା । ଅମ୍ବର ନିକଟବର୍ତ୍ତୀ ଗୋଟିଏ ବିସ୍ତୀର୍ଣ୍ଣ କ୍ଷେତ୍ରରେ ଉଭୟ ପକ୍ଷର ସଂଘାତ ହେଲା । ସହସା ଦୁଇଦଳରେ ମହାଚହଳ ପଡ଼ିଗଲା । ରଣବାଦ୍ୟରାଜି ଉନ୍ମତ୍ତସ୍ୱରରେ ନିନାଦିତ ହୋଇ ସୈନ୍ୟମାନଙ୍କୁ ଉତ୍ସାହିତ କରିବାକୁ ଲାଗିଲା । ଉଭୟ ପକ୍ଷରୁ ସମରବିଜିଗୀଷୁ ଶୂରବୃନ୍ଦ ସ୍ୱ ସ୍ୱ ବିକ୍ରମ ଦେଖାଇବା ଲାଗି ସମରାଙ୍ଗଣରେ ଅବତୀର୍ଣ୍ଣ ହେଲେ ।

Digitized by srujanika@gmail.com

ତୁମୁଳ ସଂଗ୍ରାମ ଆରବ୍ଧ ହେଲା । ରଣମଦୋନ୍ମତ୍ତ ଶତ୍ରୁବୃନ୍ଦର ଘୋରଦର୍ପରେ ଅବନୀଦେବୀ ମୁହୁର୍ମୁହୁଃ କମ୍ପିତ ହେଲେ । ଶିଞ୍ଜିନୀ ଝଙ୍କାର ଏବଂ ଚକାସ୍ତ୍ର ଶରରାଜିର ଶନଶନ ଶବ୍ଦରେ କର୍ଣ୍ଣ ବଧିର ହୋଇଗଲା । ଆବର୍ତ୍ତିତ ଅସିପୁଞ୍ଜରୁ ମୁହୁର୍ମୁହୁଃ ବିଦ୍ୟୁତପ୍ରଭା ନିଃସୃତ ହେଲା । ଯୁଦ୍ଧ କ୍ରମେ ଭୀଷଣତର ଆକାର ଧାରଣ କଲା । ମିବାରରାଜ୍ୟର ମହାଶକ୍ତିସ୍ୱରୂପିଣୀ ରାଣୀ କର୍ମଦେବୀ ମୂର୍ତ୍ତିମତୀ ରଣଚଣ୍ଡି ପରି ବିଭୀଷଣବେଶରେ ସମରକ୍ଷେତ୍ରର ଚତୁର୍ଦ୍ଦିଗରେ ଭ୍ରମଣ କରି ସ୍ୱୀୟ ସୈନ୍ୟମାନଙ୍କୁ ସମୁତ୍ସାହିତ ଏବଂ ଅରାତିପକ୍ଷ ନିର୍ମୂଳ କରୁଥିଲେ । ନିଜେ ମଧ୍ୟ ପରମ ଉତ୍ସାହରେ ଉତ୍ସାହିତ ହୋଇ ସ୍ୱାମିପୁତ୍ରହନ୍ତା ଦୁଷ୍ଟବୁଦ୍ଧି କୁତୁବୁଦ୍ଦିନର ସହିତ ସାକ୍ଷାତ୍‌ଲାଭ ନିମନ୍ତେ ସୁଯୋଗ ଦେଖୁଥିଲେ ।

କ୍ରମେ ଯୁଦ୍ଧ ଘୋର ଭୈରବଭାବରେ ପରିଚାଳିତ ହେଲା । ଉଭୟପକ୍ଷରୁ ଶତ ଶତ ଯୋଦ୍ଧା ନିହତ ହୋଇ ସମରକ୍ଷେତ୍ରର ଶୋଭା ବୃଦ୍ଧି କଲେ । ଆହତମାନଙ୍କ କାରୁଣ୍ୟବିମିଶ୍ରିତ ଆର୍ତ୍ତଧ୍ୱନି ଏବଂ ବିଜେତାମାନଙ୍କ ବଜ୍ରଗମ୍ଭୀର ସିଂହନାଦରେ ସଂଗ୍ରାମସ୍ଥଳୀ ପରିପୂର୍ଣ୍ଣ ହେଲା । ବାହୁବଳଦୃପ୍ତ ରାଜପୁତମାନେ ଅଟଳସାହସରେ ଯୁଦ୍ଧ କରିବାକୁ ଲାଗିଲେ । ମୁସଲମାନମାନେ ନାନା ଉପାୟ ଅବଲମ୍ବନ କରି ସୁଦ୍ଧା କୃତକାର୍ଯ୍ୟ ହୋଇପାରିଲେ ନାହିଁ । ରାଣୀଙ୍କ ଉତ୍ତେଜନାରେ ରାଜପୁତସୈନ୍ୟ କ୍ରମଶଃ ବିପକ୍ଷ ପକ୍ଷକୁ ନିରସ୍ତ କରିବାକୁ ଲାଗିଲେ । ସହସା ମୁସଲମାନ ସୈନ୍ୟ ଛିନ୍ନଭିନ୍ନ ହେଲା, କୁତୁବୁଦ୍ଦିନ ସାଂଘାତିକ ଆଘାତ ପ୍ରାପ୍ତ ହୋଇ ପଳାୟନପର ହେବାରୁ, ମୁସଲମାନମାନେ ସମ୍ପୂର୍ଣ୍ଣ ରୂପେ ପରାସ୍ତ ହେଲେ । ସେମାନଙ୍କ ଉନ୍ନତପତାକା ନତମୁଖୀ ହେଲା, ବୀର୍ଯ୍ୟଶାଳିନୀ ରାଣୀ କର୍ମଦେବୀଙ୍କ ଉଷାରୁଣକାନ୍ତି ସୁନ୍ଦର ପତାକା ଆକାଶମାର୍ଗରେ ଉଡ୍ଡୀନ ହୋଇ, ମିବାରର ବିଜୟ ଘୋଷଣା କଲା । ବିଜୟିସେନା-ପରିବୃତା ରାଣୀ କର୍ମଦେବୀ ପଳାୟିତ ଶତ୍ରୁର ଅନୁସରଣ ନ କରି, ବୀରଧର୍ମର ମର୍ଯ୍ୟାଦା ରକ୍ଷା ପୂର୍ବକ ସ୍ୱ ରାଜଧାନୀକୁ ବାହୁଡ଼ି ଆସିଲେ । ଦିଲ୍ଲୀର ସର୍ବପ୍ରଥମ ମୁସଲମାନସମ୍ରାଟ ଆଜି ଜଣେ ଭାରତବାଳାର ସମକକ୍ଷ ହୋଇ ନପାରି, ପରାଜୟ ସ୍ୱୀକାର କଲେ । ଏହି ଅପୂର୍ବ ଘଟଣା ଉତ୍ତାରୁ କୁତୁବୁଦ୍ଦିନ ଆଉ କେବେହେଲେ ମିବାର ଆଡ଼କୁ ଅଗ୍ରସର ହୋଇ ନାହାନ୍ତି ।

ରାଣୀ ଏବଂ ତାହାଙ୍କ ସୈନ୍ୟମାନେ ବିଜୟୋଲ୍ଲାସରେ ଉଲ୍ଲାସିତ ହୋଇ ସ୍ୱ ରାଜଧାନୀରେ ଉପସ୍ଥିତ ହେଲେ । ଚାରଣମାନେ ଏହି ଘଟଣାବଳୀ ଶତମୁଖରେ ପ୍ରଚାର କରିବାକୁ ଲାଗିଲେ । ରାଣୀ କର୍ମଦେବୀଙ୍କ ଏହି ବିଜୟସଙ୍ଗୀତ ସମସ୍ତ ଭାରତରେ ବ୍ୟାପ୍ତ ହେଲା । ତଦାନୀନ୍ତନ ନୃପତିବୃନ୍ଦଙ୍କ ଦ୍ୱାରା ସମ୍ମାନାନ୍ୱିତା ହୋଇ, ରାଣୀ କର୍ମଦେବୀ ସର୍ବତ୍ର ସୁପରିଚିତା ହେଲେ ଏବଂ ଜୀବନର ଅବଶିଷ୍ଟାଂଶ ଶାନ୍ତିରେ ଅତିବାହିତ କଲେ ।

ପ୍ରବଳନାମା ବାପ୍ପାରାଓଙ୍କ ବଂଶଧରମାନେ ଅଧୁନା କକ୍ଷଭ୍ରଷ୍ଟ ଗ୍ରହମାନଙ୍କ ପରି ଅନନ୍ୟାଶ୍ରୟ ହୋଇ ଇତସ୍ତତଃ ଭ୍ରମଣ କରୁଅଛନ୍ତି; କାଳବଶରେ ବୀରଶସ୍ୟପ୍ରସୂ ମିବାରକ୍ଷେତ୍ର, ଯବନାବୃତ ହୋଇ ସ୍ୱୀୟ ପୂର୍ବତନ ମହିମାରୁ ବଞ୍ଚିତ ହୋଇଅଛି ଏବଂ ସର୍ବଗ୍ରାସୀ କାଳର ଭୀଷଣ କୁଠାରାଘାତରେ ପୁଣ୍ୟକୀର୍ତ୍ତି ତେଜସ୍ୱିନୀ ରାଣୀ କର୍ମଦେବୀ ମଧ୍ୟ ହତଜୀବନା ହୋଇଅଛନ୍ତି, କିନ୍ତୁ ତାହାଙ୍କ ଏହି ଯଶୋଭେରୀ, ରୁଦ୍ରରୂପୀ ସଂହାରଦେବଙ୍କ ପ୍ରଳୟଜ୍ଞାପକ ବିଷାଣନାଦରେ ଲୀନ ହେବ ବୋଲି, ଅନନ୍ତକାଳଯାଏ ଅବିରତ ନିନାଦିତ ହେଉଥିବ ।

ଶ୍ରୀ ଜଗନ୍ମୋହନ ସିଂହ ।

Digitized by srujanika@gmail.com

# ଆଶା

ସୃଷ୍ଟ ବୁଦ୍ଧିସମ୍ପନ୍ନ ମାନବଜାତିଠାରୁ କ୍ଷୁଦ୍ର କୀଟାଣୁ ପର୍ଯ୍ୟନ୍ତ ସମସ୍ତ ଜୀବମାନେ ଯେଉଁ ଆଶା ଦ୍ୱାରା ଚାଳିତ ଏବଂ କଠିନ ପରିଶ୍ରମର ସହିତ ସ୍ୱ ସ୍ୱ କାର୍ଯ୍ୟରେ ବ୍ୟାପୃତ, ଯେଉଁ ଈଶ୍ୱର-ପ୍ରେରିତା ଆଶାଲତା ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଉନ୍ନତି ସହିତରେ ମାନବହୃଦୟରେ ସମାନୁପାତରେ ବୃଦ୍ଧିପ୍ରାପ୍ତ ହେଉଅଛି, ଯାହାର ବଳରେ ଜନନୀ ହୃଦୟାନନ୍ଦକାରକ ପୁତ୍ରର ବିନାଶ ଶୋକକୁ ପାସୋରି ସଂସାରକାର୍ଯ୍ୟରେ ଲିପ୍ତ ହେଉଅଛି, ଯାହାର ବଶବର୍ତ୍ତୀ ହୋଇ ଶତ ଶତ ପ୍ରାଣୀମାନେ ଅମୂଲ୍ୟ ରତ୍ନମାନ ହରାଇ ସୁଦ୍ଧା ପୁନରପି ଲାଭ କରିବା ପାଇଁ ସଚେଷ୍ଟ ହେଉଅଛନ୍ତି, ଯାହାର ବିଶ୍ୱମୋହିନୀ ଶକ୍ତି ସମ୍ମୁଖରେ ବିବେକହୀନ ପଶୁପକ୍ଷୀମାନେ ମସ୍ତକ ଅବନତ କରି ଊଷାର ଅଭ୍ୟୁଦୟଠାରୁ ପ୍ରଦୋଷ ପର୍ଯ୍ୟନ୍ତ ନିଜ ନିଜ କର୍ମରେ ଲିପ୍ତ ଅଛନ୍ତି, ସେହି ଆଶା ବିଷୟ ଆଲୋଚନା କରିବା ମୋପରି କ୍ଷୁଦ୍ରବୁଦ୍ଧି ଲୋକ ପକ୍ଷରେ ବାମନ ହୋଇ ଚନ୍ଦ୍ରକୁ ଧରିବା ନିମନ୍ତେ ହସ୍ତ ପ୍ରସାରଣ କଲା ପରି ହେଲେ ସୁଦ୍ଧା କୌତୂହଳାଧୀନ ହୋଇ କିଞ୍ଚିତ୍ ପରିମାଣରେ ଚେଷ୍ଟା କରିବାରେ ପ୍ରବୃତ୍ତ ହେଲି । ମିଷ୍ଟର ପୋପ୍ କହିଅଛନ୍ତି "ମହାନୁଭବ ପରମେଶ୍ୱର ଦୟାର ସହିତ ସମସ୍ତ ପ୍ରାଣୀମାନଙ୍କ ନିକଟରୁ ଭବିଷ୍ୟତକୁ ଗୁପ୍ତ ରଖିଅଛନ୍ତି ! ଯଦି ଭବିଷ୍ୟତ ଗୁପ୍ତ ନ ଥାଆନ୍ତା, ତେବେ ସଂସାର ମୁହୂର୍ତ୍ତିକ ପାଇଁ ସୁଦ୍ଧା ଚଳନ୍ତା ନାହିଁ, କେବଳ ଯେ ସ୍ଥୂଳରେ ସମସ୍ତ ଜଗତର ଭାଗ୍ୟ ସମ୍ବନ୍ଧରେ ଭବିଷ୍ୟତ ଅପ୍ରକାଶିତ ରଖିଅଛନ୍ତି ତାହା ନୁହେ, ପ୍ରତ୍ୟେକ ପ୍ରାଣୀ ସମ୍ବନ୍ଧରେ ଅର୍ଥାତ୍ ଯାହା ମନୁଷ୍ୟଜ୍ଞାନଗୋଚର ତାହା ପଶୁଠାରୁ ଓ ଯାହା ଧର୍ମାତ୍ମାମାନଙ୍କର ଗୋଚର ତାହା ସାଧାରଣ ମନୁଷ୍ୟଠାରୁ ଲୁକ୍କାୟିତ କରି ରଖିଅଛନ୍ତି । ଭବିଷ୍ୟତର ତମିସ୍ର ଗର୍ଭ ମଧ୍ୟରେ ଯଦି ଆଶାରୂପ ଆଲୋକ ପ୍ରଜ୍ୱଳିତ ହେଉନଥାନ୍ତା, ତେବେ ଶରୀରୀ-ଜୀବମାନଙ୍କର ଜୀବଧାରଣ ଅସହ୍ୟ ହଅନ୍ତା, ଏଥିରେ ସନ୍ଦେହ କଣ ? ଯେଉଁ ପ୍ରାଣିମାନଙ୍କୁ ମନୁଷ୍ୟମାନେ ଖାଦ୍ୟ ନିମିତ୍ତ ବଧ କରନ୍ତି, ସେମାନେ ଜୀବନର ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ସୁଖୀ, ତାହାର କାରଣ ଭବିଷ୍ୟତର ଅଜ୍ଞତା । ପ୍ରତ୍ୟେକ ଜୀବ ତାହାର ଯଥାଯୋଗ୍ୟ ସ୍ଥାନରେ ଯଥାଯୋଗ୍ୟ କର୍ତ୍ତବ୍ୟକାର୍ଯ୍ୟ ସମ୍ପାଦନ କରିବେ, ବିଶ୍ୱସ୍ରଷ୍ଟା କର୍ତ୍ତାଙ୍କର ଏହି ସୁମହାନ ଉଦ୍ଦେଶ୍ୟ ଆଶା ବ୍ୟତୀତ କଦାପି ସମ୍ପାଦିତ ହୋଇ ପାରନ୍ତା ନାହିଁ । ଅତଏବ ଏଥିରୁ ଅମ୍ଭମାନଙ୍କର ଆଶା କରିବାକୁ ଏବଂ ମୃତ୍ୟୁ ଭାଗ୍ୟର ପୂର୍ଣ୍ଣଜ୍ଞାନ ପ୍ରକାଶ କରିବା ପର୍ଯ୍ୟନ୍ତ ଅବିଚଳିତଭାବରେ ଅପେକ୍ଷା କରିବାକୁ ଶିକ୍ଷା କରିବା ଉଚିତ । ଆଶା ବର୍ତ୍ତମାନ ଦେହ ଅବସ୍ଥାରେ ସୁଖ ଓ ଆରାମର ମୂଳ ରୂପେ ପ୍ରଦତ୍ତ ହୋଇଅଛି । ତାହାର କାରଣ ଏହିକି ମନୁଷ୍ୟ କେବେହେଁ ପୂର୍ଣ୍ଣସୁଖୀ ନୁହେ—ଉନ୍ନତି ଓ ଭବିସୁଖର ଯୋଗ୍ୟ ଅଟେ । ଅସଭ୍ୟ ଆମେରିକା ଦେଶୀୟ ଲୋକ ଯଦିଚ ବୈଜ୍ଞାନିକ ଶିକ୍ଷାଦ୍ୱାରା ଉନ୍ନତ ହୋଇ ନାହିଁ, ତଥାପି ବିଶ୍ୱାସ ଏବଂ ଆଶା କରେ ଯେ, ଯେଉଁଠାରେ ବନ୍ଧନ କିମ୍ବା ଅନ୍ୟ କୌଣସି ଦୌରାତ୍ମ୍ୟର ଭୟ ନାହିଁ, ମୃତ୍ୟୁପରେ ସେହିପରି ଗୋଟିଏ ସୁଖୀ ଜୀବନ ପାଇବ ।"

ଦର୍ଶନଶାସ୍ତ୍ରମତରେ ମନର କାର୍ଯ୍ୟ ତ୍ରିବିଧ;—ଜ୍ଞାନ, ବୋଧ ଓ ଇଚ୍ଛା । ପ୍ରଥମ କାର୍ଯ୍ୟ ଜ୍ଞାନ । ତାହା ଚକ୍ଷୁ, କର୍ଣ୍ଣ, ନାସିକା, ତ୍ୱକ୍ ଓ ଜିହ୍ୱା ପ୍ରଭୃତି ପଞ୍ଚେନ୍ଦ୍ରିୟ ଦ୍ୱାରା ଉପଲବ୍ଧ ହୁଏ । ବିଭିନ୍ନ

Digitized by srujanika@gmail.com

ଜ୍ଞାନର ତୁଳନାଦ୍ୱାରେ ଯେଉଁ ସୁଖ ଦୁଃଖ ଅନୁଭୂତ ହୁଏ ତାହା ବୋଧ। ସେହି ତୁଳନା କରିବା ନିମିତ୍ତ ଯେଉଁ ଉଦ୍ୟମର ପ୍ରୟୋଜନ ତାହା ଇଚ୍ଛା ନାମରେ ଅଭିହିତ । ଅତଏବ ପ୍ରତ୍ୟେକ କାର୍ଯ୍ୟରେ ଜ୍ଞାନ, ବୋଧ ଓ ଇଚ୍ଛାର ପ୍ରୟୋଜନ। ଆଶା ଏହି ତିନୋଟି ମାନସିକ କାର୍ଯ୍ୟର ସମ୍ମିଶ୍ରଣରେ ଉତ୍ପନ୍ନ ହୁଏ। କୌଣସି ବିଷୟ ଆଶା କରିବାପାଇଁ ସେ ବିଷୟର ପୂର୍ବବର୍ତ୍ତୀ ଜ୍ଞାନ ଆବଶ୍ୟକ। ସେଥିରେ ସୁଖ କି ଦୁଃଖ ବୋଧ ହୋଇଥିଲା, ତାହା ସ୍ମରଣ କରିବା ଉଚିତ। କାରଣ ଆଶା ଦୁଃଖଜନକ ବିଷୟ ଗ୍ରହଣ କରିବ ନାହିଁ। ଏସବୁ କାର୍ଯ୍ୟପାଇଁ ଇଚ୍ଛା ଆବଶ୍ୟକ। ଅତଏବ ଆଶା ମନର ଏ ସମସ୍ତ କାର୍ଯ୍ୟଗୁଡ଼ିକର ସମ୍ମିଳନରେ ଉତ୍ପନ୍ନ ହୁଏ। ଆଶା ଓ ଇଚ୍ଛା ଉଭୟ ମନର କାର୍ଯ୍ୟ। ଇଚ୍ଛା ପ୍ରଥମ କାର୍ଯ୍ୟ। ଇଚ୍ଛା ହେଲେ ପାଇବାର ଯେ ଅପେକ୍ଷା ତାହା ଆଶା। ଅନେକ ସମୟରେ ଆଶା ଓ ଅପେକ୍ଷା ଉଭୟର ବିଷମ ଅପବ୍ୟବହାର ଲକ୍ଷିତ ହୁଏ। ଅପେକ୍ଷା ସାଧାରଣତଃ ଭଲ ଓ ମନ୍ଦ ଉଭୟ ବିଧ ଫଳ ନିମିତ୍ତ ହୁଏ, କିନ୍ତୁ ଆଶା କଦାପି କୁଫଳପ୍ରାର୍ଥିନୀ ନୁହେ। ଏହା ସତତ ପରିଣାମସୁଖାନ୍ୱେଷିଣୀ ଅଟେ। ସୁଫଳଯୁକ୍ତ ଅଭିଳାଷିତ ବିଷୟ ପ୍ରାପ୍ତିର ବିଶ୍ୱାସ ସହିତ ଯେଉଁ ଆକାଂକ୍ଷା ତାହା ଆଶା ଅଟେ। ଆଶା ମନକୁ ସତତ ଜାଗ୍ରତ ରଖିଥାଏ, କଦାପି ସୁସୁପ୍ତ ହେବାକୁ ଦିଏନାହିଁ। ଆଶା ସତତ ଅଭାବମୂଳକ। ଅଭାବ ଅନୁଭୂତ ନ ହେଲେ ଆଶା କଦାପି ଜାତ ହୁଏ ନାହିଁ। ପଥିକ ଗ୍ରୀଷ୍ମ ଉତ୍ତାପରେ ଉତପ୍ତ ନ ହେଲେ ସେ କେବେହେଁ ସୁଶୀତଳ ଗୁମ୍ଫା ଓ ଜଳ ଆଶା କରିବ ନାହିଁ। ଜଣକର ଗୋଟିଏ ପଦାର୍ଥ ଅଛି, ସେ ସେହିପରି ଅନ୍ୟ ଗୋଟିଏ ଆଶା କରେ—କାହିଁକି? ତାହାରକି ଅଭାବ ନାହିଁ। ନା, ତାର ଯଦି ଗୋଟିକର ଅଭାବ ନାହିଁ, ତଥାପି ଆଉ ଗୋଟିକର ଅଭାବ ଅଛି। ଆନନ୍ଦର ମଧ୍ୟ ଆଶାର ସୀମାବଦ୍ଧ ନୁହେ। ଏହି ବିଷୟରେ ଆମ୍ଭମାନଙ୍କ ଦେଶରେ ପୂର୍ବରୁ ପ୍ରଚଳିତ ଗୋଟିଏ କାବ୍ୟ ଅଛି,—ନିଃସ୍ୱୋବଷ୍ଟିଶତଂ ଶତୀ ଦଶଶତଂ ଲକ୍ଷଂ ସହସ୍ରାଧିପଃ। ଲକ୍ଷେଶଃ କ୍ଷିତିପାଳତ୍ୱଂ କ୍ଷିତିପତି ଶ୍ଚକ୍ରେଶତାଂ ବାଞ୍ଛତି। ଚକ୍ରେଶଃ ପୁନରିନ୍ଦ୍ରତାଂ ଶଚୀପତି ବ୍ରାହ୍ମଂ ପଦଂ ବାଞ୍ଛତି। ବ୍ରହ୍ମାଶୈବପଦଂ ଶିବୋ ହରିପଦଂ ଆଶାବଧିଂ କେ ଗତାଃ। ଏଥିରୁ ବୋଧ ହେଉଅଛି ଯେ ଯାହାର କିଛି ନାହିଁ ସେ ଶତମୁଦ୍ରା ଆଶା କରୁଅଛି। ଶତାଧିପ ସହସ୍ର ମୁଦ୍ରା ଆଶା କରୁଅଛି। ଏହିପରି ଆଶାକୁ ଅନ୍ତହୀନ କରି କେହି ପାଇନାହିଁ। ଆଶା ପ୍ରୀତିସାପେକ୍ଷ। ଯେଉଁ ବିଷୟ ଯେ ପରିମାଣରେ ପ୍ରୀତିକର ଅନୁମିତ ହୁଏ, ତାହା ସେହି ପରିମାଣରେ ଆଶା ଉତ୍ପାଦନ କରେ। ଧ୍ୟାନମଗ୍ନ ରହିବାକୁ ଯେଉଁ ଯତିମାନଙ୍କର ଇଚ୍ଛା, ସେମାନେ କି କେବେହେଁ ଜନତାର ସୁଖକୁ ଆଶା କରିବେ? ତାହା କଦାପି ହୋଇ ନ ପାରେ। ଆଉ ସମାଜବଦ୍ଧ ହୋଇ ଏକତ୍ର ବାସ କରିବା ଯେଉଁମାନଙ୍କର ଇଚ୍ଛା, ସେମାନେ କି କଦାପି ନିର୍ଜନତା ଆଶା କରିବେ? ତାହାର କାରଣ ଏହି ଯେ ଯେଉଁ ବିଷୟଟି ଜଣକର ପ୍ରୀତିକର, ସେ ଅନ୍ୟର ପ୍ରୀତିଜନକ ହୋଇ ନ ପାରେ। ସୁତରାଂ ଅନ୍ୟ କଦାପି ସେ ବିଷୟ ଆଶା କରିବ ନାହିଁ। ଆଶା ଯୋଗ୍ୟତା ଉପରେ ନିର୍ଭର କରେ। ଅଯୋଗ୍ୟତା ନୈରାଶ୍ୟର କାରଣ। କିନ୍ତୁ ପାଶବଯୋଗ୍ୟତା ମାନବିକ ଯୋଗ୍ୟତା ମଧ୍ୟରେ କେଉଁଟିଦ୍ୱାରା ଆଶା ପ୍ରକୃତ ତୃପ୍ତି ଲଭ କରେ ଦେଖିବା ଉଚିତ। ପାଶବଯୋଗ୍ୟତାର ପରିଚୟ ପରର ଉଚ୍ଛେଦସାଧନରେ; କିନ୍ତୁ ମାନବିକ ଯୋଗ୍ୟତାର ପରିଚୟ ଅନୁଦାନରେ ବା ତ୍ୟାଗ ସ୍ୱୀକାରରେ। ପ୍ରଥମ ଯୋଗ୍ୟତାରେ ଆଶା ତୃପ୍ତ ନ ହୋଇ ବରଂ ବୁଦ୍ଧିପ୍ରାପ୍ତ ହୁଏ। ଅତଏବ

Digitized by srujanika@gmail.com

ହୋଇପାରେ—ଐହିକ ଏବଂ ପାରତ୍ରିକ । ଐହିକ ବିଷୟୀଭୂତ ଆଶା ପୁଣି ଦ୍ୱିବିଧ । ଇନ୍ଦ୍ରିୟବିଷୟୀଭୂତ ଅର୍ଥାତ୍ ଶାରୀରିକ ଏବଂ ଜ୍ଞାନବିଷୟୀଭୂତ ଅର୍ଥାତ୍ ମାନସିକ ।ଚୈତନ୍ୟ, ରାମାନୁଜ, କବୀର, ରାମାନନ୍ଦ, ବଲ୍ଲଭସ୍ୱାମୀ, ବୁଦ୍ଧ, ମହମ୍ମଦ, କେଶବଚନ୍ଦ୍ର, ଖ୍ରୀଷ୍ଟ ଓ ନାନକ ପ୍ରଭୃତି ମହାତ୍ମାମାନେ ପାରତ୍ରିକ ଆଶାର ବଶବର୍ତ୍ତୀ ହୋଇ ଜଗତରେ ଅମରକୀର୍ତ୍ତି ଲାଭ କରିଅଛନ୍ତି ଏବଂ ସ୍ୱ ସ୍ୱ ଆତ୍ମାକୁ ପାପରୂପ ଶୃଙ୍ଖଳରୁ ମୁକ୍ତ କରିଅଛନ୍ତି । ସେମାନେ ମାନବସମାଜ ନିମନ୍ତେ ଭୟଙ୍କର ରୌରବ ମୁଖରୁ ଉଦ୍ଧାରର ପଥ ଆବିଷ୍କାର କରି ଯାଇଅଛନ୍ତି । ସେମାନେ କୌଣସି ଇନ୍ଦ୍ରିୟଜାତ ଅର୍ଥାତ୍ ରୂପ-ରସ-ଗନ୍ଧ-ଶବ୍ଦ-ସ୍ପର୍ଶଜନିତ ସୁଖ ଆଶା କରି ନ ଥିଲେ କିମ୍ବା ନିଜର ସୁଶିକ୍ଷିତ ବୁଦ୍ଧି ଚାଳନାଦ୍ୱାରା ଜଗତର ଅଭିନବ ବିଷୟମାନ ଉଦ୍ଭାବନଦ୍ୱାରା ଅଶେଷ ଖ୍ୟାତି ଲାଭ ଆଶା କରି ନ ଥିଲେ କିମ୍ବା ନିଜର ନାମ ଇତିହାସରେ ମହାବୀର ବା ପରାକ୍ରମଶାଳୀ ରାଜା ବୋଲି ଉଲ୍ଲିଖିତ ହେଉ, ଏହାର ଆଶା କରି ନ ଥିଲେ ।ସେମାନେ ନିଜର ଓ ଧର୍ମଜୀବୀମାନଙ୍କର ଆଧ୍ୟାତ୍ମିକ ଉନ୍ନତି ଆଶା କରିଥିଲେ । ଯାହାକୁ ଆମ୍ଭେମାନେ ପ୍ରକୃତ ସଭ୍ୟତା ବୋଲି କହୁଁ, ତାହା ଆଧ୍ୟାତ୍ମିକ ଉନ୍ନତି ବିନା ହୋଇ ନ ପାରେ । ଆଧ୍ୟାତ୍ମିକତା ଉପରେ ସ୍ଥାପିତ ହୋଇଥିଲା ବୋଲି ପୁରାତନ ସଭ୍ୟତାର ମାହାତ୍ମ୍ୟ ଏବଂ ଆଧ୍ୟାତ୍ମିକତାର ଅବନତିରେ ସେ ସଭ୍ୟତାର ପତନ ଘଟିଅଛି । "ଜୋର ଯାହାର ମୁଲକ ତାର" ଏହି ନୀତି ଯେତେବେଳେ ଉଲ୍ଲିଖିତ ଉଦାରନୀତିର ସ୍ଥଳ ଗ୍ରହଣ କରିଅଛି ସେହିଠାରୁ ଭାରତର ଅଧଃପତନ ଆରମ୍ଭ ହୋଇଅଛି । ଯେଉଁଠାରୁ ବ୍ରାହ୍ମଣମାନଙ୍କର କ୍ଷମତାର ଅପବ୍ୟବହାର ଆରମ୍ଭ ହୋଇଅଛି, ସେମାନଙ୍କର ଆତ୍ମତ୍ୟାଗ ଓ ନିଃସ୍ୱାର୍ଥତା ପରିବର୍ତ୍ତରେ ସ୍ୱାର୍ଥସାଧନ, ଗୂଢ଼ ଉଦ୍ଦେଶ୍ୟ ହୋଇଅଛି, ସେହିଠାରୁ ସଭ୍ୟତାର ମୂଳ ଶିଥିଳ ହୋଇଅଛି । ତଥାପି ଆମ୍ଭମାନଙ୍କର ପୂର୍ବସଭ୍ୟତା ବିଦ୍ୟମାନ ରହିଅଛି, ତାହାର କାରଣ ଏହି ଯେ ତାହାର ଭିତ୍ତି ଦୃଢ ଅଟେ । ଯଦି ଆମ୍ଭମାନଙ୍କର ଜାତିନିହିତ ଓ ସେହି ପୁରାତନ ଅବଶିଷ୍ଟ ଆଧ୍ୟାତ୍ମିକତାର ଉତ୍କର୍ଷଲାଭରେ ଆମ୍ଭେମାନେ ପ୍ରୟାସୀ ହୁଅନ୍ତୁ, ତେବେ ସଭ୍ୟତାର ଉନ୍ନତରୂପ ଯଥାର୍ଥ ଲକ୍ଷ୍ୟସ୍ଥଳରେ ଉପସ୍ଥିତ ହୋଇପାରନ୍ତୁ । ଏପରି ସଭ୍ୟତାର ମୂଳ ଓ ମୁଖ୍ୟ କାରଣସ୍ୱରୂପ ଆଧ୍ୟାତ୍ମିକ ଉନ୍ନତି, ସେଥିପାଇଁ ଯେମାନେ ଜୀବନ ଓ ମନ ସମର୍ପଣ କରିଥିଲେ । ପୁନଶ୍ଚ ଭର୍ଜିଲ, ଦାନ୍ତେ ପ୍ରଭୃତି ଇଟାଲୀୟ, ସେକ୍ସପିୟର, ମିଲଟନ, ସ୍କଟ, ବାଇରନ, ଟେନିସନ ଓ ଓ୍ୱାର୍ଡସ୍‌ୱର୍ଥ ପ୍ରଭୃତି ଇଂଲଣ୍ଡୀୟ, ହାଫେଜ ଓ ସାଦି ପ୍ରଭୃତି ପାରସିକ, ବାଲ୍ମୀକି, ବ୍ୟାସ, କାଳିଦାସ ପ୍ରଭୃତି ପୂର୍ବକାଳୀନ ଭାରତୀୟ, ବଙ୍ଗୀୟ ଭାରତଚନ୍ଦ୍ର, ଉତ୍କଳୀୟ ଦୀନକୃଷ୍ଣ ଓ ଉପେନ୍ଦ୍ରଭଞ୍ଜ ପ୍ରଭୃତି କବିମାନେ ଗାଲିଲିୟୋ, ନିଉଟନ ପ୍ରଭୃତି ବୈଜ୍ଞାନିକମାନେ, ଇଉକ୍ଲିଡ୍ ଲୀଳାବତୀ ପ୍ରଭୃତି ଗଣିତଜ୍ଞମାନେ, ଧନ୍ୱନ୍ତରି ପ୍ରଭୃତି ଚିକିତ୍ସାଶାସ୍ତ୍ରଜ୍ଞମାନେ, ହାମିଲଟନ, ମିଲ, ଡାରୱିନ, ସ୍ପେନସର, କୋଲରିଜ, କାରଲାଇଲ, ପତଞ୍ଜଳି ଓ କପିଳ ପ୍ରଭୃତି ନ୍ୟାୟଶାସ୍ତ୍ରବିଶାରଦ ପଣ୍ଡିତମାନେ ନାନାବିଧ ବିଦ୍ୟାର ଆଲୋଚନାଦ୍ୱାରା ମାନସିକ ଓ ନୈତିକ ଉନ୍ନତି ସାଧନରେ ବ୍ରତୀ ହୋଇଥିଲେ; ସେମାନଙ୍କର ଅଧ୍ୟବସାୟ, ଅସୀମ ଚେଷ୍ଟା, ସାହସ ଓ ଯତ୍ନର ବିଷୟ ଆଲୋଚନା କଲେ ବିସ୍ମିତ ହେବାକୁ ହୁଏ । ସେମାନେ କି ଅର୍ଥଲାଭ ନା ରାଜ୍ୟଲାଭ ନା ଅନ୍ୟ କୌଣସି ଲାଭର ଆଶା କରିଥିଲେ ? ତାହା ନୁହେଁ, ତଦପେକ୍ଷା ଉଚ୍ଚତର ଆଶା ସେମାନଙ୍କ ପ୍ରାଣରେ ବିରାଜିତ ଥିଲା । ମିଲଟନ

Digitized by srujanika@gmail.com

ଅନ୍ଧ ହୋଇ ସୁଦ୍ଧା ଶିବଚର୍ଯ୍ୟନ୍ତ ନାମକ ବୃହତ୍ କବିତା ରଚନା କରିଥିଲେ । ନିଉଟନ ଘାସ ବିଷୟ କରିବାକୁ ଯାଇ ବୈଜ୍ଞାନିକ ଚର୍ଚ୍ଚା କରୁଥିଲେ, କିଏ ସେମାନଙ୍କୁ କାର୍ଯ୍ୟରେ ଲଗାଇଥିଲା—କେବଳ ଆଶା । ଧନ୍ୟ ଆଶା ! ତୋର ମୋହିନୀଶକ୍ତି ସମ୍ମୁଖରେ ଶିର ନତ କରି ନାହିଁ ଏପରି ପ୍ରାଣୀ ଅଛି କି ? ମହାକବି ପୋପ କି ଆଶାରେ ଲେଖନୀ ଧରିଥିଲେ ସେ କି ଆଶା କରିଥିଲେ ଯେ ଅତୁଳ ଅର୍ଥ ଉପାର୍ଜନ କରି ତାହାଦ୍ୱାରା ରମ୍ୟହର୍ମ୍ମ୍ୟ ନିର୍ମାଣ କରି ଅସଂଖ୍ୟ ଦାସ ଦାସୀ ପରିବେଷ୍ଟିତ ହୋଇ ବାସ କରିବେ ? ତାହ ନୁହଁ ନୁହେ, ସେ କେବେହେଁ ତାହା ଆଶା କରି ନ ଥିଲେ ତାଙ୍କର । ଗୋଟିଏ କବିତାରୁ ସ୍ପଷ୍ଟ ବୁଝା ପଡ଼ୁଅଛି ଯେ କିପରି ସୁଖ ଆଶା କରିଥିଲେ, ସେ କହିଅଛନ୍ତି ଯେ, "ସଂସାରରେ ଯେଉଁ ଲୋକର ଆଶା ଓ ଯତ୍ନ କେତେକ ମାତ୍ର ପୈତୃକ ଜମିରେ ଆବଦ୍ଧ, ଯେ କି 'ସ୍ୱର୍ଗାଦପି ଗରୀୟସୀ' ଜନ୍ମଭୂମିର ସୁଶୀତଳ ବାୟୁ ସେବନରେ ତୃପ୍ତ, ଯାହାର ଧେନୁମାନେ ସୁମିଷ୍ଟ ପୟଦାନ ଦ୍ୱାରା ଯାହାର କ୍ଷେତ ଖାଦ୍ୟ ଉପଯୋଗୀ ଶସ୍ୟଦାନଦ୍ୱାରା, ଯାହାର ମେଷ ଦି ପଶୁମାନେ ପରିଧେୟ-ବସ୍ତ୍ରଦ୍ୱାରା ଏବଂ ଯାହାର ତରୁରାଜି ଶୀତକାଳୋପଯୋଗୀ ଇନ୍ଧନ ଏବଂ ଗ୍ରୀଷ୍ମୋପଯୋଗୀ ସୁଶୀତଳ ଛାୟା ଓ ସୁମଧୁର ଫଳଦାନ ଦ୍ୱାରା ସେବା କରୁଅଛନ୍ତି, ଯେ କି ଅନାସକ୍ତ ଭାବରେ ଶାରୀରିକ ସ୍ୱାସ୍ଥ୍ୟ ଓ ମାନସିକ ଶାନ୍ତିର ସହିତ ଅଧ୍ୟୟନ, ଆମୋଦରେ ସମୟ ଅତିବାହିତ କରୁଅଛି, ସେହି ଲୋକ ପ୍ରକୃତ ସୁଖୀ ।" ତାହାଙ୍କର ସେହି କାବ୍ୟଗୁଡ଼ିକ ଆମ୍ଭମାନଙ୍କର ଧର୍ମାତ୍ମା ଯୁଧିଷ୍ଠିରଙ୍କର ନିମ୍ନୋଦ୍ଧୃତ ଉକ୍ତି ସଙ୍ଗେ ତୁଳନା କଲେ ବିଶେଷ ସାମଞ୍ଜସ୍ୟ ଲକ୍ଷିତ ହୁଏ । ସେ କହିଅଛନ୍ତି, "ଦିବସସ୍ୟାଷ୍ଟମେଭାଗେ ଶାକଂ ପଚତି ଯୋ ନରଃ । ଅଋଣୀ ଚାପ୍ରବାସୀ ଚ ବାରିଚର ମୋଦତେ ।" ଅର୍ଥାତ୍ ଯେଉଁ ଲୋକ ଦିବାର୍ଦ୍ଧପ୍ରହର ସମୟରେ ନିଜଗୃହରେ ଶାକାନ୍ନ ପାକ କରିଥାଏ ଆଉ ଅଋଣୀ ଓ ଅପ୍ରବାସୀ ଥାଏ ସେହି ଲୋକ ପ୍ରକୃତ ସୁଖୀ—ଏପରି ସ୍ଥଳରେ ତାଙ୍କ ଆଶା ଭିନ୍ନ ପଥାନୁଗାମିନୀ ଥିଲା, ଏଥିରେ କି ସନ୍ଦେହ ଅଛି ?

ବର୍ତ୍ତମାନ ଇନ୍ଦ୍ରିୟ ବିଷୟୀଭୂତ ଆଶା ବିଷୟ ଆଲୋଚନା କରିବା ଉଚିତ । ଇନ୍ଦ୍ରିୟ ତୃପ୍ତିର ଆଶା ପ୍ରତ୍ୟେକ ପ୍ରାଣୀର ଅଛି । ଜ୍ଞାନାଲୋକଶୂନ୍ୟ ପଶୁପକ୍ଷିମାନେ ନିଜନିଜର ଖାଦ୍ୟ ଆଶାରେ ଉଷଠାରୁ ପ୍ରଦୋଷ ପର୍ଯ୍ୟନ୍ତ ବ୍ୟସ୍ତ ଏବଂ ରାତ୍ରି ହେଲା କ୍ଷଣି ଶ୍ରମାପନୋଦିନୀ ନିଦ୍ରାଦେବୀଙ୍କର ସେବା କରିବା ଆଶାରେ ସଚେଷ୍ଟ ହୁଅନ୍ତି । କେତେ ଆଶା ପ୍ରାଣରେ ଧାରଣ କରି ମନୁଷ୍ୟ ଇତସ୍ତତଃ ଧାବମାନ ହେଉଅଛି, କିନ୍ତୁ ମୁହୂର୍ତ୍ତକେ କେତେ ଯେ ଉନ୍ମୂଳିତ ହେଉଅଛି, କେବଳ ଯେ ବ୍ୟାକୁଳ କ୍ରନ୍ଦନ ସାର ହେଉଅଛି ତାହା ବର୍ଣ୍ଣନାର ଅତୀତ । ଏହି ଅସ୍ଥିର ସଂସାର ମଧ୍ୟରେ ମନୁଷ୍ୟ ଯେତେବେଳେ ବିଡ଼ମ୍ବନା ଭୋଗ କରେ ସେତେବେଳେ ତାହାର ଆଉ ଭବିଷ୍ୟତ୍ ଉପରେ ଆସ୍ଥା ରହେ ନାହିଁ । ସୁତରାଂ ଅନନ୍ତ ଜୀବନ ଆଡ଼କୁ ବିଶେଷ ଚେଷ୍ଟା ରହେ ନାହିଁ—କେବଳ ଇନ୍ଦ୍ରିୟଗୋଚର ବିଷୟଭୋଗରେ ବ୍ୟାପୃତ ରହି ଲୋକେ ପ୍ରାଣର ଆଶାକୁ ତୃପ୍ତ ରଖିବାକୁ ଚେଷ୍ଟା କରନ୍ତି । କିନ୍ତୁ ସେ ଆଶା କି ମନଜାତରେ ତୃପ୍ତ ହେବ ? କେବଳ ଭ୍ରାନ୍ତି । ଆଜିକାଲି ଏହି ଭାରତଭୂମିରେ କେତେକ ଲୋକ କିପରି ଆଶା ଦ୍ୱାରା ଚାଳିତ ତାହା ମୋ ପରି ଲୋକ ଦ୍ୱାରା ବର୍ଣ୍ଣିତ ହେବା ଅସମ୍ଭବ । ବାଳକମାନେ ନିଜବାଲ୍ୟାସରେ କେହି ବା କଲେଜରେ କେହି ବା ସ୍କୁଲରେ ବିଦ୍ୟାଧ୍ୟୟନ କରୁଅଛନ୍ତି, ସେମାନଙ୍କର ଆଶା ଯେ ଭିନ୍ନ ଭିନ୍ନ ପଥାବଲମ୍ବିନୀ ଏଥିରେ କିଛି ସନ୍ଦେହ ନାହିଁ ।

Digitized by srujanika@gmail.com

କେହି ଆଶା କରୁଅଛି ମୁଁ ଏଣ୍ଟ୍ରାନ୍‌ସ୍ ପାସ କଲେ କୌଣସି ପ୍ରକାର କଲେକ୍ଟ୍ରୀ କଚେରୀରେ କାର୍ଯ୍ୟ ଶିକ୍ଷା କରି ଟ୨୦ । ୨୫ଙ୍କାର ଗୃକରୀ ଖଣ୍ଡିଏ ପାଇଲେ ବେଶ ସୁଖରେ କାଳ କଟା-ଇବ । କେହି ଆଶା କରୁଅଛି ଏଫ୍‌ଏ ପାସ କରି ମେଡ଼ିକାଲ କଲେଜରେ ପଢ଼ି ଏମ ବି ପାସ କଲେ ଆସିଷ୍ଟାଣ୍ଟ ସର୍ଜନ ହେବ ବା ଇଞ୍ଜି-ନିୟରିଙ୍ଗ ପଢ଼ି ଇଞ୍ଜିନିୟର ହେବ । କେହି ଆଶା କରୁଅଛି ମୁଁ ବିଏ ପାସ କରି ବା ଏମେ ପାସ କରିବ, ଲ ପାସ କରି ପାରିଲେ ଗୋଟିଏ ଉକିଲ ହୋଇ ପାରିବ କେହି । ଉପାଧି-ଧାରୀ ମଧ୍ୟ ଆଶା କରୁଅଛନ୍ତି ଯେ ଯଦି ସେ ଦୁଇ ଚାରିଖଣ୍ଡ ପ୍ରଶଂସାପତ୍ର ଯୋଗାଡ଼ କରି ପାରନ୍ତି ତେବେ ସେ ଗୋଟିଏ ଡେପୁଟୀ ହୋଇପାରିବେ । କେହି ଆଶା କରୁଅଛନ୍ତି ସେ ବିଲାତ ପାଇ ସି, ଏସ୍ଟା ପସନକରି ମାଜିଷ୍ଟ୍ରେଟ୍ ହେବେ କିମ୍ବା ଏମ ଡ଼ି ପାସ୍ କରି ସର୍ଜନ କିମ୍ବା ଆଇନ୍ ପାସ କରି ବାରିଷ୍ଟର ହେବେ । ଆହୁରି କ୍ଷୁଦ୍ର କ୍ଷୁଦ୍ର ବାଳକମାନେ କଥରି ପ୍ରଥମ ହେବେ ଓ ପାରି-ତୋଷିକ ପାଇବେ ତାହା ଆଶା କରୁଅଛନ୍ତି । ଏପରି ଗୃହମାନଙ୍କର ଆଶାନଦୀ ପ୍ରବାହିତ ହେଉ-ଅଛି । 'ଯୁବକମାନେ ନାନା ହୃଦୟସ୍ପର୍ଶୀ ଆକାଂକ୍ଷା ଉଦ୍ଦେଶ୍ୟ ବା ଉଚ୍ଚାଭିଳାଷରେ ଆକୃଷ୍ଟ ହୋଇ ନାନାଦେଶ ଭ୍ରମଣ କରୁଅଛନ୍ତି । ଯେଉଁମାନଙ୍କର ଆଶା କଥଞ୍ଚିତ୍ ସଫଳ ହେଉଅଛି, ସେହିମାନ-ଙ୍କର ଭବିଷ୍ୟତ ଉଜ୍ଜ୍ୱଳ, ସେମାନେ ଉତ୍ତରୋତ୍ତର ଅଧିକ ବଳର ସହିତ ଚେଷ୍ଟାରେ ବ୍ୟାପୃତ । କେତେକ ହତାଶ ହୋଇ ପୁନରପି ଅଧ୍ୟବସାୟ ସହିତ ଚେଷ୍ଟା କରୁଅଛନ୍ତି, କେତେକ ବିଫଳ-ମନୋରଥ ହୋଇ ଅଧ୍ୟୟନ ତ୍ୟାଗ କରୁଅଛନ୍ତି । ପ୍ରକୃତ ନିଃସ୍ୱାର୍ଥ ଜ୍ଞାନକାଂକ୍ଷୀ ବିଦ୍ୟା ଅତ୍ୟଳ୍ପ ସଂଖ୍ୟକ ବ୍ୟକ୍ତି ଆଶା କରୁଅଛନ୍ତି । କର୍ମଚାରୀ-ମାନେ ଉନ୍ନତି ଆଶାରେ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ନିଜ ନିଜ କାର୍ଯ୍ୟ କ୍ଷେତ୍ରରେ ବ୍ୟସ୍ତ ଅଛନ୍ତି । ଶିକ୍ଷକମାନେ ଭଲଫଳ ଦର୍ଶାଇବା ଆଶାରେ ସତତ ଛାତ୍ରମାନଙ୍କୁ ବିଦ୍ୟାଦାନ କରୁ-ଅଛନ୍ତି । ଯେଉଁ ଶିଳ୍ପୋନ୍ନତିଦ୍ୱାରା ଇଂରେଜ-ମାନେ ଜଗତରେ ଅଗ୍ରଗଣ୍ୟ ସେହି ଶିଳ୍ପୋନ୍ନତି କରିବା ଆଶାରେ କେତେକ ରତ । ବ୍ୟବସାୟୀ-ମାନଙ୍କ ଆଶାର ଅସୀମ । ନାନା ସମ୍ପ୍ରଦାୟର ଲୋକେ କେତେ କଷ୍ଟ ସହି କେତେ ଦୂରଦେଶ ଯାଇ କେତେ ନୂତନ ପ୍ରକାରର ବ୍ୟବସାୟ ଆରମ୍ଭ କରୁଅଛନ୍ତି ତାହା ସଂଖ୍ୟା କରିବା ଦୁଷ୍କର । ପୁଣି କେହି ଦେଶ ହିତୈଷିତା, ସମାଜ-ସଂରକ୍ଷଣ, ଜାତୀୟତାରକ୍ଷା, ସନାତନ ଧର୍ମପ୍ରଚାର, ଆର୍ଯ୍ୟଶାସ୍ତ୍ର ସଂରକ୍ଷିତ ଧର୍ମର ପୁନରୁଦ୍ଧାର ପ୍ରଭୃତି କାର୍ଯ୍ୟରେ ସତତ ବ୍ୟାପୃତ । କେହିବା ସେ ସବୁ ଛଳନା କରି ନିଜର ଉଦର ପ୍ରତିପୋଷଣ କରିବା ଆଶାରେ ଚିନ୍ତିତ, କେହିବା ନିଜର ଗୌରବ ଓ ଧନବୃଦ୍ଧି ଆଶାରେ ବ୍ୟସ୍ତ କେହିବା ପରୋ-ପକାର କରିବା ଆଶାରେ ଚେଷ୍ଟିତ ରହିଅଛି, କେହିବା ଶାସ୍ତ୍ର ଅଧ୍ୟୟନ ଶାସ୍ତ୍ରପ୍ରଣୟନର ଆଶା-ପଥରେ ପଥିକ ହୋଇଅଛି । ଯେପରି ସାୟଂ-କାଳର କ୍ଷନଲ୍ ମୃତ୍ତରୁ ବାଳକ ବାଳିକାମାନେ ବାଲୁକାଗୃହ ନିର୍ମାଣ କରି କ୍ରୀଡ଼ା କରୁଥାନ୍ତି, ଏବଂ ନିଜର ଉତ୍କର୍ଷ ଦେଖାଇବା ପାଇଁ ପରସ୍ପର ମଧ୍ୟରେ ବିବାଦ ବିସମ୍ବାଦ କରିଥାଆନ୍ତି, ଏବଂ ଚନ୍ଦ୍ରାଲୋକ ଦେଖି ତାହା ଧରିବା ପାଇଁ ସାଗର ଲଙ୍ଘନ କରିବାକୁ ମାନସ ବଳାଇ ଥାଆନ୍ତି, ସେହି-ପରି ଏ ସଂସାର ବାଲୁକାକ୍ଷେତ୍ରରେ ବୟୋବୃଦ୍ଧ ବାଳକ ବାଳିକାମାନେ ଗୁରୁ ବିଷୟ ହେନ ସତତ କଳହରେ ଲିପ୍ତ ଅଛନ୍ତି, ଏବଂ ବୃଥା ଆଶାର ଅନୁଗମନ କରି କପରି ଅବସ୍ଥାରେ ପତିତ ହେଉଅଛନ୍ତି, ତାହା କୁହାଯାଇ ନପାରେ । ସଂସାରର କ ବଚସ ଲୀଳା, ସେମାନେ ବୁଝିବାକୁ ସକ୍ଷମ ହୁଅନ୍ତି ନାହିଁ । କାଲି ସେମାନେ ଯେଉଁ ବାଲୁକାରେ କ୍ରୀଡ଼ା କରୁଥିଲେ ଆଜି ସେଠାରେ ସେମାନଙ୍କର ପୁତ୍ର କନ୍ୟାମାନେ କ୍ରୀଡ଼ା କରୁ-

Digitized by srujanika@gmail.com

ଅଛନ୍ତି । ତାଲବୃକ୍ଷର ବାହ୍ୟ ସ୍ୱରୂପ ଏକଦଳ ଯାଉଅଛନ୍ତି ଅନ୍ୟ ଦଳ ଆସୁ ଅଛନ୍ତି । ଏହିପରି ସବୁ ନିତ୍ୟ ଆବର୍ତ୍ତନଶୀଳ, ଏହା ବୁଝି ନ ପାରି ବୃଥା ଆଶାର ବଶବର୍ତ୍ତୀ ହୋଇ ନିଜ ଜୀବନକୁ ବିପଦରେ ପକାଇ ସୁଦ୍ଧା, କେତେକଙ୍କୁ ଆମରଣ ଯନ୍ତ୍ରଣା ଦେଇ ସୁଦ୍ଧା ନିଜର ବିଷୟ ବାସନା ତୃପ୍ତ କରିବାରେ ତ୍ରୁଟି କରୁ ନାହାନ୍ତି । ଆଶାର କି ମୋହିନୀ ଶକ୍ତି ! ମନୁଷ୍ୟମାନେ ନିତ୍ୟ ନିତ୍ୟ ସହସ୍ର ସହସ୍ର ଲୋକ ଯମାଳୟ ଯିବା ଦୃଷ୍ଟି-ଗୋଚର କରି ସୁଦ୍ଧା ନିଜର ସ୍ଥାୟିତ୍ୱ ଆଶାରେ ଚକିତ ହୋଇ ଅନ୍ୟାୟରେ ରତ ଅଛନ୍ତି ।

ଆଜକାଲି ନବ୍ୟଦଳର କେତେକ ଯୁବକ-ମାନେ ଯୁବତୀସୌନ୍ଦର୍ଯ୍ୟପ୍ରୟାସୀ ଅଟନ୍ତି । ସେମାନଙ୍କ ବିଷୟରେ କିଛି ନ କହି କ୍ଷାନ୍ତ ହେବା ଅନୁଚିତ, କାରଣ ନବଯୁବକମାନଙ୍କ ପକ୍ଷରେ ଏ ଲେଖାଟି ରୁଚିକର ହେଉନାହିଁ । ଲଳନାର ମାଧୁର୍ଯ୍ୟରେ ଯୁବକର ଅତୃପ୍ତ ସୌନ୍ଦର୍ଯ୍ୟ ଆକାଂକ୍ଷା ପରିତୃପ୍ତ ହୁଏ । ତାହାର ମୂର୍ତ୍ତି ଯୁବକର କଳ୍ପନା ନୟନରେ ସୌନ୍ଦର୍ଯ୍ୟର ରୁଦ୍ଧ ଅନନ୍ତ ରାଜ୍ୟ ଖୋଲିଦିଏ ସତ୍ୟ, କିନ୍ତୁ ତାହାକୁ କି ଅପୂର୍ବସୁନ୍ଦରୀ କୁହାଯାଇପାରେ ? ଖ୍ୟାତପ୍ରତିପତ୍ତି ସୌନ୍ଦର୍ଯ୍ୟସମାଲୋଚକମାନେ ଏବଂ ସୌନ୍ଦର୍ଯ୍ୟବିଶ୍ଳେଷକ ରୂପସର୍ବସ୍ୱ ଭାବୁକ-ମାନେ ଯଦିଚ ଯୁବକର ରୁଚିକୁ ଅମାର୍ଜିତ ମନେ କରନ୍ତି ତଥାପି ତାହାର ସୌନ୍ଦର୍ଯ୍ୟଲିପ୍ସା ସେଥିରେ ପରିତୃପ୍ତ ହୁଏ । ତାହାର କାରଣ କଅଣ ? ଚୁମ୍ବକ ଲୌହକୁ ଆକର୍ଷଣ କରେ ଏହା ଗୋଟିଏ ସତ୍ୟ, କିନ୍ତୁ କିଏ କହିବ ଏହା ତାହା ନିମନ୍ତେ ? ମନୁଷ୍ୟ ନିଜମଧ୍ୟରେ ଗୋଟିଏ ଅସମ୍ପୂର୍ଣ୍ଣ ଭାବ ଗୋଟିଏ ଅଭାବ ସର୍ବଦା ଅନୁଭବ କରେ । ସେ ଅଭାବ ପୂରଣ କରିବା ନିମନ୍ତେ ମନୁଷ୍ୟ ଆଉ ଗୋଟିଏ ଆତ୍ମାର ସହିତ ମିଳିତ ହେବାକୁ ଚାହେଁ । କିନ୍ତୁ ସବୁ ଆତ୍ମାର ସମ୍ମିଳନ ହୁଏ ନାହିଁ । ସୁତରାଂ ମନୁଷ୍ୟ ଯେଉଁ-ଠାରେ କଳ୍ପନା-ଚକ୍ଷୁରେ ନିଜର ଅସମ୍ପୂର୍ଣ୍ଣ ଆତ୍ମାର ବାକିତକ ଦେଖିପାରେ ସେହିଠାରେ ଆକୃଷ୍ଟ, ମୁଗ୍ଧ ଏବଂ ତାହାକୁ ଆପଣାର କରିବା ପାଇଁ ଲାଳାୟିତ । ଯେଉଁ ନିୟମରେ ଫଳ ପଡ଼େ, ଜୀବ ଜନ୍ମେ, ପୃଥିବୀ ଘୂରେ, ସେହି ନିୟମରେ ଏହା ମଧ୍ୟ ଘଟେ । ମନୁଷ୍ୟ ସଂସାର ମଧ୍ୟରେ ଅହରହ ନିଜ ଅସମ୍ପୂର୍ଣ୍ଣ ଆତ୍ମାର ଅପରାର୍ଦ୍ଧ ଖୋଜୁଥାଏ, ଯେ ସୌଭାଗ୍ୟବାନ ତାହାର କପାଳରେ ପ୍ରକୃତ ପଦାର୍ଥ ମିଳେ । ଏହି ଆକାଂକ୍ଷାର ପରିତୃପ୍ତିରେ ମନୁଷ୍ୟ ପୃଥିବୀରେ ସ୍ୱର୍ଗସୁଖ ଓ ସ୍ୱର୍ଗର ଅମରତ୍ୱ ଅନୁ-ଭବ କରେ । କ୍ଷୁଦ୍ର ଜୀବନରେ ମହାନ୍ ଉଦ୍ଦେଶ୍ୟ

ଧନରେ ବଳ ପାଏ, ଏବଂ ଏହାର ଅପୂ-ର୍ଣ୍ଣତାରେ ଜୀବନ ଶୂନ୍ୟ, ଅର୍ଥହୀନ, ଉଦ୍ଦେଶ୍ୟ-ହୀନ, ନିରାନନ୍ଦ ହୋଇପଡ଼େ, କିନ୍ତୁ ଯଥାର୍ଥରେ ଯେ ଭଲପାଏ, ପ୍ରେମର ସ୍ୱର୍ଗୀୟପ୍ରଭାବରେ ଯାହାର ବିଶ୍ୱାସ, ନୈରାଶ୍ୟ ମଧ୍ୟରେ ସୁଦ୍ଧା ସେ ବଳପାଏ, ଶାରୀରିକ ପ୍ରକୃତିକୁ ଅତିକ୍ରମ କରି ଆକାଂକ୍ଷାର ଆକୁଳତାକୁ ଦମନ କରି ସେ ଆତ୍ମାର ସମ୍ମିଳନ ଅନୁଭବ କରେ । ସମାଜର ପ୍ରେମରେ ମଳିନତା ଅଛି, ସ୍ପୃହା ଅଛି, ଦୁଃଖ ତାପ ଅଛି, କିନ୍ତୁ ସେହି ନୀରବ ଆତ୍ମଦାନ ଓ ପବିତ୍ର ଭକ୍ତି ପୂଜା ନିଷ୍କଳଙ୍କ । ତେବେ ସେ କାହିଁକି ନୈରାଶ୍ୟ-ଯନ୍ତ୍ରଣା ଭୋଗ କରିବ ? ଶାରୀରିକ ସମ୍ବନ୍ଧରେ ଯଦିଚ ପ୍ରେମର ବସ୍ତୁ ତାହାର ନୁହେଁ, ଆତ୍ମା ସମ୍ବନ୍ଧରେ ସେ ତାହାର ନିଜର । ମନୁଷ୍ୟ ଶରୀର, ମନ ଓ ଆତ୍ମାର ସମଷ୍ଟି, ସୁତରାଂ ମୂଳରୁ ମନୁଷ୍ୟର ପ୍ରେମ ଆତ୍ମାର ମିଳନରୁ ଜାତ ହେଲେ ସୁଦ୍ଧା କ୍ରମେ ମନୁଷ୍ୟ ତାହାର ପ୍ରୀତିକର ବସ୍ତୁକୁ ଶରୀର, ମନ ଓ ଆତ୍ମା ସମସ୍ତ ଦେଇ ଆପଣାର କରିବାକୁ ଚାହେଁ । ଯେତେବେଳେ ବିଫଳ-ପ୍ରୟାସ ହୁଏ, ଆକାଂକ୍ଷା ଭଗ୍ନ ପଥାବଲମ୍ବିନୀ ହୁଏ । କଷ୍ଟନିବାରଣେଚ୍ଛା ମନୁଷ୍ୟଠାରେ

Digitized by srujanika@gmail.com

ସହଜରେ ବଳବତୀ ହୁଏ । ଯେତେବେଳେ ଆକାଂକ୍ଷା ପୂରଣର ଉପାୟ ନାହିଁ, ତେତେବେଳେ ପ୍ରତ୍ୟାଶା ନିଜେ ୨ କମିଯାଏ, ସେହିପରି ମନର ବୃତ୍ତିମଧ୍ୟ ଗଠିତ ହୁଏ । ବାଧାପ୍ରାପ୍ତ ନଦୀ ଯେପରି ଅନ୍ୟପଥ ଅନ୍ୱେଷଣ କରେ, ମନୁଷ୍ୟର ପ୍ରେମବୃତ୍ତି ମଧ୍ୟ ସେହିପରି ସ୍ଥାନ ଓ ଅବସ୍ଥା ଭେଦରେ ସ୍ନେହ ଭକ୍ତି ଓ ବନ୍ଧୁତ୍ୱର ଆକାର ଧାରଣ କରେ । ଯେଉଁ ମନୁଷ୍ୟର ମନୁଷ୍ୟତ୍ୱ ଯେତେ, ତାହାର ପ୍ରେମ ତେତେ ଗଭୀର । ନିର୍ମଳ ପ୍ରେମ ମନୁଷ୍ୟକୁ ସ୍ୱାର୍ଥପଥରୁ ଅପସାରିତ କରି ପବିତ୍ର ସ୍ୱର୍ଗରାଜ୍ୟ ଆଡ଼କୁ ଘେନି ଯାଏ । ନୈରାଶ୍ୟପ୍ରଦର୍ଶିତ ଏହି ପଥ ଅନୁଗମନ କରି ମନୁଷ୍ୟ ଆଜୀବନ ଚାଲି ପାରିବ କି ନାହିଁ ତାହା କୁହାଯାଇ ନପାରେ, ତଥାପି କ୍ଷଣକ ପାଇଁ ଏହା ତାହା ନିକଟରେ ପୁଣ୍ୟରାଜ୍ୟ ଖୋଲିଦିଏ । ମନୁଷ୍ୟର ଯଦି ପ୍ରଭୁମଙ୍ଗଳରେ ବିଶ୍ୱାସ ଥାଏ, ତେବେ ସହସ୍ର ବାଧା ଠେଲି ସୁଦ୍ଧା ସେ ପଥରେ ଯିବା ପାଇଁ ଚେଷ୍ଟା କରିବାକୁ ବଳ ପାଏ । କାରଣ ସେହି କଷ୍ଟ ମଧ୍ୟରେ ଈଶ୍ୱରଙ୍କ କରୁଣା ସେ ଦେଖିବାକୁ ପାଏ । ଯାହାର ସେ ବିଶ୍ୱାସ ନାହିଁ, ସେ ଅଶାନ୍ତି ଭୋଗକରେ ଏବଂ ସଂସାରରେ ଅମଙ୍ଗଳର ପ୍ରଭୁତ୍ୱ ଭିନ୍ନ ଆଉ କିଛି ଦେଖିବାକୁ ପାଏନାହିଁ ।

ଆହୁରି ଗୋଟିଏ ଆଶାର ବିଷୟ ଏଠାରେ ଦେବା ଉଚିତ ହେଉଅଛି । ତାହା ବିଦେଶୀୟ ଭାବର ଅନୁକରଣ କରିବାର ଆଶା । ସେ ଅନୁକରଣରେ କିଛି କ୍ଷତି ନାହିଁ । ସବୁ ବିଷୟରେ ସେ ଭାବ ବଜାୟ ରଖିବା ଉଚିତ୍ । କଥାବାର୍ତ୍ତାରେ ମତ ବିଶ୍ୱାସରେ, ପରିଧାନ ପରିଚ୍ଛଦରେ, ଆମୋଦ ପ୍ରମୋଦରେ ବିଦେଶୀୟ ଭାବ ଅନୁକରଣ କଲେ ହେବନାହିଁ, ଚରିତ୍ରର ସାରବସ୍ତୁରେ କେତେଦୂର ଅନୁକରଣ କରି ପାରି ଦେଖିବା ଉଚିତ । ଆମ୍ଭମାନଙ୍କର ସେହି ଅଟଳ କାର୍ଯ୍ୟଦକ୍ଷତା, ବାଧା ବିଘ୍ନର ସହିତ ଅବିଶ୍ରାନ୍ତ ଯୁଦ୍ଧ କରିବାର ଉପଯୋଗୀ ଶରୀର ମନର ସେହି ତେଜସ୍ୱୀ ପାଷାଣ ବଳ କାହିଁ ? ଏହି ଆଳସ୍ୟସଞ୍ଚାରୀ ନିସ୍ତେଜ ଜଳବାୟୁରେ ଆମ୍ଭେମାନେ ସେହି ପାଶ୍ଚାତ୍ୟ ସଭ୍ୟତାର ଉଦ୍ଦାମ ଉଦ୍ୟମ କେଉଁଠାରୁ ପାଇବା ? ସୁତରାଂ ଅନୁକରଣ କରିବାକୁ ଯାଇ ସେମାନଙ୍କର ମହତ୍ତ୍ୱ ଆୟତ୍ତ କରି ନପାରି ଅସାରାଂଶ ଅନୁକରଣ କରୁଅଛୁଁ । ତାହାଦ୍ୱାରା ନିଜର କେତେକ ପ୍ରକୃତ ପଦାର୍ଥ ହରାଇ ବସିଅଛୁଁ । ବାହ୍ୟ ପ୍ରକୃତିର ସହିତ ଅନ୍ତର ପ୍ରକୃତିର ସଂଗ୍ରାମରେ ଯଥାର୍ଥ ଉନ୍ନତି ହୁଏ । ଯେପରି ଶରୀରର ଅବହେଳାରେ ମନର ଉନ୍ନତି ହୁଏ ନାହିଁ, ସେହିପରି ବହିର୍ଜଗତ ଆମ୍ଭମାନଙ୍କର ଅସ୍ତିତ୍ୱ ସହିତ ଏପରି ଜଡ଼ିତ ଯେ ତାହାର ସଂଘର୍ଷଣ ଅନିବାର୍ଯ୍ୟ । କିନ୍ତୁ ତାହା କରିବାକୁ ଯାଇ ଆମ୍ଭେମାନେ ଆଧ୍ୟାତ୍ମିକ ଉନ୍ନତି ଆଡ଼କୁ ଆଦୌ ଦୃଷ୍ଟି ନିକ୍ଷେପ କରୁ ନାହୁଁ, ସେଥିପାଇଁ ଆମ୍ଭମାନଙ୍କର ଉନ୍ନତିର ଆଶା ବିଫଳ ହେଉଅଛି ଏବଂ ପୂର୍ବକାଳୀନ ଆଧ୍ୟାତ୍ମିକଜାତିକୁ ହରାଇ ବସୁଅଛୁଁ । ସେମାନଙ୍କ ପରି ବିଶାଳନ୍ୟାୟ ପ୍ରେମ ସଂଗ୍ରାମରେ ଆମ୍ଭେମାନେ ଅକ୍ଷମ । ସୁତରାଂ ତାହାର ଆଡ଼ମ୍ବରରେ ଆମ୍ଭମାନଙ୍କର ପୁରାତନସଂସ୍କାରସିଦ୍ଧ ସଦବୃତ୍ତି ଆଦର୍ଶ ପ୍ରତିବାସୀ ସ୍ନେହ, ପାରିବାରିକ ବନ୍ଧନ ପ୍ରଭୃତି ସହଜ ଗୁଣାବଳୀ ମନରୁ ଅନ୍ତରିତ ହୁଏ । ସେମାନଙ୍କ ପରି ଅବିଶ୍ରାମ ବୈଜ୍ଞାନିକ ଆଲୋଚନା ଦ୍ୱାରା ଜ୍ଞାନ ଓ ବିଶ୍ୱାସକୁ ନିୟମିତ କରିବାର ବଳ ନାହିଁ, ସୁତରାଂ ତାହା ପରିବର୍ତ୍ତରେ ଆମ୍ଭମାନଙ୍କର ସରଳଧର୍ମବିଶ୍ୱାସ ଶିଥିଳ ହୋଇ ଯାଉଅଛି । ଅତଏବ ଅନୁକରଣ କରିବାକୁ ଯାଇ ଉଭୟ ଆଡ଼ରୁ ବଞ୍ଚିତ ହେବା କି ଉଚିତ ? ଆହୁରି ସେ ଆଶା ଯେ କିପରି ସୁଫଳବତୀ ତାହା ବୋଲିବା ମୋର ସାଧ୍ୟାୟତ୍ତ ନୁହେଁ । ଏହିପରି ଆଶା ଅନେକ ପ୍ରକାରରେ ଦେଖା ଯାଉଅଛି,

Digitized by srujanika@gmail.com

ଆଶା ଫଳବତୀ ହେବାପାଇଁ ଅନେକ ଗୁଡ଼ଏ ଗୁଣ ଆବଶ୍ୟକ ଯଥା--ସାହସ, ଅଧ୍ୟବସାୟ, ବଳ, ପରିଶ୍ରମ ଓ ବୁଦ୍ଧି ପ୍ରଭୃତି । ମହାବୀର କ୍ଲାଇବ୍ ସେ ଆଶାରେ ଉତ୍ସାହୀ ହୋଇ ପଲାଶି ଯୁଦ୍ଧରେ ରତ ହୋଇଥିଲେ, ତାଙ୍କର ଯଦି ସାହସ, ବଳ, ବୁଦ୍ଧି ନ ଥାନ୍ତା ତେବେ କି ସେ କୃତକାର୍ଯ୍ୟ ହୋଇ ପାରିଥାନ୍ତେ ? ଆଉ ଆଶା ସଫଳ ହେଲେ ମନରେ ଯେ କିପରି ଆନନ୍ଦ ଜାତ ହୁଏ, ତାହା ବର୍ଣ୍ଣନାତୀତ । ଚିରସ୍ମରଣୀୟ "ଉତ୍ତମାଶା" ନାମ ତାହାର ଗୋଟିଏ ଜ୍ୱଳନ୍ତ ଉଦାହରଣ ସ୍ୱରୂପ ରହିଅଛି । କିନ୍ତୁ ନାନା ବିଷୟରେ ମନୁଷ୍ୟ ଆଶାକୁ ବୃଦ୍ଧି କରିବା ଉଚିତ ନୁହେ । କାରଣ ଆଶା ସବୁ ସମୟରେ ଫଳବତୀ ହୁଏନାହିଁ । ଏ ମାୟାଶୀଳମୟ ଭବସିନ୍ଧୁରେ ଆଶାତରୀ ଭଗ୍ନ ହେଲେ ଚିତ୍ତ ନୈରାଶ୍ୟର ଅଳସ୍ୟ ହୁଏ ଏବଂ ଜୀବନର ପଥ କଣ୍ଟକମୟ ହୁଏ । କୌଣସି ବିଖ୍ୟାତ ଗ୍ରନ୍ଥକାର ଲେଖି ଅଛନ୍ତି "ମୃତ ଆଶାର କ୍ଷତିପୂରଣ କାହାରି ଦ୍ୱାରା ହୋଇ ନ ପାରେ । ଏହା ଚରିତ୍ରକୁ ପରିବର୍ତ୍ତନ କରିଦିଏ ।" ଆହୁରି ମଧ୍ୟ ଜଣେ ଭାବୁକ କହି ଅଛନ୍ତି, "ଯେତେବେଳେ ମୁଁ ସମସ୍ତ ଆଶା ହରା-ଇଅଛି ମୁଁ କିପରି କାର୍ଯ୍ୟ କରିବି ବା ସୁଖୀ ହେବି ।" ଅତଏବ ଆଶାକୁ ନିୟମବଦ୍ଧ କରିବା ଉଚିତ । ଆମ୍ଭମାନଙ୍କର ଜୀବନ ଗତିବିଶିଷ୍ଟ, ପ୍ରତି ମୁହୂର୍ତ୍ତରେ ବାଲୁକା ଯନ୍ତ୍ରର ବାଲୁକା କଣା ତୁଲ୍ୟ ଗତ କରୁଅଛି । ପ୍ରତି ମୁହୂର୍ତ୍ତର କର୍ତ୍ତବ୍ୟକାର୍ଯ୍ୟ କରିବା ପାଇଁ, ଓ ଭାଗ୍ୟାନୁସାରେ ସୁଖ ଦୁଃଖ ଭୋଗ କରିବା ପାଇଁ ପ୍ରସ୍ତୁତ ହେବା ଉଚିତ । ତାହା କଲେ ଆମ୍ଭେମାନେ ଭାବୀ ବୃଥା ଆଶାରୁ ରକ୍ଷା ପାଇବୁ ଏବଂ ଜୀବନ ଦୁଃଖପୂର୍ଣ୍ଣ ଏହି ପ୍ରତିକୂଳ ଭାବକୁ ଅତିକ୍ରମ କରି ପାରିବୁ । ଅତୀତର ଶୋଚନା ଓ ଭବିଷ୍ୟତର ଆଶା କିଛି କରି ପାରିବନାହିଁ ଏପରି ଉଜ୍ଜ୍ୱଳ ପବିତ୍ର କର୍ତ୍ତବ୍ୟମୟ ଜୀବନ ସତତ ବାଞ୍ଛନୀୟ ଅଟେ, ଏହିପରି ଆଶାକୁ ଆବଦ୍ଧ ରଖିବା ଉଚିତ ।

ଶ୍ରୀ ରାଧାକୃଷ୍ଣ ଦାସ ।

---

## ମେଘ ବରଷିଲା ଟପର ଟପର କେଶର ମାଇଲା ଗଜା

---

ବିଧାତା ନିଷ୍ଠୁର-ନିଦେଶେ ଗ୍ରୀଷମ
ଯାଉଁ ଧରାଧାମ ଛାଡ଼ି;
ପ୍ରବଳ ବେଗରେ ଘୋର ବୃଷ୍ଟିକାଳ
ଅସିଲା ସଂସାରେ ମାଡ଼ି ।
ଭାବଇ ଦେଖିଣ ମହାମତିବର୍ତ୍ତି
ଅଚିରେ ଧରଣୀ ମୁଖ,
ଚିରକାଳ ସିନା ଏ ମର ଧାମରେ
ଲାଗିଛଇ ଦୁଃଖ ସୁଖ ।
ଆଜି କଥା କାଲି ଅନ୍ତରିତ ପୁଣି
ମୁହୂର୍ତ୍ତେ ମୁହୂର୍ତ୍ତେ ଭେଦ ।
ନଶ୍ୱର ବିଶ୍ୱର ଏ ଅସ୍ଥିରଭାବ
ମନେ ହଏ ଘୋର ଖେଦ ।

ସୁଦୂର ଅତୀତ ସ୍ମୃତି ଛବିରାଜି
ଚିତ୍ତ-ପଟେ ଉଦ୍ଭାସଇ,
ସୁମଧୁର ବାଲ୍ୟଭାବ ଗୋଟି ଗୋଟି
ଆଜି ମନରେ ପଡ଼ଇ ।
ଆହାରେ ସେ ସୁଖ ଏ ଜୀବନେ ଆଉ
କାହିଁ ତ ମିଳିବ ନାହିଁ ।
ସେ ନିଷ୍ଠୁର କାଳ କି ଦୋଷେ ଅକାଳେ
ଦେଲା ସେ ସୁଖ ଛଡ଼ାଇ ।
ଅତି ଶୈଶବରେ ଜନନୀ ମୋହର
ଗଲେ ଚାଲି ଛାଡ଼ି ମୋତେ
ପ୍ରିୟ ଭଗ୍ନୀ ମୋର ସଂସାର ଗଡ଼ିକି
ଏଡ଼ି ପାରନ୍ତେ କେମନ୍ତେ ?

Digitized by srujanika@gmail.com

ବରଷା କାଳରେ ଜନନୀ କୋଳରେ
ଶୋଇଥିଲି ମୁହିଁ ଯେବେ,
ଗମ୍ଭୀର ନଣୀଥେ ଗୀତ ଶୁଣୁଥିଲି
ମନେ ପଡ଼େ ତାହା ଏବେ ।
"ମେଘ ବରଷିଲା ଟପର ଟପର
କେଶୁର ମାଇଲା ଗଜା"
"କେଉଁ ରାଇଜରେ ଉହ୍ନିଲେ ମୋ ରଜା
ତେଲଙ୍ଗି ବାଇଦ ବଜା ।"

୨

ମେଘ ବରଷିଲା ଟପର ଟପର
ଆଣୁ ଆଣି ହେଲା ପାଣି ।
ପାଣି ମଧ୍ୟେ କଲେ କଟର କଟର
ବେଙ୍ଗ ଓ ବେଙ୍ଗୁଲି ରାଣୀ ।
ନୂଆ ପାଣି ପାଇ ଦର୍ଦ୍ଦୁର-ଦମ୍ପତି
ପାଇଲେ ବୈକୁଣ୍ଠ ସୁଖ,
ସର୍ପ ଗର୍ତ୍ତେ ଏବେ ଜଳ ପ୍ରବେଶିଣ
ଦେଲା ତାକୁ ଘୋର ଦୁଃଖ ।
"କାର ପୂଷମାସ କାର ବଂଶ ନାଶ"
ସିନା ଏ ସଂସାର ଗତି;
ଜବା ଖଳମତି ସର୍ପ ବୋଲି ଏହା
ଦୈବ ଦଣ୍ଡ ତାହା ପ୍ରତି !
ବଧିର ବପାକ ସନ୍ତ୍ରଣ ଭୁଜଙ୍ଗ
ପଥେ ଘାଟେ ଛକ ରହେ ।
ସୁଯୋଗ ପାଇଲେ ନର ଶ୍ୱାପଦର
ବିଷ କୋପେ ପ୍ରାଣ ଦହେ ।
ପାପର ଉଚିତ ଦଣ୍ଡ ପାଇ ଦୁଷ୍ଟ
ନ ଛାଡେ ନିଜ ଦୁର୍ମତି,
ପ୍ରବଳ ଗଞ୍ଜଣା ସହି ସେ ଦୁର୍ବଳେ
ଗଞ୍ଜେ, ଏ ସଂସାର ଗତି ।
ଚିନ୍ତା କରିବାକୁ ବରଷାର ନିଶା
ଘଟାଏ ଅପୂର୍ବ ଯୋଗ,
ଚିନ୍ତା କରୁ କରୁ ମନେ ପଡ଼ିଯାଏ
ବାଲ୍ୟକାଳ ସୁଖଭୋଗ ।

ଶ୍ରାବଣ ମାସରେ ସଙ୍ଗ ଗହଳରେ
ଖେଳୁଥିଲେ ପିଲା ଯେବେ,
ମେଘ ପାଣି ଦେଖି ଗୀତ ଗାଇଥିଲେ
ମନେ ପଡ଼େ ତାହା ଏବେ ।
"ମେଘ ବରଷିଲା ଟପର ଟପର
କେଶୁର ମାଇଲା ଗଜା"
"କେଉଁ ରାଇଜରେ ଉହ୍ନିଲେ ମୋ ରଜା
ତେଲଙ୍ଗି ବାଇଦ ବଜା ।"

୩

କେତେ ହାତୀ, ଘୋଡ଼ା, ବୃଷ, ସାଜି ମେଘ
ବୁଲିଲି ଆକାଶେ ଉଡେ
ଚକ୍ ଚକ୍ କରି ମାରଇ ବିଜୁଳି
ଦେଖି ଦେଖି କାହିଁ ଲୁଚେ ।
ଘଡ଼-ଘଡ଼ ରଡ଼ି ଦିଏ ଢଡ଼ଢଡ଼
କମ୍ପେ ପ୍ରାଣ ତାହା ଶୁଣି,
କେତେବେଳେ ଅବା ବୃଷଜନ୍ତୁଟାଏ
ଚୋଡ଼ି ଯାଉଥାଏ ପୁଣି ।
ବିଚିତ୍ର ରହସ୍ୟ ଏ ଅଦ୍ଭୁତ ଦୃଶ୍ୟ
ଦର୍ଶନେ ହୁଅଇ ମନେ,
ହାତୀ, ଘୋଡ଼ା, ରାଣୀ, ସହ ମେଘ ରାଜା
ଚଳେ ବିଜୟ ଗମନେ ?
ଦିଗବିଜୟୀ ବୀର ବିଜିତ ଦେଶରେ
ପ୍ରକାଶେ ପ୍ରଭୁତା ଯେହ୍ନେ;
ନିଜ ବୀର୍ଯ୍ୟ ବଳ ଦେଖାଇ ହୁଏ କି
ନୂଆ ରାଜା ମେଘ ତେହ୍ନେ ।
ପାଣିପଥ ଠାରେ ପଳାସି ଯୁଦ୍ଧରେ
ଏହିପରି ପରା ହେଲା ?
ଚଞ୍ଚଳ ଏ ମନ, ସୁଯୋଗ ପାଇଣ
କେତେ କଥା ଭାବି ନେଲା !
ବୁହିଁଲା ବେଳକୁ ବରଷାର ନୀର
ଝରୁଅଛି ଝରଝର;
ସିରି ସିରି ପୁଣି ବହୁଛି ପବନ
ଝୁଲୁଛି ବିଟପୀ-କର ।

Digitized by srujanika@gmail.com

ମେଘୂଆ ପାଗରେ ଜନମ କାଖରେ
　　କାଖ ହୋଇଥିଲି ଯେବେ,
ମନ ଅନନ୍ଦରେ ଗୀତ ଗାଉଥିଲି
　　ମନେ ପଡ଼େ ତାହା ଏବେ ।
"ମେଘ ବରଷିଲ୍ଲ ଟପର ଟପର
　　କେଶୁର ମାଇଲ୍ଲ ଗଜା,"
"କେଉଁ ରାଇଜରେ ରହିଲେ ମୋ ରଜା
　　ତେଲଙ୍ଗି-ବାଇଦ ବଜା !"

୪

ଠିକ ନ୍ଆସିବାରୁ ପାଣି ଆଣୁ ଅଣୁ
　　ଗୋଡ଼ ଗଲ୍ଲ ତାର ଖସି,
ଦେଖିଲେ ବାଳବୃଦ୍ଧ ମହା ଆନନ୍ଦରେ
　　କରତାଳ ହସି ହସି ।
ସହରୁଣୀଙ୍କର "ଜାମୁଡ଼ାକ" ନାଚ,
　　କେଳାର ହାବୁଡ଼ା ଖେଳ,
ଭେଦୁଅ ମାସର "ଜହ୍ନି ଫୁଲ" ଗୀତ
　　ଅଗିର-ପୂର୍ଣ୍ଣିମୀ ମେଳ;
ତାଡ଼କା-ରାକ୍ଷସୀ, ବିଶ୍ୱାମିତ୍ର ଋଷୀ,
　　ଭୀମ-ଯୁଧିଷ୍ଠିର ସାଜ,
ବାଲୀ ହନୁମାନ, ସୁଗ୍ରୀବ, ଅଙ୍ଗଦ
　　ବେଶ ମନେ ପଡ଼େ ଆଜ ।
"ସାଧବ ଘରର ଝିଅ କଥା" ଆଉ
　　"ରଜାଘରର ପୁଅ କଥା",
"ଚକୁଳିଆ ପଣ୍ଡା କଥା" ସଙ୍ଗେ ପୁଣି
　　ଆନ ଆନ କେତେ "କଥା" ।
ସର୍ବଶେଷେ 'ଭୂତ' ଗଳ୍ପ ଶୁଣି ତହିଁ
　　କାନ୍ଥେ ଦେଖି ନିଜ ଛାଇ;
ମହା ଆତଙ୍କରେ ଥରଇ ହୃଦୟ
　　ପିଣ୍ଡେ ପ୍ରାଣ ଥାଏ ନାହିଁ
ଗ୍ରାମଦାଣ୍ଡେ ଗ୍ରାମ ଚଉକିଆ ଡ଼ାକ
　　ଶୁଣି ସେ ଆତଙ୍କ ବଢ଼େ;
ଘୋର ଭୟ ସଙ୍ଗେ ଘୋର ନିଦ୍ରା ଆସେ
　　କମିଷରେ ଶୋଇପଡ଼େ ।

ଘନ ବରଷାରେ ସେ ଘୁଇନଦ୍ୱାରେ
　　ପ୍ରାଣର ଜନମ ଯେବେ,
ପିଠି ଆଉଁସିଣ ଗୀତ ଗାଉଥିଲେ
　　ମନେ ପଡ଼େ ତାହା ଏବେ ।
"ମେଘ ବରଷିଲ୍ଲ ଟପର ଟପର
　　କେଶୁର ମାଇଲ୍ଲ ଗଜା"
"କେଉଁ ରାଇଜରେ ରହିଲେ ମୋ ରଜା
　　ତେଲଙ୍ଗି-ବାଇଦବଜା" ।

୫

ମେଘ ବରଷଇ, ବିଜୁଳି ମାରଇ,
　　ପବନ ବହଇ ଖରେ;
କିଶୋର ଯୌବନେ ମୋ ପ୍ରାଣପ୍ରତିମା
　　ଛାଡ଼ି ଆସିଅଛି ଘରେ ।
ଭବର ଆବେଶେ ଏ ଦୂର ପ୍ରବାସେ ।
　　ମନେ ପଡ଼ େ ପ୍ରିୟ ଯାହା,
ତାହାର ହୃଦୟରେ ଦର୍ଶନ ଦିଅଇ
　　ଅଶାନ୍ତ ଜୀବନଛାୟା ।
ଆମ୍ବ ବଣିଚ୍ଛରେ ଶିଆଳି-ଲଟାରେ
　　ଯେବେ ଦେଖିଲି ଖେଳୁଥାଇ,
ପର୍ବତଶିଖରେ ଲଟା ଚଢ଼ି ମେଘ
　　ମହାବେଗେ ଆସେ ଧାଇଁ,
ଖେଳ ଭାଙ୍ଗି ପିଲ୍ଲ "ହରିବୋଲ" ଦେଇ
　　ଦଉଡ଼ି ଆସନ୍ତି ଘରେ;
ଅର୍ଦ୍ଧ ପଥେ ମେଘ ଗୋଡ଼ାଇ ଧରଣି
　　ଟିପିଯାଏ ତାଙ୍କୁ ଖରେ ।
କେତେ ନଦ-ନଦୀ, କେତେ ଗିରି ବନ,
　　କେତେ ଘର ଗ୍ରାମ ଡେଇଁ;
ଦେଶ ଦେଶାନ୍ତରେ ଯାଏ ଚାଲି ମେଘ
　　କେବଣ ସନ୍ଦେଶ ନେଇ ?
ଦେଖି ଦେଖି ମେଘ ଚଉଦିଗ ଘୋଟେ
　　ଆଣୁ ଆଣି ହୁଏ ପାଣି,
ଗାଧୋଉ ଗାଧୋଉ "ସାଧବ ବୋହୂଙ୍କୁ"
　　ଉପାଇ ନିଅଇ ଟାଣି !

Digitized by srujanika@gmail.com

ଜଳ-ବୁଦ୍‌ବୁଦ୍‌କୁ ଅନାଇ ଅନାଇ
ଶାନ୍ତିର ନିଳୟେ ଯେବେ
ବସି ଚତୁର୍ମାସ୍ୟା ଗୀତ ଶୁଣୁଥିଲି
ମନେ ପଡ଼େ ତାହା ଏବେ ।

"ମେଘ ବରଷିଲା ଟପର ଟପର
କେଶୁର ମାଇଲା ଗଜା",
"କେଉଁ ରାଇଜରେ ରହିଲେ ମୋ ରଜା
ତେଲଙ୍ଗି-ବାଇଦ ବଜା ।"

ଶ୍ରୀ ନନ୍ଦକିଶୋର ବଳ

## ରାଜଶକ୍ତି ଓ ପ୍ରଜାଶକ୍ତି (୨)

ରାଜଶକ୍ତି ଓ ପ୍ରଜାଶକ୍ତି ଦୁଇ ମହାଶକ୍ତି ।—ଦୁଇ ଶକ୍ତିଦ୍ୱାରା ବିଶ୍ୱସଂସାର ରକ୍ଷିତ ଓ ଶାସିତ ହେଉଅଛି । ଏହି ଦୁଇ ଶକ୍ତିର ବିନାଶ ନାହିଁ—ବିନାଶ ହେଲେ ରାଜ୍ୟ, ଜଗତ, ବିଶ୍ୱବ୍ରହ୍ମାଣ୍ଡର ବିନାଶ ହେବ । ସର୍ବଶକ୍ତିର ମୂଳାଧାର ଯେତେବେଳେ ଅମର, ତାଙ୍କର ଦତ୍ତ ଶକ୍ତି ମଧ୍ୟ ଅମର । ପ୍ରଜାଶକ୍ତି ବିନାଶ କରିବା ରାଜାଙ୍କର କାର୍ଯ୍ୟ ନୁହେଁ, କି ରାଜଶକ୍ତି ବିନାଶ କରିବା ପ୍ରଜାର କାର୍ଯ୍ୟ ନୁହେଁ । ପ୍ରଜାପୁଞ୍ଜ ରାଜବିଦ୍ରୋହୀ ହୋଇ ରାଜଶକ୍ତି ବିନାଶ କଲେ ମଧ୍ୟ ରାଜଶକ୍ତି ବିନଷ୍ଟ ନ ହୋଇ ଏକାଧାର ପରିତ୍ୟାଗ କରି ଅନ୍ୟ ଧାରରେ ରହି ପ୍ରଜାବର୍ଗଙ୍କୁ ଶାସନ କରିବ । ଫରାସୀ ରାଷ୍ଟ୍ରବିପ୍ଳବରେ ପ୍ରଜାବୃନ୍ଦ ରାଜଶିର ଛେଦନ କରି ପ୍ରଜାତନ୍ତ୍ର ଶାସନପ୍ରଣାଳୀ ପ୍ରବର୍ତ୍ତିତ କଲେ ସତ୍ୟ, ମାତ୍ର ସେମାନଙ୍କର ପ୍ରଜାଶକ୍ତିର ସମଷ୍ଟି ରାଜଶକ୍ତି ହୋଇ ସେମାନଙ୍କୁ ଶାସନ କଲା । ଯେଉଁମାନେ ରାଜଶକ୍ତି ବିନାଶ କରି ନିଜ ଶକ୍ତିଦ୍ୱାରା ରକ୍ଷିତ ଓ ଶାସିତ ହେବାକୁ ପ୍ରୟାସୀ, ସେମାନେ ଭ୍ରାନ୍ତ । ପ୍ରତ୍ୟେକ ପ୍ରଜା ପ୍ରତ୍ୟେକର ପ୍ରଭୁ ହେବ ଏହା ଅସମ୍ଭବ—ରାଜଶକ୍ତି ସ୍ଥାନରେ ପ୍ରଜାଶକ୍ତିର ସମଷ୍ଟି ଅବସ୍ଥାପିତ ହୋଇ ପ୍ରତ୍ୟେକ ପ୍ରଜାକୁ ନିଶ୍ଚୟ ଶାସନ କରିବ । ରାଜଶକ୍ତି ବିନାଶ ପ୍ରୟାସୀ (Anarchists) ମାନଙ୍କର ଚେଷ୍ଟା, ଉଦ୍ୟମ କେବେହେଁ ଜୟଯୁକ୍ତ ହୋଇ ପାରିବ ନାହିଁ । ଏକ ରାଜାର ପ୍ରାଣ ବିନାଶ କଲେ, ତାଙ୍କର ରାଜଶକ୍ତି ଅନ୍ୟ ଆକାର ଧାରଣପୂର୍ବକ ରାଜ୍ୟଶାସନ କରିବ—ଏହା ରାଜାଧିରାଜେଶ୍ୱର ବ୍ରହ୍ମାଣ୍ଡପତିଙ୍କର ରାଜବିଧି ।

ପକ୍ଷାନ୍ତରେ କହିବାକୁ ଗଲେ ପ୍ରଜାଶକ୍ତିର ମଧ୍ୟ ବିନାଶ ନାହିଁ । ଯେତେବେଳେ ଦୁଇଶକ୍ତି ଅନ୍ୟୋନ୍ୟସାପେକ୍ଷ ଶକ୍ତି, ଏକର ବିନାଶ ଉପରେ ଅନ୍ୟର ବିନାଶ, ଏକର ଜୀବନୀ ଶକ୍ତି ଉପରେ ଅନ୍ୟର ଜୀବନୀ ଶକ୍ତି ନିର୍ଭର କରେ, ସେତେବେଳେ ପ୍ରଜାଶକ୍ତିର ବିନାଶ ନାହିଁ । ପ୍ରଜାଶକ୍ତି ନଥିଲେ ରାଜଶକ୍ତିର ଆବଶ୍ୟକତା କଣ ? ରାଜ୍ୟଶାସନ ନିମିତ୍ତ ଉଭୟ ଶକ୍ତିର ସ୍ଥିତି ଆବଶ୍ୟକ ।

ଯେଉଁ ବିଧି ଜଡ଼ଜଗତର ଶାସନ ନିମିତ୍ତ, ସେହି ବିଧି ଆଧ୍ୟାତ୍ମିକ ଜଗତର ନିମିତ୍ତ । ଶକ୍ତିର ଆଧାର ପରମାତ୍ମା ଅବିନଶ୍ୱର, ସୁତରାଂ ଆତ୍ମା ଅବିନଶ୍ୱର । ମୁଁ ଅଛି ତ ମୋର କର୍ତ୍ତା ଅଛନ୍ତି, କର୍ତ୍ତା ଅଛନ୍ତି ତ ମୁଁ ଅଛି, ମୁଁ ସ୍ୱାଧୀନ ହୋଇ ବଡ଼ ହେବାକୁ ଇଚ୍ଛା କଲି, ମୁଁ ନାସ୍ତିକ (Atheist), ପ୍ରଜା ସ୍ୱାଧୀନ ହୋଇ ବଡ଼ ହେବାକୁ ଇଚ୍ଛାକଲେ ସେ (Anarchist) ଯେ ପରମାତ୍ମାଙ୍କ ଅସ୍ତିତ୍ୱରେ ବିଶ୍ୱାସୀ ସେ ଭଗବଦ୍‌ଭକ୍ତ—ସୁତରାଂ ରାଜଭକ୍ତ ପ୍ରଜା । ଆସ୍ତିକ ରାଜଭକ୍ତ, ନାସ୍ତିକ ରାଜବିଦ୍ରୋହୀ । ଈଶ୍ୱର ଅବିଶ୍ୱାସୀ ପ୍ରଜା ଯେ ରାଜଭକ୍ତ ଏହା ଆମ୍ଭମାନଙ୍କର ବିଶ୍ୱାସ ନୁହେ, ଯେ ଈଶ୍ୱରଙ୍କୁ ଭକ୍ତି କରିପାରେ ସେ ନିଶ୍ଚୟ ରାଜାଙ୍କୁ ଭକ୍ତି

Digitized by srujanika@gmail.com

କରିବ । ରାଜଶକ୍ତି ଈଶ୍ୱରଶକ୍ତିର ଅନ୍ତର୍ଗତ । ମହାତ୍ମା କେଶବଚନ୍ଦ୍ର ରାଜଶକ୍ତି ମଧ୍ୟରେ ଈଶ୍ୱରଶକ୍ତି ଦର୍ଶନ କରି ରାଜଶକ୍ତିକୁ ଧର୍ମର ଏକ ଅଙ୍ଗ ବୋଲି ସ୍ୱୀକାର କରି ରାଜାର କଲ୍ୟାଣ ନିମିତ୍ତ ପ୍ରାର୍ଥନା କରି ଯାଇଅଛନ୍ତି ।"The same, the same; friend and foe are of one stuff, the plough and the furr row are of one stuff; and the stuff is such and so much that the variation of form are unimportant" Emerson. ଯେଉଁ ଶକ୍ତି ବଳରେ ରାଜଶକ୍ତି ହୋଇ ପ୍ରଜାକୁ ଶାସନ ଓ ପାଳନ କରୁଅଛି, ସେହି ଶକ୍ତି ବଳରେ ପ୍ରଜାଶକ୍ତି ହୋଇ ରାଜଶକ୍ତି ନିକଟରେ ମସ୍ତକ ଅବନତ କରୁଅଛି—ଏସବୁ ଏକ ଶକ୍ତିର ଲୀଳା—ପଦାର୍ଥ ଏକ, କେବଳ ଆକାର ଅସଂଖ୍ୟ । ବାହାରକୁ ସେ ରାଜା ମୁଁ ପ୍ରଜା, ସେ ଗୁରୁ ମୁଁ ଶିଷ୍ୟ, ସେ ସେନାପତି ମୁଁ ସେନା, ସେ ପିତା ମୁଁ ପୁତ୍ର,—କିନ୍ତୁ ଭିତରର ପଦାର୍ଥ ଏକ—ତାରତମ୍ୟ କେବଳ ତହିଁର ଆକାର ଓ ପରିମାଣ ଅନୁଯାୟୀ । ଜଳବିନ୍ଦୁ ମଧ୍ୟରେ ସିନ୍ଧୁର ଅଂଶ ବର୍ତ୍ତମାନ ସିନ୍ଧୁ ମଧ୍ୟରେ ଜଳବିନ୍ଦୁ ବର୍ତ୍ତମାନ—କିନ୍ତୁ ଜଳବିନ୍ଦୁ ସିନ୍ଧୁ ନୁହେ, କି ସିନ୍ଧୁ ଜଳବିନ୍ଦୁ ନୁହେଁ । "A drop of water has the propertise of the sea, but cannot exhibit a storm" ସମୁଦ୍ରଜଳର ଯେ ଗୁଣ ସେହି ଗୁଣ ଏକ ବିନ୍ଦୁ ଜଳର ମଧ୍ୟ ଅଛି—ସିନ୍ଧୁ ପ୍ରବଳ ବାତ୍ୟା ପ୍ରଦର୍ଶନ କରିଏ, କିନ୍ତୁ ସେ ଶକ୍ତି ଜଳବିନ୍ଦୁର ନାହିଁ । ରାଜଶକ୍ତି ଓ ପ୍ରଜାଶକ୍ତିର ଏକ ପଦାର୍ଥ ସତ୍ୟ, ମାତ୍ର ପ୍ରଜାଶକ୍ତିର ଏକ ଅଂଶ ଅଥବା ବ୍ୟକ୍ତିଗତ ପ୍ରଜାଶକ୍ତି ରାଜଶକ୍ତି ବିରୁଦ୍ଧରେ ଦଣ୍ଡାୟମାନ ହୋଇ ପାରିବ ନାହିଁ— ଯଦି କେବେ ବିଧିବିଧାନର ବିରୋଧୀ ହୋଇ ଦଣ୍ଡାୟମାନ ହେବାକୁ ଚେଷ୍ଟାକରେ, ରାଜଶକ୍ତି ପ୍ରଚଣ୍ଡ ପ୍ରତାପ ତରଙ୍ଗ ଉତ୍ତୋଳନପୂର୍ବକ ତାହାକୁ ନିଜଶକ୍ତିର ଗର୍ଭୀରତମ ପ୍ରଦେଶରେ ବିଲୀନ କରିଦେବ । ପ୍ରଜାଶକ୍ତିର ସମଷ୍ଟି ରାଜଶକ୍ତି ସହିତ ସମାନ—ସମସ୍ତ ପ୍ରଜାଶକ୍ତି ଏକତ୍ରିତ ହେବା ଈଶ୍ୱର ଇଚ୍ଛାସାପେକ୍ଷ । ଈଶ୍ୱରେଚ୍ଛା ହେଲେ ରାଜଶକ୍ତିର ହ୍ରାସ ହୁଏ, ପ୍ରଜାଶକ୍ତିର ସମଷ୍ଟି ପ୍ରବଳ ପ୍ରତାପ ଧାରଣ କରି ରାଜଶକ୍ତିକୁ ପଦଦଳିତ କରେ—ଫଳେ କ ହେବ ଦୁଇଶକ୍ତିର ଯେତେବେଳେ ବିନାଶ ନାହିଁ, ରାଜଶକ୍ତି ଅନ୍ୟ ରାଜାର ଅଭ୍ୟନ୍ତରରେ ରହି ପୁନର୍ବାର ପ୍ରଜାଶକ୍ତିକୁ ଶାସନ କରିବ ।

ଯେଉଁ ପ୍ରଜାମାନେ ରାଜଶକ୍ତି ବିନାଶ କରି ରାଜ୍ୟ ପ୍ରଜାମାନଙ୍କ ମଧ୍ୟରେ ସମାନ ଅଂଶରେ ବଣ୍ଟନ କରି ନେବାକୁ ପ୍ରୟାସୀ—ସେମାନେ ନାସ୍ତିକ୍ୟ ଈଶ୍ୱର—ଅବିଶ୍ୱାସୀ ରାଜଶକ୍ତିବିଦ୍ରୋହୀ ପ୍ରଜା । ରାଜଶକ୍ତିବିହୀନ ରାଜ୍ୟ ନାହିଁ, ଜଗତ ନାହିଁ, ବିଶ୍ୱବ୍ରହ୍ମାଣ୍ଡ ନାହିଁ । ରାଜଶକ୍ତି ବିନାଶପ୍ରୟାସୀ ପ୍ରଜାମାନେ ଯେତେବେ ନିଜ ନିଜର କ୍ଷୁଦ୍ର କ୍ଷମତାଦ୍ୱାରା ଈଶ୍ୱରସୃଷ୍ଟିର ବାହାରେ ସୃଷ୍ଟିକର୍ତ୍ତା ହୋଇ ଅନ୍ୟତମ ରାଜ୍ୟ ସୃଷ୍ଟି କରି ପାରନ୍ତି, ଉକ୍ତ ରାଜ୍ୟକୁ ସମାନ ଅଂଶରେ ବଣ୍ଟନ କରି ନେଇ ପାରିବେ, ମାତ୍ର ଈଶ୍ୱରଙ୍କ ରାଜ୍ୟକୁ ବଣ୍ଟନ କରି ନେଇ ପାରିବେ ନାହିଁ । । ପ୍ରଜା ପକ୍ଷରେ ରାଜଶକ୍ତି ବିନାଶ କରିବାର ଚେଷ୍ଟା କେବଳ ତାହାର ବିନାଶର କାରଣ ମାତ୍ର । ଯେତେବେଳେ ଈଶ୍ୱର ବର୍ତ୍ତମାନ, ରାଜା ବର୍ତ୍ତମାନ, ରାଜା ବର୍ତ୍ତମାନତ ପ୍ରଜା ବର୍ତ୍ତମାନ—ଈଶ୍ୱରଙ୍କ ଇଚ୍ଛା ବ୍ୟତୀତ ରାଜା ପ୍ରଜାଶକ୍ତି ବିନାଶ କରି ନ ପାରନ୍ତି, କି ପ୍ରଜା ରାଜଶକ୍ତି ବିନାଶ କରି ନ ପାରନ୍ତି । ସୃଷ୍ଟି, ରକ୍ଷା, ବିନାଶ, ଶାସନ, ପାଳନ ଇଚ୍ଛାମୟଙ୍କ ଇଚ୍ଛାଶକ୍ତି ଉପରେ ନିର୍ଭର କରେ ।

Digitized by srujanika@gmail.com

ବର୍ତ୍ତମାନ ଭାରତରେ ରାଜଶକ୍ତି ଓ ପ୍ରଜାଶକ୍ତି ମଧ୍ୟରେ ସାମାନ୍ୟ ପ୍ରକାରରେ ସଂଘର୍ଷଣ ଉପସ୍ଥିତ ହୋଇଅଛି—ପ୍ରକୃତ ପ୍ରସ୍ତାବେ ଏହାକୁ ସଂଘର୍ଷଣ ନକହି ରାଜଶକ୍ତି ଓ ପ୍ରଜାଶକ୍ତି ମଧ୍ୟରେ (Missund erstanding ) ପରସ୍ପରକୁ ବୁଝିବାର ଭ୍ରାନ୍ତି କହିଲେ ଚଳେ । ପିତା ପୁତ୍ର, ରାଜା ପ୍ରଜା ମଧ୍ୟରେ ଏହିପରି ଅନେକ ଥର ଘଟିଥାଏ । ଏଥିରେ ହୁଏ ପ୍ରଜାର ନଚେତ୍ ରାଜାର ମଙ୍ଗଳ ନିହିତ ଅଛି । ପ୍ରତ୍ୟେକ ଘଟନା ମୂଳରେ 'ଈଶ୍ୱରଙ୍କର ମଙ୍ଗଳ ଇଚ୍ଛା କାର୍ଯ୍ୟ କରୁଅଛି, ଯାହା ଈଶ୍ୱର କରନ୍ତି ତାହା ଆମ୍ଭମାନଙ୍କର ମଙ୍ଗଳ ନିମିତ୍ତ ।

ପାପର ପ୍ରାଦୁର୍ଭାବ ଅଧିକ ହେବାରୁ ଆମ୍ଭମାନଙ୍କର ପ୍ରଜାଶକ୍ତିକୁ ହ୍ରାସ କରି ଈଶ୍ୱର ଇଂରାଜମାନଙ୍କୁ ରାଜଶକ୍ତି ପ୍ରଦାନ କରି ସେମାନଙ୍କୁ ଆମ୍ଭମାନଙ୍କ ଉପରେ ରାଜା କରିଅଛନ୍ତି । ଆମ୍ଭେମାନେ ପତିତ ଜାତି, କାହିଁକି ପତିତ ହେଲୁଁ ? ଭାରତରେ ମୁକୁଟଭୂଷଣ—ସେ ଧର୍ମର ଯେତେବେଳେ ପତନ ହୋଇଅଛି, ଆମ୍ଭମାନଙ୍କର ସବୁ ବିଷୟରେ ପତନ ହୋଇଅଛି—ଭାରତ ଧର୍ମପ୍ରଧାନ ଦେଶ, ଯେ ଧର୍ମ ଭାରତକୁ ଜୀବିତରଖି ତାକୁ ସ୍ୱାଧୀନତା-ମୁକୁଟରେ ମଣ୍ଡିତ କରିଥିଲା ସେ ଧର୍ମର ଯେତେବେଳେ ପତନ ହୋଇଅଛି, ସେତେବେଳେ ଆମ୍ଭମାନଙ୍କର ସ୍ୱାଧୀନତା ଲୋଡ଼ିବା ମୂର୍ଖତାର କାର୍ଯ୍ୟ । ରାଜନୀତି ଅନ୍ଦୋଳନ ସ୍ୱାଧୀନତା ଉପରେ ନିର୍ଭର କରେ—ଯେ ପରାଧୀନ, ରାଜନୀତି ଆନ୍ଦୋଳନ କରିବା ତାହାର କାର୍ଯ୍ୟ ନୁହେଁ । ଭାରତର ସ୍ୱାଧୀନତା ଧର୍ମରେ—ଧର୍ମରେ ସ୍ୱାଧୀନ ନହେଲେ ଭାରତର ଉତ୍ଥାନ ଅସମ୍ଭବ । ପାପ ଭାରତର ପତନର କାରଣ—ପାପର ପ୍ରାୟଶ୍ଚିତ୍ତ ହୋଇ ନାହିଁ—ପାପର ଦଣ୍ଡସ୍ୱରୂପ ବିଦେଶୀୟ ରାଜଶାସନ ଆମ୍ଭମାନଙ୍କୁ ଅମ୍ଳାନବଦନରେ ଗ୍ରହଣ କରିବାକୁ ହେବ, ଏହା ବ୍ୟକ୍ତିତ ଅଉ ଗତି ନାହିଁ । ଇଂରାଜମାନେ ବାହୁବଳରେ ଏ ଦେଶ ଜୟ କରି ଆମ୍ଭମାନଙ୍କର ରାଜା ହୋଇଅଛନ୍ତି—ଏକଥା ସମ୍ପୂର୍ଣ୍ଣ ମିଥ୍ୟା । ଈଶ୍ୱର ସେମାନଙ୍କର ସହାୟ ହୋଇ ନ ଥିଲେ ସେମାନେ କେବେହେଁ କେବଳ ବାହୁବଳରେ ଆମ୍ଭମାନଙ୍କର ରାଜା ହୋଇ ପାରି ନ ଥାନ୍ତେ । ସେମାନଙ୍କ ବିରୁଦ୍ଧରେ ଦଣ୍ଡାୟମାନ ହେବାକୁ ଗଲେ ଈଶ୍ୱରଦ୍ରୋହିତା ଦୋଷରେ ଦୋଷୀ ହେବାକୁ ହେବ । ଯେତେ କାଳ ପର୍ଯ୍ୟନ୍ତ ଆମ୍ଭମାନଙ୍କର ପାପର ଦଣ୍ଡ ନିମିତ୍ତ ଈଶ୍ୱର ସେମାନଙ୍କ ଭିତରେ ରାଜଶକ୍ତି ହୋଇ ଆମ୍ଭମାନଙ୍କୁ ଶାସନ କରୁଥିବେ, ଆମ୍ଭେମାନେ ଭକ୍ତିପୂର୍ଣ୍ଣ ହୃଦୟରେ ସେମାନଙ୍କ ରାଜଦଣ୍ଡ ନିକଟରେ ମସ୍ତକ ଅବନତ କରୁଥିବୁ । ଭାରତର ଯୋଗ୍ୟ ସନ୍ତାନଗଣ ରାଜଭକ୍ତିରେ ପୂର୍ଣ୍ଣ ହୋଇ ଦେଶବାସୀଙ୍କୁ ରାଜଭକ୍ତିରେ ପୂର୍ଣ୍ଣ ହେବାକୁ ଉପଦେଶ ପ୍ରଦାନ କରନ୍ତୁ । ଈଶ୍ୱରଙ୍କ ଉପରେ ନିର୍ଭର କରି ଶାସନଦଣ୍ଡ ବହନ କରନ୍ତୁ—ସମୟ ଆପଣାର କାର୍ଯ୍ୟ କରିଯାଉ—ଦୁଃଖ ପରେ ସୁଖ, ସୁଖ ପରେ ଦୁଃଖ—ଚିରକାଳ କାହାର ଦୁଃଖରେ କି ସୁଖରେ ଯାଏ ନାହିଁ । ବର୍ତ୍ତମାନ 'ବହନ କର' 'ବହନକର' ଏହି ଈଶ୍ୱରବାଣୀ ଶ୍ରବଣ କରି ରାଜା ଭିତରେ ରାଜରାଜେଶ୍ୱର ଈଶ୍ୱରଙ୍କୁ ଦର୍ଶନ କରି ରାଜଭକ୍ତ ହେବା ପ୍ରତ୍ୟେକ ଭାରତବାସୀର କର୍ତ୍ତବ୍ୟ । ସର୍ବଶକ୍ତିର ଆଧାର ଆଦିଶକ୍ତି ଯାହା କହୁଅଛନ୍ତି, ହେ ଭାରତବାସୀ, ତାହା ଥରେ କର୍ଣ୍ଣ ଡେରି ଶ୍ରବଣ କର । ବିଶ୍ୱାସନୟନରେ ତାଙ୍କୁ ଦର୍ଶନ କରି ବିଶ୍ୱାସକର୍ଣ୍ଣରେ ତାଙ୍କର ବାଣୀ ଶ୍ରବଣ କର । "ଯୋଗ୍ୟ ହୁଅ ତୁମ୍ଭମାନଙ୍କୁ ଶକ୍ତି ଦିଆଯିବ—ମୋହର ପୂଜା ପରିତ୍ୟାଗ କରି ସ୍ୱେଚ୍ଛାଚାରୀ ହୋଇ ଜଡ଼ର ପୂଜା କଲେ ଶକ୍ତି କାହୁଁ ପାଇବ—ଜଡ଼ ପୂଜା କରି ଜଡ଼ ହୋଇଅଛ । ତୁମ୍ଭମାନଙ୍କର ପୂର୍ବପୁରୁଷ

Digitized by srujanika@gmail.com

ମାନେ ମୋହର ପ୍ରଜା କରି କପରି ସ୍ୱାଧୀନ ଥିଲେ ତାହା ସ୍ମରଣ କର । ଯେ ତୁମ୍ଭମାନଙ୍କର ରାଜା, ମୁଁ ତାହାର ସହାୟ—ମୁଁ ନିକଟ ଧରି ବସିଅଛି, ସେ ଯେବେ ପାପାଗୃଷ୍ଣ ହୋଇ ମୋହର ପ୍ରଦତ୍ତ ଶକ୍ତିର ଅପବ୍ୟବହାର କରିବ—ମୁଁ ତାହାଠାରୁ ଶକ୍ତି କାଢ଼ି ନେଇ ଅନ୍ୟକୁ ଦେବି, ଯେବେ ତୁମ୍ଭମାନେ ମୋହର ଭକ୍ତ ହୁଅ, ତୁମ୍ଭମାନଙ୍କୁ ଦେବି । ବର୍ତ୍ତମାନ ତୁମ୍ଭେମାନେ ରାଜାର ବିରୁଦ୍ଧରେ କିଛି ନକରି—କେବଳ ଧର୍ମ କର—ଧର୍ମ ତୁମ୍ଭମାନଙ୍କୁ ବଳ, ଶକ୍ତି ରାଜ୍ୟ ଓ ସ୍ୱାଧୀନତା ଦେବେ ।"

ହେ ପ୍ରଜାଶକ୍ତି ! ରାଜନୀତିଚର୍ଚ୍ଚା ତୁମ୍ଭର କାର୍ଯ୍ୟ ନୁହେଁ । ସ୍ୱାଧୀନତା ରାଜନୀତିର ପ୍ରାଣ—ଯାହାର ସ୍ୱାଧୀନତା ନାହିଁ ତାହା ପକ୍ଷରେ ରାଜନୀତି ଆନ୍ଦୋଳନ କରିବା ବିଡ଼ମ୍ବନା ମାତ୍ର । ଧର୍ମଚ୍ୟୁତ ହୋଇ କେବେହେଁ ରାଜନୀତି-ଆନ୍ଦୋଳନ କରି ପାରିବ ନାହିଁ । ଭାରତର ପତିତ ଏକେଶ୍ୱରବାଦ ଧର୍ମକୁ ସମସ୍ତେ ମିଳି ପୁନରୁଜ୍ଜୀବିତ କର—'ଏକମେବା ଦ୍ୱିତୀୟଂ' ପତାକା ତଳେ ଏକତ୍ରିତ ହୁଅ । "ତୃଣୀର କୃପାଣେ କର ରେ ପ୍ରଜା" ଏ ମନ୍ତ୍ର ଭାରତବାସୀର ଜାତୀୟ ସମରମନ୍ତ୍ର ନୁହେ—ଭାରତର ଜାତୀୟ ମନ୍ତ୍ର 'ଯତୋଧର୍ମସ୍ତତୋ ଜୟଃ' । ତୃଣୀରକୃପାଣପ୍ରଜକ ବୀର ନିକୃଷ୍ଟ ବୀର ଆଲେକ୍‌ଜାଣ୍ଡାର, ନେପୋଲିୟାନ କୃପାଣଧାରୀ, ଏମାନେ ଶ୍ରେଷ୍ଠ କି ସାମାନ୍ୟ ସୂତ୍ରଧର ପୁତ୍ର ଯୀଶୁ ଶ୍ରେଷ୍ଠ ? ଇଂଲଣ୍ଡେଶ୍ୱରୀଙ୍କ ରାଜଶକ୍ତି ଯେଉଁ ଧର୍ମ ବଳରେ ବଳୀ ହୋଇ ତୁମ୍ଭମାନଙ୍କୁ ଶାସିତ କରୁଅଛି, ସେହି ବଳରେ ଅର୍ଥାତ୍ ଧର୍ମବଳରେ ବଳୀ ନ ହେଲେ ତୁମ୍ଭେ ସ୍ୱାଧୀନ ହୋଇ ପାରିବ ନାହିଁ; ତୁମ୍ଭର ଭାଇ ତୁମ୍ଭକୁ ଲେଉଡ଼ିବ ନାହିଁ—ଭାଇ ଭଗାରୀ ହୋଇ ତୁମ୍ଭ ପାଦରେ କୁଠାରାଘାତ କରିବ । ତୁମ୍ଭର ସ୍ୱାଧୀନତା ଧର୍ମରେ—ଧର୍ମରେ ସ୍ୱାଧୀନ ହୁଅ । ଧର୍ମ ଯେପରି ଭାଇକୁ ଭାଇ ସହିତ ମିଳାଇ ପାରେ ଅନ୍ୟ କିଛି ସେପରି କରିପାରେ ନାହିଁ ।

ହେ ରାଜଶକ୍ତି ! ତୁମ୍ଭର ଚରଣତଳେ ଭକ୍ତିଭରେ ପ୍ରଣାମ କରି ନିବେଦନ କରୁଅଛୁ, ତୁମ୍ଭେ ଆମ୍ଭମାନଙ୍କର ମଧ୍ୟରେ ତୁମ୍ଭର ଶକ୍ତିର ଅଂଶ ଦର୍ଶନ କରି ଆମ୍ଭମାନଙ୍କୁ ନ୍ୟାୟ ଓ ଦୟାରେ ଶାସନ କର । ଆମ୍ଭମାନଙ୍କ ନିମିତ୍ତ ତୁମ୍ଭେ ରାଜା, ଆମ୍ଭମାନଙ୍କର ଧନ ତୁମ୍ଭର 'ରାଜକୋଷର ଧନ, ଆମ୍ଭମାନଙ୍କର ବଳ ତୁମ୍ଭର ବଳ, ଆମ୍ଭମାନଙ୍କୁ ଅନ୍ୟାୟରେ ପାଦଦଳିତ କଲେ ତୁମ୍ଭର ସୌନ୍ଦର୍ଯ୍ୟ ରହିବ ନାହିଁ—ତୁମ୍ଭେ ବିକଳାଙ୍ଗ ହେବ । ଆମ୍ଭମାନଙ୍କ ଶକ୍ତିର ସମଷ୍ଟି ତୁମ୍ଭେ—ତୁମ୍ଭେ ଆମ୍ଭମାନଙ୍କ ଭିତରେ—ଆମ୍ଭେମାନେ ତୁମ୍ଭର ବଳରେ ବଳୀ, ତୁମ୍ଭେ ଆମ୍ଭମାନଙ୍କ ବଳରେ ବଳୀ । ଆମ୍ଭେମାନେ ମଶକ—ସାମାନ୍ୟ ଚପେଟାଘାତରେ ପ୍ରାଣ ବାହାରି ଯିବ—ଆମ୍ଭମାନଙ୍କୁ ବଧ କରିବା ନିମିତ୍ତ ତୋପର ଆୟୋଜନ କାହିଁକି ? ଯେଉଁ ଶକ୍ତି ତୁମ୍ଭ ଭିତରେ ରାଜଶକ୍ତି, ଆମ୍ଭମାନଙ୍କର ପ୍ରଜାଶକ୍ତି ସେହି ଶକ୍ତି—ଆମ୍ଭମାନଙ୍କୁ ପ୍ରହାର କଲେ କି ତୁମ୍ଭର ପୀଡ଼ା ହେବ ନାହିଁ ? ଆମ୍ଭମାନଙ୍କ ଭକ୍ତି ଓ ଶ୍ରଦ୍ଧା ଯଦି ଦାବି କର, ଆମ୍ଭମାନଙ୍କ ଭିତରେ ତୁମ୍ଭର ଅନୁରୂପ ଦର୍ଶନ କର—ଆମ୍ଭେମାନେ ତୁମ୍ଭର ପତାକାଧୀନରେ ରହି ସମରକ୍ଷେତ୍ରରେ ତୁମ୍ଭ ପାଇଁ ପ୍ରାଣଦେବୁ—ବିଶ୍ୱାସ କର; ଆମ୍ଭମାନେ ବିଶ୍ୱାସୀ ପ୍ରଜା ହେବୁ । ଆମ୍ଭମାନଙ୍କ ମଧ୍ୟରୁ ଜଣେ ଅଧେ କେହି ତୁମ୍ଭର ରାଜଶକ୍ତି ଉପରକୁ ଅଭକ୍ତି ଲୋଷ୍ଟ୍ର ନିକ୍ଷେପ କଲେ, ଲୋଷ୍ଟ୍ର ନିଜେ ଭାଙ୍ଗିଯିବ—ତାକୁ ମାରିବା ନିମିତ୍ତ ଅସ୍ତ୍ରର ପ୍ରୟୋଜନ ହେବନାହିଁ । ଯଦିଚ ଭାରତ ଧର୍ମକୁ ସମ୍ପୂର୍ଣ୍ଣରୂପେ ପରିତ୍ୟାଗ କରିଅଛି, ଧର୍ମ ଭାରତକୁ ସମ୍ପୂର୍ଣ୍ଣ ରୂପେ ପରିତ୍ୟାଗ କରିନାହାନ୍ତି ସୁତରାଂ ଭାରତର ଅଭକ୍ତି ଅସମ୍ଭବ । ଭାରତବାସୀ ନାସ୍ତିକ ନୁହନ୍ତି । ଈଶ୍ୱରବିଶ୍ୱାସୀ ମାନେ ତୁମ୍ଭର ରାଜଶକ୍ତି ମଧ୍ୟରେ ଈଶ୍ୱରଶକ୍ତି ଦର୍ଶନ କରି ରାଜଭକ୍ତିରେ ପୂର୍ଣ୍ଣ ରହିଅଛନ୍ତି—ହାରକଜୁ-

Digitized by srujanika@gmail.com

ବିଲ୍ଲ ଏହାର ସାକ୍ଷ୍ୟ ପ୍ରଦାନ କରୁଅଛୁ । ତୁମ୍ଭର ଶାସନରେ ଦୁଃଖ ପାଉଁ ଅଥବା ସୁଖ ପାଉଁ, ଶାନ୍ତିରେ ଅଛୁଁ—ଏଥି ନିମିତ୍ତ ମୁଦ୍ରର୍ଭିକ ନିମିତ୍ତ ତୁମ୍ଭର ସେବା ଛାଡ଼ି ଅନ୍ୟର ସେବା କରିବାକୁ ଇଚ୍ଛୁକ ନୋହୁଁ । ମୁଦ୍ରର୍ଭିକ ପାଇଁ ଭାବିବ ନାହିଁ ଯେ ଆମ୍ଭେମାନେ ତୁମ୍ଭର ଦାସତ୍ୱଶୃଙ୍ଖଳ ଛିନ୍ନ କରି ସ୍ୱାଧୀନ ହେବା ଉଦ୍ଦେଶ୍ୟରେ ଚିତ୍କାର କରୁଁ—ଆମ୍ଭେମାନେ କାଙ୍ଗାଳୀ, ତୁମ୍ଭର ଦ୍ୱାରଦେଶରେ ନ୍ୟାୟ, ଦୟା, ସ୍ନେହର ଭିକାରୀ ହୋଇ ବାରମ୍ବାର ଉପସ୍ଥିତ ହେଉଅଛୁଁ ଓ ହେବୁଁ, ଦ୍ୱାରବାନ୍ ଆମ୍ଭମାନଙ୍କର ଅଭାବ ତୁମ୍ଭଙ୍କୁ ନ ଜଣାଇ ଯେବେ ପ୍ରହାର କରି ଆମ୍ଭମାନଙ୍କୁ ବିଦୂରିତ କରିଦିଏ ସେଥି ନିମିତ୍ତ ଯେବେ ଚିତ୍କାର କରୁଁ, ଆମ୍ଭେମାନେ କି ରାଜବିଦ୍ରୋହୀ ହେବୁଁ ? ଆମ୍ଭେମାନେ ଅନ୍ୟ ରାଜାର ପ୍ରଜା ନ ହେଉଁ ଏହା ଆମ୍ଭମାନଙ୍କର ଏକାନ୍ତ ଇଚ୍ଛା ଓ ପ୍ରାର୍ଥନା । ଭୟ ହୁଏ କାଳେ ଦିନେ ତୁମ୍ଭର (aggressive policy) ସମରକ୍ଷେତ୍ରରେ ଅଗ୍ରେ ଉପସ୍ଥିତ ହେବା ମାତ୍ର ଆମ୍ଭମାନଙ୍କୁ ଅନ୍ୟ ରାଜାର ଅଧୀନ କରେ । ତୁମ୍ଭେମାନେ କେବଳ ନଖଦନ୍ତ ଭାଙ୍ଗିଅଛ, ଅନ୍ୟ କେହି ରାଜା ହେଲେ କାଳେ ହସ୍ତପଦ କର୍ତ୍ତନ କରିବ ଏହି ଆଶଙ୍କା ହୁଏ । ସର୍ବଶକ୍ତିମାନ ପରମେଶ୍ୱର ଯେ କି ତୁମ୍ଭଙ୍କୁ ଆମ୍ଭମାନଙ୍କ ଉପରେ ରାଜା କରିଅଛନ୍ତି, ସେ ଆମ୍ଭମାନଙ୍କର ଭୟ ଓ ଆଶଙ୍କା ଦୂର କରନ୍ତୁ—ଯେତେ କାଳ ପର୍ଯ୍ୟନ୍ତ ଆମ୍ଭମାନଙ୍କର ପାପର ପ୍ରାୟଶ୍ଚିତ୍ତ ହୋଇ ନାହିଁ, ତେତେ କାଳ ପର୍ଯ୍ୟନ୍ତ ତୁମ୍ଭେ ଆମ୍ଭମାନଙ୍କର ରାଜା ହୋଇ ଆମ୍ଭମାନଙ୍କୁ ସୁଖରେ, ଶାନ୍ତିରେ, ନ୍ୟାୟରେ, ଦୟାରେ ଓ ପ୍ରେମରେ ଶାସନ ଓ ପାଳନ କର—ଯେଉଁ ଧର୍ମବଳରେ ତୁମ୍ଭେ ଆମ୍ଭମାନଙ୍କର ରାଜା ହୋଇଅଛ, ସେହି ଧର୍ମ ତୁମ୍ଭଙ୍କୁ ସର୍ବପ୍ରକାର ବିପଦରୁ ରକ୍ଷା କରନ୍ତୁ—ତୁମ୍ଭେ ମଧ୍ୟ ଧର୍ମକୁ ରକ୍ଷା କର । "ଧର୍ମୋ ରକ୍ଷତି ଧାର୍ମିକଂ ।"

ଶ୍ରୀ ସାଧୁଚରଣ ରାୟ ।

---

## କୈଫିୟତ୍

---

"ଉତ୍କଳସାହିତ୍ୟ"ର ଜନ୍ମକାଳରେ ଆମ୍ଭେମାନେ ଏହାର କାର୍ଯ୍ୟପ୍ରଣାଳୀର ବିଷୟ ଉଲ୍ଲେଖ କରିଅଛୁ । ତଥାପି ଏଥିରେ ପ୍ରକାଶିତ କୌଣସି ପ୍ରବନ୍ଧ ପାଠକରି ଆମ୍ଭମାନଙ୍କର କେତେକ ପାଠକ କିଞ୍ଚିତ ବିରକ୍ତ ହୋଇଥିବାର ଅବଗତ ହୋଇ ଆମ୍ଭେମାନେ ଦୁଃଖିତ ଅଛୁଁ । କେହି ୨ ଆମ୍ଭମାନଙ୍କୁ ଜଣାଇଅଛନ୍ତି ଯେ, ସାହିତ୍ୟ ପତ୍ରିକାରେ ଧର୍ମର ଆଲୋଚନା କରିବା ଉଚିତ ହେଉନାହିଁ, ତଦ୍ଦ୍ୱାରା ପତ୍ରିକାର ନାମ ଅସାର୍ଥକ ହେଉଅଛି । ବିଶେଷତଃ କୌଣସି ୨ ପ୍ରବନ୍ଧରେ ହିନ୍ଦୁଧର୍ମର ନିନ୍ଦା କରା ହେଉଅଛି, ଏହା ପତ୍ରିକା ପକ୍ଷରେ ମଙ୍ଗଳକର ନୁହେ । ଏହି ଶ୍ରେଣୀର ପାଠକମାନଙ୍କୁ ଗୋଟିଏ କୈଫିୟତ୍ ଦେବା ନିତାନ୍ତ କର୍ତ୍ତବ୍ୟ ମନେ କରି ଆମ୍ଭେମାନେ ଏଠାରେ ଅତି ସଂକ୍ଷେପରେ ତାହା ପ୍ରଦାନ କରୁଅଛୁଁ ।

ପ୍ରଥମକଥା, 'ଉତ୍କଳସାହିତ୍ୟ' କୌଣସି ଧର୍ମସମ୍ପ୍ରଦାୟର ମୁଖପତ୍ର ନୁହେଁ—ସମ୍ପ୍ରଦାୟବିଶେଷର ସ୍ୱାର୍ଥ ସଙ୍ଗେ ଏହାର କିଛି ମାତ୍ର ସମ୍ପର୍କ ନାହିଁ, ଏହା ଆମ୍ଭେମାନେ ଅକପଟଚିତ୍ତରେ ସାଧାରଣଙ୍କ ନିକଟରେ ପ୍ରକାଶ କରୁଅଛୁଁ । ମାତ୍ର ତାହା ବୋଲି ଧର୍ମର ଆଲୋଚନା ଏକାବେଳକେ ପରିତ୍ୟାଗ କରିବାକୁ ହେବ, ଏହା ଆମ୍ଭମାନଙ୍କ ବିବେଚନାରେ ଆଦୌ ସଙ୍ଗତ

Digitized by srujanika@gmail.com

ନୁହେ । ଆମ୍ଭେମାନେ କହିଅଛୁଁ ଏବଂ ବର୍ତ୍ତମାନ ମଧ୍ୟ କହୁଅଛୁଁ ଯେ, ଧର୍ମ ସାହିତ୍ୟର ସୀମାବହିର୍ଭୂତ ନୁହେ—ବିସ୍ତୃତ ଅର୍ଥରେ ମାନବଜୀବନ ଓ ସମାଜର ସର୍ବବିଧ ବ୍ୟାପାର ସାହିତ୍ୟ ମଧ୍ୟରେ ସ୍ଥାନ ପାଇ ପାରେ ଏବଂ ପାଇବା ଏକାନ୍ତ ଉଚିତ । ତାହା ନ ହେଲେ ସାହିତ୍ୟର ଉପଯୋଗିତା କେଉଁଠାରେ ? ସାହିତ୍ୟ କେବଳ କଳ୍ପିତ ଆନନ୍ଦ ସମ୍ଭୋଗର ବିଷୟ ନୁହେ—ଏହା ଉନ୍ନତିର ଗୋଟିଏ ପ୍ରକୃଷ୍ଟ ଉପାୟ । ସାହିତ୍ୟର ଅନ୍ତର୍ନିହିତ ଆନନ୍ଦଟିକକ ମଧ୍ୟ ଏହି ପଥର ସହାୟତ ଏହା ମାନବ ହୃଦୟକୁ ସରସ କରି କଠୋର କର୍ମକ୍ଷେତ୍ରର କ୍ଳେଶ ବହନ କରିବାକୁ ସକ୍ଷମ କରେ । ଯେ ଯାହା ହେଉ, ମାନବ ଜୀବନର ସର୍ବଶ୍ରେଷ୍ଠ ବିଷୟକୁ ସାହିତ୍ୟରାଜ୍ୟର ସୀମାରୁ ନିର୍ବାସିତ କରିବାକୁ ଆମ୍ଭେମାନେ ଆଦୌ ଇଚ୍ଛୁନାହୁଁ । ଆମ୍ଭେମାନେ ସକଳ ଧର୍ମସମ୍ବନ୍ଧରେ ଯୁକ୍ତିଯୁକ୍ତ ଓ ସାରଗର୍ଭ ପ୍ରବନ୍ଧ 'ଉତ୍କଳସାହିତ୍ୟ'ରେ ପ୍ରକାଶ କରିବାକୁ କଦାପି ପଶ୍ଚାତ୍ପଦ ହେବୁନାହିଁ ।

ଦ୍ୱିତୀୟ କଥା, କୌଣସି ଧର୍ମକୁ ଆକ୍ରମଣ କରିବା ଆମ୍ଭମାନଙ୍କ ନୀତିର ବିରୁଦ୍ଧ । ଆମ୍ଭେମାନେ ଜାଣୁ, ଧର୍ମବିଶେଷର ନିନ୍ଦାରେ ଅନିଷ୍ଟ ଛଡ଼ା ଇଷ୍ଟ ନାହିଁ—ଏଥିରେ ନିନ୍ଦୁକ ଓ ନିନ୍ଦିତ ଉଭୟଙ୍କର ଅକଲ୍ୟାଣ, କିନ୍ତୁ ଧର୍ମ ସଙ୍ଗେ ଯେଉଁଠାରେ ଅଧର୍ମ, ଅସତ୍ୟ, କୁସଂସ୍କାର ମିଶ୍ରିତ ଅଛି, ତାହା ଦେଖାଇ ଦେବା ନିନ୍ଦୁକର କାର୍ଯ୍ୟ ନୁହେ—ବରଂ ହିତୈଷୀ-ବନ୍ଧୁର କାର୍ଯ୍ୟ । ଭ୍ରମରେ ପଡ଼ି, ନିରପେକ୍ଷ ଭାବରେ ବିଚାର ନ କରି ଏ ପ୍ରକାର କାର୍ଯ୍ୟକୁ ଧର୍ମନିନ୍ଦା ନାମରେ ଅଭିହିତ କଲେ ଆମ୍ଭେମାନେ ନାଚାର ! ଧର୍ମର ସ୍ୱର୍ଗୀୟ ଉଦାର-ଭାବ ସଙ୍ଗେ ମାନବୀୟ କ୍ଷୁଦ୍ରଭାବ ମିଶ୍ରିତ ହେବା ସର୍ବଥା ସମ୍ଭବପର । ଯେଉଁଠାରେ ମାନବୀୟ ଭାବ, ସେହିଠାରେ ବୈରାଗ୍ୟ ଓ ବିବାଦ । ଏ ସମସ୍ତ ମନୁଷ୍ୟ ଯେତିକି ବୁଝିପାରେ ଓ ପରିହାର କରିପାରେ ସେତିକି ମାନବସମାଜର ମଙ୍ଗଳ । ପରନ୍ତୁ ଧର୍ମବିଷୟକ ଓ ସାମାଜିକ ବିଧିବ୍ୟବସ୍ଥାର ସମୟୋପଯୋଗୀ ପରିବର୍ତ୍ତନ ନିତାନ୍ତ ଆବଶ୍ୟକ । ପରିବର୍ତ୍ତନ ଛଡ଼ା ଉନ୍ନତି ହୋଇ ନପାରେ । ମାନବବୁଦ୍ଧିକଳ୍ପିତ ବିଧିବ୍ୟବସ୍ଥାର ଚିରକାଳ ଅପରିବର୍ତ୍ତିତ ଭାବରେ ରହିବା ଅସମ୍ଭବ । ଯଦି କେହି ଏହି ପ୍ରକାର ପରିବର୍ତ୍ତନର କଥା ଉତ୍ଥାପନ କରନ୍ତି, ତେବେ ତାଙ୍କର ଉଦ୍ଦେଶ୍ୟ ପ୍ରତି ଦୃଷ୍ଟି ରଖି ତାଙ୍କର କଥାଗୁଡ଼ିକ ଧୀରଭାବରେ ଆଲୋଚନା କରିବା ଉଚିତ । ତାହା ନକରି କେବଳ ପରିବର୍ତ୍ତନର ନାମରେ ଚମକି ଉଠିବା କି ସୁବିବେଚନାର କାର୍ଯ୍ୟ ? କୌଣସି ଲେଖକଙ୍କ କଥାରେ ଯେବେ ଭ୍ରମପ୍ରମାଦ ଥାଏ, ତେବେ ଧୀରଭାବରେ ତାହା ପ୍ରଦର୍ଶନ କର, ସେଥିରେ ଉଭୟପକ୍ଷର ଲାଭ । ଆମ୍ଭେମାନେ ଯୁକ୍ତିଯୁକ୍ତ ପ୍ରତିବାଦ ପତ୍ରିକାସ୍ଥ କରିବାକୁ କଦାପି କୁଣ୍ଠିତ ହେବୁ ନାହିଁ । ମାତ୍ର କୌଣସି ପ୍ରକାର ବ୍ୟକ୍ତିଗତ ନିନ୍ଦା ବା ଆକ୍ରମଣ 'ଉତ୍କଳସାହିତ୍ୟ'ରେ ସ୍ଥାନ ପାଇବ ନାହିଁ, ଏକଥା ସମସ୍ତଙ୍କର ସ୍ମରଣ ରଖିବା ଉଚିତ ।

ତୃତୀୟ କଥା, ଏ ସଂସାରରେ ପ୍ରତ୍ୟେକ ବ୍ୟକ୍ତିର ମନ ଯୋଗାଇ କାର୍ଯ୍ୟ କରିବା ଏକାନ୍ତ ଅସମ୍ଭବ । ଆଉ ପ୍ରତ୍ୟେକ ପ୍ରବନ୍ଧ ଯେ ସର୍ବଶ୍ରେଣୀର ପାଠକମାନଙ୍କ ନିକଟରେ ସମାନ ଆଦରଣୀୟ ହେବ, ଏପରି ଆଶା କରିବା ମଧ୍ୟ ଅସଙ୍ଗତ । କୌଣସି ସଂଖ୍ୟାରେ କୌଣସି ପ୍ରବନ୍ଧପ୍ରତି ଯେବେ ପାଠକମାନଙ୍କ ମଧ୍ୟରୁ କାହାରି ଅଶ୍ରଦ୍ଧା ଜନ୍ମେ, ତେବେ ସେ ତାହା ପାଠ ନକରି ପାରନ୍ତି । ସେଥିପାଇଁ ପତ୍ରିକା ପ୍ରତି ଶ୍ରଦ୍ଧାହୀନ ହେବା ଉଦାର ହୃଦୟର କାର୍ଯ୍ୟ ନୁହେ । ବିଭିନ୍ନ ଲେଖକଙ୍କର ରୁଚି ବିଭିନ୍ନ,

Digitized by srujanika@gmail.com

ମତ ବିଭିନ୍ନ—ସେମାନେ ତଦନୁଯାୟୀ ପ୍ରବନ୍ଧ ଲେଖିବେ । ସେ ପ୍ରକାର ସ୍ୱାଧୀନତା ନଥିଲେ ଉଚ୍ଚଶ୍ରେଣୀର ଲେଖକମାନେ ପ୍ରବନ୍ଧ ଲେଖିବାକୁ ରାଜି ହେବେ କାହିଁକି ? ପୁଣି ଏକଥା ମଧ୍ୟ ସ୍ମରଣ ରଖିବା ଉଚିତ ଯେ ନାନାଶ୍ରେଣୀର ପାଠକମାନଙ୍କର ମଧ୍ୟ ରୁଚି ଓ ମତ ବିଭିନ୍ନ ଅଟେ । ଏକ ଶ୍ରେଣୀଙ୍କ ନିକଟରେ ଯାହା ଅନାଦରଣୀୟ, ଅପର ଶ୍ରେଣୀ ତାହାକୁ ପରମାଦରରେ ପାଠ କରନ୍ତି । ଏପରି ସ୍ଥଳରେ ଆମ୍ଭେମାନେ କେବଳ ଏତିକି ଦେଖିବୁଁ ଯେ ପ୍ରବନ୍ଧଗୁଡ଼ିକ ଯୁକ୍ତିଯୁକ୍ତ ଓ ସାରଗର୍ଭକ ହୋଇଅଛି କି ନାହିଁ । ପାଠକମାନେ କି ମନେକରନ୍ତି ଯେ, ଆମ୍ଭେମାନେ ଯେତେ ପ୍ରବନ୍ଧ ପ୍ରକାଶ କରୁଅଛୁଁ ବା କରିବୁଁ, ସବୁଗୁଡ଼ିକ ଆମ୍ଭମାନଙ୍କ ମତ ସଙ୍ଗେ ସମ୍ପୂର୍ଣ୍ଣ ମିଳିଅଛି ବା ମିଳିବ ? ଅସମ୍ଭବ କଥା । ମାତ୍ର ଏପ୍ରକାର ସଂକୀର୍ଣ୍ଣ ପଥ ଅବଲମ୍ବନ କଲେ ପତ୍ରିକା ଚଳାଇବା ଏକାନ୍ତ ଅସମ୍ଭବ ହୋଇ ଉଠିବ । ସୁତରାଂ ସକଳ ଶ୍ରେଣୀର ସୁଲେଖକମାନଙ୍କୁ ଆମ୍ଭେମାନେ ଆଦରର ସହିତ ପତ୍ରିକାରେ ସ୍ଥାନ ଦେବାକୁ ପ୍ରସ୍ତୁତ ରହିଅଛୁଁ । ଏଥିରେ ଯେବେ କେହି ବିରକ୍ତ ହୁଅନ୍ତି, ତେବେ ଆମ୍ଭେମାନେ ନାଚାର ।

ପରିଶେଷରେ ଆଉ ଗୋଟିଏ କଥା କହି ଆମ୍ଭମାନଙ୍କର ବକ୍ତବ୍ୟ ଶେଷ କରିବୁଁ । ବର୍ତ୍ତମାନ ଦେଖା ଯାଉଅଛି ହିନ୍ଦୁସମାଜରେ କାଳକ୍ରମେ ବହୁ ଦୋଷ ପ୍ରବେଶ କରିଅଛି—ସେ ସମସ୍ତ ବର୍ତ୍ତମାନ ପାଶ୍ଚାତ୍ୟ ଜ୍ଞାନାଲୋକରେ ଅନେକଙ୍କ ଦୃଷ୍ଟିପଥରେ ପଡ଼ୁଅଛି । ଏମାନଙ୍କ ମଧ୍ୟରୁ କେହି କେହି ସମାଜର ହିତ କାମନାରେ ସରଳଭାବରେ ସେହି ସମସ୍ତ ଦୋଷ ପରିହାର କରିବା ପାଇଁ ଯତ୍ନଶୀଳ ହେଉଅଛନ୍ତି । ହିନ୍ଦୁ-ସମାଜର ଆହାର, ପରିଚ୍ଛେଦ, ବିଷୟ, ବାଣିଜ୍ୟ, ଆଇନ ସମସ୍ତ ଧର୍ମର ଅନ୍ତର୍ଗତ । ସୁତରାଂ ଯେ କୌଣସି ବିଷୟରେ ଦୋଷ ଦେଖାଇଲେ ଧର୍ମର ଅଙ୍ଗରେ ବାଜୁଅଛି । ଏଥିରେ ଅନେକେ ବଡ଼ ବିରକ୍ତ । ମାତ୍ର ବିରକ୍ତ ନ ହୋଇ ଘର ସଜାଡ଼ିବା ବୁଦ୍ଧିମାନର କାର୍ଯ୍ୟ । ଆମ୍ଭେମାନେ ଏକଥା ଦୃଢ଼ତା ସହକାରେ କହିପାରୁଁ ସଂସ୍କାର ପ୍ରାର୍ଥୀମାନେ ସମାଜର ଅକୃତ୍ରିମ ହିତୈଷୀ ଅଟନ୍ତି । ସେମାନଙ୍କର କୌଣସି କୌଣସି କଥାରେ ବା କାର୍ଯ୍ୟରେ ଭ୍ରମ ପ୍ରମାଦ ଥାଇ ପାରେ, ମାତ୍ର ସେମାନଙ୍କ ଅଭିସନ୍ଧିରେ ଦୋଷାରୋପ କରିବାର କୌଣସି କାରଣ ନାହିଁ । ଦୁଃଖର ବିଷୟ, ଅନେକେ ସେମାନଙ୍କ କଥାର ମର୍ମ ଗ୍ରହଣ କରିବାକୁ ଚେଷ୍ଟା ନ କରି ଖଡ଼୍ଗହସ୍ତ ହେଉଅଛନ୍ତି । ଏହା କି ଉଚିତ କାର୍ଯ୍ୟ ? ଆତ୍ମଦୋଷ ପର୍ଯ୍ୟାଲୋଚନା କରି ସଂଶୋଧନ କରିବା ମନୁଷ୍ୟୋଚିତ କାର୍ଯ୍ୟ—ଏହାହିଁ ଜୀବନର ଲକ୍ଷଣ । ଯେଉଁ ସମାଜରେ ଏହି ଭାବ ଯେତେ ପ୍ରବଳ, ସେ ସମାଜ ତେତିକି ଉନ୍ନତିର ଅଧିକାରୀ । ଆମ୍ଭେମାନେ ସର୍ବାନ୍ତଃକରଣରେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁଁ । ଏହି ଭାବ ଆମ୍ଭମାନଙ୍କ ଦେଶରେ ଦିନକୁ ଦିନ ପ୍ରବଳ ହେଉ—ଆମ୍ଭମାନଙ୍କ ସମାଜ ଜୀବନ୍ତ ସମାଜରୂପରେ ପରିଣତ ହୋଇ ନିତ୍ୟ ନିତ୍ୟ ସର୍ବବିଧ ଉନ୍ନତିପଥରେ ଅଗ୍ରସର ହେଉ ।

---

Digitized by srujanika@gmail.com

## ନର ନାରୀ

୧

କଠୋର ପରୁଷ ରୁଦ୍ର ପୁରୁଷ-ପରାଣ,
କୋମଳ ଲଳିତ ସ୍ନିଗ୍ଧ ଲଳନା-ହୃଦୟ,
ଦାମ୍ଭିକ ତେଜସ୍ୱୀ ନର କୁଳିଶରୁ ଟାଣ,
ନାରୀ ସୁକୁମାରୀ ଜିଣି ନବ କିଶଳୟ ।
ପରସ୍ପର ବିପରୀତେ ଛନ୍ଦ ପରସ୍ପରେ,
ପ୍ରେମହେମହାରେ ବାନ୍ଧି ଅର୍ଦ୍ଧାଙ୍ଗ ଯୁଗଳେ,
ପୂର୍ଣ୍ଣାଙ୍ଗ ମାନବସୃଷ୍ଟି ବିଶ୍ୱ ଜଗତରେ,
ପୂର୍ଣ୍ଣତା-ସାଧନ ମହା—ମିଳନ ମଙ୍ଗଳେ,
କି ଅଦ୍ଭୁତ ରହସ୍ୟର ମହୀୟସୀ ଲୀଳା
ଦେଖାଉଛ ପରାତ୍ପର ପ୍ରଭୁ ପ୍ରଜାପତି ।
ମହୀ-ମହୀୟସୀ ମୂର୍ତ୍ତି ମନୁଜ-ମହିଳା,
ହର ଗୌରୀ, ଭବସଙ୍ଗେ ମିଳିତା ଭାରତୀ ।
ଧନ୍ୟ ଧନ୍ୟ ପ୍ରଜାପତି ଧନ୍ୟ ଆଦ୍ୟ କବି
ଧନ୍ୟ ତବ ନର ନାରୀ ମିଳନର ଛବି ॥

୨

ନରର ସଙ୍ଗିନୀ ନାରୀ, ନାରୀ-ସଖା ନର,
ଦେନି ହୃଦ-ବିନିମୟେ ଦୁହେଁ ମିଳି ଏକ ।
ଏକର ଅଭାବ ପୂର୍ଣ୍ଣ କରଇ ଅପର,
ଶୁଭଲଗ୍ନେ ଉଭୟର ଶୁଭ ଅଭିଷେକ ।
ପରସ୍ପର-ପାଶେ ରହି ବିଶ୍ୱ ପରିବାରେ,
ଜ୍ଞାନ-ପ୍ରେମ-କର୍ମଯୋଗେ ଲଭିଣ ଏକତା
ନର ନାରୀ ସତ୍ୟ-ଶିବ-ସୁନ୍ଦର-ସେବାରେ
ଦେଖାଇବେ ଜୀବନର ପୂର୍ଣ୍ଣ ସାର୍ଥକତା ।
ପୁରୁଷ ଆକାଶ ନାରୀ ଧରଣୀସୁନ୍ଦରୀ
ନର ସ୍ୱଚ୍ଛ ସରୋବର, ଅଙ୍ଗନା ନଳିନୀ
ପୁରୁଷ ନିକଷ, ନାରୀ ହେମରେଖା ସରି
ନର ନୀରଧର, ନାରୀ ସ୍ଫୁରୁ ସୌଦାମିନୀ ।
ପରସ୍ପର ପରିଣୀତ ପ୍ରାଣ-ସମ୍ପ୍ରଦାନେ
ବିଶ୍ୱ ପୁରୋହିତ ପୂର୍ଣ୍ଣ-ବିଧିର ବିଧାନେ ।

## କାଳିଦାସ

ଭାବମୟୀ ଭାରତୀର ଅମୃତ-ନନ୍ଦନ !
କଳ୍ପନା-ନନ୍ଦନବନ—ବିହାର-ରସିକ !
ହେ କବୀନ୍ଦ୍ର, କାଳିଦାସ କବିକୁଳଧନ !
ବିଶ୍ୱଶୋଭାରାଣୀଙ୍କର ପରମ ପ୍ରେମିକ ।
କ୍ଷୁଦ୍ର ଭାରତର କ୍ଷୁଦ୍ରତର ଉଜ୍ଜୟିନୀ-
ନଗରୀର ରାଜସଭା-କବି ଥିଲ କେବେ ।
ନିଖିଳମାନବସଭା ମାନସ-ରଞ୍ଜିନୀ,
ସେ ମହାସଭାର ରାଜ-କବି ତୁମ୍ଭେ ଏବେ ।

ଆହା କି ଅମୃତସୃଷ୍ଟି କି ମହାଉତ୍ସବ
ନିତ୍ୟ ନବ ସଙ୍ଗୀତର ଅପୂର୍ବ କୌଶଳ
ମେଘଦୂତ, ରଘୁବଂଶ, କୁମାର ସମ୍ଭବ
ବିକ୍ରମ-ଉର୍ବଶୀ, ଅଭିଜ୍ଞାନ ଶକୁନ୍ତଳ ।
ଧନ୍ୟ ଧନ୍ୟ ମହାକବି ମହା ଚିତ୍ରକର
ପ୍ରକୃତିର କୃତୀପୁତ୍ର, ଅଜର ଅମର,

ଶ୍ରୀ ମଧୁସୂଦନ ରାଓ

Digitized by srujanika@gmail.com

### ଖାଦ୍ୟଦ୍ରବ୍ୟ ସହିତ

## ମାନବ ଜୀବନର ସମ୍ବନ୍ଧ

ଯାହା ବ୍ୟତିରେକେ ମନୁଷ୍ୟ କାହିଁକି, କୌଣସି ପ୍ରାଣୀ ଜୀବନ ଧାରଣ କରି ରହି-ପାରିବ ନାହିଁ, ସେ ଶରୀରର ଏକମାତ୍ର ସାଧନ ଏବଂ ଯାହାକୁ ପ୍ରାଣନାମରେ ଅଭିହିତ କଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ ସେହି ଅନ୍ନ ସହିତ ମନୁଷ୍ୟ ଶରୀରର କି ସମ୍ବନ୍ଧ ତାହାର ପର୍ଯ୍ୟା-ଲୋଚନା ହିଁ ଅଦ୍ୟ ଦିବସର ବିଷୟ । ଅନ୍ନସହ ମନୁଷ୍ୟର କି ସମ୍ବନ୍ଧ ତାହା ପର୍ଯ୍ୟାଲୋଚନା କରିବା ପୂର୍ବରୁ "ଶରୀର ତତ୍ତ୍ୱ" ର କେତେ-ଗୋଟି ପ୍ରଧାନ ବିଷୟ ଅବଗତ ହେବା ଉଚିତ । ସେହି କାରଣରୁ ନିମ୍ନରେ କେତେଗୋଟି ବିଷୟ ବିବୃତ ହେଲା । ନୀରସ ବୋଧ ହେଲେହେଁ ତାହା ଉପେକ୍ଷଣୀୟ ନୁହେଁ ।

ଜୀବିତ ମନୁଷ୍ୟ ନାନାବିଧ କାର୍ଯ୍ୟ କରେ, ତନ୍ମଧ୍ୟରୁ କେତେକ ସ୍ପଷ୍ଟ ଲକ୍ଷିତ ହୁଏ, କେତେକକୁ ଦେଖିବା ନିମିତ୍ତ ସାବଧାନ ପର୍ଯ୍ୟ-ବେକ୍ଷଣ ଆବଶ୍ୟକ ଏବଂ ଆଉ କେତେକ କାର୍ଯ୍ୟ ଏପରି ସୂକ୍ଷ୍ମ ଯେ ତାହା ଯନ୍ତ୍ର ସାହାଯ୍ୟ ଏବଂ ସୂକ୍ଷ୍ମ ପର୍ଯ୍ୟାଲୋଚନା ବିନା ଦୃଷ୍ଟିଗୋଚର ହୋଇପାରେ ନାହିଁ । ହସ୍ତ ପଦାଦିର ସଞ୍ଚାଳନ ଏବଂ ନିଦ୍ରାବସ୍ଥାରେ ସୁଦ୍ଧା ବକ୍ଷଦେଶର ଉତ୍ଥାନ ଏବଂ ପତନ ସ୍ପଷ୍ଟରୂପେ ଦୃଷ୍ଟିଗୋଚର ହୁଏ । ଅନ୍ତଃକରଣ ବା ରକ୍ତାଧାରର ଏବଂ ନାଡ଼ୀର ରକ୍ତ ସଞ୍ଚାଳନ, ଆଲୋକ ଯୋଗେ ଚକ୍ଷୁ ପିପୀଲିକାର ସଂକୋଚନ ଏବଂ ତଦ୍-ଭାବେ ପ୍ରସାରଣ ଇତ୍ୟାଦି ବିଷୟ ଦେଖିବା ନିମିତ୍ତ ସାବଧାନ ପର୍ଯ୍ୟବେକ୍ଷଣ ଆବଶ୍ୟକ । ମାତ୍ର ଯେତେବେଳେ ନିକଟବର୍ତ୍ତୀ ପଦାର୍ଥରୁ ଅପକୃଷ୍ଟ ହୋଇ ଚକ୍ଷୁ ଦୂରବର୍ତ୍ତୀ ପଦାର୍ଥ ଦର୍ଶନ କରେ, ସେତେବେଳେ ଚକ୍ଷୁ କପର ଅବସ୍ଥାନ କରେ, ବାହ୍ୟ ପଦାର୍ଥ ସ୍ପର୍ଶନରେ ଶିରା ସବୁ କପରି ସଙ୍କୁଚିତ ଏବଂ ପ୍ରସାରିତ ହୁଅନ୍ତି, ରକ୍ତ ଏବଂ ମାଂସ କି କି ପଦାର୍ଥରେ ରଚିତ ଏବଂ ସେମାନେ କି କି କାର୍ଯ୍ୟ କରନ୍ତି, କେଉଁ ଯନ୍ତ୍ର ମନୁଷ୍ୟଠାରେ ଥିବା ହେତୁ ହଠାତ୍ ଶାରୀରିକ କ୍ଲେଶ ଉପସ୍ଥିତ ହେଲେ ଯେ ହଠାତ୍ କମ୍ପିତ ହୁଏ ଇତ୍ୟାଦି ବିଷୟର ପର୍ଯ୍ୟବେକ୍ଷଣ ନିମିତ୍ତ ତର୍କଶାସ୍ତ୍ର ଜ୍ଞାନ, ଅତ୍ୟୁତ୍କୃଷ୍ଟ ପର୍ଯ୍ୟାଲୋଚନା ଏବଂ ଅଣୁବୀକ୍ଷଣ ଯନ୍ତ୍ରର ସାହାଯ୍ୟ ଆବଶ୍ୟକ ହୁଏ ।

ମନୁଷ୍ୟ ଶରୀର ସଞ୍ଚାଳନ କଲେ ତାହାର ଶରୀରର କି ପରିବର୍ତ୍ତନ ଘଟେ, ବର୍ତ୍ତମାନ ତାହାର ପରୀକ୍ଷା କରାଯାଉ । ମନେକର ବରଫ-ଭିତ୍ତିଦ୍ୱାରା ବେଷ୍ଟିତ ଗୋଟିଏ କ୍ଷୁଦ୍ରଗୃହ ଅଛି । ତନ୍ମଧ୍ୟରେ ହିମବତ୍ ଶୀତଳ ବାୟୁ ଗମନାଗମନ କରୁଅଛି । ତେବେ ଭିତ୍ତିସ୍ଥ ହିମ ଦ୍ରବୀଭୂତ ହେବନାହିଁ । ବର୍ତ୍ତମାନ ଜଣେ ଜୀବିତ ସୁସ୍ଥ ବ୍ୟକ୍ତିକୁ ପ୍ରଥମେ ଓଜନ କରିସାରି ସେହି ଗୃହାଭ୍ୟନ୍ତରରେ ଏକଘଣ୍ଟା ସକାଶେ ଭ୍ରମଣ କରିବାପାଇଁ ଛାଡ଼ିଦିଅ । ଇତସ୍ତତଃ ଭ୍ରମଣଦ୍ୱାରା ତାହାର କେତେକ ଯାନ୍ତ୍ରିକ ବଳ ବ୍ୟୟିତ ହେବ । ଅନ୍ତତଃ ଭ୍ରମଣ ସମୟରେ ତାହାର ଶରୀର ପ୍ରତିପଦ ବିକ୍ଷେପରେ ଯେତେଥର ଯେତେ ଉଚ୍ଚକୁ ଉତ୍ଥିତ ଏବଂ ସେତେ ଉଚ୍ଚରୁ ପତିତ ହେବ ସେହି ଶରୀରର ଓଜନ ସମାନ ଏକ ପଦାର୍ଥକୁ ତେତେଥର ତେତିକି ଦୂରକୁ ଉତ୍ଥିତ ଏବଂ ତେତେଦୂରକୁ ପତିତ କଲେ ଯେତେ ବଳ ବ୍ୟୟିତ ହୁଅନ୍ତା ତେତେ ଅବଶ୍ୟ ବ୍ୟୟିତ ହୋଇଥିବ । ଗୃହର ଭିତ୍ତିସ୍ଥ ହିମର କେତେକାଂଶ ଦ୍ରବୀଭୂତ ହୋଇଥିବାର ଲକ୍ଷିତ ହେବ । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉ-

Digitized by srujanika@gmail.com

ଅଛି ଯେ ମନୁଷ୍ୟଟି ଭ୍ରମଣ କରିବା ସମୟରେ ତାହାର ଦେହୋତ୍ତାପର କେତେକାଂଶ ବ୍ୟୟିତ ହୋଇଅଛି । ଆହୁରି ମଧ୍ୟ ବର୍ତ୍ତମାନ ଗୃହରେ ଥିବା ବାୟୁକୁ ଚୂର୍ଣ୍ଣ ମିଶ୍ରିତ ଜଳାଭ୍ୟନ୍ତରରେ ପ୍ରବିଷ୍ଟ କରାଇଲେ ଦେଖାଯିବ ଯେ ଜଳ ଦୁଗ୍ଧ ସନ୍ନିଭ ବର୍ଣ୍ଣ ଧାରଣ କରିଅଛି । ଜାଣିବା ଆବଶ୍ୟକ ଯେ ବର୍ଣ୍ଣମିଶ୍ରିତ ଜଳ ସ୍ଥିରଭାବରେ କିଛିକାଳ ରହିଲେ ତାହା ସ୍ୱଚ୍ଛ ହୁଏ । ଚୂନ କାଢ଼ିନେଇ ଏହି ଜଳ ମଧ୍ୟରେ ଉପରୋକ୍ତ ହିମ ଗୃହସ୍ଥ ବାୟୁକୁ ପ୍ରବେଶ କରାଇବା ଆବଶ୍ୟକ । ତଦନନ୍ତର ସେହି ଦୁଗ୍ଧସନ୍ନିଭ ବର୍ଣ୍ଣବିଶିଷ୍ଟ ଜଳକୁ କିଛିକାଳ ସ୍ଥିରଭାବରେ ରଖି ତଳେ ପଡ଼ିଯାଇଥିବା ପଦାର୍ଥକୁ ପରୀକ୍ଷା କଲେ ଦେଖାଯିବ ଯେ ତାହା ଚକ୍‌ଖଡ଼ି ଉପାଦାନରେ ରଚିତ । ଅଙ୍ଗାରକାମ୍ଳ ବାଷ୍ପକୁ ଚୂର୍ଣ୍ଣ ମିଶ୍ରିତ ଜଳରେ ପ୍ରବେଶ କରାଇଲେ ଚକ୍‌ଖଡ଼ି ମଧ୍ୟ ଜାତହୁଏ । ଅତଏବ ମନୁଷ୍ୟଟି ଅବଶ୍ୟ ଅଙ୍ଗାରକାମ୍ଳ ବାଷ୍ପ ଗୃହ ମଧ୍ୟରେ ଭ୍ରମଣ ସମୟରେ ପରିତ୍ୟାଗ କରିଅଛି । ଏତଦ ବ୍ୟତୀତ ଗୃହ ମଧ୍ୟରେ ଯଦି ମନୁଷ୍ୟ ପ୍ରବେଶ କରିବା ପୂର୍ବରୁ ଶୁଷ୍କବାୟୁ ଥାଏ ତାହା ବର୍ତ୍ତମାନ ମେଘାଚ୍ଛନ୍ନ ହେଲାପରି ଦେଖାଯିବ । ମେଘ କେଉଁଠାରୁ ଆସିଲା ? ତାହା ଆଉ କିଛି ନୁହେଁ । ମନୁଷ୍ୟର ଦେହ ନିର୍ଗତ ଜଳୀୟବାଷ୍ପ ଶୀତଳବାୟୁ ସମ୍ପର୍କରେ ମେଘାକାର ଧାରଣ କରିଅଛି । ତଦନନ୍ତର ସେହି ମନୁଷ୍ୟଟିକୁ ଓଜନ କରି ଦେଖ ତାହାର ଭାର ପୂର୍ବାପେକ୍ଷା କମି ଯାଇଛି ।

ତେବେ ଆମ୍ଭେମାନେ ଉପରୋକ୍ତ ପରୀକ୍ଷାରୁ କଅଣ ଦେଖିଲୁଁ; ତାହା ଏହି :—

ଜୀବିତ ମନୁଷ୍ୟ ଅନବରତ ଅଙ୍ଗାରକାମ୍ଳ ପରିତ୍ୟାଗ କରୁଅଛି । ତାହାର ପଞ୍ଜିକାବଳ ପରିଶ୍ରମରେ ବିନଷ୍ଟ ହେଉଅଛି । ସେ ତାପ ତ୍ୟାଗ କରୁଅଛି, ଅଙ୍ଗାରକାମ୍ଳ ବାଷ୍ପ ଓ ଜଳ ପ୍ରସୂତ କରୁଅଛି ଏବଂ ତାହାର ଶରୀର ଭାର କ୍ଷୟ ପ୍ରାପ୍ତ ହେଉଅଛି ।

ମନୁଷ୍ୟ ଶରୀର ପ୍ରତି ମୁହୂର୍ତ୍ତରେ କ୍ଷୟପ୍ରାପ୍ତ ହେଉଅଛି । ଏହା ଦର୍ଶକର ଦୃଷ୍ଟିଗୋଚର ହେବା ପୂର୍ବରୁ ମନୁଷ୍ୟ ନିଜେ ତାହା ଅନୁଭବ କରିଥାଏ । କ୍ଷୁଧା ଏବଂ ତୃଷ୍ଣା ତାହାକୁ ତାହାର ସାହାଯ୍ୟହୀନତା ଜ୍ଞାପନ କରିଦିଏ ।

ମନୁଷ୍ୟ ଜଳ, ତାପ ଓ ଅଙ୍ଗାରକାମ୍ଳ ମୁହୁର୍ମୁହୁଃ ପରିତ୍ୟାଗ କରୁଥିବା ହେତୁ ଏହି ପ୍ରତ୍ୟେକର କ୍ଷତିପୂରଣ ତାହାର ଆବଶ୍ୟକ ହୋଇ ଉଠେ, ସୁତରାଂ ତାହାର ବିଶୁଦ୍ଧବାୟୁ, ଜଳ ଏବଂ ଖାଦ୍ୟର ପ୍ରୟୋଜନ ହୁଏ ।

ଜୀବନ ଧାରଣ ନିମିତ୍ତ ଖାଦ୍ୟରେ କାରବନ ବା ଅଙ୍ଗାର, ଜଳଜାନ, ଅମ୍ଳଜାନ ଏବଂ ଯବକ୍ଷାରଜାନ ଥିବା ଆବଶ୍ୟକ । ଯାହା ଖାଦ୍ୟରୂପେ ଗ୍ରହଣ କରାଯାଏ ସେ ସମୁଦାୟ ଶରୀରର ବ୍ୟବହାରରେ ଲାଗେ ନାହିଁ । ତାହାର ନିଷ୍ପ୍ରୟୋଜନୀୟ ଅଂଶ ଅନ୍ତ୍ରବାହିନୀ ନାଡ଼ି ଦେଇ ଶରୀରରେ ପରିତ୍ୟକ୍ତ ଏବଂ ଅତ୍ୟଧିକ ପରିବର୍ତ୍ତିତ ନ ହୋଇ ପୁନର୍ବାର ନିର୍ଗତ ହୁଏ । ଏହାକୁ ଉତ୍ସୃଷ୍ଟ ପଦାର୍ଥ ବା ମଳ କହନ୍ତି । କିନ୍ତୁ ଯଦି ଶରୀର ସୁସ୍ଥ ଥାଏ ଅର୍ଥାତ୍ ଯନ୍ତ୍ରମାନେ ନିୟମିତରୂପେ କାର୍ଯ୍ୟ କରୁଥାଆନ୍ତି ତେବେ ଶରୀରର ଆବଶ୍ୟକୀୟ ଖାଦ୍ୟର କୌଣସି ଅଂଶ ଉତ୍ସୃଷ୍ଟ ପଦାର୍ଥ ବା ମଳରୂପେ ପୁନଃ ନିର୍ଗତ ହଏ ନାହିଁ । କେତେକବେଳେ ଖାଦ୍ୟ ରକ୍ତରୂପେ ମାଂସପେଶୀ ହୁଏ, ତଦନନ୍ତର ଧ୍ୱଂସ ପଦାର୍ଥରୂପେ ଜଳ, ଅଙ୍ଗାରକାମ୍ଳ ବାଷ୍ପ ବା ଇଉରିଆ ନାମକ ଏକ ପଦାର୍ଥ ଆକାରରେ ବହିର୍ଗତ ହୁଏ । ଏମାନେ ଉତ୍ସୃଷ୍ଟ ପଦାର୍ଥ ବା ମଳ ନୁହନ୍ତି ।

ରସାୟନଶାସ୍ତ୍ରବିତ୍ ପଣ୍ଡିତମାନେ ସ୍ଥିର କରିଅଛନ୍ତି ଯେ ଖାଦ୍ୟରୂପେ ଶରୀରରେ ଯେ ପଦାର୍ଥ ପ୍ରବେଶ କରେ ତହିଁରେ ଯେତେ ଅମ୍ଳ-

Digitized by srujanika@gmail.com

ଜାନ ଥାଏ ତଦପେକ୍ଷା ଅଧିକ ଅମ୍ଳଜାନ ଶରୀର-ବହିର୍ଗତ ମଳରେ ପରିଦୃଷ୍ଟ ହୁଏ । ଏହି ଅମ୍ଳ-ଜାନ କେଉଁଠାରୁ ମଳ ମଧ୍ୟକୁ ଆସିଲା ? ଖାଦ୍ୟ ଏବଂ ପାନୀୟକୁ ଛାଡ଼ିଦେଲେ ଶରୀରରେ ପ୍ରବିଷ୍ଟ ପଦାର୍ଥମାନଙ୍କ ମଧ୍ୟରୁ ବାୟୁ ବ୍ୟତୀତ ଅନ୍ୟ କୌଣସି ପଦାର୍ଥରେ ଅମ୍ଳଜାନ ନାହିଁ । ପୂର୍ବେ ଯେଉଁ ପରୀକ୍ଷା ବିଷୟ ଉଲ୍ଲେଖ କରାଯାଇଅଛି । ତହିଁରୁ ଦେଖାଯାଏ ଯେ ଗୃହ-ବଦ୍ଧ ବାୟୁରେ ମନୁଷ୍ୟ ପ୍ରବେଶ କରିବା ପୂର୍ବରୁ ଯେତେ ଅମ୍ଳଜାନ ଥାଏ ପରୀକ୍ଷାନନ୍ତର ତହିଁରେ ତେତେ ଅମ୍ଳଜାନ ଦେଖାଯାଏ ନାହିଁ ତତ୍‌ପରିବର୍ତ୍ତରେ ଅଙ୍ଗାରକାମ୍ଳବାଷ୍ପ ସେହି ସ୍ଥାନ ଅଧିକାର କରିଥାଏ । ଅତଏବ ଏଥିରୁ ସ୍ପଷ୍ଟ ଦେଖା ଯାଉଅଛି ଯେ ମଳରେ ଲକ୍ଷିତ ହେବା ଅମ୍ଳ-ଜାନର ଅଧିକାଂଶ ମନୁଷ୍ୟ ଅବଶ୍ୟ ବାୟୁରୁ ନିଶ୍ୱାସ ଦ୍ୱାରା ଗ୍ରହଣ କରେ ।

ଉପରୋକ୍ତ ବିଷୟମାନଙ୍କରୁ ଏହା ସ୍ପଷ୍ଟ ପ୍ରତୀତ ହେଉଅଛି ଯେ ଯଦି ମନୁଷ୍ୟର ଗୁରୁତ୍ୱର କ୍ଷତି ବୃଦ୍ଧି ନ ହେବ ତେବେ ମନୁଷ୍ୟ ଖାଦ୍ୟ, ପାନୀୟ ଓ ନିଶ୍ୱାସ ପ୍ରଶ୍ୱାସ ବାୟୁରୂପ ଯାହା ଗ୍ରହଣ କରୁଅଛି ତାହାର ଓଜନ ଶରୀରରୁ ବହିର୍ଗତ ପଦାର୍ଥମାନଙ୍କର ଭାର ସହିତ ସମାନ ହେବ । ବସ୍ତୁତଃ ପରୀକ୍ଷାଦ୍ୱାରା ତାହା ହିଁ ଦୃଷ୍ଟିଗୋଚର ହୁଏ ।

ଅତଏବ ଦେଖାଗଲା ଯେ ଯେଉଁ ମନୁଷ୍ୟର ପ୍ରକୃତ ହାରାହାରି ଭାରର କ୍ଷତି ବୃଦ୍ଧି ନାହିଁ, ତାହାର ଶରୀର ପ୍ରତିମୁହୂର୍ତ୍ତରେ କ୍ଷତିଗ୍ରସ୍ତ ହେଉଅଛି ଏବଂ ସାମୟିକ ଖାଦ୍ୟ ଗ୍ରହଣରେ ସେ ସେହି କ୍ଷତିକୁ ପୂରଣ କରୁଅଛି । ତଥାପି ଏରୂପ ମନୁଷ୍ୟର ଭାର ସବୁ ସମୟରେ ସମାନ ନୁହେ, ଭୋଜନାନନ୍ତର ତାହାର ଭାର ବର୍ଦ୍ଧିତ ହୁଏ ଏବଂ ତଦନନ୍ତର କ୍ରମଶଃ ହ୍ରାସପ୍ରାପ୍ତ ହୁଏ । ଶେଷରେ ଏପରି ଏକ ସମୟ ଆସି ଉପସ୍ଥିତ ହୁଏ ଯେତେବେଳେ ତାହାର ଭାର ଭୋଜନ-ପୂର୍ବଭାର ସହିତ ସମାନ ହୁଏ । ଏ ସମୟରେ ପୁନରାୟ ତାହାର ଖାଦ୍ୟ ଗ୍ରହଣ ଆବଶ୍ୟକ ହୁଏ ।

ଅବଶ୍ୟ ମନୁଷ୍ୟ ସବୁ ସମୟରେ ସମାନ ପରିଶ୍ରମ କରେ ନାହିଁ । ସୁତରାଂ ତାର ଶରୀରର କ୍ଷତି ବୃଦ୍ଧି ସବୁ ସମୟରେ ସମାନ ନୁହେ । ଯେତେବେଳେ ଯେପରିମାଣରେ ଯେଉଁ ପଦାର୍ଥର କ୍ଷୟ ହୁଏ ସେତେବେଳେ ସେହି ପରିମାଣର ସେହି ପଦାର୍ଥ ଗ୍ରହଣ ଆବଶ୍ୟକ ହୁଏ । ମନେକର ବର୍ତ୍ତମାନ ଖଣ୍ଡେ ବୃହତ କାଷ୍ଠ ଉତ୍ତୋଳନ କରିବାକୁ ହେଲା । ତେବେ ଶରୀରର ଯେଉଁ ପରିମାଣରେ କ୍ଷତି ଘଟିଲା ତତ୍‌ପୂରଣାର୍ଥ ଖାଦ୍ୟ ବା ପାନୀୟର ପ୍ରୟୋଜନ ହେଲା । ଚତୁଃପାର୍ଶ୍ୱର ବାୟୁ ଶୀତଳ ହୋଇ ଶରୀର ଶୀତଳ ହେଲେ ମଧ୍ୟ ପୂର୍ବତାପ ସଂରକ୍ଷଣାର୍ଥ ଖାଦ୍ୟ ଆବଶ୍ୟକ ହେଲା । ଅନ୍ୟପକ୍ଷେ ଯଦି ଶାରୀରିକ ପରିଶ୍ରମ କମାଇ ଦେଇ ତାପ ପରିତ୍ୟାଗ ବନ୍ଦ କରାଯାଏ ତେବେ ତାର ଭାର ହଠାତ ବର୍ଦ୍ଧିତ ହେବ ନଚେତ୍ ଭୁକ୍ତ ଖାଦ୍ୟ ଉତ୍ସୃଷ୍ଟ ପଦାର୍ଥ ବା ମଳରୂପେ ବହିର୍ଗତ ହେବ ।

ସାଧାରଣତଃ ଖାଦ୍ୟ, ପାନୀୟ ଏବଂ ବାୟୁ ଗ୍ରହଣ ସମ୍ବନ୍ଧରେ ଏତିକ ମାତ୍ର କୁହାଗଲା । ବର୍ତ୍ତମାନ ସେମାନଙ୍କର ବିଶେଷ ପର୍ଯ୍ୟାଲୋଚନା କରାଯାଉ ।

ମନୁଷ୍ୟ ପ୍ରତ୍ୟହ ଘନ ଏବଂ ତରଳ ଖାଦ୍ୟ ଅନ୍ନବହା ନାଡ଼ୀଦ୍ୱାରା ଶରୀରର ଅଭ୍ୟନ୍ତରସ୍ଥ କରୁଅଛି । କୌଣସି ପୂର୍ଣ୍ଣବୟସ୍କ ସୁସ୍ଥଶରୀର ଲୋକ ଶରୀରର ଭାର ସ୍ଥିର ରଖିବା ନିମିତ୍ତ ତାହାର ପ୍ରତିଦିନ ଅନ୍ତତଃ ୮୦୦୦ ଗ୍ରେନ ପରିମିତ ପୂର୍ଣ୍ଣ ଶୁଷ୍କ ଖାଦ୍ୟ ଗ୍ରହଣ କରିବାର ଆବଶ୍ୟକ । ଏତଦ୍ ବ୍ୟତୀତ ସେ ଫୁସଫୁସ୍ ଦ୍ୱାରା ଅନ୍ତତଃ

Digitized by srujanika@gmail.com

୧୦୦୦୦ ଗ୍ରେନ୍ ଅମ୍ଳଜାନବାଷ୍ପ ଗ୍ରହଣ କରେ । ଅତଏବ ଉଭୟ ଦ୍ରବ୍ୟ ଏକତ୍ରରେ ୧୮୦୦୦ ଗ୍ରେନ୍ ପରିମିତ ବା ୨ ୩/୪ ପାଉଣ୍ଡ ବା ସେ ୧।୵ ଅଟେ । ତନ୍ମଧ୍ୟରୁ କେବଳ ୮୦୦ ଗ୍ରେନ୍ ଉତ୍ସୃଷ୍ଟ ପଦାର୍ଥ ରୂପେ ଅନ୍ନବହା-ନାଡୀରୁ ବହିର୍ଗତ ହୁଏ । ଏହା ଉକ୍ତ ନାଡୀର ଗୃହୀତ ପଦାର୍ଥର ୧/୧୦ଅଂଶରୁ କିଞ୍ଚିତ ଅଧିକ ଅଟେ । ଅନ୍ନବହାନାଡୀ ବ୍ୟତୀତ ଘନ ପଦାର୍ଥକୁ ଶରୀରାଭ୍ୟନ୍ତରୁ ବହିଷ୍କରଣାର୍ଥ ଅନ୍ୟ କୌଣସି ପଥ ନାହିଁ । ସୁତରାଂ ଦଶସହସ୍ର ଗ୍ରେନ ଅମ୍ଳଜାନ-ସହ ୭୨୦୦ ଗ୍ରେନ ଶୁଷ୍କ ଘନ ପଦାର୍ଥ ଫୁସଫୁସ ଚର୍ମ ଏବଂ ମୂତ୍ର ଯନ୍ତ୍ରଦ୍ୱାରା ବାଷ୍ପରୂପେ ବା ତରଳ ପଦାର୍ଥ ସହ ଦ୍ରବୀଭୂତ ହୋଇ ବହିଷ୍କୃତ ହୁଏ । ପରନ୍ତୁ ସବୁ ସମୟରେ ଶରୀରର ମୂଳ ଉପାଦାନ ଗୁଡ଼ିକ ଏକ ଥିବାରୁ ଏଥିରୁ ତିନି-ଗୋଟି ବିଷୟ ସ୍ପଷ୍ଟ ଅନୁମିତ ହେଉଅଛି; ଯଥା—

୧ମ—ଘନଖାଦ୍ୟ ପଦାର୍ଥର ମୂଳ ଉପାଦାନ ଗୁଡ଼ିକ ଶରୀରର ମୂଳ ଉପାଦାନ-ମାନଙ୍କ ସହିତ ଏକ ହୋଇ ପାରେ, ଅଥବା

୨ୟ—ଜୈବିକ କ୍ରିୟା ସାଧନ ସମୟରେ କେବଳ ଘନ ଖାଦ୍ୟବସ୍ତୁ ଧ୍ୱଂସପ୍ରାପ୍ତ ହୋଇ ଶରୀର ଅକ୍ଷୁଣ୍ଣାବସ୍ଥାରେ ଥାଏ । ଅଥବା

୩ୟ—ଉଭୟ ବିଷୟ ଆଂଶିକରୂପେ ସତ୍ୟ ହୋଇପାରେ; ଖାଦ୍ୟର କେତେକାଂଶ ଶରୀରର କ୍ଷୟିତ ଉପାଦାନ ମାନଙ୍କର ସ୍ଥାନ ଅଧିକାର କରେ ଏବଂ ଅନ୍ୟାଂଶ ତାହାର ଅଙ୍ଗୀଭୂତ ନହୋଇ କ୍ଷୟପ୍ରାପ୍ତ ହୁଏ ।

ମନୁଷ୍ୟର ଖାଦ୍ୟ ଚାରିଭାଗରେ ବିଭକ୍ତ, ଯଥା ପ୍ରୋଟିଡ୍ ବା ଯବକ୍ଷାରଜାନ ମିଶ୍ରିତ ପଦାର୍ଥ, ଆମିଲଏଡ୍ ବା ମଣ୍ଡମିଶ୍ର ପଦାର୍ଥ; ଫାଟ ବା ଚର୍ବିମିଶ୍ର ପଦାର୍ଥ ଏବଂ ମିନରାଲ ବା ଖନିଜଦ୍ରବ୍ୟ ମିଶ୍ର ପଦାର୍ଥ ।

ପ୍ରୋଟିଡ୍ ଖାଦ୍ୟର ମୂଳ ଉପାଦାନ ଚାରିଗୋଟି ଯଥା; କାରବନ୍ ବା ଅଙ୍ଗାର, ଜଳଜାନ, ଅମ୍ଳଜାନ ଏବଂ ଯବକ୍ଷାରଜାନ । ଏହି ପଦାର୍ଥମାନଙ୍କ ସହିତ କ୍ୱଚିତ ଗନ୍ଧକ ଏବଂ ଫସଫରସ ମିଶ୍ରିତ ଥାଏ । ଦୁଗ୍ଧ, ମୟଦାର ନିର୍ଯ୍ୟାସ, ଡିମ୍ବର ଶ୍ୱେତାଂଶ, ଡାଲି ଓ ମାଂସ ଯୁସ ବା ସୁରୁଆ ଇତ୍ୟାଦି ଏହି ଜାତୀୟ ଖାଦ୍ୟଦ୍ରବ୍ୟର ଅନ୍ତର୍ଗତ ।

ଚର୍ବିଜାତୀୟ ଖାଦ୍ୟର ମୂଳୋପାଦାନ ତିନିଗୋଟି ଯଥା; କାରବନ, ଜଳଜାନ ଏବଂ ଅମ୍ଳଜାନ । ଯେତେ ପରିମାଣରେ ଜଳଜାନ ଅମ୍ଳଜାନ ସହ ମିଶ୍ରିତ ହେଲେ ଜଳ ଉତ୍ପନ୍ନ ହୁଏ ତଦପେକ୍ଷା ଅଧିକ ଜଳଜାନ ଏହି ଜାତୀୟ ଖାଦ୍ୟରେ ପରିଦୃଷ୍ଟ ହୁଏ । ସର୍ବପ୍ରକାର ତୈଳ ଏବଂ ଦାନ୍ତବ ଚର୍ବି ଏହି ଶ୍ରେଣୀର ଅନ୍ତର୍ଗତ ।

ଆମିଲଏଡ 'ବା ମଣ୍ଡବିଶିଷ୍ଟ ଖାଦ୍ୟରେ କାରବନ୍ ଜଳଜାନ ଏବଂ ଅମ୍ଳଜାନ ଏହି ତିନି-ଗୋଟି ମୂଳ ପଦାର୍ଥ ପରିଲକ୍ଷିତ ହୁଏ । ମାତ୍ର ଏଥିରେ ଯେତେ ଜଳଜାନ ଥାଏ ତହିଁରେ ଥିବା ଅମ୍ଳଜାନ ସହିତ ମିଶ୍ରିତ ହେଲେ ଜଳ ଉତ୍ପନ୍ନ ହୋଇପାରେ; ତଦପେକ୍ଷା ଅଧିକ ଜଳଜାନ ତହିଁରେ ଦେଖାଯାଏ ନାହିଁ । ଶର୍କରା, ଆଳୁ ଓ ମୟଦାର ମଣ୍ଡ ଏବଂ ଅନ୍ୟ ଯେତେ ପ୍ରକାର ମଣ୍ଡ ଖାଦ୍ୟ ଅଛି ସମସ୍ତେ ଏହି ଶ୍ରେଣୀର ଅନ୍ତର୍ଗତ ।

ଜନ୍ତୁ ହେଉ ବା ଉଦ୍ଭିଦ ହେଉ ଯେତେ ପ୍ରକାର ସଜୀବ ପଦାର୍ଥ ପୃଥିବୀରେ ଦେଖାଯାନ୍ତି ସେହିମାନଙ୍କଠାରୁ କେବଳ ଉପରୋକ୍ତ ବିବିଧ ଖାଦ୍ୟ ମିଳିପାରେ । ଅନ୍ୟ କୌଣସି କୃତ୍ରିମ ପ୍ରକ୍ରିୟା ଦ୍ୱାରା ଉପରୋକ୍ତ ବିବିଧ ଖାଦ୍ୟ ପ୍ରସ୍ତୁତ କରାଯାଇ ପାରେ ନାହିଁ । ସେହି କାରଣରୁ ସେମାନେ 'ଜୈବିକ ଖାଦ୍ୟୋପାଦାନ' ନାମରେ ଅଭିହିତ ।

Digitized by srujanika@gmail.com

**ଚତୁର୍ଥ** ଶ୍ରେଣୀର ଖାଦ୍ୟଦ୍ରବ୍ୟ ଖନିଜ ନାମରେ ପରିଚିତ । ଏହା ଉଭୟ ସଜୀବ ଏବଂ ଖନିଜ ପଦାର୍ଥ ମାନଙ୍କରୁ ମିଳିପାରେ । ଜଳ, ଲବଣ, ମୃତ୍ତିକା ଏବଂ ଶରୀର ପୋଷଣେ ପଯୋଗୀ ଧାତୁଦ୍ରବ୍ୟମାନେ ଏହି ଶ୍ରେଣୀର ଅନ୍ତର୍ଗତ । ପ୍ରକୃତ ପକ୍ଷେ ବାୟୁରୁ ଫୁସ୍ ଫୁସ୍ ଦ୍ୱାରା ଗୃହୀତ ଅମ୍ଳଜାନ ଏହି ଶ୍ରେଣୀର ଅନ୍ତର୍ଗତ । ମାତ୍ର ଏ ରୂପେ ଗୃହୀତ ଜଳଜାନକୁ ଲୋକେ ଖାଦ୍ୟର ଅନ୍ତର୍ଗତ ବୋଲି ଗ୍ରହଣ କରନ୍ତି ନାହିଁ ।

ସ୍ଥୂଳତଃ ଦେଖିଲେ କାରବନ ବା ଅଙ୍ଗାର, ଜଳଜାନ, ଏବଂ ଅମ୍ଳଜାନ, "ଜୈବିକ ଖାଦ୍ୟୋପାଦାନ" ମାନଙ୍କ ମଧ୍ୟରୁ ଯେ କୌଣସି ପ୍ରକାର ଖାଦ୍ୟରେ ପରିଦୃଷ୍ଟ ହୁଅନ୍ତି, ମାତ୍ର ଯବକ୍ଷାରଜାନ କେବଳ ପ୍ରୋଟିଡ଼ ଖାଦ୍ୟଦ୍ରବ୍ୟରେ ମିଳେ, ଅନ୍ୟତ୍ର ମିଳେ ନାହିଁ । ଜଳ ଏବଂ ଲବଣ ପ୍ରଚୁର 'ପରିମାଣରେ ଖନିଜ ଖାଦ୍ୟମାନଙ୍କରୁ ଲବ୍ଧ ହୁଏ, ମାତ୍ର "ଜୈବିକ ଖାଦ୍ୟୋପାଦାନ" ମଧ୍ୟରେ ଏମାନଙ୍କର ଅଭାବ ନାହିଁ ଯଦିଚ ତହିଁରେ ଏମାନଙ୍କର ମାତ୍ରା ଅଳ୍ପ ଅଟେ । ମନୁଷ୍ୟ ଦେହର ରାସାୟନିକ ବିଶ୍ଳେଷଣରେ ଉପରୋକ୍ତ ଉପାଦାନମାନଙ୍କ ବ୍ୟତୀତ ଅନ୍ୟ କିଛି ଦୃଷ୍ଟିଗୋଚର ହୁଏ ନାହିଁ ।

ପୂର୍ବ ଲିଖିତ ବିବରଣରୁ ଦେଖାଯିବ ଯେ ଯବକ୍ଷାରଜାନ ପ୍ରୋଟିଡ଼ ଖାଦ୍ୟ ବ୍ୟତୀତ ଅନ୍ୟ କୌଣସି ଖାଦ୍ୟରେ ମିଳଇ ନାହିଁ । ଏହି ପଦାର୍ଥ ଶରୀରର ଏକ ପ୍ରଧାନ ଉପାଦାନ । ଏହି ହେତୁରୁ ପ୍ରୋଟିଡ଼୍ ଖାଦ୍ୟ ଗ୍ରହଣ ବିନା ମନୁଷ୍ୟ ଜୀବନ ଧାରଣ କରି ପାରିବ ନାହିଁ । ମାତ୍ର ଯେତେ ପ୍ରକାର ପ୍ରୋଟିଡ଼୍ ଖାଦ୍ୟ ଅଛି, ସମସ୍ତ ରକ୍ତରେ ପରିଣତ ହୋଇ ପାରନ୍ତି ନାହିଁ । ସୁତରାଂ ସେପରି ଖାଦ୍ୟ ଗ୍ରହଣ କଲେ ମନୁଷ୍ୟ ଶରୀରର କ୍ଷତିଭିନ୍ନ ଲାଭ ନାହିଁ । ଖାଦ୍ୟ ଦ୍ରବ୍ୟ ସବୁ ସର୍ବପ୍ରଥମେ ରକ୍ତରୂପେ ପରିଣତ ହୁଅନ୍ତି, ତଦନନ୍ତର ଶରୀରର ପୁଷ୍ଟି ସାଧନ ବା କ୍ଷତି ପୂରଣ କରନ୍ତି । ଏହି ପ୍ରସ୍ତୁତକରଣାର୍ଥ ମନୁଷ୍ୟ ଶରୀରରେ ଯେଉଁ ସୋପାନ ଯନ୍ତ୍ରସମ୍ବନ୍ଧ ସନ୍ନିବିଷ୍ଟ ରହିଅଛି, ଯଦି କୌଣସି ପ୍ରକାର ପ୍ରୋଟିଡ଼୍ ଖାଦ୍ୟ ତଦ୍ୱାରା ରକ୍ତରେ ପରିଣତ ହୋଇ ନ ପାରିବ, ତେବେ ସେ ଦ୍ରବ୍ୟ ଭୋଜନ ଅନାବଶ୍ୟକ । ପରୀକ୍ଷାଦ୍ୱାରା ଦେଖାଯାଇ ଅଛି ଯେ ଅନେକ ପ୍ରକାର ଶୁଷ୍କ କାଷ୍ଠରେ ପ୍ରଚୁର ଯବକ୍ଷାରଜାନ ଅଛି । ସୁତରାଂ ସେ ପ୍ରୋଟିଡ଼୍ ଖାଦ୍ୟାନ୍ତର୍ଗତ, ମାତ୍ର ତାହାକୁ ରକ୍ତରେ ପରିଣତ କରିବା ପାଇଁ ଶରୀରସ୍ଥ ଯନ୍ତ୍ରମାନଙ୍କର ବଳ ନାହିଁ । ସେହିହେତୁ ସେହି କାଷ୍ଠ ମାନଙ୍କର ସଂଖ୍ୟା ଅତ୍ୟଧିକ ହେଲେହେଁ ତାହାକୁ କେହି ଭକ୍ଷଣ କରି ଜୀବନ ଧାରଣ କରି ପାରିବ ନାହିଁ । ଅନ୍ୟ ବିବିଧ ଖାଦ୍ୟ ସମ୍ବନ୍ଧରେ ମଧ୍ୟ ଏହି ମନ୍ତବ୍ୟ ସତ୍ୟ ଅଟେ ।

ମନୁଷ୍ୟର ମଳ ଏବଂ ଘର୍ମଠାରୁ ଏକ ବିଶେଷ ପଦାର୍ଥ ଶରୀରରୁ ନିର୍ଗତ ହୁଏ, ତାହାର ନାମ "ଇଉରିଆ" । ଏହି ପଦାର୍ଥରେ ଯବକ୍ଷାରଜାନ ଏକ ପ୍ରଧାନ ଉପାଦାନ । ମନୁଷ୍ୟ ଇଚ୍ଛା କରୁ ବା ନକରୁ, କୌଣସି ପ୍ରକାର କାର୍ଯ୍ୟ ନ କରି ସ୍ଥିରଭାବରେ ବସି ଥାଉ, ତେବେ ହେଲେହେଁ ଜୀବନ ଥିବା ପର୍ଯ୍ୟନ୍ତ "ଇଉରିଆ" ନାମକ ପଦାର୍ଥ ଶରୀରରୁ ମୁହୁର୍ମୁହୁ ନିର୍ଗତ ହେଉଥିବ । ପ୍ରୋଟିଡ଼ ଖାଦ୍ୟ ଭିନ୍ନ ଅନ୍ୟ ଖାଦ୍ୟରେ ଯବକ୍ଷାରଜାନ ନ ଥିବାରୁ ଏହି ପ୍ରତି ମୁହୂର୍ତ୍ତରେ ଘଟୁଥିବା ଶରୀରର କ୍ଷତି ପୂରଣାର୍ଥ ଅନ୍ୟ କୌଣସି ଖାଦ୍ୟ ସମର୍ଥ ନୁହେଁ । ସେହି କାରଣରୁ ପ୍ରୋଟିଡ଼୍ ଖାଦ୍ୟ ଭିନ୍ନ ମନୁଷ୍ୟ ଅତ୍ୟଧିକ କାଳ ଜୀବନ ଧାରଣ କରି ପାରେ ନାହିଁ । ସେ "ଯବକ୍ଷାରଜନକ ଅନାହାରରେ" ଅବଶ୍ୟ ମୃତ୍ୟୁ ମୁଖରେ ପତିତ ହେବ । ସେହି କାରଣରୁ ଆମ୍ଭମାନଙ୍କର ଭାତ ସହିତ ଦୁଗ୍ଧ, ଡାଲି ବା ମାଂସର ଯୁସ୍ ଅର୍ଥାତ୍ ସୁରୁଆ ଭକ୍ଷଣ କରିବା ଏତେ ଆବଶ୍ୟକ ।

Digitized by srujanika@gmail.com

ପୂର୍ବୋକ୍ତ ବିଷୟ ମାନଙ୍କରୁ ସ୍ପଷ୍ଟ ବୋଧ ହୋଇପାରେ ଯେ ମନୁଷ୍ୟ ପ୍ରାଣିଜ ବିବିଧ ଖାଦ୍ୟ ଭୋଜନ ନ କରି ଜୀବନ ଧାରଣ କରି ପାରିବନାହିଁ। ଯଦି ଏହାକୁ ଆହାର କରା ନ ଯାଏ ତେବେ ପ୍ରତିଶ୍ରମ ନ କଲେ ସୁଦ୍ଧା ଜୀବନ ଧାରଣ କରି ପାରିବ ନାହିଁ। କାରଣ କ୍ଷୟିତ ସ୍ଥାନର କ୍ଷତି ପୂରଣ ନିମନ୍ତେ ନୂତନ ପଦାର୍ଥ ନ ମିଳିବାରୁ ମନୁଷ୍ୟ ନିଜ ଶରୀରର ଖାଦକ ହେବ। ଏହିହେତୁ କଥିତ ଅଛି ଯେ "ଭୋକିଲା ମେଣ୍ଢା" ମାଂସ ଖିଆ ବାଘ ସଙ୍ଗେ ସମାନ।

ଜଳ ଏବଂ ଲବଣସହ ପ୍ରୋଟିଡ୍ ଖାଦ୍ୟ ଗ୍ରହଣ କଲେ ଅନ୍ୟ କୌଣସି ପ୍ରକାର ଖାଦ୍ୟ ମନୁଷ୍ୟର ଆବଶ୍ୟକ ହୁଏ ନାହିଁ। ପୂର୍ବ ବୋଲି ଯାଇଅଛି ଯେ ଶରୀରର ଧ୍ୱଂସପ୍ରାପ୍ତାଂଶ ସମୁଦାୟ ଜଳ, ଅଙ୍ଗାରକାମ୍ଳ, ଆମୋନିଆ ବା ଲବଣ ଏବଂ ଇଉରିଆ ରୂପେ ଶରୀରରୁ ବହିଷ୍କୃତ ହୁଏ। ଜଳ ଏବଂ ଲବଣମିଶ୍ର ପ୍ରୋଟିଡ ଖାଦ୍ୟ ଏ ସମୁଦାୟ ପଦାର୍ଥକୁ ସ୍ୱଦେହରେ ଧାରଣ କରେ। ଅତଏବ ପ୍ରଚୁର ପ୍ରୋଟିଡ୍ ଖାଦ୍ୟ ମିଳିଲେ ଅନ୍ୟ କୌଣସି ପ୍ରକାର ଖାଦ୍ୟର ପ୍ରୟୋଜନ ନାହିଁ। ମାତ୍ର ଏହା ନିତାନ୍ତ ଭ୍ରମ-ମୂଳକ। କାରଣ ଯଦିଚ ଅନ୍ୟ ଖାଦ୍ୟ ବ୍ୟତିରେ-କେ ମନୁଷ୍ୟ ଏଥିଦ୍ୱାରା ପ୍ରାଣ ଧାରଣ କରିପାରେ ତଥାଚ ଶରୀରର ମିତବ୍ୟୟ ନିମନ୍ତେ ଏହା ଉପଯୁକ୍ତ ଖାଦ୍ୟ ନୁହେ।

ପ୍ରୋଟିଡ୍ ଖାଦ୍ୟ ମଧ୍ୟରେ ଡିମ୍ବର ଶ୍ୱେତାଂ-ଶକୁ ପ୍ରଧାନ ବୋଲି ଗ୍ରହଣ କରା ଯାଇପାରେ; ଏହାର ୧୦୦ ଅଂଶ ମଧ୍ୟରୁ ୫୩ ଅଂଶ ଅଙ୍ଗାର ବା କାରବନ ଏବଂ ୧୫ ଅଂଶ ଯବକ୍ଷାରଜାନ ଅଛି। ଯଦି କେହି ଡିମ୍ବର ଶ୍ୱେତାଂଶ ଭକ୍ଷଣ କରେ ତେବେ ସେ ୧ ଅଂଶ ଯବକ୍ଷାରଜାନ-ସହ ୩ ୧/୨ ଅଂଶ ଅଙ୍ଗାର ଭକ୍ଷଣ କରିବ। ମାତ୍ର ପରୀକ୍ଷା ଦ୍ୱାରା ଦେଖା ଯାଇଅଛି ଯେ ଜଣେ ସୁସ୍ଥକାୟ ପୂର୍ଣ୍ଣ ବୟସ୍କ ବ୍ୟକ୍ତି ଅତ୍ୟଳ୍ପ ବ୍ୟାୟାମ କଲେ ସୁଦ୍ଧା ସ୍ୱଦେହର ଭାର ଏବଂ ତାପ ସ୍ଥିର ଭାବରେ ରଖିବା ନିମିତ୍ତ ୪୦୦୦ ଗ୍ରେନ୍ ଅଙ୍ଗାର ବା କାରବନ ଏବଂ ୩୦୦ ଗ୍ରେନ ଯବକ୍ଷାରଜାନ ଆବଶ୍ୟକ କରେ ଅଥବା ସ୍ଥୂଳତଃ କହିବାକୁ ଗଲେ ସେ ଯେତେ ଅଙ୍ଗାର ଆବଶ୍ୟକ କରେ ତାହାର ୧/୧୩ ମାତ୍ର ଯବକ୍ଷାର ଜାନ ତାହାର ଆବଶ୍ୟକ। ଅତଏବ ସେ ୪୦୦୦ ଗ୍ରେନ୍ କାରବନ୍ ପୂର୍ଣ୍ଣ ମାତ୍ରାରେ ପାଇବା ନିମିତ୍ତ ୭୫୪୭ ଗ୍ରେନ୍ ଡିମ୍ବର ଶ୍ୱେତାଂଶ ଭୋଜନ କରିବ। ମାତ୍ର ଏହି ପରିମାଣର ଡିମ୍ବର ଶ୍ୱେତାଂଶରେ ୧୧୩୨ ଗ୍ରେନ୍ ବା ଯାହା ତାହାର ଆବଶ୍ୟକ ତାହାର ଚାରିଗୁଣ ଯବକ୍ଷାରଜାନ ଅଛି। ଅନ୍ୟ ପ୍ରକାରରେ କହିବାକୁ ଗଲେ ସେ ସେ ୨ ର ଚର୍ବିହୀନ ମାଂସ ଗ୍ରହଣ କଲେ ୪୦୦୦ ଗ୍ରେନ୍ କାରବନ୍ ପାଇବ ମାତ୍ର ସେ ୨ର ମାଂସ ଭୋଜନ କଲେ ସେ ତାହାର ଆବଶ୍ୟକ ୩୦୦ ଗ୍ରେନ୍ ଯବକ୍ଷାରଜାନ ପାଇଥାନ୍ତା। ସୁତରାଂ କେବଳ ପ୍ରୋଟିଡ୍ ଖାଦ୍ୟରେ ଜୀବନ ଧାରଣ କଲେ ଅନେକ ଗୁଡ଼ାଏ ଖାଇବା ଆବଶ୍ୟକ।

ଏହାଦ୍ୱାରା ଯେ କେବଳ ଶରୀରସ୍ଥ ଯନ୍ତ୍ର-ମାନଙ୍କୁ ଅନେକ ବୃଥା ପରିଶ୍ରମ କରାଇବାକୁ ହୁଏ ଏବଂ ସୁତରାଂ ବୃଥା ସମୟ ନଷ୍ଟ ହୁଏ ତାହା ନୁହେ, ମଳୋତ୍ସାରଣକାରୀ ଯନ୍ତ୍ରମାନଙ୍କୁ ମଧ୍ୟ ବୃଥା ପରିଶ୍ରାନ୍ତ କରାଇବାକୁ ହୁଏ। ସୁତରାଂ ଉଦରାମୟ ପ୍ରଭୃତି ରୋଗ ଜାତ ହୁଏ ଏବଂ ଯନ୍ତ୍ରମାନେ କ୍ରମଶଃ ଦୁର୍ବଳ ହୋଇ ପଡ଼ନ୍ତି। ଧନ ଅର୍ଜ୍ଜନରେ ଯେପରି ଅନୁତ୍ପାଦକ ପରିଶ୍ରମ ସର୍ବଦା ପରିହାର୍ଯ୍ୟ, ଶରୀର ବିଧାନରେ ମଧ୍ୟ ଉକ୍ତରୂପ ପରିଶ୍ରମ ତତୋଽଧିକ ପରିହର୍ତ୍ତବ୍ୟ।

Digitized by srujanika@gmail.com

ସାରବାନ୍ ପ୍ରୋଟିଡ୍ ଖାଦ୍ୟ ଭକ୍ଷଣ କରି ମଧ୍ୟ ମନୁଷ୍ୟ ଅନାହାରବତ୍ ପ୍ରାଣ ହରାଇ-ପାରେ । କାରଣ ଏହାକୁ ଜୀର୍ଣ୍ଣ କରିବା ଦ୍ୱାରା ଶରୀରର ଯେତେ ଲଭ ହୁଏ, ଜୀର୍ଣ୍ଣକାରୀ ଯନ୍ତ୍ରମାନଙ୍କର ବୃଥା ପରିଶ୍ରମ ଦ୍ୱାରା ତତୋଽଧିକ କ୍ଷତିହୁଏ ଏବଂ ଏହାକୁ ଜୀର୍ଣ୍ଣ କରିବାରେ ଏତେ ଅଧିକ ସମୟ ଅତିବାହିତ ହୁଏ ଯେ ଖାଦ୍ୟ ଉପଯୁକ୍ତ ସମୟରେ ରକ୍ତରୂପେ ପରିଣତ ହୋଇ କ୍ଷତ ସ୍ଥାନର କ୍ଷତି ପୂରଣ କରିପାରେ ନାହିଁ । ପରହସ୍ତଗତ ଧନରେ ଋଣଦାତା ଦରକାର ସମୟରେ ଯେପରି ନିଜର ଋଣ ପରିଶୋଧ କରି ନପାରେ ଶରୀର ମଧ୍ୟ ସେହିପରି ଉପଯୁକ୍ତ ସମୟରେ କ୍ଷତ ସ୍ଥାନର କ୍ଷତି ପୂରଣ ନିମିତ୍ତ ରକ୍ତ ପାଇ ପାରେନାହିଁ ।

ଏହି କାରଣରୁ ପ୍ରୋଟିଡ୍ ଖାଦ୍ୟସହ ଆମିଲଇଡ୍ ବା ମଣ୍ଡ ଖାଦ୍ୟ ଅଥବା ଚର୍ବି ମିଶାଇ ଖାଇବା ଉଚିତ ।

ସ୍ଥୂଳତଃ ଏକଶତାଂଶରେ ଚର୍ବିରେ ୮୦ ଏବଂ ମଣ୍ଡ ଖାଦ୍ୟରେ ୪୦ ଅଂଶ କାର୍ବନ୍ ଅଛି । ପୂର୍ବେ କଥିତ ହୋଇଅଛି ଯେ ମେଦ୍ୟର ଚର୍ବି ବିହୀନ ମାଂସରେ ଶରୀରର ଦୈନିକ କ୍ଷତି ପୂରଣ ନିମିତ୍ତ ଯଥେଷ୍ଟ ଯବକ୍ଷାରଜାନ ଅଛି ଏବଂ ତଦ୍ବ୍ୟତୀତ ୧୦୦୦ ଗ୍ରେନ୍ କାରବନ ଅଛି । ତେବେ ଦୈନିକ କ୍ଷତି ପୂରଣାର୍ଥ ଆହୁରି ୩୦୦୦ ଗ୍ରେନ୍ କାରବନ୍ ଆବଶ୍ୟକ । ପାଏ ଚର୍ବି ବା ସେ°୨ର ଶର୍କରା ଗ୍ରହଣ କଲେ ଏହି ୩୦୦୦ ଗ୍ରେନ୍ କାରବନ ମିଳିପାରେ । ଏକପାଆ ଚର୍ବି ଅପେକ୍ଷା ସେ°୨ର ଶର୍କରା ଶ୍ରେୟସ୍କର । କାରଣ ଶେଷୋକ୍ତ ପଦାର୍ଥଟି ଅତିଶୀଘ୍ର ରକ୍ତସହ ମିଶ୍ରିତ ହୁଏ । ସେ°୧ର ରୁଟି ଏବଂ ସେ°।୵ ମାଂସ ପ୍ରତ୍ୟହ ଭୋଜନ କଲେ ମଧ୍ୟ ଚଳିପାରେ ।

ସାଧାରଣ ବିଭାଗାନୁସାରେ ଖାଦ୍ୟ ପଦାର୍ଥ ସବୁ ଦୁଇ ଶ୍ରେଣୀର ଅନ୍ତର୍ଗତ ଯଥା ୧ମ, ତାପୋତ୍ପାଦକ ଖାଦ୍ୟ ଏବଂ ୨ୟ ମାଂସୋତ୍ପାଦକ ଖାଦ୍ୟ । ମଣ୍ଡଖାଦ୍ୟ ଏବଂ ଚର୍ବି ପ୍ରଥମ ଶ୍ରେଣୀର ଓ ପ୍ରୋଟିଡ୍ ଖାଦ୍ୟ ଦ୍ୱିତୀୟ ଶ୍ରେଣୀର ଅନ୍ତର୍ଗତ । ମାତ୍ର ଏପରି ବିଭାଗ ଯୁକ୍ତିସଙ୍ଗତ ନୁହେ, କାରଣ ସେମାନେ ପ୍ରଧାନତଃ ବିଭାଗାନୁଯାୟୀ ଗୁଣଯୁକ୍ତ ହେଲେହେଁ ସେମାନଙ୍କ ମଧ୍ୟରୁ କେହି କେବଳ ଏକ ଗୁଣଯୁକ୍ତ ନୁହେଁ, ଅର୍ଥାତ୍ ମାଂସୋତ୍ପାଦକ, ତାପୋତ୍ପାଦକ ଏବଂ ତାପୋତ୍ପାଦକ ମଧ୍ୟ ମାଂସୋତ୍ପାଦକ ଅଟେ ।

## ସୁଖ

ସଂସାରରେ କୌଣସିଜନ କେତେବେଳେ କେଉଁ କାର୍ଯ୍ୟ ଆରମ୍ଭ ଅବା ତ୍ୟାଗ କଲେ ନିଜ ସୁଖୋଦ୍ଦେଶ୍ୟରେହିଁ କରିଥାଏ ବୋଲି ପ୍ରାୟ ସମସ୍ତଙ୍କୁ ବିଦିତ, ଅତଏବ ସମସ୍ତଜନଙ୍କ ପ୍ରଯତ୍ନସକଳ ଦୁଃଖନିବାରଣ ଏବଂ ସୁଖ-ସମ୍ପାଦନ ନିମନ୍ତେ ବୋଲି ସ୍ପଷ୍ଟ ପ୍ରତୀୟମାନ ହେଉଅଛି । ନିତାନ୍ତ ମୂଢ଼ସୁଦ୍ଧା ଇଚ୍ଛାପୂର୍ବକ ସୁଖ ଧ୍ୱଂସକର ଦୁଃଖକୁ କିଣି ଆଣେ ନାହିଁ; ତଥାପି ନିଜ ୨ ଅଧୀନ ବିଷୟମାନଙ୍କରେ ଅନେକ ବ୍ୟକ୍ତି ଅଜ୍ଞତା କିମ୍ବା ଇନ୍ଦ୍ରିୟ ଲୋଲତା ବଶତଃ ସୁଦୂର ବିବେଚନା ନ କରି ତାତ୍କାଳିକ ସୁଖ ଲୋଭରେ ଭ୍ରାନ୍ତ ହୋଇ କାର୍ଯ୍ୟ ସମ୍ପାଦନ କରୁଥିବାରୁ ସେମାନଙ୍କୁ ସୁଖର ବିପରୀତରେ ଅନେକଶଃ ଦୁଃଖ ସଂପ୍ରାପ୍ତ ହେଉଅଛି । ତାହା ଦେଖି ବୁଦ୍ଧିମାନ ବ୍ୟକ୍ତି ନିଜେ କାର୍ଯ୍ୟାରମ୍ଭ କଲାବେଳେ କେବଳ ସଦ୍ୟଫଳକୁ ମାତ୍ର ନିହିତର ତଦ୍ଦ୍ୱାରା ସମ୍ଭବିବା ଭବିଷ୍ୟତ ଫଳା-ଫଳ ସୁଦ୍ଧା ଆଲୋଚନା କରି କର୍ତ୍ତବ୍ୟାକର୍ତ୍ତବ୍ୟ

Digitized by srujanika@gmail.com

ନଷ୍ଟପ୍ରାୟ କରିଥାନ୍ତି । ସେହି ହେତୁରୁ ସଂସାରରେ ସର୍ବସାଧାରଣରେ ଅବିବେକୀ ଅସଂଖ୍ୟ କଷ୍ଟର ପାତ୍ର ଏବଂ ସୁବିବେକୀ ସୁଖପରଂପରାର ଧାମ ହେବା ସମ୍ଭବ ହେଉଅଛି ।

ଏହି ଜଗତରେ ପଶୁଗଣହିଁ ଭବିଷ୍ୟଦ୍ ବିଷୟ ଆଲୋଚନା ନ କରି ତତ୍କାଳିକ ସୁଖଦ୍ୱାରା ତୃପ୍ତି ପାଉ ଅଛନ୍ତି, ମନୁଷ୍ୟ ଯେତେ ବୁଦ୍ଧିହୀନ ହେଲେହେଁ ଅଳ୍ପରୂପେ କିମ୍ବା ଅଧିକରୂପେ ଭବିଷ୍ୟ ସୁଖ ଆଲୋଚନା କରିଥାଏ, ଅତଏବ ମନୁଷ୍ୟ ଓ ପଶୁ ମଧ୍ୟରେ ଥିବା ଭେଦ ପ୍ରଥମେ ଭବିଷ୍ୟଦ୍ବିଷୟ ବିଚାରବିଷୟରୁ ଆରମ୍ଭ ହୁଏ । ମାନବ ଭବିଷ୍ୟଦ୍ ବିଷୟ ଯେତେ ଅଳ୍ପ ବିଚାର କରେ, ତେତେ ପଶୁତୁଲ୍ୟ ଏବଂ ଯେତେ ଅଧିକ ବିଚାର କରେ ତେତେ ଜ୍ଞାନୀ ବୋଲି ପରିଚିତ ହୁଏ । ଏହି ବାକ୍ୟଦ୍ୱାରା ଆମ୍ଭେମାନେ କରୁଥିବା କାର୍ଯ୍ୟମାନଙ୍କ ମଧ୍ୟରୁ ଅନେକ କାର୍ଯ୍ୟ ସୁଖଦାୟକ ରୂପେ ପ୍ରତୀୟମାନ ହେଲେହେଁ ତହିଁରେ ସୁଦ୍ଧା ସୁଖର ତାରତମ୍ୟ ବିଚାର କରିବା ଆବଶ୍ୟକ ବୋଧ ହେଉଅଛି । ଅମ୍ଭମାନଙ୍କୁ ପ୍ରାପ୍ତ ହେଉଥିବା ସକଳ ସୁଖ ଦ୍ୱିବିଧ; ଯଥା— ଶରୀରସୁଖ ଓ ଆତ୍ମସୁଖ; ବାହ୍ୟେନ୍ଦ୍ରିୟ ଗଣର ତୃପ୍ତି ସାଧନଦ୍ୱାରା ଜାତ ହେବା ସୁଖ ଶରୀରସୁଖ ଏବଂ ନୀତିମାର୍ଗରେ ପ୍ରବର୍ତ୍ତନ ଓ ଭଗବଦ୍ଭକ୍ତି ପ୍ରଭୃତି ଦ୍ୱାରା ଜାତହେବା ସୁଖ ଆତ୍ମସୁଖ । ଏହି ଉଭୟ ସୁଖ ମଧ୍ୟରୁ ଶରୀର ସୁଖ ଅପେକ୍ଷା ଆତ୍ମସୁଖ ଉତ୍କୃଷ୍ଟ ବୋଲି ଅଳ୍ପଜ୍ଞଲୋକେ ସୁଦ୍ଧା ଏକବାକ୍ୟରେ ସ୍ୱୀକାର କରିବେ । ଶରୀରସୁଖ ଅମ୍ଭମାନଙ୍କର ଓ ପଶୁଗଣର ସମାନ, କିନ୍ତୁ ଏକ ଆତ୍ମସୁଖ ଅମ୍ଭମାନଙ୍କଠାରେ ଅଧିକ ରୂପେ ବିଦ୍ୟମାନ । ଇନ୍ଦ୍ରିୟସୁଖ ଅମ୍ଭମାନଙ୍କର ଓ ପଶୁଗଣର ସମାନ ହୋଇଥିବାରୁ ତାହା ଯେତେ ଅଧିକ ପରିମାଣରେ ଅନୁଭବ କଲେ ସୁଦ୍ଧା ତଦ୍ଦ୍ୱାରା ଆମ୍ଭମାନଙ୍କର ପଶୁମାନଙ୍କ ଅପେକ୍ଷା କୌଣସି ଶ୍ରେଷ୍ଠତ୍ୱ ଲବ୍ଧ ହେବ ନାହିଁ; ଅଧିକନ୍ତୁ ଇନ୍ଦ୍ରିୟସୁଖର ଅନୁକୂଳ ପଦାର୍ଥ ସମ୍ପାଦନ କରିବା ଦ୍ୱାରା ଏବଂ ତାହାକୁ ଉପଭୋଗ କରିବାଦ୍ୱାରା ପୁଣି ସୀମାତିକ୍ରମଣପୂର୍ବକ ଅନୁଭବ କରିବାରୁ ଜାତହେବା ରୋଗାଦିଦ୍ୱାରା ପଶୁଗଣର ଅଜ୍ଞାତ ଅନେକ କଷ୍ଟ ଅମ୍ଭମାନଙ୍କୁ ସଂପ୍ରାପ୍ତ ହେଉଅଛି । ଅତଏବ ଯେଉଁମାନେ କେବଳ ଇନ୍ଦ୍ରିୟସୁଖରେ ମଗ୍ନହୋଇ ଆତ୍ମସୁଖ ବିସ୍ମୃତ ହୁଅନ୍ତି, ସେମାନେ ପଶୁତୁଲ୍ୟ ଅଥବା ତଦପେକ୍ଷା ହୀନ ଅଟନ୍ତି । ଇନ୍ଦ୍ରିୟସୁଖପରାୟଣ ଜନମାନଙ୍କପରି ଭୋଜନନିମନ୍ତେ ବିବିଧ କଷ୍ଟ ସ୍ୱୀକାର କରିବା ପଶୁଗଣର ଆବଶ୍ୟକ ନାହିଁ; ସେମାନଙ୍କ ପରି ପଶୁଗଣ କଦାପି ଅପରିମିତ ମାଦକଦ୍ରବ୍ୟ ସେବନ କରି ଦେହଜ୍ଞାନଶୂନ୍ୟ ହୋଇ ପଡନ୍ତି ନାହିଁ ଏବଂ ଅତି ସମ୍ଭୋଗବଶତଃ ନାନାବିଧ ଭୟଙ୍କର ବ୍ୟାଧିଗ୍ରସ୍ତ ହୋଇ ବାଧାପ୍ରାପ୍ତ ହୁଅନ୍ତି ନାହିଁ । ଅତଏବ ଅମ୍ଭମାନଙ୍କର ଆଧିକ୍ୟ ସକଳ ଆତ୍ମସୁଖାନୁଭବରେହିଁ ନିହିତ ଅଛି, ଅମ୍ଭେମାନେ ଯେଉଁ ପରିମାଣରେ ଆତ୍ମସୁଖ ନିମନ୍ତେ ପ୍ରଯତ୍ନ କରି ତାହା ଲଭି ପାରିବା ବିବେକିଗଣ ମଧ୍ୟରେ ସେହି ପରିମାଣରେ ଅଗ୍ରଗଣ୍ୟ ହେବା । ଆତ୍ମା ନିତ୍ୟ ଏବଂ ଦେହ ଅନିତ୍ୟ ହୋଇଥିବାରୁ ସ୍ୱଭାବବଶତଃ ଆତ୍ମସୁଖ ସ୍ଥିର ଓ ଶରୀରସୁଖ ଅସ୍ଥିର ବୋଲି ନିର୍ଣ୍ଣୀତ ହେଉଅଛି ।

ଅଧିକ ସୁଖ ନିମନ୍ତେ ଅଳ୍ପସୁଖ ତ୍ୟାଗକରିବା ବୁଦ୍ଧିମାନ ବ୍ୟକ୍ତିର ଲକ୍ଷଣ; ଅତଏବ ଦୂରଦର୍ଶୀ ଜନର ଆତ୍ମସୁଖ ଭଗ୍ନ ନ ହେବା ପର୍ଯ୍ୟନ୍ତ ଇନ୍ଦ୍ରିୟସୁଖାନୁଭବ କରିବା ଲାଗି ଚେଷ୍ଟା କରିବା ବିଧେୟ । ଆତ୍ମସୁଖର ଭଙ୍ଗ ସମ୍ଭବ ବୋଲି ବୋଧ ହେଲେ ଶରୀର ସୁଖ ଯେତେ ଅଧିକ ହେଲେ ସୁଦ୍ଧା ତାହା ତ୍ୟାଗ କରିବା ଆବଶ୍ୟକ, ଏହି ଶରୀର ସୁଖ ଓ ଆତ୍ମସୁଖ ମଧ୍ୟରେ ତାରତମ୍ୟ ଥିଲାପରି ବିଭିନ୍ନ ଶରୀରସୁଖ ମଧ୍ୟରେ ଓ

Digitized by srujanika@gmail.com

ବିଭିନ୍ନ ଆତ୍ମସୁଖ ମଧ୍ୟରେ ସୁଦ୍ଧା ତାରତମ୍ୟ ଅଛି, ସେହି ହେତୁରୁ ବିବେକୀଜନ ଅଧିକ ଶରୀର-ସୁଖ ଅପେକ୍ଷାରେ ଅଳ୍ପଶରୀର ସୁଖ ପରିତ୍ୟାଗ କରି କିୟତ୍ପରିମାଣରେ ତତ୍କାଳିକ କଷ୍ଟସୁଦ୍ଧା ସହନ୍ତି । ଆମ୍ଭେମାନେ କେତେକ ସମୟରେ ରସନାରୁଚିକର ସୁମଧୁର ଭୋଜ୍ୟପଦାର୍ଥ ତ୍ୟାଗକରି କାଳକୂଟ ସମାନ ତିକ୍ତୌଷଧକୁ ଚକ୍ଷୁବୁଜି ଗଳାଧଃକରଣ କରିଥାଉଁ; ଅଧିକ ସୁଖବାଞ୍ଛା ବିନା ଏଥିରେ ଅତ୍ୟନ୍ତ କାରଣ ଆଉ କଣ ଅଛି ? ଏତାଦୃଶ କଷ୍ଟ ସ୍ୱୀକାର ତତ୍କାଳରେ ସୁଖପ୍ରଦ ନୋହିଲେ ସୁଦ୍ଧା ଭବିଷ୍ୟତରେ ଚିର ସୁଖ ଅନୁଭବ କରିପାରିବା ଏହି ଆଶାରୁ ନୁହେଁକି ? ଚିରକାଳ ଆହାର ଓ ନିଦ୍ରାପ୍ରତି ଲକ୍ଷ୍ୟ ନ କରି ଶିକ୍ଷକ ଭର୍ତ୍ସନା ଓ ତାଡନା କଲେ ସୁଦ୍ଧା ସହନ-ପୂର୍ବକ ବିଦ୍ୟାଳୟରେ ବିଦ୍ୟାଭ୍ୟାସ କରି ଯେଉଁ କଷ୍ଟ ପରିମିତ ସ୍ୱୀକାର କରାଯାଏ, ତାହା ତଦପେକ୍ଷା ଭବିଷ୍ୟତରେ ଅଧିକ ସୁଫଳ ଲାଭର କାମନାରୁ ନୁହେଁ କି ? କେବଳ ଅଳ୍ପ ଭାବିକରି ଦେଖିଲେ ଆମ୍ଭେମାନେ ସୁଖପ୍ରଦ ବୋଲି ବୋଧ କରୁଥିବା ବିଷୟମାନଙ୍କ ମଧ୍ୟରୁ କେତେକ ଇହ ଓ ପର ଉଭୟ ଲୋକରେ ସୁଖଦିଏ ଏବଂ କେତେକ ଇହଲୋକରେ ମାତ୍ର ସୁଖଦିଏ ପୁଣି କେତେକ ତତ୍କାଳରେ ସୁଖପ୍ରଦ ରୂପେ ପ୍ରତୀୟମାନ ହୋଇ ପରିଶେଷରେ ଦୁଃଖ-ରୂପେ ପରିଣତ ହୁଏ । ଏଥିରେ ସତ୍ୟ ପ୍ରଭୃତି ପ୍ରଥମଶ୍ରେଣୀଭୁକ୍ତ ଏବଂ ଆହାରାଦି ଦ୍ୱିତୀୟ-ଶ୍ରେଣୀଭୁକ୍ତ ପୁଣି ବ୍ୟଭିଚାରାଦି ଅନ୍ତିମଶ୍ରେଣୀଭୁକ୍ତ । ଦୁଃଖପ୍ରଦ ବିଷୟମାନଙ୍କ ମଧ୍ୟରୁ ସୁଦ୍ଧା କେତେକ ସଦ୍ୟଫଳଦ ଏବଂ କେତେକ ତତ୍କାଳରେ ଜଣା ନ ଯାଇ ଅଭ୍ୟନ୍ତରରେ କାର୍ଯ୍ୟ କରି ୨ ଦୀର୍ଘକାଳାନନ୍ତର ଫଳଦ ହୁଏ । ଗନ୍ଧକଦ୍ରବ୍ୟ ପାନକଲେ ତତ୍କ୍ଷଣାତ ଆସ୍ୟ ମଧ୍ୟରେ ଜ୍ୱାଳା ଓ ତାପ ଜାତହୋଇ ସଦ୍ୟଫଳ ପ୍ରାପ୍ତ ଏବଂ କଳୁଷିତ ଜଳପାନ କଲେ ତତ୍କାଳରେ କିଛି ଜଣା ଯାଏନାହିଁ, ମାତ୍ର ତାହା କ୍ରମଶଃ କାର୍ଯ୍ୟ କରି ୨ ସମୟରେ ବ୍ୟାଧିଜାତ କରାଇ ଦୀର୍ଘକାଳ ପରେ ଫଳଦିଏ । ତତ୍କାଳରେ ଫଳଲାଭ ହେଉ ବା ନହେଉ କୌଣସି ଏକ କାର୍ଯ୍ୟ କଲାବେଳେ ସୁଦୂର ଆଲୋଚନା କରି ତାହା ଯଦି କଦାଚିତ କୌଣସି କ୍ଷତିଜନକ ନୋହିବାଭଳି ସତ୍କାର୍ଯ୍ୟ ହୋଇଥାଏ, ତେବେ ଆରମ୍ଭ କରିବା ବୁଦ୍ଧି-ମାନ ବ୍ୟକ୍ତିର କାର୍ଯ୍ୟ ।

ଏହି ଉଲ୍ଲିଖିତ ସୁଖମାନଙ୍କ ମଧ୍ୟରୁ ଇହ ଓ ପରଲୋକରେ ଜାତହେବା ସୁଖ ଉତ୍ତମ ଏବଂ ଇହଲୋକରେ ମାତ୍ର ଜାତହେବା ସୁଖ ମଧ୍ୟମ । ପୁଣି କେବଳ ତତ୍କାଳରେ ମାତ୍ର ଜାତହେବା ସୁଖ ଅଧମ । ଏତନ୍ମଧ୍ୟରୁ ଉତ୍ତମ ସୁଖ ନିମନ୍ତେ ମଧ୍ୟମ ସୁଖ ଏବଂ ମଧ୍ୟମ ସୁଖ ନିମନ୍ତେ ଅଧମ ସୁଖ ତ୍ୟାଗ କରିବା ଆବଶ୍ୟକ । ଯେଉଁସୁଖ ଇହଲୋକରେ ଆତ୍ମସୁଖକୁ ଉଲ୍ଲଙ୍ଘନକରି ପର-ଲୋକରେ ସୁଦ୍ଧା ପ୍ରାପ୍ତ ହୁଏ ତାହାହିଁ ଶାଶ୍ୱତ କିମ୍ବା ମୋକ୍ଷ ସୁଖ । ଅତଏବ ମହାତ୍ମାବୃନ୍ଦ ସେହି ଏକ ପରମାର୍ଥିକ ସୁଖକୁ ମାନସ ମଧ୍ୟରେ ସ୍ଥାନ ଦେଇ ତାହା ନିମନ୍ତେ ଅନ୍ୟାନ୍ୟ ସମସ୍ତ ସୁଖକୁ ତୃଣ ପ୍ରାୟ ତ୍ୟାଗକରି ବିଷୟ ସୁଖ-ମାନଙ୍କରେ ନିତାନ୍ତ ନିସ୍ପୃହ ହୁଅନ୍ତି । ଅବିବେକ-ଜନ ପଶୁବତ ଭବିଷ୍ୟଦ୍ ଚିନ୍ତାର ଲେଶମାତ୍ର ନକରି ମଦ୍ୟାଦିମାଦକଦ୍ରବ୍ୟ ସେବନ, ବ୍ୟଭି-ଚାର ଓ ଦ୍ୟୂତ ପ୍ରଭୃତି ତତ୍କାଳିକ ସୁଖରେ ମୁଗ୍ଧ ହୁଅନ୍ତି ଏବଂ ତଦ୍ଦ୍ୱାରା ନିଜ ଆତ୍ମାକୁ କଳୁଷିତ ଓ ଅଜ୍ଞାନାନ୍ଧକୂପରେ ନିକ୍ଷିପ୍ତ କରି କ୍ରମଶଃ ନାନାବିଧ କଷ୍ଟ ଭୋଗ କରନ୍ତି ।

ଅତଏବ ଭୂତଦୟା, ଶାନ୍ତି ଓ ସତ୍ୟପ୍ରଭୃତି ଗୁଣଗଣଙ୍କୁ ଅବଲମ୍ବନ କରି ସହସ୍ର ୨ ଐହିକ କଷ୍ଟ ଆପତିତ ହେଲେହେଁ ନିର୍ମଳ ନୀତି ପଥରୁ ଏକପଦ ସୁଦ୍ଧା ବହିର୍ଗତ ନ ହୋଇ ଜଗତ୍ପିତା

Digitized by srujanika@gmail.com

ଜଗଦୀଶ୍ୱରଙ୍କଠାରେ ସନ୍ନିକଟତ୍ୱ ପ୍ରକାଶ ପୂର୍ବକ ସର୍ବଦା ଆତ୍ମସୁଖସାଗରରେ ଭାସମାନ ହେବା-ଲାଗି କାୟମନୋବାକ୍ୟରେ ଚେଷ୍ଟାକରିବା ମାନବଗଣର ପରମାବଶ୍ୟକ ।

ଶ୍ରୀ ସଦାଶିବ ବିଦ୍ୟାଭୂଷଣ ।

---

## ଚିଲିକା

ଉତ୍କଳ ଭୂଖଣ୍ଡ ସୌନ୍ଦର୍ଯ୍ୟ-ଭଣ୍ଡାର,
ସୁନୀଳ ଚିଲିକା ସୃଷ୍ଟି ଅଦ୍ଭୁତ,
କେ ଅଛି ଜଗତେ ତୋର ଦରଶନେ,
ମାନସ ଯାହାର ନୋହିବ ହୃତ ।

---

ସୁଗମ୍ଭୀର ତୋର ଜଳ ବିସ୍ତାର,
ସଞ୍ଚାରେ ମାନସେ ଭକ୍ତି ଅକ୍ଷୟ,
ତୋ ନୀଳ ଶରୀର ନୀଳାକାଶେ ମିଶି
ଉର୍ଦ୍ଧ୍ୱାଧ କରୁଛି ନୀଳିମାମୟ ।

---

ତୋ ସଙ୍ଗେ ସୁନୀଳ ଶୈଳେଶ ଶିଖର,
ଢାଳି ଦେଉଛନ୍ତି ଶୋଭା-ସମ୍ପଦ,
ଟେକିଣ ମସ୍ତକ ସୁଦୂର ଆକାଶେ,
ଚିଲିକା ସଲିଳେ ଧୋଇଣ ପଦ ।

---

କଟିଆ ସୋଦରେ ସ୍ନେହ ହେତୁ ଦୁହେଁ
ଉଲ୍ଲାସେ ଦେଇଣ ମଧ୍ୟ ଆସନ,
ନୀଳଗିରିମାନେ ଶୋଭିତ ଅଛନ୍ତି,
ପଶ୍ଚିମ ଚିଲିକା ତଟ ଶୋଭନ ।

---

ଦେବୀ ଅଧିଷ୍ଠାନ କାଳିଜାଇ ଗିରି
ସୁଗଭୀର ଜଳେ କରିଛି ସ୍ଥିତି,
ସ୍ୱମୁଖ ଦେଖୁଛି ହ୍ରଦଦର୍ପଣେ,
ନାବିକମାନଙ୍କ ହରୁଛି ଭୀତି ।

---

ଅଦୂରେ ଭାସୁଛି ଗଭୀର ସଲିଳେ,
ବିହଗ ଆବାସ ଚଢ଼େଇଗୁହା,
ଯହିଁ ନିବସନ୍ତି ନିର୍ଭୟେ ଅସଂଖ୍ୟ,
ସାରସ, କପୋତ, ଶାରିକା, ଶୁଆ ।

---

ଯୂଥ ଯୂଥ ହୋଇ ମରାଳ ଧବଳ,
ଭାସୁଛନ୍ତି ନୀଳ ଚିଲିକାଜଳେ,
ଅପୂର୍ବ ଶୋଭାକୁ ପ୍ରକଟୁ ଅଛନ୍ତି
ଉପମା ଯାହାର ନାହିଁ ଭୂତଳେ ।

---

କେଉଁଠାରେ ଅବା ସଂଖ୍ୟାତୀତ ବକ,
ଶ୍ରେଣୀବଦ୍ଧ ହୋଇ ଅତି ସୁନ୍ଦର,
ଉଡ଼ି ଯାଉଛନ୍ତି ଚିଲିକା ଆକାଶେ,
ମଧୁର କାକଳି ଶୁଭେ ତାଙ୍କର ।

---

ନୀଳାମ୍ବୁ ବିସ୍ତୀର୍ଣ୍ଣ, ସୁନୀଳ ଆକାଶ
ଅଭ୍ରଭେଦୀ ନୀଳଗିରିମାଳିକା,
ସମାବେଶ ଅଛି ଯହିଁ ତିନିଙ୍କର,
ସେହି ଏ ଅଦ୍ଭୁତ ସୃଷ୍ଟି ଚିଲିକା ।

---

ନୟନ ମେଲିଣ ଦେଖିଲି ଯେ କାଳେ
ଅତୁଳନୀୟ ସେ ଶୋଭାସଦନ,
ଚିତ୍ରାର୍ପିତ ପ୍ରାୟ ରହିଲି ଚକିତ,
ନିଃସରିଲ ନାହିଁ ମୋ କ୍ଷୀଣ ବଚନ ।

---

କବି ହୋଇଥିଲେ ମେଣ୍ଟାଇ ଥାଆନ୍ତି,
ପ୍ରାଣର ନିଗୂଢ଼ ଆଶା ମୋହର
ଯେ ଦିବ୍ୟ ଶୋଭାକୁ ଚିତ୍ରି ନାନା ବର୍ଣ୍ଣେ,
ପ୍ରକଟି ତାହାର ବେଶ ସୁନ୍ଦର ।

---

Digitized by srujanika@gmail.com

ମାତ୍ର ମୁହିଁ ହୀନ ଅତି ଅଭାଜନ,
ସଂସାର ସେବାରେ ଅସ୍ଥିର ପ୍ରାଣ,
ହକଅଛି ମୋର ଜୀବନ ସର୍ବସ୍ୱ
ନାହିଁ ଏ ଜୀବନ ଏଥିରୁ ତ୍ରାଣ ।

———

ସୁକୁମାର ଭାବ ନ ଆସେ ମୋ ହୃଦେ,
ପାଷାଣ ସମାନ କଠିନ ମନେ,
ଫୁଟେ ସିନା ପଦ୍ମ ସରସୀ ଜଳରେ
ଫୁଟଇ କି ସେହି କଣ୍ଟକବନେ ।

———

ରାୟ ରାଧାନାଥ କବି ବାହାଦୁର,
ପଶିଥିଲେ ତୋର ଶୋଭା ଆକରେ,
କାଢ଼ି ନେଇଥିଲୁ ତାଙ୍କ ମନ ପ୍ରାଣ,
ନଥିଲେ ସେ ଆଜ ତାଙ୍କ ମଧ୍ୟରେ ।

———

ଅମର ଭାଷାରେ କବି ଚୂଡ଼ାମଣି,
ବର୍ଣ୍ଣିଛନ୍ତି ତୋର ବେଶ ସୁନ୍ଦର,
ଗାଇଣ ସେ ଗୀତ ଦୁଃଖ ପାଶୋରନ୍ତି,
ସ୍ୱର୍ଗ ସଂସାରର ଅମର ନର ।

———

ତୋ ଶୋଭା-ବିଭୋଳ ରାୟ କବିବର,
ପାଞ୍ଚୁଥିଲେ ବନେ ଏକାନ୍ତ ମନେ,
ସଂସାର ଭୋଗକୁ ତୁଚ୍ଛ କରି ସେହୁ,
ଯାପିବେ ଜୀବନ ଜାମ୍ବୁ※ ଚରଣେ ।

———

ଧନ୍ୟ ଧନ୍ୟ ତୋର ଶୋଭା ସମ୍ପଦକୁ,
ଧନ୍ୟରେ ଚିଲିକା ମୋ ପ୍ରାଣଧନ,
କି କହିବି ତୋର ଐଶ୍ୱର୍ଯ୍ୟର କଥା,
ଲଗି ଯେ ରହିଲା ତୋଠାରେ ମନ ।

———

ରାୟ କବି ମୁଖେ ଶୁଣି ତୋର କଥା,
ଆସିଥିଲି ତୋର ଦର୍ଶନ ପାଇଁ,
ଦେଖାଇ ତୋହର,
କିଣି ନେଲୁ ଦାସେ ସହଜେ ପାଇ ।

———

ଧନ୍ୟ ଧନ୍ୟ ସେହି ବିଶ୍ୱ ବିଧାତାଙ୍କୁ,
ଚିଲିକା ଯା ଯଶଃ କରେ କୀର୍ତ୍ତନ,
ଯାହାଙ୍କ ବିଧାନେ ଧରି ଅପରୂପ,
ମୁଗ୍ଧ ସେ କରୁଛି ସର୍ବଭୁବନ ।

———

ଶ୍ରୀ ରମାନାଥ ଦାସ
ବାରବାଟି, ବାଲେଶ୍ୱର

———

## ଛ ମାଣ ଆଠଗୁଣ୍ଠ

———

ବୁଢ଼ୀ ମଙ୍ଗଳା ।
ଯା ଦେବୀ ବୃକ୍ଷମୂଳେଷୁ
ଶିଳାରୂପେଣ ସଂସ୍ଥିତା
"ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ
ନମୋ ନମଃ ।"
+ + +
ମୃତ୍ତିକାଶ୍ୱଗଜାରୂଢ଼ା
ବନ୍ଧ୍ୟାସ୍ତ୍ରୀଃ ପୁତ୍ରଦାୟିନୀ
ବାଡ଼ୀ ସଂହାରଣୀ ଦେବୀ
ନାରାୟଣୀ ନମୋସ୍ତୁତେ ।

ଅସୁଉ ଘାଟିର ପଶ୍ଚିମ କୋଣ ଗାଁଭିତରୁ ମାଡ଼ିକୁ ଯିବା ବାଟର ଡାହାଣ ହାତ ପାଖରେ ଗୋଟାଏ ଭାରି ବରଗଛ ଅଛି, ଗଛମୂଳରେ ଚିହ୍ନ ନାହିଁ, କୋଡ଼ିଏ ପଚିଶ ଗୋଟା ଓର ପଡ଼ ଡାଳଗୁଡ଼ିକ ପରସ୍ପର ଛନ୍ଦାଛନ୍ଦି ହୋଇ ଗଛଟି ପ୍ରାୟ ବାର-

※ ଜାମ୍ବୁ—ଜଟିଆ ପର୍ବତର ଅନ୍ୟ ନାମ ।

Digitized by srujanika@gmail.com

ତେଇର ଗୁଣ୍ଠ ଜମି ମାଡ଼ି ବସିଅଛି । ସାନ ସାନ ଡାଳ ଓ ପତ୍ରଗୁଡ଼ିକ ଏପରି ନିବିଡ଼ ହୋଇଅଛି ଯେ ଖରା ତେଜ ମୂଳକୁ ବାଜେନାହିଁ । ଗଛଟି ବହୁକାଳର । ପୁରୁଖା ପୁରୁଖା ଲୋକମାନେ କହନ୍ତି, ଏଟି ସତ୍ୟଯୁଗର ଠାକୁରାଣୀ ଗଛ । ସେମାନେ ପିଲାକାଳରୁ ଦେଖି ଆସୁଅଛନ୍ତି । ଏହା ବଢ଼ିବାକୁ କି ଛୁଡ଼ିବାକୁ ନାହିଁ । ଗଲା ସାତଅଙ୍କ ଭୁଲମାସ ଉଆଁଶ ଦିନ ଘୋର ଏକ ତୋଫାନ ହୋଇଥିଲା, ଗାଆଁର ସମସ୍ତ ସଜନା, ଶବ ଏବଂ କଦଳୀଗଛ ପ୍ରଭୃତି ଉପୁଡ଼ିଗଲା, ଏ ଗଛରୁ ଗୋଟିଏ ପତ୍ରର ମଧ୍ୟ ଝଡ଼ିଲା ନାହିଁ । ଠାକୁରାଣୀ ମହିମା ।

ମଝିରେ ସୁରଗୋଟି ଓର ଗଛପରି ଛୁଡ଼ା ହୋଇଅଛି, ତାହା ମୂଳରେ ଗ୍ରାମଦେବତୀ ଅବସ୍ଥାନ । ଠାକୁରାଣୀଙ୍କ ନାମ ବୁଢ଼ୀମଙ୍ଗଳା । ମଙ୍ଗଳାଙ୍କର ଅଢ଼େଇମାଣ ଦେବୋତ୍ତର ଜମି ଅଛି । ବାରଗୁଣ୍ଠ ଆଠଖଣ୍ଡା ବଟେ ଆସ୍ଥାନ-ତଳ, ବାକି ଦୁଇମାଣ ଜଳଜମି ଦେଉରି ଭୋଗ କରେ ଓ ଠାକୁରାଣୀଙ୍କୁ ପୂଜାକରେ । ଗ୍ରାମରେ ବିଶେଷରେ ମାଇକିନିଆମାନଙ୍କ ମଧ୍ୟରେ ଦେଉରିର ଭାରି ମହିମା । ଠାକୁରାଣୀ ସ୍ୱପ୍ନରେ ଦେଉରିକୁ ଦେଖାଦିଅନ୍ତି, ସବୁକଥା କହନ୍ତି । କାହାର ବାଡରେ କଦଳୀଟାଏ, ବାଇଗଣଟାଏ, କଖାରୁଟାଏ, ଫଳିଲେ ଆଗ-ଫଳଟା ଠାକୁରାଣୀଙ୍କୁ ନଦେଇ ସେ ଖାଏନାହିଁ ।

ମଣ୍ଡପଟି ପକାର ତିଆରି । ମଝିରେ ଠାକୁରାଣୀଙ୍କର ନିଜମୂର୍ତ୍ତି । ମୂର୍ତ୍ତିଟି ଖୁବ୍ ବଡ଼, ଓଜନରେ ଦଶପସୁରିରୁ ଊଣା ହେବ ନାହିଁ, ଦୁଇ ସୁରଟା ହଳଦିବଟା ଶିଳ ମିଶିଲେ ଯେତେ-ବଡ଼, ତହିଁରୁ ବଳିପଡ଼ିବ । ଗୋଟାଯାକ ସୁର-ଅଙ୍ଗୁଳ ବହଳ ସିନ୍ଦୁର ବୋଳା । ବଡ଼ ଠାକୁରାଣୀଙ୍କୁ ଘୋଡ଼ି ଆଉ ସୁରଗୋଟି ସାନମୂର୍ତ୍ତି ଅଛନ୍ତି । ମଣ୍ଡପ ଡାହାଣ ପାଖରେ କିଛି ଦୂରରେ ଭଙ୍ଗା, ଦଦରା ଦଉ ମାଟିର ହାତୀ, ଘୋଡ଼ା; ପଣେକ ଦୁଇପଣ ଜମା ହୋଇଅଛି । ଠାକୁରାଣୀଙ୍କୁ ମାଟିର ହାତୀ ବା ଘୋଡ଼ା ଚଢ଼ି-ବାକୁ ଦେଲେ ପିଲାମାନଙ୍କର ପୀଡ଼ା ଛାଡ଼ିଯାଏ— ବଡ଼ ବଡ଼ ଲୋକଙ୍କର ପୀଡ଼ା ଛାଡ଼ିବାର ମଧ୍ୟ ଦେଖା ଓ ଶୁଣାଅଛି । ଏଥି ସକାଶେ ଠାକୁ-ରାଣୀଙ୍କ ପାଗା କେବେହେ ଖାଲି ଥାଏନାହିଁ । ଦେବୀଙ୍କର ପୂଜା ପ୍ରତିଦିନ ହୁଏନାହିଁ । ଶୁଖିଲା ପତ୍ର ଆଉ ଅଳଆରେ ଢାଙ୍କିହୋଇ ଥାଆନ୍ତି । ବିଭା, ପୁଆଣିଘର, କାହାର ପୁଅଝିଅର ବେମାର ହେଲେ କିମ୍ବା କାହାର ମାନସିକ ଥିଲେ ପୂଜା ହୁଏ । ଗାଆଁରେ ବାଡ଼ି ପଡ଼ିଲେ ପୂଜାର ଧୁମ ଲାଗିଯାଏ । କେରଣିମାନଙ୍କ ପରି ମାସକୁ ମାସ ଠାକୁରାଣୀଙ୍କର ଆୟ ନାହିଁ—ବିପଦ ପଡ଼ିଲେ ଡାକ୍ତର ଆଉ ଓକିଲଙ୍କ ଦୁଆର ପରି ଠାକୁ-ରାଣୀଙ୍କ ଅସ୍ଥାନ ଜମକି ଉଠେ, ଗ୍ରାମର ଲୋକଙ୍କ ଭେଦା ପଇସାରେ ପୂଜାଖର୍ଚ୍ଚ ଚଳେ । ଠାକୁରାଣୀ ଭାରି ପ୍ରତ୍ୟକ୍ଷ ଦେବତା, ଏହାଙ୍କ ଅନୁଗ୍ରହରୁ ଗ୍ରାମରେ ଆପଦ ବିପଦ ଘଟେ ନାହିଁ । କେବେ କେବେ ମାଉସୀ ବୁଢ଼ୀ ପ୍ରବଳ ହୋଇ ଗ୍ରାମରେ ପଶିଯାଏ, ମାତ୍ର ଭଲକରି ପୂଜା ଦେଲେ ଶଏ ପଞ୍ଚାଶ ଜଣରୁ ବେଶି ନେଇ ପାରେ ନାହିଁ, ଛାଡ଼ି ପଳାଏ ।

ଆପଣ ସଭ୍ୟ ପାଠକ, ଏକଥା ଶୁଣି ହସିବେ, ବିଜ୍ଞାନ ଶାସ୍ତ୍ର ଯୋଖିଦେଇ କହିବେ, ରୋଗ ହେଲେ ଔଷଧ ଖାଅ, ଠାକୁରାଣୀ ପୂଜା କଅଣ ? ଆଚ୍ଛା ଆମ୍ଭେମାନେ ପଚାରୁଁ ବଙ୍ଗଳା ଏପିଡେମିକ ଫିଭର ଓ ବୋମ୍ବେ ପ୍ଲେଗରେ କେତେ କେତେ ଡାକ୍ତର ଝୁଙ୍କି ଥିଲେ, କଣ କଲେ ? ଆପଣ କି ସେହି ଡାକ୍ତର ମାନଙ୍କର ଅର୍ଦ୍ଧଚନ୍ଦ୍ର ବ୍ୟବସ୍ଥା କରିବେ ? ଠାକୁରାଣୀଙ୍କର ବିଶେଷ ମହିମା; ବନ୍ଧ୍ୟାଙ୍କୁ ପୁତ୍ରବତୀ କରନ୍ତି । ମାଇକିନିଆମାନଙ୍କଠାରୁ ବିଶେଷ ପୂଜା-

Digitized by srujanika@gmail.com

ପାଇବାର ଏହା ଗୋଟିଏ ବିଶେଷ କାରଣ ଅଟେ । କେଉଁ କେଉଁ ବା କେତେଜଣ ବନ୍ଧ୍ୟା ଦେବୀଙ୍କ ବରରୁ ପୁତ୍ରଲାଭ କରିଅଛନ୍ତି ସେଥିର ବିଶେଷ ତାଲିକା ଦେଇ ପାରିବୁ ନାହିଁ, ମାତ୍ର ଆମ୍ଭେମାନେ ନିର୍ମାଲ୍ୟ ଛୁଇଁ କହିପାରୁଁ, ଗ୍ରାମରେ ଯେଉଁ ସ୍ତ୍ରୀମାନେ ସନ୍ତାନବତୀ ହୋଇଅଛନ୍ତି, ପ୍ରଥମ ବିବାହ ସମୟରେ ସେମାନେ ବନ୍ଧ୍ୟା ଥିଲେ । ପୂର୍ବେ ବୋଲି ଅଛୁଁ ଘରକୁ ଯିବାପାଇଁ ଠାକୁରାଣୀଙ୍କ ଆଗରେ ଗୋଟିଏ ବାଟ ଅଛି । ଗ୍ରାମର ମାଇକିନିଆମାନେ ସେହିବାଟେ ଯିବା ଆସିବା କରନ୍ତି । ଗୋଟିଏ ସ୍ତ୍ରୀ-ବୟସ ଅଦାଜ ତିରିଶ ହେବ—ପ୍ରତିଦିନ ସ୍ନାନକରି ଆସି କାଖରୁ ମାଠିଆଟି ଓହ୍ଲାଇ ଠାକୁରାଣୀଙ୍କ ଆଗରେ ଥୋଇଦିଏ, ପହଁରେ ଦେବୀଙ୍କ ଆଗଟି ପହଁରଦେଇ ମାଠିଆରୁ ପୋଟେ ପାଣି ନେଇ ଠାକୁରାଣୀ ଗଛମୂଳରେ ଦିଏ ଓ ଭୂଇଁରେ ମୁଣ୍ଡିଆ ମାରି ଗୁନ ଗୁନ କଣ ଜଣାଏ ଏବଂ ପ୍ରତିଦିନ ସଞ୍ଜବେଳେ ଗୋଟିଏ ବଳିତା ଜାଳି-ଆଣି ଠାକୁରାଣୀ ସ୍ଥାନରେ ସଞ୍ଜଦିଏ ଏବଂ କଣ ପ୍ରାର୍ଥନା କରେ, ଏହିପରି କରୁଥିବାର ଛମାସ ହେଲା ଲୋକମାନେ ଦେଖି ଆସୁଛନ୍ତି । ତାହା ମନର କଥା କେହି ଜାଣେନାହିଁ, କାରଣ ସେ ସ୍ତ୍ରୀଟି ବଡ଼ ଲଜ୍ଜାଶୀଳା, ସବୁବେଳେ ଓଢ଼ଣା ପକାଇ ଥାଏ, କାହାରି ସହିତ କଥା କହେନାହିଁ ।

ଗ୍ରାମର ଗୋରୁଜଗା ପିଲାମାନେ ଖରାବେଳେ ପଡ଼ିଆରେ ଗୋରୁ ଛାଡ଼ିଦେଇ ଠାକୁରାଣୀଙ୍କ ନିକଟ ଗଛମୂଳରେ ଖେଳନ୍ତି । ହଠାତ୍ ଖେଳ ଛାଡ଼ି ପାଞ୍ଚଣ ଧରି ସମସ୍ତେ ଛିଡ଼ା ହୋଇଗଲେ, ସେମାନଙ୍କ ଦେଖାଦେଖି ଗ୍ରାମର ୧୦।୧୫ ଜଣ ଲୋକ ରୁଣ୍ଡ ହୋଇ ଗଲେଣି, କାଲି ତ ପୂଜା ହୋଇନାହିଁ, ଠାକୁରାଣୀଙ୍କଠାରେ ପୂଜା ସରଞ୍ଜାମ କାହୁଁ ପଡ଼ିଲା ? ମନ୍ଦାରଫୁଲ, ଶତବର୍ଗଫୁଲର ମାଳ, ଖଇ ଉଖୁଡ଼ା ଚାରିଆଡ଼େ ବୁଣି ପଡ଼ିଅଛି, ଠାକୁରାଣୀଙ୍କ ଦେହରେ ଟଟକା ହଳଦୀ ଲାଗିଅଛି । ଠାକୁରାଣୀପୂଜା ଗ୍ରାମମଧ୍ୟରେ ଗୋଟିଏ ଘଟଣା, ଭେଟା ହୁଏ, ବାଇଦ ବାଜେ, ଗ୍ରାମର ସମସ୍ତେ ଦେଖିବାକୁ ଆସନ୍ତି, ପୂଜା ସନ୍ଧ୍ୟା ସମୟରେ ହୁଏ, ମାନସିକ ପୂଜା ମଧ୍ୟ ସେହିପରି ହୁଏ । କାହିଁ କାଲିତ ବାଇଦ ବାଜି ନାହିଁ, ସଞ୍ଜବେଳେ ପୂଜା ହୋଇନାହିଁ, ଏସବୁ କାହୁଁ ଆଇଲା । ଗୋଟାଏ ପିଲା ଉକାପଡ଼ି କହିଲା, ଏଟା କଣ, ଏଟା କଣ । ସମସ୍ତେ ଧାଇଁଯାଇ ଦେଖିଲେ ଠାକୁରାଣୀ ପଛରେ ଖଣ୍ଡି ଗୋଟାଏ ବିଲ । ବିଲ ମୁହଁ ଠାକୁରାଣୀ ମଣ୍ଡପଠାରୁ ତିନିହାତ ଦୂରରେ, ତାହାର ମୁହଁଟା ଖୁବ୍ ବଡ଼, ଜଣେ ମନୁଷ୍ୟ ଯାଇ ଆସି ପାରେ । ଗାଆଁସାକ ଏକଥା ମେଲିଗଲା । ଲୋକମାନେ ଦେଖିବାକୁ ଧାଇଁଲେ, ମଙ୍ଗରାଜେ ମଧ୍ୟ ଶୁଣିପାରି ଧାଇଁ ଆଇଲେ । ନାନାକଥା ହୋଇ ଶେଷରେ ସ୍ଥିର ହେଲା, କୌଣସି ଭକ୍ତର କଷ୍ଟ ଫେଡ଼ିବା ନିମନ୍ତେ ଠାକୁରାଣୀ କାଲି ନିଶାଭାଗ ରାତିରେ ବିଜେ ହୋଇଥିଲେ ।

ବିଲଟା ତାଙ୍କ ବାଘ ଖେଳ ପକାଇ ଅଛି । ମଙ୍ଗରାଜେ କହିଲେ, ଏହି ବିଲ ମଧ୍ୟରେ ବର୍ତ୍ତମାନ ବାଘ ଥିବାର ଜଣା ଯାଉଅଛି । ବାଘ ନାମ ଶୁଣି ସମସ୍ତେ ପଳାଇଲେ । ଶେଷରେ ମଙ୍ଗରାଜେ ବିଲ ମୁହଁକୁ ବୁଜି ଚାଲିଗଲେ । ବୋଧକରୁଁ ଏହା କଣ୍ଟି କାର୍ଯ୍ୟର ଧାକ୍କେଶିକ ଚିହ୍ନ । ତହିଁ ଆରଦିନ ଆଉ କେହି ବିଲ ଦେଖିଲେ ନାହିଁ । ଏ କଥାଟା ଗ୍ରାମ ମଧ୍ୟରେ ଅନେକଦିନ ପର୍ଯ୍ୟନ୍ତ ଆଲୋଚନା ହେଲା । ଶ୍ୟାମାମା ଭଣ୍ଡାରୁଣୀ କହିଲା, ମୋର ବୟସ ସାତ-ଗଣ୍ଡା କି ଦେଢ଼ପଣ କି ଗୁରୁପଣ ହେଲାଣି, ଗ୍ରାମରେ ଯେତେ ବୁଢ଼ା ଦେଖୁଛ ମୁଁ ସମସ୍ତଙ୍କୁ ବିଭା କରାଇ ଅଛି, ସମସ୍ତେ ମୋ ଆଗରେ ପିଲା, ମୁଁ ନିଜ ଆଖିରେ ଠାକୁରାଣୀଙ୍କୁ ଏଥରକୁ ଲଗାଇ

Digitized by srujanika@gmail.com

ସ୍ବରଥର ଦେଖିଲଣି, କାଲି ନିଶାଭାଗ ରାତ୍ରରେ ବାହାରକୁ ଉଠିଥିଲି, ଗୋହ୍ଳର ମଧ୍ୟରୁ ଝଣା ଗନ୍ଧ ଆସିଲା, ଝମର ଝମର ଶୁଭିଲା। ଅନାଇଲି, ବାଘ ଉପରେ ବସି ଠାକୁରାଣୀ ବିଜେ ହେଉ ଅଛନ୍ତି! ବାପରେ ସେ ବାଘଟା କେତେଡ଼େ? ମୁଁ କେତେ ବାଘ ଦେଖିଛି, ଏତେଡ଼ ବଡ଼ ବାଘ କାହିଁ ଦେଖିବାର ନାହିଁ। ତାର ଲମ୍ବଟା ସାତ କି ଆଠହାତ ହେବ। ମୁଣ୍ଡଟା ବଡ଼ ପଣ୍ଡା ମୁଣ୍ଡପରି ଦିପଣ୍ଡ କଲା। ବାଘଟା ମୋ ଆଡ଼କୁ ତରଟି ମରଟି ଚାହିଁଲା, ମୁଁ ତ ଡରରେ ଛାଟି କଲପକାଇଲି। ଅପରାହ୍ନ ବେଳେ ଦାଣ୍ଡରେ ବାଘ ଚାଲିବା ଶବ୍ଦ ଶୁଣି-ଥିବାର ଆହୁରି ମଧ୍ୟ ଚାରି ପାଞ୍ଚଜଣ ବୁଢ଼ା ମନୁଷ୍ୟ ସାକ୍ଷଦେଲେ, ସଖାଲେ ଦାଣ୍ଡରେ ବାଘ ଖୋଜ ରାମାଚନ୍ଦ୍ର ଦେଖି ଥିବାର ଦୃଢ଼ରୂପେ କହିଲା। ଠାକୁରାଣୀ ଆସିଥିବାର ନିଃସନ୍ଦେହରେ ସ୍ଥିର ହେଲା।

———

ଜମିଦାର ସେକ କେରାମତଆଲି।

ସେକ କେରାମତଆଲିଙ୍କ ଘର ପ୍ରଥମେ ଆରା ଜିଲ୍ଲାରେ ଥିଲା। ବର୍ତ୍ତମାନ ଜିଲ୍ଲା ମେଦିନୀ-ପୁର। ସେକ୍ କେରାମତଆଲିଙ୍କୁ ସମସ୍ତେ ଆଲି-ମିଆଁ ବୋଲି ଡାକନ୍ତି, ଆମ୍ଭେମାନେ ସେହି ନାମ ଲେଖିବୁଁ। ଆଲିମିଆଁ ପ୍ରଥମେ ଘୋଡ଼ାର ସଉଦାଗର ଥିଲେ। ପଶ୍ଚିମ ହରିହରଛତର ମେଳାରୁ ଘୋଡ଼ା କିଣି ଆଣି ବଙ୍ଗଳା ଓଡ଼ିଶାରେ ବିକି କରିବା ତାହାଙ୍କର ବ୍ୟବସାୟ ଥିଲା। ମେଦିନୀପୁର ଜିଲ୍ଲାର ବଡ଼ ସାହେବଙ୍କୁ ଗୋଟାଏ ଘୋଡ଼ା ବିକିଥିଲେ, ସେ ଘୋଡ଼ାଟା ଭଲ ପଡ଼ିବାରୁ ସାହେବ ମଉସୁଫ ଭାରି ଖୁସି ହୋଇ ମିଆଁଙ୍କ ବ୍ୟବସାୟ ଓ ରୋଜଗାର ବିଷୟରେ ଅନେକ କଥା ମେହେରବାନି କରି ପଚାରିଲେ ଏବଂ ସଉଦାଗରିରୁ ବିଶେଷ ଲାଭ ନଥିବାର ଶୁଣି ତାହାଙ୍କୁ ଗୋଟିଏ ଚାକିରି ଦେବାକୁ ଇଚ୍ଛା-କରି ସେ (ଆଲିମିଆଁ) ଲେଖାପଢ଼ା ଜାଣନ୍ତି କି ନାହିଁ ପଚାରିଲେ। "ହଁ" କହିଲେ ହଜୁର ମୁଁ ପାରଶୀ ଜାଣେ, କାଗଜ କଲମ ଦେଉନ୍ତୁ ମୋ ନାମ ପୂରା ଲେଖିଦେବି। ପୂର୍ବେ ପାର୍ଶି-ବିଦ୍ୟାର ଭାରି ଆଦର ଥିଲା—ଅଦାଲତର ଚଳିତ ବିଦ୍ୟା ଥିଲା ପାର୍ଶି। ଭାରତ ଭାଗ୍ୟରେ ବିଧାତା ଏହିପରି ଲେଖନ ମୂନ ମାରିଛନ୍ତି; କାଲି ଥିଲା ପାର୍ଶି, ଆଜି ହେଲା ଇଂରେଜୀ ଏ ଉତ୍ତାରେ କଣ ହେବ ସେ ଜାଣନ୍ତି! ମାତ୍ର ଏ କଥା ନିଶ୍ଚିତ, ଦେବନାଗରି କପାଳ ପଥର-ତଳେ। ଇଂରେଜୀ ପଣ୍ଡିତମାନେ କହନ୍ତି ସଂସ୍କୃତ ମୃତଭାଷା, ଆମ୍ଭେମାନେ ସେକଥାଟା ଆଉ ଟିକିଏ ସଫାକରି ବୋଲୁଅଛୁଁ, ଏହା ଦରମଲା ଲୋକ-ମାନଙ୍କ ଭାଷା। ସେ କଥା ଥାଉ, ସାହେବ ମଉସୁଫଙ୍କ ମେହେରବାନିରୁ ମିଆଁ ସାହେବ ଗୋଟିଏ ଚାକିରି ପାଇଲେ ସେ ଚାକିରିର ନାମ ଥାନା ଦାରୋଗାଇ। ମିଆଁ ସାହେବ ନାନା ବିଘ୍ନରେ ଏବଂ ନିର୍ବିଘ୍ନରେ ତିରିଶ ବରଷ ପର୍ଯ୍ୟନ୍ତ ଚାକିରି କରି ଅନେକ ବିଷୟ ସମ୍ପତ୍ତି ଅର୍ଜନ କରି ଯାଇଥିଲେ। ଘର, ବାଗ ବଗିଚା, ଘରଅସବାବମାନ ଛାଡ଼ି ଜମିଦାରୀ ତାଲୁକ ଚାରିଗୋଟା। ପୂର୍ବେ ଓଡ଼ିଶା ଜମିଦାରୀ ସବୁ କଲିକତାରେ ନିଲାମ ହେଉଥିଲା। ମିଆଁ ଥରେ କଲିକତାକୁ ଗୋଟାଏ ଖୁଣିମାମଲା ଚଲାଣ ଘେନି ଯାଇ ତାଲୁକେ ଫତେପୁର ସରକଣ୍ଡ ନିଲାମରେ କିଣିଥିଲେ। ଆପଣଙ୍କ ମନରେ ଆମ୍ଭମାନଙ୍କ କଥାପ୍ରତି ସନ୍ଦେହ ହୋଇପାରେ। ଥାନା ଦାରୋଗା ବର୍ତ୍ତମାନ ବେଙ୍ଗଲ ପୋଲିଶର ଇନ୍‌ସ୍ପେକ୍ଟର ତ? ଏତେ ଟଙ୍କା କାହୁଁ ଅର୍ଜିଲା? ମାତ୍ର ଆପଣ ଆଖିବୁଜି ପଢ଼ିଯାଉନ୍ତୁ, ଆମ୍ଭ-ମାନଙ୍କ କଥାରେ ପଦେ ମିଛ ନାହିଁ, ନିର୍ମଳ ସତ। ଏକଥା ସମସ୍ତେ ଜାଣନ୍ତି ଜଣେ ହତପୋଡି ଗୋବିନ୍ଦ ପଣ୍ଡା ବ୍ରାହ୍ମଣର ଗୋଟିଏ ମକଦ୍ଦମା

Digitized by srujanika@gmail.com

ଡିଗ୍ରୀ କରିଦେବାରୁ ପଣ୍ଡେ କଲ୍ୟାଣ କରି କହିଥିଲେ, "ଦୁର୍ଗଟିବାବୁ, ତୁମେ ଦାରୋଗା ହୁଅ।" ଆପଣ କଥାଟାର ହାଲ ବୁଝିଗଲେ ? ବୁଦ୍ଧିମାନ ଲୋକେ ଠାରରୁ ସବୁ ବୁଝି ଯାଆନ୍ତି। କଲିକତାର ପ୍ରସିଦ୍ଧ ଧନୀ ମୋତିଶୀଲ ପ୍ରଥମେ ଖାଲି ବୋତଲ ବିକୁଥିଲେ, ଜଣେ ଶୁଣ୍ଡୀ ବିଳାପ କରି କହିଥିଲା, ମୋତିଶୀଲ ଭୁଗ୍ଗ ବୋତଲ ବିକି ହୋଇପଡ଼ି, ମୁଁ ପୁରାବୋତଲ ବିକି କାଙ୍ଗାଳୀ। ଆମ୍ଭମାନଙ୍କର ଭିତ୍ରୁ କୌଣସି ବିଏ, ଏମଏ ପାଶିଆ ବାବୁ ଆଲମିଆଁଙ୍କ କଥା ଶୁଣି ଶୁଣ୍ଡିପରି ବିଳାପ କରିବେ, ହାୟ ହାୟ ! ମିଆଁ ଓଲଟା କଲମରେ ତୁଗ୍ଗ ନାମଟା ଲେଖି ଜମିଦାର, ଆମ୍ଭେ ସଳଖ କଲମରେ ଲମ୍ବା-ଲମ୍ବା ଏତେ ଲେଖି ଖାଇବାକୁ ପାଉନାହୁଁ ! କଥାଟା କଣ ବାବୁ ଜାଣନ୍ତି। "ଭାଗ୍ୟଂ ଫଳତି ସର୍ବତ୍ର ନ ବିଦ୍ୟା ନଚ ପୌରୁଷଂ।"

ଆଲମିଆଁଙ୍କର ଗୋଟିଏ ମାତ୍ର ପୁତ୍ର, ନାମ ସେକ୍ ବକ୍‌ଦାରମିଆଁ ଓରଫ୍ ଗ୍ଲେଟାମିଆଁ। ପୁଅକୁ ଲାଏକ ଏବଂ ଇଲମଦାର କରିବା ସକାଶେ ଦାରୋଗା ସାହେବଙ୍କର କିଛିମାତ୍ର ଗଫ୍‌ଲାପ୍ରବୃତ୍ତ ନ ଥିଲା, ପାରସୀ ପଢ଼ାଇବା ନିମନ୍ତେ ଅନେକଦିନ ପର୍ଯ୍ୟନ୍ତ ଘରେ ଜଣେ ଆଖୁନ ନିଯୁକ୍ତ ଥିଲେ; ଗ୍ଲେଟମିଆଁ ପନ୍ଦରବର୍ଷ ମଧ୍ୟରେ ପାରସ୍ୟ ଭାଷାର ବିଲକୁଲ ବର୍ଣ୍ଣମାଳା ଓ ବନାନ ଶିଖିପକାଇ ଥିଲେ। ଗ୍ଲେଟାମିଆଁଙ୍କର ବାଇଶ ବରଷ ପୂରିଗଲାଣି, ଏତେବେଳେ ଆଖୁ-ନଜୀ ଆଗରେ ବସି ଝୁଲି ଝୁଲି କେତାପ ପଢ଼ିଲେ ଲୋକେ କଣ ବୋଲିବେ, ପୁଣି ଦୋସ୍ତ-ଦାରମାନେ ଆସି ଅକାରଣ ବସି ରହନ୍ତି, ସେମାନଙ୍କର କଷ୍ଟ ଦେଖିବା ମିଆଁଙ୍କର ବରଦାସ୍ତ ହେଉ ନ ଥିଲା। ବିଶେଷରେ ଆଖୁନଜୀ କେବେ କେବେ ବୋଲନ୍ତି "ନିଶା ଖାନେସେ ଆଦମି ଜାନୁୱାର ହୋ ଯାତା ହେ।" ଏ କଥଟା ନିହାଏତ ବେବରଦସ୍ତ।

ଦିନେ ଉପରଓକ୍ତ ଆଖୁନଜୀ ସାହେବ ଖାନାଖାଇ ଚିତ୍‌ହୋଇ ଶୋଇଥିଲେ। କେଉଟ-ମାନେ ଯେପରି ଜାଲ ଦାଟିବା ସକାଶେ ଛଣପଟ ବିଡ଼ା ମେଲାଇ ଦେଇଥାଆନ୍ତି, ସେହିପରି ବଡ଼ାଏ ପାଚିଲା ଦାଢ଼ି ମିଆଁଙ୍କ ବେକ ଏବଂ ଗୁଣ୍ଡିକୁ ଘୋଡ଼ାଇ ପକାଇଥିଲା। ଗୋଟାଏ ଜ୍ୱଳନ୍ତା ଟିକିଆ ଜାଣି ମଝିରେ ପଡ଼ି ପଡ଼ି ପଡ଼ି କରି ପୋଡ଼ି ଗୁଣ୍ଡିରେ ଲାଗିବାରୁ ଆଖୁନଜୀ ଧଡ଼ପଡ଼ ହୋଇ ଉଠିପଡ଼ି "ତୋବା ତୋବା" କହି ଦାଢ଼ି ଗୁଡ଼ି-ବାକୁ ଲାଗିଲେ। ଟିକିଆ ଖଣ୍ଡ ଭାଙ୍ଗି ନିଆଁ ଝୁଲି ସବୁ ଲୁଗାପଟା ଯାକ ବୁଣି ପଡ଼ିଲା। ପାଚିଲା ଦାଢ଼ି ଗୁଡ଼ାକ ଝରିବାଣ ପରି ଗୁରୁଆଡ଼େ ଉଡ଼ୁଥାଏ। "ଆ ମେରି ତୋବାରେ, ଆ ମେରି ତୋବାରେ," କହି ମିଆଁ ଘରଯାକ ଡ଼ିଆଁ ମାରି ନିଆଁ ନିଭଉ ଥାଅନ୍ତି। ଲଙ୍କା ପୋଡ଼ିବାବେଳେ ହନୁମାନ ମୁହଁରେ ନିଆଁ ଲାଗିବାରୁ କିପରି ଦିଶୁଥିଲା ମହର୍ଷି ବାଲ୍ମୀକି ସେ କଥା ଖୋଲସା କରି ଲେଖି ଯାଇ ନାହାନ୍ତି, ତେଣୁ ଆମ୍ଭେମାନେ ଉପମା ସ୍ଥଳରେ ସେ କଥାଟା ଉଲ୍ଲେଖ କରିବା ଯୁକ୍ତିସ-ଙ୍ଗତ ନୁହେ ବୋଲି ବିବେଚନା କରୁଅଛୁଁ। "ସର୍ବନାଶେ ସମୁତ୍ପନ୍ନେ ଅର୍ଦ୍ଧଂ ତ୍ୟଜତି ପଣ୍ଡିତଃ" ଆଖୁନଜୀ ସାହେବ ଏହି ମତ ଶାସ୍ତ୍ର ଅନୁସାରେ ଅଧାଅଧି ଦାଢ଼ି ଅପୂରଚଟୁବଂକ "ବିସମିଲ୍ଲା ବିସମିଲ୍ଲା" କହି ସେ ଦିନ ରାତିରେ କବାଟ କିଳି ରହିଲେ ତହିଁ ଆରଦିନ ସକାଳଠାରୁ ତାହାଙ୍କୁ କେହି ମେଦିନୀପୁର ମଧ୍ୟରେ ଦେଖିନାହିଁ। ଆଲିମିଆଁଙ୍କ କାନରେ ଏ କଥା ପଡ଼ିବାରୁ ସେ କହିଲେ, "କୁଛ ପରବାୟ ନେହି, ମେରା ଦଲୁଡ଼ ଇଲମ ହାସଲ କରି ନେଇଅଛି—ମୁଁ କେବଳ ମୋ ନାମ ଲେଖିଜାଣେ, ଏତେ ଦୌଲତ କମାଇଲି, ମେରାଦଲୁଚ ବହୁତ ଶିଖିଲାଣି, ସେଦିନ ମୋ ଆଗରେ ଇମତାନ ଦେଲା, ଆପଣା ନାମ ଲେଖିଲା, କଲିକତା, ମେଦିନୀପୁର, ହାତ, ଘୋଡ଼ା, ବାଗ, ବଗିଚା, କେତେକଥା ଲେଖିଗଲା। ବଡ଼ ସାହେବ

Digitized by srujanika@gmail.com

ଖବର ପାଇଲେ ଏହିଲାଗେ ତାହାକୁ ଦାଗେଗା-
ଳି ଦେବେ, ମାତ୍ର ମୁଁ ଏକଥା ଲୁଚାଇଛି, ମୁଁ
ଦିଲକୁ ଗୃହକର କରିବାକୁ ଦେଉନାହିଁ, ସେ
ପିଲାଲୋକ, ଏତେ ମେହନତ ଉଠାଇ ପାରିବ
ନାହିଁ ।" ତାହାବାଦ ଆଲମିଆଁ ଲଡକାକୁ
ପାଖରେ ବସାଇ ବିଷୟକର୍ମ ଚଳାଇବା ବିଷ-
ୟରେ ଅନେକ ଉପଦେଶ ଦେଲେ । ବିଶେଷରେ
ଓଡ଼ିଶା ଜମିଦାରୀ ବିଷୟରେ ବହୁତ ହସିଥାନ୍ତି
ପ୍ରକାଶ ଉପଦେଶ ଦେଇ କହିଲେ, ଦେଖ ଏ
ଦେଶରେ ଯେଉଁ ମାହାନ୍ତିମାନେ ଅଛନ୍ତି, ସେମାନେ
ବଡ଼ ଚତୁର, ମୁଁ ହିସାବ କର ପାରି ଖିବି ମଜବୁତ
ବୋଲି ମୋତେ ଠକାଇପାରନ୍ତି ନାହିଁ । ସେମା-
ନଙ୍କ ଠକପଣିଆ ଶୁଣିବ । ଏକ ଦୁଇ ତିନି
ଅଙ୍କ ଘର ଏହିତ ଦୁନିଆର ହିସାବ, ମାତ୍ର
ସେମାନଙ୍କ ହିସାବ କଣ ଜାଣ, ଏକ ନେ ଏକ,
ଦୁଇ କେ ଦୁଇ, ଦୁଇଦୁଣେ ଚାରି । ଦେଖ ଏକ,
ଦୁଇ, ଚାରି ହେଲା, ବିଚମେ ତିନି କାହାଁ ଗେୟା ?
ଓହି ତିନରୁପେୟା ଚୋରି । ଇତ୍ୟାଦି ଇତ୍ୟାଦି ।

ଜମିଦାରବଂଶର ପରିଚୟ ନିମନ୍ତେ ଏତେ
ଗୁଡ଼ିଏ କଥା ଲେଖିବାକୁ ହେଲେ, ମାତ୍ର ଏହା ହବୁ
ପୁରୁଣା କଥା, ଆଜକୁ ପାଞ୍ଚବରଷ ହେଲା ସେକ
କେରାମତଅଲି ଗୌର ହୋଇଗଲେଣି, ସେଠା-
ମିଆଁ ଓରଫ ସେକ ଦିଲଦାର ବର୍ତ୍ତମାନ ମୋଖାଦ-
ମାଲିକ, ରାଜ୍ୟ ଅନ୍ଦାଜ ଘଡିଏ ଭିତରେ ଜମିଦାର
ସେକ୍ ଦିଲଦାରମିଆଁ କଚେରିଘରେ ବସି-
ଅଛନ୍ତି । ଘରଟା କେଠା—ସେପରି ଗ୍ରେଟିଆ
ମେଟିଆ କୋଠରୀ ନୁହେଁ, ଖୁବ୍ ଲମ୍ବା
ଚଉଡା କୋଠା । ଘରତଳେ ଗୋଟାଏ ବଡ
ଶତରଞ୍ଜି ବିଛଣା ହୋଇଅଛି । ସେଟା ବୋଧହୁଏ
ବଡ ପୁରୁଣା, ଦଶ କି ବାର ଜାଗାରେ ତେଲ
ଚିଳା ଦାଗ, ଟିକିଆ ପୋଡା ଜାଗା ପନ୍ଦର କି
କୋଡିଏ, ଧଡ଼ି ଚିରା । ସେହି ଶତରଞ୍ଜି ମଝିରେ
କାନ୍ଥକୁ ଲଗାଇ ଏକ ବନାରସି ବିଛଣା, କାନ୍ଥକୁ
ଭିଡ଼ି ବଡ଼ ଗୋଟାଏ ବନାରସି ତକିଆ, ଦୁଇ-
ପାଖରେ ଚକା ବୋଇତକଖାରୁ ପରି ଦୁଇ-
ଗୋଟା ସାନ ବନାରସି ତକିଆ, ସେହି ବିଛ-
ଣାରେ ଖୋଦ ଜମିଦାର ସେଖ୍ ଦିଲଦାର ମିଆଁ
ବସିଅଛନ୍ତି । ପୋଷାକ କନଖାପ ଡ଼ିଲ୍ ପାଜାମା,
ସାଟିନ ଚପକନ, ମୁଣ୍ଡରେ ବନାରସି ଟୋପି !
କାନରେ ଅତର ତୁଳକାଠି, ଆଗରେ ରୁପାର
ଆତରଦାନ, ଗୋଲପଦାନ, ତାହା ପାଖରେ
ବଡ଼ ଏକ ସାତହାତ୍ତ କଳଯୁକ୍ତ ଗୁଡଗୁଡ ହୁକା,
ହୁକା ଉପରେ ସାନ ଆଠିକା ପରି ଚିଲମ, ତହିଁ
ଉପରେ ସରପୋଷ । ସେଥିରୁ ରୂପରେକରା
ରୂପା ଶିକୁଳି ଝୁଲି ଆସି ମାଟି ସ୍ପର୍ଶ
କରିଅଛି । ମହାଦେବଙ୍କଠାରେ ଯୋଗୀ
ଧାରଣା ଦେଲାପରି ନଳଟା ମିଆଁଙ୍କ ପାଦ
ସ୍ପର୍ଶ କରି ପଡ଼ିଅଛି, ଆଜ ତାହାର ଆଦର
ନାହିଁ, ଯେପରିକି ମଟେମଣ ମନୁଷ୍ୟମାନଙ୍କ ପରି
ଅଚେତନ ପଦାର୍ଥମାନଙ୍କର ମଧ୍ୟ ଭାଗ୍ୟର
ପରିବର୍ତ୍ତନ ଦେଖାଯାଏ । ଘରକୋଣ ଓ ଏଣେ
ତେଣେ ଛିଣ୍ଡା ଗୁଣ୍ଡୁଣୀ, ଜଳପ୍ରସ୍ତ ବଦନା
ଦୁଇ ଚାରିଟା ମଦନ୍ତ ହୁକା, ଗୁଡ଼ାଖୁ ଗୁଳି,
ମଦନ୍ତ ଓ ଗଞ୍ଜେଇର ପାଉଁଶ, ପିରଜଗେପା,
ଉଛିଷ୍ଟ ଆବଶ୍ୟକୀୟ ଓ ବର୍ଜିତ
ପଦାର୍ଥମାନ ପଡ଼ିଅଛି । ସବୁଠାରୁ ବେଶିଭାଗ
ପାନପିକ, ପାନସିଠା । ଆମ୍ଭେମାନେ ସ୍ୱକୀୟ ବୁଦ୍ଧିର
ପ୍ରାଚୁର୍ଯ୍ୟରେ ବୁଝିଅଛୁଁ, ଏ ଜର ମଧ୍ୟରେ କେବେ-
କେବେ ଗୁଣ୍ଡୁଣୀ ବୁଲେ, ନୋହିଲେ କୋଣରେ
ଏତେ ଅଳିଆ କାହିଁ ଠୁଳ ହେଲା ? ଘର ଉପର
ଭଙ୍ଗା କଣ୍ଟିପ ମାନଙ୍କରେ ଝଙ୍କାଳମାନେ ଯେପରି
ଦର୍ପଣ ଆଲମାରିରେ ଆଇନପୋଥି ସଜାଡ଼ିଦେଇ
ତକିଆକୁ ଆଉଜି ମକେଲକୁ ଚାହିଁ ବସି ଥାଆନ୍ତି,
ବୁଢ଼ିଆଣିମାନେ ସେହିପରି ଜାଲ ଟାଙ୍ଗି ମଶାଟି
ମାଛିଟିକୁ ଚାହିଁ ବସିଅଛନ୍ତି । କଡ଼ି ଫାଙ୍କ-
ମାନଙ୍କରେ ଘରଚଟିମାନଙ୍କର ମଜଲିଶ ।

Digitized by srujanika@gmail.com

ସେହି ମଜଲିଶରୁ ବେଳେ ବେଳେ ଯାହା କୁଚା-କେରାଏ ଖଡ଼କା ଖଣ୍ଡେ ଖସୁଅଛି, ତଳ ମଜଲିଶ ଆଜି ନିସ୍ତବ୍ଧ । ମିଆଁ ସାହେବ ଗାଲରେ ହାତଦେଇ ଗୁମ୍ ଖାଇ ବସି ଅଛନ୍ତି । ଓ୍ୱାଟର୍ଲୁ ଯୁଦ୍ଧରେ ହାରି ନେପୋଲିୟନ ଏପରି ଭାବନାରେ ବସିପାରି ନଥିଲେ । କାରଣ ସେଣ୍ଟହେଲେନା ପଠାଇବା ପାଇଁ ଇଂରେଜମାନେ ତାହାଙ୍କୁ ଧରି ପକଡ଼ କରୁଥିଲେ । ଆଗରେ ୭ ଜଣ ମୁସାହେବ ଭାବନାରେ ବସି ଡ଼ୋଲାଉ ଅଛନ୍ତି, ଓସ୍ତାଦ୍ଜୀ ବକାଉଲ୍ଲା ଖାଁ ଦୁଇ ଗୋଡ଼ କୁଣ୍ଢାଇ ଦାଢ଼ିଟିକୁ ଆଣ୍ଠୁ ଉପରେ ନଦାଦେଇ ବସି-ଅଛନ୍ତି । ପଠାଣଘର ତଲକ ଦଆ ମାଇକନଆଁଙ୍କ ପରି ତାନପୁରାଟା ଏବଂ ପଡ଼ିଆରେ ବାଇଜି ହାଣ୍ଡି ପରି ତବଲା ଦୁଇଟା ଗଡ଼ୁଅଛି । ଘରର ଗୋଟାଏ କୋଣରେ ଖିଜମଦ୍ଗାର ଫତୁଆ ବାଁହାତରେ କଣ ଗୋଟାଏ ପଦାର୍ଥ ରଖି ଡାହାଣହାତ ବୁଢ଼ା ଆଙ୍ଗୁଳିରେ ଚପୁଅଛି, ବେଳେ ବେଳେ ମଝି ଆଙ୍ଗୁଳିରେ ବୁନ୍ଦାବୁନ୍ଦା ପାଣି ପକାଉଅଛି । ମୁନସୀ ସାହେବବକସ ଏକଖଣ୍ଡ କାଗଜରେ ଲେଖା ଡ଼ାକ ଧରି ଦପାଠୀ ଆଗରେ ଖେର ଆସାମୀ ପରି ଛିଡ଼ା ହୋଇଅଛନ୍ତି । ମିଆଁ ସାହେବ ଆଖିବୁଜି ଗୋଟାଏ ଦୀର୍ଘ ନିଃଶ୍ବାସ ପକାଇ କହିଲେ, ଏବେ ଉପାୟ କଣ କରି-ଯିବ ? ମୁନସୀ ସାହେବ କହିଲେ—ବନ୍ଦେ ନମାଜ, ମୁଁ ଦନପାକ ବୁଲିଲଗି କାହିଁ କିଛି ହେଲା ନାହିଁ । ମହାଜନ ରାମଦାସ କହିଲା, ତାହାର ତମସୁକ ବାବଦ୍ କୋଡ଼ିଏ ହଜାର ଓ ହାତଉଧାର ବାବତ ଚାରିହଜାର ଟଙ୍କା ହେଲାଣି, ଆଉ କରଜ ଦେବାକୁ ସେ ନାରାଜ ହେଲା । ବଜାରର ମୁଦି ଦୋକାନ ମାନଙ୍କର ପାଉଣା ଚାରିହଜାର, ସେମାନେ ସଉଦା କାଲି ଦେଲେ ନାହିଁ । ମିଆଁ କହିଲେ—ବେକୁବ୍ କମବକ୍ତ ନାଲାଏକ୍— ବାପାଙ୍କ ଅମଳରୁ ରାମସରକାର କୋଡ଼ିଏ ବର୍ଷ ନୂକର ଥିଲା, ତାକୁ ବାହାର କରି ତୁମ୍ଭେ ଦୋସ୍ତ ଏବଂ ନାଏକ ମନୁଷ୍ୟ କୋଲି ବେବର୍ଗ କାମ ଦେଲ, ଗରଜ ଚଲାଇ ପାରୁନାହିଁ । ମୁନସୀ ଜାହେରବକସ କହିଲେ—ହଜୁର ମୁଁ କଣ ନାଲାଏକ ହେଲି ? ରାମସରକାର । କିଛି କରଜ କରି ପାରୁ ନଥିଲା, ମୁଁ ପାଞ୍ଚବର୍ଷ ମଧ୍ୟରେ ପଞ୍ଚଶ ହଜାର କରଜ ଆଣି ଦେଲି । ମିଆଁ କହିଲେ—ସେ କଥା ଯାଉ, ଏବେ ଇଜତ୍ କିପରି ରହେ, "ସମ୍ପତ୍ତି ଯାଉ, ମହତ ଥାଉ, । ମହତ ଗଲେ ନ, ମିଳେ ଆଉ ।" ମୁସାହେବମାନେ ତୋଳାଉ ଥିଲେ, ଏକଥା ଶୁଣି ପାଟିକରି ଏକାବେଳକେ କହିଲେ ଲାତ୍—ଅଲବତ୍, ଓ୍ୟାଜବ୍, ଓ୍ୟାଜବ୍ । ମିଆଁ କହିଲେ ଯାଓ, ଘର ଅସବାବ ହେଉ ବା ଜମିଦାରୀ ହେଉ ବନ୍ଧକ କରି ଆଜିକା ମଜଲିଶର ବନ୍ଦୋବସ୍ତ କର । ଦେଖ—ଜଲଦି, ରାତି ହୋଇଗଲା । ବେଶି ଟଙ୍କା ଦରକାର ନାହିଁ, ବାଇଜି ରୋଜସତ ଶଏଟଙ୍କା ଓ ବାଇଜି ସାଙ୍ଗଲୋକ ଓ ଦୋସ୍ତମାନଙ୍କ ଖାନା ପିଲାଓ ସକାଶେ ଏକଶ ଟଙ୍କା ବହୁତ ହେବ । ଦୋସ୍ତମାନେ କହିଲେ ଓ୍ୟାଜବ ଓ୍ୟାଜବ୍ ବହୁତ ରୁପ୍ୟାର ଦରକାର କ'ଣ ? ଦୋସ୍ତ ହନୁମିଆଁ କହିଲେ, 'ହଜୁର ଏହି ଯେ ଖେମଟାବାଲି ଖାତୁମଉନିଶା ଆସିଅଛନ୍ତି ଏ ବହୁତ ଇଲମ-ଦାର । କାଶ୍ମୀରର ଅଜଲନମ୍ବର ବାଇ-ଏହା-ଙ୍କର ଇଲମ ଓ ରାଗରାଗିଣୀରକସରତ ହଦରେ ହଦ ! ସେକି ଏ ଦେଶକୁ ପସନ୍ଦ କରନ୍ତି ? କେବଳ ମୁସାଫେର ସକାଶେ ଆସି ଅଛନ୍ତି । ମୁରଶୀଦା-ବାଦ ନବାବ ଲକ୍ଷ୍ନୌନବାବ, ରୋମକା ବାଦସା, ଯୋମକା ବାଦସାମାନେ ଏହା ଗୀତ ଶୁଣିବାକୁ ଡାକ ପଠାନ୍ତି, ମାତ୍ର ହଜୁରଙ୍କର ଖାତର ଉଦାରଦ । ହଜୁରଙ୍କ କେରାମତ ନେକନାମି ଦୁନିଆଁରେ ଜାହେର, ସେଥି ସକାଶେ ଆପେ ଆସି ଏଠାରେ ମଜଲିଶ୍ କରିବାକୁ କହି ଅଛନ୍ତି ।" ମଜଲିଶ୍ ସରିଲେ ଏକାବେଳକେ କହିଲେ ହଜୁରଙ୍କୁ

Digitized by srujanika@gmail.com

ଦୁନଆରେ କଏ ନଜାଣେ ? ହଜୁରଙ୍କ ଖାନା ପଲାଓ ଯେ ଦିନେ ଖାଇଛି ସିନହଗ୍ ଭରି ସେ ଇଆଦ୍ କରୁଥିବ ।

ପିଆଦା ସେକଫଟ୍ଲ୍ ସଲାମକରି ଜଣାଇଲା, ହଜୁର ଓଡ଼ିଶା ଜମିଦାରୀରୁ ଜଣେ ମହାଜନ ମୁଲାକାତ୍ ସକାଶେ ଆସିଅଛି । ହୁକୁମ ହେଲା—ତାହାକୁ ହାଜର କରାଅ । ଆଗନ୍ତୁକ ଉପସ୍ଥିତ ହୋଇ ଆଗରେ ନଗଦ ପାଞ୍ଚଟଙ୍କା ନଜରାଣା ଥୋଇଦେଇ ଭୂମିରେ ହାତ ଲଗାଇ ତିନଥର ସଲାମ କଲେ ଏବଂ ମଜଲିସ୍ ମଧ୍ୟରେ ଯେତେଜଣ ସଭ୍ୟ ବସିଥିଲେ ସମସ୍ତଙ୍କୁ ଏକ ଏକ ସଲାମ କଲେ—ଖିଜମଦ୍‌ଗାର ମଧ୍ୟ ଗୁଡ଼ ଗଲାନାହିଁ । ମିଆଁ ହୁକୁମ କଲେ ବହୁତ କଦରଦାନ ଆଦମୀ । ପାଲବାଲ ପାଲିଆମାନେ ଏକସ୍ୱରରେ ଗୀତ ଧରିଲାପରି ସମସ୍ତେ ପାକି ଦେଲେ, "ବହୁତ କଦରଦାନ, ବହୁତ ହୁସିଆର ଆଦମୀ ।" ମିଆଁ ପଚାରିଲେ, ତୁମ୍ଭ ନାମ କଣ ?

ରାମଚନ୍ଦ୍ର ମଙ୍ଗରାଜ

କ'ଣ ? ରାମଚନ୍ଦ୍ର ମାମଲାବାଜ

ନା ହଜୁର, ମଙ୍ଗରାଜ

ଆଚ୍ଛାଓଇ ହୁଆ, ରାମଚନ୍ଦର ମଙ୍ଗେରାଜ । ମଙ୍ଗରାଜ ଜଣାଇଲେ "ମୁଁ ନହାତି ଅଳ୍ପ କିଛି ଜିନିଷ ନଜର ଆଣିଅଛି । ହୁକୁମ ହେଲେ ହାଜର କରିବି ।" "ବହୁତ ଆଚ୍ଛା, ଲେନ ଅସ ।" ଭେଟିର ତାଲିକା ତାଳପତ୍ର ଖଣ୍ଡିକରେ ଲେଖାଥିଲା, ପଢ଼ାଗଲା, ପାଞ୍ଚଟା ହେଣ୍ଡିଆରେ ସରୁ ଅରୁଆ-ଚାଉଳ ଭରଣେ ଆଠନୌତି, ମୁଗଡାଲି ଦୁଇ ହେଣ୍ଡିଆରେ ବତିଶ ନୌତି, ହରଡଡାଲି ଏକ-ହେଣ୍ଡିଆକୁ ଅଠରନୌତି, ଘିଅ ଏକ ମାଠିଆକୁ ପଚିଶ ସେର, ବନ୍ତଳକଦଳୀ ପଞ୍ଚକାନ୍ଧି, ପାଚିଲା କାଠିଆ ଏକଜନ ଦୁଇକାନ୍ଧି, ଅଳ୍ପ ଅଠ-ବଣା ।

ମିଆଁ ହୁକୁମ ଲେ, "ବହୁତ ଆଚ୍ଛା ଚାଉଳ, ପଲାଉର ଲାଏକ, ଘିଅ ମଧ୍ୟ ବହୁତ ଭଲ ।" ମଙ୍ଗରାଜ କହିଲେ, ହଜୁର ଆମ୍ଭ ଦୁନିଆଁର ମାଲିକ, ହଜୁରଙ୍କ ଖାନା ପଠରପୁରୁଷ ହେଲା ଖାଇ ଆସୁଅଛୁଁ, ଏତ ସାମାନ୍ୟ ଜିନିଷ. ହଜୁରଙ୍କ ମେହେରବାନି ହେଲେ ପଲାଓରାଉଳ, ଘିଅ, ଡାଲି, ବରାବର ହାଜର କରିବି । ମିଆଁ ଓ ମିଁ—ଆଁ—ଓ—ମିଆଁ ଓ ଓସ୍ତାଦ୍‌ଜୀ ଭାରି ଖୁସି ହୋଇ ତାନପୂରା କାନ ବାହାତରେ ମୋଡ଼ି ସ୍ୱର ଦେଇ ବସିଲେ । ଗୁମ୍-ଗୁମ୍-ମ୍-ତାକଧିନ ଧିନ୍ ଧିନ ତାକ ଧିନ୍ ଧିନ୍ ଗୁମ୍, ତବଲା—ବାଜି ଉଠିଲା—ମିଆଁ ହୁକୁମ ଦେଲେ, ଜଲ୍‌ଦ ପଲାଓର ବନ୍ଦୋବସ୍ତ କର, ଖ୍ରୀଷ୍ଟାନ ମାନେ କହନ୍ତି ପୃଥିବୀର ଶେଷଦିନରେ ସ୍ୱର୍ଗର ଦୂତ ବଂଶୀ ବଜାଇଲେ ସମସ୍ତ ମୃତଲୋକ କବରରୁ ଉଠି ବସିବେ । ମଜଲିସ୍, ଅବସୋଷରେ ମରି ପଡ଼ିଥିଲା, ମଙ୍ଗରା-ଜଙ୍କ ଟଙ୍କାର ଝଣ ଝଣ ଶବ୍ଦରେ ବଞ୍ଚି ଉଠିଲା । ମିଆଁ ସାହେବ ନଳ ମୁହଁରେ ଦେଇ ଦୁଇ ଚାରି ଥର ଭଲକରି ଟାଣିଲେ । କଳାପର୍ବତରେ କୁହୁଡ଼ି ବୁଲିଲାପରି ଦାଢ଼ି ସାରା ଧୂଆଁ ଖେଳି-ଗଲା । ସରକାର କେନାଲଦ୍ୱାରା ଯେପରି ପରଗନା ପରଗନା କରି ମହାନଦୀର ଜଳ ବାଣ୍ଟି ଅଛନ୍ତି, ନଳ ଯୋଗରେ ହୁକା ଭିତରେ ଜମାଥିବା ଧୂଆଁ ସମସ୍ତଙ୍କ ମୁହଁକୁ ବାଣ୍ଟିଗଲା । ନେଁ ଏଁ ଏଁ । ମେଁ ଏଁ ଏଁ । ପଲାଉ ସକାଶେ ଗୋଟାଏ ଖାସି ଅଣାଗଲା । ମଜଲିସ୍ ଆଗରେ ଦର ଛିଣ୍ଡିଲା, ଅଢ଼େଇ ଟଙ୍କା । ମଙ୍ଗରାଜ ଚମକି ପଡ଼ି କହିଲେ, "କଣ ଏହି, ଛେଳିଟାର ଦାମ ଅଢ଼େଇ ଟଙ୍କା । ବାପ୍‌ରେ କେତେ ଦାମ ।" ମିଆଁ ପଚାରିଲେ ତୁମ୍ଭ ଗ୍ରାମରେ ଦାମ୍ କେତେ ? ଡାକ୍ତର ମଡ଼ା ପରୀକ୍ଷା କଲାପରି ଛେଳିର ଅଗ୍ର, ପଶ୍ଚାତ୍, ବାମ, ଦକ୍ଷିଣ ଉତ୍ତମରୂପେ ନିରୀକ୍ଷଣ ପୂର୍ବକ ମଙ୍ଗରାଜ କହିଲେ "ଛେଳିଟା ଦାମ୍ କଣ ? ଚାରି ପଇସା କି ଛ ପଇସା ହେବ, ହୁକୁମ ହେଲେ ପଲାଉ ସକାଶେ ଦଶଗଣ୍ଡାକି ପନ୍ଦରଗଣ୍ଡା ପଠାଇ ଦେଇପାରେ । ହଜୁରି

Digitized by srujanika@gmail.com

ଲୋକ ଚାଳି ଜମିଦାରୀରେ ଚାକର ରଖି ନାହାନ୍ତି, ସେଥି ସକାଶେ ଏତେ ଟଙ୍କା ବରବାଦ । ଅଢ଼େଇଟଙ୍କା ଛେଳି ? ବାପରେ !" ଏହି କଥାଟା ଶୁଣି ମଜଲିସରେ ଯେ କପରି ଆନନ୍ଦ କୋଳାହଳ ଉଠିଲା, ତାହା ବର୍ଣ୍ଣନାତୀତ । କ୍ଲାଇବ ସାହେବଙ୍କ ପଲାଶୀଯୁଦ୍ଧ ଜୟସମ୍ବାଦ ଶୁଣି ବିଲାତରେ ଡାଇରେକ୍ଟର ସଭା ନିଶ୍ଚୟ ଏତେଦୂର ଆନନ୍ଦିତ ହୋଇ ନ ଥିଲେ, କାରଣ ସେତେବେଳେ ଦିଲ୍ଲୀ ଦରବାରର ଡର ସେମାନଙ୍କ ମନରୁ ଛାଡ଼ି ନ ଥିଲା । ସମସ୍ତେ ଆନନ୍ଦରେ ଉନ୍ମତ, ଓସ୍ତାଦଜୀ ପୂରିଆ ରାଗିଣୀର ଆଳାପ କରିବାକୁ ଲାଗିଲେ । ସମସ୍ତେ ଆନନ୍ଦରେ ଉନ୍ମତ୍ତ, ସମସ୍ତଙ୍କ ମୁହଁରୁ ହସ ଉଛୁଳି ପଡ଼ୁଅଛି, କେବଳ ମଙ୍ଗରାଜେ ହାତଯୋଡ଼ି ମୁହଁ ଶୁଖାଇ ବସିଅଛନ୍ତି । ଜାଲ ମଧ୍ୟରେ ବୁଣା ଚାଉଳ ଖାଇଲା ବେଳେ ପକ୍ଷୀମାନଙ୍କ ଆନନ୍ଦ ବ୍ୟାଧ ଲୁଚିହୋଇ ଦେଖୁଥାଏ । ଆମ୍ଭେମାନେ ମଙ୍ଗରାଜଙ୍କ ମନର କଥା ଭଲରୂପେ ବୁଝିପାରୁଁ । ସେ ସମୟରେ ବୋଧହୁଏ ଭାବୁଥିଲେ, "ଆବାବା ଚଢ଼େଇଆ, କାଣ୍ଡିଆ ପାଖକୁ ଆ ।"

ଜଣେ ଚାକର ଧାଇଁ ଆସି ବାଈଜୀଙ୍କ ଶୁଭାଗମନର ସମ୍ବାଦ ଦେଲା । ଯା, ସର୍ବନାଶ ! ଏକଥାଟା ଯେ କାହାରି ମନରେ ନାହିଁ । ଓସ୍ତାଦଜୀ ପୁରୁଣା ହୁସିଆର ଲୋକ, ସେହି କେବଳ ଏକଥା ମନରେ କରାଇ ଦେଲେ, ବାଈଜୀଙ୍କୁ ଶଏଟଙ୍କା ନଜରାନା ଦେବାକୁ ହେବ । ପୁନର୍ବାର ଭାବନା, ପୁନର୍ବାର ଆନ୍ଦୋଳନ । ଭାରତବର୍ଷର ବ୍ୟୟ ସଙ୍କୁଳନ ନିମନ୍ତେ ପାର୍ଲିଆମେଣ୍ଟରେ ବୋଧହୁଏ ଏହାଠାରୁ ଅଧିକ ଆନ୍ଦୋଳନ ହୋଇ ନଥିଲା । କିନ୍ତୁ ସ୍ଥିର ହୋଇ ପାରିଲା ନାହିଁ, ବେଳ ନାହିଁ ! ବେଳ ଉଣ୍ଡି ମଙ୍ଗରାଜେ ହାତ ଯୋଡ଼ି କହିଲେ, ହଜୁର, ଗୋଲାମ ହାଜର ଥାଉଁ ଥାଉଁ ଏତେ ଚିନ୍ତା କି ସକାଶେ ? ପୁନର୍ବାର ପ୍ରଶଂସା, ଧନ୍ୟବାଦ ସମସ୍ତଙ୍କ ମୁହଁରୁ ବାହାରି ମଙ୍ଗରାଜଙ୍କ କାନରେ ତାଳି ପଡ଼ିଲା । ମିଆଁ ହୁକୁମ ଦେଲେ, ଆଚ୍ଛା ମଙ୍ଗରାଜ, ତୁମ୍ଭେ ବର୍ତ୍ତମାନ ଯେ ଉପକାର କଲ ସେଥିର ଇନାମ ଅଲଗାହିଁ ପାଇବ, ଏ ସିବାଏ ଟଙ୍କାକୁ ସୁଧ ଚାରିଅଣା ହିସାବ ପାଇବ । ମଙ୍ଗରାଜ କହିଲେ, "ରାମ, ରାମ, ରାମ, ହଜୁର ମୁଁ ପିଆଜ ଆଉ ବିଆଜ ଖାଏ ନାହିଁ ? ଓସ୍ତାଦ୍‌ଜୀ କହିଲେ "କଣ ବିଆଜ ଖାଏ ନାହିଁ । ବହୁତ ଇମାନଦାର ଲୋକ । କୋରାନରେ ଯେ ପଚିଶ ହାରାମ୍ ବୟାନ ଅଛି, "ବିଆଜ ସେଥିରୁ ଗୋଟାଏ ।"

ଇତିହାସ ଲେଖକ ବୋଲନ୍ତି, କ୍ଲାଇବ ସାହେବ ଦିଲ୍ଲୀ ବାଦଶା ପାଖରୁ ବଙ୍ଗଳାର ସୁବାଦାରୀ ନେବା ବେଳେ ଏତେ ଅଳ୍ପ ସମୟ ଲାଗିଥିଲା ଯେ ଗୋଟାଏ ଗଧ ବିକାକିଣାରେ ତାହାଠାରୁ ଅଧିକ ସମୟ ଦରକାର । ତେବେ ଫତେପୁର ସରଖଣ୍ଡର ସରବରାକାରୀ ଓ ସମସ୍ତ କ୍ଷମତା ପାଇବା ମଙ୍ଗରାଜଙ୍କ ପକ୍ଷରେ ବିଳମ୍ବ କଣ ?

ଶ୍ରୀ ଧୂର୍ଜଟି

Digitized by srujanika@gmail.com

# ମହାଯାତ୍ରା ଓ ରଘୁକବି

(ପୂର୍ବାନୁବୃତ୍ତି)

"With words poetry can point and sculpture."

କବିତା ବାକ୍ୟଦ୍ୱାରା ଚିତ୍ରଅଙ୍କନ ଓ ପ୍ରତିମୂର୍ତ୍ତି ନିର୍ମାଣ କରିପାରେ ।

କବି, ନିମ୍ନୋଦ୍ଧୃତ କବିତାଦ୍ୱାରା ପ୍ରକୃତିର ଲୀଳାଭୂମି ଉତ୍କଳର ଯେ ଚିତ୍ରପଟ ଓ ମୂର୍ତ୍ତିମାନ ଦେଖାଉଅଛନ୍ତି ତହିଁରେ କେଉଁ ଭାବୁକର ବିସ୍ମୟ ଉପସ୍ଥିତ ନହେବ ।

ହେମ ଗୌର ବପୁ ଯୁବା ବିପ୍ରବେଶ ଧାରୀ
ଅଗ୍ନି ସଙ୍ଗେ ଚଞ୍ଚଳିଲେ ବାୟୁକୋଣେ ଯାଇଁ,
ମହେନ୍ଦ୍ର କାନ୍ତାର ପଥେ ମିଳିଲେ ବନ୍ଧନ
କଲ୍ଲୋଳିନୀ କୁଳେଶ୍ୱରୀ ମହାନଦୀ କୂଳେ,
ଗଗନ ପରଶୀ ବେନି ଦିଗେ ତୁଙ୍ଗ ଭୃଗୁ
ସଙ୍କଟେ ସଙ୍କୋଚ ବପୁ ବାହାରଇ ଯହିଁ
ପୁଣି ପୂର୍ବାକାରେ ସ୍ରୋତ ପୂର୍ବସିନ୍ଧୁଗାମୀ ।

ମହାନଦୀର ଦୁଇକୂଳରେ ଗଗନସ୍ପର୍ଶୀ ଭୃଗୁମାନ୍ ଗିରି । ମହାନଦୀ—ମହାସଙ୍କଟ—ଗିରି ସଙ୍କଟରେ ପଡ଼ି ସଙ୍କୁଚିତ । ସଙ୍କଟରେ ପଡ଼ିଲେ କିଏ ସଙ୍କୁଚିତ ନହୁଏ ? କ୍ଷୁଦ୍ରଚେତା ସଙ୍କଟରେ ପଡ଼ିଲେ ବିହ୍ୱଳ ହୁଏ, ମହତ୍ତର ପ୍ରକୃତି ଗମ୍ଭୀର ହୁଏ । ମହାନଦୀଠାରେ ଏହି ମହତ୍ ଧର୍ମ ଘଟିବା ସ୍ୱାଭାବିକ ।

କବିକୁଳ ତିଳକ କାଳିଦାସ ହିମାଳୟର ଚିତ୍ର ଦେଖାଉ ଅଛନ୍ତି ।

"କପୋଳ କଣ୍ଡୂଂ କରିଭିର୍ବିନେତୁଂ
ବିଘଟ୍ଟିତାନାଂ ସରଳଦ୍ରୁମାଣାଂ ।
ଯତ୍ର ସ୍ରୁତ କ୍ଷୀରତୟା ପ୍ରସୂତଃ ।
ସାନୂନି ଗନ୍ଧଃ ସୁରଭୀ କରୋତି ।"

ରଘୁକବିଙ୍କର ଉଡଶ୍ୟାମହାରଣ୍ୟର ଚିତ୍ର—
ବିଜନ ଭୀଷଣ ସ୍ଥଳୀ ବନ ଗଜ-ବ୍ରଜ
କଣ୍ଡୂଳ କପୋଳ ଭିନ୍ନ ଘର୍ଷଣେ କମ୍ପିତ
ଦ୍ରୁମାବଳୀ ଦେହୁ ଯହିଁ ଝରଇ ପ୍ରବାହେ
ସୁରଭି ଅରଣ୍ୟ ପୁଷ୍ପ ପୁଞ୍ଜ ପୁଞ୍ଜ ହୋଇ
ବନଦେବୀଙ୍କର କି ସେ ଅର୍ଘ୍ୟ ଲାଜାଞ୍ଜଳି ?

ଏହି ସଙ୍କଟର ଅଦୂରବର୍ତ୍ତୀ ବନସ୍ଥଳୀ ଜନଶୂନ୍ୟ ଭୀଷଣ ଅଥଚ ରମ୍ୟ; ବନ ଗଜମାନଙ୍କର କଣ୍ଡୂଳ କପୋଳ ଘର୍ଷଣରେ ପ୍ରକମ୍ପିତ ଦ୍ରୁମାବଳୀରୁ ପୁଷ୍ପମାନ ଗଦ୍ଦଳରେ ଝଡ଼ି ପଡ଼ୁଅଛି । "ବନ ଦେବୀଙ୍କର କି ସେ ଅର୍ଘ୍ୟ—ଲାଜାଞ୍ଜଳି ?" କବିଙ୍କର ଏ ଚିତ୍ର କି ଭାବପୂର୍ଣ୍ଣ ! ତିନ ବିଜନ ସ୍ଥଳୀରେ ଜନାଗମ, ଅବଗୁଣ୍ଠନବତୀ ବନଦେବୀ ଅବଗୁଣ୍ଠନ ଉଦ୍ଘାଟନ କରି କୁରୁକୁଳମଣିଙ୍କ ସମ୍ମୁଖରେ କି କୁସୁମ ଲାଜାଞ୍ଜଳି—ଅର୍ଘ ଦେଉ ଅଛନ୍ତି ?

ଦିନ ଥାଉଁ ଥାଉଁ ତହିଁ ମହାଶୈଳ ଛାୟା
ବ୍ୟାପି ଜଳେ,ସ୍ଥଳେ, ନଦୀ ପୁଳିନେ,କାନନେ
ଉପୁଜଏ ମନେ ସନ୍ଧ୍ୟା ଆଗମର ଭ୍ରମ,
ତୁଟଇ ସେ ଭ୍ରମ ଦେଖି ଦୂରେ ପୃଷ୍ଠଭାଗେ
(ଅସୁଖିର ଆହା ! ପୂର୍ବସୁଖସ୍ମୃତି ପରି !)
ଅସ୍ତାତପେ ଉଦ୍ଭାସିତ ତୁଙ୍ଗ ଶୃଙ୍ଗାବଳୀ,

ଶୈଳମାନ କି ଉଚ୍ଚ । ଦିନ ଥାଉଁ ଥାଉଁ ଏହାର ମହାକାୟ ଛାୟା ଜଳ, ସ୍ଥଳ, ବନ ଘୋଡ଼ାଇ ପକାଇ ଅଛି । ଏହି ଶୈଳମାଳାର ପୃଷ୍ଠଭାଗରେ ଏହାଠାରୁ ବଳି ତୁଙ୍ଗ ଶୃଙ୍ଗାବଳୀ ଅଛି । ତାହାର ଶୃଙ୍ଗମାନ ଅସ୍ତାତପରେ ଆଲୋକିତ ଦେଖି ସନ୍ଧ୍ୟା ହେବା ଭ୍ରମ ଦୂର ହେଉଅଛି । ହେଲେ କଣ ହେବ "ଅସୁଖିର ପୂର୍ବସୁଖସ୍ମୃତି ପରି" ଅସୁଖିର ପୂର୍ବ ସୁଖ ସ୍ମୃତି ମଧ୍ୟ କଷ୍ଟକର ।

"ଅନୁରାଗବତୀ ସନ୍ଧ୍ୟା ଦିବସଃ ତତ୍ପୁରଃସରଃ
ଅହୋ ଦୈବଗତି ଶ୍ଚିତ୍ରା ନ ତଥାପି ସମାଗମଃ ।"

Digitized by srujanika@gmail.com

ଦିନ ଯାଉଅଛି, ସନ୍ଧ୍ୟା ଆସୁଅଛି । ସନ୍ଧ୍ୟା ଦିବସ ଆଲିଙ୍ଗନ ପାଇଁ ଅନୁରାଗବତୀ । ଭେଟହୋଇ ସଙ୍ଗମ ସଂଘଟନ ହେଉନାହିଁ । ବିଧିର କି ବିଡ଼ମ୍ବନା !

ପଶିଲେ ଯାମିନୀ ଏ ବିକଟ ସଙ୍କଟେ
ଘୁପ୍ପାମୟ ଅନୁକ୍ଷଣ ପୂର୍ଣ୍ଣ ଝିଲ୍ଲିରବେ,
କୁହେଳୀରେ ନୀଳବର୍ଣ୍ଣ ଭୃଗୁମାନ ଗିରି
ଧାଡ଼ି ହୋଇ ବେନି ଧାରେ ଏକପରେ ଏକ
ଶିଖା ଟେକି କଳନ୍ତି କି ଗଗନର ସୀମା?
ଦିଗ୍‌ବାରଣ ଶୁଣ୍ଡାକାରେ କାହିଁ "ଅବା ମୋରେ
ମିଶିଛି ଖର୍ଯ୍ୟେକେ ଆସି ଶ୍ୟାମ ଶୈଳ ନାସି ।"

ଏ ବିକଟ ସଙ୍କଟ ବିରମ୍ଳ ଘାଟି ଚିର ଅନ୍ଧକାରମୟ ଅନୁକ୍ଷଣ, ଝିଲ୍ଲିରବରେ ପୂର୍ଣ୍ଣ । ଭୃଗୁମାନ୍ ଗିରିମାଳା ଏକପରେ ଏକଶିଖା ଟେକି ଗଗନର ସୀମା କଳୁଅଛନ୍ତି କି ? ଉତ୍କଳର ଏହି ପ୍ରକୃତିକ ଭୀମଦୃଶ୍ୟ କବି ଦେଖିଅଛନ୍ତି । ଆମ୍ଭେମାନେ ତାଙ୍କ କବିତା ଚିତ୍ରପଟରେ ଉକ୍ତ ଦୃଶ୍ୟ ଦେଖୁଅଛୁଁ । ଅନ୍ୟ ସ୍ଥାନରେ ଦେଖ ।

ଘୁପ୍ପାଲୋକେ ଶବଳିତ ହୋଇ ଠାବେ ଠାବେ
କାହିଁ କଳକଳ ରବେ ଗିରି ନିର୍ଝରିଣୀ
(ସୃଷ୍ଟିକାଳୁ ପଡ଼ିନାହିଁ ସୌରକର ଯହିଁ)
ସୂଚିକ୍‌କଣ କୃଷ୍ଣଶିଳା ସୋପାନ ଶ୍ରେଣୀରେ
ତମୋମୟ କନ୍ଦରରୁ ଆସର ଉହ୍ଲାଇ
ଅପ୍ରଗଲ୍‌ଭେ, ଅପ୍ରଗଲ୍‌ଭେ ଧନସାଧୁ ଯଥା
ସାଧେ ପରହିତ ହୋଇ ବୀତସ୍ପୃହ ଯଶେ,

ଗିରି ନିର୍ଝରିଣୀ ଅପ୍ରଗଲଭ ଭାବରେ ଅନ୍ଧକାରମୟ କନ୍ଦରରୁ ଓହ୍ଲାଇ ଆସୁଅଛି,— ଅପ୍ରଗଲ୍‌ଭ ଯଶୋଲିପ୍ସାବିହୀନ ଧନ ସାଧୁପ୍ରାୟ ପରହିତ ସାଧୁଅଛି । କି ମନୋହର ସ୍ୱାଭାବିକ ଉପମା ! ଧନବନ୍ତ ସାଧୁର ପରହିତକର କାର୍ଯ୍ୟରେ ବୃହତ୍ ଦାନ ଅଛି । ସେ ଦାନରେ ଯଶଃସ୍ପୃହା ଅଛି, ଗର୍ବ ଅଛି ଗୌରବ ଅଛି, ହାମ୍‌ବଡ଼ା ଅଛି, ନିଜ ଯଶ ବଢ଼ାଇବାଲାଗି ଅନ୍ୟ ଦଶଜଣଙ୍କୁ ଜଖମ କରିବା ଧର୍ମ ଅଛି, ଉନ୍ମତ୍ତ ଅଛି, ଅପଚୟ ଅଛି । ଧନବନ୍ତ ସାଧୁ ବଢ଼ନଦୀ ସମାନ । ଗରିବସାଧୁକୁ କେହି ଚିହ୍ନେ ନାହିଁ—ଗିରି ନିର୍ଝରିଣୀର ଗୁଣ କେହି ଜାଣେନାହିଁ । ଏବଂ ଗରିବଙ୍କ ଗୁଣଗାନକୁ ଏକା କବିବାଣୀ ମୁଖରିତ ।

ପୁଣି ଏଠାରେ ଦେଖ,—

ନବଘନ ଖାଚକ କୁଞ୍ଜ ଭିନ୍ନାଞ୍ଜନପ୍ରଭ
ତିମିର-ଆଚ୍ଛନ୍ନ ମହାଘୋର ଶୈଳ ଖୋଲେ
ଲୁଚି ଏକାକିନୀ କାହିଁ ଝୁରଇ କରୁଣେ
କୁରରୀ, କି ଦୁଃଖେ ତା ଜାଣେ ସେ

ଦୁଃଖିନୀ; ନବଘନ କଜ୍ଜ୍ୱଳ-ତିମିରାଚ୍ଛନ୍ନ ମହାଘୋର ଶୈଳ ଖୋଲରେ ଘୋର ବାଉଁଶବନ ମଧ୍ୟରେ ଚକ୍ରବାକୀ ଲୁଚିବସି ଏକାକିନୀ କରୁଣ ସ୍ୱରରେ ଝୁରୁଅଛି । "କି ଦୁଃଖେ ତା ଜାଣେ ସେ ଦୁଃଖିନୀ"

ତାହାର ଦୁଃଖ ଏହି—

ଶଶିନା ସହ ଯାତି କୌମୁଦୀ
ସହ ମେଘେନ ତଡ଼ିତ୍ ପ୍ରଲୀୟତେ
ପ୍ରମଦା ପତିବର୍ତ୍ମଗା ଇତି
ପ୍ରତିପନ୍ନଂହି ବିଚେତନୈରପି ।

କୌମୁଦୀ ଶଶୀଶହଗାମିନୀ, ତଡ଼ିତ୍ ମେଘର ସହଚରୀ, ପ୍ରମଦା ପତିବର୍ତ୍ମଗା, ଏହା ଅଚେତନ ବସ୍ତୁରେ ମଧ୍ୟ ପ୍ରତିପନ୍ନ ହେଉଅଛି । ଚକ୍ରବାକ ପ୍ରିୟାଠାରେ ବିଧିର କି ବିଡ଼ମ୍ବନା ! ପତି-ବିଚ୍ଛେଦ-ଦୁଃଖରେ ଦୁଃଖିନୀ ହୋଇ ସେ ଏକାକିନୀ ଝୁରୁଅଛି ।

ଶୃଙ୍ଗପାଏ ଶୈଳତଟେ ପରେ ପରେ ଉଭା
ବନଦେବୀ ସୌଧାକୃତି ବନସ୍ପତିଶାଖେ
ପୂରି ସେ ବିଜନ ବାଣାଜଣା କଣ୍ଠରବେ
ସବୁଛନ୍ତି ଅସ୍ତକାଳେ କଷ୍ଟଫେଡ଼ ଶୁଆ,
ନଦୀକୂଳବନ୍ଧୁ, ଶ୍ୟାମା, ସାରୀ, ଚଷାପୁଏ;

"ବାଣାଜଣା କଣ୍ଠରବେ ସବୁଛନ୍ତି ଅସ୍ତକାଳେ କଷ୍ଟ ଫେଡ଼ ଶୁଆ" "ବଡ଼ କଥା କଉ, ବଡ଼ କଥା

Digitized by srujanika@gmail.com

କଓ" "ମୁଁ ଚଷାପୁଅ, ମୋ ଦୁଃଖ ଫେଡ଼" । ଯେଉଁ ଦେଶର ଲୋକ ମାନଙ୍କର ଯହିଁରେ ଅଧିକ ପ୍ରୟୋଜନ, ପ୍ରକୃତଠାରେ ସେ ଦେଶର ଲୋକେ ସେହି ଭାବ ଲୋଡ଼ନ୍ତି । ବଙ୍ଗ "ବଜକଥାର" ବଡ଼ପ୍ରିୟ । "ବଜ କଥା" ଏମାନଙ୍କର ସଙ୍ଗୀତ । ବଙ୍ଗ ସୁଖୀ, ଉତ୍କଳ ଦୁଃଖୀ । ଉତ୍କଳର ଚଷାପୁଅଙ୍କର ସଙ୍ଗୀତ କୃଷି । ଉତ୍କଳର ଦୁଃଖୀ ଚଷାପୁଅଙ୍କ କଷ୍ଟ ଫେଡ଼ିବା ଲାଗି ପର କଷ୍ଟଫେଡ଼ ଶୁଆ ଅଷ୍ଟକାଳ ଭାବୁଅଛି ।

Poetry lifts the veil from the beauty of the world which would otherwise be hidden and throws over the most familiar objects the glow and halo of imagination,

କବିତା ପର୍ଦ୍ଦା ଟେକି ଜଗତର ସୌନ୍ଦର୍ଯ୍ୟ ଦେଖାଇ ଦିଏ । ଯେ ପଦାର୍ଥମାନ ସତତ ଆମ୍ଭମାନଙ୍କ ଚକ୍ଷୁରେ ସାମାନ୍ୟ ଦୃଶ୍ୟରୂପେ ଅଭିହିତ ହୁଏ, ସେ ସବୁକୁ କବିତା ଉଜ୍ଜ୍ୱଳରଙ୍ଗରେ ରଞ୍ଜିତ କରେ ଏବଂ କଳ୍ପନାର ଆୟୁତ ବଢ଼ାଇଦିଏ ।

ଉତ୍କଳର ଗ୍ରାମକାନ୍ତ ଦୃଶ୍ୟମାନ ଯେଉଁମାନେ ଦେଖି ନାହାନ୍ତି ସେମାନେ କବିଙ୍କର କବିତ ରୂପ ଆଲେଖ୍ୟରେ ତାହା ପ୍ରତ୍ୟକ୍ଷ କରନ୍ତୁ । ଦେଖିଲେ କୌତୁକେ ପାନ୍ଥେ ସେ କାନ୍ତାର ପନ୍ଥ,

ଅନନ୍ତ-ବୈଚିତ୍ର୍ୟମୟୀ ଅରଣ୍ୟ ପ୍ରକୃତି,
କିଅବା ସେ ମାର୍ଗରେଖା ଗୈରିକ ଅରୁଣ
ସୀମନ୍ତେ ସିନ୍ଦୂରଲେଖା ବନଲକ୍ଷ୍ମୀଙ୍କର ?
କାହିଁ ଉର୍ଦ୍ଧ୍ୱେ ଉଠି ମାର୍ଗ ମିଶିଛି ଆକାଶେ
(ଯହିଁ ଚକ୍ରାକାରେ ଦିଶେ ବନାବୃତ ଧରା
ଚୌଦିଗେ, ବାରିଧିପ୍ରାୟେ ଦିଗନ୍ତ ବିସ୍ତାରି,)
କାହିଁ ଅବା ତଳେଯାଇ ମିଶିଛି ପାତାଳେ;

× × ×

ଶାଳ ବନସ୍ଥଳୀ ମଧ୍ୟେ ଦୂର-ପ୍ରସାରିତ
ସୌରକରେଭାସି ଶୁଭ୍ର ନଦୀବାଲି ରେଖା;
ସ୍ନିଗ୍ଧଗୁଳ୍ମ-ଦ୍ରୁମବଦ୍ଧ ଭୀମ ମହାଟବୀ,
ଆବରିଛି ମହୀ-ନଭଃ ପଲ୍ଲବ ଗହଳେ,
ଶୁଭୁନାହିଁ କେବେ ଯାର ନିସ୍ତବ୍ଧ ଗରଭେ
ସୃଷ୍ଟିଦିନୁ କାଷ୍ଠଜୀବୀ-କୁଠାର-ଶବଦ;
କାହିଁ ମୁଖରିତ ସ୍ଥଳୀ ଶ୍ୱାପଦ ନିର୍ଘୋଷେ,
ପ୍ରତିଘୋଷେ ପ୍ରତିବାଣୀ ଦିଅଇ ଯା ଶୁଣି
ପ୍ରତିଧ୍ୱନି ଗିରିଗୁହାକୋଡ଼ପ୍ରଣୟିଣୀ;
ଶିଳାଶଯ୍ୟା ପ୍ରବାହିନୀ ଶୈଳ ସ୍ରୋତସ୍ୱତୀ,
ଉପରେ ସ୍ଖଳିତ ହୋଇ ଯାର ବାରିଧାର
ମିଶାଏ ଝର୍ଝର ରବ ଘୋର ଝିଲ୍ଲିରବେ,
ପ୍ରପାତ, ମଣ୍ଡିତ ଇନ୍ଦ୍ରକୋଦଣ୍ଡ-କିରୀଟେ,
ବାନ୍ତେ ଫେର ଫେର ରୂପାକରର ପାଞ୍ଚୁଡ଼ା—
ସବାଟେପୁ ଯା ଶୋଭେ ପର୍ଣ୍ଣଶ୍ୟାମ ଶୈଳ ଦେହେ,
ଭୃଗୁରୁ ଭୃଗୁକୁ ଡେଇଁ ଗମ୍ଭୀର ଗର୍ଜ୍ଜନେ,
ଚିରଦଳପଣରୂପୀ ଗିରିପାଦଦେଶେ
ସ୍ୱଚ୍ଛହ୍ରଦ, ଅଳଂକୃତ ଫୁଲ୍ଲକୋକନଦେ,
ସ୍ନିଗ୍ଧଗନ୍ଧ ସୌଗନ୍ଧିକେ, କୁମୁଦେ କହ୍ଲାରେ
ସରାଳ, ଗଙ୍ଗୋଇ, କୋକ, ପାଣିକୁଆ,
ଆଦି ଜଳବିହଙ୍ଗମେ ସଦା ଝଙ୍କାରିତ
ଶଙ୍କାହୀନେ ଯୂଥେ ଯୂଥେ ଚରନ୍ତି ଯା ତୀରେ
ଶୃଙ୍ଗଧର କୃଷ୍ଣସାର ସାଙ୍ଗେ କୁରଙ୍ଗିଣୀ;
ଧରଣୀସୀମାନ୍ତ ସେତୁସମ ଟଙ୍କଭୂମି,
ଦିଗନ୍ତେ ଶ୍ୟାମାୟମାନ ବିଶାଳ ଆଭୋଗେ,
ଦନ୍ତୁର ରେଖାରେ ଯାର ପୃଷ୍ଠେ ଦିଗପଟେ
ଟେକିଛନ୍ତି ନୀଳଶିଖା ଦୂର ଗିରିମାଳା
ଗଜାବଳିଦର ଭ୍ରମ ଚିତ୍ତେ ଉପୁଜାଇ

ଆମ୍ଭେମାନେ କବିଙ୍କସହିତ ଏକବାକ୍ୟ ହୋଇ କହୁଅଛୁଁ ଉତ୍କଳର ଅରଣ୍ୟପ୍ରକୃତି କି ଅନନ୍ତ ବୈଚିତ୍ର୍ୟମୟୀ । କାହିଁ ବାରିଧି ପ୍ରାୟେ ଦିଗନ୍ତବିସ୍ତାରି ବନାବୃତଧରା, କାହିଁ ତରୁରାଜି-ପରିପୂରିତ ଭୀମ ମହାଟବୀ-ପଲ୍ଲବଗହଳରେ

Digitized by srujanika@gmail.com

ଆକାଶ ଓ ମେଘମାନଙ୍କ ଘୋଡ଼ାଇ ରଖିଅଛି, ଯାହାର ନିସ୍ତବ୍ଧ ଗର୍ଭରେ କାଠୁରିଆମାନଙ୍କର କୁଠାର ଶବ୍ଦ ସୃଷ୍ଟିହିନୁ ଶୁଣାଯାଇ ନାହିଁ-ଶାର୍ଦ୍ଦୂଳାଦି ଶ୍ୱାପଦଗର୍ଜନରେ ବନସ୍ଥଳୀ ନିର୍ଘୋଷିତ-ଝିର-ଗୁହା-ଖୋଲ-ପ୍ରଣାଳୀ-ପ୍ରତି-ଧ୍ୱନି ସେହି ଭୀଷଣ ଗର୍ଜ୍ଜନକୁ ଭୀଷଣତର କରାଉଅଛି, କାହିଁ ଶିଳାଶଯ୍ୟା ପ୍ରବାହିନୀ ଶୈଳ-ନଦୀ କାହିଁ ଇନ୍ଦ୍ରଧନୁ ପ୍ରଭବ ଜଳପ୍ରପାତ, କାହିଁ ଗିରିଦର୍ପଣରୂପୀ ଫୁଲ୍ଲ କୋକନଦାଳଙ୍କୃତ ଏବଂ ହଂସ ସରାଳମାନଙ୍କ ଦ୍ୱାରା ଝଙ୍କାରିତ ସ୍ୱଚ୍ଛ ହ୍ରଦ; କାହିଁ ଦିଗନ୍ତେ ଶ୍ୟାମାସ୍ତୃତ ବିଶାଳ ପତ୍ରପୁଞ୍ଜ-ତାରେ ବନଶ୍ରେଣୀ-ଧରଣୀ-ସୀମନ୍ତ-ସେତୁସମ-ଟଙ୍କଭୂମି, ଯାହାର ପୃଷ୍ଠଦେଶରେ ଦୂରସ୍ଥ ନୀଳ-ଶିଖ ଗିରିମାଳା ନବୀନ ନୀରଦମାଳାର ଭ୍ରମ ଜାତ କରାଉ ଅଛି;—ଏ ଦୃଶ୍ୟମାନ କି ଭୀଷଣ-କି ରମ୍ୟ ! ଉତ୍କଳର ପ୍ରାକୃତିକ ଜଗତ୍ ଏହି ମିଶାମିଶି ଭୀମକାନ୍ତ ଦୃଶ୍ୟରେ ସମନ୍ୱିତ । କବି ଏହି ଭୀଷଣ-ରମ୍ୟ ଦୃଶ୍ୟର ମିଶାମିଶି ଶବ୍ଦ ସୃଷ୍ଟି କରି ଧନ୍ୟବାଦର ଅଧିକାରୀ ହୋଇଅଛନ୍ତି । କାହିଁ ଶସ୍ୟ କାଟୁଁ କାଟୁଁ କ୍ଷେତ୍ରେ କୃଷିବଳେ ଗ୍ରୀବା ଟେକି ଦେଇ ଦୂରୁଁ ଦେଖନ୍ତି କୌତୁକେ ମୁଣ୍ଡରେ ଇନ୍ଧନ ବୋଝ କାହିଁ ଅବା ବନ୍ୟ ଗୁଞ୍ଜାମାଳେ ସମଣ୍ଡିତା କିରାତସୁନ୍ଦରୀ ଆସୁଛନ୍ତି ଦଳେ ଦଳେ ଅଳାପି ମଧୁରେ;

ଏ ଚିତ୍ର ଅଳଙ୍କାରବିହୀନ ସ୍ୱାଭାବିକ ମାଧୁରୀ ।

× × ×

×ଦକ୍ଷିଣା ପଥର ଦ୍ୱାର ଦେହଳୀରୂପିଣୀ
ମାତୃଭୂମି ତବ ମହାଗୋଚର ପ୍ରସୂତି,
ଝର ପ୍ରସ୍ରବଣେ ପୂର୍ଣ୍ଣ । ଯହିଁ ପ୍ରବାହିତ—
ଅସଂଖ୍ୟ ଶୈଳସ୍ରୋତ ବାହ କରସେନ
ଉତ୍ତରେ ସୁବର୍ଣ୍ଣ ଶୋଣ ମିଳଣ ଗଙ୍ଗାଦେହେ,
ପଶ୍ଚିମେ ବହଇ ରେବା ପୂର୍ବେ ମହାନଦୀ;
ସ୍ଥାନେ ସ୍ଥାନେ ଗିରିପାଦେ କୁଞ୍ଜିତ ଗହ୍ୱରେ
(ତରୁ ଦେହେ ପୁଞ୍ଜୀଭୂତ ପାରାବତ ଛବି)
ଉଠୁଛି ହୋତାଗ୍ନି ଧୂମ ତପସ୍ୱି-ଆଶ୍ରମେ;
ଦୁର୍ବାଦଳେ, ଦେବାର୍ଚ୍ଚିତ କୁସୁମେ ଅକ୍ଷତେ
ସ୍ଥଳେ ସ୍ଥଳେ ଶଙ୍କାରିତ ନିମ୍ନଗାସୈକତ;
ବିଚରନ୍ତି ମୃଗଶିଶୁ ନିରୁଦ୍‌ବେଗମନେ
ଦଳେ ଦଳେ କୁଶାଙ୍କୁର-କବଳ-ଲାଳସୀ;
ଏ ପବିତ୍ର ରମ୍ୟ ତପୋବନ ଚିତ୍ର କଳ୍ପନାର
ଅମୃତସ୍ରୋତ । ସଂସ୍କୃତକବି କି ଚିତ୍ର
ଦେଖାଉଅଛନ୍ତି:—

"କୁଲ୍ୟାମ୍ଭୋଭିଃ ପବନଚପଳୈଃ ଶାଖିନୋ ଧୌତମୂଳାଃ । ଭିନ୍ନୋ ରାଗଃ କିଶଳୟରୁଚାମାଜ୍ୟଧୂମୋଦ୍‌ଗମେନ । ଏତେ ଚାର୍ବାଗୁପବନଭୁବି ଛିନ୍ନ ଦର୍ଭାଙ୍କୁରାୟାଂ । ନଷ୍ଟାଶଙ୍କା ହରିଣଶିଶବୋ ମନ୍ଦମନ୍ଦଂ ଚରନ୍ତି ।

* * * * ମହାସ୍ଥଳୀ ଏହି,
ମହିମା ଏହାର ଜାଣି ବସହି ଏ ଦେଶେ
ନାନାସ୍ଥାନେ ଋଷିବୃନ୍ଦ, ମେତାରେ ଏପଥେ
ଚିତ୍ରକୂଟୁଁ ପଞ୍ଚବଟୀ ବନେ ହେବାକାଳେ
ପର୍ଣ୍ଣଶାଳା ରଚି ଏଥି ଥିଲେ ଦାଶରଥି;
ପ୍ରସ୍ତରେ ଅଙ୍କିତ ତାଙ୍କ ପଦାଙ୍କ ଏ ବନେ
ବନ ପୁଷ୍ପାଞ୍ଜଳି ଦେଇ ପୂଜନ୍ତି କିରାତେ,
ଶିଖିପୁଚ୍ଛ ତାଳବୃନ୍ତ ତାଳ ଭକ୍ତିଭାବେ;
ଦାଶରଥି ଶରେ ହତ ହୋଇ ଏହି ସ୍ଥଳେ
ଲଭିଣ ବିରାଧ ମୁକ୍ତି ନଲ୍ ଦିବ୍ୟଲୋକେ;
ଅଶୋକ, ମାଧବୀ, ନାଗକେଶର ବଲ୍ଲରୀ—
ଦୋଳନେ ଦୋଳନ୍ତି ଏଥି ନାଚନ୍ତି ଅପସରୀ
ମଧୁମାସେ ରାମାୟଣ ଗାଇ ମଧୁତାନେ,
ଫଗୁଖେଳ ରଚି ବନପ୍ରସୂନ ପରାଗେ
ନବ କିଶଳୟେ ଦେଖି, ବିରାଜେ କେସନେ
ଚୌଦିଗେ ଅରଣ୍ୟ ଭୂମି ହରିତ୍ ବଳୟେ ଯାଏ
ମୈଥିଳୀ ସୁନ୍ଦରୀ ଯେବେ ଦେଖୁଥିଲେ ଏଥି
ବନଦୃଶ୍ୟ, ଝରିତାଙ୍କ ଶ୍ରୀକରୁ ଅଳତା
ରଞ୍ଜିଲା କି ତରୁଲତା ଏ ମଞ୍ଜୁଳ ରାଗେ ?

Digitized by srujanika@gmail.com

+ + +

ଦସ୍ୟୁବଶା ମୈଥିଳୀର ଶ୍ରୀହସ୍ତଲାଳିତ
ଅଦ୍ୟାପି ଏ ବନେ ଛନ୍ତି ବୃଦ୍ଧ କୃଷ୍ଣସାର
ଜରାଜୀର୍ଣ୍ଣ, ଶୁଣି ଯେହୁ ଜଳଦ ଆଗମେ
ସୁଗମ୍ଭୀର ଘନଘୋଷ, ସ୍ମରନ୍ତି ବିଷାଦେ
ବ୍ରହ୍ମାଣ୍ଡବିବରବ୍ୟାପି କୋଦଣ୍ଡଟଙ୍କାର
ଲଙ୍କାପତି ଅରିଭର, ତୃଣହାର, ତେଜି
ନିର୍ନିମେଷେ ଏକଧ୍ୟାନେ ମୁଞ୍ଚନ୍ତି ଲୋତକ ।

କବିଙ୍କର ଆର୍ଯ୍ୟଯୁଗର ଏହି ଆର୍ଯ୍ୟ ସଙ୍ଗୀତ ଭାବୁକମାନଙ୍କେ ହୃଦୟତନ୍ତ୍ରୀ ସ୍ୱର୍ଗୀୟ ତାନରେ ବାଜଉଠେ । ମନ ପ୍ରାଣ ଏ ପ୍ରପଞ୍ଚ ଜଗତ୍ ଛାଡ଼ି କଳ୍ପନା-ଯାନରେ ସେହି ପବିତ୍ର ଅନନ୍ତ ପଶ୍ଚାତ୍ର କାଳକୁ ଲେଉଟି ଯାଏ । ଦେଖ—

ସନ୍ଧ୍ୟାର୍ଦ୍ଧେ ଅରୁଣ ଏହି ବାରୁଣୀ ଅମ୍ବରେ
ବୋଲଏ ସହ୍ୟାଦ୍ରି ଏହୁ ଅଚଳ ସମାଜେ,
ମହା ପ୍ରସ୍ରବଣ ଗିରି ଦକ୍ଷିଣାପଥର
ପଶ୍ଚିମ ପ୍ରାଚୀରରୂପେ ରାଜେ ମହୀତଳେ,
ବିସ୍ତୃତ ଦକ୍ଷିଣେ ଏହି ସେତୁବନ୍ଧଯାଏ,
ଏହା ଦେହୁ ବହି ତିନି ମହା ପ୍ରବାହିଣୀ
ପୂର୍ବେ ଯାଇ ମିଶିଛନ୍ତି ପୂର୍ବପାରାବାରେ,
ଜନସ୍ଥାନ ଦ୍ରୁମରାଜି – ଧାତ୍ରୀ ସ୍ୱରୂପିଣୀ
ସରିଦ୍ବରା ଗୋଦାବରୀ, କୃଷ୍ଣା କୃଷ୍ଣବେଣୀ,
ମଳୟ ବଳୟରୂପା ବିମଳା କାବେରୀ,
ନନ୍ଦନକାନନ ଯାର ଋଦ୍ଧ ତୀରଭୂମେ
ସମୁଜ୍ଜ୍ୱଳ କୁମ୍ଭଯୋନି-ମୁନି-ପ୍ରଣୟିନୀ
ସତୀଶିରୋମଣି ଧନ୍ୟା ଲୋପାମୁଦ୍ରାରୂପେ;
ଏହି ଗିରି ପ୍ରାନ୍ତ ବନୁ ନେଇଥିଲା ହରି
ରକ୍ଷୋଭାଗ୍ୟ—ବନରାଜ-ଦାବାନଳଶିଖା—
ସୀତାଙ୍କୁ ସେତାରେ, ଛଳି ରାମେ, ରାମାନୁଜେ
ତ୍ରିଦଶ-ବୀର୍ଯ୍ୟ-ନିକଷ ନୈକଷେୟ ବଳୀ;
ସୁଗ୍ରୀବ ପ୍ରମୁଖ-ପଞ୍ଚବୀର ଅଧ୍ୟାସିତ,
ଏହି ଗିରି ପାଦ ଗିରି ଶୈଳ ଋଷ୍ୟମୂକେ
ଫିଙ୍ଗିଥିଲେ ଅଙ୍ଗୁ ଦେବୀ ନିଦର୍ଶନଲାଗି,
ସେକାଳେ, ଆକାଶଗାମୀ ପୁଷ୍ପକବିମାନୁ
ତଡ଼ିଲ୍ଲତା-ତାରାପୁଞ୍ଜ ଗଞ୍ଜି ବାସଭୂଷା;
ଲୋଟନ୍ତି ଏ ଗିରି ପାଦେ ନୀଳରତ୍ନାକର,

ପଶ୍ଚିମଘାଟଗିରି ଭାରତର ପଶ୍ଚିମ ପ୍ରାଚୀର-ରୂପେ ବିରାଜମାନ । ଏହାର ଉଚ୍ଚତା ଦେଖ ସନ୍ଧ୍ୟାତାରା ଏ ଗିରିର ନୀଳଶିଖର ଚୁମ୍ବନ କରୁଅଛି । ଜନସ୍ଥାନ ଦ୍ରୁମରାଜି ଧାତ୍ରୀ ସ୍ୱରୂପିଣୀ ସରିଦ୍ବରା ଗୋଦାବରୀ, କୃଷ୍ଣବେଣୀ କୃଷ୍ଣା, ମଳୟଗିରିର ବଳୟରୂପା ବିମଳା କାବେରୀ ଏ ତିନି ମହାପ୍ରବାହିଣୀ ଯହିଁରୁ ପ୍ରବାହିତ, ଯାହାର ପାଦଦେଶରେ ନୀଳରତ୍ନାକର (ଆରବ୍ୟ ସମୁଦ୍ର) ଲୋଟୁଅଛି । ଦକ୍ଷିଣା ପଥର ଏହି ମହାପ୍ରସ୍ରବଣ ଗିରିର ଚିତ୍ର ଦେଖ । "A true poem is a gallery of picture" ଏ କବିତା ପ୍ରକୃତି-ଚିତ୍ରର ଚିତ୍ରାଳୟ କି ?

କ୍ରମଶଃ ।

ଶ୍ରୀ ଭୋଳାନାଥ ସାମନ୍ତରାୟ

## ସଂକ୍ଷିପ୍ତ ସମାଲୋଚନା

୧ ।—ଚିକିତ୍ସାତତ୍ତ୍ୱ—ପଣ୍ଡିତ ଶ୍ରୀ କପିଳେଶ୍ୱର ବିଦ୍ୟାଭୂଷଣଙ୍କ ଦ୍ୱାରା ସଂଗୃହୀତ ଓ ପ୍ରକାଶିତ । ଏଥିରେ ନାନାରୋଗର ଲକ୍ଷଣ, କାରଣ, ଔଷଧ ଓ ପଥ୍ୟର ବିଷୟ ସରଳ ଓ ସାଧାରଣବୋଧଗମ୍ୟ ପଦ୍ୟରେ ଲିଖିତ ହୋଇଅଛି । ପଣ୍ଡିତ ମହାଶୟ ବହୁଶ୍ରମ ସ୍ୱୀକାର କରି ବିଷୟ ଗୁଡ଼ିକ ନାନା ଚିକିତ୍ସା ବିଷୟକ ଗ୍ରନ୍ଥରୁ ସଂଗ୍ରହ କରି ଅଛନ୍ତି । ଚିକିତ୍ସା

Digitized by srujanika@gmail.com

ସମ୍ବନ୍ଧରେ ସାଧାରଣଜ୍ଞାନ ଲଭିବା ପ୍ରତ୍ୟେକ ଗୃହସ୍ଥର ଏକାନ୍ତ କର୍ତ୍ତବ୍ୟ । ସର୍ବସ୍ଥାନରେ ଏବଂ ସର୍ବସମୟରେ ଚିକିତ୍ସକ ଡ଼ାକିବା ଏବଂ ପାଇବା ସହଜ ନୁହେ । ସୁତରାଂ ରୋଗର ଲକ୍ଷଣ ଓ ସହଜ ଲଭ୍ୟ ଔଷଧ ବିଷୟରେ କିଞ୍ଚିତ୍ ଜ୍ଞାନ ଥିଲେ ମନୁଷ୍ୟ ନିଜର ଏବଂ ଅପର ସାଧାରଣଙ୍କର ଅନେକ ଉପକାର କରିପାରେ । ଆଜିକାଲି ଡ଼ାକ୍ତରୀ ଓ ହୋମିଓପାଥିକ ଚିକିତ୍ସା ସମ୍ବନ୍ଧରେ ନାନାବିଧ ପୁସ୍ତକ ପ୍ରକାଶିତ ହେଉଅଛି ଏବଂ ସେ ସବୁର ସାହାଯ୍ୟରେ ଲୋକେ ଅନେକ ସାମାନ୍ୟ ରୋଗାଦିରେ ନିଜ ପରିବାର ଓ ପ୍ରତିବେଶୀମାନଙ୍କର ଉପକାର ସାଧନ କରିପାରୁ ଅଛନ୍ତି । ବଙ୍ଗଭାଷାରେ ଦେଶୀୟ ଚିକିତ୍ସା ସମ୍ବନ୍ଧରେ ମଧ୍ୟ ଏହିପରି ଅନେକ ସୁନ୍ଦର ୨ ପୁସ୍ତକ ପ୍ରକାଶିତ ହୋଇଅଛି । ପଣ୍ଡିତମହାଶୟ ଓଡ଼ିଆରେ ଏହିଶ୍ରେଣୀର ଖଣ୍ଡିଏ ପୁସ୍ତକ ପ୍ରକାଶ କରି ଅଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଓଡ଼ିଶାର ପ୍ରତ୍ୟେକ ଗୃହରେ ଏ ପୁସ୍ତକରୁ ଖଣ୍ଡିଏ ଖଣ୍ଡିଏ ଥିଲେ ଅନେକ ଉପକାର ସାଧିତ ହୋଇପାରେ । କଳେବର ବିବେଚନାରେ ପୁସ୍ତକର ମୂଲ୍ୟ ( ୫୦/୦ ମାତ୍ର) ସୁଲଭ ହୋଇଅଛି ।

୧୨।—ସ୍କୁଲ ଡ୍ରିଲ ଶିକ୍ଷା—ଶ୍ରୀ ଭଗବାନଚନ୍ଦ୍ର ସିଂହଙ୍କର ପ୍ରଣୀତ । ବ୍ୟାୟାମର ଉପଯୋଗିତା ପ୍ରତିପନ୍ନକରିବା ନିମିତ୍ତ ଅଧିକ ବାକ୍ୟ ବ୍ୟୟ କରିବା ନିଷ୍ପ୍ରୟୋଜନ । ଏତିକି କହିଲେ ଯଥେଷ୍ଟ ହେବ ଯେ, ବର୍ତ୍ତମାନ ଶିକ୍ଷିତଦଳର ଅଧିକାଂଶ ବ୍ୟକ୍ତି ଉପଯୁକ୍ତ ଅଙ୍ଗଚାଳନାର ଅଭାବରୁ ନିତାନ୍ତ ଅକର୍ମଣ୍ୟ ଓ କ୍ଷୀଣଜୀବୀ ହୋଇ ପଡ଼ୁଅଛନ୍ତି । ଅନ୍ୟାନ୍ୟ ସଭ୍ୟ ଦେଶ ସଙ୍ଗେ ଆମ୍ଭମାନଙ୍କ ଦେଶର ଏ ବିଷୟରେ ଅତ୍ୟନ୍ତ ପ୍ରଭେଦ ଲକ୍ଷିତ ହୁଏ । ତେବେ କର୍ତ୍ତୃପକ୍ଷମାନଙ୍କର ଦୃଷ୍ଟି ଏଥିପ୍ରତି ଆକୃଷ୍ଟ ହୋଇଅଛି, ଏହାହିଁ ଆଶାର କଥା । ଅଙ୍ଗଚାଳନା ଶିକ୍ଷାର ଗୋଟିଏ ପ୍ରଧାନ ଓ ଅନତିକ୍ରମଣୀୟ ଅଙ୍ଗରୂପରେ ଗୃହୀତ ହେବା ଏକାନ୍ତ ଆବଶ୍ୟକ । ଦୁଃଖର ବିଷୟ ଓଡ଼ିଶାର ନିମ୍ନ ଓ ମଧ୍ୟ ଶ୍ରେଣୀର ବିଦ୍ୟାଳୟମାନଙ୍କରେ ଏଥିପ୍ରତି ସମୁଚିତ ଆସ୍ଥା ପ୍ରଦର୍ଶିତ ହୋଇନାହିଁ । ଏ ପ୍ରକାର ଔଦାସୀନ୍ୟର ପରିଣାମ ଯେ ବଡ଼ ଶୋଚନୀୟ ଏଥିରେ ସଂଶୟ ନାହିଁ । ବ୍ୟାୟାମ ଯେ କେବଳ ଶରୀରର ମଙ୍ଗଳ ସାଧନ କରେ ତାହା ନୁହେ—ଏହା ମାନସିକ ଶିକ୍ଷାର ମଧ୍ୟ ପ୍ରଭୂତ ସହାୟତା କରେ । ଡ୍ରିଲ ବ୍ୟାୟାମର ଗୋଟିଏ ଉତ୍କୃଷ୍ଟ ଅଥଚ ଅତି ସହଜ ଓ ନିର୍ଦ୍ଦୋଷ ଅଙ୍ଗ । ଭଗବାନ ବାବୁ ସହଜ ଭାଷାରେ ଡ୍ରିଲ ଶିକ୍ଷାର ପ୍ରଥମିକ ପୁସ୍ତିକା ଖଣ୍ଡିଏ ପ୍ରକାଶ କରି ବିଶେଷ ଧନ୍ୟବାଦାର୍ହ ହୋଇଅଛନ୍ତି । ଏହାର ସାହାଯ୍ୟରେ ବୁଦ୍ଧିମାନ ଶିକ୍ଷକମାନେ ସ୍ୱ ସ୍ୱ ବିଦ୍ୟାଳୟର ଛାତ୍ରମାନଙ୍କୁ ଅନେକ ପରିମାଣରେ ଡ୍ରିଲଶିକ୍ଷା ଦେବାକୁ ସକ୍ଷମ ହୋଇ ପାରିବେ । ପ୍ରୟୋଜନୀୟ ଚିତ୍ରାଦିର ସନ୍ନିବେଶ ଦ୍ୱାରା ପୁସ୍ତିକା ଖଣ୍ଡି ଉଦ୍ଦେଶ୍ୟରେ ସମ୍ୟକ୍ ଉପଯୋଗୀ ହୋଇଥିବାର ସୁସ୍ପଷ୍ଟ ବୁଝାଯାଉଅଛି । ବର୍ତ୍ତମାନ ପ୍ରଣେତା ଶିକ୍ଷା ବିଭାଗରୁ ଏବଂ ସାଧାରଣଙ୍କ ଠାରୁ ସମୁଚିତ ଉତ୍ସାହ ପାଇବାର ଦେଖିଲେ ଆମ୍ଭମାନେ ଅତ୍ୟନ୍ତ ସୁଖୀ ହେବୁଁ ।

୧୩।—ମହିମା-ଶ୍ରୀ ଗଙ୍ଗାଧର ମେହେରଙ୍କ କର୍ତ୍ତୃକ ପ୍ରଣୀତ ଓ ପ୍ରକାଶିତ । ଯେଉଁ ସୁମଧୁର କବିତାଟିକୁ ଆମ୍ଭେମାନେ ପରମ ଆଦରରେ "ଉତ୍କଳ ସାହିତ୍ୟ"ର ପ୍ରଥମ ସଂଖ୍ୟାରେ ସ୍ଥାନ ଦେଇଥିଲୁ, ଆଜି ତାହା ପୁସ୍ତକାକାରରେ ଆମ୍ଭମାନଙ୍କର ହସ୍ତଗତ ହୋଇଥିବାର ଦେଖି ଆମ୍ଭେମାନେ ଯଥେଷ୍ଟ ଆନନ୍ଦ ଲାଭ କରିଅଛୁଁ । ଏ ସମ୍ବନ୍ଧରେ ଆମ୍ଭେମାନେ ଅଧିକ କିଛି କହିବୁ ନାହିଁ । "ମହିମା"ର କୌଣସି ୨ ଅଂଶ ଯେ ଆମ୍ଭ-

Digitized by srujanika@gmail.com

ମାନଙ୍କ ହୃଦୟରେ ୯ ପର୍ଯ୍ୟନ୍ତ ଲାଗିରହିଛି, ଏ କଥାଟି ନ କହିଲେ ନିତାନ୍ତ ଅକୃତଜ୍ଞତାର କାର୍ଯ୍ୟ ହେବ । ଗଙ୍ଗାଧର ବାବୁ ମାତୃଭକ୍ତ ସୁକବି । ସେ ଚିରଜୀବୀ ହୋଇ ସୁନ୍ଦର କବିତା ପ୍ରସୂନ ଦ୍ୱାରା ମାତୃପୂଜାର ପବିତ୍ର ବ୍ରତ ପାଳନ କରୁଥାନ୍ତୁ ଏହାହିଁ ଆନ୍ତରିକ କାମନା । ଦୁଃଖ ଏତିକି ଯେ ଏ ଦେଶରେ ପ୍ରକୃତ ଗୁଣଜ୍ଞ ଗ୍ରାହକଙ୍କ ସଂଖ୍ୟା ଅତିଅଳ୍ପ ।

Digitized by srujanika@gmail.com